# ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍

ତୃତୀୟ ଖଣ୍ଡ (ଜ୍ଞାନ-ବିଜ୍ଞାନ ତତ୍ତ୍ୱ)



ସୁଦର୍ଶନ ମିଶ୍ର

*****ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍-ତୃତୀୟ ଖଣ୍ଡ-(ଜ୍ଞାନ ବିଜ୍ଞାନ ତତ୍ତ୍ୱ)*****







ସ୍ୱାମୀ ଶିବାନନ୍ଦ ସରସ୍ୱତୀ (୧୮୮୭-୧୯୬୩)    ସ୍ୱାମୀ ଚିଦାନନ୍ଦ ସରସ୍ୱତୀ (୧୯୧୬ – ୨୦୦୮ )    ସ୍ୱର୍ଗତ ନାରାୟଣ ମିଶ୍ର-ସ୍ୱର୍ଗତ ପଙ୍କଜ ଦେବୀ (୧୯୧୨-୨୦୦୪) (୧୯୩୫-୨୦୨୧)

ଶ୍ରୀ ଶ୍ରୀ ଶ୍ରୀ ଦଣ୍ଡେଶ୍ୱର ମହାପ୍ରଭୁଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ (୧୯୯୩ ଅପ୍ରିଲ ମାସ ) ଏକ କର୍ମ ନିଷ୍ଠାପର ସହୃଦୟ ସମ୍ପନ୍ନ ଆତ୍ମନ୍ ସ୍ୱର୍ଗତ ହରିବନ୍ଧୁ ନାୟକଙ୍କ ଏହି ସମୁଦାୟ ୧୦୦ ଶ୍ଳୋକ ବିଶିଷ୍ଟ ତତ୍ୱବୋଧଶୀଳ ଭଗବଦ୍ ଗୀତାର ପାଣ୍ଡୁ ଲିପି ତାଙ୍କ ସୁପୁତ୍ର ତଥା ମୋର ଶିକ୍ଷକ ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଯେ'କି କୋଦଳା ସ୍ୱର୍ଣ୍ଣମୟୀ ହାଇସ୍କୁଲର ଅବସର ପ୍ରାପ୍ତ ଶିକ୍ଷକ ଥିଲେ, ତାହାଙ୍କ ନିକଟରୁ ପ୍ରାପ୍ତ ହୋଇଥିଲା । ଗୁରୁ ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ଅତ୍ୟନ୍ତ ପ୍ରେରଣା ଓ ଆଶୀର୍ବାଦ ସହିତ ଦୀର୍ଘ ୩୨ ବର୍ଷର ଅନୁଭୂତି ଓ ସାଧନାକୁ ଆଧାର କରି ଏହି "ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟଂ" ର କଳେବରକୁ ସଜାଡି ଓ ନିଜର ସୀମିତ ଜ୍ଞାନର ସହାୟତାରେ ପରିବର୍ଦ୍ଧିତ କରି ପ୍ରଥମ ଖଣ୍ଡ ( କର୍ମତତ୍ତ୍ୱ) ଓ ଦ୍ୱିତୀୟ ଖଣ୍ଡ (ଭକ୍ତି-ତତ୍ତ୍ୱ) ନାମରେ ପ୍ରକାଶିତ ହୋଇ ସାରିଛି । ଗୁରୁଙ୍କ ଦ୍ୱାରା ଅର୍ପିତ ଗୁରୁଦାୟିତ୍ୱର ପୂର୍ଣ୍ଣାଙ୍ଗ ରୂପରେଖ ନିମନ୍ତେ ପରବର୍ତ୍ତୀ ଷଟ୍କ ତ୍ରୟୋଦଶ ଅଧ୍ୟାୟ ଠାରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ତୃତୀୟ ଖଣ୍ଡ (ଜ୍ଞାନ-ବିଜ୍ଞାନ ତତ୍ତ୍ୱ) ସଂକଳନର ପ୍ରକାଶନ ଭଗବାନ ଶ୍ରୀକୃଷ୍ଣଙ୍କ ଅପାର ଅହେତୁକ କୃପାର ପ୍ରତୀକ ଏବଂ ତାଙ୍କରି ଇଚ୍ଛାର ପରିପୂର୍ଣ୍ଣତା ମାତ୍ର । ବିଗତ ୩୨ ବର୍ଷର ବୃତ୍ତିଗତ ଓ ପାରିବାରିକ କର୍ମମୟ ଜୀବନ ଧାରାରେ , ଶ୍ରୀମଦ୍ ଭଗବତ୍ ଗୀତା ଉପଦେଶ ପ୍ରାୟୋଗର ଅଭିଜ୍ଞତା ହିଁ ଏହି ରୂପ ରେଖର ମୁଳ ଆଧାର । ଏଥି ନିମନ୍ତେ ଅଭିଜ୍ଞତାର ସମସ୍ତ ଅଂଶିଦାରଙ୍କୁ ମୋର ବିନମ୍ର ପ୍ରଣାମ । ପରମପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଶିବାନନ୍ଦ ମହାରାଜ, ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଚିଦାନନ୍ଦ ମହାରାଜ ଏବଂ ସର୍ବୋପରିଭାବେ ସଚ୍ଚିଦାନନ୍ଦଘନ ପରମ ପୁରୁଷ, ପରମାର୍ଥ, ସର୍ବବ୍ୟାପୀ, ସର୍ବଦ୍ରଷ୍ଟା, ସର୍ବଜ୍ଞ, ପରମବ୍ରହ୍ମ. ପୁରୁଷୋତ୍ତମ, ପତିତପାବନ, ଶଙ୍ଖ,ଚକ୍ର ଗଦା ପଦ୍ମଧାରୀ, ଅନ୍ତର୍ଯାମି, ଅନ୍ତଃଶକ୍ତି ପ୍ରଦାୟକ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ କୋଟି କୋଟି ବିନମ୍ର ପ୍ରଣାମ ଜଣାଇ ଏହି ସେବକ ଅପାର କୃପା ଭିକ୍ଷା କରୁଛି । ତା'ପରେ ଏହି ପ୍ରୟାସର ରୂପାୟନ ନିମନ୍ତେ ସମସ୍ତ ଗୁରୁଜନ, ସମସ୍ତ ମାନବ ସମାଜ, ନାରାୟଣ ସ୍ୱରୂପ ସମସ୍ତ ଇତର ପ୍ରାଣୀ, ଜଡ, ସ୍ଥାବର, ଜଙ୍ଗମ , ସତ୍, ଅସତ୍ ଓ ସମଗ୍ର ବିଶ୍ୱର ଅଣୁ ପରମାଣୁ ସ୍ଥିତ ଶକ୍ତିର ଅପାର କରୁଣା ନିମନ୍ତେ କୃପା ଭିକ୍ଷା ଜଣାଉଛି । ଏହି ପ୍ରଚେଷ୍ଟାର ସଫଳତା ପାଇଁ ମୋର ପୁଜ୍ୟ ପିତା ସ୍ୱର୍ଗତ ନାରାୟଣ ମିଶ୍ର , ଯେ'କି ଏକ ସଙ୍ଗରେ ଏହି ଭୌତିକ ଶରୀରର ସୃଷ୍ଟିକର୍ତ୍ତା ଏବଂ ଇଷ୍ଟ ନାମଧାରୀ , ପୁଜ୍ୟା ମାତା ସ୍ୱର୍ଗତ ପଙ୍କଜ ଦେବୀଙ୍କ ଆଶିର୍ବାଦ ଭିକ୍ଷା କରୁଅଛି । ପରିଶେଷରେ ପରିବାରର ସମସ୍ତ ସଦସ୍ୟ ଓ ବିଶେଷ କରି ମୋର ସହଧର୍ମଣୀ ଅରୁନ୍ଧତିଙ୍କ ତ୍ୟାଗ, ସହଯୋଗ ଏବଂ ପ୍ରେରଣା ସହୃଦୟତାର ସହ ଅନୁଭାବ୍ୟ । ସାଧନ ଉପଯୋଗୀ ଏହି ସମ୍ପୂର୍ଣ୍ଣ ଗ୍ରନ୍ଥଙ୍କୁ ଗୀତାପ୍ରିୟ ଭକ୍ତ, ସାଧକ ଓ ଜିଜ୍ଞାସୁଙ୍କ ନିମିତ୍ତ ବିହିତ ସେବା ଲକ୍ଷ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ଚରଣରେ ସମର୍ପଣ କରି ସମସ୍ତ ବିଶ୍ୱର କଲ୍ୟାଣ ନିମନ୍ତେ ପ୍ରଭୁଙ୍କ ନିକଟରେ ଏ ସେବକର ବିନମ୍ର ପ୍ରାର୍ଥନା ।






ଆନନ୍ଦାଶ୍ରମ , କାନ୍ହାଗଡ-କେରଳ ତା : ୨୩-୦୪-୨୦୨୫    ସୁଦର୍ଶନ ମିଶ୍ର    ଅରୁନ୍ଧତି ମିଶ୍ର





# ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍

ତୃତୀୟ ଖଣ୍ଡ (ଜ୍ଞାନ-ବିଜ୍ଞାନ ତତ୍ତ୍ୱ )



Blessings
from Muktananda Swamiji
of Ananda Ashram

Om Sri Ram jai Ram jai jai Ram
May your efforts to connect
Shrimad Bhagavad Gita with
our daily life, be blessed
with all success.
Deeply love & pranams
18.04.2025
Muktananda
Anandashram
Kerala India

*****ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍-ତୃତୀୟ ଖଣ୍ଡ-(ଜ୍ଞାନ ବିଜ୍ଞାନ ତତ୍ତ୍ୱ)*****

***********ପ୍ରିୟତମଙ୍କର ସଂକଳ୍ପ ସିଦ୍ଧି **********




ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ

ଯ ଇଦଂ ପରମଂ ଗୁହ୍ୟଂ ମଦ୍ଭକ୍ତେଷ୍ୱଭିଧାସ୍ୟତି ।
ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ॥
ନ ଚ ତସ୍ମାନ୍ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।
ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ॥

ଯେଉଁ ପୁରୁଷ ମୋ'ଠାରେ ପରମ ପ୍ରେମ କରି ଏହି ପରମ ରହସ୍ୟ ଯୁକ୍ତ ଗୀତା ଶାସ୍ତ୍ର ମୋର ଭକ୍ତମାନଙ୍କ ଆଗରେ କହିବେ, ସେ ମୋତେ ନିଶ୍ଚୟ ପ୍ରାପ୍ତ ହେବେ, ଏଥିରେ କୌଣସି ସନ୍ଦେହ ନାହିଁ । ତାଙ୍କଠାରୁ ବଡ ହୋଇ ମୋର ପ୍ରିୟ କାର୍ଯ୍ୟ କରୁଥିବା ବ୍ୟକ୍ତି ମନୁଷ୍ୟ ମାନଙ୍କ ମଧ୍ୟରେ ଆଉ କେହି ନାହିଁ, ତଥା ସମଗ୍ର ପୃଥିବୀରେ ତାଙ୍କଠାରୁ ବଳି ଅନ୍ୟ କହି ଭବିଷ୍ୟତରେ ମଧ୍ୟ ହେବେ ନାହିଁ । ସମସ୍ତ ଜୀବକୁ ପରିଚାଳିତ କରୁଥିବା ପରମାତ୍ମା ଆମର ପ୍ରିୟ ଓ ପୂଜ୍ୟ ଶ୍ରୀ ସୁଦର୍ଶନ ମିଶ୍ରଙ୍କ ମଧ୍ୟରେ ଗୁରୁ ଉପଦେଶ ଯଥାର୍ଥ ଭାବରେ ପାଳନ କରିବା ପାଇଁ ସଙ୍କଳ୍ପବଦ୍ଧ କରାଇ ଏକନିଷ୍ଠ ସାଧନାର ମହିମା ପ୍ରକଟ କରାଇ ତିରିଶଟି ଗୀତାଭାଷ୍ୟର ଲହୁଣିକୁ ପାଥେୟ କରି ସାତଶହ ଶ୍ଳୋକ ବିଶିଷ୍ଟ ଶ୍ରୀମଭଗବଦ୍ ଗୀତା ପରମ ଶାସ୍ତ୍ରର ଭାଷ୍ୟ ରଚନା ଶ୍ରୀ ଆଦି ଶଙ୍କରଚାର୍ଯ୍ୟ ଜୟନ୍ତୀ ତିଥିରେ ତା: ୦୨-୦୫-୨୦୨୫ ଦିନ ପରିସମାପ୍ତି କଲେ । ପ୍ରିୟତମ ଲେଖକଙ୍କର ସାଧନ ଅନୁକରଣୀୟ ଓ ଅନୁଧ୍ୟେୟ । ଜୀବନର ମହତ୍ ସଂକଳ୍ପ ପୂର୍ତ୍ତି ସର୍ବାଗ୍ରେ ଓ ବାକି ସବୁ ତତ୍-ପଶ୍ଚାତ୍ । ଲକ୍ଷ୍ୟରେ ଉପନୀତ ହେବା ପାଇଁ ସେ ସବୁ କିଛି ପ୍ରସ୍ତୁତି ନେଲେ ଓ ଲକ୍ଷ୍ୟ ପ୍ରାପ୍ତି ହେଲା । ଏହାପରେ ଯେଉଁ ବ୍ରହ୍ମାନନ୍ଦ ଆସ୍ୱାଦନ କଲେ ତାହା ସେହି ଭକ୍ତ ଲେଖକ ହିଁ କେବଳ ଉପଲବ୍ଧ କରୁଛନ୍ତି । ଗୀତା ମାତା, ଯୋଗେଶ୍ୱର ଶ୍ରୀକୃଷ୍ଣ ଅନନ୍ୟ ଭକ୍ତ ଲେଖକଙ୍କୁ, ଏହି ଦିବ୍ୟ ସିଦ୍ଧି ସହିତ ସର୍ବସିଦ୍ଧି ପ୍ରଦାନ କରନ୍ତୁ ।

ଜୟ ଗୀତା ମାତା !




ଓଁ
Grace of Lord Krishna aad
worshipfd guruha be ever
upon you, is my heartfelt Prayer!
Swami Yogaasshaianda
23/X/2025

************ମୁଖବନ୍ଧ*********

ଏହି ସଂସାର ଅଜ୍ଞବ୍ୟକ୍ତିମାନଙ୍କ ନିକଟରେ ସତ୍ୟ କିନ୍ତୁ ଜ୍ଞାନୀ ଦୃଷ୍ଟିରେ ମିଥ୍ୟା । ସୁତରାଂ ଏକମାତ୍ର ବିଶୁଦ୍ଧ ସଂବିତ୍ ସର୍ବତ୍ର ବିରାଜମାନ । ଏହା ଶ୍ରୀରାମଙ୍କ ପ୍ରତି ଗୁରୁ ବଶିଷ୍ଠଙ୍କ ଅମୂଲ୍ୟ ଉପଦେଶ ( ଯୋଗବଶିଷ୍ଠ ରାମାୟଣ) । ଭାରତୀୟ ସଂସ୍କୃତିରେ ବେଦ, ପୁରାଣ, ଉପନିଷଦ, ମହାଭାରତ, ଗୀତା, ରାମାୟଣ ଆଦି ବହୁବିଧ ଗ୍ରନ୍ଥରେ ଏହି ତତ୍ତ୍ୱର ବିଚାର ବିମର୍ଷ , ପର୍ଯ୍ୟାଲୋଚନା ଓ ମିମାଂସା କରାଯାଇଛି । ଶ୍ରୀକୃଷ୍ଣଙ୍କ ସ୍ୱ-ମୁଖ ନିସୃତ ଶ୍ରୀମଦ୍ ଭଗବଦ ଗୀତାରେ ବହୁ ସ୍ଥାନରେ, ବହୁଭାବରେ ଅନେକବାର ଏହି ତତ୍ତ୍ୱ ଘୋଷଣା କରାଯାଇଛି, ଯାହା "ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ"(ଗୀତା-୭/୧୯) । ଶ୍ରୀମଭଗବଦ୍ ଗୀତା ଏପରି ଏକ ଆଧାତ୍ମିକ ଗ୍ରନ୍ଥ ଯାହା ଅତି ସରଳ, ସୁନ୍ଦର ଓ ବିଜ୍ଞାନ ସମ୍ମତ ତଥା ବ୍ୟାବହାରିକ ଜୀବନରେ ସର୍ବଦା ସମ୍ମୁଖୀନ ହେଉଥିବା ଅନେକ ଜଟିଳ ସମସ୍ୟାର ସରଳ, ସହଜ ସମାଧାନ ସୁତ୍ରର ସମାହାର, ଯାହା ସର୍ବକାଳୀନ ଏବଂ ବର୍ତ୍ତମାନ ସମୟରେ ମଧ୍ୟ ଅତ୍ୟନ୍ତ ଉପଯୋଗୀ । ଏହା ଅତ୍ୟନ୍ତ ରହସ୍ୟମୟ ଏବଂ ନିଗୂଢ ତତ୍ତ୍ୱ ସମ୍ବଳିତ ସଂକ୍ଷିପ୍ତ ଗ୍ରନ୍ଥ, ଯାହା ମାତ୍ର ଅଷ୍ଟାଦଶ ଅଧ୍ୟାୟ ଓ ୭୦୧ ଶ୍ଳୋକ ବିଶିଷ୍ଟ । ଏହି ମହାନ୍ ଗ୍ରନ୍ଥର ଶତାଧିକ ଟୀକା ଓ ଭାଷ୍ୟ ଉପଲବ୍ଧ ଯାହା ଅନେକ ସନ୍ଥ, ମହାତ୍ମା, ଜ୍ଞାନୀ, ଗୁଣି, ପଣ୍ଡିତ ଓ ବିଦ୍ୱାନ୍ କରିଯାଇଛନ୍ତି ସତ, କିନ୍ତୁ ନିଜର ଉପଦେଶକୁ ଯଥାର୍ଥ ଭାବରେ ବ୍ୟାଖ୍ୟା କରିବାର ସାମର୍ଥ୍ୟ କେବଳ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଆଉ କାହାରି ଅଛି କି ? ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜ ତଥା ତାଙ୍କର ମହାନ୍ ଶିଷ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଦୀକ୍ଷିତ ଏବଂ ଚରଣାଶ୍ରିତ ସେବକ ଶ୍ରୀ ସୁଦର୍ଶନ ମିଶ୍ରଙ୍କ ଦ୍ୱାରା ସଂକଳିତ 'ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍'- ଅନେକ ପ୍ରମୁଖ ଭାଷ୍ୟର ସାରକୁ ସରଳ, ସରସ, ସାବଲୀଳ ଓ ଯୁକ୍ତି ସଙ୍ଗତ ଭାବରେ ଉପସ୍ଥାପନ କରାଯାଇଛି । ଭଗବଦ୍ କୃପାରୁ ଛଅ-ଛଅ ଅଧ୍ୟାୟକୁ ନେଇ ଦୁଇଟି ଷଟ୍କ 'କର୍ମ ତତ୍ତ୍ୱ' ଏବଂ 'ଭକ୍ତି ତତ୍ତ୍ୱ' ପୂର୍ବରୁ ପ୍ରକାଶ ପାଇସାରିଛି । ବର୍ତ୍ତମାନ ତ୍ରୟୋଦଶ ଅଧ୍ୟାୟରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ତୃତୀୟ ଷଟ୍କ 'ଜ୍ଞାନ-ବିଜ୍ଞାନ ତତ୍ତ୍ୱ' ସମ୍ପୂର୍ଣ୍ଣ ହେବା ଅତ୍ୟନ୍ତ ଆନନ୍ଦର ବିଷୟ । ମୋର ଅନ୍ତରଙ୍ଗ ସଖା ଶ୍ରୀଯୁକ୍ତ ମିଶ୍ର ୨୦୧୩ ମସିହାରେ ଏହି ଗ୍ରନ୍ଥ ସଙ୍କଳନର ଶୁଭାରମ୍ଭ କରିଥିଲେ । ସେହି ଦିନଠାରୁ ଅଦ୍ୟାବଧି ଗୀତା ଶ୍ଳୋକମାନ ମନ୍ଥନ କରି ସେଥିରୁ ନିଷ୍କର୍ଷ ବାହାର କରିବାରେ ଆମ୍ଭ ଦୁଇଜଣଙ୍କ ପ୍ରତ୍ୟହ ସନ୍ଧ୍ୟାରେ ଦୂରଭାଷି ମାଧ୍ୟମରେ ସତ୍-ସଙ୍ଗ ଏକ ଅପୂର୍ବ ବିଲକ୍ଷଣ ଆନନ୍ଦରସ ପ୍ରାପ୍ତ କରାଇ ଆସୁଛି । ଏହି ଦୁଃଖମୟ ସଂସାରର କେତେକ ମୁହୂର୍ତ୍ତ ବିସ୍ମରଣରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ସହ ଏକତ୍ୱର ସେ ଯେଉଁ ଭାବ ବିହ୍ୱଳ ସ୍ଥିତି, କେବଳ ଅନୁଭବୀର ହିଁ ହୃଦୟଙ୍ଗମ ହେବ । କର୍ମବ୍ୟସ୍ତ ଜୀବନରେ ନିଜର ଓ ନିଜ ପରିବାରର ପ୍ରତିପୋଷଣ ପାଇଁ ଦିନ-ରାତି କର୍ମ କ୍ଳାନ୍ତ ହୋଇ ଦୌଡୁଥିବା ମନୁଷ୍ୟ ନିମନ୍ତେ ଏପରି ଅପୂର୍ବ ଗ୍ରନ୍ଥର ରସାସ୍ୱାଦନ କରିବାର ଆଗ୍ରହ, ଶ୍ରଦ୍ଧା, ବିଶ୍ୱାସ ଓ ସମୟର ଏକାନ୍ତ ଅଭାବ । ଏପରି ସ୍ଥଳେ ଶତାଧିକ ଭାଷ୍ୟ ତ ଅତି ଦୂରର କଥା, ଗୋଟିଏ ମାତ୍ର ପ୍ରମୁଖ ଭାଷ୍ୟ ପାଠ କରି ଆଲୋଚନା କରିବା କେବଳ ଅଳ୍ପ କେତେକ ଭାଗ୍ୟବାନ ଭକ୍ତଙ୍କ ପାଇଁ ସୁଲଭ ହୋଇଥାଏ । କୁହାଯାଇଛି କି, ପ୍ରେମ, ଭକ୍ତି ଓ ଶ୍ରଦ୍ଧା ସହକାରେ ଦୈନିକ ଗୋଟିଏ ମାତ୍ର ଶ୍ଳୋକ ପାଠ କରିପାରିଲେ, ମନୁଷ୍ୟ ଜୀବନ କୃତାର୍ଥ ହୋଇଯାଏ । ସର୍ବତୋଭାବେ କର୍ମବ୍ୟସ୍ତ ସାଧାରଣ ମନୁଷ୍ୟ ତଥା ସାଧକ, ସିଦ୍ଧ, ଜିଜ୍ଞାସୁ ମାନଙ୍କ ପାଇଁ ସଂକଳିତ "ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍" ଗ୍ରନ୍ଥ ଏକ ଅମୂଲ୍ୟ ଉପହାର । ମଧୁ ମକ୍ଷିକା ଯେପରି ବିଭିନ୍ନ ପୁଷ୍ପରୁ ମଧୁ ଆହରଣ କରି ସର୍ବ ସାଧାରଣଙ୍କ ପାଇଁ ମଧୁ ସଞ୍ଚୟ କରି ରଖେ, ଶ୍ରୀଯୁକ୍ତ ମିଶ୍ର ଗୀତାର ଅନେକ ପ୍ରମୁଖ ଭାଷ୍ୟ ଗୁଡିକ ଅନୁଶୀଳନ, ଆଲୋଚନା, ଚିନ୍ତନ, ମନନ ଓ ମନ୍ଥନ କରି ପ୍ରତ୍ୟେକ ଭାଷ୍ୟରୁ ସାର ସଂଗ୍ରହ କରି, ସରସ ସୁନ୍ଦର ସାବଲୀଳ ଓ ସରଳ ଯୁକ୍ତି ସମନ୍ୱୟ ପୂର୍ବକ ତତ୍ତ୍ୱଜ୍ଞାନ ଯୁକ୍ତ ଗୀତା ଜ୍ଞାନାମୃତର ଅପୂର୍ବ ମଧୁ ପରିବେଷଣ କରିଛନ୍ତି । ହେ ସୁଧିବୃନ୍ଦ ! ଆସନ୍ତୁ, ଏହି ଅମୃତ ପାନ କରି ମନୁଷ୍ୟ ଜୀବନ ସଫଳ କରିବା । ଭଗବାନ ଶ୍ରୀକୃଷ୍ଣଙ୍କ ଶରଣାଗତ ହୋଇ ସର୍ବଜନ ହିତାର୍ଥେ ଅହରହ ବିହିତ କର୍ମ ସଂପାଦନ କରି ଆନନ୍ଦରେ କାଳ ଅତିବାହିତ କରିବା । ଜୟ ଜଗନ୍ନାଥ । ଜୟ ଜଗନ୍ନାଥ !

ଜ୍ୟୋତିର୍ମୟ ପାଢୀ (ଅବସରପ୍ରାପ୍ତ ଓଡିଶା ଅର୍ଥସେବା ଅଧିକାରୀ)

ସ୍ୱର୍ଣ୍ଣମୟୀ ନଗର-ବ୍ରହ୍ମପୁର। ତା:୦୪-୦୫-୨୦୨୫

*****ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍-ତୃତୀୟ ଖଣ୍ଡ-(ଜ୍ଞାନ ବିଜ୍ଞାନ ତତ୍ତ୍ୱ)*****

ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍ (ଜ୍ଞାନ-ବିଜ୍ଞାନ ତତ୍ତ୍ୱ)

**ପୃଷ୍ଠ ଭୂମି** :ଭଗବଦ୍ ଗୀତାର ଅଠର ଅଧ୍ୟାୟକୁ ଛଅ ଅଧ୍ୟାୟ ଲେଖାଏଁ ବିଭକ୍ତ କରି ପ୍ରତ୍ୟେକ ଭାଗକୁ ଗୋଟିଏ ଗୋଟିଏ ଷଟ୍କ କୁହାଯାଇଛି । ପ୍ରଥମ ଷଟ୍କ କର୍ମତତ୍ତ୍ୱ, ଦ୍ୱିତୀୟ ଷଟ୍କ ଭକ୍ତି ତତ୍ତ୍ୱ ଏବଂ ତୃତୀୟ ଷଟ୍କ ଜ୍ଞାନ-ବିଜ୍ଞାନ ତତ୍ତ୍ୱ ନିରୂପଣ କରୁଅଛି । ବେଦ କଥିତ "ତତ୍ ତ୍ୱମ୍ ଅସି" ମହାବାକ୍ୟର 'ତ୍ୱମ୍' (ତୁମ୍ଭେ) 'ତତ୍' (ତାହା) 'ଅସି'(ଅଛି )- ଏହି ତିନି ପଦ ଗୀତାର ପ୍ରଥମ, ମଧ୍ୟମ ଓ ଅନ୍ତିମ ଷଟ୍କକୁ ଯଥାକ୍ରମେ କର୍ମ, ଉପାସନା ଓ ଜ୍ଞାନ କାଣ୍ଡ ନାମରେ ନିର୍ଦ୍ଦେଶ କରୁଛନ୍ତି । କର୍ମ, ଭକ୍ତି, ଜ୍ଞାନ ମଧ୍ୟରୁ ଯେଉଁ ଷଟ୍କରେ ଯେଉଁ ଯୋଗର ପ୍ରାଧାନ୍ୟତା ରହିଛି, ତାହାରି ଅନୁସାରେ ତାହା ନାମିତ ହୋଇଛି । ପ୍ରଥମ ଛ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଭକ୍ତି ମିଶ୍ରିତ ଜ୍ଞାନ, ଜୀବାତ୍ମା ଏବଂ ପରମାତ୍ମା ଜ୍ଞାନ ନିମିତ୍ତ ଉପଯୋଗୀ ବିଷୟ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ଛଅ ଅଧ୍ୟାୟରେ କେବଳ ଭକ୍ତିର ମହିମା, ପର ଓ ଅପରା ଭକ୍ତିର ବିବେଚନା, ଭଗବାନଙ୍କ ସ୍ୱରୂପର ମହିମା, ଅନନ୍ୟ ଭକ୍ତ ସ୍ୱରୂପର ମହିମା, ବିଭିନ୍ନ ପ୍ରକାର ଉପାସନାରେ ଭକ୍ତିର ବୈଶିଷ୍ଟ୍ୟ ଏବଂ ଏହାର ସର୍ବ ଶ୍ରେଷ୍ଠତା ଆଦି ବିଚାର କରାଯାଇଛି । ପ୍ରସ୍ତୁତ ତୃତୀୟ ଷଟ୍କ ଅର୍ଥାତ୍ ଛ ଅଧ୍ୟାୟରେ ପ୍ରକୃତି, ପୁରୁଷ, କ୍ଷେତ୍ର, କ୍ଷେତ୍ରଜ୍ଞ ଏଆଦିର ପ୍ରଥମେ ସଂକ୍ଷେପରେ ବର୍ଣ୍ଣିତ ତତ୍ତ୍ୱଜ୍ଞାନର ବିସ୍ତାର ପୂର୍ବକ ବର୍ଣ୍ଣନା କରାଯାଇଛି । ବ୍ୟାଖ୍ୟାକାରଙ୍କ ଅନୁସାରେ 'ଅସି' ପଦର ବିବରଣ ଅର୍ଥାତ୍ ଜୀବର ବ୍ରହ୍ମ ସହିତ ଏକତା ଏହି ଅନ୍ତିମ ଷଟ୍କରେ କୁହାଯାଇଛି । ତ୍ରୟୋଦଶ ଅଧ୍ୟାୟ ଠାରୁ ଅଷ୍ଟାଦଶ-ଛ ଅଧ୍ୟାୟ ବିଶିଷ୍ଟ ଏହି ଷଟ୍କରେ କ୍ଷେତ୍ର-କ୍ଷେତ୍ରଜ୍ଞ ଯୋଗ, ଗୁଣତ୍ରୟ ବିଭାଗ ଯୋଗ, ପୁରୁଷୋତ୍ତମ ଯୋଗ, ଦୈବାସୁରସମ୍ପଦ ବିଭାଗ ଯୋଗ, ଶ୍ରଦ୍ଧାତ୍ରୟ ବିଭାଗ ଯୋଗ ଓ ମୋକ୍ଷ ସନ୍ନ୍ୟାସ ଯୋଗ ରହିଅଛି । ଏହି ଷଟ୍କର ନିଷ୍କର୍ଷ ହେଲା; ଆତ୍ମା –ପରମାତ୍ମା ତତ୍ତ୍ୱର ଅପରୋକ୍ଷ ଜ୍ଞାନ ପ୍ରାପ୍ତ ପରେ, ସମସ୍ତ ସାଂସାରିକ ଧର୍ମକୁ ପରିତ୍ୟଜ୍ୟ କଲେ ହିଁ ମନୁଷ୍ୟ ଅନନ୍ୟ ଭକ୍ତ ରୂପରେ ଏକମାତ୍ର ଭଗବାନଙ୍କ ଶରଣାପନ୍ନ ହୋଇପାରିବ । ଉପାସ୍ୟ ସ୍ୱରୂପର ସମ୍ପୂର୍ଣ୍ଣ ଜ୍ଞାନ ବିନା ଉପାସନା କେବେହେଲେ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ । ଭଗବାନଙ୍କ ନିର୍ଗୁଣ ନିରାକାର ତତ୍ତ୍ୱର ପ୍ରଭାବ, ମହାତ୍ମ୍ ଆଦିର ରହସ୍ୟ ପୂର୍ଣ୍ଣରୂପେ ଜାଣିବା ହେଉଛି ଜ୍ଞାନ । ସଗୁଣ, ନିରାକାର-ସାକାର ତତ୍ତ୍ୱର ଲୀଳା, ରହସ୍ୟ, ମହତ୍ତ୍ୱ, ଗୁଣ ଏବଂ ପ୍ରଭାବ ପ୍ରଭୃତି ରକପ୍ରତ୍ୟକ୍ଷ ଭାବରେ ଦେଖି କିମ୍ବା ଶ୍ରବଣ କରି ଯୋଗାଭ୍ୟାସ ଦ୍ୱାରା ଅନୁଭବ କରିବା ହେଉଛି ବିଜ୍ଞାନ । ତେଣୁ ଭଗବାନ ଶ୍ରୀକୃଷ୍ଣ ଏହି ତୃତୀୟ ଷଟ୍କର ଅଧ୍ୟାୟ ମାନଙ୍କରେ ପ୍ରଧାନତଃ ଆତ୍ମା-ପରମାତ୍ମା ତତ୍ତ୍ୱକୁ ମୁଖ୍ୟଭାବରେ ଉପସ୍ଥାପନ କରିଛନ୍ତି । ଯେଉଁ ଯେଉଁ ପ୍ରକରଣରେ ଭଗବାନ ନିଜ ଗୁଣ, ପ୍ରଭାବ ଏବଂ ତତ୍ତ୍ୱର ନିରୂପଣ କରି ଅର୍ଜୁନଙ୍କୁ ନିଜର ଶରଣରେ ଆସିବା ନିମନ୍ତେ ପ୍ରେରଣା ଦେଉଛନ୍ତି ଏବଂ ସ୍ପଷ୍ଟ ରୂପରେ କହୁଛନ୍ତି କି, ସେ' ହିଁ ସମସ୍ତ ଜଗତର କର୍ତ୍ତା, ହର୍ତ୍ତା, ନିର୍ଗୁଣ, ସଗୁଣ, ନିରାକାର, ସାକାର, ମାୟାତୀତ, ସର୍ବଶକ୍ତିମାନ, ସର୍ବାଧାର ପରମେଶ୍ୱର ବର୍ତ୍ତମାନ ଶ୍ରୀକୃଷ୍ଣ ରୂପରେ ସମ୍ମୁଖରେ ବିରାଜିତ- ଏହି ସମସ୍ତ ପ୍ରକରଣ ହେଉଛି ତାଙ୍କରି ପରମ ଗୋପନୀୟ ରହସ୍ୟମୟ ତତ୍ତ୍ୱ । କେବଳ ଭକ୍ତ ହିଁ ତାଙ୍କରି ଏହି ସମଗ୍ର ସ୍ୱରୂପର ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ପ୍ରାପ୍ତ ହୋଇପାରିବ । ସମଗ୍ର ବ୍ରହ୍ମାଣ୍ଡର ଯିଏ ଉତ୍ପତ୍ତି ସ୍ଥଳ, ଯାହାର ସ୍ୱରୂପ ସ୍ୱୟଂ ସମସ୍ତ ଜ୍ଞାନ-ବିଜ୍ଞାନର ସମାହାର, ସେ' ହିଁ ହେଉଛନ୍ତି ସମସ୍ତ କାରଣର କାରଣ ଏବଂ ସମସ୍ତ ଯୋଗ ସାଧନର ଧ୍ୟେୟ ବସ୍ତୁ । ବୁଦ୍ଧିମାନ ମନୁଷ୍ୟ ସେହି ଦିବ୍ୟ ସ୍ୱରୂପର ଅନ୍ୱେଷଣରେ ଜ୍ଞାନ-ବିଜ୍ଞାନ ମାର୍ଗକୁ ଅନୁସରଣ କରିଥାଏ । ସମସ୍ତ କାରଣର କାରଣ ଅର୍ଥାତ୍ ପରମ କାରଣ ବୋଧ ହୋଇ ଗଲାପରେ ମନ, ବୁଦ୍ଧି ସ୍ତରରେ ରହିଥିବା ଜ୍ଞାନ ସ୍ୱ-ଅନୁଭବ ରୂପରେ ବିଜ୍ଞାନରେ ପରିଣତ ହୋଇଥାଏ । ପୂର୍ଣ୍ଣ ଶୁଦ୍ଧ ପରମାତ୍ମା ସତ୍ତାର ଅନୁଭୂତି ହେଉଛି ବିଜ୍ଞାନ । ଏହାର ଅନୁଭବ ହେବା ପରେ, ଭଗବାନଙ୍କ ନିର୍ଗୁଣ-ନିରାକାର ଓ ସଗୁଣ-ସାକାର ସ୍ୱରୂପ ସମ୍ବନ୍ଧରେ କୌଣସି ସଂଶୟ ରହି ନଥାଏ ଏବଂ ଆଉ ଅନ୍ୟ କିଛି ଜାଣିବାର ମଧ୍ୟ ପ୍ରୟୋଜନ ରହେନାହିଁ । ଭଗବାନ ଶ୍ରୀକୃଷ୍ଣ ଦିବ୍ୟଜ୍ଞାନର ତତ୍ତ୍ୱକୁ କେବଳ

ଉପଦେଶ ଛଳରେ ଅର୍ଜୁନଙ୍କୁ କହିନାହାନ୍ତି, ବରଂ ତାହା ଯେପରି ଅର୍ଜୁନଙ୍କୁ ସର୍ବୋଚ୍ଚ ଆତ୍ମାନୁଭୂତି ସ୍ତରରେ ପହଞ୍ଚାଇ ପାରିବ, ତାହାର ପ୍ରୟାସ କରିଛନ୍ତି । ତେଣୁ ଅର୍ଜୁନଙ୍କୁ ସେ କହୁଥିବା ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଶୁଣି ନେବାକୁ ପ୍ରଥମରୁ ସାବଧାନ କରିଛନ୍ତି । ଜ୍ଞାନ ହେଉଛି ବହିସ୍ଥ ଏବଂ ପରୋକ୍ଷ, ବିଜ୍ଞାନ ହେଉଛି ଅନ୍ତସ୍ଥ ଏବଂ ଅପରୋକ୍ଷ । ଜ୍ଞାନ ପ୍ରାପ୍ତ ପାଇଁ ପ୍ରଯତ୍ନ କରିବାକୁ ହୁଏ । କିନ୍ତୁ ବିଜ୍ଞାନ ହେଉଛି ବେଦାନ୍ତ ପ୍ରକ୍ରିୟା ଯାହାଦ୍ୱାରା ଅନ୍ତଃକରଣରେ ଅହଂ ବିନଷ୍ଟ ହେଲେ ସ୍ୱୟଂ ଜ୍ଞାନ ସ୍ୱରୂପର ତତ୍ କ୍ଷଣାତ୍ ପ୍ରକାଶ ଘଟେ । ଜ୍ଞାନ-ବିଜ୍ଞାନର ଭେଦ ସାଧକ ଜାଣି ସାରିଲାପରେ, ବ୍ରହ୍ମ ସ୍ୱରୂପର ନିତ୍ୟତତ୍ତ୍ୱ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଜ୍ଞାନ ସ୍ୱତଃ ଉପଲବ୍ଧ ହୁଏ ଏବଂ ସିଦ୍ଧି ପ୍ରାପ୍ତିରେ ସେ' ପରମାତ୍ମା ସାଦୃଶ୍ୟ ସର୍ବଜ୍ଞ ହୋଇଯାଏ । ଏହି କାରଣରୁ ଜ୍ଞାନ-ବିଜ୍ଞାନ ତତ୍ତ୍ୱ ବିଶେଷ ଫଳଦାୟକ ଏବଂ ଦୁର୍ଲଭ ମଧ୍ୟ । ଜ୍ଞାନ-ବିଜ୍ଞାନ ତତ୍ତ୍ୱ ଉପରେ ପୂଜ୍ୟସ୍ପଦ ଗୀତା ଭାଷ୍ୟକାରମାନେ ଭିନ୍ନ ଭିନ୍ନ ଯୋଗ ସାଧନ ପ୍ରଣାଳୀକୁ ନେଇ ଅର୍ଥ କରିଛନ୍ତି । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁସାରେ ଉପନିଷଦ ଟୀକା, ଶାସ୍ତ୍ରମତ, ଶ୍ରୁତିବାକ୍ୟ, ଗୁରୁବାକ୍ୟ ପ୍ରଭୃତି ହେଉଛି ଜ୍ଞାନ । ବିଶେଷ ଜ୍ଞାନ ଅର୍ଥାତ୍ ଅନୁଭବ ସହିତ ଜ୍ଞାନ ହେଉଛି ବିଜ୍ଞାନ । ଯୁକ୍ତି ଓ ବିଚାରଦ୍ୱାରା ସେହି ପରୋକ୍ଷ ଶବ୍ଦଜ୍ଞାନରୁ ବିପରୀତ ଭାବକୁ ହଟାଇ ଯେଉଁ ଗୂଢ଼ତତ୍ତ୍ୱ ମିଳେ, ତାହାର ମନନ ଓ ନିଦିଧ୍ୟାସନ ସାଧନ ଦ୍ୱାରା ବ୍ରହ୍ମର ପ୍ରତ୍ୟକ୍ଷ ଅନୁଭୂତି ଅର୍ଥାତ୍ ବ୍ରହ୍ମ ସାକ୍ଷାତ୍କାର ହୁଏ । ସେହି ସ୍ୱ-ଅନୁଭବତା ହେଉଛି ବିଜ୍ଞାନ । ଦ୍ୱୈତବାଦ ମତାନୁସାରେ, ଇନ୍ଦ୍ରିୟ, ମନ, ବୁଦ୍ଧି ସମସ୍ତ ପ୍ରାକୃତ । ତେଣୁ ଏହିମାନେ ପ୍ରକୃତିରୁ ଅତୀତ ପରମାତ୍ମା ତତ୍ତ୍ୱକୁ ଜାଣିବାକୁ ଅସମର୍ଥ । ପରମାତ୍ମା ତତ୍ତ୍ୱକୁ ସ୍ୱୟଂ ଦ୍ୱାରା ହିଁ କେବଳ ଜାଣିହୁଏ । କେତେକଙ୍କ ମତରେ ମହାପୁରୁଷଙ୍କୁ ଏକ ସାଥିରେ ସର୍ବତ୍ର କାର୍ଯ୍ୟ କରିବାରେ ଯେଉଁ କ୍ଷମତା ମିଳିଥାଏ, ତାହା ଜ୍ଞାନର ଉପଯୋଗ ହୋଇଥିବା ବିଜ୍ଞାନ । ଯେପରି ପରମାତ୍ମା ଏକସାଥିରେ ସମସ୍ତଙ୍କ ହୃଦୟରେ କାର୍ଯ୍ୟ କରିଥାନ୍ତି, ଅବତାର କାଳରେ ପ୍ରକୃତିଗତ ଦ୍ୱନ୍ଦରୁ ମୁକ୍ତ ରହି ଲୀଳା ରଚନା କରିଥାନ୍ତି, ସେହି କାର୍ଯ୍ୟ ପ୍ରଣାଳୀର ନାମ ବିଜ୍ଞାନ । ଶ୍ରୀ ବିଦ୍ୟାବାଚସ୍ପତିଜୀଙ୍କ ମତାନୁସାରେ ଅନେକ ଭିତରେ ଏକ ଭାବକୁ ଅନୁଗତ ଦେଖିବା ହେଉଛି ଜ୍ଞାନ ଏବଂ ଏକକୁ ଅନେକ ରୂପ ମଧ୍ୟରେ ବିକଶିତ ହେବାର ଦେଖିବା ହେଉଛି ବିଜ୍ଞାନ । ଅନ୍ୟ ଅର୍ଥରେ କାର୍ଯ୍ୟ ଭିତରେ କାରଣକୁ ଅନୁଗତ ଦେଖିବା ଜ୍ଞାନ ଏବଂ ଏକ କାରଣରେ ଅନେକ କାର୍ଯ୍ୟର ଉଦ୍ଭବ ଦେଖିବା ବିଜ୍ଞାନ । ଏକରେ ହିଁ ତ୍ରିଗୁଣାତ୍ମକ ଜଗତରେ ସାକାର ସ୍ୱରୂପ ଭାବର ଉତ୍ପତ୍ତି, ସ୍ଥିତି, ବିଲୟ ଦେଖିବା- ଏହା ବିଜ୍ଞାନ ପ୍ରକ୍ରିୟା । ମୃତ୍ତିକାରେ ନିର୍ମିତ ଅନେକ ପଦାର୍ଥକୁ ଶବ୍ଦଦ୍ୱାରା ନାମ କରଣ କରାଯାଇଥାଏ, ଅର୍ଥାତ୍ ସେଗୁଡିକର ନାମ ଓ ରୂପ ଭିନ୍ନ ଭିନ୍ନ ହୋଇଥାଏ । ମୃତ୍ତିକା ଖଣ୍ଡର ମୌଳିକ ତତ୍ତ୍ୱକୁ ଜାଣି ଗଲାପରେ, ମୃତ୍ତିକାରେ ନିର୍ମିତ ସବୁ ପଦାର୍ଥ ସମ୍ବନ୍ଧରେ ଧାରଣା ହୋଇଯାଏ କି' ସବୁଥିରେ ଅନୁସ୍ୟୂତ ସତ୍ୟ ପଦାର୍ଥ କେବଳ ମୃତ୍ତିକା ହିଁ ରହିଅଛି । ସେହି ପ୍ରକାର ସମଗ୍ର ଜଗତରେ ଏକମାତ୍ର ମୂଳ କାରଣ ଯେଉଁ 'ସତ୍' ସେହି 'ସତ୍' ତତ୍ତ୍ୱର ଜ୍ଞାନ ହୋଇ ଗଲାପରେ ଜଗତର ସମସ୍ତ ବସ୍ତୁ ଉପରେ ବାସ୍ତବ ଜ୍ଞାନ ହୋଇଯାଏ । ଜଗତର ସମସ୍ତ ବସ୍ତୁର ନାମ, ରୂପ ସବୁ କଳ୍ପନା ମାତ୍ର । ବ୍ୟାବହାରିକ କ୍ଷେତ୍ରରେ ରୂପ ଓ ନାମର ଭେଦରେ ସେମାନଙ୍କର ଭିନ୍ନତା ପ୍ରତୀୟମାନ ହେଲେ ମଧ୍ୟ, ସତ୍ୟ ପଦାର୍ଥ ତ ସବୁଥିରେ ଅନୁଗତ ଏକ "ସତ୍" ହିଁ ଅଟେ । ଉପରୋକ୍ତ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ ସମସ୍ତ ମତକୁ ପର୍ଯ୍ୟାଲୋଚନା କଲେ ଏହି ସାର ମର୍ମ ବୁଝାପଡୁଛି ଯେ, ଭଗବାନଙ୍କର ପ୍ରଭାବ, ସାମର୍ଥ୍ୟ ଓ ଐଶ୍ୱର୍ଯ୍ୟର ଅନ୍ତ ନାହିଁ । ଏହାକୁ ଆକଳନ କରିବା ମନୁଷ୍ୟର ବୁଦ୍ଧିର ଅତୀତ ହୋଇଥିଲେ ମଧ୍ୟ, ସବୁଥିରେ ତତ୍ତ୍ୱତଃ ଏକ ପରମାତ୍ମାଙ୍କ ସତ୍ତା ବିଦ୍ୟମାନ ବୋଲି ସ୍ୱୀକାର କରିବା ହେଉଛି ଜ୍ଞାନ-ବିଜ୍ଞାନ । ଭକ୍ତି ମାର୍ଗରେ ସାଧକ ପ୍ରଥମେ ସ୍ୱୀକାର କରି ପରେ ଜାଣେ ଏବଂ ଜ୍ଞାନ ମାର୍ଗରେ ପ୍ରଥମେ ଜାଣି ପରେ ସ୍ୱୀକାର କରେ । ତେଣୁ ଯୋଗର ପୂର୍ଣ୍ଣତାରେ ଉଭୟ ସାଧନ ଏକ । ଭଗବାନ ହିଁ କେବଳ ନିଜର ସମଗ୍ର ସ୍ୱରୂପ କହିବାପାଇଁ ସମ୍ପୂର୍ଣ୍ଣ ଅଧିକାରୀ ଏବଂ ସମର୍ଥ ।

ତାଙ୍କ ଅତିରିକ୍ତ ଅନ୍ୟକେହି ସମ୍ପୂର୍ଣ୍ଣ ରୂପରେ ତାହା ଜାଣିବାକୁ ସକ୍ଷମ ହୋଇନାହିଁ କି, ହେବନାହିଁ । ଏହି ଷଟ୍କରେ ରହିଥିବା ଛଗୋଟି ଅଧ୍ୟାୟର ବିଶେଷତା ହେଲା କି,ଏଥିରେ ଅନେକ ବୈଦିକ ବିଦ୍ୟାର ଉଲ୍ଲେଖ ରହିଛି । ତ୍ରୟୋଦଶ ଅଧ୍ୟାୟରେ କୁହାଯାଇଥିବା କ୍ଷେତ୍ର-କ୍ଷେତ୍ରଜ୍ଞ, ଏହି ଦୁଇଟି ଶବ୍ଦ ଋଗ୍ ବେଦରେ ଦେଖିବାକୁ ମିଳେ । କ୍ଷେତ୍ର ଶରୀର ଏବଂ କ୍ଷେତ୍ରଜ୍ଞ ହେଉଛି ଆତ୍ମା । କ୍ଷେତ୍ର ଓ କ୍ଷେତ୍ରଜ୍ଞ ସମ୍ବନ୍ଧୀୟ ଜ୍ଞାନ ସର୍ବଶ୍ରେଷ୍ଠ ବୋଲି ଭଗବାନ ମତ ରଖିଛନ୍ତି । ଏତଦ୍ ବ୍ୟତୀତ, ପୁରୁଷ କଣ, ପ୍ରକୃତି କଣ, ଜ୍ଞାନ ଓ ଅଜ୍ଞାନର ପ୍ରଭେଦ ଭଗବାନ ଅତି ସରଳ ଭାବରେ ବୁଝାଇଛନ୍ତି । 'କ୍ଷେତ୍ର' ଶବ୍ଦ ଅପରା ପ୍ରକୃତିକୁ ନିର୍ଦ୍ଦେଶ କରୁଥିଲାବେଳେ, 'କ୍ଷେତ୍ରଜ୍ଞ' ଶବ୍ଦ ଜୀବ ରୂପ 'ପରା ପ୍ରକୃତି' ଅର୍ଥାତ୍ ଚେତନ ପ୍ରକୃତିକୁ ସୂଚିତ କରୁଛି । ଏହି ଚେତନ ପ୍ରକୃତିର ସହାୟତାରେ ସମ୍ପୂର୍ଣ୍ଣ ଜଗତ ଧାରଣ ହୋଇ ରହିଛି । ଜୀବାତ୍ମା ମଧ୍ୟ ପ୍ରକୃତି ସଙ୍ଗେ ସମ୍ବନ୍ଧହୋଇ ରହିବା କାରଣରୁ ପ୍ରକୃତି ହିଁ ଅଟେ । ନିଜର ଅଂଶଭୂତ ଜୀବ ହେଉଛି ଭଗବାନଙ୍କ ପରାଶକ୍ତି, ଯାହା ଶ୍ରେଷ୍ଠ, ଚେତନଶୀଳ ଏବଂ ଅପରିବର୍ତ୍ତନୀୟ । ତେଣୁ ଜୀବକୁ ମଧ୍ୟ ଭଗବାନଙ୍କ ଠାରୁ ଭିନ୍ନ ବୋଲି ପ୍ରମାଣ କରାଯାଇ ପାରିବ ନାହିଁ । ଜୀବ ପରମାତ୍ମାଙ୍କ ସ୍ୱରୂପ ହୋଇଥିଲେ ମଧ୍ୟ, କେବଳ ଅପରା ପ୍ରକୃତି ସଙ୍ଗେ ସମ୍ବନ୍ଧ ସ୍ଥାପନ କରିଥିବାରୁ ଜୀବାତ୍ମାକୁ ପ୍ରକୃତି କୁହାଯିବ । ଚେତନ ପ୍ରକୃତି ନୁହେଁ କି' ବିକୃତି ନୁହେଁ । ଅର୍ଥାତ୍ ଏହା କାରଣ ହୋଇ ନ ଥାଏ କି, କାର୍ଯ୍ୟ ମଧ୍ୟ ହୋଇ ନ ଥାଏ । ଆତ୍ମତତ୍ତ୍ୱ ଜ୍ଞାନ ନ ହେବା ପର୍ଯ୍ୟନ୍ତ, ଜଡ-ଚେତନ ତଦାତ୍ମ୍ୟ ଥିବା ପର୍ଯ୍ୟନ୍ତ 'ମୁଁ' କର୍ତ୍ତା ରୂପରେ ବିଦ୍ୟମାନ ରହେ । ଅପରା ପ୍ରକୃତିର ପ୍ରକାଶକ ଚେତନ ଯେବେ ଅପରା ପ୍ରକୃତି ସହିତ ତଦାତ୍ମ୍ୟ ହୋଇ ରହେ, ତେବେ ସେ' ଜୀବ ରୂପ ପରା ପ୍ରକୃତି ହୁଏ, ଯାହାକୁ ଭଗବାନ ଉପଦ୍ରଷ୍ଟା, ଅନୁମନ୍ତା(ସମ୍ମତି-ଅନୁମତି ପ୍ରଦାନକାରୀ), ଭର୍ତ୍ତା, ଭୋକ୍ତା, ମହେଶ୍ୱର ବୋଲି କହିଛନ୍ତି । ଚତୁର୍ଦ୍ଦଶ ଅଧ୍ୟାୟରେ ଭଗବାନ କହିଥିବା **'ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବୀଜପ୍ରଦଃ ପିତା'** ବାକ୍ୟର ଋଗ୍ ବେଦର **'ଦ୍ୟୌଃ ପିତା ପୃଥିବୀ ମାତା'** ପ୍ରାଚୀନ ସୂକ୍ତ ସହିତ ସାମଞ୍ଜସ୍ୟ ରହିଛି । ସ୍ୱୟଂଭୁ ବୀଜପ୍ରଦ ବା ଗର୍ଭ ସ୍ଥାପନକାରୀ ପିତା, ପରମେଷ୍ଠୀ ଗର୍ଭଧାରଣକାରୀ ମହଦ୍ ଯୋନି ବା ମହିମା ରୂପିଣୀ ମାତା । ସ୍ୱୟଂଭୁ ସୂକ୍ଷ୍ମାତିସୂକ୍ଷ୍ମ ଅବ୍ୟକ୍ତ ତତ୍ତ୍ୱ ଏବଂ ପରମେଷ୍ଠୀ ମହାନ୍ ମହିମା ଭାବ ବିରାଜ ପ୍ରକୃତି । ଏହି ଶ୍ରେଷ୍ଠ ତତ୍ତ୍ୱଜ୍ଞାନ ଲାଭକରି ସମସ୍ତ ମୁନିଗଣ ସଂସାର ସାଗରରୁ ମୁକ୍ତ ହୋଇ ପରମ ସିଦ୍ଧି ପ୍ରାପ୍ତ ହୋଇଛନ୍ତି । ପ୍ରକୃତିରୁ ଉତ୍ପନ୍ନ ସତ୍ତ୍ୱ, ରଜ, ତମ ଏହି ତିନିଗୁଣ ଅବିନାଶୀ ଜୀବାତ୍ମାକୁ ଦେହ ଭିତରେ ଆବଦ୍ଧ କରନ୍ତି । ଯେଉଁ ତତ୍ତ୍ୱଦର୍ଶୀ ଅବ୍ୟଭିଚାରୀ ଭକ୍ତିଯୋଗ ଦ୍ୱାରା ମୋର ସେବା କରେ, ସେ' ହିଁ ଗୁଣ ଗୁଡିକୁ ଅତିକ୍ରମ କରି ବ୍ରହ୍ମପଦ ପ୍ରାପ୍ତ ହୋଇଥାଏ । ବେଦରେ କୁହାଯାଇଥିବା ସହସ୍ର ଶାଖା ବିଶିଷ୍ଟ ବନସ୍ପତିକୁ ଭଗବାନ ପଞ୍ଚଦଶ ଅଧ୍ୟାୟରେ ସଂସାର ରୂପୀ 'ଅଶ୍ୱତ୍ଥ' ବୃକ୍ଷ କହିଛନ୍ତି । 'ଅଶ୍ୱତ୍ଥ' ଅର୍ଥ କାଲିକି ରହିବା ଯାହାର ନିଶ୍ଚିତ ନ ଥାଏ ଏବଂ ଅଶ୍ୱ ରୂପୀ କାଳ ରୂପେ ଯାହା ଅନନ୍ତ, ତାହା ଅବ୍ୟୟ । ଏହା ମଧ୍ୟ ମୂଳତଃ ବୈଦିକ ବିଦ୍ୟା ଯେଉଁଥିରେ ଏହି ସଂସାରକୁ ବ୍ରହ୍ମା ବୃକ୍ଷ ଏବଂ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ସମଷ୍ଟିକୁ ବ୍ରହ୍ମ କୁହାଯାଇଛି । ଏହି ନିଖିଳ ବ୍ରହ୍ମାଣ୍ଡରେ ଅନେକ ସଂସାର ରହିଛି । ଏହି ବିଶ୍ୱର ମଧ୍ୟ ପ୍ରାଣ ବା ଅସ୍ତିତ୍ୱ ରହିଛି । ପ୍ରାଣକୁ ବେଦରେ ହିରଣ୍ୟ ବା ରେତସ୍ କୁହାଯାଏ । ତେଣୁ 'ହିରଣ୍ୟଗର୍ଭ' ମଧ୍ୟ ବ୍ରହ୍ମାଣ୍ଡର ଏକ ସଜ୍ଞା ଅଟେ । ସେହି ହିରଣ୍ୟଗର୍ଭର ବର୍ଣ୍ଣନା ଅବ୍ୟୟ - ଅଶ୍ୱତ୍ଥ ରୂପେ କରାଯାଇଛି । ସଂସାର ରୂପୀ ବୃକ୍ଷର ମୂଳ ଊର୍ଦ୍ଧ୍ୱ, ଅମୃତ ବା ବ୍ରହ୍ମ ତତ୍ତ୍ୱ ଅଟେ । ଏହି ବୃକ୍ଷର ନା ଅନ୍ତ, ନା ଆଦି ରହିଛି । ଭୂତ ସମୂହରେ ନିର୍ମିତ ସଂସାର ହେଉଛି କ୍ଷର ଏବଂ ଏଥିରେ ବ୍ୟାପ୍ତ ଜୀବ ବା ପ୍ରାଣ ଅକ୍ଷର ଅଟେ । କ୍ଷର ଓ ଅକ୍ଷର ଉଭୟ ତତ୍ତ୍ୱ ବିଜାତୀୟ ହେଲେ ମଧ୍ୟ, ଏହାର ମୂଳାଧାର ଏକ ଏବଂ ଏହି ଉଭୟ ଭଗବାନଙ୍କ ସ୍ୱରୂପ । ତେଣୁ କ୍ଷର ଓ ଅକ୍ଷର – ଏହି ଦୁଇଟିର ଊର୍ଦ୍ଧ୍ୱରେ ସ୍ଥିତ ଅଧିକତ୍ତମ ସୂକ୍ଷ୍ମ ଭଗବାନ ସ୍ୱରୂପ ହେଉଛନ୍ତି ଅବ୍ୟୟ ବା ପୁରୁଷୋତ୍ତମ । ସଂସାର ବସ୍ତୁତଃ ଭଗବତ୍ ସ୍ୱରୂପ ହୋଇଥିଲେ ମଧ୍ୟ, ଦୈବୀ ସମ୍ପଦ ଓ ଆସୁରୀ ସମ୍ପଦ- ଏହି ଦୁଇ ପ୍ରବୃତ୍ତି ବା ସ୍ୱଭାବ ଯୁକ୍ତ ମନୁଷ୍ୟ ସୃଷ୍ଟି ଆରମ୍ଭରୁ ରହି

ଆସିଛି । ଦୈବୀ ସମ୍ପଦର ଲକ୍ଷଣ ସତ୍ୟ, ଅମୃତ, ଜ୍ୟୋତି ଏବଂ ପବିତ୍ରତା । ଆସୁରୀ ସମ୍ପଦର ଲକ୍ଷଣ ଅସତ୍ୟ, ଅନ୍ଧକାର, ମୃତ୍ୟୁ, ଅଶୌଚ ଏବଂ ଅପବିତ୍ରତା । ଅସୁର ସମ୍ପଦ ବହନ କରୁଥିବା ପୁରୁଷ ଭୋଗାସକ୍ତ ହୋଇ ଶରୀର ଓ ସଂସାରକୁ ଭୋଗ ଦୃଷ୍ଟିରେ ଦେଖିଥାଏ । ଭୋଗାସକ୍ତ ପୁରୁଷର ରକ୍ତ, ମାଂସରେ ତିଆରି ଶରୀରପ୍ରତି ମଳିନ ବୁଦ୍ଧି ନ ହୋଇ ରମଣୀୟ ବୁଦ୍ଧି ହୋଇଥାଏ । ଧନ, ମାନ, ଦମ୍ଭ, ଅହଂକାର, କାମ-କ୍ରୋଧ ଆଦି ପ୍ରବୃତ୍ତିର କ୍ରୂର ଚକ୍ର ଏହି ଦୁରାତ୍ମା ବ୍ୟକ୍ତିଙ୍କ ମନ ଓ ବୁଦ୍ଧିକୁ ଗ୍ରାସ କରି ରଖିଥାଏ । ସପ୍ତଦଶ ଅଧ୍ୟାୟରେ ଅର୍ଜୁନ ନିଜର ଏହି ଶଙ୍କା ପ୍ରକଟ କରିଛନ୍ତି କି, ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣର ଊଣା ଓ ଅଧିକ ପ୍ରଭାବରେ ବିତାଉଥିବା ମନୁଷ୍ୟର ଜୀବନ ପ୍ରଣାଳୀରେ ଆହାର, ଯଜ୍ଞ, ତପ, ଦାନ ଆଦି କର୍ମ ପ୍ରତି କେଉଁ ପ୍ରକାର ଶ୍ରଦ୍ଧା ହୋଇଥାଏ, ତାହା ଭଗବାନଙ୍କଠାରୁ ଜାଣିବାକୁ ଚାହିଁଛନ୍ତି । ଅଷ୍ଟାଦଶ ଅଧ୍ୟାୟରେ ଶ୍ରୀମଦ ଭଗବତ ଗୀତାର ସର୍ବ ଗୁହ୍ୟତମ ଉପଦେଶକୁ ଭଗବାନ ଉପସ୍ଥାପନ କରିଛନ୍ତି । କର୍ମ ସନ୍ନ୍ୟାସ ଓ କର୍ମଫଳ ତ୍ୟାଗର ସତ୍ତ୍ୱ, ରଜ ଓ ତମ ଗୁଣ ଉପରେ ଆଧାରିତ ପ୍ରଭେଦକୁ ଅତି ଉତ୍ତମ ରୂପେ ଏହି ଅଧ୍ୟାୟରେ ବିବେଚନା କରାଯାଇଛି । ସଂସାର ଓ ଜୀବ ମଧ୍ୟରେ କେବଳ ଜୀବର ହିଁ ବାସ୍ତବିକ ସତ୍ତା ଅଛି । ଜୀବର ସଂସାର ସହିତ ଆସକ୍ତ ପୂର୍ବକ ସମ୍ବନ୍ଧରେ ସଂସାର ଅପ୍ରାପ୍ତ, ଅବାସ୍ତବ ହୋଇ ମଧ୍ୟ ପ୍ରାପ୍ତ ସାଦୃଶ୍ୟ ପ୍ରତୀୟମାନ ହୋଇଥାଏ । ଅନ୍ୟ ପକ୍ଷରେ ଅଂଶୀ ଭୂତ ଭାବରେ ପରମାତ୍ମା ନିତ୍ୟପ୍ରାପ୍ତ ହୋଇ ରହିଥିଲେ ମଧ୍ୟ, ଜୀବର ବିମୁଖତା କାରଣରୁ ଅନୁଭୂତ ହୋଇ ନ ଥାଏ । ଅନନ୍ତ ବ୍ରହ୍ମାଣ୍ଡରେ କେବଳ ପରା ଓ ଅପରା ଦୁଇଟି ପ୍ରକୃତି ବ୍ୟତୀତ ଅନ୍ୟ କିଛି ନାହିଁ । ଜୀବାତ୍ମା ମଧ୍ୟ "ମୁଁ" ନୁହେଁ । "ମୁଁ" ତ ସାକ୍ଷାତ୍ ପରମେଶ୍ୱରଙ୍କ ଅଂଶ । ଅଂଶ ଏବଂ ଅଂଶୀର ଯେଉଁ ଭେଦ, ତାହା ପରିଚ୍ଛିନ୍ନତା ଦୃଷ୍ଟିରେ ଶୁଦ୍ଧ ଅନ୍ତଃକରଣରେ ଅନୁଭବ ହୋଇଥାଏ । "ମୁଁ" ହେଉଛି ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ବ୍ରହ୍ମ । ମହାନ୍ ଯୋଗେଶ୍ୱର ରୂପୀ ଭଗବାନ ଶ୍ରୀକୃଷ୍ଣ ଏହି ଗୀତା ସମ୍ଭାଷଣକୁ ଉପସଂହାର କରିବାକୁ ଯାଇ ଅର୍ଜୁନଙ୍କୁ ସମ୍ମୁଖରେ ରଖି ସମଗ୍ର ବିଶ୍ୱ ମାନବ ଜାତିକୁ ଆହ୍ୱାନ ଦେଇଛନ୍ତି; ହେ ମୋର ପ୍ରିୟ ସନ୍ତାନ ଗଣ ! ମୋର କୃପାପ୍ରାପ୍ତ ହୋଇ ସଂସାରରେ ମନୁଷ୍ୟଜନ୍ମ ଲାଭ କରି ନିଷ୍ପାପର ଭାବରେ ମାନବିକ ଧର୍ମ ପାଳନ କରି, ଶେଷରେ ସେହି ଧର୍ମକୁ ଅର୍ଥାତ ସାଂସାରିକ ମାର୍ଗ ପରିତ୍ୟାଗକରି ମୋର ଶରଣାପନ୍ନ ହୋଇଯାଅ । 'ମୁଁ' ତୁମ୍ଭକୁ ସମସ୍ତ ପାପ ଓ କର୍ମ ବନ୍ଧନରୁ ମୁକ୍ତ କରିଦେଇ ମୋ'ଠାରେ ଲୀନ କରାଇ ନେବି । ଅନ୍ତରେ, ସଞ୍ଜୟ ଯୁଦ୍ଧରେ ପାଣ୍ଡବମାନଙ୍କ ବିଜୟ ନିଶ୍ଚିତ ବୋଲି ଧୃତରାଷ୍ଟ୍ରଙ୍କୁ ଜଣାଇବା ଉଦ୍ଦେଶ୍ୟରେ କହିଛନ୍ତି, ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଧନୁର୍ଦ୍ଧାରୀ ଅର୍ଜୁନ- ଏହି ଦୁହେଁ ଯେଉଁ ସ୍ଥାନରେ ଉପସ୍ଥିତ , ସେହି ସ୍ଥାନରେ ଅନନ୍ତ ଐଶ୍ୱର୍ଯ୍ୟ, ଅନନ୍ତ ମାଧୁର୍ଯ୍ୟ, ଅନନ୍ତ ସୁଶୀଳତା, ଅନନ୍ତ ସୌନ୍ଦର୍ଯ୍ୟ, ଅନନ୍ତ ସୌଜନ୍ୟ ଆଦି ଦିବ୍ୟ ଗୁଣମାନ ଅବଶ୍ୟ ବିରାଜିତ ହୋଇ ରହିବ ।

ତା:୩୦ -୦୩-୨୦୨୧ (ହୋଲି ଉତ୍ସବ ) ଓଁ ତତ୍ ସତ୍

ଓଁ

## ।। ଶ୍ରୀ ପରମାତ୍ମନେ ନମଃ ।।

## ଅଥ ତ୍ରୟୋଦଶୋଧ୍ୟାୟଃ (ତ୍ରୟୋଦଶ ଅଧ୍ୟାୟ )

## (କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗ )

### ଅର୍ଜୁନ ଉବାଚ

ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ ।
ଏତଦ୍ ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ।।୧।।

ଅନ୍ୱୟ :ଅର୍ଜୁନ ଉବାଚ ( ଅର୍ଜୁନ କହିଲେ ) ହେ କେଶବ (ହେ କୃଷ୍ଣ ! ) ପ୍ରକୃତିଂ (ପ୍ରକୃତି) ପୁରୁଷମ୍ ଚ ( ଓ ପୁରୁଷ) କ୍ଷେତ୍ରଂ (କ୍ଷେତ୍ର) କ୍ଷେତ୍ରଜ୍ଞ ଚ ( ଓ କ୍ଷେତ୍ରଜ୍ଞ ) ଜ୍ଞାନଂ (ଜ୍ଞାନ) ଜ୍ଞେୟ ଏବ ଚ (ଓ ଜ୍ଞେୟ) ଏତଦ୍ (ଏହି ସମସ୍ତ କଣ ?) ବେଦିତୁମ୍ (ଆପଣଙ୍କଠାରୁ ଜାଣିବାକୁ) ଇଚ୍ଛାମି (ମୁଁ ଇଚ୍ଛା ପ୍ରକଟ କରୁଛି ) ।

**ଭାବାର୍ଥ** : ଗୀତାର କୌଣସି କୌଣସି ସଂସ୍କରଣରେ ଏହି ଅଧ୍ୟାୟକୁ 'ପ୍ରକୃତି-ପୁରୁଷ ବିବେକ ଯୋଗ' ବୋଲି ମଧ୍ୟ କୁହାଯାଇଛି । ଆତ୍ମ ଜ୍ଞାନ ଆର୍ଥାତ୍ ଏ ଶରୀର କଣ, ଏହି ଶରୀର ଅଧିଷ୍ଠାନ ପୁରୁଷଙ୍କ ଲକ୍ଷଣ, ପ୍ରଭାବ ଆଦି ସମ୍ବନ୍ଧରେ ସଂଶୟ ରହିତ ଧାରଣା ତଥା ଆତ୍ମା ପରମାତ୍ମା ତତ୍ତ୍ୱକୁ ଜାଣିବା ନିମିତ୍ତ ନିତାନ୍ତ ପ୍ରୟୋଜନ । ଏହା ବିନା ଅନ୍ତଃକରଣରୁ ଅଜ୍ଞାନ ଦୂର ହେବା ଅସମ୍ଭବ । ତାହା ହୃଦୟଙ୍ଗମ କରି ଅର୍ଜୁନ ଭଗବାନଙ୍କୁ ସେହି ତତ୍ତ୍ୱଜ୍ଞାନ ଉପାଦେଶାର୍ଥେ ଅଧ୍ୟାୟର ଆରମ୍ଭର ପ୍ରଶ୍ନ ଉତ୍ଥାପନ କରି କହିଛନ୍ତି କି, ହେ କେଶବ ! ପ୍ରକୃତି ଓ ପୁରୁଷ, କ୍ଷେତ୍ର ଓ କ୍ଷେତ୍ରଜ୍ଞ, ଜ୍ଞାନ ଓ ଜ୍ଞେୟ କଣ ?- ତାହା ବିଶଦ ଭାବରେ ଜାଣିବା ନିମିତ୍ତ ଇଚ୍ଛା ପ୍ରକଟ କରୁଛି । ଏହି ଅଧ୍ୟାୟରେ ଭଗବାନ ଶରୀର, ଜୀବାତ୍ମା, ପରମାତ୍ମା, ଜ୍ଞାନ ପ୍ରାପ୍ତିର ସାଧନ, ଜୀବ ଏବଂ ପ୍ରକୃତି ସମ୍ବନ୍ଧରେ ବିଶେଷ ରୂପରେ ଅର୍ଜୁନଙ୍କ ଅବଗତ ନିମିତ୍ତ ବର୍ଣ୍ଣନା କରିଛନ୍ତି । କେହି କେହି ଟୀକାକାର ପ୍ରଶ୍ନ ମୂଳକ ଏହି ଶ୍ଳୋକଟିକୁ ଅଧ୍ୟାୟର ଅନ୍ତର୍ଭୁକ୍ତ କରି ନାହାନ୍ତି । ଏହି ଅଧ୍ୟାୟରେ ଅବ୍ୟକ୍ତ ଅକ୍ଷର ଉପାସନା ସମ୍ବନ୍ଧରେ ସବିସ୍ତାର ବର୍ଣ୍ଣନା ଏବଂ ତାହାର ମୁଖ୍ୟ ପ୍ରତିବନ୍ଧକ ଦେହାଭିମାନ ରୂପକ ଦୋଷ ଦୂର କରିବା ନିମିତ୍ତ ଭଗବାନ କ୍ଷେତ୍ର-କ୍ଷେତ୍ରଜ୍ଞ ଯୋଗ ଭାବରେ ଉପଦେଶ ଉପସ୍ଥାପନ କରିଛନ୍ତି ।

ଶ୍ରୀ ଭଗବାନ ଉବାଚ

ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ ।
ଏତଦ୍ ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ ବିଦଃ ।।୨।।

*ଅନ୍ୱୟ: (ଶ୍ରୀ ଭଗବାନ କହିଲେ ) କୌନ୍ତେୟ ( ହେ କୁନ୍ତୀପୁତ୍ର ଅର୍ଜୁନ) ଇଦଂ ଶରୀରଂ ('ଏହି' ରୂପେ ସୂଚିତ ଭୋଗ ଆୟତନ ଦେହକୁ) କ୍ଷେତ୍ରମ୍ ଇତି (କ୍ଷେତ୍ର ବୋଲି ) ଅଭିଧୀୟତେ (କୁହା ଯାଇଥାଏ ) ଯଃ (ଯେ) ଏତତ୍ (ଏହାର –ଏହି କ୍ଷେତ୍ରର ) ବେତ୍ତି (ସ୍ଥିତିକୁ ଜାଣେ ) ତତ୍ ବିଦଃ (କ୍ଷେତ୍ର-କ୍ଷେତ୍ରଜ୍ଞ ଜ୍ଞାନ ସମ୍ପନ୍ନ ବ୍ୟକ୍ତି) କ୍ଷେତ୍ରଜ୍ଞ ଇତି ('କ୍ଷେତ୍ରଜ୍ଞ' ବୋଲି ) ପ୍ରାହୁଃ (କହିଥାନ୍ତି ) ।*

**ଭାବାର୍ଥ**: ଶ୍ରୀ ଭଗବାନ କହିଲେ; ହେ ଅର୍ଜୁନ ! ଏହି ଭୋଗ ଆୟତନ ଶରୀର କ୍ଷେତ୍ର ନାମରେ ଅଭିହିତ । ଯେ' ଏହି ଶରୀର 'ଅଛି' ବୋଲି ଜାଣେ ଅର୍ଥାତ୍ କ୍ଷେତ୍ର (ଶରୀର) ସମ୍ବନ୍ଧରେ 'ମୁଁ' କିମ୍ବା 'ମୋର' ବୋଲି ଅଭିମାନ କରିଥାଏ, କ୍ଷେତ୍ର-କ୍ଷେତ୍ରଜ୍ଞ ଜ୍ଞାନ ସମ୍ପନ୍ନ ପୁରୁଷ ତାହାକୁ କ୍ଷେତ୍ରଜ୍ଞ ବା ଜୀବାତ୍ମା ନାମରେ ଅଭିହିତ କରିଥାନ୍ତି । ଅନ୍ୟ ଅର୍ଥରେ ଏହି କ୍ଷେତ୍ରକୁ ଯେ ପ୍ରକାଶ କରିଥାଏ, ସତ୍ତା-ସ୍ଫୁର୍ତ୍ତି ପ୍ରଦାନ କରିଥାଏ, ତାହା କ୍ଷେତ୍ରଜ୍ଞ । ଅନେକ ପଦାର୍ଥ ବ୍ୟବହାର କଲେ ମଧ, ଯେପରି 'ମୁଁ' ବ୍ୟବହାରିକ ପଦାର୍ଥଠାରୁ ଭିନ୍ନ ବୋଲି ବୋଧ ହୋଇଥାଏ, ସେହିପରି ଟିକିଏ ଗଭୀର ଭାବେ ଚିନ୍ତାକଲେ ବୋଧ ହେବ କି, ଅନ୍ତଃକରଣରେ କେହି ଜଣେ ଜାଣୁଛି କି, ସେ' ଶରୀରଠାରୁ ଭିନ୍ନ, ସେହି ଜାଣିବା ପୁରୁଷ ହେଉଛି କ୍ଷେତ୍ରଜ୍ଞ  ବା ଜୀବାତ୍ମା । ପ୍ରାଣ, ଇନ୍ଦ୍ରିୟ ସମେତ ସ୍ଥୂଳ, ସୂକ୍ଷ୍ମ ଏବଂ କାରଣ ଶରୀର ପର୍ଯ୍ୟନ୍ତ ସମସ୍ତଙ୍କୁ କ୍ଷେତ୍ର କୁହା ଯାଇଛି । କ୍ଷେତ୍ର ହେଉଛି ବିନାଶଶୀଳ ଏବଂ ବଦ୍ଧ ଆତ୍ମାର ନିବାସସ୍ଥଳ । ଏହି 'କ୍ଷେତ୍ର' ସଂସାର ରୂପୀ ବୃକ୍ଷର  ପ୍ରରୋହ ଭୂମି ଅର୍ଥାତ୍ ସଂସାର ଉତ୍ପତ୍ତିର ହେତୁ । ଭୋକ୍ତା ରୂପରେ କ୍ଷେତ୍ରଜ୍ଞ କ୍ଷେତ୍ର ସହିତ ସମ୍ବନ୍ଧିତ ହୋଇଥାଏ ଏବଂ ମୁମୁକ୍ଷୁ ରୂପରେ ମଧ ବଦ୍ଧ ଆତ୍ମାର ମୁକ୍ତି ନିମିତ୍ତ କ୍ଷେତ୍ରର ଉପଯୋଗ କରିଥାଏ । ଦେହ ସହିତ ଅସଙ୍ଗ ରହି ଆତ୍ମାର ସ୍ୱୟଂ ସ୍ଥିତି କ୍ଷେତ୍ରଜ୍ଞ ନୁହେଁ । କାରଣ ବୁଦ୍ଧି ଜାଣି ପାରୁଥିବା  ଦେହର ତତ୍ତ୍ୱକୁ ଆତ୍ମା ଜାଣେ ନାହିଁ କି, ଆତ୍ମା ତତ୍ତ୍ୱରେ ବୁଦ୍ଧି ମଧ ପ୍ରବେଶ କରିପାରେ ନାହିଁ । ଯେ' ବଦ୍ଧ ଦଶାରେ ନିଜ ଶରୀର ସମ୍ବନ୍ଧରେ 'ମୁଁ' –'ମୋର' ଅଭିମାନ କରିଥାଏ ଏବଂ ମୁକ୍ତ ଦଶାରେ ଶରୀର ଅଭିମାନରୁ ରହିତ ହୋଇଥାଏ, ଏହି ଦୁଇଟିଯାକ ଅବସ୍ଥାରେ ଜୀବାତ୍ମା ହେଉଛି କ୍ଷେତ୍ରଜ୍ଞ । ତେଣୁ କ୍ଷେତ୍ରଜ୍ଞ ହେଉଛି  ଏକ ସ୍ଥିତି ଯାହା ଚେତନ ନୁହେଁ କି, ଜଡ ମଧ ନୁହେଁ । ଯେଉଁ ବ୍ୟକ୍ତି ଏହି ଶରୀରକୁ 'ମୁଁ' ମାନି, ଏହାକୁ କେବଳ ଭୋଗ  ସାଧନ  ଦୃଷ୍ଟିରେ ଦେଖିଥାଏ, ଇନ୍ଦ୍ରିୟ ସୁଖଭୋଗ କରିବାକୁ ଇଚ୍ଛାକରେ,  ସେହି ବ୍ୟକ୍ତି ଜଡ ଅଭିମାନରେ ପ୍ରମତ୍ତ ସଂସାରରେ ବଦ୍ଧ ହୋଇଥାଏ । ସୁଖଭୋଗ କରିବାର କ୍ଷମତା ଅନୁଯାୟୀ ସେ ଏକ ଶରୀର ଅର୍ଥାତ୍ କର୍ମ କ୍ଷେତ୍ର ପ୍ରାପ୍ତ ହୋଇଥାଏ । ଏହି ଶରୀର ରୂପକ କ୍ଷେତ୍ରରେ ବୁଣା ହୋଇଥିବା କର୍ମ ସଂସ୍କାରରୂପ ବୀଜର ଫଳ  ମଧ ସମୟ ଅନୁଯାୟୀ ପ୍ରକଟ ହୋଇଥାଏ । କ୍ଷେତ୍ରଜ୍ଞ ଯେବେ ସ୍ଥୂଳ ଏବଂ ସୂକ୍ଷ୍ମ ଶରୀରର ନାମ ଓ ଉପାଧି ସହିତ ସଙ୍ଗ ହୋଇ ରହେ, ତାହା ପ୍ରକୃତିସ୍ଥ ଦଶା ।  ଯଦିଓ ଜୀବାତ୍ମା ଜଡ ଶରୀରଠାରୁ ସମ୍ପୂର୍ଣ୍ଣ ଭିନ୍ନ, ତଥାପି କୌଣସି ପ୍ରକାରେ ସେ ଏହି ଭୂତ ପ୍ରକୃତି ସହିତ ସଂଶ୍ଳିଷ୍ଟ ହୋଇ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଦୁଃଖ ପ୍ରାପ୍ତ ହୋଇଥାଏ । ଏହାର ବିପରୀତ ସ୍ୱସ୍ଥ ଦଶାରେ, ଜୀବାତ୍ମା ଯେବେ  ପ୍ରାକୃତ ଅଭିମାନରୁ ରହିତ ହୋଇ କ୍ଷେତ୍ର ସହିତ ସମ୍ବନ୍ଧିତ ନ ଥାଏ, ତେବେ ତାହାର ସଞ୍ଜ୍ଞା ଆଉ କ୍ଷେତ୍ରଜ୍ଞ ନ ହୋଇ ବ୍ରହ୍ମ ସ୍ୱରୂପ କୁହାଯାଏ, ଯାହା ପରମାତ୍ମାଙ୍କ ଠାରୁ ଅଭିନ୍ନ । ସେତେବେଳେ ସ୍ୱୟଂ ଭଗବାନ କ୍ଷେତ୍ରଜ୍ଞ ଅଟନ୍ତି ଏବଂ ସେହି ସ୍ଥିତିରେ ଆତ୍ମା ଓ ପରମାତ୍ମାର ଅଭେଦ ପ୍ରତିପାଦିତ ହୋଇଥାଏ । ଜୀବାତ୍ମା ଈଶ୍ୱରାଭିମୁଖୀ ହୋଇ, କ୍ରମଶଃ ମୋକ୍ଷ ସୁଖ ଏବଂ ତାହାପରେ ଭଗବତ୍ ସେବାନନ୍ଦ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଏ । କ୍ଷେତ୍ର-କ୍ଷେତ୍ରଜ୍ଞ ସମ୍ବନ୍ଧରେ ସ୍ୱାମୀ ଅଡଗାନନ୍ଦଜୀଙ୍କ

'ଯଥାର୍ଥ ଗୀତା'ରେ ବ୍ୟାଖ୍ୟା ହେଲା କି, ଶରୀରର ଅନ୍ତରାଳରେ ଅନ୍ତଃକରଣର ଦୁଇଟି ପ୍ରବୃତ୍ତି ରହିଛି । ଗୋଟିଏ ପରମ ଧର୍ମ ପରମାତ୍ମାରେ ପ୍ରବେଶ କରାଇ ପାରୁଥିବା ପୁଣ୍ୟମୟୀ ଦୈବୀ ସମ୍ପଦ ଏବଂ ଅନ୍ୟଟି ଆସୁରୀ ସମ୍ପଦ – ଦୂଷିତ ଦୃଷ୍ଟି କୋଣରେ ଯାହାର ଗଠନ ଏବଂ ଯାହା ନଶ୍ୱର ସଂସାରରେ ବିଶ୍ୱାସ ଜାତ କରାଇଥାଏ । ତେଣୁ ଏହି ଶରୀର ଏକ ସାଙ୍ଗରେ ଧର୍ମ କ୍ଷେତ୍ର ଏବଂ କୁରୁକ୍ଷେତ୍ର । ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ସାନ୍ନିଧ୍ୟରେ ଯେବେ କେହି ଅନନ୍ୟ ଭକ୍ତି ଦ୍ୱାରା ଆରାଧନାରେ ପ୍ରବୃତ୍ତ ହୁଏ, ତାହା ହେଲେ ଏହି ଦୁଇ ପ୍ରବୃତ୍ତି ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧର ସୂତ୍ରପାତ ହୋଇଯାଏ । କ୍ରମଶଃ ଦୈବୀ ସମ୍ପଦର ଉତ୍ଥାନ ଏବଂ ଆସୁରୀ ସମ୍ପଦର ବିନଷ୍ଟ ହୁଏ । ଏହାର ଉପରାନ୍ତ, ପରାମାତ୍ମାଙ୍କ ଦିଗ୍ଦର୍ଶନର ଅବସ୍ଥା ଆସିଯାଏ । ସାକ୍ଷାତ୍କାର ସହିତ ଦୈବୀ ସମ୍ପଦର ଆବଶ୍ୟକତା ସମାପ୍ତ ହୁଏ, ଅର୍ଥାତ୍ ତାହା ମଧ୍ୟ ପରମାତ୍ମା ସ୍ୱରୂପରେ ସ୍ୱତଃ ବିଲୀନ ହୋଇଯାଏ । ଏହି ବିଲୟର ପାଶ୍ଚାତ ପୁରୁଷର ଯେଉଁ ସ୍ୱରୂପ, ତାହା କ୍ଷେତ୍ରଜ୍ଞ । ସଂସାର ଦଶାରେ କ୍ଷେତ୍ର ଓ କ୍ଷେତ୍ରଜ୍ଞର ପୃଥକ୍ ପୃଥକ୍ ସ୍ଥିତିର ଜ୍ଞାନ ସହଜରେ ଉପଲବ୍ଧି ହୋଇ ନ ଥାଏ । ମୃତ ଶରୀରରେ ଯେବେ ଚେତନାର ଅଭାବ ପ୍ରତ୍ୟକ୍ଷ ରୂପେ ଦେଖାଯାଏ, ତେବେ ଏହା ନିଶ୍ଚୟ ହୋଇଯାଇ ଥାଏ କି, ଚେତନ ସ୍ୱରୂପ ଆତ୍ମା ଏହି ଶରୀର ଠାରୁ ପୃଥକ୍ । କେବଳ ଆତ୍ମାକୁ ଯେ ଜ୍ଞାତା ରୂପେ ବୁଝିପାରିଥାଏ, ତାହାକୁ କ୍ଷେତ୍ର ଓ କ୍ଷେତ୍ରଜ୍ଞର ପୃଥକ୍ ପୃଥକ୍ ଜ୍ଞାନ ପ୍ରାପ୍ତ ହୋଇଥାଏ ।

କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବ କ୍ଷେତ୍ରେଷୁ ଭାରତ ।
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ ଜ୍ଞାନଂ ମତଂ ମମ ॥୩॥

*ଅନ୍ୱୟ : ଭାରତ (ହେ ଅର୍ଜୁନ !) ସର୍ବ କ୍ଷେତ୍ରେଷୁ (ସମସ୍ତ କ୍ଷେତ୍ରରେ) ମାଂ ଅପି (ମୋତେ ଅର୍ଥାତ୍ ଭଗବାନଙ୍କୁ ହିଁ) କ୍ଷେତ୍ରଜ୍ଞଂ ବିଦ୍ଧି ( କ୍ଷେତ୍ରଜ୍ଞ ଜାଣ ) ଚ (ଏବଂ ) କ୍ଷେତ୍ର କ୍ଷେତ୍ରଜ୍ଞୟୋଃ (ଦେହ ରୂପ କ୍ଷେତ୍ର ତଥା ଜୀବ ଏବଂ ଇଶ୍ୱର ରୂପ କ୍ଷେତ୍ରଜ୍ଞର ) ଯତ୍ (ଯେଉଁ ) ଜ୍ଞାନଂ (ତତ୍ତ୍ୱଜ୍ଞାନ ଅଛି) ତତ୍ (ତାହା ହିଁ) ଜ୍ଞାନଂ (ପ୍ରକୃତ ଜ୍ଞାନ ) ମମ (ମୋର) ମତମ୍ (ଅଭିମତ) ।*

**ଭାବାର୍ଥ** : ହେ ଅର୍ଜୁନ ! ସମସ୍ତ କ୍ଷେତ୍ରରେ ମୋତେ ହିଁ କ୍ଷେତ୍ରଜ୍ଞ ଅର୍ଥାତ୍ ଦେହୀ ବୋଲି ତୁମେ ଜାଣ । ଦେହ ରୂପ କ୍ଷେତ୍ର ତଥା ଜୀବ ଏବଂ ଇଶ୍ୱର ରୂପ କ୍ଷେତ୍ରଜ୍ଞର ଯେଉଁ ତତ୍ତ୍ୱଜ୍ଞାନ, ମୋର ମତରେ ତାହା ହିଁ ପ୍ରକୃତ ଜ୍ଞାନ । ଭଗବାନ କହିଲେ; ସମସ୍ତ କ୍ଷେତ୍ରରେ ନିୟନ୍ତା ରୂପରେ ସ୍ଥିତ ମୋତେ ପରମାତ୍ମାଙ୍କୁ କ୍ଷେତ୍ରଜ୍ଞ ରୂପରେ ଜାଣ । ଏହି ଶରୀର ତଥା ସଂସାର ହେଉଛି କର୍ମ କ୍ଷେତ୍ର ଯାହାକୁ ପ୍ରକୃତି କୁହାଯାଏ । ଏହି ପ୍ରକୃତିର ଉପଭୋଗକାରୀ ହେଉଛି ଜୀବ । ଜୀବ ଆଉ ପ୍ରକୃତି-ଏହି ଉଭୟର ଉର୍ଦ୍ଧ୍ୱରେ ପରମ ନିୟନ୍ତା ଭଗବାନ ଅବସ୍ଥିତ । ସମସ୍ତ ଶରୀରରେ 'କ୍ଷେତ୍ରଜ୍ଞ' ହୋଇ କେବଳ ଏକ ହିଁ ଇଶ୍ୱର ଅନୁପ୍ରବିଷ୍ଟ ଅଟନ୍ତି । ଜୀବ ଶରୀରରେ ଅନୁପ୍ରବିଷ୍ଟ ଚୈତନ୍ୟ ହିଁ ଭଗବାନ । ଜୀବାତ୍ମା କେବଳ ତାର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଶରୀର ବିଷୟ ଜାଣେ ଏବଂ ଏହା ପୁଣି ସମ୍ପୂର୍ଣ୍ଣ ରୂପେ ନୁହେଁ । କିନ୍ତୁ ପରମ ପୁରୁଷ ଭଗବାନ ଯେ କି, ସମସ୍ତ ଶରୀରରେ ପରମାତ୍ମା ରୂପେ ବିଦ୍ୟମାନ, ସେ' ଭିନ୍ନ ଭିନ୍ନ ଜୀବାତ୍ମା ସ୍ୱରୂପ କ୍ଷେତ୍ରଜ୍ଞର ନିୟାମକ, ସଞ୍ଚାଳକ, ଅନ୍ତର୍ଯାମୀ ଏବଂ ସାକ୍ଷୀ ସ୍ୱରୂପ ଅଟନ୍ତି । ପରମାତ୍ମା ହିଁ ସମସ୍ତ ଜଡ ଜଗତରେ ପ୍ରଧାନ କ୍ଷେତ୍ରଜ୍ଞ 'ଇଶ୍ୱର' ନାମରେ ଅଭିହିତ । ତେଣୁ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି 'ମୁଁ ପରମ କ୍ଷେତ୍ରଜ୍ଞ ଅଟେ- ଅର୍ଥାତ୍ ଶ୍ରୀକୃଷ୍ଣ ମଧ୍ୟ ଏକ ଯୋଗେଶ୍ୱର ଅଟନ୍ତି । ଏହି ପ୍ରକାର କ୍ଷେତ୍ର ଏବଂ କ୍ଷେତ୍ରଜ୍ଞର ବିଚାର କରି, ଯାହାକୁ ଇଶ୍ୱର, ଜୀବ ଏବଂ

ଜଡ ଏହି ତିନି ତତ୍ତ୍ୱର ବୋଧ ହୋଇଥାଏ, ତାହାର ଜ୍ଞାନ ହିଁ ବିଜ୍ଞାନ ଅଟେ । ପୂର୍ବ ଶ୍ଳୋକରେ କ୍ଷେତ୍ରଜ୍ଞର ଅର୍ଥ 'ଜୀବାତ୍ମା' ବୋଲି ବୋଧ ହେଉଥିଲେ ମଧ୍ୟ, ଏହି ଶ୍ଳୋକରେ ଭଗବାନ ସର୍ବ ଅନ୍ତର୍ଯାମୀ, ସର୍ବେଶ୍ୱର, ସର୍ବନିୟନ୍ତା ତଥା ପରମାତ୍ମା ରୂପରେ ନିଜକୁ ହିଁ ସମ୍ପୂର୍ଣ୍ଣ କ୍ଷେତ୍ରଜ୍ଞ ବୋଲି ବତାଇଛନ୍ତି । ସଂସାରରେ ରହି ଏବଂ ସାଂସାରିକ ବ୍ୟବହାରର ପରିଚାଳନା କରିବାରେ ସମସ୍ତ ପ୍ରାଣୀ ନିଜ ଶରୀରକୁ ଆତ୍ମା ବୁଝିଥାନ୍ତି । ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି, ଅହଂକାର ପର୍ଯ୍ୟନ୍ତ ଯାହା ଶରୀରର ଅନୁଭବ ହୋଇଥାଏ, ତାହାକୁ ସମସ୍ତେ କର୍ତ୍ତା ଏବଂ ଭୋକ୍ତା ବୋଲି ବୁଝିଥାନ୍ତି । ଏହାତ ପ୍ରତ୍ୟକ୍ଷ ଅନୁଭବରେ ସିଦ୍ଧ କି, ଯିଏ ଶରୀରକୁ ହିଁ ଆତ୍ମା ବୁଝିଥାଏ, ତାହାକୁ କାମ, କ୍ରୋଧ, ରାଗ, ଦ୍ୱେଷ, ଜନ୍ମ-ମୃତ୍ୟୁର ହର୍ଷ ଶୋକ ଆଦି ଅବଶ୍ୟ ହୋଇଥାଏ । କିନ୍ତୁ ଯିଏ ଦେହଠାରୁ ଆତ୍ମାର ଭିନ୍ନତାକୁ ଉପଲବ୍ଧ କରିଥାଏ, ସେ କାମ, କ୍ରୋଧ, ରାଗ, ଦ୍ୱେଷ, ହର୍ଷ, ଶୋକ ଆଦି ଦ୍ୱନ୍ଦରୁ ମୁକ୍ତ ହୋଇଥାଏ । ତେଣୁ ଯେଉଁ ପ୍ରକାର ଅବିଦ୍ୟାରୁ ଉତ୍ପାଦିତ ଜରା, ମୃତ୍ୟୁ ଆଦିର ଆତ୍ମା ସହିତ କୌଣସି ସମ୍ବନ୍ଧ ନାହିଁ, ସେହି ପ୍ରକାରେ ସୁଖ, ଦୁଃଖ ଆଦିର ମଧ୍ୟ ଆତ୍ମା ସହିତ କୌଣସି ସମ୍ପର୍କ ନାହିଁ । ସାଧାରଣତଃ ଅଧିକାଂଶଙ୍କ ଏହି ଜ୍ଞାନ ରହି ନ ଥାଏ କି, ସମସ୍ତ କ୍ରିୟାର କର୍ତ୍ତା ଓ ଭୋକ୍ତା ଆଦି ଅନୁଭବତାର କାରଣ ଶରୀର ନୁହେଁ ବରଂ ଚେତନା ବା ଚିଦାଭାସ ଆତ୍ମା । ଏହି ଅଜ୍ଞାନ ରୂପକ ଆବରଣରେ ଆବଦ୍ଧ ହୋଇ ଆତ୍ମା ଅନେକ ଜନ୍ମ ଧରି ଜୀବାତ୍ମା ରୂପରେ ଜୀବ ଦେହରେ ବାସ କରି ଆସୁଅଛି । କିନ୍ତୁ ସର୍ବଦା, ଧ୍ୟାନ ଦେବାକୁ ହେବ କି, ଏହି ଆବରଣ ଦ୍ୱାରା ଆତ୍ମାର ନିଜ ସ୍ୱରୂପରେ କିଛି ମଧ୍ୟ ବିକାର ଉପସ୍ଥିତ ହୁଏ ନାହିଁ । ଯେପରି ସୂର୍ଯ୍ୟଙ୍କ ଉପରେ ମେଘ ଘୋଡାଇ ହୋଇ ରହିଲେ ମଧ୍ୟ ସୂର୍ଯ୍ୟଙ୍କ ପ୍ରକାଶରେ କୌଣସି ପରିବର୍ତ୍ତନ ଆସି ନଥାଏ । ଆତ୍ମାର ସହଜାତ ଧର୍ମ ହେଉଛି ପ୍ରକାଶିତ ହୋଇ ରହିବା । ଆତ୍ମାର ପ୍ରକାଶ ସତ୍ତା, ଚେତନା ଏବଂ ଆନନ୍ଦ ରୂପରେ ଉଦ୍ଭାସିତ ହୋଇଥାଏ । ଆତ୍ମାର ଧର୍ମର ପ୍ରତିବିମ୍ବ ଅଜ୍ଞାନ ଆବରଣ ଉପରେ ପଡିବା କାରଣରୁ ଆବରଣ ସଚେଷ୍ଟ ହେବାକୁ ଲାଗେ । ସଚ୍ଚେଷ୍ଟତା ଆସିବା କାଳରେ ବୁଦ୍ଧି ସକାରାତ୍ମ ହେଲେ ମନୁଷ୍ୟ ଆତ୍ମାଭିମୁଖୀ ହୁଏ କିନ୍ତୁ ନକାରାତ୍ମରେ ଆତ୍ମାର ବିମୁଖ ହୁଏ । ଅଧ୍ୟାତ୍ମ ପରିବେଶରେ ଅନ୍ତଃକରଣରେ ଆତ୍ମଚେତନାର ମାର୍ଗ ଉନ୍ମୁକ୍ତ ହେବାକୁ ଲାଗେ । ନିର୍ବିକାର ଏବଂ ଅକର୍ତ୍ତା ଚୈତନ୍ୟ ଆତ୍ମାକୁ ପ୍ରକୃତିର ସଙ୍ଗ କାରଣରୁ ଜନ୍ମମରଣଧର୍ମା, ଭୋକ୍ତା, କର୍ତ୍ତା ଆଦି ବୋଲି ସେହି ପର୍ଯ୍ୟନ୍ତ ବୁଝି ନିଆଯାଇଥାଏ, ଯେଉଁ ପର୍ଯ୍ୟନ୍ତ କି, ଆତ୍ମା ଏବଂ ଶରୀର ସମ୍ବନ୍ଧରେ ଅଜ୍ଞାନ ରହିଥାଏ । ଭ୍ରମ ରହିଥିବା କାରଣରୁ ରସିଟି ବାସ୍ତବରେ ସର୍ପ ହୋଇ ଯାଇ ନ ଥାଏ, ମାତ୍ର ଭ୍ରମ, ଭୟ ଆଦି ରୂପରେ ସେହି ଅଜ୍ଞାନର ପ୍ରଭାବ ଅବଶ୍ୟ ରହିଥାଏ । ଭ୍ରମ ଦୂର କରିବା ନିମନ୍ତେ ରଜ୍ଜୁ ଏବଂ ସର୍ପ ଉଭୟର ଜ୍ଞାନ ଆବଶ୍ୟକ । ସେହିପରି ଯେଉଁ କ୍ଷଣରେ ଅଜ୍ଞାନର ଆବରଣ ହଟି ଯାଇଥାଏ, ଆତ୍ମା ଉପରେ ପ୍ରତୀତ ହେଉଥିବା ମିଥ୍ୟା ଆରୋପିତ ଧର୍ମ ମଧ୍ୟ ସ୍ୱତଃ ନିବୃତ୍ତ ହୋଇଯାଏ । ଏହି ଶ୍ଳୋକରେ ଭଗବାନ କହିବା ଅଭିପ୍ରାୟ ଏହାକି, ସମସ୍ତ କ୍ଷେତ୍ରରେ ଯେଉଁ ଚେତନା ଆତ୍ମା କ୍ଷେତ୍ରଜ୍ଞ ଅଛି, ତାହା ମୋର ହି ଅଂଶ ହେବାର କାରଣରୁ ମୋ'ଠାରୁ ଭିନ୍ନ ନୁହେଁ । 'ମୁଁ' ପରମାତ୍ମା ହିଁ ଜୀବାତ୍ମା ରୂପରେ ବିଭିନ୍ନ ପ୍ରକାରରେ ପ୍ରତୀତ ହୋଇଅଛି । ଭକ୍ତି ପ୍ରକରଣରେ ଜୀବାତ୍ମା ଓ ପରମାତ୍ମାଙ୍କ ପୃଥକ୍ ପୃଥକ୍ ରୂପେ ସ୍ଥିତି ଭକ୍ତକୁ ଉପଲବ୍ଧ ହୋଇଥାଏ । ଜ୍ଞାନ ପ୍ରକରଣରେ କ୍ଷେତ୍ର(ଶରୀର) ଓ କ୍ଷେତ୍ରଜ୍ଞ ଅଭେଦ ଅଟନ୍ତି । ଏକ ବ୍ରହ୍ମ ହିଁ ଉପାଧି ଭେଦରେ କ୍ଷେତ୍ର ଓ କ୍ଷେତ୍ରଜ୍ଞ ରୂପରେ

ପ୍ରକଟିତ ଏବଂ କ୍ଷେତ୍ର କ୍ଷେତ୍ରଜ୍ଞ ଠାରୁ ଭିନ୍ନ ନୁହେଁ । ପ୍ରକୃତି ଈଶ୍ୱରଙ୍କ ହିଁ ଶକ୍ତି ତଥା ଶକ୍ତି ଏବଂ ଶକ୍ତିମାନ୍ ଅଭିନ୍ନ ହୋଇଥାନ୍ତି । ମନ, ବୁଦ୍ଧି, ଚିତ୍ତ ଓ ଅହଂକାର- ଏହି ଚାରିଗୋଟି ଅନ୍ତଃକରଣ ପ୍ରବୃତ୍ତି ମଧ୍ୟରୁ 'ମୁଁ' ରୂପକ ଅହଂକାର ହେଉଛି କ୍ଷେତ୍ର ଏବଂ ଏହି 'ମୁଁ' ରୂପକ ଅହଂକାରକୁ ଯାହା ଦ୍ୱାରା ଦେଖାଯାଏ ବା ଜାଣିହୁଏ, ସେହି ଜ୍ଞାତ ହେଉଛି ପ୍ରକାଶ ସ୍ୱରୂପ କ୍ଷେତ୍ରଜ୍ଞ । ସେହି ଅହଂକାରର ଜ୍ଞାତା 'କ୍ଷେତ୍ରଜ୍ଞ' ଭଗବାନଙ୍କ ସ୍ୱରୂପ ଅଟେ । ପରମାତ୍ମାଙ୍କ ସହିତ କ୍ଷେତ୍ରଜ୍ଞର ସ୍ୱାଭାବିକ ଏକତା ଥିଲେ ମଧ୍ୟ ଶରୀର ସହିତ ଏକତା ମାନିନେବାରୁ ଜୀବ ନିଜକୁ ପରମାତ୍ମାଙ୍କଠାରୁ ପୃଥକ୍ ମନେ କରେ । ସ୍ୱୟଂ ସଂସାର ଠାରୁ ଭିନ୍ନ ଏବଂ ପରମାତ୍ମାଙ୍କ ସହ ଅଭିନ୍ନ । ଏକ ମାତ୍ର କ୍ଷେତ୍ର ସମ୍ବନ୍ଧରୁ ଜୀବ କ୍ଷେତ୍ରଜ୍ଞ ଅଟେ । ମାତ୍ର ସମସ୍ତ କ୍ଷେତ୍ରରୁ ସମ୍ବନ୍ଧ ବିଚ୍ଛିନ୍ନ ହୋଇଗଲେ ଏହା 'ବ୍ରହ୍ମ' ଅଟେ । ନିଜର ନିର୍ବିକାର ସ୍ୱରୂପର ଅନୁଭବ କରିବା ନିମିତ୍ତ କ୍ଷେତ୍ର ଓ କ୍ଷେତ୍ରଜ୍ଞର ବିବେକରେ ଯେଉଁ ତତ୍ତ୍ୱ ଜ୍ଞାନ ହୋଇଥାଏ ସେହି ଜ୍ଞାନ ହି ବାସ୍ତବ ଜ୍ଞାନ ।

ତତ୍ କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍ ବିକାରି ଯତଶ୍ଚ ଯତ୍ ।
ସ ଚ ଯୋ ଯତ୍ ପ୍ରଭାବଶ୍ଚ ତତ୍ସମାସେନ ମେ ଶୃଣୁ ॥୪॥

*ଅନ୍ୱୟ: ତତ୍ କ୍ଷେତ୍ରଂ (ସେହି କ୍ଷେତ୍ର ) ଯତ୍ (ଯାହା) ଯାଦୃକ୍ ଚ (ଏବଂ ଯେଉଁ ପ୍ରକାର-ଯେଉଁ ଧର୍ମଯୁକ୍ତ ) ଯତ୍ ବିକାରି (ଯେଉଁ ଯେଉଁ ବିକାର ଯୁକ୍ତ ) ଯତଃ-ଚ-ଯତ୍ (ଯାହାଠାରୁ ଯାହା ଯେଉଁ ଭାବରେ ଓ ଯେଉଁ କାରଣରୁ ଉତ୍ପନ୍ନ) ଚ (ତଥା) ସଃ ଚ (ସେହି କ୍ଷେତ୍ରଜ୍ଞ) ଯଃ (ଯେଉଁ ସ୍ୱରୂପ ବିଶିଷ୍ଟ) ଯତ୍ ପ୍ରଭାବଃ ଚ (ଏବଂ ଯେଉଁ ପ୍ରଭାବ ସମ୍ପନ୍ନ ) ତତ୍ (ତାହା) ସମାସେନ (ସଂକ୍ଷେପରେ) ମେ (ମୋ'ଠାରୁ ) ଶୃଣୁ (ଶ୍ରବଣ କର ) ।*

**ଭାବାର୍ଥ**: ଭଗବାନ କହୁଛନ୍ତି; ହେ ଅର୍ଜୁନ ! କ୍ଷେତ୍ର ଯାହା ଏବଂ ଯେଉଁ ପ୍ରକାର ଅର୍ଥାତ୍ ଯେଉଁ ଇଚ୍ଛା, ଦ୍ୱେଷ ଆଦି ଧର୍ମ ଯୁକ୍ତ, ଯେଉଁ ଯେଉଁ ବିକାର ଯୁକ୍ତ, ଯାହାଠାରୁ ଯେଉଁ ପ୍ରକାରେ ଓ ଯେଉଁ କାରଣରୁ ଏହାର ସୃଷ୍ଟି ଏବଂ ସେହି କ୍ଷେତ୍ରଜ୍ଞ ସ୍ୱରୂପତଃ ଯାହା ଓ ଯେଉଁ ପ୍ରଭାବ ସମ୍ପନ୍ନ – ଏହା ମୋ'ଠାରୁ ସଂକ୍ଷେପରେ ଶ୍ରବଣ କର । କ୍ଷେତ୍ର କଣ- ଆକାର ଓ ଗଠନ କିପରି – ଯେଉଁ ସବୁ ବିକାର ଯୁକ୍ତ – ଏବଂ କ୍ଷେତ୍ରର ଉତ୍ପନ୍ନ ଓ ପରିବର୍ତ୍ତନଶୀଳତା-ଏହି ଚାରିଗୋଟି କ୍ଷେତ୍ର ସମ୍ବନ୍ଧରେ ଏବଂ କ୍ଷେତ୍ରଜ୍ଞ ସ୍ୱରୂପତଃ କ'ଣ ଏବଂ ଯେଉଁ ପ୍ରଭାବ ସମ୍ପନ୍ନ – ଏହି ଦୁଇଟି କ୍ଷେତ୍ରଜ୍ଞ ସମ୍ବନ୍ଧରେ ଭଗବାନ ଅର୍ଜୁନଙ୍କୁ ସମ୍ପୂର୍ଣ୍ଣ ଅଧ୍ୟାୟରେ ବୁଝାଇଛନ୍ତି । ଅର୍ଜୁନ କ୍ଷେତ୍ର-କ୍ଷେତ୍ରଜ୍ଞ, ପୁରୁଷ-ପ୍ରକୃତି ଏବଂ ଜ୍ଞାନ-ଜ୍ଞେୟ ସମ୍ବନ୍ଧରେ ଅଧ୍ୟାୟର ଆରମ୍ଭରେ ଯାହା ପଚାରିଛନ୍ତି, ତାହାର ସମାଧାନ ନିମିତ୍ତ ଭଗବାନ କ୍ଷେତ୍ର କ୍ଷେତ୍ରଜ୍ଞର ଉପୋରକ୍ତ ଛଅ ଗୋଟି ସମ୍ବନ୍ଧରେ କହିବାକୁ ଇଛା କରୁଛନ୍ତି । ଭଗବାନ କହିଥିବା ଉକ୍ତି ନିମ୍ନ ପ୍ରକାରେ ଅଧ୍ୟାୟରେ ବର୍ଣ୍ଣନା ହୋଇଛି । କ୍ଷେତ୍ର ଯାହା : ଜଡ ଓ ଦୃଶ୍ୟ ସ୍ୱଭାବ – ମହାଭୂତରେ ଗଠନ ଓ ପରିବର୍ତ୍ତନଶୀଳ- ପ୍ରାଣ କୋଷ ତଥା ଇନ୍ଦ୍ରିୟଙ୍କ ସଙ୍ଘାତ ରୂପ – ଉତ୍ପତ୍ତି ଓ ବିନାଶଶୀଳ । କ୍ଷେତ୍ର ଯେପରି: ଇଚ୍ଛା, ଦ୍ୱେଷ ଆଦି ଧର୍ମ ଯୁକ୍ତ । କ୍ଷେତ୍ର ଯେଉଁ ବିକାର ଯୁକ୍ତ : ଇନ୍ଦ୍ରିୟାଦି ଗୁଣାଭାସ, କ୍ଷେତ୍ରଜ୍ଞର ସମ୍ବନ୍ଧ କାରଣରୁ ଦେହାଭିମାନ ବଶତଃ ସୁଖ-ଦୁଃଖ, ପ୍ରିୟ-ବୈରୀ ଆଦି ବିକାର ଯୁକ୍ତ । କ୍ଷେତ୍ରର ଉତ୍ପନ୍ନ ଏବଂ କାରଣ : ପ୍ରକୃତି ଓ ପୁରୁଷର ସଂଯୋଗ ବଶତଃ ଉତ୍ପନ୍ନ –ସ୍ଥାବର-ଜଙ୍ଗମ ଆଦି ରୂପରେ ଭିନ୍ନ – ଅପରା ପ୍ରକୃତି ଓ ତିନିଗୁଣରୁ ଉତ୍ପନ୍ନ । କ୍ଷେତ୍ରଜ୍ଞ ସ୍ୱରୂପତଃ ଯାହା : କ୍ଷେତ୍ରର ନିୟନ୍ତ୍ରଣକାରୀ ଜୀବାତ୍ମା - ଅଧିଯଜ୍ଞ ତଥା ସର୍ବବ୍ୟାପ୍ତ ରୂପେ ପରମାତ୍ମା । କ୍ଷେତ୍ରଜ୍ଞ ଯେଉଁ ପ୍ରଭାବ ସମ୍ପନ୍ନ

:– ଅଂଶୀ ଭାବରେ ପରମାତ୍ମା ସହିତ ସମ୍ବନ୍ଧ ଏବଂ କ୍ଷେତ୍ରରେ ନିବାସ କରି କ୍ଷେତ୍ରଠାରୁ ଅନ୍ତର- କ୍ଷେତ୍ର ସହିତ ତଦାତ୍ମ୍ ହୋଇ  କର୍ତ୍ତା ଓ ଭୋକ୍ତା ରୂପେ ଅଭିହିତ ଏବଂ କ୍ଷେତ୍ର-କ୍ଷେତ୍ରଜ୍ଞର ଅନ୍ତର ଜ୍ଞାନ ଚକ୍ଷୁରେ ଅନୁଭବ ଦ୍ୱାରା ଆଂଶିକ ବା ଗୌଣ କ୍ଷେତ୍ରଜ୍ଞର ମୂଳ କ୍ଷେତ୍ରଜ୍ଞ ସହିତ ଏକାକାର ।

ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍  ।
ବ୍ରହ୍ମସୂତ୍ରପଦୈଶ୍ଚୈବ      ହେତୁମଦ୍ଭିର୍ବିନିଶ୍ଚିତୈଃ ॥୫॥

*ଅନ୍ୱୟ: ଋଷିଭିଃ (ମୁନି ଋଷିମାନଙ୍କ ଦ୍ୱାରା ) ବିବିଧୈଃ ଛନ୍ଦୋଭିଃ (ଋଗାଦି ବେଦର ଋଚାମାନଙ୍କ ଦ୍ୱାରା ବିବିଧ ପ୍ରକାରରେ) ପୃଥକ୍ ( ପୃଥକ୍ ଭାବରେ) ବହୁଧା (ବିସ୍ତୃତ ଭାବରେ) ଗୀତମ୍ (ଏହି କ୍ଷେତ୍ରଜ୍ଞ ତତ୍ତ୍ୱ କୁହାଯାଇଛି) ହେତୁମଦ୍ଭିଃ (ଯୁକ୍ତିଯୁକ୍ତ) ବିନିଶ୍ଚିତୈଃ (ସଂଶୟଶୂନ୍ୟ ଭାବେ-ନିର୍ଣ୍ଣିତ ଭାବେ ) ବ୍ରହ୍ମସୂତ୍ରପଦୈଃ ('ବ୍ରହ୍ମସୂତ୍ର'ର ପଦ ସମୂହ ଦ୍ୱାରା ମଧ୍ୟ) ଏବ ଚ (ବର୍ଣ୍ଣିତ ହୋଇଛି ) ।*

**ଭାବାର୍ଥ**: ଏହି କ୍ଷେତ୍ର କ୍ଷେତ୍ରଜ୍ଞର ତତ୍ତ୍ୱ ଋଷି ମୁନି ମାନଙ୍କ ଦ୍ୱାରା ଅନେକ ପ୍ରକାରରେ ପୃଥକ୍ ପୃଥକ୍ ଭାବରେ ବର୍ଣ୍ଣିତ ହୋଇଅଛି । କଠ ଉପନିଷଦରେ ଆତ୍ମା, ପରମାତ୍ମା ଏବଂ ଶରୀର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଯାଇଛି ।, ଏହି ତତ୍ତ୍ୱକୁ ଋକ୍ ଆଦି ବେଦ-ଚତୁଷ୍ଟୟର ନାନା ଶାଖା ବିଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି । ଏହି ସମସ୍ତ ବିଭିନ୍ନ ମତର ସାମଞ୍ଜସ୍ୟ ଓ ସମନ୍ୱୟ କରି ବେଦବ୍ୟାସ ବେଦାନ୍ତ ଦର୍ଶନ ବା ବ୍ରହ୍ମସୂତ୍ର ରଚନା କରିଛନ୍ତି । ବ୍ରହ୍ମସୂତ୍ର ରୂପକ ପଦ ବା ବାକ୍ୟ ସମୂହ ଦ୍ୱାରା ଏହି ତତ୍ତ୍ୱ ଯୁକ୍ତିଯୁକ୍ତ ରୂପେ ନିର୍ଣ୍ଣିତ ହୋଇଅଛି । ଏହି ବ୍ରହ୍ମସୂତ୍ରର ଅନ୍ୟ ନାମ ଉତ୍ତରମୀମାଂସା  ଦର୍ଶନ ଏବଂ ତହିଁରେ କ୍ଷେତ୍ରଜ୍ଞ ବିଚାର  ଅଛି ବୋଲି ଏହି ଗ୍ରନ୍ଥକୁ ଶାରୀରିକ ସୂତ୍ର ମଧ୍ୟ କୁହାଯାଏ । ବ୍ରହ୍ମ ବେଦର ପ୍ରତିପାଦ୍ୟ ଅଟେ । ଏଣୁ ବ୍ରହ୍ମ ଅଶବ୍ଦ ଅର୍ଥାତ୍ ଶବ୍ଦାତୀତ ନୁହେଁ । 'ଇକ୍ଷତେର୍ନାଶବ୍ଦମ୍' ଏବଂ 'ଆନନ୍ଦମୟୋ ଅଭ୍ୟାସାତ୍' ଆଦି ସୂତ୍ରରେ ଏହି ସିଦ୍ଧାନ୍ତକୁ ପୁଷ୍ଟି କରାଯାଇଅଛି କି, ବ୍ରହ୍ମକୁ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଜାଣି ହୋଇପାରିବ  ଏବଂ ଅନୁଭବ ମଧ୍ୟ କରା ଯାଇପାରିବ । ବ୍ରହ୍ମାନୁଭୂତି ଲାଭ କରିବାର ପାଞ୍ଚଟି ସ୍ତର ରହିଅଛି । ଏହି ପାଞ୍ଚଟି ମଧ୍ୟରୁ ଅନ୍ନମୟ, ପ୍ରାଣମୟ ଏବଂ ଜ୍ଞାନମୟ - ଏହି ତିନୋଟି ହେଲା ଜୀବର କର୍ମ କ୍ଷେତ୍ର (ଶରୀର) ଅନ୍ତର୍ଗତ, ଯାହା ପରମେଶ୍ୱରଙ୍କ ଶକ୍ତିର ପ୍ରକାଶ । ଜୀବର ଅନ୍ନଶକ୍ତି ଦ୍ୱାରା ପ୍ରସ୍ତୁତ କ୍ଷେତ୍ରରେ ପ୍ରାଣଶକ୍ତି ସଞ୍ଚାର କାରଣରୁ ପ୍ରାଣଶକ୍ତି ଭାବିବା, ଅନୁଭବ କରିବା ଓ ଇଚ୍ଛା କରିବା ସ୍ତରକୁ ବୃଦ୍ଧିପାଏ । ସେ ସ୍ତର ହେଲା ମନୋମୟ ବା ଜ୍ଞାନମୟ ସ୍ତର । ତତ୍ପରେ ଜୀବର ମନ ଓ ପ୍ରାଣଶକ୍ତିର ଅନ୍ତରାଳରେ ଅନ୍ୟ ଏକ ସ୍ୱତନ୍ତ୍ର ସତ୍ତାର ଅନୁଭୂତ ହୁଏ ଯାହା ବ୍ରହ୍ମାନୁଭୂତି ବା ଆତ୍ମାନୁଭୂତି । ଏହି ଅନୁଭୂତିକୁ ବିଜ୍ଞାନମୟ ସ୍ତର  କୁହାଯାଏ । ଏହି ବିଜ୍ଞାନମୟ ପୁରୁଷ ଶରୀର ରୂପୀ କ୍ଷେତ୍ରର ଜ୍ଞାତା ଅର୍ଥାତ୍ ଗୌଣ କ୍ଷେତ୍ରଜ୍ଞ ଅଟନ୍ତି । ସମସ୍ତଙ୍କଠାରୁ  ଭିନ୍ନ ଏବଂ ସର୍ବୋଚ୍ଚ ସ୍ତର ହେଲା ଆନନ୍ଦମୟ ସ୍ତର । ସମସ୍ତଙ୍କ ଅନ୍ତର୍ଯାମୀ ପରମପୁରୁଷ ଭଗବାନ ସ୍ୱଭାବତଃ ଆନନ୍ଦମୟ ଏବଂ ତାଙ୍କରି ଏହି ଦିବ୍ୟ ଆନନ୍ଦକୁ ଅନୁଭବ କରିବା ନିମିତ୍ତ ସେ ନିଜକୁ ବିଜ୍ଞାନମୟ, ଜ୍ଞାନମୟ, ପ୍ରାଣମୟ ଓ ଅନ୍ନମୟ ସ୍ତରକୁ ବିସ୍ତାର କରନ୍ତି । ଏହି ଆନନ୍ଦମୟ ପୁରୁଷ  ହିଁ ପରମେଶ୍ୱେର, ସର୍ବନିୟନ୍ତା, ସାକ୍ଷୀ ଏବଂ ମୂଳ କ୍ଷେତ୍ରଜ୍ଞ  ଅଟନ୍ତି । ଜୀବ ଯଦି ନିଜକୁ ଆନନ୍ଦମୟ ସ୍ତରରେ ରଖି ପରମାନନ୍ଦମୟ ପରମାତ୍ମାଙ୍କ ସାନ୍ନିଧ ଉପଲବ୍ଧର ଇଚ୍ଛା କରେ, ତାହାହେଲେ ସେ ପୂର୍ଣ୍ଣତା ପ୍ରାପ୍ତକରେ ।  ପରମାନନ୍ଦମୟ ବ୍ରହ୍ମର ଭକ୍ତି ସହିତ ଅନୁଶୀଳନରେ ବ୍ରହ୍ମର ଦର୍ଶନ ଅନୁଭବ କରାଯାଇ ପାରିବ ।

ମହାଭୂତାନ୍ୟହଙ୍କାରୋ  ବୁଦ୍ଧିରବ୍ୟକ୍ତମେବ  ଚ ।
ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ ॥୬॥
ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ॥୭॥

*ଅନ୍ୱୟ: ମହାଭୂତାନି (ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ-ଏହି ଅପଞ୍ଚୀକୃତ ପଞ୍ଚ ମହାଭୂତ) ଅହଂକାର (ପଞ୍ଚ ମହାଭୂତର କାରଣ- ସମଷ୍ଟି ଅହଂକାର-ସ୍ୱରୂପ ଅହଂକାର) ବୁଦ୍ଧିଃ (ସମଷ୍ଟି ବୁଦ୍ଧି-ଜ୍ଞାନାତ୍ମକ ମହତତ୍ତ୍ୱ [ଅଧ୍ୟବସାୟାତ୍ମିକା]) ଅବ୍ୟକ୍ତ ଏବ ଚ (ଏବଂ ଏହାର କାରଣଭୂତ ମୂଳ ପ୍ରକୃତି) ଦଶ ଇନ୍ଦ୍ରିୟାଣି ( ପାଞ୍ଚ କର୍ମ ଇନ୍ଦ୍ରିୟ ଏବଂ ପାଞ୍ଚ ଜ୍ଞାନଇନ୍ଦ୍ରିୟ ସମୂହ) ଏକମ୍ ଚ (ଏବଂ ଏକ ମନ) ପଞ୍ଚ ଇନ୍ଦ୍ରିୟ ଗୋଚରାଃ (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଆଦି ପାଞ୍ଚ ଇନ୍ଦ୍ରିୟ ବିଷୟ) ଇଚ୍ଛା (ଇଚ୍ଛା- ସ୍ପୃହା) ଦ୍ୱେଷ (ଦ୍ୱେଷ- ଅପ୍ରୀତି) ସୁଖଂ (ସୁଖ) ଦୁଃଖଂ (ଦୁଃଖ) ସଂଘାତଃ (ଦେହ ଇନ୍ଦ୍ରିୟ ସଂହତି ଅର୍ଥାତ୍ ସ୍ଥୂଳ ପିଣ୍ଡ ଶରୀର) ଚେତନା (ଜ୍ଞାନାତ୍ମିକା ମନୋବୃତ୍ତି) ଧୃତିଃ (ଧୈର୍ଯ୍ୟ ) ସବିକାରମ୍ (ଏହି ସବୁ ବିକାର ବିଶିଷ୍ଟ )ଏତତ୍ କ୍ଷେତ୍ରମ୍ (ଏହି କ୍ଷେତ୍ର) ସମାସେନ (ସଂକ୍ଷେପରେ) ଉଦାହୃତମ୍ (କୁହାଯାଇଛି ) ।*

**ଭାବାର୍ଥ**: ଏହି ଦୁଇଟି ଶ୍ଳୋକରେ ବିକାର ସହିତ କ୍ଷେତ୍ରର ସ୍ୱରୂପ ଭଗବାନ କହିଛନ୍ତି । ଷଷ୍ଠ ଶ୍ଳୋକରେ ସମଷ୍ଟି ସଂସାର ଏବଂ ସପ୍ତମ ଶ୍ଳୋକରେ ବ୍ୟଷ୍ଟି ଶରୀରର ବିକାର ଗୁଡିକ ବର୍ଣ୍ଣନା କରାଯାଇଛି । ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ-ଏହି ପାଞ୍ଚ ମହାଭୂତ, ସମଷ୍ଟି ଅହଂକାର, ସମଷ୍ଟି ବୁଦ୍ଧି ବା ମହତତ୍ତ୍ୱ, ମୂଳ ପ୍ରକୃତି, ଦଶ ଇନ୍ଦ୍ରିୟ, ଏକ ମନ, ରୂପ, ରସ, ଶବ୍ଦ, ଗନ୍ଧ, ସ୍ପର୍ଶ ଆଦି ପଞ୍ଚ-ଇନ୍ଦ୍ରିୟ ଭୋଗ୍ୟ ବିଷୟ, ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ପିଣ୍ଡ ଶରୀର, ଚେତନା (ଜ୍ଞାନମ୍ରିକା ମନୋବୃତ୍ତି) ଏବଂ ଧୈର୍ଯ୍ୟ – ଏହି ସମସ୍ତ ପଦାର୍ଥ ଏବଂ ସବିକାର ବସ୍ତୁ ସମୂହ ସଂକ୍ଷେପତଃ 'କ୍ଷେତ୍ର' ପଦ ଦ୍ୱାରା ଅଭିହିତ ହୋଇଥାଏ । ଏଠାରେ 'ମହାଭୂତାନୀ' ପଦଟି ଅପଞ୍ଚିକୃତ ମହାଭୂତର ବାଚକ ଯାହାକୁ ସୂକ୍ଷ୍ମ ମହାଭୂତ କୁହାଯାଏ । ପ୍ରତ୍ୟେକ ମହାଭୂତ ନିଜର ଅର୍ଦ୍ଧେକ ସହ ଅନ୍ୟ ଚାରୋଟିର ଏକଅଷ୍ଟାଂଶ ଲେଖାଏ ଯେଉଁ ମିଶ୍ରଣ ହୁଏ, ତାହାକୁ ପଞ୍ଚିକୃତ ସ୍ଥୂଳ ମହାଭୂତ କୁହନ୍ତି- ଯାହା ଇନ୍ଦ୍ରିୟ ଗ୍ରାହ୍ୟ ଅଟେ । ଈଶ୍ୱରଙ୍କ ଅନେକ ରୂପରେ ପ୍ରକଟ ହେବାର ଇଚ୍ଛାର ନାମ ଅହଂକାର । 'ଏକୋଅହଂମ ବହୁସ୍ୟାମ୍'- ଏହି ପ୍ରକାର ଈଶ୍ୱରଙ୍କ ଆତ୍ମ ପ୍ରେରଣରୁ ଅହଙ୍କାରର ଉଦ୍ଭବ । ତତ୍ପଶ୍ଚାତ୍ ଅହଙ୍କାରରୁ ଆକାଶ, ବାୟୁ ଆଦି ପଞ୍ଚମହାଭୂତ ଉତ୍ପନ୍ନ ହୋଇଛନ୍ତି । ପଞ୍ଚ ମହାଭୂତ ସୂକ୍ଷ୍ମ ଅହଙ୍କାରର ସ୍ଥୂଳ ପ୍ରକାଶ ଅଟେ । ଅହଙ୍କାରର ଉତ୍ପାଦକ ସମଷ୍ଟି ବୁଦ୍ଧି ବା ମହତ୍ତତ୍ତ୍ୱ ଯାହା ବ୍ୟଷ୍ଟି ଶରୀରରେ ଅନ୍ତଃକରଣର ମଧ୍ୟ ଏକ ଅଂଶ । ଅନ୍ତଃକରଣରେ 'ନିଶ୍ଚିତତା' ହେଉଛି ସମଷ୍ଟି ବୁଦ୍ଧିର ସ୍ୱରୂପ । ଜୀବନ ଶକ୍ତି ବା ପ୍ରାଣଶକ୍ତି ବୁଦ୍ଧି ସହାୟତାରେ ପ୍ରକାଶିତ । ତ୍ରିଗୁଣମୟୀ ଅବ୍ୟକ୍ତ ଭୂତ ପ୍ରକୃତି ହେଉଛି ମୂଳ ପ୍ରକୃତି ଏବଂ ଏହା ବୁଦ୍ଧି ବା ମହତ୍ତତ୍ତ୍ୱର ଉତ୍ପାଦକ । ମନକୁ ଅନ୍ତର୍ଦ୍ଦେଶୀୟ ଇନ୍ଦ୍ରିୟ ବୋଲି କୁହାଯାଇଛି । ମନ ହେଉଛି ସମଷ୍ଟି ଅନ୍ତଃକରଣର ମନନ କରିପାରୁଥିବା ଶକ୍ତି ବିଶେଷ ଏବଂ ସଂକଳ୍ପ ଓ ବିକଳ୍ପ ଏହାର ସ୍ୱରୂପ । ସାଙ୍ଖ୍ୟ ଦର୍ଶନ ମତରେ ମହତ୍ ଆଦି ଚବିଶ ତତ୍ତ୍ୱ ସମନ୍ୱିତ ଦେହାଦି ସ୍ଥୂଳ ଜଗତ ପ୍ରକୃତିର ହିଁ ବିକାର । ଅବ୍ୟକ୍ତ ପ୍ରକୃତି ହିଁ ଜଗତର ମୂଳ କାରଣ । ପ୍ରକୃତି ଓ ପୁରୁଷର ସଂଯୋଗରେ ହିଁ ଜଗତର ସୃଷ୍ଟି । ମୂଳ ପ୍ରକୃତି, ବୁଦ୍ଧି(ମହତ୍ତତ୍ତ୍ୱ), ଅହଙ୍କାର, ଦଶ ଇନ୍ଦ୍ରିୟ, ଏକମନ, ପଞ୍ଚ ତନ୍ମାତ୍ରା, ଆକାଶ ଆଦି ସୂକ୍ଷ୍ମ ପଞ୍ଚ ମହାଭୂତ-ଏହି ଚବିଶ ତତ୍ତ୍ୱ ଦେହର

ଉପାଦାନ । ଶରୀରଟି ଏହି ଚବିଶଟି ତତ୍ତ୍ୱର ପ୍ରତିନିଧି ସୂଚକ ପ୍ରକାଶ । ଏହି ଚବିଶ ତତ୍ତ୍ୱର ବିଶ୍ଳେଷଣରେ ଏହା ସିଦ୍ଧ ହୋଇଥାଏ କି, ପିଣ୍ଡ ଶରୀର ଏବଂ ବ୍ରହ୍ମାଣ୍ଡ ମଧ୍ୟରେ ଅନ୍ତର ନାହିଁ । ସମୁଦ୍ରରେ ଦେଖାଯାଉଥିବା ତରଙ୍ଗ ଯେପରି ସମୁଦ୍ର ଜଳଠାରୁ ପୃଥକ ନୁହେଁ, ବ୍ୟଷ୍ଟି ଶରୀର ଓ ସମଷ୍ଟି ସଂସାର ପରସ୍ପର ପୃଥକ ନୁହନ୍ତି । ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ପଞ୍ଚ-ମହାଭୂତର ପରିଣାମ ପିଣ୍ଡ ଶରୀର, ଚେତନା ଅର୍ଥାତ୍ ଜ୍ଞାନମୟ ମନୋବୃତ୍ତି, ଧୈର୍ଯ୍ୟ- ଏ ସମସ୍ତ ମନୋଗତ ବିକାର ଅଟନ୍ତି - ଆତ୍ମଧର୍ମ ନୁହନ୍ତି । ଶ୍ରୁତିରେ ମଧ୍ୟ କୁହାଯାଇଛି କି, କାମ-ସଂକଳ୍ପ, ସନ୍ଦେହ, ଶ୍ରଦ୍ଧା, ଅଶ୍ରଦ୍ଧା, ଧୈର୍ଯ୍ୟ, ବିରକ୍ତି, ଲଜ୍ଜା, ବୁଦ୍ଧି, ଭୟ –ଏ ସବୁ ମନୋମୟ । ମନଦ୍ୱାରା କ୍ଷେତ୍ରର ଏହି ସମସ୍ତ ଧର୍ମ ପ୍ରଦର୍ଶିତ ହୋଇଥାଏ । 'ଇଚ୍ଛା' ଅନ୍ତଃକରଣର ଏକ ବିକାର । ଯେଉଁ ପଦାର୍ଥ, ବ୍ୟକ୍ତି କିମ୍ବା ପରିସ୍ଥିତି ସୁଖର କାରଣ ବା ଦୁଃଖ ନାଶକ ବୋଲି ଧାରଣା ହୋଇଥାଏ, ତାହା ପ୍ରାପ୍ତି ନିମିତ୍ତ ଯେଉଁ ଆସକ୍ତି ଯୁକ୍ତ କାମନା ହେଉଛି 'ଇଚ୍ଛା' । ଇଚ୍ଛାର ବାସନା, ତୃଷ୍ଣା, ଆଶା, ଲାଳସା ଏବଂ ସ୍ପୃହା- ଏହିପରି ଅନେକ ସ୍ଥୂଳ ରୂପ ରହିଛି । ସମସ୍ତ ପାପ ଓ ଦୁଃଖ କେବଳ ସାଂସାରିକ ଇଚ୍ଛାରୁ ହିଁ ଜାତ । ଯେଉଁ ସବୁ ପଦାର୍ଥ ଦୁଃଖର କାରଣ ବା ସୁଖ ପ୍ରାପ୍ତିର ବାଧକ ବୋଲି ଧାରଣା ହୋଇଥାଏ, ତାହାର ନାମ 'ଦ୍ୱେଷ' । ଅନ୍ୟ ଅର୍ଥରେ କାମନା ଓ ଅଭିମାନରେ ବ୍ୟାଘାତ ସୃଷ୍ଟି ହେଲେ, ଅନ୍ତଃକରଣରେ କ୍ରୋଧର ଯେଉଁ ସୂକ୍ଷ୍ମ ସ୍ୱରୂପ ରହେ, ତାହାକୁ ଦ୍ୱେଷ କୁହନ୍ତି । ବୈରୀ, ଈର୍ଷା, ଘୃଣା ଏବଂ କ୍ରୋଧ ଆଦି ଦ୍ୱେଷ ଭାବର ସ୍ଥୂଳ ରୂପ । ଅନୁକୂଳ ପ୍ରାପ୍ତି ଏବଂ ପ୍ରତିକୂଳ ନିବୃତ୍ତିରେ ଅନ୍ତଃକରଣରେ ଯେଉଁ ପ୍ରସନ୍ନତା ବୃତ୍ତି ହୁଏ, ତାହାର ନାମ 'ସୁଖ' । ଏହା ମନକୁ ସୁହାଇ ଥାଏ । ପ୍ରତିକୂଳର ପ୍ରାପ୍ତି ଏବଂ ଅନୁକୂଳର ବିନାଶରେ ଅନ୍ତଃକରଣରେ ଯେଉଁ ବ୍ୟାକୁଳତା ହୁଏ, ତାହା 'ଦୁଃଖ' ଏବଂ ଏହା ମନକୁ କେବେ ସୁହାଇ ନଥାଏ । ସୁଖ ଓ ଦୁଃଖର ଜ୍ଞାନ ହେବା ଦୋଷାବହ ନୁହେଁ, ବରଂ ଉତ୍ଫୁଲତା କିମ୍ବା ବ୍ୟାକୁଳତାରେ ମନ ପ୍ରଭାବିତ ହେବା ଦୋଷାବହ । ପଞ୍ଚଭୂତରେ ନିର୍ମିତ ଇନ୍ଦ୍ରିୟାଦିର ସାମୁହିକ ସ୍ଥୂଳ ଶରୀର ପିଣ୍ଡ ହେଉଛି 'ସଙ୍ଘାତ' ଯାହା ମୃତ୍ୟୁପରେ ସୂକ୍ଷ୍ମ ଶରୀର ଅଭାବରୁ ମୁର୍ଦ୍ଦାର ରୂପେ ପଡି ରହିଥାଏ । ଚେତନା ଓ ଧୈର୍ଯ୍ୟ ଜରିଆରେ ଶରୀର ମଧ୍ୟରେ ରହିଥିବା ଜୀବନ-ଶକ୍ତି ପ୍ରକାଶିତ ହୋଇଥାଏ । ଶରୀରରେ ଯେଉଁ ପ୍ରାଣ ସଞ୍ଚାଳିତ ହେଉଛି, ତାହା 'ଚେତନା' । ଅନ୍ତଃକରଣରେ ଯେଉଁ ଜ୍ଞାନ ଶକ୍ତି, ତାହା ହେଉଛି 'ଚେତନା' ଯାହାଦ୍ୱାରା ସୁଖ, ଦୁଃଖ ଏବଂ ସମସ୍ତ ପଦାର୍ଥର ଅନୁଭବ ହୋଇଥାଏ । ଚେତନାର ଅର୍ଥ ଆତ୍ମା ନୁହେଁ । ଚେତନା ହେଉଛି ଆତ୍ମାର ପ୍ରତିବିମ୍ବ ଯାହା ଚିଦାଭାସ । ଚିଦାଭାସ ବା ଚେତନା ଦ୍ୱାରା ହିଁ ଶରୀର ଚଳନଶୀଳ । ମନ ଅଥବା ଅନ୍ତଃକରଣ ହିଁ ଆତ୍ମାର ଚିଦ୍ ଶକ୍ତିର ଆଭାସକୁ ପ୍ରତିଫଳିତ କରିବାକୁ ସମର୍ଥ ହୋଇଥାଏ, ଯାହା ଏକ ମୁର୍ଦ୍ଦାର ଶରୀରରେ ଘଟି ନ ଥାଏ । ସୂକ୍ଷ୍ମ ଶରୀର ନ ରହିଲେ, ଚିଦାଭାସ ପ୍ରତିଫଳିତ ହେବ ନାହିଁ । ଏହି 'ଚେତନା' ବିକାର ରୂପେ କ୍ଷେତ୍ରର ଅନ୍ତର୍ଗତ । ବିଶୁଦ୍ଧ ଆତ୍ମା ସ୍ୱରୂପରେ ଉର୍ଜାଶକ୍ତି ରୂପେ ଯେଉଁ ଚେତନ, ତାହା ଅନ୍ତଃକଣରେ ବିକାର ରୂପେ ପ୍ରତିବିମ୍ବିତ ଚେତନା ଠାରୁ ପୃଥକ୍ । ଅଗ୍ନିରେ ନିରନ୍ତର ତତା ଯାଉଥିବା ଲୌହପିଣ୍ଡ ଅଗ୍ନି ସାଦୃଶ୍ୟ ଲାଲ ଓ ଉତ୍ତପ୍ତ ପ୍ରାପ୍ତ ହୋଇଥାଏ । ସେହିପରି ଆତ୍ମାର ନିତ୍ୟ ସଂସର୍ଗରେ ଶରୀର ରୂପ କ୍ଷେତ୍ର ମଧ୍ୟ ଚେତନ ସାଦୃଶ୍ୟ ଶକ୍ତି ପ୍ରାପ୍ତ କରିଥାଏ । 'ଧୃତି ବା ଧୈର୍ଯ୍ୟ'-ଏହା ମନ ଓ ବୁଦ୍ଧିକୁ ନିୟମନ କରୁଥିବା ଚିତ୍ତବୃତ୍ତି ଅଟେ । ଧୈର୍ଯ୍ୟ ହେଉଛି ଅନ୍ତଃକରଣର ଧାରଣ କରିବାର ସାମର୍ଥ୍ୟ ବା ଶକ୍ତି ବିଶେଷ । ଅନ୍ତଃକରଣରେ ତ୍ରିଗୁଣର ପ୍ରଭାବ କାରଣରୁ

ଏହି ଧୈର୍ଯ୍ୟ ସାତ୍ତ୍ୱିକ, ରାଜସିକ ଓ ତାମସିକ ସ୍ୱଭାବର ହୋଇଥାଏ । ଧୃତି ଓ ଚେତନା ସର୍ବଦା ଏକ ରୂପ ଓ ନିତ୍ୟ ନ ହେବା କାରଣରୁ ଉଭୟ ବିକାର ରୂପେ କ୍ଷେତ୍ରର ଅନ୍ତର୍ଗତ । ଚେତନା ବା ପ୍ରାଣଶକ୍ତି ସାତ୍ତ୍ୱିକ ବୃତ୍ତି ଥିବାବେଳେ ଶାନ୍ତ ରହେ, କିନ୍ତୁ ଭୟ, ଉଦ୍ବେଗ, ଶୋକ କାଳରେ କ୍ଷୁବ୍ଧ ହୋଇଯାଏ । ପ୍ରାଣଶକ୍ତି ମଧ୍ୟ ନିରନ୍ତର ନଷ୍ଟ ହୋଇ ଚାଲୁଥିବା କାରଣରୁ ଏହାମଧ୍ୟ ବିକାର ସ୍ୱରୂପ । ଶରୀରର ପରିବର୍ତ୍ତନମାନ ରହିଅଛି । ଜନ୍ମ, ବୃଦ୍ଧି, ସ୍ଥିତି, ବଂଶବୃଦ୍ଧି, କ୍ଷୟ, ନାଶ ବା ଅଦୃଶ୍ୟ- ଏହି ଷଡ ବିକାର ଯୁକ୍ତ କ୍ଷେତ୍ରଟି ବିନାଶଶୀଳ । ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସଙ୍ଘାତ, ଚେତନା, ଧୃତି  ଆଦି ବିକାର ରହୁଥିଲେ ମଧ୍ୟ, ସେଗୁଡିକର ସ୍ୱୟଂ ଉପରେ କୌଣସି ପ୍ରଭାବ ରହେ ନାହିଁ । ସ୍ୱୟଂ ର ଶରୀର ସହିତ ତାଦାତ୍ମ୍ୟ କାରଣରୁ ମନରେ ଏହି ଯେଉଁ ସବୁ ବିକାର ଜାତ ହୁଏ, ତତ୍ତ୍ୱବୋଧ ହେବାପରେ ଆଉ ତାହା ହୁଏ ନାହିଁ । ଆଗକୁ ପାଞ୍ଚଗୋଟି ଶ୍ଳୋକରେ ଏହି ତତ୍ତ୍ୱଜ୍ଞାନ କିପରି ପ୍ରାପ୍ତ ହୋଇ କରାଯାଇ ପାରିବ, ଭଗବାନ ତାହା ଉପଦେଶ ଦେଇଛନ୍ତି ।

ଅମାନିତ୍ୱମଦମ୍ଭିତ୍ୱମହିଂସା        କ୍ଷାନ୍ତିରାର୍ଜବମ୍  ।
ଆଚାର୍ଯ୍ୟୋପାସନଂ ଶୌଚ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ ।।୮।।

*ଅନ୍ୱୟ: ଅମାନିତ୍ୱମ୍(ମାନ ଶୂନ୍ୟତା ଅର୍ଥାତ୍ ବିନୟ –ନିଜଠାରେ ଶ୍ରେଷ୍ଠତ୍ୱ ବୋଧ ନ ରହିବା) ଅଦମ୍ଭିତ୍ୱମ୍ (ଦାମ୍ଭିକତାର ଅଭାବ ) ଅହିଂସା (ପରପୀଡା ବର୍ଜନ ) କ୍ଷାନ୍ତିଃ (କ୍ଷମା–ସହନଶୀଳତା) ଆର୍ଜବମ୍ (ସରଳତା) ଆଚାର୍ଯ୍ୟ ଉପାସନମ୍ ( ସଦଗୁରୁଙ୍କ ସେବା-ଶରଣାଗତ ହୋଇ ରହିବା ) ଶୌଚମ୍ (ବାହ୍ୟ ଏବଂ ଅନ୍ତଃକରଣ ପବିତ୍ରତା ) ସ୍ଥୈର୍ଯ୍ୟମ୍ (ଚିତ୍ତର ସ୍ଥିରତା) ଆତ୍ମ-ବିନିଗ୍ରହଃ (ସଂଯମ –ମନୋ ନିଗ୍ରହ ) ।*

**ଭାବାର୍ଥ** : ୮ ଠାରୁ ୧୩ ପର୍ଯ୍ୟନ୍ତ ଏହି ପାଞ୍ଚଟି ଶ୍ଳୋକରେ ଭଗବାନ ଯାହା ଜ୍ଞେୟ ଅର୍ଥାତ୍ ଜାଣିବା ଯୋଗ୍ୟ ସେହି ତତ୍ତ୍ୱ-ଜ୍ଞାନର ୨୦ ଗୋଟି ସାଧନ ଉପାୟ ବିସ୍ତାରିତ ଭାବରେ ବର୍ଣ୍ଣନା କରିଛନ୍ତି । ଅମାନିତା ଅର୍ଥାତ୍ ଅଭିମାନ ଶୂନ୍ୟ ହୋଇ  ଜ୍ଞାନ ପ୍ରାପ୍ତିର ପ୍ରଚେଷ୍ଟା ସାଧକର ପ୍ରମୁଖ ଗୁଣ ହେବା ଆବଶ୍ୟକ । ପୂର୍ଣ୍ଣଜ୍ଞାନ ପ୍ରାପ୍ତ ବ୍ୟକ୍ତି – 'ସେ ଏହି ଶରୀର ନୁହେଁ '- ଏହା ଜାଣି ଶରୀର ପ୍ରତି ମାନ, ସମ୍ମାନ ବା ଅପମାନ ପ୍ରଭୃତି ମୂଲ୍ୟହୀନ ଅନାବଶ୍ୟକ ମାନିଥାଏ । ପ୍ରାରମ୍ଭିକ ସ୍ତରରେ ଜ୍ଞାନ ମାର୍ଗରେ ସାଧକର ନିଜ ଜ୍ଞାନ ଆହରଣ ଉପରେ ଅଭିମାନ ରହିଥାଏ । ସାଧକର ସର୍ବଦା ବିନୟ ସ୍ୱଭାବ ରହିବା ଉଚିତ । ଦେହ, ବିଦ୍ୟା, ବୁଦ୍ଧି, ସ୍ୱରୂପ, ସୌନ୍ଦର୍ଯ୍ୟ-ଏହି ସବୁ ଅଭିମାନ ରଖି ଅନ୍ୟ ଦ୍ୱାରା ସମ୍ମାନ ପ୍ରାପ୍ତି କରିବାର ଅପେକ୍ଷାରେ ରହିବା, ସାଧନ ମାର୍ଗରେ ବୃହତ ପ୍ରତିବନ୍ଧକ । କେବଳ ଭକ୍ତି ଭାବ ଦ୍ୱାରା ହିଁ ଏହି ମାନିତ୍ୱର ନାଶ ହୋଇଥାଏ । ଶରୀର ଓ ବୁଦ୍ଧି ଆଦିର ପ୍ରଶଂସା ଭିନ୍ନ ଭିନ୍ନ ଶବ୍ଦରେ ହୋଇଥାଏ । ଯେହେତୁ ଆତ୍ମାର କୌଣସି ଉପାଧି ନାହିଁ, ତେଣୁ ଆତ୍ମାର ପ୍ରଶଂସା କୌଣସି ଶବ୍ଦ ପ୍ରୟୋଗ ଦ୍ୱାରା ସମ୍ଭବ ନୁହେଁ । ନିଜଠାରେ ଶ୍ରେଷ୍ଠତ୍ୱ ଭାବନା ନ ରହିବାର ନାମ 'ଅମାନିତ୍ୱ' । ଅନ୍ତରରେ ଅନ୍ୟମାନଙ୍କୁ ସମ୍ମାନ ଦେବାର ଭାବ ଜାଗ୍ରତ ହେବା ଦ୍ୱାରା ନିଜେ ସମ୍ମାନ ପାଇବାର ଇଚ୍ଛା ସ୍ୱତଃ ମନରୁ ଦୂର ହୋଇଥାଏ । ନିଜଠାରେ ବିଦ୍ୟମାନ, ଅବିଦ୍ୟମାନ ଗୁଣର ପ୍ରଦର୍ଶନ ନିମିତ୍ତ ଉତ୍କୃଷ୍ଟ ପୂଜ୍ୟ ଜନଙ୍କ ପୂଜା ବ୍ୟତିକ୍ରମର ନାମ 'ମାନ' ଏବଂ ଏହାର ସର୍ବଦା ଅଭାବ 'ଅମାନିତ୍ୱ' । ଯେଉଁ ଗୁଣ ନିଜଠାରେ ନ ଥାଏ, କିନ୍ତୁ ତାହା ଅଛି ବୋଲି ମିଥ୍ୟା ପ୍ରଦର୍ଶନ କରିବାର ପ୍ରୟାସ  ହେଉଛି ଦାମ୍ଭିକତା । ଏହାର ସର୍ବଦା ଅଭାବର ନାମ 'ଅଦମ୍ଭିତ୍ୱମ୍' । ନିଜକୁ ଧର୍ମାତ୍ମା, ଦାନଶୀଳ, ଜ୍ଞାନୀ, ମହାତ୍ମା

ରୂପେ ବିଖ୍ୟାତ କରିବା ଉଦ୍ଦେଶ୍ୟ ରଖି ଯେ କୌଣସି କର୍ମ ଅନୁଷ୍ଠାନ କରାଯାଏ, ତାହା ଦାମ୍ଭିକତା । ମାନିତ୍ୱ ବା ଦେହ ଅଭିମାନ ନାଶରେ ଦାମ୍ଭିକତା ନାଶ ହୋଇଥାଏ । ଅନ୍ୟର ଭାବନା ପ୍ରତି ଦୃଷ୍ଟି ନ ଦେଇ ଏକମାତ୍ର ପରମାତ୍ମା ପ୍ରାପ୍ତି ହିଁ ଉଦ୍ଦେଶ୍ୟ ଭାବି ନିଜ ନୀତି ଓ ସାଧନ ପ୍ରତି ମହତ୍ୱ ଦେଲେ ଦମ୍ଭ ନାଶ ହୁଏ । ଅନ୍ୟକୁ ମନ, କାୟ, ବାକ୍ୟରେ କିଞ୍ଚିତ୍ ମାତ୍ରାରେ ପୀଡା ନ ପହଞ୍ଚାଇବା ହେଉଛି ସାର୍ବଭୌମ 'ଅହିଂସା' ମହାବ୍ରତ । "ସମସ୍ତେ ନିଜର ସ୍ୱରୂପ ଆତ୍ମା ବିଶେଷ"- ଏହି ବିବେକ ଜାଗ୍ରତ ହୋଇ ରହିଲେ ମନରେ ଅହିଂସା ଭାବ ସ୍ୱତଃ ଆସି ଯାଇଥାଏ । ଅନ୍ୟର କଲ୍ୟାଣ ନିମିତ୍ତ ସହାୟକ ହୋଇବା ମଧ୍ୟ ଅହିଂସା ଆଚରଣ । ନିଷ୍ଠୁର ବାଣୀ, ଅପ୍ରିୟ ସତ୍ୟ କିମ୍ବା କଟୁ ବଚନ ଦ୍ୱାରା ଅନ୍ୟର ମନରେ ପୀଡା ଦେବାରେ ହିଂସା ଆଚରଣ ହୋଇଥାଏ । କେହି ଯେଉଁ ପ୍ରକାର ଅପରାଧ କଲେ ମଧ୍ୟ ପ୍ରତିଶୋଧ ଭାବନାରେ ତାହା ପ୍ରତି ଦୁର୍ବ୍ୟବହାର ନ କରି ବରଂ ତାହାରି ସଦ୍-ବୁଦ୍ଧି ନିମିତ୍ତ ପ୍ରାର୍ଥନା କରିବା ହେଉଛି ଅହିଂସା ସାଧନ । ଜ୍ଞାନ ପ୍ରାପ୍ତ କରିବାକୁ ହେଲେ କ୍ଷମାଶୀଳ ହେବାକୁ ପଡିବ । ଅସମ୍ମାନ ଓ ଅପମାନ ଆଦି ବିନା ଦ୍ୱିଧାରେ ସହନ କରିନେବା ହେଉଛି 'କ୍ଷାନ୍ତି' । ଦିବ୍ୟ ଜ୍ଞାନ ସାଧନ ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ଅନେକ ବିଘ୍ନ ଓ ପ୍ରତିବନ୍ଧକକୁ ସହଜରେ ଗ୍ରହଣ କରି ନେବାକୁ ପଡିଥାଏ । ବୃକ୍ଷକୁ ଛେଦନ କଲେ ଯେପରି କୌଣସି ପ୍ରତିବାଦ କରି ନ ଥାଏ, ସହନଶୀଳତାର ପରିସୀମା ସେହି ପର୍ଯ୍ୟନ୍ତ ବ୍ୟାପ୍ତ । ଯାହାର ଜ୍ଞାନ ହୋଇଯାଏ, ସ୍ୱଭାବତଃ ସେ' କ୍ଷମାଶୀଳ ହୋଇ ଯାଇ ଥାଆନ୍ତି । 'ସରଳତା' ଜଣେ ସାଧୁ ବ୍ୟକ୍ତିଙ୍କୁ ଚିହ୍ନିବାର ଲକ୍ଷଣ ହୋଇଥାଏ । ମନ, ବାଣୀ ଓ କର୍ମରେ ଦୁଇ ରୂପ ନ ହୋଇ, ସ୍ୱଷ୍ଟବାଦିତା ଏବଂ କୁଟ, କପଟ ଭାବ ନ ରହି ଶିଶୁଙ୍କ ଭଳି ସରଳଭାବ ରହିବା ଉଚିତ । ଶରୀର ସହିତ ସମ୍ବନ୍ଧ ନ ମାନି ସ୍ୱରୂପ ପ୍ରତି ଦୃଷ୍ଟି ରଖିବା ଦ୍ୱାରା କୁଟିଳତା ଓ ଦାମ୍ଭିକତା ନଷ୍ଟ ହୋଇ ସାଧକଠାରେ ସ୍ୱତଃ ସରଳତା ଓ ନମ୍ରତା ଆସେ । ଆଚାର୍ଯ୍ୟ ଉପାସନା ବିଦ୍ୟାର ଏକ ଅଙ୍ଗ ଅଟେ । ଗୁରୁ ଈଶ୍ୱରଙ୍କ ପ୍ରତିନିଧି ଅଟନ୍ତି ଏବଂ ତାଙ୍କରି ଶରଣାପନ୍ନ ହେବା ଦ୍ୱାରା ଶିଷ୍ୟଠାରେ ଦିବ୍ୟ ଜୀବନ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଗୁରୁଙ୍କ ପାଖରେ ରହି ଶ୍ରଦ୍ଧା, ଭକ୍ତି ପୂର୍ବକ ମନ, କାୟ,ବାକ୍ୟରେ ଉତ୍ସର୍ଗିତ ହୋଇ ଗୁରୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ, ଗୁରୁ ବାକ୍ୟ ନିଷ୍ଠାର ସହିତ ପାଳନ ଏବଂ ପରିପ୍ରଶ୍ନ ମାଧ୍ୟମରେ ସନ୍ଦେହ ମୋଚନ ଆଦି ସମସ୍ତ ଆଚରଣ ଆଚାର୍ଯ୍ୟ ଉପାସନା ଅଟେ । ଅନନ୍ୟ ଭାବରେ ଗୁରୁସେବା କରିବାରେ ଗୁରୁ କୃପାରେ ସାଧନ ବିଧି ପାଳନ ସହଜ ହୋଇଥାଏ । ସାଧକର ବେଳେବେଳେ ନିଜର ଶୁଭ କର୍ମ ନିମିତ୍ତ ଗୁରୁ କିମ୍ବା ପୂଜ୍ୟଜନଙ୍କ ନିକଟରୁ ମାନ-ସମ୍ମାନ ପ୍ରାପ୍ତ କରିବାର ଇଚ୍ଛା ଜାତ ହୁଏ । ଏହା ମଧ୍ୟ ସାଧକର ସୂକ୍ଷ୍ମ ନ୍ୟୁନତା ଯାହା ଗୁରୁଙ୍କ ସେବା ଏବଂ ଗୁରୁ ବାକ୍ୟ ପାଳନ ଦ୍ୱାରା ଦୂର ହୋଇଥାଏ । ଗୁରୁଙ୍କ କ୍ରିୟାକୁ ଆଧାର କରି ତର୍କ କରିବା ଅନୁଚିତ । ଗୁରୁତତ୍ତ୍ୱ ସହିତ ଏକ ହୋଇଗଲେ ଭକ୍ତି ପ୍ରାପ୍ତି ହୁଏ । ଶିଷ୍ୟଙ୍କ କଲ୍ୟାଣ କରିବା ଗୁରୁଙ୍କ କର୍ତ୍ତବ୍ୟ । ଶୌଚ ହେଉଛି ବାହ୍ୟ ଶୁଦ୍ଧି ଏବଂ ଅନ୍ତଃକରଣ ପବିତ୍ରତା । ଚତୁଃପାର୍ଶ୍ୱର ପରିବେଶକୁ ସ୍ୱଚ୍ଛ ଏବଂ ଶରୀରକୁ ସ୍ନାନ ଆଦି ଦ୍ୱାରା ଶୁଦ୍ଧ ପବିତ୍ର ରଖିବା ହେଉଛି ବାହ୍ୟଶୁଚି । ଦୟା, କ୍ଷମା,ଉଦାରତା ଆଦି ଗୁଣ ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୋଇଥାଏ । ଚିତ୍ତର ସ୍ଥିରତା ହେଉଛି ସ୍ଥୈର୍ଯ୍ୟ । ଦିବ୍ୟ ଜୀବନ ମାର୍ଗରେ ଅଗ୍ରଗତି କରିବାକୁ ହେଲେ ସ୍ଥିରତା ବା ଦୃଢତା ଅବଲମ୍ବନ କରିବାକୁ ହେବ । ବାରମ୍ବାର ଜୀବନର ଲକ୍ଷ୍ୟକୁ ବଦଳାଇବା ଉଚିତ ନୁହେଁ । ଜୀବନର ଲକ୍ଷ୍ୟକୁ ନିଶ୍ଚିତ କରିନେବାକୁ ହେବ । ସାଂସାରିକ

ଭୋଗ ସଂଗ୍ରହରେ ଆସକ୍ତ ମନୁଷ୍ୟଙ୍କର ବୁଦ୍ଧି ଏକ ନଶ୍ଚୟ ଉପରେ ଦୃଢ ହୋଇପାରେ ନାହିଁ । ସନ୍ଥ ଓ ଶାସ୍ତ୍ର ବାକ୍ୟରେ ଶ୍ରଦ୍ଧାରହିବା ଦ୍ୱାରା ମନ ଓ ବୁଦ୍ଧିରେ ନଶ୍ଚୟ ଦୃଢ ହୋଇଥାଏ । ଇନ୍ଦ୍ରିୟମାନଙ୍କ ବିଷୟଭୋଗ ପ୍ରତି ସର୍ବଦା ଧାବମାନ ଗତିକୁ ଶ୍ରଦ୍ଧାର ସହିତ ପ୍ରତିରୋଧ କରିବା ହେଉଛି 'ଆତ୍ମ୍ ବିନିଗ୍ରହ' ବା ଶରୀର ସଂଯମତା । ଆଧାତ୍ମିକ ଉନ୍ନତି ପଥରେ ଥିବା ପ୍ରତିବନ୍ଧ ମୂଳକ ସମସ୍ତ ବିଷୟକୁ ତ୍ୟାଗ କରିବା ଉଚିତ । ଜିହ୍ୱା ହେଉଛି ଏକ ବିଶିଷ୍ଟ ଇନ୍ଦ୍ରିୟ ଯାହାର ସଂଯମ ଦ୍ୱାରା ଅନ୍ୟ ଇନ୍ଦ୍ରିୟ ମାନଙ୍କ ନିୟନ୍ତ୍ରଣ ସହଜ ହୋଇଥାଏ । ଚକ୍ଷୁରେ ଇଷ୍ଟ ଓ ଗୁରୁଙ୍କ ମୂର୍ତ୍ତି ଦେଖିବାର ଅଭ୍ୟାସ, କର୍ଣ୍ଣରେ ଭଗବାନଙ୍କ ଲୀଳା ଶ୍ରବଣର ଅଭ୍ୟାସ, ଜିହ୍ୱାରେ ପ୍ରଭୁଙ୍କ ନାମ ଓ ଗୁଣ କୀର୍ତ୍ତନରେ ଇନ୍ଦ୍ରିୟମାନେ ବଶୀଭୂତ ହୋଇଥାନ୍ତି । ଅଭ୍ୟାସ ଅର୍ଥାତ୍ ବାରମ୍ବାର ଧ୍ୟେୟରେ ମନ ନିବିଷ୍ଟ କଲେ ସମସ୍ତ ସ୍ଫୁରଣ ନଷ୍ଟ ହୋଇଯାଏ । ବସ୍ତୁ, ବ୍ୟକ୍ତି, ପଦାର୍ଥ ଇତ୍ୟାଦିରେ ଅନୁରାଗ ଓ ମହତ୍ୱ ନ ରହିଲେ ସଂକଳ୍ପ ନଷ୍ଟ ହୋଇଯାଏ । ଏହିରୂପେ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ମନ ବଶୀଭୂତ ହୋଇ ରହେ । ଉପରୋକ୍ତ ସାଧନ ସମୂହ ଜ୍ଞାନ ପ୍ରାପ୍ତିର ପୃଷ୍ଠଭୂମି ।

ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଙ୍କାର ଏବ ଚ ।
ଜନ୍ମମୃତ୍ୟୁଜରାବ୍ୟାଧି ଦୁଃଖ ଦୋଷାନୁଦର୍ଶନମ୍ ॥୯॥

*ଅନ୍ୱୟ: ଇନ୍ଦ୍ରିୟାର୍ଥେଷୁ (ଇନ୍ଦ୍ରିୟ ଭୋଗ୍ୟ ବିଷୟରେ) ବୈରାଗ୍ୟମ୍ (ଶବ୍ଦ-ସ୍ପର୍ଶାଦି ବିଷୟ ଭୋଗପ୍ରତି ବୈରାଗ୍ୟ- ସଂସାର ପ୍ରତି ଅନାସକ୍ତ ) ଅନହଙ୍କାରଃ ଏବ ଚ (ଏବଂ ଅହଂକାର ଶୂନ୍ୟତା-ନିରହଙ୍କାରିତା ) ଜନ୍ମ- ମୃତ୍ୟୁ - ଜରା - ବ୍ୟାଧି- ଦୁଃଖ - ଦୋଷ- ଅନୁଦର୍ଶନମ୍ (ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ରୂପକ ଦୁଃଖ ସମୂହର ପୁନଃ ପୁନଃ ଦୋଷ ଦର୍ଶନ) ।*

**ଭାବାର୍ଥ**: ବୈରାଗ୍ୟ ହେଉଛି ଇନ୍ଦ୍ରିୟ ଭୋଗ୍ୟ ବସ୍ତୁପ୍ରତି ଅନୁରାଗର ଅଭାବ । ସଂସାର ଦିଗକୁ ଆକର୍ଷିତ କରୁଥିବା ଇନ୍ଦ୍ରିୟମାନଙ୍କ ବିଷୟରେ ବୈରାଗ୍ୟ ଆସିବା ଉଚିତ । ଶରୀରକୁ ସର୍ବସ୍ୱ ବୋଲି ଜ୍ଞାନ କରିବା ହେଉଛି ଅହଂକାର । 'ଅହଂ' ଶବ୍ଦ ଶୁଦ୍ଧ ଆତ୍ମାକୁ ସୂଚିତ କରେ । କିନ୍ତୁ ଅହଂ ସହିତ ବୃତ୍ତିଗତ ଭାବେ ନାମ କିମ୍ବା ଉପାଧି ଆଦି ଯୁକ୍ତ ହୋଇଗଲେ ତାହା ଆକାର ରୂପନେଇ ଅହଂକାର ହୋଇ ଯାଏ । ଶରୀର ସହିତ ସମ୍ବନ୍ଧିତ ମିଥ୍ୟା ସମୀକରଣ ଯଥା 'ମୁଁ ରୂପବାନ୍, 'ମୁଁ ଧନବାନ୍, 'ମୁଁ ବୁଦ୍ଧିମାନ୍- ଏହି ସବୁ ଦେହ ଅଭିମାନ ରହିବା ହେଉଛି ଅହଂକାର । 'ଅହଂ' ବା 'ମୁଁ ଭୌତିକ ସଂସାର ସହ ଯୁକ୍ତ ନ ହେଲେ, ତାହା 'ଚିଦାତ୍ମା' । ବେଦ ବାକ୍ୟ ହେଲା 'ଅହଂ ବ୍ରହ୍ମାସ୍ମି'- 'ମୁଁ ଚିଦାତ୍ମା' । ଦେହାଭିମାନ ଅହଂକାରକୁ ଜାତ କରିଥାଏ ଏବଂ ଏହାର ତ୍ୟାଗ ଆତ୍ମଜ୍ଞାନର ସାଧନ ଅଟେ । ଜଡ ଓ ଚେତନ ସମ୍ବନ୍ଧୀୟ ତତ୍ତ୍ୱ ଯଥାର୍ଥ ବୋଧ ହୋଇଗଲେ ଅହଂକାର ଦୂର ହୋଇଯାଏ । ଅଭିମାନ ସବୁ ବନ୍ଧନର କାରଣ ଏବଂ ସିଦ୍ଧି ପ୍ରାପ୍ତିର ମୁଖ୍ୟ ପ୍ରତିବନ୍ଧକ । ଏକ ଚେତନ ଆତ୍ମା ବ୍ୟତୀତ ସଂସାରରେ ଏପରି କୌଣସି ବସ୍ତୁ ନାହିଁ ଯାହାର ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି – ଏହି ଚାରି ଦୋଷ ନ ରହିଛି । ଜଡ ବସ୍ତୁର ଯେଉଁ ଦିନ ତାର ରୂପ ନିର୍ମିତ ହୋଇଥାଏ, ଏହା ତାହାରି ଜନ୍ମ । କେଉଁଠାରେ କେତେବେଳେ ସେଥିରେ ଆଘାତ ଦ୍ୱାରା ଭଗ୍ନ ସ୍ଥିତି ହେଉଛି ବ୍ୟାଧି । ମରାମତି ଦ୍ୱାରା ତାହାର ପୁନଃକ୍ଷମ ହେଉଛି ଚିକିତ୍ସା । ପୁରୁଣା ହୋଇଯିବା, ବ୍ୟବହାର ଯୋଗ୍ୟ ନ ହେବା ହେଉଛି ବୃଦ୍ଧାବସ୍ଥା । ସମ୍ପୂର୍ଣ୍ଣ ଭାଙ୍ଗିଯିବା, ନଷ୍ଟ ହୋଇଯିବା ହେଉଛି ମୃତ୍ୟୁ । ଏହିପରି ସଂସାରର ଜୀବ ଓ ଜଡ ପ୍ରଭୃତିରେ ଏହି ଚାରିଗୋଟି ଦୋଷକୁ ଅତି ନିକଟରୁ ଦେଖି ଏଥିରେ ବୈରାଗ୍ୟ କରିବା ଉଚିତ । ମାତୃ ଗର୍ଭରେ ଭ୍ରୁଣ ଅବସ୍ଥାରୁ ଆରମ୍ଭ କରି ଜୀବନ

କାଳରେ ସଂସାର ତାପ, ବୃଦ୍ଧ କାଳରେ ଶରୀରର ଦୂରାବସ୍ଥା ଏବଂ ମୃତ୍ୟୁକାଳୀନ ପୀଡା-ଏହି ସମସ୍ତ ଦୁଃଖମୟ ଅଟେ । ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିର ଯନ୍ତ୍ରଣାକୁ ବିଚାର କରି ସଂସାରର ଅନିତ୍ୟ ସୁଖପ୍ରତି ବୈରାଗ୍ୟ ଭାବ ପୋଷଣ ନ କଲେ ଦିବ୍ୟ ଜୀବନ ମାର୍ଗରେ ଅଗ୍ରଗତି ନିମିତ୍ତ ପ୍ରେରଣା ପ୍ରାପ୍ତି ହୋଇ ପାରିବ ନାହିଁ । କୁହାଯାଏ କି, ଶ୍ରୀମଦ୍ ଭଗବତ ଗୀତାର ଏହି ଶ୍ଳୋକର ପ୍ରେରଣାରେ ନଗର ଭ୍ରମଣ ସମୟରେ ବୁଦ୍ଧଦେବ ରୋଗୀ, ବୃଦ୍ଧ, ଶବ ଓ ସନ୍ୟାସୀକୁ ଦେଖି ତାଙ୍କରି ଠାରେ ବୈରାଗ୍ୟ ଭାବ ଜାତ ହୋଇଥିଲା । ବୃଦ୍ଧାବସ୍ଥା ଏବଂ ବ୍ୟାଧି ଶଯ୍ୟାରେ ପରିବାର ଜନଙ୍କ ବ୍ୟବହାର ଓ ନିଷ୍ଠୁରତାକୁ ଅଙ୍ଗେ ଲିଭେଇବା ଏବଂ ତାହାକୁ ହୃଦୟଙ୍ଗମ କରି ଜୀବନରେ ପରମାତ୍ମାଙ୍କ ପ୍ରତି ବିମୁଖତା ଲାଗି ପଶ୍ଚାତାପ କରିବା ହିଁ ରୋଗ ଓ ବ୍ୟାଧିରେ ଦୋଷ ଦେଖିବା । ଜୀବନସାରା ନ୍ୟାୟ ବା ଅନ୍ୟାୟରେ ଅର୍ଜିଥିବା ଧନ ବୃଦ୍ଧକାଳ ବା ରୋଗ ଶଯ୍ୟାରେ ପଡି ଯନ୍ତ୍ରଣା ଭୋଗୁଥିବା ଅବସ୍ଥାରେ କୌଣସି ସହାୟତାରେ ଆସି ନ ଥାଏ । ଜନ୍ମ, ମୃତ୍ୟୁ, ବୃଦ୍ଧାବସ୍ଥା ଓ ରୋଗ ଜନିତ ଦୁଃଖକୁ ବାରମ୍ବାର ଦେଖିଲେ ଅର୍ଥାତ୍ ବିଚାର କଲେ,ଏ ସବୁର ମୂଳବୀଜ ଉତ୍ପତ୍ତି-ବିନାଶଶୀଳ ବସ୍ତୁ ପ୍ରତି ଅନୁରାଗ ସ୍ୱତଃ କମିଆସେ । ବିବେକର ଜାଗ୍ରତ ଘଟେ ଏବଂ ବିବେକ ଦ୍ୱାରା ଦୁଃଖର କାରଣ ଅନ୍ୱେଷଣ କରି ତାହାର ବିନାଶ କରିବା ଲକ୍ଷ୍ୟ ହୋଇଯାଇଥାଏ । ପରକ୍ଷଣରେ ଭୋଗରୁ ବୈରାଗ୍ୟ ହୁଏ । ଦେହାଭିମାନକୁ ବିଚାର ପୂର୍ବକ ତ୍ୟାଗ କରିଦେଲେ ସତ୍-ଚିଦ୍-ଆନନ୍ଦ ସ୍ୱରୂପରେ ସ୍ୱତଃ ସ୍ଥିତ ହୋଇଯାଇ ଶାନ୍ତାନନ୍ଦ ଅନୁଭୂତ ହୁଏ । ସଂସାର ଭୋଗ ଇଚ୍ଛା ହିଁ ସମସ୍ତ ଦୁଃଖର କାରଣ । ସୁଖେଚ୍ଛା ନଷ୍ଟ ହୋଇଗଲେ ସମସ୍ତ ଦୁଃଖର ପରିସମାପ୍ତି ଘଟିଥାଏ ।

ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ ।
ନିତ୍ୟଂ ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ॥୧୦॥

*ଅନ୍ୱୟ: ଅସକ୍ତିଃ (ଆସକ୍ତି ଶୂନ୍ୟତା- ବିଷୟ ପ୍ରୀତିର ତ୍ୟାଗ ) ପୁତ୍ର-ଦାର-ଗୃହାଦିଷୁ (ପୁତ୍ର, ସ୍ତ୍ରୀ ଓ ଗୃହାଦିରେ) ଅନଭିଷ୍ୱଙ୍ଗଃ (ସଙ୍ଗ ରହିତ–ମମତ୍ୱ ବୁଦ୍ଧି ଶୂନ୍ୟତା) ଇଷ୍ଟ-ଅନିଷ୍ଟ-ଉପପତ୍ତିଷୁ (ପ୍ରିୟ-ଅପ୍ରିୟ ବିଷୟ, ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ) ନିତ୍ୟମ୍ ସମଚିତ୍ତତ୍ୱମ୍ (ସର୍ବଦା ମନର ସାମ୍ୟ ଭାବ –ସମ ଚିତ୍ତତ୍ୱ )*

**ଭାବାର୍ଥ**: ଗୀତା ଜ୍ଞାନର ଅଧିକାରୀ ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଏବଂ ସନ୍ୟାସୀ ସମସ୍ତେ ଅଟନ୍ତି । ଏଣୁ ଗୃହସ୍ଥ ଆଶ୍ରମରେ ରହି ମଧ୍ୟ ଜଣେ ଆତ୍ମଜ୍ଞାନ ଲାଭ କରିପାରିବ । ସ୍ତ୍ରୀ, ପୁତ୍ର, ଧନ ଆଦି ବିଷୟରେ ସଂଯୋଗ ଜନିତ ସୁଖ ଆରମ୍ଭରେ ଅମୃତ ଭଳି ପ୍ରତୀୟମାନ ହୁଏ । ମାତ୍ର ପରିଣାମରେ ତାହା ବିଷତୁଲ୍ୟ । ଏଣୁ ସଂଯୋଗ ଜନିତ ସୁଖର ପରିଣାମ ବିଚାର କଲେ ସେଥିପ୍ରତି ଆସକ୍ତି ରହେ ନାହିଁ । ମମତ୍ୱ କାରଣରୁ ହିଁ ସ୍ତ୍ରୀ, ପୁତ୍ର ଆଦିରେ ଘନିଷ୍ଠ ସମ୍ବନ୍ଧ ରହିଥାଏ । ତାଙ୍କରି ସୁଖ-ଦୁଃଖ ଏବଂ ଲାଭ-ହାନିରେ ନିଜ ସୁଖ, ଦୁଃଖ ଅନୁଭବ ହୁଏ । ମମତ୍ୱ ଭାବ ରଖିବା ଅର୍ଥାତ୍ ସେହିମାନେ 'ମୋର' ସେମାନଙ୍କ ସୁଖରେ 'ମୁଁ' ସୁଖୀ- ଏହି ଚିନ୍ତାଧାରା ପୀଡାର କାରଣ । ଏହାର ଅର୍ଥ ନୁହେଁ ଯେ, ସ୍ତ୍ରୀ, ପୁତ୍ର, ପ୍ରତି ହୃଦୟରେ ସ୍ନେହ ଭାବ ରହିବ ନାହିଁ । ଏହି ପ୍ରସଙ୍ଗରେ ପ୍ରଭୁ ଡ଼ାମଚନ୍ଦ୍ର ପାମ୍ପା ସରୋବର କୂଳରେ ଭ୍ରାତା ଲକ୍ଷ୍ମଣଙ୍କୁ 'ମା' ସିତାଙ୍କ ବିରହ ବେଦନା ଅବସରରେ କହଉଠୁଲେ କି, **" କାର୍ଯ୍ୟେଷୁ ମନ୍ତ୍ରୀ, କରଣେଷୁ ଦାସୀ , ଧର୍ମେଷୁ ପତ୍ନୀ, କ୍ଷମୟା ଧରିତ୍ରୀ, ସ୍ନେହେଷୁ ମାତା, ଶୟନେଷୁ ରମ୍ଭା, ରଙ୍ଗେ ସଖି , ଲକ୍ଷ୍ମଣ ସା ପ୍ରିୟା ମେ "** - ହେ ଲକ୍ଷ୍ମଣ ! ଯିଏ ମୋର

ସମସ୍ତ କାର୍ଯ୍ୟ କ୍ଷେତ୍ରରେ ମନ୍ତ୍ରୀ, ସେବା କାର୍ଯ୍ୟରେ ଦାସୀ , ସ୍ନେହଭାବରେ ମାତା, ଧର୍ମ କ୍ଷେତ୍ରରେ ପତ୍ନୀ, ଶୟନ କାଳରେ ଦେହସଙ୍ଗୀ, ଆମୋଦ-ପ୍ରମୋଦରେ ସଖି ରୂପେ ରହି ଆସିଛନ୍ତି, ସେହି ହେଉଛନ୍ତି ମୋର ପ୍ରିୟା 'ସୀତେ ' । ଏହାର ତାତ୍ପର୍ଯ୍ୟ ହେଲା କି, ଗୃହସ୍ଥାଶ୍ରମରେ ଏକପତ୍ନୀ ବ୍ରତ ନିଷ୍ଠାର ସହିତ ପାଳନ ମଧ୍ୟ ବ୍ରହ୍ମଚାରୀ ବ୍ରତ ପାଳନ ସହିତ ସମକକ୍ଷ । କିନ୍ତୁ, ପୁତ୍ର, ସ୍ତ୍ରୀ, ଜମି-ବାଡି, ଗୃହାଦି ପ୍ରତି ଯେଉଁ ପ୍ରଗାଢ ମୋହ, ତାହା ହେଉଛି 'ଅଭିଷ୍ୱଙ୍ଗ' । ଏହି ଏକାତ୍ମତାରୁ ମୁକ୍ତ ରହିବା 'ଅନଭିଷ୍ୱଙ୍ଗ' । ପିତୃ ଧର୍ମ ପାଳନ କରି, ପତି ଧର୍ମ ପାଳନ କରି, ସ୍ତ୍ରୀ, ପୁତ୍ର, କନ୍ୟା ରୂପେ ପାଇଥିବା ଜୀବାତ୍ମାର ସେବା କରି, ନିର୍ଲିପ୍ତତା ଓ ଅସଙ୍ଗତା ଭାବେ ସେମାନଙ୍କ ପ୍ରତି କର୍ତ୍ତବ୍ୟନିଷ୍ଠା- ଏହି ସମସ୍ତ ଅମରତ୍ୱ ଅନୁଭବ କରାଇଦିଏ । ଇଚ୍ଛା ପୂରଣ କିମ୍ବା ଅନିଷ୍ଟରେ ସମଭାବ ରହିବା ହେଉଛି ଜ୍ଞାନ ପ୍ରାପ୍ତିର ଲକ୍ଷଣ । ଅନୁକୂଳ ପଦାର୍ଥ, ବ୍ୟକ୍ତି କିମ୍ବା ପରିସ୍ଥିତିର ସଂଯୋଗ ଏବଂ ପ୍ରତିକୂଳତାର ବିୟୋଗ ଇଷ୍ଟ ହୋଇଥାଏ । ସେହି ପ୍ରକାରେ ଅନୁକୂଳତାର ବିୟୋଗ ଏବଂ ପ୍ରତିକୂଳତାର ସଂଯୋଗ ଅନିଷ୍ଟ ହୋଇଥାଏ । ଏହି ଇଷ୍ଟ-ଅନିଷ୍ଟ ସହ ସମ୍ବନ୍ଧ ହେବାରେ ଚିତ୍ତରେ ହର୍ଷ, ଶୋକ, ଭୟ ଓ କ୍ରୋଧ ଆଦି ନ ହୋଇ ନିର୍ବିକାର,ଏକରସ ସମତାରେ ସ୍ଥିତ ହୋଇ ରହିବା ହେଉଛି 'ସମଚିତ୍ତତ୍ୱମ' । ଉପସ୍ଥିତ ପରିସ୍ଥିତି ଚିରସ୍ଥାୟୀ ନୁହେଁ – ଏହି ବିଚାରରେ ଯେ କୌଣସି ପରିସ୍ଥିତିରେ ସମଭାବାପନ୍ନ ସ୍ଥିତିରେ ରହିବା ଉଚିତ । ଭଗବାନ କୃପାବଶ ହୋଇ ସାଂସାରିକ ଅନୁରାଗ, ଆସକ୍ତି, ମମତା ଇତ୍ୟାଦିରୁ ମୁକ୍ତ କରିବା ପାଇଁ ଏହି ପ୍ରତିକୂଳତା ପ୍ରଦାନ କରିଛନ୍ତି । ଦୃଢ ଭାବରେ ଏହି କଥା ସ୍ୱୀକାର କରିନେଲେ, ସାଧକର ଚିତ୍ତ ସ୍ୱାଭାବିକ ଭାବେ ସମତାରେ ସ୍ଥିତ ହୋଇ ରହିବ ।

ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।
ବିବିକ୍ତଦେଶସେବିତ୍ୱମରତିର୍ଜନସଂସଦି ॥୧୧॥

*ଅନ୍ୱୟ: ମୟି ଚ (ଏବଂ ମୋ'ଠାରେ ) ଅନନ୍ୟ ଯୋଗେନ (ଅନନ୍ୟ ଚିତ୍ତରେ ବା ସର୍ବାନ୍ତଃକରଣରେ ଐକାନ୍ତିକ ନିଷ୍ଠା ଯୋଗ ଦ୍ୱାରା ) ଅବ୍ୟଭିଚାରିଣୀ ଭକ୍ତିଃ (ଐକାନ୍ତିକୀ ଭକ୍ତି – ଅନନ୍ୟ ଭକ୍ତି ) ବିବିକ୍ତ-ଦେଶ-ସେବିତ୍ୱମ୍ (ବିଘ୍ନଶୂନ୍ୟ ନିର୍ଜନ ସ୍ଥାନରେ ବାସ- ଏକାନ୍ତ ବାସ କରିବାର ସ୍ୱଭାବ ) ଚ (ଏବଂ ) ଜନ ସଂସଦି (ଜନ ସମୁଦାୟରେ – ବିଷୟାସକ୍ତ ମନୁଷ୍ୟ ସଂସର୍ଗରେ ) ଅରତିଃ (ଅରୁଚି – ଅନିଚ୍ଛା) ।*

**ଭାବାର୍ଥ**: ଭଗବାନ ହିଁ ସର୍ବଶ୍ରେଷ୍ଠ ଏବଂ ସେ ହିଁ ପ୍ରଭୁ, ଶରଣଦାତା, ପରମାଗତି, ପରମାଶ୍ରୟ, ପରମ ହିତାକାଙ୍କ୍ଷୀ, ପରମ ଆତ୍ମୀୟ ଏବଂ ସର୍ବସ୍ୱ । "ତାଙ୍କ ଅତିରିକ୍ତ ଅନ୍ୟ କେହି ନାହିଁ" - ଏହି ଭାବ ରଖି ଭଗବାନଙ୍କ ସହିତ ସମ୍ବନ୍ଧ ହେଉଛି ଅନନ୍ୟ ଯୋଗ । 'ଭଗବାନଙ୍କ କୃପାରେ ହିଁ ପରମାତ୍ମା ତତ୍ତ୍ୱ ଅନୁଭବ ହେବ'- ଏହିପରି ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରି କ୍ରିୟାରତ ରହିବା ହେଉଛି 'ଅନନ୍ୟ ଯୋଗ'ର ସାଧନା । ଭଗବାନଙ୍କ ପ୍ରତି ଅଟଳ ଏବଂ ପୂର୍ଣ୍ଣ ବିଶୁଦ୍ଧ ପ୍ରେମ ରଖି ତାଙ୍କରି ନିରନ୍ତର ଭଜନ ଓ ଧ୍ୟାନ କରିବା ହେଉଛି ଅନନ୍ୟ ଯୋଗ ଦ୍ୱାରା ଭଗବାନଙ୍କ ଅବ୍ୟଭିଚାରିଣୀ ଭକ୍ତି । ଭଗବାନଙ୍କ ଅତିରିକ୍ତ ଅନ୍ୟ କୌଣସି, ବସ୍ତୁ ସହିତ କିଞ୍ଚିତମାତ୍ର ସମ୍ବନ୍ଧ ନ ରହିବା ହେଉଛି ଅବ୍ୟଭିଚାରିଣୀ ଭକ୍ତିର ପରିଚାୟକ । ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ଦ୍ୱିତୀୟ ବସ୍ତୁର ଇଚ୍ଛା ବା ତାହା ପ୍ରତି ପ୍ରୀତି ହେଉଛି ଭକ୍ତିରେ ବ୍ୟଭିଚାର । ଭଗବାନଙ୍କ ପ୍ରତି ପ୍ରେମ, ଭଗବାନଙ୍କ ଚିନ୍ତନ ଏବଂ ଭଗବାନଙ୍କ ନିମିତ୍ତ ହୋଇଗଲେ ତାହା ଅବ୍ୟଭିଚାରିଣୀ

ଭକ୍ତି ହୋଇଯାଏ । ଦେହାଭିମାନ ଦୂର କରିବା ନିମିତ୍ତ ଅନନ୍ୟ ଯୋଗ ଏବଂ ତାଙ୍କ ପ୍ରତି ଅବ୍ୟଭିଚାରିଣୀ ଭକ୍ତି ହେଉଛି ଉଭୟ ଜ୍ଞାନ ଓ ଭକ୍ତିର ସମନ୍ୱୟ, ଯାହା ନିଶ୍ଚିତ ଭଗବଦ୍ ପ୍ରାପ୍ତିର ସାଧନ ଅଟେ । ପ୍ରକୃତି ବା ତାହାରି କାର୍ଯ୍ୟ ପ୍ରତି ଉଦ୍ଦେଶ୍ୟ ନ ରହି, ଯେବେ ପରମାତ୍ମା ପ୍ରାପ୍ତି ହିଁ କେବଳ ଉଦ୍ଦେଶ୍ୟ ରହେ, ସେହି ସାଧନାର ପରିଣାମରେ ପରମାତ୍ମା ପ୍ରାପ୍ତି ନିଶ୍ଚିତ । ଯେ ଅନନ୍ୟ ଭକ୍ତ, ତାହାରି ସଂସାର ସହିତ ସ୍ୱତନ୍ତ୍ର ସମ୍ବନ୍ଧ ରହି ନ ଥାଏ । ବ୍ୟବାହାରିକ କ୍ଷେତ୍ରରେ ଯାହା କିଛି ସମ୍ବନ୍ଧିତ ହୋଇଥାଏ, ତାହାକୁ ଭଗବାନଙ୍କ ରୂପ ବୋଲି ଧରି ନେଇଥାଏ । ପରମେଶ୍ୱରଙ୍କ ପ୍ରତି ଅନନ୍ୟ ଭକ୍ତିପୂର୍ଣ୍ଣ ସେବାରେ ଜ୍ଞାନ ମାର୍ଗର ପରିସମାପ୍ତି ଘଟେ । ଦିବ୍ୟଜୀବନ ପ୍ରାପ୍ତିର ଅଭ୍ୟାସ କାଳରେ ବିଷୟଭୋଗ ବୁଦ୍ଧି ସମ୍ପନ୍ନ ବ୍ୟକ୍ତିଙ୍କ ସାଙ୍ଗରେ ମିଳାମିଶା ଭଲ ଲାଗି ନ ଥାଏ । ସଂସାରୀ ଲୋକଙ୍କ ଠାରୁ ଦୂରରେ ଏକ ଏକାନ୍ତ ସ୍ଥାନରେ ରହିବାକୁ ଭଲ ଲାଗିଥାଏ । ସାଧାରଣତଃ ସାଧକ ଅଯଥା ଆମୋଦ ପ୍ରମୋଦ, ଚଳଚିତ୍ର ଦର୍ଶନ କିମ୍ବା ଅର୍ଥହୀନ ସାମାଜିକ ଆମୋଦ-ପ୍ରମୋଦରେ ଅଂଶ ଗ୍ରହଣ କରିବାରେ ଆଗ୍ରହ ପ୍ରକାଶ କରି ନ ଥାଏ । କାରଣ ଏହି ସମସ୍ତ ମୂଲ୍ୟବାନ୍ ସମୟର ଅପଚୟ ଅଟେ । ସ୍ୱାଭାବିକ ଭାବେ ସାତ୍ତ୍ୱିକ ବାତାବରଣ ପରିପୂର୍ଣ୍ଣ ଦେବାଳୟ, ତପୋଭୂମି, ଗଙ୍ଗା ଆଦି ପବିତ୍ର ନଦୀତଟ, ଗିରିଗୁହା ଆଦି ନିର୍ଜନ ଏବଂ ଶୁଦ୍ଧ ଅଞ୍ଚଳକୁ ବିବିକ୍ତ ଦେଶ କୁହାଯାଇଛି । ଜ୍ଞାନ ପ୍ରାପ୍ତ କରିବାର ସାଧନ ନିମିତ୍ତ ଏହି ସ୍ଥାନ ଗୁଡ଼ିକରେ ନିବାସ କରିବା କାଳକୁ ତାହାକୁ ସେବନ କରିବା ଅଟେ । କିନ୍ତୁ ବିଶେଷ ଧ୍ୟାନ ଦେବାକୁ ହେବ କି, ଯେ ପର୍ଯ୍ୟନ୍ତ ସଂସାରର ମୂଳ ବୀଜ ଏହି ଶରୀର ପ୍ରତି ମମତ୍ୱ ଭାବ ବା ସମ୍ବନ୍ଧ ରହିଛି ତାହା ମାନସିକ ଭାବେ ଏକାନ୍ତ ବାସ ନୁହେଁ । ଏକାନ୍ତ ସ୍ଥାନ ସେବନ ଚିତ୍ତ ବୃତ୍ତି ନିରୋଧ ନିମିତ୍ତ ପରମ ଆବଶ୍ୟକ । କିନ୍ତୁ ଏକାନ୍ତରେ ରହି ମଧ୍ୟ ଯଦି ବିଷୟ ଚିନ୍ତନ ନିରନ୍ତର ଲାଗିରହେ, ତେବେ ଏକାନ୍ତ ସେବନ ନିତାନ୍ତ ବ୍ୟର୍ଥ ଅଟେ । ଶରୀର ସମ୍ପର୍କ ସହିତ ସମଗ୍ର ସଂସାର ଯୁକ୍ତ ହୋଇ ରହିଛି । ଅତଏବ, ଯେଉଁଠି ସ୍ଥୂଳ ଶରୀର , ସୂକ୍ଷ୍ମ ଶରୀର ଓ କାରଣ ଶରୀର ନାହିଁ, ଯେଉଁଠି ବ୍ୟଷ୍ଟି ଶରୀର ନାହିଁ କି, ସମଷ୍ଟି ସଂସାର ନାହିଁ, କେବଳ ଏକ ତତ୍ତ୍ୱ ରହିଛି, ତାହା ହେଉଛି ବାସ୍ତବ ଏକାନ୍ତ । ଜନ ସମୁଦାୟରେ ରୁଚି ବା ପ୍ରୀତି ନ ରଖିବା ହେଉଛି 'ଅରତି ଜନ ସଂସଦି' । ଏଠାରେ ଜନ ସଂସଦୀୟ ଶବ୍ଦ ପ୍ରମାଦୀ ଏବଂ ବିଷୟାସକ୍ତ ସାଂସାରିକ ମନୁଷ୍ୟ ସମୁଦାୟ ବାଚକ ଅଟେ । ଏହି ମାନଙ୍କ ସଙ୍ଗକୁ ସାଧନାର ସବୁ ପ୍ରକାର ବାଧକ ବୁଝି ଏଥିରୁ ନିବୃତ୍ତ ରହିବା ଉଚିତ ।

ଅଧ୍ୟାତ୍ମଜ୍ଞାନ ନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।
ଏତଜ୍ ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥୧୨॥

*ଅନ୍ୱୟ: ଅଧ୍ୟାତ୍ମଜ୍ଞାନ ନିତ୍ୟତ୍ୱଂ (ଅଧ୍ୟାତ୍ମ ଜ୍ଞାନରେ ନିତ୍ୟ ନିରନ୍ତର ସ୍ଥିତ ହେବା – ଆତ୍ମଜ୍ଞାନରେ ନିଷ୍ଠା ) ତତ୍ତ୍ୱଜ୍ଞାନ-ଅର୍ଥ-ଦର୍ଶନମ୍ (ତତ୍ତ୍ୱଜ୍ଞାନର ଅର୍ଥ ସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା – ତତ୍ତ୍ୱଜ୍ଞାନ ପ୍ରୟୋଜନ ମୋକ୍ଷାଦି ବିଷୟକ ଆଲୋଚନା ବା ତତ୍ତ୍ୱଜ୍ଞାନର ଅନୁସନ୍ଧାନ - ତତ୍ତ୍ୱଜ୍ଞାନ ପ୍ରାପ୍ତି ନିମିତ୍ତ ଜିଜ୍ଞାସୁ ହେବା) ଏତଦ୍ (ଏହି ଗୁଡ଼ିକୁ -ଅମାନିତ୍ୱରୁ ତତ୍ତ୍ୱ ଦର୍ଶନ ପର୍ଯ୍ୟନ୍ତ କୋଡ଼ିଏ ଗୋଟି ଉପାୟକୁ) ଜ୍ଞାନମ୍ (ଜ୍ଞାନର ସାଧନ) ପ୍ରୋକ୍ତମ୍ (କୁହାଯାଇଛି) ଯଦ୍ (ଯାହା) ଅତଃ (ଏହାର) ଅନ୍ୟଥା (ବିପରୀତ ) ଅଜ୍ଞାନମ୍ (ତାହା ଅଜ୍ଞାନ ବୋଲି) ପ୍ରୋକ୍ତମ୍ (କୁହାଯାଇଛି ) ।*

**ଭାବାର୍ଥ** : ଆତ୍ମଜ୍ଞାନ ନିଷ୍ଠା ହେଉଛି ଅଧ୍ୟାତ୍ମଜ୍ଞାନରେ ନିତ୍ୟ ନିରନ୍ତର ସ୍ଥିତ ରହିବା । ଆତ୍ମା ସମ୍ବନ୍ଧିତ ଯେତେ ଜ୍ଞାନ ତାହା ଆତ୍ମଜ୍ଞାନ । ଯେଉଁ ଆତ୍ମା ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ତିନି ଅବସ୍ଥାର ସାକ୍ଷୀ, ତାହାର ଚିନ୍ତନ କରିବାକୁ ଅଧ୍ୟାତ୍ମଜ୍ଞାନରେ ନିତ୍ୟସ୍ଥିତ କୁହାଯାଏ । ଆତ୍ମା ନିତ୍ୟ, ବିଶୁଦ୍ଧ ଚେତନ, ନିର୍ବିକାର ଏବଂ ଅବିନାଶୀ । ଏହାକୁ ଛାଡି ଯାହା ସବୁ ନାଶବାନ୍, ଜଡ, ବିକାରୀ, ପରିବର୍ତ୍ତନଶୀଳ ଏବଂ ଦୃଶ୍ୟମାନ୍ ସେହି ସମସ୍ତ ଅନାତ୍ମା । ଆତ୍ମାର ଏହି ଅନାତ୍ମା ସହିତ କୌଣସି ସମ୍ବନ୍ଧ ରହି ନ ଥାଏ । ଶାସ୍ତ୍ର ଏବଂ ଗୁରୁ ଉପଦେଶ ଦ୍ୱାରା ଏହାକୁ ଉତ୍ତମ ରୂପେ ବୁଝି ମନରେ ଆତ୍ମା ତତ୍ତ୍ୱକୁ ନିତ୍ୟ ନିରନ୍ତର ମନନ କରିବାକୁ ହେବ । ପରମାତ୍ମା ତତ୍ତ୍ୱ ସଂସାରର ଆଧାର ଓ ପ୍ରକାଶକ- ଯାହା ନିତ୍ୟ, ନିରନ୍ତର, ଅକ୍ଷୁର୍ଣ୍ଣ । ସେହି ପରମାତ୍ମା ତତ୍ତ୍ୱ ବ୍ୟତିରେକ ସଂସାରର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ । ତତ୍ତ୍ୱଜ୍ଞାନ ଲାଭାର୍ଥ ଆଲୋଚନା ହେଉଛି ତତ୍ତ୍ୱଜ୍ଞାନର ଅର୍ଥ ସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା । ସମଭାବେ ପରିପୂର୍ଣ୍ଣ ପରମାତ୍ମାଙ୍କ ସାକ୍ଷାତ୍କାର ଯେତେବେଳେ ସାଧକର ଲକ୍ଷ୍ୟ ହୋଇଯାଏ, ଆତ୍ମ ବିଜ୍ଞାନ ସମ୍ବନ୍ଧରେ ଅନୁଶୀଳନ, ବିଶ୍ଳେଷଣ କରି ଆତ୍ମା-ପରମାତ୍ମାର ଅଭେଦ ତତ୍ତ୍ୱକୁ ବୁଝିବାର ପ୍ରୟାସରେ ସାଧକ ନିତ୍ୟ ନିରନ୍ତର ଯୁକ୍ତ ହୋଇ ରହିଥାଏ - ଯାହାକୁ ଏହି ଶ୍ଳୋକରେ 'ତତ୍ତ୍ୱଜ୍ଞାନ ଅର୍ଥ ଦର୍ଶନମ୍' ବୋଲି କୁହାଯାଇଛି । ଏହି ତତ୍ତ୍ୱଜ୍ଞାନ ଦ୍ୱାରା ସଚ୍ଚିଦାନନ୍ଦଘନ ଗୁଣାତୀତ ପରମାତ୍ମାଙ୍କ ସର୍ବତ୍ର ସମଭାବରେ ନିତ୍ୟ ନିରନ୍ତର ଧ୍ୟାନ କରିବା ସମ୍ଭବ ହୋଇଥାଏ । ଏହି ପାଞ୍ଚଗୋଟି ଶ୍ଳୋକରେ ଭଗବାନ ବିବେକ ଓ ବୈରାଗ୍ୟକୁ ପରିପୁଷ୍ଟ କରିବା ନିମିତ୍ତ ବର୍ଣ୍ଣନା କରିଥିବା ସମସ୍ତ ବିଷୟ ଆତ୍ମଜ୍ଞାନ ପ୍ରାପ୍ତିର ବିଂଶ ସାଧନ ବୋଲି କୁହାଯାଇଛି । ଏହାର ବିପରୀତ ଯଥା ମାନିତ୍ୱ, ଦାମ୍ଭିକତା, ହିଂସା ଆଦି ଅଜ୍ଞାନ ବୋଲି ଜାଣିବା ଉଚିତ । କାରଣ ଅଜ୍ଞାନ ସର୍ବଦା ମୋକ୍ଷ ପ୍ରାପ୍ତିର ବିରୋଧୀ ଏବଂ ସଂସାର ମୋହର କାରଣ ଯୋଗୁଁ ପରିହାର୍ଯ୍ୟ । ଏହି ତଥା କଥିତ ଜ୍ଞାନ ସମୂହ ଅନ୍ତଃକରଣର କ୍ରିୟା ପ୍ରତିକ୍ରିୟା ଭଳି ଜଣା ପଡୁଥିଲେ ମଧ୍ୟ, ବାସ୍ତବରେ ଏହି ସମସ୍ତ ମୋକ୍ଷ ପ୍ରାପ୍ତି ଅର୍ଥାତ୍ ଭଗବାନଙ୍କ ନିକଟରେ ପହଞ୍ଚିବା ନିମିତ୍ତ ସାଧନ ମାର୍ଗ । ଭଗବାନ କହିଥିବା ଏହି ବିଂଶ ସାଧନକୁ ଜ୍ଞାନ ରୂପ କୁହାଯାଇଛି । ଏହି ଜ୍ଞାନ ସାଧନାରେ କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କର ଯଥାର୍ଥ ଜ୍ଞାନ ହୋଇଥାଏ । କେବଳ ପରମାତ୍ମା ପ୍ରାପ୍ତି ଏକମାତ୍ର ଉଦ୍ଦେଶ୍ୟ ହୋଇଗଲେ ଦୁର୍ଗୁଣ-ଦୁରାଚାର ପ୍ରଭୃତି ନଷ୍ଟ ହୋଇଯାଏ । ସାଧନ ନିଷ୍ଠ ହୋଇଗଲେ, କୌଣସି ଦୁର୍ଗୁଣ-ଦୁରାଚାର ରହେନାହିଁ ।

ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ୍ ଜ୍ଞାତ୍ୱାମୃତମଶ୍ନୁତେ ।
ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ ॥ ୧୩॥

*ଅନ୍ୱୟ: ଯତ୍ (ଯାହା) ଜ୍ଞେୟଂ (ଜାଣିବା ଯୋଗ୍ୟ-ଜାଣିବା ବିଷୟ-ଜ୍ଞାନଦ୍ୱାରା ଜ୍ଞାତବ୍ୟ) ଯତ୍ (ଯାହାକୁ) ଜ୍ଞାତ୍ୱା (ଜାଣି ସାରିଲା ପରେ ମନୁଷ୍ୟ) ଅମୃତମ୍ (ମୋକ୍ଷ-ଅମରତ୍ୱ) ଅଶ୍ନୁତେ (ଅନୁଭବ କରେ- ଆସ୍ୱାଦନ କରେ) ତତ୍ (ତାହା-ସେହି ପରମାତ୍ମା ତତ୍ତ୍ୱ) ପ୍ରବକ୍ଷ୍ୟାମି (ଭଲ ଭାବରେ କହିବି ) ତତ୍ (ସେହି) ଅନାଦି (ନିତ୍ୟ-ଆଦି ଅନ୍ତହୀନ) ମତ୍ ପରଂବ୍ରହ୍ମ (ମୋରିଠାରେ ଆଶ୍ରିତ ବ୍ରହ୍ମ) ନ ସତ୍ (ସତ୍ ଶବ୍ଦବାଚ୍ୟ ନୁହନ୍ତି ବା କାରଣ ନୁହନ୍ତି ) ନ ଅସତ୍ (ଅସତ୍ ପଦବାଚ୍ୟ ନୁହନ୍ତି ବା କାର୍ଯ୍ୟ ବି ନୁହନ୍ତି) ଉଚ୍ୟତେ (ଏହି ପରି କୁହାଯାଇଥାଏ ) ।*

**ଭାବାର୍ଥ**: ପୂର୍ବ ପାଞ୍ଚଗୋଟି ଶ୍ଳୋକରେ ଜ୍ଞାନର ସାଧନକୁ 'ଜ୍ଞାନ' ନାମରେ ବର୍ଣ୍ଣନ ଶୁଣିବା ପରେ ମନରେ ଜିଜ୍ଞାସା ହୁଏ କି, ଏହି ସାଧନ ଦ୍ୱାରା ପ୍ରାପ୍ତ 'ଜ୍ଞାନ'ର ବାସ୍ତବରେ ଜାଣିବା ଯୋଗ୍ୟ ବସ୍ତୁ କଣ ? ଏବଂ ଜାଣିବାରେ କଣ ଫଳ ହୋଇଥାଏ ? ଏହାର ଉତ୍ତର ଦେବା ନିମିତ୍ତ ଭଗବାନ ବର୍ତ୍ତମାନ ଜାଣିବା ଯୋଗ୍ୟ ବସ୍ତୁର ସ୍ୱରୂପ କଣ ଏବଂ ଏହା ଜାଣିବାର ଫଳ 'ଅମୃତ ପ୍ରାପ୍ତି' କହି ପରମାତ୍ମାଙ୍କ ସ୍ୱରୂପର ବର୍ଣ୍ଣନା କରିଛନ୍ତି । ଭଗବାନ କହୁଛନ୍ତି, ହେ ଅର୍ଜୁନ ! ଯାହା ଜାଣିବା ଯୋଗ୍ୟ ଅର୍ଥାତ୍ ଜ୍ଞାନ ଦ୍ୱାରା ଜ୍ଞାତବ୍ୟ ତତ୍ତ୍ୱ ତାହା 'ମୁଁ' ତୁମ୍ଭଙ୍କୁ ଅତି ଉତ୍ତମ ପ୍ରକାରେ ବୁଝାଇ କହୁଛି । ଏହି ତତ୍ତ୍ୱକୁ ଜାଣି ହୃଦୟଙ୍ଗମ କରିବା ପରେ ମନୁଷ୍ୟ ସଂସାର ବନ୍ଧନରୁ ମୁକ୍ତ ହୋଇ ଯାଇଥାଏ, ଅର୍ଥାତ୍ ଅମୃତ ସେବନ କରି ଅମରତ୍ୱ ପ୍ରାପ୍ତ ହୋଇ ଯାଏ । ସେହି ଜ୍ଞାତବ୍ୟ ତତ୍ତ୍ୱ ବା ଜ୍ଞେୟ ହେଉଛି ସମ୍ପୂର୍ଣ୍ଣ ଶରୀରାଦି ବିକାରଠାରୁ ବିଲକ୍ଷଣ ନିତ୍ୟ କୂଟସ୍ଥ ବ୍ରହ୍ମ, ଯାହା କେଉଁ ଅନାଦି କାଳରୁ ମୋତେ ଆଶ୍ରିତ ହୋଇ ରହିଛି ଏବଂ ଯାହାକୁ ସତ୍ (ଅଛି) କିମ୍ବା ଅସତ୍ (ନାହିଁ) ବୋଲି କୁହା ଯାଇ ପାରିବ ନାହିଁ । ତାହା କାର୍ଯ୍ୟରୂପୀ ଭୌତିକ ବସ୍ତୁ ନୁହେଁ କି, କାରଣାତ୍ମକ ଅବ୍ୟକ୍ତ ନୁହେଁ । ଯାହା ସୃଷ୍ଟ ହୁଏ ଓ ବିନଷ୍ଟ ହୁଏ, ତାହା ସମ୍ବନ୍ଧରେ ସତ୍ ଓ ଅସତ୍ ଏହି ଦୁଇଟି ଶବ୍ଦ ପ୍ରଯୋଜ୍ୟ । ବ୍ରହ୍ମର ଉତ୍ପନ୍ନ ନାହିଁ କି, ବିନାଶ ନାହିଁ । ଅତଏବ, ବ୍ରହ୍ମକୁ ସତ୍ ବା ଅସତ୍ କହି ହୁଏନାହିଁ । ସୂର୍ଯ୍ୟ ଯେପରି ଦିନ ଓ ରାତିର ଉର୍ଦ୍ଧ୍ୱରେ କେବଳ ପ୍ରକାଶ ସ୍ୱରୂପ, ସେହିପରି ସେହି ଜ୍ଞେୟ ତତ୍ତ୍ୱ ସତ୍ ଓ ଅସତ୍ ର ଉର୍ଦ୍ଧ୍ୱରେ । ବ୍ରହ୍ମ ଯେ କଣ ? – ଏହା ଆଜି ପର୍ଯ୍ୟନ୍ତ କେହି ଶବ୍ଦ ଦ୍ୱାରା ଯୁକ୍ତି ଯୁକ୍ତ ଭାବେ ବର୍ଣ୍ଣନା କରିବା ନିମିତ୍ତ ସମର୍ଥ ହୋଇ ପାରିନାହାନ୍ତି । ସ୍ୱାମୀ ଶିବାନନ୍ଦଙ୍କ ବ୍ୟାଖ୍ୟାନୁଯାୟୀ ବ୍ରହ୍ମ କୌଣସି ଜାତି ବା ବର୍ଗର ଅନ୍ତର୍ଗତ ନୁହନ୍ତି । 'ବ୍ରହ୍ମ' ବର୍ଣ୍ଣହୀନ, ଗୁଣହୀନ ଏବଂ ଏହାର ସାଦୃଶ୍ୟ ଅନ୍ୟ ଦ୍ୱିତୀୟ କେହି ହୋଇନାହିଁ । ବ୍ରହ୍ମ ଅକର୍ତ୍ତା, ବ୍ରହ୍ମ ହେଉଛନ୍ତି ପରମ ତୁରୀୟ, ପରମ ଅବ୍ୟକ୍ତ ବସ୍ତୁ । ବ୍ରହ୍ମ ହେଉଛନ୍ତି ସକଳ ବସ୍ତୁର ଅନ୍ତର୍ନିବାସୀ ସାକ୍ଷୀ । ପରମବ୍ରହ୍ମଙ୍କୁ ଜ୍ଞେୟ ଏଥିପାଇଁ କୁହାଯାଇଛି କି, ଜ୍ଞାନ ଅତିରିକ୍ତ ଅନ୍ୟ କୌଣସି ଉପାୟରେ ଏହାର ସ୍ୱରୂପକୁ ବୁଝି ହୋଇ ପାରି ନ ଥାଏ । ଯେଉଁ ଜ୍ଞାନ ପ୍ରାପ୍ତ ହୋଇ ସାରିଲା ପରେ ପୁଣି ଅନ୍ୟ କୌଣସି କାର୍ଯ୍ୟ ଅବଶିଷ୍ଟ ରହି ଯାଇ ନ ଥାଏ । ଆତ୍ମା ମରଣଶୀଳ ଶରୀର ଆଦି ସହିତ ଏକତ୍ୱକୁ ସ୍ୱୀକାର କରିବା ହେତୁ ବ୍ୟର୍ଥ ମରଣକୁ ଅନୁଭବ କରେ । ଆତ୍ମା ଏବଂ ଅନାତ୍ମାର ବିବେକ ପୂର୍ଣ୍ଣ ବିଚାର କରି, ନିଜ ଆତ୍ମା ସ୍ୱରୂପକୁ ଚିହ୍ନି, ନିଜ ଆତ୍ମ ସ୍ୱରୂପରେ ଦୃଢ, ସ୍ଥିତି ପ୍ରାପ୍ତ ହେଲେ ମରଣ ଆଦି ମିଥ୍ୟା ଭୟର ପରିସମାପ୍ତି ଘଟିଥାଏ । ପରମାତ୍ମା କାଳର ମଧ୍ୟ ଅଧିଷ୍ଠାନ ଅର୍ଥାତ୍ ସବୁକାଳରେ ସେ ବର୍ତ୍ତମାନ ହୋଇଥିବା କାରଣରୁ ତାଙ୍କର ଉତ୍ପତ୍ତି ଅଛି ବୋଲି କୁହା ଯାଇ ପାରିବ ନାହିଁ । ତେଣୁ ସେ ଅନାଦି । ବସ୍ତୁଟି 'ଅଛି କିମ୍ବା 'ନାହିଁ ଏହି ଦୁଇଟି ଅର୍ଥକୁ ସଙ୍କେତ କରିବା ନିମନ୍ତେ ସତ୍ ଓ ଅସତ୍ ପଦ ପ୍ରୟୋଗ ହୋଇଥାଏ । କିନ୍ତୁ ଚୈତନ ତତ୍ତ୍ୱ (ଆତ୍ମ ଚୈତନ୍ୟ) ଇନ୍ଦ୍ରିୟ, ମନ, ବୁଦ୍ଧିର ଜ୍ଞେୟ ବସ୍ତୁ ହୋଇ ପାରି ନ ଥାନ୍ତି । ସେହିପରି ଅସ୍ତିତ୍ୱ ବିହୀନ ବସ୍ତୁ ଯଥା : ଆକାଶ କୁସୁମ କିମ୍ବା ବନ୍ଧ୍ୟାପୁତ୍ର ଆଦିକୁ ଅସତ୍ କୁହା ଯାଇଥାଏ । କିନ୍ତୁ ବ୍ରହ୍ମ ସମ୍ପୂର୍ଣ୍ଣ ଅସ୍ତିତ୍ୱ ବିହୀନ ବସ୍ତୁ ନୁହନ୍ତି । ସେ' ସମସ୍ତ ନାମରୂପ ଜଗତର କାରଣ ଅଟନ୍ତି । ତେଣୁ ତାଙ୍କୁ ଅସତ୍ ବୋଲି କହିହେବ ନାହିଁ । ବ୍ରହ୍ମଙ୍କ ଅଭାବ ହେଲେ ଜଗତ ସିଦ୍ଧ ହୋଇ ପାରିବ ନାହିଁ । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁଯାୟୀ ଜାତି ଓ ଗୁଣରୁ ରହିତ ହେବା କାରଣରୁ ବ୍ରହ୍ମଙ୍କୁ ସତ୍ ବୋଲି କୁହାଯାଇ ପାରିବ ନାହିଁ କି, ସମସ୍ତ ଶରୀରରେ ଚୈତନ୍ୟ ରୂପରେ ବ୍ୟକ୍ତ

ହେବା କାରଣରୁ ବ୍ରହ୍ମଙ୍କୁ ଅସତ୍ ମଧ୍ୟ କୁହାଯିବ ନାହିଁ । ଯାହାର ଜ୍ଞାନ ହୋଇଗଲାପରେ ତାହାରି ଭିତରେ ତଦ୍ ରୂପତା ଉତ୍ପନ୍ନ ହୋଇ ଯାଇଥାଏ ଏବଂ ସଂସାରକୁ ତଟ ଦେଶରେ ରଖି ଜ୍ଞାନୀଜନ ନିତ୍ୟାନନ୍ଦ ସାଗରରେ ବୁଡି ରହି ସେଥିରେ ତଲ୍ଲିନ ହୋଇ ଯାଇଥାଏ । ସେହି ଜ୍ଞେୟର କୌଣସି ଆଦି ନାହିଁ । ସେହି ଜ୍ଞେୟକୁ କେବଳ ସଙ୍କେତ କରିବା ନିମିତ୍ତ ପରମବ୍ରହ୍ମ କୁହାଯାଏ । ପରମାତ୍ମା ତତ୍ତ୍ୱକୁ ଜାଣିଗଲାପରେ ଶରୀରାଦି ସହିତ ଏକତ୍ୱ କାରଣରୁ ମାନି ନେଇଥିବା ଜନ୍ମ ମରଣଶୀଳ ଭ୍ରମ ଦୂର ହୋଇଯାଏ । ବାସ୍ତବିକ ସ୍ୱରୂପ ବୋଧ ହୋଇଗଲେ ଅମରତ୍ୱ ଅନୁଭବ ହୁଏ । ବ୍ରହ୍ମ ଶବ୍ଦ ଯେତେବେଳେ ଜୀବପ୍ରତି ପ୍ରଯୁଜ୍ୟ ହେଉଛି ସେତେବେଳେ ଏହା ବୁଝିବାକୁ ହେବ ଯେ ସେ' ଯେଉଁ ବ୍ରହ୍ମ ଅଟେ, ଅନନ୍ତ ବ୍ରହ୍ମ ନୁହେଁ । ଅନନ୍ତ ବ୍ରହ୍ମ ହେଉଛନ୍ତି ପରମବ୍ରହ୍ମ ପରମ ପୁରୁଷ ଭଗବାନ । ଜୀବାତ୍ମା ଏବଂ ପରମାତ୍ମା- ଏହି ଦୁଇଟି ଜ୍ଞେୟ ବସ୍ତୁ ହେଲେ ମଧ୍ୟ, ପରମାତ୍ମାଙ୍କ ଅନୁଶୀଳନ ଦ୍ୱାରା ହିଁ ତାଙ୍କରି ଆଶ୍ରିତ ଜୀବ ତତ୍ତ୍ୱର ଜ୍ଞାନ ପ୍ରାପ୍ତ ହୋଇଉଠେ । ଯେବେ ସାଧକ ନିକଟରେ ଜ୍ଞାନ ପ୍ରାପ୍ତର ଯୋଗ୍ୟତା ଆସି ଯାଇଥାଏ, ତେବେ ଜ୍ଞେୟକୁ ଠିକ୍ ଠିକ୍ ଭାବେ ଜାଣିବାର ସାମର୍ଥ୍ୟତା ଆସିଯାଏ । ନିଷ୍କର୍ଷ ଏହାକି, ନିର୍ଗୁଣ, ନିରାକାର ସଚ୍ଚିଦାନନ୍ଦଘନ ପରମବ୍ରହ୍ମ ପରମାତ୍ମା ହିଁ ଜ୍ଞେୟ ତତ୍ତ୍ୱ ଅଟନ୍ତି । ତୈତ୍ତିରୀୟ ଶ୍ରୁତିରେ କୁହା ଯାଇଛି କି, "ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସାସହ" । ଏହାର ଅର୍ଥ ହେଲା – ମନ ସହିତ ବାଣୀ ଯାହାକୁ ନ ପାଇ ଫେରି ଆସିଥାନ୍ତି, ତାହା ବ୍ରହ୍ମ ଅଟେ । ଶ୍ରୀ ରାମକୃଷ୍ଣ କହିଛନ୍ତି –" ଆତ୍ମା ଦ୍ୱାରା ହିଁ ଆତ୍ମାକୁ ଜାଣିହୁଏ । ଶୁଦ୍ଧ ମନ, ଶୁଦ୍ଧ ବୁଦ୍ଧି, ଶୁଦ୍ଧ ଆତ୍ମା ଏକ । କଥାମୃତ ଗ୍ରନ୍ଥରେ ଆହୁରି ଦେଖାଯାଏ – "ଋଷିମାନେ ଶୁଦ୍ଧ ବୁଦ୍ଧି ଦ୍ୱାରା ଶୁଦ୍ଧ ଆତ୍ମାକୁ ସାକ୍ଷାତ୍କାର କରିଥିଲେ – କିପରି ସ୍ୱରୂପରେ ରହି ହୁଏ, ତାହାର ଉପଦେଶ ଦେଉଥିଲେ –"ମନକୁ ବୁଦ୍ଧିରେ ଲୟ କର- ବୁଦ୍ଧିକୁ ଆତ୍ମାରେ ଲୟ କର – ତେବେ ଯାଇ ସ୍ୱ-ସ୍ୱରୂପରେ ରହିବ । ମନ ଆସକ୍ତି ଶୂନ୍ୟହେଲେ ତାଙ୍କର ଦର୍ଶନ ହୁଏ । ଶୁଦ୍ଧ ମନରେ ଯାହା ଉଠିବ ତାହା ତାଙ୍କର ହିଁ ବାଣୀ । ଶୁଦ୍ଧ ମନ ଯାହା ଶୁଦ୍ଧ ବୁଦ୍ଧି ମଧ୍ୟ ତାହା – ଶୁଦ୍ଧ ଆତ୍ମା ମଧ୍ୟ ତାହା – କାରଣ ତାଙ୍କ ଛଡା ଆଉ କେହି ଶୁଦ୍ଧ ନାହିଁ ।"

ସର୍ବତଃ ପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥୧୪॥

*ଅନ୍ୱୟ: ସର୍ବତଃ (ସବୁ ସ୍ଥାନରେ) ପାଣିପାଦଂ (ଯାହାଙ୍କ ହସ୍ତ ଓ ପାଣିପାଦ ରହିଛି) ସର୍ବତଃ (ସବୁ ସ୍ଥାନରେ) ଅକ୍ଷି-ଶିରଃ-ମୁଖମ୍ (ଯାହାଙ୍କ ଚକ୍ଷୁ, ମସ୍ତକ ଓ ମୁଖ ରହିଛି ) ସର୍ବତଃ (ସବୁ ସ୍ଥାନରେ) ଶ୍ରୁତିମତ୍ (କର୍ଣ୍ଣ ରହିଅଛି) ତତ୍ (ସେହି ପରମବ୍ରହ୍ମ) ଲୋକେ (ଜଗତରେ) ସର୍ବଂ ଆବୃତ୍ୟ (ସମସ୍ତ ପଦାର୍ଥକୁ ଆବୃତ କରି) ତିଷ୍ଠତି ( ଅବସ୍ଥାନ କରିଛନ୍ତି ) ।*

**ଭାବାର୍ଥ**: ପୂର୍ବ ଶ୍ଳୋକରେ ଚେତନ ତତ୍ତ୍ୱକୁ ସତ୍ କି, ଅସତ୍ ନିର୍ଦ୍ଦେଶ କରାଯାଇ ପାରିବ ନାହିଁ ବୋଲି କହି ଭଗବାନ ଶ୍ରୀକୃଷ୍ଣ ଏହି ଶ୍ଳୋକରେ ଜ୍ଞେୟ ସ୍ୱରୂପ ପରମାତ୍ମାଙ୍କ ସର୍ବ ବ୍ୟାପକତାର ବର୍ଣ୍ଣନ କରିଛନ୍ତି । ଭଗବାନ ସ୍ୱରୂପତଃ କାର୍ଯ୍ୟ-କାରଣ ଅତୀତ ହେଲେମଧ୍ୟ, ଶକ୍ତି ଓ ଶକ୍ତିମାନ ଦୁଇ ଅଭିନ୍ନ କାରଣରୁ ଶକ୍ତିର କାର୍ଯ୍ୟ ମଧ୍ୟ ଶକ୍ତିମାନର କାର୍ଯ୍ୟ ଅଟେ । ଏହି ବିଚାରରେ ଦୃଶ୍ୟ ଜଗତ ଆଦି ସମସ୍ତ କାର୍ଯ୍ୟ ଶକ୍ତିର ପରିଣାମ ହୋଇଥିବା ହେତୁ ଭଗବତ ସ୍ୱରୂପ ଅଟେ । ଆକାଶ ଯେଉଁ ପ୍ରକାର ବାୟୁ, ଅଗ୍ନି, ଜଳ ଓ ପୃଥିବୀର କାରଣ ହେତୁ ସେଗୁଡିକୁ ବ୍ୟାପ୍ତ କରି ସ୍ଥିତ ହୋଇ ରହିଅଛି, ସେହି ପ୍ରକାରେ 'ବ୍ରହ୍ମ' ବସ୍ତୁରେ ସର୍ବ ବ୍ୟାପକ

ହୋଇଥିବା କାରଣରୁ ସେଥିରେ ଅନ୍ତର୍ଭୁକ୍ତ ତଥା ଆଶ୍ରିତ । ବ୍ରହ୍ମାଙ୍କଠାରୁ ପିମ୍ପୁଡି ପର୍ଯ୍ୟନ୍ତ ଅନନ୍ତ ଜୀବଙ୍କ ଅବସ୍ଥାନ ସ୍ୱରୂପ ସେହି ବ୍ରହ୍ମତତ୍ତ୍ୱ ସବୁ ସ୍ଥାନରେ ଅନନ୍ତ ହାତ,- ପାଦ- ଚକ୍ଷୁ –ଶିର - ମୁଖ ଓ କର୍ଣ୍ଣ ଇତ୍ୟାଦି ସମସ୍ତଙ୍କ ସଂଯୁକ୍ତ ରୂପରେ ଆବୃତକରି ବିରାଜମାନ । ପରଂବ୍ରହ୍ମ ସମଗ୍ର ବିଶ୍ୱର ସକଳ ବସ୍ତୁକୁ ଆବୃତକରି ବିଶ୍ୱମୟ ହୋଇ ନିବାସ କରନ୍ତି । ଏହା ସଗୁଣ ବ୍ରହ୍ମଙ୍କ (ଉପାଧିଧାରୀ ବ୍ରହ୍ମ) ବ୍ୟକ୍ତରୂପ ହିଁ ନିର୍ଣ୍ଣୟ କରେ । ପରମାତ୍ମା ଏହି ଜଗତ, ଏହି ଦେହ, ମନ, ପ୍ରାଣ ତଥା ଇନ୍ଦ୍ରିୟ ସକଳର ମୂଳାଧାର, ଆଶ୍ରୟ । ଆରୋପିତ ମିଥ୍ୟା ସର୍ପର ଗୁଣ ଓ ଲକ୍ଷଣ ଦ୍ୱାରା ସତ୍ୟ ରଜ୍ଜୁ ଯେପରି କୌଣସି ପ୍ରକାରେ ପ୍ରଭାବିତ ହୁଏନାହିଁ, କ୍ଷେତ୍ରର କ୍ଷେତ୍ରଜ୍ଞ ସେହି ପରଂବ୍ରହ୍ମ ଜଗତ ତଥା ଦେହ, ମନ, ପ୍ରାଣଶକ୍ତି ଓ ଇନ୍ଦ୍ରିୟାଦି ଦ୍ୱାରା କୌଣସି ପ୍ରକାର ପ୍ରଭାବିତ ହୁଅନ୍ତିନାହିଁ । ଦେହ, ମନ, ପ୍ରାଣଶକ୍ତି ଓ ଇନ୍ଦ୍ରିୟାଦି ସ୍ୱଭାବତଃ ଅଚେତନ । ସେଗୁଡିକ ଚେତନଶୀଳ ନୁହନ୍ତି । ସେଗୁଡିକ ବ୍ରହ୍ମଦ୍ୱାରା ସଞ୍ଚାଳିତ ହୁଅନ୍ତି । ସମସ୍ତ ଦେଶ ଏବଂ ସବୁ କାଳରେ ଯେଉଁ କ୍ରିୟା ସ୍ଥୂଳ ଏବଂ ସୂକ୍ଷ୍ମ ସମସ୍ତ ପ୍ରାଣୀଙ୍କ ଦ୍ୱାରା ସମ୍ପନ୍ନ ହୁଏ, ସେହି କ୍ରିୟା ଯେଉଁ ବସ୍ତୁର ହାତରେ ହୁଏ, ତାହାକୁ ବିଶ୍ୱବାହୁ କୁହାଯାଏ । ଏହାର କାରଣ ସେହି ବ୍ରହ୍ମବସ୍ତୁ ହିଁ ସର୍ବାକାର ହୋଇ ଅନବରତ ସମସ୍ତ କ୍ରିୟା କରିଥାଏ । ଯଦି କାହାକୁ ଶୂନ୍ୟକୁ ଦେଖାଇବାକୁ ହୁଏ, ସେଥି ନିମିତ୍ତ ଏକ ଗୋଲ କରିବାକୁ ପଡିଥାଏ ଅଥବା ସାଙ୍କେତିକ ରୂପେ ଲେଖିବାକୁ ହୁଏ । ସେହି ପ୍ରକାର ଅଦ୍ୱୈତକୁ ନିରୂପଣ କରିବା ନିମିତ୍ତ ଦ୍ୱୈତର ଭାଷାକୁ ପ୍ରୟୋଗ କରିବା ଅତ୍ୟାବଶ୍ୟକ ହୋଇଥାଏ । ଜ୍ଞାତ ଓ ବ୍ୟକ୍ତ ବସ୍ତୁର ଉଦାହରଣ ଦ୍ୱାରା ଅଜ୍ଞାତ ଓ ଅବ୍ୟକ୍ତ ବ୍ରହ୍ମକୁ ବୁଝାଇବା ସହଜ ହୁଏ । ପ୍ରାଣୀମାନଙ୍କ ଚେତନା ଏବଂ କାର୍ଯ୍ୟକ୍ଷମ ପ୍ରତୀତ ଅନ୍ତରାଳରେ 'ଚେତନା ପ୍ରଦାନକାରୀ ଆତ୍ମତତ୍ତ୍ୱ' ସମସ୍ତ ପ୍ରାଣୀ ମାନଙ୍କ ମଧ୍ୟରେ ଏକ ଅଟେ । ଏଥି ନିମିତ୍ତ କୁହା ଗଲାକି,- 'ବ୍ରହ୍ମ ସବୁ କିଛିରେ ହସ୍ତ ପଦକୁ ଧାରଣ କରିଥାନ୍ତି' । ସେହିପରି ଏହି ଆତ୍ମା ଚୈତନ୍ୟ ଉପସ୍ଥିତି କାରଣରୁ ସମସ୍ତ ନେତ୍ର, ସମସ୍ତ ଶିର, ସମସ୍ତ ମୁଖ ନିଜ ନିଜ କାର୍ଯ୍ୟ ସମ୍ପନ୍ନ କରିବାକୁ ସକ୍ଷମ ହୋଇଥାନ୍ତି । ବ୍ୟକ୍ତି ଭଗବାନଙ୍କୁ ଯାହା ଅର୍ପଣ କରେ, ତାହା ଗ୍ରହଣ କରିବା ନିମିତ୍ତ ଭଗବାନ ତାଙ୍କରି ହସ୍ତକୁ ଅନନ୍ତ ପରିମାଣରେ ବିସ୍ତାର କରିପାରନ୍ତି । ପରମାତ୍ମା ସମସ୍ତ ଜୀବର କର୍ମେନ୍ଦ୍ରିୟ, ନେତ୍ର ଆଦି ଜ୍ଞାନେନ୍ଦ୍ରିୟ ଏବଂ ଅନ୍ତଃକରଣ ଚତୁଃଷ୍ଟୟ (ମନ, ଚିତ୍ତ, ବୁଦ୍ଧି ଓ ଅହଂକାର)ର ପ୍ରେରକ ଶକ୍ତି ରୂପରେ ବିଦ୍ୟମାନ ଅର୍ଥାତ୍ ପରମାତ୍ମାଙ୍କ ସତ୍ତା ଓ ସ୍ଫୁର୍ତ୍ତି ଏହି ଉପକରଣ ଗୁଡିକ ମାଧ୍ୟମରେ ପ୍ରକାଶିତ ହୁଏ । ସେହି ପରମାତ୍ମା ସର୍ବତ୍ର ସବୁ ନାମ ରୂପକୁ ଆବୃତ କରି ସ୍ଥିତ ଅଛନ୍ତି । ସର୍ବଦା ସବୁ ନାମ ରୂପରେ ଥାଇ ମଧ୍ୟ ସମସ୍ତଙ୍କ ଊର୍ଦ୍ଧ୍ୱରେ ରହିଛନ୍ତି । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସମସ୍ତଙ୍କ କାନ ଭଗବାନଙ୍କ କାନ । କେହି କିଛି ମଧ୍ୟ କହୁ, ସେ ଶୁଣି ପାରିଥାନ୍ତି । ଯଦି କେହି ଏପରି ମନେ କରେ ଯେ, ମୁଁ ଯାହା କହୁଛି, କେହି ଶୁଣୁ ନାହିଁ, କେହି ଶୁଣନ୍ତୁ କି ନାହିଁ ଭଗବାନ ମାତ୍ର ଶୁଣିଥାନ୍ତି । ସଂସାରର ସମସ୍ତଙ୍କ ଆଖିକୁ ଧୂଳି ଫିଙ୍ଗି ଫାଙ୍କି ହୋଇ ପାରିଥାଏ, କିନ୍ତୁ ଭଗବାନଙ୍କୁ ନୁହେଁ । ସେ' ସବୁ ସ୍ଥାନରେ, ସବୁ ସମୟରେ ଏବଂ ଯେ କୌଣସି ରୂପରେ ସବୁ କିଛି ଦେଖି ପାରନ୍ତି ଓ ଶୁଣିପାରନ୍ତି । ଏହି କଥା ବିଶ୍ୱାସ କରି ନେବାରେ, ଏକାନ୍ତରେ କିମ୍ବା ଅନ୍ୟ କାହାସହିତ ପରଚର୍ଚ୍ଚା କରିବା ନିମିତ୍ତ ଭୟ ମନେ କରିବା ଉଚିତ । ଭଗବାନଙ୍କ ହସ୍ତ, ପଦ, ନେତ୍ର, ତାଙ୍କରି ମସ୍ତକ, ତାଙ୍କରି ମୁଖ ଓ କର୍ଣ୍ଣ ସଂସାରର ସବୁ ଦିଗରେ ଅବସ୍ଥିତ । ଯାହାକିଛି ଅନ୍ୟର ମୁଖରେ ଦେଲେ ତାହା ଭଗବାନଙ୍କ ମୁଖକୁ ପ୍ରାପ୍ତ ହୁଏ । କାହାରି ମସ୍ତକରେ ଚନ୍ଦନ

ଲଗାଇଲେ, ତାହା ଭଗବାନଙ୍କ ମସ୍ତକରେ ଲାଗେ । ଏହି ବିଶ୍ୱାସ ରଖିବାକୁ ହେବ । ସେହି ପରଂବ୍ରହ୍ମ ପରମାତ୍ମା ସମସ୍ତ ଦିଗରେ ହସ୍ତ ଓ ପଦ ଦ୍ୱାରା ବ୍ୟାପ୍ତ ହୋଇ ରହିଛନ୍ତି । ତାହାଙ୍କୁ କୌଣସି ବସ୍ତୁ କେଉଁଠାରେ ମଧ୍ୟ ସମର୍ପଣ କରି ଦିଆଗଲେ, ସେହିଠାରେ ସେ ଗ୍ରହଣ କରିବାକୁ ସମର୍ଥ । କେହି ବି ଭକ୍ତ ଯେଉଁଠାରେ ତାଙ୍କରି ଚରଣକୁ ପ୍ରଣାମାଦି କରିଦେବାରେ ସେ ସେହିଠାରେ ତାହାକୁ ସ୍ୱୀକାର କରି ନେଇଥାନ୍ତି । ଯେବେ କେହି ମଧ୍ୟ ଭକ୍ତଲୋକ ତାଙ୍କରି ସତ୍କାର ଉଦ୍ଦେଶ୍ୟରେ ପୁଷ୍ପ ଆଦି କାହାରି ମସ୍ତକରେ ଚଢାଇ ଦେବାରେ, ତାହା ସବୁ ତାଙ୍କରି ମସ୍ତକରେ ଶୋଭା ପାଇଥାଏ । କାରଣ କୌଣସି ଏପରି ସ୍ଥାନ ନାହିଁ, ଯେଉଁଠାରେ ଭଗବାନଙ୍କ ମସ୍ତକ ରହି ନାହିଁ । ଭକ୍ତ ଯେଉଁଠି ଭଗବାନଙ୍କ ଉଦ୍ଦେଶ୍ୟରେ ଦୀପଟିଏ ଜଳାଇଦିଏ କିମ୍ବା ଆରତୀ ଟେକିଥାଏ, ସେହିଠାରେ ହିଁ ଭଗବାନଙ୍କ ନେତ୍ର ବିଦ୍ୟମାନ । ଯିଏ ଭଗବାନଙ୍କୁ ସର୍ବତ୍ର ଦର୍ଶନ କରେ, ଭଗବାନ ମଧ୍ୟ କେବେ ତା' ଦୃଷ୍ଟିରୁ ଅଦୃଶ୍ୟ ହୁଅନ୍ତି ନାହିଁ । ଭକ୍ତ ଯେଉଁଠି ଯେପରି ଭାବରେ ପ୍ରାର୍ଥନା କରେ, ସେଠାରେ ହିଁ ଭଗବାନ କାନ ଡେରି ଶୁଣନ୍ତି । ତତ୍ତ୍ୱଜ୍ଞ ଦୃଷ୍ଟିରେ ପରମାତ୍ମା ଅତିରିକ୍ତ ଅନ୍ୟ ଦ୍ୱିତୀୟ କେହି ନାହିଁ । ନିଜ ଆତ୍ମା ହିଁ ପରମାତ୍ମା । ଜିଜ୍ଞାସୁର ଦୃଷ୍ଟିରେ ତାହା ଅନୁସନ୍ଧାନ କରିବା ଯୋଗ୍ୟ କିନ୍ତୁ ଅଦୃଶ୍ୟ । ଭକ୍ତର ଦୃଷ୍ଟିରେ ମଧ୍ୟ ସେ' ଦର୍ଶନ ଯୋଗ୍ୟ- ଦର୍ଶନ ମଧ୍ୟ ହୋଇଥାଏ । ଯେ ସଂସାର ଜଡତାରେ ବାନ୍ଧି ହୋଇ ରହିଥାଏ, ତାହା ନିମନ୍ତେ ଦର୍ଶନ ଯୋଗ୍ୟ ନୁହନ୍ତି । ଏଣୁ ଈଶ୍ୱର ଏହା - ଯାହାକୁ ସମସ୍ତ ଲୋକ ଭିନ୍ନ ଭିନ୍ନ ଦୃଷ୍ଟି କୋଣରେ ଦେଖିଥାନ୍ତି । ପରମାତ୍ମା ସବୁଠାରେ ରହି ମଧ୍ୟ ସମସ୍ତଙ୍କଠାରୁ ଅଲଗା ହୋଇ ରହିଥାନ୍ତି ।

ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତମ୍ ।
ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ॥୧୫॥

*ଅନ୍ୱୟ: [ସେହି ପରବ୍ରହ୍ମ] ସର୍ବ-ଇନ୍ଦ୍ରିୟ-ଗୁଣ-ଆଭାସଂ (ସମସ୍ତ ଇନ୍ଦ୍ରିୟ ଗୁଡିକର ଉତ୍ପତ୍ତି ସ୍ଥଳ ଏବଂ ସେମାନଙ୍କ ଗୁଣର ପ୍ରକାଶକ) ସର୍ବ-ଇନ୍ଦ୍ରିୟ-ବିବର୍ଜିତମ୍ (ସମସ୍ତ ଇନ୍ଦ୍ରିୟ ବିହୀନ ତଥା ସମସ୍ତ ଇନ୍ଦ୍ରିୟରୁ ରହିତ) ଅସକ୍ତଂ(ଅନାସକ୍ତ-ସଙ୍ଗ ରହିତ) ସର୍ବ-ଭୃତ୍-ଚ-ଏବ (ତଥାପି ସମସ୍ତଙ୍କ ଭରଣ-ପୋଷଣକାରୀ) ନିର୍ଗୁଣଂ ( ସତ୍ତ୍ୱ, ରଜ, ତମ-ଏହି ତ୍ରିଗୁଣ ରହିତ) ଗୁଣ-ଭୋକ୍ତୃ ଚ (ଏବଂ ଷଡ ଐଶ୍ୱର୍ଯ୍ୟ ଆଦି ସକଳ ଗୁଣର ଭୋକ୍ତା ) ।*

**ଭାବାର୍ଥ**: ସେହି ଜ୍ଞେୟ ତତ୍ତ୍ୱ (ବ୍ରହ୍ମ ବସ୍ତୁ) ସମସ୍ତ ଇନ୍ଦ୍ରିୟମାନଙ୍କ ଗୁଣ ଏବଂ ବିଷୟ ସମୂହର ପ୍ରକାଶକ । ଶ୍ରୁତିରେ ମଧ୍ୟ ଉଲ୍ଲେଖ ଅଛି କି, "ତଚ୍ଚକ୍ଷୁଷଶ୍ଚକ୍ଷୁଃ" (କେ:ଉ -୧/୨) ଅର୍ଥାତ୍ ସେ' ନେତ୍ରଙ୍କ ମଧ୍ୟ ନେତ୍ର । ସେ ପ୍ରାକୃତ ଇନ୍ଦ୍ରିୟମାନଙ୍କଠାରୁ ରହିତ ହୋଇ ମଧ୍ୟ ଅପ୍ରାକୃତ ଇନ୍ଦ୍ରିୟଧାରୀ । ସେହି ପରବ୍ରହ୍ମ ଯଦିଓ ଗୁଣ ତ୍ରୟରୁ ଉର୍ଦ୍ଧ୍ୱରେ, ତଥାପି ଗୁଣଭୋକ୍ତା । ସ୍ୱର୍ଗାଦି ବିଷୟ ଦ୍ୱାରା ସୁଖ-ଦୁଃଖ ବା ମୋହରୂପେ ଗୁଣ ତ୍ରୟର ଆତ୍ମା ହିଁ ଭୋକ୍ତା ଅର୍ଥାତ୍ ଉପଲବ୍ଧତା ବା ପ୍ରକାଶୟିତା । ଜିହ୍ୱା ନଥିଲେ ମଧ୍ୟ ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ଭୋଗ ଆସ୍ୱାଦନ କରନ୍ତି । ବାଣୀରହିତ ହୋଇ ମଧ୍ୟ ଭକ୍ତଙ୍କ ସହିତ ବାର୍ତ୍ତାଳାପ କରିଥାନ୍ତି । ସେ' ନିଃସଙ୍ଗ ଅର୍ଥାତ୍ ସର୍ବ ସଙ୍ଗ ଶୂନ୍ୟ- ଅଥଚ ପ୍ରକୃତିର ସମ୍ବନ୍ଧ କାରଣରୁ ସମସ୍ତଙ୍କ ଆଧାର ସ୍ୱରୂପ, ଅର୍ଥାତ୍ ସମସ୍ତ ସଚରାଚରକୁ ଧାରଣ କରି ରହିଛନ୍ତି । ତାହାଙ୍କଠାରେ ସତ୍ତ୍ୱାଦି କୌଣସି ଗୁଣ ବିଦ୍ୟମାନ ନାହିଁ, ଅଥଚ ସେ' ହିଁ ସମସ୍ତ ଗୁଣର ଭୋକ୍ତା । ଜୀବର ଇନ୍ଦ୍ରିୟ ଗୁଡିକ ଯେପରି ବସ୍ତୁ ଓ ଗୁଣ ଦ୍ୱାରା ଅଚ୍ଛାଦିତ, ପରମାତ୍ମାଙ୍କ ଇନ୍ଦ୍ରିୟ ସମୂହ ଅପ୍ରାକୃତ ଏବଂ ଦିବ୍ୟ ଅଟନ୍ତି । ବଦ୍ଧ ଜୀବାତ୍ମା ଓ ପରାମାତ୍ମାଙ୍କ ମଧ୍ୟରେ ଏହା ହିଁ ପାର୍ଥକ୍ୟ । ଭଗବାନଙ୍କ

ଭୌତିକ ଚକ୍ଷୁ ନାହିଁ, କିନ୍ତୁ ସେ' ତାଙ୍କରି ଦିବ୍ୟ ଚକ୍ଷୁରେ ଭୁତ, ଭବିଷ୍ୟ ଓ ବର୍ତ୍ତମାନ – ସବୁ ଦେଖୁଛନ୍ତି । ସେ ସବୁ କିଛି ଜାଣିଥାନ୍ତି, କିନ୍ତୁ କେହି ତାଙ୍କୁ ଜାଣନ୍ତି ନାହିଁ । 'ପରମେଶ୍ୱର ସର୍ବଦା ଦିବ୍ୟ ଅଟନ୍ତି'-ଏହା ବେଦର ସିଦ୍ଧାନ୍ତ । ଜୀବର ଇନ୍ଦ୍ରିୟ ଦୋଷଦୁଷ୍ଟ କାରଣରୁ ଭଗବାନଙ୍କ ଦିବ୍ୟ ରୂପ ଦେଖିବାରୁ ଜୀବ ବଞ୍ଚିତ ହୋଇଥାଏ । ଭଗବାନଙ୍କ ସମସ୍ତ ପ୍ରାଣୀ ପ୍ରତି ପ୍ରେମଭାବ ଓ ଆତ୍ମୀୟତା ରହିଛି, ମାତ୍ର କାହାପ୍ରତି ଆସକ୍ତି ନାହିଁ । ସେହି ପରମାତ୍ମା ସର୍ବଗୁଣ ବିବର୍ଜିତ ଅର୍ଥାତ୍ ପ୍ରକୃତିର ଗୁଣ ଓ କାର୍ଯ୍ୟରେ ସେ, ନିର୍ଲିପ୍ତ –ତଥାପି ସମସ୍ତ ଗୁଣର ଭୋକ୍ତା । ପରଦା ଉପରେ ଦେଖା ଯାଉଥିବା ଛବିଟି ବିଭିନ୍ନ ରଙ୍ଗ ହେବାର କାରଣ ପରଦା ନୁହେଁ କି, ଦେଖା ଯାଉଥିବା ଛବିଟିର ରଙ୍ଗ ପରଦାରେ ଲାଗି ନ ଥାଏ । ସେହିପରି ବ୍ରହ୍ମଙ୍କ ସହାୟତାରେ ହିଁ ପ୍ରକୃତି ଓ ଗୁଣ ଜନିତ କାର୍ଯ୍ୟକାରିତା ପ୍ରତିଭାସ ହୋଇଥାଏ । ସଗୁଣକୁ ଛାଡି ନିର୍ଗୁଣକୁ ଚିନ୍ତା କରାଯାଇ ନ ପାରେ । ଅଗ୍ନିଠାରୁ ତାପ ଶକ୍ତିକୁ ଏବଂ ସୂର୍ଯ୍ୟଙ୍କ ଠାରୁ ଆଲୋକ ରଶ୍ମିକୁ ଯେପରି ପୃଥକ କରାଯାଇ ପାରିବ ନାହିଁ, ସେହପରି ସଗୁଣ ବ୍ରହ୍ମ ଏବଂ ନିର୍ଗୁଣ ବ୍ରହ୍ମ ଏକ ଏବଂ ସମାନ । ବିପରୀତ ବୋଧ ଶବ୍ଦ ପ୍ରୟୋଗରେ ଅନିର୍ଦ୍ଦେଶ୍ୟ ପରମବ୍ରହ୍ମଙ୍କୁ ନିର୍ଦ୍ଦେଶ କରିବାର ପ୍ରୟାସ ଆଧ୍ୟାତ୍ମିକ ଗ୍ରନ୍ଥମାନଙ୍କର ଏକ ବିଶେଷତ୍ୱ ଅଟେ । ଏହାର ତାତ୍ପର୍ଯ୍ୟ ହେଲା, ଗୋଟିଏ କଥା ଶୁଣି ବୁଦ୍ଧି ଯେତେବେଳେ 'ପରବ୍ରହ୍ମ' ସମ୍ବନ୍ଧରେ ବସ୍ତୁ ବିଶେଷଭାବେ କିଛି ଧାରଣ ସୃଷ୍ଟି କରିବା ଆରମ୍ଭ ହୁଏ, ପରବର୍ତ୍ତୀ ବାକ୍ୟରେ ସେହି ଧାରଣାକୁ ଖଣ୍ଡନ କରିଦିଆ ଯାଇଥାଏ । ଏହିପରି ସ୍ୱାଭାବିକ ଭାବେ ବୁଦ୍ଧି କଳ୍ପନା ଶୂନ୍ୟ ହୋଇ ନିଜ ନିର୍ବିକଳ୍ପ ସ୍ୱରୂପରେ ସ୍ଥିତ ହୋଇଯାଏ । ବାସ୍ତବରେ ଇନ୍ଦ୍ରିୟମାନଙ୍କୁ କାର୍ଯ୍ୟକ୍ଷମ କରାଇ ପାରୁଥିବା ଆତ୍ମା ଚୈତନ୍ୟ ସନାତନ ଓ ବିକାର ରହିତ । ଯଦିଓ ବସ୍ତ୍ରରେ ରହିଥିବା ତୁଳା ହିଁ ବସ୍ତ୍ରର ଆଧାର, ବସ୍ତ୍ରକୁ ତୁଳା ବୋଲି କୁହାଯାଇ ପାରିବ ନାହିଁ । 'ବ୍ରହ୍ମ' ସକଳ ସୃଷ୍ଟିର ଆଧାର ହେଲେ ମଧ୍ୟ, ଅନେକ ବିଭିନ୍ନତାରେ ପରିପୂର୍ଣ୍ଣ ଏହି ସୃଷ୍ଟିକୁ 'ବ୍ରହ୍ମ' କହି ହୁଏ ନାହିଁ । 'ବ୍ରହ୍ମ' ସର୍ବ ବ୍ୟାପୀ । ସମସ୍ତଙ୍କ ଭିତରେ ମଧ୍ୟ ରହିଥାନ୍ତି, ବାହାରେ ମଧ୍ୟ ରହିଥାନ୍ତି । ପ୍ରକାଶକ ଆତ୍ମା, ପ୍ରକାଶ୍ୟ ବସ୍ତୁର ଧର୍ମରୁ ମୁକ୍ତ ହୋଇଥିବା କାରଣରୁ ଗୁଣ ରହିତ ଅଟନ୍ତି । କିନ୍ତୁ ଏକ ଚେତନା ଯୁକ୍ତ ମନ ହିଁ ଏହି ଗୁଣମାନଙ୍କୁ ଅନୁଭବ କରିବାରେ ସମର୍ଥ ହୁଏ । ତେଣୁ ଆତ୍ମା ସ୍ୱୟଂ ନିର୍ଗୁଣ ହେଲେ ମଧ୍ୟ ମନର ଉପାଧି ଗୁଡିକ ଦ୍ୱାରା ଗୁଣ ସମୂହର ଭୋକ୍ତା ଅଟନ୍ତି । ସ୍ୱାମୀ ଶିବାନନ୍ଦ ମହାରାଜା କହିଛନ୍ତି- " ବ୍ରହ୍ମ ତୁରୀୟ ଏବଂ ଅବ୍ୟକ୍ତ, କିନ୍ତୁ ସେ' ବାହ୍ୟ ଓ ଅଭ୍ୟନ୍ତରୀଣ ଇନ୍ଦ୍ରିୟ ରୂପକ ସସୀମ ଅଂଶ ଗୁଡିକ ମାଧ୍ୟମରେ ନିଜକୁ ବ୍ୟକ୍ତ କରନ୍ତି । ଇନ୍ଦ୍ରିୟ ଶୂନ୍ୟ ହୋଇଥିବାରୁ ସେ ଅନାସକ୍ତ, ତଥାପି ସେ ସମସ୍ତଙ୍କ ଆଶ୍ରୟ । ସେ ପ୍ରକୃତରେ ତ୍ରିଗୁଣ ଶୂନ୍ୟ ଏବଂ ତାହା ସତ୍ତ୍ୱେ ସେ ତ୍ରିଗୁଣର ଭୋକ୍ତା । ସୁତରାଂ ବ୍ରହ୍ମ ବାସ୍ତବିକ ରହସ୍ୟମୟ । "

ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ॥୧୬॥

*ଅନ୍ୱୟ: ତତ୍ (ସେହି ପରମାତ୍ମା ) ଭୂତାନାମ୍ (ସମସ୍ତ ଜୀବଙ୍କର) ବହିଃ ଅନ୍ତଃ (ବାହାରେ ଓ ଭିତରେ ପରିପୂର୍ଣ୍ଣ) ଚ (ଏବଂ) ଅଚରଂ ଚରଂ ଏବ ଚ ( ସ୍ଥାବର – ଜାଙ୍ଗମାତ୍ମା ରୂପରେ ସେ ହିଁ ବିରାଜମାନ) ତତ୍ (ସେହି ବ୍ରହ୍ମବସ୍ତୁ ) ସୂକ୍ଷ୍ମତ୍ୱାତ୍ (ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ) ଅବିଜ୍ଞେୟଂ (ଦୁର୍ଜ୍ଞେୟ-ଜାଣି ହେବାର ବିଷୟ ନୁହେଁ) ତତ୍ ଚ ( ଏବଂ ସେହି) ଦୂରସ୍ଥଂ (ଅତ୍ୟନ୍ତ ଦୂରବର୍ତ୍ତୀ ) ଅନ୍ତିକେ ଚ ( ଅତ୍ୟନ୍ତ ନିକଟବର୍ତ୍ତୀ ମଧ୍ୟ) ।*

**ଭାବାର୍ଥ**: ସେହି ଜ୍ଞେୟ ସ୍ୱରୂପ ପରମାତ୍ମା ହିଁ ସକଳ ପ୍ରାଣୀଙ୍କ ବାହାରେ ଏବଂ ଭିତରେ ପରିପୂର୍ଣ୍ଣ ଭାବେ ସ୍ଥିତ, ଯେଉଁ ପ୍ରକାରେ ଦେହ ଆଦିରେ ଆକାଶ ରହିଥାଏ । ସେହି ପରତତ୍ତ୍ୱ ପରମେଶ୍ୱରଙ୍କ ଠାରୁ ଚର ଓ ଅଚର ସମସ୍ତ ପ୍ରାଣୀଙ୍କ ଉତ୍ପତ୍ତି । ପରମାତ୍ମା ହିଁ ସମସ୍ତ ପ୍ରାଣୀଙ୍କ ହୃଦୟରେ ଅନ୍ତର୍ଯାମୀ ରୂପରେ ତଥା ବାହାରେ ସର୍ବ ବ୍ୟାପକ ରୂପେ ବିରାଜମାନ ଅଟନ୍ତି । ଚରାଚର ସମ୍ପୂର୍ଣ୍ଣ ଜଗତ ତାଙ୍କରି ଶକ୍ତିର କାର୍ଯ୍ୟ ହୋଇଥିବା କାରଣରୁ ସବୁକିଛି ସେ' । ସେହି ବ୍ରହ୍ମ ସ୍ୱରୂପ ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ ଦୁର୍ଜ୍ଞେୟ ଅର୍ଥାତ୍ ଜାଣି ହେବାର ବିଷୟ ନୁହେଁ । ସେ' ମଧ୍ୟ ଅତ୍ୟନ୍ତ ଦୂରବର୍ତ୍ତୀ ଏବଂ ଅତ୍ୟନ୍ତ ନିକଟବର୍ତ୍ତୀ ମଧ୍ୟ । ଅର୍ଥାତ୍ ସର୍ବତ୍ର ହିଁ ସେ ବିଦ୍ୟମାନ –ସବୁ କିଛିରେ ସେ ହିଁ ଅଛନ୍ତି । ଏକ 'ଚୈତନ୍ୟ-ତତ୍ତ୍ୱ' ଭିନ୍ନ ଭିନ୍ନ ସ୍ୱତନ୍ତ୍ର ସତ୍ତା ମାଧ୍ୟମରେ କ୍ରିୟାଶୀଳ, ତେଣୁ ସେହି ତତ୍ତ୍ୱ ସର୍ବବ୍ୟାପୀ ଏବଂ ସର୍ବଦା ଅବ୍ୟକ୍ତ ଅବସ୍ଥାରେ ସ୍ଥିତ । ସେହି ଚୈତନ୍ୟ ତତ୍ତ୍ୱ ଅପ୍ରକାଶିତ ଅବସ୍ଥାରେ ଭିତରେ ଏବଂ ସର୍ବତ୍ର ସତ୍ତା ରୂପରେ ବାହାରେ ବିଦ୍ୟମାନ । 'ଆତ୍ମ-ଚୈତନ୍ୟ' ସଚରାଚର ସୃଷ୍ଟିର ଆଧାର ଅଟନ୍ତି । ସ୍ଥାବର ଜଙ୍ଗମ ଯାହାକିଛି ଦେଖାଯାଏ, ତାହା ମାୟାର କାର୍ଯ୍ୟ । ଏହି ମାୟା ନିଜେ କିଛି କରିପାରେ ନାହିଁ । ବ୍ରହ୍ମ ସନ୍ନିଧାନ ହେତୁ ଅର୍ଥାତ୍ ବ୍ରହ୍ମଙ୍କ ପ୍ରତିବିମ୍ବ ତହିଁରେ ପଡିବା କାରଣରୁ ମାୟା ଜଗତ ସୃଷ୍ଟି କରେ । ବ୍ରହ୍ମଙ୍କ ସତ୍ତା  ନ ଥିଲେ ଜଗତ ପ୍ରତୀତ ହୁଅନ୍ତା ନାହିଁ । ଅତଏବ, ଯାହାକିଛି ସ୍ଥାବର ଜଙ୍ଗମ ଦେଖାଯାଏ, ତାହା ଇଶ୍ୱର ସତ୍ତା ଅଟେ । ବରଫରେ ନିର୍ମିତ ଗୋଟିଏ ମାଠିଆ ଭିତରେ ଜଳପୂର୍ଣ୍ଣ କରି ଯଦି ସମୁଦ୍ରରେ ପକାଇ ଦିଆଯାଏ, ତେବେ ସେହି ମାଠିଆର ବାହାରେ ଜଳ, ଭିତରେ ଜଳ ଏବଂ ସେହି ମାଠିଆଟି ନିଜେ ମଧ୍ୟ କେବଳ ଜଳ ସ୍ୱରୂପ । ଏହି ସମସ୍ତ ଚରାଚର ଜଗତ ସେହି ପରମାତ୍ମାଙ୍କ ହିଁ ସ୍ୱରୂପ - ତାଙ୍କଠାରୁ ଭିନ୍ନ ନୁହେଁ  । ଅତଏବ, ଅଜ୍ଞାନୀ ନିମନ୍ତେ ସେ କୋଟି ଯୋଜନ ଦୂର । କିନ୍ତୁ ବିଦ୍ୱାନର ଦେହରେ ଅନ୍ତର୍ଯାମୀ କାରଣରୁ ଅତ୍ୟନ୍ତ ନିକଟବର୍ତ୍ତୀ ଯେପରି କି, ନିଜ ଘରେ ନିବାସ କରିଥିବା ବ୍ୟକ୍ତି । ସେ ଦୂରରୁ ମଧ୍ୟ ଅଧିକ ଦୂର ଏବଂ ନିକଟରୁ ମଧ୍ୟ ନିକଟ । ମୁଣ୍ଡକ ଉପନିଷଦ(୩/୧/୭)ରେ କୁହାଯାଇଛି-"ଦୂରାତ୍ ସୁଦୂରେ ତଦିହାନ୍ତିକେ ଚ ପଶ୍ୟାତ୍ ସ୍ୱି ହୈବ ନିହିତଂ ଗୁହାୟାମ୍ "- ଅର୍ଥାତ୍ ଯେ ଦେଖିବାକୁ ସକ୍ଷମ, ତାହା ନିମିତ୍ତ ସେ ତାହାରି ହୃଦୟରୂପୀ ଗୁହାରେ ଦୃଶ୍ୟମାନ ହୋଇଥାନ୍ତି । 'ସର୍ବଂ ଖଲ୍ୱିଦଂ ବ୍ରହ୍ମ'- ଶ୍ରୁତିରେ ଏହା କୁହାଯାଇଥିଲେ ମଧ୍ୟ, ତାଙ୍କରି ରୂପ ସମସ୍ତଙ୍କଠାରୁ ଭିନ୍ନ । ନିଜ ସମାନ ସେ ହିଁ ଏକମାତ୍ର । ଏକମାତ୍ର ଐକାନ୍ତିକ ଭକ୍ତଗଣ ମଧ୍ୟ ଅନନ୍ୟା ଭକ୍ତିର ପ୍ରୟାସରେ ତାହାଙ୍କୁ ଜାଣିଥାନ୍ତି । ସଂସାରରେ ଦ୍ରବ୍ୟ ସଂଗ୍ରହ ଏବଂ ସେଥିରୁ ସୁଖଭୋଗ ଆଶା ରଖୁଥିବା ବ୍ୟକ୍ତି ପାଇଁ ତତ୍ତ୍ୱତଃ ଅତ୍ୟନ୍ତ ସମୀପବର୍ତ୍ତୀ ହୋଇଥିଲେ ମଧ୍ୟ ପରମାତ୍ମା ବହୁ ଦୂର । ପରମାତ୍ମା ପ୍ରାପ୍ତି ନିମିତ୍ତ ତୀବ୍ର ଅଭିଳାଷ ଅନ୍ତଃକରଣରେ ଜାଗ୍ରତ ହେବାକ୍ଷଣି-ପରମାତ୍ମା ପ୍ରାପ୍ତ ହୋଇଯାଆନ୍ତି । ଯେଉଁମାନଙ୍କ ପରମାତ୍ମା ତତ୍ତ୍ୱର ଜ୍ଞାନ ହୋଇସାରିଛି, ସେମାନଙ୍କୁ ସବୁକିଛି ଭଗବତ୍-ମୟ ଦେଖା ଯାଇଥାଏ । ସେହି ପରମାତ୍ମା ସ୍ୱୟଂ ଦ୍ୱାରା ଜାଣିହେବା କାରଣରୁ ସେ' ଜ୍ଞେୟ ଏବଂ ତାହାକୁ ଇନ୍ଦ୍ରିୟମାନଙ୍କ ଦ୍ୱାରା ଜାଣି ହୋଇପାରୁ ନ ଥିବା କାରଣରୁ ସେ ଅବିଜ୍ଞେୟ । ସେହି ଚେତନା ତତ୍ତ୍ୱ ଏତେ ସୂକ୍ଷ୍ମ ଯେ, ତାହା ବୁଦ୍ଧିର କଳ୍ପନାର ବାହାରେ ।  ପଞ୍ଚ ମହାଭୂତ ଗୁଡିକ ମଧ୍ୟରୁ ସୂକ୍ଷ୍ମତମ ଆକାଶର ଧାରଣା ମଧ୍ୟ ମନରେ କରିହୁଏ ନାହିଁ । ଆକାଶର କାରଣ ଯେଉଁ ଅଧିଷ୍ଠାନ ସେ' ହେଲେ- 'ବ୍ରହ୍ମ-ଚୈତନ୍ୟ ତତ୍ତ୍ୱ' । ଏହି ଆତ୍ମ-ଚୈତନ୍ୟ ତତ୍ତ୍ୱ ଆକାଶଠାରୁ ମଧ୍ୟ ସୂକ୍ଷ୍ମଅଟେ । ଆତ୍ମ-ଚୈତନ୍ୟ ଆକାଶକୁ ମଧ୍ୟ ବ୍ୟାପ୍ତକରି ସ୍ଥିତ ରହିଛନ୍ତି ।

ଯେଉଁ ତତ୍ତ୍ୱ ସର୍ବବ୍ୟାପୀ ଅଟେ, ତାହା ଦୂରରେ ଉପଲବ୍ଧ, ନିକଟରେ ଉପଲବ୍ଧ ଏପରି ବିଚାର ନିଶ୍ଚିତ ଭାବେ ଅପ୍ରାସଙ୍ଗିକ । କିନ୍ତୁ ଦ୍ରଷ୍ଟାଠାରେ ସେହି ତତ୍ତ୍ୱଜ୍ଞାନର ଅନୁଭବତା ଉପରେ ବ୍ରହ୍ମ ଦୂରରେ କି, ନିକଟରେ ନିର୍ଣ୍ଣାୟକ ହୋଇଥାଏ । ସ୍ୱାମୀ ଶିବାନନ୍ଦ ମହାରାଜା ଲେଖିଛନ୍ତି- "ଯେ ଜ୍ଞାନୀ ସେ' ଦିବ୍ୟଦ୍ରଷ୍ଟା । ତାଙ୍କ ନିମିତ୍ତ ବ୍ରହ୍ମ ଅତି ନିକଟରେ ଅବସ୍ଥିତ, କାରଣ ବ୍ରହ୍ମ ତାଙ୍କର ନିଜ ଆତ୍ମା । ଅଜ୍ଞ-ଅବିଦ୍ୟାଗ୍ରସ୍ତ ଜୀବ ପକ୍ଷରେ ସେ' ଶତସହସ୍ର ବର୍ଷ ସାଧନ ପରେ ବି ଅଲଭ୍ୟ ହୋଇ ରହି ଯାଇଥାନ୍ତି" । ଏହି ପରମାତ୍ମା ତତ୍ତ୍ୱ ଅବିଦ୍ୱାନ୍ ମାନଙ୍କ ନିମିତ୍ତ ଦୂରସ୍ଥ କାରଣରୁ ଅବିଜ୍ଞେୟ । କିନ୍ତୁ ଯେ' ବିଦ୍ୱାନ୍, ଶାସ୍ତ୍ରମର୍ମର ଜ୍ଞାତା, ତାହାଙ୍କ ନିମିତ୍ତ 'ବ୍ରହ୍ମ' ଆତ୍ମା ସ୍ୱରୂପ ହେବା କାରଣରୁ ଅନ୍ତିକ ଅର୍ଥାତ୍ ସମୀପରେ ଅବସ୍ଥିତ । ଅଜ୍ଞାନ କାରଣରୁ ଅତ୍ୟନ୍ତ ପାଖରେ ରହିଥିବା ବସ୍ତୁ ମଧ୍ୟ ସହସ୍ର ଯୋଜନ ଦୂରରେ ରହିଥିବା ବସ୍ତୁପରି ଅଲଭ୍ୟ । ପରନ୍ତୁ ଯେବେ ସେହି ବସ୍ତୁ ଜ୍ଞାତ ହୋଇଯାଏ, ତାହାଠାରୁ ଆଉ ଅତି ନିକଟବର୍ତ୍ତୀ ଅନ୍ୟ କୌଣସି ରହି ନଥାଏ । କଳିଯୁଗରେ ଭକ୍ତିଯୋଗ ମାର୍ଗରେ କୃଷ୍ଣ ଭାବନା ଅଭ୍ୟାସ କରି ଯେ' ତାର ମନ, ଇନ୍ଦ୍ରିୟମାନଙ୍କୁ ବିଶୁଦ୍ଧ କରିପାରେ, ସେ ହିଁ ଭଗବାନଙ୍କୁ ପାଇଥାଏ । ଭାବକୁ ନିକଟ ହରି ଅଭାବକୁ ଦୂର ।

ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।
ଭୂତଭର୍ତ୍ତୃ ଚ ତଜ୍‌ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ॥୧୭॥

*ଅନ୍ୱୟ: ତତ୍ (ସେହି) ଜ୍ଞେୟଂ (ଜ୍ଞେୟ ବ୍ରହ୍ମ) ଅବିଭକ୍ତଂ ଚ (ଅବିଭକ୍ତ ହୋଇ ମଧ୍ୟ) ଭୂତେଷୁ (ସବୁ ପ୍ରାଣୀଙ୍କଠାରେ) ବିଭକ୍ତମ୍ (ବିଭକ୍ତ ହେଲାଭଳି) ଏବ ସ୍ଥିତମ୍ (ଯେପରି ଅବସ୍ଥିତ ଅଛନ୍ତି) ଭୂତଭର୍ତ୍ତୃ ଚ (ଏବଂ ଭୂତ ସମୂହର ପାଳନକର୍ତ୍ତା ) ଗ୍ରସିଷ୍ଣୁ (ସଂହାରକ) ପ୍ରଭ ବିଷ୍ଣୁ ଚ (ତଥା ସୃଷ୍ଟି କର୍ତ୍ତା – ଉତ୍ପାଦକ ମଧ୍ୟ ) ।*

**ଭାବାର୍ଥ**: ଏହି ଶ୍ଳୋକରେ ସେହି ଜ୍ଞେୟ ପରମାତ୍ମାଙ୍କର ଏକତ୍ୱକୁ ପ୍ରତିପାଦନ କରାଯାଇଛି । ସମସ୍ତଙ୍କ ଆଦି ମୂଳ ପରମାତ୍ମା ହେଉଛନ୍ତି ଅଖଣ୍ଡ ଏବଂ ଅବିଭାଜ୍ୟ । ସବୁ କାଳରେ ସେ' ସର୍ବତ୍ର ପୂର୍ଣ୍ଣରୂପ । ସେହି ଏକ ପରମାତ୍ମା ବ୍ରହ୍ମା ରୂପରେ ଜଗତ ସୃଷ୍ଟି, ବିଷ୍ଣୁରୂପରେ ଜଗତ ପାଳନ ଏବଂ ରୁଦ୍ର ରୂପରେ ଧ୍ୱଂସ ବା ସଂହାର କରନ୍ତି । ଭିନ୍ନ ଭିନ୍ନ ଶରୀର ଧାରଣ କରି ମଧ୍ୟ ସେ' ଅବିଭାଜ୍ୟ । ବାସ୍ତବରେ ମହାକାଶ ସର୍ବ ବ୍ୟାପକ ଏବଂ ବିଭାଗ ରହିତ, କିନ୍ତୁ ଭିନ୍ନଭିନ୍ନ ଘଟ ସମ୍ବନ୍ଧରୁ ବିଭକ୍ତ ହୋଇଥିବା ପରି ବୋଧ ହୁଏ । ସେହିପରି ପରମାତ୍ମା ସମସ୍ତ ଚରାଚର ପ୍ରାଣୀମାନଙ୍କ ମଧ୍ୟରେ କ୍ଷେତ୍ରଜ୍ଞ ରୂପରେ ଥିବାରୁ ପୃଥକ ପୃଥକ ଭାବରେ ବିଭକ୍ତ ହୋଇଯିବାପରି ପ୍ରତୀତ ହୁଅନ୍ତି । ଦେବ, ମନୁଷ୍ୟ ଆଦି ପ୍ରାଣୀଙ୍କ ଠାରେ ସର୍ବତ୍ର ସ୍ଥିତ ଆତ୍ମା, 'ଜ୍ଞାତା' ରୂପରେ ଏକାକାର ହେବା କାରଣରୁ ସେ ଅବିଭକ୍ତ । ପରମାତ୍ମା ସର୍ବବ୍ୟାପୀ ହେଲେ ମଧ୍ୟ ଶରୀର ପ୍ରଭୃତି ଉପାଧି ମାଧ୍ୟମରେ ବିଶେଷ ରୂପରେ ପ୍ରକଟ ହୋଇଥାନ୍ତି । ଆକାଶ ଯେଉଁପରି ଜଳ, ବାୟୁ, ଅଗ୍ନି ଓ ପୃଥିବୀର ଆଧାର, ପରମାତ୍ମା- ସେହି ବ୍ରହ୍ମ (ସମଷ୍ଟି ଚେତନ) ହେଉଛି ସମଗ୍ର ଜୀବ ଓ ଜଗତର ଆଧାର । ଏକାଗ୍ର ଚିତ୍ତରେ ଧ୍ୟାନ ସାହାଯ୍ୟରେ ଯେତେବେଳେ ପରମାତ୍ମା ଜ୍ଞାନ ହୋଇଯାଏ, ସେତେବେଳେ ନାମ ରୂପାତ୍ମକ ଜଗତ ଲୀନ ହୋଇଯାଏ । ଯେପରି ବାଲ୍ୟାବସ୍ଥା, ଯୁବାବସ୍ଥା ଓ ବୃଦ୍ଧାବସ୍ଥାରେ ସେହି ଗୋଟିଏ ହିଁ ଶରୀର ରହିଥାଏ, ସେହିପରି ଜୀବ ମାତ୍ରଙ୍କେ ଉତ୍ପତ୍ତି, ସ୍ଥିତି ଓ ସଂହାର –ଏହି ତିନି ଅବସ୍ଥାରେ ଜ୍ଞେୟ ରୂପର ସେହି ବ୍ରହ୍ମ ଅଭିନ୍ନ ରୂପରେ ରହନ୍ତି । ସେହି ପରମାତ୍ମା ରଜୋ ଗୁଣର ପ୍ରାଧାନ ସ୍ୱୀକାର କରି ବ୍ରହ୍ମା ରୂପରେ ସମସ୍ତଙ୍କୁ

ଉତ୍ପନ୍ନ କରନ୍ତି, ସତ୍ତ୍ୱ ରୂପରେ ପ୍ରାଧାନ୍ୟ ସ୍ୱୀକାର କରି ବିଷ୍ଣୁ ରୂପରେ ସମସ୍ତଙ୍କ ଭରଣ ପୋଷଣ କରନ୍ତି ଏବଂ ତମୋ ଗୁଣର ପ୍ରାଧାନ୍ୟ ସ୍ୱୀକାର କରି ରୁଦ୍ର ରୂପରେ ସମସ୍ତଙ୍କ ସଂହାର କରନ୍ତି । ପରମାତ୍ମା ହେଉଛନ୍ତି ବାସ୍ତବ ସତ୍ତା ଯାହା କେବେ ଦୁଇ ହୋଇ ପାରେନାହିଁ । ତେଣୁ ପରମାତ୍ମା ଅନେକ ହୋଇଥିଲେ ମଧ୍ୟ ଏକ ଏବଂ ଏକ ହୋଇଥିଲେ ମଧ୍ୟ ଅନେକ । ଶ୍ରୁତିରେ ମଧ୍ୟ ଏହା ଉଲ୍ଲେଖ ରହିଛି କି- "ଏକଃ ସନ୍ତଂ ବହୁଧା ଦୃଶ୍ୟମାନଂ" ଅର୍ଥାତ୍ ସେ ଏକ ହୋଇ ମଧ୍ୟ ଅନେକ ରୂପରେ ଦୃଶ୍ୟମାନ ହୋଇଥାନ୍ତି । ସ୍ମୃତିରେ ମଧ୍ୟରେ କୁହାଯାଇଛି କି, "ଏକ ଏବ ପରୋ ବିଷ୍ଣୁଃ ସର୍ବତ୍ରାପି ନ ସଂଶୟଃ" ଅର୍ଥାତ୍ ଏକ ହିଁ ପରାମାତ୍ମା ବିଷ୍ଣୁ ସର୍ବତ୍ର ଅବସ୍ଥିତ, ଏଥିରେ ଟିକିଏ ମାତ୍ର ସନ୍ଦେହ ନାହିଁ । କିନ୍ତୁ ଏକ ହୋଇ ମଧ୍ୟ ସେ ନିଜର ଅଚିନ୍ତ୍ୟ ଶକ୍ତି ପ୍ରଭାବରେ ସୂର୍ଯ୍ୟଙ୍କ ଭଳି ବହୁତ ରୂପରେ ପ୍ରତୀତ ହୋଇଥାନ୍ତି । ସେ ହିଁ ସମସ୍ତ ଜୀବଙ୍କ ଅନ୍ତଃକରଣରେ ବ୍ୟଷ୍ଟି ଅନ୍ତର୍ଯାମୀ ରୂପରେ ତଥା ବାହାରେ ସର୍ବବ୍ୟାପୀ ସମଷ୍ଟି ପୁରୁଷ ପରମାତ୍ମା- ପରମେଶ୍ୱର ରୂପରେ ଦେଖାଯାଇଥାନ୍ତି । 'ଅବିଭକ୍ତ' ପଦରେ ଏହା ମାନି ନିଆଯାଏ କି, ଚରାଚରରେ ବ୍ୟାପକ ବ୍ରହ୍ମ ସତ୍ତାର ଉପଲବ୍ଧି ନିର୍ମଳ ଅନ୍ତଃକରଣରେ ହିଁ ହୋଇବା ସମ୍ଭବ ହୁଏ । ଯେପରି ସର୍ବତ୍ର ଅବସ୍ଥିତ ଆକାଶର ପ୍ରତିବିମ୍ବ ନିର୍ମଳ ଜଳରେ ପଡିଥାଏ, ଯେପରି ରୂପ ସର୍ବତ୍ର ଅବସ୍ଥିତ ହେଲେ ମଧ୍ୟ କେବଳ ଆଖିଦ୍ୱାରା ରୂପର ଗ୍ରହଣ ସମ୍ଭବ ହୋଇଥାଏ । ଏହି ଶ୍ଳୋକରେ ବ୍ୟଷ୍ଟି ରୂପରେ ଜୀବର ଅନ୍ତଃକରଣ ଏବଂ ପରମାତ୍ମା ରୂପରେ ବିଶ୍ୱ ବ୍ରହ୍ମାଣ୍ଡ –ଏହି ଉଭୟର ବ୍ରହ୍ମ ଭାବର ଉଦ୍ଭବକୁ ନିର୍ଦ୍ଦେଶ କରାଯାଇଛି। ଯେପରି ବାହାରେ ଉତ୍ପତ୍ତି, ଜୀବ ଭିତରେ ଜାଗୃତି, ବାହାରେ ପାଳନ-ଜୀବ ଭିତରେ ଯୋଗକ୍ଷେମର ନିର୍ବାହ, ବାହାରେ ପରିବର୍ତ୍ତନ ଓ ପ୍ରଳୟ- ଜୀବ ଭିତରେ ସର୍ବସ୍ୱର ଉତ୍ପତ୍ତି ଓ ବିଲୟ ଅର୍ଥାତ୍ ଜୀବର ପରମାତ୍ମାରେ ଲୀନ । କଥାମୃତରେ ରହିଛି ଆଦ୍ୟାଶକ୍ତି ଲୀଳାମୟୀ-ସୃଷ୍ଟି, ସ୍ଥିତି ପ୍ରଳୟ କରୁଛନ୍ତି । ଯେ ବ୍ରହ୍ମ ସେ' ହିଁ ଅଦ୍ୟାଶକ୍ତି । ଯେତେବେଳେ ନିଷ୍କ୍ରିୟ, ସେତେବେଳେ ତାହାଙ୍କୁ ବ୍ରହ୍ମ କୁହାଯାଏ- ପୁରୁଷ କୁହାଯାଏ । ଯେତେବେଳେ ସୃଷ୍ଟି, ସ୍ଥିତି, ପ୍ରଳୟ-ଏହି ସବୁ କରନ୍ତି, ତାହାଙ୍କୁ ଶକ୍ତି କୁହନ୍ତି, ପ୍ରକୃତି କୁହନ୍ତି । ପୁରୁଷ ଓ ପ୍ରକୃତି- ଯେ' ପୁରୁଷ ସେ' ହିଁ ପ୍ରକୃତି , ଆନନ୍ଦମୟ,- ଆନନ୍ଦମୟୀ । ଯାହାର ପୁରୁଷ-ଜ୍ଞାନ ରହିଛି, ତାହାର ସ୍ତ୍ରୀ-ଜ୍ଞାନ ମଧ୍ୟ ରହିଛି । ଯାହାର ପିତା-ଜ୍ଞାନ ରହିଛି, ତାହାର ମା' ଜ୍ଞାନ ମଧ୍ୟ ରହିଛି । ଯାହାର ଅନ୍ଧକାର ଜ୍ଞାନ ରହିଛି, ତାହାରି ଆଲୋକ-ଜ୍ଞାନ ମଧ୍ୟ ରହିଛି । ଯାହାର ସୁଖ-ଜ୍ଞାନ ରହିଛି, ତାହାରି ଦୁଃଖ-ଜ୍ଞାନ ମଧ୍ୟ ରହିଛି । ବ୍ରହ୍ମ-ଶକ୍ତି ଓ ଶକ୍ତି-ବ୍ରହ୍ମ ଅଭେଦ । ଅଭେଦ ସଚ୍ଚିଦାନନ୍ଦମୟ ଏବଂ ସଚ୍ଚିଦାନନ୍ଦମୟୀ । ବ୍ରହ୍ମ ଓ ଶକ୍ତି ଅଭେଦ । ଶକ୍ତିକୁ ନ ମାନିଲେ ଜଗତ ମିଥ୍ୟା ହୋଇଯାଏ । ମୁଁ, ତୁମେ, ଘର ଦ୍ୱାର, ପରିବାର ସବୁ ମିଥ୍ୟା। ଏହି ଆଦ୍ୟାଶକ୍ତି ଅଛନ୍ତି ବୋଲି ଜଗତ ଠିଆ ହୋଇଛି ।

ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ॥୧୮॥

*ଅନ୍ୱୟ: ତତ୍ (ସେହି ପରମାତ୍ମାଙ୍କୁ) ଜ୍ୟୋତିଷାମ୍ ଅପି (ସମସ୍ତ ଜ୍ୟୋତିସମୂହର ଆର୍ଥାତ୍ ସୂର୍ଯ୍ୟାଦିଙ୍କର ମଧ୍ୟ) ଜ୍ୟୋତିଃ (ଜ୍ୟୋତି) ତମସଃ (ଅଜ୍ଞାନ–ଅନ୍ଧକାରରୁ ) ପରଂ (ଉର୍ଦ୍ଧ୍ୱ - ଅତୀତ) ଉଚ୍ୟତେ ( କୁହାଯାଇଛି ) ଜ୍ଞାନଂ (ସେ ଜ୍ଞାନ ସ୍ୱରୂପ) ଜ୍ଞେୟଂ (ଜାଣିବା ଯୋଗ୍ୟ) ଜ୍ଞାନଗମ୍ୟଂ (ଜ୍ଞାନଦ୍ୱାରା ପ୍ରାପ୍ତବ୍ୟ) ସର୍ବସ୍ୟ (ସମସ୍ତ ପ୍ରାଣୀଙ୍କର) ହୃଦି (ହୃଦୟରେ) ବିଷ୍ଠିତମ୍ (ବିରାଜିତ-ଅଧିଷ୍ଠିତ ) ।*

**ଭାବାର୍ଥ** : ପରମାତ୍ମା ଜ୍ୟୋତିଷ୍କ ସମୂହର ମଧ୍ୟ ଜ୍ୟୋତି ଅର୍ଥାତ୍ ପ୍ରକାଶକ । ସେ' ଅବିଦ୍ୟା ରୂପକ ଅନ୍ଧକାରର ଊର୍ଦ୍ଧ୍ୱରେ ଯାହାକୁ ଅନ୍ଧକାର-ଅବିଦ୍ୟା କେବେ ସ୍ପର୍ଶ କରିପାରେ ନାହିଁ । ସେ ବୁଦ୍ଧି, ବୃତ୍ତିରେ ପ୍ରକାଶମାନ 'ଜ୍ଞାନ' ଆର୍ଥାତ୍ 'ଚୈତନ୍ୟ ସ୍ୱରୂପ' । 'ବ୍ରହ୍ମ' ହିଁ ଏପରି ଏକ 'ଚୈତନ୍ୟ ସ୍ୱରୂପ' ପ୍ରକାଶ ଅଟନ୍ତି, ଯାହାଙ୍କ ଦ୍ୱାରା ସମସ୍ତ ପ୍ରକାର ଲୌକିକ ଜ୍ଞାନ, ଅନ୍ତପ୍ରଜ୍ଞ ଏବଂ ଅନୁଭବ ଭୂତ ମାନଙ୍କଠାରେ ପ୍ରକାଶିତ ହୁଏ । ପରମାତ୍ମା ପ୍ରତିଭାତ ହେଲେ, ତାକୁ ଧରି ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ଅଗ୍ନି, ଆଦି ଯେତେ ସବୁ ବାହ୍ୟ ଜ୍ୟୋତି ଏବଂ ଜୀବର ଶରୀରରେ ମନ, ବୁଦ୍ଧି ଆଦି ଯେତେ ଆଧାତ୍ମିକ ଜ୍ୟୋତି ପ୍ରତିଭାତ ହୁଅନ୍ତି । ପରମାତ୍ମା ସମସ୍ତଙ୍କୁ ଜ୍ୟୋତି ପ୍ରଦାନ କରନ୍ତି । ସେ ସମସ୍ତଙ୍କ ଜ୍ୟୋତକ । ତାହାଙ୍କୁ ଜ୍ୟୋତି ପ୍ରଦାନ କରିବାଭଳି ଶକ୍ତି କାହାର ନାହିଁ । ପରମାତ୍ମା ସ୍ୱୟଂ ଜ୍ୟୋତି ଓ ଜ୍ଞାନ ସ୍ୱରୂପ କାରଣରୁ ତାହାଙ୍କଠାରେ ଅଜ୍ଞାନ, ଅନ୍ଧକାର ରହିପାରେ ନାହିଁ । ବ୍ରହ୍ମ ସକଳ ବସ୍ତୁରେ ଅଧିଷ୍ଠିତ ହୋଇଥିଲେ ମଧ୍ୟ, ବ୍ରହ୍ମଙ୍କ ଜ୍ୟୋତିରେ ଜୀବର ବୁଦ୍ଧି ବିଶେଷ ପରିମାଣରେ ଉଦ୍ଭାସିତ ବା ଉଜ୍ଜଳ ହୋଇଥାଏ । ଏହି ସଂସାରରେ ଏକମାତ୍ର ପରମାତ୍ମା ହିଁ ଜାଣିବାର ଯୋଗ୍ୟ । ବିଭିନ୍ନ ଜ୍ଞାନ ସାଧନ ପ୍ରାପ୍ତ (ପୂର୍ବ ପ୍ରତିପାଦିତ ଶ୍ଳୋକ ୭ ଠାରୁ ୧୧- ବିଂଶ ସାଧନ) ତତ୍ତ୍ୱଜ୍ଞାନ ଦ୍ୱାରା ତାହାଙ୍କୁ ଜାଣିହେବ । ତେଣୁ ସେ ଜ୍ଞାନଗମ୍ୟ । ପରମାତ୍ମାଙ୍କୁ ଉପଲବ୍ଧ କରିବାର ସ୍ଥାନ ହେଉଛି ହୃଦୟ । ଜ୍ଞାନୀଙ୍କ ହୃଦୟରେ ସେ ପ୍ରତ୍ୟକ୍ଷ ପ୍ରକଟ ହୋଇଥାନ୍ତି । ସମସ୍ତଙ୍କ ହୃଦୟରେ ସାକ୍ଷୀ, ନିୟନ୍ତା ଏବଂ ଅନ୍ତର୍ଯାମୀ ରୂପେ ଅବସ୍ଥିତ ହେବା କାରଣରୁ ସେ' ଜ୍ଞାତା ମଧ୍ୟ । 'ବ୍ରହ୍ମ' ଜ୍ଞାନରୂପ ଜ୍ୟୋତିର ପ୍ରକାଶକ । ଜ୍ଞାନରୂପ ଜ୍ୟୋତିର ଅଭାବରେ କୌଣସି ମଧ୍ୟ ଜ୍ୟୋତି ନିଷ୍ଫଳ ହୋଇଥାଏ । ବାହ୍ୟ ବସ୍ତୁ କେବଳ ଅନ୍ଧକାରକୁ ପ୍ରତିହତ କରୁଥିବା ଆଲୋକ ଦ୍ୱାରା ପ୍ରକାଶିତ ହୋଇ ନ ଥାଏ । ଏହାର ପ୍ରକାଶ ନିମିତ୍ତ ଏକ ଚେତନା ତତ୍ତ୍ୱର ଆବଶ୍ୟକତା ରହିଅଛି । ସେହି ଚେତନ ଶକ୍ତିର ସହାୟତାରେ ଆକାର ସହିତ ଜୀବର ହୃଦୟର ଭାବନା ଏବଂ ବିଚାର ଧାରାର ମଧ୍ୟ ପ୍ରକାଶିତ ହୋଇଥାଏ । ଯଦି ସେହି ସତ୍ତା ନ ଥାନ୍ତା, ତା'ହେଲେ ବସ୍ତୁ ଗୁଡିକର ଥିବା ଗୁଣ-ପ୍ରଭାବ ଜୀବକୁ ବୋଧ ହୁଅନ୍ତା ନାହିଁ । ତେଣୁ ଜୀବର ଅନ୍ତଃକରଣର ବୋଧ, ବିଚାରଧାରା ପ୍ରଭୃତି ବୃତ୍ତିଗୁଡିକର ପ୍ରକାଶକ ହିଁ ସ୍ୱୟଂ ପ୍ରକାଶ ଆତ୍ମା ଯାହାକୁ 'ଆତ୍ମଜ୍ୟୋତି" ବୋଲି ମଧ୍ୟ କୁହାଯାଇଛି । ପରମଜ୍ୟୋତି ପରମାତ୍ମାଙ୍କ ପ୍ରକାଶରେ ହୃଦୟର ସେହି ମୋହାନ୍ଧକାର ଦୂର ହୋଇଯାଏ । ମନ ଇନ୍ଦ୍ରିୟ ସହିତ ସମ୍ମିଳିତ ହେଲେ ହିଁ ପଞ୍ଚେନ୍ଦ୍ରିୟ ଦ୍ୱାରା ଶବ୍ଦାଦି ପାଞ୍ଚଟି ବିଷୟର ଜ୍ଞାନ ହୁଏ । ଏଣୁ ଇନ୍ଦ୍ରିୟ ସମୂହର ଜ୍ୟୋତି(ପ୍ରକାଶକ) ହେଉଛି 'ମନ' । ମନ ଯେ ପର୍ଯ୍ୟନ୍ତ ବୁଦ୍ଧି ସହିତ ସମ୍ମିଳିତ ହୋଇ ରହେନାହିଁ, ସେ ପର୍ଯ୍ୟନ୍ତ ବିଷୟ ଗୁଡିକର ସ୍ପଷ୍ଟ ଓ ସ୍ଥାୟୀ ଜ୍ଞାନ ହୁଏ ନାହିଁ । ଏଣୁ ମନର ଜ୍ୟୋତି ବୁଦ୍ଧି । ବୁଦ୍ଧିରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ସତ୍-ଅସତ୍ ଓ ନିତ୍ୟ-ଅନିତ୍ୟର ଜ୍ଞାନ ହୋଇଥିଲେ ମଧ୍ୟ, ଯେ ପର୍ଯ୍ୟନ୍ତ 'ସ୍ୱୟଂ' (କର୍ତ୍ତା) ନିଶ୍ଚିତ ବୁଦ୍ଧିରେ ତାହା ଧାରଣ କରିନାହିଁ, ତେବେ ତାହା କେବଳ ବୌଦ୍ଧିକ ଜ୍ଞାନ ହୋଇରହେ ଏବଂ ସେହି ଜ୍ଞାନ ଜୀବନରେ ତଥା ଆଚରଣରେ ପରିଲକ୍ଷିତ ହୁଏ ନାହିଁ । ଯେଉଁ ବିଷୟ 'ସ୍ୱୟଂ'ରେ ଦୃଢୀଭୂତ ହୋଇଯାଏ, ତାହା କେବେ ନଷ୍ଟ ହୋଇ ନ ଥାଏ । ଏଣୁ ବୁଦ୍ଧିର ପ୍ରକାଶକ ସ୍ୱୟଂ । ସ୍ୱୟଂ ପରମାତ୍ମାଙ୍କ ଅଂଶ ଏବଂ ପରମାତ୍ମା ହେଉଛନ୍ତି ଅଂଶୀ –ପରମାତ୍ମାଙ୍କ ଠାରୁ ହିଁ ସ୍ୱୟଂକୁ ଜ୍ଞାନ ବା ପ୍ରକାଶ ମିଳେ । ଏଣୁ ସ୍ୱୟଂର ଜ୍ୟୋତି(ପ୍ରକାଶକ) ପରମାତ୍ମା ଅଟନ୍ତି । ସେହି ସ୍ୱୟଂ ପ୍ରକାଶ ପରମାତ୍ମାଙ୍କୁ କେହି ପ୍ରକାଶିତ କରିପାରେ ନାହିଁ । ସମସ୍ତ ପ୍ରକାଶକର ମୂଳ ଉତ୍ସ ପରମାତ୍ମାଙ୍କ ଠାରୁ ହିଁ ସ୍ୱୟଂ,

ବୁଦ୍ଧି, ମନ, ଇନ୍ଦ୍ରିୟ ଓ ବିଷୟ ଆଦି ସବୁକୁ ପ୍ରକାଶ ଆସିଥାଏ । ଅତଃ ଏକ ପରମାତ୍ମା ହିଁ ଏ ସମସ୍ତ ଜ୍ୟୋତିମାନଙ୍କର ଜ୍ୟୋତି, ପ୍ରକାଶମାନଙ୍କର ପ୍ରକାଶକ । ସେଠାରେ ପ୍ରକାଶକ, ପ୍ରକାଶ ଓ ପ୍ରକାଶ୍ୟ-ଏହି ତିନୋଟିର ପ୍ରଭେଦ ନ ଥାଏ । ସେ' ନିଜେ ଜ୍ଞାନ ଓ ଜ୍ଞେୟ ପୁଣି ସେ' ସକଳ ଜ୍ଞାନର ଲକ୍ଷ୍ୟ ସ୍ଥଳ । ସେ ସ୍ୱୟଂ ଜ୍ଞାନ ସ୍ୱରୂପ ସଚ୍ଚିଦାନନ୍ଦ ଅଟନ୍ତି । "ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ"- ଏହା ଶ୍ରୁତିର ସ୍ପଷ୍ଟ ଘୋଷଣା । ଜ୍ଞାନଦ୍ୱାରା ଅସତ୍ ପରିତ୍ୟାଗ ହୋଇଗଲେ ପରମାତ୍ମାଙ୍କୁ ତତ୍ତ୍ୱତଃ ଜାଣିହୁଏ । ତେଣୁ ସେହି ପରମାତ୍ମାଙ୍କୁ ଜ୍ଞାନଗମ୍ୟ କୁହାଯାଇଛି । ଯଦିଓ ପରମାତ୍ମା ସମସ୍ତ ସ୍ଥାନ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି, ଅବସ୍ଥା ଇତ୍ୟାଦିରେ ପରିପୂର୍ଣ୍ଣ ଭାବେ ବ୍ୟାପୀ ରହିଛନ୍ତି, ତଥାପି ହୃଦୟରେ ହିଁ ତାଙ୍କର ପ୍ରାପ୍ତି ସ୍ଥାନ । ସେ ସମସ୍ତଙ୍କ ହୃଦୟ କନ୍ଦରରେ ଅଧିଷ୍ଠିତ । ଯେ ନିଜ ହୃଦୟ ଭିତରେ ଭଗବାନଙ୍କ ସତ୍ତାକୁ ଅନୁଭବ କରିଥାଏ, ସେ ବାହ୍ୟରେ ସର୍ବତ୍ର ସବୁ କାଳରେ ଭଗବାନଙ୍କ ଉପସ୍ଥିତିକୁ ଉପଲବ୍ଧ କରିବାକୁ ସକ୍ଷମ ହୋଇଥାଏ । ଯେ ନିଜ ଭିତରେ ଭଗବାନଙ୍କ ଉପସ୍ଥିତିକୁ ଉପଲବ୍ଧ କରିପାରେ ନାହିଁ, "ସେ ଇଶ୍ୱର ସର୍ବତ୍ର ବିଦ୍ୟମାନ"- ଏହି ସତ୍ୟକୁ ଗ୍ରହଣ କରିପାରେ ନାହିଁ । ପରମାତ୍ମା ଏକମାତ୍ର ହୋଇ ମଧ୍ୟ ସବୁଠାରେ ସର୍ବ ସ୍ୱରୂପ ଏବଂ ଯାହାଙ୍କଠାରେ ଦ୍ୱୈତର ପ୍ରବେଶ ବିନ୍ଦୁଏ ମଧ୍ୟ ନାହିଁ । ଯାହାର ସାକ୍ଷାତ୍କାରରେ ଦୃଶ୍ୟ ଓ ଦ୍ରଷ୍ଟା ପରସ୍ପର ମିଶିକରି ଏକରସ ହୋଇଯାନ୍ତି, ଜ୍ଞାନ ଓ ଜ୍ଞେୟ ପୃଥଗ ହୋଇଥିଲେ ମଧ୍ୟ, ଏକ ଜ୍ଞାନ ସ୍ୱରୂପ ହିଁ ଅବଶେଷ ରହିଥାଏ । ଠିକ୍ ଏହିପରି ଯେବେ ବ୍ରହ୍ମଙ୍କ ପ୍ରାପ୍ତି ହୋଇଯାଇଥାଏ, ତେବେ ସାଧ୍ୟ ଓ ସାଧନ ଇତ୍ୟାଦି ମିଶିକରି ଏକ ହୋଇ ଯାଇଥାଏ।

ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।
ମଦ୍ଭକ୍ତ ଏତଦ୍ ବିଜ୍ଞାୟ ମଦ୍ଭାବାୟୋପପଦ୍ୟତେ ॥୧୯॥

*ଅନ୍ୱୟ: ଇତି (ଏହି ପ୍ରକାରେ) କ୍ଷେତ୍ରମ୍ (ଶରୀର) ତଥା (ଏବଂ) ଜ୍ଞାନଂ (ଜ୍ଞାନ) ଚ ଜ୍ଞେୟ (ଓ ଜ୍ଞେୟ) ସମାସତଃ (ସଂକ୍ଷେପରେ) ଉକ୍ତଂ (କୁହା ହେଲା) ମଦ୍ ଭକ୍ତ (ମୋର ଭକ୍ତ) ଏତଦ୍ (ଏହି ତିନିଗୋଟି ତତ୍ତ୍ୱ) ବିଜ୍ଞାୟ (ଉତ୍ତମ ଭାବେ ଜାଣି) ମଦ୍ ଭାବାୟ ( ମୋର ସ୍ୱରୂପ ଲାଭରେ- ମୋର ପ୍ରେମ ପ୍ରାପ୍ତି ନିମିତ୍ତ) ଉପପଦ୍ୟତେ (ଯୋଗ୍ୟ ବା ସମର୍ଥ ହୁଅନ୍ତି ) ।*

**ଭାବାର୍ଥ:** ପୂର୍ବ ଶ୍ଳୋକ ମାନଙ୍କରେ ଭଗବାନ ଶ୍ରୀକୃଷ୍ଣ କ୍ଷେତ୍ର, କ୍ଷେତ୍ରଜ୍ଞ, ଜ୍ଞାନ, ଅଜ୍ଞାନ ଓ ଜ୍ଞେୟ ସ୍ୱରୂପ ସମ୍ବନ୍ଧରେ ସଂକ୍ଷେପରେ କହିଲେ । ସେଥିରେ ଏହି ତତ୍ତ୍ୱ ଜାଣିବା ନିମନ୍ତେ ଯେଉଁମାନେ ଅଧିକାରୀ ଏବଂ ତାହା ଜାଣିବାର ଉପାୟଭୂତ ସାଧନ ସମ୍ବନ୍ଧରେ ମଧ୍ୟ କହିଲେ । ବର୍ତ୍ତମାନ,ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ମୋର ଏହି କ୍ଷେତ୍ର, ଜ୍ଞାନ ଓ କ୍ଷେତ୍ରଜ୍ଞ ସ୍ୱରୂପ ତତ୍ତ୍ୱ ଜାଣିବାରେ କି ପ୍ରକାର ଫଳ ପ୍ରାପ୍ତି ହୁଏ, ତାହା କହୁଛନ୍ତି । ଏହି ତତ୍ତ୍ୱ ସମ୍ବନ୍ଧରେ ବିଶେଷ ବର୍ଣ୍ଣନା ବଶିଷ୍ଠାଦି ଋଷିମାନେ ଯୋଗ ବଶିଷ୍ଠ ପ୍ରଭୃତି ଗ୍ରନ୍ଥରେ କରି ଅଛନ୍ତି । ଏହି ତତ୍ତ୍ୱକୁ ଉତ୍ତମରୂପେ ଆତ୍ମା ସ୍ତରରେ ଜାଣି, ଭକ୍ତର ମନରେ ମୋର ପ୍ରାପ୍ତି ନିମିତ୍ତ ଉତ୍କଣ୍ଠା ଜାଗ୍ରତ ହୋଇଉଠେ । ହେ ଅର୍ଜୁନ ! ଭୀଷଣ ବନ୍ୟା ଦାଉରୁ ନିଜକୁ ବଞ୍ଚାଇବା ନିମିତ୍ତ ଯେପରି ନୌକାର ଆବଶ୍ୟକ ପଡିଥାଏ, ମୁଁ ତୁମ୍ଭକୁ ମଦ୍ ରୂପ ହେବାର ଯେଉଁ ସାଧନ ଉପାୟ କହିଲି, ତାହାରି ସହାୟତାରେ ଅନନ୍ୟ ଭକ୍ତ ସଂସାର ବିଷୟ ପରିତ୍ୟାଗ କରି ନିଜ ପ୍ରାଣକୁ ମୋର ସେବାରେ ସମର୍ପିତ କରି ଦେଇଥାଏ । ମୋର ପ୍ରେମଭାବ ତଥା ସ୍ୱରୂପକୁ ପ୍ରାପ୍ତ କରିବାକୁ ଯୋଗ୍ୟ ହୋଇଥାଏ ଅର୍ଥାତ୍ ବ୍ରହ୍ମତ୍ୱ ପ୍ରାପ୍ତିର ଅଧିକାରୀ ହୁଏ । ନିଜର ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ରୂପରେ ଭୁଲିଯାଇ, ମୋର ନିରନ୍ତର ସ୍ମରଣ କରି, ମୋ ରୂପ ଅନୁରୂପ ହୋଇ

ଯାଇଥାଏ । ଏହି ଶ୍ଳୋକରେ 'ମଦ୍ ଭକ୍ତ' ପଦର ବିଶେଷତା ହେଲା; ଆଚାର୍ଯ୍ୟ ଶଙ୍କର କହିବା ଅନୁଯାୟୀ "ପରମେଶ୍ୱର ସର୍ବଜ୍ଞ ଏବଂ ସମସ୍ତଙ୍କର ହିଁ ଆଦିଗୁରୁ"-ଏହି ଭାବରେ ବାସୁଦେବ ସ୍ୱରୂପ ମୋ'ଠାରେ ଯେ ସର୍ବାତ୍ମା ଭାବକୁ ସମର୍ପଣ କରିପାରନ୍ତି, ସେହି ମୋର 'ମଦ୍ ଭକ୍ତ' । ବସ୍ତୁତଃ ଭକ୍ତିବଳରେ ହିଁ ପରମାତ୍ମାଙ୍କ ସମଗ୍ର ରୂପର ଜ୍ଞାନ ଲାଭ କରିବା ସମ୍ଭବ । ଶରୀରକୁ ତତ୍ତ୍ୱ ସହକାରେ ଜାଣିଗଲେ ଶରୀରଠାରୁ ସମ୍ପର୍କ ଛିନ୍ନ ହୋଇଯାଏ । ସୁତରାଂ ଜ୍ଞାନ ଓ ଭକ୍ତି ଉଭୟ ସାଧନାରେ ସେହି ଅଦ୍ୱିତୀୟ ପରମାତ୍ମା ସତ୍ତା ହିଁ ପ୍ରାପ୍ତ ହୋଇଥାଏ । ସ୍ୱାମୀ ଶିବାନନ୍ଦ ମହାରାଜ କହିଛନ୍ତି- "ଯାହାର ମୋ'ଠାରେ ଏକନିଷ୍ଠ ଭକ୍ତି ରହିଥାଏ, ଯେ ମୋତେ ବାସୁଦେବ, ପରମେଶ୍ୱର, ସର୍ବଦ୍ରଷ୍ଟା ଓ ପରମଗୁରୁ- ସବୁ କିଛିର ଆତ୍ମା ବୋଲି ଗ୍ରହଣ କରନ୍ତି, ସେ ବିଶ୍ୱାସ କରନ୍ତି, ପୁଣି ଅନୁଭବ କରନ୍ତି ଯେ, ସେ ଯାହା କିଛି ଦେଖୁଛନ୍ତି, ଯାହାକିଛି ଶୁଣୁଛନ୍ତି, ଯାହା କିଛି ସ୍ପର୍ଶ ପାଉଛନ୍ତି, ସେ ସବୁ ଈଶ୍ୱରଙ୍କ ଭିନ୍ନ ଅନ୍ୟ କିଛି ନୁହେଁ । ଯେ ଉପର ବର୍ଣ୍ଣିତ ପ୍ରକୃତ ଜ୍ଞାନ ଲାଭ କରିଛନ୍ତି, ସେ ମୋର ଅଙ୍ଗୀଭୂତ ହୋଇଯାନ୍ତି ଅର୍ଥାତ୍ ସେ ଜନ୍ମ ମୃତ୍ୟୁର ଚକ୍ରରୁ ଉଦ୍ଧାର ପାଇଯାନ୍ତି । ଯେଉଁ ସାଧକ ବିଚାର ଓ ବିବେକ ସାହାଯ୍ୟରେ କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କ ସଠିକ୍ ଧାରଣା କରିପାରେ ଏବଂ ଏକ ବାସୁଦେବ ହିଁ କ୍ଷେତ୍ରଜ୍ଞ ରୂପେ ସମସ୍ତ କ୍ଷେତ୍ରରେ ଅଛନ୍ତି, ଏହାର ଅନୁଭବ ନିଜଠାରେ କରିପାରେ, ସେ ମୋର ଅନନ୍ୟ ଭକ୍ତ ଏବଂ ସେ ମୋର ସ୍ୱରୂପକୁ ପ୍ରାପ୍ତ ହୁଏ । ଏଥି ନିମନ୍ତେ ସଦଗୁରୁ ପଦାଶ୍ରୟ କରି ଭକ୍ତିର ଅନୁଶୀଳନ କରିବା ନିତାନ୍ତ ଆବଶ୍ୟକ ।

ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।
ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତି ସମ୍ଭବାନ୍ ॥୨୦॥

*ଅନ୍ୱୟ: ପ୍ରକୃତିମ୍ (ପ୍ରକୃତି ବା ମାୟା ) ଚ ( ଓ) ପୁରୁଷମ୍ (ପୁରୁଷ) ଉଭୌ (ଦୁହିଁଙ୍କୁ) ଏବ (ହିଁ) ଅନାଦୀ (ଆଦି ରହିତ ବୋଲି ) ବିଦ୍ଧି (ତୁମେ ଜାଣ ) ଚ (ଏବଂ ) ବିକାରାନ୍ (ସମସ୍ତ ବିକାର) ଚ (ଓ) ଗୁଣାନ୍ (ଗୁଣ ସମୂହ) ଅପି (ମଧ୍ୟ) ପ୍ରକୃତି ସମ୍ଭବାନ୍ (ପ୍ରକୃତିରୁ ହିଁ ଉତ୍ପନ୍ନ ) ଏବ ବିଦ୍ଧି (ହୁଏ ବୋଲି ଜାଣ) ।*

**ଭାବାର୍ଥ :** ସପ୍ତମ ଅଧ୍ୟାୟରେ ପ୍ରକୃତି ବିଷୟରେ ବର୍ଣ୍ଣନା ବେଳେ ଭଗବାନ ଅପରା-ପରା ଏହି ଦୁଇଟି ପ୍ରକୃତି ହିଁ ସୃଷ୍ଟିର ମୂଳ କାରଣ ଅଟନ୍ତି ବୋଲି ଆଗରୁ କହିଛନ୍ତି । 'ଅପରା' ଯାହାକି କ୍ଷେତ୍ର ଏବଂ 'ପରା' ବା 'କ୍ଷେତ୍ରଜ୍ଞ' ଯାହାକୁ ଏହି କ୍ଷେତ୍ରର ଜ୍ଞାତା ବୋଲି କୁହାଯାଏ -ଏହି ଦୁଇଟି ପରମାତ୍ମାଙ୍କ ଭିନ୍ନ ଭିନ୍ନ ରୂପ ଅଟନ୍ତି ଏବଂ ତାହା ହିଁ 'ପ୍ରକୃତି' ଓ 'ପୁରୁଷ' ପଦ ବାଚକ । ପରମାତ୍ମା ନିତ୍ୟ ଅଟନ୍ତି, ତେଣୁ ତାଙ୍କର ଦୁଇ ରୂପ ମଧ୍ୟ ନିତ୍ୟ ବା ଅନାଦି ହେବା ଯୁକ୍ତିଯୁକ୍ତ । ଶଙ୍କାରାଚାର୍ଯ୍ୟଜୀ କହିଛନ୍ତି: "ଈଷିତବ୍ୟାଭାବେ ଈଶ୍ୱରାଭାବ ପ୍ରସଙ୍ଗଃ" ଅର୍ଥାତ୍ "ଯଦି ପ୍ରକୃତି ରହିବ ନାହିଁ, ତେବେ ଈଶ୍ୱର କାହାର ଅନ୍ତର୍ଯ୍ୟାମୀ ହେବେ ? ପୁରୁଷ ରହିବ ନାହିଁ ତ, ଈଶ୍ୱର କାହାର ନିୟନ୍ତା ହେବେ ? ଏଣୁ ଈଶ୍ୱର ଅନାଦି କାଳରୁ ପ୍ରକୃତି ପୁରୁଷର ନିୟମନ କରିଛନ୍ତି । " ଯେପରି ତୁଷାରରୁ ଶୀତଳତାକୁ ବା ଦିବସରୁ ରାତ୍ରକୁ ପୃଥଗ କରିହେବ ନାହିଁ, ସେହିପରି ପ୍ରକୃତିରୁ ପୁରୁଷକୁ ପୃଥଗ କରିହେବ ନାହିଁ । ଦିବା-ରାତ୍ର ଯୁଗଳ ସାଦୃଶ୍ୟ ପୁରୁଷ ଓ ପ୍ରକୃତି ଦୁଇଟି ଅଲଗା ଅଲଗା ନାମ, ତେବେ ବି ମଧ୍ୟ ଏଥିରେ ନିରୂପଣର ଯେଉଁ ତତ୍ତ୍ୱ ତାହା ଏକ । ଏଥିରେ ଯେଉଁ ସତ୍ତା ଅଥବା ସତ୍ୟାଂଶ ତାହାକୁ ପୁରୁଷ, ତଥା ତାହାର ଆଧାର ଉପରେ ହେଉଥିବା କ୍ରିୟାକୁ ପ୍ରକୃତି ବୋଲି ବୁଝିବାକୁ ହେବ । ଜୀବର ଜୀବତ୍ୱ ଅର୍ଥାତ୍

ପ୍ରକୃତି ସହିତ ସମ୍ବନ୍ଧ କୌଣସି କାରଣରୁ ନୁହେଁ,- ତାହା ଆଗନ୍ତୁକ ନୁହେଁ, ତାହା ହେଉଛି ଅନାଦି ସିଦ୍ଧ । ଠିକ୍ ସେହିପରି ଈଶ୍ୱରଙ୍କ ଶକ୍ତିରୂପା ଏହି ପ୍ରକୃତି ମଧ୍ଧ ଅନାଦି ସିଦ୍ଧ ବୋଲି ବୁଝିବା ଉଚିତ । ସାଂଖ୍ୟ ଦର୍ଶନ ଅନୁଯାୟୀ ପ୍ରକୃତି ଓ ପୁରୁଷ ଯେ କେବଳ ନିତ୍ୟ ଓ ଅନାଦି ତାହା ନୁହେଁ, ସେମାନେ ପରସ୍ପର ଠାରୁ ଭିନ୍ନ ଏବଂ କେହି କାହା ଉପରେ ନିର୍ଭର କରନ୍ତି ନାହିଁ, ପୁଣି ସେହିମାନେ ସ୍ୱୟଂ ସୃଷ୍ଟ । ସାଂଖ୍ୟ ମତାନୁଯାୟୀ ଗୁଣର ରୂପାନ୍ତର ବିକାର ହିଁ ପ୍ରକୃତି । ତ୍ରିଗୁଣାତ୍ମିକା ପ୍ରକୃତି ଦ୍ୱାରା ଯେଉଁସବୁ ବିକାର ବା ରୂପାନ୍ତର ହେଉଛି, ସେ ସବୁ ଭୂତ ପ୍ରକୃତିରୁ ଉତ୍ପନ୍ନ ଅଟେ । ପ୍ରକୃତି କାଳ, ସ୍ଥାନ ଏବଂ କାରଣର ଅନ୍ତର୍ଗତ ହୋଇଥିବା ବେଳେ, ପୁରୁଷ ଏହାର ଉର୍ଦ୍ଧ୍ୱରେ । ପ୍ରକୃତିରେ କାର୍ଯ୍ୟ-କାରଣ ଭାବ ଥାଏ କିନ୍ତୁ ପୁରୁଷ କାର୍ଯ୍ୟ-କାରଣ ତଥା ସତ୍-ଅସତ୍ ର ଉର୍ଦ୍ଧ୍ୱରେ । ଅତଏବ, ପ୍ରକୃତି ଓ ପୁରୁଷ ଯେପରି ଅନାଦି ଏହି ଦୁହିଁଙ୍କ ପ୍ରଭେଦ ମଧ୍ୟ ଅନାଦି । କିନ୍ତୁ ବେଦାନ୍ତ ଦର୍ଶନ ମତରେ ପ୍ରକୃତି ବା ମାୟା ବ୍ରହ୍ମରୁ ଜାତ, ତେଣୁ ମାୟା ସ୍ୱୟଂ ସୃଷ୍ଟ କି, ସ୍ୱାଧୀନ ନୁହେଁ । ପରମ ପୁରୁଷ ଭଗବାନ ମହାବିଷ୍ଣୁଙ୍କଠାରେ ଭୂତ ପ୍ରକୃତି ଲୀନ ହୋଇଥିଲା ଏବଂ ସର୍ଗ କାଳରେ ତାହା ମହତ୍ତତ୍ତ୍ୱ ଜରିଆରେ ପ୍ରକାଶିତ ହେଲା । ପ୍ରକୃତି ଅର୍ଥାତ୍ତ୍ୱ ମାୟା ଏବଂ ପୁରୁଷ ଅର୍ଥାତ୍ ଜୀବ ଏହି ଦୁଇ ଅନାଦି ଅର୍ଥାତ୍ ଏହାଙ୍କର ଆଦି କାରଣ ନାହିଁ । ଏହି ଦୁଇ ପରମାତ୍ମାଙ୍କ ଶକ୍ତି ହୋଇଥିବା କାରଣରୁ ନିତ୍ୟ ଅଟନ୍ତି । ମାୟା ଈଶ୍ୱରଙ୍କ ପୂର୍ଣ୍ଣ କର୍ତ୍ତୃତ୍ୱାଧୀନ । ମାୟା ହେଉଛି ପ୍ରଭୁଙ୍କ କାରଣ ଶରୀର । ମାୟା ହେଉଛି ପ୍ରଭୁଙ୍କ ଐନ୍ଦ୍ରଜାଲିକ ଶକ୍ତି । ଆତ୍ମା-ଅନାତ୍ମା , ଜଡ-ଚେତନ, ପରା-ଅପରା – ଏ ସମସ୍ତ ଈଶ୍ୱରଙ୍କ ପ୍ରକୃତି । ଏହି ଦୁଇ ପ୍ରକୃତିର ଅଧିକାରୀ ହୋଇ ସେ ବିଶ୍ୱର ସୃଷ୍ଟି, ପାଳନ ଓ ସଂହାର କ୍ରିୟା କରନ୍ତି । ଜୀବର ପୂର୍ବ ଜନ୍ମର ଚିତ୍ତ ସଂସ୍କାର କାରଣରୁ ଶିଶୁଟିଏ ହସେ - ବିଷାଦ, ଭୟ, କ୍ରୋଧ, ସୁଖ ଓ ଦୁଃଖ ଅନୁଭବ କରେ । ଏଥିରୁ ସ୍ପଷ୍ଟ ସିଦ୍ଧାନ୍ତ ଗ୍ରହଣ କରା ଯାଇପାରିବ କି, ଶିଶୁଟିର ଅତୀତ ଜନ୍ମରେ ମଧ୍ୟ ଉକ୍ତ ଜୀବାତ୍ମା ରହିଥିଲା ଏବଂ ଏହି ରୀତିରେ ବିଚାର କଲେ ଜୀବାତ୍ମା ଅନାଦି । ପରମାତ୍ମା ହିଁ ଜୀବାତ୍ମା, କ୍ଷେତ୍ରଜ୍ଞ, ପୁରୁଷ ଆଦି ନାମରେ ଅନାଦି ଅଟନ୍ତି । ପ୍ରକୃତି ଅନାଦି- ଏହି ସିଦ୍ଧାନ୍ତ ଗୀତାରେ କୁହାଯାଇଥିଲେ ମଧ୍ୟ, ଏହା ଅନନ୍ତ ବୋଲି କେଉଁଠାରେ ଉଲ୍ଲେଖ ନାହିଁ । ପ୍ରକୃତି ପ୍ରବାହ ରୂପରେ ଏହା ନିତ୍ୟ ଏବଂ  ବାସ୍ତବିକ ରୂପରେ କେବଳ ପ୍ରତିଭାସିତ ମାତ୍ର । ତତ୍ତ୍ୱଜ୍ଞ ଦୃଷ୍ଟିରେ ଆକାଶର ନୀଳିମା ଯେପରି ଆଖିରେ ଦେଖୁଥିବା ପର୍ଯ୍ୟନ୍ତ ପ୍ରତିଭାସିତ ହୋଇ ଆକାଶରୁ ଅଲଗା  ହୋଇ ନ ଥାଏ, ସେହିପରି ପ୍ରକୃତି  ମଧ୍ୟ, ପ୍ରବାହମାନ କାରଣରୁ ନିତ୍ୟ ହେବା ହେତୁ ପରମାତ୍ମାଙ୍କ ଠାରୁ ଅଲଗା ନୁହେଁ । ଭଗବାନ ପୁନଶ୍ଚ କହୁଛନ୍ତି କି, ସୁଖ, ଲୋଭ, ମୋହ ଆଦି ବୃତ୍ତି ରୂପରେ ପରିଣତ ହେଉଥିବା ସତ୍ତ୍ୱ, ରଜ, ତମ ଗୁଣ ଏବଂ ପୂର୍ବରେ କୁହାଯାଇଥିବା କ୍ଷେତ୍ରର ସମସ୍ତ ବିକାର (ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସଙ୍ଘାତ, ଚେତନା, ଧୃତି ) ପ୍ରକୃତିଠାରୁ ଉତ୍ପନ୍ନ ବୋଲି ତୁମ୍ଭେ ଅର୍ଜୁନ ଜାଣିରଖ । ପଞ୍ଚ ମହାଭୂତ, ଅହଂକାର ବା ମହତ୍ତତ୍ତ୍ୱ, ଦଶ ଇନ୍ଦ୍ରିୟ, ପାଞ୍ଚଟି ବିଷୟ ଓ ମନ- ଏହି ସବୁ ପ୍ରକୃତିର କାର୍ଯ୍ୟ ଅର୍ଥାତ୍ ପ୍ରକୃତି ଏହି ସବୁର ମୂଳ କାରଣ । ବିକାର ଓ ଗୁଣମାନଙ୍କ କାରଣରୂପା ଈଶ୍ୱରଙ୍କ ଯେଉଁ ମାୟାଶକ୍ତି ତାହାର ନାମ ପ୍ରକୃତି । ଆତ୍ମା ସ୍ୱୟଂ ଅବିକାରୀ ଓ ନିର୍ଗୁଣ ରହି ଶରୀର ମଧ୍ୟରେ ସମସ୍ତ ବିକାର ଓ ଗୁଣ ମାନଙ୍କୁ ପ୍ରକାଶିତ କରାନ୍ତି । ମହତ୍ତତ୍ତ୍ୱାଦି ବିକାର ମଧ୍ୟ ପ୍ରକୃତିରୁ ଉତ୍ପନ୍ନ । ପ୍ରକୃତିର ପ୍ରଥମ ବିକାର ହେଉଛି  ମହତତ୍ତ୍ୱ ଏବଂ ସ୍ଥୁଳଭୂତ ପୃଥିବୀ ଅନ୍ତିମ ବିକାର ବୋଲି ସାଂଖ୍ୟ ମାନଙ୍କ ମତ । ଘଟରେ ମାଟି ହେଉଛି 'ବିବର୍ତ୍ତ ଉପାଦାନ

କାରଣ' ଯେହେତୁ ମାଟିକୁ ଛାଡି ଘଟର କୌଣସି ସ୍ଥିତିରେ ଅସ୍ତିତ୍ୱ ନାହିଁ । ଘଟଟି ତିଆରି ପୂର୍ବରୁ ମାଟି ଥିଲା, ଘଟ ଥିବା ଅବସ୍ଥାରେ ମାଟି ରହିଛି ଏବଂ ଅନ୍ତରେ ଘଟଟି ନଷ୍ଟ ହୋଇଯିବାରେ ମଧ୍ୟ ସେହି ମାଟି ହିଁ ରହିବ । ତେଣୁ ମାଟି ହେଉଛି ଘଟର 'ବିବର୍ତ୍ତ ଉପାଦାନ କାରଣ' । ସେହିପରି ସମସ୍ତ ଜଗତର 'ବିବର୍ତ୍ତ ଉପାଦାନ କାରଣ' ହେଉଛି 'ପୁରୁଷ' ଅର୍ଥାତ୍ 'ବ୍ରହ୍ମ' । ମାଟିରୁ ଘଟ ଓ ଘଟରୁ ପୁଣି ମାଟି- ଏହି ପ୍ରକ୍ରିୟା ହେଉଛି 'ପରିଣାମୀ' । ସ୍ଥୂଳ-ସୂକ୍ଷ୍ମ ଜଗତର 'ପରିଣାମୀ ଉପାଦାନ କାରଣ ହେଉଛି' ପ୍ରକୃତି । ଘଟଟି ତିଆରିରେ କୁମ୍ଭାର, ଦଣ୍ଡ, ଚକ ଆଦି ହେଉଛି 'ନିମିତ୍ତ କାରଣ' । କାର୍ଯ୍ୟରେ ନିମିତ୍ତ କାରଣର ପ୍ରତ୍ୟକ୍ଷ ସ୍ୱରୂପ ଜ୍ଞାତ ହୋଇ ନଥାଏ ଯେପରି ଘଟରେ କୁମ୍ଭାର ବା ଚକ ବ୍ୟକ୍ତ ହୋଇ ନଥାନ୍ତି । ସେହିପରି ସୃଷ୍ଟି ଉତ୍ପତ୍ତି, ସ୍ଥିତି ଓ ପ୍ରଳୟରେ ପରମାତ୍ମା ନିମିତ୍ତ କାରଣ ହୋଇଥିଲେ ମଧ୍ୟ, ଦୃଶ୍ୟ ପ୍ରପଞ୍ଚରେ ସେ' ଅବ୍ୟକ୍ତ ରହିଥାନ୍ତି । ଉପରୋକ୍ତ ବିଚାରରେ ପରମାତ୍ମା ଉପାଦାନ କାରଣ ଏବଂ ପ୍ରକୃତି ମଧ୍ୟ ଉପାଦାନ କାରଣ। ପାର୍ଥକ୍ୟ ଏତିକି କି, ପ୍ରକୃତି ବିକୃତି ହୋଇଥାଏ ଏବଂ ପୁରୁଷ ପରାମାତ୍ମା ଅବିକୃତ ରହିଥାନ୍ତି । ଯାହାକୁ ଅଦ୍ୱୈତ ବେଦାନ୍ତରେ ବିବର୍ତ୍ତବାଦ କୁହାଯାଇଛି ଏବଂ ବଲ୍ଲଭାଚାର୍ଯ୍ୟ ଏହାକୁ ଅବିକୃତ ପରିଣାମ ବାଦ କହିଛନ୍ତି । ବଲ୍ଲଭାଚାର୍ଯ୍ୟଙ୍କ ମତାନୁସାରେ ପରମାତ୍ମା ବିକୃତ ହୁଅନ୍ତି ନାହିଁ କିନ୍ତୁ ତାଙ୍କରି ପରିଣାମ ଏହି ଜଗତ । ଭଗବାନ ଶ୍ରୀକୃଷ୍ଣ ସମସ୍ତ ମତବାଦର ଊର୍ଦ୍ଧ୍ୱକୁ ଯାଇ ଏହି ସିଦ୍ଧାନ୍ତ ପ୍ରତିପାଦିତ କରିଛନ୍ତି କି, ଜଗତର ପରିଣାମୀ ଉପାଦାନକାରୀ 'ଅନାଦି' ଜାଣ ତଥା ବିବର୍ତ୍ତ ଉପାଦାନ କାରଣ 'ପୁରୁଷ'କୁ ମଧ୍ୟ ଅନାଦି ବୋଲି ଜାଣ । କାରଣ ଜଡ ଓ ଚେତନ ଯାହା କିଛି ବି ଦୃଶ୍ୟମାନ, ସେ ସମସ୍ତ ପ୍ରକୃତି ପୁରୁଷ ସମ୍ବନ୍ଧରୁ ଉତ୍ପନ୍ନ । ଜଡବଦ୍ଧ ଜୀବ ସତ୍ତାରେ ତିନୋଟି ତତ୍ତ୍ୱ ଲକ୍ଷିତ ହୁଏ । ପ୍ରକୃତି, ପୁରୁଷ ଏବଂ ଜୀବାତ୍ମା । ସମସ୍ତ କ୍ଷେତ୍ର ହିଁ ପ୍ରକୃତି, ଜୀବ ହିଁ ପୁରୁଷ ଏବଂ ଏହି ଦୁହିଁଙ୍କ ମଧ୍ୟରେ ମୋର ଆବିର୍ଭାବ ହେଉଛି ପାରମାତ୍ମା ।

କାର୍ଯ୍ୟକରଣ କର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥୨୧॥

*ଅନ୍ୱୟ: କାର୍ଯ୍ୟକରଣ କର୍ତ୍ତୃତ୍ୱେ (କାର୍ଯ୍ୟ ଓ କାରଣ ଦ୍ୱାରା ହେଉଥିବା କ୍ରିୟା ଗୁଡିକୁ ଉତ୍ପନ୍ନ କରିବାରେ –ଶରୀର ଓ ଇନ୍ଦ୍ରିୟର ଉତ୍ପାଦନରେ) ପ୍ରକୃତିଃ (ପ୍ରକୃତି-ତ୍ରିଗୁଣାତ୍ମିକ ମାୟାଶକ୍ତି) ହେତୁଃ ଉଚ୍ୟତେ (କାରଣ ବୋଲି କୁହାଯାଏ ) ପୁରୁଷଃ (ପୁରୁଷ ଅର୍ଥାତ୍ ଜୀବ )ସୁଖଦୁଃଖାନାଂ (ସୁଖଦୁଃଖ ସମୂହର) ଭୋକ୍ତୃତ୍ୱେ (ଭୋଗ ବିଷୟରେ) ହେତୁଃ ଉଚ୍ୟତେ (କାରଣ କୁହାଯାଏ) ।*

**ଭାବାର୍ଥ** :: କ୍ଷିତି, ଆପ, ବାୟୁ, ତେଜ ଓ ବ୍ୟୋମ-ଏହି ପାଞ୍ଚ ସୂକ୍ଷ୍ମ (ଅପଞ୍ଚୀକୃତ) ମହାଭୂତ- ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ଆଦି ପାଞ୍ଚ ଜ୍ଞାନେନ୍ଦ୍ରିୟ ବିଷୟ-ଏହି ଦଶଗୋଟି କାର୍ଯ୍ୟ ତତ୍ତ୍ୱର ଅନ୍ତର୍ଗତ । ପାଞ୍ଚ ଜ୍ଞାନେନ୍ଦ୍ରିୟ (ଶ୍ରୋତ୍ର, ତ୍ୱକ୍, ନେତ୍ର, ରସନା ଓ ଘ୍ରାଣ)- ପାଞ୍ଚ କର୍ମେନ୍ଦ୍ରିୟ (ବାକ୍, ପାଣି, ପାଦ, ଉପସ୍ଥ ଓ ପାୟୁ)- ମନ,ବୁଦ୍ଧି ଓ ଅହଂକାର- ଏହି ତେରଗୋଟି କାରଣ ବା କରଣ ତତ୍ତ୍ୱର ସୂଚକ । କେହି କେହି ଟୀକାକାର 'କରଣ' ଶବ୍ଦକୁ କାରଣ ଓ କରଣ ଉଭୟ ଅର୍ଥରେ ବ୍ୟାଖ୍ୟା କରିଛନ୍ତି । ଯାହା ଉତ୍ପନ୍ନ ହୁଏ ତାହାକୁ କାର୍ଯ୍ୟ କୁହାଯାଇଥାଏ ଏବଂ ଯାହା ଦ୍ୱାରା କାର୍ଯ୍ୟ ସିଦ୍ଧି ହୁଏ ତାହା କାରଣ । କ୍ରିୟା କରିବାରେ ଯେତେ ସାମଗ୍ରୀ ପ୍ରୟୋଜନ ସେଗୁଡିକ 'କରଣ' ପଦବାଚ୍ୟ । 'କାର୍ଯ୍ୟ' ସ୍ଥୂଳ ଶରୀରର ନାମ ଏବଂ 'କାରଣ' ଶରୀରର ସୂକ୍ଷ୍ମ କ୍ରିୟା । ଏହି କାର୍ଯ୍ୟ ଓ କାରଣ ତେଇଶିଗୋଟି ତତ୍ତ୍ୱ ପ୍ରକୃତିରୁ ଉତ୍ପନ୍ନ ଅର୍ଥାତ୍ ପ୍ରକୃତି ଏହିଗୁଡିକର ଉପାଦାନ କାରଣ ।

କର୍ତ୍ତୃତ୍ୱ, କାରଣ, ଓ କାର୍ଯ୍ୟ ରୂପୀ ସକଳ ରୂପାନ୍ତରର ପ୍ରକୃତି ହିଁ ଏକମାତ୍ର ମୂଳାଧାର । ପାଞ୍ଚ ଜ୍ଞାନେନ୍ଦ୍ରିୟ ଦ୍ୱାରା ଗ୍ରହଣ କରାଯାଇଥିବା ଭିନ୍ନ ଭିନ୍ନ ବିଷୟ ସମୂହକୁ ଏକତ୍ରିକରଣ କରିବା ମନର କାର୍ଯ୍ୟ ହୋଇଥାଏ, ଅର୍ଥାତ୍ ମନ ଇନ୍ଦ୍ରିୟମାନଙ୍କୁ ସଞ୍ଚାଳିତ କରେ । ମନ ଗ୍ରହଣ କରିଥିବା ବିଷୟ ଗୁଡିକର ସ୍ୱରୂପକୁ ବୁଝି, ବୁଦ୍ଧି ନିଜର ପ୍ରତିକ୍ରିୟା ନିଶ୍ଚିତ କରେ । ମନ ଓ ବୁଦ୍ଧିର ଏହି ସମସ୍ତ ପ୍ରକ୍ରିୟା ଅନ୍ତରାଳରେ ଗୋଟିଏ କାଳ୍ପନିକ ସତ୍ତା 'ମୁଁ' ଭାବେ ସଦା ସର୍ବଦା ପ୍ରତୀତ ହୋଇଥାଏ, ଯେପରି 'ମୁଁ' ଭାବୁଛି, 'ମୁଁ' ଦେଖୁଛି, 'ମୁଁ' ଶୁଣୁଛି ଇତ୍ୟାଦି । ଆତ୍ମାର ଶରୀର ସହିତ ତାଦାତ୍ମ୍ୟ ଯୋଗୁଁ ଏହି 'ଅହଂ' ବା 'ମୁଁ' ପ୍ରତୀତ ହୁଏ । କର୍ମେନ୍ଦ୍ରିୟ ଉପରେ ଜ୍ଞାନେନ୍ଦ୍ରିୟର, ଜ୍ଞାନେନ୍ଦ୍ରିୟ ଉପରେ ମନର, ମନ ଉପରେ ବୁଦ୍ଧିର ଏବଂ ବୁଦ୍ଧି ଉପରେ ଏହି ଅହଂକାରର ଆଧିପତ୍ୟ ରହେ । ତାତ୍ପର୍ଯ୍ୟ ହେଲା କି, ବହିଃକରଣ ଓ ଅନ୍ତଃକରଣ ଦ୍ୱାରା ଘଟିତ ସମସ୍ତ କ୍ରିୟା ପ୍ରକୃତିରେ ହିଁ ହେଉଛି । ଯେଉଁ ଚେତନ ତତ୍ତ୍ୱଦ୍ୱାରା ଏହି କାର୍ଯ୍ୟ, କାରଣ ଓ କର୍ତ୍ତୃତ୍ୱ ପ୍ରକାଶିତ ହୋଇଥାଏ, ତାହା ହେଉଛି 'ପୁରୁଷ' ବା ଜୀବାତ୍ମା । ଏହି ପୁରୁଷକୁ ସୁଖ-ଦୁଃଖର ଭୋକ୍ତା ବୋଲି ଗୀତାରେ ପ୍ରତିପାଦିତ କରାଯାଇଛି । ଜୀବାତ୍ମା ଯାହା ପରମାତ୍ମାଙ୍କ ଅଂଶ, ତାହା ନିର୍ବିକାର, ନିରାକାର ସ୍ୱରୂପ ହୋଇ ସୁଖ ଓ ଦୁଃଖକୁ ଭୋଗ କରିବାରେ କିପରି ସମର୍ଥ ହେବ ? ସୁଖ ଓ ଦୁଃଖର ଭୋକ୍ତା ଆତ୍ମାର ବାସ୍ତବିକ ସ୍ୱରୂପ ନୁହେଁ । ଏହା ଆତ୍ମାର ଔପାଧିକ ଅର୍ଥାତ୍ ଉପାୟ ଦ୍ୱାରା କଳ୍ପିତ ରୂପ । ସୁଖ ଓ ଦୁଃଖ ମନର ପ୍ରତିକ୍ରିୟା ମାତ୍ର । ଚୈତନ୍ୟ ସ୍ୱରୂପ ଆତ୍ମା ଦ୍ୱାରା ଅନ୍ତଃକରଣରେ ଅନୁଭବ ଗୁଡିକ ପ୍ରକାଶିତ ହୋଇଥାନ୍ତି । ଆତ୍ମା ଚୈତନ୍ୟଙ୍କ ପ୍ରକାଶ ବିନା କୌଣସି ପ୍ରକାର ଅନୁଭବ ଜୀବର ଅନ୍ତଃକରଣରେ ଉପଲବ୍ଧ ହେବା ଅସମ୍ଭବ । ଅହଂ ବୃତ୍ତି ସହିତ ସ୍ୱୟଂ (ପୁରୁଷ) ଯେତେବେଳେ ସମ୍ବନ୍ଧ ଓ ତାଦାତ୍ମ୍ୟ ସ୍ଥାପନ କରେ, ସେତେବେଳେ ସେହି 'ଅହଂ' କର୍ତ୍ତା ହୋଇଯାଏ । ଏହି ଅହଂରେ ଜଡ ଓ ଚେତନ ଉଭୟ ରହିଥାନ୍ତି । ପ୍ରକୃତି ଓ ପୁରୁଷର ସଙ୍ଗ ଅନାଦି କାରଣରୁ ପୁରୁଷକୁ ସୁଖ-ଦୁଃଖ ଭୋକ୍ତାପନର ହେତୁ ଅର୍ଥାତ୍ ନିମିତ୍ତ ବୋଲି ଧରାଯାଇଛି । ଜୀବାତ୍ମା ବା ପୁରୁଷର ଦେହ ଅଭିମାନ ଥିବା ପର୍ଯ୍ୟନ୍ତ କାର୍ଯ୍ୟ ସମୂହରେ ଅନୁଷ୍ଠିତ ହୋଇଥିବା ସମସ୍ତ ପ୍ରତିକ୍ରିୟା ଅନୁଭବ ହୋଇଥାଏ । ଯେଉଁ ମୁହୂର୍ତ୍ତରେ ଜୀବାତ୍ମା ଦେହାଭିମାନ ତ୍ୟାଗକରି ଆତ୍ମାରେ ସ୍ଥିତ ହୋଇଯାଏ, ସେହି ମୁହୂର୍ତ୍ତରେ ଜୀବ କର୍ତ୍ତା ନୁହେଁ କି, ଭୋକ୍ତା ନୁହେଁ । ବୁଦ୍ଧି ଅତ୍ୟନ୍ତ ସୂକ୍ଷ୍ମ । ଆତ୍ମାର ଚିଦ୍-ଶକ୍ତି (ଚିଦାଭାସ) ବୁଦ୍ଧିରେ ପ୍ରତିବିମ୍ବିତ ହୁଏ । ଏହା ଫଳରେ ଚିଦାଭାସ ବା ଚୈତନ୍ୟ ସହିତ ସାମଞ୍ଜସ୍ୟ ରହିଥିବା ବୁଦ୍ଧି ଅନୁଭବ କରେ । ଶୁଦ୍ଧ ଆତ୍ମାର ସ୍ୱରୂପ ତତ୍ତ୍ୱ ମଧ୍ୟ ବୁଦ୍ଧି ଉପରେ ପ୍ରତିଭାସିତ ହୁଏ । ଏହିପରି ବୁଦ୍ଧି ଓ ଆତ୍ମା ଭିତରେ ପ୍ରକୃତି ଓ ପୁରୁଷ ଏହି ଯେଉଁ ପାରସ୍ପରିକ ଅଧ୍ୟାରୋପ କରାଯାଏ, ଏହା ହିଁ ସୃଷ୍ଟିର କାରଣ । ଏଠାରେ ଯେଉଁ ପୁରୁଷ ଶବ୍ଦ କୁହାଯାଇଛି, ତାହା ହେଉଛି ପୁନର୍ଜନ୍ମ କ୍ରିୟାର ଅଧୀନ ବଦ୍ଧ ଆତ୍ମା, ଯେ କି ସୁଖ-ଦୁଃଖ ଉପଲବ୍ଧ କରିଥାଏ । ପରମ ପୁରୁଷ ସଂସାରରୁ ନିତ୍ୟ ମୁକ୍ତ ଯାହାଙ୍କ ପରିଣାମ ନାହିଁ । ପ୍ରକୃତି ଓ ପୁରୁଷ ଏହି ଦୁହେଁ ହେଉଛନ୍ତି ସଂସାରର କାରଣ । ପ୍ରକୃତି, ଦେହ, ପ୍ରାଣ, ଶକ୍ତି, ମନ, ବୁଦ୍ଧି, ଇନ୍ଦ୍ରିୟ ସମୂହ ସୃଷ୍ଟିକରେ ଏବଂ ପୁରୁଷ ବା ଜୀବ ସୁଖ-ଦୁଃଖ ଭୋଗକରେ । ସୁଖ-ଦୁଃଖର ଅନୁଭବତାକୁ ସଂସାର ବୋଲାଯାଏ । ଜୀବ ବା ଜୀବାତ୍ମା ହେଉଛି ସଂସାରୀ । ପରମେଶ୍ୱର ଜୀବ ପ୍ରତି ଏତେ ସଦୟ ଯେ, ପ୍ରତ୍ୟେକ ଅବସ୍ଥାରେ ଜୀବର ହୃଦୟରେ ପରମାତ୍ମା ରୂପରେ ବିରାଜମାନ ରହି ପ୍ରତି କ୍ଷଣରେ ବିବେକ ଓ ପ୍ରେରଣା ଦାୟକ ରୂପେ ମୁକ୍ତିର

ମାର୍ଗ ଦେଖାଇଥାନ୍ତି । ପ୍ରକୃତିର ବିଦ୍ୟା ମାୟା ହେଉଛି 'ମାତା' ଯିଏକି ଜୀବାତ୍ମାକୁ ଭୂତ ସ୍ୱରୂପରୁ ଉଦ୍ଧାର କରିନେଇ ସତ୍ୟ ସ୍ୱରୂପରେ ପହଞ୍ଚାଇବା ନିମିତ୍ତ ଉଦ୍ଦିଷ୍ଟ । ଅଜ୍ଞାନରୁ ଜ୍ୟୋତିର୍ମୟ, ମୃତ୍ୟୁରୁ ଅମୃତମୟ ପ୍ରାପ୍ତି କରାଇଥାଏ । ପୁରୁଷ ଓ ପ୍ରକୃତି ତଥା ଜଡ ଓ ଚେତନର ତାଦାତ୍ମ୍ୟରେ ଚେତନାର ପ୍ରାଧାନ୍ୟ ଯୋଗୁଁ ମୁକ୍ତିର ଇଚ୍ଛା ଏବଂ ଜଡର ପ୍ରାଧାନ୍ୟ ଯୋଗୁଁ ଭୋଗ ଇଚ୍ଛା ହୁଏ । ଏଣୁ ପରିଶେଷରେ ଚେତନା ହିଁ କଲ୍ୟାଣ ପ୍ରାପ୍ତିରେ ଭାଗୀ ହୁଏ, ଜଡ ନୁହେଁ । ପ୍ରକୃତିର ନିବୃତ୍ତି ନିତ୍ୟ ଓ ପୁରୁଷର ପ୍ରାପ୍ତି ନିତ୍ୟ । ଅତଏବ ପ୍ରକୃତିର ସମ୍ପୂର୍ଣ୍ଣ ନିବୃତ୍ତି ଅର୍ଥାତ୍ ସତ୍ତ୍ୱ, ରଜ, ତମ ଗୁଣର ସମତ୍ୱ ସ୍ଥିତି ହିଁ ପୁରୁଷର ପୂର୍ଣ୍ଣତା ପ୍ରାପ୍ତି । ବାସ୍ତବ ଦୃଷ୍ଟିରୁ ଦେଖିଲେ ପ୍ରକୃତି ଓ ପୁରୁଷର ସ୍ୱଭାବ ଭିନ୍ନ ଭିନ୍ନ ହୋଇଥିବା ସତ୍ତ୍ୱେ ଦୁହେଁ ପରସ୍ପର ଅଭିନ୍ନ । 'ପୁରୁଷ' ଯାହା କର୍ତ୍ତାପନର ଭାବ ଆରୋପିତ କରିଥାଏ, ତାହା ଅଧ୍ୟାସ ବଶ (ମିଥ୍ୟା ଜ୍ଞାନର କାରଣରୁ) ହୋଇଥାଏ । ପ୍ରକୃତି ହିଁ ବସ୍ତୁତଃ ଏହାର କାରଣ । ଏ ସବୁରେ ପ୍ରକୃତି ହିଁ ପୁରୁଷର ସଂସର୍ଗରେ କାର୍ଯ୍ୟ ଇତ୍ୟାଦି ରୂପରେ ପରିଣତ ହୋଇଥାଏ । ଅବିଦ୍ୟା ନାମଧାରୀ ମାୟା ନିଜର ବୃତ୍ତିଦ୍ୱାରା ସେହି ଅଧ୍ୟାସ (ମିଥ୍ୟାଜ୍ଞାନ)କୁ ପ୍ରଦାନ କରିଥାଏ । ପୁରୁଷ ଠାରେ ଭୋକ୍ତୃତ୍ୱର ପ୍ରଧାନତା ରହିଥିବା ବେଳେ ପ୍ରକୃତି ଠାରେ କର୍ତ୍ତୃତ୍ୱର ପ୍ରଧାନତା ରହିଥାଏ । ପୁରୁଷ ପ୍ରକାଶକ କିନ୍ତୁ କ୍ରିୟାହୀନ ହୋଇଥିବା ବେଳେ ପ୍ରକୃତି ଅନ୍ଧ ସାଦୃଶ୍ୟ ଯାହାକୁ କିଛି ଦେଖା ଯାଇ ନ ଥାଏ । ଯେପରି ଜଣେ ଅନ୍ଧ ଓ ଛୋଟା ବ୍ୟକ୍ତି- ଦୁହିଁଙ୍କ ପରସ୍ପର ସହଯୋଗିତାରେ ଉଭୟର କଲ୍ୟାଣ ହୋଇଥାଏ, ସେହିପରି ପ୍ରକୃତି ଓ ପୁରୁଷର ସଂଯୋଗରେ ଭୋଗ ଏବଂ ମୋକ୍ଷ ଦୁଇଟିଯାକ ପ୍ରାପ୍ତ ହୋଇଥାଏ । ଏହା ସାଙ୍ଖ୍ୟମାନଙ୍କ ମତ । ଏଠାରେ ଗୋଟିଏ ବିଷୟ ସର୍ବଦା ସ୍ମରଣ ଯୋଗ୍ୟ କି, ପ୍ରାକୃତ ସୁଖ-ଦୁଃଖ ଆଦିର ଭୋକ୍ତା ଶୁଦ୍ଧ ଜୀବ ନୁହେଁ, କିନ୍ତୁ ତଟସ୍ଥା ଶକ୍ତିରେ ପ୍ରକଟିତ ଜୀବ ମାୟାର ସଂସର୍ଗରେ ଉତ୍ପନ୍ନ ଦେହରେ ଆତ୍ମବୁଦ୍ଧି କରିବା କାରଣରୁ ପ୍ରାକୃତ ସୁଖ-ଦୁଃଖ ଆଦି ଭୋଗିବାର ଅଭିମାନ କରିଥାଏ । କୂଟସ୍ଥ ଆତ୍ମାରେ ପରମାତ୍ମାଙ୍କ ପ୍ରାଧାନ୍ୟ ବିଦ୍ୟମାନ ରହିଥାଏ । ଏଥିପାଇଁ ସେ ନିରୂପାଧିକ ଏବଂ ପ୍ରକୃତିର କାର୍ଯ୍ୟରେ ନିର୍ବିକାର । କିନ୍ତୁ ମାୟା ଓ ଜୀବ ଉଭୟ ଈଶ୍ୱରଙ୍କ ଅଧୀନ ହୋଇଥାନ୍ତି ।

ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍ ଗୁଣାନ୍ ।
କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍ ଯୋନିଜନ୍ମସୁ ॥୨୨॥

*ଅନ୍ୱୟ : ପୁରୁଷଃ (ଜୀବ-ଭୋକ୍ତା) ହି (ଯେ ହେତୁ) ପ୍ରକୃତିସ୍ଥ (ପ୍ରକୃତିରେ ଅଧିଷ୍ଠିତ ହୋଇ ) ପ୍ରକୃତିଜାନ୍ ଗୁଣାନ୍ (ପ୍ରକୃତି ଜାତ ବିଷୟ ସମୂହ – ସୁଖ-ଦୁଃଖ ମୋହାଦି ଗୁଣ ) ଭୁଙ୍କ୍ତେ (ଭୋଗ କରନ୍ତି ) ଅସ୍ୟ (ପୁରୁଷର ଅର୍ଥାତ୍ ଜୀବର) ସତ୍-ଅସତ୍-ଯୋନି ଜନ୍ମସୁ (ସତ୍-ଅସତ୍ ,ଉଚ୍ଚ-ନୀଚ) ଯୋନି ଜନ୍ମସୁ (ଯୋନିରେ ଜନ୍ମ ନେବାରେ) ଗୁଣସଙ୍ଗଃ (ଗୁଣ ଗୁଡିକର ସଙ୍ଗ ତଥା ଗୁଣ ସମୂହରେ ଆସକ୍ତ) କାରଣଂ (କାରଣ ହୁଏ ) ।*

**ଭାବାର୍ଥ** : ପୁରୁଷ ଯାହାକି 'ଜ୍ଞେୟ ସ୍ୱରୂପ' ପ୍ରକୃତିରେ ଅଧିଷ୍ଠିତ ହୋଇ ପ୍ରକୃତିରୁ ଉତ୍ପନ୍ନ ସୁଖ, ଦୁଃଖ, ମୋହାଦି ଆକାରରେ ଅଭିବ୍ୟକ୍ତ ଗୁଣ ସମୂହ ଭୋଗ କରନ୍ତି । ଏହି ସବୁ ଗୁଣମାନଙ୍କ ସଙ୍ଗ ବା ଇନ୍ଦ୍ରିୟାଦି ସଂସର୍ଗ ବା ତାଦାତ୍ମ୍ୟ ଭାବ ହିଁ ପୁରୁଷର (ଜୀବାତ୍ମାର) ସତ୍-ଅସତ୍ ବା ଉଚ୍ଚ-ନୀଚ ଯୋନି ମାନଙ୍କରେ ଜନ୍ମ ଗ୍ରହଣ କରିବାରେ କାରଣ ହୁଏ । ସତ୍ତ୍ୱ ଗୁଣ ଧାରଣ କଲେ ଦେବ ଯୋନିରେ, ରଜୋଗୁଣ ଧାରଣ କଲେ ମନୁଷ୍ୟ ଯୋନିରେ ଓ ତମୋଗୁଣ ଧାରଣ କଲେ ପଶୁ ପକ୍ଷୀ ଆଦି ନୀଚ ଯୋନିରେ ଜନ୍ମମିଳେ । ଯେ ପର୍ଯ୍ୟନ୍ତ ଜୀବ

ଏହି ମିଥ୍ୟା ଦେହାଭିମାନରେ ମୋହିତ ହୋଇ ରହିଥାଏ, ସେ ପର୍ଯ୍ୟନ୍ତ ସେ ଗୋଟିଏ ଶରୀର ପରେ ଆଉ ଗୋଟିଏ ଶରୀର ଗ୍ରହଣ କରି ଚାଲିଥାଏ । ବାସ୍ତବରେ ପୁରୁଷ ପ୍ରକୃତିସ୍ଥ ବା ଶରୀରସ୍ଥ ନୁହେଁ, କାରଣ ପୁରୁଷର ସ୍ୱରୂପ ନିତ୍ୟ ଅସଙ୍ଗ । ପୁରୁଷର ଦୁଇ ପ୍ରକାର ସ୍ଥିତି ହୋଇଥାଏ । 'ପ୍ରକୃତିସ୍ଥ' ଏବଂ 'ସ୍ୱସ୍ଥ' । ଶରୀର ସହିତ 'ଅହଂ'ଭାବ ଓ ମମତ୍ୱ ନ କରି ନିଜ ସ୍ୱରୂପରେ ସ୍ଥିତ ରହିବା ହେଉଛି 'ସ୍ୱସ୍ଥ' ବା 'ଆତ୍ମସ୍ଥ' । ଆତ୍ମସ୍ଥ ସ୍ଥିତିରେ ତତ୍ତ୍ୱଜ୍ଞ ସମସ୍ତ କ୍ରିୟା ପ୍ରକୃତି ଦ୍ୱାରା ହେଉଛି ଜାଣି କୌଣସି କ୍ରିୟାର ଫଳଭାଗୀ ହୁଏନାହିଁ । ସେ' ସମ-ଭାବା ସମ୍ପନ୍ନ ହୋଇଯାଇ, ସୁଖ-ଦୁଃଖର ଭୋକ୍ତା ନ ହୋଇ ଜୀବନମୁକ୍ତ ସ୍ଥିତିରେ ରହେ । ଏକ ବୈଦିକ ମନ୍ତ୍ରରେ କୁହାଯାଇଛି କି, ଜୀବ ପରମ ପୁରୁଷ ଭଗବାନଙ୍କ ସଙ୍ଗ ଲାଭରେ ଯେତେ ତତ୍ତ୍ୱଜ୍ଞ ହେବ, ସେତେ ପରିମାଣରେ ସେ ତାର ଶାଶ୍ୱତ ଆନନ୍ଦମୟ ଜୀବନକୁ ଅନୁଭବ କରିପାରିବ । ମନୁଷ୍ୟ ଯେତେବେଳେ ପ୍ରକୃତିରୁ ଉତ୍ପନ୍ନ କାର୍ଯ୍ୟ କାରଣରୂପି ସ୍ଥୂଳ ଶରୀର ଓ ସୂକ୍ଷ୍ମ ଶରୀର ସହିତ ତାଦାତ୍ମ୍ୟ କରି ଶରୀରକୁ 'ମୁଁ-ମୋର' ମାନିନିଏ, ସେତେବେଳେ ତାକୁ 'ପ୍ରକୃତିସ୍ଥ' କୁହାଯାଏ । ମନୁଷ୍ୟ ନିଜକୁ 'ସ୍ୱସ୍ଥ' ମନେ ନ କରିବାରୁ ଅର୍ଥାତ୍ ସ୍ୱୟଂରେ ନିଜର ସ୍ଥିତି ଅନୁଭବ ନ କରିବାରୁ ହିଁ ସେ ନିଜକୁ ଶରୀରସ୍ଥ ମନେକରେ । ସାଂସାରିକ କାର୍ଯ୍ୟ ପ୍ରକୃତି ଓ ପୁରୁଷ ଉଭୟଙ୍କ ସଂଯୋଗରେ ହୁଏ । କ୍ରିୟା ହେବାରେ କେବଳ ଶରୀରର ପ୍ରାଧାନ୍ୟ ଥାଏ, କିନ୍ତୁ ଶରୀର ସହିତ ସମ୍ବନ୍ଧ ରଖୁଥିବା ପୁରୁଷ(କର୍ତ୍ତା)କୁ ସୁଖ-ଦୁଃଖ ରୂପକ ଫଳ ଭୋଗିବାକୁ ପଡେ । ଶରୀର ସୁଖର ଆସକ୍ତି ଏବଂ ଦୁଃଖର ଭୟ ଥିବାରୁ 'ମୁଁ ଅଲଗା – ସୁଖ-ଦୁଃଖ ଅଲଗା' –ଏହି ବିବେକ ବା ଜ୍ଞାନ ଉଦ୍ରେଗ ହୁଏ ନାହିଁ । ପ୍ରକୃତରେ ସ୍ୱୟଂ ସୁଖୀ କି ଦୁଃଖୀ ହୁଏ ନାହିଁ, ବରଂ ଶରୀର ସହିତ ମିଶିଯାଇ ନିଜକୁ ସୁଖୀ-ଦୁଃଖୀ ମନେକରେ । ସୁଖ-ଦୁଃଖ କେବଳ ଅବିବେକତା ପୂର୍ବକ ମାନି ନିଆଯାଇଥିବା ଧାରଣା ଉପରେ ଅବଲମ୍ବିତ । ମନୁଷ୍ୟ ଯେ ପର୍ଯନ୍ତ ଭୂତ ପ୍ରକୃତିର ନିଯନ୍ତ୍ରଣାଧୀନରେ ଥାଏ, ଭ୍ରମ ବଶତଃ ନିଜକୁ ସଂସାରର କର୍ତ୍ତା ବା ସ୍ୱାମୀ ବୋଲି ମନେକରେ । ତଟସ୍ଥ ସ୍ୱଭାବର ଜୀବ ପରମେଶ୍ୱରଙ୍କଠାରୁ ବିମୁଖହୋଇ ଦେହକୁ ଆତ୍ମବୁଦ୍ଧି କରି ଜଡର କର୍ତ୍ତୃତ୍ୱ ଏବଂ ଭୋକ୍ତୃତ୍ୱ ରୂପ ଅଭିମାନଙ୍କୁ ଗ୍ରହଣ କରି ସଂସାରୀ ହୋଇପଡେ । ମାୟାମୁଗ୍ଧ ଜୀବ ଅନାଦିକାଳରୁ ଜନ୍ମ-ମରଣ ଚକ୍ରରେ ପଡି ସାଂସାରିକ ଦୁଃଖକୁ ଭୋଗ କରୁଛି । ଭଗବାନ ବା ଭକ୍ତମାନଙ୍କ କୃପାରେ ସତ୍-ସଙ୍ଗ ପ୍ରାପ୍ତିହୋଇ ଅବିଦ୍ୟାରୂପୀ ମାୟାର ପରଦା ହଟିଗଲାପରେ ନିଜ ଶୁଦ୍ଧ ସ୍ୱରୂପରେ ପ୍ରତିଷ୍ଠିତ ହୋଇ ଭଗବତ୍-ସେବା ସୁଖକୁ ଆସ୍ୱାଦନ କରେ । ବେଦାନ୍ତିର ଦୃଷ୍ଟିରେ ପ୍ରକୃତି ପରମାତ୍ମାଙ୍କ ଠାରୁ ଭିନ୍ନ ନାହିଁ । ଶ୍ରୁତି କହୁଛି: "ମାୟାଂ ତୁ ପ୍ରକୃତିଂ ବିଦ୍ଧି ମାୟିନଂ ତୁ ମହେଶ୍ୱରଂ" –(ଶ୍ୱେତାଶ୍ୱତର ଉପ:-୪-୧୦) – ପ୍ରକୃତି ଏବଂ ମାୟା ଦୁଇର ଏକ ହିଁ ଅର୍ଥ । ବେଦାନ୍ତ ସୂତ୍ର କହେ: "ପ୍ରକୃତିଶ୍ଚ ପ୍ରତିଜ୍ଞା ଦୃଷ୍ଟାନ୍ତାନୁପରୋଧାତ୍" -ପ୍ରତିଜ୍ଞା ଓ ଦୃଷ୍ଟାନ୍ତର ବଳରେ ଏକର ବିଜ୍ଞାନରେ ସବୁର ବିଜ୍ଞାନ ହୋଇଯାଏ । ଏଣୁ ପ୍ରକୃତି ମଧ୍ୟ ସ୍ୱତନ୍ତ୍ର ସତ୍ତାଧାରୀ କୌଣସି ବସ୍ତୁ ନାହିଁ । ଶ୍ରୀ ନୀଳକଣ୍ଠଜୀ କହିଛନ୍ତି : ଦେହେନ୍ଦ୍ରୀୟମାନର ସଙ୍ଘାତ ରୂପ ଶରୀରରେ ଯେବେ ପୁରୁଷ ସ୍ଥିତ ହୋଇଥାଏ, ସେହି ଅବସ୍ଥାରେ ସେ ଗୁଣକୁ ଭୋଗ କରେ । ସୁଷୁପ୍ତି, ସମାଧି ଏବଂ ମୂର୍ଚ୍ଛା ଆଦି ସମୟରେ ଯେବେ ପୁରୁଷ ପ୍ରକୃତିସ୍ଥ ରହି ନ ଥାଏ, ତେବେ ସେ ଗୁଣକୁ ମଧ୍ୟ ଭୋଗ କରି ନ ଥାଏ । ପୁରୁଷ ସତ୍ତ୍ୱାଦି ଗୁଣମାନଙ୍କ କାର୍ଯ୍ୟରେ ଆସକ୍ତ ହୋଇ ତାହାର ସାଧନାଭୂତ ପୂଣ୍ୟ ଏବଂ ପାପ କର୍ମରେ ପ୍ରବୃତ୍ତ ହୋଇ ତାହାର ଫଳ ଭୋଗ ନିମିତ୍ତ ସତ୍ ଏବଂ ଅସତ୍ ଯୋନିକୁ ଯାଇଥାଏ

। ପୁଣି ସେଠାରେ କର୍ମ ଆରମ୍ଭ କରିଥାଏ ଏବଂ ପୁଣି ତାର ଫଳ ଭୋଗ ନିମିତ୍ତ ଅନ୍ୟ ଯୋନିକୁ ଯାଏ ।" ବସ୍ତୁ, ବ୍ୟକ୍ତି ଓ କ୍ରିୟାର ସମ୍ବନ୍ଧ ହିଁ 'ଗୁଣସଙ୍ଗ' ଯାହାକି ଜନ୍ମ-ମୃତ୍ୟୁର କାରଣ । ଗୁଣ ସଙ୍ଗ ଅନିତ୍ୟ ଓ ଗୁଣର ଅସଙ୍ଗତା ନିତ୍ୟ ଅଟେ । ଯେଉଁ ଗୁଣ କିମ୍ବା ତାର କାର୍ଯ୍ୟରୂପୀ ପଦାର୍ଥଠାରେ ଆସକ୍ତି ହେବ, ସେହି ପ୍ରକାର ବାସନା ଓ ସଂସ୍କାର ଅନ୍ତଃକରଣରେ ନିର୍ମାଣ ହୁଏ । ଅଭ୍ୟାସ ଓ ସଂସ୍କାର ଅନୁସାରେ ଅନ୍ତକାଳରେ ତାହାର ସ୍ମରଣ ହୋଇ ଜୀବକୁ ଉଚ୍ଚ-ନୀଚ ଯୋନି ପ୍ରାପ୍ତି ହେବାର କାରଣ ହୁଏ । ଶ୍ରୀ ଶଙ୍କରାଚାର୍ଯ୍ୟ ଏ ପ୍ରସଙ୍ଗରେ କହିଛନ୍ତି: "ଦେହାନ୍ଦ୍ରିୟାଦି ଗୁଣ, ବିକାର ମାନଙ୍କରେ ଯେଉଁ 'ସଙ୍ଗ' ଅର୍ଥାତ୍ ଅହଂ ବୁଦ୍ଧି ଥାଏ, ତାହା ଅବିଦ୍ୟାମୂଳକ ଅଧ୍ୟାସ । ଅବିଦ୍ୱାନ ଏଥିରେ ଅଧସ୍ଥ ହୋଇ ନାନା ଯୋନି ମଧ୍ୟରେ ପରିଭ୍ରମଣ କରେ" । ବୈରାଗ୍ୟ, ନିଷ୍କର୍ମ୍ୟ କର୍ମ ଦ୍ୱାରା ମୋହ ଭଙ୍ଗ ହୋଇଥାଏ । ଯେଉଁ ପର୍ଯ୍ୟନ୍ତ ଜୀବ ଏହି ବିଷୟଭୋଗକୁ ତ୍ୟାଗ କରି ମୋକ୍ଷର ସାଧନ, ବୁଦ୍ଧି, ବୈରାଗ୍ୟ ଆଦିର ସେବନ କରିନାହିଁ, ସେହି ପର୍ଯ୍ୟନ୍ତ ଏହି ସଂସାର କ୍ରମ ଚାଲିଥାଏ ।

ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।
ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍ ପୁରୁଷଃ ପରଃ ॥୨୩॥

*ଅନ୍ୱୟ: ଅସ୍ମିନ୍ ଦେହେ (ଏହି ଶରୀରରେ) ପରଃ (ଜୀବ ଠାରୁ ଭିନ୍ନ ପୁରୁଷ- ପରମ ପୁରୁଷ) ଉପଦ୍ରଷ୍ଟା (ସାକ୍ଷୀ ସ୍ୱରୂପ) ଅନୁମନ୍ତା ଚ (ସମ୍ମତି ଓ ଅନୁମତି ଦେଉଥିବାରୁ ଅନୁମୋଦନକାରୀ) ଭର୍ତ୍ତା (ପୋଷଣକାରୀ) ଭୋକ୍ତା (ଭୋଗ କର୍ତ୍ତା ) ମହେଶ୍ୱରଃ (ସ୍ୱାମୀ ମନେ କରୁଥିବାରୁ ପରମେଶ୍ୱର) ପରମାତ୍ମା ଚ ( ଏବଂ ପରମାତ୍ମା) ଇତି ଏବ ( ଇତ୍ୟାଦି ରୂପରେ ମଧ୍ୟ) ଉକ୍ତ ( କୁହା ଯାଇଥାନ୍ତି ) ।*

**ଭାବାର୍ଥ**: ଜୀବ ଦେହରେ ଯେଉଁ ଦେହ, ଇନ୍ଦ୍ରିୟାଦି ଠାରୁ ବିଲକ୍ଷଣ ପୁରୁଷ ବିଦ୍ୟମାନ ରହିଛନ୍ତି ସେ' ହିଁ ସାକ୍ଷୀ ସ୍ୱରୂପ ଦୃଷ୍ଟିରୁ ଉପଦ୍ରଷ୍ଟା, ଯଥାର୍ଥ ସମ୍ମତି ପ୍ରଦାନକାରୀ ହେବାରୁ ଅନୁମୋଦନ କର୍ତ୍ତା, ସମସ୍ତଙ୍କ ଧାରଣ-ପୋଷଣକାରୀ ହେତୁ ଭର୍ତ୍ତା, ଭୋଗ-ବୁଦ୍ଧି ବୃତ୍ତିର ଉପଲବ୍ଧକାରୀ ରୂପେ ଭୋକ୍ତା, ବ୍ରହ୍ମାଙ୍କ ଅଧିପତି ରୂପେ ଈଶ୍ୱର ଏବଂ ଜୀବର ଅନ୍ତର୍ନିବାସୀ ଭାବେ ଅନ୍ତର୍ଯାମୀ । ଜୀବର ହୃଦୟରେ ବାସ କରୁଥିବା ଦେହାଭିମାନରୁ ବିନିର୍ମୁକ୍ତ ଯେଉଁ ପରମ ସ୍ୱରୂପ, ତାହାଙ୍କ ନାମ 'ପରମାତ୍ମା' । ଶୁଦ୍ଧ ସଚ୍ଚିଦାନନ୍ଦଘନ ହେବାରୁ 'ପରମାତ୍ମା' ନାମରେ ପରମ ପୁରୁଷ ରୂପରେ ସର୍ବଦା ଲକ୍ଷିତ ହୋଇଥାନ୍ତି । ଜଡବଦ୍ଧ ହୋଇ ଜୀବର ଯେଉଁ ସମସ୍ତ କର୍ମ ଅନୁଷ୍ଠିତ ହୁଏ, ସେ' ତାହାର ଫଳ ପ୍ରଦାନକାରୀ । ଯଜ୍ଞସ୍ଥଳରେ କର୍ତ୍ତା ଓ ପୁରୋହିତଙ୍କ ନିକଟରେ ଜଣେ ଯଜ୍ଞ ବିଶାରଦ ଯଜ୍ଞ କର୍ମରେ ଅଂଶ ଗ୍ରହଣ ନ କରି କେବଳ ନୀରବ ସାକ୍ଷୀ ହୋଇ ବସିଥାନ୍ତି । ଯଜ୍ଞ କର୍ମରେ ଦୋଷ ତ୍ରୁଟିରେ ମାର୍ଗ ଦର୍ଶନ କରାନ୍ତି । ସେହିପରି ଜ୍ଞେୟ ସ୍ୱରୂପ ପରାମାତ୍ମା ଅଭିପ୍ରାୟ ଶୂନ୍ୟ ଦର୍ଶକ ଅଟନ୍ତି । ଇନ୍ଦ୍ରିୟ, ମନ ଓ ବୁଦ୍ଧି ଯେଉଁ କର୍ମ କରନ୍ତି, ପରମାତ୍ମା ତାହାକୁ ଅନୁମୋଦନ କରନ୍ତି ଏବଂ ପ୍ରକାଶ କରନ୍ତି । ଦେହ ଇନ୍ଦ୍ରିୟଙ୍କ ପରି କାର୍ଯ୍ୟରେ ପ୍ରବୃତ୍ତ ନ ହେଲେ ସୁଦ୍ଧା, ସେ ନିତାନ୍ତ ସମୀପବର୍ତ୍ତୀ ଥିବାରୁ ତାହାଙ୍କୁ ଅନୁମନ୍ତା କୁହାଯାଏ । ମନରେ ପ୍ରଶ୍ନ ଉଠେ କି, ଅନୁମନ୍ତା ରୂପରେ ଭଗବାନ କିପରି ଭଲ ଓ ମନ୍ଦ ଉଭୟକୁ ଅନୁମୋଦନ କରିଥାନ୍ତି ? ଏହାର ସମାଧାନ ହେଲା ; ଭଗବାନ ମନ୍ଦ କର୍ମକୁ କେବେ ବି ଅନୁମୋଦନ କରି ନ ଥାନ୍ତି । କିନ୍ତୁ ତାଙ୍କରି ନିଷେଧ ଆଜ୍ଞାକୁ ଜୀବ ଅଣଦେଖା କରିଲେ, ଭଗବାନ ନୀରବ ଦ୍ରଷ୍ଟା ହୋଇ

ରହିଥାନ୍ତି । ତାହାର ଦୁଷ୍ପରିଣାମ ଜୀବାତ୍ମାକୁ ସ୍ୱୟଂ ଭୋଗିବାକୁ ପଡିଥାଏ । ପରମାତ୍ମା ସର୍ବଦା ବିହିତ କର୍ମକୁ ଅନୁମୋଦନ କରିଥାନ୍ତି । ଜୀବ ପରମେଶ୍ୱରଙ୍କ ଅନୁମୋଦନକୁ ଏଡିବାର ଏବଂ ସ୍ୱାଧୀନ ଭାବରେ ଚେଷ୍ଟାକରି ଭୂତ ପ୍ରକୃତିକୁ ଉପଭୋଗ କରିବାର ପ୍ରବୃତ୍ତି ରହିଅଛି । ଭଗବାନ ଜୀବକୁ  ସ୍ୱତନ୍ତ୍ରତା ରୂପୀ ଏକ ଅମୂଲ୍ୟ ନିଧି ପ୍ରଦାନ କରିଛନ୍ତି । ଜୀବ ନିକଟରେ ଏହି ପ୍ରକାର ସ୍ୱତନ୍ତ୍ରତାକୁ ଭଗବାନଙ୍କ  ତଟସ୍ଥା ଶକ୍ତି ବୋଲି କୁହାଯାଏ । ଏହି ସ୍ୱତନ୍ତ୍ରତାର ସଦୁପଯୋଗ କରିବା ପରେ ସେ ସହଜରେ ହିଁ ଭଗବାନଙ୍କ ନିତ୍ୟ ଧାମରେ ଭଗବାନଙ୍କ ପ୍ରେମ ମୟୀ ସେବା ରସର ଆସ୍ୱାଦନ କରିପାରୁଅଛି । ଅନ୍ୟଥା ସ୍ୱତନ୍ତ୍ରାତାକୁ ଦୂରପଯୋଗ କରିବାରେ ସେ ମାୟାବଦ୍ଧ ହୋଇ ତାପତ୍ରୟ ଦୁଃଖରେ ଦଗ୍ଧହୋଇ ଜନ୍ମ-ମରଣ ଚକ୍ରରେ ଘୂରିବୁଲୁଥାଏ । ଏହି ଜ୍ଞେୟ ସ୍ୱରୂପ ଏକ ବ୍ୟଷ୍ଟି ଶରୀର ସହିତ ମିଳିତ ହୋଇ ତା'ସହିତ ତାଦାତ୍ମ୍ୟ କରି ଅନ୍ନ, ଜଳ ଇତ୍ୟାଦି ଦ୍ୱାରା ଶରୀରର ପାଳନ ପୋଷଣ କରେ ଏବଂ ଶୀତ ଉଷ୍ମ ଆଦିରୁ ତାହାକୁ ରକ୍ଷା କରେ । ଆତ୍ମାର ସତ୍ତା ବ୍ୟତିରେକେ ଦେହ, ଇନ୍ଦ୍ରିୟ, ମନ ଏବଂ ବୁଦ୍ଧି ପ୍ରକୃତିର ସ୍ଫୁର୍ତ୍ତି କି, ପୁଷ୍ଟି କିଛି ହିଁ ହୋଇପାରେ ନାହିଁ । ଏହି ହେତୁ ତାହାଙ୍କୁ 'ଭର୍ତ୍ତା' କୁହାଯାଇଛି । ସ୍ୱାମୀ ଯେପରି ସ୍ତ୍ରୀ ଓ ପରିବାରର ପାଳନ କର୍ତ୍ତା, ଆତ୍ମା ସେହିପରି ଦେହ, ମନ, ବୁଦ୍ଧି, ପ୍ରାଣଶକ୍ତି ବା ଇନ୍ଦ୍ରିୟ ମାନଙ୍କର ପାଳନ ପୋଷଣ କର୍ତ୍ତା । ଉତ୍ତାପ ଯେପରି ଅଗ୍ନିର ଅନ୍ତର୍ନିହିତ ପ୍ରକୃତି, 'ଶାଶ୍ୱତ-ଚିତ୍' ସେହିପରି ଆତ୍ମାର ଅନ୍ତର୍ନିହିତ ସ୍ୱରୂପ ଯାହା ମନର ସୁଖ, ଦୁଃଖ ତଥା ମୋହଗ୍ରସ୍ତାଦି ସକଳ ଅବସ୍ଥାରେ ପରିବ୍ୟାପ୍ତ ହୋଇ ରହି ସକଳ ଅବସ୍ଥାକୁ ଉଦ୍ଭାସିତ କରାନ୍ତି । ସେ' ନିର୍ବିକାର ଏବଂ ନିର୍ଲିପ୍ତ ହେଲେ ସୁଦ୍ଧା ବୁଦ୍ଧି ଆଦିରେ ପ୍ରତିବିମ୍ବିତ ବିଷୟ ସମୂହକୁ ଅନୁଭବ କରନ୍ତିବୋଲି ତାହାଙ୍କୁ 'ଭୋକ୍ତା' କୁହାଯାଏ । ଦେହ ଭିତରେ ସେ ସକଳ ବସ୍ତୁର ସାରତମ ତତ୍ତ୍ୱ, ସେ ମହା ଇଶ୍ୱର-ପରମେଶ୍ୱର । ପୁଣି ସେ ସବୁର ଉର୍ଦ୍ଧ୍ୱରେ । ସେ' କାହାର ଅଧୀନ ନୁହନ୍ତି, ତେଣୁ ସେ ମହେଶ୍ୱର । ପରମାତ୍ମା ହେଉଛନ୍ତି ଅବ୍ୟକ୍ତଠାରୁ ଆରମ୍ଭ କରି ବ୍ୟକ୍ତରୂପ ପର୍ଯ୍ୟନ୍ତ ସେହି ସକଳ ତତ୍ତ୍ୱଠାରୁ ମହତ୍ତର, ଶ୍ରେଷ୍ଠତର, ତେଣୁ ସେ ପରମ । ପରମାତ୍ମା ସ୍ୱୟଂ ପ୍ରଭା । ସେ ସମସ୍ତଙ୍କ ଆତ୍ମା ବୋଲି ମହାନ୍ ଓ ସ୍ୱତନ୍ତ୍ର ବୋଲି ଈଶ୍ୱର ଅଟନ୍ତି । ଏବଂ ସମସ୍ତ ଜଡ ପଦାର୍ଥ ମଧରେ ଉତ୍କୃଷ୍ଟ ବୋଲି 'ପରମାତ୍ମା' ନାମରେ ବେଦରେ କଥିତ । କ୍ଷେତ୍ର ସହିତ ତାଦାତ୍ମ୍ୟ ବା କଳ୍ପିତ ସମ୍ପର୍କ ଛିନ୍ନ ହୋଇଗଲାପରେ କ୍ଷେତ୍ରଜ୍ଞର 'ପ୍ରକୃତିସ୍ଥ ପୁରୁଷ' ସଞ୍ଜ୍ଞା ଚାଲିଯାଏ । ସେ କେବଳ ପୁରୁଷ ହୋଇ ରହନ୍ତି । ଯେଉଁ ପୁରୁଷ ସ୍ୱୟଂ ପରମାତ୍ମାଙ୍କ ଅଂଶ ଅଟନ୍ତି । ପରମବ୍ରହ୍ମ ପରମାତ୍ମା ଓ କ୍ଷେତ୍ରଜ୍ଞ ମଧରେ ବସ୍ତୁତଃ କୌଣସି ପ୍ରକାର ପ୍ରଭେଦ ନାହିଁ, କେବଳ ଶରୀର ରୂପକ ଉପାଧି ହେତୁ ହିଁ ପ୍ରଭେଦ ଥିବା ଭଳି ଲାଗେ । ଭିନ୍ନ ଭିନ୍ନ ନିମିତ୍ତ ଦ୍ୱାରା ସେହି ଏକ ପରବ୍ରହ୍ମ ପରମାତ୍ମା ହିଁ ଭିନ୍ନ ଭିନ୍ନ ନାମରେ ସମ୍ବୋଧିତ ହୁଅନ୍ତି । ଶ୍ରୁତି ତଥା ଶ୍ରୀମଦଭାଗବତରେ ମଧ ଜୀବାତ୍ମା ପରମାତ୍ମାଙ୍କଠାରୁ ଭିନ୍ନ ବୋଲି ସ୍ପଷ୍ଟ ଭାବରେ କୁହାଯାଇଛି । **"ସୁପର୍ଣ୍ଣାବେତୌ ସଦୃଶୌ ସଖାୟୌ  ଯଦୃଚ୍ଛୟୈତୌ ଚ ବୃକ୍ଷେ । ଏକସ୍ତୟୋଃ ଖାଦତି ପିପ୍ପଳାନ୍ନମନ୍ୟୋ ନିରନ୍ନୋଅପି ବାଳେନ ଭୂୟାନ୍ ॥"** (ଶ୍ରୀମଦଭାଗବତ ୧୧/୧୧/୬) ଏହାର ଅର୍ଥ ହେଲା : ଏକ ସମାନ ଚିନ୍ମୟ ଧର୍ମଧାରୀ ସଖା ଭାବାପନ୍ନ ଜୀବ ଏବଂ ଈଶ୍ୱରରୂପୀ ଦୁଇ ପକ୍ଷୀ ଦୈବବଶ ଦେହରୂପ ବୃକ୍ଷରେ ହୃଦୟରୂପ ଡାଳରେ ନିବାସ କରନ୍ତି । ଏଥିରେ ଜୀବରୂପି ପକ୍ଷୀ ଦେହରୂପ ପିପ୍ପଳ ବୃକ୍ଷରେ କର୍ମ ରୂପ ଫଳର ଭୋଗ କରୁଅଛି । ଏବଂ ଅନ୍ୟ ଈଶ୍ୱରରୂପ ପକ୍ଷୀ ଫଳର ଭୋଗ ନ କରି

ନିତ୍ୟାନନ୍ଦରେ ସର୍ବଦା ତୃପ୍ତ ରହି ଜ୍ଞାନ ଆଦି ଶକ୍ତିମାନଙ୍କ ବଳରେ ସୁଖ ପୂର୍ବକ ବିରାଜମାନ । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି: ଜୀବ ମୋର ସଖା। ନିଜର ତଟସ୍ଥ ସ୍ୱଭାବରେ ବିଶୁଦ୍ଧ ରୂପରେ ଅବସ୍ଥିତ ହୋଇ ମୋର ସମ୍ମୁଖତା ପ୍ରାପ୍ତକରେ । ତଟସ୍ଥ ସ୍ୱଭାବ ହିଁ ଜୀବର ସ୍ୱାଧୀନତା । ଏହି ସ୍ୱଭାବ (ସ୍ୱତନ୍ତ୍ରତା)ଦ୍ୱାରା ଭଗବାନଙ୍କ ବିମଳ ପ୍ରେମ ପ୍ରାପ୍ତ କରିବା ହିଁ ଜୈବ ଧର୍ମର ଚରିତାର୍ଥତା ଅଟେ । ଏହି ସ୍ୱାଧୀନତାର ଅପବ୍ୟବହାର ହିଁ ଏ ଭୌତିକ ଜଗତରେ ତା'ର ଜୀବନ ସଂଗ୍ରାମର କାରଣ ଅଟେ । ସ୍ୱାମୀ ଅଡଗାନନ୍ଦଜୀ ମହାରାଜ ତାଙ୍କରି 'ଯଥାର୍ଥ ଗୀତା'ରେ ସାଧନ ଦୃଷ୍ଟିକୋଣରୁ ସାଧକର ପରମାତ୍ମାଙ୍କ ସହିତ ବିଭିନ୍ନ ସ୍ତରରେ ଅନୁଭବତାକୁ ଏହି ଶ୍ଳୋକରେ ପ୍ରତିପାଦନ କରିଛନ୍ତି । ସେହି ଉପଦ୍ରଷ୍ଟା ପୁରୁଷ ହୃଦୟ ଦେଶରେ ବହୁତ ହିଁ ନିକଟବର୍ତ୍ତୀ- ହାତ, ପାଦ, ମନ ଯେତିକି ନିଜର ନିକଟ, ତାହାଠାରୁ ମଧ୍ୟ ଅଧିକ ନିକଟତମ ଦ୍ରଷ୍ଟା ରୂପରେ ସ୍ଥିତ । ତାଙ୍କରି ପ୍ରକାଶରେ ଜୀବ ଭଲ କରୁ ଅଥବା ମନ୍ଦ କରୁ ସେଥିରେ କୌଣସି ପ୍ରୟୋଜନ ନ ଥାଏ । ସେ' ସାକ୍ଷୀରୂପରେ ବିରାଜମାନ ହୋଇଥାନ୍ତି । ଈଶ୍ୱରାଭିମୁଖୀ ହୋଇ ସାଧନ ମାର୍ଗରେ ଉଚିତ କ୍ରମ ପ୍ରାପ୍ତି ହେବାରେ ସାଧକ କିଛି ଉପର ସ୍ତରକୁ ଉଠି ତାଙ୍କରି ଦିଗକୁ ବଢିବାକୁ ଲାଗିଲେ ଦ୍ରଷ୍ଟା ପୁରୁଷର କ୍ରମ ବଦଳିଯାଏ । ସେ' 'ଅନୁମନ୍ତା'-ଅନୁମତି ପ୍ରଦାନ କରିବାକୁ ଲାଗନ୍ତି, ଅନୁଭବ୍ୟ ହେବାରେ ଲାଗନ୍ତି । ସାଧନା ଦ୍ୱାରା ଆହୁରି ନିକଟବର୍ତ୍ତୀ ହେବା ଦ୍ୱାରା ସେହି ପୁରୁଷ 'ଭର୍ତ୍ତା' ହୋଇ ଭରଣ-ପୋଷଣ କରିବାକୁ ଲାଗନ୍ତି –ଯାହାକି 'ଯୋଗକ୍ଷେମ' ନାମରେ ଅଭିହିତ । ସାଧନା ଆହୁରି ସୂକ୍ଷ୍ମ ହେବାରେ ସେ' ଭୋକ୍ତା ହୋଇଯାଇଥାନ୍ତି । **'ଭୋକ୍ତାରଂ ଯଜ୍ଞ ତପସାଂ ସର୍ବ ଲୋକମହେଶ୍ୱରମ୍'** (ଗୀତା-୫/୨୯)- ଯଜ୍ଞ, ତପ ଆଦି ଯାହା କିଛି ମଧ୍ୟ ସମର୍ପିତ ହୋଇଥାଏ, ସେ ସବୁକୁ ସେହି ପୁରୁଷ ଗ୍ରହଣ କରିଥାନ୍ତି । ସବୁ କିଛି ଗ୍ରହଣ କରିନେଲାପରେ, ଉପସ୍ଥିତ ଅବସ୍ଥାରେ ସେ' ମହେଶ୍ୱର-ମହାନ୍ ଈଶ୍ୱର ରୂପରେ ପରିଣତ ହୋଇଥାନ୍ତି । ସେତେବେଳେ ଅନ୍ତଃସ୍ଥ ପ୍ରକୃତିର ସ୍ୱାମୀ ହୋଇଯାଇ ଜୀବକୁ ପରିଚାଳନା କରିଥାନ୍ତି । ଏହାଠାରୁ ମଧ୍ୟ ଉନ୍ନତ ସ୍ଥିତିରେ ଯେବେ ସେହି ପୁରୁଷ ପରମ ସହିତ ସଂଯୁକ୍ତ ହୋଇଯାନ୍ତି, ତେବେ 'ପରମାତ୍ମା' କୁହାଯାଏ । ଏହି ପ୍ରକାର ଜଡବଦ୍ଧ ଶରୀରରେ ରହି ମଧ୍ୟ ସେହି ପୁରୁଷ ଆତ୍ମାଠାରୁ ଭିନ୍ନ , ସର୍ବଦା ଏହି ପ୍ରକୃତିର ଉର୍ଦ୍ଧ୍ୱରେ । ଅନ୍ତର ଏତିକି କି, ଆରମ୍ଭରେ ଏହା ଦ୍ରଷ୍ଟା ରୂପରେ ଥିଲେ, କ୍ରମଶଃ ଉତ୍ଥାନ ହୋଇ ପରମକୁ ସ୍ପର୍ଶକରି ପରମାତ୍ମା ରୂପରେ ପରିଣତ ହୋଇଯାନ୍ତି । ପୃଥକ ପୃଥକ ନାମ ଦ୍ୱାରା ଏକମାତ୍ର ପୁରୁଷର ସ୍ୱରୂପ ବିଷୟରେ ବର୍ଣ୍ଣନା ହୋଇଛି ବୋଲି ବୁଝିବା ଉଚିତ । ବାସ୍ତବରେ ସେଥିରେ କୌଣସି ପ୍ରଭେଦ ନାହିଁ । ବସ୍ତୁତଃ ଚେତନା ତତ୍ତ୍ୱ ଏକ ବୋଲି ଦର୍ଶାଇବା ହିଁ ଏହି ଶ୍ଳୋକରେ ଉପଦ୍ରଷ୍ଟା, ଅନୁମନ୍ତା, ପ୍ରଭୃତି ଉପାଧି ଦେବାର ଉଦ୍ଦେଶ୍ୟ । ମନୁଷ୍ୟ ଯେପରି ପୁତ୍ର ସମ୍ବନ୍ଧରୁ 'ପିତା', ପତ୍ନୀ ସମ୍ବନ୍ଧରୁ 'ପତି', ଭଉଣୀ ସମ୍ବନ୍ଧରୁ 'ଭାଇ' ହୋଇଯାଏ, ସେହିପରି ଏହି ଜ୍ଞେୟପୁରୁଷ 'ପର' ବା ସମ୍ବନ୍ଧ ରହିତ ହୋଇ ଥିଲେ ମଧ୍ୟ, ଅନ୍ୟ ସହିତ ସମ୍ବନ୍ଧ କରି ଉପଦ୍ରଷ୍ଟା, ଅନୁମନ୍ତା, ଆଦି ହୋଇଥାଏ । ପ୍ରକୃତରେ ମନୁଷ୍ୟର ଉକ୍ତ ସମ୍ବନ୍ଧ କେବଳ କର୍ତ୍ତବ୍ୟ ପାଳନ ପାଇଁ ଉଦ୍ଦିଷ୍ଟ। ମମତା କରିବା ପାଇଁ ନୁହେଁ ।

ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।
ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଭିଜାୟତେ ॥୨୪॥

*ଅନ୍ୱୟ: ଯଃ (ଯିଏ) ଏବଂ (ଏହିପରି ଭାବରେ) ପୁରୁଷମ୍ ଚ ( ପୁରୁଷକୁ ଓ ) ପ୍ରକୃତିଂ ଚ ଗୁଣୈଃ ସହ (ଗୁଣ ସହିତ ପ୍ରକୃତିକୁ) ବେତ୍ତି (ଜାଣନ୍ତି) ସଃ (ସେ) ସର୍ବଥା (ସବୁ ପ୍ରକାରେ ) ବର୍ତ୍ତମାନଃ (ବିଦ୍ୟମାନ ଥାଇ) ଅପି (ମଧ୍ୟ) ଭୂୟଃ (ପୁନର୍ବାର) ନ ଅଭିଜାୟତେ ( ଜନ୍ମଲାଭ କରନ୍ତି ନାହିଁ)।*

**ଭାବାର୍ଥ**: ଏହି ପ୍ରକାର ପୁରୁଷ ଓ ଗୁଣ ସହିତ ପ୍ରକୃତିକୁ ଯିଏ ଜାଣିପାରେ, ସେ ଯେ' କୌଣସି ଅବସ୍ଥାରେ ରହିଥିଲେ ମଧ ପୁନର୍ଜନ୍ମ ପ୍ରାପ୍ତି ହୁଏ ନାହିଁ । ପ୍ରକୃତି ସହିତ ତାଦାତ୍ମ୍ୟ ବଶତଃ ଉତ୍ପନ୍ନ ହେଉଥିବା କାମନା ଅନୁସାରେ ଜୀବକୁ ବାସନାର ଅନ୍ତଲାଗି ବିଭିନ୍ନ ଯୋନିରେ ବାରମ୍ବାର ଜନ୍ମ ଗ୍ରହଣ କରିବାକୁ ପଡୁଛି । ପ୍ରକୃତିର ଦେହାଦି ବିକାର ଏବଂ ପ୍ରକୃତିର ଗୁଣ ଜନିତ ସୁଖ-ଦୁଃଖାଦିକୁ ଜାଣିବା ପାଇଁ ସେଗୁଡିକର ଦ୍ରଷ୍ଟା ଭାବରେ ସ୍ଥିତ ହେବା ଦରକାର । ଦ୍ରଷ୍ଟା ଭାବରେ ରହିଲେ ହିଁ ପୁରୁଷ ଓ ପ୍ରକୃତିର ଆଧାର ସ୍ୱରୂପ ପରମାତ୍ମାଙ୍କୁ ଜାଣିହେବା ସମ୍ଭବ । ସେହି ସଚ୍ଚିଦାନନ୍ଦ ବ୍ରହ୍ମ ଯେ କି, ଅନନ୍ତ ସ୍ୱରୂପ ଅଟନ୍ତି, ତାଙ୍କୁ ନିଜର ଆତ୍ମା ସ୍ୱରୂପ ବୋଲି ଅନୁଭବ କଲେ ଅବିଦ୍ୟା ବା ଅଜ୍ଞାନ ବା ମାୟା ନଷ୍ଟ ହୋଇଯାଏ ଏବଂ ତାଙ୍କର ଆଉ ପୁନର୍ଜନ୍ମ ହୁଏନାହିଁ । ଏହାର ତାତ୍ପର୍ଯ୍ୟ ହେଲା, ସେହି ଜ୍ଞାନୀ ପୁରୁଷଙ୍କ ସଂସାରରେ ରହି କର୍ମ କରିବା ସମୟରେ ସାଧାରଣ ମଣିଷଙ୍କ ଭଳି ନୂଆ ନୂଆ ବାସନା ଜାତ ହୁଏନାହିଁ । ଜ୍ଞାନନିଷ୍ଠା ଥିବା କାରଣରୁ ତାଙ୍କରି ଅହଂକାର ସର୍ବଥା ନଷ୍ଟ ହୋଇ ଯାଇଥାଏ । ବ୍ରହ୍ମଙ୍କୁ ଉତ୍ତମ ରୂପେ ବୁଝି ପାରିବା ଜ୍ଞାନୀ ପୁରୁଷ ହେଉଛନ୍ତି ବ୍ରହ୍ମବିଦ୍, ଯାହାର ସମସ୍ତ କର୍ମ ନଷ୍ଟ ହୋଇଯାଇଥାଏ । ଏହିକଥା ସମସ୍ତ ଉପନିଷଦ ମାନଙ୍କରେ ପ୍ରତିପାଦିତ ହୋଇଅଛି । ବ୍ରହ୍ମବିଦ୍ ଜାଣନ୍ତି ଯେ, ସେ ଚିରକାଳ ଅପରିଣାମୀ- ତାଙ୍କର ପରିବର୍ତ୍ତନ ନାହିଁ । ଯେତେ ସବୁ ପରିବର୍ତ୍ତନ ଘଟେ ତାହା ହେଉଛି ଗୁଣ ହେତୁକ ପ୍ରକୃତିର ରୂପାନ୍ତର । ତାଙ୍କରି ସମସ୍ତ କର୍ମ ଯାହାକି ପୁନର୍ଜନ୍ମର ବୀଜ ସ୍ୱରୂପ, ସେହି ସବୁ ଜ୍ଞାନରୂପକ ଅଗ୍ନିରେ ଦଗ୍ଧ ହୋଇ ଯାଇଥାଏ । ଅଗ୍ନିରେ ଦଗ୍ଧ ହୋଇଯାଇଥିବା ବୀଜରୁ ଯେପରି ଆଉ ଅଙ୍କୁର ଉଦ୍ଗମ ହୁଏନାହିଁ, ଜ୍ଞାନାଗ୍ନି ଦଗ୍ଧ କର୍ମରୁ ସେହିପରି ପୁନର୍ଜନ୍ମ ସମ୍ଭବ ହୁଏନାହିଁ । ଯୋଗୀ ପୁରୁଷ ନିଜକୁ ଏହି ଦେହ ବୋଲି ଭାବୁ ନଥିବାରୁ ପ୍ରାରବ୍ଧ ଫଳଦାନ ସତ୍ତ୍ୱେ ସେ' ସେଥିରେ କୌଣସି ପ୍ରକାର ପ୍ରଭାବିତ ହୁଏନାହିଁ । କାରଣ ସେ ଦେହ ଚେତନାର ଉର୍ଦ୍ଧ୍ୱକୁ ଉଠି ଦେହର ଏକ ସାକ୍ଷୀମାତ୍ର ହୋଇ ରହିଥାଏ । ଜୀବନ ମୁକ୍ତ ଋଷି ଦୃଷ୍ଟିରୁ ତାହାରି ଆଉ ଦେହ ନ ଥାଏ କି, ପ୍ରାରବ୍ଧକର୍ମର ପ୍ରଭାବ ରହି ନ ଥାଏ । ଆତ୍ମଜ୍ଞାନ ବଳରେ ଦେହର କାରଣ ଅବିଦ୍ୟା ଯେପରି ନଷ୍ଟ ହୋଇଯାଇଥାଏ, ଅବିଦ୍ୟାର କାର୍ଯ୍ୟ ପୁନର୍ଜନ୍ମ ମଧ୍ୟ ଠିକ୍ ସେହିପରି ନଷ୍ଟ ହୋଇଯାଏ । ବ୍ରହ୍ମବିଦ୍ ଜାଣିଥାଏ କି, ଏହି ପ୍ରକୃତି ରୂପୀ ମାୟାରୁ ତିନି ଗୁଣର ସୃଷ୍ଟି । ଯୋଗୀ ପୁରୁଷ ଶରୀର ଧାରଣ କରିବା ହେତୁ ହୁଏତ ନାନା ପ୍ରକାର କ୍ରିୟା କରିବାକୁ ପଡିଥାଏ, ତଥାପି ସେ କର୍ମ କରିବା ବେଳେ ଠିକ୍ ସେହି ଭାବେ ପୃଥକ ଏବଂ ନିର୍ଲିପ୍ତ ରହିଥାଏ, ଯେପରି ଆକାଶ କେବେ ଧୂଳି ସହିତ ଏକାକାର ହୋଇପାରେ ନାହିଁ, ତଥା ସର୍ବଦା ତାହାଠାରୁ ପୃଥକ ଏବଂ ନିର୍ଲିପ୍ତତା ରହେ । ଯେଉଁ ପର୍ଯ୍ୟନ୍ତ ଏହି ଶରୀର ବିଦ୍ୟମାନ ରହିଥାଏ, ସେହି ସମୟ ପର୍ଯ୍ୟନ୍ତ ସେ କେବେ ଏହି ଶରୀର ମୋହରେ ପଡି ନ ଥାଏ ଏବଂ ଯେବେ ଶରୀରର ଅନ୍ତ ଘଟିଥାଏ, ତେବେ ତାହାର

ପୁନର୍ଜନ୍ମ ମଧ୍ୟ ହୋଇ ନ ଥାଏ । ଅତଏବ, ପ୍ରକୃତି ଓ ପୁରୁଷର ଯେଉଁ ବିବେକ ଏତେ ଅଧିକ କଲ୍ୟାଣକାରକ, ସେହି ବିବେକ ତଥା ବିଚାର ମନୁଷ୍ୟ କରିବା ଉଚିତ । ଯାହାର ଆତ୍ମଜ୍ଞାନ ଜାତ ହୋଇ, ଆତ୍ମା ଭିନ୍ନ ଜଡ ଦେହକୁ ଅନିତ୍ୟ ବା ମିଥ୍ୟା ବୋଲି ଜାଣି ପାରନ୍ତି, ସେ' ପ୍ରାରବ୍ଧ କର୍ମରେ ବେଷ୍ଟିତ ଥିଲେ ସୁଦ୍ଧା ମୁକ୍ତି ପ୍ରାପ୍ତ ହୁଅନ୍ତି । ଏହି ସକଳ ବିଶ୍ୱ ପ୍ରକୃତିର ହିଁ ବିସ୍ତାର ଏବଂ ଏହା ନାଶବାନ, ଜଡ, କ୍ଷଣଭଙ୍ଗୁର ତଥା ଅନିତ୍ୟ – ଏହି ରହସ୍ୟ ବୁଝିପାରିବା ହିଁ ଗୁଣମାନଙ୍କ ସହିତ ପ୍ରକୃତିକୁ ତତ୍ତ୍ୱତଃ ଜାଣିବା । ପ୍ରକୃତି ଓ ପୁରୁଷର ସଂଯୋଗ ସ୍ୱପ୍ନ ପରି ଅବାସ୍ତବ ତଥା କେବଳ ଅଜ୍ଞାନ ଜନିତ ବୋଲି ଧରା ଯାଇଛି । ପ୍ରକୃତି ଓ ପୁରୁଷ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ହୋଇଯିବା ମୁହୂର୍ତ୍ତରୁ ପ୍ରକୃତି ସହିତ ପୁରୁଷର ସମ୍ବନ୍ଧ ତୁଟି ଯାଇଥାଏ । ଏହି ସମ୍ବନ୍ଧ ଛିନ୍ନ ହୋଇଯିବାପରେ ଜୀବ ପ୍ରକୃତିର ଅଧୀନ ହୋଇ ପୁନଃ କୌଣସି ଯୋନି ପ୍ରାପ୍ତ ହୁଏନାହିଁ । କେତେକ ଶାସ୍ତ୍ରଜ୍ଞଙ୍କ ମତରେ ମୁକ୍ତି କେବଳ ମହାପ୍ରଳୟ କାଳରେ ହିଁ ବ୍ରହ୍ମାଙ୍କ ସମେତ ବ୍ରହ୍ମଲୋକ ପ୍ରାପ୍ତ ହୋଇଥିବା ଜୀବମାନର ପରମବ୍ରହ୍ମ ସହିତ ଲୀନ ହୋଇ ମୁକ୍ତି ପ୍ରାପ୍ତ ହୋଇଥାଏ । ଜ୍ଞାନ ପ୍ରାପ୍ତ ହୋଇଗଲାପରେ ପୁନର୍ଜନ୍ମର ଅଭାବକୁ ମାନୁ ନ ଥିବା ଶାସ୍ତ୍ରଜ୍ଞ ଯୁକ୍ତି ଉପସ୍ଥାପନ କରିଥାନ୍ତି କି, ଫଳକୁ ଉପସ୍ଥିତ କରାଇବା ସମସ୍ତ କର୍ମର ସ୍ୱଭାବ ଅଟେ । ଯେଉଁ ପ୍ରକାର ବର୍ତ୍ତମାନ ଶରୀରକୁ ଆରମ୍ଭ କରିଥିବା କର୍ମ, ଜ୍ଞାନ ହୋଇଗଲା ପରେ ମଧ୍ୟ ଶରୀର ଧାରଣ ପର୍ଯ୍ୟନ୍ତ ଫଳ ଦେଇ ଚାଲିଥାଏ, ସେହିପରି ଜ୍ଞାନ ହୋଇଯିବା ଅନନ୍ତର ମଧ୍ୟ ଯେଉଁ କର୍ମ କରାଯିବ, ତାହା ଅହଂକାର ଓ ଅଭିସନ୍ଧି ମୂଳକ ନ କରିଥିଲେ ମଧ- ତାହା ନିଜ ଫଳ ତ ଅବଶ୍ୟ ଦେବ । କାରଣ ଫଳକୁ ଉପସ୍ଥିତ କରାଇବା ତ କର୍ମର ସ୍ୱଭାବ । ଫଳତଃ ଜ୍ଞାନୋତ୍ପତ୍ତିର ଅନନ୍ତର ମଧ୍ୟ ମୁକ୍ତିର ପ୍ରସଙ୍ଗ ହୋଇ ନ ଥାଏ । ତାହାତ ମହାପ୍ରଳୟ କାଳରେ ପ୍ରାପ୍ତ ହୋଇପାରିବ । କିନ୍ତୁ ଶ୍ରୀ ଶଙ୍କାରାଚାର୍ଯ୍ୟ ଏକ ଦୃଷ୍ଟାନ୍ତ ମାଧ୍ୟମରେ ଉପରୋକ୍ତ ସଂଶୟଯୁକ୍ତ ତତ୍ତ୍ୱର ସମାଧାନ ବୁଝାଇଛନ୍ତି । କୌଣସି ଲକ୍ଷ୍ୟକୁ ଭେଦ କରିବା ନିମିତ୍ତ ଧନୁରୁ ଛଡ଼ାଯାଇଥିବା ବାଣ ଲକ୍ଷ୍ୟକୁ ଭେଦ କରିବା ଅନନ୍ତର ମଧ୍ୟ ସେତିକି ଆଗକୁ ଚାଲିଯାଇଥାଏ ଯେତିକି ଅବଶିଷ୍ଟ ପରିମାଣରେ ପ୍ରଦତ୍ତ ବେଗଶକ୍ତି ସେଥିରେ ରହିଥାଏ । ସେହି ପ୍ରକାର ଶରୀରର ଆରମ୍ଭକ କର୍ମ ଲକ୍ଷ୍ୟଭୂତ ଜ୍ଞାନପ୍ରାପ୍ତିର ଅନନ୍ତର ମଧ୍ୟ ବେଗର ଅବଶିଷ୍ଟ ରହିବା କାରଣରୁ ଶରୀର ରହିବା ପର୍ଯ୍ୟନ୍ତ ନିଜର ଫଳ ଦେଇ ଚାଲିଥାଏ । କିନ୍ତୁ ଯେଉଁ ବାଣକୁ ଧନୁଶରେ ଚଢାଇବା ଅନନ୍ତର ଲକ୍ଷ୍ୟର ଅଭାବରୁ ଧନୁଶରୁ ଫେରାଇ ନିଆଯାଇଥାଏ, ସେଥିରେ କିଛିମଧ୍ୟ ବେଗ ନ ରହିବା କାରଣରୁ ତାହା ଟିକିଏ ମଧ୍ୟ ଦୂର ଯାଇପାରି ନ ଥାଏ । ସେହି ପ୍ରକାର ଜ୍ଞାନପ୍ରାପ୍ତିର ଅନନ୍ତର କରାଯାଇଥିବା କର୍ମ ଅବିଦ୍ୟା ଏବଂ ଅହଂକାର ରୂପୀ ବେଗର ଅଭାବରେ ନିଜ ଆଶ୍ରୟଭୂତ ଶରୀରରେ ହିଁ ଜୀର୍ଣ୍ଣ ହୋଇଯାଏ । ତାହା ଫଳ ପ୍ରଦାନକାରୀ ହୋଇ ନଥାଏ । ଅତଏବ ଗୀତାରେ ଜ୍ଞାନବାନ ବିଷୟରେ "ନ ସ ଭୂୟୋ ଅଭିଜାୟତେ' – ତାହା ପୁନଃ ଉତ୍ପନ୍ନ ହୁଏ ନାହିଁ – ଏହି ପ୍ରସଙ୍ଗ ସର୍ବଥା ସମୀଚିନ ଏବଂ ଯୁକ୍ତିପୂର୍ଣ୍ଣ । ଶ୍ରୀ ରାମାନୁଜାଚାର୍ଯ୍ୟ ଉପରୋକ୍ତ ପଦର ବ୍ୟାଖ୍ୟାରେ କହିଛନ୍ତି କି, ଜ୍ଞାନବାନ୍ ପୁରୁଷ ମାୟାଦିରୁ ବିନିର୍ମୁକ୍ତ ଆତ୍ମାକୁ ଦେହ ତ୍ୟାଗର ଅନନ୍ତର ପ୍ରାପ୍ତ କରି ଅପରିଚ୍ଛିନ୍ନ ଜ୍ଞାନ ସ୍ୱରୂପ ହୋଇ ଯାଇଥାଏ ।

ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।
ଅନ୍ୟେ ସାଙ୍ଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ ॥୨୫॥

*ଅନ୍ୱୟ: ଆତ୍ମାନମ୍ (ସେହି ପରମ ପୁରୁଷ ପରମାତ୍ମାଙ୍କୁ ) କେଚିତ୍ (କେତେକ ମନୁଷ୍ୟ ) ଧ୍ୟାନେନ (ଧ୍ୟାନ ଦ୍ୱାରା) ଆତ୍ମନି (ନିଜ ହୃଦୟରେ) ପଶ୍ୟନ୍ତି (ଦର୍ଶନ କରନ୍ତି) ଅନ୍ୟେ (ପୁଣି ଅନ୍ୟେ କେହି କେହି ) ସାଙ୍ଖ୍ୟେନ ଯୋଗେନ (ଜ୍ଞାନ ଯୋଗଦ୍ୱାରା-ସାଙ୍ଖ୍ୟଯୋଗ ଦ୍ୱାରା) ଚ (ଏବଂ) ଅପରେ (ଆହୁରି କେତେକ ) କର୍ମ ଯୋଗେନ (କର୍ମଯୋଗ ଦ୍ୱାରା ) ଆତ୍ମନା (ଶୁଦ୍ଧ ଅନ୍ତଃକରଣ ଦ୍ୱାରା) ପଶ୍ୟନ୍ତି(ଦର୍ଶନ କରନ୍ତି ବା ପ୍ରାପ୍ତ କରନ୍ତି ) ।*

**ଭାବାର୍ଥ** : କେତେକ ସାଧକ ଶ୍ରଦ୍ଧା-ବିଶ୍ୱାସ ଓ ଯୋଗ୍ୟତାନୁସାରେ ନିଜ ସୂକ୍ଷ୍ମ ବୁଦ୍ଧି ବଳରେ ଧ୍ୟାନ ଦ୍ୱାରା ସେହି ପରମାତ୍ମା ତତ୍ତ୍ୱକୁ ଶୁଦ୍ଧ ହୃଦୟରେ ଅନୁଭବ କରିବା ନିମନ୍ତେ ସକ୍ଷମ ହୋଇଥାନ୍ତି । ଅନ୍ୟ କେତେକ ସାଧକ ଜ୍ଞାନଯୋଗ ବା ସାଙ୍ଖ୍ୟଯୋଗ ଦ୍ୱାରା, ଅନ୍ୟ ଯୋଗୀଗଣ 'ଯୋଗେନ' ଅର୍ଥାତ୍ ଅଷ୍ଟାଙ୍ଗ ଯୋଗ ଦ୍ୱାରା, ଆହୁରି କେତେକ କର୍ମଫଳକୁ ତ୍ୟାଗ କରି ସମର୍ପଣ ଭାବରେ କର୍ମରେ ପ୍ରବୃତ୍ତ ହୋଇ ଶୁଦ୍ଧ ଅନ୍ତଃକରଣ ଦ୍ୱାରା ଆତ୍ମାନୁଭୂତି ପ୍ରାପ୍ତ କରିଥାନ୍ତି । ଜୀବନର ଯାହା ଚରମ ଲକ୍ଷ୍ୟ, ଯାହା ସର୍ବ ଉପାଧି ବିନିର୍ମୁକ୍ତ, ଶୁଦ୍ଧ ସ୍ୱରୂପର ଅନୁଭବ କରିବା ନିମିତ୍ତ ଭଗବାନ ଏହି ଶ୍ଳୋକରେ କେତେକ ଉପାୟ ଓ ତାର ବିକଳ୍ପ ବର୍ଣ୍ଣନା କରିଛନ୍ତି । ସାଧନ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରିବା ବିଧେୟ । ଶାସ୍ତ୍ର ପ୍ରମାଣ, ଗୁରୁ ବାକ୍ୟ ଆଦି ଶୁଣି ସେହି ଉପଦେଶ ଅନୁସାରେ ସେହି ଜ୍ଞାନ ଅନୁରୂପ ଜୀବନଧାରଣ ପ୍ରଣାଳୀକୁ ଅବଲମ୍ବନ କଲେ ବାସ୍ତବ ଆତ୍ମ-ବିକାଶ ସମ୍ଭବ ହୁଏ । ଏହି ଆତ୍ମୋନ୍ନତି ମାର୍ଗରେ ଅଗ୍ରସର ବେଳେ ସାଧକକୁ ବହୁତ କଠିନତାର ସମ୍ମୁଖୀନ ହେବାକୁ ପଡେ । ଏଥି ନିମିତ୍ତ ସଂଯମତା ଆଚରଣ କରି ଜ୍ଞାନ ଦ୍ୱାରା ଜାଗ୍ରତ ବିବେକ ସହ ସାଧକ ପୂର୍ଣ୍ଣ ଉତ୍ସାହ ସହକାରେ ସକ୍ରିୟ ସାଧନାରେ ନିରନ୍ତର ଅଭ୍ୟାସ କରିବାର ଆବଶ୍ୟକତା ରହିଛି । ଯେଉଁ ସାଧକ ଏହି ଜ୍ଞାନ-ଜ୍ଞେୟ ତତ୍ତ୍ୱକୁ ଜାଣି କୃତାର୍ଥ ହୋଇ ପାରି ନ ଥାଏ, ତତ୍କାଳ ସଦ୍ୟମୁକ୍ତି ଅନୁଭବ ହୋଇପାରି ନ ଥାଏ, ତାହାକୁ ନିଦିଧ୍ୟାସନ କରିବାର ଆବଶ୍ୟକତା ରହିଛି । ସେବା, ତପ, ବ୍ରତ, ତୀର୍ଥ ଓ ଦାନ ଆଦି ବହିଃଅଙ୍ଗ ସାଧନଦ୍ୱାରା ଅନ୍ତଃକରଣ ଶୁଦ୍ଧି ହୁଏ । ଚିତ୍ତ ଶୁଦ୍ଧି ହୋଇଗଲାପରେ ଆତ୍ମ-ସାକ୍ଷାତ୍କାର ନିମିତ୍ତ ଯେଉଁ ଅନ୍ତରଙ୍ଗ ସାଧନା ଆବଶ୍ୟକତା, ତାହା ହେଉଛି 'ଧ୍ୟାନ' । ସଗୁଣ-ସାକାର ଏବଂ ନିର୍ଗୁଣ ନିରାକାର ବ୍ରହ୍ମଙ୍କ ଅଭେଦ ଚିନ୍ତନ ହେଉଛି ଧ୍ୟାନ । ଧ୍ୟାନ ମୂଢ ବୃତ୍ତିରେ ହୁଏ ନାହିଁ କି, କ୍ଷିପ୍ତ ବୃତ୍ତିରେ ହୁଏ ନାହିଁ । ଯେଉଁ ସାଧକର ହୃଦୟ ଓ ବିବେକ ସମାନ ଭାବରେ ବିକଶିତ ଏବଂ ବୈରାଗ୍ୟ ସମ୍ପନ୍ନ, ସେହି ସାଧକଙ୍କ ନିମିତ୍ତ ଧ୍ୟାନମାର୍ଗ ଉତ୍ତମ ମାର୍ଗ ଅଟେ । ଶୁଦ୍ଧ ଏକାନ୍ତ ସ୍ଥାନରେ ନିଶ୍ଚଳ ଭାବେ ବସି, ଧ୍ୟାନ ବଳରେ ଦୃଶ୍ୟ ପ୍ରପଞ୍ଚରୁ ଇନ୍ଦ୍ରିୟମାନଙ୍କୁ ହଟାଇ ଆଣି ମନକୁ ବୁଦ୍ଧିରେ ସ୍ଥିତ କରାଇ, ଚୈତନ୍ୟ ସ୍ୱରୂପ ଆତ୍ମାଙ୍କଠାରେ ଏକାଗ୍ରଭାବ ସ୍ଥିତ କରିବାକୁ ହୁଏ । କୌଣସି କାରଣ ମାଧ୍ୟମରେ ପରମାତ୍ମାଙ୍କଠାରେ ସ୍ଥିତ ହୋଇ ରହିବା ସମ୍ଭବ ହୋଇ ନ ଥାଏ । ବରଂ ସ୍ୱୟଂ ସ୍ଥିତ ହେବାକୁ ପଡିଥାଏ । ଧ୍ୟାନ ଦ୍ୱାରା ଚିତ୍ତ ଯେତେବେଳେ ଇଷ୍ଟଙ୍କଠାରେ ଏକାଗ୍ର ହୋଇଯାଏ, ଚିତ୍ତ ସେତେବେଳେ ନିରୁଦ୍ଧ ସ୍ଥିତିରେ ସମାଧି ସ୍ଥିତିରେ ରହେ । ବିଶୁଦ୍ଧ ସୂକ୍ଷ୍ମ ବୁଦ୍ଧି ଦ୍ୱାରା ଧ୍ୟେୟ ଇଷ୍ଟ ସ୍ୱରୂପଙ୍କର ସମସ୍ତ ବିଲକ୍ଷଣତା ପ୍ରବାହ ତରଳ ତୈଳଧାର ଅଖଣ୍ଡ ସ୍ରୋତଭଳି ପ୍ରବାହିତ ହେଉଥାଏ । ସାଧକକୁ ଯେତେବେଳେ ନିଜ ପାରମାର୍ଥିକ ସତ୍ତା ଅନୁଭବ ହୋଇଯାଏ, ସେହି ସତ୍ତ୍ୱର ପ୍ରଭାବରେ ନିଜ ବୁଦ୍ଧି ଆଦିର କୌଣସି ସ୍ୱତନ୍ତ୍ର ସତ୍ତା ରହି ନ ଥାଏ । ମନ, ବୁଦ୍ଧି ଓ ଚିତ୍ତ ସମସ୍ତ ଆତ୍ମା ସ୍ୱରୂପ ହୋଇ ଯାଇଥାନ୍ତି, ଯେପରି ସମସ୍ତ ତରଙ୍ଗ, ଫେଣ ଇତ୍ୟାଦି ସମୁଦ୍ର ବ୍ୟତୀତ ଅନ୍ୟ କିଛି ନୁହନ୍ତି । ସୂକ୍ଷ୍ମ ବୁଦ୍ଧି ଦ୍ୱାରା ହୃଦୟରେ

ଯେଉଁ ସଚ୍ଚିଦାନନ୍ଦଘନ ପରଂବ୍ରହ୍ମ ପରମାତ୍ମାଙ୍କ ସାକ୍ଷାତ୍କାର ହୋଇଥାଏ, ସେତେବେଳେ ଧ୍ୟାନଯୋଗୀ ନିଜେ ନିଜଠାରେ ଆତ୍ମା ସ୍ୱରୂପର ସମସ୍ତ ବିଲକ୍ଷଣତାକୁ ଅନୁଭବକରି ସନ୍ତୁଷ୍ଟ ହୋଇଯାଏ । ତାହାକୁ ହିଁ ଧ୍ୟାନଦ୍ୱାରା ଆତ୍ମାର ଆତ୍ମାକୁ ଆତ୍ମା ମାଧ୍ୟମରେ ଦେଖିବା ବୋଲି କୁହାଯାଇଛି । ପ୍ରକୃତି ଜନିତ ସମସ୍ତ ପଦାର୍ଥ ମୃଗତୃଷ୍ଣା ଜଳ ସାଦୃଶ୍ୟ ଅଥବା ସ୍ୱପ୍ନ ସୃଷ୍ଟିପରି ମାୟା ମାତ୍ର ବିଚାର କରି ସର୍ବବ୍ୟାପୀ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କଠାରେ ଐକ୍ୟ ଭାବରେ ନିତ୍ୟସ୍ଥିତ ହୋଇ ରହିବା ଏବଂ ଅନ୍ୟ କୌଣସି ସତ୍ତାକୁ ସ୍ୱୀକାର ନ କରିବା ହେଉଛି ସାଙ୍ଖ୍ୟଯୋଗ ସାଧନା । ସାଙ୍ଖ୍ୟଙ୍କ ବିଚାରରେ ପ୍ରକୃତି ଜାତ ଗୁଣ ଗୁଡିକ ଗୁଣମାନଙ୍କରେ ହିଁ ପ୍ରବୃତ୍ତ ହୁଅନ୍ତି ଏବଂ ଶରୀର ଜନିତ ସମସ୍ତ କ୍ରିୟାରେ ଆତ୍ମା ନିର୍ଲିପ୍ତ ରହେ । ବିବେକ, ବୈରାଗ୍ୟ, ଷଡ ସମ୍ପତ୍ତି (ଶମ, ଦମ, ଉପରତି, ତିତିକ୍ଷା, ଶ୍ରଦ୍ଧା ଓ ସମାଧାନ) ଓ ମୁମୁକ୍ଷତ୍ୱ - ଏହି ଚତୁଷ୍ଟୟ ସାଧନ ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ହିଁ ସାଙ୍ଖ୍ୟ ଯୋଗ ସହଜରେ ସାଧନ କରାଯାଇପାରେ । ଶାସ୍ତ୍ର ଅଧ୍ୟୟନ, ଶାସ୍ତ୍ର ଆଲୋଚନା, ଯୁକ୍ତିଯୁକ୍ତ ବିଚାର ଓ ବିବେକ ସାହାଯ୍ୟରେ ସତ୍-ଅସତ୍, ଆତ୍ମା-ଅନାତ୍ମା, ପୁରୁଷ ଓ ପ୍ରକୃତି ଇତ୍ୟାଦିର ପୃଥକତା ସମ୍ବନ୍ଧରେ ସନ୍ଦେହ ମୁକ୍ତ ହୋଇ ସାଙ୍ଖ୍ୟ ଯୋଗୀ ଏକ ନିର୍ଦ୍ଦିଷ୍ଟ ଦାର୍ଶନିକ ସିଦ୍ଧାନ୍ତରେ ଉପନୀତ ହୋଇଥାଏ । ବାହ୍ୟ ସମସ୍ତ ଦୃଶ୍ୟ ପ୍ରପଞ୍ଚ ମନରୁ ଉତ୍ପନ୍ନ ହେଉଥିବା ସତ୍ତ୍ୱ, ରଜ, ତମ ଗୁଣ ଆଧାରିତ ବୃତ୍ତି ସମୂହର କାର୍ଯ୍ୟ ସ୍ୱରୂପ ମାତ୍ର ବୋଲି ଧରି ନେଇଥାଏ । "'ମୁଁ ଏହି ଦୃଶ୍ୟ ପ୍ରପଞ୍ଚଠାରୁ ପୃଥକ, ଗୁଣ ସମୂହର କାର୍ଯ୍ୟକୁ ଦେଖୁଥିବା ନିତ୍ୟ ଏବଂ ଗୁଣଠାରୁ ବିଲକ୍ଷଣ ଆତ୍ମା ଅଟେ"- ଏହି ତତ୍ତ୍ୱଜ୍ଞାନ ବିଚାରରେ ସମସ୍ତ ଗୁଣ ପ୍ରବୃତ୍ତିର ଉର୍ଦ୍ଧ୍ୱରେ ଆତ୍ମାର ଦ୍ରଷ୍ଟା ସ୍ୱରୂପରେ ସ୍ଥିତ ରହେ । ଫଳରେ ଅନ୍ୟ ବୃତ୍ତିଗୁଡିକ ସ୍ୱତଃ ଲୀନ ହୋଇ ନିର୍ବିକଳ୍ପ ଆତ୍ମାର ବୋଧମାତ୍ର ଅବଶିଷ୍ଟ ରହିଥାଏ । ପ୍ରବଳ ବାସନାର ପ୍ରଭାବରେ ଯାହାର ଅନ୍ତଃକରଣ ଧ୍ୟାନ, ଜିଜ୍ଞାସା ପ୍ରତି ଶ୍ରଦ୍ଧାନ୍ୱିତ ହୋଇ ନ ଥାଏ, ପୂର୍ବ ସଞ୍ଚିତ ବାସନା ଗୁଡିକର କ୍ଷୟ ଓ ନୂତନ ବାସନାର ଉତ୍ପନ୍ନ ନ ହେବା ନିମିତ କର୍ମଯୋଗ ମାର୍ଗର ଆବଶ୍ୟକତା ରହିଅଛି ।  ଆସକ୍ତି ଓ କର୍ମଫଳକୁ ସର୍ବଥା ତ୍ୟାଗକରି, ସିଦ୍ଧି ଓ ଅସିଦ୍ଧିରେ ସମତ୍ୱଭାବ ପ୍ରଦର୍ଶନ କରି ଶାସ୍ତ୍ରାନୁସାରେ ନିଷ୍କାମ ଭାବରେ ନିଜ ନିଜ ବର୍ଣ୍ଣାଶ୍ରମ ଅନୁଯାୟୀ ସକଳ ପ୍ରକାର ବିହିତ କର୍ମ ଅନୁଷ୍ଠାନ ହେଉଛି କର୍ମଯୋଗ' । କର୍ମଯୋଗୀ ସେବା, ଯଜ୍ଞ, ଦାନ, ତପ, ତୀର୍ଥ, ବ୍ରତ ଇତ୍ୟାଦି ଯାହାକିଛି କରେ କେବଳ ସଂସାର ହିତ ଉଦ୍ଦେଶ୍ୟରେ ହିଁ କରିଥାଏ । ନିଜ ଶରୀର, ଇନ୍ଦ୍ରିୟ ଭୋଗ ଉଦ୍ଦେଶ୍ୟରେ ନୁହେଁ କି, ପୂଜା, ସତ୍କାର, ମାନ, ପ୍ରତିଷ୍ଠା ଆଦି ଉଦ୍ଦେଶ୍ୟରେ ନୁହେଁ । ସାଧକ ଯେତେବେଳେ କର୍ମ ଫଳ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ରହିଥାଏ, ସେହି ସ୍ଥିତିରେ  କ୍ରିୟା, କର୍ମସାମଗ୍ରୀ ଓ ଶରୀର ଆଦିରୁ ସ୍ୱୟଂର ସମ୍ବନ୍ଧ ଛିନ୍ନ ହୋଇ ଅଭେଦ ଭାବରେ ସର୍ବତ୍ର ବ୍ରହ୍ମ ଅନୁଭବ ହୋଇଥାଏ ।  'ବ୍ରହ୍ମାତ୍ମୈକ୍ୟ ବୋଧ' ଅର୍ଥାତ୍ ନିଜଠାରେ ଆତ୍ମା ଓ ବ୍ରହ୍ମଙ୍କ ମଧ୍ୟରେ ଥିବା ଐକ୍ୟ ଭାବର ଅନୁଭବତା ହେଉଛି ସମସ୍ତ ଯୋଗ ମାର୍ଗର ଶୀର୍ଷ ଉପନୀତ ସ୍ଥଳ । ପରମାତ୍ମାଙ୍କୁ ଦେଖିବା ଅର୍ଥ: ଦେହକୁ ସ୍ୱୀକାର ନ କରି ନିଜଠାରେ ପରମାତ୍ମାଙ୍କୁ ସ୍ୱୀକାର କରିବା । ସାଧକ ପରମାତ୍ମା ତତ୍ତ୍ୱ ସହିତ ଯୁକ୍ତହୋଇ ଅନ୍ତଃକରଣରେ ପରମାତ୍ମାଙ୍କ ଐଶ୍ୱର୍ଯ୍ୟ ସ୍ୱରୂପକୁ ଅନୁଭବ କରେ ।

ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ
ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତି ପରାୟଣାଃ ॥୨୬॥

*ଅନ୍ୱୟ :ତୁ (କିନ୍ତୁ) ଅନ୍ୟେ (ଅନ୍ୟ ଯେଉଁମାନେ ଅର୍ଥାତ୍ ଅଳ୍ପ ବୁଦ୍ଧି ମନୁଷ୍ୟ) ଏବଂ (ଏହିପରି) ଅଜାନନ୍ତଃ (ଜାଣୁ ନ ଥିବାରୁ ) ଅନ୍ୟେଭ୍ୟଃ (ଅନ୍ୟ ମାନଙ୍କଠାରୁ ଅର୍ଥାତ୍ ତତ୍ତ୍ୱ ଜାଣିଥିବା ପୁରୁଷ ମାନଙ୍କଠାରୁ) ଶ୍ରୁତ୍ୱା (ଶୁଣିକରି) ଏବ (ହିଁ) ଉପାସତେ (ଉପାସନା କରନ୍ତି) ତେ (ଏତାଦୃଶ-ସେହି) ଶ୍ରୁତି ପରାୟଣାଃ (ଶ୍ରବଣ ପରାୟଣ ମନୁଷ୍ୟ ସମ୍ମାନ ସହକାରେ ଯାହା ପରମ ଆଶ୍ରୟ ବୋଲି ଶୁଣିଛନ୍ତି ) ଅପି (ମଧ୍ୟ) ମୃତ୍ୟୁମ୍ (ମୃତ୍ୟୁ ରୂପକ ସଂସାର ସାଗରକୁ) ଅତିତରନ୍ତି-ଏବ (ନିଃସନ୍ଦେହରେ ତରି ଯାଇଥାନ୍ତି ଅର୍ଥାତ୍ ଯାହା ଶୁଣିଥାନ୍ତି, ତାହା ପରମଗତି ବୋଲି ବିଶ୍ୱାସ କରି ଜନ୍ମ-ମରଣ ସଂସାର ଚକ୍ରକୁ ଅତିକ୍ରମ କରି ପାରିଥାନ୍ତି) ।*

**ଭାବାର୍ଥ**: ପୂର୍ବ ଶ୍ଳୋକରେ ଆତ୍ମଜ୍ଞାନ ଲାଭର ତ୍ରିବିଧ ମାର୍ଗ ଯଥା: ଧ୍ୟାନଯୋଗ, ଜ୍ଞାନଯୋଗ ଓ କର୍ମ ଯୋଗର ବର୍ଣ୍ଣନା କରାଯାଇଛି। ଏହିଶ୍ଳୋକରେ ଉପାସନା ବା ଭକ୍ତି ଯୋଗ ବିଷୟ କୁହାଯାଇଛି। ଯାହାର ସାଧନାର ଜ୍ଞାନ ନାହିଁ, ଯେ' କୌଣସି ମଧ୍ୟ ଯୋଗମାର୍ଗ ଅବଲମ୍ବନ କରିବାକୁ ସକ୍ଷମ ନୁହେଁ, ତା'ପକ୍ଷେ ସତ୍ ସଙ୍ଗ କରିବା ଏବଂ ସନ୍ଥଙ୍କ ସାନ୍ନିଧ୍ୟରେ ରହି ଭଗବତ୍ ଉପାସନା କରିବା ସହଜ ସାଧ୍ୟ ମାର୍ଗ ଅଟେ । ଯେ' ପର୍ଯ୍ୟନ୍ତ ପୁରୁଷ ଓ ପ୍ରକୃତିର ପାର୍ଥକ୍ୟତା, ଦ୍ରଷ୍ଟା ଓ ଦୃଶ୍ୟର ପ୍ରଭେଦ ହୃଦୟଙ୍ଗମ ହୋଇ ନଥାଏ, ସେ' ପର୍ଯ୍ୟନ୍ତ ନିଶ୍ଚଳ ଧ୍ୟାନ କରିବା ସାଧକ ପକ୍ଷେ ସମ୍ଭବ ହୋଇ ନ ଥାଏ । ଅନ୍ତଃକରଣରେ ବାସନାର ପ୍ରାଚୁର୍ଯ୍ୟତା ଏବଂ ବିଷୟ ଭୋଗ ପ୍ରତି ଆସକ୍ତ କାରଣରୁ ସ୍ୱାଧ୍ୟାୟରେ ମନୋନିବେଶ ହୋଇ ପାରି ନ ଥାଏ । ସ୍ୱାର୍ଥ ଓ କର୍ତ୍ତାପନର ଅହଂକାର ତ୍ୟାଗ ନ କଲାଯାଏଁ, ଅନ୍ତଃକରଣ ବିକାର ଶୂନ୍ୟ ହୋଇ ନଥାଏ କି, ସମସ୍ତ କର୍ମ ଈଶ୍ୱର ସମର୍ପିତ ହୋଇ ସମ୍ପାଦନ କରିବା ସମ୍ଭବ ନୁହେଁ । କର୍ମଯୋଗରେ ଅନୁଷ୍ଠାନ ହେବା ଜରୁରୀ, ସାଙ୍ଖ୍ୟ ଯୋଗରେ ଦ୍ରଷ୍ଟା ଓ ଦୃଶ୍ୟର ଉତ୍କୃଷ୍ଟ ବିଚାର ହେବା ଆବଶ୍ୟକ। ଧ୍ୟାନ ଯୋଗରେ ଚିତ୍ତର ଏକାଗ୍ରତା ରହିବା ଉଚିତ । ଉପରୋକ୍ତ ଚତୁର୍ବିଧି ରହିତ ଅଳ୍ପବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଆତ୍ମା ଦର୍ଶନ ତତ୍ତ୍ୱ ସହଜରେ ହୃଦୟଙ୍ଗମ କରିପାରୁ ନ ଥିବାରୁ ଜୀବନମୁକ୍ତ ମହାପୁରୁଷ ତଥା ଆଚାର୍ଯ୍ୟଙ୍କ ଠାରୁ ଗଭୀର ବିଶ୍ୱାସର ସହିତ ଉପଦେଶ ଶୁଣିକରି ଉପାସନା କରିବା ବିଧେୟ । ଗୁରୁଙ୍କ ମୁଖରୁ ଶୁଣିଥିବା ବାକ୍ୟକୁ ଏକମାତ୍ର ପ୍ରମାଣ ବୋଲି ଗ୍ରହଣକରି ତଦାନୁସାରେ ଶ୍ରଦ୍ଧା ସହିତ ପରମ ସତ୍ୟ ଈଶ୍ୱରଙ୍କ ଉପାସନା କରିବା ହେଉଛି ଉତ୍ତମ ମାର୍ଗ । ସେହି ଶ୍ରଦ୍ଧାନ୍ୱିତ ପୁରୁଷ ମାନେ ଚିରନ୍ତନ ସତ୍ୟର ଉପଲବ୍ଧିକରି ଅନିତ୍ୟ ମୃତ୍ୟୁରୂପୀ ସଂସାରକୁ ପାରି ହୋଇଯାଇଥାନ୍ତି । ଅଜ୍ଞାନତା କାରଣରୁ ଅନିତ୍ୟ, ଅନାତ୍ମ ଉପାଧି ଗୁଡ଼ିକ ସହ ତଦାତ୍ମ ସ୍ୱୀକାର କରି ଏବଂ ସେଗୁଡ଼ିକର ପରିବର୍ତ୍ତନରେ ପ୍ରଭାବିତ ହୋଇ ଦୁଃଖପୂର୍ଣ୍ଣ ଅନୁଭବ ହେଉଛି "ମୃତ୍ୟୁ" । ଏହି ବିଚାରରେ ବଞ୍ଚି ରହିଥିବା ଅବସ୍ଥାରେ ମନୁଷ୍ୟ ଅନେକବାର ମୃତ୍ୟୁର ସମ୍ମୁଖୀନ କରିବା ହେଉଛି 'ମୃତ୍ୟୁରୂପୀ ସଂସାର' । ଶୈଶବର ମୃତ୍ୟୁ ହୋଇ କୈଶୋର ଅବସ୍ଥା ଜନ୍ମ ନିଏ । କୈଶୋର ଅବସ୍ଥାର ମୃତ୍ୟୁହୋଇ ଯୁବାବସ୍ଥାର ଜନ୍ମ ହୁଏ । ଯୁବାବସ୍ଥାର ମୃତ୍ୟୁ ହୋଇ ପ୍ରୌଢ଼ାବସ୍ଥାର ଜନ୍ମ ହୁଏ । ଏହି ସମସ୍ତ ପରିବର୍ତ୍ତନର ଉର୍ଦ୍ଧ୍ୱରେ ଥିବା ସତ୍ୟ ଅବିନାଶୀ ଆତ୍ମାକୁ ଯେ' ଜାଣିପାରେ ସେ' ନିଃସନ୍ଦେହ ଭାବରେ ମୃତ୍ୟୁରୂପୀ ସଂସାରକୁ ଅତିକ୍ରମ କରିଥାଏ ଅର୍ଥାତ୍ ସମସ୍ତ ପରିବର୍ତ୍ତିତ ସ୍ଥିତିରେ ଅପ୍ରଭାବିତ ତଥା ଅବିଚଳିତ ରହେ ଏବଂ ଶରୀର ସହିତ ସ୍ୱୀକୃତ ସମ୍ବନ୍ଧ ଦୂର ହୋଇଥାଏ । ଶ୍ରୀ ଶଙ୍କାରାଚାର୍ଯ୍ୟ କହିଛନ୍ତି କି, "ସ୍ୱୟଂ ବିବେକ ରହିତ ହୋଇମଧ୍ୟ ଅନ୍ୟଠାରୁ ଶ୍ରଦ୍ଧାର ସହ ଉପଦେଶ ଶୁଣି ଯଦି

ତାହାରି ମୋକ୍ଷପ୍ରାପ୍ତି ହୁଏ, ତେବେ ବିବେକ, ବୈରାଗ୍ୟଯୁକ୍ତ ସାଧକଙ୍କ ବିଷୟରେ କଣ ବା କୁହାଯିବ ! ଛାନ୍ଦୋଗ୍ୟ ଉପୋନିଷଦ(୪/୪-୯ )ରେ ଉଲ୍ଲେଖ ରହିଛି : ଗୌତମ ଗୋତ୍ରୀୟ ମହର୍ଷି ହାରିଦ୍ରମଙ୍କ ନିକଟକୁ ଜାବାଳଙ୍କ ପୁତ୍ର ସତ୍ୟକାମ ବ୍ରହ୍ମଜ୍ଞାନ ପ୍ରାପ୍ତି ଇଚ୍ଛାରେ ଯାଇଥିଲେ । ଗୁରୁ ଅତ୍ୟନ୍ତ ଦୁର୍ବଳ ଏବଂ ରୁଗ୍ଣ ଗାଈଙ୍କୁ ଦେଇ କହିଲେ : "ହେ ସୌମ୍ୟ, ତୁମେ ଏହି ଗାଈ ଗୁଡିକୁ  ଅଲଗା ଗୋଠଟିଏ କରି ଚରାଅ " । ଗୁରୁଙ୍କ ଆଜ୍ଞାନୁସାରେ ଅତ୍ୟନ୍ତ ଶ୍ରଦ୍ଧା, ଉତ୍ସାହ ଓ ଆନନ୍ଦ ସହକାରେ ସେହି ଗାଈମାନଙ୍କୁ ଧରି ବନକୁ ନେଇ ଗଲାବେଳେ ସତ୍ୟକାମ ସଂକଳ୍ପ କରିଥିଲେ କି, ଏମାନଙ୍କର ସଂଖ୍ୟା ଏକହଜାର ହେଲାପରେ ହିଁ ସେ ଗୁରୁଙ୍କ ନିକଟକୁ ଫେରିବେ । ସେ ସେମାନଙ୍କୁ ଭଲ ଘାସ ଓ ଜଳ ଥିବା ନିରାପଦ ବନଭୂମିରେ ରଖି ଏକହଜାର ଗାଈ ହେବାପରେ ଗୁରୁ ଗୃହକୁ ଫେରିଲେ । ଏହାର ଫଳ ସ୍ୱରୂପ ସେ ଫେରିବା ସମୟରେ ପଥ ମଧ୍ୟରେ ହିଁ ତାଙ୍କୁ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ଯାଇଥିଲା । ଗୋଟିଏ ଷଣ୍ଢଠାରୁ ବ୍ରହ୍ମର ପ୍ରଥମ ପାଦ ସମ୍ବନ୍ଧରେ, ପଥରେ ଅଗ୍ନି ଅନ୍ୱେଷଣରୁ ବ୍ରହ୍ମର ଦ୍ୱିତୀୟ ପାଦ ସମ୍ବନ୍ଧରେ, ହଂସଠାରୁ ବ୍ରହ୍ମର ତୃତୀୟ ପାଦ ସମ୍ବନ୍ଧରେ ଏବଂ ମଦଗ ନାମକ ଜଳଚର ପକ୍ଷୀଠାରୁ ବ୍ରହ୍ମର ଚତୁର୍ଥ ପାଦ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇପାରିଥିଲା । ଏହିପରି ଭାବରେ ତତ୍ତ୍ୱଜ୍ଞାନୀ ପୁରୁଷଙ୍କ ଆଦେଶ ଗ୍ରହଣକରି ଅତ୍ୟନ୍ତ ଶ୍ରଦ୍ଧା ଓ ପ୍ରେମର ସହିତ ତଦାନୁଯାଇ ଆଚରଣ କରିବାରେ କଠିନ ସାଧ୍ୟ ବ୍ରହ୍ମଜ୍ଞାନ ପ୍ରାପ୍ତି ମଧ୍ୟ ସମ୍ଭବ ହୋଇଥାଏ । ସାଧକ ତତ୍ତ୍ୱଜ୍ଞ ତଥା ସନ୍ଥ ମହାପୁରୁଷମାନଙ୍କ ବ୍ୟବହାରଗତ  କ୍ରିୟା ଓ ଆଚରଣ ପ୍ରତି ଦୃଷ୍ଟି ନ ଦେଇ କେବଳ ପାରମାର୍ଥିକ ସମ୍ବନ୍ଧ ଦ୍ୱାରା ଉଦାସୀନ ହୋଇ ରହିବା ଦ୍ୱାରା ଅଧିକ ଲାଭବାନ୍ ହୋଇଥାଏ । ଆଧୁନିକ ତଥା କଥିତ ସଭ୍ୟ ସମାଜରେ ଆତ୍ମଜ୍ଞାନ ବିଷୟରେ କୌଣସି ଶିକ୍ଷାପ୍ରାପ୍ତିର  ସୁଯୋଗ ପର୍ଯ୍ୟାପ୍ତ ନୁହେଁ । ଶ୍ରୀମଦ୍ ଭଗବତ୍ ଗୀତା ଓ ଶ୍ରୀମଦ୍ ଭାଗବତରେ ଶ୍ରବଣ ବିଧିକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କୁହାଯାଇଅଛି ।  ବିଶେଷତଃ ଶ୍ରୀ ଚୈତନ୍ୟ ମହାପ୍ରଭୁ  ଶ୍ରବଣ ଓ କୀର୍ତ୍ତନ ବିଷୟ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇ ଯାଇଛନ୍ତି । ତାଙ୍କରି ମୁଖ୍ୟ ଉପଦେଶ ଏହାକି, ଭଗବତ୍ କଥା ଏବଂ ଶ୍ରୀହରି ନାମର ଶ୍ରବଣ, କୀର୍ତ୍ତନ ଓ ସ୍ମରଣ ପ୍ରଭାବରେ ହିଁ ସହଜ ରୂପରେ ଭଗବାନଙ୍କ ସେବା ପ୍ରାପ୍ତ କରାଯାଇପାରେ ।  ଚତୁର୍ମୁଖ ବ୍ରହ୍ମା, ଶ୍ରୀ ନାରଦ ଦେବର୍ଷି, ଶ୍ରୀ ବେଦବ୍ୟାସ, ଶ୍ରୀ ଶୁକଦେବ ଗୋସ୍ୱାମୀ, ମହାରାଜା ପରୀକ୍ଷିତ, ପ୍ରହ୍ଲାଦ ମହାରାଜ ଆଦି ଏହି ପଦ୍ଧତିରେ ଭଗବତ୍ ସାକ୍ଷାତ୍କାର କରିବାକୁ ସମର୍ଥ ହୋଇପାରିଛନ୍ତି । ସ୍ୱାମୀ ଚିଦାନନ୍ଦ ସରସ୍ୱତୀ 'ମନନୀୟ ସତ୍ୟାବଳୀ'(ponder these truths)ରେ କହିଛନ୍ତି କି, "ବୈଦାନ୍ତିକ ସାଧନାରେ ଜ୍ଞାନମାର୍ଗର ତିନୋଟି ଅଙ୍ଗ ରହିଛି । ସେଗୁଡିକ ହେଲା : ଶ୍ରବଣ, ମନନ ଓ ନିଦିଧ୍ୟାସନ ଅର୍ଥାତ୍ ଶୁଣିବା, ବାଣୀର ଚିନ୍ତନ କରିବା ଏବଂ ଧ୍ୟାନ କରିବା । ନିଷ୍ଠାପର ଭାବରେ, ବିନୀତ ଭାବରେ ଶୁଦ୍ଧ ଚିତ୍ତ ସମ୍ପନ୍ନ ହୋଇ, ସାତ୍ତ୍ୱିକ ଚିନ୍ତାଧାରା ଓ ମନୋଭାବ ରଖି : ମହାରାଜ ! ମୁଁ ଏହି ବିଷୟଟି ଜାଣିନାହିଁ, ଦୟାକରି ମୋର ସନ୍ଦେହ ମୋଚନ କରାନ୍ତୁ, ମୋର ଏହିତକ ଜାଣିବା ନିମିତ୍ତ ବଡ ଇଚ୍ଛା ହେଉଅଛି ବୋଲି ପ୍ରାର୍ଥନା କରି ଜ୍ଞାନବାଣୀ କିପରି ଶୁଣିବାକୁ ହୁଏ, ଆମକୁ ତାହା ଶିକ୍ଷା କରିବାକୁ ହେବ । ଜିଜ୍ଞାସାର ଅର୍ଥ ହିଁ ବିନୟ । ମୁଁ ଜାଣିନାହିଁ ବୋଲି ନମ୍ର ଭାବରେ ପ୍ରକାଶ କରିନେବାର ନାମ 'ଜିଜ୍ଞାସା' । ତେଣୁ ଶ୍ରବଣ, ମନନ ଓ ନିଦିଧ୍ୟାସନ ମାର୍ଗରେ ଚାଲିବା ବେଳେ ଆପଣମାନଙ୍କୁ ସାବଧାନ ରହିବାକୁ ପଡିବ । ଶ୍ରବଣ ସମୟରେ ମନଯୋଗ ସହକାରେ ଉଚିତ ରୀତିରେ ଶ୍ରବଣ କରିବାକୁ ପଡିବ । "

ଯାବତ୍ ସଞ୍ଜାୟତେ କିଞ୍ଚିତ୍ ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ତଦ୍ ବିଦ୍ଧି ଭରତର୍ଷଭ ॥୨୭॥

*ଅନ୍ୱୟ :ଭରତର୍ଷଭ (ହେ ଅର୍ଜୁନ) ଯାବତ୍ ( ଯେଉଁ ସ୍ଥାନ ବା କାଳରେ) କିଞ୍ଚିତ୍ ( କିଛି ବି ମାତ୍ର ) ସ୍ଥାବର ଜଙ୍ଗମମ୍ (ସ୍ଥାବର-ଜଙ୍ଗମ – ଚର ଓ ଅଚର ) ସତ୍ତ୍ୱମ୍ (ପ୍ରାଣୀ) ସଞ୍ଜାୟତେ (ଉତ୍ପନ୍ନ ହୁଅନ୍ତି )ତତ୍ (ସେହି ସମସ୍ତଙ୍କୁ ତୁମେ ) କ୍ଷେତ୍ର କ୍ଷେତ୍ରଜ୍ଞ ସଂଯୋଗାତ୍ (କ୍ଷେତ୍ର କ୍ଷେତ୍ରଜ୍ଞର ସଞ୍ଯୋଗରୁ ହିଁ ) ବିଦ୍ଧି ( ଉତ୍ପନ୍ନ ହୁଅନ୍ତି ବୋଲି ଜାଣ ) ।*

**ଭାବାର୍ଥ** :ପ୍ରକୃତିରୁ ଜାତ ବିଭିନ୍ନ ସୂକ୍ଷ୍ମ ତଥା ସ୍ଥୂଳ ଶରୀର ସହିତ ସେହି କ୍ଷେତ୍ରଜ୍ଞର ଅର୍ଥାତ୍ ପ୍ରକୃତିସ୍ଥ ପୁରୁଷର ଯେଉଁ ସମ୍ବନ୍ଧ ହୁଏ, ତାହାକୁ କ୍ଷେତ୍ର-କ୍ଷେତ୍ରଜ୍ଞର ସଂଯୋଗ କୁହାଯାଏ । ସେହି ସଂଯୋଗ ଫଳରେ ଭିନ୍ନ ଭିନ୍ନ ଯୋନିରୁ ଭିନ୍ନ ଭିନ୍ନ ଆକୃତିର ପ୍ରାଣୀଗଣ ଉତ୍ପନ୍ନ ହୋଇଥାନ୍ତି । ମନୁଷ୍ୟ, ଦେବତା, ପଶୁ, ପକ୍ଷୀ, କୀଟ-ପତଙ୍ଗ ଆଦି ଗତିଶୀଳ ପ୍ରାଣୀମାନେ ହେଲେ ଜଙ୍ଗମ ଏବଂ ବୃକ୍ଷ, ଲତା ଘାସ, ଗୁଳ୍ମ, ପର୍ବତ ଆଦି ସ୍ଥିତିଶୀଳ ବସ୍ତୁହେଲେ ସ୍ଥାବର । ଉତ୍ପତ୍ତି-ବିନାଶଶୀଳ ବସ୍ତୁକୁ କ୍ଷେତ୍ର କୁହାଯାଏ ଏବଂ ଯେ ସେହି କ୍ଷେତ୍ରକୁ ଜାଣେ ତଥା ଯେ ଉତ୍ପତ୍ତି-ବିନାଶଶୀଳ ରହିତ ଓ ସର୍ବଦା ଏକ ରୂପରେ ସ୍ଥିତ, ସେ ହେଉଛନ୍ତି କ୍ଷେତ୍ରଜ୍ଞ । ପ୍ରକୃତିସ୍ଥ ପୁରୁଷ ଅର୍ଥାତ୍ ସେହି କ୍ଷେତ୍ରଜ୍ଞ ନିଜେ ଶରୀର ସହିତ 'ମୁଁ' ଓ 'ମୋର' ଭାବରେ ସମ୍ବନ୍ଧ ସ୍ୱୀକାର ମାନିନେଇଥିବା ସମ୍ବନ୍ଧ କାରଣରୁ ଜୀବକୁ ସ୍ଥାବର ଜଙ୍ଗମ ଦେହ ଧରି ଜନ୍ମ ହେବାକୁ ପଡିଥାଏ । ଏଠାରେ ପ୍ରଶ୍ନ ଉଠେ କି, ଆକର୍ଷଣ ଓ ସଂଯୋଗ ସଜାତୀୟତାରେ ହିଁ ସମ୍ଭବ, ପୁଣି ବିଜାତୀୟ କ୍ଷେତ୍ର(ଜଡ) ସଙ୍ଗେ କ୍ଷେତ୍ରଜ୍ଞ(ଚେତନ)ର ସଂଯୋଗ ସମ୍ଭବ କିପରି ? ଏହାରା ସମାଧାନ ସ୍ୱାମୀ ରାମସୁଖଦାସଙ୍କ ଗୀତା ସାଧକ ସଞ୍ଜିବନୀରେ ଉଲ୍ଲେଖ ରହିଛି କି, ରାତି ଓ ଦିନର ସଂଯୋଗ ଯେପରି ସମ୍ଭବ ନୁହେଁ, କ୍ଷେତ୍ର ଓ କ୍ଷେତ୍ରଜ୍ଞର ସଂଯୋଗ ମଧ ସେହିପରି ସମ୍ଭବ ନୁହେଁ । କିନ୍ତୁ ପରମାତ୍ମାଙ୍କ ଅଂଶ ହିସାବରେ କ୍ଷେତ୍ରର ଏହି ଶକ୍ତି ରହିଅଛି ଯେ, ତାହା ବିଜାତୀୟ ବସ୍ତୁକୁ ଧରିପାରିବ ଓ ତାହା ସହିତ ସମ୍ବନ୍ଧ ମାନିପାରିବ । ଭଗବାନ ହିଁ ତାକୁ ଏହି ସ୍ୱାତନ୍ତ୍ର୍ୟ ଦେଇଛନ୍ତି । ଜୀବ ଏହି ସ୍ୱାତନ୍ତ୍ର୍ୟର ଦୁରୁପଯୋଗ କରି ଅର୍ଥାତ୍ ଭଗବାନଙ୍କ ସହିତ ସମ୍ବନ୍ଧ ନ ମାନି ସଂସାର ସହିତ ସମ୍ବନ୍ଧ ମାନିନେଇ ଜନ୍ମ ମରଣ ଚକ୍ରରେ ପଡିଥାଏ । ଅନ୍ୟ ଏକ ସମାଧାନ ହେଲା, ଆରୋପଣ ପଦ୍ଧତି ଯାହାକି ମନୁଷ୍ୟ ମନର ଗୋଟିଏ ଚାତୁରୀ ବା କୌଶଳ, ତାହାକୁ ବେଦାନ୍ତ ଶାସ୍ତ୍ରରେ 'ଅଧ୍ୟାସ' ବୋଲି କହନ୍ତି । ଅଧ୍ୟାସ ପ୍ରକ୍ରିୟାରେ ଭ୍ରାନ୍ତି କାରଣରୁ ଗୋଟିଏ ବିଦ୍ୟମାନ ଅଧିଷ୍ଠାନ ଉପରେ ଅନ୍ୟ କୌଣସି ବସ୍ତୁ ଓ ତାହାର ଗୁଣର ଆରୋପ କରାଯାଇଥାଏ, ଯେପରିକି ସ୍ତମ୍ଭ ଉପରେ ପ୍ରେତର ଅଧ୍ୟାସ । ଏହି ପ୍ରକାର ଅଧ୍ୟାସରେ ଭ୍ରାନ୍ତ ବ୍ୟକ୍ତି ବସ୍ତୁତଃ ଅବିଦ୍ୟମାନ ପ୍ରେତର ରୂପ, ଗୁଣ ଓ କ୍ରିୟାକୁ ଦେଖେ । ଗୁଣ ଗୁଡିକର ପରସ୍ପର ଅଧ୍ୟାସ କାରଣରୁ ଭ୍ରାନ୍ତ ବ୍ୟକ୍ତିକୁ 'ମିଥ୍ୟା ' ପ୍ରେତଟି ଦିଶୁଥାଏ, ପରନ୍ତୁ ସତ୍ୟ ସ୍ତମ୍ଭଟି ଦିଶେ ନାହିଁ । ତେଣୁ ଆଲୋଚ୍ୟ ଆରୋପଣ ପଦ୍ଧତିରେ ଆତ୍ମାର ଗୁଣ ଗୁଡିକ ଦେହରେ ଓ ଦେହର ଗୁଣ ଗୁଡିକ ଆତ୍ମାରେ ଆରୋପ କରିଦିଆଯାଏ । ଚେତନା ହିଁ ଶରୀରକୁ ଭ୍ରମରେ ଚିନ୍ମୟ ଆତ୍ମା ବୋଲି ଧରି ନିଏ ଏବଂ ଦେହ ବା ପ୍ରକୃତିର କାର୍ଯ୍ୟ କଳାପକୁ ଆଣି ନୀରବ ଦ୍ରଷ୍ଟା, ଅକର୍ତ୍ତା ଆତ୍ମା ଉପରେ ଲଦି ଦିଆଯାଏ । ଶୁଦ୍ଧ ଚୈତନ୍ୟ ଯେତେବେଳେ କ୍ଷେତ୍ର ସହିତ ସମ୍ବନ୍ଧ ସ୍ଥାପନ କଲାଭଳି ପ୍ରତୀତ ହୁଅନ୍ତି, ସେ ପ୍ରକୃତିସ୍ଥ ପୁରୁଷ ବା କ୍ଷେତ୍ରଜ୍ଞ ହୋଇଯାନ୍ତି । ସେତେବେଳେ କ୍ଷେତ୍ରଜ୍ଞଠାରେ ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ ଆଦି ବିକାର ଉତ୍ପନ୍ନ

ହେଲାଭଳି ଜଣାପଡେ । ଏହିପରି ଭାବରେ କ୍ଷେତ୍ର ଓ କ୍ଷେତ୍ରଜ୍ଞ କାର୍ଯ୍ୟ-କାରଣ ସମ୍ବନ୍ଧରେ ସଂଯୁକ୍ତ ନୁହନ୍ତି । ଏହା ହେଉଛି ଗୋଟିଏ ପାରସ୍ପରିକ ଅଧ୍ୟାରୋପର ସଂଯୋଗ – ବେଦାନ୍ତୀଙ୍କ ମତରେ ଯାହା 'ମାୟା' । ଯେପରି ବାୟୁର ସହିତ ସଙ୍ଗ କାରଣରୁ ଜଳରେ ତରଙ୍ଗ ସୃଷ୍ଟିହୁଏ, ସୂର୍ଯ୍ୟଙ୍କ ତେଜରେ ଆକାଶ ଓ ଭୂମିର ସଂଯୋଗରେ ମୃଗତୃଷ୍ଣା ତରଙ୍ଗର ଆଭାସ ହୋଇଥାଏ, ସେହିପରି କ୍ଷେତ୍ର ଓ କ୍ଷେତ୍ରଜ୍ଞର ଏହି ସମ୍ବନ୍ଧ କାରଣରୁ ସମସ୍ତ ଜଗତର ସୃଷ୍ଟି ପ୍ରତୀୟମାନ ହୁଏ । ସଂସାର ପରିଚାଳନା ନିମିତ୍ତ ଏହି ସଂଯୋଗର ସମସ୍ତ କ୍ରିୟା ଓ ପ୍ରକାଶ ଅନାଦି କାଳରୁ ପରା ଓ ଅପରା ଶକ୍ତିର ନିୟନ୍ତ୍ରଣକାରୀ ପରମେଶ୍ୱରଙ୍କ ଦ୍ୱାରା ଚାଲି ଆସୁଛି । ଏହି ଜଗତରେ ସ୍ଥାବର ଓ ଜଙ୍ଗମ ଯାହା କିଛି ପଦାର୍ଥ ଉତ୍ପନ୍ନ ହୁଏ, ସେହି ସବୁ ସେହି ପ୍ରକୃତି ଓ ପୁରୁଷ ସଂସର୍ଗରୁ ଉତ୍ପନ୍ନ ହୁଏ ଅର୍ଥାତ୍ ମାୟାର ବ୍ରହ୍ମ ସନ୍ନିଧାନ ହେତୁରୁ ସେହି ସବୁ ପ୍ରକାଶିତ ହୁଏ । ଏହି 'ପ୍ରକୃତିସ୍ଥ ପୁରୁଷ" ବା ଜୀବ ମିଥ୍ୟା ଆସକ୍ତି ଦ୍ୱାରା ଅନେକ ବିକାର ଉତ୍ପନ୍ନ କରାଇ ସଂସାରକୁ ତିଆରି କରିଥାଏ । ପ୍ରକୃତିର କାର୍ଯ୍ୟରୁ ଅଲଗା ହୋଇ ଘଟୁଥିବା କାର୍ଯ୍ୟର ସାକ୍ଷୀ ଭାବରେ ଅବସ୍ଥାନ କଲେ, ପ୍ରକୃତିସ୍ଥ ପୁରୁଷ ବା ଜୀବ ନିଜକୁ 'ଜୀବ' ଭାବିବା ପରିବର୍ତ୍ତେ ନିଜର ପ୍ରକୃତ ସ୍ୱରୂପ କେବଳ 'ପୁରୁଷ' ବା 'ଶୁଦ୍ଧ ଚୈତନ୍ୟ' ବୋଲି ଜାଣିପାରିବ । ଅତଏବ "ହେ ଅର୍ଜୁନ ! ଯେଉଁ ପ୍ରଧାନ ଅଥବା ମୁଖ୍ୟ ତତ୍ତ୍ୱ କ୍ଷେତ୍ରଜ୍ଞ, ତାହାଠାରୁ ଏହି ନାମ-ରୂପାତ୍ମକ ଭୂତସୃଷ୍ଟି ଭିନ୍ନ ନୁହେଁ" ଏହା ଜାଣିରଖ ।

ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍ ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ॥୨୮॥

*ଅନ୍ୱୟ: ବିନଶ୍ୟତ୍ସୁ (ନଶ୍ୱର-ନାଶବାନ୍) ସର୍ବେଷୁ (ସମସ୍ତ) ଭୂତେଷୁ (ଭୂତ ମଧ୍ୟରେ-ପ୍ରାଣୀଙ୍କ ମଧ୍ୟରେ) ସମଂ (ସମ ଭାବରେ) ତିଷ୍ଠନ୍ତଂ (ଅବସ୍ଥିତ) ଅବିନଶ୍ୟନ୍ତଂ (ଅବିନାଶୀ) ପରମେଶ୍ୱରଂ (ପରମାତ୍ମାଙ୍କୁ) ଯଃ (ଯେ) ପଶ୍ୟତି ( ଦର୍ଶନ କରନ୍ତି) ସଃ (ସେ) ପଶ୍ୟତି (ବାସ୍ତବରେ ସମ୍ୟଗ୍ ଦର୍ଶୀ) ।*

ଭାବାର୍ଥ :- ବିନାଶଶୀଳ ସ୍ଥାବର-ଜଙ୍ଗମାତ୍ମକ ସର୍ବଭୂତରେ ସମଭାବରେ ଅର୍ଥାତ୍ ନିର୍ବିଶେଷ ସଦ୍ ରୂପେ ଅବସ୍ଥିତ ପରମାତ୍ମାଙ୍କୁ ଯେଉଁ ତତ୍ତ୍ୱଦର୍ଶୀ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥାନ୍ତି, ସେ ହିଁ ସମ୍ୟଗ୍ ଦର୍ଶୀ । ଅନ୍ୟ ଅର୍ଥରେ ଉତ୍ପନ୍ନ ଓ ନଷ୍ଟଶୀଳ ସମସ୍ତ ବିସମ ପ୍ରାଣୀଙ୍କ ସହିତ ନିଜର ଏକତ୍ୱ ଯେ ଅନୁଭବ କରିଥାନ୍ତି, ସେହିଁ ପ୍ରକୃତ ଦ୍ରଷ୍ଟା । ଜଗତ ଓ ଜଗତସ୍ଥ ସମସ୍ତ ପଦାର୍ଥ ଅନିତ୍ୟ ଏବଂ କ୍ଷଣଭଙ୍ଗୁର । ଏହି ସମସ୍ତ ସ୍ଥାବର ଜଙ୍ଗମାତ୍ମକ ପଦାର୍ଥଠାରେ ପରମେଶ୍ୱର (ଆତ୍ମା) ସମ ଭାବରେ ବିରାଜମାନ ଅଛନ୍ତି । କିନ୍ତୁ ଏ ଜଗତ ବିନଷ୍ଟ ହେଲେ ସୁଦ୍ଧା ସେହି ଆତ୍ମାକୁ ଯେ ଅବିନାଶୀ ରୂପେ ଦେଖନ୍ତି ଅର୍ଥାତ୍ 'ଶରୀର ଅନିତ୍ୟ ଏବଂ ଆତ୍ମା ନିତ୍ୟ'-ଏହା ଯେ ଉତ୍ତମରୂପେ ହୃଦୟଙ୍ଗମ କରି ବ୍ୟବହାରିକ କ୍ଷେତ୍ରରେ ନିଷ୍ଠାର ସହିତ ପାଳନ କରନ୍ତି, ସେ ହିଁ ଆତ୍ମଜ୍ଞାନୀ । ଶରୀର ଏବଂ ଆତ୍ମାର ଏକତ୍ୱକୁ ଅତି ଗମ୍ଭୀର ଦୃଷ୍ଟିରେ ଦେଖିଲେ ଅନୁଭବ ହେବ କି, ସମସ୍ତ ପ୍ରାଣୀ ସେହି 'ଏକ'ର ହିଁ ଅନେକ ରୂପ ଏବଂ ସେହି ସମସ୍ତ 'ଏକ' ହିଁ ଅଟନ୍ତି, ଅର୍ଥାତ୍ ପ୍ରାଣୀ ଯେତେ ଭିନ୍ନ ଆକୃତି ଓ ଭିନ୍ନ ଭିନ୍ନ ଗୁଣ ବିଶିଷ୍ଟ ହେଲେ ସୁଦ୍ଧା, ସେହି 'ଏକ' ପରମେଶ୍ୱର ହିଁ ସମସ୍ତଙ୍କ ମୂଳ କାରଣ ଅଟନ୍ତି । ଶରୀର, ମନ, ବୁଦ୍ଧି ସମେତ ଚେତନା ଦ୍ୱାରା ପ୍ରକାଶିତ ହେଉଥିବା ସମସ୍ତ ଜଡ ବସ୍ତୁ କାଳର ପରିସର ମଧ୍ୟରେ ରହିଥିବାରୁ, ସେ ସମସ୍ତ ସ୍ୱାଭାବିକ ରୀତିରେ ସଦା ସର୍ବଦା ପରିବର୍ତ୍ତନଶୀଳ । ଏହି ପରିବର୍ତ୍ତନ

ଗୁଡିକ ମଧ୍ୟରେ ପରମେଶ୍ୱର ନିତ୍ୟ ଏବଂ ଅବିକାରୀ ଅଧିଷ୍ଠାନ ଅଟନ୍ତି, ଯାହାଙ୍କ କାରଣରୁ ଏହି ସମସ୍ତ ପରିବର୍ତ୍ତନ କ୍ରିୟା ସମ୍ଭବପର ହୋଇଥାଏ । ସମଗ୍ର ତରଙ୍ଗ ମାନଙ୍କରେ କେବଳ ଜଳ ରହିଥିବା ପରି, ରୂପାନ୍ତରିତ ହୋଇପାରୁଥିବା ଅଳଙ୍କାର ଗୁଡିକରେ ସୁବର୍ଣ୍ଣ ହିଁ ଏକମାତ୍ର ଆଧାର ହେଲାଭଳି, ଏହି ଅବିନାଶୀ ଚୈତନ୍ୟ ହିଁ ସମସ୍ତ ବିନାଶର ପ୍ରକାଶକ ତଥା ପରିବର୍ତ୍ତନଶୀଳ ଜଗତର ଆଧାର । ପରମେଶ୍ୱର ହେଉଛନ୍ତି ଚିଦାକାଶ- ଚିଦାମ୍ବରମ୍ ବା ଶୁଦ୍ଧ ଚୈତନ୍ୟ ପରଦା । ଏହା ସମଗ୍ର ଜଗତର ଆଶ୍ରିତ ଆଧାର । ଏହି ପରିବର୍ତ୍ତନ କ୍ରିୟମାଣ ସ୍ଥିତିରେ ଜଡ ଓ ଚେତନା, ଶରୀର ଓ ଆତ୍ମା, ତଥା କ୍ଷେତ୍ର ଓ କ୍ଷେତ୍ରଜ୍ଞର ପରସ୍ପର ସହିତ ମିଥ୍ୟା ତାଦାତ୍ମ୍ୟ କାରଣରୁ ଦୁଃଖପୂର୍ଣ୍ଣ ସଂସାରର ପ୍ରତୀତ ହୋଇଥାଏ । ନାମ, ରୂପ ସବୁ ବଦଳି ଯାଉଥିଲେ ମଧ୍ୟ ଯେଉଁ ସାଧକ ସମ ଭାବରେ ସ୍ଥିତ ରହିଥିବା ସେହି ଅବିନାଶୀ ପରମେଶ୍ୱରଙ୍କୁ ସବୁ ନାମ ଓ ରୂପରେ ଦେଖିଥାନ୍ତି ଅର୍ଥାତ୍ ଆତ୍ମଦର୍ଶନ ବା ଆତ୍ମାନୁଭବ କରିଥାନ୍ତି, ସେହି ହିଁ ତତ୍ତ୍ୱଦର୍ଶୀ ବା ଆତ୍ମଦର୍ଶୀ । ଜଗତର ନାମ ରୂପଧାରୀ ବସ୍ତୁ, ବ୍ୟକ୍ତି ସମୂହକୁ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ସେମାନଙ୍କର କେବଳ ସୀମା ରୂପକୁ ଦେଖିବା ସମ୍ଭବ, କିନ୍ତୁ ସେହି ବସ୍ତୁ ବା ବ୍ୟକ୍ତିର ପାରମାର୍ଥିକ ସତ୍ୟକୁ କେହି ଦେଖି ପାରନ୍ତି ନାହିଁ । ମନର ବିଭ୍ରମ, ମିଥ୍ୟା କଳ୍ପନାମାନ ଏବଂ ବିକ୍ଷେପ - ଏହି ସବୁ ବସ୍ତୁର ଯଥାର୍ଥ ସ୍ୱରୂପକୁ ଆଚ୍ଛାଦିତ କରି ରଖିଥାନ୍ତି - "ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟା ସମାବୃତଃ"(ଗୀତା ୭/୨୫ )। ଏଥିପାଇଁ ଯୋଗେଶ୍ୱର କୃଷ୍ଣ ଦୃଢ ସ୍ୱରରେ ଉଦ୍ ଘୋଷଣା କରୁଛନ୍ତି ଯେ, ଯେଉଁ ବ୍ୟକ୍ତି ଏହି ମହତ୍ତ୍ୱପୂର୍ଣ୍ଣ 'ଏକ' ସତ୍ୟକୁ ଦେଖିପାରେ, ସେ ହିଁ ବାସ୍ତବତଃ ଚକ୍ଷୁଷ୍ମାନ୍ । ଘଟନା ବହୁଳ ସଂସାରରେ ସୃଷ୍ଟି-ପ୍ରଳୟ, ଜନ୍ମ-ମୃତ୍ୟୁ, ଦୁର୍ଭିକ୍ଷ, ବନ୍ୟା ଓ ଯୁଦ୍ଧ ସତ୍ତ୍ୱେ ସତ୍ତାର କୌଣସି ପରିବର୍ତ୍ତନ ହୁଏନାହିଁ । ଯେତେ ଓଲଟ ପାଲଟ ହୋଇଗଲେ ମଧ୍ୟ ସତ୍ତା ଯଥାବତ୍ ନିର୍ଲିପ୍ତ ଓ ନିର୍ବିକାର ରହେ । ବଦ୍ଧ ହେଉ ବା ମୁକ୍ତ ହେଉ, ପାପୀ ହେଉ ବା ପୁଣ୍ୟାତ୍ମା ହେଉ,ଏହି ନିର୍ବିକାର ସତ୍ତା ସମସ୍ତଙ୍କଠାରେ ସମାନ ରୂପେ ବିଦ୍ୟମାନ । ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟନା, ପରିସ୍ଥିତି, କ୍ରିୟା, ଅବସ୍ଥା ଆଦି ନିରନ୍ତର ବହି ଚାଲିଛି, କିନ୍ତୁ ସ୍ୱୟଂ (ଚିନ୍ମୟ ସତ୍ତା) ଯଥାବତ୍ ଅଚଳ ରହିଛି । ପରିବର୍ତ୍ତନ ଦେଶ, କାଳ ପ୍ରଭୃତିରେ ହୁଏ, ସ୍ୱୟଂରେ ହୁଏ ନାହିଁ । ଯେଉଁ ସାଧକ ଶାସ୍ତ୍ର ଅଧ୍ୟୟନ, ଗୁରୁ ଉପଦେଶ ତଥା ତତ୍ତ୍ୱଦର୍ଶୀ ମହାତ୍ମାଙ୍କ ସାନ୍ନିଧ୍ୟପ୍ରାପ୍ତ ପ୍ରଭାବରେ ଶରୀର, ଶରୀରୀ(ଆତ୍ମା) ଏବଂ ଆତ୍ମାର ସଖା ବା ସମଷ୍ଟିତତ୍ତ୍ୱ ପରମାତ୍ମାଙ୍କୁ ଗୋଟିଏ ସମୟରେ ଅନୁଭବକରେ, ସେ ହିଁ ଯଥାର୍ଥ ଜ୍ଞାନୀ । ଯେଉଁ ବ୍ୟକ୍ତି କେବଳ ଶରୀରର ଅବସ୍ଥାନକୁ ହିଁ ସ୍ୱୀକାର କରିଥାଏ, ତଥା ନଶ୍ୱର ଶରୀରକୁ ହିଁ 'ମୁଁ' ବୁଝିଥାଏ, ଶରୀର ନଷ୍ଟ ହୋଇଗଲା ପରେ ସବୁକିଛି ନଷ୍ଟ ହୋଇଗଲା ବୋଲି ଧରି ନେଇଥାଏ, ସେ ଅଜ୍ଞାନୀ ଅଟେ । ତତ୍ତ୍ୱଜ୍ଞାନୀ ପୁରୁଷର ଦୃଷ୍ଟି ରାଗ ଦ୍ୱେଷାଦିରୁ ଶୂନ୍ୟ ହୋଇଯାଇଥାଏ । ତାହାର କୌଣସି ବ୍ୟକ୍ତି ବା ପଦାର୍ଥ ପ୍ରତି ଆସକ୍ତି ରହି ନ ଥାଏ କି, ଦ୍ୱେଷଭାବ ମଧ୍ୟ ରହିନଥାଏ । ତତ୍ତ୍ୱଜ୍ଞାନ ପ୍ରାପ୍ତପରେ ଯେଉଁ ଦୃଷ୍ଟି ପ୍ରାପ୍ତ ହୋଇଥାଏ, ସେଥିରେ କେଉଁଠାରେ ମଧ୍ୟ କୌଣସି ବିଭେଦ ଉପସ୍ଥିତ ହୋଇ ନ ଥାଏ ଏବଂ ଆଚରଣରେ ମଧ୍ୟ ସେହି ସମଦୃଷ୍ଟି ପରିଲିକ୍ଷିତ ହୁଏ । ପ୍ରକୃତିର ନିୟମ ମଧ୍ୟ ତାହାରି ପାଖରେ ହାର ମାନିଥାଏ ଏବଂ କିଛି ବିଗାଡିବାକୁ ସମର୍ଥ ହୋଇ ନଥାଏ । ପ୍ରହ୍ଲାଦ, ମୀରା ପ୍ରଭୃତିଙ୍କ ଦ୍ୱାରା ସମାନ ରୂପରେ ସର୍ବତ୍ର ଈଶ୍ୱରଙ୍କୁ ଅବସ୍ଥିତ ଦେଖିବାର ଏବଂ ସମାନ ଭାବରେ ବ୍ୟବହାର କରିବାର କଥା ପୁରାଣ ପ୍ରସିଦ୍ଧ ଅଟେ ।

ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ॥୨୯॥

*ଅନ୍ୱୟ: ହି (ଯେ ହେତୁ) ସର୍ବତ୍ର (ଚକ୍ଷୁଷ୍ମାନ୍ ପୁରୁଷ ସମସ୍ତ ସ୍ଥାନ ଏବଂ ବସ୍ତୁରେ) ସମବସ୍ଥିତଂ (ପରିପୂର୍ଣ୍ଣ ଭାବରେ ବିରାଜମାନ) ଈଶ୍ୱରମ୍ (ପରମେଶ୍ୱରଙ୍କୁ) ସମଂ (ସମାନ ରୂପରେ) ପଶ୍ୟନ୍ (ଦେଖି) ଆତ୍ମନା ( ନିଜଦ୍ୱାରା) ଆତ୍ମାନମ୍ (ନିଜକୁ) ତତଃ (ସେଥି କାରଣରୁ) ନ ହିନସ୍ତି (ବିନାଶ କରନ୍ତି ନାହିଁ – ହିଂସା କରନ୍ତି ନାହିଁ) ତତଃ (ତାହାରି ଫଳରେ) ପରାମ୍ (ସେ ପରମ) ଗତିମ୍ (ଗତି) ଯାତି (ପ୍ରାପ୍ତ ହୁଏ) ।*

**ଭାବାର୍ଥ:** କେବଳ ଅଜ୍ଞାନ କାରଣରୁ ଭିନ୍ନ ଭିନ୍ନ ଶରୀରରେ ପରମାତ୍ମାଙ୍କ ଭିନ୍ନତା ପ୍ରତୀତ ହୋଇଥାଏ। ସଂସାର କ୍ଷଣେମାତ୍ର ସ୍ଥିର ନୁହେଁ । ଏହା ଅସତ୍ୟ ହୋଇଥିଲେ ମଧ୍ୟ ସତ୍ୟଭଳି ଦେଖାଯାଏ । ବାସ୍ତବରେ ଏକ ପରମାତ୍ମା ହିଁ ସତ୍ୟ ରୂପରେ ବିଦ୍ୟମାନ । ସୁତରାଂ ସଂସାରର ଯେଉଁ ବିଦ୍ୟମାନତା ପ୍ରତୀତ ହେଉଅଛି, ତାହା ଅଜ୍ଞାନ ଓ ମୋହରୁ ଉତ୍ପନ୍ନ ଭ୍ରମ ମାତ୍ର । ଯେ ଶରୀରକୁ 'ମୁଁ' ବୋଲି ବିଚାର କରି ଶରୀରର ସମସ୍ତ ବିକାରକୁ ନିଜର ବିକାର ବୋଲି ଧରି ନେଇଥାଏ , ସେ ନିଜ ଦ୍ୱାରା ନିଜକୁ ହତ୍ୟା କଲାଭଳି ଜନ୍ମ-ମରଣ ଚକ୍ରରେ ପଡିଥାଏ । ଏହାର ଅର୍ଥ ହେଲା, ନାଶବାନ ଶରୀର ସହିତ ତାଦାତ୍ମ୍ୟ କରିବାର ଅର୍ଥ ନିଜର ହତ୍ୟା ବା ପତନ କରିବା । ନିଜକୁ ଜନ୍ମ ମରଣ ଚକ୍ରରେ ସଂଯୁକ୍ତ କରି ରଖିବା । ସ୍ୱରୂପକୁ ନ ବୁଝି ଶରୀର, ସ୍ତ୍ରୀ, ପୁତ୍ର, ଗୃହ, ଧନ ସମ୍ପତି ପ୍ରଭୃତିକୁ ଆତ୍ମା ବୋଲି ଅର୍ଥାତ୍ 'ମୁଁ' ଓ 'ମୋର' ବୋଲି ସ୍ୱୀକାର କରିନେବା ହେଉଛି ଆତ୍ମାପ୍ରତି ଅବିଚାର । ଅଜ୍ଞାନ କାରଣରୁ ଆତ୍ମାର ମୁକ୍ତି ପରିବର୍ତ୍ତେ ବାରମ୍ବାର ଶରୀର ପ୍ରାପ୍ତ ହୋଇ ଦୁଃଖ ସାଗରରେ ବୁଡି ରହିବା ହେଉଛି ଆତ୍ମାକୁ ହତ୍ୟା କରିବା ସାଦୃଶ୍ୟ। ଅର୍ଥାତ୍ ସମସ୍ତ ଅଜ୍ଞାନୀ ଆତ୍ମଘାତୀ । ଯିଏ ନାଶବାନ ସଂସାର ଭିତରେ ସର୍ବତ୍ର ପରିପୂର୍ଣ୍ଣ ଭାବରେ ବିରାଜମାନ ପରମାତ୍ମା ତତ୍ତ୍ୱକୁ ଅନୁଭବ କରେ, ସେ ନିଜର ପତନ ନ କରି, ନିଜେ ନିଜର ଉଦ୍ଧାର କରିଥାଏ ଅର୍ଥାତ୍ ପରମଗତି ପ୍ରାପ୍ତ ହୁଏ । ସଂସାର କେବଳ ବହି ଚାଲୁଥିବା ବିନାଶଶୀଳ ବସ୍ତୁର ପ୍ରବାହମାନ ଧାରା । ନଦୀର ସ୍ରୋତରେ ଯେଉଁଭଳି କେବଳ ଜଳ ତତ୍ତ୍ୱ ହିଁ ବିଦ୍ୟମାନ, ସେହିପରି ସଂସାରରେ ତତ୍ତ୍ୱତଃ କେବଳ ପରମାତ୍ମା ହିଁ ଅଛନ୍ତି । ସେହି ପରମାତ୍ମାଙ୍କୁ ଅନୁଭବ କରିବାରେ ମନୁଷ୍ୟ ଜନ୍ମ ପ୍ରାପ୍ତିର ସଫଳତା ନିହିତ । ଯାହାକୁ ପରମ ପାଦ ବୋଲାଯାଏ, ଯାହାକୁ ଲାଭକଲେ ଆଉ ଫେରିବାକୁ ପଡେ ନାହିଁ, ସକଳ ସାଧନାର ଯାହା ଅନ୍ତିମ ଫଳ ତାକୁ ପ୍ରାପ୍ତ ହେବା ହିଁ ପରମଗତି ପ୍ରାପ୍ତ ହେବା । ଜ୍ଞାନୀଜନ ଆତ୍ମାର ନିତ୍ୟତା, ଅବିନାଶିତା ଜାଣୁଥିବାରୁ ଆତ୍ମାକୁ ବିନାଶ ବା ନିମ୍ନଯୋନିଗାମୀ କରିବାକୁ ଚାହିଁ ନ ଥାନ୍ତି । ଅବିଦ୍ୟା ଦ୍ୱାରା ଆବୃତ ହୋଇ ଆତ୍ମାଘାତୀ ହୁଅନ୍ତି ନାହିଁ । ଅଜ୍ଞାନଜନିତ ଦୃଷ୍ଟିକୁ ତ୍ୟାଗ କରି ଜ୍ଞାନ ଦୃଷ୍ଟିରେ ସଂସାରକୁ ଦର୍ଶନ କରିବାର ଅର୍ଥ ଉଦାସ, ଦୁଃଖପୂର୍ଣ୍ଣ କୁତ୍ସିତ ସଂସାର ଭିତରେ ରହି ପୂର୍ଣ୍ଣତା, ଆନନ୍ଦ, ଦିବ୍ୟତା ଏବଂ ପବିତ୍ରତାର ଅନୁସନ୍ଧାନ କରିନେବା । ଅନ୍ତଃକରଣରେ ଦିବ୍ୟତାର ଅନୁଭବତାରେ 'ମୁଁ'କାର ସମୂଳେ ଧ୍ୱଂସ ହୋଇଯାଇଥାଏ । ଅନୁଭବ ଜ୍ଞାନ କାରଣରୁ କୌଣସି ଦୁଃଖ ବା ଭୟ ରହି ନ ଥାଏ । ଶୁଦ୍ଧ ବୁଦ୍ଧି ଓ ବିବେକ ସହାୟତାରେ ଜୀବନ ପରିଚାଳିତ କରିବାକୁ ସମର୍ଥ ହୁଏ । ପରମାତ୍ମା ତତ୍ତ୍ୱ ଅବିଦ୍ୟାକୁ ସମ୍ପୂର୍ଣ୍ଣ ବିନାଶ କରି ସମସ୍ତ ଅମଙ୍ଗଳ ମଧ୍ୟ ନାଶ ଘଟାଇଥାଏ । ସାଧକ ଏହି ବିଚାରକୁ ସ୍ୱୀକାର କରି ବ୍ୟବହାରିକ କ୍ଷେତ୍ରରେ ଜୀବନ ଯାପନ କରିବା ନିମିତ୍ତ ନିଜକୁ ଦୁର୍ବଳ, ଅସହାୟ

ମନେ କରିବା ଉଚିତ ନୁହେଁ । ନିଜ ଭିତରେ ସେହି ପରମାତ୍ମାଙ୍କ ଅସୀମ ଶକ୍ତି, ଉର୍ଜା ଭରପୁର ହୋଇ ରହିଅଛି । ସାଧକ ନିଜକୁ ପରମେଶ୍ୱରଙ୍କ ମୂର୍ତ୍ତି ରୂପରେ ନିର୍ମିତ କରିବାକୁ ସମର୍ଥ । ଈଶ୍ୱରଙ୍କ ସହାୟତା, ଈଶ୍ୱରଙ୍କ ବୁଦ୍ଧି ସବୁ ସ୍ଥାନରେ, ସବୁ ମୁହୂର୍ତ୍ତରେ ପ୍ରାପ୍ତ ହୋଇ ରହିଆସିଛି । ଈଶ୍ୱରଙ୍କ ଐଶ୍ୱର୍ଯ୍ୟ ଏବଂ ଆନନ୍ଦ ମଧ ସଦା ପ୍ରାପ୍ତ ହୋଇ ରହିଅଛି । କେବଳ ନିଜକୁ ଆଗକୁ ବଢାଇ ନେବାକୁ ହେବ । ଯେଉଁ ଶରୀର ଭଗବାନ ରାମଙ୍କୁ ପ୍ରାପ୍ତ ହୋଇଥିଲା, ଯେଉଁ ଶରୀର ଲୀଳା ରଚନା ପାଇଁ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହୋଇଥିଲା, ଜ୍ଞାନର ଅବତାର ଭଗବାନ ବ୍ୟାସଦେବ, ଭଗବାନ ଶଙ୍କରାଚାର୍ଯ୍ୟ ପ୍ରଭୃତିଙ୍କୁ ଲୀଳା ଅବତାର ପୁରୁଷ ରୂପେ ପ୍ରାପ୍ତ ହୋଇଥିଲା, ସେହି ମାନବ ଶରୀର କେବଳ ଭଗବାନଙ୍କ ଅଶେଷ କୃପା ଦ୍ୱାରା ହିଁ ପ୍ରାପ୍ତ ବୋଲି ଦୃଢଭାବେ ସ୍ୱୀକାର କରିନେବାକୁ ହେବ । ନିଜେ ନିଜକୁ ଦୀନ ହୀନ ଭାବି ଯେଉଁ ଅର୍ଜୁନ ଧନୁଷ, ବାଣ ଛାଡି କାନ୍ଦିବାକୁ ଲାଗିଥିଲେ, ବିଷାଦଗ୍ରସ୍ତ ହୋଇଯାଇଥିଲେ, ସେହି ଅବସ୍ଥା ଜୀବନରେ ଆସିବାକୁ ଦେବା ଅନୁଚିତ । ଶ୍ରୀ ନୀଳକଣ୍ଠଜି ମଧ କହିଛନ୍ତି କି, ସର୍ବତ୍ର ଏକ ଆତ୍ମାକୁ ଦର୍ଶନ କରୁଥିବା ପୁରୁଷ ଯେପରି ନିଜର ଶରୀରର ସ୍ଥିତିକୁ ଉପେକ୍ଷା କରି ଦୟାଳୁ ସ୍ୱଭାବ ଧାରଣ କରି ଅନ୍ୟର ପୀଡାକୁ ନିଜେ ବହନ କରିଥାଏ, ଅନ୍ୟର ଦୁଃଖ ଯନ୍ତ୍ରଣା ଲାଘବରେ ନିଜକୁ ଉତ୍ସର୍ଗୀତ କରିଥାଏ, ସେହି ମଧ ପରମାତ୍ମା ତତ୍ତ୍ୱକୁ ଉତ୍ତମ ରୂପେ ବୁଝିପାରିଥାଏ । ସେହି ମହା ପୁରୁଷ ଅଧୋଗତି ନ ହୋଇ କ୍ରମେ ଚିଦ୍ ଜଗତରେ ଅଗ୍ରଗତି କରିଥାଏ ।

ପ୍ରକୃତ୍ୟୈବ ଚ କର୍ମାଣିକ୍ରିୟମାଣାନି ସର୍ବଶଃ ।
ଯଃ ପଶ୍ୟତି ତଥାତ୍ମାନାମକର୍ତ୍ତାରଂ ସ ପଶ୍ୟତି ॥୩୦॥

*ଅନ୍ୱୟ: ଯଃ(ଯେ) ସର୍ବଶଃ କର୍ମାଣି (କାୟମନୋବାକ୍ୟ ଦ୍ୱାରା କୃତ ସମସ୍ତ କ୍ରିୟାକୁ ) ପ୍ରକୃତ୍ୟା ଏବ ଚ ( ପ୍ରକୃତି ବା ମାୟା ଶକ୍ତି ଦ୍ୱାରା ହିଁ ) କ୍ରିୟମାଣାନି (ସମ୍ପାଦିତ – କରାଯାଉଥିବାର) ପଶ୍ୟତି (ଦେଖେ) ତଥା (ଏବଂ) ଆତ୍ମାନମ୍ (ଆତ୍ମାକୁ – ସ୍ୱୟଂକୁ) ଅକର୍ତ୍ତାରମ୍ (ଅକର୍ତ୍ତା) ପଶ୍ୟତି (ଦେଖନ୍ତି – ଅନୁଭବ କରନ୍ତି) ସଃ (ସେ) ପଶ୍ୟତି (ଯଥାର୍ଥ ଦେଖନ୍ତି) ।*

**ଭାବାର୍ଥ** : ଯେଉଁ ବିଜ୍ଞ ନର କାୟମନୋବାକ୍ୟ ଦ୍ୱାରା କୃତ ସମସ୍ତ କ୍ରିୟାକୁ ପ୍ରକୃତିର ମାୟା ଶକ୍ତି ଦ୍ୱାରା ହିଁ କରାଯାଉଥିବାର ଅନୁଭବ କରେ ଏବଂ ନିଜ ଭିତରେ ଆତ୍ମା ସ୍ୱରୂପକୁ ଅକର୍ତ୍ତା ରୂପେ ହୃଦୟଙ୍ଗମ କରେ, ସେ ହିଁ ସମ୍ୟକ୍ ଦର୍ଶୀ । ପୁରୁଷଙ୍କ ସାନ୍ନିଧରେ ପ୍ରକୃତି ସର୍ବଦା କ୍ରିୟାଶୀଳ ହୋଇଥାଏ । କେବଳ ପ୍ରକୃତି ହିଁ ସମସ୍ତ କାର୍ଯକରେ । ଆତ୍ମା ଅଥବା ପୁରୁଷ ସର୍ବଦା ପରିପୂର୍ଣ୍ଣ, ମୁକ୍ତ ଓ ଅକର୍ତ୍ତା । ଏହି କ୍ଷେତ୍ରଜ୍ଞ ବା ପ୍ରକୃତିସ୍ଥ ପୁରୁଷ ବା ଜୀବାତ୍ମା ଯେତେବେଳେ ଶରୀରକୁ ତ୍ୟାଗ କରେ, ଶରୀର ନିଷ୍କ୍ରିୟ ହୋଇ ପଡିରହେ । ସାଙ୍ଖ୍ୟ ଦର୍ଶନରେ କୁହାଯାଇଅଛି କି, "ମାୟାଂ ତୁ ପ୍ରକୃତିଂ ବିଦ୍ୟାତ୍ ମାୟିନଂ ତୁ ମହେଶ୍ୱରମ୍ "- ଅର୍ଥାତ୍ ଯାହା କିଛି ଦେଖାଯାଉଛି, ଯାହା କିଛି ଚିନ୍ତା ଉଦ୍ଭବ ହେଉଅଛି, ସେ ସମସ୍ତ ଆଦ୍ୟାଶକ୍ତିଙ୍କର, ସେହି ଚିତ୍ ଶକ୍ତିଙ୍କର ଐଶ୍ୱର୍ଯ୍ୟ । ପୁରୁଷ ଅକର୍ତ୍ତା, କିଛି କରନ୍ତି ନାହିଁ । ପ୍ରକୃତି ସମସ୍ତ କାର୍ଯ୍ୟ କରେ । ପୁରୁଷ ସାକ୍ଷୀ ସ୍ୱରୂପ ହୋଇ କେବଳ ଦେଖନ୍ତି । ପ୍ରକୃତିର କ୍ରିୟା ଏବଂ ଗୁଣଦ୍ୱାରା ପରିଚାଳିତ ହୋଇ ବଦ୍ଧ ଜୀବ ନିଜକୁ ପ୍ରାକୃତ କର୍ମର କର୍ତ୍ତା ଅଭିମାନ କରିଥାଏ । ଆତ୍ମା ସର୍ବବ୍ୟାପୀ, ନିରାକାର ଏବଂ ସର୍ବ ଉପାଧି ରହିତ ହୋଇଥିବାରୁ ଆତ୍ମାଙ୍କଠାରେ କୌଣସି କାର୍ଯ୍ୟ ହୋଇ ନ ଥାଏ । ଆତ୍ମା ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ଏବଂ ସକଳ ପ୍ରକାର ବିକାର ରହିତ । ତେଣୁ ଆତ୍ମା କୌଣସି ପ୍ରକାର କର୍ମର କର୍ତ୍ତା ନୁହେଁ କି, କୌଣସି କର୍ମ ଫଳର ଭୋକ୍ତା ନୁହେଁ

। ମେଘମାଳ ଆକାଶରେ ଉତ୍ପନ୍ନ ହୁଅନ୍ତି, ଆକାଶ ମଧ୍ୟରେ ଯାତାୟାତ କରନ୍ତି, ଶେଷରେ ସେହି ଆକାଶରେ ହିଁ ଲୀନ ହୋଇ ଯାଇଥାନ୍ତି, କିନ୍ତୁ ଆକାଶ ନିଶ୍ଚଳ ହୋଇ ରହିଥାଏ । ସେହିପରି ଆତ୍ମା ସଦା ସର୍ବଦା ନିଶ୍ଚଳ, ବିକାର ଶୂନ୍ୟ ହୋଇ ରହିଥାଏ । ଆତ୍ମାର କୌଣସି ଅବିଚ୍ଛେଦ ଉପାଧି ନାହିଁ । ପ୍ରକୃତି ଦ୍ୱାରା ହିଁ ସମସ୍ତ କାର୍ଯ୍ୟ ନିର୍ବାହ ହୁଏ । ବାସ୍ତବରେ କହିବାକୁ ଗଲେ ଏହି ଶରୀର ଗୋଟେ ଯନ୍ତ୍ର ଅଟେ । ସଂସାର ଉପଯୋଗୀ କର୍ମ କରିବା ନିମିତ୍ତ ଏହା ପ୍ରକୃତି ଦ୍ୱାରା ନିର୍ମିତ ହୋଇଅଛି ଏବଂ ଭଗବାନଙ୍କ ଦ୍ୱାରା ଜୀବନ୍ତ ହୋଇ ରହିଛି । ଭଗବାନଙ୍କ ଏହି ମହାନ୍ ଉଦ୍ଦେଶ୍ୟକୁ ଭୁଲି ଯାଇ, ବାସନା, ଭୋଗ କାମନା ଆଦି କାରଣରୁ ଜୀବ ସୁଖ ଦୁଃଖ ଆଦି ଭୋଗ କରିବା ପାଇଁ ବିଭିନ୍ନ କଷ୍ଟକର ଅବସ୍ଥାରେ ପତିତ ହୁଏ । ଚେତନା ତତ୍ତ୍ୱର ଶକ୍ତି ରୂପ ହେଉଛି ପ୍ରକୃତି ଯାହା ସ୍ୱାଭାବିକ ଭାବେ ନିର୍ବିକାର, ସମ ଓ ଶାନ୍ତ ରୂପରେ ବିଦ୍ୟମାନ । ପ୍ରଳୟ ଅବସ୍ଥାରେ ମଧ୍ୟ ତାହାର କ୍ରିୟାଶୀଳତା ବନ୍ଦ ହୁଏନାହିଁ । ସୃଷ୍ଟି ସର୍ଜନା କାଳରେ ପ୍ରକୃତିର ସ୍ଥୂଳ କ୍ରିୟାକୁ ସକ୍ରିୟ ଅବସ୍ଥା ଏବଂ ପ୍ରଳୟ କାଳରେ ପ୍ରକୃତିର ସୂକ୍ଷ୍ମ କ୍ରିୟା କାରଣରୁ ଅକ୍ରିୟ ଅବସ୍ଥା କୁହାଯାଇଥାଏ । ଯେପରି ଆଲୋକ ଓ ଅନ୍ଧକାର କ୍ରିୟା ବନ୍ଦ ହୋଇ ନ ଥାଏ, ସେହିପରି ସର୍ଗ ଓ ପ୍ରଳୟରେ  ତଥା ମହାସର୍ଗ ଓ ମହା ପ୍ରଳୟରେ ମଧ୍ୟ ପ୍ରକୃତିରେ ନିରନ୍ତର କ୍ରିୟା ହେଉଥାଏ । ଶରୀର ଦ୍ୱାରା ହେଉଥିବା ଏହି ପ୍ରକୃତି ଓ ଗୁଣ ଜନିତ କ୍ରିୟାଗୁଡିକ ସ୍ୱାଭାବିକ ଭାବେ ନିର୍ବିକାର, ସମ ଓ ଶାନ୍ତ ରୂପେ ବିଦ୍ୟମାନ ଆତ୍ମା ସହିତ ସମ୍ବନ୍ଧ ସ୍ଥାପନ ଦ୍ୱାରା ନିଜଠାରେ ହେଲାଭଳି ପ୍ରତୀତ ହୋଇଥାଏ । ବାସ୍ତବରେ ସ୍ୱୟଂ ରେ କୌଣସି କ୍ରିୟା ହୋଇ ନ ଥାଏ । ପରମେଶ୍ୱର ସମସ୍ତ ଜୀବର ହୃଦୟରେ ଅନ୍ତର୍ଯାମୀ ରୂପରେ ସମସ୍ତଙ୍କ ପ୍ରେରକ ହୋଇ ମଧ୍ୟ ଅକର୍ତ୍ତା ହିଁ ଅଟନ୍ତି । ଶ୍ରୀମଦ ଭାଗବତରେ ମଧ୍ୟ କୁହାଯାଇଛି କି, ହେ ଉଦ୍ଧବ ! ପ୍ରାକୃତ ଅହଙ୍କାର ହିଁ ଶୋକ, ହର୍ଷ, ଭୟ, କ୍ରୋଧ, ଲୋଭ, ମୋହ, ସ୍ପୃହା ଏବଂ ଜନ୍ମ-ମୃତ୍ୟୁର କାରଣ ଅଟେ । ଶୁଦ୍ଧ ଆତ୍ମା ସହିତ ଏହାର ଲେଶମାତ୍ର ସମ୍ବନ୍ଧ ନାହିଁ । ତାତ୍ପର୍ଯ୍ୟ ହେଲା କି, କ୍ରିୟା ମାତ୍ରେ ପ୍ରକୃତି ଜନିତ । ପ୍ରକୃତି କେବେ ତିଳେମାତ୍ର ଅକ୍ରିୟ ହୋଇପାରେ ନାହିଁ ଏବଂ ପୁରୁଷଠାରେ କେବେ ତିଳେ ମାତ୍ର କ୍ରିୟା ହୁଏନାହିଁ। ସ୍ୱୟଂ କରେ ନାହିଁ କି, କରାଏ ନାହିଁ ।

ଯଦା ଭୂତପୃଥଗ୍ ଭାବମେକସ୍ଥମନୁପଶ୍ୟତି ।  
ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ॥୩୧॥

*ଅନ୍ୱୟ: ଯଦା (ଯେତେବେଳେ ) ଭୂତ-ପୃଥକ୍-ଭାବମ୍ (ପ୍ରାଣୀ ସମୂହର ଭିନ୍ନ ଭିନ୍ନ ଭାବକୁ ସାଧକ ) ଏକସ୍ଥମ୍ (ଏକ ବ୍ରହ୍ମ ସତ୍ତାରେ ହିଁ ଅବସ୍ଥିତ) ତତଃ ଏବ ଚ (ଏବଂ ସେହି ବ୍ରହ୍ମ ସତ୍ତାରୁ ହିଁ ) ବିସ୍ତାରମ୍ (ଉତ୍ପନ୍ନ -ଅଭିବ୍ୟକ୍ତି-ବିକାଶ-ବିନାଶ) ଅନୁପଶ୍ୟତି (ଦେଖନ୍ତି) ତଦା (ସେତେବେଳେ ସାଧକ ) ବ୍ରହ୍ମ (ବ୍ରହ୍ମ) ସମ୍ପଦ୍ୟତେ (ପ୍ରାପ୍ତ ହୁଏ ) ।*

**ଭାବାର୍ଥ :** ସାଧକ ଯେତେବେଳେ ସମସ୍ତ ଭୂତ ସମୂହର ନାନାତ୍ୱ, ଭିନ୍ନ-ଭିନ୍ନତାକୁ ଏକମାତ୍ର ପ୍ରକୃତିରେ ହିଁ ସ୍ଥିତ ଦେଖିଥାଏ ଏବଂ ସେହି ପ୍ରକୃତିର କାରଣରୁ ସମସ୍ତ ଅଭିବ୍ୟକ୍ତ ବିସ୍ତାର ଓ ବିନାଶ ହୋଇଥାଏ ବୋଲି ଉପଲବ୍ଧି କରେ, ସେତେବେଳେ ସାଧକ ଦେହ ଓ ପ୍ରକୃତିର ମୂଳ ସତ୍ତା ବ୍ରହ୍ମ ତତ୍ତ୍ୱକୁ ପ୍ରାପ୍ତ ହୁଏ ।  ସକଳ ପ୍ରାଣୀ ଶରୀର ଭିତରେ ସେହି ଅଦ୍ୱିତୀୟ 'ଆତ୍ମା' ଆତ୍ମା ରୂପରେ ବିଦ୍ୟମାନ, ଅନ୍ତର୍ଯାମୀ ରୂପରେ ବିଦ୍ୟମାନ। ସେହି ଆତ୍ମାର ସତ୍ତା କାରଣରୁ ସାରା ଜଗତ ରଜ୍ଜୁରେ କଳ୍ପିତ ସର୍ପ ଭଳି ପ୍ରତୀତ ହୋଇଥାଏ । ତତ୍ତ୍ୱଦର୍ଶୀ ସର୍ବଦା ସ୍ଥାବର ଜଙ୍ଗମ ଆଦିର ପୃଥଗ ଭାବକୁ ଅର୍ଥାତ୍ ଭେଦଭାବକୁ ଏକମାତ୍ର ପରମାତ୍ମାଙ୍କ ଠାରେ ହିଁ

ଅବସ୍ଥିତ ବୋଲି ଉପଲବ୍ଧି କରିଥାନ୍ତି । ଏହା ମଧ ବୁଝିଥାନ୍ତି କି, ସମଗ୍ର ଜଗତର ଉତ୍ପତ୍ତି ବ୍ରହ୍ମରୁ ହିଁ ହୋଇଛି ଅର୍ଥାତ୍ ବ୍ରହ୍ମ ଅତିରିକ୍ତ ପୃଥଗ ଅସ୍ତିତ୍ୱ ଏହି ଜଗତର କିଛି ରହିନାହିଁ । ଯେଉଁଭଳି ତରଙ୍ଗ ସମୂହ କେବଳ ଏକ ସମୁଦ୍ରର ହିଁ ବିସ୍ତାର ଅଟେ ସେହିପରି ଏକ ପରମ ସତ୍ୟ ଆତ୍ମାଙ୍କଠାରୁ ଏହି ସମଗ୍ର ସୃଷ୍ଟିର ବିସ୍ତାର । ଅତଏବ ସ୍ଥାବର ଓ ଜଙ୍ଗମ ପ୍ରାଣୀମାନଙ୍କ ରୂପରେ ଯେଉଁ ଚେତନା ତତ୍ତ୍ୱ ବିଦ୍ୟମାନ, ତାହା ନିରନ୍ତର ପରମାତ୍ମାଙ୍କ ଠାରେ ହିଁ ସ୍ଥିତ । ତରଙ୍ଗ ଯେଉଁଭଳି ଜଳରେ ଆଧାରିତ, ପରମାଣୁ ଯେପରି ଭୂମିରେ ଆଧାରିତ, ସୂର୍ଯ୍ୟ ରଶ୍ମି ଯେଉଁଭଳି ସୂର୍ଯ୍ୟଙ୍କ ଉପରେ ଆଧାରିତ, ଆବେଗ ଯେପରି ମନରେ ଆଧାରିତ, ସ୍ଫୁଲିଙ୍ଗ ଯେପରି ଅଗ୍ନିରେ ଆଧାରିତ, ସକଳ ପ୍ରକାର ରୂପଧାରୀ ଭୂତଗଣ ଠିକ୍ ସେହିପରି ପରମାତ୍ମାଙ୍କଠାରେ ଆଧାରିତ । ଏହି ବିଷୟଟିକୁ ଛାନ୍ଦୋଗ୍ୟ ଉପନିଷଦରେ (୭/୨୬/୧) ଲେଖା ଅଛି "ଆତ୍ମା ପ୍ରାଣ ଆତ୍ମାତା ଆଶା ଆତ୍ମାଃ ସ୍ମାର ଆତ୍ମା ଆକାଶ ଆତ୍ମତାଃ ତେଜ ଆତ୍ମାତା ଆପଃ - ଆତ୍ମାତା ଆବିର୍ଭବତ ତରାଭାବମ୍ଧାତୋନ୍ନମ୍ " ଅର୍ଥାତ୍ ଯେଉଁ ସମୟରେ ସାଧକ ଏହି ପ୍ରପଞ୍ଚ ଜଗତ ଏକ ଆତ୍ମା ଭିନ୍ନ ଆଉ କିଛି ନୁହେଁ ବୋଲି ବୁଝିଯାଏ, ଯଥା: ଆତ୍ମାରେ ହିଁ ପ୍ରାଣ, ଆତ୍ମାରେ ହିଁ ଆଶା, ଆତ୍ମାରେ ହିଁ ସଂକଳ୍ପ, ଆତ୍ମାରେ ହିଁ ଆକାଶ, ଆତ୍ମାରେ ହିଁ ତେଜ, ଆତ୍ମାରେ ହିଁ ଜଳ, ଆତ୍ମାରେ ହିଁ ଅନ୍ନ, ଆତ୍ମାରୁ ହିଁ ଆବିର୍ଭାବ ଏବଂ ଆତ୍ମାରେ ହିଁ ତିରୋଭାବ, ଇତ୍ୟାଦି ସାରା ବିସ୍ତାର ଆତ୍ମାରେ ହିଁ ଦେଖିବାକୁ ଲାଗେ । ସାଧକ ଭିତରେ ଯେଉଁ କ୍ଷଣି ଏହି ଦିବ୍ୟଜ୍ଞାନ ଉଦ୍ଭବ ହୋଇଥାଏ, ସେହି ମୁହୂର୍ତ୍ତରେ ତାର ବ୍ରହ୍ମ ପ୍ରାପ୍ତି ହୋଇ ଯାଇଥାଏ । ଅର୍ଥାତ୍ ସେ ସ୍ୱୟଂ ବ୍ରହ୍ମ ସ୍ୱରୂପ ହୋଇଯାଏ । ଏଥିରେ ଟିକିଏ ମାତ୍ର ବିଳମ୍ବ ଘଟି ନ ଥାଏ । ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କ ସହିତ ଅଭିନ୍ନତା ପ୍ରାପ୍ତକୁ ହିଁ ପରମଗତି ପ୍ରାପ୍ତି, ମୋକ୍ଷ ପ୍ରାପ୍ତି, ଆତ୍ୟନ୍ତିକ ସୁଖ ପ୍ରାପ୍ତି, ଏବଂ ପରମ ଶାନ୍ତି ପ୍ରାପ୍ତି ବୋଲି କୁହାଯାଇଛି । ଏହି ଶ୍ଳୋକରେ ଶ୍ରୀ ଶଙ୍କାରାଚାର୍ଯ୍ୟ ଆଦି 'ଏକସ୍ଥମ୍' ପଦର ଅର୍ଥ ବ୍ରହ୍ମ ବା ଆତ୍ମାରେ ସ୍ଥିତ ହେବାର କହିଛନ୍ତି। ଶ୍ରୀ ରାମାନୁଜାଚାର୍ଯ୍ୟ ଆଦି 'ଏକାସ୍ଥମ୍'ର ଅର୍ଥ ପ୍ରକୃତିରେ ସ୍ଥିତ ହେବାର ଉଲ୍ଲେଖ କରିଛନ୍ତି । ଚିଦାତ୍ମା, ପ୍ରକୃତିର ସଂସ୍ପର୍ଶରେ ଆସିବା ଯୋଗୁଁ ବିଭିନ୍ନ ପ୍ରକାର ଶରୀର ପ୍ରାପ୍ତ ହୁଏ । ସମସ୍ତ ପ୍ରାଣୀଙ୍କ ଶରୀର ପ୍ରକୃତିରୁ ଉତ୍ପନ୍ନ ହୁଏ, ପ୍ରକୃତିରେ ସ୍ଥିତ ରହେ ଏବଂ ପ୍ରକୃତିରେ ଲୀନ ହୋଇଯାଏ । ତେଣୁ ସମଗ୍ର ଭୂତ ସମୂହ ପ୍ରକୃତି ଠାରୁ ଅଭିନ୍ନ । ପ୍ରଳୟ କାଳରେ ସ୍ଥାବର ଜାଙ୍ଗମାଦିର ଆକାରଗତ ପାର୍ଥକ୍ୟକୁ ଏକ ହିଁ ପ୍ରକୃତିରେ ଦୃଶ୍ୟମାନ ହୋଇଥାଏ ଏବଂ ସୃଷ୍ଟି କାଳରେ ସେହି ପ୍ରକୃତି ନିକଟରୁ ସମସ୍ତ ଚରାଚର ପ୍ରପଞ୍ଚର ବିସ୍ତାର ହୋଇଥାଏ । ସାଧକ ଯେତେବେଳେ ନିଜର ତଥା କଥିତ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର ସମେତ ପ୍ରାଣୀ ମାନଙ୍କ ଶରୀରର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟକୁ ପ୍ରକୃତିରେ ହେଉଥିବାର ଅନୁଭବ କରେ, ସେତେବେଳେ ତାର ଦୃଷ୍ଟି ସମ୍ମୁଖରୁ ରାଗ, ଦ୍ୱେଷ ରୂପକ ପରଦା ଅପସରି ଯାଏ ଏବଂ ତାକୁ ପ୍ରକୃତିରୁ ଅତୀତ ନିଜର ସ୍ୱତଃସିଦ୍ଧ ସ୍ୱରୂପ ପରମାତ୍ମା ତତ୍ତ୍ୱ ପ୍ରାପ୍ତ ହୁଏ । 'ବ୍ରହ୍ମ ସ୍ୱରୂପକୁ ପ୍ରାପ୍ତ କରିଥାଏ'- କହିବାର ତାତ୍ପର୍ଯ୍ୟ ହେଲା, ପ୍ରାରବ୍ଧ ଭୋଗ କ୍ଷୟ ହୋଇଥାଉ କିମ୍ବା ଭୋଗ ଅବଶେଷ ରହିଥାଉ, ସାଧକକୁ କିଛି ଭିନ୍ନ ଉପଲବ୍ଧ ହୋଇ ନ ଥାଏ । ଯେଉଁ ପର୍ଯ୍ୟନ୍ତ ପ୍ରାରବ୍ଧ ଅବଶେଷ ରହିଥାଏ, ସେହି ପର୍ଯ୍ୟନ୍ତ ଜୀବନ ମୁକ୍ତ ସ୍ଥିତିରେ ରହି ତାହାଦ୍ୱାରା ଜଗତ କଲ୍ୟାଣ ସମ୍ପାଦିତ ହୋଇଥାଏ । ପ୍ରାରବ୍ଧ ଭୋଗ ସମାପ୍ତି ପରେ ବିଦେହ କୈବଲ୍ୟ ପ୍ରାପ୍ତି ହେବ ।

ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।
ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ ।।୩୨।।

*ଅନ୍ୱୟ: କୌନ୍ତେୟ (ହେ କୁନ୍ତୀପୁତ୍ର !) ଅନାଦିତ୍ୱାତ୍ (ଆଦି ରହିତ ଅର୍ଥାତ୍ ଅନାଦି ହେବା କାରଣରୁ) ନିର୍ଗୁଣତ୍ୱାତ୍ (ତଥା ନିର୍ଗୁଣ ଅର୍ଥାତ୍ ଗୁଣ ରହିତ ହୋଇଥିବାରୁ) ଅୟଂ (ଏହି) ଅବ୍ୟୟଃ (ଅବିନାଶୀ) ପରମାତ୍ମା (ପରମାତ୍ମା) ଶରୀରସ୍ଥ ଅପି (ଶରୀରରେ ଅବସ୍ଥିତ ରହି ମଧ୍ୟ) ନ କରୋତି (କିଛି କରନ୍ତି ନାହିଁ) ନ ଲିପ୍ୟତେ (କି, କୌଣସି କର୍ମରେ ଲିପ୍ତ ହୁଅନ୍ତି ନାହିଁ) ।*

**ଭାବାର୍ଥ**: ହେ କୌନ୍ତେୟ ! ଅନାଦି ତଥା ନିର୍ଗୁଣ ହୋଇଥିବା କାରଣରୁ ଅବିନାଶୀ ପରମାତ୍ମା ଶରୀରରେ ସ୍ଥିତ ହୋଇମଧ୍ୟ ନା କର୍ମ କରିଥାନ୍ତି , ନା କର୍ମଫଳରେ ଲିପ୍ତ ହୋଇଥାନ୍ତି । ଜୀବାତ୍ମା ଓ ପରମାତ୍ମା ସମାନ ରୂପରେ ଶରୀର ମଧ୍ୟରେ ରହି, ଗୁଣଲିପ୍ତ କାରଣରୁ ଜୀବାତ୍ମା (ପୁରୁଷ) ସଂସାର ଦଶାକୁ ପ୍ରାପ୍ତ ହୋଇଥାଏ କିନ୍ତୁ ପରମାତ୍ମା ସାକ୍ଷ୍ୟ ଭାବରେ ରହିଥାନ୍ତି । ବାସ୍ତବରେ ମନ, ବୁଦ୍ଧି, ଇନ୍ଦ୍ରିୟ ଓ ଶରୀର ପ୍ରଭୃତି ସତ୍ତ୍ୱ, ରଜଃ ଓ ତମ ଗୁଣ ମାନଙ୍କ ବିସ୍ତାର ଅଟେ ଏବଂ ଏହି ଗୁଣମାନଙ୍କ ସହିତ ଆତ୍ମାର କୌଣସି ବି ସମ୍ବନ୍ଧ ନାହିଁ । ଏହା ସର୍ବଦା ଗୁଣମାନଙ୍କର ଅତୀତ । ଶରୀରର ସଂସାର ସହିତ ସମ୍ବନ୍ଧ ରହିଥିବା ବେଳେ, ପୁରୁଷ ବା ଆତ୍ମାର ପରମାତ୍ମାଙ୍କ ସହିତ ସମ୍ବନ୍ଧ ରହିଥାଏ । ଏହି ଦେହ ଜାତ ହେବା ପୂର୍ବରୁ ପରମାତ୍ମା ଥିଲେ ଏବଂ ଦେହର ବିନାଶ ହୋଇଯିବାପରେ ମଧ୍ୟ ପରମାତ୍ମା ରହିଥିବେ । ସେ ଚିରକାଳ ସେହି 'ଏକ' ଅବ୍ୟୟ ରୂପେ ସ୍ଥିତ । ପୁରୁଷ ଓ ପ୍ରକୃତି ଉଭୟ ଅନାଦି । କିନ୍ତୁ ପୁରୁଷ (ଆତ୍ମା) ଗୁଣ ରହିତ ଏବଂ ପ୍ରକୃତି ଗୁଣ ବିକାର ସହିତ ଯୁକ୍ତ । ଆତ୍ମା ଅବିନାଶୀ, ନିତ୍ୟଶୁଦ୍ଧ ଯୋଗୁଁ ଅକର୍ତ୍ତା, ନିର୍ଲିପ୍ତ ଏବଂ ଜନ୍ମ-ମୃତ୍ୟୁ ଆଦି ଷଡ ବିକାରରୁ ସର୍ବଦା ଅତୀତ । ଆତ୍ମା ସହିତ ଦେହର ସମ୍ବନ୍ଧ ଦର୍ପଣ ଭିତରେ ଦେଖାଯାଉଥିବା ପ୍ରତିବିମ୍ବ ସାଦୃଶ୍ୟ । ଯେତିକି ଅନ୍ତର ରାତି ଓ ଦିନ ମଧ୍ୟରେ ଥାଏ, ଦେହ ଓ ଆତ୍ମା ମଧ୍ୟରେ ସେତିକି ଅନ୍ତର । ଆତ୍ମା ଶରୀରକୁ ଧାରଣ କରିଥିଲେ ମଧ୍ୟ, ଆତ୍ମା ଶରୀରର ବୋଲି କୁହା ଯାଇ ନ ପାରେ । ଦର୍ପଣ ଭିତରେ ମୁହଁର ପ୍ରତିଫଳନ ଦେଖିବାକୁ ମିଳେ, ବାସ୍ତବରେ ଦର୍ପଣ ଭିତରେ ମୁହଁ ନ ଥାଏ । ସେହିପରି ଆତ୍ମା ସୂକ୍ଷ୍ମଶରୀରରେ ପ୍ରତିଫଳିତ ହୋଇଥାଏ, କିନ୍ତୁ ଦେହ ସହିତ ଏହାର କୌଣସି ସମ୍ପର୍କ ନ ଥାଏ । ଆତ୍ମା କେବଳ ଶରୀରରେ ବାସ କରିବା ଭଳି ପ୍ରତୀତ ହୋଇଥାଏ । ଦେହ ପୂର୍ବରୁ ଆତ୍ମା ଥିଲା, ଦେହ ପରେ ମଧ୍ୟ ଆତ୍ମା ରହିଛି । ଏହା ଯେପରି ଯେଉଁଠି ଥିଲା, ସେଇଠି ସେହିଭଳି ରହିଛି । ଧୂଳି ପବନରେ ଉଠିଥାଏ, କିନ୍ତୁ ଧୂଳି ସହିତ ପବନର କୌଣସି ସମ୍ପର୍କ ନାହିଁ । ସେହିଭଳି ଦେହ ଓ ଆତ୍ମାର ସମ୍ବନ୍ଧ ଅନିତ୍ୟ । ଯେପରି ଦିନ ଓ ରାତିର ସଦା ଆସିବା-ଯିବା ଲାଗି ରହିଛି, ସେହିପରି ଆତ୍ମାର ସତ୍ତାରେ ଦେହର ଉଦ୍ଭବ ଓ ବିନଷ୍ଟ ପ୍ରକ୍ରିୟା ଲାଗି ରହିଛି । ଦେହ ପଞ୍ଚ ମହାଭୂତରୁ ଉତ୍ପନ୍ନ ଏବଂ କର୍ମ ରଜ୍ଜୁରେ ଆବଦ୍ଧ କିନ୍ତୁ ଆତ୍ମା ଅନାଦି । ଏହା ସହଜ, ନିତ୍ୟ ଓ ଶୁଦ୍ଧ- ଏହା ନିର୍ଗୁଣ । ଏହା ପୂର୍ଣ୍ଣ ନୁହେଁ କି, ଅପୂର୍ଣ୍ଣ ନୁହେଁ – ଏହା ସୂକ୍ଷ୍ମ ନୁହେଁ କି, ସ୍ଥୂଳ ନୁହେଁ – ନିଷ୍କ୍ରିୟ ନୁହେଁ କି, ସକ୍ରିୟ ନୁହେଁ । "ଯଃ ସଃ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି " (ଗୀତା-୮/୨୦) ସୃଷ୍ଟିର ପ୍ରାରମ୍ଭରେ ଏହାର ଉତ୍ପତ୍ତି ନାହିଁ କି, ପ୍ରଳୟରେ ଏହାର ଧ୍ୱଂସ ନାହିଁ । ଏହାର କ୍ଷୟ ନାହିଁ କି, ବୃଦ୍ଧି ହୋଇ ନ ଥାଏ । ଯେଉଁ କ୍ରିୟା ଶରୀର ଇନ୍ଦ୍ରିୟାଦିରେ ଘଟିଥାଏ, ତାହା ସ୍ୱଚ୍ଛ ହୋଇଥିବା ଚେତନା ସହିତ କୌଣସି ସମ୍ପର୍କ ନ ଥାଏ । ବ୍ରହ୍ମଜ୍ଞାନୀ ପୁରୁଷର ଶରୀର ପରିବର୍ତ୍ତନ କିମ୍ବା ନାଶ ହେଲାଭଳି ଯାହା ପ୍ରତୀତ ହୋଇଥାଏ, ତାହା କୌଣସି

ମତେ ପ୍ରଭାବିତ କିମ୍ବା ବିକାର ବୋଧ କରାଇବାକୁ ସମର୍ଥ ହୋଇ ନ ଥାଏ । ଜ୍ଞାନୀର ଶରୀର ଯେତେବେଳେ କ୍ରିୟାଶୀଳ, ଲହଡା ପରିପୂର୍ଣ୍ଣ ସମୁଦ୍ରର ଗଭୀର ପ୍ରଦେଶ ଶାନ୍ତ ରହିଥିବା ଭଳି ସର୍ବୋଚ୍ଚ ସ୍ତରରେ ଜ୍ଞାନୀ କ୍ରିୟା ରହିତ ହୋଇ ରହିଥାଏ । ହଲଚଲ ହେଉଥିବା ଜଳ ଭିତରେ ସୂର୍ଯ୍ୟ ହଲିଲା ଭଳି ଦେଖା ଯାଉଥିଲେ ମଧ୍ୟ, ଜଳର ବିଚଳନ ସୂର୍ଯ୍ୟଙ୍କୁ ସ୍ପର୍ଶ କରିପାରେ ନାହିଁ । ଜଳ ଉପରେ ସୂର୍ଯ୍ୟଙ୍କ ଯେଉଁ ପ୍ରତିବିମ୍ବ, ତାହା ହଲିଲା ଭଳି ପ୍ରତୀତ ହୁଏ । ନିଜଠାରେ ନିରନ୍ତର କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ (କାମନା ଓ ମମତା) ରହି ନଥିବାର ଅନୁଭବ ହେବା ହିଁ ଜୀବନମୁକ୍ତ । ସମସ୍ତ ବସ୍ତୁ ବିନାଶଶୀଳ, ମାତ୍ର ପରମାତ୍ମା ସର୍ବଦା ଅପରିବର୍ତ୍ତନଶୀଳ । ଅନାଦି ତଥା ନିର୍ଗୁଣ ହେବା କାରଣରୁ ପରମାତ୍ମାଙ୍କ ଅବ୍ୟୟତ୍ୱ ସର୍ବଦା ସିଦ୍ଧ ହେଉଅଛି । ସେହି ପରମାତ୍ମା ନିଜର ସାନ୍ନିଧ୍ୟରେ ପଞ୍ଚ ମହାଭୂତରେ ନିର୍ମିତ ସମସ୍ତ ଜଡ ବସ୍ତୁ ଚେତନ ବସ୍ତୁଭଳି ବ୍ୟବହାର ପ୍ରଦର୍ଶନ କରିବା ପାଇଁ ସକ୍ଷମ କରାଇ ପାରୁଛନ୍ତି । କିନ୍ତୁ, ପରମାତ୍ମା ନିଜେ କୌଣସି ପ୍ରକାର କ୍ରିୟାରେ ଲିପ୍ତ ରହନ୍ତି ନାହିଁ । "କି ପ୍ରକାରେ ସର୍ବବ୍ୟାପୀ ଅଦ୍ୱିତୀୟ ସଦା ପରିପୂର୍ଣ୍ଣ ପରମାତ୍ମା ଅକର୍ତ୍ତା ଅଟନ୍ତି"- ଏହି ତଥ୍ୟଟିକୁ ହୃଦୟଙ୍ଗମ କରାଇବା ସକାଶେ ଉପନିଷଦରେ ମୁନି ଋଷିମାନେ ବହୁ ପ୍ରଯତ୍ନ କରି ଯାଇଛନ୍ତି । ପରମାତ୍ମା ଅକର୍ତ୍ତା, ସେ ନିର୍ଗୁଣ, ସେ ଅବିଭାଜ୍ୟ, ସେ ଅଙ୍ଗ-ପ୍ରତ୍ୟଙ୍ଗ ବିହୀନ, ସେ କର୍ମ କରନ୍ତି ନାହିଁ । ସେ ଅନାଦି, ଅନାସକ୍ତ , ନିର୍ବିକାର କାରଣରୁ କର୍ତ୍ତା ନୁହନ୍ତି କି, ଭୋକ୍ତା ନୁହନ୍ତି । ଶ୍ରୀ ବଲ୍ଲଭାଚାର୍ଯ୍ୟ ଉଲ୍ଲେଖ କରିଛନ୍ତି କି, "ଅନ୍ତଃ ପୁରୁଷ ଯେଉଁ ପରମାତ୍ମା ଅଥବା ଆତ୍ମା ରୂପରେ ଯେଉଁ ଜୀବ, ତାହା ଅକ୍ଷର ରୂପରେ ଅନାଦି ଏବଂ ନିର୍ଗୁଣ । ଅତଏବ ତାହା ଅବ୍ୟୟ । ତାହା ଭଗବତ୍ ଇଚ୍ଛାରେ ସ୍ୱତଃ ପୃଥକ୍ ହୋଇଗଲାପରେ ମଧ୍ୟ ଅକର୍ତ୍ତା ଓ ନିର୍ଲିପ୍ତ ଅଟନ୍ତି ।"

ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।
ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ॥୩୩॥

*ଅନ୍ୱୟ: ଆକାଶଂ (ଆକାଶ) ସୌକ୍ଷ୍ମ୍ୟାତ୍ (ନିଜର ସୂକ୍ଷ୍ମତା ହେତୁ ) ନ ଉପଲିପ୍ୟତେ (କୌଣସି ମତେ ଲିପ୍ତ ହୁଏନାହିଁ) ତଥା (ସେହିପରି) ସର୍ବତ୍ର (ସର୍ବବିଧ ଅର୍ଥାତ୍ ସମସ୍ତ ) ଦେହ (ଶରୀରରେ) ଅବସ୍ଥିତ (ପରିପୂର୍ଣ୍ଣ-ବିଦ୍ୟମାନ ଥାଇ ମଧ୍ୟ) ଆତ୍ମା (ଆତ୍ମା ତଥା ପରମାତ୍ମା ) ନ ଉପଲିପ୍ୟତେ (ଦୈହିକ ଗୁଣ-ଦୋଷ ଆଦିରେ ଲିପ୍ତ ହୁଅନ୍ତି ନାହିଁ) ।*

ଭାବାର୍ଥ: ଆତ୍ମା ନିର୍ଗୁଣ ହୋଇଥିବାରୁ ଦେହର ଗୁଣମାନଙ୍କ ଦ୍ୱାରା ସଂଶ୍ଲିଷ୍ଟ ହୁଏନାହିଁ । ଏହି ଶ୍ଳୋକରେ ଆକାଶର ଦୃଷ୍ଟାନ୍ତ ଦିଆଯାଇ ଆତ୍ମାର ନିର୍ଲିପ୍ତତା ସିଦ୍ଧ କରାଯାଇଛି । ବାୟୁ, ତେଜ, ଜଳ ଓ ପୃଥିବୀ ଆଦି ଚାରୋଟି ମହାଭୂତ ଆକାଶର କାର୍ଯ୍ୟ ହେତୁ ଏହିମାନେ ଆକାଶର ଅନ୍ତର୍ଗତ, କିନ୍ତୁ ଆକାଶ କାରଣ ହୋଇଥିବାରୁ ଏହି ଚାରିଗୋଟିର ଅନ୍ତର୍ଗତ ନୁହେଁ । ପଞ୍ଚ ମହାଭୁତ ମାନଙ୍କ ମଧ୍ୟରେ ଆକାଶ ସମସ୍ତଙ୍କଠାରୁ ସୂକ୍ଷ୍ମ କାରଣରୁ ଏହା ସର୍ବଗତ ଅଟେ । ଏହିପରି କୌଣସି କ୍ଷୁଦ୍ରତମ ସ୍ଥାନ ବି ନାହିଁ ଯେଉଁଠି ଆକାଶ ପ୍ରବେଶ କରିନାହିଁ, ଯେଉଁଠି ଆକାଶ ବ୍ୟାପୀ ନାହିଁ । "ଅବକାଶାତ୍ ଆକାଶଃ "- ଅର୍ଥାତ୍ ଯେ ସମସ୍ତ ବ୍ୟକ୍ତ-ଅବ୍ୟକ୍ତ ବସ୍ତୁକୁ ରହିବା ପାଇଁ ସ୍ଥାନ ପ୍ରଦାନ କରେ ସେ ଆକାଶ ଅଟେ । ନିଜର ସୂକ୍ଷ୍ମତା ତଥା ଅସଙ୍ଗ ହେତୁ ସର୍ବତ୍ର ବ୍ୟାପୀ ରହିଥିବା ଆକାଶ କୌଣସି ବସ୍ତୁରେ ଲିପ୍ତ ହୁଏନାହିଁ ଅର୍ଥାତ୍ କାହାରି ସାଙ୍ଗରେ ସମ୍ବନ୍ଧ ନାହିଁ । କୌଣସିଟି ବସ୍ତୁ ନିଜର ଦୋଷଗୁଣ ଦ୍ୱାରା ଆକାଶକୁ ଦୋଷଗୁଣ ଯୁକ୍ତ କରିପାରେ ନାହିଁ । ସେହିପରି ସମସ୍ତ

ଜୀବ ଶରୀରରେ ରହିଥିବା ଆତ୍ମା ଏବଂ ପରମାତ୍ମା ମଧ୍ଯ ଜୀବର ଦୈହିକ ଗୁଣ-ଦୋଷ ସହିତ ସଂଶ୍ଳିଷ୍ଟ ହୁଅନ୍ତି ନାହିଁ । ପରମାତ୍ମା ସମସ୍ତଙ୍କୁ ବ୍ୟାପ୍ତ କରିଥିଲେ ମଧ୍ୟ ତାହାଙ୍କୁ ଦ୍ୱିତୀୟ କେହି ବ୍ୟାପ୍ତ କରିପାରିବ ନାହିଁ । ଏକମାତ୍ର ଚିନ୍ମୟ ସତ୍ତା ବ୍ୟତୀତ ଅନ୍ୟ ସବୁକିଛି ମନ ଦ୍ୱାରା ରୂପର କଳ୍ପନା ମାତ୍ର । ସେହି ଚିନ୍ମୟ ସତ୍ତା ହିଁ ହେଉଛି ସମସ୍ତ କଳ୍ପନାର ଆଧାର, ଅଧିଷ୍ଠାନ, ପ୍ରକାଶକ ଓ ଆଶ୍ରୟ । ସମଗ୍ର ସୃଷ୍ଟି ସେହି ସତ୍ତାର ଅନ୍ତର୍ଗତ। ଚିନ୍ମୟ ସତ୍ତା ଶରୀରସ୍ଥ ନୁହେଁ କି, ପ୍ରକୃତିସ୍ଥ ନୁହେଁ, ବରଂ ଆକାଶ ଭଳି ସର୍ବତ୍ର ବିଦ୍ୟମାନ । ସେହି ସର୍ବବ୍ୟାପୀ ସତ୍ତା ହିଁ ଜୀବର ସ୍ୱରୂପ ଏବଂ ତାହାହିଁ ପରମାତ୍ମା ତତ୍ତ୍ୱ । ସକଳ ଘଟରେ ଆତ୍ମା ବ୍ୟାପୀ ରହିଛନ୍ତି । ଦେହ, ଇନ୍ଦ୍ରିୟ, ଗୁଣ ଠାରୁ ସୂକ୍ଷ୍ମତର ହୋଇଥିବା କାରଣରୁ ଆତ୍ମା କୌଣସି ପ୍ରକାରେ ଦେହ ଦ୍ୱାରା କିମ୍ବା ଅନ୍ୟ ଯେ କୌଣସି ବସ୍ତୁ ସହିତ ଲିପ୍ତ ହୁଅନ୍ତି ନାହିଁ । ଶୁଭ- ଅଶୁଭ, ସୁଖ-ଦୁଃଖ, ପାପ-ପୂଣ୍ୟ ଆଦି ବୈଷମ୍ୟ କର୍ମଫଳ ଦ୍ୱାରାମଧ ଆତ୍ମା ଓ ପରମାତ୍ମା ସଂକ୍ରମିତ ହୋଇ ନ ଥାନ୍ତି ।

ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ॥୩୪॥

*ଅନ୍ୱୟ: ଭାରତ ! ( ହେ ଭରତ ବଂଶଜ ଅର୍ଜୁନ !) ଯଥା (ଯେଉଁ ପ୍ରକାର ) ଏକଃ ରବିଃ (ଏକ ମାତ୍ର ସୂର୍ଯ୍ୟ) ଇମଂ କୃତ୍ସ୍ନଂ ଲୋକଂ ( ଏହି ସଂପୂର୍ଣ୍ଣ ଜଗତକୁ- ଏହି ସମଗ୍ର ବ୍ରହ୍ମାଣ୍ଡକୁ ) ପ୍ରକାଶୟତି (ପ୍ରକାଶ କରନ୍ତି ) ତଥା (ସେହି ପ୍ରକାରେ) କ୍ଷେତ୍ରୀ (ଦେହୀ- କ୍ଷେତ୍ରର ଅଧିକାରୀ ଏକ ହିଁ କ୍ଷେତ୍ରଜ୍ଞ -ପରମାତ୍ମା ) କୃତ୍ସ୍ନଂ (ସମସ୍ତ) କ୍ଷେତ୍ରମ୍ (ଦେହକୁ) ପ୍ରକାଶୟତି (ପ୍ରକାଶ କରେ ) ।*

**ଭାବାର୍ଥ**: ହେ ଭରତ ବଂଶଜ ଅର୍ଜୁନ ! ଯେଉଁ ପ୍ରକାରେ ଏକମାତ୍ର ସୂର୍ଯ୍ୟ ଏହି ସମଗ୍ର ବ୍ରହ୍ମାଣ୍ଡକୁ ପ୍ରକାଶ କରନ୍ତି, ସେହି ପ୍ରକାରେ କ୍ଷେତ୍ରୀ ଅର୍ଥାତ୍ ଏକମାତ୍ର କ୍ଷେତ୍ରର ଅଧିକାରୀ କ୍ଷେତ୍ରଜ୍ଞ (ପରମାତ୍ମା) ହିଁ ସମସ୍ତ ଦେହକୁ ପ୍ରକାଶ କରନ୍ତି । ଏହି ଶ୍ଳୋକରେ ଆତ୍ମାର ଅକର୍ତ୍ତାପଣ ସହିତ ଅଦ୍ୱୈତବାଦ ସିଦ୍ଧ କରାଯାଇଛି ଯେ, ପରମାତ୍ମା ଏକ । ଏକମାତ୍ର ସୂର୍ଯ୍ୟଙ୍କ ଦ୍ୱାରା ସମଗ୍ର ଜୀବ ଓ ଜଡ ବର୍ଗ ସତ୍ତା ଓ ସ୍ଫୂର୍ତ୍ତି ପ୍ରାପ୍ତ ହୋଇ ଆଲୋକିତ ହୁଏ । ଏକ ହିଁ ସୂର୍ଯ୍ୟ ଆଖିର ଅଧିଦେବତା ରୂପରେ ସମସ୍ତଙ୍କ ଭିତରେ ପ୍ରକାଶର ଶକ୍ତି ପ୍ରଦାନ କରି ସବୁରି ଅଧିଭୂତ ରୂପରେ ଜଗତକୁ ପ୍ରକାଶିତ କରିଥାନ୍ତି । ସେହି ସୂର୍ଯ୍ୟ ସମସ୍ତଙ୍କ ଅନ୍ତଃକରଣରେ ଆଧ୍ୟାତ୍ମିକ ରୂପରେ ଏବଂ 'ସବିତୁ ଭର୍ଗୋ ଦେବସ୍ୟ ଧୀମାହି' ରୂପରେ ଶକ୍ତି ପ୍ରଦାନ କରିଥାନ୍ତି । ସୂର୍ଯ୍ୟ ପ୍ରକାଶକ ଅଟନ୍ତି କିନ୍ତୁ ପ୍ରକାଶିତ ହେବା ଯୋଗ୍ୟ ବସ୍ତୁର ରୂପ, ଗୁଣ ଓ ବିକାର ପ୍ରଭୃତି ଧର୍ମରେ ଯୁକ୍ତ ହୁଅନ୍ତି ନାହିଁ । ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ, ବାସ୍ତବରେ ସୂର୍ଯ୍ୟ ଜଗତକୁ ପ୍ରକାଶ କରନ୍ତି ନାହିଁ । ଅନ୍ୟ ପକ୍ଷରେ ପ୍ରକାଶ ହେଲା ସୂର୍ଯ୍ୟଙ୍କ ଧର୍ମ ଏବଂ ପ୍ରତ୍ୟେକ ବସ୍ତୁ ସୂର୍ଯ୍ୟଙ୍କ ଉପସ୍ଥିତ ମାତ୍ରେ ଆପେ ପ୍ରକାଶିତ ହୋଇଥାନ୍ତି । ଏହି ବିଚାରର ତାତ୍ପର୍ଯ୍ୟ ହେଲା ସୂର୍ଯ୍ୟଙ୍କ ନିକଟରେ 'ମୁଁ ସମସ୍ତଙ୍କୁ ଆଲୋକିତ କରୁଅଛି'- ଏହି ପ୍ରକାର କର୍ତ୍ତୃତ୍ୱ ରହି ନ ଥାଏ । ସେହି ପ୍ରକାରେ 'ଚୈତନ୍ୟ' ହେଲା ଆତ୍ମାର ଧର୍ମ । ଏହି ଚୈତନ୍ୟ ରୂପୀ ଆତ୍ମାଙ୍କ ଉପସ୍ଥିତିରେ ସମସ୍ତ ବସ୍ତୁ ସ୍ୱତଃ ପ୍ରକାଶିତ ହୋଇଥାନ୍ତି । ସଚ୍ଚିଦାନନ୍ଦ ସ୍ୱରୂପ ଆତ୍ମାଙ୍କ ଦ୍ୱାରା ଶରୀର, ମନ, ବୁଦ୍ଧି ପ୍ରଭୃତି ପ୍ରକାଶିତ ହେଉଥିଲେ ମଧ୍ୟ, ମନର ପାପ, ବୁଦ୍ଧିର ବିକାର କିମ୍ବା ଶରୀରର ଅପରାଧ ଆଦି ଆତ୍ମାକୁ ସଂଶ୍ଳିଷ୍ଟ କରି ପାରନ୍ତି ନାହିଁ । ଭିନ୍ନ ଭିନ୍ନ ଅନ୍ତଃକରଣର ସମ୍ବନ୍ଧକୁ ନେଇ ଭିନ୍ନ ଭିନ୍ନ ଶରୀରରେ ଆତ୍ମା ଭିନ୍ନ ଭିନ୍ନ ରୂପରେ ବ୍ୟକ୍ତ ହୋଇଥିବା ପରି ପ୍ରତୀତ ହୋଇଥାଏ । ତଥାପି ତାହା ସୂର୍ଯ୍ୟଙ୍କପରି ସେମାନଙ୍କର କର୍ତ୍ତା ହୁଏ ନାହିଁ କି, କାରୟିତା ହୁଏ

ନାହିଁ ତଥା ସୁଖ-ଦୁଃଖ ରୂପକ ବୈଷମ୍ୟାଦି ଫଳରେ ଯୁକ୍ତ ହୁଏ ନହିଁ । ସେହି ଅବନାଶୀ ଆତ୍ମା ଶରୀରସ୍ଥ ହୋଇ ମଧ୍ୟ ପ୍ରତ୍ୟେକ ଅବସ୍ଥାରେ ସଦା ସର୍ବଦା ଶୁଦ୍ଧ ବିଜ୍ଞାନ ସ୍ୱରୂପ, ଅକର୍ତ୍ତା, ନିର୍ବିକାର, ସମ ଓ ନିରଞ୍ଜନ ହୋଇ ହିଁ ରହେ । ସେହି ପ୍ରକାରେ କ୍ଷେତ୍ରୀ (ପରମାତ୍ମା) ମଧ୍ୟ କ୍ଷେତ୍ର(ଶରୀର)ର ଧର୍ମରେ ଯୁକ୍ତ ହୁଅନ୍ତି ନାହିଁ କି, ଶରୀରର ସମସ୍ତ କ୍ରିୟା କରିବା ଓ କରାଇବାର କାରଣ ହୁଅନ୍ତି ନାହିଁ । ଶରୀର ଓ ତାହାଦ୍ୱାରା ସଂଘଟିତ କର୍ମ ସମୂହ ସଂସାରର କାମରେ ଆସେ, ଆତ୍ମା ସର୍ବଦା ଯଥାବତ୍ ଅସଙ୍ଗ ଓ ନିର୍ଲିପ୍ତ ରହେ । ଆତ୍ମା ଚିନ୍ମୟ ସତ୍ତା ମାତ୍ର । ଚିନ୍ମୟ ସତ୍ତା ସର୍ବଦା ପରିପୂର୍ଣ୍ଣ ଏବଂ ତାହା ପାଇଁ ଶରୀର ଓ ଶାରୀରିକ କ୍ରିୟାର କୌଣସି ପ୍ରୟୋଜନ ରହି ନ ଥାଏ । ବ୍ରହ୍ମ ସୂତ୍ରରେ ଏହାର ଉଲ୍ଲେଖ ରହିଛି କି, "ଗୁଣାଦ୍ବା ଲୋକବତ୍" ଅର୍ଥାତ୍ ଜୀବାତ୍ମା ଅଣୁ ହୋଇ ମଧ୍ୟ ଚିଦ୍ ଗୁଣ ଦ୍ୱାରା ସାରା ଶରୀରରେ ବ୍ୟାପ୍ତ ରହିଥାଏ । ଏଠାରେ କ୍ଷେତ୍ରୀ ଶବ୍ଦରେ ପରମାତ୍ମାଙ୍କୁ ନିର୍ଦ୍ଦେଶ କରାଯାଇଛି । କାରଣ ପରମାତ୍ମା ହିଁ ସମ୍ପୂର୍ଣ୍ଣ କ୍ଷେତ୍ରଜ୍ଞ ଅଟନ୍ତି । ଜୀବାତ୍ମା ଆଂଶିକ କ୍ଷେତ୍ରଜ୍ଞ ଅଟନ୍ତି । ଚିତ୍-ଜୀବ ଏକ-ଏକ ଶରୀରର କ୍ଷେତ୍ରଜ୍ଞ ଅଟନ୍ତି, କିନ୍ତୁ ପରମେଶ୍ୱର ଏକ ସମୟରେ ସମସ୍ତ କ୍ଷେତ୍ରର ସମ୍ପୂର୍ଣ୍ଣ କ୍ଷେତ୍ରଜ୍ଞ ଅଟନ୍ତି ।

କ୍ଷେତ୍ର କ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନ ଚକ୍ଷୁଷା ।
ଭୂତ ପ୍ରକୃତି ମୋକ୍ଷଂ ଚ ଯେ ବିଦୁର୍ଯାନ୍ତି ତେ ପରମ୍ ।।୩୫।।

*ଅନ୍ୱୟ: କ୍ଷେତ୍ର କ୍ଷେତ୍ରଜ୍ଞୟୋଃ (କ୍ଷେତ୍ର ଏବଂ କ୍ଷେତ୍ରଜ୍ଞ – ଶରୀର ଏବଂ ଆତ୍ମା - ଜୀବାତ୍ମା ଏବଂ ପରମାତ୍ମା - ସଂସାର ଏବଂ ଭଗବାନ) ଏବଂ (ଏହିପରି ଭାବରେ ) ଅନ୍ତରମ୍ (ପ୍ରଭେଦକୁ – ବିଭାଗକୁ) ଯେ (ଯେଉଁ ମହାତ୍ମା ଗଣ) ଜ୍ଞାନ ଚକ୍ଷୁଷା (ଜ୍ଞାନ ଚକ୍ଷୁ ଦ୍ୱାରା ଅର୍ଥାତ୍ ଜ୍ଞାନ ଲାଭ ଦ୍ୱାରା ) ଭୂତ-ପ୍ରକୃତି-ମୋକ୍ଷଂ (କାର୍ଯ୍ୟ ଓ କାରଣ ସମେତ ପ୍ରକୃତି ଜନିତ ବିକାର ଗୁଡିକଠାରୁ ସ୍ୱୟଂକୁ ପୃଥକ ବା ମୁକ୍ତ ବୋଲି) ବିଦୁଃ (ଜାଣନ୍ତି) ତେ (ସେମାନେ) ପରମ୍ (ପରମ ପଦ ପରମାତ୍ମାଙ୍କୁ) ଯାନ୍ତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ:** ଅଧ୍ୟାୟର ସାର ମର୍ମ ଏହି ଅନ୍ତିମ ଶ୍ଳୋକଟିରେ ପ୍ରତିପାଦିତ ହୋଇଅଛି । କ୍ଷେତ୍ର-କ୍ଷେତ୍ରଜ୍ଞ, ଜ୍ଞାନ-ଜ୍ଞେୟ, ପୁରୁଷ- ପ୍ରକୃତି, ସତ୍-ଅସତ୍, ନିତ୍ୟ-ଅନିତ୍ୟ ପ୍ରଭୃତିକୁ ପୃଥକ୍ ପୃଥକ୍ ଜାଣିବାର ନାମ 'ଜ୍ଞାନ ଚକ୍ଷୁ' ବାଚକ । ଜ୍ଞାନ ଚକ୍ଷୁ ଦ୍ୱାରା ଦେଖିବାର ଅର୍ଥ ହେଲା, ଶାସ୍ତ୍ର ଅଥବା ଗୁରୁଙ୍କ ପ୍ରସାଦରେ ବିବେକ ଦୃଷ୍ଟି ପ୍ରାପ୍ତ କରି ଅଧ୍ୟାତ୍ମ ଦୃଷ୍ଟିରେ ଦେଖିବା- ଯଥା : ଅଗ୍ନି ଓ କାଷ୍ଠ ମଧ୍ୟରେ ପାର୍ଥକ୍ୟକୁ ଗଭୀର ଭାବେ ଅନୁଶୀଳନ କଲେ ଜାଣି ପାରିବା ଯେ, 'କାଷ୍ଠ ଅଗ୍ନି ନୁହେଁ କି, ଅଗ୍ନି କାଷ୍ଠ ନୁହେଁ ' । ଆକାଶ ଓ ବାୟୁ, କାଷ୍ଠ ଓ ଅଗ୍ନି ମଧ୍ୟରେ ଯେଉଁ ପାର୍ଥକ୍ୟ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ସେହି ପାର୍ଥକ୍ୟ । ଶାସ୍ତ୍ର ଅଧ୍ୟୟନ, ଧ୍ୟାନବଳ, ଗୁରୁବାକ୍ୟ ପାଳନ ଓ ଗୁରୁ କୃପା ବଳରେ ସାଧକର ଜ୍ଞାନ ନେତ୍ର ଖୋଲିଥାଏ । ଏହି ଜ୍ଞାନ ଚକ୍ଷୁଦ୍ୱାରା ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇ ବିବେକ, ବୈରାଗ୍ୟ ସମ୍ପନ୍ନ ସାଧକ ପ୍ରକୃତି ଜନିତ ଗୁଣ ଓ ବିକାର ଗୁଡିକଠାରୁ ସ୍ୱୟଂ ପୃଥକ ବା ମୁକ୍ତ ବୋଲି ବୋଧ କରି ସର୍ବଦା ଆତ୍ମ-ସ୍ୱରୂପରେ ସ୍ଥିତ ହୋଇ ରହିଥାନ୍ତି । ପ୍ରକୃତିର ଆତ୍ୟନ୍ତିକ ଅଭାବକୁ ଅନୁଭବ କରିବାରେ ହିଁ ସାଧକ ପୂର୍ଣ୍ଣଜ୍ଞାନୀ ପୁରୁଷ ଭାବେ ବିବେଚିତ ହୁଏ । ଏହି କ୍ଷେତ୍ର ବା ଶରୀର ବିକାରୀ ଅଟେ ଯାହା ସେହିପରି ଭାବରେ ନ ରହି ପ୍ରତିକ୍ଷଣ ପରିବର୍ତ୍ତିତ ହୋଇଥାଏ । କ୍ଷେତ୍ରର ନିଜ ଚେତନା ବୋଲି କିଛି ନାହିଁ । ଏହା ସର୍ବଦା ସୀମିତ ଓ ପରିଣାମଶୀଳ । ଶରୀର ଭିତରେ ପ୍ରକୃତିର ତିନିଗୁଣ ଦ୍ୱାରା ଇନ୍ଦ୍ରିୟମାନେ କ୍ରିୟାଶୀଳ ହୋଇଥାନ୍ତି । ଅନ୍ୟ ପକ୍ଷରେ କେବଳ ବ୍ରହ୍ମ ହିଁ ଏକମାତ୍ର ପାରମାର୍ଥିକ ସତ୍ୟ, ଶୁଦ୍ଧ ଚୈତନ୍ୟ

ସ୍ୱରୂପ, ଅକର୍ତ୍ତା, ଅପରିଣାମୀ ଓ ଅନନ୍ତ । କିନ୍ତୁ ପ୍ରକୃତି ସହ ଅବିଦ୍ୟା ଜନିତ ମିଥ୍ୟା ତଦାତ୍ମ୍ୟ କାରଣରୁ ଆତ୍ମା ପ୍ରକୃତି ଦ୍ୱାରା ସମ୍ପାଦିତ କାର୍ଯ୍ୟ ଗୁଡିକ ସହିତ ସଂଶ୍ଲିଷ୍ଟ ବୋଲି ଧାରଣା କରି ପ୍ରତିଭାତ ହୁଏ । ମାନବ ଜୀବନର ପରମ ଲକ୍ଷ୍ୟ ହେଉଛି କି, କ୍ଷେତ୍ର-କ୍ଷେତ୍ରଜ୍ଞର ସ୍ୱରୂପ, କାର୍ଯ୍ୟ ସମ୍ବନ୍ଧକୁ ଜାଣି ନିଜ ଆତ୍ମା ସ୍ୱରୂପକୁ ଉପଲବ୍ଧ କରିବା । କ୍ଷେତ୍ର-କ୍ଷେତ୍ରଜ୍ଞର ଯଥାର୍ଥ ବିଚାର ଦ୍ୱାରା ପ୍ରାପ୍ତ ଆତ୍ମବୋଧ ସହାୟତାରେ ସଂସାର ପୂର୍ଣ୍ଣ ରୂପେ ନିବୃତ୍ତ ହୋଇ ପାରିବ । ସର୍ବତ୍ର ପରିପୂର୍ଣ୍ଣ ପ୍ରକାଶ ସ୍ୱରୂପ ପରମାତ୍ମାଙ୍କଠାରୁ ବିମୁଖ ହେବା କ୍ଷଣି ଅନ୍ଧକାର ସ୍ୱରୂପ ସଂସାରର ସ୍ୱତନ୍ତ୍ର ସତ୍ତା ଦେଖାଯାଏ ଏବଂ ନାନା ପ୍ରକାର ଭୟ ଉଦ୍ଭାସିତ କରାଏ । କିନ୍ତୁ ବାସ୍ତବିକ ସତ୍ୟ ଜ୍ଞାନ ହେବାପରେ ସଂସାରର ସ୍ୱତନ୍ତ୍ର ସତ୍ତା ଆଉ ରହି ନ ଥାଏ ଏବଂ ସମସ୍ତ ଭୟ ଦୂରୀଭୂତ ହୁଏ । ପରମାତ୍ମା ସମସ୍ତ ସ୍ଥାନ, କାଳ, ବସ୍ତୁ, ବ୍ୟକ୍ତି, ପରିସ୍ଥିତି ଇତ୍ୟାଦିରେ ଯଥାବତ୍ ପରିପୂର୍ଣ୍ଣ । ତେଣୁ ସଂସାରରୁ ସର୍ବଦା ସମ୍ବନ୍ଧ ଛିନ୍ନ ହୋଇଗଲେ ସ୍ୱତଃ ପରମାତ୍ମାଙ୍କ ଅନୁଭବ ହୁଏ । ଜ୍ଞାନୀ ପୁରୁଷ ଦୃଷ୍ଟିରେ ଏକମାତ୍ର ଚିନ୍ମୟ ତତ୍ତ୍ୱ ବିନା ଅନ୍ୟ କିଛି ନ ଥାଏ । ତତ୍ତ୍ୱବିତ୍ତ ପୁରୁଷ ଶରୀରକୁ ତୃଣତୁଲ୍ୟ ତୁଚ୍ଛ ଜ୍ଞାନ କରିଥାନ୍ତି । ଦଉଡିଟି ସାପ ବୋଲି ଯେତେବେଳେ ମନରୁ ଭ୍ରମ ଦୂର ହୋଇଯାଏ, ସେତେବେଳେ ଆନନ୍ଦ ସ୍ୱତଃ ଉପଲବ୍ଧ ହୁଏ । ସେହି ଭଳି କ୍ଷଣଭଙ୍ଗୁର ଶରୀର ଆତ୍ମା ନୁହେଁ, ଏହା ଭିନ୍ନ ଭିନ୍ନ ରୂପରେ ସମଗ୍ର ସଂସାରକୁ ବିସ୍ତାରିତ ହୋଇ ରହିଥିବା ମାୟା ରୂପିଣୀ ପ୍ରକୃତିର ଏକ ପସରା ବୋଲି ହୃଦୟଙ୍ଗମ ହୋଇଗଲେ ବ୍ରହ୍ମ ପ୍ରାପ୍ତି ସହଜ ହୋଇଯାଏ । କ୍ଷେତ୍ର ସହିତ କ୍ଷେତ୍ରଜ୍ଞର ଯେଉଁ ଏକତ୍ୱ ପ୍ରତୀତ ହୁଏ, ତାହା କେବଳ ଅଜ୍ଞାନ ମୂଳକ । ରାଜହଂସ ଜଳରୁ ଖିରକୁ ପୃଥକ କଲାଭଳି ଜ୍ଞାନୀ ଶରୀରଠାରୁ ଆତ୍ମାକୁ ପୃଥକ ଉପଲବ୍ଧି କରି ସାରିବାପରେ ଗୁଣ ପ୍ରକୃତିଠାରୁ ପୃଥକ ହୋଇଯାଇ ନିଜର ବାସ୍ତବିକ ପରମାତ୍ମା ସ୍ୱରୂପରେ ଅଭିନ୍ନ ଭାବେ ପ୍ରତିଷ୍ଠିତ ହୋଇ ରହେ । ଏହି ସ୍ଥିତିକୁ ପ୍ରକୃତି ଓ ତାହାରି କାର୍ଯ୍ୟରୁ ଜୀବାତ୍ମାର ମୁକ୍ତି ବୋଲି ଧରି ନିଆଯାଏ । ସ୍ୱପ୍ନରେ ଅନୁଭୂତ ହେଉଥିବା କ୍ଲେଶରୁ ଉଦ୍ଧାର ନିମିତ୍ତ ନିଦ୍ରାସ୍ଥିତିରୁ ଜାଗ୍ରତ ହୋଇଯିବା ହିଁ ଯେଉଁଭଳି ଏକମାତ୍ର ଉପାୟ, ଜ୍ଞାନୀ କ୍ଷେତ୍ର-କ୍ଷେତ୍ରଜ୍ଞର ବିଲକ୍ଷଣାତାକୁ ଜାଣିଯିବା ପରେ ଅଜ୍ଞାନ ସମେତ ପ୍ରକୃତି ଜନିତ ସମସ୍ତ ଦୃଶ୍ୟପ୍ରପଞ୍ଚ ଉଭେଇଯାଏ । ଆତ୍ମଜ୍ଞାନ ଉଦୟ ଫଳରେ ଆତ୍ମା ସହିତ ସଂଯୁକ୍ତ ଦେହାଭିମାନର ବିନାଶ ଘଟିଥାଏ । ଦେହାତ୍ମବୋଧ ଅର୍ଥାତ୍ ନଶ୍ୱର ଦେହର ଆତ୍ମବୋଧ ହିଁ ଅଜ୍ଞାନ ଯାହା ସଂସାର ବନ୍ଧନର କାରଣ । ଦେହାତ୍ମ ବିବେକ – ଅର୍ଥାତ୍ ଆତ୍ମା ଯେ ଦେହଠାରୁ ପୃଥକ- ଏହି ଜ୍ଞାନ ହେଉଛି ନିର୍ବାଣ ମୁକ୍ତି । କଥାମୃତ ଗ୍ରନ୍ଥରେ ଲେଖାଅଛି କି, "ଦେହ ପଞ୍ଚ ଭୂତରେ ତିଆରି ଏବଂ ଅବଶେଷରେ ସେହି ପଞ୍ଚ ଭୂତରେ ଲୀନ ହେବ । କିନ୍ତୁ ସେହି ପଞ୍ଚ ଭୂତରେ ନିର୍ମିତ ଶରୀରକୁ ଯିଏ ଜୀବନ୍ତ କରି ରଖିଥିଲା, ସେହି ଆତ୍ମାର ମୃତ୍ୟୁ ନାହିଁ । ସେହି ନିତ୍ୟ ନିରାକାର ଆତ୍ମାର ତତ୍ତ୍ୱ ବୁଝିନେଲାପରେ ଶରୀର-ବୁଦ୍ଧି ଜନିତ ସୁଖ-ଦୁଃଖ, ଜନ୍ମ-ମୃତ୍ୟୁ, ରୋଗ-ଶୋକାଦି କ୍ଲେଶ ସ୍ୱପ୍ନବତ୍ ବିନାଶ ଘଟେ" । ବେଦାନ୍ତବାଦୀଙ୍କ ମତରେ ଆତ୍ମା ନିର୍ଲିପ୍ତ । ଧୂଆଁ କାଚକୁ ମଇଳା କରିଦେଇପାରିଥାଏ, ମାତ୍ର କାଚରେ ଲାଗିଥିବା ମଇଳା ପ୍ରକାଶକୁ ସ୍ପର୍ଶ କରିପାରି ନ ଥାଏ । ଆତ୍ମା ସେହି ଭଳି ନିତ୍ୟ ଶୁଦ୍ଧ ଏବଂ ପ୍ରକାଶମୟ । ଅତଏବ ଦେହ ଓ ଆତ୍ମା ତଥା କ୍ଷେତ୍ର ଓ କ୍ଷେତ୍ରଜ୍ଞର ପ୍ରଭେଦ ଜ୍ଞାନ ହିଁ ପ୍ରକୃତ ଜ୍ଞାନ ଏବଂ ତାହାହିଁ ପରମାତ୍ମା ତତ୍ତ୍ୱ ବା ବ୍ରହ୍ମଜ୍ଞାନ ।

ଓଁ ତତ୍ସଦିତି ଶ୍ରୀମଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗଯୋଗ ନାମ ତ୍ରୟୋଦଶୋଽଧ୍ୟାୟଃ ।।୧୩।।

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗଯୋଗ ନାମକ ତ୍ରୟୋଦଶୋ ଅଧ୍ୟାୟ ପୂର୍ଣ୍ଣ ହେଲା ।। ୧୩।।

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

## ।। ଶ୍ରୀ ପରମାତ୍ମନେ ନମଃ ।।

## ଅଥ ଚତୁର୍ଦ୍ଦଶୋଧ୍ୟାୟଃ (ଚତୁର୍ଦ୍ଦଶ ଅଧ୍ୟାୟ )

## (ଗୁଣ-ତ୍ରୟ ବିଭାଗ ଯୋଗ )

ଶ୍ରୀ ଭଗବାନ ଉବାଚ

ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।

ଯଜ୍ଜ୍ଞାତ୍ୱା ମୁନୟଃ ସର୍ବେ ପରାଂସିଦ୍ଧିମିତୋ ଗତାଃ।।୧।।

*ଅନ୍ୱୟ : ଶ୍ରୀ ଭଗବାନ ଉବାଚ ( ଏହାପରେ ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ !) ଜ୍ଞାନାନାମ୍ (ଜ୍ଞାନ ମାନଙ୍କ ମଧ୍ୟରେ ) ଉତ୍ତମମ୍ (ଅତି ଉତ୍ତମ) ପରମ୍ ଜ୍ଞାନମ୍ (ସେହି ପରମ ଜ୍ଞାନକୁ) ଭୂୟଃ (ମୁଁ ପୁନର୍ବାର) ପ୍ରବକ୍ଷ୍ୟାମି (ତୁମକୁ କହିବି) ଯଜ୍ଜ୍ଞାତ୍ୱା (ଯାହାଜାଣି) ସର୍ବେ (ସମସ୍ତ) ମୁନୟଃ (ମୁନି ଋଷି ମାନେ) ଇତଃ (ଏହି ସଂସାରରୁ ମୁକ୍ତ ହୋଇ ) ପରାମ୍ ସିଦ୍ଧିମ୍ (ପରମ ସିଦ୍ଧିକୁ) ଗତାଃ (ପ୍ରାପ୍ତ ହୋଇଛନ୍ତି) ।*

**ଭାବାର୍ଥ**: ଶିଶୁଟିଏ ଯଥେଷ୍ଟ ପରିଣାମରେ ଖାଦ୍ୟ ନ ଖାଇବା ପର୍ଯ୍ୟନ୍ତ ମା' ଯେପରି ବୁଝାଇ ସୁଝାଇ ତାକୁ ଖୁଆଇଥାଏ, ସେହିପରି ଶିଷ୍ୟ ଅର୍ଜୁନଙ୍କ ଆତ୍ମଜ୍ଞାନ ନ ହେବା ପର୍ଯ୍ୟନ୍ତ ଗୀତାଚାର୍ଯ୍ୟ ଶ୍ରୀକୃଷ୍ଣ ସେହି ଜ୍ଞାନକୁ ବାରମ୍ବାର ପୁନରାବୃତ୍ତି କରିଛନ୍ତି । ବାସ୍ତବିକ ସଦଗୁରୁ ସର୍ବଥା ଶିଷ୍ୟର ପଛରେ ଲାଗି ରହିଥାନ୍ତି, ଯେଉଁ ପର୍ଯ୍ୟନ୍ତ ଶିଷ୍ୟ ଉଚିତ ମାର୍ଗରେ ସାଧନ ରତ ନ ହୋଇଛି । ଗୁଣମାନଙ୍କ ସମ୍ୟକ ଜ୍ଞାନ ବିନା ସାଧକ ନିଜର ଅନ୍ତରର ଦୋଷକୁ ଦୃଷ୍ଟିପାତ ତଥା ତାହାର ନିରାକରଣ ଉପାୟ ଲାଭ କରି ପାରିବ ନାହିଁ । ତ୍ରିଗୁଣ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ପ୍ରାପ୍ତ କରି ଅନେକ ମନନଶୀଳ ସାଧକ ସିଦ୍ଧିପ୍ରାପ୍ତ ହୋଇଛନ୍ତି । ଏକମାତ୍ର ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଅନୁଭବ ହୋଇଯିବା ହିଁ ପରମ ସିଦ୍ଧି ପ୍ରାପ୍ତି ଅଟେ । ପରମ ସିଦ୍ଧ ପ୍ରାପ୍ତ ହେଲେ କ୍ରିୟା ଓ ପଦାର୍ଥର ଅତ୍ୟନ୍ତ ଅଭାବ ହୋଇଯାଏ ଏବଂ ଏକ ଚିନ୍ମୟ ସତ୍ତା ବ୍ୟତୀତ ଅନ୍ୟ କୌଣସି ଜଡ ବସ୍ତୁ ରହେ ନାହିଁ । ପ୍ରକୃତି ଓ ପୁରୁଷର ପ୍ରଭେଦ ଦେଖାଉଥିବା, ପ୍ରକୃତିଠାରୁ ସ୍ୱୟଂକୁ ଅଭାବ କରାଇପାରୁଥିବା, ପରମାତ୍ମାତତ୍ତ୍ୱକୁ ଉପଲବ୍ଧ କରାଇପାରୁଥିବା- ଏହି ଜ୍ଞାନ ଶ୍ରେଷ୍ଠ ଓ ସର୍ବୋତ୍କୃଷ୍ଟ । ଅନ୍ୟ କୌଣସି ଜ୍ଞାନ ଏହାର ସମକକ୍ଷ ନୁହେଁ । ଅଧ୍ୟାତ୍ମଶାସ୍ତ୍ରର ସର୍ବକାଳୀନ ଏକ ସିଦ୍ଧାନ୍ତ ହେଲା କି, ଜଡ ପଦାର୍ଥକୁ ଚୈତନ୍ୟ ପ୍ରଦାନ କରୁଥିବା ତତ୍ତ୍ୱ ହେଉଛି ଆତ୍ମା ଏବଂ ଏହି ଆତ୍ମା ହେଉଛନ୍ତି ସର୍ବଥା ଏକ । ଏହି ନିତ୍ୟ ଚୈତନ୍ୟ ସ୍ୱରୂପ 'ଆତ୍ମା' ଜଡ ପ୍ରକୃତି ମାଧ୍ୟମରେ ବ୍ୟକ୍ତ ହେଲେ ବିବିଧତା ପୂର୍ଣ୍ଣ ବିଶ୍ୱର ଉତ୍ପତ୍ତି ଘଟେ । ଏକ ପରମାତ୍ମା ବିଭିନ୍ନ ଉପାଧିରେ ବିଭିନ୍ନ ଆକାରର ହୋଇ ଜୀବରୂପରେ ପ୍ରକଟ ହୋଇଥାନ୍ତି । ପ୍ରକୃତିର ତତ୍ତ୍ୱ ସମାନ ହୋଇଥିଲେ ବି ଏହି ବିସମତା ପୂର୍ଣ୍ଣ ବିବିଧତାର କାରଣ ହେଉଛି ମୂଳ ପ୍ରକୃତିରୁ ଉତ୍ପନ୍ନ ହୋଇଥିବା

ଗୁଣ । ଶୁଦ୍ଧାତ୍ମା ଗୁଣାତୀତ ଅବସ୍ଥାରେ ଥାଏ । ତିନି ଗୁଣ ମଧ୍ୟରୁ ପ୍ରତ୍ୟେକ ଗୁଣରେ ଅବସ୍ଥିତ ଜୀବାତ୍ମାର ଗତି ସେହି ଗୁଣମାନଙ୍କ ଅନୁରୂପ ହୋଇଥାଏ । ସକଳ କର୍ମ ଗୁଣମାନଙ୍କ ଦ୍ୱାରା କରାଯାଇଥାଏ । ଆତ୍ମା ସକଳ ଗୁଣରୁ ଅତୀତ ଏବଂ ଅକର୍ତ୍ତା । ଗୁଣମାନଙ୍କ ସହିତ ଏକାତ୍ମ୍ୟ କାରଣରୁ ଜୀବତ୍ମାକୁ ବାରମ୍ବାର ଭଲ-ମନ୍ଦ ଯୋନିଜନ୍ମ ପ୍ରାପ୍ତ ହୋଇଥାଏ । ପ୍ରତ୍ୟେକ ଜୀବ ନିକଟରେ ଏହି ତିନିଗୁଣ ବିଭିନ୍ନ ଅନୁପାତରେ ଏକତ୍ର ବିଦ୍ୟମାନ ଏବଂ ଜୀବ ଅନ୍ତରରେ ଏହି ତିନିଗୁଣ ଅହରହ କାର୍ଯ୍ୟ କରୁଥାନ୍ତି । ଜୀବ ବା ବ୍ୟକ୍ତିର ଅନ୍ତର୍ନିହିତ ଆଚରଣ ବା ବ୍ୟକ୍ତିତ୍ୱ ସତ୍ତ୍ୱ, ରଜ ଓ ତମ – ଏହି ତିନି ଗୁଣ ଜନିତ ଭାବ ଦ୍ୱାରା ପ୍ରଭାବିତ ହୋଇଥାଏ । ପରମ ପୂଜ୍ୟ ଶ୍ରୀ ଚିଦାନନ୍ଦ ମହାରାଜ, ତାଙ୍କରି 'ଦୈନିକ ସ୍ୱାଧ୍ୟାୟ'ରେ ଉଲ୍ଲେଖ କରିଛନ୍ତି କି -" ପ୍ରକୃତି ଅର୍ଥାତ୍ ବିଶ୍ୱ ପ୍ରକୃତି ତ୍ରିଗୁଣରେ ଗଠିତ ହୋଇଛି ଏବଂ ଯେହେତୁ ଆମେ ପ୍ରକୃତି ଭିତରେ ରହିଛୁ, ତେଣୁ ଆମେ ତ୍ରିଗୁଣର କ୍ରିୟା ପ୍ରତିକ୍ରିୟାକୁ ଧରି ଯଥା ସମ୍ଭବ ଚଳିବାକୁ ପଡିବ । ସେହି ତ୍ରିଗୁଣ ମଧ୍ୟରୁ ସତ୍ୱଗୁଣ ଉନ୍ନତିର ମାର୍ଗରେ ଚଳାଏ, ରଜଃଗୁଣ ନୈସର୍ଗିକ ସ୍ତରରେ ଧରି ରଖେ ଏବଂ ତମଃ ଅଧୋଗତି ଆଣିଦିଏ । ଏହି ତିନୋଟିଯାକ ଗୁଣ ଅପରିହାର୍ଯ୍ୟ । ତିନୋଟିଯାକ ଉଣାଅଧିକେ ଆବଶ୍ୟକ ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟିର ବିଧିବଦ୍ଧ କ୍ରିୟା ରହିଛି । ସେମାନଙ୍କର ଯଥାର୍ଥ ଆବଶ୍ୟକତା ମଧ ରହିଛି । ସେହି ଆବଶ୍ୟକତାଟି କ'ଣ ? ସକଳ ପ୍ରାଣୀଙ୍କ ଦେହ, ମନ, ବିଚାର, ଆବେଶ, ଆବେଗ ଓ କର୍ମ ଭିତରେ ରହିଛି ତ୍ରିଗୁଣ । ତ୍ରିଗୁଣ ନ ରହିଲେ କେହି ବି ତିଷ୍ଠି ରହିବେ ନାହିଁ; କି ଠିକ୍ ରୂପେ କର୍ମ କରିପାରିବେ ନାହିଁ । ସେମାନେ ଆମକୁ ଶୋଧନ କରନ୍ତି; ପରୀକ୍ଷା କରନ୍ତି; ନିଜର ପ୍ରଭାବ ଦେଖାଇ ପ୍ରତିଦ୍ୱନ୍ଦିତାଛଳରେ କଷନ୍ତି । ମୁଖ୍ୟତଃ ସତ୍ୱକୁ ହିଁ ଗ୍ରହଣ କରି, ରଜକୁ କିଛି ମାତ୍ରାରେ ଉପଯୁକ୍ତ ଭାବରେ ଗ୍ରହଣ କରି 'ତମ'କୁ ଯଥା ସମ୍ଭବ  ତ୍ୟାଗ କରିଦେବା ଆବଶ୍ୟକ" । ଗୁଣର ଆସକ୍ତି ହିଁ ଜୀବର ଶୁଭ-ଅଶୁଭ ଯୋନିଜନ୍ମର କାରଣ । ଏହି ତିନି ଗୁଣର ପ୍ରଭାବ ମାୟା ନାମରେ ଅଭିହିତ । ଗୁଣମାନଙ୍କ ପ୍ରଭାବରୁ ଯଥା ସମ୍ଭବ ନିବୃତ୍ତ ରହିବା ଅନନ୍ୟ ଭକ୍ତିର ଲକ୍ଷଣ । ଅତଏବ, ଏହି ଗୁଣ ଗୁଡିକର ପ୍ରଭାବ ଓ ଲକ୍ଷଣଗୁଡିକୁ ଯଥାର୍ଥ ରୂପେ ଜାଣି ସଜାଗ ହେଲେ ମନୁଷ୍ୟ ନିଜର ଦୁଷ୍ଟ, ଆସୁରିକ ପ୍ରବୃତ୍ତି, ଅନୈତିକ ଇଚ୍ଛା ଏବଂ ପାଶବିକ ବାସନା ତ୍ୟାଗ କରି, ଆତ୍ମ ସଂଯମ, ସଦାଚାର ଏବଂ ସତ୍ ଜୀବନଯାପନ କରି ପରମ ଶାନ୍ତି ପ୍ରାପ୍ତ କରି ନେବାରେ ସମର୍ଥ ହୋଇ ପାରିବ । ଯେଉଁ ପର୍ଯ୍ୟନ୍ତ ସାଧକ  କର୍ତ୍ତାପନ ଏବଂ ଭୋକ୍ତାପନ – ଏହି ଦୁଇଟି ମାନସିକ ଧାରଣାରୁ ସ୍ୱୟଂକୁ ନିବୃତ୍ତ କରିପାରି ନାହିଁ, ସେ ପର୍ଯ୍ୟନ୍ତ ଗୁଣ ମାନଙ୍କ ପ୍ରଭାବ ଅନ୍ତଃକରଣରେ ଅବଶ୍ୟ ବିଭିନ୍ନ ବିକାର ସୃଷ୍ଟି କରିବାରେ ସମର୍ଥ ହୋଇ ରହିବେ । ସମସ୍ତ କାର୍ଯ୍ୟ କ୍ଷେତ୍ରରେ ନିଜଠାରେ କୌଣସି ଗୁଣର ଲେପ ରହିବାକୁ ଦିଆଯିବା ଉଚିତ ନୁହେଁ । ଗୁଣମାନଙ୍କ ଲକ୍ଷଣ ଦ୍ୱାରା ପ୍ରଭାବିତ ନ ହୋଇ ସର୍ବଥା ସମତ୍ୱ ଚିତ୍ତରେ ସ୍ୱୟଂରେ ସ୍ଥିତହୋଇ ଅବିଚଳିତ ଓ ନିର୍ଭୀକ ଭାବେ ନିଜ କର୍ତ୍ତବ୍ୟ କର୍ମ ସମ୍ପାଦନ ଦ୍ୱାରା ଜୀବନରେ ପତନ କଦାପି ଆସି ନଥାଏ ।

ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ  ସାଧର୍ମ୍ୟମ୍  ଆଗତାଃ ।
ସର୍ଗେ ଅପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ॥୨॥

*ଅନ୍ୱୟ: ଇଦଂ ଜ୍ଞାନମ୍ (ଏହି ଜ୍ଞାନକୁ) ଉପାଶ୍ରିତ୍ୟ (ଆଶ୍ରୟ କରି ଅର୍ଥାତ୍ ଧାରଣକରି) ମମ (ଯେଉଁ ପୁରୁଷ ମୋର) ସାଧର୍ମ୍ୟମ୍ (ସଧର୍ମତା ଅର୍ଥାତ୍ ମୋର ତ୍ରିଗୁଣାତୀତ ଅବସ୍ଥା ) ଆଗତାଃ (ପ୍ରାପ୍ତ ହୋଇଛନ୍ତି) ସର୍ଗେ ( ସେହିମାନେ ସୃଷ୍ଟିର ଆରମ୍ଭରେ ) ନ*

*ଉପଯାୟନ୍ତେ (ପୁନଶ୍ଚ ଉତ୍ପନ୍ନ ହୋଇ ନଥାନ୍ତି) ଚ (ଏବଂ) ପ୍ରଳୟେ ଅପି ( ମହା ପ୍ରଳୟରେ ମଧ୍ୟ ) ନ ବ୍ୟଥନ୍ତି (ବ୍ୟଥିତ ଅର୍ଥାତ୍ ବ୍ୟତିବସ୍ତ ହୋଇ ନଥାନ୍ତି )।*

**ଭାବାର୍ଥ**: ଏହି ଜ୍ଞାନକୁ ଧାରଣ କରିଥିବା ଅର୍ଥାତ୍ ଉତ୍ତମ ରୂପେ ଉପଲବ୍ଧ କରି ପାରିଥିବା ସେହି ସଦାଚାରୀ ଜ୍ଞାନୀ ପୁରୁଷ ମୋର ସାଧର୍ମ୍ୟତାକୁ ପ୍ରାପ୍ତ କରିଥାଏ । ମୁଁ ଯେଉଁ ପ୍ରକାରେ ନିତ୍ୟ, ଶୁଦ୍ଧ, ମୁକ୍ତ ସ୍ୱରୂପ, ଜରା-ମରଣଠାରୁ  ସର୍ବଦା ମୁକ୍ତ- ଏହିସବୁ ତାହାକୁ ପ୍ରାପ୍ତ ହୋଇଯାଇଥାଏ । ଏହି ଜ୍ଞାନଙ୍କୁ ଆଶ୍ରୟ କରିବା ତାତ୍ପର୍ଯ୍ୟ ହେଉଛି, ସେହି ଜ୍ଞାନ ଅନୁଭବ ହୋଇଗଲେ ସମସ୍ତ ସଂଶୟ ଦୂର ହୋଇଯାଏ ଏବଂ ସେହି ସାଧକ ସ୍ୱୟଂ ଜ୍ଞାନ ସ୍ୱରୂପ ହୋଇଯାଆନ୍ତି । ମୋରିଠାରେ ଯେପରି କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନ ଥାଏ , ସେହିପରି ସେହି ଜ୍ଞାନୀ ପୁରୁଷଙ୍କୁ ମଧ୍ୟ ସର୍ବଥା ନିର୍ଲିପ୍ତତା ଓ ନିର୍ବିକାରତା ଅନୁଭବ ହୁଏ । ଏହି ଜ୍ଞାନ ପ୍ରାପ୍ତ କରିବାକୁ ହେଲେ ବ୍ୟକ୍ତିକୁ ସମସ୍ତ ଦିବ୍ୟଗୁଣର ଅଧିକାରୀ ହେବାକୁ ପଡେ । ଯେଉଁ ବ୍ୟକ୍ତି ଏହି ଦିବ୍ୟଗୁଣ ସବୁର ଅଧିକାରୀ ହୁଏ, ସେ ସୃଷ୍ଟି ଆରମ୍ଭରେ କିମ୍ବା ସଂସାର ବିନାଶ କାଳରେ କୌଣସି ପ୍ରକାର ବିଚଳିତ ହୋଇ ନ ଥାଏ । ଲୁଣ ପୁଡିଆଟିଏ ସମୁଦ୍ରକୁ ଫୋପାଡି ଦେଲାପରେ ଏହାର ସ୍ୱତନ୍ତ୍ରତା ରହି ନ ଥାଏ, ବରଂ ତାହା ନିଜର ମୂଳ ସ୍ଥାନକୁ ପ୍ରାପ୍ତ ହୋଇଥାଏ । ତତ୍ତ୍ୱଜ୍ଞାନୀ ବ୍ରହ୍ମ ସହିତ ଏକାକାର ହୋଇଗଲାପରେ ପ୍ରକୃତି ଓ ବିକାରର ଉର୍ଦ୍ଧ୍ୱ ସ୍ଥିତିକୁ ପ୍ରାପ୍ତ କରିଥାଏ । ତତ୍ତ୍ୱଜ୍ଞାନୀ ଆଉ କର୍ମ ପରବଶହୋଇ ଶରୀର ଧାରଣ କରିବାକୁ ପଡେ ନାହିଁ । 'ମମ ସାଧର୍ମ୍ୟମାଗତାଃ' ପଦର ଅର୍ଥ ହେଲା, ପରମାତ୍ମା ଯେପରି ସଚ୍ଚିଦାନନ୍ଦ ସ୍ୱରୂପ, ତାଙ୍କୁ ପ୍ରାପ୍ତ ପ୍ରାପ୍ତହୋଇଥିବା ଜ୍ଞାନୀ ମହାପୁରୁଷ ମଧ୍ୟ ସେହିପରି ସଚ୍ଚିଦାନନ୍ଦଘନ ସ୍ୱରୂପ ହୋଇଯାଆନ୍ତି । ଜ୍ଞାନୀ ପୁରୁଷ ଭଗବାନଙ୍କ ଦିବ୍ୟସେବାରେ ନିଯୁକ୍ତ ହୋଇ ସର୍ବଦା ପରମେଶ୍ୱରଙ୍କ ପଦାରବିନ୍ଦକୁ ଦର୍ଶନ କରୁଥାନ୍ତି । ପ୍ରକୃତି ଓ ପୁରୁଷର ସ୍ୱରୂପକୁ ବୁଝି, ଗୁଣମାନଙ୍କ ସହିତ ପ୍ରକୃତିରୁ ସର୍ବଥା ଅତୀତ ହୋଇଯିବା ଏବଂ ନିର୍ଗୁଣ ନିରାକାର ସଚ୍ଚିଦାନନ୍ଦ ପରମାତ୍ମା ସ୍ୱରୂପରେ ଅଭିନ୍ନ ଭାବେ ସ୍ଥିତ ରହିବା ହିଁ ଏହି ଜ୍ଞାନଙ୍କୁ ଧାରଣ କରି ରହିବା । ଘଟ ଭାଙ୍ଗିଗଲେ ଘଟ ଭିତରେ ରହିଥିବା ଶୂନ୍ୟତା ବା ଆକାଶ ମହାକାଶ ହୋଇଯାଇ ଦ୍ୱୈତଭାବ ଲୋପ ପାଇଥାଏ । 'ମୁଁ' ଓ 'ତୁମେ' ଆଦି ଭେଦଭାବ ଦୂର ହୋଇ ନାମ ଓ ପଦାର୍ଥ ଗୋଟିଏ ଗୁଚ୍ଛରେ ଅବସ୍ଥାନ କରନ୍ତି । "ବ୍ରହ୍ମବେଦ ବ୍ରହ୍ମବୈବ ଭବତି"- ଶ୍ରୁତିରେ ବ୍ରହ୍ମକୁ ଜାଣିବା ପୁରୁଷ ବ୍ରହ୍ମରୂପ ହୋଇଯାଇ ଥାଆନ୍ତି ବୋଲି ଉଲ୍ଲେଖ ରହିଛି । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତରେ 'ସାଧର୍ମ୍ୟ'ର ଅର୍ଥ କେବଳ ସମ ଧର୍ମ ନୁହଁ, ଏହାର ଅର୍ଥ ହେଉଛି ସତ୍ୟ ସହିତ ସ୍ୱରୂପତା । ଆତ୍ମ୍ ଦର୍ଶନ ଦ୍ୱାରା ଜୀବଭାବ ସମାପ୍ତ ହୋଇ ଚୈତନ୍ୟ ପ୍ରାପ୍ତ ଯାହାକି ଆଧ୍ୟାତ୍ମିକ ପୂର୍ଣ୍ଣାବସ୍ଥା – ତାହା ପ୍ରାପ୍ତ ହୋଇଥାଏ । ସେହି ମୁହୂର୍ତ୍ତରେ ଜୀବ ତିନିଗୁଣ ପ୍ରଭାବରୁ ମୁକ୍ତ ହୋଇ ପାରମାର୍ଥିକ ସ୍ୱରୂପ ଅନୁଭବ କରିବାକୁ ସମର୍ଥ ହୁଏ । ଆତ୍ମ୍ ଜ୍ଞାନ ପ୍ରାପ୍ତ ହେଲାପରେ ସାଧକର ଅନେକ ଗୁଣ ଆଂଶିକ ରୂପରେ ଶ୍ରୀ ଭଗବାନଙ୍କ ସମାନ ହୋଇଯାଏ । ମୁକ୍ତିର ପରେ ମଧ୍ୟ ଅନନ୍ୟ ଭକ୍ତଗଣ ନିଜର ସ୍ୱରୂପକୁ ତ୍ୟାଗ କରି ନଥାନ୍ତି । ସ୍ୱରୂପରେ ପ୍ରତିଷ୍ଠିତ ହୋଇ ନିତ୍ୟ ନିରନ୍ତର ଭଗବାନଙ୍କ ଚରଣ କମଳରେ ପ୍ରେମମୟୀ ସେବାରେ ତତ୍ପର ହୋଇ ରହିଥାନ୍ତି । ସାଧାରଣ ଚୈତନ୍ୟର ଅବସ୍ଥା ଅତିକ୍ରମ କରିଥିବା ସାଧକଙ୍କର ପରିଚ୍ଛିନ୍ନ ଭାବ ଓ ଉପାଧି ସହିତ ତାଦାତ୍ମ୍ୟ ଜନିତ ଦୁଃଖ ରହି ନଥାଏ । ଜ୍ଞାନୀ ପୁରୁଷ ମୋର ସ୍ୱରୂପକୁ  ପ୍ରାପ୍ତ ହୋଇ ଶାଶ୍ୱତ ହୋଇଯାନ୍ତି, ଅମର ହୋଇଯାନ୍ତି, ସିଦ୍ଧ ହୋଇଯାନ୍ତି । ଆବଶ୍ୟକ ସାଧନ

କରି କରି ଆତ୍ମଜ୍ଞାନ ଲାଭ କରିବା ମାଧ୍ୟମରେ ସେମାନେ ମୋଠାରୁ ଅଭିନ୍ନ ହୋଇଯିବା ଫଳରେ ସୃଷ୍ଟିର ପ୍ରାରମ୍ଭରେ ଆଉ ଜନ୍ମ ହୁଅନ୍ତି ନାହିଁ କି, ପ୍ରଳୟ କାଳରେ ଦୁଃଖ ଯନ୍ତ୍ରଣାରେ ପୀଡିତ ହୁଅନ୍ତି ନାହିଁ । ପୁରାଣରେ ଲେଖା ରହିଛି- ମହାପ୍ରଳୟ ଯେବେ ଆସିବାକୁ ଥାଏ, କ୍ରମାଗତ ଭାବେ ଶହେ ବର୍ଷ ପର୍ଯ୍ୟନ୍ତ ବୃଷ୍ଟି ହୋଇ ନଥାଏ । ଧରଣୀ ଉପରେ ଆପେ ଆପେ ଅଗ୍ନି ସଂଯୋଗ ହୋଇଯାଏ । ଅଗ୍ନି ମଧ୍ୟ ଶହେ ବର୍ଷ ପର୍ଯ୍ୟନ୍ତ ଲାଗି ରହିଥାଏ । ଶହେ ବର୍ଷ ପର୍ଯ୍ୟନ୍ତ ଅତ୍ୟଧିକ ବୃଷ୍ଟି ମଧ୍ୟ ଲାଗି ରହିଥାଏ । ଏହାର ନିରାକରଣ ନିମିତ୍ତ ଯେ କୌଣସି ପ୍ରକାର ପ୍ରୟାସ, ପ୍ରଚେଷ୍ଟା ବୃଥା ହୋଇଥାଏ । ଏହି ମହାପ୍ରଳୟ ସମୟରେ ତତ୍ତ୍ୱଦର୍ଶୀ କୌଣସି ଶାରୀରିକ, ମାନସିକ ବ୍ୟଥା ପ୍ରାପ୍ତ କରି ନ ଥାଏ । ସର୍ବଥା ସେ' ତଦାକାର ଆତ୍ମସ୍ଥ ହୋଇ ରହିଥାଏ । ତତ୍ତ୍ୱଜ୍ଞାନୀ ପୁରୁଷ ଶରୀର ଅନ୍ତ ସମୟରେ ବ୍ୟାକୁଳ ହୋଇ ନଥାଏ । କାରଣ ମହାପୁରୁଷର ଶରୀର ଅନ୍ତ ସେହି ଦିନ ହୋଇ ଯାଇଥାଏ, ଯେବେ ସେ' ସ୍ୱରୂପକୁ ପ୍ରାପ୍ତ ହୋଇ ଥାଏ । ତାହାପରେ ତାହାରି ଶରୀର କେବଳ ଏକ ଆତ୍ମାର ନିବାସ ସ୍ଥଳ ହୋଇ ରହିଯାଇଥାଏ । ତତ୍ତ୍ୱଜ୍ଞାନୀ ପୁରୁଷ ନିଜର ଏହି ସର୍ବବ୍ୟାପକ ସ୍ୱରୂପକୁ ଚିହ୍ନି ପାରିବା ଦ୍ୱାରା ତାହାରି ଶରୀରର ଉତ୍ପତ୍ତି ବା ବିଲୟର କୌଣସି ଗୁରୁତ୍ୱ ରହି ନ ଥାଏ କିମ୍ବା ଏହି ପୂର୍ଣ୍ଣ ମୁକ୍ତିର ସ୍ଥିତିରେ ମୃତ୍ୟୁର ଭୟ ଅନୁଭୂତ ହୋଇ ନ ଥାଏ ।

ମମ ଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍ ।
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ॥୩॥

*ଅନ୍ୱୟ: ଭାରତ (ହେ ଭରତ ବଂଶଜ ଅର୍ଜୁନ!) ମହତ୍ ବ୍ରହ୍ମ(ମହତ୍ ବ୍ରହ୍ମ ସ୍ୱରୂପ ମୂଳପ୍ରକୃତି ଅର୍ଥାତ୍ ତ୍ରିଗୁଣମୟୀ ମାୟା) ମମ (ମୋର) ଯୋନିଃ (ସକଳ ଭୂତର ଗର୍ଭାଧାନର ସ୍ଥାନ ବା ଉତ୍ପତ୍ତି ସ୍ଥଳ) ତସ୍ମିନ୍ (ତହିଁରେ -ସେହି ଯୋନିରେ) ଅହମ୍ (ମୁଁ) ଗର୍ଭଂ (ସୃଷ୍ଟି ତଥା ଚେତନା ସମୁଦାୟ ରୂପକ ବୀଜକୁ) ଦଧାମି (ଅର୍ପଣ ବା ସ୍ଥାପନ କରେ) ତତଃ (ସେଇଥିରୁ ଅର୍ଥାତ୍ ସେହି ଜଡ ଚେତନ ସଂଯୋଗ ବା ଗର୍ଭାଧାନରୁ) ସର୍ବ ଭୂତାନାମ୍ (ସକଳ ପ୍ରାଣୀଙ୍କର) ସମ୍ଭବଃ (ଉତ୍ପତ୍ତି ବା ଜନ୍ମ ) ଭବତି (ହୋଇଥାଏ ) ।*

**ଭାବାର୍ଥ**: ହେ ଭରତ ବଂଶଜ ଅର୍ଜୁନ ! ମୋର ବ୍ୟାପକ ବ୍ରହ୍ମ ସ୍ୱରୂପ ମୂଳ ପ୍ରକୃତି ଅର୍ଥାତ୍ ତ୍ରିଗୁଣମୟୀ ମାୟା ସକଳ ପ୍ରାଣୀଙ୍କର ଗର୍ଭଧାନ ବା ଉତ୍ପତ୍ତି ସ୍ଥାନ ଅଟେ । ସେହି ଉତ୍ପତ୍ତି ସ୍ଥଳରେ ମୁଁ ସୃଷ୍ଟିର ଚେତନା ସମୁଦାୟ ରୂପକ ବୀଜକୁ ସ୍ଥାପନ କରେ । ସେହି ଗର୍ଭ ସ୍ଥାପନାରୁ ଅର୍ଥାତ୍ ଜଡ ଓ ଚେତନ ସଂଯୋଗରୁ ସମସ୍ତ ପ୍ରାଣୀଙ୍କର ଜନ୍ମ ବା ଉତ୍ପତ୍ତି ଘଟେ । ପ୍ରାଣୀ ମାନଙ୍କ ଶରୀରରେ ଉପାଦାନ କାରଣ ଓ ଗର୍ଭଧାନର ଅଧାରକୁ ଯୋନି କୁହାଯାଏ । ପ୍ରତ୍ୟେକ ପ୍ରାଣିର ଉତ୍ପତ୍ତିର କ୍ରମ ଏହା କି, ଯୋନିରେ ବୀଜର ଅର୍ପଣ ବା ସ୍ଥାପନ ହୁଏ । ସେହି ଗର୍ଭସ୍ଥିତ ବୀଜ ସମୟକ୍ରମେ ପୋଷଣ ପ୍ରାପ୍ତ କରି ପ୍ରାଣୀ ଶରୀର ରୂପରେ ପ୍ରକଟ ହୁଏ । ଯେଉଁ ଗର୍ଭଧାନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ସମସ୍ତ ପ୍ରାଣୀଙ୍କ ଉତ୍ପତ୍ତି ଦେଖାଯାଏ, ସେହି ପ୍ରକ୍ରିୟା ଏହି ସମ୍ପୂର୍ଣ୍ଣ ସୃଷ୍ଟି ଆଦି ଉତ୍ପତ୍ତିର ବିଷୟରେ ଭଗବାନ କହିଛନ୍ତି । "ଯଦ୍ୟତ୍ ପିଣ୍ଡେ ତତ୍ତଦ୍ ବ୍ରହ୍ମାଣ୍ଡେ"- ଅର୍ଥାତ୍ ପ୍ରାଣୀ-ପିଣ୍ଡରେ ସୃଷ୍ଟି ଆଦିର ଯେଉଁ କ୍ରମ ଦେଖାଯାଇଥାଏ, ସମସ୍ତ ବ୍ରହ୍ମାଣ୍ଡର ମଧ୍ୟ ସେହି କ୍ରମ । ପରମାତ୍ମାଙ୍କଠାରୁ ଅଭିନ୍ନ ସଂସାରରେ ସବୁଠାରୁ ବଡ ବ୍ୟାପକ ତତ୍ତ୍ୱ ହେଲା ମୂଳ ପ୍ରକୃତି । ପରମାତ୍ମାଙ୍କ ବ୍ୟତୀତ ଏହାଠାରୁ ବଳି ଅନ୍ୟ କୌଣସି ବ୍ୟାପକ ତତ୍ତ୍ୱ ନାହିଁ । ପ୍ରକୃତି ହେଉଛି ପଞ୍ଚ ତନ୍ମାତ୍ରା ଏବଂ ବିଶ୍ୱମନର ମଧ୍ୟ ବିଶ୍ରାମ ସ୍ଥଳ । ତିନିଗୁଣ ଦ୍ୱାରା ଗଠିତ ଏହି ପ୍ରକୃତି ହେଉଛି ସକଳ ଜୀବ ସୃଷ୍ଟିର କାରଣ । 'ମହତ୍' – ମହତ୍ତତ୍ତ୍ୱ ଅର୍ଥାତ୍ ସମଷ୍ଟି ବୁଦ୍ଧି

ଓ ବ୍ରହ୍ମ (ପରମାତ୍ମା)ଙ୍କ ମଧ୍ୟବର୍ତ୍ତୀ ହୋଇଥିବାରୁ ମୂଳ ପ୍ରକୃତିକୁ ମହତ୍ ବ୍ରହ୍ମ କୁହାଯାଇଅଛି । ମୂଳ ପ୍ରକୃତି ବା ଅବ୍ୟକ୍ତ ହେଉଛି ଅନନ୍ତ ସମ୍ଭାବନାର ପୂର୍ଣ୍ଣ ଏକ ବିରାଟ ଗୂଢଗର୍ଭ । ତାହା କୌଣସି ପଦାର୍ଥ ନୁହେଁ । ମହାସର୍ଗ କାଳରେ ଏହି ଗୂଢ ଗର୍ଭରୁ ଅନନ୍ତ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ ଏବଂ ମହା ପ୍ରଳୟ କାଳରେ ସମଗ୍ର ବ୍ରହ୍ମାଣ୍ଡ ସେହି ଗୂଢ ଗର୍ଭରେ ବିଲୀନ ହୁଅନ୍ତି । ସେତେବେଳେ ତାହା ସହିତ ଆଉ ତ୍ରିଗୁଣର କୌଣସି ସମ୍ବନ୍ଧ ରହି ନ ଥାଏ । ଜଡ ଜଗତ ଯେଉଁ ତତ୍ତ୍ୱରୁ ଉଦ୍ଭବ ହୋଇଅଛି, ସେହି ମୂଳ ପ୍ରକୃତି ହେଉଛି 'ମହାନ୍ କାରଣ' ଏବଂ ସମଗ୍ର ବିଶ୍ୱ ହେଉଛି ଏହାର 'କାର୍ଯ୍ୟ' । ମୁଣ୍ଡକ ଉପନିଷଦ୍ (୧-୧-୯)ରେ ଏ ସମଗ୍ର ଭୂତ ପ୍ରକୃତିକୁ 'ମହତ୍ ତତ୍ତ୍ୱ' ବୋଲି ବର୍ଣ୍ଣନା କାରାଯାଇଛି । ସମସ୍ତ ଦୃଶ୍ୟ ଜଗତର କାରଣ ହେଲା 'ମହାନ୍-ତତ୍ତ୍ୱ' ଏବଂ ଯେହେତୁ ଏହି ସମସ୍ତ ଭୌତିକ କାରଣରେ ପ୍ରକୃତିର ତିନିଗୁଣ ବିଦ୍ୟମାନ, ତେଣୁ ଏହାକୁ 'ବ୍ରହ୍ମନ୍' କୁହାଯାଏ । 'ତସ୍ମାଦ୍ ଏତଦ୍ ବ୍ରହ୍ମ ନାମ ରୂପମ୍ ଅନ୍ନଂ ଚ ଯାୟତେ' – ଅର୍ଥାତ୍ ସେହି ବ୍ରହ୍ମନ୍ ମଧ୍ୟରେ ପରମ ପୁରୁଷଙ୍କ ଦ୍ୱାରା ଜୀବ ମାନଙ୍କର ବୀଜ ସଂଚାର ହୁଏ । ପୁନଶ୍ଚ ପ୍ରକୃତିରୁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ନାମ ରୂପ ଜଗତର ଭରଣ ପୋଷଣ ଏହି ପ୍ରକୃତି ହିଁ କରିଥାଏ । ସମଷ୍ଟି ବାସନା, ବିଚାର, ଭାବନା ଏବଂ କର୍ମର ସଂଘଟିତ ରୂପ ହେଉଛି ସେହି ମୂଳ ପ୍ରକୃତି ଯାହାକୁ ବେଦାନ୍ତରେ ମହତ୍ ବ୍ରହ୍ମ ନାମରେ ନାମିତ କରାଯାଇଛି । ଶ୍ରୀ ଭେଙ୍କଟନାଥଙ୍କ ବ୍ରହ୍ମାନନ୍ଦଗିରି ବ୍ୟାଖ୍ୟାରେ କୁହାଯାଇଛି କି, ଯୋନି ରୂପ ପ୍ରକୃତି ଦେଶ ଓ କାଳ ଦ୍ୱାରା ସୀମିତ ନ ହେବା କାରଣରୁ 'ମହତ୍' କୁହାଯାଇଛି । ଏହି ବ୍ୟାପକ ତତ୍ତ୍ୱସ୍ୱରୂପ ସତ୍ତ୍ୱ, ରଜ, ତମୋ ଗୁଣାତ୍ମିକ ହୋଇଥିବାରୁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଏହା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ବେଦ, ଶ୍ରୁତିରେ ଏହାକୁ କେଉଁ କେଉଁ ସ୍ଥାନରେ ଯୋଗଶକ୍ତି ବା ତ୍ରିଗୁଣମୟୀ ମାୟା ନାମରେ ସୂଚିତ କରାଯାଇଛି । ମାୟାର ସ୍ୱରୂପ ହେଲା ଅଜ୍ଞାନ ବା ଅବିଦ୍ୟା । ଜୀବ ଏବଂ ଈଶ୍ୱରଙ୍କ ମଧ୍ୟରେ ପ୍ରଭେଦ ହେଉଛି କି, ଜୀବ ଅଜ୍ଞାନ କାରଣରୁ ମାୟାର ଅଧୀନ, କିନ୍ତୁ ଈଶ୍ୱର ମାୟାକୁ ନିଜର ବଶରେ ରଖନ୍ତି । ମହାପ୍ରଳୟ ସମୟରେ ସକଳ ଜୀବଜଗତ ନିଜ ନିଜର ସଂସ୍କାର ମାନଙ୍କ ସହିତ ପରମାତ୍ମାଙ୍କଠାରେ ସ୍ଥିତ ମୂଳ ପ୍ରକୃତିରେ ବିଲୀନ ହୋଇଥାନ୍ତି । ମହାସର୍ଗର ଆଦିରେ ପରମେଶ୍ୱରଙ୍କ ଠାରେ ସ୍ଥିତ ସେହି ଜୀବ ସମୁଦାୟକୁ ପ୍ରକୃତି ସହିତ ବିଶେଷ ସମ୍ବନ୍ଧିତ କରାଇଦେବା ହିଁ ଚେତନ ସମୁଦାୟର ଗର୍ଭକୁ ପ୍ରକୃତି ରୂପକ ଯୋନିରେ ସ୍ଥାପନ କରିବା । ଉପରୋକ୍ତ ଜଡ ଓ ଚେତନର ସଂଯୋଗରେ ନିଜ ନିଜ କର୍ମ ସଂସ୍କାର ଅନୁସାରେ ଦେବ, ମନୁଷ୍ୟ, ପଶୁ, ପକ୍ଷୀ, ଆଦି ଭିନ୍ନ ଭିନ୍ନ ଆକୃତି ନେଇ ସକଳ ଜୀବ ପ୍ରକଟ ହୋଇଥାନ୍ତି । ପ୍ରକୃତି ଓ ଜୀବ ରୂପ ପୁରୁଷର ଏହି ସଂଯୋଗ ପରମେଶ୍ୱରଙ୍କ ଇଚ୍ଛାରେ ହିଁ ସମ୍ଭବ ହୋଇଥାଏ । ଯୋନିରୂପ ପ୍ରକୃତିକୁ ଭଗବାନ 'ମୋର' ବୋଲି କହିବାର ଅଭିପ୍ରାୟ ହେଲା କି, ଗୁଣମାନଙ୍କ କାରଣରୂପୀ ପ୍ରକୃତି ଈଶ୍ୱର ଅଂଶ ଏବଂ ଈଶ୍ୱରଙ୍କଠାରୁ ହିଁ ଉଦ୍ଭବ । ମୂଳ ପ୍ରକୃତି ପ୍ରଥମେ ବ୍ରହ୍ମାଙ୍କୁ ଜାତ କରେ ଏବଂ କୁମ୍ଭକାର ଯେପରି ମୃତ୍ତିକାରୁ ବିଭିନ୍ନ ଆକାର ପ୍ରକାରର ଘଟ ବା ରୂପ ସୃଷ୍ଟିକରେ, ହିରଣ୍ୟଗର୍ଭ ବା ବ୍ରହ୍ମା (ସୃଷ୍ଟିକର୍ତ୍ତା) ଜାତ ହୋଇ ସମସ୍ତ ଜୀବନକୁ ଜୀବ ଦାନ କରନ୍ତି । ଏହି ବିଚାରରେ ଜୀବର ଜନ୍ମର କାରଣ ଭୌତିକ ପ୍ରକୃତି କିମ୍ବା ଆକସ୍ମିକ ନୁହେଁ । ଜୀବ ସୃଷ୍ଟିର ସଂକଳ୍ପ- "ଏକୋଽହଂ ବହୁସ୍ୟାଂ ପ୍ରଜାୟେୟ"-ବୀଜରୁପରେ ଭଗବାନଙ୍କ ଦ୍ୱାରା ହିଁ ପ୍ରଦତ୍ତ । ପ୍ରକୃତି ଭଗବାନଙ୍କ ଅଧ୍ୟକ୍ଷତାରେ ଭିନ୍ନ ଭିନ୍ନ ଭୌତିକ ଶରୀର ନିଜ ପୂର୍ବ କର୍ମାନୁସାରେ ସୃଷ୍ଟି କରିଥାଏ । ଜୀବ ସେହି ଶରୀରରେ ଆତ୍ମବୁଦ୍ଧି କରି

ନିଜ ପୂର୍ବ କର୍ମାନୁସାରେ ସୁଖ-ଦୁଃଖ ଭୋଗ କରିଥାଏ । ସାଧାରଣ ବ୍ୟକ୍ତିକୁ ଏହା ପ୍ରତୀତ ହୋଇଥାଏ କି, ଜୀବ ପ୍ରକୃତିରୁ ଉତ୍ପନ୍ନ । କିନ୍ତୁ ବାସ୍ତବ ଏହା କି, ଜଗତର ସମସ୍ତ ପ୍ରକାର ଅଭିବ୍ୟକ୍ତର ମୂଳ କାରଣ ପରମେଶ୍ୱର ଅଟନ୍ତି । ଯେଉଁ ପ୍ରକାରେ 'ମା'ଠାରୁ ଉତ୍ପାଦିତ ସନ୍ତାନ ଠାରେ ପିତାର ବୀଜ ରୂପକ ଅଂଶ ଏବଂ ମାତାର ଧାରଣ-ପୋଷଣ ରୂପକ ଅଂଶ ବିଦ୍ୟମାନ, ସେହି ପ୍ରକାରେ ଈଶ୍ୱରଙ୍କ ଦ୍ୱାରା ପ୍ରକୃତିଠାରେ ସମୁତ୍ପାଦିତ ଜୀବ ମଧ୍ୟ ଈଶ୍ୱରଙ୍କ ଅଂଶ ଅଟେ ।

ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ ।
ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦ ପିତାଃ ॥୪॥

*ଅନ୍ୱୟ: କୌନ୍ତେୟ (ହେ କୁନ୍ତୀପୁତ୍ର !) ସର୍ବଯୋନିଷୁ (ଦେବ,ପିତୃ, ମନୁଷ୍ୟ, ପଶୁ, ପକ୍ଷୀ ଆଦି ସମସ୍ତ ଯୋନିରେ) ଯାଃ ମୂର୍ତ୍ତୟଃ (ଯେତେସବୁ ସ୍ଥାବର ଜାଙ୍ଗମାତ୍ମକ ମୂର୍ତ୍ତି ବା ଶରୀରଧାରୀ ପ୍ରାଣୀ) ସମ୍ଭବନ୍ତି ( ଉତ୍ପନ୍ନ ବା ଜନ୍ମ ନିଅନ୍ତି) ମହତ୍ ବ୍ରହ୍ମ (ତ୍ରିଗୁଣାତ୍ମିକା ମୂଳପ୍ରକୃତି ) ତାସାମ୍ (ସେହି ସମସ୍ତଙ୍କର) ଯୋନିଃ ( ଗର୍ଭ ଧାରଣ କରୁଥିବା ମାତା ) ଅହଂ (ଏବଂ 'ମୁଁ' ) ବୀଜପ୍ରଦଃ (ବୀଜ ସ୍ଥାପନକାରୀ ବା ଗର୍ଭଧାନ କର୍ତ୍ତାରୂପେ ) ପିତାଃ ( ଜନକ ଅଟେ ) ।*

**ଭାବାର୍ଥ**: ହେ କୁନ୍ତୀପୁତ୍ର ଅର୍ଜୁନ ! ଦେବ, ମନୁଷ୍ୟ, ରାକ୍ଷସ, ପଶୁ ଓ ପକ୍ଷୀ ଆଦି ନାନା ପ୍ରକାର ବର୍ଣ୍ଣ ଓ ଆକୃତିକୁ ନେଇ ଯେଉଁ ସମସ୍ତ ସ୍ଥୂଳ-ସୂକ୍ଷ୍ମ ଶରୀର, ସେଗୁଡିକ ପ୍ରକୃତିର ଅଂଶରୁ ହିଁ ଗଠିତ । ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ- ଏହି ଚାରିଗୋଟି ଉତ୍ପତ୍ତି ସ୍ଥଳର ପ୍ରତ୍ୟେକ ଉତ୍ସରୁ ଲକ୍ଷ ଲକ୍ଷ ଯୋନି ଉତ୍ପନ୍ନ ହୁଅନ୍ତି । ସୃଷ୍ଟି ଦିଗକୁ ଦୃଷ୍ଟିପାତ କଲେ ଜଣାଯିବ କି, ପ୍ରତିନିତ୍ୟ ଅସଂଖ୍ୟ ପ୍ରାଣୀଙ୍କ ଉତ୍ପତ୍ତି ଓ ମୃତ ପ୍ରକ୍ରିୟା ନିରନ୍ତର ଚାଲିଅଛି । ଜଡ ଓ ଚେତନ ସଂଯୋଗରୁ ଏହି ସମସ୍ତ ପ୍ରାଣୀଙ୍କ ଉଦ୍ଭବ ହୁଏ ଏବଂ ଜଡ ଶରୀର କ୍ଷୀଣ ହୋଇ ଅବସାନ ହେଲେ ତାହାକୁ ମୃତ୍ୟୁ କୁହାଯାଏ । ଜଡ ଶରୀରର ଭିନ୍ନତା ଓ ଉପାଧି କାରଣରୁ ଏହିମାନଙ୍କ ମଧ୍ୟରେ ପ୍ରଭେଦ ରହିଥାଏ, କିନ୍ତୁ ସବୁ ପ୍ରାଣୀଙ୍କଠାରେ ଯେଉଁ ଚେତନ ତତ୍ତ୍ୱ ଥାଏ, ତାହା ଏକ ଏବଂ ଅଭିନ୍ନ । ସେହି ଚେତନ ଆତ୍ମା ହେଉଛି ପରମାତ୍ମାଙ୍କ ଅଂଶ । ପରା ଓ ଅପରା ଏହି ଦୁଇ ତତ୍ତ୍ୱର ସମ୍ବନ୍ଧରୁ ଯେଉଁ ସମସ୍ତ ମୂର୍ତ୍ତି ଅର୍ଥାତ୍ ଶରୀରଧାରୀ ପ୍ରାଣୀ ପ୍ରକଟ ହୁଅନ୍ତି, 'ମହତ୍ ବ୍ରହ୍ମ' ଅର୍ଥାତ୍ ପ୍ରକୃତି ସେହିମାନଙ୍କର ମାତା ଏବଂ 'ମୁଁ' ବୀଜ ସ୍ଥାପନକାରୀ ବା ଗର୍ଭାଧାନ କର୍ତ୍ତା ରୂପେ ଜନକ ଅଟେ । ଭୌତିକ ପ୍ରକୃତିରୂପା ମାତା ତଥା ବୀଜ ପ୍ରଦାତା ଭଗବାନଙ୍କ ଦ୍ୱାରା ପୃଥିବୀ ଭିତର, ବାହାର, ଜଳ, ଆକାଶ ସମସ୍ତ ଜୀବ ପ୍ରକଟ ହୁଅନ୍ତି । ଗୋଟିଏ ଦେହରେ ଭିନ୍ନ ଭିନ୍ନ ଅଙ୍ଗଭଳି ବିଶ୍ୱ ବିଚିତ୍ର ହେଲେ ମଧ୍ୟ 'ଏକ-ବୀଜ' ହିଁ ଏହାର ମୂଳ ତତ୍ତ୍ୱ । ପ୍ରକୃତି ବିନା ଚେତନ ତତ୍ତ୍ୱ ନିଜକୁ ବ୍ୟକ୍ତ କରିପାରେ ନାହିଁ । ଏହି ସିଦ୍ଧାନ୍ତ ସାରାଂଶରେ ଭଗବାନ ହେଉଛନ୍ତି ସମଗ୍ର ବିଶ୍ୱର ସନାତନ ପିତା । ଅଗ୍ନି ଓ ଜ୍ୱଳନ ଯେପରି ପୃଥକ ନୁହନ୍ତି, ଏହି ବିଶ୍ୱ ଚରାଚର ଓ ପରମେଶ୍ୱର ପୃଥକ ନୁହନ୍ତି । ସମଗ୍ର ଜଗତ ହେଉଛନ୍ତି ପରମେଶ୍ୱର । କାରଣ ପରମେଶ୍ୱର ନ ରହିଲେ ଜଗତ ପ୍ରକାଶିତ ବା ବୋଧ ହେବ ନାହିଁ । ଏଠାରେ ପ୍ରଶ୍ନ ଆସେ କି, ପ୍ରକୃତିକୁ 'ମହତ୍ ରୂପି ଯୋନି ଏବଂ ନିଜକୁ ବୀଜ ପ୍ରଦାତା ପିତା କହି, ସୃଷ୍ଟିର ମୂଳରେ 'ଦ୍ୱୈତ' ଥିବାର ପ୍ରଭୁ ସ୍ୱୀକାର କରୁଛନ୍ତି । ତାହାହେଲେ ଗୀତାକୁ ଅଦ୍ୱୈତାମୃତବର୍ଷିଣୀ' କହିବାର କଣ ତାତ୍ପର୍ଯ୍ୟ ରହିଛି । ଏହାର ସମାଧାନ ହେଲା : ଯେଉଁଠାରେ ସୃଷ୍ଟି ଓ ପ୍ରଳୟର ବର୍ଣ୍ଣନ ରହିଛି, ସେଠାରେ ଦ୍ୱୈତ କିପରି ନ ହେବ ? ଏବଂ ଦ୍ୱୈତ ନ ହେଲେ

ପ୍ରଳୟ କୁଆଡୁ ଆସିବ ? ଏହା ଏକ ଅଦ୍ଭୁତ ଦୃଷ୍ଟି । ଯେପରି ମୃତ୍ତିକା ରହିଛି- ଯାହା 'ଅଦ୍ୱୈତ', ମାତ୍ର ମୃତ୍ତିକାରେ ନିର୍ମିତ ଘଡା ହେଉଛି ଦ୍ୱୈତ । ସେହିପରି ପଞ୍ଚଭୂତ ଏକ, କିନ୍ତୁ ସୃଷ୍ଟିର ନାମ ଓ ରୂପ ଅନେକ ରହିଛି । ସେହିପରି ପରମାତ୍ମା ଚେତନ ଏକ ଏବଂ ଚିଦାଭାସ ଅନେକ । 'ଏକତ୍ୱ'ରେ କୌଣସି ପ୍ରଭାବ ନ ପଡି, ଅନେକତାର ସୃଷ୍ଟି ଓ ପ୍ରଳୟ କ୍ରିୟା ଚାଲୁରହିଥାଏ । ଆକାଶ ଏକ ଏବଂ ପ୍ରତ୍ୟେକ ଘଡା ଭିତରେ ରହିଥିବା ଆକାଶର ଆକୃତି ଅଲଗା ଅଲଗା । ଶହେ ଘଡା ଭିତରେ ସୂର୍ଯ୍ୟଙ୍କ ଶହେ ପ୍ରତିବିମ୍ବ ପ୍ରତୀତ ହେଲେ, ସୂର୍ଯ୍ୟ ସଂଖ୍ୟା କଣ ଏକଶହ ହୋଇଯାଏ କି ? ତେଣୁ ଅଦ୍ୱୈତ ତତ୍ତ୍ୱ ଅକ୍ଷୁର୍ଣ୍ଣ ରହି ଏବଂ ମୂଳ ବୀଜ ତତ୍ତ୍ୱ ଯେପରି-ସେପରି ଭାବେ ରହି, ସେଥିରେ ଅନେକତାର ଆଭାସ ପ୍ରତୀତ ହୋଇଥାଏ । ଯେ' ତତ୍ତ୍ୱଦର୍ଶୀ, ତା' ନିମନ୍ତେ ମୃତ୍ତିକା ଯାହା, ଘଡା ତାହା । ତତ୍ତ୍ୱବିତ୍ ନିମନ୍ତେ ମୂଳ କାରଣ ତତ୍ତ୍ୱ 'ଅଦ୍ୱୈତ' ଅଟେ ଏବଂ ଯେ' ବାସନାବାନ୍, ତାହାଙ୍କୁ ଅନେକତା ହିଁ ପରିଦୃଷ୍ଟ ହୋଇଥାଏ ଏବଂ ଅନେକତାର ଦୃଶ୍ୟମାନରେ ଅଦ୍ୱୈତର କୌଣସି ଅଭାବ ରହି ନ ଥାଏ । ଉପରୋକ୍ତ ବିଚାରରେ ଭଗବାନଙ୍କଠାରୁ ଜଗତକୁ ପୃଥକ କରିନେଇ ଭଗବାନଙ୍କୁ ଦର୍ଶନ କରିହେବ ନାହିଁ, କାରଣ ଭଗବାନ ସ୍ୱୟଂ ସମ୍ପୂର୍ଣ୍ଣ ଜଗତ । ଭଗବାନ ଭିନ୍ନ ଭିନ୍ନ ନାମ ଓ ଆକାରରେ ନିଜକୁ ପ୍ରକାଶିତ କରିଛନ୍ତି । ମେଘ ସୂର୍ଯ୍ୟଙ୍କୁ ଢାଙ୍କି ରଖିଲେ ମଧ୍ୟ, ସେହି ସୂର୍ଯ୍ୟାଲୋକରେ ହିଁ ମେଘକୁ ଦେଖିବାକୁ ହୋଇଥାଏ । ସ୍ଥୂଳ ଦୃଷ୍ଟିରେ ଦେଖିଲେ ପ୍ରାଣୀମାନଙ୍କ ଶରୀରରେ ପରମାତ୍ମା ତତ୍ତ୍ୱ ପୃଥକ ପୃଥକ ଭାବେ ପ୍ରତୀତ ହେଉଥିଲେ ମଧ୍ୟ ସୂକ୍ଷ୍ମ ଦୃଷ୍ଟି ବିଚାରରେ ସାରା ସଂସାରରେ, ସମସ୍ତ ପ୍ରାଣୀଙ୍କ ଭିତରେ ଏକ ପରମାତ୍ମା ତତ୍ତ୍ୱ ହିଁ ପରିପୂର୍ଣ୍ଣ । ସକଳ ଜୀବର ଉତ୍ପନ୍ନ ପ୍ରକ୍ରିୟାକୁ ଦେଖିଲେ ଜଣାପଡେ କି, ସୃଷ୍ଟି ନା କେବଳ ପ୍ରକୃତି ଦ୍ୱାରା ହୋଇପାରିବ, ନା କେବଳ ପୁରୁଷ ଦ୍ୱାରା ହୋଇପାରିବ । ଏଠାରେ ଶରୀରର ଉତ୍ପତ୍ତି ଓ ବିନାଶ ଘଟିଥାଏ । ଆତ୍ମା ତ ଚେତନ- ସାକ୍ଷାତ୍ ଜ୍ଞାନ ସ୍ୱରୂପ, ତାହାର ଉତ୍ପତ୍ତି ନାହିଁ କି ବିନାଶ ନାହିଁ । 'ମହତ୍ ବ୍ରହ୍ମ'- ମହତତତ୍ତ୍ୱ ରୂପରେ ଉଦ୍ଭୁଦ୍ଧ ପ୍ରକୃତି ଏବଂ ବସ୍ତୁତଃ ତାହା ମଧ୍ୟ ବ୍ରହ୍ମ ସ୍ୱରୂପ ଅଟେ । ଯେପରି ମାତା-ପିତାଙ୍କ ଠାରୁ ସନ୍ତାନର ଉତ୍ପତ୍ତି ହୋଇଥାଏ, 'ମମ ଯୋନି ମହତ୍ ବ୍ରହ୍ମ'- ଅର୍ଥାତ୍ ମୂଳ ପ୍ରକୃତି ମୋର ପତ୍ନୀ- ଏହା ଭଗବାନ ସ୍ପଷ୍ଟ କହିଛନ୍ତି । ଅତଏବ, ମାନିବାକୁ ହେବ କି, ମାତା-ପିତା ମଧ୍ୟରେ କୌଣସି ଭେଦ ନାହିଁ । ଯେବେ ପ୍ରକୃତିରେ ପରିଣାମ ହୋଇଥାଏ ଏବଂ ତାହା ମହତ୍ତ୍ୱ ରୂପରେ ପ୍ରକଟ ହୁଏ ଯାହାକୁ 'ମହତ୍ ବ୍ରହ୍ମ' ବୋଲି କୁହାଯାଇଛି, ସେଥିରେ ଭଗବାନଙ୍କ ଗର୍ଭ ସ୍ଥାପନ ଅର୍ଥାତ୍ ଚିଦାଭାସ ପ୍ରତିବିମ୍ବିତ ହୋଇଥାଏ । ସେହି ମୂଳ ସ୍ୱଚ୍ଛ ପ୍ରକୃତିରେ ପଡିଥିବା ଚିଦାଭାସ ରୂପୀ ଛାୟା ଯାହା ଗର୍ଭାଧାନ ପଦ ବାଚକ । ଏହି ପ୍ରକ୍ରିୟାରେ ପ୍ରକୃତିରୁ ଅନେକ ବର୍ଣ୍ଣ ଓ ଆକାରର ଶରୀର ଉତ୍ପତ୍ତି ଘଟିଥାଏ । ଶୁଦ୍ଧ ପ୍ରକୃତିରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସମେତ ଅନେକ ଦେବା-ଦେବୀ, ମାନବ, ପଶୁ, ପକ୍ଷୀ ଆଦି ଅସଂଖ୍ୟ ଜୀବଙ୍କ ସେହି ମହା ମାତାଙ୍କ ଗର୍ଭରେ ପରମ ପିତା ପରମେଶ୍ୱରଙ୍କ ପ୍ରତିମ୍ବରୁ ଉତ୍ପନ୍ନ ଘଟିଥାଏ । ଈଶ୍ୱରଙ୍କ ଇଚ୍ଛାରେ ହିଁ ସେହି ମହତ୍-ବ୍ରହ୍ମ ବିଭିନ୍ନ ଯୋନିରେ ଭାସିତ ହୋଇଥାଏ । ଯେପରି ମନୁଷ୍ୟାଦି ଜୀବ ଜଗତର ସୃଷ୍ଟି ତଥା ବିସ୍ତାର ନିମିତ୍ତ ମାତାର କ୍ଷେତ୍ରରେ ପିତାର ବୀର୍ଯାଧାନ ଆବଶ୍ୟକ, ସେହିପରି ପ୍ରକୃତି-ମାତାର କ୍ଷେତ୍ରରେ ପରମପିତା ପରମେଶ୍ୱରଙ୍କ ବୀର୍ଯାଧାନ ଦ୍ୱାରା ଅନନ୍ତକୋଟି ବ୍ରହ୍ମାଣ୍ଡାତ୍ମକ ବିରାଟ ସୃଷ୍ଟିର ଉଦ୍ଭବ ହୋଇଥାଏ ।

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତି ସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ॥୫॥

*ଅନ୍ୱୟ: ମହାବାହୋ (ହେ ମହାବାହୋ ଅର୍ଜୁନ!) ସତ୍ତ୍ୱଂ(ସତ୍ତ୍ୱଗୁଣ) ରଜଃ (ରଜୋଗୁଣ) ତମ ( ଓ ତମୋଗୁଣ) ଇତି (ଏହି ) ପ୍ରକୃତି ସମ୍ଭବାଃ (ପ୍ରକୃତିରୁ ଉତ୍ପନ୍ନ ହୋଇଥିବା) ଗୁଣାଃ (ତିନିଗୁଣ)ଦେହେ (ଶରୀରରେ ଅବସ୍ଥିତ) ଅବ୍ୟୟମ୍ (ଅବିନାଶୀ) ଦେହିନମ୍ (ଜୀବାତ୍ମାକୁ) ନିବଧ୍ନନ୍ତି (ଆବଦ୍ଧ କରି ରଖିଥାନ୍ତି )*

**ଭାବାର୍ଥ:** ହେ ମହାବାହୋ ଅର୍ଜୁନ ! ସତ୍ତ୍ୱ, ରଜ, ତମ – ଏହି ପ୍ରକୃତି ଜାତ ଗୁଣ ସମୂହ ଜୀବର ଶରୀରରେ ଅବସ୍ଥିତ ନିର୍ବିକାର ଅବିନାଶୀ ଜୀବାତ୍ମାକୁ ଦେହାଭିମାନ ଦ୍ୱାରା ଆବଦ୍ଧ କରି ରଖିଥାନ୍ତି । 'ମୁଁ ଶରୀର' ଓ 'ଶରୀର ମୋର'-ଏ ପ୍ରକାର ଧାରଣା ମନରେ ରଖିବା ହେଉଛି ଦେହାଭିମାନ । ଏହି ତିନିଗୁଣ ପରସ୍ପରଠାରୁ ଭିନ୍ନ ଏବଂ ପ୍ରକୃତିର କାର୍ଯ୍ୟ ଅଟନ୍ତି । ସକଳ ଜଡ ପଦାର୍ଥ ଏହି ତିନିଗୁଣର ହିଁ ବିସ୍ତାର । ଗୁଣ ହେଉଛି ପ୍ରକୃତିକୁ ଗଠନ କରିଥିବା ମୌଳିକ ବସ୍ତୁ ଏବଂ ସେଗୁଡିକ ସକଳ ଦ୍ରବ୍ୟର ମୂଳାଧାର । ପ୍ରକୃତି ହେଉଛି ଏହି ତିନିଗୁଣମାନଙ୍କ ଉପାଦାନ କାରଣ । କାର୍ଯ୍ୟ ଏବଂ କାରଣ ଅଭେଦ ହେବାରୁ ଗୁଣ ସମୂହ ପ୍ରକୃତ୍ୟାତ୍ମକ ଏବଂ ସର୍ବଗତ ମଧ୍ୟ । ଏହି ଗୁଣସବୁ ବହିର୍ଜଗତରେ ବିଷୟ ରୂପରେ ତଥା ଅନ୍ତର୍ଜଗତରେ ରାଗ, ଦ୍ୱେଷ, ଲୋଭ, ନିଦ୍ରା, ଆଳସ୍ୟ, ପ୍ରମାଦ, ଶମ, ଦମ, ସତ୍ୟ, ଦୟା, କ୍ଷମା ଆଦି ରୂପରେ ମନୁଷ୍ୟ ମାନଙ୍କ ଅନ୍ତଃକରଣରେ ବର୍ତ୍ତମାନ ଅଟନ୍ତି । ଗୁଣମାନଙ୍କ ପ୍ରଭାବରେ ଜୀବର ଅନ୍ତଃକରଣରେ ଉଦିତ ହେଉଥିବା ବିଚାର ଓ କର୍ମ ପ୍ରବାହ ଭିନ୍ନ ଭିନ୍ନ ଧରଣର ହୋଇଥାଏ । ଗୋଟିଏ ଦେହରେ ଶୈଶବ, ଯୌବନ ଓ ବାର୍ଦ୍ଧକ୍ୟ ତିନି ଅବସ୍ଥା ଭଳି ସେହି ଗୋଟିଏ ଚିତ୍ତ ବୃତ୍ତିରେ ଏହି ତିନୋଟିଯାକ ଗୁଣର ପ୍ରଭାବ ରହେ । ଆଧ୍ୟାତ୍ମିକ ସାହିତ୍ୟରେ ସତ୍ତ୍ୱ, ରଜ, ତମ-ଏହି ତିନିଗୁଣକୁ ଯଥାକ୍ରମେ ଶ୍ୱେତ, ରକ୍ତ ଏବଂ କୃଷ୍ଣ ବର୍ଣ୍ଣଦ୍ୱାରା ତ୍ରିବିଧ ମନୋଭାବର ସୂଚକ ରୂପେ ଧରି ନିଆଯାଇଛି । ସତ୍ତ୍ୱ ହେଉଛି ଉତ୍କୃଷ୍ଟତମ, ସମ୍ପୂର୍ଣ୍ଣ ଶୁଦ୍ଧ ଓ ଉଜ୍ଜଳ, ଯାହା କୃଷ୍ଣବର୍ଣ୍ଣ ରୂପକ ତମର ବିପରୀତ ଏବଂ ରଜଠାରୁ ସମ୍ପୂର୍ଣ୍ଣ ପୃଥକ । ଶରୀରରେ ଯେଉଁ ହାଡ,ମାଂସ ଓ ଚର୍ମ ଆଦି ତିଆରି ହୋଇଥାଏ ସେହିସବୁ ତମୋଗୁଣର କାର୍ଯ୍ୟ। ଶରୀରରେ ଚାଲିବା, ବୁଲିବା, ଉଠିବା, ବସିବା ଆଦି ଯେଉଁସବୁ କ୍ରିୟା ହୋଇଥାଏ, ସେହିସବୁ ରଜୋଗୁଣର କାର୍ଯ୍ୟ । ଶବ୍ଦ, ରୂପ, ରସ, ସ୍ପର୍ଶ ଓ ଗନ୍ଧ ଆଦି ଦ୍ୱାରା ଯେଉଁ ଜ୍ଞାନ ବୋଧ ହୁଏ, ସେହିସବୁ ସତ୍ତ୍ୱଗୁଣର କାର୍ଯ୍ୟ । ଜୀବର ଅନ୍ତଃକରଣରେ ତିନୋଟିଯାକ ଗୁଣ ସର୍ବଦା ସମତୁଲ ଅବସ୍ଥାରେ ରହି ନ ଥାନ୍ତି । କେତେବେଳେ ସତ୍ତ୍ୱର ଆଧିକ୍ୟ ଥାଏ, କେତେବେଳେ ରଜର ତ, ପୁଣି କେତେବେଳେ ତମୋଗୁଣର ପ୍ରାବଲ୍ୟ ଦେଖାଯାଏ । ଏହି ତିନିଗୁଣର ତାରତମ୍ୟ କାରଣରୁ ପ୍ରାଣୀମାନଙ୍କର ଆଚରଣରେ ଅନେକ ପ୍ରଭେଦ ଦେଖାଯାଇଥାଏ ଯେପରି ଖାଦର ପରିମାଣ ଅନୁଯାୟୀ ସ୍ୱର୍ଣ୍ଣ ଅଳଙ୍କାରର ଚମକତା ଓ ମୂଲ୍ୟ ଅଳ୍ପ ବହୁତ ହୋଇଥାଏ । ସତ୍ତ୍ୱଗୁଣ ମୁକ୍ତିର ପରମ ସାଧନ ହେତୁ ଉତ୍କୃଷ୍ଟ ଅଟେ । ଗୁଣ ଶବ୍ଦର ଅନ୍ୟଅର୍ଥ ହେଲା ରଜ୍ଜୁ ବା ଦଉଡି । ଏହି ତିନିଗୁଣ ବିଶିଷ୍ଟ ରଜ୍ଜୁ ସତ୍-ଚିତ୍ ସ୍ୱରୂପ ଆତ୍ମତତ୍ତ୍ୱକୁ ଅସତ୍ ଏବଂ ଜଡ ଅନାତ୍ମ ତତ୍ତ୍ୱ ସହିତ ବାନ୍ଧି ରଖିଲା ଭଳି ପ୍ରତୀତ ହୁଏ । ଅଜ୍ଞାନ କାରଣରୁ ମନୁଷ୍ୟ ଭ୍ରମାତ୍ମକ ବୁଦ୍ଧିରେ ଦେହାଭିମାନକୁ ତ୍ୟାଗ କରି ନ ପାରି ସାଂସାରିକ ସୁଖ ଦୁଃଖରେ ଛନ୍ଦି ହୋଇପଡେ । ପଦାର୍ଥ, ଧନ, ପରିବାର, ଶରୀର, ସ୍ୱଭାବ, ମନୋବୃତ୍ତି, ପରିସ୍ଥିତି, କ୍ରିୟା, ପ୍ରତିକ୍ରିୟା- ଏହି

ସମସ୍ତ ଗୁଣମାନଙ୍କ କାର୍ଯ୍ୟରୂପ ଅଟନ୍ତି । ଏଗୁଡ଼ିକୁ ମନୁଷ୍ୟ ନିଜର ମାନି ନେବାରୁ ସ୍ୱୟଂ ମୁକ୍ତ ହୋଇ ମଧ୍ୟ ଆବଦ୍ଧ ହୋଇଯାଏ । ଏହି ତିନିଗୁଣ ନିଜ ଅନୁରୂପ ଭୋଗରେ ତଥା ଶରୀରରେ ତାଦାମ୍ୟ କାରଣରୁ ଜୀବାତ୍ମାଠାରେ ଯେଉଁ ମମତ୍ୱ, ଆସକ୍ତି ଓ ଅଭିମାନ ଉତ୍ପନ୍ନ କରନ୍ତି, ତାହା ହିଁ ଗୁଣମାନଙ୍କ ଦ୍ୱାରା ଜୀବାତ୍ମା ବାନ୍ଧି ହୋଇ ରହିବା । କିନ୍ତୁ ବିଷୟ ଜଗତ ତଥା ଜଡ ଉପାଧି ସହିତ ସଂଶ୍ଳିଷ୍ଟ ଏହି ଗୁଣ ସମୂହର ମୁକ୍ତ, ନିତ୍ୟ ଶୁଦ୍ଧ, ଅବିନାଶୀ ଆତ୍ମା ସହିତ ସମ୍ବନ୍ଧ ଅବାସ୍ତବ ଏବଂ ସମ୍ପୂର୍ଣ୍ଣ ମିଥ୍ୟା । ଜୀବାତ୍ମାର ଶରୀର ସହିତ ତାଦାମ୍ୟ ଏବଂ ଏହାପ୍ରତି କେବଳ ଆସକ୍ତି ହେତୁ ଶରୀର ବିକାରକୁ ନିଜର ବିକାର ବୋଲି ବୋଧକରେ । ଗୁଣର ଏହି ମାୟାବୀରୂପ କ୍ରିୟା ଯୋଗୁଁ ପ୍ରତ୍ୟେକ ମନୁଷ୍ୟଠାରେ ଏପରି ଭ୍ରମ ହୋଇଥାଏ । ଆତ୍ମା ସ୍ୱରୂପତଃ ସକଳ ପ୍ରକାର ବିକାର ରହିତ ଓ ଅବିନାଶୀ କାରଣରୁ ଏହା ଗୁଣମାନଙ୍କ ପ୍ରଭାବରୁ ସର୍ବଥା ମୁକ୍ତ । ଗୋସ୍ୱାମୀ ତୁଳସୀଦାସ କହିଛନ୍ତି; "ଈସ୍ୱର ଅଂସ ଜୀୱ ଅବିନାଶୀ – ଚେତନ ଅମଲ ସହଜ ସୁଖରାସୀ" – ଅର୍ଥାତ୍ ଜୀବର ଏହି ଅବିନାଶୀ ସ୍ୱରୂପ କେବେ ଗୁଣ ଦ୍ୱାରା ଆବଦ୍ଧ ହୁଏନାହିଁ । ଯେତେବେଳେ ବିନାଶୀ ଦେହ 'ମୁଁ' 'ମୋର' ଓ 'ମୋ ପାଇଁ' ମନେକରେ, ସେତେବେଳେ ଜୀବ ନିଜର କଳ୍ପିତ ଧାରଣା ହେତୁ ଗୁଣରେ ବାନ୍ଧି ହେଲାଭଳି ବୋଧ କରେ । ଅନିତ୍ୟ ଶରୀର ସହିତ ଏକାତ୍ମତା କରିଥିବାରୁ ଜୀବ ତାହାକୁ ନିତ୍ୟ ରଖିବା ପାଇଁ ଇଚ୍ଛାକରେ । କାରଣ ସେ' ସ୍ୱୟଂ ନିତ୍ୟ । ଶରୀର ସଙ୍ଗେ ଯଦି ସମ୍ବନ୍ଧ ନ ରହେ, ତେବେ ଜୀବର ନିତ୍ୟ ରହିବାର ଇଚ୍ଛା ହେବ ନାହିଁ, ମୃତ୍ୟୁର ଭୟ ମଧ୍ୟ ହେବନାହିଁ । ଯେ' ପର୍ଯ୍ୟନ୍ତ ନିତ୍ୟ ରହିବାର ଇଚ୍ଛା ଓ ମୃତ୍ୟୁର ଭୟ ଥାଏ, ସେ' ପର୍ଯ୍ୟନ୍ତ ଜୀବ ଗୁଣର ପ୍ରଭାବରେ ଆବଦ୍ଧ ହୋଇ ରହେ । ଶରୀରର ପ୍ରତିକ୍ଷଣ ସ୍ୱତଃ ବିୟୋଗ ହେଉଛି । ଯାହାର ସ୍ୱତଃ ବିୟୋଗ ବା କ୍ଷୀଣ ଘଟୁଛି, ତା'ଠାରୁ ସମ୍ବନ୍ଧ ବିଚ୍ଛେଦ କରିବାରେ କଠିନତା କେଉଁଠାରେ ରହିଛି ?ତେଣୁ ସାଧକ କେବଳ ଏତିକି ଉଦ୍ୟମ ଜାରି ରଖିବାକୁ ହେବ କି, ସ୍ୱତଃ ବିଚ୍ଛେଦ ହେଉଥିବା ବସ୍ତୁଗୁଡିକୁ ମନରେ ସ୍ଥାନ ଦେବାକୁ ହେବନାହିଁ । ତା'ହେଲେ ଯାଇ ନିଜର ଅବିନାଶୀ ଓ ଗୁଣାତୀତ ସ୍ୱରୂପ ସ୍ୱତଃ ଅନୁଭୂତ ହେବ । ଉପରୋକ୍ତ ବିଚାରରେ ଗୁଣମାନଙ୍କର ସ୍ୱତନ୍ତ୍ର ସତ୍ତା ନଥିବା କାରଣରୁ ଏହି ମାନଙ୍କର ଅଭାବ ମଧ୍ୟ ସତ୍ୟ, ଅର୍ଥାତ୍ ଗୁଣ ରହିତ ସ୍ଥିତି ମଧ୍ୟ ମନୁଷ୍ୟର ଅନ୍ତଃକରଣରେ ସମ୍ଭବ । କେବଳ ଅନାଦିସିଦ୍ଧ ଅଜ୍ଞାନ ହେତୁ ଜୀବ ନିଜକୁ ମୁକ୍ତ ପରିବର୍ତ୍ତେ ବନ୍ଧନରେ ପଡିଲାଭଳି ଅନୁଭବ କରେ ଓ ବନ୍ଧନ ଅଛିବୋଲି ମାନିନିଏ । ଯଦି ଗୁଣ ବନ୍ଧନର କାରଣ ହୋଇଥାନ୍ତା, ତା'ହେଲେ ଗୁଣ ଥିବାଯାଏ କେହି ସେଥିରୁ ମୁକ୍ତ ବା ଜୀବନ ମୁକ୍ତ ହୋଇ ପାରନ୍ତେ ନାହିଁ । ଜୀବାତ୍ମା ଯେ' ପର୍ଯ୍ୟନ୍ତ ଜଡ ଉପାଧି ସହ ସଂଶ୍ଳିଷ୍ଟ ରହେ, ସେ' ପର୍ଯ୍ୟନ୍ତ ଗୁଣମାନଙ୍କର ପ୍ରଭାବରେ ଆବଦ୍ଧ ରହି ସ୍ୱୟଂକୁ କ୍ଷୁଦ୍ର ସଂକୀର୍ଣ୍ଣ ବୋଧ କରେ । ପୁଣି ଥରେ ନିଜକୁ ପରମାତ୍ମାଙ୍କଠାରୁ ଅଭିନ୍ନ ବୋଲି ଉପଲବ୍ଧି ନ ହେବା ପର୍ଯ୍ୟନ୍ତ ଜୀବ ଜନ୍ମ-ମୃତ୍ୟୁର ଅଧୀନ ହୋଇ ସୁଖ-ଦୁଃଖ, ଆନନ୍ଦ-ଶୋକ ଭୋଗ କରେ । ଏପରି କି, ଯତିଭାବକୁ ପ୍ରାପ୍ତ କରିମଧ୍ୟ ଗୁଣର ଦୋଷରେ ଲିପ୍ତ ହୋଇ କର୍ମ କରିବା ଦ୍ୱାରା ପ୍ରାପ୍ତିଜ୍ଞାନର ସଙ୍କୋଚ ହେବାକୁ ଆରମ୍ଭ ହୁଏ ଏବଂ ଚିତ୍ତରେ ବିକ୍ଷେପ ଆସିବା ସୁନିଶ୍ଚିତ । ଜଡ ଭରତଙ୍କ ଉଦାହରଣ ଦେଇ ଶଙ୍କାରାନନ୍ଦ ଲେଖିଛନ୍ତି କି, ଭରତ ବିଦ୍ୱାନ୍ ଥିଲେ । କିନ୍ତୁ ସତ୍ତ୍ୱଗୁଣ ବିକାସ ଭୂତଦୟା ଦୋଷ କାରଣରୁ ଏକ ମୃଗ ଶାବକ ପ୍ରତି ତାଙ୍କରି ପୋଷ୍ୟତ୍ୱ ଏବଂ ମମତା ବୃଦ୍ଧି ହୋଇଯିବାରୁ ତାହାରି ସ୍ନେହ ଫାଶରେ ଆବଦ୍ଧ ହୋଇ ପୁନଃ ଜନ୍ମାଦି ବନ୍ଧନରେ ପଡିବାକୁ ହୋଇଥିଲା ।

ଅନ୍ତଃକରଣରେ ଗୁଣ ମାନଙ୍କର ସମତୁଲ୍ୟ ସ୍ଥିତି ହେଉଛି ଗୁଣାତୀତ ଯାହାର ପ୍ରଭାବରେ ପରମଶାନ୍ତି, ପରମାନନ୍ଦ ଓ ଅମୃତତ୍ୱ ପ୍ରାପ୍ତ ହୋଇଥାଏ । ଯେଉଁ ବ୍ୟକ୍ତି ନିତ୍ୟ ନିରନ୍ତର ଆତ୍ମାନୁଭୂତିରେ ଲୀନ ରହେ, ନିଜଠାରେ ସୁଖ ଓ ଦୁଃଖର ଅଭାବ ସର୍ବଦା ଅନୁଭବ କରେ, ସେ ଗୁଣକୁ ଅତିକ୍ରମଣ କରି ବିଦେହ ମୁକ୍ତି ପ୍ରାପ୍ତ କରିବାରେ ସମର୍ଥ ହୁଏ ।

ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନ ସଙ୍ଗେନ ଚାନଘ ।।୬।।

*ଅନ୍ୱୟ: ଅନଘ (ହେ ନିଷ୍ପାପ ଅର୍ଜୁନ!) ତତ୍ର (ସେହି ତିନିଗୁଣ ମଧ୍ୟରୁ) ସତ୍ତ୍ୱମ୍ (ସତ୍ତ୍ୱଗୁଣ) ନିର୍ମଳତ୍ୱାତ୍ (ନିର୍ମଳ-ସ୍ୱଚ୍ଛଭାବ) ପ୍ରକାଶମ୍ (ଉଜ୍ଜଳ-ପ୍ରକାଶଶୀଳ ) ଅନାମୟମ୍ ( ନିର୍ଦ୍ଦୋଷ-ଶାନ୍ତ, ବିକାର ରହିତ, ନିରୁପଦ୍ରବ ହୋଇଥିବାରୁ) ସୁଖ ସଙ୍ଗେନ (ସୁଖପ୍ରତି ଆସକ୍ତି ତଥା ସମ୍ବନ୍ଧ ଦ୍ୱାରା ) ଚ (ଓ) ଜ୍ଞାନ ସଙ୍ଗେନ (ଜ୍ଞାନ ପ୍ରାପ୍ତିରେ ଉତ୍ପନ୍ନ ଅହଂକାର ଦ୍ୱାରା ) ବଧ୍ନାତି ( ବାନ୍ଧନ୍ତି ବା ଜୀବାତ୍ମାକୁ ଆବଦ୍ଧ କରି ରଖିଥାନ୍ତି ) ।*

**ଭାବାର୍ଥ**: ହେ ନିଷ୍ପାପ ହୃଦୟଧାରୀ ଅର୍ଜୁନ ! ଏହି ତିନିଗୁଣ ମଧ୍ୟରେ ସତ୍ତ୍ୱଗୁଣ ସ୍ୱଚ୍ଛ ଓ ନିର୍ମଳ କାରଣରୁ ପ୍ରକାଶକ ଓ ଦୋଷ ତଥା ବିକାର ରହିତ ଶାନ୍ତ ଅଟେ । କିନ୍ତୁ ତାହା ସୁଖ ସଙ୍ଗ ଅର୍ଥାତ୍ 'ମୁଁ ସୁଖୀ'-ଏହି ପ୍ରକାର ସୁଖାସକ୍ତି ଏବଂ ଜ୍ଞାନ ସଙ୍ଗ ଅର୍ଥାତ୍ 'ମୁଁ ଜ୍ଞାନୀ' – ଏହି ପ୍ରକାର ଜ୍ଞାନାସକ୍ତି ଦ୍ୱାରା ଜୀବାତ୍ମାକୁ ଆବଦ୍ଧ କରେ । ଅନ୍ୟ ଅର୍ଥରେ ସତ୍ତ୍ୱଗୁଣ ମଧ୍ୟ ଦେହାଭିମାନ କାରଣରୁ ବନ୍ଧନକାରକ ଅଟେ । ଏଠାରେ ଅର୍ଜୁନଙ୍କୁ ଅନଘ ବୋଲି ସମ୍ବୋଧନ କରି ଭଗବାନ କହୁଛନ୍ତି କି, ଅର୍ଜୁନ ! ତୁମ୍ଭେ ସ୍ୱଭାବତଃ ନିଷ୍ପାପ, ତେଣୁ ତୁମ୍ଭେ ବନ୍ଧନକୁ ଡରିବାର ନାହିଁ । ସତ୍ତ୍ୱଗୁଣ ସ୍ଫଟିକ ପରି ସ୍ୱଚ୍ଛ । 'ସତୋଭାବଃ ସତ୍ତ୍ୱମ୍' - 'ସତ୍'ର ଯେଉଁ ଭାବ ତାହାର ନାମ ସତ୍ତ୍ୱ ଅର୍ଥାତ୍ ଭାବାତ୍ମକ ସତ୍ତା । ଏକ 'ବସ୍ତୁସତ୍ତା' ଏବଂ ଅନ୍ୟ ଏକ 'ଭାବାତ୍ମକ ସତ୍ତା' । ସଂସାରରେ ଯାହାକିଛି ରହିଛି ସେଥିରେ 'ସତ୍ତା' ରହିଛି । ବସ୍ତୁ ସତ୍ତାକୁ ପରମାତ୍ମା କୁହାଯିବ ଏବଂ ଭାବାତ୍ମକ ସତ୍ତାକୁ ସତ୍ତ୍ୱଗୁଣ କୁହାଯିବ । ବୈଦିକ ସାହିତ୍ୟରେ କୁହାଯାଇଛି କି, ସାତ୍ତ୍ୱିକ ଗୁଣର ଅର୍ଥ ହେଉଛି ଅଧିକ ଜ୍ଞାନ ଏବଂ ସୁଖାନ୍ତିକ ଧାରଣା । ସତ୍ତ୍ୱଗୁଣରେ ଅବସ୍ଥାନ କରୁଥିବା ବ୍ୟକ୍ତି ଭୌତିକ ଦୁଃଖରେ ବିଶେଷ ବ୍ୟଥିତ ହୁଏ ନାହିଁ ଏବଂ ଭୌତିକ ଜ୍ଞାନରେ ମଧ୍ୟ ସେ ପ୍ରଗତି ଲାଭକରେ । ସତ୍ତ୍ୱଗୁଣର ପ୍ରାଧାନ୍ୟ ହେଲେ ରଜୋଗୁଣ ଓ ତମୋଗୁଣ ଜନିତ ବୃତ୍ତିଗୁଡିକ ସ୍ପଷ୍ଟଭାବେ ଦେଖାଯାନ୍ତି । କାମ, କ୍ରୋଧ, ଲୋଭ, ଗର୍ବ, ମାତ୍ସର୍ଯ୍ୟ ଇତ୍ୟାଦି ଅବଗୁଣ ତଥା ବିକାର ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ହୁଏ । ସତ୍ତ୍ୱଗୁଣ ମନୁଷ୍ୟକୁ ସାଂସାରିକ ଭୋଗ ଓ ଚେଷ୍ଟା ତଥା ପ୍ରମାଦ, ଆଳସ୍ୟ ଓ ନିଦ୍ରାରୁ ଦୂରେଇ ନେଇ ଆତ୍ମ ଚିନ୍ତନ ଆଦି ଦ୍ୱାରା ଯେଉଁ ସାତ୍ତ୍ୱିକ ସୁଖରେ ସଂଯୁକ୍ତ କରିଦିଏ, ତାହା ହିଁ ସେହି ସୁଖର ବନ୍ଧନ । ସାତ୍ତ୍ୱିକ ବ୍ୟକ୍ତି ନିଜକୁ ଅନ୍ୟସହ ତୁଳନା କରେ ଏବଂ ନିଜର ଉତ୍କର୍ଷତା ନିମନ୍ତେ ଆନନ୍ଦିତ ହୁଏ । ନିଜର ଜ୍ଞାନ ନିମନ୍ତେ ଉତ୍ଫୁଲ୍ଲ ରହେ । ମୁଁ ସୁଖୀ, ମୁଁ ଜ୍ଞାନୀ – ଏହିପରି ଭାବି ତଦନୁରୂପ ପ୍ରବୃତ୍ତିରେ ବାନ୍ଧିହୋଇ ରହେ । ଏହି ସୁଖାସକ୍ତି ହେଉଛି ଗୋଟିଏ ମାୟା । ଏହା ଏକ ଅଜ୍ଞତା । ଭୂତ ପ୍ରକୃତିର ମାୟାଶକ୍ତି ଯୋଗୁଁ ବ୍ୟକ୍ତି ତା'ର ଭୌତିକ ସୁଖ ଓ ଜ୍ଞାନ ପ୍ରଦତ୍ତ ଜୀବନକୁ ଏକ ସୁଖକର ଜୀବନ ବୋଲି ଭାବେ । ଅବିଦ୍ୟାରୁ ଅବିଚାର ଓ ଅବିବେକତା ଜାତ ହୁଏ । ସେହି କାରଣରୁ ଜୀବାତ୍ମା ନିତ୍ୟ-ଅନିତ୍ୟ, କର୍ତ୍ତା ଓ କର୍ମ ମଧ୍ୟରେ ପାର୍ଥକ୍ୟଟି ଦେଖିପାରେ ନାହିଁ । ବୋଧ ଶକ୍ତି ହେଉଛି ଜ୍ଞାନ

ଯାହା ମନ, ବୁଦ୍ଧି, ଅଜ୍ଞତା ଓ ଅହଙ୍କାରର ଏକ ଧର୍ମ ବା ଗୁଣ, ଆତ୍ମାର ନୁହେଁ । ଜ୍ଞାତୃତ୍ୱ ବା ଜାଣିବା ଭିତରେ ହିଁ ଆତ୍ମସୁଖ ପ୍ରବାହିତ ହୋଇଥାଏ । ମନସ୍ତାତ୍ତ୍ୱିକ ସୁଖ ଓ ଜ୍ଞାନ ଧାରଣ ପ୍ରତି ଆସକ୍ତି ସାଧନ ମାର୍ଗରେ ଗତିରୋଧ ସୃଷ୍ଟିକରେ । ରଜଗୁଣ ଓ ତମଗୁଣ ଅପେକ୍ଷା ସତ୍ତ୍ୱଗୁଣ ନିର୍ବିକାର ହେଲେମଧ୍ୟ ପ୍ରକୃତିର କାର୍ଯ୍ୟ ହୋଇଥିବାରୁ ତାହା ପୂର୍ଣ୍ଣ ନିର୍ବିକାର ନୁହେଁ । ନିଜର ଗୁଣାତୀତ ସ୍ୱରୂପ ଅଥବା ପରମାତ୍ମା ହିଁ କେବଳ ପୂର୍ଣ୍ଣ ନିର୍ବିକାର ଅଟନ୍ତି । ଅକ୍ଷୟ ସୁଖ ଏକମାତ୍ର ପରମାତ୍ମାଙ୍କଠାରେ ହିଁ ରହିଥାଏ ଏବଂ ଆତ୍ମା ସାକ୍ଷାତ୍କାରର ନାମ ହିଁ 'ଜ୍ଞାନ' ଅଟେ । ସତ୍ତ୍ୱଗୁଣ ସେହି ପର୍ଯ୍ୟନ୍ତ ଆତ୍ମାକୁ ଶରୀରରେ ବାନ୍ଧି ରଖିଥାଏ, ଯେଉଁ ପର୍ଯ୍ୟନ୍ତ ପରମାତ୍ମାଙ୍କ ସାକ୍ଷାତ୍କାର ହୋଇନାହିଁ । ବ୍ୟକ୍ତି ମନରେ ଉଠୁଥିବା ବିଚାର ଓ ଭାବନାର ନିରୀକ୍ଷଣ ଏବଂ ବିଶ୍ଳେଷଣ କରି ସ୍ଥିର କରିପାରିବ ଯେ, କେଉଁ ମୁହୂର୍ତ୍ତରେ ସେ' କେଉଁ ଗୁଣର ଅଧୀନରେ ରହିଅଛି । ଏହିପରି ଭାବରେ ଗୁଣ ଜନିତ ବନ୍ଧନରୁ ମୁକ୍ତ ହେବା ନିମିତ୍ତ ସାଧକ ଚେଷ୍ଟା କରି ପାରିବ । ସତ୍ତ୍ୱଗୁଣର ପ୍ରଭାବରେ ସାଧକ ଆତ୍ମା ଅନୁସନ୍ଧାନରେ ଲାଗି ରହିଲେ ଆତ୍ମା ସମ୍ବନ୍ଧିତ ସମ୍ୟକ ବିଶ୍ୱାସ ଓ ଜ୍ଞାନର ଝଲକ ଅନୁଭବ ହୋଇଥାଏ । କିନ୍ତୁ ଆତ୍ମା-ବ୍ରହ୍ମର ଅଭେଦ ଜ୍ଞାନ ହୋଇ ନ ଥାଏ । ଯଦି ଅର୍ଦ୍ଧବିଦଗ୍ଧ କହି ବସେ ଯେ, ମୋ'ଠାରେ ଜ୍ଞାନ ହୋଇଗଲା, ତା'ହେଲେ ସେଥିରେ ସତ୍ୟତା ନ ଥାଏ । ଭଗବାନ ବଶିଷ୍ଠ ଏକଦା ରାମଜୀଙ୍କୁ ଉପଦେଶ ଦେବା ଅବସରରେ ରାମଙ୍କ ଏହି ପ୍ରଶ୍ନଥିଲା କି, "କଣ ଆପଣଙ୍କ ବ୍ରହ୍ମଜ୍ଞାନ ହୋଇଗଲା ? "ରାମଜୀଙ୍କ ବାରମ୍ବାର ଆଗ୍ରହ ପୂର୍ବକ ଏହି ପରିପ୍ରଶ୍ନର ଉତ୍ତରରେ ନିଜର ମୌନ ଭଙ୍ଗ କରି ବଶିଷ୍ଠଜୀ କହିଲେ "ହେ ରାମ ! ଯାହାର ବ୍ରହ୍ମଜ୍ଞାନ ହୋଇଯାଏ ତା'ହାର ବାଣୀ କାମ କରେନାହିଁ " । ଅପୂର୍ଣ୍ଣ ଜ୍ଞାନର ସ୍ଥିତିରେ ଜଣଙ୍କୁ ଜ୍ଞାନୀ ବୋଲି ବୋଧହୁଏ । 'ମୁଁ ଜ୍ଞାନୀ' ବୋଲି ବୋଧହେବା ସ୍ଥିତି ସାଧକକୁ ଗୁଣାତୀତ ହେବାରୁ ବଞ୍ଚିତ କରେ । ସୁଖର ଅନୁଭବ କିମ୍ବା ଜ୍ଞାନ ଆହରଣ କରିବାର ବୋଧହେବା ଦୋଷାବହ ନୁହେଁ, ବରଂ ତାହା ସହିତ ସମ୍ବନ୍ଧ କରିବା, ଆସକ୍ତ ହୋଇ ରହିବା, ସେଥିରେ ସୁଖୀ ବା ପ୍ରସନ୍ନ ହେବା ଦୋଷାବହ ଅଟେ । ସାଧନା ପ୍ରତି ତତ୍ପରତା ଜାରି ରଖିବା ଦ୍ୱାରା ସମୟାନୁକ୍ରମେ ସେହି ସୁଖପ୍ରତି ସାଧକର ଅରୁଚି ଆସିଯାଏ ଏବଂ ପରମାତ୍ମା ବୋଧ କରାଇବାରେ ସହାୟକ ହୁଏ । ତେଣୁ ଏହି ସାତ୍ତ୍ୱିକ ଜନିତ ସୁଖ ଓ ଜ୍ଞାନ ଉପଲବଧି କାଳରେ ସାଧକ ଅତ୍ୟନ୍ତ ସତର୍କ ରହିବା ବିଧେୟ । ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାର କଲେ, କେବଳ ନିଜ ସ୍ୱରୂପ ସମ୍ବନ୍ଧୀୟ ତତ୍ତ୍ୱ ଜ୍ଞାନ ହିଁ ନିତ୍ୟ ସୁଖ ଅଟେ । ସାତ୍ତ୍ୱିକ ସୁଖ ଓ ଜ୍ଞାନ ସ୍ୱୟଂର ନ ହୋଇ ପ୍ରକୃତି ଜନିତ ହୋଇଥିବା କାରଣରୁ, ଏହି ସୁଖ ପରାଧୀନ ଅଟେ । ସାତ୍ତ୍ୱିକ ଜ୍ଞାନ ଓ ତତ୍ତ୍ୱଜ୍ଞାନ ମଧ୍ୟରେ ପ୍ରଭେଦ ହେଲା, ସାତ୍ତ୍ୱିକ ଜ୍ଞାନରେ ଦ୍ରଷ୍ଟା ରହେ ଏବଂ ନିଜକୁ ନିଜଠାରେ ବିଶେଷତ୍ୱ ପ୍ରତିଭାତ ହୁଏ । ମାତ୍ର ତତ୍ତ୍ୱଜ୍ଞାନରେ ବ୍ୟକ୍ତିତ୍ୱ ରହୁ ନ ଥିବାରୁ, କେହି ଦ୍ରଷ୍ଟା ରହନ୍ତି ନାହିଁ ଏବଂ ନିଜଠାରେ ନିଜକୁ କୌଣସି ନ୍ୟୁନତା ବା ବିଶେଷତା ଉପଲବ୍ଧି ହୁଏନାହିଁ । ତତ୍ତ୍ୱଜ୍ଞାନ ହୋଇଗଲେ ଆତ୍ମାନନ୍ଦ ପ୍ରାପ୍ତି ହୋଇଥାଏ । ଶ୍ରୀ ବଳଦେବ ବିଦ୍ୟାଭୂଷଣ ଏହି ଶ୍ଳୋକର ଟୀକାରେ ଜଡ-ଚେତନା-ବିବେକ ବିଷୟକ ଲୌକିକ ଜ୍ଞାନ ଏବଂ ସୁଖକୁ ଶାରୀରିକ-ଇନ୍ଦ୍ରିୟ-ତୃପ୍ତିରୂପ ସୁଖବୋଲି କହିଛନ୍ତି । ଏହି ଜ୍ଞାନ ଓ ସୁଖରେ ଆସକ୍ତି ହେବାରେ ବ୍ୟକ୍ତିକୁ ପ୍ରାପ୍ତ ହୋଇଥିବା କର୍ମରେ ପ୍ରବୃତ୍ତି ହୋଇଥାଏ ତଥା ସେହି କର୍ମ ଫଳ ଅନୁଭବ ହେବା ନିମନ୍ତେ ପୁଣି ଅନ୍ୟ ଶରୀରକୁ ଗ୍ରହଣ କରିବାକୁ ହୁଏ । ଜନ୍ମ-ମରଣ ଚକ୍ରରୁ ମୁକ୍ତି ପ୍ରାପ୍ତ ହୋଇ ନ ଥାଏ । 'ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଙ୍ଘାତଶ୍ଚେତନା ଧୃତିଃ'

(ଗୀତା-୧୩/୬)-ଏହି ଶ୍ଳୋକରେ ସ୍ପଷ୍ଟ କରି ଦିଆଯାଇଛି କି, ଇଚ୍ଛାଠାରୁ ନେଇ ସୁଖ-ଦୁଃଖ ଆଦି ଧୃତି ପର୍ଯ୍ୟନ୍ତ ଏହି ସବୁ କ୍ଷେତ୍ରର ଧର୍ମ ଅଟେ । ମନରେ ଧାରଣ ହୋଇ ରହିଥିବା ସୁଖ ସହିତ ଆତ୍ମାର କୌଣସି ସମ୍ବନ୍ଧ ନାହିଁ । ଏହି ସୁଖ ସହିତ ଯେଉଁ ଜ୍ଞାନ ଆହରଣ ହୋଇଥାଏ ତାହା ମଧ୍ୟ କ୍ଷେତ୍ରର ଧର୍ମ- ଆତ୍ମାର ନୁହେଁ । ଭୌତିକ ସୁଖ ଓ ଜ୍ଞାନ କ୍ଷେତ୍ରର ଧର୍ମ ଅଟନ୍ତି ଏବଂ ଅବିଦ୍ୟା କାରଣରୁ ଆତ୍ମା ଉପରେ ଅଧ୍ୟସ୍ତ ହୋଇଥାଏ । ଏହା ସହିତ ଆତ୍ମାର ଯେଉଁ ସାମୀପ୍ୟ ହୁଏ, ସେଥିରେ ସତ୍ତ୍ୱ ଆତ୍ମାକୁ ଆବଦ୍ଧ କରିନିଏ ।

ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ॥୭॥

*ଅନ୍ୱୟ: କୌନ୍ତେୟ ( ହେ କୁନ୍ତୀପୁତ୍ର !) ରଜଃ (ରଜ ଗୁଣକୁ) ରାଗାତ୍ମକମ୍ (ଅନୁରଞ୍ଜନ ରୂପ – ପ୍ରୀତି ସମ୍ପାଦକ-କାମନା ଯୌନ ପିପାସା ଉତ୍ପନ୍ନକାରୀ ) ତୃଷ୍ଣାସଙ୍ଗ ସମୁଦ୍ଭବମ୍ (ବିଷୟ ଅଭିଳାଷ ଏବଂ ଆସକ୍ତିରୁ ଉତ୍ପନ୍ନ – ତୃଷ୍ଣା ଓ ଆସକ୍ତିର ଉତ୍ପାଦକ ) ବିଦ୍ଧି (ବୋଲିଜାଣ ) ତତ୍ (ତାହା) ଦେହିନମ୍ (ଜୀବାତ୍ମାକୁ) କର୍ମସଙ୍ଗେନ (କର୍ମ ତଥା କର୍ମଫଳ ସହିତ ସମ୍ବନ୍ଧରେ ) ନିବଧ୍ନାତି (ବିଶେଷ ଭାବରେ ବାନ୍ଧିରଖେ) ।*

**ଭାବାର୍ଥ**: ରଜୋଗୁଣ ହେଉଛି ରାଗାତ୍ମକ ଅର୍ଥାତ୍ ପ୍ରୀତି ସ୍ୱଭାବାତ୍ମକ । ଜୀବକୁ ମୋହିତ କରିନିଏ ବୋଲି ଏହାର ନାମ ରଜ । ତୃଷ୍ଣା ଓ ଆସକ୍ତି ରଜୋଗୁଣର ପୋଷକ ଅଟନ୍ତି । ବିଷୟ ଉପଭୋଗର ପ୍ରବଳ ଇଚ୍ଛା ଥାଇ ଅପ୍ରାପ୍ତ ଭୋଗ୍ୟବସ୍ତୁର ଅଭିଳାଷ ହେଉଛି 'ତୃଷ୍ଣା' ଏବଂ କାମନା ଜନିତ ପ୍ରାପ୍ତ ବସ୍ତୁରେ ତୃପ୍ତି ପ୍ରାପ୍ତ ନ ହେବା ମଧ୍ୟ ତୃଷ୍ଣା । ତୃଷ୍ଣା ନିଜର ପରିତୁଷ୍ଟି ନିମନ୍ତେ ଜୀବକୁ କର୍ମରତ ହେବାକୁ ବାଧ୍ୟକରେ । ଭୋଗ ବିଷୟ ପ୍ରତି ତୀବ୍ର ଆସକ୍ତି ରହିବା ହେଉଛି 'ସଙ୍ଗ' । ରାଜସିକ ଲୋକ ଭୋଗ୍ୟ ବସ୍ତୁ ସଂଗ୍ରହରେ ସର୍ବଥା କର୍ମାସକ୍ତ । ସେ ଇନ୍ଦ୍ରିୟ ସୁଖ ପଛରେ ଧାଇଁଥାଏ ଏବଂ ତାହାରି କାମନା ତୈଳାକ୍ତ ଦୀପପରି ଅଧିକରୁ ଅଧିକ ପ୍ରବଳ ହୋଇ ଜଳେ । ରଜୋଗୁଣ ମନକୁ ସୁଖର ଆଶା ସୃଷ୍ଟି କରାଇ କାମନାକୁ ଜୀବିତ କରି ରଖେ । ତେଣୁ ହେ କୁନ୍ତିପୁତ୍ର ଅର୍ଜୁନ ! ରଜୋଗୁଣକୁ ରାଗାତ୍ମକ ଅର୍ଥାତ୍ ପ୍ରୀତି ସମ୍ପାଦକ ବୋଲିଜାଣ । ରଜୋଗୁଣରୁ ଏହି ତୃଷ୍ଣା ଓ ସଙ୍ଗର ଉତ୍ପତ୍ତି ହୋଇଥାଏ । ମାନସିକ ସ୍ତରରେ ଦେଖାଦେଉଥିବା ଆବେଗ ହିଁ ରଜୋଗୁଣର ମୁଖ୍ୟ ଲକ୍ଷଣ । କାମନା, ଆବେଗ ଏବଂ ଭାବାବେଗ ଇତ୍ୟାଦି ବିଭିନ୍ନ ପ୍ରକାର ପ୍ରବୃତ୍ତି ଭାବରେ ଏହି ଆବେଗ ବ୍ୟକ୍ତ ହୋଇଥାଏ । ଦୃଷ୍ଟ ବା ଅଦୃଷ୍ଟ ପ୍ରୟୋଜନ ହେଉଥିବା କର୍ମ ପ୍ରତି ତତ୍ପରତା ହିଁ 'କର୍ମସଙ୍ଗ' ଯାହା ବନ୍ଧନର କାରଣ ହୋଇଥାଏ । ଜୀବାତ୍ମା ଦେହଠାରୁ ଭିନ୍ନ ହେଲେମଧ୍ୟ ମନୁଷ୍ୟ ଏହି ରଜୋଗୁଣକୁ ନିଜ ମନରେ ପ୍ରବେଶ କରାଇ କାମନାର ଶୃଙ୍ଖଳରେ ନିଜକୁ ନିଜେ ବାନ୍ଧି ପକାଏ । ମନୁଷ୍ୟ ଆମରଣ କାମନାର ବନ୍ଧନରେ ଘାଣ୍ଟି ହୋଇଥାଏ । ସତ୍ତ୍ୱଗୁଣ କେବଳ ବାନ୍ଧିଥାଏ, କିନ୍ତୁ ରଜୋଗୁଣର ବନ୍ଧନ ନିବିଡ ( ନିବଧ୍ନାତି) । ଦେହାଭିମାନୀ ମନୁଷ୍ୟର କର୍ମ ସମ୍ପାଦନରେ ଯେଉଁ ଆସକ୍ତି ଥାଏ, ତାହା ଏକ ପ୍ରକାର ରସ ଯେଉଁଥିରେ ସେ' ନିବିଡଭାବେ ଯୋଡି ହୋଇରହେ । ଏହି ରଜୋଗୁଣ ମନୁଷ୍ୟକୁ ସକାମ କର୍ମରେ ଆସକ୍ତ କରାଇ ଏପରି ଦୃଢ ଭାବରେ ବାନ୍ଧି ରଖିଥାଏ କି, ଯେପରି ଏଥିରୁ ମୁକୁଳିବା କଷ୍ଟ ସାଧ୍ୟ । ଭଗବାନ କହୁଛନ୍ତି କି, କୁନ୍ତିପୁତ୍ର ଅର୍ଜୁନ ! ରଜୋଗୁଣ ବାନ୍ଧିଥାଏ । କିପରି ବାନ୍ଧିଥାଏ ମହାରାଜ ? ଏହିପରି ବାନ୍ଧିଥାଏ କି, ଔଷଧ ସେବନ କରି ସବୁଦିନ ପାଇଁ ଯବାନ୍ ହୋଇ ରହିବାର ଇଚ୍ଛା, ଏହି କର୍ମକରି ଅପର୍ଯ୍ୟାପ୍ତ ଧନ ପ୍ରାପ୍ତି କରି ଆଗାମୀ ତିନି ପୁରୁଷ ପାଇଁ ଧନ ଗଚ୍ଛିତ କରିବାର ଲୋଭ, ସମାଜ ତଥା ରାଷ୍ଟ୍ରର ହିତକୁ ବିଚାର ନ କରି ଅସତ ମାର୍ଗରେ ଧନ ସଂଗ୍ରହର ପରିକଳ୍ପନା-ଏହିପରି ଅନେକ । ଏହି ସମସ୍ତ

ହେଉଛି ତୃଷ୍ଣାର ପରିଭାଷା ଏବଂ ଏହିମାନେ ବ୍ୟକ୍ତିକୁ ବାନ୍ଧି ରଖନ୍ତି । ଏଇଟା କର, ସେଇଟା କର-ଏହିପରି କର୍ମାସକ୍ତ କରାଇ ରଜୋଗୁଣ ମନୁଷ୍ୟକୁ ଲୋଭୀ ପୁରୁଷ ରୂପେ ତିଆରି କରିଦିଏ । ରାଜସିକ ଲୋକ ନାମ, ଯଜ୍ଞ ଓ ଭୋଗ ବିଳାସ ଆଦି  ପଛରେ ଧାଇଁ ନିଜକୁ ଅଗଣିତ କର୍ମରେ ସଂଶ୍ଳିଷ୍ଟ କରିଦିଏ । କର୍ମରେ ସଂଶ୍ଳିଷ୍ଟ ହୋଇ କର୍ମଫଳରେ ଆସକ୍ତ ରହିବାର ନାମ ହିଁ 'କର୍ମସଙ୍ଗ' । ଏହି ଶ୍ଳୋକରେ 'ରାଗାତ୍ମକ' ପଦକୁ ପ୍ରେମ-ପ୍ରୀତି ଅର୍ଥରେ ଗ୍ରହଣ କରାଯାଇଛି । କୌଣସି ବସ୍ତୁ, ବ୍ୟକ୍ତି, ପରିସ୍ଥିତି, ଘଟନା, କ୍ରିୟା ପ୍ରତି ଯେଉଁ ପ୍ରୀତି ଜାତ ହୁଏ, ତାହା ରଜୋଗୁଣ ସ୍ୱରୂପ । ରଜୋଗୁଣ ପ୍ରୀତି ସ୍ୱାଭାବିକ ବୋଲି କହିବାର ଉଦାହରଣ ହେଉଛି-ସ୍ତ୍ରୀ ଓ ପୁରୁଷ ପ୍ରତି ପରସ୍ପର ଆକର୍ଷଣ । ରଜୋଗୁଣ ଶରୀରଧାରୀ ଜୀବଠାରେ ଭୋଗ ନିମନ୍ତେ ଲାଳସା ଉତ୍ପନ୍ନ କରାଏ । ଏହି ପ୍ରକାର ବ୍ୟକ୍ତି ସର୍ବଦା ଅର୍ଥ ଉପାର୍ଜନ, ରୂପବତୀ ସ୍ତ୍ରୀ, ସୁନ୍ଦର ସନ୍ତାନ ତଥା ସୁଖୀ ପରିବାର ଚାହିଁଥାଏ । ଏହି ସମସ୍ତ ରଜୋଗୁଣର ଲକ୍ଷଣ । ରଜୋଗୁଣର ପ୍ରଭାବରେ ସାରା ସଂସାର ଭୋଗ-ବିଷୟରେ ଆସକ୍ତ ହୋଇ ମାୟାର ବନ୍ଧନରେ ପଡନ୍ତି । ବର୍ତ୍ତମାନ ଆଧୁନିକ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ସର୍ବତ୍ର ଏହି ରଜୋଗୁଣର ପ୍ରାଦୁର୍ଭାବ କାରଣରୁ ସମାଜରେ ଅଧର୍ମ, କଳହ, ପାରିବାରିକ ବିଶୃଙ୍ଖଳା ବହୁଳ ପରିମାଣରେ ଦୃଷ୍ଟିଗୋଚର ହେଉଛି । ଗୁଣାତୀତ ପୁରୁଷର ମଧ୍ୟ ରଜୋଗୁଣ ପ୍ରଭାବରୁ ପ୍ରବୃତ୍ତି ହୁଏ, କିନ୍ତୁ ରାଗ ପୂର୍ବକ ଅର୍ଥାତ୍ ଆସକ୍ତି ରହି ପ୍ରବୃତ୍ତି ହୁଏନାହିଁ । ମହାସର୍ଗ ଆରମ୍ଭରେ "ବହୁସ୍ୟାଂ ପ୍ରଜାୟେୟ"-ପରମାତ୍ମାଙ୍କ ଏହି ସଂକଳ୍ପ ରଜୋ ଗୁଣାତ୍ମକ ଅଟେ । ସୃଷ୍ଟି ରଚନା ସମୟରେ ଏହି ରଜୋଗୁଣାତ୍ମକ ସଂକଳ୍ପ ଦ୍ୱାରା ମୂଳ ପ୍ରକୃତିରେ ଯେଉଁ କ୍ଷୋଭ ସୃଷ୍ଟି ହୁଏ, ଯାହାକୁ ଗୀତାରେ 'କର୍ମ' ନାମରେ ଅଭିହିତ କରାଯାଇଛି । କର୍ମ କରିବାର ପ୍ରବୃତ୍ତି ବଢିଲେ ନୂଆ ନୂଆ କର୍ମ ଆରମ୍ଭ କରିବା ଚିନ୍ତାରେ ରହି ଆତ୍ମ କଲ୍ୟାଣ ବା ଉଦ୍ଧାର ପାଇଁ ଅବସର ମିଳେ ନାହିଁ । ବାସନା, କାମନାର ବୃଦ୍ଧିହେଲେ ମନୁଷ୍ୟ ମେରୁ ପର୍ବତକୁ ପାଇଲେ ମଧ୍ୟ ଆହୁରି ବେଶିକିଛି ପାଇବାଲାଗି ଆଶା କରିଥାଏ । ପୁତ୍ର, ଧନ ସମ୍ପଦ ଆଦି ଲୋଭରେ ଯାଗଯଜ୍ଞ କରିବାକୁ ଚେଷ୍ଟାକରେ । କ୍ରମଶଃ ଦେବାଦେବୀ ଆଦି ବୃହତ୍ତର ବ୍ରତ ପୂଜାଦି କରେ । ଏହିଭାବରେ ରଜୋଗୁଣ କର୍ମର ସୁଖାସକ୍ତିରେ ଦେହଧାରୀକୁ ଆବଦ୍ଧ କରେ ଅର୍ଥାତ୍ ଜନ୍ମ-ମୃତ୍ୟୁ ପ୍ରଦାନ କରେ । ତେଣୁ ସାଧକ ନିଷ୍କାମ ଭାବରେ କର୍ତ୍ତବ୍ୟପାଳନ  କଲେ ସେଥିରେ ଆସକ୍ତି ରସ ରହି ନ ଥାଏ । ସଂଗ୍ରହ ଓ ସୁଖ ଭୋଗର ଉଦ୍ଦେଶ୍ୟ ନଥିବା କାରଣରୁ ନୂତନ କର୍ମ ମଧ୍ୟ ଆରମ୍ଭ ହୁଏନାହିଁ । କାମନା ଓ ଆସକ୍ତି ଦ୍ୱାରା ରଜୋଗୁଣ ବଢେ ଏବଂ ରଜୋଗୁଣରୁ କାମନା ଓ ଆସକ୍ତି ବଢେ । ରଜୋଗୁଣ ଓ କାମନା ମଧ୍ୟରେ ବୀଜ ଓ ବୃକ୍ଷର ସମ୍ବନ୍ଧ ପରି ଅନ୍ୟୋନ୍ୟାଶ୍ରୟ ସମ୍ବନ୍ଧ ରହିଛି । ଏହି ମାନଙ୍କ ମଧ୍ୟରୁ ରଜୋଗୁଣ ବୀଜ ସ୍ଥାନୀୟ ଓ କାମନା ବା ଆସକ୍ତି ବୃକ୍ଷ ସ୍ଥାନୀୟ ଅଟନ୍ତି । କର୍ମ ଆସକ୍ତିର ଉର୍ଦ୍ଧ୍ୱକୁ ଉଠିବାକୁ ହେଲେ ସାଧକ ସଂସାରର ଅନୁଭବନୀୟ କେତେକ ସତ୍ୟାବଳୀକୁ ମନନ କରିବା ବିଧେୟ, ଯଥା:- ଆଜି ପର୍ଯ୍ୟନ୍ତ ବାଳକ, ଯୁବକ ଇତ୍ୟାଦି ଯେଉଁ ସବୁ ଅବସ୍ଥା ବିତିଗଲାଣି ତାହା ଆଉ ଫେରିବା ସମ୍ଭବ ନୁହେଁ । ଜୀବନ ପ୍ରତିକ୍ଷଣ ମୃତ୍ୟୁ ଅଭିମୁଖେ ଧାବମାନ  ଏବଂ ସୃଷ୍ଟି ପ୍ରତିକ୍ଷଣ ପ୍ରଳୟାଭିମୁଖୀ । ରାଜା, ମହାରାଜା, ବଳବନ୍ତ ଆଦିଙ୍କ ଅନ୍ତିମ ଦଶା, ବଡ ବଡ ରାଜପ୍ରସାଦ, ଅଟ୍ଟାଳିକାର ଭଗ୍ନାବଶେଷ ଭଳି ଏହି ଶରୀର, ଧନ ସମ୍ପତ୍ତି, ଘରଦ୍ୱାର ଆଦିର ଅନ୍ତିମ ପର୍ଯ୍ୟାୟ ସୁନିଶ୍ଚିତ । ଏହି ପ୍ରକାର ବିଚାର ଦ୍ୱାରା ସାଧକର ଅନ୍ତଃକରଣରେ ସାତ୍ତ୍ୱିକ ବୃତ୍ତି ଜାଗ୍ରତ ହୋଇ କର୍ମ ସଙ୍ଗରୁ ଉର୍ଦ୍ଧ୍ୱକୁ

ଉଠିବାର ସମ୍ଭାବନା ସୃଷ୍ଟିହୁଏ । ସଂଗ୍ରହ ଓ ସୁଖଭୋଗ ଉଦ୍ଦେଶ୍ୟରେ ନୂତନ ନୂତନ କର୍ମ ଆରମ୍ଭ କରିବାରୁ ବିରତ ରହି ପ୍ରାପ୍ତ ପରିସ୍ଥିତି ଅନୁସାରେ ଅନାସକ୍ତ ହୋଇ କର୍ତ୍ତବ୍ୟ କରିବାକୁ ସକ୍ଷମ ହୁଏ ।

ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।
ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ॥୮॥

*ଅନ୍ୱୟ: ତୁ (ଏବଂ) ଭାରତ (ହେ ଭରତ ବଂଶୀ ଅର୍ଜୁନ !) ସର୍ବ ଦେହିନାମ୍ (ସମସ୍ତ ଦେହଧାରୀ ଜୀବ ବିଶେଷତଃ ଦେହାଭିମାନୀ ମନୁଷ୍ୟଙ୍କୁ ) ମୋହନମ୍ (ମୋହିତ କରୁଥିବା-ଭ୍ରାନ୍ତି ସୃଷ୍ଟି କରୁଥିବା) ତମଃ (ତମୋଗୁଣ) ଅଜ୍ଞାନଜଂ (ଅଜ୍ଞାନରୁ ଉତ୍ପନ୍ନ ) ବିଦ୍ଧି (ବୋଲିଜାଣ) ତତ୍ (ସେହି ତମୋଗୁଣ ) ପ୍ରମାଦ-ଆଳସ୍ୟ-ନିଦ୍ରାଭିଃ (ପ୍ରମାଦ ବା ଅମନଯୋଗୀତା, ଆଳସ୍ୟ ଓ ନିଦ୍ରା ଦ୍ୱାରା ) ନିବଧ୍ନାତି (ଆବଦ୍ଧ ବା ବିମୋହିତ କରେ ) ।*

**ଭାବାର୍ଥ** : ହେ ଭରତବଂଶୀ ଅର୍ଜୁନ ! ତୁମ୍ଭେ ଜାଣିରଖ ଯେ, ଅଜ୍ଞାନରୁ ଜାତ ତମୋଗୁଣ ସମସ୍ତ ଜୀବଙ୍କୁ ବିଶେଷ କରି ଦେହାଭିମାନୀ ମନୁଷ୍ୟକୁ ଭ୍ରାନ୍ତିରେ ପକାଏ । ଅନ୍ତଃକରଣ ତଥା ଇନ୍ଦ୍ରିୟମାନଙ୍କଠାରେ ଜ୍ଞାନ ଶକ୍ତିର ଅଭାବ କରାଇ ଅଜ୍ଞାନୀ ଜନଙ୍କଠାରେ ମୋହ ଉତ୍ପନ୍ନ କରାଏ । ଯେଉଁମାନଙ୍କ ଶରୀର ପ୍ରତି ଅହଂତ୍ୱ ବା ମମତ୍ୱ ରହିଛି, ତମୋଗୁଣ ସେହିମାନଙ୍କୁ ପ୍ରମାଦ ଅର୍ଥାତ୍ ଅମନଯୋଗୀତା, ଆଳସ୍ୟ ଓ ନିଦ୍ରା ଦ୍ୱାରା ଯେପରି ଜୀବକୁ ଆବଦ୍ଧକରେ । ତମୋଗୁଣ ହେଉଛି ବାନ୍ଧି ରଖିବାର ଏକଶକ୍ତି ଯାହାକି ଜୀବକୁ କର୍ମ ବିମୁଖତା, ଆଳସ୍ୟ ଓ ନିଦ୍ରାରେ ପ୍ରବଣ କରାଏ ଓ ନିର୍ବୋଧ କାର୍ଯ୍ୟରେ ପ୍ରବୃତ୍ତ କରାଏ । ତମୋଗୁଣ ସତ୍ୱ ଗୁଣର ବିପରୀତ ଏବଂ ତମୋଗୁଣର ଅଧୀନ ହୋଇଥିବା ବ୍ୟକ୍ତି କର୍ମଠ ନୁହେଁ । କର୍ମ ବିମୁଖତା, ଅସାବଧାନତା କାରଣରୁ ତାହାରି ବୁଦ୍ଧି ମଳିନ ପଡିଯାଇଥାଏ । ତମୋଗୁଣ ଶରୀରରେ ସମସ୍ତ ଇନ୍ଦ୍ରିୟମାନଙ୍କୁ ଜଡ କରିପକାଏ । ମନ ମୂଢ ହୋଇଯାଏ ଏବଂ ସମସ୍ତ ପ୍ରକାର ଦୈହିକ କର୍ମରେ ଅରୁଚି ଓ ଶିଥିଳତା ଦେଖାଦିଏ । ତମ ମୋହ ବା ଅବିବେକତା ସୃଷ୍ଟି କରେ । ଯେ ଦେହକୁ ଆତ୍ମା ବୋଲି ଭାବନ୍ତି, ତମୋଗୁଣ ସେହିମାନଙ୍କଠାରେ ବିଶେଷ ଭ୍ରାନ୍ତି ଉତ୍ପନ୍ନ କରାଏ । ତମୋଗୁଣ ଯୋଗୁଁ ଅଜ୍ଞାନ ବଢେ ଓ ଅଜ୍ଞାନ ହେତୁ ତମୋଗୁଣ ବଢେ । ଏହି ଦୁଇଟି ମଧ୍ୟରେ ବୀଜ-ବୃକ୍ଷ ସମ୍ବନ୍ଧପରି ଅନ୍ୟୋନ୍ୟାଶ୍ରୟ ସମ୍ବନ୍ଧ ରହିଛି । ତମୋଗୁଣ ସମ୍ପନ୍ନ ବ୍ୟକ୍ତି କୌଣସି ବିଷୟକୁ ସହଜରେ ବୋଧ ବା ହୃଦୟଙ୍ଗମ କରିବାକୁ ଅସମର୍ଥ ହୋଇଥାଏ । ସେହି ବ୍ୟକ୍ତିର ବିଚାର, ବୁଦ୍ଧି ବୋଲି କିଛି ନ ଥାଏ । ଏହି ପ୍ରକାର ବ୍ୟକ୍ତି ସର୍ବଦା ବିଷାଦ ଜଣାପଡୁଥାଏ ଏବଂ ନିଶାଦ୍ରବ୍ୟ ସେବନ ଓ ଶୟନ ପ୍ରତି ବିଶେଷ ଆସକ୍ତି ହୋଇ ପଡିଥାଏ । ସେହି ବ୍ୟକ୍ତି ଉଚିତ-ଅନୁଚିତ ବୋଲି କୌଣସି ବିବେଚନା କରିପାରେ ନାହିଁ । ନିଦ୍ରା ହିଁ ତାର ଚିର ସଙ୍ଗୀ । ନିଦ୍ରାକୁ ପାଇଲେ ସେ ସ୍ୱର୍ଗକୁ ସୁଦ୍ଧା ତୁଚ୍ଛ ମନେକରେ । ତମୋଗୁଣ ସମ୍ପନ୍ନ ବ୍ୟକ୍ତି ଏକ ଚିନ୍ତା-ବିବେକ ଶୂନ୍ୟ ନିର୍ବୋଧ ମଣିଷ ଏବଂ ସେ ଯାହାକରେ କେବଳ ପ୍ରବୃତ୍ତିବଶ ହୋଇ କରେ । ତାହାରି ନିକଟରେ ଲକ୍ଷ୍ୟର ସ୍ଥିରତା, ବୁଦ୍ଧିର ପ୍ରତିଭା, ଭାବନାର କୋମଳତା ବା କର୍ମର କୁଶଳତା ଦେଖିବାକୁ ମିଳେନାହିଁ । ତମୋଗୁଣ ପ୍ରଭାବରୁ ମନୁଷ୍ୟର ସତ୍ୟ-ଅସତ୍ୟ, ନିତ୍ୟ-ଅନିତ୍ୟ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ମଧ୍ୟରେ ବିଚାର କରିବାର ବୌଦ୍ଧିକ କ୍ଷମତା ଆଚ୍ଛାଦିତ ହୋଇଯାଏ ଏବଂ ସେ ସମ୍ମୋହିତ ବା ମୂର୍ଖ ବ୍ୟକ୍ତି ପରି ବ୍ୟବହାର କରେ । ସେମାନେ ମନୁଷ୍ୟ ହୋଇଥିଲେ ମଧ୍ୟ ଚଉରାଅଶି ଲକ୍ଷ ଯୋନିରେ ପଡିଥିବା ପ୍ରାଣୀମାନଙ୍କ ସହିତ ସମାନ ଅର୍ଥାତ୍ ପଶୁ-ପକ୍ଷୀ

ପ୍ରଭୃତି ଯେପରି ଖାଇ, ପିଇ ଶୋଇଯାନ୍ତି, ସେହିମାନେ ମଧ୍ୟ ସେହିପରି ଜୀବନ ଅତିବାହିତ କରନ୍ତି । ତମୋଗୁଣ ଦ୍ୱାରା ଅନ୍ତଃକରଣରେ ସତ୍ ପଦାର୍ଥରେ ଅସତ୍ ଭ୍ରମ ଜାତ ହୁଏ । ଅତଏବ, ତାହା ଦେହାଭିମାନୀ ମନୁଷ୍ୟଙ୍କର ମୋହଜନକ ଅଟେ । ସୁତରାଂ ମନୁଷ୍ୟ ସତ୍ ପଦାର୍ଥ (ତତ୍ତ୍ୱଜ୍ଞାନ) ଲାଭ କରିପାରେ ନାହିଁ କି, ସଂସାର ବନ୍ଧନରୁ ମୁକ୍ତ ହୋଇପାରେ ନାହିଁ । ଅନ୍ତଃକରଣ ଏବଂ ଇନ୍ଦ୍ରିୟମାନଙ୍କର ବ୍ୟର୍ଥ ଚେଷ୍ଟା ଏବଂ ଶାସ୍ତ୍ର ବିହିତ କର୍ତ୍ତବ୍ୟ ପାଳନରେ ଅବହେଳା ହେଉଛି ପ୍ରମାଦ । ଯେ ପ୍ରମାଦାଶକ୍ତ, ନିତାନ୍ତ ଅସାବଧାନ, ସେ ନିତ୍ୟ-ଅନିତ୍ୟ ଭିତରେ ପ୍ରଭେଦ ବା ଜାଣିବ କିପରି ? ତେଣୁ ତମୋଗୁଣ ହେଉଛି ଦିବ୍ୟତାର ମୁଖ୍ୟ ପ୍ରତିବନ୍ଧକ । କର୍ତ୍ତବ୍ୟ କର୍ମରେ ଅପ୍ରବୃତ୍ତି ରୂପକ ନିରୁଦ୍ୟମତାର ନାମ ଆଳସ୍ୟ । ଆଳସ୍ୟ ପରାୟଣ ବ୍ୟକ୍ତି ସର୍ବଦା ପରିଶ୍ରମ କାତର । ତନ୍ଦ୍ରା, ସ୍ୱପ୍ନ ଓ ସୁଷୁପ୍ତି -ଏହିସବୁର ନାମ ନିଦ୍ରା । ପ୍ରମାଦ, ଆଳସ୍ୟ ଓ ନିଦ୍ରା ଦ୍ୱାରା ତମୋଗୁଣ ମନୁଷ୍ୟକୁ ମୁକ୍ତିର ସାଧନରୁ ବଞ୍ଚିତ କରି ଜନ୍ମ-ମୃତ୍ୟୁ ରୂପକ ସଂସାର ଜାଲରେ ବାନ୍ଧିରଖେ । ଅନ୍ୟ ଏକ ଟୀକାଦାରଙ୍କ ମତାନୁଯାୟୀ ନିଦ୍ରା ଶବ୍ଦର ଅର୍ଥ ଏହିଠାରେ ଏହା ନୁହେଁ କି, ତମୋଗୁଣୀ ବ୍ୟକ୍ତି ନିଦ୍ରାଗ୍ରସ୍ତ ହୋଇ ଅଧିକ ଶୋଇ ରହେ । ସଂସାର ହିଁ ରାତ୍ରି । ତମୋଗୁଣୀ ବ୍ୟକ୍ତି ଏହି ସଂସାରରୂପି ମୋହରେ ରାତ୍ର-ଦିନ ବ୍ୟସ୍ତ ରହି ପ୍ରକାଶ ସ୍ୱରୂପର ଦିଗରେ ଅଚେତ ବା ଅଜ୍ଞ ରହେ । ଏହା ତମୋଗୁଣ ଜନିତ ନିଦ୍ରା ଅଟେ । ଯେଉଁ ମନୁଷ୍ୟ ଜନ୍ମ ସୁ-ଦୁର୍ଲଭ ଏବଂ ଅନନ୍ତ କାଳର ଶତ ସହସ୍ର ସଞ୍ଚିତ ପୁଣ୍ୟରୁ ଯାହା ଉପଲବ୍ଧ ହୋଇଛି, ଯାହା ମୋକ୍ଷ ପ୍ରାପ୍ତିର ଏକମାତ୍ର ସାଧନ, ସେହି ମନୁଷ୍ୟ ଜନ୍ମକୁ ବୃଥା ବିତାଇ ଦେବା ହିଁ ପ୍ରମାଦ । *"ଆୟୁଷଃ କ୍ଷଣ ଏକୋଅପି ସର୍ବରତ୍ନୈର୍ନଲଭ୍ୟତେ – ସ ବୃଥା ନିୟତେ ଯେନ ପ୍ରମାଦୀ ନରାଧମଃ"*- ଅର୍ଥାତ୍ ଆୟୁର ଏକକ୍ଷଣ ମଧ୍ୟ ସବୁ ରତ୍ନ ଦେଇ ମଧ୍ୟ କିଣା ଯାଇପାରିବ ନାହିଁ । ଆୟୁର ସେହି କ୍ଷଣକୁ ଯେ ବ୍ୟର୍ଥରେ ଅତିବାହିତ କରେ, ସେ ହିଁ ନରାଧମ ପ୍ରମାଦୀ । ଶୁଭ କର୍ମରେ ପ୍ରମାଦକୁ ଆଳସ୍ୟ କୁହାଯାଏ । ତମୋଗୁଣ ପ୍ରବୃତ୍ତି ବ୍ୟକ୍ତିର ଚିନ୍ତନରେ ସାତ୍ତ୍ୱିକ ପ୍ରବୃତ୍ତି ସହଜରେ ଜାଗ୍ରତ ହୁଏ ନାହିଁ । ପ୍ରମାଦର ଅର୍ଥ ହେଲା ନିଷ୍ପ୍ରୟୋଜନ କାର୍ଯ୍ୟ କରିବା ଏବଂ ଅନର୍ଥକ ବିଷୟରେ ଚିନ୍ତନ କରିବା । ଧର୍ମ, ଅର୍ଥ, କାମ, ମୋକ୍ଷ- ଏହି ଚାରି ପୁରୁଷାର୍ଥ ମଧ୍ୟରୁ କେଉଁ ଗୋଟିକରେ ମଧ୍ୟ ତାହାକୁ ସିଦ୍ଧ ହୋଇ ନ ଥାଏ । ରଜୋଗୁଣ ଦ୍ୱାରା ସାତ୍ତ୍ୱିକ ଭାବ ନଷ୍ଟ ହୁଏ, ତମୋଗୁଣ ଦ୍ୱାରା ଉଭୟ ସାତ୍ତ୍ୱିକ ଏବଂ ରାଜସିକ ପ୍ରଭାବ ନଷ୍ଟ ହୁଏ । ଏହା ବ୍ୟକ୍ତିକୁ ପ୍ରମାଦ, ଆଳସ୍ୟ ଓ ନିଦ୍ରାଛିତ ସ୍ଥିତିକୁ ଠେଲି ଦିଏ । କିନ୍ତୁ ଯେଉଁମାନଙ୍କ ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କ ସମେତ ଶରୀରରେ ଅଭିମାନ ନ ଥାଏ, ସେପରି ଗୁଣାତୀତ ଜୀବନମୁକ୍ତ ପୁରୁଷ ଶରୀର ସହିତ ନିଜର କୌଣସି ସମ୍ବନ୍ଧ ସ୍ୱୀକାର କରି ନଥାନ୍ତି ।

ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।
ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ॥୯॥

*ଅନ୍ୱୟ : ଭାରତ ! (ହେ ଅର୍ଜୁନ !) ସତ୍ତ୍ୱମ୍ (ସତ୍ତ୍ୱଗୁଣ) ସୁଖେ (ସୁଖରେ ଅର୍ଥାତ୍ ଭଗବଦ-ଆନନ୍ଦରେ) ରଜଃ (ରଜୋଗୁଣ) କର୍ମଣି (ସାଧୁ କର୍ମରେ) ସଞ୍ଜୟତି (ଜୀବକୁ ସଂଶ୍ଳିଷ୍ଟ କରେ) ତୁ (ମାତ୍ର) ତମଃ ( ତମୋଗୁଣ) ଜ୍ଞାନମ୍ (ଜ୍ଞାନକୁ) ଆବୃତ୍ୟ (ଆଚ୍ଛାଦିତ କରି ) ପ୍ରମାଦେ ( ଭ୍ରମରେ ବା ଅନବଧାନତାରେ ) ଉତ ( ମଧ୍ୟ ) ସଞ୍ଜୟତି (ଲଗାଇଥାଏ ) ।*

**ଭାବାର୍ଥ** :ପୂର୍ବ ତିନି ଶ୍ଳୋକରେ ସତ୍ତ୍ୱ, ରଜ ଓ ତମ-ଏହି ତିନି ଗୁଣର ଲକ୍ଷଣ ଓ କାର୍ଯ୍ୟ କୁହାଯାଇଅଛି । ଏହି ଶ୍ଳୋକରେ କେଉଁ କାର୍ଯ୍ୟରେ କେଉଁ ଗୁଣର ଅଧିକ ଉତ୍କର୍ଷ ବିଦ୍ୟମାନ, ତାହା ବ୍ୟାଖ୍ୟା କରାଯାଉଛି । ଭଗବାନ କହୁଛନ୍ତି ହେ ଭାରତ ! ସତ୍ତ୍ୱଗୁଣ ସୁଖରେ, ରଜୋଗୁଣ କର୍ମରେ ଏବଂ ତମୋଗୁଣ ଜ୍ଞାନକୁ ଆବରଣ କରି, ପ୍ରମାଦ ଓ ଆଳସ୍ୟ ଆଦିରେ ଜୀବକୁ ନିଯୁକ୍ତ କରେ । ସତ୍ତ୍ୱଗୁଣର ପ୍ରବଳତା ହେଲେ ଜୀବର କର୍ମାସକ୍ତି ଓ ଶୋକ, ମୋହ, ନିଦ୍ରା, ଆଳସ୍ୟ ପ୍ରଭୃତି କିଞ୍ଚିତ୍ ଥିଲେ ସୁଦ୍ଧା ସୁଖ ଓ ଜ୍ଞାନାଭିଳାଷ ବୃଦ୍ଧି ହୁଏ । ରଜୋଗୁଣ ପ୍ରବଳ ହେଲେ ଜୀବର ସୁଖାଦି ଅଭିଳାଷ, ଆଳସ୍ୟ ଓ ନିଦ୍ରା ଥିଲେ ସୁଦ୍ଧା ବୈଦିକ ଓ ଲୌକିକ ନାନା ପ୍ରକାର କର୍ମରେ ପ୍ରବୃତ୍ତି ବୃଦ୍ଧିପାଏ । ସେହିପରି ତମୋଗୁଣ ପ୍ରବଳ ହେଲେ ସତ୍ତ୍ୱଗୁଣ କାର୍ଯ୍ୟ ସ୍ୱରୂପ ଜ୍ଞାନକୁ ଆବରଣ କରି ପ୍ରମାଦ ଅର୍ଥାତ୍ ଅସାବଧାନତା ଓ ଭ୍ରମ ବୃଦ୍ଧିକରେ । ଜୀବାତ୍ମା ନିଦ୍ରା, ତନ୍ଦ୍ରା ଓ ଆଳସ୍ୟ କାର୍ଯ୍ୟର ମଧ୍ୟ ବଶୀଭୂତ ହୋଇପଡେ । ସତ୍ତ୍ୱଗୁଣ ଯାହା ଧର୍ମ ଉପରେ ଆଧାରିତ ଏବଂ ପବିତ୍ର, ତାହା ଜୀବକୁ ଭଗବତ୍ ଆନନ୍ଦ ପ୍ରଦାନ କରେ । ସତ୍ତ୍ୱଗୁଣ ମନୁଷ୍ୟକୁ ସାଂସାରିକ ଭୋଗ ଓ ଚେଷ୍ଟାରୁ ତଥା ପ୍ରମାଦ, ଆଳସ୍ୟ ଓ ନିଦ୍ରାରୁ ଦୂରେଇନେଇ ଆତ୍ମା ଚିନ୍ତନ ଆଦିଦ୍ୱାରା ଯେଉଁ ସାତ୍ତ୍ୱିକ ସୁଖରେ ସଂଯୁକ୍ତ କରିଦିଏ, ତାହାହିଁ ସେହି ସୁଖରେ ଲଗାଇରଖିବା । ସତ୍ତ୍ୱଗୁଣ ସୁଖରେ ଯୋଡିଥାଏ । ଲୀଳା, ଶ୍ରବଣ, ଧ୍ୟାନ, ଜପ, ସମାଧି, ସ୍ୱାଧ୍ୟାୟ, ଗୀତା-ବିଚାର, ଭାଗବତ ପାଠ - ଏହି ସମସ୍ତ କ୍ରିୟା କରିବାରେ ଅନ୍ତଃକରଣରେ ଏକ ଆତ୍ମୀୟ ସୁଖ ଅନୁଭୂତି ହୁଏ । ଯେବେ ସତ୍ତ୍ୱଗୁଣ ଉଦୟ ହୁଏ, ତାହା ବ୍ୟକ୍ତିକୁ ସତ୍-ସଙ୍ଗ, ଭଜନ, ଲୀଳା ଶ୍ରବଣ ଆଦି ଭଗବତ୍ କର୍ମ କରିବାରେ ମନକୁ ଆକୃଷ୍ଟ କରାଏ । ସେହି ବ୍ୟକ୍ତି ସମୂହ ସ୍ୱାର୍ଥ କର୍ମ କରିବାରେ ଆତ୍ମ ସନ୍ତୋଷ ଲାଭ କରେ । ବାସ୍ତବରେ ସତ୍ତ୍ୱଗଣ ପ୍ରଭାବରେ ଜ୍ଞାନର ବୃଦ୍ଧି ଘଟିଲେ, ସାଧକଠାରେ ଏକ ପ୍ରକାର ଅଭିମାନ ଆସିଯାଇଥାଏ କି, 'ମୁଁ କେତେ ଜ୍ଞାନୀ' । ଏହି ପ୍ରକାର ଅଭିମାନରୁ ମଧ୍ୟ ଏକପ୍ରକାର ସୁଖ ମିଳିଥାଏ। ଫଳରେ ସାଧକ ସେଥିରେ ବାନ୍ଧି ହୋଇ ରହିଯାଏ । ମନୁଷ୍ୟର ସାମନାରେ ଭୌତିକ ସୁଖ କିମ୍ବା ଦୁଃଖର ବିଷମ ପରିସ୍ଥିତି ସର୍ବଦା ଆସିଥାଏ । ସତ୍ତ୍ୱଗୁଣର ପ୍ରଭାବରେ ଚାହେଁ କେତେ ଦୁଃଖ ଆଉ ପୀଡାର କାରଣ ଉପସ୍ଥିତି ହେଉନା କାହିଁକି, ସତ୍ତ୍ୱ ଗୁଣ ତାହାକୁ ଅନୁଭବ କରିବାକୁ ଦିଏ ନାହିଁ ଏବଂ ଆତ୍ମ ସୁଖକୁ ହିଁ ଅନୁଭବ କରାଇ ସେଥିରେ ଆବଦ୍ଧ କରି ରଖେ । ରଜୋଗୁଣ ଜୀବକୁ କର୍ମ ଚଞ୍ଚଳତା କରାଇ କାମ୍ୟ କର୍ମରେ ସଂଶ୍ଳିଷ୍ଟ କରେ । ନାନା ପ୍ରକାର ଭୋଗ ଇଚ୍ଛା ଉତ୍ପନ୍ନ କରି ଇହକାଳ ପରକାଳରେ ଭୋଗ ରୂପକ ଫଳ ପ୍ରଦାନ କରୁଥିବା ଶାସ୍ତ୍ର ବିହିତ ସକାମ କର୍ମରେ ପ୍ରବୃତ୍ତ କରିବାକୁ ହିଁ ରଜୋଗୁଣରେ ମନୁଷ୍ୟକୁ ସେହି କର୍ମରେ ଲଗାଇ ରଖିବା । ଏହିପରି ରଜୋଗୁଣ ବ୍ୟକ୍ତି ସକାମ କର୍ମରେ ନିଯୁକ୍ତ ହୋଇ କର୍ମଫଳ ଭୋଗ ଉଦ୍ଦେଶ୍ୟରେ କର୍ମପ୍ରତି ଆସକ୍ତ ହୋଇ ପଡିଥାନ୍ତି । ସେ ସର୍ବଥା ଅନ୍ୟମାନଙ୍କଠାରୁ ମାନ-ସମ୍ମାନ, ପୂଜା, ସତ୍କାର ଆଦି ପ୍ରାପ୍ତି ନିମନ୍ତେ ଇଚ୍ଛା ବହନ କରିଥାନ୍ତି । ଧନ-ସମ୍ପତ୍ତି ସଂଗ୍ରହରେ ସର୍ବଦା କର୍ମରତ ରହିଥାନ୍ତି । ଭଗବତ୍ ଚିନ୍ତନ, ସ୍ୱାଧ୍ୟାୟ, ଶାସ୍ତ୍ର ଅଧ୍ୟୟନ, ସତ୍-ସଙ୍ଗ, ଭଜନ ପ୍ରଭୃତି କ୍ରିୟାରେ ନିଯୁକ୍ତ ରହିବାକୁ ଅର୍ଥହୀନ ଓ ସମୟ ଅପକ୍ଷୟ ବୋଲି ବିଚାର କରିଥାନ୍ତି । ସାଧୁ, ସନ୍ଥଙ୍କ ଦର୍ଶନରେ ସେମାନଙ୍କ ପ୍ରତି ମନରେ ସନ୍ଦେହ ସୃଷ୍ଟି ହୋଇଥାଏ । ମୂଳ ଉଦ୍ଦେଶ୍ୟ ଅର୍ଥ ଉପାର୍ଜନ ରଖି ସମାଜରେ ନିଜର ମାନ-ସମ୍ମାନ, ବଢାଇ ନିମିତ୍ତ ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ବିଦ୍ୟାଳୟ, ଚିକିତ୍ସାଳୟ, ଅନ୍ନକ୍ଷେତ୍ର ଆଦି ଅନୁଷ୍ଠାନ ପ୍ରତିଷ୍ଠା କରି ଅନେକ ପ୍ରକାର ଦାନ ଧର୍ମ କାର୍ଯ୍ୟରେ ଲିପ୍ତ

ରୁହନ୍ତି । ଯଦିଓ ମନୁଷ୍ୟ କର୍ମ କରିବା ନିହାତି ଆବଶ୍ୟକ, ସାଧକ ନିଜର କର୍ତ୍ତବ୍ୟ କର୍ମ ପ୍ରତି ସର୍ବଦା ତତ୍ପର ରହିବା ବିଧେୟ । କୌଣସି ପ୍ରକାର କର୍ମରେ ଆସକ୍ତି, ପ୍ରିୟତ୍ୱ ଓ ଅତ୍ୟଧିକ ଆଗ୍ରହ କରିବା ଅନୁଚିତ । ରଜୋଗୁଣ ପ୍ରଭାବରେ ଯେତେ ଭୌତିକ ସୁଖ ପ୍ରାପ୍ତି ହୋଇଥିଲେ ମଧ୍ୟ, ବ୍ୟକ୍ତି ଲୋଭ ବଶତଃ କର୍ମ ପ୍ରବୃତ୍ତିକୁ ତ୍ୟାଗ କରି ପାରି ନ ଥାଏ । ତମଗୁଣ ଜ୍ଞାନ ଓ ବିବେକକୁ ଆଚ୍ଛାଦିତ କରି ଜୀବକୁ ନେଇ ନିଶ୍ଚିତ ଭାବରେ ପ୍ରମାଦରେ ବା ଅନବଧାନତାରେ ସଂଶ୍ଳିଷ୍ଟ କରିଦିଏ । କଳାମେଘ ଯେପରି ସୂର୍ଯ୍ୟଙ୍କୁ ଢାଙ୍କିରଖେ, ତମୋଗୁଣ ସେହିପରି ଆତ୍ମାର ତେଜ ଓ ପ୍ରଭାକୁ ଢାଙ୍କିରଖିଥାଏ । ତମୋଗୁଣ ମନୁଷ୍ୟକୁ ନେଇ ଅଜ୍ଞାନତା, କର୍ମ ବିମୁଖତା, ଅବହେଳା ତଥା କର୍ତ୍ତବ୍ୟ ବିମୂଢତାରେ ସଂଶ୍ଳିଷ୍ଟ କରେ । ତମୋଗୁଣାଧୀନ ହୋଇ ବ୍ୟକ୍ତି ଯାହାକରେ, ତାହା ନିଜ ପକ୍ଷରେ କିମ୍ବା ଅନ୍ୟ କାହା ପକ୍ଷରେ ମଙ୍ଗଳ ଜନକ ନୁହେଁ । ତମଗୁଣ ଅବିଦ୍ୟା କାରଣରୁ ଦୁଷ୍ଟାଚରଣ ଆଦି ପ୍ରବୃତ୍ତିରେ ଲିପ୍ତ କରାଇ ରଖେ । ମନୁଷ୍ୟର କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିର୍ଣ୍ଣୟ କରୁଥିବା ବିବେକ ଶକ୍ତିକୁ ତମଗୁଣ ନଷ୍ଟ କରିଦିଏ । ବେଳେବେଳେ ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କର ଚେତନା ଶକ୍ତିକୁ ନଷ୍ଟ କରିଦେଇ ନିଦ୍ରା ବୃତ୍ତି ଉତ୍ପନ୍ନ କରିଥାଏ । କର୍ତ୍ତବ୍ୟ ପାଳନରେ ଅବହେଳା ଉତ୍ପନ୍ନ କରାଇ ବ୍ୟର୍ଥ ଚେଷ୍ଟାରେ ନିଯୁକ୍ତ କରିବା ହେଉଛି ପ୍ରମାଦ ଏବଂ କର୍ତ୍ତବ୍ୟ କର୍ମରେ ନିରୁଦ୍ୟମତାର ନାମ 'ଆଳସ୍ୟ' - ଯାହା ତମୋଗୁଣର ବଡ ଦୁଇ ପ୍ରଭାବ । ତମୋଗୁଣ ଆସିଲେ ତାହା ସତ୍-ଅସତ୍, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ହିତ-ଅହିତ ସମ୍ବନ୍ଧୀୟ ଜ୍ଞାନକୁ ଜାଗ୍ରତ ହେବାକୁ ଦିଏନାହିଁ । ତମୋଗୁଣ ଜ୍ଞାନ (ବିବେକ) ଓ ପ୍ରକାଶ (ସ୍ୱଚ୍ଛାଭାବ )- ଏହି ଦୁଇଟି ବୃତ୍ତିର ବିରୋଧୀ । ସଂକ୍ଷେପରେ ସତ୍ତ୍ୱଗୁଣ ଜୀବକୁ ପରିପୂର୍ଣ୍ଣ ଜୀବନର ସୁଖ ସହିତ ବାନ୍ଧିଥାଏ, ଅନ୍ୟ ପକ୍ଷରେ ରଜୋଗୁଣର ବଶବର୍ତ୍ତୀ ହେଲେ ମନୁଷ୍ୟ ହଜାର ପ୍ରକାର ତୃଷ୍ଣାପ୍ରତି ଗଭୀର ଭାବରେ ଆସକ୍ତ ହୁଏ ଏବଂ ଏହି ତୃଷ୍ଣା ନିବୃତ୍ତି ଉଦ୍ଦେଶ୍ୟରେ ଅସୀମ କାର୍ଯ୍ୟ କଳାପରେ ଜଡିତ ହୋଇପଡେ । ନିଜର ସ୍ୱଭାବ ବଶତଃ ତମଗୁଣ ନିତ୍ୟାନିତ୍ୟ ବିବେକକୁ ଆଚ୍ଛାଦନ କରିଦିଏ । ପରିଣାମତଃ ଜୀବ ମିଥ୍ୟା ଧାରଣା ପ୍ରତି ଆସକ୍ତ ହୋଇଯାଏ । ଅନ୍ତରର ମହନୀୟ ନିର୍ଦ୍ଦେଶ ପ୍ରତି ଅମନୋଯୋଗୀ ହୋଇଯାଏ । ସତ୍ତ୍ୱ, ରଜ ଓ ତମ- ଏହି ତିନିଗୁଣ ଏକ ସାଥିରେ ଅନ୍ତଃକରଣରେ କାର୍ଯ୍ୟ କରିଥାନ୍ତି। ଯେବେ ଦୁଇଗୁଣର ଧାରା ବନ୍ଦ ହୁଏ, ତେବେ ତୃତୀୟ ଗୁଣଟି କାର୍ଯ୍ୟ କରିଥାଏ । ଏହି ତିନିଗୁଣର କାର୍ଯ୍ୟ ଅଲଗା ଅଲଗା ହେଲେମଧ୍ୟ, ଏହିମାନଙ୍କର ପରସ୍ପର ସମ୍ବନ୍ଧ ଅନ୍ୟୋନ୍ୟାଶ୍ରିତ ମାନି ନିଆଯାଇଅଛି । ଏହି ତିନିଗୁଣର ପ୍ରକୃତି ସ୍ୱଭାବ ରୂପ କାରଣରୁ ଗୋଟିଏ ଅନ୍ୟର ଆଶ୍ରିତ ହୋଇ ରହିଥାଏ ।

ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।
ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା॥୧୦॥

*ଅନ୍ୱୟ: ଭାରତ ! (ହେ ଭରତ ବଂଶଜ ଅର୍ଜୁନ !) ରଜଃ (ରଜୋଗୁଣ) ଚ (ଏବଂ) ତମଃ (ତମୋଗୁଣକୁ) ଅଭିଭୂୟ (ପରାଭୂତ କରି ବା ଦମନ କରି) ସତ୍ତ୍ୱଂ (ସତ୍ତ୍ୱଗୁଣ) ଭବତି (ଉଦିତ ହୁଏ) ସତ୍ତ୍ୱମ୍ ଚ ତମଃ (ସତ୍ତ୍ୱଗୁଣ ଓ ତମୋଗୁଣକୁ ଦମନ କରି) ରଜଃ (ରଜୋଗୁଣ ବୃଦ୍ଧିହୁଏ ) ତଥା ଏବ ( ଏବଂ ସେହିପରି) ସତ୍ତ୍ୱମ୍ ରଜଃ ( ସତ୍ତ୍ୱଗୁଣ ଓ ରଜୋଗୁଣକୁ ଦମନ କରି ତମୋଗୁଣ ବର୍ଦ୍ଧିତ ହୁଏ ) ।*

**ଭାବାର୍ଥ** : ହେ ଅର୍ଜୁନ ! କେତେବେଳେ ରଜୋଗୁଣ ଓ ତମୋଗୁଣକୁ ଦମନ କରି ବା ଚାପିରଖି ସତ୍ତ୍ୱଗୁଣ ବର୍ଦ୍ଧିତ ହୁଏ ତ, କେତେବେଳେ ସତ୍ତ୍ୱଗୁଣ ଓ ତମୋଗୁଣକୁ ଅଭିଭୂତ କରି ରଜୋଗୁଣ ପ୍ରବଳ ହୁଏ । ପୁଣି କେତେବେଳେ ସତ୍ତ୍ୱଗୁଣ ଓ ରଜୋଗୁଣକୁ ଦମନ କରି ତମୋଗୁଣ ବର୍ଦ୍ଧିତ ହୁଏ । ତିନିଗୁଣ ମଧ୍ୟରୁ ଯେତେବେଳେ କୌଣସି ଗୋଟିଏ ଗୁଣର ପ୍ରଭାବ ବୃଦ୍ଧିପାଏ, ସେତେବେଳେ ସେହି ଗୁଣର ବିଶିଷ୍ଟ ଲକ୍ଷଣଟି ମନୁଷ୍ୟ ଦେହରେ ପ୍ରକାଶ ପାଏ । ସତ୍ତ୍ୱ, ରଜଃ ଓ ତମୋଗୁଣ ସର୍ବଦା ଏକତ୍ର ରହିଥାନ୍ତି । ତ୍ରିଭୁଜ ସାଦୃଶ୍ୟ ଏହି ତିନିଗୁଣ ପରସ୍ପର ସମ୍ବନ୍ଧିତ । ତ୍ରିଭୁଜର ଗୋଟିଏ ବାହୁକୁ ସାମନାକୁ ଆଣିଲେ, ଅନ୍ୟ ଦୁଇ ବାହୁ ସଂଲଗ୍ନ ହୋଇ ତାହାରି ପାଶ୍ଚାତ ଭାଗରେ ରୁହନ୍ତି । ଠିକ୍ ସେହିପରି ଶରୀର ଭିତରେ ଗୋଟିଏ ଗୁଣ ବିଶେଷ ଭାବରେ ପ୍ରକାଶିତ ହେଲେ, ଅନ୍ୟ ଦୁଇଟି ଗୁଣ ତାହାରି ସହାୟକ ହୋଇ ରୁହନ୍ତି । ତିନିଗୁଣ ମଧ୍ୟରେ ଗୋଟିଏ ଅନ୍ୟଟି ସାଥିରେ ଯୁଗ୍ମ ହୋଇ ତଥା ଗୋଟିଏ ଅନ୍ୟଟିକୁ ଉତ୍ପନ୍ନ କରି କାର୍ଯ୍ୟ କରିଥାନ୍ତି । ଗୋଟିଏ ଅନ୍ୟର ଅନୁଜିବୀ ହୋଇଯାଏ । ସତ୍ତ୍ୱ ଆଦିରେ ଅନ୍ୟ ଏକ ଗୁଣର ପ୍ରବଳତା କାହିଁକି ହୋଇଥାଏ ? ଏହାର କାରଣ ବତାଇବାକୁ ଯାଇ ଶ୍ରୀରାମାନୁଜାଚାର୍ଯ୍ୟ କହିଛନ୍ତି: "ଯଦିଓ ତିନୋଟିଯାକ ଗୁଣ ପ୍ରକୃତି ସହିତ ଅନୁବନ୍ଧ ରଖନ୍ତି, ତଥାପି ପୂର୍ବ କର୍ମର ହେତୁ ତଥା ଆହାର ଆଦି ବିଷୟ କାରଣରୁ ଅନ୍ୟ ଏକ ଗୁଣର ପ୍ରବଳତା ତଥା ଅନୁଭବ ହୁଏ ।" ଅନ୍ୟ ଦୁଇଗୁଣକୁ ପରାଭୂତ କରି ସତ୍ତ୍ୱଗୁଣ ଯେବେ ତୁଙ୍ଗସ୍ଥ ହୋଇଥାଏ, ମନୁଷ୍ୟ ସେତେବେଳେ ବିବେକୀ, ବିଚାରମନ୍ତ ହୋଇଯାଏ । ମନ ଭିତରେ ପବିତ୍ର ଭାବନାର ସ୍ରୋତ ପ୍ରବାହିତ ହୁଏ । ମନ ଇନ୍ଦ୍ରିୟ ସୁଖପ୍ରତି ବିମୁଖ ହୋଇ ଅନ୍ତଃମୂଖୀ ହୋଇଉଠେ । ରଜଃ ଓ ତମକୁ ପରାଜିତ କରି ସାତ୍ତ୍ୱିକ ଭାବ ପ୍ରତିଷ୍ଠିତ ହେବାମାତ୍ରେ ଜୀବ କହେ 'ମୁଁ ସୁଖୀ' । ସତ୍ତ୍ୱ ଓ ତମୋଭାବକୁ ଗ୍ରାସ କରି ରଜୋଗୁଣ ବୃଦ୍ଧି ଲାଭକଲେ, ଜୀବର କର୍ମ ବ୍ୟତୀତ ଆଉ କୌଣସି ପ୍ରତି ରୁଚି ରହେ ନାହିଁ । ଶରୀର, ଇନ୍ଦ୍ରିୟ ଓ ଅନ୍ତଃକରଣରେ ଚଞ୍ଚଳତା, ଅଶାନ୍ତି, ଲୋଭ, ଭୋଗ-ବାସନା ଓ ନାନା ପ୍ରକାର କର୍ମରେ ପ୍ରବୃତ୍ତ ହେବାର ଉତ୍କଟ ଇଚ୍ଛା ଉତ୍ପନ୍ନ ହୁଏ । ସେହି ସ୍ଥିତିରେ ସତ୍ତ୍ୱଗୁଣର କାର୍ଯ୍ୟ ପ୍ରକାଶ, ବିବେକ, ଶାନ୍ତି ଆଦି ଅଭାବ ପ୍ରାୟ ହୋଇଯାଏ । ତମୋଗୁଣର କାର୍ଯ୍ୟ ନିଦ୍ରା, ପ୍ରମାଦ ଓ ଆଳସ୍ୟ ଆଦି ମଧ୍ୟ ଚାପି ହୋଇ ରହିଯାଏ । ଯେତେବେଳେ ସତ୍ତ୍ୱଗୁଣ ଓ ରଜୋଗୁଣର ପ୍ରବୃତ୍ତିକୁ ଅଟକାଇ ଦେଇ ତମୋଗୁଣ ନିଜର ପ୍ରଭାବ କାର୍ଯ୍ୟ କରେ, ସେତେବେଳେ ଶରୀର, ଇନ୍ଦ୍ରିୟ ଓ ଅନ୍ତଃକରଣରେ ମୋହ ଆଦି ବଢିଯାଏ ଏବଂ ପ୍ରମାଦରେ ପ୍ରବୃତ୍ତି ଆସିଯାଏ । ବୃତ୍ତିମାନେ ବିବେକ ଶୂନ୍ୟ ହୋଇଯାନ୍ତି । ଫଳରେ ସତ୍ତ୍ୱଗୁଣର ପ୍ରଭାବ ଯାହା ପ୍ରକାଶ ଓ ଜ୍ଞାନ ତଥା ରଜୋଗୁଣର କାର୍ଯ୍ୟ ପ୍ରବୃତ୍ତି ଓ ଭୋଗ ଇଚ୍ଛା ଆଦି ଅଭାବ ପ୍ରାୟ ହୋଇଯାଏ । ଗୁଣମାନଙ୍କ ବୃଦ୍ଧିନେଇ ଶ୍ରୀମଦ୍ ଭାଗବତରେ ଦଶଟି କାରଣ ଉଲ୍ଲେଖ ରହିଛି । "ଆଗମୋଅପୋଃ ପ୍ରଜା ଦେଶଃ କାଳଃ କର୍ମ ଚ ଜନ୍ମ ଚ – ଧ୍ୟାନଂ ମନ୍ତ୍ରୋ ଅଥ ସଂସ୍କାରୋ ଦଶୈତେ ଗୁଣ ହେ ତବ "-ଅର୍ଥାତ୍ ଶାସ୍ତ୍ର, ଜଳ, ସନ୍ତାନ, ଦେଶ, କାଳ, କର୍ମ, ଜନ୍ମ, ଚିନ୍ତନ, ମନ୍ତ୍ର ଓ ସଂସ୍କାର – ଏହି ଦଶଟି ହେଉଛି ଗୁଣମାନଙ୍କର ହେତୁ ଅର୍ଥାତ୍ ଏହିମାନେ ଗୁଣକୁ ବଢାନ୍ତି । ଅଭିପ୍ରାୟ ଏହି ଯେ, ଏହି ସବୁ ପଦାର୍ଥ ଯେଉଁ ଗୁଣ ସହିତ ଯୁକ୍ତ ହୁଅନ୍ତି, ଏମାନଙ୍କ ସଙ୍ଗ ସେହି ଗୁଣକୁ ବଢାଇ ଦିଏ । ପ୍ରତ୍ୟେକ ଗୁଣ ମୂହୁର୍ତ୍ତ ବିଶେଷ ପାଇଁ ସୌଖ୍ୟ ଏବଂ ଶକ୍ତିଶାଳୀ ହୋଇଥାନ୍ତି । ଏପରି ଅବସ୍ଥାରେ ଅନ୍ୟ ଦୁଇଗୁଣର ପୂରାପୂରି ଅଭାବ ହୁଏ ନାହିଁ, କିନ୍ତୁ ସେମାନଙ୍କ ମହତ୍ତ୍ୱ ଯୋଡି ହୋଇଯାଏ । ଯେତେବେଳେ

ବ୍ୟକ୍ତି ସତ୍ତ୍ୱଗୁଣ ପ୍ରଭାବର ଅଧୀନ ହୋଇରହିଥାଏ, ସେହି ସମୟରେ ବ୍ୟକ୍ତିଠାରେ ରଜୋଗୁଣ ବା ତମୋଗୁଣର ପ୍ରାବଲ୍ୟ ଏତେ ନ ଥାଏ । ଯାହାଫଳରେ ସେମାନେ ନିଜର ପ୍ରଭାବ ବ୍ୟକ୍ତ କରି ପାରନ୍ତି ନାହିଁ । ତାତ୍ପର୍ଯ୍ୟ ଏହାକି, କୌଣସି ଏକ ନିର୍ଦ୍ଦିଷ୍ଟ ଗୁଣ ଅନ୍ୟ ଦୁଇ ଗୁଣକୁ ପରାସ୍ତ କଲାଭଳି ବର୍ଦ୍ଧିତ ହେଲେ ତାକୁ ପ୍ରବଳ ବୋଲାଯାଏ । ସେହି ପ୍ରବଳ ଗୁଣ ବ୍ୟକ୍ତିକୁ ସେହି ପ୍ରକାର କାର୍ଯ୍ୟରେ ନିଯୁକ୍ତ କରେ । ଫଳରେ ବ୍ଯକ୍ତିର ବ୍ୟବହାର, କାର୍ଯ୍ୟାବଳୀ ଓ ଖାଦ୍ଯ ଆଦିରୁ ସେହି ନିର୍ଦ୍ଦିଷ୍ଟ ଗୁଣର ଆଧିକ୍ୟ ପ୍ରକଟିତ ହେବାକୁ ଲାଗେ । ଜୀବର ସଂସ୍କାର, ବୁଦ୍ଧି ଏବଂ ବିବେକ ଜନିତ ଜ୍ଞାନଦ୍ୱାରା କେବେ ସତ୍ତ୍ୱଗୁଣର ଆଧିକ୍ୟ ବ୍ୟକ୍ତିକୁ ସୁଖାଦି ପ୍ରଦାନ କରିଥାଏ ତ, କେତେବେଳେ ଇନ୍ଦ୍ରିୟମାନଙ୍କ ଭୋଗ ଲାଳସ ବୃଦ୍ଧିଦ୍ୱାରା ପ୍ରଭାବିତ ହୋଇ ରଜୋଗୁଣର ଆଧିକ୍ୟ ବଶତଃ ବ୍ୟକ୍ତି କର୍ମାସକ୍ତ ହୋଇ ପଡିଥାଏ । ସେହିପରି ତମୋଗୁଣର ପ୍ରବଳ ହୋଇ ନିଦ୍ରା, ପ୍ରମାଦ, ଆଳସ୍ୟାଦିର ଆଧିକ୍ୟ ଜାତହୁଏ । ସେଥିପାଇଁ ଜୀବ ମଧ୍ୟରେ ସାତ୍ତ୍ୱିକ, ରାଜସିକ ଓ ତାମସିକ-ଏହି ତିନିଗୁଣର ପ୍ରବୃତ୍ତି ଦୃଷ୍ଟ ହୁଏ । ଶୁଦ୍ଧ ସତ୍ତ୍ୱ ସମ୍ବନ୍ଧରେ ଶ୍ରୀରାମକୃଷ୍ଣଦେବଙ୍କ ଉକ୍ତି ହେଲା: "ରଜୋଗୁଣ ନ ଗଲେ, ଶୁଦ୍ଧ ସତ୍ତ୍ୱ ନ ଆସିଲେ, ଭଗବାନଙ୍କଠାରେ ମନ ସ୍ଥିର ହୁଏନାହିଁ । ତାଙ୍କଠାରେ ପ୍ରେମ ହୁଏନାହିଁ । ତାଙ୍କୁ ଲାଭ କରାଯାଇ ପାରେ ନାହିଁ । " ସାଧନା ଓ ପୁରୁଷାର୍ଥ ଦ୍ୱାରା ସତ୍ତ୍ୱଗୁଣର ଅଭିବୃଦ୍ଧି ସମ୍ଭବ । ଯଦିଓ ଭୂତ ପ୍ରକୃତିର ଏହି ତିନିଗୁଣ ସର୍ବତ୍ର ବିଦ୍ୟମାନ, ତଥାପି ସାଧକ ନିଜର ଇଚ୍ଛାଶକ୍ତି ଓ ଦୃଢ ନିଶ୍ଚୟ ଦ୍ୱାରା ସତ୍ତ୍ୱଗୁଣ ଅଭିବୃଦ୍ଧି ଘଟାଇ ନିତ୍ୟ ସତ୍ତ୍ୱଗୁଣରେ ଅବସ୍ଥାନ କରିବାର ଆଶୀର୍ବାଦ ପାଇପାରେ । କ୍ରମେ ସେ ସତ୍ତ୍ୱଗୁଣକୁ ଅତିକ୍ରମ କରି ଶୁଦ୍ଧ ସତ୍ତ୍ୱ ବା ନିତ୍ୟ ସତ୍ତ୍ୱରେ ସ୍ଥିର ରହି ତ୍ରିଗୁଣାତୀତ ସ୍ଥିତି ପ୍ରାପ୍ତ ହୁଏ । ଏହି ଅବସ୍ଥାକୁ "ବାସୁଦେବଃ ସର୍ବଂ ଇତି" ଅବସ୍ଥା କୁହାଯିବ । ସାଧକ ଏହି ଅବସ୍ଥାରେ ଭଗବତ୍ ବିଜ୍ଞାନକୁ ବୁଝିବାକୁ ସମର୍ଥ ହୋଇଯାଏ ।

ସର୍ବ ଦ୍ୱାରେଷୁ ଦେହେ ଅସ୍ମିନ୍ ପ୍ରକାଶ ଉପଜାୟତେ ।
ଜ୍ଞାନଂ ଯଦା ତଦା ବିଦ୍ୟାଦ୍ ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ ॥୧୧॥

*ଅନ୍ୱୟ: ଅସ୍ମିନ୍ ଦେହେ ( ଏହି ମନୁଷ୍ୟ ଶରୀରରେ ) ସର୍ବ ଦ୍ୱାରେଷୁ ( ସମସ୍ତ ଇନ୍ଦ୍ରିୟ ଓ ଅନ୍ତଃକରଣରେ ) ଯଦା (ଯେଉଁ ସମୟରେ) ପ୍ରକାଶଃ (ପ୍ରକାଶ – ସ୍ୱଚ୍ଛତା) ଉତ ( ଓ ) ଜ୍ଞାନମ୍ (ବିବେକ ଓ ସକାରାତ୍ମକ ବୁଦ୍ଧି ) ଉପଜାୟତେ ( ଉଦୟ ହୁଏ ) ତଦା ( ସେତେବେଳେ) ସତ୍ତ୍ୱଂ (ସତ୍ତ୍ୱଗୁଣ) ବିବୃଦ୍ଧ (ବୃଦ୍ଧିପ୍ରାପ୍ତ ହୋଇଅଛି ) ଇତି (ବୋଲି) ବିଦ୍ୟାତ୍ (ଜାଣିରଖ )*

**ଭାବାର୍ଥ**:ଯେଉଁ ସମୟରେ ଏହି ଶରୀର ତଥା ଅନ୍ତଃକରଣ ଏବଂ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କରେ ଈଶ୍ବରୀୟ ପ୍ରକାଶ ଏବଂ ବିବେକ ଶକ୍ତି ଉତ୍ପନ୍ନ ହୁଏ, ସେହି ସମୟରେ ବୁଝିନେବାକୁ ହେବ ଯେ, ସତ୍ତ୍ୱଗୁଣର ବିଶେଷ ବୃଦ୍ଧି ପ୍ରାପ୍ତ ହୋଇରହିଛି । ଏହି ଶ୍ଳୋକରେ ସତ୍ତ୍ୱଗୁଣର ଆଧିକ୍ୟତା ହେଲେ ଉତ୍ପନ୍ନ ହେଉଥିବା ଲକ୍ଷଣର ବୋଧ କରାଯାଇଛି । ଭୋଗର କ୍ଷେତ୍ର ସ୍ୱରୂପ ଏହି ଶରୀରରେ ଚକ୍ଷୁ, କର୍ଣ୍ଣ, ନାସିକା ଓ ଚର୍ମ ପ୍ରଭୃତି ସମସ୍ତ ଜ୍ଞାନେନ୍ଦ୍ରିୟମାନଙ୍କରେ ଜ୍ଞାନ ପ୍ରକାଶ ରୂପରେ ଉତ୍ପନ୍ନ ହେବା ଅର୍ଥାତ୍ କୌଣସି ପ୍ରକାର ବାଧା ଇତ୍ୟାଦି ନ ଥାଇ ଯଦି ସମସ୍ତ ଇନ୍ଦ୍ରିୟ ସୂଚାରୁ ରୂପେ ନିଜ ନିଜ ଲକ୍ଷ୍ୟ ତତ୍ତ୍ୱଜ୍ଞାନର ଅନୁକୂଳରେ ନିର୍ବାହ କରନ୍ତି, ତାହେଲେ ନିଶ୍ଚିତ ହେବାକୁ ପଡିବ ଯେ, ସତ୍ତ୍ୱଗୁଣର ଅନ୍ତଃକରଣରେ ଆଧିକ୍ଯତା ରହିଅଛି । ପଞ୍ଚେନ୍ଦ୍ରିୟ ଦ୍ୱାରା ବାହ୍ୟ ଜଗତରୁ ଜ୍ଞାନ ଆହରଣ ହୋଇଥାଏ । ଅନ୍ତଃକରଣରେ ଏବଂ ପ୍ରତ୍ୟେକ ଜ୍ଞାନେନ୍ଦ୍ରିୟ ଦ୍ୱାରଦେଶରେ

ଆତ୍ମଜ୍ୟୋତି ଚୈତନ୍ୟାଲୋକ ରୂପରେ ବିଦ୍ୟମାନ । ଯଥା: ଚକ୍ଷୁ ମାଧ୍ୟମରେ ଚୈତନ୍ୟାଲୋକ ଜଗତର ସମସ୍ତ ରୂପ ରଙ୍ଗକୁ ପ୍ରକାଶିତ କରେ । କର୍ଣ୍ଣ ମାଧ୍ୟମରେ ଶବ୍ଦର ଜ୍ଞାନ ହୋଇଥାଏ । ଏହିପରି ଜିହ୍ୱା ମାଧ୍ୟମରେ ସ୍ୱାଦ ଜଣା ପଡିଥାଏ । ଆତ୍ମାରୁ ନିର୍ଗତ ହେଉଥିବା ପ୍ରତ୍ୟେକ ଜ୍ୟୋତି ନିର୍ଦ୍ଦିଷ୍ଟ ଇନ୍ଦ୍ରିୟ ମାଧ୍ୟମରେ ଗୋଟିଏ ଗୋଟିଏ ବସ୍ତୁକୁ ପ୍ରକାଶିତ କରନ୍ତି । ଇନ୍ଦ୍ରିୟ ଓ ଅନ୍ତଃକରଣରେ ସ୍ୱଚ୍ଛତା, ନିର୍ମଳତା କାରଣରୁ ସତ୍ କଣ ଓ ଅସତ୍ କଣ, କର୍ତ୍ତବ୍ୟ କଣ ଓ ଅକର୍ତ୍ତବ୍ୟ କଣ, କେଉଁଟି ଆତ୍ମା-କଲ୍ୟାଣ ଓ କେଉଁଟି ଆତ୍ମଘାତୀ, କେଉଁଟି ହିତ ଓ କେଉଁଥିରେ ଅହିତ- ଏହି ସମସ୍ତ ବିଷୟରେ ସ୍ୱଷ୍ଟ ଜ୍ଞାନ ଜାଗ୍ରତ ହୁଏ । ଏହି ଅବସ୍ଥାରେ ପ୍ରତ୍ୟେକ ବସ୍ତୁ ସମ୍ବନ୍ଧରେ ଯଥାର୍ଥ ବୋଧହେଲେ ସତ୍ତ୍ୱଗୁଣର ଅବସ୍ଥା ବୋଲି ବୁଝିବାକୁ ହେବ । ସୂର୍ଯ୍ୟାଲୋକ ଯେପରି କୌଣସି ଏକ ବସ୍ତୁରେ ପ୍ରତିଫଳିତ ହୋଇ ଆଲୋକ ପ୍ରଦାନ କରିଥାଏ, ସେହିପରି ବୁଦ୍ଧିରେ ପ୍ରତିଫଳିତ ହୋଇ ଚୈତନ୍ୟାଲୋକ ବିଷୟ ଜଗତକୁ ଏବଂ ଅନ୍ତର ମନୋବୃତ୍ତିକୁ ପ୍ରକାଶିତ କରିଥାଏ। ରଜଃଗୁଣ ମଳ-ବିକ୍ଷେପ ସୃଷ୍ଟି କରୁଥିବାରୁ ବୁଦ୍ଧିରେ ଅସ୍ଥିରତା ଏବଂ ତମୋଗୁଣର ଆବରଣ ଯୋଗୁଁ ଅଶୁଦ୍ଧି ଆସିଥାଏ । ସାତ୍ତ୍ୱିକ ବ୍ୟକ୍ତି ସ୍ତ୍ରୀ ହେଉ ବା ପୁରୁଷ ହେଉ, ନିଜ କର୍ମ ସମୂହରେ ନିରପେକ୍ଷ ହୋଇ ଭଗବତ୍ ଭଜନାରେ ଅନୁପ୍ରାଣିତ ହୋଇଥାଏ । ତେଣୁ ଏହି ଦୁଇଗୁଣର ଆଧିକ୍ୟ ହେଲେ ବୁଦ୍ଧିର ପ୍ରକାଶ କମ୍ ହେବା ସ୍ୱାଭାବିକ । ରଜୋଗୁଣ ଓ ତମୋଗୁଣ ଅନ୍ୟ ଜୀବ ଶରୀରରେ ମଧ୍ୟ ବୃଦ୍ଧି ହୋଇପାରେ କିନ୍ତୁ ସତ୍ତ୍ୱଗୁଣ କେବଳ ମନୁଷ୍ୟ ଶରୀରରେ ହିଁ ବୃଦ୍ଧିହେବା ସମ୍ଭବ । ଏଥିରେ ମନୁଷ୍ୟ ଜୀବନର ସଫଳତା ନିହିତ । ସତ୍ତ୍ୱଗୁଣ ଆଧିକ୍ୟରେ ବୁଦ୍ଧି ବିକଶିତ ହୁଏ । ପ୍ରତ୍ୟେକ କାର୍ଯ୍ୟ ସାବଧାନତା ପୂର୍ବକ ଓ ସୁଚାରୁ ରୂପେ ହେବାକୁ ଲାଗେ । କାର୍ଯ୍ୟ କ୍ଷେତ୍ରରେ ତୃଟି କମ୍ ହୁଏ । ଏହାର ପ୍ରଭାବରେ ସଂସାର ପ୍ରତି ଆସକ୍ତି ଦୂରହୋଇ ବୈରାଗ୍ୟ ଜାତ ହୁଏ । ଅଶାନ୍ତି ଦୂରହୋଇ ଶାନ୍ତି ଅନୁଭବ ହୁଏ । ଲୋଭ ନଷ୍ଟ ହୋଇ ଉଦାରତା ଆସେ ଏବଂ ନିଷ୍ପାପ ଭାବରେ ପ୍ରବୃତ୍ତି ହେବାକୁ ଲାଗେ । ସତ୍ତ୍ୱଗୁଣ ସମ୍ପନ୍ନ ବ୍ୟକ୍ତିର ପ୍ରଜ୍ଞା ବାହାରେ ପ୍ରକାଶିତ ହୁଏ । ତାର ସମସ୍ତ ଇନ୍ଦ୍ରିୟ ଦ୍ୱାର ଦେଶରେ ଏପରିକି ତାର ସର୍ବାଙ୍ଗରେ ବିବେକ ପ୍ରହରୀର କାମକରେ । ରାଜହଂସ ଯେପରି କ୍ଷୀରରୁ ନୀରକୁ ଅଲଗା କରିଦିଏ, ସେହିଭଳି ଇନ୍ଦ୍ରିୟମାନେ ଦୋଷ-ଅଦୋଷକୁ ଅଲଗା କରି ନିଅନ୍ତି ଏବଂ ନିଷିଦ୍ଧ ବସ୍ତୁକୁ ଅନ୍ତଃକରଣ ମଧ୍ୟକୁ ପ୍ରବେଶ କରାଇବାକୁ ଦିଅନ୍ତି ନାହିଁ । ମସ୍ତିଷ୍କରେ ନୂତନ ନୂତନ ଶୁଦ୍ଧ ଚିନ୍ତାଧାରାର ଜାଗୃତି ଘଟିଥାଏ । ପୂର୍ଣ୍ଣମାର ଚନ୍ଦ୍ର କିରଣ ଭଳି ମସ୍ତିସ୍କରେ ଜ୍ଞାନର ସମୀକ୍ଷା ହୋଇଥାଏ । ଇନ୍ଦ୍ରିୟ ମୋହରୁ ମନ ମୁକ୍ତ ରହି ବାସନା ସଙ୍କୁଚିତ ହେଲେ, ପ୍ରବୃତ୍ତି ସ୍ଥଗିତ ଅବସ୍ଥାକୁ ଧୀରେ ଧୀରେ ପ୍ରାପ୍ତହୁଏ । ସାଂସାରିକ ବିଷୟପ୍ରତି ବୈରାଗ୍ୟ ଜାତ ହୁଏ । ସତ୍ତ୍ୱର ମାତ୍ରା ବୃଦ୍ଧି ଘଟିଲେ ଯାହା ଶ୍ରବଣ ଯୋଗ୍ୟ ନୁହେଁ କାନ ତାହା ଶୁଣିବ ନାହିଁ । ଯାହା ଦର୍ଶନର ଅଯୋଗ୍ୟ ଚକ୍ଷୁ ତାହାକୁ ପରିତ୍ୟାଗ କରିବ । ଯାହା ଉଚ୍ଚାରଣ ଯୋଗ୍ୟ ନୁହେଁ ଜିହ୍ୱା ତାକୁ କହିବାକୁ ଦେବ ନାହିଁ । ମନ ଆଉ ଇନ୍ଦ୍ରିୟ ସୁଖ ପ୍ରତି ଆସକ୍ତି ହେବ ନାହିଁ । ଏହିପରି ଜପ, ଧ୍ୟାନ ଓ ଆତ୍ମ ସଂଯମ ଦ୍ୱାରା ଧୀରେ ଧୀରେ ସତ୍ତ୍ୱଥିବା ପବିତ୍ରତାର ବୃଦ୍ଧି ଘଟିବ। ସତ୍ତ୍ୱର ମାତ୍ରା ବୃଦ୍ଧି ଘଟିଲେ ଜ୍ଞାନର ମାତ୍ରା ମଧ୍ୟ ବର୍ଦ୍ଧିତ ହେବ । ଆତ୍ମଜ୍ଞାନ ନିମନ୍ତେ ସତ୍ତ୍ୱ ହିଁ ଏକମାତ୍ର ନିଶ୍ଚିତ ଭାବେ ସତ୍ତ୍ୱ ଜ୍ଞାନର ମୂଳଭିତ୍ତି ସ୍ଥାପନ କରେ । ସତ୍ତ୍ୱଗୁଣର ସହାୟତା ପାଇ ମନୁଷ୍ୟ ମୁକ୍ତି ଲାଭ କରିପାରେ । ଅନ୍ୟ ଯୋନିରେ ଏହି ଅଧିକାର ମିଳେନାହିଁ । ସ୍ୱାମୀ ଶିବାନନ୍ଦାଜୀ ମହାରାଜ ଏହି ଶ୍ଳୋକର ବ୍ୟାଖ୍ୟାରେ କହିଛନ୍ତି :

"ତମୋଗୁଣକୁ ରଜୋଗୁଣରେ ଏବଂ ରଜୋଗୁଣକୁ ସତ୍ତ୍ୱଗୁଣରେ ବଦଳାଇ ଦିଅନ୍ତୁ । ଏଥର ସତ୍ତ୍ୱରେ ଦୃଢ ଭାବରେ ଦଣ୍ଡାୟମାନ ହୁଅନ୍ତୁ । ଦେଖିବେ, ଆପଣ ଏଥିରେ ଅଧିକ ଆଲୋକ, ଅଧିକ ପବିତ୍ରତା, ଅଧିକ ଶାନ୍ତି ଓ ଅଧିକ ମାଧୁର୍ଯ୍ୟ ପାଉଛନ୍ତି । ଦେଖିବେ, ଏକ ଶକ୍ତି ଆପଣଙ୍କୁ ପରମ ଦିବ୍ୟ ଜ୍ୟୋତି ଆଡକୁ ଉପରକୁ ଟାଣୁଅଛି । ସାତ୍ତ୍ୱିକ ଖାଦ୍ୟ, ଜପ, ଧ୍ୟାନ, ସ୍ୱାଧ୍ୟାୟ ଓ ଶାସ୍ତ୍ର ପାଠ, ଏକାନ୍ତବାସ, ସତ୍-ସଙ୍ଗ, ବିଭୁନାମ ଓ ବିଭୁ ମହିମା କୀର୍ତ୍ତନ ଏବଂ ପ୍ରାଣାୟମ ସତ୍ତ୍ୱ ପରିଣାମ ବଢାଇ ନିଏ । ଅନ୍ତର ଭିତରଟାକୁ ସମୀକ୍ଷା କରନ୍ତୁ । ନିଜ ଭିତରକୁ ଚାହାଁନ୍ତୁ, ଗୁଣମାନଙ୍କର ଗତି ବିଧିକୁ ଅତି ସାବଧାନତାର ସହିତ ଲକ୍ଷ୍ୟ କରନ୍ତୁ । ସଜାଗ ରୁହନ୍ତୁ, ଦ୍ୱାରପାଳ ଭଳି ଜଗି ରୁହନ୍ତୁ । କେବଳ ସାତ୍ତ୍ୱିକ ଚିନ୍ତାଧାରାକୁ ମନ କର୍ମଶାଳା ଭିତରେ ପ୍ରବେଶ କରିବାକୁ ଦିଅନ୍ତୁ । ରଜୋଗୁଣକୁ ସଂଯତ କରନ୍ତୁ- ତମୋଗୁଣକୁ ନିରୋଧ କରନ୍ତୁ, ଅନ୍ତର ଭାରସାମ୍ୟ ରହିବ । ଯେତେବେଳେ ପ୍ରକାଶ ଓ ଜ୍ଞାନ ଉଭୟ ଉତ୍ପନ୍ନ ହୁଏ, ସେତେବେଳେ ସଂସାର ପ୍ରତି ସ୍ୱତଃ ବୈରାଗ୍ୟ ଆସିଯାଏ । ମନରେ ଉପରତି ଓ ସୁଖ ଶାନ୍ତିର ବନ୍ୟା ଆସେ । ଅର୍ଥାତ୍ ରାଗ-ଦ୍ୱେଷ, ଦୁଃଖ-ଶୋକ, ଚିନ୍ତା, ଭୟ, ଚଞ୍ଚଳତା, ନିଦ୍ରା, ଆଳସ୍ୟ ଆଦି ଅଭାବ ପ୍ରାପ୍ତ ହୋଇଯାଏ । ଆପଣ ପୂର୍ଣ୍ଣ ପ୍ରଶାନ୍ତି ଲାଭ କରିବେ । ଚିତ୍ତ ସୁ-ସ୍ଥିର ହୋଇଯିବ । ଆପଣ ସବୁ ସ୍ୱଷ୍ଟ ପ୍ରାଞ୍ଜଳ ଭାବେ ଦେଖିପାରିବେ । ବୁଦ୍ଧି ଆଚ୍ଛନ୍ନ ହେବନାହିଁ । ଅନ୍ତଃଦୃଷ୍ଟି ତୀକ୍ଷ୍ଣ ହୋଇଯିବ । ସ୍ୱ-ଜ୍ଞାନ ନେତ୍ର ପ୍ରଶସ୍ତ ଉନ୍ମୁକ୍ତ ହୋଇଯିବ । ଇନ୍ଦ୍ରିୟମାନେ ଆଉ ବାହ୍ୟ ବିଷୟରେ ରୁଚି ରଖିବେ ନାହିଁ" । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଅନୁସାରେ ଯେବେ ସତ୍ତ୍ୱଗୁଣର ପ୍ରଭାବରେ ରଜଃ ଓ ତମ ଗୁଣକୁ ଦବାଇ ଦିଆଯାଇ ଇନ୍ଦ୍ରିୟମାନଙ୍କୁ ନିଜ ନିଜ ବିଷୟର ଅନାୟାସ ଜ୍ଞାନ ହୋଇଥାଏ, ତେବେ ସେଥିରେ ଶୁଦ୍ଧତା ଏବଂ ନିର୍ମଳତାର ଅନୁଭବ ହେବାର ବୋଧ ହୁଏ । ଶ୍ରୀ ରାମାନୁଜାଚାର୍ଯ୍ୟ ପ୍ରକାଶର ସ୍ୱଷ୍ଟୀ କରଣ ଏହି ପ୍ରକାର କହିଛନ୍ତି କି, ଚକ୍ଷୁ ଆଦି ଇନ୍ଦ୍ରିୟ ଯେବେ ବସ୍ତୁର ଭ୍ରମ ଯୁକ୍ତ ସ୍ୱରୂପକୁ ନ ଦେଖି ତାହାର ଯଥାର୍ଥ ସ୍ୱରୂପକୁ ଦେଖିଥାନ୍ତି, ତେବେ ଇନ୍ଦ୍ରିୟ ମାନଙ୍କଠାରେ ସ୍ଫୁର୍ତ୍ତି ବା ପ୍ରକାଶର ଅନୁଭବ ହୁଏ । ସେହି ପ୍ରକାଶରେ ଯେଉଁ ଜ୍ଞାନ ବୋଧ ହେବ, ତାହା ଯଥାର୍ଥ ଜ୍ଞାନ ହିଁ ହେବ । ଏହି ପ୍ରକାର ନିର୍ମଳ ଜ୍ଞାନ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେବେ ଉପଲବ୍ଧ ହୁଏ, ତେବେ ସତ୍ତ୍ୱଗୁଣ ବୃଦ୍ଧିହୁଏ ବୋଲି ବୁଝି ନେବାକୁ ହେବ । ଶ୍ରୀ ପୁରୁଷୋତ୍ତମଜୀ ନିଜର ଅମୃତ ତରଙ୍ଗିଣୀରେ ଏହି ଶ୍ଳୋକ ବ୍ୟାଖ୍ୟାରେ ଲେଖିଛନ୍ତି କି, "କର୍ଣ୍ଣରେ ଯେବେ ଭଗବାନଙ୍କ କଥାମୃତ ହିଁ ପାନ ହୁଏ, ନେତ୍ରରେ ଭଗବାନଙ୍କ ଅଲୌକିକ ମୂର୍ତ୍ତି ହିଁ ଦେଖା ଯାଇଥାଏ, ତେବେ ସତ୍ତ୍ୱଗୁଣର ବୃଦ୍ଧି ବୋଲି ବୁଝିନେବ ।" ସମସ୍ତ କାର୍ଯ୍ୟରେ ଏହି ଜ୍ଞାନରୂପ ପ୍ରକାଶର ଅନିବାର୍ଯ୍ୟ ଆବଶ୍ୟକତା ରହିଅଛି । କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାରି ବିଷୟରେ ପୁଙ୍ଖାନୁପୁଙ୍ଖ ଜ୍ଞାନର ଆବଶ୍ୟକତା ରହିଛି । କୌଣସି ଏକ କାର୍ଯ୍ୟ ସମ୍ପାଦନର କ୍ରମ ହେଲା : ପ୍ରଥମେ ସେହି କାର୍ଯ୍ୟ ସମ୍ବନ୍ଧରେ ଜ୍ଞାନ, ତାପରେ ସେଥିରେ ପ୍ରବୃତ୍ତ ହେବାର ଇଚ୍ଛା ଏବଂ ଅନ୍ତତଃ ସେଥି ନିମନ୍ତେ ପ୍ରଯତ୍ନ । ତେବେଯାଇ ସେହି କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହୁଏ । ଯେବେ ଏହି କ୍ରମ ସମସ୍ତ କାର୍ଯ୍ୟରେ ସର୍ବତ୍ର ପରିଲକ୍ଷିତ ହୁଏ, ତେବେ ସତ୍ତ୍ୱଗୁଣର ଅଭିବୃଦ୍ଧି ଜଣାଯାଏ । ଅନେକ ବ୍ୟାଖ୍ୟାକାରଙ୍କ ମତାନୁସାରେ କୌଣସି ବି ପଦାର୍ଥର ସନ୍ନିକର୍ଷ ହେବାପରେ ଅନ୍ତଃକରଣରେ ସେହି ପଦାର୍ଥ ଆକାରର ଏକ ବୃତ୍ତି ଉଦୟ ହୁଏ । ଏହି ବୃତ୍ତି ସତ୍ତ୍ୱର ଅଭିବୃଦ୍ଧିରେ ହିଁ ସମୁଦିତ ହୋଇଥାଏ । ଯେବେ ପଦାର୍ଥର ସନ୍ନିକର୍ଷରେ ଅନ୍ତଃକରଣରେ ତଦାକାର ବୃତ୍ତିର ଉଦୟ ହୁଏ,

ତେବେ ସତ୍ତ୍ୱ ଗୁଣର ବୃଦ୍ଧିହେବା ବୁଝିନେବ । ଯେବେ ପ୍ରକାଶ ତେଜ ରହିଥାଏ, ତାହେଲେ ସମସ୍ତ ଭିତରେ ଯେଉଁ ଭଲ ଲୁଚି ରହିଥାଏ ତାହା ଦେଖାଯାଏ । ଏହି ପ୍ରକାର ଯାହାର ଜ୍ଞାନ ସୂକ୍ଷ୍ମ ହୋଇଥାଏ, ସେ ସବୁ ସ୍ଥାନରେ, ସବୁ ବିଷୟରେ ମର୍ମଭେଦୀ ଦୃଷ୍ଟିରେ ଯେଉଁ ଭଲ (ପରମେଶ୍ୱରଙ୍କ ସତ୍ତା) ଲୁଚି ରହିଥାଏ, ସେହିସବୁ ଦେଖିବାକୁ ସମର୍ଥ ହୁଏ । ଯେବେ ଜ୍ଞାନ ଦୁର୍ବଳ ହୁଏ, ତେବେ ତାହା ପରମେଶ୍ୱର ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ଦୋଷ ପର୍ଯ୍ୟନ୍ତ ହିଁ ପହଞ୍ଚିଥାଏ । ଯେତିକି ଯେତିକି 'ସତ୍'ର ନିକଟ ପହଞ୍ଚିବ, ସେହି ମାତ୍ରାରେ ସତ୍ତ୍ୱଗୁଣର ଅଭିବୃଦ୍ଧି ଘଟିବ । ଅଭେଦ ଦୃଷ୍ଟି ହେଉଛି ସତ୍ତ୍ୱଗୁଣର ସ୍ୱରୂପ । ଏକ ଅଖଣ୍ଡପୂର୍ଣ୍ଣ ସତ୍ତାକୁ ଯେତିକି ବୋଧ ହେବ, ସେହି ଅନୁସାରେ ସାତ୍ତ୍ୱିକର ଆଧିକ୍ୟତା ଅନ୍ତଃକରଣରେ ବୃଦ୍ଧିପ୍ରାପ୍ତ ହୁଏ । ଭାବାତ୍ମକ ସତ୍ତା ହେଉଛି ସତ୍ତ୍ୱଗୁଣ ।

ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା ।
ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ॥ ୧୨॥

*ଅନ୍ୱୟ: ଭରତର୍ଷଭ ( ହେ ଭରତ ବଂଶର ଶ୍ରେଷ୍ଠ ପୁରୁଷ ଅର୍ଜୁନ !) ରଜସି ( ରଜୋଗୁଣ) ବିବୃଦ୍ଧେ (ବର୍ଦ୍ଧିତ ହେଲେ ) ଲୋଭଃ (ପରଦ୍ରବ୍ୟ ଗ୍ରହଣ କରିବାର ଇଚ୍ଛା ) ପ୍ରବୃତ୍ତିଃ (ସର୍ବଦା କର୍ମରେ ପ୍ରବୃତ୍ତ) କର୍ମଣାମ୍ ଆରମ୍ଭଃ ( କର୍ମର ଉଦ୍ୟମ ) ଅଶମଃ ( ଅଶାନ୍ତି- ଅସ୍ଥିରତା ) ସ୍ପୃହା (ବିଷୟ ଆକାଙ୍କ୍ଷା ) ଏତାନୀ (ଏହି ସବୁ ଲକ୍ଷଣ ) ଜାୟନ୍ତେ (ଉତ୍ପନ୍ନ ହୁଏ ) ।*

**ଭାବାର୍ଥ**: ହେ ଅର୍ଜୁନ ! ରଜୋଗୁଣର ବୃଦ୍ଧିହେଲେ ଲୋଭ, କର୍ମରେ ପ୍ରବୃତ୍ତ ହେବାର ପ୍ରଚେଷ୍ଟା, ସ୍ୱାର୍ଥବୁଦ୍ଧିରେ କର୍ମମାନଙ୍କ ସକାମ ଭାବରେ ଆରମ୍ଭ, ଅଶାନ୍ତି ଅର୍ଥାତ୍ ମନର ଚଞ୍ଚଳତା ଏବଂ ବିଷୟ ଭୋଗର ଲାଳସା – ଏ ସମସ୍ତ ଉତ୍ପନ୍ନ ହୋଇଥାଏ । ରଜୋଗୁଣ କ୍ରିୟାଶୀଳ ଅଟେ । ଅତ୍ୟଧିକ ଶାରୀରିକ କ୍ରିୟାଦ୍ୱାରା ରଜୋଗୁଣର ଆଧିପତ୍ୟ ପରିଲକ୍ଷିତ ହୋଇଥାଏ । ରଜୋଗୁଣ ସମ୍ପନ୍ନ ବ୍ୟକ୍ତିର ପୂଣ୍ୟ ହେଉ ବା ଅନ୍ୟ ଯାହାକିଛି ହେଉ, କିଛି ନା କିଛି ପାଇବା ହେଲା ତାର ପ୍ରଧାନ ଲକ୍ଷ୍ୟ । ତାର ଲୋଭ ଏତେ ବଢିଯାଏ ଯେ, ସବୁକିଛି ପାଇବା ପାଇଁ ସେ ବ୍ୟାକୁଳ ହୋଇଉଠେ । ଯେ କୌଣସି ଅସାଧକର୍ମ କରିବାକୁ ମଧ୍ୟ ସେ ଆଗଭର ହୁଏ । ଦିନେ ଯେ ତାର ମୃତ୍ୟୁହେବ, ସେ କଥା ତାର ମନକୁ ମଧ୍ୟ ସ୍ପର୍ଶ କରି ନଥାଏ । ତାର ଅସରନ୍ତି ଲୋଭ ଆଗରେ ସମୁଦ୍ର ବା ଅଗ୍ନି ମଧ୍ୟ ପରାଜିତ ହେବ । ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ସଙ୍ଗସୁଖରେ ମତ୍ତହୋଇ ଦିନରାତି ବିଶ୍ରାମ କରିବାର ସୁଯୋଗ ପାଇନଥାଏ । ଧନପ୍ରତି ଲାଳସାର ନାମ ଲୋଭ । ଅନ୍ୟର ସମ୍ପତ୍ତି ଅଧିକାର କରିନେବା ଏବଂ ନିଜର ଯଥେଷ୍ଟ ଧନ ସମ୍ପତ୍ତି ଥିଲେ ବି ଆହୁରି ଅଧିକ ଧନ ସମ୍ପତ୍ତି ଲାଭ କାମନା କରିବା ହେଉଛି 'ଲୋଭ' । ଅନ୍ୟ ଅର୍ଥରେ ଧନ ସଂଗ୍ରହର ପିପାସା ହେଉଛି ଲୋଭ । ଲୋଭହେତୁ ମନୁଷ୍ୟ ପ୍ରତିକ୍ଷଣ ନିଜର ଆବଶ୍ୟକତା ନଥାଇ ମଧ୍ୟ ଧନବୃଦ୍ଧିର ଉପାୟ ଚିନ୍ତା କରିଚାଲେ । ଧନ ଉପାର୍ଜନ ସମୟରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିବେଚନା ଛାଡିଦେଇ ଅନ୍ୟର ସମ୍ପତ୍ତି ଉପରେ ନିଜର ସତ୍ତ୍ୱ ଜାହିର କରିବାକୁ ଚେଷ୍ଟାକରେ । ଧନବ୍ୟୟ କରିବାର ସମୁଚିତ ଅବସର ଆସିଲେ ମଧ୍ୟ ଲୋଭୀ ପୁରୁଷ ଧନତ୍ୟାଗ କରେନାହିଁ । ଲୋଭୀର ପ୍ରବୃତ୍ତି ହେଉଛି ଯେତେ ଲାଭକଲେ ମଧ୍ୟ ସନ୍ତୁଷ୍ଟ ନ ହୋଇ ଅଧିକତର ଲାଭ ନିମିତ୍ତ ସେ କ୍ରିୟାଶୀଳ ହୋଇଉଠେ । ବ୍ୟକ୍ତି ସ୍ୱାର୍ଥ ଏବଂ ଲୋଭର ବଶବର୍ତ୍ତୀ ହୋଇଗଲେ ଶାନ୍ତି ବା ସ୍ଥିରତା ମିଳେନାହିଁ । କଠିନ ପରିଶ୍ରମ କରି ନ୍ୟାୟୋଚିତ ଭାବରେ ନିଜର ପାରିଶ୍ରମିକ ପ୍ରାପ୍ତ କରିବା ଲୋଭ ଅନ୍ତର୍ଗତ ନୁହେଁ ।

ଶ୍ରୀ ଶଙ୍କାରାଚାର୍ଯ୍ୟ ଅନ୍ୟର ଦ୍ରବ୍ୟକୁ ଗ୍ରହଣ କରିବାର ଇଚ୍ଛାକୁ ଲୋଭ ବୋଲି କହିଛନ୍ତି । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ମତାନୁଯାୟୀ ନିଜ ଦ୍ରବ୍ୟକୁ ତ୍ୟାଗ ନ କରିବାର ମନୋଭାବକୁ ମଧ ଲୋଭର ସ୍ୱରୂପ ବୋଲି ମାନିବାକୁ ହେବ । ନାନା ପ୍ରକାର ଦାନଦ୍ୱାରା ତ୍ୟାଗର ରୂପ ସ୍ପଷ୍ଟ । ଶାସ୍ତ୍ରବିହିତ ଦାନ ବା ତ୍ୟାଗ ଯେ କରି ନଥାଏ, ସେହିଠାରେ ଲୋଭର ସ୍ଥିତି ବୋଲି ଧରିନେବାକୁ ହେବ । ଶାସ୍ତ୍ରରେ ଯେଉଁ ଦାନ ନେବା ନିଷିଦ୍ଧ, ତାହାକୁ ଗ୍ରହଣ କରିବା ମଧ ଲୋଭ ବୋଲି କୁହାଯିବ । ଶ୍ରୀ ବଲ୍ଲଭାଚାର୍ଯ୍ୟ କୃପଣତାକୁ ଲୋଭ ବୋଲି ଉଲ୍ଲେଖ କରିଛନ୍ତି । ନାନା ପ୍ରକାର କର୍ମ କରିବା ନିମନ୍ତେ ମାନସିକ ଭାବ ଜାଗ୍ରତ ହେବାକୁ ପ୍ରବୃତ୍ତି କୁହାଯାଏ । ସର୍ବଦା ବିଷୟ କର୍ମରେ ଯେଉଁ ଆସକ୍ତି ତାହା ପ୍ରବୃତ୍ତିରେ ପରିଣତ ହୁଏ । ଶରୀରକୁ ବଞ୍ଚାଇ ରଖିବା ନିମିତ୍ତ ବା ଲୋକ କଲ୍ୟାଣ ପାଇଁ ଶରୀରରେ, ମନରେ, ଇନ୍ଦ୍ରିୟ ମାନଙ୍କଠାରେ ରାଗ ଦ୍ୱେଷ ରହିତ ହୋଇ କାର୍ଯ୍ୟରେ ପ୍ରବୃତ୍ତ ହେବା ଦୋଷାବହ ନୁହେଁ । କାରଣ ଗୁଣାତୀତ ମହାପୁରୁଷଙ୍କ ମଧ ଏପରି ପ୍ରବୃତ୍ତି ହୁଏ । ରାଜସିକ ଲୋକ କହିପାରନ୍ତି ଯେ, ସେମାନେ ଜଗତର ମଙ୍ଗଳ ତଥା ଜନହିତକର କାର୍ଯ୍ୟରେ ଲାଗିଛନ୍ତି । କିନ୍ତୁ ସେମାନଙ୍କର କର୍ମ ପଛରେ କିଛି ନା କିଛି ବ୍ୟକ୍ତିଗତ ଅଭିଳାଷ ରହିଛି । ତାଙ୍କରି ମତରେ ଭୋଗ ବିଳାସ ନିମିତ୍ତ କର୍ମରେ ବୁଡି ରହିବା ହିଁ ଜୀବନର ପୂର୍ଣ୍ଣତା । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଲେଖାନୁଯାୟୀ, ବିନା ପ୍ରୟୋଜନରେ ସ୍ୱଭାବର ଯେଉଁ ଚଳନଶୀଳତା ଅର୍ଥାତ୍ ସ୍ୱଭାବର ଯେଉଁ ଚଞ୍ଚଳତା ତାହାକୁ 'ପ୍ରବୃତ୍ତି' ବୋଲି କହିଛନ୍ତି । ଶ୍ରୀ ମଧୁସୂଦନ ସରସ୍ୱତୀ କାମନା ପୂର୍ତ୍ତି ନିମନ୍ତେ କାର୍ଯ୍ୟରେ ନିରନ୍ତର ଲାଗି ରହିବାକୁ ପ୍ରବୃତ୍ତି ବୋଲି କହିଛନ୍ତି । ଶ୍ରୀ ପୁରୁଷୋତ୍ତମଜୀ ପ୍ରବୃତ୍ତିକୁ ଲୋଭ ସହିତ ସଂଯୋଗ କରି ବ୍ୟାଖ୍ୟା କରିଛନ୍ତି କି, ଲୌକିକ ସୁଖାଦି ନିମିତ୍ତ ଅଧିକ ଧନ ପ୍ରାପ୍ତିର ପ୍ରଚେଷ୍ଟା ହେଉଛି ପ୍ରବୃତ୍ତି । କାମନା ପୂରଣ କରିବା ଲକ୍ଷ୍ୟରେ କର୍ମର ଉଦ୍ୟମ ହେଉଛି 'ଆରମ୍ଭ' । ଭୋଗ ଓ ସଂଗ୍ରହ ଉଦ୍ଦେଶ୍ୟରେ ନୂତନ ନୂତନ କର୍ମ ଭିଆଇବାକୁ 'ଆରମ୍ଭ' କୁହାଯାଏ । ଭୌତିକ ସୁଖ ସମ୍ପଦ ପ୍ରାପ୍ତି ନିମିତ୍ତ ନାନା ପ୍ରକାର କର୍ମ କରିବାର ଯେଉଁ ଉଦ୍ୟମ ବା ଉଦ୍-ଯୋଗ ତାହା ଆରମ୍ଭ ନାମରେ ପରିଚିତ । କର୍ମଯୋଗରେ ଏପରି ଆରମ୍ଭ ମଧ ଦୋଷାବହ ନୁହେଁ । କାରଣ କର୍ମଯୋଗରେ କର୍ମ ନ କରି ସାଧକ ଯୋଗରେ (ସମତାରେ) ଆରୂଢ ହୋଇପାରିବ ନାହିଁ । ଏଣୁ ଅନାସକ୍ତ ହୋଇ ଉପସ୍ଥିତ ପରିସ୍ଥିତି ଅନୁସାରେ କର୍ମ ଆରମ୍ଭ କଲେ ସେହି ଆରମ୍ଭ ଆରମ୍ଭ ନୁହେଁ ବରଂ ତାହା ପ୍ରବୃତ୍ତି ମାତ୍ର ଯାହାଦ୍ୱାରା କାମନା ଦୂରହୁଏ । ମନ ଚଞ୍ଚଳତାର ନାମ ଅଶାନ୍ତି । ଯେତେ ପ୍ରକାର କର୍ମକଲେ ମଧ ତହିଁରେ ତୃପ୍ତି ନହୋଇ ଆହୁରି କରିବା ଇଚ୍ଛା ହେଉଛି 'ଅଶମ' ବା ଅଶାନ୍ତି । ଇଚ୍ଛାନୁସାରେ ଯଦି ଧନ, ସମ୍ପତ୍ତି, ଯଶ, ପ୍ରତିଷ୍ଠା ଇତ୍ୟାଦି ମିଳେନାହିଁ, ତେବେ ଚିତ୍ତରେ ଅଶାନ୍ତି ଆଉ ଅସ୍ଥିରତା ଜାତହୁଏ । ଭୋଗ, ଆସକ୍ତି ଇତ୍ୟାଦି ଦ୍ୱାରା ବିଚଳିତ ହୋଇ ବ୍ୟସ୍ତତା ଓ ଅସ୍ଥିରତା ହେବା ହେଉଛି 'ଅଶମଃ' । ଭାବନା ପରେ ଭାବନା କରି ଅସରନ୍ତି ଇଚ୍ଛା ଓ କାମନାର ବ୍ୟସ୍ତତା ହିଁ ଅଶମ । ଇଷ୍ଟ, ଅନିଷ୍ଟ ପ୍ରାପ୍ତିରେ ହର୍ଷ-ବିଷାଦ ପ୍ରାପ୍ତ ହେଲେ, ଶାନ୍ତି ମିଳିବ କିପରି ? ମନରେ ପ୍ରୟୋଜନ ଅନୁଭବ କରିବା ହେଉଛି 'ସ୍ପୃହା' । ଯେ କୌଣସି ପ୍ରକାର ସାଂସାରିକ ପଦାର୍ଥ ହେଉ ନା କାହିଁକି, ତାହା ମୋର ଆବଶ୍ୟକ ବୋଲି ଭାବିବାର ନାମ 'ସ୍ପୃହା' । ଧନ, ସମ୍ପତ୍ତି, ମାନ-ସମ୍ମାନ ବିନା ଜୀବନ ନିରର୍ଥକ- ଏହି ପ୍ରକାର ଭାବ ମନରେ ଉତ୍ପନ୍ନ ହେଉଛି 'ସ୍ପୃହା' ଅର୍ଥାତ୍ ଅନ୍ୟ ଅର୍ଥରେ ତୃଷ୍ଣା ବା ସକଳ ପ୍ରକାର ଇନ୍ଦ୍ରିୟ ସୁଖଦାୟୀ ବିଷୟର ବାସନା ହେଉଛି 'ସ୍ପୃହା' । ତେଣୁ କୌଣସି

ବସ୍ତୁ ପାଇବାର ଇଚ୍ଛାକୁ ସାଧକ ତ୍ୟାଗ କରିବାକୁ ହେବ । କାରଣ କୌଣସି ବସ୍ତୁ ପ୍ରାପ୍ତ ହେବାର ନିଶ୍ଚିତତା, ନିଜର ଇଚ୍ଛାଧୀନ ନୁହେଁ । ରଜୋଗୁଣ ବୃଦ୍ଧି ପ୍ରାପ୍ତରେ ଅନ୍ତଃକରଣରେ ସତ୍ତ୍ୱଗୁଣର ପ୍ରଭାବ ପ୍ରକାଶ, ବିବେକ ଶକ୍ତି ଏବଂ ତମୋଗୁଣର କାର୍ଯ୍ୟ ନିଦ୍ରା ଓ ଆଳସ୍ୟ ଆଦି ସମସ୍ତ ଭାବ ଦବିଯାଏ । ସେହି ସମୟରେ ନାନା ପ୍ରକାର ଇନ୍ଦ୍ରିୟ ଭୋଗର ଆବଶ୍ୟକତା ପ୍ରତୀତ ହେବାକୁ ଲାଗେ । ଧନ ସଂଗ୍ରହ ନିମିତ୍ତ ବିଶେଷ ଇଚ୍ଛା ଅନ୍ତଃକରଣରେ ଜାଗ୍ରତ ହୋଇ ରହିଥାଏ । ମନ ଚଞ୍ଚଳହୁଏ, କାମନାର ଆବେଗତା ବୃଦ୍ଧିପାଏ ଏବଂ ଭାବ ଅନୁସାରେ ବିଭିନ୍ନ କ୍ରିୟା ମଧ୍ୟ ଆରମ୍ଭ ହୁଏ । ସାଧକ ଭଗବତ୍ ଉପାସନା ଦ୍ୱାରା ବିଷୟଭୋଗକୁ ପ୍ରାର୍ଥନା କରିବା ମଧ୍ୟ ରାଜସ ଭଜନ ଅଟେ । ତାହାକୁ ରଜୋଗୁଣ ସମ୍ପନ୍ନ ବୋଲି ଧରି ନିଆଯିବ । ଫଳପ୍ରାପ୍ତି ନିମିତ୍ତ ସାଧନାଭୂତ କର୍ମର ଆରମ୍ଭ ମଧ୍ୟ ରଜୋଗୁଣର ଲକ୍ଷଣ ଅଟେ । ଚିତ୍ତ ହର୍ଷ-ଶୋକାଦିରେ ଲିପ୍ତହୋଇ ଅଶାନ୍ତ ସ୍ଥିତିରେ ରହିବା ହେଉଛି 'ଅଶମ' । ନିରନ୍ତର କାର୍ଯ୍ୟରେ ପ୍ରବୃତ୍ତ ରହିବାର ସଙ୍କଳ୍ପକୁ ମଧ୍ୟ ଅଶମ ବା ଅଶାନ୍ତି କୁହାଯିବ । ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ ଲେଖାନୁସାରେ କାମନା ଏବଂ ସଙ୍କଳ୍ପରେ ଅନ୍ତଃକରଣକୁ ଶାନ୍ତ ହେବାପାଇଁ ଅବସର ନ ଦେବା ହେଉଛି 'ଅଶମ' । ଯେତେବେଳେ ରଜୋଗୁଣ ବୃଦ୍ଧି ହେବାର ଅନୁଭବ ହେବ, ସାଧକ ସେହି ମୁହୂର୍ତ୍ତରେ ବିଚାର କରିବା ଉଚିତ କି, କୌଣସି ମତେ ସାଧାରଣଭାବେ ଜୀବନ ନିର୍ବାହ ହେଉଯାଉଥିବା ବେଳେ ଆଉ ଅଧିକର କଅଣ ପ୍ରୟୋଜନ ରହିଛି ? ଏହିପରି ବିଚାରରେ ରଜୋଗୁଣ ଜନିତ ବୃତ୍ତିକୁ ଦୂରକରି ସେଥିରୁ ଉଦାସୀନ ହୋଇଯିବା ଆବଶ୍ୟକ ।

ଅପ୍ରକାଶୋଅପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ
ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ॥୧୩॥

*ଅନ୍ୱୟ: ଅପ୍ରକାଶଃ (ଅନ୍ଧାର-ଅବିବେକ) ଅପ୍ରବୃତ୍ତିଃ (ପ୍ରବୃତ୍ତି ବିହୀନ) ପ୍ରମାଦଃ ( ଅସାବଧାନତା-କର୍ତ୍ତବ୍ୟର ବିସ୍ମୃତି) ଚ (ଓ) ମୋହଃ (ବିପରୀତ ବୁଦ୍ଧି-ମୂଢତା-ଉଦ୍ୟମ ହୀନତା) ଏତାନି ( ଏହି ସମସ୍ତ) ତାମସୀ (ତମୋଗୁଣ) ବିବୃଦ୍ଧେ (ବର୍ଦ୍ଧିତ ହେଲେ) ଜାୟନ୍ତେ ( ଜାତ ହୁଏ ) ।*

**ଭାବାର୍ଥ:** ହେ ଅର୍ଜୁନ ! ମନୁଷ୍ୟର ତମୋଗୁଣ ବୃଦ୍ଧିପ୍ରାପ୍ତହେଲେ ଅନ୍ତଃକରଣରେ ଅନ୍ଧକାର ଘୋଟିଯାଏ ଏବଂ ବିବେକ ଲୁପ୍ତ ହୋଇଯାଏ । ଇନ୍ଦ୍ରିୟ ଓ ଅନ୍ତଃକରଣରେ ଆଲୋକ ଅଭାବର ନାମ 'ଅପ୍ରକାଶ' । ଆଲୋକ ବା ପ୍ରକାଶ ନାହିଁ ତ ଜ୍ଞାନ ନାହିଁ । ତମୋଗୁଣ ଅଧିକତାରେ ଅନ୍ତଃକରଣରେ କର୍ତ୍ତବ୍ୟକର୍ମରେ ଅପ୍ରବୃତ୍ତି ଅର୍ଥାତ୍ କର୍ମ ବିମୁଖତା, ପ୍ରମାଦ ଅର୍ଥାତ୍ ବ୍ୟର୍ଥଚେଷ୍ଟା ଓ ନିଦ୍ରାଦି ମୋହିନୀ ବୃତ୍ତି ସମସ୍ତ ଉତ୍ପନ୍ନ ହୁଅନ୍ତି । ଆଧ୍ୟାତ୍ମିକ ପ୍ରଗତିପଥ ତଥା ଜୀବନର ଯେକୌଣସି କ୍ଷେତ୍ରରେ ସଫଳତା ଅର୍ଜନ ମାର୍ଗରେ ତମୋଗୁଣ ହେଉଛି ଏକ ବିରାଟ ଅନ୍ତରାୟ । ଅପ୍ରକାଶର ଅର୍ଥ ହେଉଛି କୌଣସି ବସ୍ତୁ, ପରିସ୍ଥିତିକୁ ବିଚାର ଶକ୍ତି ଦ୍ୱାରା ଯଥା-ଯଥ ବା ସତ୍ୟା-ସତ୍ୟ ଭାବେ ବିବେକଯୁକ୍ତ ବିବେଚନା କରିବାର ଅସମର୍ଥତା । ତମୋଗୁଣ ବୃଦ୍ଧିହେଲେ ଇନ୍ଦ୍ରିୟ ଓ ଅନ୍ତଃକରଣରେ ଥିବା ବୋଧଶକ୍ତି ଲୁପ୍ତ ହୋଇଯାଏ । ଅତୀତ କଥା ପ୍ରାଞ୍ଜଳରୂପେ ସ୍ମରଣ ରହେନାହିଁ କି, ନୂତନ ବିବେକ ଜାତ ହୁଏନାହିଁ । ଯେଉଁ ବ୍ୟକ୍ତି ନିଜ ସ୍ୱରୂପ ଓ ବାହ୍ୟ ଜଗତ ସହିତ ସମ୍ବନ୍ଧକୁ ଉତ୍ତମରୂପେ ବୁଝିପାରେ ନାହିଁ, ତାରି ଜୀବନ ଏକ ପ୍ରକାର ଭ୍ରାନ୍ତି ହୋଇଯାଏ ଏବଂ ତାରି ଅସ୍ତିତ୍ୱ ମଧ୍ୟ ଏକ ଦୁଃଖଦ ତ୍ରୁଟି ଭାବେ ପରିଲକ୍ଷିତ ହୁଏ । ଉଦ୍ୟମରେ ଶିଥିଳତା, ଅତ୍ୟନ୍ତ କର୍ମ ବିମୁଖତାକୁ ଅପ୍ରବୃତ୍ତି ଶବ୍ଦଦ୍ୱାରା ସୂଚିତ

କରାଯାଇଛି । କାନ୍ଧ ଉପରକୁ କୌଣସି ଦାୟିତ୍ୱ ନନେବା, କୌଣସି କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଜକୁ ଅକ୍ଷମ ମନେ କରିବା, କର୍ତ୍ତବ୍ୟ କର୍ମ ପ୍ରତି ବିମୁଖତା ଓ ଅନିସୁକତା ପ୍ରକାଶ କରି – ଏହା ମୋରି ଭାଗ୍ୟରେ ନାହିଁ ବୋଲି ବିଶ୍ୱାସକରି ଉଦାସୀନ ରହିବା- ଇତ୍ୟାଦି ଅପ୍ରବୃତ୍ତିର ଲକ୍ଷଣ । ଶାସ୍ତ୍ର ବିହିତ କର୍ମରେ ଅବହେଳା ତଥା ବ୍ୟର୍ଥ ଚେଷ୍ଟାର ନାମ ପ୍ରମାଦ । ତମୋଗୁଣ ପ୍ରବଳ ହେଲେ ଉଚ୍ଚ ଆକାଙ୍କ୍ଷା, ଶକ୍ତି ଓ ସାମର୍ଥ୍ୟ ଆଦି ଦେଖିବାକୁ ମିଳେନାହିଁ । ମନ ମୋହିତ ହୋଇଯିବା, କୌଣସି କଥା ମନେ ନରହିବା, ତନ୍ଦ୍ରା, ସ୍ୱପ୍ନ ବା ସୁଷୁପ୍ତି ଅବସ୍ଥା ପ୍ରାପ୍ତ ହେବା, ବିବେକ ଶକ୍ତିର ଅଭାବ ହୋଇଯିବା, କୌଣସି ବିଷୟ ବୁଝିବାକୁ ଶକ୍ତି ନରହିବା, ଇତ୍ୟାଦିକୁ ମୋହ ଉତ୍ପନ୍ନ ହୋଇଯିବା କହନ୍ତି । ଅନିତ୍ୟ ବସ୍ତୁର ସମ୍ବନ୍ଧକୁ ନିତ୍ୟମାନି ଆସକ୍ତ ହୋଇ ରହିବା ମୋହର ଲକ୍ଷଣ । ମୋହର ପ୍ରଭାବରେ ମନୁଷ୍ୟ ବିଚାରହୀନ ହୋଇପଡେ । ମୂର୍ଖତା ତାକୁ ଆଲିଙ୍ଗନ କରେ । ଆଚାରହୀନତା ଦେଖାଦିଏ । ତମୋଗୁଣ ସମ୍ପନ୍ନ ବ୍ୟକ୍ତିର ଚିତ୍ତ ଦୁଷ୍କର୍ମରେ ଉତ୍ଫୁଲ୍ଲ ହୋଇଉଠେ ଏବଂ କାରଣ ନଥାଇ ନିଜର ଭୁଲ ବୁଝାମଣା ଯୋଗୁଁ ଅତ୍ୟଧିକ କ୍ରୋଧାନ୍ୱିତ ହୁଏ । ନିଷିଦ୍ଧ ବସ୍ତୁକୁ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଲେ, ମନ ଓ ଇନ୍ଦ୍ରିୟ ତାହାରି ଅନୁଧାବନ କରନ୍ତି । ତମୋଗୁଣ ବୃଦ୍ଧିରେ ମନ ବିଷୟାଦିରେ ଲାଗେନାହିଁ କି, ଆବଶ୍ୟକ କର୍ମ କରିବାରେ ରୁଚି ରହେନାହିଁ ସତ, କିନ୍ତୁ ତାକୁ ସମାଧି ଅବସ୍ଥା କୁହା ଯାଇନପାରେ । ଏହା ଏକ ମୋହମୟ ମାଦକତାର ଦଶା । କାର୍ଯ୍ୟ କରିବାର କ୍ଷମତା ଥାଇ କର୍ମ କରିବାର ପ୍ରଚେଷ୍ଟା ନକରିବା, ଚେତନା ଥାଇ ନିଷ୍କ୍ରିୟ ହୋଇ ପଡି ରହିବା, ଏହି ସବୁ ବ୍ୟର୍ଥ ଜୀବନର ସୂଚକ । ସତ୍ତ୍ୱ, ରଜ ଓ ତମ – ଏ ତିନୋଟି ଗୁଣଜନିତ ବୃତ୍ତି ଗୁଡିକର ସ୍ୱାଭାବିକ ଭାବେ ଉତ୍ପତ୍ତି, ବିନାଶ ତଥା ହ୍ରାସ-ବୃଦ୍ଧି ହୁଏ । ଏ ଗୁଡିକ ପରିବର୍ତ୍ତନଶୀଳ । ଅନ୍ତଃକରଣରେ ବିକାର ନିରନ୍ତର ରହେନାହିଁ, ବରଂ ନିର୍ବିକାର ଅବସ୍ଥା ନିରନ୍ତର ରହେ । ବିକାର ଆସେ ଏବଂ ଚାଲିଯାଏ । କିନ୍ତୁ ସ୍ୱୟଂ ନିରନ୍ତର ନିର୍ବିକାର ରହେ । ବିକାର ଗୁଡିକ ମନ, ବୁଦ୍ଧିରେ ଉତ୍ପନ୍ନ ହୋଇଥାନ୍ତି । କିନ୍ତୁ ସାଧକ ମନ, ବୁଦ୍ଧି ସହିତ ମିଶିଯାଇ ସେହି ବିକାରଗୁଡିକୁ ଭ୍ରମବଶତଃ ନିଜଠାରେ ଆରୋପ କରିବା ଦ୍ୱାରା ସେଗୁଡିକ ଦ୍ୱାରା ପ୍ରଭାବିତ ହୁଏ । ବିକାରଗୁଡିକୁ ନିଜଠାରେ ଆରୋପ ନକଲେ ସେଗୁଡିକ ସହିତ ସ୍ୱୀକୃତ ସମ୍ବନ୍ଧ ଦୂର ହୋଇଯାଏ ।

ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତ୍ୟ ଦେହଭୃତ୍ ।
ତଦୋତ୍ତମବିଦାଂ ଲୋକାନମଳାନ୍ ପ୍ରତିପାଦ୍ୟତେ ॥ ୧୪॥

*ଅନ୍ୱୟ: ଯଦା (ଯେତେବେଳେ) ସତ୍ତ୍ୱେ (ସତ୍ତ୍ୱଗୁଣ ) ପ୍ରବୃଦ୍ଧେ ( ବୃଦ୍ଧି ହୋଇଥାଏ ) ତଦା (ସେତେବେଳେ) ତୁ (ଯଦି) ଦେହଭୃତ୍ (ଦେହଧାରୀ ମନୁଷ୍ୟ ) ପ୍ରଳୟମ୍ ଯାତି ( ମୃତ୍ୟୁ ଲାଭକରେ) ଉତ୍ତମବିଦାମ୍ (ତେବେ ସେ ଉତ୍ତମବେତ୍ତା ଅର୍ଥାତ୍ ବିଶିଷ୍ଟ ମୁନି, ଋଷିମାନଙ୍କ ) ଅମଳାନ୍ ( ନିର୍ମଳ, ଅମଳିନ ଲୋକଗୁଡ଼ିକୁ) ପ୍ରତିପଦ୍ୟତେ ( ପ୍ରାପ୍ତ ହୁଏ )।*

**ଭାବାର୍ଥ**: ମୃତ୍ୟୁ ସମୟରେ ଯେଉଁ ଗୁଣ ବୃଦ୍ଧି ହୋଇଥାଏ, ସେହି ଗୁଣ ଅନୁରୂପ ଅନ୍ୟ ଜନ୍ମରେ ଫଳପ୍ରାପ୍ତି ହୁଏ । ସତ୍ତ୍ୱଗୁଣ ବୃଦ୍ଧି ଅବସ୍ଥାରେ ଯଦି ମୃତ୍ୟୁହୁଏ, ତାହେଲେ ହିରଣ୍ୟଗର୍ଭ ଆଦିର ଉପାସକ ସୁଖପ୍ରଦ ନିର୍ମଳ ଲୋକ ପ୍ରାପ୍ତି ହୁଏ । ଶ୍ରୀମଦ୍ ଭାଗବତରେ (୧୧/୨୫/୨୨) ମଧ୍ୟ ଏହା କୁଆହାଯାଇଛି କି, "ସତ୍ତ୍ୱେ ପ୍ରଳୀନାଃ ସ୍ୱର୍ଯାନ୍ତି" ଅର୍ଥାତ୍ ସତ୍ତ୍ୱଗୁଣର ବୃଦ୍ଧି ସମୟରେ ଦେହ ତ୍ୟାଗକାରୀକୁ ସ୍ୱର୍ଗଲୋକ ପ୍ରାପ୍ତହୁଏ । ସତ୍ତ୍ୱଗୁଣ ଅବସ୍ଥାନ କରୁଥିବା ବ୍ୟକ୍ତି ମରଣୋତ୍ତର ବ୍ରହ୍ମଲୋକ କିମ୍ବା ମୁନି, ଋଷିଗଣ ଅବସ୍ଥାନ କରୁଥିବା

ଉଚ୍ଚତର ଲୋକ ପ୍ରାପ୍ତିହୋଇ ସେଠାରେ ଦେବଭୋଗ ଲାଭ କରନ୍ତି । ସତ୍ତ୍ୱଗୁଣ ଏହି ଭୌତିକ ଜଗତର ବିଶୁଦ୍ଧତ୍ତମ ଅବସ୍ଥିତି ଅଟେ । ଯେଉଁମାନଙ୍କ ଭାବ, କ୍ରିୟା ଓ ଜ୍ଞାନ ସବୁକିଛି ଉତ୍ତମ ଅର୍ଥାତ୍ ବିବେକବାନ୍ ପୁରୁଷ ଉତ୍ତମବେତ୍ତା ଅଟନ୍ତି । ପୂର୍ବ ସଂସ୍କାର ଆଦି କୌଣସି କାରଣରୁ ସତ୍ତ୍ୱଗୁଣ ବୃଦ୍ଧିପ୍ରାପ୍ତ ହେଲେ, ଶରୀର, ଇନ୍ଦ୍ରିୟ, ଅନ୍ତଃକରଣରେ ପ୍ରକାଶ ଓ ଜ୍ଞାନ ଉତ୍ପନ୍ନ ହୁଏ । ସେତେବେଳେ ସ୍ଥୂଳ ଶରୀରରେ ମନ, ଇନ୍ଦ୍ରିୟ, ପ୍ରାଣ ମାନଙ୍କ ସହିତ ଜୀବାତ୍ମାର ସମ୍ବନ୍ଧ ବିଚ୍ଛେଦ ସ୍ଥିତିରେ ଥାଏ । ଶରୀର ପଞ୍ଚ ପ୍ରାଣ କୋଷରୁ ପ୍ରାଣ ବିସର୍ଜନ ମୁହୂର୍ତ୍ତରେ ସୂକ୍ଷ୍ମ ଶରୀର (ମନ,ବୁଦ୍ଧି, ଚିତ୍ତ) ବିଷୟ ଚିନ୍ତନରୁ ନିବୃତ୍ତ ରହିଥାଏ । ତାହାରି ଫଳ ସ୍ୱରୂପ ପୁଣ୍ୟକର୍ମା ମନୁଷ୍ୟମାନଙ୍କର ଯେଉଁ ସବୁ ଲୋକ ଉପରେ ଅଧିକାର ଥାଏ, ଜୀବାତ୍ମା ସେହି ସବୁ ନିର୍ମଳ ଲୋକମାନଙ୍କୁ ଗମନ କରେ । ସୁତରାଂ ସାତ୍ତ୍ୱିକ ବୃତ୍ତି ମଧ୍ୟ ପୁଣ୍ୟକର୍ମ ସଦୃଶ ଶ୍ରେଷ୍ଠ । ରଜୋଗୁଣ ଓ ତମୋଗୁଣ ଅପେକ୍ଷା ସତ୍ତ୍ୱଗୁଣ ଜନିତ ବୃତ୍ତି ସୂକ୍ଷ୍ମ, ବ୍ୟାପକ ଓ ଶକ୍ତିଶାଳୀ ଅଟେ । ଅଷ୍ଟମ ଅଧ୍ୟାୟ ଷଷ୍ଠ ଶ୍ଳୋକରେ ଆଗରୁ ଭଗବାନ କହିଛନ୍ତି କି, ଅନ୍ତକାଳରେ ମନୁଷ୍ୟର ମାନସିକ ସ୍ଥିତି ଯେପରି ରହେ, ସେହି ଅନୁସାରେ ତାରି ପରବର୍ତ୍ତୀ ଜନ୍ମ ନିମନ୍ତେ ଜୀବାତ୍ମାର ଗତି  ହୋଇଥାଏ । କର୍ମଫଳକୁ ଭୋଗ କରିବାକୁ ଯାହାର ଆକାଂକ୍ଷା ନଥାଏ ସେ' ଉତ୍ତମବିଦ୍ ଅଟନ୍ତି । ସ୍ୱର୍ଗଠାରୁ ମଧ୍ୟ ଉତ୍କୃଷ୍ଟ ଲୋକ ତାହାଙ୍କୁ ପ୍ରାପ୍ତି ହେବାର ବିଧାନ ରହିଛି । ସ୍ୱର୍ଗଲୋକଠାରୁ ଉଚ୍ଚ ଜନଲୋକ, ତପଲୋକ, ମହଲୋକ, ସତ୍ୟଲୋକ, ଏହି ସମସ୍ତଲୋକ ଉତ୍ତମବିଦ୍ ମାନଙ୍କ ନିମନ୍ତେ ନିର୍ଦ୍ଧାରିତ ହୋଇଥାଏ । 'ଅମଳାନ୍' ପଦକୁ ବ୍ୟାଖ୍ୟାକରି ଶ୍ରୀ ଶଙ୍କାରାନନ୍ଦ କହିଛନ୍ତି କି; ଜନ୍ମ, ଜରା, ବ୍ୟାଧି ହିଁ ମଳ । ଯେଉଁ ଲୋକରେ ଜନ୍ମ, ଜରା, ବ୍ୟାଧି ନାହିଁ, ତାହାକୁ ହିଁ ଅମଳାନ୍ ଲୋକ କୁହାଯାଇଛି । ''ନିତ୍ୟ ସତ୍ତ୍ୱସ୍ଥ' ଅର୍ଥାତ୍ ଯଦି ମନୁଷ୍ୟ ସତ୍ତ୍ୱଗୁଣକୁ ନିଜର ମନେ ନକରି, ସେଥିରୁ ପ୍ରାପ୍ତ ଆତ୍ମିକସୁଖକୁ ମଧ୍ୟ ଅତିକ୍ରମ କରିଯାଏ, ତାହେଲେ ପରମାତ୍ମା ସାକ୍ଷାତ୍କାର ହୋଇ ଭଗବାନଙ୍କ ପରମଧାମ କୁ ଚାଲିଯାଏ, ଯେଉଁଠାରେ ନିରପେକ୍ଷ ନିର୍ମଳତା ବିଦ୍ୟମାନ । ଯାହାଙ୍କର ସୂକ୍ଷ୍ମ ଶରୀରରେ ଅହନ୍ତା ଓ ମମତ୍ୱ ରହିଛି, ସେମାନଙ୍କର ପୁନର୍ଜନ୍ମ ରୂପକ ଭିନ୍ନ ଭିନ୍ନ ଶରୀର ପ୍ରାପ୍ତହୁଏ । ଯାହାଙ୍କର ଦେହାଭିମାନ ସମ୍ପୂର୍ଣ୍ଣରୂପେ ବିଲୁପ୍ତ ହୋଇଯାଇଛି, ସେହି ଜୀବନମୁକ୍ତ ମାହାତ୍ମାଙ୍କର ଜନ୍ମ-ମରଣ ହୁଏନାହିଁ ।  ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ ମତାନୁସାରେ ମରଣତ୍ତୋର ବିଭିନ୍ନଲୋକର ଯେଉଁ ପ୍ରାପ୍ତିକଥା ଶାସ୍ତ୍ରରେ କୁହାଯାଇଛି, ତାହା ବର୍ଣ୍ଣାଶ୍ରମ ଅନୁସାରେ ନୁହେଁ, ବରଂ ମରଣକାଳରେ ଯେଉଁ ଗୁଣର ପ୍ରାଧାନ୍ୟ ରହିଥାଏ,ତାହାରି ଅନୁସାରେ ହୋଇଥାଏ । ଶ୍ରୀ ପୁରୁଷୋତ୍ତମଜି ଲେଖିଛନ୍ତି କି, ଯେଉଁଗୁଣ ମରଣ କାଳରେ ବୃଦ୍ଧି ସ୍ଥିତିରେ ଥାଏ, ଆତ୍ମା ସେହି ଦିଗରେ ଗମନ କରିଥାଏ ଏବଂ ସେହିଗୁଣ ଯେଉଁ ଲୋକରେ ଅଧିକ, ଜୀବାତ୍ମା ସେହିଲୋକରେ ଅବସ୍ଥାନ କରେ । ଆତ୍ମା ହିଁ ସର୍ବୋପରିଭାବେ ଉତ୍ତମ । ତେଣୁ ଆତ୍ମବେତ୍ତା ହିଁ ଉତ୍ତମବେତ୍ତା ଏବଂ ସେମାନେ ଯେଉଁଲୋକରେ ରୁହନ୍ତି, ଦେହଧାରୀ ସେହିଲୋକକୁ ପ୍ରାପ୍ତି ହୁଅନ୍ତି । ଶ୍ରୀ ବଲ୍ଲଭାଚାର୍ଯ୍ୟ 'ଉତ୍ତମବିଦାମ୍'ର ଅର୍ଥ ଉତ୍ତମ ସାଧନପ୍ରଣାଳୀ (ଉପାୟ)କୁ ଜାଣିଥିବା ଯୋଗୀ ଏବଂ 'ଲୋକ' ଅର୍ଥ  ଦେହ ବୋଲି ଉଲ୍ଲେଖ କରିଛନ୍ତି । ଏହାର ତାତ୍ପର୍ଯ୍ୟ ହେଲା କି, ସତ୍ତ୍ୱ ପ୍ରଧାନ ପୁରୁଷ ଯୋଗୀ କୁଳରେ ଶରୀର ଗ୍ରହଣ କରିଥାଏ । "ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟା ଅଭିଜାୟତେ" (ଗୀତା-୬/୪୧) । ମରଣତ୍ତୋର ଗତି ବିଷୟରେ ଶ୍ରୁତି ଏବଂ ସ୍ମୃତିର ସ୍ପଷ୍ଟ କଥା କି, ଯେପରି କର୍ମ କରିବ, ସେପରି ଶରୀର ପ୍ରାପ୍ତ ହେବ ଅର୍ଥାତ୍ ପରଲୋକ ଗତି ପୁଣ୍ୟା-

ପୁଣ୍ୟ କର୍ମର ଆଧାର ଉପରେ ହିଁ ପରଜନ୍ମ ହୋଇଥାଏ । ଏଠାରେ ଗୁଣର ବୃଦ୍ଧି କାରଣରୁ ଲୋକାନ୍ତର ଗତି ନିର୍ଦ୍ଧାରିତ ହେବା କଥା ଯାହା କୁହାଯାଇଛି, ତାହା ଶ୍ରୁତିର ବିରୋଧଭାବ ସୂଚିତ କରୁଅଛି । ଏହାର ସମାଧାନ ହେଲାକି, ଜନ୍ମାନ୍ତର ନିଶ୍ଚିତଭାବେ ପୂଣ୍ୟ-ପାପ କର୍ମର ଆଧାର ଉପରେ ହିଁ ହୁଏ । ପରନ୍ତୁ, ପୁଣ୍ୟା-ପୂଣ୍ୟ କର୍ମ ହିଁ ମରଣ କାଳରେ ସେହି ସେହି ଗୁଣର ବୃଦ୍ଧିହେବାର କାରଣ ହୋଇଥାଏ । ତେଣୁ ସାଧକ ତଥା ସମସ୍ତ ବ୍ୟକ୍ତି ସର୍ବଦା ଉତ୍ତମ କର୍ମରେ ପ୍ରବୃତ୍ତ ରହିବା ବିଧେୟ । ନିଜର ଯୋଗ୍ୟତା ଓ ସାମର୍ଥ୍ୟକୁ ନେଇ ଉତ୍ତମ କର୍ମ କରିବାର ସଂକଳ୍ପ ସତ୍ତ୍ୱଗୁଣ ଅଭିବୃଦ୍ଧି ମାର୍ଗରେ ମନୁଷ୍ୟକୁ ଅଗ୍ରସର କରିଥାଏ । ପ୍ରତ୍ୟେକ ବ୍ୟକ୍ତିଠାରେ କିଛିନା କିଛି ସଦ୍ଗୁଣ ରହିଛି ଏବଂ ସେହି ଯୋଗ୍ୟତା ଓ ସଦ୍ଗୁଣର ସଦୁପଯୋଗ କରିବା ଦ୍ୱାରା ସେହି ଯୋଗ୍ୟତାର ପରିବୃଦ୍ଧି ଘଟେ । ସାତ୍ତ୍ୱିକ ପୁରୁଷର ସତ୍ତ୍ୱ ଗୁଣ ପ୍ରଭାବରେ ଜୀବନସାରା ସୁକୃତ କର୍ମ ଦ୍ୱାରା ପ୍ରବୃତ୍ତ ହେଲେ, ଅନ୍ତକାଳରେ ଭଗବାନଙ୍କ ସ୍ମରଣ ନିଶ୍ଚିତ ହୋଇଥାଏ । ଅତଏବ, ସାରା ଜୀବନ ବିଚାରଧାରର ସଂଯୁକ୍ତ ପରିଣାମ ଦ୍ୱାରା ହିଁ ଶରୀର ତ୍ୟାଗପରେ ଜୀବର ଗତି ନିର୍ଦ୍ଧାରିତ ହୋଇଥାଏ ।

ରଜସି ପ୍ରଳୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।
ତଥା ପ୍ରଲୀନସ୍ତମସି ମୂଢଯୋନିଷୁ ଜାୟତେ ॥୧୫॥

*ଅନ୍ୱୟ: ରଜସି (ରଜୋଗୁଣ ବୃଦ୍ଧି ହୋଇଥିବା ବେଳେ ) ପ୍ରଳୟଂ ଗତ୍ୱା (ମୃତ୍ୟୁ ଲାଭକଲେ) କର୍ମସଙ୍ଗିଷୁ (କର୍ମାସକ୍ତ ବ୍ୟକ୍ତିଙ୍କ ମଧ୍ୟରେ) ଜାୟତେ (ଜନ୍ମହୁଏ) ତଥା (ସେହିପରି) ତମସି (ତମୋଗୁଣର ଆଧିକ୍ୟ ସମୟରେ ) ପ୍ରଳୀନଂ (ମୃତ୍ୟୁ ହେଲେ) ମୂଢଯୋନିଷୁ (ମୂଢ ଯୋନିରେ) ଜାୟତେ (ଜନ୍ମହୁଏ) ।*

**ଭାବାର୍ଥ**: ପୂର୍ବ ଏବଂ ଏହି ଶ୍ଳୋକରେ ସତ୍ତ୍ୱ, ରଜ ଓ ତମ-ଏହି ତିନିଗୁଣର ବୃଦ୍ଧିକାଳରେ ମୃତ୍ୟୁବରଣ ଉପରାନ୍ତ ଭିନ୍ନ ଭିନ୍ନ ଶରୀର ଏବଂ ପରିବେଶ ପ୍ରାପ୍ତି କଥା କୁହାଯାଇଛି । ରଜୋଗୁଣର ପ୍ରଧାନ କାର୍ଯ୍ୟ ଏହି ଯେ, ତାହା ମନୁଷ୍ୟକୁ କର୍ମାସକ୍ତିରେ ଆବଦ୍ଧ କରିରଖେ । ଶରୀର ତ୍ୟାଗ କରିବା ସମୟରେ ରଜୋଗୁଣର ଆଧିକ୍ୟ ଥିଲେ, ବାସନା ପୂରଣ ନିମିତ୍ତ ବ୍ୟକ୍ତିର କର୍ମାସକ୍ତ ଲୋକମାନଙ୍କ ଗୃହରେ ଜନ୍ମ ହୁଏ । ଯେଉଁ ମନୁଷ୍ୟମାନଙ୍କ କର୍ମ ଓ କର୍ମଫଳରେ ଆସକ୍ତି ଥାଏ, ସେମାନଙ୍କୁ କର୍ମସଙ୍ଗୀ କୁହାଯାଏ । ଏଠାରେ 'କର୍ମସଙ୍ଗୀ'ର ଅର୍ଥ କର୍ମରେ ଆସକ୍ତ ପୁରୁଷକୁ କୁହାଯାଇଛି । ଲୋଭ, ଅତିଶୟ ପ୍ରବୃତ୍ତି ଆଦି କାରଣରୁ ନିଷିଦ୍ଧ କର୍ମରେ ନିରନ୍ତର ଲାଗିରହିଥିବା ମନୁଷ୍ୟ ହେଉଛନ୍ତି କର୍ମସଙ୍ଗୀ । କର୍ମ ତ ପ୍ରାଣୀ ମାତ୍ରେ କରିବାକୁ ପଡିଥାଏ । ତେଣୁ ଶ୍ରୀ ରାମାନୁଜାଚାର୍ଯ୍ୟ କର୍ମସଙ୍ଗୀର ଅର୍ଥ ଫଳାନୁସନ୍ଧାନ ପୂର୍ବକ କର୍ମ କରିବା ବ୍ୟକ୍ତିମାନଙ୍କୁ ସୂଚିତ କରିଛନ୍ତି । ତେଣୁ ରଜୋଗୁଣ ମନୁଷ୍ୟର ଉତ୍ପତ୍ତି ସାଧାରଣ ମନୁଷ୍ୟ ବର୍ଗରେ ହୋଇଥାଏ । କାମ୍ୟକର୍ମର ଆରମ୍ଭ ଏବଂ କର୍ମଫଳ ଭୋଗିବା ନିମିତ୍ତ ରାଜସ ଗୁଣସମ୍ପନ୍ନ ବ୍ୟକ୍ତିର ଗୃହ ହେଉଛି ଉପଯୁକ୍ତ କ୍ଷେତ୍ର । ତେଣୁ ସେପରି ପିତା ମାତାଙ୍କ ଔରସରେ ଜନ୍ମ ନେବା ହିଁ କର୍ମସଙ୍ଗୀମାନଙ୍କ ମଧ୍ୟରେ ଜନ୍ମନେବା । ସର୍ବୋତ୍ତମ ପରିସ୍ଥିତି ବା ବାତାବରଣ ମଧ୍ୟରେ ଜନ୍ମ ପ୍ରାପ୍ତକରି ମଧ୍ୟ ସବୁ ମନୁଷ୍ୟ ସମାନ ଭାବରେ ତାହାରି ସଦୁପଯୋଗ କରି ଜୀବନକୁ ଉଚିତ ମାର୍ଗରେ ବିକଶିତ ବା ଆଧ୍ୟାତ୍ମିକ ପ୍ରତିଷ୍ଠା ଲାଭ କରି ପାରିନଥାନ୍ତି । ବିକାଶର ସୋପାନରେ ଉନ୍ନତି ପରିବର୍ତ୍ତେ ପ୍ରମାଦ ଓ ଆଳସ୍ୟର ଜୀବନ ଅତିବାହିତକରି ନିଜର ସର୍ବନାଶ କରିଥାନ୍ତି । ତେଣୁ ଭଗବାନ ଏହିଠାରେ କହିଛନ୍ତି କି, ତମୋଗୁଣର ଆଧିକ୍ୟ ସମୟରେ ମୃତ୍ୟୁ ହେଲେ ଜୀବ ମୂଢ ଯୋନିରେ

ଶରୀର ପ୍ରାପ୍ତ ହୋଇଥାଏ । ମୂଢଯୋନିର ଅର୍ଥ ପଶୁଯୋନି କୁହାଯାଇଛି । ତମୋଗୁଣ ସମ୍ପନ୍ନ ବ୍ୟକ୍ତିର ଜନ୍ମ ପଶୁ, ପକ୍ଷୀ ଯୋନିରେ ହୁଏ । କୌଣସି ଅତ୍ୟନ୍ତ ପାପକର୍ମର ଫଳ ଭୋଗ କରୁଥିବା କାଳରେ ଯଦି ଜୀବାତ୍ମା ଶରୀରତ୍ୟାଗ କରେ, ତା'ହେଲେ ବର୍ଦ୍ଧିତ ତମୋଗୁଣର ସ୍ୱଭାବ ଅନୁସାରେ ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷାଦି ଜନ୍ମ ନେବାକୁ ହୁଏ । ଅତଏବ, କ୍ରମ ବିବର୍ତ୍ତନ-ବାଦ ଅନୁସାରେ ଥରେ ମନୁଷ୍ୟ ଜନ୍ମପ୍ରାପ୍ତ ହେଲାପରେ, ପୁନଃ ଯେ ମନୁଷ୍ୟ ଜନ୍ମ ପ୍ରାପ୍ତ ହେବ- ତାହା ନିଶ୍ଚିତ ନୁହେଁ । ପୁଣି ମନୁଷ୍ୟ ଯୋନି ପ୍ରାପ୍ତ ନିମିତ୍ତ ଜୀବାତ୍ମାକୁ ଅସଂଖ୍ୟ ଜନ୍ମ ନେବାକୁ ପଡିଥାଏ । ତେଣୁ ଦୁର୍ଲଭ ମାନବ ଜନ୍ମ ନିମିତ୍ତ ଗୁଣରେ ମଧ୍ୟ ମନୁଷ୍ୟକୁ ତମୋଗୁଣରୁ ଉପରକୁ ଉଠି ରଜୋଗୁଣ ଗ୍ରହଣ କରିବା, ତଥା ରଜୋଗୁଣରୁ ଉପରକୁ ଉଠି ସତ୍ତ୍ୱଗୁଣରେ ପ୍ରତିଷ୍ଠିତ ହେବାର ପ୍ରଯତ୍ନ କରିବା ଆବଶ୍ୟକ । ପୁନଃ ଶୁଦ୍ଧଭକ୍ତଙ୍କ ସଙ୍ଗପାଇ ଶୁଦ୍ଧଭକ୍ତିକୁ ଆଶ୍ରୟକରି, ଭଗବତ୍ ସାକ୍ଷାତ୍କାର ପ୍ରାପ୍ତ କରିବା ମନୁଷ୍ୟ ଜୀବନର ଅନ୍ତିମ ଲକ୍ଷ୍ୟ । ପ୍ରକୃତିର ଏହା ଏକ ନିୟମ କି, ଜୀବଦ୍ୱାରା ଗୋଟିଏ ଜନ୍ମରେ ଅର୍ଜିତ ଗୁଣକୁ ମୃତ୍ୟୁର ଉପରାନ୍ତ ଜୀବାତ୍ମାର ପରବର୍ତ୍ତୀ ପ୍ରାପ୍ତ ଶରୀରରେ ସୁରକ୍ଷିତ ଭାବେ ସ୍ଥାପିତ କରି ରଖିବା । କେତେକ ଶାସ୍ତ୍ରଙ୍କ ମତାନୁସାରେ, ଜୀବାତ୍ମା ଥରେ ମନୁଷ୍ୟ ଜନ୍ମପ୍ରାପ୍ତ ହେଲାପରେ ତାହାକୁ ଆଉ ପୁନଃ ଇତର ପ୍ରାଣୀ ଶରୀର ପ୍ରାପ୍ତ ହୁଏନାହିଁ । ଅତ୍ୟନ୍ତ ତମୋଗୁଣ ସମ୍ପନ୍ନ ବ୍ୟକ୍ତି ମୃତ୍ୟୁପରେ ନିର୍ବୋଧ, ନିସ୍ତେଜ କିମ୍ବା ଅତ୍ୟନ୍ତ ଅସଭ୍ୟ ନୀଚଶ୍ରେଣୀରେ ମନୁଷ୍ୟ ଶରୀର ହିଁ ପ୍ରାପ୍ତହୁଏ । ଯିଏ ଜୀବନସାରା ଭଲକର୍ମ ଓ ଆଚରଣ କରିଆସିଛି, ଯାହାର ସ୍ୱଭାବ ଶୁଦ୍ଧ, ପରବର୍ତ୍ତୀ ଜନ୍ମରେ ମଧ୍ୟ ତାହାରି ଆଚରଣ ଓ ଭାବ ଉତ୍ତମ ହେବ ଏବଂ ଶୁଭ କାର୍ଯ୍ୟରେ ପ୍ରବୃତ୍ତ ହେବ । ସେହି ରଜୋଗୁଣ ବ୍ୟକ୍ତି ଯଦି ପଦାର୍ଥ, ବ୍ୟକ୍ତି, କ୍ରିୟା ଇତ୍ୟାଦିରେ ଆସକ୍ତ ରହି, କାମ କ୍ରୋଧ, ଲୋଭ, ଦମ୍ଭ ଆଦିର ବଶୀଭୂତ ହୋଇ ପାପ କର୍ମରେ ଲିପ୍ତ ରହିଥାଏ, ତାହେଲେ ପରବର୍ତ୍ତୀ ଜନ୍ମରେ ଅତ୍ୟନ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ପୀଡିତ ହେବାକୁପଡେ। ସେହିପରି ଶରୀର ତ୍ୟାଗ କାଳରେ ତମୋଗୁଣ ପ୍ରଭାବରେ ଦୁଷ୍କର୍ମ ତଥା ପାପାଚର କର୍ମରେ ଲିପ୍ତ ଥିଲେ, ପରବର୍ତ୍ତୀ ଜନ୍ମ ମନୁଷ୍ୟ ଜନ୍ମ ପାଇଲେ ମଧ୍ୟ, ଆସୁରୀ ସମ୍ପତ୍ତି ଯୁକ୍ତ ହୋଇଥାଏ । ତାତ୍ପର୍ଯ୍ୟ ହେଲା, କ୍ରିୟା ରୂପରେ ରଜୋଗୁଣ ହେଉ ବା ତମୋଗୁଣ, ଶୁଭକର୍ମରେ ଲିପ୍ତ ରହି ମୃତ୍ୟୁ ବରଣ କରିଥିବା ବ୍ୟକ୍ତିର ପରବର୍ତ୍ତୀ ଜନ୍ମରେ ମଧ୍ୟ ଗୁଣ, ଆଚରଣ ଭଲହେବ । ତାରି ସ୍ୱଭାବ ତାକୁ ଉତ୍ତମ କର୍ମରେ ନିଯୁକ୍ତ କରାଇବାର ସହାୟକ ହେବ ।

କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍ ।
ରଜସସ୍ତୁ ଫଳଂ ଦୁଃଖମଜ୍ଞାନଂ ତମସଃ ଫଳମ୍ ॥୧୬॥

*ଅନ୍ୱୟ: ସୁକୃତସ୍ୟ କର୍ମଣଃ (ଶୁଭ କର୍ମ-ପୁଣ୍ୟାଦି କର୍ମର) ଫଳମ୍ (ଫଳ-ପରିଣାମ) ସାତ୍ତ୍ୱିକଂ (ସାତ୍ତ୍ୱିକ-ସୁଖମୟ) ନିର୍ମଳଂ (ସ୍ୱଚ୍ଛ – ପବିତ୍ର) ରଜସଃ (ରଜୋଗୁଣର)ତୁ (ନିଶ୍ଚିତଭାବରେ) ଫଳମ୍ ( ଫଳ-ପରିଣାମ) ଦୁଃଖମ୍ (ଦୁଃଖ-ଶୋକମୟ) ତମସଃ (ତାମସିକ କର୍ମର) ଅଜ୍ଞାନମ୍ ଫଳମ୍ (ଫଳ ଅଜ୍ଞାନତା ବା ମୂଢତା ବୋଲି) ଆହୁଃ (ଜ୍ଞାନୀଜନମାନେ କହିଛନ୍ତି ) ।*

**ଭାବାର୍ଥ**: ସତ୍-କର୍ମ, ପୁଣ୍ୟାଦି କର୍ମର ଫଳ ସତ୍ତ୍ୱପ୍ରଧାନ, ନିର୍ମଳ, ସୁଖମୟ ହୋଇଥାଏ । ସେହିପରି ରାଜସିକ କର୍ମରେ ପାପମିଶ୍ରିତ ପୂଣ୍ୟ ରହିଥିବାରୁ ଅଳ୍ପସୁଖ ଅଧିକ ଦୁଃଖ ଏବଂ ତାମସ କର୍ମ ଅର୍ଥାତ୍ ନିଷିଦ୍ଧ କର୍ମର ଫଳ ମୂଢତା, ଅବିବେକତା ବୋଲି ମୁନି, ଋଷି ପ୍ରଭୃତି ଜ୍ଞାନୀଜନମାନେ କହିଯାଇଛନ୍ତି । ସତ୍ତ୍ୱଗୁଣାଧୀନ

ହୋଇ ଯେଉଁସବୁ ଶୁଭକର୍ମାଦି କରାଯାଏ, ତାହାର ପ୍ରଭାବରେ ଅନ୍ତଃକରଣ ଶୁଦ୍ଧହୁଏ । ଫଳରେ ଚିତ୍ତ ସର୍ବଦା ପ୍ରସନ୍ନ ରହେ ଏବଂ ବ୍ୟକ୍ତି ସର୍ବଦା ସୁଖ ଓ ଆନନ୍ଦ ଅନୁଭବ କରେ । ସତ୍ତ୍ୱଗୁଣ ସମ୍ପନ୍ନ କର୍ତ୍ତା ଯେଉଁସବୁ କର୍ମ କରେ, ସେସବୁ ସାତ୍ତ୍ୱିକ କର୍ମ ହୁଏ । ସତ୍ତ୍ୱକର୍ମର ଫଳ ସ୍ୱରୂପ ଯେଉଁ ପରିସ୍ଥିତି ପ୍ରାପ୍ତିହେବ, ନିଶ୍ଚିତ ଭାବେ ତାହା ଶୁଦ୍ଧ, ନିର୍ମଳ ଓ ସୁଖଦାୟୀ । ଶାସ୍ତ୍ର ସମ୍ମତ ନିଷ୍କାମ ଭାବରେ କରାଯାଉଥିବା କର୍ମ ହେଉଛି ସୁକୃତ ଯେଉଁଥିରେ ଲୋକ କିମ୍ବା ପରଲୋକରେ କୌଣସି ପ୍ରାପ୍ତିର ଉଦ୍ଦେଶ୍ୟ ରହିନଥାଏ । ସୁକୃତ କର୍ମଦ୍ୱାରା ସତ୍ତ୍ୱ ଗୁଣ ହୃଦୟ ଭିତରେ ସ୍ଥାନ ନେଇଥାଏ । ଶ୍ରୀ ପୁରୁଷୋତ୍ତମଜୀ ଲେଖିଛନ୍ତି କି, "ଭଗବାନଙ୍କ ପରିତୋଷ ନିମିତ୍ତ କରାଯାଉଥିବା କର୍ମ ସୁକୃତ କର୍ମ । ସେହି ସୁକୃତ କର୍ମର ସାତ୍ତ୍ୱିକ ନିର୍ମଳ ଫଳ ଭଗବାନଙ୍କ ପରିତୋଷ" । ଶ୍ରୀରାମଚରିତ ମାନସରେ ସନ୍ଥ ତୁଳସୀଦାସଙ୍କ ଦୁହା ରହିଛି : **" ଜନକ ସୁକୃତ ମୂରତି ବୈଦେହୀ । ଦଶରଥ ସୁକୃତ ରାମୁ ଧରେ ଦେହୀ ll ହମ ସବ ସକଳ ସୁକୃତ କୈ ରାସୀ l ଭଏ ଜଗ ଜନମି ଜନକପୁର ବାସୀ " l** ରାଜା ଜନକଙ୍କ ଜୀବନରେ ଯେତେସବୁ ସଞ୍ଚିତ ପୁଣ୍ୟ ରହିଥିଲା, ତାହା ମୂର୍ତ୍ତିମାନ ହୋଇ 'ମା' ଜାନକୀ ରୂପରେ ଉଭାହେଲେ l ପୁଣ୍ୟାତ୍ମା ଦଶରଥଙ୍କ ଜୀବନର ଯେତେସବୁ ସୁକୃତ ରହିଥିଲା, ତାହା ମୂର୍ତ୍ତିମାନ ହୋଇ ରାମଲାଲା ହୋଇ ଆସିଲେ l ଜନକପୁର ବାସୀ କହୁଛନ୍ତି କି, ସକଳ ସୁକୃତର ଫଳସବୁ ତାହା ଯେ' ଆମ୍ଭେ ଜନକପୁରରେ ଜନ୍ମ ନେଇଅଛୁ l ପୂର୍ବଜନ୍ମ ମାନଙ୍କର ସଂସ୍କାରଦ୍ୱାରା ଅନ୍ତଃକରଣରେ ଯେଉଁ ଜ୍ଞାନ-ବୈରାଗ୍ୟାଦି ନିର୍ମଳ ଭାବ ଉତ୍ପନ୍ନ ହୁଏ ଏବଂ ମୃତ୍ୟୁ ଉପରାନ୍ତ ଯେଉଁ ଦିବ୍ୟ ପ୍ରକାଶମୟ ଲୋକ ପ୍ରାପ୍ତି ହୁଏ, ତାହା ହିଁ ସାତ୍ତ୍ୱିକ ଓ ନିର୍ମଳ ଫଳ l ମହତ୍ ଜୀବନଯାପନ କରୁଥିବା ବ୍ୟକ୍ତିର ଅନ୍ତଃକରଣ ନିଶ୍ଚିତଭାବରେ ଶୁଦ୍ଧତର l ମନୁଷ୍ୟ ଯଦି ସେବା, ସ୍ନେହ, ଦୟା, କ୍ଷମା ଏବଂ କରୁଣାର ଶାନ୍ତ, ସନ୍ତୁଷ୍ଟ, ପ୍ରସନ୍ନ ଏବଂ ପବିତ୍ରତାର ଜୀବନ ଯାପନ କରେ, ତେବେ ତାହାରି ନିକଟରେ ସାତ୍ତ୍ୱିକ ସ୍ୱଭାବର ସମସ୍ତ ଲକ୍ଷଣ ପରିଲକ୍ଷିତ ହେବ l ବିଶ୍ୱର ସମସ୍ତ ଧର୍ମର ଏକ ଦୃଢ଼ ମତ ଏହା କି, ସତ୍ତ୍ୱର ସାଧକ, ସଂସ୍କୃତିର ଉପାସକ, ସଦାଚାର ଏବଂ ନୈତିକ ମୂଲ୍ୟବୋଧକୁ ନେଇ ଜୀବନ ବିତାଇବା ହେଉଛି ସର୍ବଶ୍ରେଷ୍ଠ ମାନବ ଧର୍ମ l ତେଣୁ ସଦାଚାର ଏବଂ ଅନୁଶାସିତ ବ୍ୟବହାର ଆତ୍ମକଲ୍ୟାଣର ପ୍ରଥମ ସୋପାନ l ଗୁରୁଜନଙ୍କୁ ମାନ୍ୟ, ଗୁରୁବାକ୍ୟ ପାଳନ, ମିଥ୍ୟା ବର୍ଜନ, ଜିଜ୍ଞାସୁ ଚିନ୍ତାଧାରା, ଶାସ୍ତ୍ରାଧ୍ୟୟନ, ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ, ପରୋପକାର - ଏହି ସମସ୍ତ କ୍ରିୟା ସୁକୃତ ଭାବେ ପରିଗଣିତ । ଏହି ସମସ୍ତ ନିୟମର ଅଭ୍ୟାସରେ ମନର ଉଦ୍ବେଗତା ନଷ୍ଟହୁଏ, ଚିତ୍ତ ଶାନ୍ତ ଏବଂ ପ୍ରସନ୍ନ ରହେ । ଅନ୍ତଃକରଣର ବିବେକପୂର୍ଣ୍ଣ ବିଚାର ହିଁ ସମସ୍ତ କର୍ମର ଜନକ । ସାତ୍ତ୍ୱିକଗୁଣ ସମ୍ପନ୍ନ ବ୍ୟକ୍ତି ଯେ' କୌଣସି ପରିସ୍ଥିତିର ସମ୍ମୁଖୀନ ହେଲେମଧ୍ୟ, ସେ' କେବେ ବି ବିଷାଦଗ୍ରସ୍ତ ହୋଇ ନଥାଏ । ଜ୍ଞାନ ବିଚାରରେ ଗୁଣ-କର୍ମ ସହିତ ସମ୍ବନ୍ଧ ନରଖି, କୌଣସି ପରିସ୍ଥିତିରେ ଦୁଃଖୀ ହୁଏନାହିଁ କି, ବନ୍ଧନରେ ପଡେନାହିଁ । ବ୍ୟକ୍ତି ରଜୋଗୁଣାଧୀନ ହୋଇ ନିରନ୍ତର କାମ୍ୟକର୍ମରେ ପ୍ରବୃତ୍ତ ହେବା ଫଳରେ ଅବଶ୍ୟ କିଛି ମାନସିକ ସନ୍ତୋଷ ଉପଲବ୍ଧି ହୁଏ, ମାତ୍ର ତାହା ଖୁବ୍ ଅଳ୍ପସମୟ ପାଇଁ ହୋଇଥାଏ । ପୂର୍ବଜନ୍ମ କର୍ମମାନଙ୍କ ସଂସ୍କାର ଦ୍ୱାରା ଅନ୍ତଃକରଣରେ ବାରମ୍ବାର ଭୋଗ, କାମନା, ଲୋଭ ଓ ପ୍ରବୃତ୍ତି ଆଦି ରାଜସ ଭାବ ଜାଗ୍ରତ ହୁଏ, ଯାହାଫଳରେ ମନ ବିକ୍ଷିପ୍ତ, ଅଶାନ୍ତ ହୋଇ ରହେ । କାମନାର ଅନ୍ତ ନଥିବା କାରଣରୁ ରାଜସିକ କର୍ମର ଫଳ ସର୍ବଦା ତିକ୍ତ । ଏହା ଦୁଃଖ, ନୈରାଶ୍ୟ ଓ ଅସନ୍ତୋଷର କାରଣ ହୋଇ ମନୁଷ୍ୟକୁ

ଲୋଭାସକ୍ତ କରେ । ଦ୍ୱିତୀୟ ଅଧ୍ୟାୟରେ ଭଗବାନ କହିଛନ୍ତି କି, "କୃପଣାଃ ଫଳହେତବଃ" – ଫଳ ଚାହୁଁଥିବା ବ୍ୟକ୍ତି ସର୍ବଦା ଦୁଃଖୀ ରହିଥାଏ । ରଜଃ ଭାବର ଫଳ ହେଉଛି ମହାକାଳ ଫଳଭଳି । ବାହାରେ ଦେଖିବାକୁ ଭାରି ସୁନ୍ଦର କିନ୍ତୁ ଭିତରେ ବିଷ ଭରପୁର । ଏହାର ପରିଣାମ ଦୁଃଖମୟ । ରଜୋଗୁଣ ତୃଷ୍ଣାଜାତ କରାଏ ଏବଂ କର୍ମ ଓ କର୍ମଫଳପ୍ରତି ଆସକ୍ତି କରାଏ । ଫଳରେ ଧନ ସମ୍ପତ୍ତି ପ୍ରତି ଲୋଭାନ୍ୱିତ ହୋଇ ରଜୋଗୁଣ ବ୍ୟକ୍ତି ଧୀରେ ଧୀରେ ଦୁଃଖ ଓ ଯନ୍ତ୍ରଣାର ଶ୍ୱାସରୋଧକାରୀ ଗର୍ତ୍ତ ମଧ୍ୟକୁ ଟାଣି ହୋଇଯାଏ । ଓଃ ମୋର ଏକାଧିକ ପ୍ରାସାଦ ରହିଛି, ମୋର ପ୍ରଚୁର ଧନ ସମ୍ପତ୍ତି ଗଚ୍ଛିତ ରହିଛି, ମୋର ଲୋକଙ୍କ ଭିତରେ ମାନ, ପ୍ରତିଷ୍ଠା ରହିଛି, ଲୋକେ ମତେ ପୂଜା, ସତ୍କାର କରନ୍ତି – ଏହି ପ୍ରକାର ଦମ୍ଭ, ଅହଂକାର ମନୋଭାବ ସାମୟିକ ଭାବେ ମନକୁ ସୁଖପ୍ରଦ ଲାଗିଥାଏ, କିନ୍ତୁ ଏହି ସବୁ ହରାଇବାର ଆଶଙ୍କାରେ ମନ ସର୍ବଦା ଭୟଭୀତ, ଅଶାନ୍ତ ହୋଇରହେ । ରଜୋଗୁଣ ମନରେ ବିକ୍ଷେପ ସୃଷ୍ଟିକରି ଚିତ୍ତକୁ ଅଶାନ୍ତ ,ବ୍ୟତିବସ୍ତ କରେ । ନିମ୍ବଫଳ ଭଳି ରଜୋଗୁଣର ଫଳ ଦେଖିବାକୁ ସୁନ୍ଦର ହେଲେମଧ୍ୟ ଏହା ମିଠା ଓ ପିତାର ମିଶ୍ରଣ । ରାଜସ କର୍ମରୁ ସଂସାରର ସମସ୍ତ ବିଷୟ ସମ୍ବନ୍ଧ ଜନିତ ଭୋଗ, ଶାରୀରିକ ସୁଖ, ଆଦର, ସମ୍ମାନ ଅବଶ୍ୟ ପ୍ରାପ୍ତିହେବ, ମାତ୍ର ଏହି ସମସ୍ତ ସମ୍ବନ୍ଧଯୁକ୍ତ ଭୋଗ ହିଁ ଦୁଃଖର କାରଣ - "ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ" (ଗୀତା ୫/୨୨) । ଯେଉଁବ୍ୟକ୍ତି ତମୋଗୁଣର ବଶବର୍ତ୍ତୀହୋଇ କାର୍ଯ୍ୟକରେ ସେ' ଅଜ୍ଞାନୀ ଅଟେ । ତାମସ କର୍ମର ଫଳ ଅଜ୍ଞାନ ଅର୍ଥାତ୍ ଭଗବାନଙ୍କଠାରୁ ବିମୁଖ ହୋଇଯିବା । ତା'ରି ବୁଦ୍ଧି, ବିବେକ ଲୁପ୍ତହୋଇଯିବା କାରଣରୁ ସମସ୍ତକର୍ମ ଆସୁରିକ ପ୍ରବୃତ୍ତିର ହୋଇଥାଏ । ପରିଣାମରେ ପଶୁ ଆଦି ଇତର ଯୋନିରେ ଜନ୍ମ ନେବାକୁ ପଡେ । ଅଜ୍ଞାନ ଯୋଗୁଁ ବ୍ୟକ୍ତି ଜାଣିପାରେ ନାହିଁ କି, ଏହି ସମଗ୍ର ବିଶ୍ୱ ପରମପୁରୁଷ ଭଗବାନଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ସନ୍ତାନ । ତେଣୁ ରସନେନ୍ଦ୍ରିୟର ତୃପ୍ତି ବିଧାନ ନିମିତ୍ତ ପଶୁ ହତ୍ୟାକରି ମାଂସ ଭକ୍ଷଣକରିବା ଜଘନ୍ୟ କର୍ମ ବୋଲି ଶାସ୍ତ୍ରମତ ରହିଛି । ତାମସିକ କର୍ମ ଅନୈତିକ ତଥା ଅଧର୍ମ ମାର୍ଗରେ ଜୀବାତ୍ମାକୁ ଅଗ୍ରସର କରିନିଏ । ଜୀବନ କଣ ? ଜୀବନର ଚରମ ଲକ୍ଷ୍ୟ କଣ ? ତାମସିକ ବ୍ୟକ୍ତିର ଅଜ୍ଞାନତା କାରଣରୁ ଏହି ପ୍ରକାର ବିଚାର ବୁଦ୍ଧି ନଥାଏ କି, ଦୁରଦୃଷ୍ଟି ନଥାଏ । ଲାଞ୍ଚ, ଚୋରୀ, ମିଛ, ବଳତ୍କାର -ଏହିସବୁ ତାମସ କର୍ମ । ବିହିତ କର୍ମକୁ ଆଚରଣ ନକରିବା ଏବଂ ନିଷିଦ୍ଧ କର୍ମରେ ପ୍ରବୃତ୍ତି ହେଉଛି ତାମସ କର୍ମ । ତମୋଗୁଣ ବିବେକ ଶକ୍ତିକୁ ଆଚ୍ଛାଦନ କରିଦିଏ ଏବଂ ବାହ୍ୟ ପଦାର୍ଥ ବା ବ୍ୟକ୍ତି ସମ୍ବନ୍ଧରେ ଠିକ୍ ଭାବରେ ବୁଝିବାର କ୍ଷମତାକୁ ନଷ୍ଟ କରିଦିଏ । ତମୋଗୁଣର ସ୍ୱଭାବ ହେଲା ମୋହଗ୍ରସ୍ତ । ମୋହଗ୍ରସ୍ତ କାରଣରୁ ବ୍ୟକ୍ତି ବୁଦ୍ଧି-ବିବେକ ଶୂନ୍ୟହୋଇ ମୁର୍ଖତା ବଶତଃ କ୍ରୋଧ, ହିଂସା ପରାୟଣ ହୋଇ ସମସ୍ତ କର୍ମ କରେ । ସେହି ସବୁ କର୍ମର ଫଳସ୍ୱରୂପ ପଶୁ, ପକ୍ଷୀ, କୀଟ-ପତଙ୍ଗ,ବୃକ୍ଷ-ଲତା ଆଦି ମୂଢ ଯୋନୀରେ ଜନ୍ମ ନେବାକୁ ପଡେ । ସାତ୍ତ୍ୱିକ, ରାଜସ ଓ ତାମସ- ତିନି ପ୍ରକାର କର୍ମସଂସ୍କାର ପ୍ରତ୍ୟେକ ମନୁଷ୍ୟର ଅନ୍ତଃକରଣରେ ସଞ୍ଚିତ ହୋଇ ରହେ । ତା' ଭିତରୁ ଯେତେବେଳେ ଯେଉଁ ସଂସ୍କାରର ପ୍ରାଦୁର୍ଭାବ ହୁଏ, ସେତେବେଳେ ସେହିପରି ସାତ୍ତ୍ୱିକ, ରାଜସିକ ତଥା ତାମସିକ ଆଦି ଭାବ ଉତ୍ପନ୍ନ ହୁଏ ଏବଂ ତଦନୁସାରେ ନୂତନ ନୂତନ କର୍ମ ସମ୍ପାଦନ ହୁଏ । ଗୁଣ ଓ କର୍ମ ଏହି ଦୁଇଟିର ସମ୍ବନ୍ଧରୁ ହିଁ ଭଲ ବା ମନ୍ଦ ଯୋନିରେ ଜନ୍ମ ମିଳେ ।

ସତ୍ତ୍ୱାତ୍ ସଞ୍ଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।
ପ୍ରମାଦମୋହୌ ତମସୋ ଭବତୋ ଅଜ୍ଞାନମେବ ଚ ॥୧୭॥

*ଅନ୍ୱୟ : ସତ୍ତ୍ୱାତ୍ (ସତ୍ତ୍ୱ ଗୁଣରୁ ) ଜ୍ଞାନଂ ( ବିବେକ-ଈଶ୍ୱରାନୁଭୂତି-ଆତ୍ମ ଜ୍ଞାନ) ସଞ୍ଜାୟତେ (ଜାତହୁଏ) ଚ (ଏବଂ) ରଜସଃ (ରଜୋଗୁଣରୁ) ଲୋଭ ଏବ (ଲୋଭ ହିଁ) ତମସଃ (ତମୋଗୁଣରୁ) ପ୍ରମାଦମୋହୌ (ପ୍ରମାଦ,ମୋହ ) ଚ (ଏବଂ) ଅଜ୍ଞାନଂ (ମୂଢତା- ଅବିବେକତା-ମିଥ୍ୟାଜ୍ଞାନ) ଭବତଃ (ଜାତ ହୁଏ ) ।*

**ଭାବାର୍ଥ** :ମନୁଷ୍ୟର ଅନ୍ତଃକରଣରେ ସତ୍ତ୍ୱ, ରଜ, ତମ- ଏହି ତିନିଗୁଣ ଯେଉଁ ଭୂମିକା ନିର୍ବାହ କରିଥାନ୍ତି, ତାହା ଏହି ଶ୍ଳୋକରେ ବର୍ଣ୍ଣନା କରାଯାଇଛି । ଜ୍ଞାନ, ପ୍ରକାଶ, ସୁଖ, ଶାନ୍ତି ପ୍ରଭୃତି ସକଳ ସାତ୍ତ୍ୱିକ ଭାବ ସତ୍ତ୍ୱଗୁଣରୁ ହିଁ ଉତ୍ପନ୍ନ ହୁଏ। ଏହିଠାରେ 'ଜ୍ଞାନ' ଶବ୍ଦକୁ ଈଶ୍ୱର ଅନୁଭୂତି ଅର୍ଥରେ ସୁଚିତ କରାଯାଇଛି । ଲୋଭ, ପ୍ରବୃତ୍ତି, ଆସକ୍ତି, କାମନା ଓ ସ୍ୱାର୍ଥ ପୂର୍ବକ କର୍ମାଚରଣ ପ୍ରଭୃତି ସକଳ ରାଜସିକ ଭାବ ରଜୋଗୁଣରୁ ହିଁ ଉତ୍ପନ୍ନ ହୁଏ । ତମୋଗୁଣରୁ ପ୍ରମାଦ ଓ ଅଜ୍ଞାନ ଉତ୍ପନ୍ନ ହୁଏ । ଅନ୍ତଃକରଣ ଯଦି ଶୁଦ୍ଧ ଏବଂ ଶାନ୍ତ ହୁଏ, ଅର୍ଥାତ୍ ସାତ୍ତ୍ୱିକ ହୁଏ, ତେବେ ଜ୍ଞାନର କ୍ଷମତା ଅଧିକ ହୁଏ । ସତ୍ତ୍ୱଗୁଣ ବୁଦ୍ଧିକୁ ଉଦ୍ଦୀପ୍ତ କରେ । ଶୁଦ୍ଧ ମନ ଓ ବୁଦ୍ଧି ଦ୍ୱାରା ହିଁ ନିତ୍ୟ ଶୁଦ୍ଧ-ବୁଦ୍ଧ-ମୁକ୍ତ ଆତ୍ମାଙ୍କର ଅପରୋକ୍ଷାନୁଭୂତି ସମ୍ଭବ। ମନ, ବୁଦ୍ଧି ଦ୍ୱାରା ପରିଚ୍ଛିନ୍ନ ଆତ୍ମା ହେଉଛନ୍ତି ଜ୍ଞାତା । ସତ୍ତ୍ୱଗୁଣ ଆତ୍ମପରିଚୟର ପ୍ରଧାନ ଆୟୁଧ । ଏହା ସଂଯମର ଭିତ୍ତିଭୂମି । ସୂର୍ଯ୍ୟ ଯେପରି ଦିବସ ସୃଷ୍ଟିର କାରଣ, ସତ୍ତ୍ୱ ସେହିପରି ଜ୍ଞାନୋଦୟର କାରଣ । ଜ୍ଞାନୋଦୟ କାରଣରୁ ବ୍ୟକ୍ତି ନିକଟରେ ସୁକୃତ ଓ ଦୁଷ୍କୃତ କର୍ମ ସମ୍ବନ୍ଧୀୟ ବିବେକ ଜାଗ୍ରତ ହୁଏ । ଫଳରେ ସତ୍ତ୍ୱଗୁଣ ବୃଦ୍ଧି ଦ୍ୱାରା ବ୍ୟକ୍ତି ବାହ୍ୟ ଜଗତର ପଦାର୍ଥ, ବ୍ୟକ୍ତି, ପରିସ୍ଥିତି ସମୂହର ଅସଲ ମୂଳ ତତ୍ତ୍ୱକୁ ବୁଝି ସମୁଚିତ ଆଚରଣ କରି ଶାନ୍ତିପ୍ରାପ୍ତ ହୁଏ । ରଜୋଗୁଣର ଲକ୍ଷଣ କର୍ମାସକ୍ତି । ମନ ଭିତରେ ଉତ୍ପନ୍ନ ହେଉଥିବା ନିରନ୍ତର କାମନାର ପୂର୍ତ୍ତି ନିମିତ୍ତ ନାନାଦି କର୍ମରେ ପ୍ରବୃତ୍ତ ହେବାକୁ ହୁଏ । ବାରମ୍ବାର କର୍ମ ଓ କର୍ମଫଳ ପ୍ରତି ଆସକ୍ତ କାରଣରୁ ମନ ସର୍ବଦା ବିକ୍ଷେପ ଅବସ୍ଥାରେ ରହେ ଏବଂ ମନରେ କେବେ ପରିତୃପ୍ତତା ଉପଲବ୍ଧି ହୁଏ ନାହିଁ । ଫଳରେ ମନୁଷ୍ୟ ଲୋଭାନ୍ୱିତ ହୋଇଯାଏ । ରଜୋଗୁଣାଧୀନ ହେଲେ ବ୍ୟକ୍ତି ଲୋଭୀ ହୋଇପଡେ ଏବଂ ଇନ୍ଦ୍ରିୟ ସୁଖଭୋଗ କାମନାର ସୀମା ରହି ନଥାଏ । ବ୍ୟକ୍ତି ନିକଟରେ ପ୍ରଚୁର ଧନ ଏବଂ ଇନ୍ଦ୍ରିୟ ସୁଖଭୋଗ ନିମିତ୍ତ ସମସ୍ତ ଭୋଗ ସାମଗ୍ରୀ ଥାଇସୁଦ୍ଧା, ତାହାରି ସୁଖ ନଥାଏ କି, ମାନସିକ ଶାନ୍ତି ନଥାଏ । ଅଗ୍ନିକୁ ଯେପରି ସନ୍ତୁଷ୍ଟ କରି ହୋଇନଥାଏ, ଲୋଭକୁ ମଧ୍ୟ ସେହିଭଳି ସନ୍ତୁଷ୍ଟ କରିହୁଏନାହିଁ । ଲୋଭ ଦୁଃଖ ଓ ଯନ୍ତ୍ରଣାର କାରଣ ହୁଏ । ରଜଃ ଅନନ୍ତ କାମନା ସୃଷ୍ଟିକରେ । ରାଜସିକ ବ୍ୟକ୍ତି ଅନ୍ୟର ସ୍ୱାର୍ଥକୁ ଆୟୁଧକରି ନିଜ ଉନ୍ନତି ଲକ୍ଷ୍ୟରେ କାର୍ଯ୍ୟକରେ । ଆବଶ୍ୟକ ଅନୁସାରେ ଯାହା ପ୍ରାପ୍ତ ହୋଇଛି, ତା'ଠାରୁ ଆହୁରି ଅଧିକ ଆକାଙ୍କ୍ଷା କରିବାର ନାମ ଲୋଭ । ଲୋଭୀ ବ୍ୟକ୍ତିର ଦୁଇ ପ୍ରକାର କାର୍ଯ୍ୟପ୍ରଣାଳୀ ହୋଇଥାଏ । ସେଥିରୁ ଗୋଟିଏ ହେଲା ଗଚ୍ଛିତ କରିଥିବା ଧନ ପ୍ରତି ତୀବ୍ର ଆସକ୍ତି କାରଣରୁ ଯଥାଯୋଗ୍ୟ ସମୁଚିତ ସ୍ଥଳରେ ଧନର ବିନିଯୋଗ କରିବାରେ କୁଣ୍ଠା ପ୍ରକାଶ କରେ । ଯାହାକୁ କୃପଣ ବୋଲି ମଧ୍ୟ କୁହାଯାଏ । ଅନ୍ୟ ଏକ କାର୍ଯ୍ୟପ୍ରଣାଳୀ ହେଲା, ଅନୁଚିତ ଅର୍ଥାତ୍ ମିଥ୍ୟା, କପଟ ଆଦି ଅସତ୍ ଉପାୟ ଗ୍ରହଣ କରି ଧନ ସଂଗ୍ରହ କରେ । ଏହି ଦୁଇଟିଯାକ କ୍ଷେତ୍ରରେ ନିଜ ସ୍ୱାର୍ଥପ୍ରତି ଅତିଶୟ ଆସକ୍ତ ହୋଇ ବାଧ୍ୟ ବଧକତା ରୂପେ ନିଜ ବିବେକ ବିରୁଦ୍ଧରେ ଅନେକ ପାପ କର୍ମରେ ଲିପ୍ତ ରହେ

। ଫଳରେ ନିଜର ମାନସିକ ସନ୍ତୁଳନ ହରାଇ ଅଶାନ୍ତ ସ୍ଥିତିରେ ଜୀବନ ନିର୍ବାହ କରେ । ଏହି ଦୃଷ୍ଟିରୁ ରାଜସିକ କର୍ମର ଫଳ ଦୁଃଖମୟ । ତମୋଗୁଣରୁ ପ୍ରମାଦ, ମୋହ ଏବଂ ଅଜ୍ଞାନ ଉତ୍ପନ୍ନ ହୁଏ । ତମୋଗୁଣ ବୁଦ୍ଧିକୁ ଆଚ୍ଛାଦନ କରିଦିଏ । ପଦାର୍ଥ, ବ୍ୟକ୍ତି ଓ ପରିସ୍ଥିତିକୁ ଯଥାଯଥ ଭାବେ ବୁଝି ନ ପାରିବା ହେଉଛି ଅଜ୍ଞାନ । ବିବେକ ଓ ବିଚାର ଶକ୍ତିର ଅଭାବ ହେଲା ମୋହ । ବିବେକ ଓ ବିଚାର ଶକ୍ତି ନଥାଇ ଯେଉଁ କର୍ମ କରାଯାଏ, ତହିଁରୁ କଦାପି ଇପ୍ସିତ ଫଳ ପ୍ରାପ୍ତ ହୁଏନାହିଁ । ବରଂ ବିପରୀତ ଫଳ ପ୍ରାପ୍ତି ଦ୍ୱାରା ବ୍ୟକ୍ତିର ବିଶେଷ କ୍ଷତି ହୁଏ । କର୍ମରେ ସାବଧାନତା ଅବଲମ୍ବନ ନକରି ଏବଂ ପ୍ରକୃତ ତତ୍ତ୍ୱକୁ ଅନ୍ୟ ପ୍ରକାରେ ବୁଝି କାର୍ଯ୍ୟକରିବା ହେଉଛି ପ୍ରମାଦ । ତେଣୁ ନମୋଗୁଣ ସମ୍ପନ୍ନ ବ୍ୟକ୍ତି ସର୍ବଦା ବୃଥା ଚେଷ୍ଟା ସହିତ ସଂଶ୍ଳିଷ୍ଟ ହୋଇରହେ । ନିଜର ଦୁଃଖ ଭୋଗ ନିମିତ୍ତ ଅନ୍ୟକୁ ଦୋଷାରୋପ କରେ । ତାମସ ମନୁଷ୍ୟଠାରେ ଅଦୂରଦର୍ଶିତା, ଅଜ୍ଞତା, ଜଡତା ସୃଷ୍ଟିକରେ । ପ୍ରମାଦ, ମୋହ ଓ ଅଜ୍ଞାନ ପ୍ରଭୃତି ବୁଦ୍ଧିରେ ପ୍ରବେଶ କଲେ ବୁଦ୍ଧି ଅନ୍ଧକାରମୟ ସ୍ଥିତିରେ ରହେ । ଫଳରେ କଣ ଉଚିତ, କଣ ଅନୁଚିତ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ପ୍ରଭୃତିର ପାର୍ଥକ୍ୟ ବୁଝିପାରେ ନାହିଁ । ଲକ୍ଷ୍ୟହୀନ ଭାବେ ବଞ୍ଚି ରହି ମନୁଷ୍ୟ ଜନ୍ମକୁ ବ୍ୟର୍ଥରେ କଟାଏ । ତାମସିକ ବ୍ୟକ୍ତିର ଭବିଷ୍ୟତ ପରିଣତି ପ୍ରତି ବିଚାର ନଥାଏ । ସେ ସମ୍ପୂର୍ଣ୍ଣ ଭାବେ ଦେହ ସର୍ବସ୍ୱ ହୋଇଯାଏ । ପ୍ରତିଶୋଧ ପରାୟଣ ହୋଇ ଯେ'କୌଣସି ପାପକର୍ମରେ ଲିପ୍ତ ହେବାକୁ ପଛାଏ ନାହିଁ । ତମୋଗୁଣ ଯଥାର୍ଥ ଦର୍ଶନରେ ପ୍ରତିବନ୍ଧକ । ବୃକ୍ଷରୁ ଯେପରି ବୀଜ ଉତ୍ପନ୍ନ ହୁଏ ଏବଂ ସେହି ବୀଜରୁ ଆହୁରି ଅନେକ ବୃକ୍ଷ ଜନ୍ମେ, ସେହିପରି ତମୋଗୁଣରୁ ଅଜ୍ଞାନ ଜାତ ହୁଏ ଏବଂ ଅଜ୍ଞାନରୁ ତମୋଗୁଣ ବୃଦ୍ଧିପାଏ ଓ ପରିପୁଷ୍ଟ ହୁଏ ।

ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।
ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଛନ୍ତି ତାମସାଃ ॥୧୮॥

*ଅନ୍ୱୟ: ସତ୍ତ୍ୱସ୍ଥାଃ (ସତ୍ତ୍ୱଗୁଣ ପ୍ରଧାନ ବ୍ୟକ୍ତିଗଣ) ଊର୍ଦ୍ଧ୍ୱଂ (ମର୍ତ୍ତ୍ୟଲୋକଠାରୁ ଉଚ୍ଚକୁ ଅର୍ଥାତ୍ ପିତୃଲୋକଠାରୁ ଆରମ୍ଭ କରି ବ୍ରହ୍ମଲୋକ ପର୍ଯ୍ୟନ୍ତ) ଗଚ୍ଛନ୍ତି (ଗମନ କରନ୍ତି) ରାଜସାଃ (ରଜୋଗୁଣାଧୀନ ବ୍ୟକ୍ତିଗଣ) ମଧ୍ୟେ (ମଧ୍ୟରେ ଅର୍ଥାତ୍ ଏହି ମନୁଷ୍ୟଲୋକରେ) ତିଷ୍ଠନ୍ତି (ଜନ୍ମନେଇ ଅବସ୍ଥାନ କରନ୍ତି) ଜଘନ୍ୟଗୁଣ ବୃତ୍ତିସ୍ଥା (ନିକୃଷ୍ଟଗୁଣ ବୃତ୍ତି ସମ୍ପନ୍ନ-ଆଳସ୍ୟ ପ୍ରମାଦାଦି ପରାୟଣ) ତାମସାଃ (ତାମସ ମନୁଷ୍ୟ ) ଅଧଃ (ଅଧୋଗତି ଅର୍ଥାତ୍ ପଶୁଆଦି ଯୋନି) ଗଚ୍ଛନ୍ତି (ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ**: ସତ୍ତ୍ୱଗୁଣୀ ବ୍ୟକ୍ତିଗଣ ସତ୍ତ୍ୱଗୁଣ ତାରତମ୍ୟ ଅନୁସାରେ ମରଣୋତ୍ତର ଉର୍ଦ୍ଧ୍ୱଲୋକ ଅର୍ଥାତ୍ ପିତୃଲୋକଠାରୁ ଆରମ୍ଭ କରି ବ୍ରହ୍ମଲୋକକୁ ଗମନ କରନ୍ତି । ରଜଃ ପ୍ରଧାନ ବ୍ୟକ୍ତିଗଣ ନ୍ୟୁନାତିରେକ ଅନୁସାରେ ମୃତ୍ୟୁପରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଓ ଅନ୍ୟାଦି ଯୋନିରେ ଶରୀର ପ୍ରାପ୍ତ ହୋଇ ଏହି ମନୁଷ୍ୟ ଲୋକରେ ଅବସ୍ଥାନ କରନ୍ତି । ତମଃ ପ୍ରଧାନ ବ୍ୟକ୍ତିଗଣ ତମୋଗୁଣର ଅଳ୍ପତା ଓ ଆଧିକ୍ୟ ଅନୁସାରେ ଆଳସ୍ୟ, ପ୍ରମାଦ ଆଦି ପରାୟଣ ହୋଇ ଅଧୋଗାମୀ ଅର୍ଥାତ୍ ପଶୁ, ପକ୍ଷୀ, କୀଟ, ପତଙ୍ଗାଦି ଯୋନିରେ ଜାତ ହୋଇ ନରକ ଭୋଗ କରନ୍ତି । ମନୁଷ୍ୟ ଅନୁଭବ କରୁଥିବା ସୁରକ୍ଷା, ସୁଖ, ସ୍ୱାଚ୍ଛନ୍ଦ୍ୟ, ଶାନ୍ତି ଏବଂ ଆନନ୍ଦ ପ୍ରଭୃତି ହେଉଛି ମାନବିକତା ବିକାଶର ମାନଦଣ୍ଡ । ଏହି ବିକାଶର ସୋପାନରେ ମରଣୋତ୍ତର ଜୀବାତ୍ମାର ଗତି ଓ ସ୍ଥିତିକୁ ନେଇ ତିନୋଟି ଶ୍ରେଣୀର ବିଧାନ କୁହାଯାଇଛି । ତାହା ହେଉଛି ଉର୍ଦ୍ଧ୍ୱ ଗତି, ମଧ୍ୟରେ ଅବସ୍ଥାନ ଏବଂ ଅଧୋଗାମୀ । ବିବେକ ବିଚାର, ଯଥାର୍ଥ ନିର୍ଣ୍ଣୟ ଏବଂ ଆତ୍ମ ସଂଯମର ଶୁଦ୍ଧ ଜୀବନ ଯାପନ କରୁଥିବା

ବ୍ୟକ୍ତିଙ୍କଠାରେ ସତ୍ତ୍ୱଗୁଣର ଉତ୍ତରୋତର ବୃଦ୍ଧି ହୋଇଥାଏ । ଏହିପରି ଶାନ୍ତ, ସୃଜନଶୀଳ ଏବଂ ଶକ୍ତିଶାଳୀ ବ୍ୟକ୍ତିର ମରଣୋତ୍ତର ଉଚ୍ଚଲୋକ ଅର୍ଥାତ୍ ସ୍ୱର୍ଗଲୋକ, ତପ ଲୋକ, ସତ୍ୟଲୋକ ଭଳି କୌଣସି ଏକ ଲୋକକୁ ଯାଇ ସୂକ୍ଷ୍ମ ସ୍ୱରୂପରେ ଅବସ୍ଥାନ କରନ୍ତି । ପୃଥ୍ୱୀକୁ ନେଇ ଉଚ୍ଚରେ ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟଲୋକ ବା ବ୍ରହ୍ମଲୋକ-ଏହିପରି ସାତୋଟି ଲୋକ ରହିଛି । ସେହି ପ୍ରକାର ଅତଳ, ବିତଳ, ସୁତଳ, ମହାତଳ, ତଳାତଳ, ରସାତଳ ଏବଂ ପାତାଳ ନାମରେ ପୃଥ୍ୱୀର ନିମ୍ନରେ ତଳକୁ ସାତୋଟି ଲୋକ ରହିଥିବା ପୁରାଣ ମାନଙ୍କରେ ବର୍ଣ୍ଣନା ରହିଛି । ଯେତେ ଉର୍ଦ୍ଧ୍ୱକୁ ଜୀବାତ୍ମା ଗତିକରେ ସେହି ଅନୁପାତରେ ଶୁଦ୍ଧ, ନିର୍ବିକାର ସ୍ୱରୂପ ହୋଇଥାଏ ଏବଂ ଯେତେ ନିମ୍ନ ଲୋକକୁ ଯାଏ ସେତିକି ନୀଚଯୋନି ପ୍ରାପ୍ତ ହୁଏ । ମାନସିକ ଏବଂ ବୌଦ୍ଧିକ ବନ୍ଧନରୁ ମୁକ୍ତି ପାଇ ପରମାତ୍ମାଙ୍କଠାରେ ଲୀନ ହେବା ଜୀବର ଅନ୍ତିମ ଲକ୍ଷ୍ୟ । ସଂସାରରେ ଜୀବ ଶରୀର ପ୍ରାପ୍ତହୋଇ, ନିଜ ପରିଚ୍ଛିନ୍ନତାର ବନ୍ଧନରେ ରହି ହୃଦୟ ଭିତରେ ରହିଥିବା ମୋକ୍ଷଭଳି ମହାନ୍ ସମ୍ଭାବନାର ସାକାର ନିମନ୍ତେ ଏହି ମର୍ତ୍ତ୍ୟଲୋକରେ ମାନବ ଜନ୍ମ ପ୍ରାପ୍ତ ହେବା ଅତ୍ୟନ୍ତ ଦୁର୍ଲଭ । ଭକ୍ତି, ଜ୍ଞାନ, ବୈରାଗ୍ୟ କେବଳ ମାନବ ଶରୀରରେ ହିଁ ସମ୍ଭବ ହୋଇଥାଏ । ଏହି ମାନବ ଶରୀରର ସଦୁପଯୋଗ କରିଲେ ବହୁତ ଉତ୍ତମ ଗତି ପ୍ରାପ୍ତ ହୁଏ । ଏହି ଅବସର ବାରମ୍ବାର ପ୍ରାପ୍ତ ହୁଏନାହିଁ । ସତ୍ତ୍ୱଗୁଣୀ ବ୍ୟକ୍ତିକୁ ପ୍ରାପ୍ତ ହେଉଥିବା ଉଚ୍ଚଲୋକ ଦୁଇ ପ୍ରକାର ହୁଏ । ଗୋଟିଏ ଏପରି ଉଚ୍ଚଲୋକ, ଯେଉଁଠାକୁ ଗଲେ ଜୀବାତ୍ମା ପୁନଃ ଲେଉଟେ ନାହିଁ । ଅନ୍ୟ ଉର୍ଦ୍ଧ୍ୱଗତି ହେଲା, ଯେଉଁ ଲୋକକୁ ଜୀବାତ୍ମା ଯାଇ, ସ୍ୱର୍ଗାଦି ଭୋଗ ପ୍ରାପ୍ତ ପରେ ପୁନଃ ମର୍ତ୍ତ୍ୟଲୋକରେ ଜନ୍ମ ନେଇଥାଏ । ଦୁଃଖ, ଯନ୍ତ୍ରଣା, ବିକ୍ଷେପ, କାମନାର କାରାଗାରରୁ ବନ୍ଧନ ମୁକ୍ତହୋଇ ଆଧ୍ୟାତ୍ମିକତାର ଅନ୍ୱେଷଣ କରିବା ହେଉଛି ସାତ୍ତ୍ୱିକ ବ୍ୟକ୍ତିର ଜୀବନଧାରା । ଯେଉଁମାନେ ଶାସ୍ତ୍ର ମର୍ଯ୍ୟଦାରେ ଭୋଗବୁଦ୍ଧିରେ ବିଳାସ-ବ୍ୟସନ ଜୀବନ ଅତିବାହିତ କରନ୍ତି, ବିଷୟ ପଦାର୍ଥ ପ୍ରତି ମମତା, ଆସକ୍ତି ଇତ୍ୟାଦି ରଖନ୍ତି, ସେମାନଙ୍କୁ ଏଠାରେ ରାଜସାଃ କୁହାଯାଇଛି । କାମନା ଏବଂ ବିକ୍ଷେପ, ମହତ୍ତ୍ୱାକାଂକ୍ଷା ଏବଂ ସଫଳତାରେ ପୂର୍ଣ୍ଣ ରଜୋଗୁଣ ସ୍ୱଭାବର ବ୍ୟକ୍ତି, ଆବଶ୍ୟକ ଅନ୍ତଃକରଣ ଓ ଚିତ୍ତ ଶୁଦ୍ଧି ନହେବା ପର୍ଯ୍ୟନ୍ତ ଏହି ମନୁଷ୍ୟଲୋକ ପ୍ରାପ୍ତ ହୋଇଥାନ୍ତି । କାମନା ବାସନା ପ୍ରତି ଆସକ୍ତହୋଇ ଜୀବନ ସାରା ଯେଉଁ ଧନସମ୍ପଦ, ମାନ, ପ୍ରତିଷ୍ଠା ଆଦି ପ୍ରାପ୍ତ ହୋଇଥାନ୍ତି, ସେଗୁଡ଼ିକ ପ୍ରତି ମୋହ ତ୍ୟାଗ ହୋଇ ନଥିବା କାରଣରୁ ଜୀବାତ୍ମା ମୃତ୍ୟୁପରେ ବାରମ୍ବାର କର୍ମାସକ୍ତ ପରିବାରରେ ଜନ୍ମ ନେଇଥାନ୍ତି । ଫଳରେ ଅନେକ କାଳ ପର୍ଯ୍ୟନ୍ତ ମଧ୍ୟ ଶ୍ରେଣୀରେ ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲୁଥାନ୍ତି । ରଜୋଗୁଣ ବ୍ୟକ୍ତି ସର୍ବଦା ଶୁଦ୍ଧ ନୁହଁନ୍ତି । ରଜୋଗୁଣ ମିଶ୍ରିତ ଗୁଣ । ସତ୍ତ୍ୱାଭିମୁଖୀ ହୋଇ ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ମାନ, ଯଶ, ପ୍ରତିଷ୍ଠା ଆଦି ଅର୍ଜନ ଲକ୍ଷ୍ୟରେ ଅନେକ ଦାନ, ପୁଣ୍ୟ କର୍ମରେ ଲିପ୍ତ ରହି କ୍ରମେ ସାତ୍ତ୍ୱିକ ଭାବକୁ ପରିବର୍ତ୍ତନ ହେବାର ସମ୍ଭାବନା ରହିଥାଏ । ସେହିଭଳି ତମୋଗୁଣାଭିମୁଖୀ ହୋଇ ରହିଥିବା ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ଧନ ସଂଗ୍ରହ, ଅତ୍ୟନ୍ତ ଲୋଭୀ ତଥା ସ୍ୱାର୍ଥାନ୍ୱେଷୀ ହୋଇ ନିଜର ମାନସିକ ସନ୍ତୁଳନ ହରାଇ ପାପ କର୍ମରେ ଲିପ୍ତ ହେବାର ସମ୍ଭାବନା ରହେ । ତାମସିକ ଲୋକ ଅଧୋଗତି ପ୍ରାପ୍ତ ହୁଅନ୍ତି । ଶାନ୍ତି, ଆନନ୍ଦ, ମୁକ୍ତିର ମାର୍ଗ ଅନ୍ୱେଷଣ ନକରି ପ୍ରମାଦ, ମୋହ ଏବଂ ଅଜ୍ଞାନ ପରି ହୀନ ପ୍ରବୃତ୍ତିରେ ରମଣ କରୁଥିବା ଜୀବଙ୍କର ଅଧୋଗତି ଅର୍ଥାତ୍ ନିମ୍ନ ବିକଶିତ ଶ୍ରେଣୀରେ ଜନ୍ମ ହୁଏ । ଅଧୋଗତି ଅର୍ଥ - ହୀନତମ ଗୋଷ୍ଠୀର

ମନୁଷ୍ୟ ଯେଉଁମାନେ ନରଦେହ ଧରି ପଶୁ ବୃତ୍ତି ଆଚରଣ କରିଥାନ୍ତି । ତମୋଗୁଣର ବୃଦ୍ଧି ଅନୁଯାୟୀ ଜୀବ ପଶୁ, ପକ୍ଷୀ, ସରୀସୃପ, ବୃକ୍ଷ ଇତ୍ୟାଦି ଜଘନ୍ୟ ଅବସ୍ଥା ପ୍ରାପ୍ତ ହୁଏ । ତମୋଗୁଣକୁ ଏଠାରେ ଜଘନ୍ୟ ବୋଲି ବର୍ଣ୍ଣନା କରାଯାଇଛି । ଏହି ନରରୂପୀ ପଶୁ ତୁଲ୍ୟ ମନୁଷ୍ୟ ପାଶବିକ କର୍ମରେ ଲିପ୍ତ ରୁହନ୍ତି । ତେଣୁ ସେପରି ପ୍ରବୃତ୍ତି ଧରି ଶରୀର ପୀଡା-ଯନ୍ତ୍ରଣା ଭୋଗ କଲେ, ଆଉ ପଶୁରୂପ ଧରି ଜନ୍ମ ହେବାର ଆବଶ୍ୟକତା ନଥାଏ । ଯେଉଁମାନଙ୍କ ଜୀବନରେ ସତ୍ତ୍ୱଗୁଣ ବା ରଜୋଗୁଣ ରହିଥିଲେ ବି ଅନ୍ତକାଳରେ ତତ୍କାଳିକ ତମୋଗୁଣ ବୃଦ୍ଧି ହୁଏ, ସେମାନେ ମୃତ୍ୟୁପରେ 'ଯୋନି ବିଶେଷ' ଅଧୋଗତି ଅର୍ଥାତ୍ ପଶୁ,ପକ୍ଷୀ ଆଦି ଇତର ମୂଢଯୋନି ପ୍ରାପ୍ତ ହୁଅନ୍ତି । ଯେଉଁମାନଙ୍କ ଜୀବନ ସାରା ତମୋଗୁଣ ଆଧିକ୍ୟରେ ବଞ୍ଚିରହି ଦୁଷ୍କର୍ମ ଆଦିରେ ସଂଶ୍ଳିଷ୍ଟ ରୁହନ୍ତି, ମୃତ୍ୟୁପରେ ସେହିମାନେ 'ସ୍ଥାନ ବିଶେଷ' ଅଧୋଗତି ଅର୍ଥାତ ପଶୁ ପ୍ରବୃତ୍ତିର ମନୁଷ୍ୟ ଜନ୍ମ ପାଇ ନରକଗାମୀ ହୁଅନ୍ତି । ଦେହତ୍ୟାଗ ପରେ ଯେ' ଯେଉଁଭଳି ଯୋନିରେ ଜନ୍ମ ହୋଇଥାଏ, ତା'ରି ଭିତରେ ସେହିଭଳି ଭାବନା ପ୍ରବେଶ କରେ । ଏସବୁ ଜନ୍ମ ହେତୁକ । ବିଭିନ୍ନ ଗୁଣପ୍ରତି ଆସକ୍ତି ଅନୁଯାୟୀ କେହି 'ମୁଁ ସୁଖୀ' ବୋଲିଭାବେ, ତ କେହି 'ମୁଁ ଦୁଃଖୀ' ବୋଲି ମନେକରେ । କେହି ବା 'ମୁଁ ଦେହ' ବୋଲି ଧରିନେଇ ନିଜକୁ ବଳବାନ୍ ଭାବି ମୋହଗ୍ରସ୍ତ ହୋଇ ଆତ୍ମାର ଅଧଃପତନ କରାଏ । ଯିଏ ଯେଉଁ ବର୍ଣ୍ଣ ଓ ଆଶ୍ରମରେ ଅଛି, ସେଠାରେ ରହି ଠିକ୍ ଭାବେ ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ସହିତ କେବଳ ଭଗବାନଙ୍କ ଧ୍ୟାନ କରିବା ଓ ସାତ୍ତ୍ୱିକ ତପ ବା ସାଧନା କରିବା ଉଚିତ । ସତ୍ତ୍ୱଗୁଣ ବୃଦ୍ଧି ନିମିତ୍ତ ଶାସ୍ତ୍ର, ପୁରାଣ, ଉପନିଷଦ ଆଦି ସ୍ୱାଧ୍ୟାୟ କରିବା ଉଚିତ । ରାଜସ, ତାମସ ଆହାର ଛାଡି ସାତ୍ତ୍ୱିକ ଆହାର ଗ୍ରହଣ, ଜ୍ଞାନୀଜନଙ୍କ ସଙ୍ଗ, ତାଙ୍କରି ଆଜ୍ଞାନୁସାରେ ସାଧନ, ତୀର୍ଥ ଭ୍ରମଣ ଇତ୍ୟାଦି କର୍ମରେ ସଂଶ୍ଳିଷ୍ଟ ହେବା ବାଞ୍ଛନୀୟ । ନିଷିଦ୍ଧ ଓ ରାଜସ, ତାମସ କର୍ମ ପ୍ରବୃତ୍ତି ପରିତ୍ୟାଗ କରି ଶାସ୍ତ୍ର ବିହିତ ଶୁଭକର୍ମ କରିବା ବିଧେୟ । ଏପରି ସାତ୍ତ୍ୱିକ ଭାବେ ସମସ୍ତ କାର୍ଯ୍ୟ କରିବା ଦ୍ୱାରା ପୁରୁଣା ସଂସ୍କାର ନଷ୍ଟହୁଏ ଓ ସାତ୍ତ୍ୱିକ ସଂସ୍କାର ବୃଦ୍ଧି ହୁଏ ।

ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।
ଗୁଣେଭ୍ୟେଶ୍ଚ ପରଂ ବେତ୍ତି ମଦ୍ଭାବଂ ସୋଽଧିଗଚ୍ଛତି ॥୧୯॥

*ଅନ୍ୱୟ: ଯଦା (ଯେତେବେଳେ) ଦ୍ରଷ୍ଟା (ବିଚାରବନ୍ତ ମନୁଷ୍ୟ) ଗୁଣେଭ୍ୟଃ (ତିନିଗୁଣ ଅତିରିକ୍ତ) ଅନ୍ୟମ୍ (ଅନ୍ୟ କାହାକୁ) କର୍ତ୍ତାରମ୍ (କର୍ତ୍ତାରୂପରେ) ନ ଅନୁପଶ୍ୟତି (ଦେଖନ୍ତି ନାହିଁ ବା ବୋଧ କରନ୍ତି ନାହିଁ ) ଚ (ଏବଂ) ଗୁଣେଭ୍ୟଃ ପରଂ (ଗୁଣ ସମୂହର ଉର୍ଦ୍ଧ୍ୱରେ ରହୁଥିବା ଆତ୍ମ ସ୍ୱରୂପକୁ ) ବେତ୍ତି (ଜାଣନ୍ତି ବା ଅନୁଭବ କରନ୍ତି ) ତଦା (ସେହି ସମୟରେ) ସଃ (ସେହି ମହାତ୍ମା) ମଦ୍ଭାବମ୍ ( ମୋର ସ୍ୱରୂପକୁ ଅର୍ଥାତ୍ ମୋର ଭାବରୂପ ଶୁଦ୍ଧ ଭକ୍ତି ଭାବକୁ) ଅଧିଗଚ୍ଛତି (ପ୍ରାପ୍ତ ହୋଇଥାନ୍ତି )।*

**ଭାବାର୍ଥ** : ସାକ୍ଷୀରୂପେ ସ୍ଥିତ ବିବେକୀ ବିଚାରମନ୍ତ ପୁରୁଷ ଯେତେବେଳେ ତିନିଗୁଣ ଭିନ୍ନ ଅନ୍ୟ କାହାକୁ କର୍ତ୍ତାରୂପେ କେବେ ବି ସ୍ୱୀକାର କରେନାହିଁ, ସକଳ କର୍ମ ତ୍ରିଗୁଣମୟୀ ପ୍ରକୃତି ଦ୍ୱାରା ହିଁ ସମ୍ପାଦନ ହୋଇଥାଏ ବୋଲି ବୋଧ କରିଥାଏ ଏବଂ ଆତ୍ମା ଅକର୍ତ୍ତା, ନିର୍ବିକାର ବୋଲି ଉତ୍ତମ ରୂପେ ଉପଲବ୍ଧି କରିଥାଏ, ସେତେବେଳେ ସେହି ଆତ୍ମବନ୍ତ ପୁରୁଷ ଭଗବାନଙ୍କ ତ୍ରିଗୁଣାତୀତ ଶୁଦ୍ଧ ଭକ୍ତିଭାବକୁ ପ୍ରାପ୍ତ ହୋଇଥାଏ । ସତ୍ତ୍ୱ, ରଜଃ ଓ ତମୋଗୁଣର କର୍ମ ସେହି ସେହି ଗୁଣର ବିକାର ମାତ୍ର । ଶରୀର ମଧ୍ୟରେ ଯେଉଁସବୁ କର୍ମ ହେଉଛି, ସେଥିପାଇଁ ଗୁଣମାନେ ହିଁ ଦାୟୀ । ଗୁଣମାନେ ହିଁ ସକଳ ପରିବର୍ତ୍ତନର, ସମସ୍ତ ଅବସ୍ଥାର ତଥା

ସବୁ କର୍ମର କର୍ତ୍ତା । ସ୍ୱାଭାବିକ ସ୍ଥିତିରେ ଜୀବ ସ୍ୱୟଂ ଶରୀରଧାରୀ ବୋଲି ଏକ ଭ୍ରମାତ୍ମକ ବିଚାରର ବଶୀଭୂତ ହୋଇ ନିଜକୁ ସମସ୍ତ କର୍ମର କର୍ତ୍ତା ଓ ଭୋକ୍ତା ବୋଲି ଧାରଣା ରଖି ଜୀବନ ଅତିବାହିତ କରେ । ଆବଦ୍ଧ ଶରୀର ଭିତରେ ଜୀବାତ୍ମା ତିନିଗୁଣ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ଗୁଣଦ୍ୱାରା ନିୟନ୍ତ୍ରିତ ହୋଇ କର୍ମ କରିବାକୁ ବାଧ୍ୟ ହୋଇଥାଏ ଏବଂ ଅସହାୟ ଅବସ୍ଥାରେ ସଂସାରର ଜନ୍ମ-ମୃତ୍ୟୁ ଚକ୍ରରେ ପଡି ଅନନ୍ତକାଳ ପର୍ଯ୍ୟନ୍ତ ଘୂରି ବୁଲୁଥାଏ । ଶାସ୍ତ୍ର ସମ୍ମତ କିମ୍ବା  ଶାସ୍ତ୍ର ବର୍ଜିତ, ସୁକୃତ କିମ୍ବା ନିନ୍ଦିତ କର୍ମ ହେଉ, ସେହି ସମସ୍ତ କର୍ମ ସମୂହର ଶରୀର ଏବଂ ଇନ୍ଦ୍ରିୟଗଣ ହେଉଛନ୍ତି କାର୍ଯ୍ୟବାହୀ ଏବଂ ତିନିଗୁଣ  ହେଉଛନ୍ତି କାରଣ । ନେତ୍ର ଦେଖିବାର କାର୍ଯ୍ୟ କରିଥାଏ । କର୍ଣ୍ଣ ଶୁଣିବାର କାର୍ଯ୍ୟ କରିଥାଏ । ଚିନ୍ତନ, ମନନ କରିବା ମନର କାର୍ଯ୍ୟ ହୋଇଥାଏ । ଜ୍ଞାନ ପ୍ରାପ୍ତ କରିବା ବୁଦ୍ଧିର କାର୍ଯ୍ୟ ଏବଂ କହିବା ବାଣୀର କାର୍ଯ୍ୟ ହୋଇଥାଏ । ଏହି ପ୍ରକାର ସଂସାରର ସମସ୍ତ କାର୍ଯ୍ୟ କଳାପ ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି ଆଦି ଦ୍ୱାରା ହିଁ ସମ୍ପନ୍ନ ହୁଏ । ତେଣୁ ଜୀବ ଦ୍ୱାରା ହେଉଥିବା ସମସ୍ତ କର୍ମ ଅନ୍ତଃକରଣରେ ରହିଥିବା ତିନିଗୁଣର କାର୍ଯ୍ୟ ବା ବିକୃତ ଅଟନ୍ତି । ଏହି ତିନିଗୁଣ ସମସ୍ତ କାର୍ଯ୍ୟ ସଂଚାଳନ କରିବାର ଏହା ଅର୍ଥ ନୁହେଁ କି, ସଂସାରରେ ସବୁକିଛି ଏହି ତିନିଗୁଣ ହିଁ ଅଟନ୍ତି ଏବଂ ଏହାର ଅତିରିକ୍ତ ଅନ୍ୟ କୌଣସି ତତ୍ତ୍ୱ ହିଁ ନାହିଁ । ଏପରି ବୁଝିନେବା ଅସଙ୍ଗତ । ଏପରି ମଧ୍ୟ ତତ୍ତ୍ୱ ରହିଛି, ଯାହା ସହିତ ଏହି ତିନିଗୁଣର କୌଣସି ପ୍ରକାର ସଂସ୍ପର୍ଶ ନାହିଁ । ଜୀବାତ୍ମା ଗୁଣତ୍ରୟର ମୂର୍ତ୍ତିଧାରୀ ଦେହରୂପ ଧାରଣ କରିଛି । ଆତ୍ମ-ସତ୍ତା ଦ୍ୱାରାହିଁ ତିନୋଟିଯାକ ଗୁଣ ଦେହକୁ ଆଶ୍ରିତ ହୋଇ ରହିଛନ୍ତି । ଏହି ତିନିଗୁଣର କାରଣ ହେଉଛି ପ୍ରକୃତି ଏବଂ ପ୍ରକୃତିର ମୂଳ ନିୟାମକ ହେଉଛନ୍ତି ପରମେଶ୍ୱର ।  ପ୍ରକୃତି ଓ ପ୍ରକୃତି ଜନିତଗୁଣମାନଙ୍କର ନିୟାମକ ହୋଇମଧ୍ୟ ପରମେଶ୍ୱର ସର୍ବଦା ଏହି ମାନଙ୍କଠାରୁ ଊର୍ଦ୍ଧ୍ୱରେ । ଶରୀର ଭିତରେ ସେହି ଆତ୍ମସ୍ୱରୂପ ହେଉଛନ୍ତି ଗୁଣମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଶୁଦ୍ଧ ଚୈତନ୍ୟ । ଆତ୍ମା କେବେ ବି କର୍ତ୍ତା ନୁହେଁ କି, ଭୋକ୍ତା ନୁହେଁ ଏବଂ ଏହା ସର୍ବଦା ଇନ୍ଦ୍ରିୟମାନଙ୍କ ଅଗୋଚର । ଗୁଣତ୍ରୟ ସ୍ୱ ସ୍ୱ ଧର୍ମାନୁସାରେ ପ୍ରାରବ୍ଧ ଓ କ୍ରିୟମାଣ କର୍ମକଲେ ମଧ୍ୟ, ଜ୍ଞାନୀ ଗୁଣାତୀତ ଦଶା ଲାଭ କରିବା ସମ୍ଭବ । ଅତି ନିଖୁଣ ଭାବରେ ବେଶଭୁଷା ବଦଳାଇ, ରୂପ ପରିବର୍ତ୍ତନ କରି ରାଜାପୁଅ ଭିକାରୀ ଭୂମିକାରେ ଅଭିନୟ କରୁଥିବା ବେଳେ ସେ' ରାଜାପୁଅ ବୋଲି ତାର କୌଣସି ମୁହୂର୍ତ୍ତରେ ବିସ୍ମରଣ ଘଟି ନଥାଏ ଯଦିଓ ଭିକାରୀ ଚରିତ୍ରକୁ ଫୁଟାଇବା ପାଇଁ ଶତ ପ୍ରତିଶତ ପ୍ରଚେଷ୍ଟା କରୁଥାଏ । ସେହିଭଳି ଜ୍ଞାନୀଜନ ବିଭିନ୍ନ ଗୁଣଦ୍ୱାରା ଅଭିଭୂତ ନହୋଇ ସ୍ୱୟଂ ନିତ୍ୟ ଶୁଦ୍ଧ ଆତ୍ମା ବିଚାରରେ ସାକ୍ଷୀଭୂତ ହୋଇ ଅବସ୍ଥାନ କରିଥାଏ । ଗୁଣ ସର୍ବଦା ପରିବର୍ତ୍ତନଶୀଳ ଏବଂ ସ୍ୱୟଂରେ ପରିବର୍ତ୍ତନ କେବେ ବି ସମ୍ଭବ ନୁହେଁ । ଏତାଦୃଶ ତତ୍ତ୍ୱକୁ ବିଚାରଶୀଳ ସାଧକ ବିବେକ ସାହାଯ୍ୟରେ ଅନୁଶୀଳନ କରି ନିଜକୁ ଗୁଣାତୀତ, ଅସମ୍ବନ୍ଧ ଓ ନିର୍ଲିପ୍ତ ଅନୁଭବ କରେ । ଗୁଣାତୀତ ପୁରୁଷ ସର୍ବଦା ଆତ୍ମଭାବରେ ସ୍ଥିତରହି, ନିଜକୁ ଗୁଣମାନଙ୍କ କାର୍ଯ୍ୟର ଜଣେ ଦ୍ରଷ୍ଟା-ସାକ୍ଷୀ ରୂପେ ଭାବି ଉଦାସୀନ ରହେ । ସଦା ସର୍ବଦା ନିଜକୁ ନିର୍ଗୁଣ, ନିରାକାର ସଚ୍ଚିଦାନନ୍ଦଘନ ବ୍ରହ୍ମରେ ଅଭିନ୍ନ ଭାବରେ ସ୍ଥିତ ହେବାର ଉପଲବ୍ଧିକରେ । ପୁଷ୍କରିଣୀର ତଟ ଦେଶରେ ଠିଆ ହୋଇଥିବା ବ୍ୟକ୍ତି ତରଙ୍ଗାଘାତରେ ନିଜର ପ୍ରତିବିମ୍ବ ଦେଖି ମଧ୍ୟ ବୁଝି ପାରିଥାଏ କି, ପ୍ରତିବିମ୍ବ ହିଁ କମ୍ପିତ ହେଉଛି, ସେ ନୁହେଁ । ଗୁଣମାନଙ୍କ ଅନ୍ତରାଳରେ ଯେଉଁ ଦିବ୍ୟ ସତ୍ତା ରହିଛି, - ତାହା ଗୁଣମୟ ନୁହେଁ  ଅର୍ଥାତ୍ ଗୁଣମାନଙ୍କ କାର୍ଯ୍ୟଦ୍ୱାରା ପ୍ରଭାବିତ ନୁହେଁ । ଜାଗ୍ରତ

ଦଶାରେ ସ୍ୱପ୍ନ ଯେଉଁଭଳି ଅଳୀକ ମନେହୁଏ, ସତ୍-ଜ୍ଞାନ ହେଲେ ଗୁଣମୟ ସଂସାରର ଅନିତ୍ୟତା, ଅବାସ୍ତବତା ଉପଲବ୍ଧି ହେବ । ଆତ୍ମା ଅକର୍ତ୍ତା ହେଲେମଧ୍ୟ ଦେହରେ ଗୁଣତ୍ରୟକୁ ପ୍ରକାଶକରି ସମସ୍ତ ବିକାରର ସାକ୍ଷୀସ୍ୱରୂପ ହୋଇଥାଏ । ଶାସ୍ତ୍ର ଏବଂ ଆଚାର୍ଯ୍ୟଙ୍କ ଉପଦେଶରେ ବିବେକପ୍ରାପ୍ତ ହୋଇ ସମସ୍ତ କର୍ମ ଓ ସେମାନଙ୍କ କର୍ମଫଳରୁ ସମ୍ବନ୍ଧ ରହିତ ହୋଇ ସାଧକ ନିଜେ ଜଣେ ଦ୍ରଷ୍ଟାଭାବରେ ଅବସ୍ଥାନ କରିଥାଏ । ଗୁଣମାନଙ୍କ ଦ୍ୱାରା ହେଉଥିବା କର୍ମ ସହିତ ସମ୍ବନ୍ଧ ଛିନ୍ନ ହୋଇଯିବା ଦ୍ୱାରା ପରମାତ୍ମାଙ୍କ ସହିତ ଥିବା ସ୍ୱତଃସିଦ୍ଧ ସମ୍ବନ୍ଧ ଯଥାବତ୍ ରହିଯାଏ । ନିଜକୁ ଗୁଣରୁ ଅର୍ଥାତ୍ କ୍ରିୟା ଓ ପଦାର୍ଥରୁ ଅସଙ୍ଗ ଅନୁଭବ କରିବା ଫଳରେ ସାଧକ ଯୋଗାରୂଢ ହୋଇଯାଏ । ସାଧନା କରି କରି ଏପରି ଅବସ୍ଥା ଆସି ଯାଇଥାଏ କି, ଯେଉଁ ସମୟରେ ସେହି ପରମ ସହିତ ଅନୁଭୂତି ହୁଏ । ଦ୍ରଷ୍ଟା ମନ, ବୁଦ୍ଧି ଚିତ୍ତର କାର୍ଯ୍ୟ ସହିତ ଅସଙ୍ଗ ହୋଇ ରହିବା ହେଉଛି ଯୋଗର ସିଦ୍ଧତା । ଗୁଣମାନଙ୍କଠାରୁ ବିଲକ୍ଷଣ ପରମାତ୍ମା ତତ୍ତ୍ୱକୁ ଯେ' ଉତ୍ତମରୂପେ ଜ୍ଞାତ ହୋଇଥାଏ, ସେ ଭଗବାନଙ୍କ ଶୁଦ୍ଧ ଭକ୍ତିଭାବକୁ ପ୍ରାପ୍ତକରେ ।

ଗୁଣାନେତାନତୀତ୍ୟ ତ୍ରୀନ୍ ଦେହୀ ଦେହସମୁଦ୍ଭବାନ୍ ।
ଜନ୍ମ ମୃତ୍ୟୁ ଜରା ଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥୨୦॥

*ଅନ୍ୱୟ: ଦେହୀ (ଦେହଧାରୀ ବିବେକୀ ପୁରୁଷ) ଦେହ-ସମୁଦ୍ଭବାନ୍ (ସ୍ଥୂଳ ଶରୀର ଉତ୍ପତ୍ତିର ବୀଜ ବା କାରଣ ସ୍ୱରୂପ) ଏତାନ୍ (ଏହି ସବୁ) ତ୍ରୀନ୍ ଗୁଣାନ୍ (ତିନି ଗୁଣମାନଙ୍କୁ) ଅତୀତ୍ୟ (ଅତିକ୍ରମ କରି) ଜନ୍ମ-ମୃତ୍ୟୁ-ଜରା-ଦୁଃଖୈ (ଜନ୍ମ, ମୃତ୍ୟୁ, ବୃଦ୍ଧାବସ୍ଥା ଭଳି ସକଳ ଦୁଃଖରୁ) ବିମୁକ୍ତଃ (ସମ୍ପୂର୍ଣ୍ଣ ରୂପେ ମୁକ୍ତହୋଇ ) ଅମୃତମ୍ (ଅମରତ୍ୱ - ମୋକ୍ଷ ତଥା ପରମାନନ୍ଦଙ୍କୁ ) ଅଶ୍ନୁତେ (ପ୍ରାପ୍ତ କରିଥାଆନ୍ତି ) ।*

**ଭାବାର୍ଥ :** ଦେହ ଉତ୍ପତ୍ତିର କାରଣ ସ୍ୱରୂପ ଏହି ତ୍ରିଗୁଣକୁ ଅତିକ୍ରମ କରିଗଲେ ଜୀବ ଜନ୍ମ, ମୃତ୍ୟୁ, ଜରା ଓ ଦୁଃଖରୁ ମୁକ୍ତି ପାଇ ମୋକ୍ଷ ଲାଭ କରିଥାଏ । ଗୁଣମାନେ ହିଁ ଏହି ଦେହ ଉତ୍ପତ୍ତିର ବୀଜ ଗଠନ କରିଥାନ୍ତି । ଶ୍ରୀ ଶଙ୍କାରାଚାର୍ଯ୍ୟ ଗୁଣକୁ ଶରୀରର ବୀଜରୂପ ବୋଲି କହିଛନ୍ତି । ଯେଉଁ ପ୍ରକାରେ ବୀଜରୁ ବିଶାଳ ବୃକ୍ଷ ଉତ୍ପନ୍ନ ହୁଏ, ସେହି ପ୍ରକାରେ ଗୁଣରୁ ହିଁ ଶରୀରର ବିକାଶ ହୋଇଥାଏ । ବୁଦ୍ଧି, ଅହଂକାର ଓ ମନ, ତଥା ପାଞ୍ଚ ଜ୍ଞାନେନ୍ଦ୍ରିୟ, ପାଞ୍ଚ କର୍ମେନ୍ଦ୍ରିୟ, ପାଞ୍ଚ ମହାଭୂତ ଓ ପାଞ୍ଚ ଇନ୍ଦ୍ରିୟର ବିଷୟ- ଏହି ତେଇଶି ତତ୍ତ୍ୱର ପିଣ୍ଡରୂପ ଏହି ସ୍ଥୂଳ ଶରୀରଟି ପ୍ରକୃତି ଜାତ ଗୁଣମାନଙ୍କର ହିଁ କାର୍ଯ୍ୟ । ଆଧି, ବ୍ୟାଧି, ବୃଦ୍ଧାବସ୍ଥା, ଜନ୍ମ-ମୃତ୍ୟୁ ଆଦି ସକଳ ପ୍ରକାର ଦୁଃଖ ଏହି ଇନ୍ଦ୍ରିୟ, ମନ ଓ ପ୍ରାଣ ଆଦିର ସଙ୍ଘାତ ରୂପ ଶରୀରରେ ହିଁ ବ୍ୟାପ୍ତ ହୋଇ ରହେ । ଜୀବ ବିଶେଷକରି ମନୁଷ୍ୟର ସ୍ଥୂଳ ଶରୀର, ଗୁଣମାନଙ୍କ କାର୍ଯ୍ୟକାରିତାରେ ଉତ୍ପନ୍ନ, ସ୍ଥିତି, ବୃଦ୍ଧି, ପରିଣାମୀ ଓ କ୍ଷୟ ଓ ବିନାଶ ଦେଇ ଗତି କରିବା କାରଣରୁ ଦୁଃଖ, ଯନ୍ତ୍ରଣା, ପୀଡାର ଏକ ଗନ୍ତାଘର । ଭୋଗ ଓ ସଂଗ୍ରହ ପ୍ରତି ଆସକ୍ତ ହେବାରୁ ପ୍ରତିକ୍ଷଣ ନଷ୍ଟଶୀଳ ଶରୀରକୁ ନିତ୍ୟ ବୋଲି ଧାରଣା ଜାତହୁଏ । ଅନାଦିସିଦ୍ଧ ଅଜ୍ଞାନହେତୁ ଶରୀର ସହିତ ସ୍ୱୟଂର ଏକତ୍ୱ ଭାବରୁ ଶରୀରରେ ଘଟିତ ନାନା ଆକୃତି, ପ୍ରକୃତି ଓ ବିକୃତି ମନରେ ସୁଖ-ଦୁଃଖ, ଅନୁକୂଳ-ପ୍ରତିକୂଳ, ପାପ-ପୂଣ୍ୟ ଆଦି ଭାବାବେଗ ସୃଷ୍ଟି କରାନ୍ତି । କିନ୍ତୁ ମନକୁ ଅନ୍ତରାତ୍ମାର ନିଶ୍ଚଳରୂପରେ ଅବସ୍ଥାନ କରି ରଖିବାର ଅଭ୍ୟାସରେ, ସାଧକର ଭାବାବେଗ ଗୁଡିକ ପ୍ରତି ଦୃଷ୍ଟିପାତ ହୁଏନାହିଁ । ସେହି ଅବସ୍ଥାରେ ଶରୀର ଲକ୍ଷଣ ପ୍ରତି ସାଧକର କୌଣସି ଅଭିନିବେଶ ରହେନାହିଁ

। ଗୁଣ ସଙ୍ଗ ହେଉଛି ସୁଖ-ଦୁଃଖ ଆଦି ସମସ୍ତ ଅନୁଭବତାର ମୂଳ କାରଣ । ଆତ୍ମା ବାସ୍ତବରେ ଅସଙ୍ଗ । ଆତ୍ମା ବା ସ୍ୱରୂପତା ପରମାତ୍ମାଙ୍କ ଅଂଶ ବିଶେଷ କାରଣରୁ ଏହା ଦେହରେ ଆବଦ୍ଧ ହୋଇ ରହିମଧ ଦୈହିକ ଗୁଣମାନଙ୍କ ଦ୍ୱାରା ଅଭିଭୂତ ହୋଇପଡେ ନାହିଁ । କିନ୍ତୁ ଶରୀର ସହିତ ସମ୍ବନ୍ଧକୁ ଜ୍ଞାନ ଓ ବିବେକ ଦ୍ୱାରା ଛିନ୍ନକରି ନିଜକୁ ନିର୍ଗୁଣ, ନିରାକାର ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କଠାରୁ ଅଭିନ୍ନ ଓ ଗୁଣମାନଙ୍କଠାରୁ ସର୍ବଥା ସମ୍ବନ୍ଧ ରହିତ ବୋଲି ପ୍ରତ୍ୟକ୍ଷ ପରି ଅନୁଭବ କରିବା ହିଁ ଏହି ତିନିଗୁଣକୁ ଅତିକ୍ରମ କରି ଗୁଣାତୀତ ହୋଇଯିବା । ଆତ୍ମଜ୍ଞାନ ଦ୍ୱାରା ଦେହପ୍ରତି ଏକତ୍ୱଭାବ ନଷ୍ଟ ହୋଇଗଲେ ବିବେକଶୀଳ ମନୁଷ୍ୟ ଅମରତ୍ୱ ଅନୁଭବ କରେ । ଦେହାଭିମାନକୁ ତ୍ୟାଗ କରିଦେବା ପରେ ଜ୍ଞାନୀକୁ ସ୍ପଷ୍ଟ ଅନୁଭବ ହୁଏ କି, ସମସ୍ତ ଗୁଣ ପରିବର୍ତ୍ତନଶୀଳ ତଥା ଉତ୍ପନ୍ନ-ନାଶଶୀଳ ଏବଂ ଗୁଣମାନେ ଆତ୍ମ-ସ୍ୱରୂପ ସହିତ କେବେ ବି ଲିପ୍ତ ହେବା ସମ୍ଭବ ନୁହେଁ । ସେହି ସ୍ଥିତିରେ ସାଧକ ନିଜ ବିବେକକୁ ମହତ୍ତ୍ୱଦେଇ ବିଚାର କରିବାକୁ ହେବ କି, 'ମୁଁ' ଶରୀର ନୁହେଁ । ଶରୀର ନିରନ୍ତର କ୍ଷୀଣ ହେଉଥିବା ବେଳେ 'ମୁଁ' ଅମରତ୍ୱରେ ସ୍ଥିତ । ମୋର ଜନ୍ମ ନାହିଁ କି, ମରଣ କାଳରେ 'ମୁଁ'ର ବିନାଶ ନାହିଁ । ସେହିପରି ଜୀବନକାଳରେ ମଧ ଗୁଣାତୀତ ପୁରୁଷ ଏହି ବିଚାର କରିଥାଏ କି, 'ମୁଁ' ସତ୍ତା କେବେ ବୃଦ୍ଧାବସ୍ଥା ପ୍ରାପ୍ତ ହୁଏନାହିଁ, ଶରୀର ବୃଦ୍ଧାବସ୍ଥା ପ୍ରାପ୍ତ ହୁଏ । ଅବଶ୍ୟ ତଥା କଥିତ ବିଚାର ଥାଇ ମଧ ଶରୀରଥିବା ପର୍ଯ୍ୟନ୍ତ ବୃଦ୍ଧାବସ୍ଥା, ମୃତ୍ୟୁ ଆସିବା ନିଶ୍ଚିତ । ତଥାପି ମଧ ଜ୍ଞାନୀକୁ ତାହା ପୀଡା ଦାୟକ ହୋଇନଥାଏ । ଦେହାଭିମାନ ରୂପକ ବାୟୁଚାଳନା ବନ୍ଦ ହୋଇଗଲେ ଜୀବ-ଈଶ୍ୱର ଏବଂ ତରଙ୍ଗ-ସମୁଦ୍ର ମଧରେ କୌଣସି ପାର୍ଥକ୍ୟ ରହେନାହିଁ । ଜ୍ଞାନୀ ଦେହଧାରୀ ହୋଇଥିଲେ ମଧ ଆକାଶରେ ନିର୍ଲିପ୍ତ ଚନ୍ଦ୍ରଭଳି ଶରୀର ସମ୍ବନ୍ଧରେ ନିର୍ଲିପ୍ତ । ଯେଉଁ ସାଧକ ଜୀବିତ ଅବସ୍ଥାରେ ହିଁ ତିନିଗୁଣକୁ ଅତିକ୍ରମ କରିଯାଆନ୍ତି, ନଦୀସମୁଦ୍ରରେ ଲୀନ ହୋଇଗଲାପରି ସେ ପରମବ୍ରହ୍ମ ଭିତରେ ଲୀନ ହୋଇଯାଆନ୍ତି । ସେ ଅଖଣ୍ଡ ନିତ୍ୟାନନ୍ଦ ଭୋଗ କରନ୍ତି। ସେ ମୋକ୍ଷ ଲାଭକରି ମୋରି ସ୍ୱରୂପ ପ୍ରାପ୍ତ ହୁଅନ୍ତି । ତିନିଗୁଣ ଓ ତ୍ରିଗୁଣାତୀତ ଅବସ୍ଥା ସମ୍ବନ୍ଧରେ ଶ୍ରୀରାମକୃଷ୍ଣଦେବଙ୍କ ଉକ୍ତି ହେଲା : "ସତ୍ତ୍ୱଗୁଣରେ ପାଳନ, ରଜୋଗୁଣରେ ସୃଷ୍ଟି, ତମୋଗୁଣରେ ସଂହାର । କିନ୍ତୁ ବ୍ରହ୍ମ ସତ୍ତ୍ୱ , ରଜଃ ଓ ତମଃ- ଏହି ତିନିଗୁଣରୁ ଅତୀତ, ଅର୍ଥାତ୍ ପ୍ରକୃତିର ନିୟନ୍ତ୍ରଣରୁ ବାହାରେ । ସେଠାରେ ଗୁଣ ପହଞ୍ଚିପାରି ନଥାଏ "। ଜ୍ଞାନୀ ଗୁଣାତୀତ ଭାବରେ 'ଅହଂ ବ୍ରହ୍ମ' ଏହି ମୂଳ ଚେତନକୁ ଫେରିଆସେ । ଅଜ୍ଞାନରୁ ମୁକ୍ତହୋଇ ସତ୍ ସ୍ୱରୂପ ଲାଭକରିଥାଏ । ଗଭୀର ନିଦ୍ରାପରେ ଏହା ହେଉଛି ଜ୍ଞାନୀର ଜାଗ୍ରତ ଅବସ୍ଥା । ସୂର୍ଯ୍ୟଙ୍କ ରୌଦ୍ରତାପରେ ବ୍ୟତିବସ୍ତ ହୋଇ ପଥିକ ଯେପରି ବିରାଟ ବୃକ୍ଷର ଛାୟାରେ ଶରୀରରେ ଶୀତଳତା ଅନୁଭବକରେ, ଜ୍ଞାନୀ ସେହିଭଳି ଗୁଣମାନଙ୍କ କାର୍ଯ୍ୟରେ ମାନସିକ ଅସନ୍ତୁଳିତ ଅବସ୍ଥାରୁ ଆତ୍ମଭାବରେ ଅବସ୍ଥାନ କରି ଶାନ୍ତି ପ୍ରାପ୍ତ ହୁଏ । ସତ୍ ଭାବ, ସତ୍କର୍ମ, ସତ୍ ବିଚାର, ସତ୍ ସ୍ଥିତି, ସତ୍ ସଙ୍ଗ, ସତ୍‌ଜ୍ଞାନ, ସତ୍ ତପ - ଯାହାକୁ ସତ୍ ବୋଲି ମନରେ ବିଚାର ଆସେ, ସେସବୁ ସଦଗୁଣକୁ ଧାରଣକରି ସାଧକ ଜୀବନର ଲକ୍ଷ୍ୟ ଓ ମାର୍ଗ ଅନୁସରଣ କରିବାରେ ଜୀବନ ସୁଖମୟ ହେବା ସଙ୍ଗେ ସଙ୍ଗେ ଜୀବନର ଚରମ ଲକ୍ଷ୍ୟ ଦିବ୍ୟାନନ୍ଦ ପ୍ରାପ୍ତ ହୋଇପାରିବ । ବୌଦ୍ଧ ବାଙ୍ମୟରେ ମଧ ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିରୁ ମୁକ୍ତପ୍ରାପ୍ତ କରିବାର ଅବସ୍ଥାକୁ ଜୀବନର ଚରମ ଲକ୍ଷ୍ୟ ଭାବେ ମାନି ନିଆଯାଇଛି, ଯାହାକୁ ନିର୍ବାଣ ପ୍ରାପ୍ତି ବୋଲି କୁହାଯାଇଛି । ଶ୍ରୀ ପୁରୁଷୋତ୍ତମଜୀ ତାଙ୍କରି ବ୍ୟାଖ୍ୟାରେ ଲେଖିଛନ୍ତି କି, ଗୁଣକୁ ଅତିକ୍ରମ

କରିଥିବା ପୁରୁଷ ଅଲୌକିକ ଦିବ୍ୟ ଶରୀର ପ୍ରାପ୍ତ ହୁଏ ଏବଂ ଭଗବାନଙ୍କ ସହିତ ଦିବ୍ୟ ଭୋଗ ଉପଭୋଗ କରିଥାଏ । ଶ୍ରୀ ନୀଳକଣ୍ଠଜୀ ଲେଖିଛନ୍ତି କି, ନିର୍ବିକଳ୍ପ ସମାଧି ଆଦିର ଅଭ୍ୟାସରେ ଗୁଣର ଅତିକ୍ରମଣ ହୁଏ । ଲୋକମାନ୍ୟ ତିଳକ କହିଛନ୍ତି କି, ସାଙ୍ଖ୍ୟଙ୍କ ପ୍ରକୃତି ଏବଂ ବେଦାନ୍ତଙ୍କ ମାୟା ଏକ ହିଁ ପଦାର୍ଥ । ଏହି ପ୍ରକୃତି ତଥା ମାୟାର କବଳରୁ ମୁକ୍ତ ହେଉଛି ତ୍ରିଗୁଣାତୀତ ଅବସ୍ଥା, ଯାହାକୁ ଦ୍ୱିତୀୟ ଅଧ୍ୟାୟରେ ଭଗବାନ 'ବ୍ରାହ୍ମିସ୍ଥିତି' ବୋଲି କହିଛନ୍ତି । ବ୍ରହ୍ମଭାବ ପ୍ରାପ୍ତ ବ୍ୟକ୍ତି ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଆଦି କ୍ଳେଶ ଦ୍ୱାରା ଅଭିଭୂତ ହୋଇନଥାଏ । ଭକ୍ତିମିଶ୍ରିତ ଜ୍ଞାନୀଜନ ମଧ୍ୟ ଜ୍ଞାନର ସିଦ୍ଧିପ୍ରାପ୍ତ ପରେ ଜ୍ଞାନକୁ ପରିତ୍ୟାଗ କରି ଭଗବାନଙ୍କ ଚରଣ କମଳରେ ପରାଭକ୍ତି ପ୍ରାପ୍ତକରି ତଥା ସର୍ବଭୂତ ହିତରେ ତତ୍ପର ରହି ପ୍ରେମାମୃତ ରସକୁ ଅସ୍ୱାଦନ କରେ ।

ଅର୍ଜୁନ ଉବାଚ

କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ ।
କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତ୍ତତେ ॥୨୧॥

*ଅନ୍ୱୟ: ଅର୍ଜୁନ ଉବାଚ (ଅର୍ଜୁନ କହିଲେ ) ପ୍ରଭୋ !( ହେ ପ୍ରଭୁ ! ହେ କୃଷ୍ଣ !) ଏତାନ୍-ତ୍ରିନ୍-ଗୁଣାନ୍ (ଏହି ତିନିଗୁଣକୁ) ଅତୀତଃ (ଅତିକ୍ରମଣ କରିଥିବା ଅର୍ଥାତ୍ ତହିଁରୁ ମୁକ୍ତ ପୁରୁଷ) କୈଃ (କେଉଁ କେଉଁ ) ଲିଙ୍ଗୈଃ (ଲକ୍ଷଣ ଯୁକ୍ତ) ଭବତି (ହୋଇଥାଆନ୍ତି ) କିମ୍ ଆଚାରଃ (କିପରି ଆଚରଣ ଯୁକ୍ତ ହୁଅନ୍ତି ) ଚ (ଏବଂ) କଥଂ (କେଉଁ ଭାବରେ) ଏତାନ୍-ତ୍ରିନ୍-ଗୁଣାନ୍ (ଏହି ତିନିଗୁଣକୁ) ଅତିବର୍ତ୍ତତେ (ଅତିକ୍ରମ କରନ୍ତି ) ।*

**ଭାବାର୍ଥ :** ୨ୟ ଅଧ୍ୟାୟରେ ୫୪ ଶ୍ଳୋକରେ ସ୍ଥିତପ୍ରଜ୍ଞ ଯୋଗୀଙ୍କ ବିଷୟରେ ଅର୍ଜୁନ ଯେପରି ପ୍ରଶ୍ନ କରିଥିଲେ, ବର୍ତ୍ତମାନ ସେହିପରି ତ୍ରିଗୁଣ ଅତିକ୍ରମ କରିଥିବା ଯୋଗୀଙ୍କର ଆଚରଣ, ଲକ୍ଷଣ ବିଷୟନେଇ ପ୍ରଶ୍ନ ଉତ୍ଥାପନ କରିଛନ୍ତି । "ଜୀବିତ ଅବସ୍ଥାରେ ହିଁ ତିନିଗୁଣରୁ ଅତୀତହୋଇ ମନୁଷ୍ୟ ଅମୃତପ୍ରାପ୍ତ ହୋଇଯାଏ"-ଏହି ରହସ୍ୟ ଯୁକ୍ତ ବଚନ ଶୁଣି ଗୁଣାତୀତ ପୁରୁଷଙ୍କ ଲକ୍ଷଣ, ଆଚରଣ ତଥା ଗୁଣାତୀତ ହେବାର ଉପାୟ ଜାଣିବାକୁ ଅର୍ଜୁନ ଇଚ୍ଛା କରୁଛନ୍ତି । ଏଠାରେ ଅର୍ଜୁନ ପଚାରୁଛନ୍ତି କି, ଗୁଣାତୀତ ଜ୍ଞାନ କେଉଁ କେଉଁ ଲକ୍ଷଣରୁ ଜଣାଯାଇଥାଏ ? କଣ ସେ' ବୈଦିକ ବା ଲୌକିକ ବିଧି ମଧ୍ୟ ପାଳନ କରିଥାଏ ଅଥବା ନାହିଁ । ନିର୍ଗୁଣ ବ୍ୟକ୍ତିର ଆଚାର, ବ୍ୟବହାର ଓ କାର୍ଯ୍ୟକଳାପ କିପରି ? ସେଗୁଡିକ ସଂଯତ ନା ଅସଂଯତ ? କେଉଁ ସାଧନ ଅବଲମ୍ବନରେ ସମୁଦ୍ର ସମାନ ଚତୁର୍ଦ୍ଦିଗ ବିସ୍ତାରିତ ହୋଇ ରହିଥିବା ଗୁଣ ସମୂହକୁ ଅତିକ୍ରମଣ କରି ସାଧକ ଗୁଣାତୀତ ସ୍ଥିତିରେ ଉପନୀତ ହୋଇପାରିବ ? ଅନୁଗ୍ରହ ପୂର୍ବକ ଏସବୁର ସମାଧାନ ବର୍ଣ୍ଣନା କରି କହିବାକୁ ଅର୍ଜୁନ 'ପ୍ରଭୁ' ବୋଲି ସମ୍ବୋଧନ କରି ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରୁଛନ୍ତି । 'ଗୁଣାତୀତ'ର ଅର୍ଥ ଏହିଠାରେ ଏହା ନୁହେଁ କି, ଶରୀର ମଧ୍ୟରେ ଗୁଣମାନେ କାର୍ଯ୍ୟରତ ରହିନଥାନ୍ତି । ଗୁଣାତୀତ ପୁରୁଷର ଅର୍ଥ ହେଲା କି, ବ୍ୟକ୍ତିର କାର୍ଯ୍ୟକଳାପ ସବୁ ଗୁଣମାନଙ୍କର ଅଧୀନ ନହୋଇ, ବରଂ ଗୁଣମାନେ ସମ୍ପୂର୍ଣ୍ଣ ଭାବେ ବୁଦ୍ଧି ଓ ବିବେକ ଦ୍ୱାରା ପରିଚାଳିତ ହୋଇଥାନ୍ତି । ଶରୀର ଥିବା ପର୍ଯ୍ୟନ୍ତ ପ୍ରକୃତି ଜାତ ଗୁଣମାନେ ଅବଶ୍ୟ ଅନ୍ତଃକରଣରେ ଜାଗତିକ ପ୍ରବୃତ୍ତି, ବିକାର ସୃଷ୍ଟି କରିଚାଲିବେ । ଭଗବାନ ଯେଉଁ ଗୁଣାତୀତ ପୁରୁଷଙ୍କ କଥା କହୁଛନ୍ତି, ସେହି ଗୁଣାତୀତ ପୁରୁଷ ଉତ୍ପନ୍ନ ବିକାର ଦ୍ୱାରା ପ୍ରଭାବିତ ହୋଇ ନଥାନ୍ତି । ଅଧ୍ୟାୟର ୧୯ତମ ଶ୍ଳୋକରେ ଭଗବାନ ଗୁଣାତୀତ

ନିମିତ୍ତ କେତୋଟି ସାଧନ ଉପାୟ ବତାଇଛନ୍ତି । ତାହା ହେଲା:- ଦେହାଭିମାନକୁ ତ୍ୟାଗ କରି ସ୍ୱୟଂକୁ ନିର୍ଲିପ୍ତ ସ୍ୱୀକାର କରିନେବା । ସ୍ଥୂଳ, ସୂକ୍ଷ୍ମ ଓ କାରଣ -ଏହି ତିନି ଶରୀର ସହିତ ଏକତ୍ୱ ସମ୍ବନ୍ଧ ନରଖି, ଦ୍ରଷ୍ଟା (ସାକ୍ଷୀ)ରୂପେ ସ୍ଥିତ ହୋଇରହିବା । ଆତ୍ମା ସର୍ବଥା ଅକର୍ତ୍ତା, ଅଭୋକ୍ତା- ତିନିଗୁଣ ହିଁ ଶରୀର ଓ ସମସ୍ତ ଇନ୍ଦ୍ରିୟଙ୍କ ଦ୍ୱାରା ଘଟୁଥିବା କ୍ରିୟାର ମୂଳ କାରଣ- ଏହି ଦୁଇଟିର ସିଦ୍ଧାନ୍ତରେ ସ୍ୱୟଂରେ ସ୍ଥିତ ହୋଇ ରହିବା ସମ୍ବନ୍ଧରେ ଯାହାର ଉତ୍ତମ ଭାବେ ଜ୍ଞାନ ହୋଇଥାଏ ସେ' ପରମାତ୍ମା ତତ୍ତ୍ୱକୁ ପ୍ରାପ୍ତ ହୋଇଥାଏ । ଏହିସବୁ ସାଧନ ଉପାୟ କହିବା ସତ୍ତ୍ୱେ, ଅର୍ଜୁନ ପୁଣି ଗୁଣାତୀତ ସ୍ଥିତି ପ୍ରାପ୍ତ କରିବାର ଉପାୟ ପଚାରିବାର ତାତ୍ପର୍ଯ୍ୟ କଣ ହୋଇପାରେ ? ତାହାରି ସମାଧାନ ହେଲା, ବସ୍ତୁତଃ ଗୁଣାତୀତ ହେବା ନିମନ୍ତେ ଭଗବାନ ଯେଉଁ ଉପରୋକ୍ତ ସାଧନ କହିଛନ୍ତି, ତାହା କଠିନ ସାଧନ ସାପେକ୍ଷ । ଅର୍ଜୁନ ଆଉ କିଛି ସରଳ ସାଧନ ସମ୍ବନ୍ଧରେ ଜାଣିବାକୁ ଚାହିଁଛନ୍ତି । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ 'ପ୍ରଭୁ'ବୋଲି ସମ୍ବୋଧନକରି, ଏହା ଜଣାଇବାକୁ ଚାହୁଁଛନ୍ତି କି, "ଆପଣ ସକଳ ଜଗତର ସ୍ୱାମୀ, କର୍ତ୍ତା, ହର୍ତ୍ତା ଏବଂ ସର୍ବ ସମର୍ଥ ପରମେଶ୍ୱର ଅଟନ୍ତି । ଏହି ସମସ୍ତ ସମାଧାନ ଆପଣ ହିଁ ପୂର୍ଣ୍ଣ ରୂପେ ବୁଝାଇପାରିବେ । ତେଣୁ ମୁଁ ଆପଣଙ୍କୁ ପଚାରୁଛି" । ବ୍ୟକ୍ତି କିପରି ଭାବରେ ସର୍ବଦା ଦିବ୍ୟସ୍ତରରେ ଅବସ୍ଥାନ କରିପାରିବ, ତା'ର ପ୍ରତ୍ୟକ୍ଷ ବିଧି ନଜାଣିଲେ ଗୁଣାତୀତ ବ୍ୟକ୍ତିର ଲକ୍ଷଣକୁ ବୁଝିପାରିବା ମଧ୍ୟ ସମ୍ଭବ ନୁହେଁ । ଅର୍ଜୁନ ଜଣେ ଜିଜ୍ଞାସୁ ରୂପେ ଏହିପରି ଜୀବନ ମାର୍ଗ ଜାଣିବାକୁ ପ୍ରୟାସ କରୁଛନ୍ତି, ଯେଉଁଥିରେ ନା ସୁଖ-ଦୁଃଖ ଥିବ, ନା ରାଗ-ଦ୍ୱେଷ ଥିବ, ନା ଜନ୍ମ-ମୃତ୍ୟୁର ଭୟ ଥିବ, ନା ପ୍ରବୃତ୍ତି ଓ ନିବୃତ୍ତି ନିମନ୍ତେ ମନରେ ଦ୍ୱନ୍ଦ୍ୱ ଦେଖାଯାଉଥିବ ।

ଶ୍ରୀ ଭଗବାନ ଉବାଚ

ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।
ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଂକ୍ଷତି ॥୨୨॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ପାଣ୍ଡବ ( ହେ ପାଣ୍ଡବ !) [ଗୁଣାତୀତ ପୁରୁଷ] ପ୍ରକାଶଂ (ସତ୍ତ୍ୱଗୁଣର କାର୍ଯ୍ୟ ପ୍ରକାଶ ଅର୍ଥାତ୍ ଜ୍ଞାନ) ଚ (ଏବଂ) ପ୍ରବୃତ୍ତିଂ (ରଜୋଗୁଣର ଧର୍ମ କର୍ମ- ପ୍ରବୃତ୍ତି) ଚ (ତଥା) ମୋହମ୍ (ତମୋଗୁଣର କାର୍ଯ୍ୟ ମୋହ ଆଦି ) ସମ୍ପ୍ରବୃତ୍ତାନି (କାର୍ଯ୍ୟରେ ସ୍ୱତଃ ପୂର୍ଣ୍ଣ ରୂପରେ ସଂଶ୍ଲିଷ୍ଟ ) ଏବ (ହେଲେ ମଧ୍ୟ) ନ ଦ୍ୱେଷ୍ଟି (ଏ ସବୁପ୍ରତି ଦ୍ୱେଷ କରନ୍ତି ନାହିଁ) ଚ (ଏବଂ) ନିବୃତ୍ତାନି (ଏହି ପ୍ରକାର କାର୍ଯ୍ୟଗୁଡିକରୁ ନିବୃତ୍ତ ଅର୍ଥାତ୍ ବାହାରି ଆସିଲେ ମଧ୍ୟ) ନ କାଙ୍କ୍ଷତି (ଚାହାନ୍ତି ନାହିଁ ଅର୍ଥାତ୍ ପୁନଃ କାମନା କରନ୍ତି ନାହିଁ) ।*

**ଭାବାର୍ଥ**: ଶ୍ରୀ ଭଗବାନ କହିଲେ ହେ ପାଣ୍ଡବ ! ସତ୍ତ୍ୱଗୁଣର କାର୍ଯ୍ୟ ପ୍ରକାଶ ବା ଜ୍ଞାନ, ରଜୋଗୁଣର ଧର୍ମ କର୍ମ ଚଞ୍ଚଳତା, ତମୋଗୁଣର ଧର୍ମ ମୋହ ଓ ଅଜ୍ଞାନ – ଏ ସମସ୍ତ ଗୁଣ-କାର୍ଯ୍ୟ ସ୍ୱତଃ ଉପସ୍ଥିତ ହେଲେମଧ ତ୍ରିଗୁଣାତୀତ ଯୋଗୀ ଦୁଃଖ ବୁଦ୍ଧିରେ ଦ୍ୱେଷ ଅର୍ଥାତ୍ ଘୃଣା କରନ୍ତି ନାହିଁ, ଅଥବା ସେହି ସମସ୍ତ କାର୍ଯ୍ୟ ନିବୃତ୍ତ ଅର୍ଥାତ୍ ସ୍ୱତଃ ସେହିସବୁ ଉପସ୍ଥିତ ନ ରହିଲେ ମଧ ସୁଖ ବୁଦ୍ଧିରେ ତାହା ଆକାଂକ୍ଷା କରନ୍ତି ନାହିଁ- ଅନ୍ୟ ଅର୍ଥରେ ସେଗୁଡିକ ପାଇଁ ପୁନଃ କାମନା କରନ୍ତି ନାହିଁ । ଗୁଣାତୀତ ଅବସ୍ଥା ଏକ ସ୍ୱ-ଅନୁଭବନୀୟ ସ୍ୱରୂପ ଅଟେ । ଗୁଣାତୀତର ଅର୍ଥ ଏହା ନୁହେଁ କି, ମନୁଷ୍ୟର ଗୁଣ ସହିତ କୌଣସି ପ୍ରକାର ସମ୍ବନ୍ଧ ରହିବ ନାହିଁ । କୈବଲ୍ୟ ପ୍ରାପ୍ତି ହିଁ କେବଳ ଗୁଣ ସହିତ ସମସ୍ତ ସମ୍ବନ୍ଧ ଛିନ୍ନ ହେବାର ସ୍ଥିତି । ଯେ ପର୍ଯ୍ୟନ୍ତ ଦେହର ଆତ୍ମା

ସହିତ ଏକତ୍ୱ ସ୍ଥିତି ହୋଇଥାଏ, ସେ ପର୍ଯ୍ୟନ୍ତ ବ୍ୟାବହାରିକ ଜୀବନରେ ତିନିଗୁଣର କାର୍ଯ୍ୟ ଦୃଶ୍ୟମାନ ହେବ ହିଁ ହେବ । ପରନ୍ତୁ ଗୁଣାତୀତ ଅବସ୍ଥାରେ ପହଞ୍ଚିଥିବା ପୁରୁଷ ଗୁଣପ୍ରତି ଆସକ୍ତ-ଶୂନ୍ୟ ହୋଇ ପ୍ରବୃତ୍ତ ହୋଇଥାଏ । ତାହାରି ଅନ୍ତଃକରଣରେ ଏହି ଧାରଣା ଅବିଚଳିତ ରୂପେ ଦୃଢୀଭୂତ ହୋଇ ରହିଥାଏ କି, ଗୁଣ ହିଁ ବ୍ୟବହାର ସମୂହକୁ ପରିଚାଳନା କରିଥାନ୍ତି । 'ମୁଁ' କେବଳ ସାକ୍ଷୀ ସ୍ୱରୂପ ଅଟେ । ଆତ୍ମା ଉପରେ ଗୁଣର ଲେପ କେବେ ବି ହେବାକୁ ଦିଏ ନାହିଁ । ଆତ୍ମା ଉପରେ ଗୁଣର ଲେପ ସେବେ ହୋଇଥାଏ, ଯେବେ ନିର୍ଦ୍ଦିଷ୍ଟ କୌଣସି ଏକ ଗୁଣର କାର୍ଯ୍ୟପ୍ରତି ଅନ୍ତଃକରଣରେ ଅଭିଳାଷ କିମ୍ବା ଅନିଚ୍ଛା ଉତ୍ପନ୍ନ ହୋଇଥାଏ । ଗୁଣାତୀତ ପୁରୁଷର ବ୍ୟବହାରରେ କୌଣସି ଗୁଣର ଅଭିଳାଷ ନଥାଏ କି, ଦ୍ୱେଷଭାବ ନଥାଏ । ସତ୍ତ୍ୱଗୁଣରେ ପ୍ରକାଶ ନାମକ ବୃତ୍ତି ମୁଖ୍ୟ, କାରଣ ଯେ' ପର୍ଯ୍ୟନ୍ତ ଇନ୍ଦ୍ରିୟ ଓ ଅନ୍ତଃକରଣରେ ପ୍ରକାଶ ଆସେ ନାହିଁ, ସେ ପର୍ଯ୍ୟନ୍ତ ଜ୍ଞାନ ବା ବିବେକ ଜାଗ୍ରତ ହେବା ସମ୍ଭବ ନୁହେଁ । ପ୍ରକାଶ ଆସିଲେଯାଇ ଜ୍ଞାନ ଜାଗ୍ରତ ହୁଏ । ତ୍ରିଗୁଣାତୀତ ପୁରୁଷ ଜଣେ ବିଶିଷ୍ଟ ଜ୍ଞାନୀ ବୋଲି ନିଜକୁ ବୋଧକରି ନଥାନ୍ତି । କିନ୍ତୁ ସେହି ଜ୍ଞାନର ପ୍ରଭାବରେ ତାଙ୍କରିଠାରେ ଶାନ୍ତି ଓ ଆନନ୍ଦ ପରିପୂର୍ଣ୍ଣ ଭାବରେ ସର୍ବଥା ପରିଲକ୍ଷିତ ହୋଇଥାଏ । ସତ୍ତ୍ୱ , ରଜଃ, ତମଃ ଗୁଣଜନିତ ବିକାର ସମୂହର ସ୍ଥାନ ନିମିତ୍ତ ଅନ୍ତଃକରଣରେ ଶୂନ୍ୟତା ନଥାଏ । ଜୀବନମୁକ୍ତ ମହାତ୍ମା ବା ମୁନି ଭୋଗ ବୁଦ୍ଧିରେ ହରାଇଥିବା ଅବସ୍ଥାନକୁ କେବେ ଫେରି ଆସିବା ନିମିତ୍ତ ଇଚ୍ଛା କରନ୍ତି ନାହିଁ । ସମୁଦ୍ର ନିଜକୁ ପରିପୂର୍ଣ୍ଣ ସ୍ଥିତିପାଇଁ ନଦୀ କିମ୍ବା ବର୍ଷା ଜଳକୁ ଅପେକ୍ଷା କରେନାହିଁ । ସେହିଭଳି ଯାହାର ସମ୍ପୂର୍ଣ୍ଣ ଜ୍ଞାନ ଲାଭହୋଇ ତ୍ରିଗୁଣାତୀତ ସ୍ଥିତି ପ୍ରାପ୍ତ ହୋଇଛି, ଶାନ୍ତାନନ୍ଦ ନିମିତ୍ତ ଅନ୍ତଃକରଣରେ ଗୁଣମାନଙ୍କ କାର୍ଯ୍ୟ ଓ କାରଣର କୌଣସି ଭୂମିକା ରହିନଥାଏ । ବେଦାନ୍ତୀଙ୍କ ମତାନୁସାରେ ଆତ୍ମଜ୍ଞାନ ପ୍ରାପ୍ତକରି ଗୁଣାତୀତ ମାର୍ଗରେ ଚାଲୁଥିବା ପୁରୁଷ ନିମନ୍ତେ କୌଣସି ବିଧି ପାଳନ ଓ ନିଷିଦ୍ଧ ଉପରେ ଗୁରୁତ୍ୱ ନଥାଏ । କାରଣ ଗୁଣମାନେ ସ୍ୱତଃ ନିଜ ନିଜ ସ୍ୱଭାବ ଅନୁଯାୟୀ ଦେହ ଓ ଇନ୍ଦ୍ରିୟ କ୍ଷେତ୍ରରେ କାର୍ଯ୍ୟରତ ରହିଥାନ୍ତି । ସମତା ହେଉଛି ସିଦ୍ଧତାର ମାନଦଣ୍ଡ । ସତ୍ତ୍ୱଗୁଣରେ ସ୍ଥିତ ଜ୍ଞାନୀ ସର୍ବଦା ମାନସିକ ସନ୍ତୁଳିତ ସ୍ଥିତିରେ ରହେ । ତ୍ରିଗୁଣାତୀତ ଜ୍ଞାନୀ ପୁରୁଷଙ୍କ ପଦାର୍ଥ, ବ୍ୟକ୍ତି, ପରିସ୍ଥିତି ପ୍ରତି ଅନୁରାଗ କିମ୍ବା ପ୍ରତ୍ୟାଖ୍ୟାନ ମନୋଭାବ ନଥାଏ । ଗୁଣାତୀତ ହୋଇଥିବା କାରଣରୁ ଗୁଣମାନଙ୍କ ବୃତ୍ତି ଆସିଲେ ଓ ଚାଲିଗଲେ ତାଙ୍କ ଉପରେ କୌଣସି ପ୍ରଭାବ ପଡେନାହିଁ । ଏହି ସମସ୍ତ ବୃତ୍ତିରେ ସ୍ୱାଭାବିକ ଭାବେ ନିର୍ଲିପ୍ତ ରହିଥାନ୍ତି । ପ୍ରାପ୍ତ-ଅପ୍ରାପ୍ତ, ପ୍ରିୟ-ଅପ୍ରିୟ ଏହିସବୁ ଦ୍ୱନ୍ଦ୍ୱର ଉର୍ଦ୍ଧ୍ୱରେ ରହି ଶାନ୍ତ ଓ ସ୍ୱତନ୍ତ୍ର ସ୍ଥିତିରେ ସର୍ବଥା ଅବସ୍ଥାନ କରିଥାନ୍ତି । ଶରୀରରେ କର୍ମ କରିବାର ପ୍ରବୃତ୍ତି ଜାଗ୍ରତହେଲେ କିମ୍ବା ଜନ କଲ୍ୟାଣ ନିମନ୍ତେ ମନରେ କିଛି ଦିବ୍ୟ ପ୍ରେରଣା ଆସିଲେ, ସେ କର୍ମକୁ ଘୃଣା କରନ୍ତିନାହିଁ । କର୍ମ ସମ୍ପାଦନ ପରେ ମଧ୍ୟ ଅନୁଶୋଚନା କରନ୍ତିନାହିଁ, କାରଣ କର୍ମଫଳ ପ୍ରତି ଆସକ୍ତି ନଥାଏ । ନିଶ୍ଚୟାତ୍ମକ ବୁଦ୍ଧିରେ ଏକାଗ୍ରତାର ସହିତ କର୍ମ କରୁଥିବା କାରଣରୁ ବାହ୍ୟକୁ ମୋହଗ୍ରସ୍ତଭଳି ଜଣା ପଡୁଥିଲେ ମଧ୍ୟ, କର୍ମର ସଫଳତାରେ ଅଭିମାନୀ ହୁଅନ୍ତି ନାହିଁ କି, ବିଫଳତାରେ ଉଦ୍‌ବିଗ୍ନ ହୁଅନ୍ତିନାହିଁ । ମୋହ ଦଶାରେ ଜ୍ଞାନପ୍ରାପ୍ତି ଓ ଜ୍ଞାନଦଶାରେ କର୍ମତ୍ୟାଗ ଯୋଗୁଁ ସେ କ୍ଷୁବ୍ଧ ହୁଅନ୍ତିନାହିଁ । ପ୍ରାକୃତ ମୋହ ତାଙ୍କର ନିର୍ମଳ ଜ୍ଞାନକୁ ଆବୃତ୍ତ କରିପାରେନାହିଁ ଅର୍ଥାତ୍ କୌଣସି ଭ୍ରମ ଜ୍ଞାନୀର ଜ୍ଞାନକୁ ହଟେଇ ଦେଇନପାରେ । ଯାହାକୁ ସାଧାରଣ ମନୁଷ୍ୟ ନିଦ୍ରା ବୋଲି କୁହନ୍ତି, ତାହା ଗୁଣାତୀତ ପୁରୁଷର

ସମାଧି ସ୍ଥିତି । ନିଦ୍ରାଭଙ୍ଗ ହେବାପରେ ଜୀବନମୁକ୍ତ ସ୍ଥିତିରୁ ପ୍ରବାହିତ ଆନନ୍ଦସ୍ରୋତ ମିଳିଥାଏ । ନିଦ୍ରା ଅବସ୍ଥାର ଯେଉଁ ଶାନ୍ତାନନ୍ଦ ତାହା ଅକ୍ଷୁର୍ଣ୍ଣ ରହେ , ଯେଉଁଥିରେ ପ୍ରମାଦ କିମ୍ବା ଆଳସ୍ୟ ନଥାଏ । ଗୁଣାତୀତ ପୁରୁଷଙ୍କଠାରେ ବ୍ୟାବହାରିକ ତ୍ରୁଟି ବେଳେବେଳେ ଦେଖାଯିବାର ସମ୍ଭାବନା ଥାଏ । ଅନ୍ୟର କଥାକୁ ସରଳଭାବେ ବିଶ୍ୱାସଯାଇ ନିର୍ଦ୍ଦୋଷ ବ୍ୟକ୍ତିକୁ ଦୋଷୀ ମାନିନେବା ଅଥବା ଦୋଷୀ ବ୍ୟକ୍ତିକୁ ନିର୍ଦ୍ଦୋଷ ମାନିନେବା ରୂପକ ମୋହ ଦେଖା ଯାଇଥାଏ, ଯେପରି ରଜ୍ଜୁରେ ସର୍ପର ଓ ମୃଗତୃଷ୍ଣାରେ ଜଳର ଧାରଣା ସୃଷ୍ଟିହୁଏ । ଗୁଣାତୀତ ପୁରୁଷର ଦୃଷ୍ଟିରେ ଏକ ପରମାତ୍ମା ତତ୍ତ୍ୱ ବ୍ୟତିରେକେ ଅନ୍ୟ କିଛି ନଥାଏ । କରିବା ଓ ହେବା, ସେହିପରି ଦେଖିବା ଓ ଦେଖାଯିବା ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । କରିବା କିମ୍ବା ଦେଖିବାରେ ଦୋଷ ରହିବାର ସମ୍ଭାବନା ରହେ, କିନ୍ତୁ ହେବା କିମ୍ବା ଦେଖାଯିବାରେ ଦୋଷ ଲାଗି ନଥାଏ । ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସଜୀଙ୍କ ଦୋହା ରହିଛି : "*ସୁନହୁ ତାତ ମାୟାକୃତ ଗୁନ ଅରୁ ଦୋଷ ଅନେକ । ଗୁନ ୟହ ଉଭୟ ନ ଦେଖିଅ ହିଁ ଦେଖିଅ ସୋ ଅବିବେକ ॥*" ସର୍ବଥା ଏକଭାବେ ବିଦ୍ୟମାନ, ଗୁଣରୁ ସର୍ବଥା ନିର୍ଲିପ୍ତ, ନିର୍ବିକାର ଓ ଅବିନାଶୀ ସ୍ୱରୂପ ପ୍ରତି ଦୃଷ୍ଟି ନଦେଇ ପରିବର୍ତ୍ତନଶୀଳ, ବିକାରୀ ଓ ବିନାଶୀ ବୃତ୍ତିପ୍ରତି ଦୃଷ୍ଟି ଦେବା ସାଧକ ପକ୍ଷେ ଅତ୍ୟନ୍ତ କ୍ଷତିକାରକ । ସାଧକ ଗଭୀରଭାବେ ବିଚାର କରିବା ଉଚିତ କି, ପ୍ରତ୍ୟେକ ବୃତ୍ତି ଉତ୍ପନ୍ନ ହୋଇ ନଷ୍ଟ ହୁଏ, କିନ୍ତୁ ସ୍ୱୟଂ (ଆତ୍ମା ସ୍ୱରୂପ) ସର୍ବଦା ଏକ ରୂପରେ ହିଁ ବିଦ୍ୟମାନ । ବୃତ୍ତିଗୁଡିକର ଗୁଣ ଓ ପ୍ରକୃତି ସହିତ ସମ୍ବନ୍ଧ ରହିଥିବାରୁ ସେହିଗୁଡିକ ପ୍ରତି ମୁହୂର୍ତ୍ତରେ ବଦଳୁଥାଏ । ସ୍ୱୟଂର ପରମାତ୍ମାଙ୍କ ସହିତ ସମ୍ବନ୍ଧ ରହିଥିବାରୁ ବୃତ୍ତି ଗୁଡିକର ପରିବର୍ତ୍ତନ ସତ୍ତ୍ୱେ ସ୍ୱୟଂ ଅପରିବର୍ତ୍ତିତ ରହେ ।

ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ॥୨୩॥

*ଅନ୍ୱୟ: ଯଃ (ଯେ) ଉଦାସୀନବତ୍ (ଉଦାସୀନ ଭଳି ଅର୍ଥାତ୍ ସାକ୍ଷୀ ସଦୃଶ) ଆସୀନଃ (ଅବସ୍ଥିତ ହୋଇ) ଗୁଣୈଃ (ଗୁଣମାନଙ୍କ କାର୍ଯ୍ୟ ସୁଖ-ଦୁଃଖ ଆଦିଦ୍ୱାରା) ନ ବିଚାଲ୍ୟତେ (ବିଚଳିତ ହୁଅନ୍ତି ନାହିଁ ) ଗୁଣାଃ (ଗୁଣ ଗୁଡିକ) ଏବ ବର୍ତ୍ତନ୍ତେ (ସ୍ୱ ସ୍ୱ କାର୍ଯ୍ୟରେ ପ୍ରବୃତ୍ତ ହେଉଛନ୍ତି ) ଇତି ଏବ (ଏହିପରି ଜାଣି) ଯଃ ( ଯେ) ଅବତିଷ୍ଠତି (ଆତ୍ମ ସ୍ୱରୂପରେ ଏକୀଭାବେ ସ୍ଥିତ ରହନ୍ତି) ନ ଇଙ୍ଗତେ (ଏବଂ ଚଞ୍ଚଳ ହୁଅନ୍ତି ନାହିଁ ଅର୍ଥାତ୍ ସେହି ସ୍ଥିତିରୁ କେବେ ବି ବିଚଳିତ ହୁଅନ୍ତି ନାହିଁ) ।*

**ଭାବାର୍ଥ:** କୌଣସି ଘଟଣା ବା ବସ୍ତୁ ସହିତ ଯାହାଙ୍କର କୌଣସି ପ୍ରକାରେ ସମ୍ବନ୍ଧ ରହେନାହିଁ, ସେଥିରୁ ସେ ସର୍ବଦା ଉପରତ ରହନ୍ତି, ତାଙ୍କୁ ଉଦାସୀନ ବା ତଟସ୍ଥ କୁହାଯାଇଥାଏ । ଗୁଣାତୀତ ପୁରୁଷଙ୍କ ଗୁଣମାନଙ୍କ କାର୍ଯ୍ୟରୂପ ଶରୀର, ଇନ୍ଦ୍ରିୟ, ଅନ୍ତଃକରଣ ଏବଂ ସମସ୍ତ ପଦାର୍ଥ ଓ ଘଟଣା ସହିତ କୌଣସି ପ୍ରକାର ସମ୍ବନ୍ଧ ନଥିବାରୁ ସେ ଉଦାସୀନ ସଦୃଶ ସ୍ଥିତ ଦେଖାଯାଆନ୍ତି । ନାନା ପ୍ରକାର ସାଂସାରିକ ପଦାର୍ଥର ସଂଯୋଗ ବିୟୋଗ ହୋଇ ଚାଲିଥିଲେ ମଧ୍ୟ ସେ' ନିଜ ସ୍ଥିତିରେ ସଦା ନିର୍ବିକାର ଏକରସ ହୋଇ ରହନ୍ତି । ବ୍ୟବାହାରିକ କ୍ଷେତ୍ରରେ ଯେ' ଦୁଇଜଣଙ୍କ ମଧ୍ୟରେ କାହାର ପକ୍ଷ ସମର୍ଥନ କରିନଥାନ୍ତି କି, କାହାକୁ କିଛି କହିନଥାନ୍ତି ତାଙ୍କୁ 'ଉଦାସୀନ' କୁହାଯାଏ । ସେହିଭଳି ସଂସାର ଓ ପରମାତ୍ମା ଉଭୟ ପକ୍ଷଙ୍କ ମଧ୍ୟରେ ଗୁଣାତୀତ ପୁରୁଷ ଉଦାସୀନ ଭଳି ପ୍ରତୀତ ହୋଇଥାନ୍ତି । ଯେ' ଉଦାସୀନଭଳି ଅର୍ଥାତ୍ ସାକ୍ଷୀ ସଦୃଶ ଅବସ୍ଥାନ କରନ୍ତି, ଗୁଣମାନଙ୍କ କାର୍ଯ୍ୟ ରାଗ-ଦ୍ୱେଷ, ସୁଖ-ଦୁଃଖାଦି ଦ୍ୱାରା ସେ' ବିଚଳିତ ହୁଅନ୍ତିନାହିଁ । 'ଗୁଣ ସମୂହ ସ୍ୱ-ସ୍ୱ

କାର୍ଯ୍ୟରେ ପ୍ରବୃତ୍ତ' - ଏହିଭଳି ବିଚାରକରି ସେ' ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କଠାରେ ଏକୀ ଭାବରେ ଅବସ୍ଥାନ କରି ଚଞ୍ଚଳ ହୁଅନ୍ତି ନାହିଁ ଅର୍ଥାତ୍ ସେହି ସ୍ଥିତିରୁ କଦାପି ବିଚଳିତ ହୁଅନ୍ତି ନାହିଁ । ଅନ୍ୟ ଅର୍ଥରେ ଯେ' ସଂସାରର ସମସ୍ତ ଘାତ ପ୍ରତିଘାତ ନିର୍ବିକାର ଚିତ୍ତରେ ସହିପାରନ୍ତି, ସେ ହିଁ ତ୍ରିଗୁଣାତୀତ । କିନ୍ତୁ ଗୁଣାତୀତ ସ୍ଥିତି କେବଳ ସମ୍ପୂର୍ଣ୍ଣ ଜ୍ଞାନଲବ୍ଧ ଏବଂ ତୀବ୍ର ବୈରାଗ୍ୟ ଉପରାନ୍ତ ପରମାତ୍ମା ସାକ୍ଷାତ୍କାର ଦ୍ୱାରା ହିଁ ସମ୍ଭବ । ସମସ୍ତ ଶୁଭ-ଅଶୁଭ ଅନୁଭୂତିରେ ତତ୍ତ୍ୱଜ୍ଞାନୀ ସର୍ବଥା ଉଦାସୀନ ପରି ରୁହନ୍ତି, କାରଣ ସେ ଜାଣନ୍ତି କି, ସଂସାର ହେଉଛି କେବଳ ଗୁଣ ଏବଂ ଗୁଣଦ୍ୱାରା ପ୍ରଭାବିତ ମନ ଓ ବୁଦ୍ଧିର ଖେଳ । ପ୍ରତିକ୍ଷଣ ଅନ୍ତଃ ଓ ବାହ୍ୟ ବ୍ୟବହାର କ୍ଷେତ୍ରରେ ସମ୍ମୁଖକୁ ଆସୁଥିବା ଜୀବ କିମ୍ବା ପଦାର୍ଥ ମାନଙ୍କ ଯେଉଁଗୁଣ ସମୂହ, ସେମାନେ ପରସ୍ପର କ୍ରିୟା-ପ୍ରତିକ୍ରିୟାଶୀଳ ହୋଇ କାର୍ଯ୍ୟ ଉତ୍ପନ୍ନ କରିଥାନ୍ତି । ସେହି ଅବସ୍ଥାରେ ଗୁଣାତୀତ ପୁରୁଷ ନୀରବ ଦ୍ରଷ୍ଟା ବା ତଟସ୍ଥ ହୋଇ ରହନ୍ତି । 'ଉଦାସୀନ ଭଳି ରହନ୍ତି'- ଏହାର ତାତ୍ପର୍ଯ୍ୟ ହେଲା ଯଦିଓ ତାଙ୍କୁ ଅନୁକୂଳ-ପ୍ରତିକୂଳ ପରିସ୍ଥିତି ସମ୍ବନ୍ଧରେ ବୋଧହୁଏ, କିନ୍ତୁ ବାହ୍ୟ ଜଗତର ଘଟଣାବଳୀ ଦ୍ୱାରା ସେ ବିକ୍ଷୁବ୍ଧ ବା ଉତ୍ତେଜିତ ହୁଅନ୍ତି ନାହିଁ । ନିଜ ଆତ୍ମା ସ୍ୱରୂପରେ ସ୍ଥିତରହି ଗୁଣର ଅନ୍ତର୍ବାହ୍ୟ ଲୀଳାକୁ ଅବଲୋକନ କରିଥାନ୍ତି । ତ୍ରିଗୁଣ ଓ ସେମାନଙ୍କ କାର୍ଯ୍ୟ ଶରୀରରେ କେଉଁ ପ୍ରକାର ଚାଲିଛି, ଦେହ ଅଛି କି, ନାହିଁ- ଏହିସବୁ ବିଷୟରେ ସେ ସମ୍ପୂର୍ଣ୍ଣ ଉଦାସୀନ ଥାଆନ୍ତି । ତାଙ୍କରି ଦୃଷ୍ଟିରେ କେବଳ ପରମାତ୍ମା ସତ୍ତା ବ୍ୟତୀତ ସଂସାରର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ । ସତ୍-ସ୍ୱରୂପ ପରମାତ୍ମାଙ୍କ ସତ୍ତାରୁ ହିଁ ସଂସାର ସତ୍ତାବାନ୍ । ଯଦି ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ସତ୍ତା ହିଁ ନାହିଁ, ତେବେ ଗୁଣାତୀତ ପୁରୁଷ କାହା ପ୍ରତି ଉଦାସୀନ ଥାଆନ୍ତି ? ଏହାର ସମାଧାନ ହେଲା: ଯେଉଁମାନଙ୍କ ଦୃଷ୍ଟିରେ, ସଂସାର ରହିଛି ଏବଂ ପରମାତ୍ମା ମଧ୍ୟ ଅଛନ୍ତି, ସେହିମାନଙ୍କ ଦୃଷ୍ଟିରେ ଗୁଣାତୀତ ପୁରୁଷ ସଂସାର କାର୍ଯ୍ୟ କଳାପ ପ୍ରତି ଉଦାସୀନ ଭଳି ପ୍ରତୀତ ହୁଅନ୍ତି । 'ଗୁଣମାନେ ହିଁ ରୂପାନ୍ତରିତ ହୋଇ ଦେହ, ଇନ୍ଦ୍ରିୟ ଓ ଇନ୍ଦ୍ରିୟ ସୁଖଦାୟୀ ବିଷୟରେ ପରିଣତ ହୋଇଛନ୍ତି'- ଏହା ଉତ୍ତମରୂପେ ବୁଝି, ଅଭିମାନ ଓ ଗ୍ଲାନି ଏହି ଦୁଇରୁ ମୁକ୍ତହୋଇ ଜୀବନମୁକ୍ତ ପୁରୁଷ ଆତ୍ମାରେ ନିବାସ କରି ମେରୁ ପର୍ବତ ସଦୃଶ ଅଟଳ ରହିଥାନ୍ତି । ପବନ ଯେତେ ପ୍ରଖର ହେଉନା କାହିଁକି, ତା'ଦ୍ୱାରା ଆକାଶ ପ୍ରକମ୍ପିତ ହୁଏନାହିଁ । ତିନୋଟିଯାକ ଗୁଣ ଜ୍ଞାନୀର ଶରୀର ଭିତରେ ଯାତାୟାତ କଲେମଧ୍ୟ ତାଙ୍କରି ଜ୍ଞାନ ବ୍ୟାହତ ହୋଇପଡେନା । ସେ' 'ଅହଂ ବ୍ରହ୍ମାସ୍ମି' ସ୍ଥିତିରେ ଆରୂଢ ହୋଇରୁହନ୍ତି । ଅନନ୍ତ ଆନନ୍ଦରେ ଏତେ ବିଭୋର ରହିଥାନ୍ତି କି, ସ୍ୱୟଂ ମଧ୍ୟ ନିଜ ସ୍ୱରୂପ ତଥା ଅଖଣ୍ଡ ସହଜ ସମାଧିରୁ ବିଚଳିତ ହୁଅନ୍ତିନାହିଁ । ତାଙ୍କରି ଅନ୍ତଃକରଣରେ ମନ, ବୁଦ୍ଧି, ଚିତ୍ତ ସମେତ ସମଗ୍ର ସଂସାରର ଅବିଦ୍ୟମାନତା ଓ ପରମାତ୍ମା ତତ୍ତ୍ୱର ବିଦ୍ୟମାନତା ନିରନ୍ତର ସ୍ୱତଃ ସ୍ୱାଭାବିକଭାବେ ଜାଗ୍ରତ ରହେ । ଜ୍ଞାନୀ କୌଣସି ଗୁଣରେ ବଶୀଭୂତ ହୋଇ କର୍ମରେ ପ୍ରବୃତ୍ତ ହୋଇନଥାନ୍ତି । କାରଣ ଅବିନାଶୀ ଶୁଦ୍ଧ ସ୍ୱରୂପରେ କେବେ କୌଣସି କ୍ରିୟା ହୁଏନାହିଁ । ଗୁଣରେ ହିଁ ସମସ୍ତ କ୍ରିୟା ହେଉଛି ବୋଲି ଜାଣି ସେ ନିଜ ସ୍ୱରୂପ ନିର୍ବିକାର ରୂପେ ସ୍ଥିତ ରହନ୍ତି । ଗୁଣାତୀତ ପୁରୁଷ ସ୍ୱାଭାବିକଭାବେ ସ୍ଥିର ରହନ୍ତି । ସେ ନିଜେ ବିଚଳିତ ହୁଅନ୍ତି ନାହିଁ କିମ୍ବା କେହି ତାଙ୍କୁ ବିଚଳିତ କରି ପାରନ୍ତି ନାହିଁ । ମହାପୁରୁଷଙ୍କ ଦୃଷ୍ଟି କ୍ରିୟା ଆଡକୁ ନରହି ସ୍ୱତଃ ଗୋଟିଏ ଚିନ୍ମୟ ସତ୍ତା (ଅଛନ୍ତି) ଉପରେ ହିଁ ରହେ । ବିବେକ ପ୍ରଧାନ ସାଧକ ଅନୁଭବ କରେ ଯେ, କ୍ରିୟା ସ୍ୱାଭାବିକ ଭାବେ ହେଉଛି, 'ମୁଁ' କିଛି କରୁନାହିଁ । ମାତ୍ର ଯାହାର ତତ୍ତ୍ୱଜ୍ଞାନ

ହୋଇଯାଇଛି, ସେହିପରି ସିଦ୍ଧ ମହାପୁରୁଷ କେବଳ ସତ୍ତାର ଅନୁଭବ କରନ୍ତି । ସେହି ଚିନ୍ମୟ ସତ୍ତା ସମସ୍ତ କ୍ରିୟାରେ ଏକଭାବେ ପରିପୂର୍ଣ୍ଣ । ଜ୍ଞାନୀପୁରୁଷ ତଥା ତ୍ରିଗୁଣାତୀତ ପୁରୁଷଙ୍କ ପ୍ରକୃତ ପରିଚୟ ଜଙ୍ଗଲ ବା ଗୁମ୍ଫା କିମ୍ବା ଆଶ୍ରମରେ ଅଛନ୍ତି ବୋଲି ସେଥିରୁ ଜଣା ପଡିବନାହିଁ । ସଂସାରର ସମସ୍ତ ଭୋଗ, ଐଶ୍ୱର୍ଯ୍ୟ, କ୍ଷମତା ଆଦିର ବଳୟରେ ରହିଲେ ହିଁ ମନୁଷ୍ୟର ଅସଲ ସ୍ୱଭାବ ପରୀକ୍ଷିତ ହୁଏ । ସେହିପରି ମାନ-ଅପମାନ, ନିର୍ଯ୍ୟାତନା, ଦୁଃଖ ଆଦିରେ ପୀଡିତ ହେଲେ ହିଁ ବାସ୍ତବ ସ୍ୱରୂପ ପ୍ରକଟିତ ହୁଏ । ଯେପରି ପଥରରେ ଘସିଲେ ହିଁ ଚନ୍ଦନରୁ ସୁଗନ୍ଧ ମିଳେ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ କଥାନୁସାରେ ଉଦାସୀନ ଭାବ ଦୁଇ ପ୍ରକାର ହୋଇଥାଏ । ଯେବେ କୌଣସି କାର୍ଯ୍ୟ କରିବା ନିମିତ୍ତ କ୍ଷମତା ନଥାଏ, ତେବେ ମନୁଷ୍ୟ ଅସହାୟ ଅବସ୍ଥାରେ ଉଦାସୀନ ରହେ- ଏହା ଗୋଟିଏ ପ୍ରକାର ଉଦାସୀନ । ଅନ୍ୟଟି, ପୂର୍ଣ୍ଣ ତୃପ୍ତ ହୋଇଯିବାପରେ ଯେବେ କୌଣସି କାର୍ଯ୍ୟରେ ଜ୍ଞାନୀ ପୁରୁଷର ଲେଶମାତ୍ର ଇଚ୍ଛା ରହେନାହିଁ, ତେବେ ସେ ଉଦାସୀନ ହୋଇଯାଏ । ଶ୍ରୀ ପୁରୁଷୋତ୍ତମଜୀ କହିଛନ୍ତି କି, "ଭଗବାନଙ୍କ ଇଚ୍ଛାରେ ହିଁ ଗୁଣମାନଙ୍କ ପରସ୍ପର ବ୍ୟବହାର ଚାଲିଥାଏ"- ,ଏହା ବୁଝି ଗୁଣାତୀତ ପୁରୁଷ ତଟସ୍ଥ ରହେ । ଭକ୍ତିତତ୍ତ୍ୱ ଦୃଷ୍ଟିରୁ ବିଚାରକଲେ, ଭକ୍ତ ସବୁବେଳେ ନିଜକୁ ନିର୍ଗୁଣ ମାନିଥାଏ । ଭକ୍ତ ସର୍ବଦା ନିର୍ଗୁଣ ରହି ଭଗବାନଙ୍କୁ ସଗୁଣ ରୂପରେ ଦେଖେ । ଭଗବାନ ନିରାକାର, ନିର୍ଗୁଣ ସ୍ୱରୂପ ହେଲେମଧ୍ୟ ଭକ୍ତ ସର୍ବଥା ସାକାର ରୂପରେ ହିଁ ଉପାସନା କରିଥାଏ । ସର୍ବୋପରିଭାବେ ଭଗବତ କୃପାରେ ଯୋଗୀ, ଜିଜ୍ଞାସୁ କିମ୍ବା ଭକ୍ତର ଦୃଷ୍ଟିରେ ଦିବ୍ୟତା ଆସିଗଲେ, ଗୁଣାତୀତ ସ୍ଥିତି ସ୍ୱତଃ ଆସିଯାଇଥାଏ । ପୂର୍ଣ୍ଣତାରେ ଗୁଣ ନାମକ କୌଣସି ବସ୍ତୁ ହିଁ ନାହିଁ ।

ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।
ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତି ॥୨୪॥

*ଅନ୍ୱୟ : ସ୍ୱସ୍ଥଃ (ଯେ ନିରନ୍ତର ସ୍ୱ-ସ୍ୱରୂପରେ ଅର୍ଥାତ୍ ଆତ୍ମଭାବରେ ସ୍ଥିତ) ସମ-ଦୁଃଖ-ସୁଖଃ (ଯେ ଦୁଃଖ ଓ ସୁଖକୁ ସମାନ ବୋଲି ବୁଝେ) ସମ-ଲୋଷ୍ଟ-ଅଶ୍ମ-କାଞ୍ଚନଃ ( ଯେ ମାଟି, ପଥର ଓ ସୁବର୍ଣ୍ଣକୁ ସମାନ ବୋଲି ବିଚାର କରେ) ତୁଲ୍ୟ ପ୍ରିୟ-ଅପ୍ରିୟଃ ( ଭଲ-ମନ୍ଦ ଉଭୟକୁ ଯେ ସମଭାବରେ ଗ୍ରହଣ କରେ) ଧୀରଃ ( ଯେ ଧୀମାନ୍ ଅର୍ଥାତ୍ ସ୍ଥିର ବା ଧୈର୍ଯ୍ୟଶୀଳ ) ତୁଲ୍ୟ-ନିନ୍ଦା-ଆତ୍ମସଂସ୍ତୁତିଃ (ଯେ ନିଜର ନିନ୍ଦା କିମ୍ବା ପ୍ରଶଂସାରେ ପ୍ରତିକ୍ରିୟାଶୀଳ ହୁଏନାହିଁ ) [ସେ ହିଁ ଗୁଣାତୀତବୋଲି କଥିତ ହୁଅନ୍ତି।]*

**ଭାବାର୍ଥ**: ଯେ' ନିରନ୍ତର ସ୍ୱ-ସ୍ୱରୂପରେ ଅର୍ଥାତ୍ ଆତ୍ମଭାବରେ ଅବସ୍ଥାନ କରି ରୁହନ୍ତି, ଯେ' ଦୁଃଖ ଓ ସୁଖକୁ ସମାନ ବୋଲି ବୁଝନ୍ତି, ଯେ' ମାଟି, ପଥର ଓ ସୁବର୍ଣ୍ଣକୁ ସମାନ ବୋଲି ବିଚାର କରନ୍ତି, ଭଲ-ମନ୍ଦ ଉଭୟକୁ ଯେ' ସମଭାବରେ ଗ୍ରହଣ କରନ୍ତି, ଯେ ନିଜର ନିନ୍ଦା କିମ୍ବା ପ୍ରଶଂସାରେ ପ୍ରତିକ୍ରିୟାଶୀଳ ହୁଅନ୍ତିନାହିଁ, ସେହି ଧୀମାନ୍ ତଥା ଧୈର୍ଯ୍ୟଶୀଳ ପୁରୁଷଙ୍କୁ ଗୁଣାତୀତ କୁହାଯାଏ । ଭୂମିରେ ଦଣ୍ଡାୟମାନ ଗୋଟିଏ ସ୍ତମ୍ଭଏସ ପାଇଁ ରାତି ଯାହା ଦିନ ତାହା । ତ୍ରିଗୁଣାତୀତ ପୁରୁଷ ନିରନ୍ତର ନିଜ ସ୍ୱରୂପରେ ସ୍ଥିତ ଅର୍ଥାତ୍ ଆତ୍ମଭାବସ୍ଥ କାରଣରୁ ଶରୀର,ମନ, ଇନ୍ଦ୍ରିୟ ଜନିତ କୌଣସି ବିକାର ଦ୍ୱାରା ପ୍ରଭାବିତ ହୁଅନ୍ତିନାହିଁ । ବିଷୟ ଜଗତର ବହୁ ଉର୍ଦ୍ଧ୍ୱରେ ସେ ନିବାସକରନ୍ତି । ବସ୍ତ୍ରରେ ତୁଳା ଉପାଦାନ ଭିନ୍ନ ଅନ୍ୟ ଉପାଦାନ ନଥିଲାଭଳି, ଗୁଣାତୀତ ପୁରୁଷର ବିଚାରରେ ତିନିଲୋକରେ ପରମାତ୍ମା ସତ୍ତା ଭିନ୍ନ ଅନ୍ୟ କୌଣସି ଦ୍ୱିତୀୟ ବସ୍ତୁ ହିଁ ନାହିଁ । ସ୍ୱରୂପରେ ଆଦୌ ସୁଖ ଦୁଃଖ ନାହିଁ । ଆତ୍ମା ନିବାସୀ ଯୋଗୀଙ୍କ ନିମନ୍ତେ ଅନୁକୂଳ-ପ୍ରତିକୂଳ ସବୁ ସମାନ । ନିଜର ଶୁଦ୍ଧ

ସଚ୍ଚିଦାନନ୍ଦଘନ ସ୍ୱରୂପରେ ନିବାସକରି ସେ' ସମସ୍ତ ଦ୍ୱନ୍ଦରୁ ମୁକ୍ତହୋଇ ଶାନ୍ତି ଓ ସ୍ଥିର ରହିଥାନ୍ତି । ସୁଖ ଦୁଃଖର ଅନୁଭବତା ମନର କଳ୍ପନାରୁ ଜାତ ହୋଇଥାଏ । ମନ ବୁଦ୍ଧି ରୂପକ ରଙ୍ଗୀନ କାଚ ମାଧ୍ୟମରେ ସଂସାରକୁ ଦେଖି, ନିଜର ଦୈହିକ ଓ ମାନସିକ ଅବସ୍ଥାକୁ ଅନ୍ୟ ସହିତ ତଉଲିବା ହେଉଛି ସୁଖ ଓ ଦୁଃଖର ଅନୁଭବତା । ଯାହାର ଦେହାଭିମାନ ନାହିଁ, ଯେ' ନିରନ୍ତର ବ୍ରହ୍ମଚିନ୍ତନରେ ରହେ, ତାହା ପାଇଁ ସୁଖ ଦୁଃଖର ସ୍ଥାନ କେଉଁଠାରେ ? ତ୍ରିଗୁଣ ବନ୍ଧନମୁକ୍ତ ପୁରୁଷ, ଜଗତର ଅନାତ୍ମ ବସ୍ତୁ ସହିତ ଅବିଦ୍ୟା-ଜନିତ 'ମୁଁ-ମୋର' ସମ୍ବନ୍ଧ ସର୍ବଥା ତ୍ୟାଗକରେ । ତୃଷ୍ଣା ଓ ବିଷୟାସକ୍ତିରେ ଭରପୁର, ଦୁଃଖାଳୟ, ଆଶାଶ୍ୱତ ଏହି ବିସମତା ସଂସାର କ୍ଷେତ୍ରରୁ ନିଜକୁ ସ୍ୱତନ୍ତ୍ରକରି ସ୍ୱ-ସ୍ୱରୂପରେ ନିବାସ କରିବା ହିଁ ହେଉଛି ଜୀବନମୁକ୍ତ ସ୍ଥିତି । ଗୁଣାତୀତ ପୁରୁଷ ଦୃଷ୍ଟିରେ ଟେକା, ପଥର ଆଉ ସୁବର୍ଣ୍ଣ ମଧ୍ୟରେ କୌଣସି ଅନ୍ତର ନାହିଁ । ତାଙ୍କରି ପକ୍ଷେ ହୀରା-ନୀଳା ଯେତିକି, ସାମାନ୍ୟ ମାଟି ଟେକାଟେ ସେତିକି ମୂଲ୍ୟବାନ୍ । ଲୋଭ, ତୃଷ୍ଣାର ବଶୀଭୂତହୋଇ ସଂସାରୀ ଲୋକ ଅସଂଖ୍ୟ ବସ୍ତୁ ସଂଗ୍ରହ କରିବାକୁ ଚାହେଁ, କିନ୍ତୁ ଜ୍ଞାନୀଙ୍କପାଇଁ ଏହିସବୁ ଅନାକର୍ଷଣୀୟ । ତାଙ୍କ ଦୃଷ୍ଟିରେ ସକଳ ପଦାର୍ଥ ମୃଗତୃଷ୍ଣାର ଜଳପରି ମାୟିକ ହୋଇଥିବାରୁ କୌଣସି ବି ବସ୍ତୁରେ ତାଙ୍କର ଭେଦବୁଦ୍ଧି ହୁଏନାହିଁ । ଟେକା, ପଥର ଓ ସୁବର୍ଣ୍ଣ ସମ୍ବନ୍ଧରେ ଜ୍ଞାନ ନହେବା ସମତା ନୁହେଁ । ଏହି ସବୁର ଉପଯୋଗୀ ଜନିତ ମୂଲ୍ୟ ଜ୍ଞାନ ହେଉଥିଲେ ମଧ୍ୟ ଏଥିପ୍ରତି ରାଗ-ଦ୍ୱେଷ ନହେବା ହିଁ ବାସ୍ତବ ସମତା । ବିକାର ହିଁ ଦୋଷାବହ । ବ୍ୟବହାରିକ କ୍ଷେତ୍ରରେ ସରଳ ଜୀବନ ଅତିବାହିତ ଅବସରରେ ବ୍ୟବହୃତ ବିଷୟ ପଦାର୍ଥ କିମ୍ବା ସମ୍ପର୍କିତ ବ୍ୟକ୍ତି ବିଶେଷକୁ ନେଇ କୌଣସି ଭେଦଭାବ ନଥାଏ । ଗୁଣାତୀତ ପୁରୁଷ ପ୍ରିୟ, ଅପ୍ରିୟ - ଉଭୟ ବସ୍ତୁ ଓ ପରିସ୍ଥିତିକୁ ସମାନ ଦୃଷ୍ଟିରେ ଦେଖି ନିର୍ଲିପ୍ତ ରହି କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ପ୍ରିୟ-ଅପ୍ରିୟ, ଭଲ-ମନ୍ଦ ଏହିସବୁ ମନ ସ୍ତରର ପ୍ରତିକ୍ରିୟା କେବଳ । ସଂସାରରେ ଏପରି କୌଣସି ବସ୍ତୁ ନାହିଁ, ଯାହା ସବୁଦିନଲାଗି ପ୍ରିୟ ହୋଇରହିଥାଏ । ଦେଶ, କାଳ, ପରିସ୍ଥିତିକୁ ନେଇ ମନ ଓ ବୁଦ୍ଧିର ଗ୍ରହଣୀୟତା ଉପରେ ପ୍ରିୟ-ଅପ୍ରିୟ ବୋଧ ପରିବର୍ତ୍ତନଶୀଳ । ଉଦାସୀନ ପୁରୁଷର ଦୃଷ୍ଟିରେ ସମଗ୍ର ଦୃଶ୍ୟ ପ୍ରପଞ୍ଚ ସ୍ୱପ୍ନବତ୍ । ସ୍ୱପର ଦୁନିଆରୁ ଜାଗ୍ରତହୋଇ ଜ୍ଞାନୀ ପୁରୁଷ ନିଜର ନିନ୍ଦା ଓ ପ୍ରଶଂସାକୁ ମୂଲ୍ୟାୟନ କରି ନିଜକୁ ସଂଶୋଧିତ ହେବାରେ ଉପଯୋଗ କରନ୍ତି ନତୁବା ତାହା ଅକିଞ୍ଚନ ଓ ହାସ୍ୟାସ୍ପଦ ମନେକରି ଉପେକ୍ଷା କରନ୍ତି । ନିନ୍ଦା ବା ସ୍ତୁତି କାରଣରୁ ତାଙ୍କର ଶୋକ ବା ହର୍ଷ ହୁଏନାହିଁ । ନିନ୍ଦା କରୁଥିବା ଲୋକଙ୍କ ଉପରେ କ୍ରୋଧଜାତ ହୁଏନାହିଁ କି, ପ୍ରଶଂସା କରୁଥିବା ବ୍ୟକ୍ତି ଉପରେ ପ୍ରସନ୍ନ ହୁଅନ୍ତିନାହିଁ । ନିନ୍ଦା ଓ ପ୍ରଶଂସା -ଏହି ଦୁଇଟି ପରାକୃତ କ୍ରିୟା । ଯାହାର ଯେଉଁ ପ୍ରକାର ସ୍ୱଭାବ ବା ଗୁଣ ହୋଇଥାଏ, ସେ ସେହିପ୍ରକାରେ ଅନ୍ୟ ଉପରେ ତାହାର ଭାବ ପ୍ରକାଶ କରିଥାଏ । ବୁଦ୍ଧିମାନ ବ୍ୟକ୍ତି ଅନ୍ୟର ମନ୍ତବ୍ୟ ଦ୍ୱାରା ପ୍ରସନ୍ନ କିମ୍ବା ବିଷର୍ଣ୍ଣ ହେବା ମୂର୍ଖାମି ଛଡା କିଛିନୁହେଁ । ସାଧନ ଦୃଷ୍ଟିରେ ଦେଖିଲେ, ନିନ୍ଦା-ପ୍ରଶଂସା, ଭଲ-ମନ୍ଦ ଏହିସବୁ ଶରୀରଗତ ଧର୍ମ । ଏଥିରେ ଆତ୍ମାର କୌଣସି ସମ୍ବନ୍ଧ ନାହିଁ । ପ୍ରଶଂସା ଶୁଣିବା ଦ୍ୱାରା ଅଭିମାନ ବୃଦ୍ଧି ପାଇଥାଏ, ନିନ୍ଦା ଶୁଣିବା ଦ୍ୱାରା ଆତ୍ମା ନିରୀକ୍ଷଣର ଅବସର ମିଳିଥାଏ । ନିନ୍ଦା-ସମାଲୋଚନା ଦ୍ୱାରା ପାପ କ୍ଷୟ ହୁଏ ଏବଂ ଅନ୍ତଃକରଣ ଶୁଦ୍ଧହୁଏ । ଅନ୍ୟର ପ୍ରଶଂସାରେ ଅର୍ଜିତ ପୂଣ୍ୟର କ୍ଷୟ ଘଟିଥାଏ ।

ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତ ସ ଉଚ୍ୟତେ ॥୨୫॥

*ଅନ୍ୱୟ:[ଯଃ (ଯେ)] ମାନ-ଅପମାନୟୋଃ (ମାନ-ଅପମାନରେ) ତୁଲ୍ୟଃ (ସମ ବୁଦ୍ଧି ସମ୍ପନ୍ନ) ମିତ୍ର-ଅରି- ପକ୍ଷୟୋଃ (ମିତ୍ର ପକ୍ଷରେ ଓ ଶତ୍ରୁ ପକ୍ଷରେ ) ତୁଲ୍ୟଃ (ସମଜ୍ଞାନ ସମ୍ପନ୍ନ ଅର୍ଥାତ୍ ଅନୁଗ୍ରହ ନିଗ୍ରହ ଶୂନ୍ୟ) ସର୍ବ-ଆରମ୍ଭ ପରିତ୍ୟାଗୀ (ଶରୀର ଧାରଣ କର୍ମ ଅତିରିକ୍ତ ସମସ୍ତ କର୍ମାରମ୍ଭର ପରିତ୍ୟାଗୀ-କେବଳ କର୍ତ୍ତାପଣ ଓ ଅଭିମାନ ରହିତ ସେବା କର୍ମ ) ସଃ (ସେହି ପୁରୁଷ) ଗୁଣାତୀତଃ (ଗୁଣାତୀତ) ଉଚ୍ୟତେ (କୁହାଯାଏ ) ।*

**ଭାବାର୍ଥ:** ମାନ ଅପମାନରେ ଏବଂ ଶତ୍ରୁ ପକ୍ଷ ଓ ମିତ୍ର ପକ୍ଷରେ ଯାହାଙ୍କର ସମବୋଧ ହୋଇଥାଏ, ଦେହରକ୍ଷା ଅତିରିକ୍ତ କର୍ତ୍ତାପଣ ଓ ଫଳାକାଙ୍କ୍ଷା କରି କୌଣସି କର୍ମ ପ୍ରଚେଷ୍ଟା କରନ୍ତିନାହିଁ, ସେହିପରି ବ୍ୟକ୍ତି ଗୁଣାତୀତ ବୋଲି ଅଭିହିତ ହୁଅନ୍ତି । ସ୍ତୁତି ଓ ନିନ୍ଦା କାରଣରୁ ମାନ ଓ ଅପମାନ ହୁଏ । ମାନ ଦ୍ୱାରା ସ୍ତୁତି ଏବଂ ଅପମାନରେ ନିନ୍ଦାହୁଏ । ଯାହାର ନିନ୍ଦା ଓ ସ୍ତୁତିପ୍ରତି ଦୃଷ୍ଟି ନଥାଏ, ମାନ ଅପମାନକୁ ସେ' ସମାନ ଭାବରେ ଦେଖିବା ସ୍ୱାଭାବିକ । ନିନ୍ଦା ପ୍ରଶଂସା ପଶ୍ଚାତ ଭାଗରେ ବାଣୀଦ୍ୱାରା ହୋଇଥାଏ, ମାନ ଅପମାନ ବ୍ୟବହାର ଦ୍ୱାରା ସମ୍ମୁଖରେ ହୋଇଥାଏ । ସାଧକ ପକ୍ଷରେ ମାନ ଅପମାନ ଦୁଇଟିଯାକ ସମାନ । ଯେ' ଦେହକୁ ସବୁକିଛି ବୋଲି ସ୍ୱୀକାର କରିଥାଏ, ତା'ପାଇଁ ମାନ-ଅପମାନ ଶବ୍ଦ ଯଥାର୍ଥ । ସାଧକ ସମ୍ମାନ-ଅସମ୍ମାନ ଉଭୟ ପରିସ୍ଥିତିରେ ଚିତ୍ତ ସନ୍ତୁଳନ ରକ୍ଷା କରନ୍ତି । ମାନ ଅପମାନକୁ ବୁଦ୍ଧି ନିର୍ଣ୍ଣୟ କରେ ଏବଂ ବୁଦ୍ଧି ସ୍ଥାନ ଓ ସମୟ ବିଶେଷରେ ପରିବର୍ତ୍ତିତ ହୋଇଥାଏ । ଅହଂକାର ସ୍ତରରୁ ଊର୍ଦ୍ଧ୍ୱରେ ରହୁଥିବା ବ୍ୟକ୍ତିଙ୍କ ପାଇଁ କଣ୍ଟାର ମୁକୁଟ ଓ ଗୋଲାପର ମୁକୁଟ ସମାନ । ସାଧକ ନିଜର ସମ୍ମାନ ପ୍ରାପ୍ତିରେ ବିଷପାନ ସଦୃଶ ଉଦ୍‌ବିଗ୍ନ ହୋଇଉଠେ, କାରଣ ଏହା ଦେହ ଅଭିମାନ ପରିବର୍ଦ୍ଧକ ଏବଂ ସାଧନ ମାର୍ଗରେ ପ୍ରତିବନ୍ଧକ । ସାଧକ ମାନ-ସମ୍ମାନ ପ୍ରତି ମୋହିତ ହୋଇ କିମ୍ବା ଅପମାନ ପ୍ରାପ୍ତିରେ କ୍ରୋଧାନ୍ୱିତ ହୋଇ ନିଜର କ୍ଷତି କରିବା ଉଚିତ ନୁହେଁ । ଶାସ୍ତ୍ର, ପୁରାଣ ଆଦିରେ ଧ୍ରୁବଙ୍କ ଭଳି ଅନେକ ମହାତ୍ମା ଅପମାନ ଦ୍ୱାରା ତୀବ୍ର ସାଧନାରତ ହୋଇ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଉଦାହରଣ ରହିଅଛି । ଗୁଣାତୀତ ପୁରୁଷଙ୍କଠାରେ ନିଜ ପକ୍ଷରୁ କୌଣସି ପ୍ରାଣୀଙ୍କ ପ୍ରତି ଶତ୍ରୁ ବା ମିତ୍ରଭାବ ନଥାଏ । ତେଣୁ ତାଙ୍କରି ମିତ୍ର ବା ଶତ୍ରୁ କେହି ନଥାନ୍ତି ସତ, ତଥାପି ଲୋକେ ଆପଣା ଭାବନା ଅନୁସାରେ ତାଙ୍କଠାରେ ମିତ୍ରଭାବ ବା ଶତ୍ରୁଭାବ କଳ୍ପନା କରିନିଅନ୍ତି । ସକାମ କର୍ମର ପ୍ରଚେଷ୍ଟାର ନାମ ହେଉଛି 'ଆରମ୍ଭ' । ଲୋକ-ପରଲୋକରେ ଭୋଗ ଇଚ୍ଛା ରଖି ଶାସ୍ତ୍ରସମ୍ମତ କର୍ମ ସକାମ ଭାବରେ ହୋଇଥାଏ । ଯେବେ ଗୁଣାତୀତ ପୁରୁଷଙ୍କ ଲୋକ ପରଲୋକରେ କୌଣସି ବିଷୟ ଭୋଗପ୍ରତି ଆସକ୍ତି କିମ୍ବା ସମ୍ବନ୍ଧ ନଥାଏ, ନା ସେ ଲୌକିକ କର୍ମପାଇଁ ପ୍ରଚେଷ୍ଟା କରନ୍ତି ନା ଯଜ୍ଞଯାଗାଦି କର୍ମପାଇଁ ତତ୍ପର ହୋଇଉଠନ୍ତି । ଏହାର ଅର୍ଥ ନୁହେଁ ଯେ; ଗୁଣାତୀତ ପୁରୁଷ କ୍ରିୟାଶୂନ୍ୟ ହୋଇଯାନ୍ତି । 'ସର୍ବାରମ୍ଭ ପରିତ୍ୟାଗୀ'ର ଅର୍ଥ ହେଲା କର୍ତ୍ତାପଣ ରହିତ କ୍ରିୟା ଅର୍ଥାତ୍ କର୍ତ୍ତୃତ୍ୱ ବା ସ୍ୱାର୍ଥର ଅଭିମାନ ନରଖିବା । ଧନ ସମ୍ପତ୍ତି ସଂଗ୍ରହ ଓ ଭୋଗ ବିଳାସ ଉଦ୍ଦେଶ୍ୟରେ ସେ କୌଣସି ନୂତନ କର୍ମ ଆରମ୍ଭ କରନ୍ତିନାହିଁ । ତାଙ୍କରି ହୃଦୟରେ କର୍ମଫଳର ବାସନା ରହିନଥାଏ । ଜ୍ଞାନାଗ୍ନିରେ ତାଙ୍କରି କର୍ମଫଳ ଦଗ୍ଧ ହୋଇପଡିଥାଏ । ସ୍ୱତଃପ୍ରାପ୍ତ ପରିସ୍ଥିତି ଅନୁସାରେ ହିଁ ତାଙ୍କର ପ୍ରବୃତ୍ତି ଓ ନିବୃତ୍ତି ହୁଏ । ଯେ ପର୍ଯ୍ୟନ୍ତ ଅନ୍ତଃକରଣରେ ଲେଶମାତ୍ର

ବି ରାଗ-ଦ୍ୱେଷ, ବିଷମତା, ହର୍ଷ-ଶୋକ, ଅବିଦ୍ୟା-ଅଭିମାନ ରହିଥିବ, ସେ ପର୍ଯ୍ୟନ୍ତ ଜାଣିବା ଉଚିତ କି, ଗୁଣାତୀତ ଅବସ୍ଥା ହୋଇନାହିଁ । ରାଗ-ଦ୍ୱେଷ ବିକାର ଜଡରେ ନଥାଏ କି, ଚେତନରେ ନଥାଏ ଏବଂ ଏହା ଅନ୍ତଃକରଣର ଧର୍ମ ମଧ୍ୟ ନୁହେଁ । ଏହା କେବଳ ଦେହାଭିମାନରେ ରେ ହିଁ ଥାଏ । କେବଳ ଅଜ୍ଞାନ ଓ ଅବିବେକତା ହେତୁ ଦେହକୁ ସର୍ବସ୍ୱ ସ୍ୱୀକାର କରିନେବା ହେଉଛି 'ଦେହାଭିମାନ' । ଦ୍ୱିତୀୟ ଅଧ୍ୟାୟରେ ସ୍ଥିତପ୍ରଜ୍ଞ ପୁରୁଷ ଓ ଦ୍ୱାଦଶ ଅଧ୍ୟାୟରେ ଅନନ୍ୟ ଭକ୍ତର ଲକ୍ଷଣ ଗୁଡିକ ଯାହା ବର୍ଣ୍ଣନା କରାଯାଇଛି, ଏହିଠାରେ ଗୁଣାତୀତ ପୁରୁଷର ବର୍ଣ୍ଣିତ ଲକ୍ଷଣ ଗୁଡିକ ସହିତ ସାମଞ୍ଜସ୍ୟ ରହିଅଛି । ଏଥିରୁ ଏହା ନିଷ୍କର୍ଷ ବାହାରେ କି, ସିଦ୍ଧିପାଇଁ ବିଭିନ୍ନ ମାର୍ଗ ଆଶ୍ରୟ ହେଲେମଧ୍ୟ ସିଦ୍ଧାବସ୍ଥାକୁ ପ୍ରାପ୍ତ କରିନେଇଥିବା ପୁରୁଷମାନଙ୍କ ଲକ୍ଷଣ ଏକା ହୋଇଥାଏ । ଲୋକମାନ୍ୟ ଏହାମଧ୍ୟ ଉଲ୍ଲେଖ କରିଛନ୍ତି କି, ସିଦ୍ଧ କିମ୍ବା ଜୀବନମୁକ୍ତ ଅବସ୍ଥା ହେଉନା କାହିଁକି, କର୍ମ କୌଣସି ବି ସ୍ଥିତିରେ ସମ୍ପୂର୍ଣ୍ଣରୂପେ ତ୍ୟାଗ କରି ଦିଆଯାଇନପାରେ । ଏହି ପ୍ରକାରେ ସ୍ଥିତପ୍ରଜ୍ଞ, ଗୁଣାତୀତ, ଅନନ୍ୟଭକ୍ତ- ଏହି ସମସ୍ତ ଅବସ୍ଥା କର୍ମଯୋଗର ଚରମ ସିଦ୍ଧାବସ୍ଥା ଅଟେ । ଶ୍ରୀ ଶଙ୍କାରାଚାର୍ଯ୍ୟ ନିଜ ଭାଷ୍ୟରେ କହିଛନ୍ତି କି, ମୋକ୍ଷପ୍ରାପ୍ତ ନିମିତ୍ତ ଇଚ୍ଛା କରୁଥିବା ସାଧକମାନେ ଏହି ଲକ୍ଷଣକୁ ସାଧନ ରୂପେ ଗ୍ରହଣ କରିବାଉଚିତ। ଜ୍ଞାନର ନିଷ୍ଠା ଲାଭକଲେ ଉପରୋକ୍ତ ଗୁଣ ତାଙ୍କର ସ୍ୱାଭାବିକ ଲକ୍ଷଣ ହୋଇଯାଏ ।

ମାଂ ଚ ଯୋ ଅବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।
ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ॥୨୬॥

ଅନ୍ୱୟ : *ଚ (ଏବଂ) ଯଃ (ଯେଉଁ ପୁରୁଷ) ଅବ୍ୟଭିଚାରେଣ (ଐକାନ୍ତିକ ବା ଏକନିଷ୍ଠ ଭାବରେ) ମାମ୍ (ମୋତେ ଅର୍ଥାତ୍ ସର୍ବଭୂତସ୍ଥ ପରମାତ୍ମାଙ୍କୁ) ଭକ୍ତିଯୋଗେନ (ଭକ୍ତିଯୋଗ ଦ୍ୱାରା) ସେବତେ (ନିରନ୍ତର ଭଜନାକରେ ବା ନାରାୟଣ ସ୍ୱରୂପ ସକଳପ୍ରାଣୀଙ୍କ ସେବାରେ ରତହୁଏ) ସଃ (ସେ) ଏତାନ୍ ଗୁଣାନ୍ (ଏହି ଗୁଣସମୂହକୁ) ସମତିତ୍ୟ (ଭଲଭାବେ ଅତିକ୍ରମଣ କରି) ବ୍ରହ୍ମଭୂୟାୟ (ସଚ୍ଚିଦାନନ୍ଦଘନ ବ୍ରହ୍ମକୁ ପ୍ରାପ୍ତ ନିମନ୍ତେ ) କଳ୍ପତେ (ଯୋଗ୍ୟ ବା ସମର୍ଥ ହୋଇଯାଏ ) ।*

**ଭାବାର୍ଥ** : ଏହି ଶ୍ଳୋକରେ ଅବିଚଳ ଭକ୍ତିଯୋଗରେ ଭଗବାନ ନାରାୟଣଙ୍କ ନିରନ୍ତର ଭଜନ ଓ ସେବା ଜନିତ ଯଜ୍ଞକର୍ମକୁ ଗୁଣସମୂହର ଅତିକ୍ରମଣ ଏବଂ ମୋକ୍ଷର ଏକମାତ୍ର ଉପାୟ ବୋଲି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି । ଯେଉଁ ପୁରୁଷ ଅନନ୍ୟଭକ୍ତି ଯୋଗଦ୍ୱାରା ମୋତେ ଅର୍ଥାତ୍ ସର୍ବଭୂତସ୍ଥ ସଗୁଣ ପରମାତ୍ମାଙ୍କ ନିରନ୍ତର ଭଜନକରେ ଅଥବା ସେବାରତ ରହେ, ସେ ଏହି ଗୁଣ ସମୂହକୁ ଭଲରୂପେ ଅତିକ୍ରମଣ କରି ସଚ୍ଚିଦାନନ୍ଦଘନ ବ୍ରହ୍ମକୁ ପ୍ରାପ୍ତହେବା ନିମନ୍ତେ ଯୋଗ୍ୟ ବା ସମର୍ଥ ହୋଇଥାଆନ୍ତି । କେବଳ ଏକ ସର୍ବଶକ୍ତିମାନ ପରମେଶ୍ୱର ବାସୁଦେବ ଭଗବାନଙ୍କୁ ହିଁ ସ୍ୱାମୀ ମାନି, ସ୍ୱାର୍ଥ ଓ ଅଭିମାନଙ୍କୁ ତ୍ୟାଗକରି ଶ୍ରଦ୍ଧା ଓ ଭାବ ସହିତ ପରମ ପ୍ରେମରେ ଚିନ୍ତନ କରିବାକୁ 'ଅବ୍ୟଭିଚାରିଣୀ' ଭକ୍ତିଯୋଗବୋଲି କୁହାଯାଇଛି । ଅନନ୍ୟଭକ୍ତି ଅର୍ଥାତ୍ ଦ୍ୱୈତଭାବ ନରଖି ଯେ ମୋତେ ଭକ୍ତିକରେ ସେ ହେଉଛି ଅବ୍ୟଭିଚାରିଣୀ ଭକ୍ତ । ଭକ୍ତିଯୋଗ ପ୍ରସଙ୍ଗରେ ଅବ୍ୟଭିଚାରିଣୀ ଭକ୍ତିର ମହତ୍ତ୍ୱ ରହିଛି । ଭଗବଦ୍ ଚିନ୍ତା ଭିନ୍ନ ଭକ୍ତର ମନରେ ଅନ୍ୟ କୌଣସି ଚିନ୍ତା ନଥାଏ । ତା'ଠାରେ ଭଗବଦ୍ ଚିନ୍ତାର ଅବିଚ୍ଛେଦ୍ୟ ଧାରା ଦିବ୍ୟମାର୍ଗରେ ପ୍ରବାହିତ ହେଉଥାଏ । ସାଧକ ତାର ଚେତନାକୁ ଭୌତିକ ସ୍ତରରୁ ଦିବ୍ୟ ସ୍ତରକୁ ଅର୍ଥାତ୍ ପରମାତ୍ମା ସ୍ତରକୁ ପରିବର୍ତ୍ତନ କରିବାକୁ ପଡିଥାଏ । କାରଣ ସକଳ ପ୍ରାଣୀଙ୍କ ଭିତରେ ରହିଥିବା ପରମାତ୍ମା ସ୍ୱରୂପ ସମ୍ପୂର୍ଣ୍ଣରୂପେ ଦିବ୍ୟ, ଆନନ୍ଦମୟ,

ଜ୍ଞାନପୂର୍ଣ୍ଣ ଓ ସନାତନ ଅଟେ । ଯେବେ କ୍ଷଣମାତ୍ରର ଭଗବତ୍ ବିସ୍ମୃତି ବି ଅସହ୍ୟ ବୋଧହୁଏ, ସେହି ଅନନ୍ୟ ପ୍ରେମର ନାମ ଅବ୍ୟଭିଚାରିଣୀ 'ଭକ୍ତିଯୋଗ' । 'ମୁଁ ଈଶ୍ୱରଙ୍କଠାରୁ ଉତ୍ପନ୍ନ,- ସେହିଠାରୁ ଆସିଛି- ସେହିଠାକୁ ହିଁ ଯିବି -ସେ' ଓ 'ମୁଁ' ଏକ - ଏହି ଏକତ୍ୱ ଭାବ ହିଁ ଅନନ୍ୟ ଭକ୍ତି । ଜ୍ଞାନର ଉତ୍କର୍ଷ ଦ୍ୱାରା ହିଁ ଏହି ଭାବ ବା ଆତ୍ମସତ୍ତାକୁ ବୁଝିହୁଏ । ଯେ' ଭଗବାନଙ୍କ କୌଣସି ମୂର୍ତ୍ତିର ଆଶ୍ରୟନେଇ, କିମ୍ବା ଭଗବାନଙ୍କ କୌଣସି ନାମର ଆଶ୍ରୟନେଇ, କିମ୍ବା ଭଗବାନଙ୍କ ନିମିତ୍ତ କୌଣସି କର୍ମର ଆଶ୍ରୟନେଇ, ନତୁବା ମନ୍ତ୍ରରୂପରେ କୌଣସି ଶବ୍ଦର ଆଶ୍ରୟନେଇ, ସର୍ବଶେଷରେ କୌଣସି ଶବ୍ଦ ନକରି ମଧ୍ୟ ସବୁସ୍ଥାନରେ ସବୁ ସମୟରେ ସକଳ ଜୀବଙ୍କଠାରେ ପରମାତ୍ମା ପରମେଶ୍ୱରଙ୍କ ଉପସ୍ଥିତିକୁ ଅନୁଭବକରେ, ତାହାରି ବୃତ୍ତି ସର୍ବଥା ଅବ୍ୟଭିଚାରିଣୀ ହୋଇଥାଏ । ଏହି ଦୃଷ୍ଟିକୋଣ ହିଁ ଯୋଗର ସର୍ବସ୍ୱ ଓ ଅନ୍ତିମ ଲକ୍ଷ୍ୟ । ଯେ ସକଳ ପ୍ରାଣୀଙ୍କ ଅନ୍ତରରେ ବିରାଜିତ ନାରାୟଣ ସ୍ୱରୂପ ପରମାତ୍ମାଙ୍କ ସେବାରତ ରୁହନ୍ତି, ସେ ଆତ୍ମଜ୍ଞାନ ପ୍ରାପ୍ତହୋଇ ଗୁଣାତୀତ ଅବସ୍ଥାରେ ଉପନୀତ ହୁଅନ୍ତି । ଯାହାଙ୍କଠାରେ ଅସୀମ ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଓ ଔଦାର୍ଯ୍ୟ ଆଦି ଦିବ୍ୟଗୁଣ ନିତ୍ୟ ବିଦ୍ୟମାନ, ତାହାର ନାମ ସଗୁଣ । ସଗୁଣ ବ୍ରହ୍ମରେ ଉତ୍ପତ୍ତି, ସ୍ଥିତି, ପ୍ରଳୟ, ଅନୁଗ୍ରହ, ନିଗ୍ରହ ଏହି ସମସ୍ତ କାର୍ଯ୍ୟ କରିବାର କ୍ଷମତା ରହିଛି । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସଗୁଣ ସ୍ୱରୂପ । ଜଳ ଓ ରସ, ଆକାଶ ଓ ଅବକାଶ, ଗୁଡ ଓ ଏହାର ମଧୁରତା ଯେପରି ଭିନ୍ନ ନୁହନ୍ତି, ଏହି ଜଡ, ଚେତନ ସମସ୍ତ ଭୂତ ସମୂହ ପରମାତ୍ମାଙ୍କ ବିରାଟ ସ୍ୱରୂପ ଅଟେ । ତେଣୁ ଭଗବାନଙ୍କ ଦର୍ଶନ ବିଶ୍ୱ ବାହାରେ ନୁହେଁ । ଏହିବିଶ୍ୱ ଭିତରେ ହିଁ ସମ୍ଭବ । ସେ' ହିଁ ବିଶ୍ୱ ଆକାରରେ ରହିଛନ୍ତି । ଏହିଭାବରେ ଜାଣିବା ହେଉଛି ଅବିଛିନ୍ନ ଭକ୍ତି । ଭକ୍ତିଯୋଗେନ ପଦର ଅର୍ଥ ହେଲା; କେବଳ ଭଗବାନ ହିଁ ଭରସା, ଆଶା, ଆଶ୍ରୟ, ବଳ ବିଶ୍ୱାସ; ସେହି ଏକମାତ୍ର ଉପାସ୍ୟ; ତାଙ୍କରି ଶରାଣାପନ୍ନ ହିଁ ଏକମାତ୍ର ଆଶ୍ରୟସ୍ଥଳୀ - ଏହି ଭାବରେ ଭକ୍ତ ନିଜକୁ ଭଗବାନଙ୍କଠାରେ ଉତ୍ସର୍ଗିତ ହୋଇଯାଇଥାଏ । ଶରୀର ଆଦି ସମସ୍ତ ପଦାର୍ଥ ଭଗବାନଙ୍କର ହିଁ ବୁଝି ନିଷ୍କାମ ଭାବରେ ନିଜକୁ କେବଳ ନିମିତ୍ତ ମାତ୍ର ଜାଣି, ତାଙ୍କ ଆଜ୍ଞାନୁସାରେ; ତାଙ୍କରି ସେବା ରୂପରେ; ସକଳ କ୍ରିୟା ତାଙ୍କରି ଉଦ୍ଦେଶ୍ୟରେ କରିବା; ଭଗବାନଙ୍କୁ ନିରନ୍ତର ଭଜନ କରିବା । ଶ୍ରୀ ରାମାନୁଜାଚାର୍ଯ୍ୟ କହିଛନ୍ତି କି, "କେବଳ ପ୍ରକୃତି ଓ ଆତ୍ମାର ପୃଥକ ପୃଥକ ଜ୍ଞାନ ମାତ୍ରାରେ ଗୁଣର ଅତିକ୍ରମଣ ବା ମୁକ୍ତି ହୁଏନାହିଁ, ବରଂ ନିଗ୍ରହ ଓ ଅନୁଗ୍ରହର ସମର୍ଥ ସତ୍ୟ-ସଂକଳ୍ପ ଯୋ ପରମାତ୍ମା, ଯେ' କି ଆଶ୍ରିତ ଜୀବପ୍ରତି ବାତ୍ସଲ୍ୟର ସମୁଦ୍ର ଅଟନ୍ତି, ତାଙ୍କରି ଏକାନ୍ତ ଭକ୍ତିରେ ହିଁ ଏହି ଗୁଣମାନଙ୍କ ଅତିକ୍ରମଣ ଏବଂ ମୋକ୍ଷପ୍ରାପ୍ତି ସମ୍ଭବ" । ତେଣୁ ଯଦି କୌଣସି ବ୍ୟକ୍ତି ଅତି ନିଷ୍ଠା ଓ ଦୃଢତା ସହିତ ସକଳ ପ୍ରାଣୀଙ୍କ କଲ୍ୟାଣ ନିମିତ୍ତ ସେବାରତରହେ , ସେ' ଅତି ସହଜରେ ଭୂତ ପ୍ରକୃତିର ଏହି ତିନିଗୁଣକୁ ଅତିକ୍ରମଣ କରିପାରେ । ଭକ୍ତି ପ୍ରବଳ ହୋଇଉଠିଲେ ବିଶ୍ୱ ବ୍ରହ୍ମାଣ୍ଡ, ବ୍ୟକ୍ତି ଓ ବ୍ରହ୍ମ ଏକାକାର ହୋଇଉଠେ । ଗୁଣାତୀତ ବ୍ୟକ୍ତିର "ସୋ ଅହଂ" ବୃତ୍ତି ମଧ୍ୟ ଈଶ୍ୱରଙ୍କ ମହିମାର ପ୍ରକାଶକ । ପରମାତ୍ମା ପର୍ଯ୍ୟନ୍ତ ଏହି ବୃତ୍ତି ପ୍ରସାରିତ ହେବାଦ୍ୱାରା"ମୁଁ ବ୍ରହ୍ମ' ବ୍ୟତୀତ ମନରେ ଅନ୍ୟକୌଣସି ଭାବ ରହେନାହିଁ । ଭକ୍ତର ସମସ୍ତ ବିଚ୍ଛିନ୍ନତା ଲୋପ ପାଇଯାଏ, ଅବିଦ୍ୟା ଆପେ ଆପେ ଘୁଞ୍ଚିଯାଏ । ମନରୁ ଭେଦଭାବ ସମ୍ପୂର୍ଣ୍ଣ ଦୂରହୋଇଗଲେ ଭକ୍ତ ଆଉ ଭଗବାନ ଏକାକାର ହୋଇଯାଆନ୍ତି । ଗଙ୍ଗାରେ ପ୍ରବାହିତ ଜଳର ଲକ୍ଷ୍ୟସ୍ଥଳ ହେଉଛି ଏକମାତ୍ର ସମୁଦ୍ର । ସେହିପରି ଜୀବର ଅନ୍ତିମ ଲକ୍ଷ୍ୟ ହେଉଛି ବ୍ରହ୍ମତ୍ୱରେ ବିଲୟ

ଯାହା ସାଯୁଜ୍ୟ ମୁକ୍ତି ବା ମୋକ୍ଷନାମରେ ଅଭିହିତ । ଉପନିଷଦ ବାକ୍ୟହେଲା-"ବ୍ରହ୍ମୈବ ସନ୍ ବ୍ରହ୍ମାପ୍ୟେତି" ଅର୍ଥାତ୍ ବ୍ରହ୍ମହେଲେ ହିଁ ପରମବ୍ରହ୍ମ ସ୍ତର ପ୍ରାପ୍ତ ସମ୍ଭବ । ତେଣୁ ସାଧକକୁ ଗୁଣାତ୍ମକ ଭାବରେ ବ୍ରହ୍ମଙ୍କ ସହ ଏକାକାର ହେବାକୁ ପଡିବ । ଅନନ୍ୟଭକ୍ତିକୁ ଆଧାରକରି ଭଗବତ୍ ପରାୟଣହୋଇ ଭଗବାନଙ୍କ ପ୍ରତି ଅସୀମ ପ୍ରେମଭାବ ହେଲେ ବ୍ରହ୍ମପ୍ରାପ୍ତି ସ୍ୱତଃସିଦ୍ଧ । ଆନନ୍ଦତୀର୍ଥ ଲେଖିଛନ୍ତି କି, ଭକ୍ତିମାର୍ଗରେ ଭଗବାନଙ୍କୁ ସେବା କରିବା ସାଧକ ପ୍ରକୃତି ସମାନ ଭଗବାନଙ୍କ ପ୍ରିୟ ହୋଇଥାନ୍ତି । ଯେପରି ପ୍ରକୃତି ଭଗବାନଙ୍କ ଅତ୍ୟଧିକ ପ୍ରିୟ, ସେହିପ୍ରକାରେ ନାରାୟଣ ସ୍ୱରୂପ ସକଳପ୍ରାଣୀଙ୍କ ସେବାକରି ଭକ୍ତ ଭଗବାନଙ୍କ ପ୍ରିୟହୋଇ ନିର୍ଗୁଣ ହୋଇଯାଏ । ତା' ନିମନ୍ତେ ଆତ୍ମା କେବଳ ବ୍ରହ୍ମ ହୋଇନଥାଏ, ସମସ୍ତ ପ୍ରପଞ୍ଚ ବ୍ରହ୍ମମୟ ଅନୁଭବହୁଏ । ବ୍ରହ୍ମ ସହିତ ଏକାକାର ହୋଇଯିବାର ଯୋଗ୍ୟତା ତାରିଠାରେ ଆସିଯାଇଥାଏ । ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି-"ଭକ୍ତ୍ୟା ହମେକୟା ଗ୍ରାହ୍ୟଃ ଶ୍ରଦ୍ଧୟା ଆତ୍ମା ପ୍ରିୟଃ ସତାମ୍ ।" (ଭାଗବତ ୧୧-୧୪-୨୧) ଏହାର ଅର୍ଥହେଲା : "ମୁଁ ହେଉଛି ସନ୍ଥ ବା ସତ୍ ପୁରୁଷମାନଙ୍କ ପ୍ରିୟ ଏବଂ ସେମାନଙ୍କ ଆତ୍ମା । ସେମାନେ କେବଳ ଐକାନ୍ତିକ ଶ୍ରଦ୍ଧାଭକ୍ତି ଦ୍ୱାରା ମୋତେ ପାଇଯାଆନ୍ତି ।" ଜ୍ଞାନୀ ଜ୍ଞାନରେ ସିଦ୍ଧହୋଇ ସାତ୍ତ୍ୱିକତା ପରିତ୍ୟାଗକରି ଗୁଣାତୀତ ହୋଇଯାଏ । ମୋର ଭକ୍ତ ଆରମ୍ଭରୁ ଅନନ୍ୟ ପ୍ରେମରେ ସର୍ବସ୍ୱ ଅର୍ପଣ କରିଦେଇ ନିର୍ଗୁଣ ହୋଇଯାଇଥାଏ । ଐକାନ୍ତିକ ଭକ୍ତିଯୋଗ ଦ୍ୱାରା ମୋର ଏହି ଶ୍ୟାମସୁନ୍ଦର ରୂପର ସେବା କରି କରି ମୋରିଭକ୍ତ ଏହିଗୁଣ ସମୂହର ଆନୁସଙ୍ଗିକରୂପରେ ଅତି ସହଜରେ ପାରହୋଇଯାଇ ମୋର ସ୍ୱରୂପର ଅନୁଭବକରିବା ପାଇଁ ସମର୍ଥ ହୋଇଯାଏ ।

ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।
ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ॥୨୭॥

*ଅନ୍ୱୟ: ହି (ଯେହେତୁ) ଅହଂ (ମୁଁ ବାସୁଦେବ ) ବ୍ରହ୍ମଣଃ (ବ୍ରହ୍ମଙ୍କର ) ଅବ୍ୟୟସ୍ୟ – ଅମୃତସ୍ୟ (ନିତ୍ୟ ଅମୃତର ଅର୍ଥାତ୍ ଅମରତ୍ୱ ତଥା ମୋକ୍ଷର) ପ୍ରତିଷ୍ଠା (ସ୍ଥିତି ବା ଆଶ୍ରୟ ଅଟେ ) ଶାଶ୍ୱତସ୍ୟ ଧର୍ମସ୍ୟ ଚ (ସନାତନ ଧର୍ମର ମଧ୍ୟ ) ଚ (ଏବଂ) ଐକାନ୍ତିକସ୍ୟ-ସୁଖସ୍ୟ (ଅଖଣ୍ଡ ଏକରସ ଆନନ୍ଦର) [ପ୍ରତିଷ୍ଠା ବା ସ୍ୱରୂପ ଅଟେ ] ।*

**ଭାବାର୍ଥ**: ଏହି ଶ୍ଳୋକରେ ଅଧ୍ୟାୟକୁ ଉପସଂହାର କରି ଭଗବାନ ସଗୁଣ-ନିର୍ଗୁଣ ସ୍ୱରୂପକୁ ଆଧାରକରି ଭିନ୍ନ ଭିନ୍ନ ଉପାସନା ମାର୍ଗର ଫଳରେ ବିଷମତାର ଶଙ୍କା ନିରାକରଣ ନିମିତ୍ତ, ସବୁର ଏକତ୍ୱ ପ୍ରତିପାଦନ କରିଛନ୍ତି । ସେହି ଅବିନାଶୀ ପରମବ୍ରହ୍ମଙ୍କ ନିର୍ଗୁଣ, ସଗୁଣ-ସାକାର, ସଗୁଣ-ନିରାକାର ପରମାତ୍ମା ସ୍ୱରୂପ ହେଉଛନ୍ତି ଅମୃତ ଅବିନାଶୀ ବ୍ରହ୍ମ, ସନାତନ ଧର୍ମ ଓ ପାରମାର୍ଥିକ ଅଖଣ୍ଡସୁଖର ବାସସ୍ଥାନ । ଯେହେତୁ 'ମୁଁ' ନିତ୍ୟ ଅମୃତର ଅର୍ଥାତ୍ ଅମରତ୍ୱର, ପୁଣି ଚିରନ୍ତନ ଧର୍ମର ଏବଂ ଅକ୍ଷୟସୁଖର ଆଶ୍ରୟ ସ୍ଥଳ, ସେହିକାରଣରୁ ମୋର ଅନନ୍ୟ ଭକ୍ତଙ୍କର ମଭାବ ପ୍ରାପ୍ତି ନିଶ୍ଚିତ । ଏଠାରେ ବ୍ରହ୍ମପଦ ନିର୍ଗୁଣ-ନିରାକାର ପରମାତ୍ମାଙ୍କର ବାଚକ । ଏହି ନିର୍ଗୁଣ ଅବିନାଶୀ ପରମବ୍ରହ୍ମ ମୋ'ଠାରୁ ଅର୍ଥାତ୍ ସଗୁଣ ପରମେଶ୍ୱରଙ୍କଠାରୁ ଭିନ୍ନ ନୁହନ୍ତି । ଅମରତ୍ୱ, ସନାତନ ଧର୍ମ ଏବଂ ଆନନ୍ଦର ଅଖଣ୍ଡ ରସକୁ ନେଇ 'ବ୍ରହ୍ମନ୍' ଗଠିତ । ନିତ୍ୟ ଅଚଳ, ଅନାବୃତ୍ତ, ଧର୍ମରୂପ, ଅପାର, ଅସୀମ, ଅଦ୍ୱିତୀୟ ଆଦି ଜ୍ଞାନର ବିଲୟ ଘଟି ଜ୍ଞାନୀ ଯେଉଁ ଅପରିମେୟ ସ୍ୱରୂପରେ ଲୀନ ହୁଅନ୍ତି, ସେହି ବ୍ରହ୍ମତତ୍ତ୍ୱ ହେଉଛି 'ମୁଁ' । ସାଧକର ହୃଦୟରେ ଆତ୍ମାଭାବରେ ରହିଥିବା ଚୈତନ୍ୟ ସର୍ବତ୍ର ସମାନ

ରୂପରେ ବ୍ୟାପ୍ତ, ଅମୃତ, ଅବ୍ୟୟ, ନିତ୍ୟ, ଆନନ୍ଦସ୍ୱରୂପ- ତତ୍ତ୍ୱ ବ୍ରହ୍ମ । ତେଣୁ ଆତ୍ମା-ପରମାତ୍ମା ଦୁଇଟି ବସ୍ତୁ ନୁହନ୍ତି । ଏହି ଦୁଇଟି ଗୋଟିଏ ହିଁ ତତ୍ତ୍ୱ । 'ମୁଁ' (ଆତ୍ମା) ହେଉଛି ବ୍ରହ୍ମଙ୍କ ବାସସ୍ଥାନ । ଆତ୍ମାଙ୍କୁ ଚିହ୍ନିଲେ ହିଁ ବିଶ୍ୱାଧିଷ୍ଠାନ ଅନନ୍ତ ବ୍ରହ୍ମଙ୍କର ଅନୁଭୂତି ଲାଭହେବ । ଘଟ ଭାଙ୍ଗିଗଲେ ଘଟାକାଶ ହିଁ ସର୍ବଗତ ମହାକାଶ ସହିତ ଏକାକାର ହୋଇଯାଏ । ଉପାଧି ସହିତ ତାଦାତ୍ମ୍ୟ ତୁଟିଗଲେ ଅର୍ଥାତ୍ ଅହଂକାରର ମୃତ୍ୟୁ ହୋଇଗଲେ ଜୀବାତ୍ମା ପରମାତ୍ମାଙ୍କ ସହିତ ଲୀନ ହୋଇଯାଏ ।  ଭଗବାନ ଏବଂ ବ୍ରହ୍ମ ଉଭୟେ ତତ୍ତ୍ୱତଃ ଏକ । କେବଳ ଉପାସନା ଦୃଷ୍ଟିରୁ ଜ୍ଞାନୀ ନିମନ୍ତେ ସେ ବ୍ରହ୍ମ, ଭକ୍ତ ନିମନ୍ତେ ସେ ଭଗବାନ । ଅଧିକାରୀ ଭେଦରେ ଉପାସନା ନିମନ୍ତେ ଏକ ପରମବ୍ରହ୍ମ ପରମାତ୍ମାଙ୍କର ହିଁ ଭିନ୍ନ ଭିନ୍ନ ରୂପ କୁହାଯାଇଛି । ସେଥିମଧ୍ୟରୁ ଗୋଟିଏ ରୂପହେଲା; ପରମାତ୍ମା ସ୍ୱରୂପ ଯେକି, ମାୟାତୀତ, ଅଚିନ୍ତ୍ୟ, ମନ-ବୁଦ୍ଧିର ଅଗୋଚର, ବାଣୀର ଅବିଷୟ, ଯାହା ସତ୍ ନୁହେଁ କି ଅସତ୍ ନୁହେଁ, ଯିଏ ସର୍ବତ୍ର ପରିପୂର୍ଣ୍ଣ, ଅଦୃଶ୍ୟ, ନିର୍ବିକାର, ଅଚଳ, ଧ୍ରୁବ ଓ ଅକ୍ଷର । ଅନ୍ୟ ରୂପ ହେଲା; ସଗୁଣ ସ୍ୱରୂପ, ଯାହାର ସାକାର ଓ ନିରାକାର ଦୁଇଟି ରୂପ ରହିଛି  । ଯେଉଁ ସ୍ୱରୂପ ଦ୍ୱାରା ଏହି ସମସ୍ତ ଜଗତ ବ୍ୟାପ୍ତହୋଇଛି, ଯେ ସମସ୍ତଙ୍କର ଆଶ୍ରୟ, ଯେ ନିଜର ଅଚିନ୍ତ୍ୟ ଶକ୍ତି ଦ୍ୱାରା ସକଳ ଜୀବଙ୍କ ଧାରଣ ପୋଷଣ କରନ୍ତି, ଯେ' ଅଦୃଶ୍ୟ ହେଲେମଧ ତାଙ୍କରି  ସ୍ଥିତିକୁ ଅନୁଭବ କରିହୁଏ, ସେ ହେଉଛନ୍ତି ସଗୁଣ-ନିରାକାର ସ୍ୱରୂପ । ଶ୍ରୀ ଶିବ, ଶ୍ରୀ ବିଷ୍ଣୁ, ସୂର୍ଯ୍ୟ ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣ ତଥା ସମଗ୍ର ବିଶ୍ୱ ଐଶ୍ୱର୍ଯ୍ୟ - ଏହି ସମସ୍ତ ହେଲେ ଭଗବାନଙ୍କ  ସଗୁଣ ସାକାର ସ୍ୱରୂପ ।  ଭଗବାନ 'ମୁଁ' ବ୍ରହ୍ମର ପ୍ରତିଷ୍ଠା ବା ଆଶ୍ରୟ  କହି ନିଜ ନିର୍ଗୁଣ-ସଗୁଣ ସ୍ୱରୂପର ବ୍ରହ୍ମ ସହିତ ଅଭିନ୍ନତାକୁ ଦର୍ଶାଇଛନ୍ତି । ନିର୍ଗୁଣ ବ୍ରହ୍ମତ୍ୱର ପ୍ରାପ୍ତି ଅଦ୍ୱିତୀୟ ତଦେକାତ୍ମତାର ଅନୁଭବରେ ହିଁ ସମ୍ଭବ ହୁଏ । ଯେଉଁ ଅମୃତ ପ୍ରାପ୍ତ ହୋଇ ଜୀବ ଅମର ହୋଇଯାଏ , ଅର୍ଥାତ୍ ଜନ୍ମ-ମୃତ୍ୟୁ ରୂପକ  ସଂସାରରୁ ଚିରକାଳ ନିମନ୍ତେ ମୁକ୍ତିପାଇଥାଏ, ସେହି ଅମୃତ ମଧ 'ମୁଁ'  ଅଟେ । 'ମୁଁ' ହିଁ ଅବିନାଶୀ ଅମୃତର ଅଧିଷ୍ଠାନ । ତାତ୍ପର୍ଯ୍ୟ ଏହା କି, ଅବିନାଶୀ ଅମୃତ ଓ 'ମୁଁ' ଦୁଇଟି ତତ୍ତ୍ୱ ନୋହୁଁ, ବରଂ ଗୋଟିଏ ତତ୍ତ୍ୱ । 'ମୁଁ' ହିଁ  ଅବିନାଶୀ ଅମୃତର ଆଶ୍ରୟ । ବଦ୍ଧଜୀବ ଭୂତପ୍ରକୃତି (ମନ-ବୁଦ୍ଧି) ସହାୟତାରେ ଆତ୍ମଜ୍ଞାନ ଲାଭ କରିବାକୁ ଆରମ୍ଭକରେ । କ୍ରମେ ସେ' ଭୌତିକ ସ୍ଥିତିର  ସ୍ତରରୁ ଉନ୍ନତି କରି ପରମେଶ୍ୱରଙ୍କ 'ବ୍ରହ୍ମଧାରଣା' ସ୍ତରରେ ଉପନୀତ ହୁଏ । ତଦପଶ୍ଚାତ୍ ଭକ୍ତି ପରାୟଣହୋଇ ପରମପୁରୁଷ ଭଗବାନଙ୍କ ସାନ୍ନିଧ ଲାଭକରେ । ତେଣୁ ବ୍ରହ୍ମଧାରଣା ସ୍ତରରୁ ଭଗବାନଙ୍କ ସେବାରତହୋଇ ଅର୍ଥାତ୍ ଭକ୍ତିଯୋଗ ମାର୍ଗରେ ନିଜକୁ ନିଯୁକ୍ତକରି ନିତ୍ୟ ଅମରତ୍ୱ ପ୍ରାପ୍ତକରେ । 'ମୁଁ' ସନାତନ ଧର୍ମର ଆଧାର । ସନାତନ ଧର୍ମ ମୋର ସଗୁଣ-ସାକାର ସ୍ୱରୂପ । ଭଗବାନ ମଧ ଅବତାର ଗ୍ରହଣକରି ଏହି ସନାତନ ଧର୍ମର ରକ୍ଷା ଯୁଗେ ଯୁଗେ କରି ଆସିଛନ୍ତି  । ନିଜକୁ ସେହି ସତ୍ୟ ସନାତନ ଧର୍ମର ପ୍ରତିଷ୍ଠା ବୋଲିକହି, ଭଗବାନ ଦେଖାଇଛନ୍ତି କି, ଏହି ଧର୍ମ ଆଚରଣ କରୁଥିବା ସାଧକ କୌଣସି ଅନ୍ୟଫଳ ପ୍ରାପ୍ତ ନହୋଇ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି । ଗୁଣାତୀତ, ସ୍ଥିତପ୍ରଜ୍ଞ ଓ ଭଗବାନଙ୍କ ପ୍ରିୟ ଭକ୍ତ ହେବା ନିମନ୍ତେ 'ଧର୍ମ୍ୟାମୃତମ୍' ନାମରେ ଯେଉଁ ସବୁ ଲକ୍ଷଣ ଭଗବାନ ଆଗରୁ କହିଛନ୍ତି; ଏହି ସମସ୍ତ ଶାଶ୍ୱତ ଧର୍ମର ଆଚରଣ । ପରମାତ୍ମା ହେଉଛନ୍ତି ସର୍ବଶେଷ କାରଣ, ସେ ସ୍ୱୟଂ କେବେ ବି କାର୍ଯ୍ୟ ହୋଇ ନପାରନ୍ତି । ତେଣୁ ସତ୍ୟବାଦୀତା, କ୍ଷମାଶୀଳ, ଦୟାବାନ୍, ସହିଷ୍ଣୁତା, ଅନୁକମ୍ପା ଆଦି ସମସ୍ତ ସଦ୍-ଭାବ, ଶାଶ୍ୱତଧର୍ମର ଆଶ୍ରୟରୂପେ ଭକ୍ତର ହୃଦୟରେ

ଭଗବାନଙ୍କ କାର୍ଯ୍ୟରୂପ ହୋଇଥାଏ । ଶ୍ରୀ ରାମାନୁଜାଚାର୍ଯ୍ୟ ଶାଶ୍ୱତ ଧର୍ମର ଅର୍ଥ ଭଗବାନଙ୍କ ଐଶ୍ୱର୍ଯ୍ୟ ବୋଲି ଉଲ୍ଲେଖ କରିଛନ୍ତି । କାରଣ ଧର୍ମ ତ ସାଧନ ଅଟେ । ଏଠାରେ ସନାତନ ଧର୍ମକୁ ସାଧର ବିଷୟ ବୋଲି କୁହାଯାଇଛି, ଯାହା କାମ୍ୟକର୍ମ ସାଦୃଶ ଫଳପ୍ରଦାନ କରି କ୍ଷୀଣ ହୋଇନଥାଏ । ଭଗବାନଙ୍କଠାରେ ଅର୍ପିତ ନିତ୍ୟଧର୍ମର ଉପରାନ୍ତ ପରମଜ୍ଞାନ ପ୍ରାପ୍ତ ଇଚ୍ଛାର ପ୍ରାରମ୍ଭ ଘଟେ ଏବଂ ସେଥିରେ ଶାଶ୍ୱତଫଳ ରୂପକ ମୋକ୍ଷ ପ୍ରାପ୍ତିହୁଏ । ଲୋକମାନ୍ୟ ତିଳକଙ୍କ ମତାନୁସାରେ, ନିଜ ନିଜ ଅଧିକାରୀ ଅନୁସାରେ ଯେକୌଣସି ଯୋଗମାର୍ଗ ଅନୁସରଣକଲେ ମଧ୍ୟ, ଭଗବାନ ଗୀତାରେ କର୍ମଯୋଗର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଛନ୍ତି, କାରଣ ଅନ୍ତଃକରଣ ଶୁଦ୍ଧ ବିନା ଆତ୍ମସ୍ଥ ହେବା କଷ୍ଟସାଧ୍ୟ । ତେଣୁ ସନାତନଧର୍ମର ମୁଖ୍ୟ ବିଚାର ହେଲା କି, ଜ୍ଞାନପ୍ରାପ୍ତ ଉପରାନ୍ତ ସାଧକ ଲୋକ ସଂଗ୍ରହାର୍ଥ କର୍ମରେ ଅନାସକ୍ତଭାବେ ନିଯୁକ୍ତରହି ଜୀବନମୁକ୍ତ ସ୍ଥିତିକୁ ପ୍ରାପ୍ତ କରିନେବା । ସାଧନ ଏବଂ ଫଳଦଶାରେ ମଧ୍ୟ ନିତ୍ୟସ୍ଥିତ ଭକ୍ତି ନାମକ ପରମଧର୍ମର ଆଶ୍ରୟ 'ମୁଁ' । ଅତଏବ ସମସ୍ତ ମୋର ଅଧୀନ ହେବାର କାରଣରୁ କୈବଲ୍ୟ କାମନାରେ ଅନୁଷ୍ଠିତ ମୋର ଭଜନାରେ ବ୍ରହ୍ମରେ ଲୀୟମାନ ବ୍ରହ୍ମତ୍ତ୍ୱ ମଧ୍ୟ ପ୍ରାପ୍ତ ହୋଇଥାଏ । 'ଐକାନ୍ତିକସ୍ୟ ସୁଖସ୍ୟ' ଏହି ଦୁଇଟି ଶବ୍ଦ ଦ୍ୱାରା ନିତ୍ୟ ପରମାନନ୍ଦଙ୍କୁ ସୂଚିତ କରାଯାଇଛି । ନିଜକୁ ଏହାର ପ୍ରତିଷ୍ଠା ବୋଲିକହି ଭଗବାନ ବୁଝାଇଛନ୍ତି କି, "ସେହି ନିତ୍ୟ ପରମାନନ୍ଦ ମୋର ସ୍ୱରୂପ ଅଟେ" । ନିତ୍ୟ ପରମାନନ୍ଦ ପ୍ରାପ୍ତି ଯାହା, ମୋରି ପ୍ରାପ୍ତି ତାହା । ଏହି ଐକାନ୍ତିକ ସୁଖକୁ ଭଗବାନ ଆଗରୁ ଅକ୍ଷୟସୁଖ, ଆତ୍ୟନ୍ତିକ ସୁଖ ନାମରେ ଅଭିହିତ କରିଛନ୍ତି । ସେ ହେଉଛନ୍ତି ସେହି ନିର୍ବିଶେଷ ଅଖଣ୍ଡ ଆନନ୍ଦ ରସର ସ୍ରୋତ । ଏହି ଐକାନ୍ତିକ ସୁଖର ତାତ୍ପର୍ଯ୍ୟ ହେଲା; ଏହା ଏପରି ଏକ ସୁଖ ଯାହା ନାଶବାନ୍ ସାଂସାରିକ ସୁଖଠାରୁ ଭିନ୍ନ ଏବଂ ଯାହା ଅଖଣ୍ଡ ଏବଂ ଦିବ୍ୟ ଅଟେ । ଏହି ଆନନ୍ଦ, ବିନା ପରାଧୀନତାରେ ଅର୍ଥାତ୍ ନିଜ ସ୍ୱତନ୍ତ୍ରତାରେ, ସବୁ ସମୟରେ, ସବୁ ସ୍ଥାନରେ ଏବଂ ସବୁ ବସ୍ତୁରେ କେବଳ ସର୍ବଶକ୍ତିମାନ, ସର୍ବାଧାର ଓ ସର୍ବଜୀବ ଅନ୍ତରବାସୀ ପରମାତ୍ମାଙ୍କ ଭଜନାରେ ହିଁ ପ୍ରାପ୍ତ ସମ୍ଭବ । ତୈତ୍ତିରୀୟ ଉପନିଷଦରେ (୨-୭-୧) କୁହାଯାଇଛି କି, "ରସୋ ବୈ ସଃ ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀ ଭବତୀ"-ଏହାର ଅର୍ଥ ହେଲା; ଯେତେବେଳେ ସାଧକ ଆନନ୍ଦ ସରୋବର ପରମପୁରୁଷ ଭଗବାନଙ୍କୁ ଉତ୍ତମରୂପେ ବୁଝିଯାଏ, ସେତେବେଳେ ବାସ୍ତବରେ ସେ' ଦିବ୍ୟାନନ୍ଦ ଲାଭକରେ । ଭକ୍ତ ଯେତେବେଳେ ଭଗବାନଙ୍କ ସାନ୍ନିଧ୍ୟକୁ ପ୍ରାପ୍ତ ହୁଏ, ସେତେବେଳେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅମରତ୍ୱ, ଦିବ୍ୟାନନ୍ଦ ଆଦି ଷଡ ଐଶ୍ୱର୍ଯ୍ୟର ଆଦାନ ପ୍ରଦାନ ହୋଇଥାଏ । ଏହି ଅନନ୍ତ ବ୍ରହ୍ମ ହେଉଛନ୍ତି ଅମୃତ ଓ ଅବ୍ୟୟ, ନିତ୍ୟ ଓ ଆନନ୍ଦ ସ୍ୱରୂପ । ଶ୍ରୀ ଶଙ୍କାରାଚାର୍ଯ୍ୟ ଏହି ଶ୍ଳୋକର ଦର୍ଶନତତ୍ତ୍ୱକୁ ଅତ୍ୟନ୍ତ ଯୁକ୍ତିଯୁକ୍ତ ସହ ତିନି ପ୍ରକାରେ ପ୍ରତିପାଦନ କରିଛନ୍ତି । ପ୍ରଥମଟି ହେଲା; "ବ୍ରହ୍ମ ହେଉଛନ୍ତି ଅବ୍ୟୟ, ଅମୃତ, ସନାତନ ଧର୍ମସ୍ଥିତ ପରମାତ୍ମା ଯେ'କି ସକଳ ଜୀବର ଅନ୍ତଃକରଣରେ 'ଜ୍ଞେୟ' ରୂପରେ ବାସ କରନ୍ତି" । ଦ୍ୱିତୀୟ ହେଲା: "ଈଶ୍ୱର ରୂପେ ବ୍ରହ୍ମଙ୍କଠାରେ ନିହିତ ଯେଉଁ ଶକ୍ତିଦ୍ୱାରା ସେ' ତାଙ୍କରି ଉପାସକଙ୍କୁ (ଭକ୍ତଙ୍କୁ) କରୁଣା କରନ୍ତି, ସେହି ଶକ୍ତି ହେଉଛି 'ମୁଁ'। ଅତଏବ, 'ମୁଁ ହେଉଛି ବ୍ରହ୍ମ "। ଏହାର ଅଭିପ୍ରାୟହେଲାକି, ନିର୍ଗୁଣ ବ୍ରହ୍ମ ହିଁ ମାୟାଶକ୍ତି ଦ୍ୱାରା ଈଶ୍ୱର ରୂପେ ଭକ୍ତଙ୍କୁ ଅନୁଗ୍ରହ କରନ୍ତି । ତୃତୀୟ ବ୍ୟାଖ୍ୟାଟି ହେଲା; "ନିରୁପାଧିକ ଚୈତନ୍ୟ ବ୍ରହ୍ମ ହେଉଛନ୍ତି ପ୍ରକୃତି ଓ ସୋପାଧିକ ବ୍ରହ୍ମର ଆଶ୍ରୟ ଏବଂ ଏହି ଉଭୟଙ୍କ ପ୍ରକାଶକ । ତେଣୁ ବସ୍ତୁତଃ 'ମୁଁ ହେଉଛି

ନିର୍ବିକଳ୍ପ, ଅମୃତ, ଅବ୍ୟୟ, ଅନିର୍ବିଚନୀୟ, ଆନନ୍ଦସ୍ୱରୂପ ବ୍ରହ୍ମ । " ଭଗବାନ ଶ୍ରୀକୃଷ୍ଣ କହିବାନୁସାରେ ସାଧନ ସମ୍ପନ୍ନ ଉତ୍ତମ ଅଧିକାରୀ ମୋରି ସ୍ୱରୂପ ପ୍ରାପ୍ତ ହୁଅନ୍ତି। ମୁଁ ହେଉଛି ବ୍ରହ୍ମ-ତେଣୁ ଏହି ସାଧକ ବ୍ରହ୍ମ ହୋଇଯାଆନ୍ତି ।

ଓଁ ତତ୍ସଦିତି ଶ୍ରୀମଭଗବଦ୍ ଗୀତାସୁପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଗୁଣତ୍ରୟ ବିଭାଗଯୋଗ ନାମ ଚତୁର୍ଦଶୋଽଧ୍ୟାୟଃ ॥୧୪॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ ଗୁଣତ୍ରୟ ବିଭାଗଯୋଗ ନାମକ ଚତୁର୍ଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୪॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

## ॥ ଶ୍ରୀ ପରମାତ୍ମନେ ନମଃ ॥

## ଅଥ ପଞ୍ଚଦଶୋଧ୍ୟାୟଃ (ପଞ୍ଚଦଶ ଅଧ୍ୟାୟ )

## (ପୁରୁଷୋତ୍ତମ ଯୋଗ )

ଶ୍ରୀ ଭଗବାନ ଉବାଚ

ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ॥୧॥

*ଅନ୍ୱୟ : ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ଊର୍ଦ୍ଧ୍ୱମୂଳମ୍ (ଊର୍ଦ୍ଧ୍ୱଆଡକୁ ଯାହାର ମୂଳ ଅର୍ଥାତ୍ ସର୍ବୋଚ୍ଚ ସ୍ତରରେ ରହିଥିବା- କ୍ଷର-ଅକ୍ଷରରୁ ଶ୍ରେଷ୍ଠ ଆଦିପୁରୁଷ -ପରମେଶ୍ୱର-ପୁରୁଷୋତ୍ତମ ଯାହାର ମୂଳ) ଅଧଃଶାଖମ୍ (ନିମ୍ନମୁଖୀ ବ୍ରହ୍ମାରୂପୀ ଯାହାର ମୁଖ୍ୟଶାଖା) [ସେହି] ଅଶ୍ୱତ୍ଥଂ (ଅଶ୍ୱତ୍ଥ ବୃକ୍ଷ-ଆଗାମିକାଲି ରହିବାର ଯାହାର ନିଶ୍ଚିତତା ନଥାଏ) ଅବ୍ୟୟମ୍ ( ଅବିନାଶୀ ଅର୍ଥାତ୍ ପ୍ରବାହରୁପେ ନିତ୍ୟ ବୋଲି) ପ୍ରାହୁଃ (ଜ୍ଞାନୀଜନ କହନ୍ତି ) ଛନ୍ଦାଂସି (କର୍ମର ପ୍ରତିପାଦନ କରୁଥିବା ବାକ୍ୟ ସମୂହ ଅର୍ଥାତ୍ ବ୍ରହ୍ମାଙ୍କଠାରୁ ପ୍ରକଟ ବେଦ ସମୂହ) ଯସ୍ୟ ପର୍ଣ୍ଣାନି (ଯାହାର ପତ୍ର ସମୂହ ) ତମ୍ (ସେହି ସଂସାର ରୂପକ ବୃକ୍ଷକୁ ) ଯଃ (ଯେ) ବେଦ (ତତ୍ତ୍ୱତଃ ଜାଣେ ) ସଃ (ସେ) ବେଦବିତ୍ ( ବେଦଜ୍ଞ ଅର୍ଥାତ୍ ସମସ୍ତ ବେଦର ଜ୍ଞାତା) ।*

**ଭାବାର୍ଥ**: ଏହି ଅଧ୍ୟାୟରେ ଭଗବାନ ବ୍ରହ୍ମ ବା ପରମାତ୍ମାଙ୍କ ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ତଥା ଜୀବକୁ ନେଇ ପରମାତ୍ମାଙ୍କ ସହିତ ସଂଯୁକ୍ତ କରିଦେବାର ମାର୍ଗ ସମ୍ବନ୍ଧରେ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଅଧ୍ୟାୟର ଏହି ପ୍ରଥମ ଶ୍ଳୋକରେ ଅନିତ୍ୟ ସଂସାରର ନିତ୍ୟ ପରମାତ୍ମାଙ୍କ ଯେଉଁ ସମ୍ବନ୍ଧ, ତାହା ବର୍ଣ୍ଣନା କରାଯାଇଛି । ଭଗବାନ କହିଲେ; ଶ୍ରୁତି ସମୂହ କହିଥାନ୍ତି କି, ସଂସାର ହେଉଛି ଏକ ଅଶ୍ୱତ୍ଥ ବୃକ୍ଷ ସାଦୃଶ୍ୟ । କ୍ଷର-ଅକ୍ଷରରୁ ମଧ୍ୟ ଶ୍ରେଷ୍ଠ, ନିତ୍ୟଧାମ ନିବାସୀ ପୁରୁଷୋତ୍ତମ ହେଉଛନ୍ତି ଯାହାର ଊର୍ଦ୍ଧ୍ୱରେ ରହିଥିବା ମୂଳ । ଆଦିପୁରୁଷ-ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇ ନିତ୍ୟଧାମଠାରୁ ନିମ୍ନରେ ରହିଥିବା ହିରଣ୍ୟଗର୍ଭ ବ୍ରହ୍ମା ହେଉଛନ୍ତି ଏହିବୃକ୍ଷରେ ପ୍ରଧାନ ଶାଖା । ଏହି ବୃକ୍ଷର ଅବିନାଶୀ ପରମପିତା ଭଗବାନ ମୂଳ ହୋଇଥିବା କାରଣରୁ ଏବଂ ଏହାର ଶାଖା-ପ୍ରଶାଖା ପତ୍ର, ପୁଷ୍ପ, ଫଳ ପ୍ରଭୃତି ପ୍ରବାହରୂପେ ଅବିଚ୍ଛିନ୍ନ କାରଣରୁ ଏହି ସଂସାର ବୃକ୍ଷ ହେଉଛି ଅବିନାଶୀ । କର୍ମ ପ୍ରତିପାଦନ କରୁଥିବା ବାକ୍ୟସମୂହ ଅର୍ଥାତ୍ ବ୍ରହ୍ମାଙ୍କ ମୁଖରୁ ପ୍ରକଟ ହୋଇଥିବା ବେଦସମସ୍ତ ହେଉଛନ୍ତି ଏହି ବୃକ୍ଷର ପତ୍ର ସମୂହ । ଉପରୋକ୍ତ ମର୍ମରେ ଯେ ସଂସାରରୂପୀ ବୃକ୍ଷର ତତ୍ତ୍ୱକୁ ଉତ୍ତମରୂପେ ବୁଝିଥାନ୍ତି, ସେ ହିଁ ବେଦଜ୍ଞ ତଥା ସମସ୍ତ ବେଦର ଜ୍ଞାତା । ଅର୍ଜୁନଙ୍କ ମନରେ ଅନାସକ୍ତି ବା ବୈରାଗ୍ୟ ଉତ୍ପନ୍ନ କରାଇବା ନିମନ୍ତେ ଏଠାରେ ସଂସାର ତଥା ସାଂସାରିକ ଜୀବନକୁ ଏକ ଅଶ୍ୱତ୍ଥ ବୃକ୍ଷ ସହିତ ତୁଳନା କରାଯାଇଛି । ଏହାର କାରଣ ହେଉଛି, ବୃକ୍ଷକୁ ଉତ୍ପାଟନ କରି ଫୋପାଡି ଦେଲାଭଳି ସଂସାରକୁ ମଧ୍ୟ ମନ ଓ ବୁଦ୍ଧିରୁ ଅସଙ୍ଗ ଶସ୍ତ୍ର ଦ୍ୱାରା ଛେଦନ କରିବା ସମ୍ଭବ । "ଊର୍ଦ୍ଧ୍ୱମୂଳୋବାକ୍ ଶାଖା ଏଷୋ ଅଶ୍ୱତ୍ଥ

ସନାତନଃ"- କଠ ଉପନିଷଦ (୨-୩-୧); 'ଉର୍ଦ୍ଧ୍ୱମୂଳ' ଶବ୍ଦର ଅର୍ଥ ଯାହାର ମୂଳ ସର୍ବୋଚ୍ଚ ଶୀର୍ଷ ହୋଇଥାଏ ଅର୍ଥାତ୍ ଆଦିପୁରୁଷ ନାରାୟଣ ଭଗବାନ ହିଁ ନିତ୍ୟ, ଅନନ୍ତ ଓ ସମସ୍ତଙ୍କ ଆଧାର ଏବଂ ସଗୁଣ ରୂପରେ ସେ ସମସ୍ତଙ୍କ ଉର୍ଦ୍ଧ୍ୱରେ ନିତ୍ୟଧାମରେ ନିବାସ କରନ୍ତି । ଏହି ସଂସାର ବୃକ୍ଷ ସେହି ମାୟାପତି ସର୍ବଶକ୍ତିମାନ ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇଛି । ତେଣୁ ଏହାକୁ ଉର୍ଦ୍ଧ୍ୱମୂଳ ବିଶିଷ୍ଟ ବୋଲି କୁହାଯାଇଛି । ନିତ୍ୟ ମହାନ୍, ସକଳ ବସ୍ତୁର ପରମ ସ୍ୱରୂପ, ସବୁର ମୂଳାଧାର, ଶୀର୍ଷତମ ଲୋକବାସୀ, ସକଳଠାରୁ ବିଲକ୍ଷଣ ସେହି ଅନନ୍ୟ ପୁରୁଷ ହିଁ ଏହି ସଂସାର ବୃକ୍ଷର ମୂଳ । ଯେଉଁ ସଂସାର ବୃକ୍ଷ ପରମାତ୍ମାଙ୍କଠାରୁ ଅଙ୍କୁରିତ ହୋଇ ବ୍ୟକ୍ତ ହେଲାଭଳି ପ୍ରତୀତ ହେଉଅଛି, ତାହାକୁ ପରମାତ୍ମାଙ୍କ ଧ୍ୟାନଦ୍ୱାରା ଉତ୍ପାଟନ ସମ୍ଭବ । ସେହି ଆଦିପୁରୁଷ ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇଥିବା କାରଣରୁ ତଥା ନିତ୍ୟଧାମ ଠାରୁ ନିମ୍ନରେ ଥିବା ବ୍ରହ୍ମଲୋକରେ ବାସ କରୁଥିବା କାରଣରୁ ହିରଣ୍ୟଗର୍ଭ ବ୍ରହ୍ମାଙ୍କୁ ପରମାତ୍ମାଙ୍କ ଅପେକ୍ଷା ଅଧଃ କୁହାଯାଇଛି । ବ୍ରହ୍ମାଙ୍କ ଦ୍ୱାରା ଏହି ସଂସାରର ସୃଷ୍ଟି ଓ ବିସ୍ତାର ହେତୁ, ଏହି ସଂସାର ବୃକ୍ଷକୁ ତଳଦିଗକୁ ଶାଖା ବିସ୍ତାର କରିଥିବା ବୃକ୍ଷ ବୋଲି କୁହାଯାଇଛି । ହିରଣ୍ୟଗର୍ଭ, ଜୀବାତ୍ମା ସମୂହ, ମହାଜାଗତିକ ବୁଦ୍ଧି, ଅହଂକାର, ମୂଳଭୂତ ଉପାଦାନ ଇତ୍ୟାଦି ହେଉଛନ୍ତି ସଂସାର ବୃକ୍ଷର ଶାଖା । ପଦାର୍ଥ ଜଗତ, ଉଦ୍ଭିଦ ଜଗତ, ଇତର ପ୍ରାଣୀ ସମେତ ମନୁଷ୍ୟଜଗତ-ପ୍ରତ୍ୟେକ ଏହି ସଂସାର ବୃକ୍ଷର ଗୋଟିଏ ଗୋଟିଏ ଶାଖା। ସେହିସବୁ ଶାଖା ନିମ୍ନମୁଖୀହୋଇ ବିସ୍ତାରିତ ହୁଅନ୍ତି । ସେହିସବୁ ସୂକ୍ଷ୍ମରୁ ସ୍ଥୂଳ, ସ୍ଥୂଳରୁ ସ୍ଥୂଳତର ହୋଇ ବିକଶିତ ହୁଅନ୍ତି । ଏହି ବୃକ୍ଷର ମୂଳ କାରଣ ପରମାତ୍ମା ଅବିନାଶୀ ତଥା ଅନାଦି କାଳରୁ ଯାହା ରହି ଆସିଛନ୍ତି । ସେଥିପାଇଁ ଏହାକୁ 'ଅବ୍ୟୟ' ବୋଲି ଭଗବାନ କହିଛନ୍ତି । ଅନ୍ୟ ଏକ ଅର୍ଥରେ 'ଅବ୍ୟୟ'ପଦ ଦ୍ୱାରା ଏହା ସୂଚିତ କରାଯାଇଛି କି, ଏହି ସଂସାର ରୂପକ ବୃକ୍ଷ ଜନ୍ମ-ମୃତ୍ୟୁର ଏକ ଅଖଣ୍ଡ ଅନୁକ୍ରମ ଉପରେ ଆଧାରିତ ଏବଂ ସେହିସେହି ଅନୁକ୍ରମର ଆଦି ନାହିଁ କି ଅନ୍ତ ନାହିଁ । ଏହା ପ୍ରବାହ ରୂପରେ ନିତ୍ୟ-ଅବିଚ୍ଛିନ୍ନ । ପ୍ରବାହ ରୂପରେ କ୍ଷୟଶୂନ୍ୟ ଏବଂ ତୀବ୍ର ପ୍ରଖର ହେତୁ ଏହା ଚିରନ୍ତନ ବା ସ୍ଥିର ଭଳି ପ୍ରତୀତ ହୁଏ । ଏହି ବୃକ୍ଷକୁ ଅଶ୍ୱତ୍ଥ ନାମରେ ଦର୍ଶାଇବାର ତାତ୍ପର୍ଯ୍ୟ ହେଲା କି, ପ୍ରବାହରୁପରେ ଅବିଚ୍ଛିନ୍ନ ହେଲେମଧ୍ୟ, ଏହାର ଶାଖା ସମୂହ ପ୍ରତିକ୍ଷଣ ପରିବର୍ତ୍ତନଶୀଳ, ନିତ୍ୟକ୍ଷୟଶୀଳ ଏବଂ ମରଣଶୀଳ । 'ଅଶ୍ୱତ୍ଥ' ପଦର ବିଶ୍ଳେଷଣ ହେଲା; ଅ+ଶ୍ୱ+ତ୍ଥ : ଯାହାର ଅର୍ଥ ; "ପରଦିନ ସକାଳେ ଯେ' ଏକରୂପରେ ନଥାଏ" । ଏହି ବିଚାରରେ ଏସଂସାରର ଆଗାମୀ କାଲି ପର୍ଯ୍ୟନ୍ତ କ'ଣ ବା କିଏ ତିଷ୍ଠି ରହିଥିବା ତା'ର କିଛି ନିଶ୍ଚିତତା ନାହିଁ । ଏହା ବିଶ୍ୱାସର ଅଯୋଗ୍ୟ । କ୍ଷଣ କ୍ଷଣକେ ଏହା ପରିବର୍ତ୍ତନଶୀଳ । ସୁତରାଂ ଅଶ୍ୱତ୍ଥ ନାମ ଅତ୍ୟନ୍ତ ଉପଯୁକ୍ତ । ଏହି ମର୍ମରେ ସ୍ୱାମୀ ଶିବାନନ୍ଦ ମହାରାଜ କହିଛନ୍ତି କି, "ଏହି ଶରୀର ମଧ୍ୟ ଗୋଟିଏ ଅଶ୍ୱତ୍ଥ ବୃକ୍ଷ । ଚୈତନ୍ୟର ବାସ ସ୍ଥଳୀ ମସ୍ତିସ୍କ ହେଉଛି ଏହି ବୃକ୍ଷର ମୂଳ। ମସ୍ତିସ୍କର ଭାଗକୁ ରହିଥିବା ମେରୁଦଣ୍ଡ ହେଉଛି ପ୍ରଧାନ ଶାଖା; ସୁଶମ୍ନା ନାଡି ସମେତ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଯାଇଥିବା ସ୍ନାୟୁ ସମୂହ ହେଉଛି ଶାଖା ପ୍ରଶାଖା" । ପତ୍ରମାନେ ବୃକ୍ଷର ଶାଖାରୁ ଉତ୍ପନ୍ନ ହୁଅନ୍ତି ଏବଂ ବୃକ୍ଷର ରକ୍ଷା ତଥା ବୃଦ୍ଧି କରନ୍ତି । ସେହିଭଳି ବେଦ ସମୂହ ମଧ୍ୟ ଏହି ସଂସାର ରୂପକ ବୃକ୍ଷର ପତ୍ର ସମାନ ବ୍ରହ୍ମାଙ୍କଠାରୁ ପ୍ରକଟହୁଅନ୍ତି । ବେଦ ବିଦିତ ଯଜ୍ଞାଦି କର୍ମ ଦ୍ୱାରା ହିଁ ସଂସାରର ବୃଦ୍ଧି ଏବଂ ରକ୍ଷା ହୁଏ । ତେଣୁ ବେଦମାନଙ୍କୁ 'ଛନ୍ଦାଂସି' ଅର୍ଥାତ୍ ସଂସାର ବୃକ୍ଷର ପତ୍ର ସମୂହ ବୋଲି କୁହାଯାଇଛି । ଅଶ୍ୱତ୍ଥ ପତ୍ର ଯେପରି

ଛାୟା ଦେଇ ଜୀବଗଣଙ୍କୁ ଆଶ୍ରୟ ଦେଇଥାଏ, ବେଦ ମଧ୍ୟ ସେହିପରି ଧର୍ମାଧର୍ମ ପ୍ରତିପାଦନ କରି ଜୀବଗଣଙ୍କୁ ଆଶ୍ରୟ ଦାନ କରନ୍ତି । 'ବୃକ୍ଷ ଉତ୍ପାଟନକଲେ ସହଜରେ ଏହା ଶୁଖିଯାଏ । କିନ୍ତୁ ସଂସାର ରୂପୀବୃକ୍ଷ ଛେଦନ ସେହିଭଳି ସହଜ ନୁହଁ । କେବଳ ଅସଙ୍ଗ ଶସ୍ତ୍ରରେ ଅହନ୍ତା ଏବଂ ମମତ୍ୱକୁ ଅନ୍ତଃକରଣରୁ ମୂଳଉତ୍ପାଟନ କଲେ ହିଁ  ବୈରାଗ୍ୟ ଜାଗ୍ରତ ସମ୍ଭବ । 'ଏହି ସଂସାର ଅନିତ୍ୟ-ଅଳିକ ସ୍ୱପ୍ନ ମାତ୍ର'- ଏହିଜ୍ଞାନ ହେଲେ ଯାଇ ବୈରାଗ୍ୟ ଜାଗ୍ରତ ହୁଏ । ସଂସାର ଯେ ମିଥ୍ୟା – ଏହାକୁ ସିଦ୍ଧକରି ଅହଂକାରକୁ ସ୍ୱରୂପରେ ସ୍ଥାପନ କରିବା ହିଁ ଏହି ଅଧ୍ୟାୟର ବିଶେଷ ଉଦ୍ଦେଶ୍ୟ । ଏ ସଂସାର ଏକ ବିଚିତ୍ର ବୃକ୍ଷ । ସାଧାରଣ ବୃକ୍ଷପରି ଏହାର ମୂଳରେ ଅଗ୍ନି ସଂଯୋଗକରି କିମ୍ବା କୁଠାରଘାତକଲେ ବୃକ୍ଷ ଭୂମିରେ ଲୋଟିପଡେ । କିନ୍ତୁ ସଂସାରବୃକ୍ଷ ସେହିପରି ଛିନ୍ନ ହୁଏନାହିଁ । ସମସ୍ତ ଦୃଶ୍ୟ ପ୍ରପଞ୍ଚ ଥିବା ଜଗତରୂପକ ବୃକ୍ଷଟି ପରମାତ୍ମାଙ୍କ ବିରାଟ ସ୍ୱରୂପସ୍ଥିତ ଚିଦ୍ ଜଗତରୂପ ବାସ୍ତବ  ବୃକ୍ଷର ଏକ ପ୍ରତିବିମ୍ବ ଅଟେ । ଯେପରି ସରୋବର ଜଳରେ ବାସ୍ତବ ବୃକ୍ଷର ପ୍ରତିବିମ୍ବ ପ୍ରତିଫଳିତ ହୁଏ, ସେହିପରି ଜୀବର ବାସନା ରହିଥିବା ମନରେ ପ୍ରତିଫଳିତ ହୋଇ ବିପରିତମୁଖୀ ଦେଖାଯାଏ । କାମନା-ବାସନା ପରିପୂର୍ଣ୍ଣ ଭୌତିକ ବସ୍ତୁର ସମାହାରରେ ଏହି ପ୍ରତିଫଳିତ ବୃକ୍ଷଟି ଦୃଶ୍ୟମାନ ହୋଇଥାଏ । ଏହି ଶାଶ୍ୱତ ମାୟାବୃକ୍ଷର ସ୍ଥିତି, ଗତି ଓ ପରିଣାମ ଯେ' ଉତ୍ତମରୂପେ ବୁଝି ଏହାର ସମ୍ବନ୍ଧକୁ ଛିନ୍ନ କଲେ, ଏଥିରୁ ମୁକ୍ତି ସମ୍ଭବ ।

ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା ଗୁଣପ୍ରବୃଦ୍ଧା ବିଷୟପ୍ରବାଳାଃ ।
ଅଧଶ୍ଚ ମୂଳାନ୍ୟନୁସନ୍ତତାନି କର୍ମାନୁବନ୍ଧୀନି ମନୁଷ୍ୟଲୋକେ ॥୨॥

*ଅନ୍ୱୟ: ତସ୍ୟ (ସେହି ସଂସାରରୂପକ ଅଶ୍ୱତ୍ଥ ବୃକ୍ଷର) ଗୁଣପ୍ରବୃଦ୍ଧାଃ (ତ୍ରିଗୁଣ ରୂପକ ଜଳ ସିଞ୍ଚନ ଦ୍ୱାରା ବିଶେଷ ଭାବେ ବୃଦ୍ଧିପ୍ରାପ୍ତ ହୋଇଥିବା) ବିଷୟପ୍ରବାଳାଃ ( ବିଷୟଭୋଗ ରୂପକ କୋମଳପତ୍ର ବିଶିଷ୍ଟ) ଶାଖାଃ (ଶାଖା ସମୂହ) ଅଧଃ ଚ ଉର୍ଦ୍ଧ୍ୱଂ (ଅଧୋ ଓ ଉର୍ଦ୍ଧ୍ୱ ଦେଶରେ ଅର୍ଥାତ୍ ପଶୁ-ପକ୍ଷୀ-କୀଟ-ପତଙ୍ଗାଦି ଯୋନିପ୍ରାପ୍ତ ନୀଚ ଲୋକ ଏବଂ ଦେବତା ଆଦି ଭୋଗ କରୁଥିବା ଉଚ୍ଚଲୋକ) ପ୍ରସୃତା (ସର୍ବତ୍ର ପ୍ରସାରିତ ହୋଇଛି) ମନୁଷ୍ୟଲୋକେ (ମନୁଷ୍ୟ ଯୋନିରେ ଅର୍ଥାତ୍ ନରଲୋକରେ) କର୍ମାନୁବନ୍ଧୀନି (ଜୀବର ସ୍ୱ-ସ୍ୱ କର୍ମାନୁସାରେ ବନ୍ଧନରେ ପକାଉଥିବା ) ମୂଳାନି (ଅହଂତ୍ୱ, ମମତ୍ୱ ଓ ବାସନା ରୂପକ ମୂଳ ବା ଚେର ସମୂହ ମଧ୍ୟ) ଅଧଃ ଅନୁସନ୍ତତାନି (କ୍ରମେ ଉପରୁ ତଳକୁ ଅର୍ଥାତ୍ ସକଳ ଲୋକରେ ବ୍ୟାପ୍ତ ହୋଇଛି ) ।*

**ଭାବାର୍ଥ**: ଏହି ସଂସାର ରୂପକ ବୃକ୍ଷର ଶାଖା ସମୂହ ତ୍ରିଗୁଣ ରୂପକ ଜଳଦ୍ୱାରା ବୃଦ୍ଧିପ୍ରାପ୍ତ ହୁଏ । ବିସ୍ତୃତ ହୋଇଥିବା  ଏହି ଶାଖା ସମୂହରୁ ଶବ୍ଦ, ସ୍ପର୍ଶ, ରୂପ ପ୍ରଭୃତି ଇନ୍ଦ୍ରିୟ ଗ୍ରାହ୍ୟ ବିଷୟ ରୂପକ କୋମଳ ପତ୍ର ଅଙ୍କୁରିତ ହୋଇଥାଏ । ସଂସାର ରୂପୀ ବୃକ୍ଷର ପ୍ରଧାନ ଶାଖା ହେଉଛନ୍ତି ବ୍ରହ୍ମା, ଯାହାଙ୍କ ଠାରୁ ଦେବ, ମନୁଷ୍ୟ ଓ ତିର୍ଯ୍ୟକ୍ ଆଦି ଯୋନିମାନଙ୍କର ଶାଖା-ପ୍ରଶାଖା  ଉତ୍ପନ୍ନ ହୋଇ ତିନିଲୋକରେ ଉର୍ଦ୍ଧ୍ୱ ଏବଂ ନିମ୍ନ ଦିଗକୁ ବିସ୍ତାର ହୋଇଛନ୍ତି । ଏହି ଶାଖା ସମୂହ ନିମ୍ନଦେଶରେ ପଶୁ, ପକ୍ଷୀ ଓ କୀଟ-ପତଙ୍ଗ ପର୍ଯ୍ୟନ୍ତ ଏବଂ ଉପରକୁ ଦେବଭାବଠାରୁ ଆରମ୍ଭକରି ବ୍ରହ୍ମା ପର୍ଯ୍ୟନ୍ତ ସର୍ବତ୍ର ପ୍ରସାରିତ ହୋଇ ରହିଛି । ସ୍ଥୂଳଦେହ ଏବଂ ଇନ୍ଦ୍ରିୟମାନଙ୍କ ଅପେକ୍ଷା ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ -ଏହି ପାଞ୍ଚ ବିଷୟ ସୂକ୍ଷ୍ମ ହେବା କାରଣରୁ, ଏହିଗୁଡ଼ିକୁ ଶାଖା ମାନଙ୍କର କୋମଳ ପତ୍ର ରୂପେ ତୁଳନା କରାଯାଇଛି । 'ବିଷୟ ପ୍ରବାଳାଃ' ଶବ୍ଦର ତାତ୍ପର୍ଯ୍ୟ ହେଲା କି, ବିଷୟ ଭୋଗାଦି ପଦାର୍ଥଗୁଡ଼ିକୁ ମନରେ ମହତ୍ତ୍ୱ ଦେବାରୁ ଏହି ବିଷୟ ରୂପକ ମୁକୁଳ ବା କୋମଳ ପତ୍ରଗୁଡ଼ିକ ସୁନ୍ଦର

ଓ ଆକର୍ଷଣ ମନେ ହୁଅନ୍ତି । ସଂସାର ବୃକ୍ଷର କେତେକ ଶାଖା ତମୋଗୁଣକୁ ଆଶ୍ରୟକରି ଅଧୋଗାମୀ ହୋଇଛନ୍ତି, କେତେକ ଶାଖା ରଜୋଗୁଣକୁ ଆଶ୍ରୟକରି ଯେଉଁଠି ସେଇଠି ନରଲୋକରେ ଏବଂ ଅନ୍ୟ କେତକ ସତ୍ତ୍ୱଗୁଣକୁ ଅବଲମ୍ବନ କରି ଦେବଲୋକ, ବ୍ରହ୍ମଲୋକ ଏବଂ ସତ୍ୟଲୋକ ଦିଗରେ ଊର୍ଦ୍ଧ୍ୱମୁଖୀ ହୋଇଛନ୍ତି । ବ୍ରହ୍ମଲୋକରୁ ପାତାଳ ଲୋକ ପର୍ଯ୍ୟନ୍ତ ଯେତେଲୋକ ରହିଛି, ତଥା ସେଠାରେ ଯେତେ ଦେବତା, ଯକ୍ଷ, ଗନ୍ଧର୍ବ, ମନୁଷ୍ୟ, ପଶୁ, ପକ୍ଷୀ, କୀଟ-ପତଙ୍ଗ ଇତ୍ୟାଦି ଜୀବ ରହିଛନ୍ତି, ସେହି ସମସ୍ତେ ସଂସାର ବୃକ୍ଷର ଶାଖା, ପ୍ରଶାଖ ଅଟନ୍ତି । ଗୁଣଜନିତ ବୃତ୍ତି ଓ ପଦାର୍ଥ ସହିତ ସମ୍ବନ୍ଧିତ ହୋଇ ଏହି ସଂସାର ବୃକ୍ଷର ଶାଖା ସମୂହ ପରିବର୍ଦ୍ଧିତ ହୋଇଥାନ୍ତି । ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟ ଆଦି ହେଉଛି ଉଚ୍ଚ ଲୋକ ଏବଂ ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ପାତାଳ- ଏହିସବୁ ହେଉଛି ନୀଚ ଲୋକ । ଜୀବର ସଞ୍ଚିତ କର୍ମ ତଥା ବାସନା-ସଂସ୍କାର ଅନୁଯାୟୀ ଜୀବକୁ ସେହି ସେହି ଲୋକ ପ୍ରାପ୍ତ ହୋଇଥାଏ । ଉଚ୍ଚଲୋକରେ ଦେବତା, ଗନ୍ଧର୍ବ, ଋଷି-ମୁନି, ସନ୍ଥ ଆଦି ଶୁଦ୍ଧ-ଆତ୍ମାଗଣ ସୂକ୍ଷ୍ମ ସ୍ୱରୂପରେ ଅବସ୍ଥାନ କରନ୍ତି । ନିମ୍ନ ଅଂଶକୁ ବିସ୍ତୃତ ହୋଇ ରହିଥିବା ଶାଖାମାନଙ୍କରେ ମନୁଷ୍ୟ, ପଶୁ-ପକ୍ଷୀ, କୀଟ-ପତଙ୍ଗ ଆଦି ଯୋନିଯାତ ଜୀବଗଣ ଅବସ୍ଥାନ କରନ୍ତି । ମନୁଷ୍ୟ ଜୀବନ ହେଉଛି ଏହି ସଂସାର ବୃକ୍ଷର କେନ୍ଦ୍ରସ୍ଥଳ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟ ଶରୀର ଯେ ଏହି କର୍ମମୟ ଶାଖାର ମୁଖ୍ୟ, ଏହାକୁ ଅସ୍ୱୀକାର କରାଯାଇ ନପାରେ । ତମୋଗୁଣର ଗାଢ ଅନ୍ଧକାର ମଧ୍ୟରେ ସତ୍ତ୍ୱଗୁଣର ବାୟୁ ପ୍ରବାହିତହେଲେ ମନୁଷ୍ୟ ଦେହରେ ହିଁ ସଦ୍-ଚିନ୍ତାର ଅଙ୍କୁର ଓ ସୁକୃତିର କୋମଳ ପତ୍ର ଦେଖାଦିଏ । ଜ୍ଞାନୋଦୟ ସଙ୍ଗେ ସଙ୍ଗେ ସଦ୍-ବୁଦ୍ଧିର ଅଗ୍ରଗତି ଘଟେ । ଯମ, ନିୟମ ଆଦି ଗୁଚ୍ଛଯୁକ୍ତ ତପସ୍ୟାର ଶାଖା ବୃଦ୍ଧିପାଇ ଏହା ଧର୍ମ, ବୈରାଗ୍ୟ ରୂପକ ଆଦି ଶାଖା ସହିତ ସଂଯୁକ୍ତ ହୁଏ । ଧର୍ମମୟ ଶାଖାରୁ ଭକ୍ତିରୁପକ ସରଳ ଶାଖା ବାହାରି କ୍ରମଶଃ ଆପେ ଆପେ ମୋକ୍ଷ ଲାଭକରେ । ଜୀବ ଓ ସଂସାର କ୍ଷେତ୍ରରେ ଏପରି ଦେଖାଯାଇଥାଏ କି, ଜୀବର ଯୋନିଜନ୍ମ ଧାରା ଉପରକୁ ବିକଶିତ ହେଉଥିବା ବେଳେ ଅଧିକାଂଶ ସମୟରେ ତାହା ପୁଣି ନିମ୍ନ ବା ପାଶବିକ ସ୍ତରକୁ ଖସି ଆସେ । ମନୁଷ୍ୟ ଜନ୍ମରେ ହିଁ କେବଳ ବିବେକ ଜାଗ୍ରତ ହୋଇଥାଏ, ଯାହାକୁ ମହତ୍ତ୍ୱଦେଇ ଜୀବ ପରମାତ୍ମାଙ୍କ ନିକଟବର୍ତ୍ତୀ ହୋଇପାରେ ଏବଂ ଅବିବେକ ପୂର୍ବକ ବିଷୟ-ଭୋଗରେ ଲିପ୍ତ ରହି ନରକକୁ ମଧ୍ୟ ଯାଇପାରେ । ବାସ୍ତବରେ ଏହି ବିଷୟ-ଦୋଷ କୃଷ୍ଣ ସର୍ପର ବିଷଠାରୁ ମଧ୍ୟ ଆହୁରି ତୀବ୍ରତର । କାରଣ, ବିଷ କେବଳ ବିଷ ପାନ କରିଥିବା ବ୍ୟକ୍ତିର ପ୍ରାଣ ନେଇଥାଏ, କିନ୍ତୁ ବିଷୟ-ଦୋଷ ବିଷୟ ଦେଖିଥିବା ବ୍ୟକ୍ତିକୁ ମଧ୍ୟ ଛାଡେନାହିଁ । ଜୀବାତ୍ମାର ମୋକ୍ଷ ପ୍ରାପ୍ତ ପର୍ଯ୍ୟନ୍ତ ଏହି ଉର୍ଦ୍ଧ୍ୱ-ଅଧୋଗତିର ଦୁଇ ଧାରାକୁ ସତ୍ତ୍ୱ, ରଜ ଓ ତମ-ଏହି ତିନିଗୁଣ ନିୟନ୍ତ୍ରିତ କରିଥାନ୍ତି । ସଂସାର ରୂପୀ ବୃକ୍ଷର ସର୍ବୋଚ୍ଚ ମୂଳଟି ହେଉଛି ବ୍ରହ୍ମ, ଯାହା ସମ୍ବନ୍ଧରେ ବେଦରେ 'ବ୍ରହ୍ମାଶ୍ୱତ୍ଥ' ନାମରେ ବର୍ଣ୍ଣନା ରହିଛି । ଏହି ମୁଖ୍ୟ ମୂଳରୁ ରାଗ-ଦ୍ୱେଷ ଜନିତ ଅବିଦ୍ୟା ମୂଳକ ଅହଂତ୍ୱ, ମମତ୍ୱ ଓ ବାସନା ଆଦି ବିଭିନ୍ନ ଶାଖା-ପ୍ରଶାଖା ମୂଳ ଉତ୍ପନ୍ନ ହୋଇ ମନୁଷ୍ୟ ଲୋକରେ ନିବାସ କରୁଥିବା ଜନ୍ମ-ମରଣଶୀଳ ପ୍ରାଣୀ ମାନଙ୍କ ଅନ୍ତଃକରଣରେ ବ୍ୟାପ୍ତ ହୋଇ ରହିଛନ୍ତି । କର୍ମଫଳ ଅନୁସନ୍ଧାନ ପୂର୍ବକ ବିସ୍ତୃତ ହୋଇ ରହିଥିବା ଏହି ଶାଖା-ପ୍ରଶାଖା ମୂଳ ଗୁଡିକ କେବଳ ମନୁଷ୍ୟ ନିମନ୍ତେ ହିଁ ବନ୍ଧନର କାରଣ ହୋଇଥାନ୍ତି । ଏହି ଗୁଡିକ ମନୁଷ୍ୟକୁ ସେମାନଙ୍କର ସ୍ୱଭାବ ଅନୁଯାୟୀ ପାପ କିମ୍ବା ପୂଣ୍ୟ

କର୍ମ କରିବାକୁ ପ୍ରବର୍ତ୍ତନା ଦେଉଛନ୍ତି ଓ ସେମାନଙ୍କୁ ଦୃଢଭାବରେ କର୍ମରେ ବନ୍ଧନ କରୁଛନ୍ତି । ଏହି କର୍ମ ବନ୍ଧନ ସମ୍ବନ୍ଧୀୟ ଜ୍ଞାନ, ବେଦରେ 'କର୍ମାଶ୍ୱତ୍ଥ' ନାମରେ ବର୍ଣ୍ଣନା କରାଯାଇଛି । କୁହାଯାଇଛି କି, ଏହି 'ବ୍ରହ୍ମାଶ୍ୱତ୍ଥ' ଏବଂ 'କର୍ମାଶ୍ୱତ୍ଥ' ନାମକ ଦୁଇଟି ବାହାର ସଂସାର ସ୍ୱରୂପ ସମ୍ବନ୍ଧରେ ଯାହାର ଜ୍ଞାନ ହୋଇଯାଏ, ସେ ବେଦର ଅସଲ ସ୍ୱରୂପକୁ ବୁଝିଯାଏ । ଅନ୍ୟ ଅର୍ଥରେ ଯେ' ବ୍ରହ୍ମ ଏବଂ ଜଗତର ସମ୍ବନ୍ଧ ଜନିତ ରହସ୍ୟକୁ ଜାଣିଯାଏ, ସେ ବେଦକୁ ଜାଣିପାରେ । ମନୁଷ୍ୟ ଜନ୍ମ  ବ୍ୟତିରେକ ଅନ୍ୟ କୌଣସି ଯୋନିରେ ଜୀବ ପକ୍ଷରେ ବାହ୍ୟ ଜଗତ ସହିତ ସମ୍ବନ୍ଧ ସୃଷ୍ଟି କରିବାରେ ସାମର୍ଥ୍ୟ ନଥାଏ । ମନୁଷ୍ୟ ଶରୀରରେ  ଏହି ଶକ୍ତି ଓ ସାମର୍ଥ୍ୟ ବିଦ୍ୟମାନ ଯାହା ସହାୟତାରେ ମନୁଷ୍ୟ ବାହ୍ୟ ଜଗତ ସହିତ ସମ୍ବନ୍ଧ ସୃଷ୍ଟି କରିପାରେ, ସମ୍ବନ୍ଧ ବଦଳାଇ ପାରେ ଏବଂ ସମ୍ବନ୍ଧକୁ ଛିନ୍ନ ବି କରିପାରେ । ବୁଦ୍ଧି ପୂର୍ବକ କର୍ମ ଅନୁଷ୍ଠାନ ମନୁଷ୍ୟ ଶରୀରରେ  ହିଁ ସମ୍ଭବ । ଅନ୍ୟ ସମସ୍ତ ଜୀବ ପ୍ରକୃତିର ବନ୍ଧନରେ ରହିଥାନ୍ତି ।  ଏହା ହିଁ ମନୁଷ୍ୟ ଲୋକର ବିଚିତ୍ରତା ଯାହା ଜାଣିବା ସାଧନ ସାପେକ୍ଷ ।  ଏହି ବିସ୍ମୟ ସଂସାର ବୃକ୍ଷର ପୂର୍ବ ଜନ୍ମ ମାନଙ୍କର ସଞ୍ଚିତ କର୍ମ ବା ସଂସ୍କାର ରୂପକ ଶାଖା-ପ୍ରଶାଖା ମୂଳଗୁଡିକ ଜୀବ ଭିତରେ କର୍ମ ବନ୍ଧନ ସୃଷ୍ଟି କରିବା ନିମିତ୍ତ ତଳକୁ ଲମ୍ବି ଆସିଥାନ୍ତି । ରାଗ-ଦ୍ୱେଷର ବଶବର୍ତ୍ତୀ ହୋଇ  କାମାସକ୍ତ ମନୁଷ୍ୟ, ଶାଖା-ପ୍ରଶାଖା ମୂଳ ରୂପକ ଅହଂତ୍ୱ, ମମତ୍ୱ ଓ ବାସନା ଆଦି ଦ୍ୱାରା ନରଲୋକରେ ବାନ୍ଧିହୋଇ ରହେ । କେବଳ ମନୁଷ୍ୟ ଯୋନିରେ ହିଁ କର୍ମାନୁସାରେ ଜୀବ ବନ୍ଧନରେ ପଡିଥାଏ । ମନୁଷ୍ୟ ଯେତେ କର୍ମ କରିଥାଏ, ତାରି ଫଳ ଭୋଗ ସମାପ୍ତ ପର୍ଯ୍ୟନ୍ତ  ନାନା ପ୍ରକାର ଉତ୍କୃଷ୍ଟ ଏବଂ ନିକୃଷ୍ଟ ଶରୀର ଗ୍ରହଣ କରିବାକୁ ପଡିଥାଏ । ଏହି ମର୍ମରେ ଗୋସ୍ୱାମୀ ତୁଳସୀ ଦାସଙ୍କ ଲେଖା ହେଲା : "ନରକ ସ୍ୱର୍ଗ ଅପବର୍ଗ ନିସେନୀ । ଗ୍ୟାନ ବିରାଗ ଭଗତି  ଶୁଭଦେନୀ ॥ (ମାନସ-୭-୨୧-୧୦୫)।ଅର୍ଥାତ୍ -ଏହି ମନୁଷ୍ୟ ଜନ୍ମ ନରକ, ସ୍ୱର୍ଗ ଓ ମୋକ୍ଷର ସିଢି ତଥା କଲ୍ୟାଣପ୍ରଦ ଜ୍ଞାନ, ବୈରାଗ୍ୟ ଓ ଭକ୍ତି ପ୍ରଦାନକାରୀ ଅଟେ ।" ନାଶବାନ ବସ୍ତୁକୁ ନିଜର ବୋଲି ସ୍ୱୀକାର କରିବା କାରଣରୁ ଜୀବ ସଂସାରର ଦାସ ହୋଇଛି, ନିଜ ସ୍ୱରୂପରୁ ବିଚ୍ୟୁତ ହୋଇଛି ଏବଂ ଭଗବାନଙ୍କ ପ୍ରତି ବିମୁଖ ହୋଇଛି । ମନୁଷ୍ୟ ଯଦି ନାଶବାନ ବସ୍ତୁକୁ ନିଜର ନମାନେ (ଯାହା ବାସ୍ତବରେ ନିଜର ନୁହେଁ), ତେବେ ସଂସାରର ଦାସତ୍ୱ ଦୂର ହୋଇଯିବ, ଆତ୍ମା ସ୍ୱରୂପର ବୋଧ ହୋଇଯିବ ଏବଂ ଭଗବତ୍ ପ୍ରେମର ପ୍ରାପ୍ତି ହୋଇଯିବ ।  ମନୁଷ୍ୟ ଜନ୍ମରେ ହିଁ ମନୁଷ୍ୟ ଶୁଭାଶୁଭ କର୍ମ ସମୂହ ଦ୍ୱାରା  ଆବଦ୍ଧ ହୋଇଛି । ତେଣୁ ମନୁଷ୍ୟ ଜନ୍ମରେ ହିଁ ସେ ମୁକ୍ତ ହୋଇପାରିବ । ମନୁଷ୍ୟଠାରେ ହିଁ ଜ୍ଞାନ ପରିପୂର୍ଣ୍ଣ ମାତ୍ରାରେ ରହିଥାଏ ଯାହା ଅନ୍ୟ କୌଣସି ଜନ୍ମରେ ପରିପୂର୍ଣ୍ଣ ଜ୍ଞାନ ନଥାଏ । ଦେବତା ମାନଙ୍କଠାରେ ଜ୍ଞାନର ମାତ୍ରା ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ବେଦ ଶାସ୍ତ୍ର ଦ୍ୱାରା ବିହିତ କର୍ମରେ ତାଙ୍କରି ଅଧିକାର ନଥିବା ମାନି ନିଆଯାଇଛି ।  ଭଗବତ୍ ଦର୍ଶନ ତଥା ସ୍ୱରୂପ ବୋଧର ଜିଜ୍ଞାସା, ସତସଙ୍ଗ ଏବଂ ଭଗବତ  ପ୍ରେମର ଇଚ୍ଛା ଏବଂ ସକଳ ପ୍ରାଣୀଙ୍କ କଲ୍ୟାଣାର୍ଥେ – ଏହି ତିନିଗୋଟି ଇଚ୍ଛା ଜନିତ କର୍ମ ସଂସାରରେ ବନ୍ଧନର କାରଣ ହୋଇ ନଥାଏ । ସ୍ୱଂୟକୁ ପରମାତ୍ମାଙ୍କଠାରୁ ଅଭିନ୍ନ ସ୍ୱୀକାର କରି ନାଶବାନ୍ ଶରୀର ସହିତ ସମ୍ବନ୍ଧ ଛିନ୍ନ କରିବା ହେଉଛି ଜ୍ଞାନ ମାର୍ଗ ସାଧନ । 'ଭଗବାନ ଅଂଶୀ ଓ ଜୀବ ତାଙ୍କରି ଅଂଶ'- ଭଗବାନଙ୍କ ସହିତ ଜୀବର ଏହି ନିତ୍ୟ ସମ୍ବନ୍ଧକୁ ଦୃଢ ଭାବେ ବିଶ୍ୱାସ କରିନେଲେ ଜୀବ ସ୍ୱତଃ ଭଗବାନଙ୍କ ସମ୍ମୁଖ ହୋଇଯିବ ଏବଂ ତାହାରି ଅନ୍ତଃକରଣରେ ଭଗବତ୍ ପ୍ରେମଧାରା ପ୍ରବାହିତ ହେବ। ଏହା ହେଉଛି

ଭକ୍ତି ମାର୍ଗ । ଶରୀର ସମେତ ପ୍ରାପ୍ତ ହୋଇଥିବା ସମସ୍ତ ବସ୍ତୁ ନିଜର ମନେ ନକରି ସଂସାର ସେବା ତଥା କଲ୍ୟାଣ ନିମନ୍ତେ ବିନିଯୋଗ କଲେ ମନୁଷ୍ୟର ପରାଧୀନତା ଦୂର ହେବ ଓ ସେ ସ୍ୱତନ୍ତ୍ର ହୋଇଯିବ । ଏହା ହେଉଛି କର୍ମଯୋଗ । ନିଜ ନିଜ ସ୍ୱଭାବ ଅନୁଯାୟୀ ଯେ'କୌଣସି ମାର୍ଗର ନିଷ୍ଠାର ସହିତ ସାଧନ ଦ୍ୱାରା ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତ ପାଇପାରିବ।

ନ ରୂପମସ୍ୟେହ ତଥୋପଲଭ୍ୟତେ ନାନ୍ତୋ ନ ଚାଦିର୍ନ ଚ ସମ୍ପ୍ରତିଷ୍ଠା ।
ଅଶ୍ୱତ୍ଥମେନଂ ସୁବିରୂଢମୂଳମସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ।।୩।।

*ଅନ୍ୱୟ: ଇହ ( ଏହିଠାରେ ବିଚାର କଲେ ) ଅସ୍ୟ ( ଏହି ଅଶ୍ୱତ୍ଥ ସ୍ୱଂସାର ବୃକ୍ଷର) ରୂପମ୍ (ସ୍ୱରୂପ ) ତଥା (ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବା ପ୍ରକାରେ ) ନ ଉପଲଭ୍ୟତେ ( ଉପଲବ୍ଧ ହୁଏ ନାହିଁ ଅର୍ଥାତ୍ ତତ୍ତ୍ୱଜ୍ଞାନ ଦୃଷ୍ଟିରେ ସେପରି ବୋଧ ହୁଏନାହିଁ ) ନ ଅନ୍ତଃ (ଏହାର ଅନ୍ତ ନାହିଁ ) ନ ଆଦିଃ ( ଏହାର ଆଦି ବା ଆରମ୍ଭ ନାହିଁ ) ଚ ସମ୍ପ୍ରତିଷ୍ଠା ( କି ଏହାର ଉତ୍ପତ୍ତି ସ୍ଥାନ ବା ଭଲରୂପରେ ସ୍ଥିତି ମଧ ନାହିଁ ) ଚ (ଏଣୁ) ସୁବିରୂଢମୂଳମ୍ (ସୁଦୃଢ ମୂଳ ବିଶିଷ୍ଟ)ଏନମ୍ (ଏହି) ଅଶ୍ୱତ୍ଥମ୍ (ସଂସାର ରୂପୀ ଅଶ୍ୱତ୍ଥ ବୃକ୍ଷକୁ) ଦୃଢେନ (ଦୃଢ )ଅସଙ୍ଗଶସ୍ତ୍ରେଣ (ଅନାସକ୍ତି ବୈରାଗ୍ୟରୂପକ ଶସ୍ତ୍ର ଦ୍ୱାରା ) ଛିତ୍ତ୍ୱା (ଛେଦନକରି)[ପରମାତ୍ମାଙ୍କ ଅନ୍ୱେଷଣ କରିବାକୁହେବ ]*

**ଭାବାର୍ଥ :** ଏହି ବିସ୍ମୟ ସଂସାର ବୃକ୍ଷର ସ୍ୱରୂପ ଶାସ୍ତ୍ରରେ ବର୍ଣ୍ଣନପ୍ରକାରେ ଉପଲବ୍ଧ ହୁଏ ନାହିଁ । ତିନିଗୁଣରେ ଆବଦ୍ଧ ଜୀବ ସମେତ ବିଷୟାଦି ପରିପୂର୍ଣ୍ଣ ଏହି ସଂସାରରୂପୀ ବୃକ୍ଷର ପ୍ରକୃତ ସ୍ୱରୂପ, ଯେପରିଭାବେ ଦେଖିବାକୁ ଏବଂ ଶୁଣିବାକୁ ମିଳିଥାଏ, ତତ୍ତ୍ୱଜ୍ଞାନ ହେବାପରେ ସେପରି ଭାବରେ ବୋଧ ହୋଇନଥାଏ । ଯେପରି ନିଦ୍ରାଭଙ୍ଗରେ ସ୍ୱପ୍ନ ଦୃଶ୍ୟର ଅବାସ୍ତବତାକୁ ବୁଝିହୁଏ, ଆତ୍ମଜ୍ଞାନ ପ୍ରାପ୍ତିରେ ପ୍ରତୀତ ହେଉଥିବା ସଂସାରର ବିଲୟ ଘଟିଥାଏ । ଏହାର ଆଦି-ଅନ୍ତ କେଉଁଠାରେ, ଏହାର ଉତ୍ପତ୍ତି ସ୍ଥଳ କେଉଁଠି ଏବଂ କେଉଁ ଆଧାରକୁ ଆଶ୍ରୟ କରି ଏହି ସଂସାର ଅବସ୍ଥିତ- ଏସବୁ ଜାଣି ହୁଏନାହିଁ । ଅତଏବ, ଅନାସକ୍ତି ଓ ବୈରାଗ୍ୟ ରୂପକ ଶାଣିତ ଶସ୍ତ୍ରଦ୍ୱାର ଏହି ସୁଦୃଢମୂଳ ସଂସାରରୂପୀ ଅଶ୍ୱତ୍ଥ ବୃକ୍ଷକୁ ଅର୍ଥାତ୍ ସଂସାରର ତମସାଚ୍ଛନ ମାୟା ବନ୍ଧନକୁ ଛେଦନ କରିବା ପ୍ରୟୋଜନ । ଅନ୍ୟ ଅର୍ଥରେ କାମନା-ବାସନା ଦୂର ନହେଲା ପର୍ଯ୍ୟନ୍ତ ମାୟାର ବନ୍ଧନ କଟିବ ନାହିଁ କି, ତତ୍ତ୍ୱଜ୍ଞାନର ପ୍ରାପ୍ତି ହେବ ନାହିଁ । ଏହି ସଂସାରରୂପୀ ବୃକ୍ଷର ସ୍ୱଭାବ ହେଉଛି ଯାଦୁକରର କୁହୁକ ନଗରୀ ସାଦୃଶ୍ୟ 'ହେଇଟି ଅଛି'- 'ହେଇଟି ନାହିଁ' । ଯାହା ଦୂରରୁ ଦୃଶ୍ୟହୁଏ, ନିକଟତର ହେଲେ ଅଦୃଶ୍ୟ ହୋଇଯାଏ । ଗୀତାଚାର୍ଯ୍ୟ ଶ୍ରୀକୃଷ୍ଣ –'ଏହି ବୃକ୍ଷ ଯେଉଁଭଳି ବର୍ଣ୍ଣନା କରାଯାଇଛି ସେହିଭଳି ଉପଲବ୍ଧି ହୁଏନାହିଁ '- ଏହିପରି କହିବାର ତାତ୍ପର୍ଯ୍ୟ ହେଉଛି କି, ସଂସାର ବୃକ୍ଷର ଅସ୍ତିତ୍ୱତା ପରମ ସତ୍ୟର ଅଜ୍ଞାନତାରୁ ଉଦୟହୁଏ । ଯେ ପର୍ଯ୍ୟନ୍ତ ମନୁଷ୍ୟର ଜ୍ଞାନ ବାସନାଗୁଡିକର ଆବରଣ ଦ୍ୱାରା ଢାଙ୍କିହୋଇ ରହିଥାଏ, ସେ ପର୍ଯ୍ୟନ୍ତ ସଂସାରର ଅସ୍ତିତ୍ୱ ରହେ । ଆତ୍ମାର ଅପରୋକ୍ଷ ଜ୍ଞାନ ଦ୍ୱାରା ଏହି ଆବରଣ ସମୂଳ ନଷ୍ଟ ହୋଇଗଲେ ସଂସାରରୂପୀ ବୃକ୍ଷର ସତ୍ତା ଚାଲିଯାଏ । ତେଣୁ ସଂସାର ବୃକ୍ଷର ତିଳେମାତ୍ର ସତ୍ୟତା ନାହିଁ । କେବଳ ମିଥ୍ୟା ଆଶ୍ରୟରେ ଏହା ପ୍ରତିଭାସିତ ହୁଏ । 'ଅବିଦ୍ୟା' ଯେଉଁ ସଂସାର ବୃକ୍ଷର ମୂଳ, ତାହାରି କାର୍ଯ୍ୟ କିପରି ବା ସତ୍ୟ ହେବ ? ଯେପରି ବାୟୁ ସ୍ତବ୍ଧ ନହେବା ପର୍ଯ୍ୟନ୍ତ ସମୁଦ୍ରର ତରଙ୍ଗ ସୃଷ୍ଟିହୋଇ ଚାଲିଥାଏ, ସେହିପରି ବିବେକ ଉଦୟ ନହେବା ପର୍ଯ୍ୟନ୍ତ ସଂସାର ବୃକ୍ଷର ଅସଲ ସ୍ୱରୂପ ଜଣା ପଡିନଥାଏ । ବିବେକବତୀ ବୁଦ୍ଧି ସାହାଯ୍ୟରେ ସଂସାରରୁ ପୃଥକ ହୋଇ ଅର୍ଥାତ୍ ସଂସାରଠାରୁ ସମ୍ବନ୍ଧ ବିଚ୍ଛେଦକରି

ଦେଖିଲେ, ଏହାର ନାଶବାନ୍ ଦୁଃଖ ସ୍ୱରୂପକୁ ବୁଝିହେବ । ମର୍ତ୍ତ୍ୟଲୋକଠାରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ବିଷୟଭୋଗ କ୍ଷଣିକ ଏବଂ ନାଶବାନ୍ ଅଟେ । ସଂସାର ଅସ୍ତିତ୍ୱ ନଥିଲେ ମଧ୍ୟ ଏହା ପ୍ରତିକ୍ଷଣରେ ଉତ୍ପନ୍ନ ହୋଇ ବିଲୀନ ହୋଇ ପଡୁଥିବାଭଳି ମନେହୁଏ । ସଂସାର ଏକ ପ୍ରତିବିମ୍ବ ମାତ୍ର । ଆକାଶ କୁସୁମ ସାଦୃଶ୍ୟ ଏହାଥିଲାଭଳି ଦେଖାଗଲେ ମଧ୍ୟ ବାସ୍ତବରେ ଏହାର ଅସ୍ତିତ୍ୱ ନାହିଁ । ମନୁଷ୍ୟ କଳ୍ପନା କଲେ ହିଁ, ସଂସାର ଆଗକୁ ଆସିଥାଏ । କଳ୍ପନା ଛାଡିଦେଲେ, ସଂସାର ସାମନାକୁ ଆସେନାହିଁ । ଏହି ସଂସାର ବୃକ୍ଷର ଆରମ୍ଭ ନାହିଁ କି ଶେଷ ନାହିଁ । ଯାହାର ଅସ୍ତିତ୍ୱ ବା ସ୍ଥିତି ନାହିଁ, ତାହାର ଆରମ୍ଭ ବା ଶେଷ କିପରି ସମ୍ଭବ ? ଏହାର ଆଦି-ଅନ୍ତ ନଥିବା କାରଣରୁ ଏହାକୁ ଅନାଦି କୁହାଯାଇଛି । ଏହାର ଅନ୍ତ କେଉଁ ପର୍ଯ୍ୟନ୍ତ ପ୍ରସାରିତ, କେହି ଜାଣିପାରନ୍ତି ନାହିଁ । ସଂସାରର ପ୍ରବାହଧାରା କେଉଁ କାଳ ପର୍ଯ୍ୟନ୍ତ ଚାଲିରହିବ, ତାହା ମଧ୍ୟ କେହି କଳନା କରିପାରିବେ ନାହିଁ । ସଂସାର ସହିତ ସମ୍ବନ୍ଧ ସ୍ୱୀକାର କରି ଭୋଗଦିଗକୁ ମନୋବୃତ୍ତି ରଖିଥିବା ପର୍ଯ୍ୟନ୍ତ ଏ ସଂସାରର ଆରମ୍ଭ ଓ ଅନ୍ତ ଜାଣିବା ଅସମ୍ଭବ । ସ୍ଥିତିକାଳରେ ମଧ୍ୟ ସଂସାର ନିରନ୍ତର ପରିବର୍ତ୍ତିତ ହୁଏ । ଯେଉଁ ରୂପ କ୍ଷଣିକ ପୂର୍ବରୁ ଥିଲା, ସେହିରୂପ କ୍ଷଣିକ ପରେ ରହୁନାହିଁ । ଏହିପରି ଭାବରେ ସଂସାର ବୃକ୍ଷର ଆଦି, ଅନ୍ତ ଓ ସ୍ଥିତି-ତିନୋଟିଯାକ ଉପଲବ୍ଧ ହୁଏନାହିଁ । ସ୍ଥାବର-ଜଙ୍ଗମରୂପୀ ଚିନ୍ତନ ତଥା ଅନାଦିକାଳରୁ ଅଜ୍ଞାନ ଦ୍ୱାରା ଦୃଢୀଭୂତ ହୋଇଥିବା ଅହଂତା, ମମତା ଓ ବାସନରୂପୀ ମୂଳକୁ ତ୍ୟାଗ କରିବା ହିଁ ବୃକ୍ଷର ଅବାନ୍ତର ମୂଳମାନଙ୍କୁ ଛେଦନ କରିବା । ସୂର୍ଯ୍ୟ ଅନ୍ଧକାରକୁ ବିନାଶ କରିବାଭଳି, ଜାଗୃତି ସ୍ୱପ୍ନକୁ ଧ୍ୱଂସ କରିଦେବା ଭଳି ଆତ୍ମଜ୍ଞାନର ତରବାରୀ ଏହି ସଂସାର ବୃକ୍ଷକୁ ଅଚିରେ କାଟି ନିପାତ କରିଦେଇପାରିବ । ବିବେକ ଦ୍ୱାରା ସମସ୍ତ ସଂସାରକୁ ନାଶବାନ୍ ବୋଲି ବୁଝିପାରି ଇହଲୋକ ପରଲୋକରେ ସ୍ତ୍ରୀ, ପୁତ୍ର, ଧନ, ଗୃହ ତଥା ମାନ, ସମ୍ମାନ, ପ୍ରତିଷ୍ଠା ଓ ସ୍ୱର୍ଗ ଆଦି ସମସ୍ତ ଭୋଗରେ ସୁଖ, ପ୍ରୀତି ଓ ରମଣୀୟତାର ଆଭାସ ନହେବା, ସେଥିରେ ଆସକ୍ତିର ସର୍ବଥା ଅଭାବ ହେବା ହିଁ ଦୃଢ ବୈରାଗ୍ୟ ବା ଅସଙ୍ଗ ଶସ୍ତ୍ର । ଏହି ଅସଙ୍ଗ ଶସ୍ତ୍ରଦ୍ୱାରା ସଂସାର ବିଷୟ ଚିନ୍ତନ ତ୍ୟାଗ କରିଦେଇ , ସେଥିରୁ ଉପରତ ହୋଇଯିବା ଏବଂ ଅହଂତ୍ୱ, ମମତ୍ୱ ଓ ବାସନା ରୂପକ ମୂଳମାନଙ୍କୁ ଉଚ୍ଛେଦ କରିଦେବା ହିଁ ସଂସାର ବୃକ୍ଷକୁ ଦୃଢ ବୈରାଗ୍ୟ ରୂପକ ଶସ୍ତ୍ରଦ୍ୱାରା ସମୂଳେ ଉଚ୍ଛେଦ କରିଦେବା । ମନୁଷ୍ୟ ଯଦି ସ୍ୱୟଂ ଅନୁଭବକରେ ଯେ, 'ମୁଁ ଶରୀର ନୁହେଁ ଓ ଶରୀର ମୋର ନୁହେଁ, ତେବେ କାମନା ମମତା ଓ ତାଦାତ୍ମ୍ୟ – ଏହି ତିନୋଟିଯାକ ଲୋପ ପାଇଯାଏ । ଏହା ହିଁ ପ୍ରକୃତ ବୈରାଗ୍ୟ ।

ତତଃ ପଦଂ ତତ୍ପରିମାର୍ଗିତବ୍ୟଂ ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେଃ ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ॥୪॥

*ଅନ୍ୱୟ: ତତଃ ( ତଦନନ୍ତର) ତତ୍ (ସେହି) ପଦଂ (ପରମ ପଦ ରୂପକ ପରମେଶ୍ୱରଙ୍କୁ) ପରିମାର୍ଗିତବ୍ୟଂ (ନିଷ୍ଠାର ସହିତ ଅନୁସନ୍ଧାନ କରିବା କର୍ତ୍ତବ୍ୟ ) ଯସ୍ମିନ୍ ଗତାଃ (ଯେଉଁ ପଦକୁ ପ୍ରାପ୍ତକରିନେବା ପରେ) ଭୂୟଃ (ପୁଣି) ନ ନିବର୍ତ୍ତନ୍ତି (ସଂସାରରେ ଜନ୍ମ ନିଅନ୍ତି ନାହିଁ ) ଚ (ଏବଂ) ଯତଃ (ଯେଉଁ ପରମେଶ୍ୱରଙ୍କଠାରୁ) ପୁରାଣୀ (ଚିରନ୍ତନୀ) ପ୍ରବୃତ୍ତିଃ (ସଂସାର ଗତି ବା ସଂସାର ପ୍ରବାହ) ପ୍ରସୃତା (ବିସ୍ତାର ଲାଭ କରିଛି) ତମ୍ (ସେହି) ଆଦ୍ୟଂ ପୁରୁଷଂ (ଆଦି ପୁରୁଷ ନାରାୟଣଙ୍କ ) ଏବ (ହିଁ) ପ୍ରପଦ୍ୟେ ( "ମୁଁ ଶରଣ ନେଉଅଛି"-(ଏହି ଜ୍ଞାନରଖି ଅନ୍ୱେଷଣ କରିବାକୁ ହେବ) ।*

**ଭାବାର୍ଥ**: ଏହି ଅଶ୍ୱତ୍ଥ ସଂସାର ବୃକ୍ଷକୁ ସୁଦୃଢ଼ 'ଅସଙ୍ଗ' ଶସ୍ତ୍ର ଦ୍ୱାରା ଛେଦନ ଉପରାନ୍ତ ସେହି ପରମ ପଦ ରୂପକ ପରମେଶ୍ୱରଙ୍କ ପୂର୍ଣ୍ଣ ରୂପରେ ଅନ୍ୱେଷଣ କରିବା କର୍ତ୍ତବ୍ୟ । ଯେଉଁ ପଦକୁ ପ୍ରାପ୍ତ ହେଲାପରେ, ପୁନଃ ଲେଉଟି ଆସିବାର ସ୍ଥିତି ଅର୍ଥାତ୍ ସଂସାରରେ ପୁନର୍ଜନ୍ମ ପ୍ରାପ୍ତ ହୋଇ ନଥାଏ । ଅନ୍ୱେଷକ ବା ସାଧକ ଯେଉଁ ପରମେଶ୍ୱରଙ୍କଠାରୁ ଏହି ପୁରାତନ ସଂସାର ବୃକ୍ଷର ପରମ୍ପରା  ବିସ୍ତୃତ ଲାଭ କରିଛି, ସେହି ଆଦି-ପୁରୁଷ ନାରାୟଣଙ୍କ ଶରଣ ପ୍ରାପ୍ତ କରିନିଏ । ମହତ-ତତ୍ତ୍ୱ, ଅହଂକାର ଆଦିର କ୍ରମାନୁସାରେ ସଂସାର ସୃଷ୍ଟି ସମ୍ବନ୍ଧରେ ଜୀବ ଅବଗତ ହେଲେ ମଧ୍ୟ ଏହା ଜାଣି ପାରି ନଥାଏ କି, ପ୍ରକୃତିର ମୂଳ ଆଶ୍ରୟ ପରମେଶ୍ୱର ହିଁ ସକଳ ପ୍ରାଣୀଙ୍କ ଆଶ୍ରୟ ଅଟନ୍ତି । ଭଗବତ୍ ବିମୁଖତାର କାରଣରୁ ଜୀବ ମାୟା ଦ୍ୱାରା ମୋହିତ ହୋଇ ତ୍ରିଗୁଣମୟ ସଂସାରରେ ଗୁଣମାନଙ୍କ ଦ୍ୱାରା ପରିଚାଳିତ ହୋଇ, ଜନ୍ମ ଜନ୍ମ ଧରି ଅନେକ ନିକୃଷ୍ଟ-ଉତ୍କୃଷ୍ଟ ଶରୀର ଧାରଣ କରି କ୍ଳାନ୍ତ ହୋଇଯାଏ । 'ଏହି ସଂସାର ବୃକ୍ଷର ଅନ୍ତ ନାହିଁ' – ଏହାକୁ ଉତ୍ତମରୂପେ  ବୁଝି, ସଂସାର ରୂପୀ ବୃକ୍ଷକୁ ଛେଦନ କରିବାର ଅବାଶ୍ୟକତାକୁ ଅନୁଭବ କରେ । ସତ୍-ସଙ୍ଗ ଦ୍ୱାରା ପ୍ରାପ୍ତ ଭକ୍ତି ଅନୁଶୀଳନ ବଳରେ ସଂସାର ପ୍ରତି ବୈରାଗ୍ୟ ଜାତାହୁଏ । ସଂସାର ଭୋଗପ୍ରତି ଅନାସକ୍ତ ରହି ମନୁଷ୍ୟ ପରମତତ୍ତ୍ୱ ଶ୍ରୀହରୀଙ୍କ ଚରଣରେ ଶରଣାଗତ ହୋଇ ଭଗବାନଙ୍କ ଭଜନ ଆରମ୍ଭ କରିବାକୁ ଲାଗେ । ଯେତେବେଳେ ମନୁଷ୍ୟର ବହିର୍ମୁଖୀ ପ୍ରବୃତ୍ତି ବହୁତ ମାତ୍ରାରେ କ୍ଷୀଣ ହୋଇଯାଏ, ଅର୍ଥାତ୍  ଜ୍ଞାନଦ୍ୱାରା ବୈରାଗ୍ୟ ଜାତହୁଏ, ସେତେବେଳେ ସାଧକ ନିଜର ବୁଦ୍ଧିକୁ ସଜାଗତା ପୂର୍ବକ ସଂସାରର ଆଦିସ୍ରୋତ ସଚ୍ଚିଦାନନ୍ଦ ପରମାତ୍ମାଙ୍କଠାରେ ଭକ୍ତି ଓ ସମର୍ପଣ ଭାବ ସହିତ ସମାହିତ କରିବାର ପ୍ରଚେଷ୍ଟା କରେ । ସେହି ସର୍ବ ଶକ୍ତିମାନ, ସର୍ବାଧାର ପରମେଶ୍ୱରଙ୍କୁ ପ୍ରାପ୍ତ କରିବା ଇଚ୍ଛାରେ ବାରମ୍ବାର ତାଙ୍କ ଗୁଣ, ଲୀଳା, ପ୍ରଭାବ ସହିତ ସ୍ୱରୂପର ମନନ ଓ ନିଦିଧ୍ୟାସନ କରିବା ହିଁ  ସେହି ପରମାତ୍ମାଙ୍କୁ ଖୋଜିବା  । ପରମାତ୍ମା ନିତ୍ୟପ୍ରାପ୍ତ ଓ ସ୍ୱତଃସିଦ୍ଧ ହୋଇଥିବାରୁ ତାଙ୍କୁ ଖୋଜା ଯାଇଥାଏ । ପରମାତ୍ମା କେବେ ବି ଅପ୍ରାପ୍ତ ସ୍ଥିତିରେ ନଥାନ୍ତି, ବରଂ ତାଙ୍କରି ବିସ୍ମୃତ ଘଟିଥାଏ । ଯେଉଁ ପରମାତ୍ମା ସର୍ବଦା ନିଜର ଅଟନ୍ତି, ନିଜଠାରେ ଅଛନ୍ତି ଓ ଏବେ ମଧ୍ୟ ଅଛନ୍ତି, ତାଙ୍କରି ଆଶ୍ରୟ ନେବା ହିଁ ତାଙ୍କୁ ଖୋଜି ପାଇବା । ଜୀବ ପରମାତ୍ମାଙ୍କ ହିଁ ଅଂଶ । ସଂସାର ସହିତ ସମ୍ବନ୍ଧ ମାନି ନେଇଥିବାରୁ ମନୁଷ୍ୟ ନିଜ ଅଂଶୀ ପରମାତ୍ମାଙ୍କ ସହିତ ରହିଥିବା ନିତ୍ୟ ସମ୍ବନ୍ଧକୁ ଭୁଲି ଯାଇଛି । ଏହି ବିସ୍ମୃତି ଅପସରିଗଲେ 'ମୁଁ ଭଗବାନଙ୍କର ଓ ଭଗବାନଙ୍କ ପାଇଁ " - ଏହି ବାସ୍ତବିକତାର ସ୍ମୃତି ଲାଭ ହୋଇଯାଏ । ନିତ୍ୟ ପରମାତ୍ମା ତତ୍ତ୍ୱ କୌଣସି କର୍ମ ଆଧାରିତ ସାଧନ  ଦ୍ୱାରା ପ୍ରାପ୍ତ ହୋଇ ନଥାଏ । ତ୍ୟାଗ, ତପସ୍ୟା ଇତ୍ୟାଦି ଦ୍ୱାରା ଜଡ ସଂସାର ଓ ଶରୀର ସହିତ ଥିବା ଭ୍ରମ ସମ୍ବନ୍ଧ ବିଚ୍ଛିନ୍ନ ହେବାକ୍ଷଣି ଯେଉଁ ତତ୍ତ୍ୱ ସର୍ବତ୍ର ବିଦ୍ୟମାନ ତଥା ନିତ୍ୟ ପ୍ରାପ୍ତ, ତାହା ଅନୁଭୂତ ହୁଏ ଓ ସ୍ମୃତି ଜାଗ୍ରତ ହୋଇଯାଏ । ଥରେ ପରମାତ୍ମାଙ୍କ ସ୍ମୃତି ଲାଭ ହୋଇଗଲେ, ତାହା ଆଉ କେବେ ବିସ୍ମୃତ ହୁଏନାହିଁ । ସାଧକ ଯେତେବେଳେ ଜାଣିଯାଏ କି, ପରମାତ୍ମା ପ୍ରାପ୍ତି ହିଁ ଜୀବନର ସର୍ବଶେଷ ଲକ୍ଷ୍ୟ ଏବଂ ଏହି ଲକ୍ଷ୍ୟ ଆଗରେ ସାଂସାରିକ ସମସ୍ତ ସୁଖ ତୁଚ୍ଛ, ସେତେବେଳେ ପରମାତ୍ମା ପ୍ରାପ୍ତି ନିମିତ୍ତ ତତ୍ପର ହୋଇ ଉଠେ । ସାଧକ ଅନ୍ତରରେ ନିଜପାଇଁ  କିଛି ପାଇବାର ତଥା କରିବାର ଇଚ୍ଛା ନରଖି, ସବୁକିଛି ଭଗବାନଙ୍କ ଇଚ୍ଛାନୁଯାୟୀ ହେବ ବୋଲି ଦୃଢ ଭାବରେ ସ୍ୱୀକାର କରିନେବା ହିଁ ପ୍ରକୃତ ଶରଣାଗତି ।

ନିର୍ମାନମୋହା ଜିତସଙ୍ଗଦୋଷା ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈର୍ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍ ॥୫॥

*ଅନ୍ୱୟ: ନିର୍ମାନମୋହାଃ (ଗର୍ବ-ମୋହ ବର୍ଜିତ ଅର୍ଥାତ୍ ଯାହାଙ୍କ ମିଥ୍ୟା ଅହଂକାର ଓ ମୋହ ନଷ୍ଟ ହୋଇ ଯାଇଛି) ଜିତସଙ୍ଗଦୋଷାଃ (ଆସକ୍ତି ରୂପକ ଦୋଷକୁ ଯେ' ଜିତିପାରିଛନ୍ତି) ଅଧ୍ୟାତ୍ମନିତ୍ୟାଃ (ଯେ' ପରମାତ୍ମା-ସ୍ୱରୂପରେ ନିତ୍ୟ ସ୍ଥିତ-ନିରନ୍ତର ଆତ୍ମା ନିବାସୀ ) ବିନିବୃତ୍ତକାମାଃ ( ସମ୍ପୂର୍ଣ୍ଣ କାମନା ସ୍ୱଦୃଷ୍ଟିରେ ବର୍ଜିତ) ସୁଖଦୁଃଖସଂଜ୍ଞୈଃ (ସୁଖ-ଦୁଃଖ ନାମକ) ଦ୍ୱନ୍ଦ୍ୱୈଃ (ଦ୍ୱନ୍ଦ୍ୱ ମାନଙ୍କରୁ ) ବିମୁକ୍ତାଃ (ସମ୍ପୂର୍ଣ୍ଣ ଭାବରେ ମୁକ୍ତ)ଅମୂଢାଃ (ମୋହଶୂନ୍ୟ ବିବେକୀ ଜନ ) ତତ୍ (ସେହି) ଅବ୍ୟୟଂ ପଦଂ (ଅବିନାଶୀ ପରମପଦକୁ) ଗଚ୍ଛନ୍ତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ପୂର୍ବ ଶ୍ଳୋକ ବର୍ଣ୍ଣନା ପ୍ରକାରେ ସମର୍ପଣ ଦ୍ୱାରା ଯାହାଙ୍କର ମିଥ୍ୟା ଅହଂକାର ଓ ମୋହ ନଷ୍ଟ ହୋଇ ଯାଇଅଛି, ଯେ' ସଂସାରର ବିଷୟାସକ୍ତ ଦୋଷକୁ ଜିତି, ନିତ୍ୟ ନିରନ୍ତର ପରମାତ୍ମା ସ୍ୱରୂପ ସହିତ ସଂଯୁକ୍ତ ତଥା ଆତ୍ମା ନିବାସୀ, ସ୍ୱଦୃଷ୍ଟିରେ ଯେ' ସମସ୍ତ କାମନା ଓ ବାସନାକୁ ସମ୍ପୂର୍ଣ୍ଣ ବର୍ଜନ କରିଛନ୍ତି, ସୁଖ-ଦୁଃଖ ନାମକ ସମସ୍ତ ଦ୍ୱନ୍ଦ୍ୱରୁ ଯେ' ମୁକ୍ତ ହୋଇ ରହିଛନ୍ତି, ସେହି ଅଜ୍ଞାନ ଶୂନ୍ୟ ବିବେକୀ ପୁରୁଷ ସେହି ଅବିନାଶୀ ପରମପଦ ପରମେଶ୍ୱରଙ୍କୁ ପ୍ରାପ୍ତ ହୁଅନ୍ତି । ପରମ ପୁରୁଷ ଭଗବାନ ହେଉଛନ୍ତି ଏହି ସମଗ୍ର ସଂସାରର ଉତ୍ପାଦକ, ପାଳକ ଓ ସଂହାରକ । ଅଜ୍ଞାନ ମନୁଷ୍ୟ ନିଜ ବାହୁବଳ, ଧନବଳ, ମାନ ଓ ପ୍ରତିଷ୍ଠାର ଅହଂକାରରେ ମୋହଗ୍ରସ୍ତ ହୋଇ ନିଜକୁ ନିଜେ ସମ୍ମାନୀୟ ବ୍ୟକ୍ତି ବୋଲି ଭାବି ଗର୍ବ ଅନୁଭବ କରିଥାଏ । ଶରୀର ସହିତ ସମ୍ବନ୍ଧ ସ୍ଥାପନ କରିବାରୁ ହିଁ ନାମ, ଉପାଧି, ମାନ-ସମ୍ମାନ ଆଦି ଭ୍ରମ ବଶତଃ ଶରୀର ପରିବର୍ତ୍ତେ ସ୍ୱୟଂରେ ହେଲାଭଳି ଅନୁଭୂତ ହୋଇଥାଏ । ସତ୍-ଅସତ୍, ଆତ୍ମା-ଅନାତ୍ମା, ବାସ୍ତବ- ଅବାସ୍ତବ ଆଦି ଯଥାର୍ଥ ଭାବେ ଚିହ୍ନିବାରେ ବିବେକର ଅଭାବ ହେଉଛି 'ମୋହ' । କେବଳ ମନୁଷ୍ୟର ନିଜ ଆତ୍ମ-ସ୍ୱରୂପର ଜ୍ଞାନ ହେବାରେ ହିଁ ଏହି ମୋହ ଦୂର ହୋଇଥାଏ । ପରମାତ୍ମାଙ୍କ ଶରଣାପନ୍ନ ବ୍ୟକ୍ତିଙ୍କ ମନର କୌଣସି କୋଣରେ ଲେଶମାତ୍ର ଅହଂ ଭାବ ବା ମୋହ ନଥାଏ । ସୂର୍ଯ୍ୟଙ୍କ ଆଗମନରେ ଅନ୍ଧାରର ଯେପରି ବିଲୁପ୍ତ ଘଟିଥାଏ, ଆତ୍ମା-ସ୍ୱରୂପର ଦର୍ଶନ ମାତ୍ରେ ଅଜ୍ଞାନ ଓ ଦେହାଭିମାନ ଅନ୍ତର୍ଦ୍ଧାନ ହୋଇଯାଏ । ଯେ' କୌଣସି ବସ୍ତୁ ପ୍ରତି ଆସକ୍ତି ଭାବ ହେଉଛି 'ସଙ୍ଗ' ଏବଂ ଅନ୍ତଃକରଣରେ ରାଗ-ଦ୍ୱେଷରୁ ଜାତ ମମତା, ସ୍ପୃହା, ଆଶା, ବିରୋଧ ଭାବ ପ୍ରଭୃତି ହେଉଛି 'ଦୋଷ' ବା ବିକାର । ଦେହ ସହିତ ତାଦାତ୍ମ୍ୟ କରି କେବଳ ଇନ୍ଦ୍ରିୟମାନଙ୍କ ବିଷୟଭୋଗରେ ରମଣ କରିବାର ଅର୍ଥ, ପ୍ରାପ୍ତ ହୋଇଥିବା ଦୁର୍ଲଭ ମନୁଷ୍ୟ ଜୀବନକୁ ବୃଥାରେ ନଷ୍ଟ କରିଦେବା । ତେଣୁ ଯେ' ଏହି ବିଷୟ ସଙ୍ଗଦୋଷକୁ ଜିତି ପାରିଛି, ସେ ହିଁ ମୋକ୍ଷର ଅଧିକାରୀ । ଚରିତ୍ର ନିର୍ମାଣରେ 'ସଙ୍ଗ-ଦୋଷ'ର ପ୍ରଭାବ ବହୁ ମାତ୍ରାରେ ପରିଲକ୍ଷିତ ହୁଏ । ଯେଉଁମାନଙ୍କ କ୍ଷଣିକ ପାଇଁ ମଧ୍ୟ ପରମାତ୍ମାଙ୍କଠାରୁ ବିୟୋଗ ହୁଏନାହିଁ, ଯାହାଙ୍କର ସ୍ଥିତି ଆତ୍ମା ସ୍ୱରୂପରେ ସର୍ବଦା ଅଟଳ ରହିଥାଏ, ସେପରି ପୁରୁଷମାନଙ୍କୁ ଅଧ୍ୟାତ୍ମନିତ୍ୟା କହନ୍ତି । ସେହି ସର୍ବ ବ୍ୟାପକ, ସର୍ବ ପ୍ରକାଶକ, ସର୍ବେଶ୍ୱର ଭଗବାନଙ୍କଠାରେ ହିଁ ପ୍ରତ୍ୟେକ ପ୍ରାଣୀଙ୍କ ସ୍ଥିତି ସର୍ବଥା ବିଦ୍ୟମାନ । ତଥାପି ଜୀବ ଭ୍ରମବଶତଃ ନିଜର ସ୍ଥିତି ଭଗବାନଙ୍କଠାରେ ସ୍ୱୀକାର ନକରି ସଂସାରକୁ ଆଶ୍ରିତ ହୋଇଥାଏ । ଯେଉଁ ଭକ୍ତଜନ କେବଳ ଭଗବାନଙ୍କ ସହିତ ନିଜର ସମ୍ବନ୍ଧ ସ୍ୱୀକାର କରନ୍ତି, ସେମାନେ ନିତ୍ୟ-ନିରନ୍ତର ଭଗବାନଙ୍କଠାରେ ସ୍ଥିତ ରହନ୍ତି । ଯାହାର

ପ୍ରକାଶରେ ବୁଦ୍ଧି କାର୍ଯ୍ୟ କରିଥାଏ, ଯାହାର ସତ୍ତାରେ ଶରୀର ଜୀବନ୍ତ ରହେ, ଯେଉଁ ଆନନ୍ଦ ସ୍ୱରୂପ ସ୍ମରଣରେ ଆନନ୍ଦ ମିଳିଥାଏ, ଯେ' ସାକ୍ଷୀ ରୂପରେ ସର୍ବଜ୍ଞାତା ଅଟନ୍ତି, ଯେ ଆତ୍ମା ରୂପରେ ପରମାତ୍ମା ଅଟନ୍ତି, ସେ' କେଉଁଠାରେ ଶରୀରରେ ରହିଛନ୍ତି, କେଉଁ ରୂପରେ ତାଙ୍କରି ପ୍ରଭାବ କାର୍ଯ୍ୟକାରୀ ହୋଇଥାଏ, ତାଙ୍କରି ସମ୍ବନ୍ଧରେ ନିରନ୍ତର ଚିନ୍ତା ଅନୁଶୀଳନ କରିବା ହେଉଛି 'ଅଧ୍ୟାତ୍ମନିତ୍ୟା' । ଏହି ପ୍ରକାର ଏକ ଅନନ୍ତ ମହାଶକ୍ତିର ଅଂଶ ଜୀବର ହୃଦୟରେ ରହି ଜୀବନଶକ୍ତି ପ୍ରବାହର କାରଣ ହୋଇଥାନ୍ତି । ଯେଉଁମାନଙ୍କଠାରେ ଇଚ୍ଛା, କାମନା, ତୃଷ୍ଣା, ବାସନା ଆଦି ଲେଶମାତ୍ର ବି ରହିନାହିଁ, ସେହି ପୁଷମାନଙ୍କୁ 'ବିନିବୃତ୍ତକାମା' କୁହାଯାଇଛି । ଆତ୍ମ-ସ୍ୱରୂପର ପରିଚୟ ପାଇବାମାତ୍ରେ ଜ୍ଞାନୀ ଏକାବେଳକେ କାମନା ଶୂନ୍ୟ ହୋଇ ପଡେ । ନିଆଁ ଲାଗିଥିବା ଥୁଣ୍ଟାଗଛରୁ ପକ୍ଷୀମାନେ ଯେପରି ଉଡି ପଳାନ୍ତି, ବିନିବୃତ୍ତକାମ ବ୍ୟକ୍ତିମାନଙ୍କଠାରୁ କାମନା ସବୁ ଠିକ୍ ସେହିପରି ଛାଡି ପଳାଇଥାନ୍ତି । ପବନ ଆଗରେ ଧୂଳି ରହି ନପାରିବା ପରି ତାଙ୍କରି ପାଖରେ କୌଣସି ଇନ୍ଦ୍ରିୟର ତାଡନା ବା ଚାପ ନଥାଏ । ଜ୍ଞାନାଗ୍ନି ଦ୍ୱାରା ସକଳ କାମନା ଦଗ୍ଧ ହୋଇଯାଏ । ଗୋସ୍ୱାମୀଙ୍କ ଲେଖା (ମାନସ) –" ଜିମି ପ୍ରତିଲାଭ ଲୋଭ ଅଧିକାଈ"- ଏହାର ଅର୍ଥ ହେଲା କି, ଯେତେ ଭୋଗ୍ୟ ବସ୍ତୁ ପ୍ରାପ୍ତହେଲେ ସୁଦ୍ଧା କାମନାର ପୂର୍ତ୍ତି କେବେ ସମ୍ଭବ ନୁହେଁ । ସୁଖ ହେଉଛି ଆତ୍ମାର ସ୍ୱରୂପ । ସୁଖ କେବେ ବି ବସ୍ତୁର ଧର୍ମ ନୁହଁ । ଏହି ଦୃଢ ଧାରଣାରେ କାମନା ଗୁଡିକର ନିବୃତ୍ତ ସମ୍ଭବ ହୋଇଥାଏ । ଅତଏବ, କାମନା ରହିତ ହେବାକୁ ହେଲେ, ସାଧକ ପ୍ରତିକ୍ଷଣ ସରି ସରି ଯାଉଥିବା ଶରୀରକୁ ସ୍ଥିର ମନେକରି ତା'ସହିତ ସମ୍ବନ୍ଧ ସ୍ଥାପନ କରିବା ଉଚିତ ନୁହଁ । ବସ୍ତୁନିଷ୍ଠ ଜଗତ କଦାପି ଏକ ରୂପ ଏକ ରସ ଭାବରେ ସର୍ବଥା ଅନୁଭବ ହୋଇ ନଥାଏ । ଏହା ପ୍ରିୟ-ଅପ୍ରିୟ, ଅନୁକୂଳ-ପ୍ରତିକୂଳ, ଭଲ-ମନ୍ଦ ଆଦି ଦ୍ୱନ୍ଦ୍ୱାତ୍ମକ ଭାବ ଉତ୍ପନ୍ନ କରାଇଥାଏ । ମନ ବିଷୟ ଜଗତରେ ବାନ୍ଧି ହୋଇ ରହିଥିବା ପର୍ଯ୍ୟନ୍ତ ଏହି ଦ୍ୱନ୍ଦ୍ୱ ଗୁଡିକରୁ କଦାପି ମୁକ୍ତ ହୋଇ ପାରିବ ନାହିଁ । ଯେତେବେଳେ ସାଧକ ପରମାତ୍ମା ତତ୍ତ୍ୱର ସ୍ୱରୂପକୁ ଉତ୍ତମ ରୂପେ ବୁଝିପାରେ, ସେତେବେଳେ ସେ' ସୁଖ-ଦୁଃଖ ଏବଂ ଆନନ୍ଦ-ବିଷାଦ ଆଦି ଦ୍ୱନ୍ଦ୍ୱାତ୍ମକ ଧାରଣାରୁ ମୁକ୍ତ ହୋଇ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଯାଏ । "ଯାହାକିଛି ଘଟୁଛି, ତାହା ସବୁ ପ୍ରଭୁଙ୍କର ମଙ୍ଗଳମୟ ବିଧାନ" – ଏହି ପ୍ରକାର ଦୃଢ ଧାରଣାରେ ଦ୍ୱନ୍ଦ୍ୱ ଅତି ସହଜରେ ନଷ୍ଟ ହୁଏ । ଭଗବାନଙ୍କ ଶ୍ରୀ ଚରଣ କମଳରେ ପ୍ରେମ ପୂର୍ଣ୍ଣ ସେବା ହିଁ ସେହି ଶାଶ୍ୱତ ପଦର ପ୍ରାପ୍ତି । ଏହି ରସମୟୀ ସେବାପ୍ରାପ୍ତି କରିବା ନିମିତ୍ତ ସର୍ବପ୍ରଥମେ ଭଗବାନଙ୍କ ଚରଣ କମଳରେ ଶରଣାଗତ ହେବା ଆବଶ୍ୟକ । କିନ୍ତୁ ଭଗବାନଙ୍କ ଶରଣ ଗ୍ରହଣ କରିବା ମଧ୍ୟ ସରଳ ସହଜ ନୁହଁ । ସଂସାରକୁ ସ୍ଥାୟୀ ମନେକରିବା ହେଉଛି ମୂଢତା । ଯେ ଅଜ୍ଞାନୀ, ତା'କୁ ଶରୀର ଓ ସଂସାର ଅଛିବୋଲି ସ୍ପଷ୍ଟ ଅନୁଭୂତ ହୁଏ । ଯେଉଁ ଭକ୍ତଙ୍କର ଏହି ମୂଢତା ନାହିଁ, ସେମାନଙ୍କୁ ପରମାତ୍ମାଙ୍କ ଅସ୍ତିତ୍ୱ ସ୍ପଷ୍ଟ ଅନୁଭୂତ ହୁଏ । ସେହିମାନେ ସେହି ଅବିନାଶୀ ପରମାତ୍ମାଙ୍କୁ ଅବଶ୍ୟ ପ୍ରାପ୍ତ ହୁଅନ୍ତି, ଯାହାର ପ୍ରାପ୍ତ ହେବାପରେ ଆଉ ନାଶବାନ୍ ସଂସାରରେ ଜନ୍ମ ନେବାକୁ ପଡି ନଥାଏ । 'ଅମୂଢାଃ" ପଦ ଜ୍ଞାନୀ ମହାତ୍ମା ମାନଙ୍କର ବାଚକ । ଏହି ଶ୍ଲୋକରେ ବର୍ଣ୍ଣିତ ଉପରୋକ୍ତ ଗୁଣ ସମ୍ପନ୍ନ ସାଧକ ସେହି ସର୍ବଶକ୍ତିମାନ୍, ସର୍ବାଧାର ପରମପଦ ସ୍ୱରୂପ ପରମେଶ୍ୱରଙ୍କ ପ୍ରାପ୍ତ ନିମିତ୍ତ ଅଧିକାରୀ ଅଟନ୍ତି । ବାସ୍ତବରେ ସମସ୍ତ ଉପାସନାର ଏକମାତ୍ର ଉଦ୍ଦେଶ୍ୟ ହେଲା କି, ସଂସାର(ଜଡତା)ରୁ ସମ୍ବନ୍ଧ ବିଚ୍ଛେଦ ।

ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।
ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥୬॥

*ଅନ୍ୱୟ: ତଦ୍ (ସେହି ସ୍ୱୟଂ ପ୍ରକାଶ ପରମ ପଦକୁ) ସୂର୍ଯ୍ୟଃ (ଦିବାକର) ନ ଭାସୟତେ (ପ୍ରକାଶିତ କରିପାରନ୍ତି ନାହିଁ) ନ ଶଶାଙ୍କଃ (ଚନ୍ଦ୍ର ପ୍ରକାଶିତ କରିପାରନ୍ତି ନାହିଁ) ନ ପାବକଃ ( ଅଗ୍ନି ପ୍ରକାଶିତ କରିପାରେ ନାହିଁ) ଯଦ୍ (ଯେଉଁ ପରମ ପଦକୁ) ଗତ୍ୱା (ପ୍ରାପ୍ତହୋଇ) ନ ନିବର୍ତ୍ତନ୍ତେ ( ଜୀବ ମର୍ତ୍ତ୍ୟଲୋକକୁ ଫେରିଆସେ ନାହିଁ) ତଦ୍ (ତାହା ହିଁ) ମମ (ମୋର) ପରମଂ ଧାମଂ (ମୋର ପରମ ଧାମ ) ।*

**ଭାବାର୍ଥ**: ପରମାତ୍ମା ସ୍ୱୟଂ ପ୍ରକାଶମୟ । ତାଙ୍କରି ପ୍ରକାଶରେ ସମସ୍ତ ବ୍ରହ୍ମାଣ୍ଡ ପ୍ରକାଶିତ । ଏହି ଶ୍ଲୋକଟି ପ୍ରାୟ ଅକ୍ଷରଶଃ ସମ୍ପୂର୍ଣ୍ଣରୂପେ କଠୋପନିଷଦ ଓ ଶ୍ୱେତାଶ୍ୱତର ଉପନିଷଦରେ ମିଳେ । **"ନ ତତ୍ରସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ ନେମା ବିଦ୍ୟୁତୋ ଭାନ୍ତି କୁତୋୟମଗ୍ନିଃ । ତମେବ ଭାନ୍ତମନୁଭାତି ସର୍ବଂ ତସ୍ୟ ଭାସା ସର୍ବମିଦଂ ବିଭାତି ॥** (କଠୋ-୨/୨/୧୫) : ଅର୍ଥାତ୍ ସେହି ସ୍ୱୟଂ ପ୍ରକାଶ ପୂର୍ଣ୍ଣବ୍ରହ୍ମ ପରମାତ୍ମାଙ୍କୁ ସୂର୍ଯ୍ୟ ପ୍ରକାଶିତ କରିପାରେ ନାହିଁ, ଚନ୍ଦ୍ରମା ନୁହେଁ କି ତାରାଗଣ ନୁହନ୍ତି, କି ବିଦ୍ୟୁତ ନୁହେଁ, କେହି ତାହାଙ୍କୁ ପ୍ରକାଶିତ କରିପାରନ୍ତି ନାହିଁ । ଯେଉଁଠି ତାହାଙ୍କୁ ସୂର୍ଯ୍ୟ ଆଦି ପ୍ରକାଶିତ କରିପାରନ୍ତି ନାହିଁ, ଏହି ଲୌକିକ ଅଗ୍ନି ବା କ'ଣ ? କାରଣ ଏ ସମସ୍ତେ ତାଙ୍କ ଦ୍ୱାରା ପ୍ରକାଶିତ ହେଲେ ହିଁ ତାଙ୍କ ପରେ ପ୍ରକାଶିତ ହୁଅନ୍ତି ଓ ତାଙ୍କ ପ୍ରକାଶଦ୍ୱାରା ଏ ସବୁ ପ୍ରକାଶିତ । ଯାହା କିଛି ଦେଖା ଯାଉଛି, ତାଙ୍କରି ଜ୍ୟୋତିରେ ହିଁ ଜ୍ୟୋତିର୍ବାନ ଅଟେ । ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ପରମବ୍ରହ୍ମଙ୍କଠାରୁ ଜ୍ୟୋତି ଗ୍ରହଣ କରନ୍ତି । ସମସ୍ତ ବୈକୁଣ୍ଠ ଲୋକର ଉଜ୍ଜ୍ୱଳ ଦୀପ୍ତିକୁ ବ୍ରହ୍ମଜ୍ୟୋତି କୁହାଯାଏ, ଯାହାକି ପରବ୍ୟୋମରେ ପରିବ୍ୟାପ୍ତ । ଏହା ଏକ ବିରାଟ ତେଜପୁଞ୍ଜ । ଚନ୍ଦ୍ର, ସୂର୍ଯ୍ୟ ଆଦି ଗ୍ରହମଣ୍ଡଳ ଏହାର ଅଧିଷ୍ଠାନରେ ପ୍ରକାଶିତ ହୁଅନ୍ତି । ଏହା ମଧ୍ୟ ସର୍ବତ୍ର ସମଭାବରେ ସର୍ବ ଭୂତରେ ଅବସ୍ଥିତ । ସେହି ଦୀପ୍ତିମନ୍ତ ପରମଧାମକୁ ପ୍ରାପ୍ତ ହେଲେ, ଜୀବ ଆଉ ସଂସାରକୁ ଲେଉଟି ଆସିବାକୁ ପଡେନାହିଁ । ସୃଷ୍ଟିର ଆରମ୍ଭ ପୂର୍ବରୁ ସେହି ଧାମ ରହିଥିଲା ଏବଂ ସୃଷ୍ଟିର ପ୍ରଳୟ କାଳରେ ସୂର୍ଯ୍ୟ ଚନ୍ଦ୍ରାଦି ଅବ୍ୟକ୍ତ ଭିତରେ ଲୀନ ହୋଇଯିବାପରେ ବି ତାହା ରହିଥିବ । ଯେ' ପର୍ଯ୍ୟନ୍ତ ଜୀବ ଏହି ଅନ୍ଧକାରମୟ ଜଗତରେ ରହିଥାଏ, ସେ ପର୍ଯ୍ୟନ୍ତ ତାହା ହେଉଛି ଜୀବର ବଦ୍ଧ ଅବସ୍ଥା । କିନ୍ତୁ ଯେ ଏହି ଭୌତିକ ଜଗତରୂପୀ ମିଥ୍ୟା, ବିକୃତ ବୃକ୍ଷକୁ କାଟି ଆଧ୍ୟାତ୍ମିକ ଆକାଶରେ ପହଞ୍ଚିଯାଏ, ସେଠାରେ ସେ ମୁକ୍ତ ହୋଇଯାଏ । ମୁକ୍ତ ଅବସ୍ଥାରେ ସେ' ଆଧ୍ୟାତ୍ମିକ ରାଜ୍ୟରେ ପ୍ରବେଶ କରିବା ପରେ ପରମେଶ୍ୱରଙ୍କ ପାର୍ଷଦ ହୋଇଯାଇ, ସେଠାରେ ସଚ୍ଚିଦାନନ୍ଦମୟ ଜୀବନ ବିତାଇଥାଏ । ମର୍ତ୍ତ୍ୟଲୋକରେ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କ ଦ୍ୱାରା ପ୍ରକାଶିତ ସମସ୍ତ ବସ୍ତୁର ରୂପ ଓ ରଙ୍ଗକୁ ଚକ୍ଷୁ ସହାୟତାରେ ଦେଖିହୁଏ । କିନ୍ତୁ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ଯଥାକ୍ରମେ ନେତ୍ର, ବାଣୀ ଓ ଅଗ୍ନିର ଅନୁଗ୍ରାହକ (ଅଧିଷ୍ଠାତ୍ ଦେବତା) ହେଲେ ମଧ୍ୟ ଏହିମାନେ ଇନ୍ଦ୍ରିୟ ଓ ଗୁଣମାନଙ୍କ ବିଷୟ ସମ୍ବନ୍ଧୀୟ ଜ୍ଞାନକୁ ପ୍ରକାଶିତ କରିପାରନ୍ତି ନାହିଁ । ଯେଉଁ ପ୍ରକାଶ ଦ୍ୱାରା ଏହି ସବୁ ବସ୍ତୁର ଜ୍ଞାନ ଅନୁଭବ ହୁଏ, ତାହା ଚୈତନ୍ୟର ପ୍ରକାଶ ଅଟେ । ଏହି ଚୈତନ୍ୟ ମଧ୍ୟ ସେହି ପରମ ପ୍ରକାଶ ବ୍ରହ୍ମଜ୍ୟୋତିର ଏକ ଅଂଶ । ଚିନ୍ମୟ ଆକାଶରେ ସୂର୍ଯ୍ୟ, ଚନ୍ଦ୍ରଙ୍କ ଭଳି କୌଣସି ଜ୍ୟୋତିଷ୍କର ଆବଶ୍ୟକତା ନାହିଁ, କାରଣ ଏହି ଧାମ ସ୍ୱୟଂ ପ୍ରକାଶମୟ । ସ୍ୱୟଂ ପ୍ରକାଶକର ଅର୍ଥ ହେଲା; ଯେଉଁଥିରେ ପ୍ରକାଶ୍ୟ ଓ ପ୍ରକାଶକର ପ୍ରଭେଦ ନାହିଁ । ଶ୍ରୁତିରେ

ଏହା ସ୍ପଷ୍ଟ କି, ନେତ୍ର, ମନ ଓ ବାଣୀ- ଏସବୁ ଆତ୍ମାର ପ୍ରେରଣାରେ ହିଁ ଚାଲିଥାନ୍ତି । ତେଣୁ ସେମାନେ ଆତ୍ମାକୁ ପ୍ରକାଶିତ କରିପାରନ୍ତି ନାହିଁ । ଯେଉଁ ଚୈତନ୍ୟ ସତ୍ତା ଦ୍ୱାରା ଜୀବନର ସୁଖ-ଦୁଃଖାଦି ଅନୁଭବଗୁଡ଼ିକ ଜଣାପଡ଼େ, ସେହି ଚୈତନ୍ୟ ଆତ୍ମା ହିଁ ସନାତନ, ଅବ୍ୟୟ, ଯାହାକୁ ଭଗବାନ ଏହିଠାରେ 'ପରମ ଧାମ' ରୂପେ ବର୍ଣ୍ଣନା କରିଛନ୍ତି । ସେହି ତେଜୋମୟ ପଦାର୍ଥର ପ୍ରଭା ହେଉଛି ଏହି ଆତ୍ମା-ସ୍ୱରୂପ । ଆତ୍ମାର ପ୍ରକାଶ ମାତ୍ରେ ଚନ୍ଦ୍ର, ସୂର୍ଯ୍ୟ ସମେତ ସମସ୍ତ ଜଗତ ଅସ୍ତମିତ ହୁଏ । ଏହି ଆତ୍ମା-ଜ୍ୟୋତି ସର୍ବଥା ବ୍ରହ୍ମଜ୍ୟୋତିଭିମୁଖ ହୋଇଥାଏ । ଉତପ୍ତ ଲୁହାରେ ଜଳ ଟୋପାଏ ପକାଇଲେ ଯେତେ ଖୋଜିଲେ ବି ଜଳ ଟୋପାଟି ଯେପରି ମିଳେନାହିଁ, ସେହିଭଳି ଯେଉଁ ଜୀବାତ୍ମା ଶୁଦ୍ଧଜ୍ଞାନ ଦ୍ୱାରା ଏହି ବ୍ରହ୍ମଜ୍ୟୋତିରେ ଲୀନ ହୁଅନ୍ତି, ତାଙ୍କରି ଜନ୍ମ-ମୃତ୍ୟୁ ଚକ୍ର ବନ୍ଦ ହୋଇଯାଏ । ସଗୁଣ ବ୍ରହ୍ମ ଦୃଷ୍ଟିରୁ 'ଧାମ' ଶବ୍ଦର ଅର୍ଥ ଲୋକ ଏବଂ ସଗୁଣ ନିରାକାର ଦୃଷ୍ଟିରେ 'ଧାମ' ଶବ୍ଦର ଅର୍ଥ 'ତେଜ, ନିର୍ଗୁଣ ନିରାକାର ଦୃଷ୍ଟିରୁ ବିଚାର କଲେ 'ଧାମ' ହେଲା ସ୍ୱରୂପ । ଏହି ଶ୍ଳୋକରେ 'ଧାମ' ଶବ୍ଦର ତାତ୍ପର୍ଯ୍ୟ ହେଉଛି ଆତ୍ମା ସ୍ୱରୂପ- କୌଣସି ଲୋକ ବା ସ୍ଥାନ ବିଶେଷ ନୁହଁ । ଜୀବଠାରେ ଏହି ଚେତନ ତତ୍ତ୍ୱ (ପ୍ରକାଶକ) ତାଦାତ୍ମ୍ୟ ହୋଇ ପ୍ରକାଶିତ ପଦାର୍ଥ ଗୁଡ଼ିକରେ ସର୍ବଦା ପରିପୂର୍ଣ୍ଣ । କିନ୍ତୁ ସେହି ଚେତନା ତତ୍ତ୍ୱରେ 'ମୁଁ ପ୍ରକାଶକ' ଏହି ଅଭିମାନ ନଥାଏ । ପରମାତ୍ମାଙ୍କ ଅଂଶ ହୋଇଥିବାରୁ ଶୁଦ୍ଧଚୈତନ୍ୟ 'ସ୍ୱୟଂ ପ୍ରକାଶ ସ୍ୱରୂପ' ଯାହା ମନ, ବୁଦ୍ଧି, ଇନ୍ଦ୍ରିୟ ପ୍ରଭୃତିର ଅଗୋଚର । ପୂର୍ବ ଶ୍ଳୋକରେ ବର୍ଣ୍ଣିତ ଗୁଣ ସମ୍ପନ୍ନ ସାଧକ ଧ୍ୟାନବସ୍ଥାରେ ମନ ଓ ବୁଦ୍ଧିର ବିକ୍ଷେପ ପ୍ରବୃତ୍ତିରୁ ଉର୍ଦ୍ଧ୍ୱକୁ ଉଠି ପରମାତ୍ମାଙ୍କ ଧାମରେ ପହଞ୍ଚି ସତ୍ୟ ସହିତ ସାକ୍ଷାତ୍କାର କରି ଅନନ୍ତ ସ୍ୱରୂପ ବ୍ରହ୍ମଙ୍କ ସହିତ ଏକରୂପ ହୋଇଯାଏ । ବାସ୍ତବରେ ପରମଧାମ ବା ପରମ ଜ୍ଞାନ ଭଗବଦ୍ରୂପ ହିଁ ଅଟେ । ଥରେ ସେହି ଅଖଣ୍ଡ ଆନନ୍ଦ ରସକୁ ପ୍ରାପ୍ତ କରିବାପରେ ଏହି ବିଷୟ ଜଗତ ସୁଖପ୍ରତି ସମ୍ପୂର୍ଣ୍ଣ ବିମୁଖ ହୋଇଯାଏ ଏବଂ ତଦନନ୍ତର ମର୍ତ୍ତ୍ୟଲୋକକୁ ପୁଣି ଫେରି ଆସେନାହିଁ । ଏହାଦ୍ୱାରା ଭଗବାନ କହୁଛନ୍ତି କି, ମୋର ଯେଉଁ ନିତ୍ୟଧାମ ରହିଛି, ତାହା ସଚ୍ଚିଦାନନ୍ଦମୟ, ଦିବ୍ୟ, ଚେତନ ଓ ମୋର ହିଁ ସ୍ୱରୂପ ହୋଇଥିବାରୁ ତାହା ପରମଧାମ, ଅର୍ଥାତ୍ ମାୟାତୀତ ଧାମ , ତାହାହିଁ ଭଗବାନଙ୍କ ସ୍ୱରୂପ । ଅତଏବ, ସେହି ଧାମ (ଅବିନାଶୀ ପଦ) ସହିତ ଜୀବର ମଧ୍ୟ ଅଭିନ୍ନତା ରହିଛି ଅର୍ଥାତ୍ ଜୀବକୁ ସେହି ଧାମ ନିତ୍ୟପ୍ରାପ୍ତ । ଭକ୍ତମାନଙ୍କ ଭିନ୍ନ ଭିନ୍ନ ଧାରଣା ଅନୁସାରେ ଏକମାତ୍ର ସେହି ପରମଧାମ ହିଁ ବ୍ରହ୍ମଲୋକ, ସାଙ୍କେତଧାମ, ଗୋଲକଧାମ, ଦେବୀଦ୍ୱୀପ, ଶିବଲୋକ ପ୍ରଭୃତି ଭିନ୍ନ ଭିନ୍ନ ନାମରେ ନାମିତ । ସେହି ପରମ ଧାମ ଚେତନା, ଜ୍ଞାନ ସ୍ୱରୂପ, ଦୀପ୍ତିମନ୍ତ ଓ ପରମାତ୍ମା ସ୍ୱରୂପ । ନଦ-ନଦୀର ଜଳ ଯେପରି ନିଜର ଅଂଶୀ ସମୁଦ୍ରରେ ମିଶିଲେ ସ୍ଥିର ହୋଇଯାଏ, ସେହିପରି ନିଜ ଅଂଶୀ ଜୀବାତ୍ମା ପରମାତ୍ମାଙ୍କ ସହିତ ମିଶିଲେ ଜୀବକୁ ବାସ୍ତବିକ ଓ ସ୍ଥାୟୀ ଶାନ୍ତିମିଳେ । ଶ୍ରୀ ରାମାନୁଜାଚାର୍ଯ୍ୟ ବ୍ୟାଖ୍ୟା କରିଛନ୍ତି ଯେ, ଜ୍ଞାନ ହିଁ ସକଳ ବସ୍ତୁର ପ୍ରକାଶକ ଏବଂ 'ଆତ୍ମା' ଜ୍ଞାନ ସ୍ୱରୂପ ଅଟେ । ସୂର୍ଯ୍ୟ, ଚନ୍ଦ୍ର ଆଦି ବାହ୍ୟ ପ୍ରକାଶକ ଦ୍ୱାରା ବିଷୟ ଓ ଇନ୍ଦ୍ରିୟଙ୍କ ପରସ୍ପର ସମ୍ବନ୍ଧରେ ରହିଥିବା ଯୋ' ବାଧକ ଅନ୍ଧକାରକୁ ନିବାରଣ ହୋଇଥାଏ । କିନ୍ତୁ ଯୋଗ ଦ୍ୱାରା ଆତ୍ମଜ୍ଞାନର ପ୍ରକାଶ ହୁଏ । ବାଧକ ରୂପେ ରହି ଆସୁଥିବା ଅନାଦି କର୍ମ ସମୂହର ବନ୍ଧନ ଛିନ୍ନହେଲେ, ଜୀବ ଭଗବାନଙ୍କ ଶରଣକୁ ଚାଲିଯାଏ । ଯାହା ପ୍ରାପ୍ତିହେଲେ ପୁନର୍ଜନ୍ମ ହୁଏନାହିଁ । ଏହା କେବଳ ଜୀବର ଶରଣାଗତି ଦ୍ୱାରା ହିଁ ସମ୍ଭବ ।

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।
ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥୭॥

*ଅନ୍ୱୟ: ଜୀବଲୋକେ (ଏହି ଶରୀରରେ-ଏହି ସଂସାରରେ ) ସନାତନଃ (ଏହି ସନାତନ-ଚିରନ୍ତନ) ଜୀବଭୂତଃ (ଜୀବରୂପ ଧାରଣ କରିଥିବା ଆତ୍ମା) ମମ-ଏବ ( ମୋର ଅର୍ଥାତ୍ ପରମେଶ୍ୱରଙ୍କ ହିଁ ଅଂଶଃ (ଅଂଶ ବା ରୂପ) ପ୍ରକୃତିସ୍ଥାନି ( ମାତ୍ର ସେ' ପ୍ରକୃତିରେ ଅବସ୍ଥିତ ) ମନଃ-ଷଷ୍ଠାନି ଇନ୍ଦ୍ରିୟାଣି (ମନ ସହ ଛଅ ଅର୍ଥାତ୍ ମନ ଓ ପଞ୍ଚ ଇନ୍ଦ୍ରିୟକୁ) କର୍ଷତି ( ଆକର୍ଷିତ କରୁଛି ଅର୍ଥାତ୍ ନିଜର ମନେ କରୁଛି )।*

**ଭାବାର୍ଥ**:ଏହି ସଂସାରରେ ବା ଶରୀରରେ ସନାତନ ରୂପ ଧାରଣ କରିଥିବା ଜୀବାତ୍ମା କେବଳ ମୋର ଅର୍ଥାତ୍ ପରମେଶ୍ୱରଙ୍କ ହିଁ ଏକ ଅଂଶ ସ୍ୱରୂପ । ମାତ୍ର ଏହି ଜୀବାତ୍ମା ଜଡ ଶରୀରରେ ରହିଥିବା ମନ ସମେତ ସମସ୍ତ ପ୍ରାଣ ଓ ଇନ୍ଦ୍ରିୟ ମାନଙ୍କୁ ସଂସାର ରୂପକ କର୍ମ ଭୂମିରେ ଆକର୍ଷଣ କରିଥାଏ ଅର୍ଥାତ୍ ଏହି ମାନଙ୍କ ସହିତ ଏକତ୍ୱ ମନେ କରିଥାଏ । ସ୍ୱାମୀ ବିଦ୍ୟାନନ୍ଦଗିରି ମହାରାଜ ଏହି ଶ୍ଳୋକର ବ୍ୟାଖ୍ୟାରେ କହିଛନ୍ତି କି, "ହେ ଅର୍ଜୁନ ! ଏହି ଶରୀରରେ ବାସ କରୁଥିବା ଜୀବାତ୍ମା ମୋର ହିଁ ଏକ ଅଂଶ । ଏହା ଅନାଦି ଏବଂ ସନାତନ । ଏହି ଜୀବାତ୍ମା, ପରବର୍ତ୍ତୀ ପ୍ରାପ୍ତ ହେବାକୁ ଥିବା ଶରୀରରେ ବିଷୟ ଉପଭୋଗ ନିମିତ୍ତ, ତ୍ୟାଗ କରୁଥିବା ଶରୀରରେ ଅବସ୍ଥିତ ଇନ୍ଦ୍ରିୟ, ପ୍ରାଣ ଓ ମନକୁ ଆକର୍ଷଣ କରେ ।" ଆତ୍ମା ପରମାତ୍ମାଙ୍କ ଅଂଶ, କିନ୍ତୁ ଏହା ପ୍ରକୃତିର କାର୍ଯ୍ୟରୂପ ଶରୀର, ମନ, ଇନ୍ଦ୍ରିୟ ସହିତ ଏକତ୍ୱ ସ୍ୱୀକାର କରିନେବାରୁ ଏହା 'ଜୀବ' ହୋଇଛି । ଜୀବ ଓ ବ୍ରହ୍ମ ସ୍ୱରୂପତଃ ଅଭେଦ । ବେଦରେ ଉଲ୍ଲେଖ ଥିବା ଚାରୋଟି ମହାବାକ୍ୟ: 'ତତ୍ତ୍ୱମସି'-'ପ୍ରଜ୍ଞାନଂ ବ୍ରହ୍ମ'-'ଅହଂ ବ୍ରହ୍ମାସ୍ମି'- 'ଅୟମାତ୍ମା ବ୍ରହ୍ମ'- ଅର୍ଥାତ୍ "ମର୍ତ୍ତ୍ୟଲୋକରେ ଥିବା ଜୀବଗଣ ମୋର ସନାତନ ଅଂଶ"- ଏହି ସତ୍ୟକୁ ଅନାଦିକାଳରୁ ପ୍ରଚାର କରି ଆସୁଛନ୍ତି । ଶରୀର ମଧ୍ୟରେ ରହିଥିବା ଶୁଦ୍ଧ ଆତ୍ମାର 'ଜୀବଭାବ' ପ୍ରାକୃତ ଓ ବାସ୍ତବ ନୁହଁ । ଜୀବ ଶରୀର ଆଦି ଜଡ ପଦାର୍ଥ ସହିତ ମିଶି ନିଜର ପ୍ରକୃତ ଚେତନ ସ୍ୱରୂପକୁ ଭୁଲିଯାଏ । ଜୀବ କେବଳ ଭଗବାନଙ୍କ ଅଂଶ । ତେଣୁଏହାର କେବଳ ପରମାତ୍ମାଙ୍କ ସହିତ ସମ୍ବନ୍ଧ ରହିଛି, ପ୍ରକୃତି ସହିତ ନୁହେଁ । ପ୍ରକୃତି ସହିତ ସମ୍ବନ୍ଧ ନିଜେ ଜୀବ ଅଜ୍ଞାନ କାରଣରୁ ସ୍ୱୀକାର କରିନିଏ । ଜୀବ ନିର୍ଗୁଣ ବ୍ରହ୍ମର ଅଂଶ ନୁହେଁ ବରଂ ସଗୁଣ ଈଶ୍ୱରଙ୍କର ଅଂଶ ଅଟେ । **"ଈଶ୍ୱର ଅଂସ ଜୀବ ଅବିନାସୀ । ଚେତନ ଅମଳ ସହଜ ସୁଖରାସୀ ॥ ସୋ ମାୟାବସ ଭୟଉ ଗୋସାଇଁ । ବଂଧ୍ୟୋ କୀର ମରକଟ କୀ ନାଇଁ ॥"** (ମାନସ-୭-୧୧୭-୧-୨) ଏହାର ଅର୍ଥ ହେଲା; "ଯେଉଁ ପ୍ରକାର ଈଶ୍ୱର ଅବିନାଶୀ- ନିତ୍ୟ, ସେହି ପ୍ରକାର ଜୀବ ନିତ୍ୟ ଅବିନାଶୀ, ଚୈତନ୍ୟ, ଅମଳ, ସହଜ ସୁଖସ୍ୱରୂପ । ଅନ୍ତର ଏତିକି- ଜୀବ ମାୟାର ଅଧୀନ ହୋଇ ତୋତା ଓ ବାନର ଭଳି ନିଜକୁ ନିଜେ ବାନ୍ଧି ରଖେ, ଈଶ୍ୱର ମାୟାକୁ ଅଧୀନରେ ରଖିଛନ୍ତି ।" ବ୍ରହ୍ମ ଚିନ୍ମୟ ସତ୍ତା ହୋଇଥିବାରୁ ସେଥିରେ ଅଂଶ-ଅଂଶୀ ସମ୍ବନ୍ଧ ସମ୍ଭବ ନୁହଁ । ଶରୀର ସହିତ ସମ୍ବନ୍ଧିତ ହୋଇ ସେ' ଜୀବ ବୋଲାଏ । ସମ୍ବନ୍ଧ ନହେଲେ ସେ' ବ୍ରହ୍ମ ଅଟେ । ସୁତରାଂ ଜୀବ ଶାଶ୍ୱତଭାବେ ପରମେଶ୍ୱରଙ୍କ ଅଂଶବିଶେଷ । ବୈଦିକବାଣୀ ଅନୁଯାୟୀ ଭଗବାନ ଅସଂଖ୍ୟ ରୂପରେ ନିଜକୁ ପ୍ରକାଶ କରନ୍ତି ଏବଂ ଅସଂଖ୍ୟ ରୂପରେ ନିଜକୁ ବିସ୍ତାର କରନ୍ତି । ବରାହ ପୁରାଣରେ ବର୍ଣ୍ଣନା କରାଯାଇଛି କି, ଭଗବାନଙ୍କ ଦୁଇ ପ୍ରକାର ଅଂଶ ଯଥା: ସ୍ୱାଂଶ ଏବଂ ବିଭିନ୍ନାଂଶ । ଏଥିମଧ୍ୟରୁ ସ୍ୱାଂଶ ବିଷ୍ଣୁତତ୍ତ୍ୱ ଅଟେ । ମତ୍ସ୍ୟ, କୁର୍ମ, ନୃସିଂହ, ରାମ ଆଦି ଅବତାର

ସମୂହ ସ୍ୱାଂଶ ତତ୍ତ୍ୱ ଅଟେ । ଭଗବାନଙ୍କ ଅଭିନ୍ନ ତଟସ୍ଥା ଶକ୍ତି ବା ପରାଶକ୍ତିରୁ ଉତ୍ପନ୍ନ ଜୀବ 'ବିଭିନ୍ନାଂଶ' ତତ୍ତ୍ୱ ଅଟେ । ପରମେଶ୍ୱରଙ୍କ ଅଂଶ ବିଶେଷ ହୋଇଥିବା କାରଣରୁ, ଜୀବଠାରେ ଆଂଶିକ ଗୁଣମାନ ଦେଖାଯାଏ । କିଛି ବିଷୟରେ ଭଗବାନଙ୍କଠାରୁ ଅଭିନ୍ନ ଏବଂ କିଛି ବିଷୟରେ ଭଗବାନଙ୍କଠାରୁ ଭିନ୍ନ ହେବା କାରଣରୁ ଭଗବାନଙ୍କ ସହିତ ଜୀବର ଅଚିନ୍ତ୍ୟ ଭେଦାଭେଦ ସମ୍ବନ୍ଧ ରହିଛି । ଜୀବର ଦୁଇଟି ଅବସ୍ଥା ରହିଛି ; ଗୋଟିଏ ବଦ୍ଧ, ଅନ୍ୟଟି ମୁକ୍ତ । ଉଭୟ ପ୍ରକାର ଅବସ୍ଥାରେ ସେ ପରମେଶ୍ୱରଙ୍କ ପରି ଗୁଣାତ୍ମକଭାବେ ଶାଶ୍ୱତ ଅଟେ । ମୁକ୍ତ ଅବସ୍ଥାରେ ଜୀବ ମାୟିକ ଉପାଧିରୁ ରହିତ ହୋଇ ଭଗବାନ ସେବାରେ ତତ୍ପର ରହିଥାଏ । କିନ୍ତୁ ବଦ୍ଧାବସ୍ଥାରେ ସେ' ସ୍ଥୂଳ ଓ ସୂକ୍ଷ୍ମ ଶରୀର ରୂପ ମାୟିକ ଉପାଧିମାନଙ୍କ ଦ୍ୱାରା ଆବୃତ୍ତ ହୋଇ ସଂସାର ବନ୍ଧନରେ ପଡିଥାଏ । ପରମେଶ୍ୱରଙ୍କ ଏହି ବିଭିନ୍ନାଂଶ କୌଣସି ଭୌତିକ ଜଡ ପଦାର୍ଥର ଭଗ୍ନାଂଶ ସାଦୃଶ୍ୟ ନୁହେଁ, ବରଂ ଏହା ସନାତନ ବା ଶାଶ୍ୱତ ଅଟେ । ପ୍ରତ୍ୟେକ ଜୀବର ଶରୀରରେ ପରମେଶ୍ୱରଙ୍କ ବିଭିନ୍ନାଂଶ ବିଦ୍ୟମାନ । ମନ-ବୁଦ୍ଧି ରୂପ ସୂକ୍ଷ୍ମ ଶରୀରରେ ବ୍ୟକ୍ତ ଚୈତନ୍ୟ ସତ୍ତାକୁ ଜୀବ କୁହାଯାଏ । ବିଭିନ୍ନାଂଶ ପ୍ରକାଶରେ ପରମେଶ୍ୱରୀୟ 'ଅହଂତତ୍ତ୍ୱ' ରହି ନଥାଏ । ଏଥିରେ ଜୀବର ଏକ ସ୍ୱ-ସିଦ୍ଧ 'ଅହଂତତ୍ତ୍ୱ'ର ଉଦୟ ହୁଏ । ବଦ୍ଧଜୀବ ମନ, ବୁଦ୍ଧି ଓ ଅହଂକାର ସହିତ ଏକ ଭୌତିକ ଶରୀର ଦ୍ୱାରା ଆଚ୍ଛାଦିତ । ଅନ୍ତଃକରଣର ବୃତ୍ତି ଗୁଡିକ ଅନୁରୂପ ଏହି ଜୀବ ସ୍ୱଂୟକୁ ସୁଖୀ, ଦୁଃଖୀ, ସଂସାରୀ ଆଦି ଅନୁଭବକରେ । କିନ୍ତୁ ତାର ଶୁଦ୍ଧ ଚୈତନ୍ୟ ସ୍ୱରୂପ ଆତ୍ମା ସଦା ନିର୍ବିକାର ରହେ । ଯେତେବେଳେ ଏହି ଭୌତିକ ଆବରଣ ନଷ୍ଟ ହୋଇଯାଏ, ମୁକ୍ତାବସ୍ଥାରେ ଜୀବ ପରମ ପୁରୁଷ ଭଗବାନଙ୍କ ଆଶ୍ରିତ ହୋଇ ପ୍ରକୃତିର ସମ୍ବନ୍ଧରୁ ରହିତ ହୋଇଯାଏ । ଭଗବାନଙ୍କ କୃପାପ୍ରାପ୍ତ ହୋଇ ସେ ପରବ୍ୟୋମରେ ଥିବା ଏକ ବୈକୁଣ୍ଠ ଲୋକରେ ତାର ମୌଳିକ ଦିବ୍ୟ ଶରୀର ପ୍ରାପ୍ତହୁଏ ଏବଂ ପରମେଶ୍ୱରଙ୍କ ସଙ୍ଗ ଲାଭକରି ଦିବ୍ୟାନନ୍ଦ ଉପଭୋଗ କରେ । ଏହିପରି ଭାବରେ ମୁକ୍ତ ବା ବଦ୍ଧ ସବୁ ଅବସ୍ଥାରେ ଜୀବ ନିତ୍ୟ ଏବଂ 'ଜୀବ' ଜୀବ ହୋଇ ହିଁ ରହିଥାଏ । ଏହି ଦ୍ୱୈତମତ ପ୍ରଣୋଦିତ ଶାସ୍ତ୍ର ବିଚାରରେ ବ୍ରହ୍ମର ଭ୍ରମ ବା ଅଜ୍ଞାନ ସମ୍ଭବ ନୁହଁ । ଏଥିପାଇଁ ଶାସ୍ତ୍ରାନୁସାରେ ଭଗବାନ ହେଉଛନ୍ତି ମାୟାଧୀଶ ଏବଂ ଜୀବ ମାୟାବଶ୍ୟ (ମାୟାର ଅଧୀନ) ବୋଲି ପ୍ରତିପାଦିତ କରାଯାଇଛି । କିନ୍ତୁ ଭଗବାନଙ୍କ ଶକ୍ତି ହିଁ ଜୀବ ଓ ଜଗତ ରୂପରେ ପରିଣତ ହୋଇଛି । ଯେହେତୁ ଭଗବାନଙ୍କ ଶକ୍ତି ଓ ଭଗବାନ ଅଭିନ୍ନ, ଏହି ବିଚାରରେ ଜୀବ ଓ ଜଗତ ମଧ୍ୟ ଏକ ପ୍ରକାର ବ୍ରହ୍ମ (ମହତ୍ ବ୍ରହ୍ମ) ବୋଲି ଶାସ୍ତ୍ରରେ କୁହାଯାଇଛି । ତେଣୁ ଭଗବାନ କହିଛନ୍ତି "ମୁଁ କ୍ଷର ଓ ଅକ୍ଷରରୁ ଅତୀତ ପୁରୁଷୋତ୍ତମ ତତ୍ତ୍ୱ ଅଟେ " । ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ବସ୍ତୁତଃ ଜୀବ ଓ ବ୍ରହ୍ମ ଏକ । ମୋହ, ଅଜ୍ଞାନ ବା ଅଧ୍ୟାସ ହେତୁ ସେମାନଙ୍କ ମଧ୍ୟରେ ପ୍ରଭେଦ ଥିବାପରି ବୋଧହୁଏ । ତେଣୁ ଜୀବାତ୍ମା ହେଉଛି ବ୍ରହ୍ମର କାଳ୍ପନିକ ବା ମିଥ୍ୟା ଅଂଶ । କୌଣସି ପ୍ରକାର ବାସ୍ତବ ଅଂଶ ନୁହଁ । କାରଣ ପରମାତ୍ମା ଅବିଭାଜ୍ୟ, ଅଖଣ୍ଡ ଏବଂ 'ଏକ' ସତ୍ତା । ଜୀବାତ୍ମା ହେଉଛି ଭଗବାନଙ୍କ ଏକ ରଶ୍ମି । ପରମାତ୍ମାଙ୍କ ଏକ ରଶ୍ମି ଆସି ପ୍ରକୃତିରେ ପ୍ରବେଶ କରେ ଏବଂ ସେଠାରେ ପାଞ୍ଚ ଇନ୍ଦ୍ରିୟ ଓ ମନକୁ ନିଜ ଆଡକୁ ଆକର୍ଷଣ କରି ଏକ ଦେହଧାରୀ ଆତ୍ମା ବା ଜୀବ ହୋଇଯାଏ । ଯଦିଓ ବ୍ରହ୍ମ ବିଭାଗ ରହିତ ହୋଇ ସର୍ବତ୍ର ସମଭାବରେ ବ୍ୟାପ୍ତ, ତଥାପି ଭିନ୍ନ ଭିନ୍ନ ଶରୀର ସମ୍ବନ୍ଧରୁ ପୃଥକ୍ ପୃଥକ୍ ବିଭକ୍ତ ହୋଇଥିବା ପରି ପ୍ରତୀତ ହୁଏ । ଅତଏବ, ମୂଳତଃ ଜୀବାତ୍ମା ପରମାତ୍ମା ବା ବ୍ରହ୍ମଙ୍କ ଠାରୁ ଅଭିନ୍ନ, ଅନନ୍ୟ । କ୍ଷୁଦ୍ର ଖଣ୍ଡିତ

କରୁଥିବା ଅବିଦ୍ୟାର ଆବରଣ ନଷ୍ଟ ହୋଇଗଲେ ଜୀବାତ୍ମା ପରମାତ୍ମାଙ୍କ ସହିତ ତା'ର ଅନନ୍ୟତ୍ୱ ଉପଲବ୍ଧ କରେ । ଆତ୍ମାକୁ ପ୍ରାପ୍ତ ହୋଇଥିବା ଜୀବତ୍ୱ ଅଜ୍ଞାନର ହେତୁ । ସୁତରାଂ ସେହି ଜୀବତ୍ୱ ଆଭାସ ମାତ୍ର, ବାସ୍ତବିକ ନୁହଁ , ଯେପରି ଆକାଶର ଚନ୍ଦ୍ରମା ଏବଂ ଚନ୍ଦ୍ରମାର ପ୍ରତିବିମ୍ବ । ଶୁଦ୍ଧ ଆତ୍ମା ପ୍ରକୃତି ସହିତ ମିଳିତ ହୋଇ ଜୀବ ଭାବରେ ନିଜ ଉପରେ ପ୍ରକୃତିର ଧର୍ମ ଆରୋପ କରେ । ଆତ୍ମା ପ୍ରତି କର୍ତ୍ତୃତ୍ୱର ଆରୋପ ଭ୍ରମ ବ୍ୟତୀତ କିଛିନୁହଁ । ସ୍ଫଟିକକୁ କୁଙ୍କୁମ ମଧ୍ୟରେ ରଖାଗଲେ, ଏହା ଆରକ୍ତ ହୋଇଯାଏ, କିନ୍ତୁ ବାସ୍ତବରେ ସ୍ଫଟିକଟିର ସ୍ୱଚ୍ଛତା ଯେପରି ସେପରି ଥାଏ । ମନ ହିଁ ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ  ମିଥ୍ୟା ପାର୍ଥକ୍ୟ କାରଣ । ଏହି ଜୀବ ଆଉ ବ୍ରହ୍ମର ଭେଦ ଭ୍ରାନ୍ତି ସେତେବେଳେ ଭାଙ୍ଗିଯାଏ, ଯେତେବେଳେ ମନ ନାଶ ହୋଇଯାଏ । ଆତ୍ମଜ୍ଞାନ ବଳରେ ଅବିଦ୍ୟାର ନଷ୍ଟ ହୋଇଗଲେ କାର୍ଯ୍ୟ ରୂପକ ମନ ମଧ୍ୟ ନାଶ ହୁଏ । ଅବଚ୍ଛେଦକ ଘଟ ଭାଙ୍ଗିଗଲେ ଘଟସ୍ଥ ଆକାଶ ଯେପରି ବିଶ୍ୱ ଆକାଶରେ ପରିଣତ ହୋଇଯାଏ, ଅଜ୍ଞାନ ତୁଟିଗଲେ ଜୀବାତ୍ମା ମଧ୍ୟ ଠିକ୍ ସେହିପରି ବ୍ରହ୍ମଙ୍କ ଠାରୁ ଅଭିନ୍ନ ହୋଇଯାଏ, ଜୀବ ସ୍ୱତଃ ଆତ୍ମ-ସ୍ୱରୂପ ହୋଇଯାଏ । ଯେ' ପର୍ଯ୍ୟନ୍ତ ଅଜ୍ଞାନ ରହେ, ସେ ପର୍ଯ୍ୟନ୍ତ ଜୀବର ମଧ୍ୟ ଅସ୍ତିତ୍ୱ ବଜାୟ ରହେ । ମନ ଇନ୍ଦ୍ରିୟ ସମେତ ଅବିଦ୍ୟା ରୂପକ ମାୟିକ ବନ୍ଧନ ନଷ୍ଟ ହୋଇଯିବାପରେ ଜୀବାତ୍ମାକୁ ଆଉ ଫେରିବାକୁ ପଡେନାହିଁ । ଚେତନକୁ ବ୍ୟକ୍ତ କରିବାପାଇଁ ସ୍ଥୂଳଶରୀର ସମର୍ଥ ହୋଇ ନଥାଏ ।  ମନ, ବୁଦ୍ଧି ସମେତ ଜ୍ଞାନେନ୍ଦ୍ରିୟ ଗୁଡିକ ସୂକ୍ଷ୍ମ ଶରୀର ଅଟନ୍ତି । ଯଦିଓ ସୂକ୍ଷ୍ମ ଶରୀର ଜଡ, ଏଗୁଡ଼ିକଠାରେ ସ୍ୱଚ୍ଛ ସ୍ଥିତି ଥିବାରୁ ଏଥିରେ ଚେତନ ଶକ୍ତି ବ୍ୟକ୍ତ ହୋଇପାରେ । ଏହି ଚେତନ ସୂକ୍ଷ୍ମ ଶରୀର ହିଁ ଜୀବ ନାମରେ ପରିଚିତ । ପ୍ରକୃତିର କାର୍ଯ୍ୟରୂପୀ ଶରୀର ବରଂ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଆଧାର । ଆତ୍ମା ଯେତେବେଳେ ଗୋଟିଏ ଶରୀର ଛାଡି ଅନ୍ୟ ଶରୀରକୁ ଯାଏ, ସେତେବେଳେ ପ୍ରଥମେ ଶରୀରର ମନ ସହିତ ଇନ୍ଦ୍ରିୟମାନଙ୍କୁ ଆକର୍ଷିତ କରି ସାଥିରେ ନେଇଥାଏ, ଯାହାକୁ 'କାରଣ ଶରୀର' ବୋଲି ଶାସ୍ତ୍ରରେ କୁହାଯାଇଛି । ଜୀବ ସମୂହକୁ ପରମେଶ୍ୱରଙ୍କୁ ଅଂଶ ବା ଅବୟବ ମାନି ନେବାରେ ତାହାର ବିକାର ମଧ୍ୟ ମାନିନେବାକୁ ହେବ । କିନ୍ତୁ ପରମାତ୍ମା ସତ୍ତାକୁ କୌଣସି ଆସ୍ତିକ ମତରେ ବିକାରୀ ମାନି ନିଆଯାଇ ପାରିବନାହିଁ । ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ଏହାର ସମାଧାନରେ କହିଛନ୍ତି କି, ପରମେଶ୍ୱରଙ୍କଠାରେ ଜୀବ ରୂପକ ଅଂଶର କଳ୍ପନା ପାରମାର୍ଥିକ ଦୃଷ୍ଟିରେ ନ ହୋଇ ଏହା ଔପାଧିକ ଅଟେ ।  ଅବିଦ୍ୟାର ଉପାଧିରେ ପରିଚ୍ଛିନ୍ନ ଚୈତନ୍ୟରେ ଜୀବ ବୁଦ୍ଧି ହୋଇଥିବାରୁ, ସେହି ଉପାଧିର ବିନଷ୍ଟ ହେବାକ୍ଷଣି ଜୀବବୁଦ୍ଧିର ବିଲୟ ଘଟିଥାଏ । ଘଟରୂପ ଉପାଧିରେ ବିନଷ୍ଟ ଘଟିଲେ, ଘଟାକାଶର ପୃଥକ୍ ସତ୍ତା ରହେନାହିଁ । ଉପାଧି ସମସ୍ତ ମିଥ୍ୟା ଅଟେ । ଅତଏବ ପରମେଶ୍ୱରଙ୍କଠାରେ ଅଂଶର ପରିକଳ୍ପନା ବାସ୍ତବରେ ସଂସାର ଦଶାରେ ହିଁ ରହିଥାଏ । ସଂସାରାତୀତ ଦଶାରେ ତ ପରମବ୍ରହ୍ମ "ଏକମେବାଦ୍ୱିତୀୟମ୍" । ଶ୍ରୀ ମଧୁସୂଦନ ସରସ୍ୱତୀ ଏହି ଶ୍ଳୋକର ବ୍ୟାଖ୍ୟାରେ କହିଛନ୍ତି କି, ସୁଷୁପ୍ତିରେ ବ୍ରହ୍ମଭାବ ପ୍ରାପ୍ତି ହୋଇଥାଏ, ପରନ୍ତୁ ଜାଗ୍ରତ ଅବସ୍ଥାରେ ପୁଣି ବ୍ୟବହାର ଦଶାରେ ଜୀବଭାବକୁ ଆସିବାକୁ ହୁଏ । ତାହା ଅଜ୍ଞାନ ଦଶାରେ ବ୍ରହ୍ମଭାବର ଅଭାବ ସ୍ଥିତି ।  କିନ୍ତୁ ଯେ' ଜ୍ଞାନଦ୍ୱାରା ଅଜ୍ଞାନ ନିବୃତ୍ତକରି ବ୍ରହ୍ମଭାବକୁ ପ୍ରାପ୍ତ କରିଥାଏ, ସେ ପୁଣି ସଂସାର ଦଶାକୁ ଆସିନଥାଏ । ଏହିସବୁ କାରଣରୁ ମୂଳରୁ ଜୀବ ଏବଂ ଈଶ୍ୱର ଏହି ଦୁଇ ପରସ୍ପର ଅଂଶାଂଶି ଭାବାପନ୍ନ, ଦୁଇ ପୃଥକ୍ ପୃଥକ୍ ତତ୍ତ୍ୱବୋଲି ମାନିବାକୁ ହେବ । ବିଶିଷ୍ଟ ଦ୍ୱୈତବାଦ ବିଚାରରେ ଶ୍ରୀ

ନୀଳକଣ୍ଠଜୀ ବ୍ୟାଖ୍ୟା କରିଛନ୍ତି କି, ଈଶ୍ୱର ହିଁ ଏହି ପ୍ରାଣ ଧାରଣ ରୂପ ଉପାଧିର ପରିତ୍ୟାଗ କରିବା ସମୟରେ ଉତ୍ କ୍ରମଣକାରୀ ହୋଇଥାନ୍ତି । ଏଥିପାଇଁ ଏଠାରେ ଭଗବାନ କହିଛନ୍ତି କି, ଜୀବଲୋକରେ ଯେଉଁ ସନାତନ ଜୀବ, ସେ' ମୋର ହିଁ ଅଂଶ । ଏହାର ଉଦାହରଣ ବେଦରେ ଦର୍ଶାଯାଇଛି କି, ଯେପରି ଅଗ୍ନିର ମହାନ୍ ସମୂହରୁ ସ୍ଫୁଲିଙ୍ଗ ଛିଟିକରି ଅଲଗା ପଡିଥାଏ, ସେହିପରି ଜୀବ ଈଶ୍ୱରଙ୍କଠାରୁ ପୃଥକ୍ ହୋଇଥାଏ । ଯେପରି ବିସ୍ଫୁଲିଙ୍ଗ ଅଗ୍ନି, ଅଗ୍ନି- ସମୂହରୁ ପୃଥକ୍ ହୋଇ ପୁଣି ନୂତନ ଅଗ୍ନି ସମୂହ ନିର୍ମିତ ହୁଏ, ସେହିପରି ଜୀବ ମଧ୍ୟ ଈଶ୍ୱରଙ୍କଠାରୁ ପୃଥକ୍ ହୋଇ ନିଜର ନୂଆ ସୃଷ୍ଟି ତିଆରି କରିଥାଏ । ଯେପରି ଅଗ୍ନି ସମୂହରୁ ପୃଥକ୍ ହୋଇ ମଧ୍ୟ ସ୍ଫୁଲିଙ୍ଗରେ ଏବଂ ଅଗ୍ନିରେ କୌଣସି ପ୍ରଭେଦ ନଥାଏ, ସେହିପରି ଈଶ୍ୱରଙ୍କଠାରୁ ପୃଥକ୍ ହୋଇ ମଧ୍ୟ ଜୀବ ଓ ଈଶ୍ୱର ମଧ୍ୟରେ କୌଣସି ବାସ୍ତବିକ ଭେଦ ନାହିଁ । ଯାହାକିଛି ଭେଦ ପ୍ରତୀତ ହୁଏ, ତାହା ଔପାଧିକ ଅଟେ ।

ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍ କ୍ରାମତୀଶ୍ୱରଃ ।
ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ॥୮॥

*ଅନ୍ୱୟ : ବାୟୁଃ (ବାୟୁ) ଅଶୟାତ୍ (ପୁଷ୍ପାଦି ଗନ୍ଧର ଆଧାରରୁ) ଗନ୍ଧାନ୍ ଇବ ( ଗନ୍ଧ ଆହରଣ କରିବା ପରି) ଈଶ୍ୱରଃ ( ଦେହାଦିର ସ୍ୱାମୀ ବୋଲାଉଥିବା ଜୀବାତ୍ମା) ଅପି (ସେହିପରି) ଯତ୍ (ଯେଉଁ ଶରୀରକୁ) ଉତ୍ କ୍ରାମତି (ତ୍ୟାଗକରି ଚାଲିଯାଏ) ଏତାନି (ସେଥିରୁ ମନ ସହିତ ଇନ୍ଦ୍ରିୟମାନଙ୍କୁ) ଗୃହୀତ୍ୱା (ଗ୍ରହଣକରି) ଚ (ପୁଣି) ଯତ୍ (ଯେଉଁ) ଶରୀରମ୍ ( ଶରୀର) ଅବାପ୍ନୋତି (ପ୍ରାପ୍ତ ହୁଏ ) ସଂଯାତି (ସେଥିରେ ପ୍ରବେଶକରେ)।*

**ଭାବାର୍ଥ**: ହେ ଅର୍ଜୁନ ! ଦେହାଦିର ସ୍ୱାମୀ ଜୀବାତ୍ମା ମୃତ୍ୟୁ କାଳରେ ପ୍ରାପ୍ତ ହୋଇଥିବା ଶରୀରକୁ ତ୍ୟାଗ କରି ଅନ୍ୟ ଶରୀରକୁ ଗ୍ରହଣ କରେ । ବାୟୁ ଯେପରି ଉଦ୍ୟାନ ଆଦିରୁ ଫୁଲର ଗନ୍ଧକୁ ନେଇ ଅନ୍ୟସ୍ଥାନକୁ ଯାଏ, ସେହିପରି ଜୀବାତ୍ମା ମନ, ପ୍ରାଣ, ଇନ୍ଦ୍ରିୟଙ୍କୁ ସାଥିରେ ନେଇ ଅନ୍ୟ ଶରୀରରେ ପ୍ରବେଶ କରିବା ଭଳି ବୋଧହୁଏ । ମୃତ୍ୟୁ ହେବାପରେ ଜୀବର ବଦ୍ଧାବସ୍ଥା ସମାପ୍ତ ହୋଇନଥାଏ । ଏହି ଶ୍ଳୋକରେ 'ଈଶ୍ୱର' ଶବ୍ଦ ପରମାତ୍ମା ଅର୍ଥରେ ବ୍ୟବହାର କରା ନଯାଇ, ଶରୀରର ନିୟନ୍ତ୍ରଣକାରୀ ରୂପେ ସୂଚାଯାଇଛି । ଦେହ ଧାରଣ କଲେ ହିଁ ଜୀବାତ୍ମା ଜଣେ କର୍ତ୍ତା ବା ଭୋକ୍ତା ଭଳି ବୋଧ ହୁଏ । 'ମୁଁ କର୍ତ୍ତା', 'ମୁଁ ଭୋକ୍ତା' -ଜୀବର ଏହିଭାବ ଥିବା ପର୍ଯ୍ୟନ୍ତ ସେ ଦେହ ସର୍ବସ୍ୱ ହୋଇଥାଏ । ମନ, ବୁଦ୍ଧି, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ ପ୍ରାଣ- ଏହି ସତରଟି ତତ୍ତ୍ୱର ସମୁଦାୟ ରୂପ ହେଉଛି ସୂକ୍ଷ୍ମ ଶରୀର । ବାୟୁ ଫୁଲର ସୁବାସକୁ ଗ୍ରହଣ କରିନେଲା ବେଳେ ଫୁଲକୁ ଛାଡି କେବଳ ସୁଗନ୍ଧକୁ ସାଥିରେ ନିଏ । ଏହି ସ୍ଥୂଳ ଶରୀରକୁ ସୁଗନ୍ଧର ଆଧାର ଫୁଲ ସହିତ, ସୂକ୍ଷ୍ମ ଶରୀରେ ରହିଥିବା ସଙ୍କଳ୍ପଗୁଡିକୁ ସୁଗନ୍ଧ ସହିତ ଓ ଜୀବାତ୍ମାକୁ ବାୟୁର ଉପମା ଦିଆଯାଇଛି । ଶରୀର ତ୍ୟାଗ ସମୟରେ ଜୀବ ଯେଉଁ ପ୍ରକାର ଚେତନାର ବଶବର୍ତ୍ତୀ ହୁଏ, ପର ଜନ୍ମରେ ସେହି ଚେତନା ଅନୁରୂପ ଏକ ନୂତନ ଶରୀର ପ୍ରାପ୍ତହୁଏ । (ଗୀତା-୮-୬)। ବର୍ତ୍ତମାନର ଶରୀର ଏବଂ ଏହାର ଗୁଣଜନିତ କାର୍ଯ୍ୟଧାରା, ଜୀବ ନିମନ୍ତେ ପରବର୍ତ୍ତୀ ଶରୀର ନିର୍ମାଣର ଭୂମିକା ଅଟେ । ଅତଏବ, ବ୍ୟକ୍ତିକୁ ନିଜର ଅଭ୍ୟାସଗତ ଚିନ୍ତନ, କର୍ମ ଅନୁସାରେ ବିଭିନ୍ନ ଶରୀର ପ୍ରାପ୍ତହୁଏ ଏବଂ ଯଥା ସମୟରେ ମଧ୍ୟ ଜୀବାତ୍ମା ସେହି ଶରୀରକୁ ତ୍ୟାଗ କରେ । ଜୀବାତ୍ମା ପରମାତ୍ମାଙ୍କ ଅଂଶ ବିଶେଷ କାରଣରୁ, ଏହା ସ୍ୱଭାବତଃ ନିତ୍ୟ, ଅଚଳ

ଏବଂ ସ୍ଥାଣୁ । ଜୀବାତ୍ମା ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରକୁ ଗମନ କରିବା କେତେଦୂର ଯୁକ୍ତି ସାପେକ୍ଷ ? ଏହାର ସମାଧାନ ହେଲା; ଜୀବାତ୍ମା ଶରୀର ଭିତରେ ବଦ୍ଧ ହୋଇଥାଏ । ବେଦାନ୍ତରେ ଏହି ଶରୀରକୁ "ଭୋଗାୟତନ" କୁହାଯାଇଛି । ସୂକ୍ଷ୍ମ ଶରୀରର ସ୍ଥୂଳ ଶରୀରଠାରୁ ବିୟୋଗ ହେଉଛି ସ୍ଥୂଳ ଶରୀରର ମୃତ୍ୟୁ । ଶରୀର ତ୍ୟାଗ କାଳରେ ଜୀବାତ୍ମାର ଇନ୍ଦ୍ରିୟ, ମନ, ବୁଦ୍ଧି ଆଦି ସୂକ୍ଷ୍ମଶରୀର ସହିତ ସମ୍ବନ୍ଧ ଅର୍ଥାତ୍ ତାଦାତ୍ମ୍ୟ ହୋଇ ରହିଥିବା କାରଣରୁ, ତାହା ମୂଳ ସ୍ଥାନ ପରମାତ୍ମାଙ୍କ ନିକଟକୁ ଫେରି ନଥାଏ । ତ୍ୟାଗ କରିଥିବା ସ୍ଥୂଳ ଶରୀରର ଆକାର ପୂର୍ବପରି ପଡି ରହିଥିଲେ ମଧ୍ୟ, ସେଥିରେ ସୂକ୍ଷ୍ମ ଶରୀର କାର୍ଯ୍ୟକ୍ଷମ ସ୍ଥିତିରେ ରହି ନଥାଏ । ସୂକ୍ଷ୍ମ କାରଣ ଶରୀର ଜୀବାତ୍ମା ସହିତ ସଂଲଗ୍ନ ହୋଇ ଅନ୍ୟ ଏକ ସ୍ଥୂଳ ଶରୀରରେ ପ୍ରବେଶ କରିବାର ଅନ୍ୱେଷଣରେ ରହେ । ସୂକ୍ଷ୍ମ ଶରୀରର ଏହି ସମସ୍ତ ପ୍ରକ୍ରିୟା ଏତେ ବିଲକ୍ଷଣ ଭାବରେ ଘଟିଥାଏ ଯେ, ଏହା କୌଣସିମତେ ଦୃଷ୍ଟି ଗୋଚର ହୁଏନାହିଁ । ପୂର୍ବ ଦେହର ସଂସ୍କାର ଅର୍ଥାତ୍ ସୂକ୍ଷ୍ମ ଶରୀରର ସ୍ଥିତି ଅନୁସାରେ ଜୀବ ବର୍ତ୍ତମାନ ଶରୀର ପ୍ରାପ୍ତହୋଇ କର୍ମ କରିଚାଲେ । ପୁଣି ସଞ୍ଚିତ ତଥା ପ୍ରାରବ୍ଧ କର୍ମର ବଶରେ ବିବିଧ ଫଳଗୁଡିକ ଭୋଗ କରିବା ନିମିତ୍ତ ଅନ୍ୟାନ୍ୟ ଶରୀର ଗ୍ରହଣ କରିବାକୁ ପଡେ । ବାୟୁ ଓ ଗନ୍ଧର ନିତ୍ୟ ସମ୍ବନ୍ଧ ନଥାଏ । ବାୟୁ ଯେପରି ଗନ୍ଧଠାରୁ ତତ୍ତ୍ୱତଃ ନିର୍ଲିପ୍ତ, ସେହିପରି ଜୀବାତ୍ମା ପରମାତ୍ମାଙ୍କ ଅଂଶ ହୋଇଥିବା କାରଣରୁ,ଏହା ପ୍ରକୃତି ଓ କାର୍ଯ୍ୟରୂପ ଶରୀରାଦିରୁ ଭିନ୍ନ । କିନ୍ତୁ ଜୀବାତ୍ମା ମନ, ଇନ୍ଦ୍ରିୟ, ଶରୀରାଦିରେ ' ମୁଁ ଓ ମୋର' ଭାବ ସ୍ୱୀକାର କରିଥିବାରୁ ଏହି ସୂକ୍ଷ୍ମ ଶରୀରକୁ ଆକର୍ଷିତ କରି ବିଭିନ୍ନ ଯୋନିରେ ଭ୍ରମଣ କରିଥାଏ । ବାସ୍ତବରେ ଜୀବାତ୍ମାର ସ୍ଥୂଳ କିମ୍ବା ସୂକ୍ଷ୍ମ ଓ କାରଣ ଶରୀର ସହିତ କୌଣସି ବାସ୍ତବ ସମ୍ବନ୍ଧ ନାହିଁ । ଜ୍ଞାନ ଓ ବିବେକ ବଳରେ ଜୀବାତ୍ମା ଯେତେବେଳେ ଚାହିଁବ ଏହି ମିଥ୍ୟା ମନଗଢା ସମ୍ବନ୍ଧକୁ ତ୍ୟାଗ କରି ପରମାତ୍ମାଙ୍କ ସହିତ ନିତ୍ୟ ସମ୍ବନ୍ଧକୁ ଅନୁଭବ କରି ପାରିବ । ଶରୀରାଦିରୁ ତାଦାତ୍ମ୍ୟ ଦୂର ହୋଇଗଲେ ଜୀବାତ୍ମାର ଶରୀର ପରିବର୍ତ୍ତନ ପ୍ରକ୍ରିୟାର ଅନ୍ତ ଘଟିଥାଏ । ଏହି ମିଥ୍ୟା ଭ୍ରମାତ୍ମକ ସମ୍ବନ୍ଧ ଛିନ୍ନ କରିବା ନିମିତ୍ତ ଜୀବାତ୍ମା ସମ୍ପୂର୍ଣ୍ଣ ସ୍ୱାଧୀନ ଓ ସମର୍ଥ ।

ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।
ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥୯॥

*ଅନ୍ୱୟ: ଅୟଂ ( ଏହି ଜୀବାତ୍ମା) ଶ୍ରୋତ୍ରଂ (କର୍ଣ୍ଣ) ଚକ୍ଷୁଃ (ଚକ୍ଷୁ) ଚ (ଓ) ସ୍ପର୍ଶନଂ (ତ୍ୱକ୍ -ଚର୍ମ) ଚ (ତଥା) ରସନଂ (ଜିହ୍ୱା) ଘ୍ରାଣମ୍ ଏବ ଚ ( ଏବଂ ନାସିକା ସହିତ ) ମନଃ ଚ ( ମନକୁ ମଧ୍ୟ ) ଅଧିଷ୍ଠାୟ ( ଆଶ୍ରୟ କରି ଅର୍ଥାତ୍ ଏ ସବୁର ସାହାଯ୍ୟରେ ) ବିଷୟାନ୍ (ବିଷୟ ସମୂହର) ଉପସେବତେ (ଉପଭୋଗ କରେ ) ।*

**ଭାବାର୍ଥ**: ଦେହ ସ୍ଥିତ ଜୀବାତ୍ମା ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ଚର୍ମ ଆଦି ଜ୍ଞାନେନ୍ଦ୍ରିୟମାନଙ୍କ ଦ୍ୱାରା ରୂପ, ଶବ୍ଦ, ରସ, ଗନ୍ଧ ଓ ସ୍ପର୍ଶ ଆଦି ବିଷୟକୁ ମନର ସହାୟତାରେ ଉପଭୋଗ କରିଥାଏ । ଶୁଦ୍ଧ ଚୈତନ୍ୟ ସ୍ୱରୂପ ଆତ୍ମା ସ୍ୱତଃ କୌଣସି ବସ୍ତୁର ମୌଳିକ ତତ୍ତ୍ୱକୁ ପ୍ରକାଶିତ କରିପାରେ ନାହିଁ । ଶୁଦ୍ଧ ଚୈତନ୍ୟ ଦ୍ୱାରା ବୁଦ୍ଧି ପ୍ରକାଶିତ ହେଲେ, ଏହି ବୁଦ୍ଧିର ପ୍ରକାଶ ଶରୀରସ୍ଥ ଚକ୍ଷୁ, କର୍ଣ୍ଣ, ଆଦି ପାଞ୍ଚ ଇନ୍ଦ୍ରିୟଙ୍କ ମାଧ୍ୟମରେ ବସ୍ତୁ ସମୂହକୁ ପ୍ରକାଶିତ କରେ । ମନ ସମସ୍ତ ଇନ୍ଦ୍ରିୟଗୁଡ଼ିକ ସହିତ ଯୁକ୍ତ ହେଲେ ହିଁ ବାହ୍ୟ ବସ୍ତୁ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ହୁଏ । ଇନ୍ଦ୍ରିୟମାନଙ୍କ ସହିତ ଜୀବାତ୍ମା ନିଜର ସମ୍ବନ୍ଧକୁ ମନ ଓ ବୁଦ୍ଧିରେ ସ୍ୱୀକାର କରିନେବା ହିଁ 'ଅଧିଷ୍ଠାୟ' ଅର୍ଥାତ୍

ଏମାନଙ୍କର ଆଶ୍ରୟ ନେବା । ବାସ୍ତବରେ ଆତ୍ମା ବିଷୟ ଭୋଗାଦି କର୍ମର କର୍ତ୍ତା ନୁହଁ କି, ଏହି କର୍ମ ମାନଙ୍କର ଫଳ ରୂପ ସୁଖ-ଦୁଃଖାଦି ପରିସ୍ଥିତିର ଭୋକ୍ତା ନୁହଁ । କାରଣ ଶରୀର ଇନ୍ଦ୍ରିୟ, ମନ ଓ ବୁଦ୍ଧି ଇତ୍ୟାଦି ଜଡ ଠାରୁ ସ୍ୱୟଂ (ଚେତନା ତତ୍ତ୍ୱ 'ଆତ୍ମା') ଅତି ଉର୍ଦ୍ଧ୍ୱରେ । ଶରୀର ମଧ୍ୟରେ ପଞ୍ଚ ମହାଭୁତ, ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପାଞ୍ଚ କର୍ମେନ୍ଦ୍ରିୟ ସହିତ ପରସ୍ପର ଘନିଷ୍ଠ ସମ୍ବନ୍ଧ ରହିଛି । ଯଥା: (୧) ଆକାଶ-ଶ୍ରୋତ୍ର-ବାକ୍-ଶବ୍ଦ (୨) ବାୟୁ-ତ୍ୱକ୍-ହସ୍ତ-ସ୍ପର୍ଶ (୩) ଅଗ୍ନି-ନେତ୍ର-ପାଦ-ରୂପ (୪) ଜଳ-ରସନା-ଉପସ୍ଥ-ରସ(୫) ପୃଥିବୀ-ଘ୍ରାଣ-ଗୁହ୍ୟଦ୍ୱାର-ଗନ୍ଧ । ପାଞ୍ଚ ମହାଭୂତ ମଧ୍ୟରୁ ପ୍ରତ୍ୟେକ ମହାଭୂତର ସତ୍ତ୍ୱଗୁଣ ଅଂଶରୁ ଜ୍ଞାନେନ୍ଦ୍ରିୟ, ରଜୋଗୁଣ ଅଂଶରୁ କର୍ମେନ୍ଦ୍ରିୟ ଓ ତମୋଗୁଣ ଅଂଶରୁ ଶବ୍ଦାଦି ପାଞ୍ଚଟି ବିଷୟ ସୃଷ୍ଟି ହୋଇଛି । ପଞ୍ଚ ମହାଭୂତର ସମ୍ମିଶ୍ରଣ ହୋଇ ସତ୍ତ୍ୱଗୁଣ ଅଂଶରୁ ମନ, ବୁଦ୍ଧି ଓ ଚିତ୍ତ (ସୂକ୍ଷ୍ମ ଶରୀର), ରଜୋଗୁଣ ଅଂଶରୁ ପଞ୍ଚ ପ୍ରାଣ ଏବଂ ତମୋଗୁଣ ଅଂଶରୁ ଅସ୍ଥି, ମାଂସ ଆଦି ସ୍ଥୂଳ ଶରୀର ନିର୍ମିତ ହୋଇଅଛି । ଆତ୍ମା ଏହି ସମୁଦାୟ ଶରୀରାଦି ଇନ୍ଦ୍ରିୟମାନଙ୍କ ଆଶ୍ରୟ ତଥା ପ୍ରକାଶକ । ଆତ୍ମା ସ୍ୱୟଂ ବିଷୟର ଉପଭୋଗ କରେନାହିଁ । ନିଜର ଇନ୍ଦ୍ରିୟାଦି ଉପାଧି ଦ୍ୱାରା ହିଁ ବିଷୟ ଉପସେବନ କରେ । ଯେତେବେଳେ ଉପାଧି ସହିତ ସମ୍ବନ୍ଧ ତୁଟିଯାଏ, ଜୀବାତ୍ମା ସଂସର୍ଗାଧ୍ୟାସରୁ (ତାଦାତ୍ମ୍ୟରୁ) ନିବୃତ୍ତ ହୋଇଯାଏ । ମନୁଷ୍ୟ ତା' ମନରେ ନିରନ୍ତର କିଛି ନା କିଛି ଚିନ୍ତନ କରୁଥାଏ। ନିଦ୍ରାବସ୍ଥାରେ ସେଥିରୁ କିଛି ସ୍ୱପ୍ନ ଭାବରେ ଦେଖାଯାଏ । ଜାଗ୍ରତ ଅବସ୍ଥାରେ ମନ ଉପରେ ବୁଦ୍ଧିର ନିୟନ୍ତ୍ରଣ ରହି ଥିବାରୁ ମନର ସମସ୍ତ ଭାବନା ପରିପ୍ରକାଶ ହୋଇନଥାଏ । ବିଷୟ ସମୂହର ଭିନ୍ନ ଭିନ୍ନ ଗୁଣଗୁଡିକ ଯଥା : ସୁନ୍ଦର- ଅସୁନ୍ଦର, ଶୀତଳ-ଉଷ୍ମ, ସ୍ୱାଦ-ଆସ୍ୱାଦ ପ୍ରଭୃତି ଅନୁଭବତା, ସେହି ସେହି ଇନ୍ଦ୍ରିୟ ମାନଙ୍କ ଦ୍ୱାରା ପ୍ରକାଶିତ ହେଉଥିବା କାଳରେ ସ୍ୱୟଂର ଅର୍ଥାତ୍ ଆତ୍ମାର ସ୍ଥିତିରେ କୌଣସି ପାର୍ଥକ୍ୟ ଆସି ନଥାଏ । ସେହିପରି ବସ୍ତୁ ସମୂହର ପ୍ରକାଶ କାଳରେ ଯଦିଓ ବସ୍ତୁ ସମ୍ବନ୍ଧୀୟ ଅନୁକୂଳ କିମ୍ବା ପ୍ରତିକୂଳ ବୋଧ ମନରେ ହିଁ ପ୍ରତିଫଳିତ ହୁଏ, କିନ୍ତୁ ଆତ୍ମା ନିର୍ଲିପ୍ତ ରହିଥାଏ । ଅଜ୍ଞାନ ତଥା ଅବିବେକତା ମନୁଷ୍ୟ ମନରେ ବିଶ୍ୱାସ ଜନ୍ମାଇଥାଏ କି, ଆତ୍ମା ହିଁ ଦେହ ଧାରଣ କରେ ଏବଂ ବିଷୟ ଭୋଗ କରେ । ବାସ୍ତବରେ ଜନ୍ମ, ମୃତ୍ୟୁ, କର୍ମଫଳ ଭୋଗ ଆଦି ହେଉଛି ପ୍ରକୃତି ବା ଶରୀରର ଧର୍ମ । ଏହା ଆତ୍ମାର ଧର୍ମ ନୁହଁ । ଜୀବାତ୍ମା ବିଶୁଦ୍ଧ କାରଣରୁ ଚେତନା ମଧ୍ୟ ବିଶୁଦ୍ଧ ଅଟେ । ଭୌତିକ ଗୁଣର ସଂସ୍ପର୍ଶ ଅନୁସାରେ ଚେତନା ପରିବର୍ତ୍ତିତ ହେଲାଭଳି ପ୍ରତୀତ ହୋଇଥାଏ, ଯେପରି ସ୍ଫଟିକଟିକୁ କୁଙ୍କୁମ ପାଖରେ ରଖିବାରେ ତାହା ରଙ୍ଗିନ୍ ଦେଖା ଯାଇଥାଏ । ବ୍ୟକ୍ତି ଯେତେବେଳେ ଭଗବତ୍ ଚିନ୍ତନ ପରିବେଶରେ ରୁହେ, ସେତେବେଳେ ଇନ୍ଦ୍ରିୟମାନେ ନିର୍ବିଷୟ ହୋଇଯାଆନ୍ତି ଏବଂ ମନ ସଂକଳ୍ପ ଶୂନ୍ୟ ବା ନିର୍ବିକଳ୍ପ ହୋଇଯାଏ । ବୁଦ୍ଧି ସ୍ୱତଃ ସମ ହୋଇ ପରମାତ୍ମା ଅନୁଭବ ହୁଏ ଏବଂ ବ୍ୟକ୍ତି ବିଶୁଦ୍ଧ ଜୀବନ ଯାପନ କରେ । ଯଦି ଚେତନା ଭୌତିକ ବାସନା, କାମନା ଦ୍ୱାରା ଦୂଷିତ ହୁଏ, ତାହାହେଲେ କରୁଥିବା କର୍ମର ବନ୍ଧନରେ ପଡି ମନୁଷ୍ୟ ଉଚ୍ଚ-ନୀଚ ଯୋନି ଜନ୍ମ ନେଇ ସଂସାର ଚକ୍ରରେ ଘୁରି ବୁଲୁଥାଏ ।

ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।
ବିମୂଢା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷ ॥୧୦॥

*ଅନ୍ୱୟ: ଉତ୍କ୍ରାମନ୍ତଂ (ଶରୀର ଛାଡି ଚାଲି ଯାଉଥିଲେ ) ବା (ଅଥବା) ସ୍ଥିତଂ (ଦେହରେ ରହିଥିଲେ ) ବା (ଅଥବା) ଭୁଞ୍ଜାନମ୍ ଅପି ( ବିଷୟ ସମୂହ ଉପଭୋଗ କରୁଥିଲେ ମଧ୍ୟ ) ଗୁଣାନ୍ୱିତମ୍ (ଗୁଣମାନଙ୍କ ସହିତ ତାଦାତ୍ମ୍ୟ ହୋଇ ରହିଥିବା ଜୀବାତ୍ମାର ସ୍ୱରୂପକୁ ) ବିମୂଢାଃ (ଅଜ୍ଞାନୀ ଲୋକ) ନ ଅନୁପଶ୍ୟନ୍ତି (ଜାଣନ୍ତି ନାହିଁ) ଜ୍ଞାନଚକ୍ଷୁଷଃ ( ଜ୍ଞାନ ରୂପକ ଚକ୍ଷୁ ଥିବା ବିବେକଶୀଳ ବ୍ୟକ୍ତି ହିଁ କେବଳ ) ପଶ୍ୟନ୍ତି ( ତତ୍ତ୍ୱତଃ ଜାଣନ୍ତି )।*

**ଭାବାର୍ଥ** : ଦେହରେ ଅବସ୍ଥାନ କରୁଥିବା, ଇନ୍ଦ୍ରିୟ ଓ ଗୁଣମାନଙ୍କ ସହିତ ତାଦାତ୍ମ୍ୟ ହୋଇ ବିଷୟ ସମୂହକୁ ଉପଭୋଗ କରି ପାରୁଥିବା ଏବଂ ମୃତ୍ୟୁ କାଳରେ ଦେହକୁ ତ୍ୟାଗ କରି ଚାଲିଯାଉଥିବା ଜୀବାତ୍ମାର ସ୍ୱରୂପକୁ ଅଜ୍ଞାନୀ-ଅବିବେକୀଗଣ ଜାଣି ପାରନ୍ତି ନାହିଁ । କାରଣ ସେହି ମାନଙ୍କର ମନ ବିଷୟାକର୍ଷଣରେ ବହିର୍ମୁଖ ହୋଇଥାଏ । କିନ୍ତୁ ଜ୍ଞାନନେତ୍ର ବିଶିଷ୍ଟ ବିବେକୀଗଣ ସେହି ଆତ୍ମାକୁ ତତ୍ତ୍ୱତଃ ଜାଣିବାକୁ ସମର୍ଥ ହୋଇଥାନ୍ତି । ଯେବେ କାହାର ମୃତ୍ୟୁ ହୋଇଯାଏ, ଆତ୍ମା ସେହି ମର ଶରୀରକୁ ତ୍ୟାଗ କରିଥାଏ ଯାହାକୁ 'ଉତ୍କ୍ରମଣ' କୁହାଯାଇଛି । ଭୋଜନ ଆଦି କ୍ରିୟାରେ ମଧ୍ୟ ସାକ୍ଷୀ ରୂପରେ ସେହି ଆତ୍ମା ସର୍ବତ୍ର ବିଦ୍ୟମାନ । ସୁଖ-ଦୁଃଖ, ମୋହ ଆଦିରେ ମଧ୍ୟ ସେହି ଆତ୍ମା ସାକ୍ଷୀ ରୂପରେ ଅନୁଗତ ଅଟେ । ଶରୀର ଗ୍ରହଣ ବେଳେ ଓ ଶରୀର ତ୍ୟାଗ କାଳରେ ସୂକ୍ଷ୍ମ ଶରୀରକୁ ଚେତନତା ପ୍ରଦାନ କରୁଥିବା ଆତ୍ମା ହିଁ ବିଦ୍ୟମାନ ରହେ । ଦେହ ବିଶେଷର ଜୀବନ କାଳରେ ଆତ୍ମା ହିଁ ସବୁ ଅନୁଭବଗୁଡିକୁ ପ୍ରକାଶିତ କରେ । ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନଶୀଳ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବ ଗୁଡିକର ଜ୍ଞାନ ମଧ୍ୟ ଚୈତନ୍ୟ କାରଣରୁ ସମ୍ଭବ ହୁଏ । ଜୀବ ସ୍ୱରୂପତଃ ଗୁଣାତୀତ ହୋଇମଧ୍ୟ ଦେଶ, କାଳ, ବ୍ୟକ୍ତି ବସ୍ତୁ ସହିତ ସମ୍ବନ୍ଧ ସ୍ଥାପନ କରି ସେଥିରେ ଆବଦ୍ଧ ହୋଇଯାଏ । ପ୍ରାଣୀ, ପଦାର୍ଥ, ଘଟଣା, ପରିସ୍ଥିତି କେହିହେଲେ ସ୍ଥିର ନୁହନ୍ତି । ଜୀବାତ୍ମା ଯେତେବେଳେ ସ୍ଥୂଳ ଶରୀର ଛାଡି ସୂକ୍ଷ୍ମ ଓ କାରଣ ଶରୀର ସହ ବାହାରି ଯାଏ, ଅନ୍ୟ ଶରୀର ଗ୍ରହଣ କରେ ଓ ବିଷୟ ଉପଭୋଗ କରେ, ସେତେବେଳେ ସେ ଗୁଣରେ ଲିପ୍ତ ଥିଲା ପରି ଦେଖା ଯାଉଥିଲେ ମଧ୍ୟ ବାସ୍ତବରେ ନିର୍ଲିପ୍ତ ଥାଏ । ବସ୍ତୁତଃ ଆତ୍ମାର ଉତ୍କ୍ରମଣ ବା ସ୍ଥିତି ବାସ୍ତବିକ ନାହିଁ । ଏସବୁ ଇନ୍ଦ୍ରିୟାଦି ଉପାଧି କାରଣରୁ ପ୍ରତୀତ ହୋଇଥାଏ । ବିମୂଢ ଲୋକ ଏହି ସମସ୍ତ କ୍ରିୟାରେ ଆତ୍ମାର ତାତ୍ତ୍ୱିକ ରୂପକୁ ଜାଣି ପାରିନଥାନ୍ତି । ଆତ୍ମା ସମସ୍ତ କ୍ରିୟା କରୁଛି ବୋଲି ଅଜ୍ଞାନୀକୁ ବୋଧ ହୋଇଥାଏ । ଯେଉଁ ବି କିଛି କାର୍ଯ୍ୟ ମନୁଷ୍ୟ କରିଥାଏ, ତାହାର ସାକ୍ଷୀ ଅନ୍ତରାତ୍ମା ରୂପରେ ଅବସ୍ଥିତ ପରମେଶ୍ୱର ଅଟନ୍ତି । ତଥାପି ମଧ୍ୟ ଅବିବେକୀ ପୁରୁଷ ସେହି ଆତ୍ମା ତତ୍ତ୍ୱକୁ ଚିହ୍ନି ପାରନ୍ତି ନାହିଁ । "କାଳର ଗର୍ଭରେ ସମସ୍ତ ଦୃଶ୍ୟ ପ୍ରପଞ୍ଚର ଅନ୍ତ ପ୍ରକ୍ରିୟା ପ୍ରତିକ୍ଷଣ ଜାରି ରହିଛି" – ଏହି କଥା ପ୍ରତ୍ୟକ୍ଷ ଅନୁଭବ କରିବା ହିଁ ଜ୍ଞାନ ରୂପକ ଚକ୍ଷୁ ସାହାଯ୍ୟରେ ଦର୍ଶନ କରିବା । ଜ୍ଞାନ ଚକ୍ଷୁ କୌଣସି ଅନ୍ତଃ ଇନ୍ଦ୍ରିୟ ନୁହେଁ । ବିବେକ ବୈରାଗ୍ୟ ସମ୍ପନ୍ନ ସାଧକ ଯେତେବେଳେ ଶାସ୍ତ୍ର ପ୍ରମାଣ ଦ୍ୱାରା ଆତ୍ମା ବିଚାର କରେ, ସେତେବେଳେ ବିଚାର ଜନିତ ଯେଉଁ ଆତ୍ମ ବୋଧ ତାହା ହିଁ 'ଜ୍ଞାନଚକ୍ଷୁ' । ଯାହାର ଜ୍ଞାନ ଚକ୍ଷୁ ଖୋଲିଛି, ତା'କୁ ସାକ୍ଷୀ ରୂପରେ ସମସ୍ତ କାର୍ଯ୍ୟରେ ଭଗବାନଙ୍କ ସର୍ବତ୍ର ସତ୍ତାର ଅନୁଭବ ହୁଏ । ସେ ଜାଣେ ଯେ, ପ୍ରକୃତ ସ୍ୱରୂପରେ 'ଉତ୍କ୍ରମଣ' ନାହିଁ କି, ସ୍ଥିତି ନାହିଁ କି, ଭୋକ୍ତୃତ୍ୱ ମଧ୍ୟ ନାହିଁ । ବିକ୍ଷିପ୍ତ ଚିତ୍ତବୃତ୍ତି ରହିଥିବା ମନୁଷ୍ୟ ଯାହାକୁ ଭଗବାନ ଏଠାରେ 'ବିମୂଢ' କହିଛନ୍ତି ସେ' ସ୍ୱୟଂ ତଥା ସକଳ ପ୍ରାଣୀଙ୍କଠାରେ ପ୍ରତିଷ୍ଠିତ ଆତ୍ମା ସତ୍ତାକୁ ଜାଣି ପାରି ନଥାନ୍ତି । ଆତ୍ମା ବାସ୍ତବରେ ଅକର୍ତ୍ତା । ଆତ୍ମା ଉପାଧି ରୂପକ ଗୁଣମାନଙ୍କ ସହିତ ଯୁକ୍ତ

ହେବା କାରଣରୁ ଶରୀରରୁ ବହିର୍ଗତ, ସ୍ଥିତ ବା ବିଷୟ ଉପଭୋଗ କଲାଭଳି ବୋଧ ହେଉଛି । କିନ୍ତୁ ଜ୍ଞାନୀ ବୁଝିପାରିଥାଏ କି, ଉପାଧିର ଧର୍ମ ଗୁଡିକ ଆତ୍ମା ଉପରେ ଆରୋପିତ ହୋଇ, ଆତ୍ମା ସବୁ କରୁଥିବାର ଭ୍ରମ ସୃଷ୍ଟି ହେଉଛି । ଅସଲରେ ଗୁଣ ଆଉ ଆତ୍ମାର କେବେ ସମ୍ବନ୍ଧ ହୋଇପାରିବ ନାହିଁ । କେବଳ ଭ୍ରାନ୍ତି କାରଣରୁ ଯେଉଁ ସମ୍ବନ୍ଧ ଥିଲାପରି ବୋଧହୁଏ, ତାହା ତତ୍ତ୍ୱଜ୍ଞାନ ପ୍ରାପ୍ତି ହେଲାପରେ ଦୂର ହୋଇଯାଏ । ତେଣୁ ଆତ୍ମା ସହିତ ସମସ୍ତ ସମ୍ବନ୍ଧ ମିଥ୍ୟା ଅଟେ ଏବଂ ସେହି ସମ୍ବନ୍ଧ ବସ୍ତୁ ମଧ୍ୟ ମିଥ୍ୟା ଅଟେ ।

ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।
ଯତନ୍ତୋପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ॥୧୧॥

*ଅନ୍ୱୟ: ଯତ୍ନତଃ (ସିଦ୍ଧି ପ୍ରାପ୍ତ ନିମିତ୍ତ ଯତ୍ନଶୀଳ) ଯୋଗିନଃ (ଯୋଗୀଗଣ) ଆତ୍ମନି (ନିଜ ଦେହରେ-ସ୍ୱୀୟ ବୁଦ୍ଧିରେ ) ଅବସ୍ଥିତମ୍ (ସାକ୍ଷୀ ରୂପେ ଅବସ୍ଥିତ ) ଏନମ୍ (ଏହି ପରମାତ୍ମା ତତ୍ତ୍ୱକୁ ) ପଶ୍ୟନ୍ତି (ଅନୁଭବ କରନ୍ତି ) ଚ (କିନ୍ତୁ) ଅକୃତଆତ୍ମାନଃ (ଅଶୁଦ୍ଧ ଚିତ୍ତ – ଅଜିତେନ୍ଦ୍ରିୟ) ଅଚେତସଃ (ଅବିବେକୀ ମନୁଷ୍ୟ) ଏନମ୍ (ଏହି ତତ୍ତ୍ୱକୁ ) ନ ପଶ୍ୟନ୍ତି (ଅନୁଭବ କରି ପାରନ୍ତିନାହିଁ )।*

**ଭାବାର୍ଥ** : ସିଦ୍ଧିପ୍ରାପ୍ତ ନିମିତ୍ତ ବିବେକୀ ଯତ୍ନଶୀଳ ଯୋଗିଗଣ ନିଜ ହୃଦୟରେ ସାକ୍ଷୀରୂପେ ଅବସ୍ଥିତ ଏହି ଆତ୍ମା ତତ୍ତ୍ୱର ଦର୍ଶନ ପ୍ରାପ୍ତ ହୋଇଥାନ୍ତି । କିନ୍ତୁ ଯେଉଁମାନେ ଅଶୁଦ୍ଧ ଚିତ୍ତ ଓ ଅବିବେକୀ, ସେମାନେ ଯତ୍ନଶୀଳ ହେଲେମଧ୍ୟ ଏହି ଆତ୍ମାର ଉପସ୍ଥିତିକୁ ଜାଣିପାରି ନଥାନ୍ତି । ଦୃଢ ସଂକଳ୍ପ, ଅତ୍ୟନ୍ତ ନିଷ୍ଠାପର ତଥା ସନ୍ତୁଳିତ ଚିତ୍ତଯୁକ୍ତ ସାଧକର ଯଥାର୍ଥ ଉପଲବ୍ଧ ହୋଇଥା କି, "ପରମାତ୍ମା ହୃଦୟରେ ପ୍ରତିଷ୍ଠିତ- ସୋ ଅହଂ - ସେ ହେଉଛନ୍ତି ମୁଁ ।" – ଏହି ଭାବ ତା'ରି ନିରନ୍ତର ସ୍ମରଣ ରହେ । 'ଅହଂ-ବ୍ରହ୍ମ- ଅସ୍ମି -ମୁଁ ହିଁ ପରବ୍ରହ୍ମ'- ଏହି ମହାନ୍ ଉପନିଷଦ ବାକ୍ୟର ପ୍ରକୃତ ତାତ୍ପର୍ଯ୍ୟ ଉପରେ ଧ୍ୟାନକରି ଆତ୍ମଜ୍ଞାନ ପ୍ରାପ୍ତିରେ ଅବିଦ୍ୟା ତଥା ଅଜ୍ଞାନତାର ନାଶ ହୁଏ ଏବଂ ଦୃଷ୍ଟିଜ୍ଞାନ ସିଦ୍ଧ ହୁଏ । ଅହଂକାର ଓ ସ୍ୱାର୍ଥ ଜନିତ ବିକ୍ଷେପ ଗୁଡିକର ଅଭାବ ଏବଂ ଆତ୍ମା-ଅନାତ୍ମାର ବିବେକ ଜାଗ୍ରତ ହେଲେ ଅଜ୍ଞାନ ରୂପ ଆବରଣ ଦୂର ହୋଇ ଚିତ୍ତ ଶୁଦ୍ଧହୁଏ । ପରମାତ୍ମା ତତ୍ତ୍ୱରେ ଦେଶ ଓ କାଳର ଦୁରତ୍ୱ ନଥାଏ । ସେ' ସମାନଭାବେ ସର୍ବତ୍ର ଓ ସର୍ବଥା ଆତ୍ମା ରୂପରେ ସମସ୍ତ ପ୍ରାଣୀଙ୍କ ହୃଦୟରେ ବିଦ୍ୟମାନ । ଶ୍ରବଣ, ମନନ, ନିଦିଧ୍ୟାସନ ଆଦି ଅଭ୍ୟାସ ଦ୍ୱାରା ପ୍ରଯତ୍ନ କରୁଥିବା ସାଧକ, ମନ ଓ ବୁଦ୍ଧିରେ ପ୍ରକାଶ ରୂପରେ ଅବସ୍ଥିତ ଆତ୍ମାକୁ ଚିହ୍ନି ପାରିବାକୁ ସମର୍ଥ ହୋଇଥାନ୍ତି । ଯେଉଁ ସାଧକ ଚିତ୍ତକୁ ଏକାଗ୍ର କରିବାରେ, ତଥା ବୁଦ୍ଧିକୁ କାମନା -ବାସନା ଗୁଡିକରୁ ନିବୃତ୍ତ କରାଇ ଚିତ୍ତକୁ ଶୁଦ୍ଧ କରିବାରେ ସଫଳ ହୋଇଥାନ୍ତି, କେବଳ ସେହିମାନେ ହିଁ ଆତ୍ମାର ନିତ୍ୟତା, ଅସୀମତାକୁ ଅନୁଭବ କରନ୍ତି । ପରମାତ୍ମା ପ୍ରାପ୍ତି ସାଧକର ଏକମାତ୍ର ଉଦ୍ଦେଶ୍ୟ ହୋଇଗଲେ ଅସଙ୍ଗତା, ନିର୍ମମତା ଓ ନିଷ୍କାମତା ସ୍ୱତଃ ଆସିଯାଇଥାଏ । ଜୀବାତ୍ମା ପରମାତ୍ମାଙ୍କ ଠାରୁ ଅନନ୍ୟ ଅଭିନ୍ନ ଅନୁଭବ ଉପଲବ୍ଧ ହୁଏ । ଯାହାର ଚିତ୍ତ ବ୍ରହ୍ମାଭିମୁଖୀ, ହୃଦୟ ଜ୍ଞାନାଲୋକରେ ଉଦ୍ଭାସିତ, ସେ ଜାଣେ ଯେ, ଆତ୍ମା ନିତ୍ୟ, ଶାଶ୍ୱତ ଏବଂ କ୍ରିୟା ରହିତ । ଜଳରେ ଚନ୍ଦ୍ରମାର ପ୍ରତିଫଳନ ଯେପରି ଅବାସ୍ତବ, ଦେହକୁ ଆତ୍ମା ବୋଲି ସ୍ୱୀକାର କରିନେବା ସେହିଭଳି ଭ୍ରମ ଅଟେ । ଭୋଗ ଓ ସଂଗ୍ରହରେ ଲିପ୍ତ ବ୍ୟକ୍ତିର ବିବେକ ସ୍ଥିର ରହେନାହିଁ । 'ଅକୃତାତ୍ମାନଃ' ଓ 'ଅଚେତସ'- ଏହା ମଳ, ବିକ୍ଷେପ ଓ ଆବରଣ- ଏହି ତିନି ଦୋଷଯୁକ୍ତ ଅନ୍ତଃକରଣ ବିଶିଷ୍ଟ ମନୁଷ୍ୟମାନଙ୍କ ବାଚକ । ଏପରି ମନୁଷ୍ୟ ନିଜ ଅନ୍ତଃକରଣକୁ ଶୁଦ୍ଧ ନକରି ଆତ୍ମାକୁ ଜାଣିବା ପାଇଁ ଶାସ୍ତ୍ରାଦି ଆଲୋଚନା ରୂପକ ପ୍ରଯତ୍ନ କଲେ

ମଧ୍ୟ ତା'ର ତତ୍ତ୍ୱକୁ ବୁଝି ପାରନ୍ତି ନାହିଁ । ମଳ ଓ ବିକ୍ଷେପ ନିବୃତ୍ତି ନିମନ୍ତେ ନିଷ୍କାମ କର୍ମ ଓ ନିଷ୍କାମ ଉପାସନାର ଆବଶ୍ୟକତା ରହିଛି । ଯେଉଁ ତତ୍ତ୍ୱ ପ୍ରକୃତିରୁ ଉର୍ଦ୍ଧ୍ୱରେ , ଇନ୍ଦ୍ରିୟ, ମନ, ବୁଦ୍ଧି, ଦେଶ, କାଳ, ବସ୍ତୁ ଆଦି ପ୍ରକୃତିର କାର୍ଯ୍ୟଦ୍ୱାରା ତା'କୁ କିପରି ଜାଣିହେବ ? ସୁତରାଂ ପ୍ରକୃତି ଜନିତ ଗୁଣ, କାର୍ଯ୍ୟ ଆଦିରୁ ସମ୍ବନ୍ଧ ବିଚ୍ଛେଦ କଲେଯାଇ ତତ୍ତ୍ୱ ପ୍ରାପ୍ତି ହୁଏ ଏବଂ ତାହା ନିଜ ଦ୍ୱାରା ହିଁ ସମ୍ଭବ । ଯିଏ ସଦ୍ଗୁରୁ, ସତ୍-ସଂପ୍ରଦାୟ ସତ୍- ଶାସ୍ତ୍ର ଦ୍ୱାରା ନିଜ ଜୀବନକୁ ପବିତ୍ର କରି ନାହାନ୍ତି, ସେହି ଅକୃତ ଆତ୍ମାକୁ ଅର୍ଥାତ୍ ବିମୁଢ ବ୍ୟକ୍ତିକୁ ଆତ୍ମା ସାକ୍ଷାତ୍କାର ହୋଇ ପାରିବ ନାହିଁ । ତେଣୁ ସଦ୍ଗୁରୁ, ସତ୍-ସମ୍ପ୍ରଦାୟ, ସଦାଚାର, ସଦ୍ଭାବନାର ପରାକାଷ୍ଠା ଓ ଉତ୍କର୍ଷରେ ହିଁ ପରମାତ୍ମା ପ୍ରାପ୍ତି ହୋଇଥାଏ ।

ଯଦାଦିତ୍ୟଗତଂ ତେଜୋ ଜଗଦ୍ ଭାସୟତେ ଅଖିଳମ୍ ।
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ॥୧୨॥

*ଅନ୍ୱୟ: ଆଦିତ୍ୟଗତଂ (ସୂର୍ଯ୍ୟଙ୍କୁ ପ୍ରାପ୍ତ ) ଯତ୍ ତେଜଃ (ଯେଉଁ ଜ୍ୟୋତି ) ଅଖିଳମ୍ (ସମଗ୍ର) ଜଗତ୍ (ବିଶ୍ୱକୁ) ଭାସୟତେ (ପ୍ରକାଶିତକରେ -ଆଲୋକିତ କରେ) ଯତ୍ (ଯେଉଁ ଜ୍ୟୋତି) ଚନ୍ଦ୍ରମସି (ଚନ୍ଦ୍ରଙ୍କଠାରେ ରହିଛି ) ଚ (ତଥା ) ଯତ୍ (ଯେଉଁ ତେଜ) ଅଗ୍ନୌ (ଅଗ୍ନିରେ ରହିଛି) ତତ୍ ତେଜ (ସେହି ତେଜ) ମାମକମ୍ (ମୋର ବୋଲି) ବିଦ୍ଧି (ଜାଣିବ ) ।*

**ଭାବାର୍ଥ** : ଆତ୍ମା ରୂପରେ ପରମାତ୍ମାହିଁ ସବୁ କିଛିର ସାର ଏବଂ ସେ ହିଁ ସକଳ ଅନୁଭୂତିର ଆଧାର । ଏହି ତତ୍ତ୍ୱଟି ଅର୍ଜୁନଙ୍କ ହୃଦୟଙ୍ଗମ କରାଇବା ଉଦ୍ଦେଶ୍ୟରେ ଭଗବାନ ଅଧ୍ୟାୟର (୧୨-୧୫) ଚାରୋଟି ଶ୍ଳୋକରେ ଆତ୍ମାର ବିଭିନ୍ନ ବ୍ୟକ୍ତ ଏବଂ ବ୍ୟାପକତା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଛନ୍ତି । "(କ) ଆତ୍ମା ପରମେଶ୍ୱର ରୂପରେ ସର୍ବ ପ୍ରକାଶକ ଚେତନାର ପ୍ରକାଶ । (ଖ) ସେ' ସର୍ବ ପୋଷକ ଜୀବନ ତତ୍ତ୍ୱ (ଗ) ସକଳ ପ୍ରାଣୀଙ୍କଠାରେ ଶରୀର ନିର୍ବାହ ନିମିତ୍ତ ସେ' ଜଠରାଗ୍ନି ରୂପରେ ସ୍ଥିତ (ଘ) ସମସ୍ତ ହୃଦୟରେ ଆତ୍ମା ରୂପରେ ଅବସ୍ଥାନ କରି ପ୍ରେରଣା ଦାୟକ ଏବଂ ସମସ୍ତ ପ୍ରକାରେ ଜ୍ଞାତବ୍ୟ ତତ୍ତ୍ୱ ।" ଯେଉଁ ଆଲୋକ ପ୍ରାପ୍ତ ହୋଇ ସୂର୍ଯ୍ୟ ସମଗ୍ର ଜଗତକୁ ଆଲୋକିତ କରୁଛନ୍ତି ଏବଂ ସୂର୍ଯ୍ୟଙ୍କ ଯେଉଁ ପ୍ରତିବିମ୍ବିତ ଆଲୋକ ଚନ୍ଦ୍ର ଓ ଅଗ୍ନିରେ ରହିଛି, ପରମାତ୍ମାଙ୍କ ପରମ ଜ୍ୟୋତି ସେହି ତେଜର କାରଣ ଓ ଆଧାର । ସୂର୍ଯ୍ୟ' ଚନ୍ଦ୍ର ଓ ଅଗ୍ନି ହେଉଛନ୍ତି ଯଥାକ୍ରମେ ନେତ୍ର, ମନ ଓ ବାଣୀର ଅଧିଷ୍ଠାତୃ ଦେବତା । ସୁତରାଂ ନେତ୍ର, ମନ ଓ ବାଣୀ ଦ୍ୱାରା ଜଗତର ସମୂହ ବସ୍ତୁକୁ ପ୍ରକାଶିତ କରିବା ନିମିତ୍ତ ଯେଉଁ ଶକ୍ତି, ତା'ହା ଭଗବାନଙ୍କ ତେଜ ବା ପ୍ରଭାର ଏକ ଅଂଶ । ପ୍ରତିବିମ୍ବର ସ୍ପଷ୍ଟତା ପ୍ରତିଫଳିତ ବସ୍ତୁର ସ୍ୱଚ୍ଛତାର ମାତ୍ରା ଉପରେ ନିର୍ଭର କରେ । ସତ୍ତ୍ୱରେ ପରିପୃକ୍ତ ପରମାତ୍ମାଙ୍କ ପରମ ଜ୍ୟୋତି ସୂର୍ଯ୍ୟଙ୍କ ମାଧ୍ୟମରେ ଜ୍ଞାନାଲୋକ ରୂପରେ ଜୀବର ନେତ୍ରରେ ସୁନ୍ଦର, ରୁଚିର ହୋଇ ପ୍ରତିବିମ୍ବିତ ହୁଏ । ଚନ୍ଦ୍ର ଯେଉଁ ଜ୍ୟୋତ୍ସ୍ନା ଶୀତଳତା ପ୍ରଦାନ କରେ ତା'ହା ସେ'ହି ପରମାତ୍ମାଙ୍କ ତେଜ ଅଟେ । ଭଗବାନ କୃଷ୍ଣ ଏହିଠାରେ କହୁଛନ୍ତି କି, 'ମୁଁ ହିଁ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନିନାମଧାରୀ । ଭଗବାନଙ୍କ ଜ୍ୟୋତିରୁ ନିର୍ଗତ ଉତ୍ତାପ ଦ୍ୱାରା ହିଁ ଅଗ୍ନି ଦହନ କରେ । ଭଗବାନଙ୍କ ପରବ୍ୟୋମରୁ ଆସୁଥିବା ଦିବ୍ୟାଲୋକ ବା ଦୀପ୍ତି ହିଁ ସୂର୍ଯ୍ୟାଲୋକ ଅଟେ । ଭଗବାନଙ୍କ କୃପା ନହେଲେ ସୂର୍ଯ୍ୟ, ଚନ୍ଦ୍ର ଆକାଶରେ ରହି ପାରିବେ ନାହିଁ, ଅଗ୍ନି ପ୍ରକଟିତ ହେବନାହିଁ । କିନ୍ତୁ ମାୟାମୁଗ୍ଧ ଜୀବ ଏହି ସତ୍ୟର ଉପଲବ୍ଧି କରି ପାରିନଥାଏ । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନିର ତେଜ ରୂପରେ ଜଡ ଜଗତରେ ମଧ୍ୟ ପରମାତ୍ମାଙ୍କ ଚିତ୍-

ସତ୍ତା ଦେଦୀପ୍ୟମାନ । ସମ୍ପୂର୍ଣ୍ଣ ଜଗତର ସମସ୍ତ ବସ୍ତୁ, ଭାବ, ପଦାର୍ଥ, କ୍ରିୟା ତଥା ଗୁଣ -ଏହି ସମସ୍ତଙ୍କ ସତ୍ତା ବା ଅଭିବ୍ୟକ୍ତର ମୂଳ କାରଣ ପରମେଶ୍ୱର ଅଟନ୍ତି । ମନୁଷ୍ୟ ପ୍ରାକୃତ ଅହଂକାରର ବଶୀଭୂତ ହୋଇ ଜଳ, ବାୟୁ, ସୂର୍ଯ୍ୟ, ଚନ୍ଦ୍ର ଆଦି ଉପରେ ପ୍ରଭୁତ୍ୱ ବିସ୍ତାର କରି, ସେମାନଙ୍କୁ ନିଜ ଭୌତିକ ସୁଖ ପ୍ରାପ୍ତି ନିମିତ୍ତ ପ୍ରୟୋଗ କରିବାର ବୃଥା ଚେଷ୍ଟା କରୁଛି । ଇନ୍ଦ୍ରିୟ ଗୋଚର ତଥ୍ୟ ଗୁଡିକୁ ଏକତ୍ରିତ କରି ସିଦ୍ଧ କରାଯାଇଥିବା ଭୌତିକ ବିଜ୍ଞାନର ଗତି କେବଳ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ହୋଇପାରେ । ସୂର୍ଯ୍ୟ ସମେତ ଆକାଶରେ ଦେଖାଯାଉଥିବା କୋଟି କୋଟି ତାରା ଓ ନକ୍ଷତ୍ରର ସୃଷ୍ଟିକର୍ତ୍ତା କିଏ ବୋଲି ପ୍ରଶ୍ନ କଲେ, ବୈଜ୍ଞାନିକମାନେ ମୌନ ନରହିଲେ ମଧ୍ୟ ବିଜ୍ଞାନ ମୌନ ରହିଯାଏ । ଯେଉଁଠାରେ ବିଜ୍ଞାନର ପ୍ରୟୋଜନ ସମାପ୍ତ ହୋଇଯାଏ ଏବଂ ଆଗକୁ ମାର୍ଗ ପ୍ରକାଶିତ କରିବାରେ ଅସମର୍ଥ ହୁଏ, ସେତେବେଳେ ବୁଦ୍ଧିର ଜିଜ୍ଞାସାକୁ ଶାନ୍ତ ନିମିତ୍ତ ବେଦ, ପୁରାଣ, ଦର୍ଶନ ଶାସ୍ତ୍ରର ଆଶ୍ରୟ ନିଆଯାଏ । ଏହାର ସମାଧାନ ଭିତ୍ତିକ ଏକମାତ୍ର ଉତ୍ତର ହୋଇପାରେ –"ପରମାତ୍ମା ସ୍ୱୟଂଙ୍କୁ ବିବିଧ ରୂପରେ ବ୍ୟକ୍ତ କରନ୍ତି, ଯାହାଦ୍ୱାରା ଜଗତ ସ୍ଥିତିବାନ ହୋଇ ରହିବା ସମ୍ଭବ ହୋଇଅଛି " ।

ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।
ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ॥୧୩॥

*ଅନ୍ୱୟ: ଚ (ଏବଂ) ଅହଂ (ମୁଁ) ଗାମ୍ (ପୃଥିବୀରେ) ଆବିଶ୍ୟ (ପ୍ରବେଶ କରି) ଓଜସା (ନିଜ ଶକ୍ତିଦ୍ୱାରା) ଭୂତାନି (ଚରାଚର ଭୂତ ସମୂହକୁ) ଧାରୟାମି (ଧାରଣ କରିଅଛି ) ଚ (ଓ) ରସାତ୍ମକଃ (ରସମୟ) ସୋମଃ ଭୂତ୍ୱା (ଚନ୍ଦ୍ର ରୂପ ହୋଇ) ସର୍ବ (ସମସ୍ତ) ଓଷଧୀଃ (ଓଷଧୀ ଅର୍ଥାତ୍ ବନସ୍ପତିମାନଙ୍କୁ ) ପୁଷ୍ଣାମି (ପୁଷ୍ଟକରେ) ।*

**ଭାବାର୍ଥ** : ଏବଂ ଭଗବାନ ପୁଣି କହୁଛନ୍ତି କି, ମୁଁ ହିଁ ଐଶୀଶକ୍ତି ରୂପେ ପୃଥିବୀରେ ଅନୁପ୍ରବିଷ୍ଟ ହୋଇ ଚରାଚର ଭୂତ ସମୂହକୁ ଧାରଣ କରିଅଛି । ସମସ୍ତ ଉଦ୍ଭିଦ ଜଗତକୁ ମୋର ଜୀବ-ରସ (ଓଜଃ) ଖାଦ୍ୟରୂପେ ପ୍ରଦାନ କରେ । ସେହି ଜୀବରସ ମୃତ୍ତିକାରେ ଅନ୍ତଃପ୍ରବେଶ କରି ବୃକ୍ଷ, ଲତା, ଗୁଳ୍ମ, ତୃଣ ଇତ୍ୟାଦିରେ ସ୍ୱାଦୁକର ମଧୁର ରସ ସୃଷ୍ଟି କରାଏ । ମୁଁ ହିଁ ରସ ସ୍ୱରୂପ ଅର୍ଥାତ୍ ଅମୃତମୟ ଚନ୍ଦ୍ରମା ହୋଇ ସକଳ ଓଷଧୀ ବନସ୍ପତିମାନଙ୍କୁ ପୁଷ୍ଟ କରେ । ପୃଥିବୀ ସମେତ ଏ ସମସ୍ତ ଗ୍ରହ ମଣ୍ଡଳ ଅନ୍ତରୀକ୍ଷରେ ଭାସି ବୁଲୁଛନ୍ତି । ପରମ ପୁରୁଷ ଭଗବାନଙ୍କ ପରମ ଶକ୍ତି ତାଙ୍କରି ମଧ୍ୟରେ ପ୍ରବେଶ କାରଣରୁ ଏହା ସମ୍ଭବ । ଭଗବାନଙ୍କ ବଳ ଓ ଶକ୍ତି କାରଣରୁ ସମସ୍ତ ସ୍ଥାବର ଓ ଜଙ୍ଗମ ନିଜ ନିଜ ସ୍ଥାନରେ ରହିପାରିଛନ୍ତି । ଐଶ୍ୱରିକ ଶକ୍ତି ଧରି ରଖିଥିବାରୁ ଏହି ବିରାଟ ପୃଥିବୀ ଖସି ପଡୁନାହିଁ କି, ଭାଙ୍ଗିପଡୁନାହିଁ କିମ୍ବା ଅଧୋଲୋକରେ ବୁଡିଯାଉନାହିଁ । ପୃଥିବୀର ସ୍ଥଳ ପୃଷ୍ଠ ଅପେକ୍ଷା ଜଳସ୍ତର ଉଚ୍ଚ ଏବଂ ତିନିଭାଗ ଜଳ ଏକ ଭାଗ ସ୍ଥଳ ହେବା ସତ୍ତ୍ୱେ ପୃଥିବୀ ଜଳମଗ୍ନ ହେଉନାହିଁ । ଏହା କେବଳ ଭଗବାନଙ୍କ ଧାରଣ ଶକ୍ତିର ପ୍ରଭାବ । ଭଗବାନଙ୍କ ପ୍ରତିନିଧି ଚନ୍ଦ୍ରଙ୍କ ପ୍ରଭାବ ଯୋଗୁଁ ସବୁ ଉଦ୍ଭିଦଜାତ ଖାଦ୍ୟ ସୁସ୍ୱାଦକର ହୋଇ ଉଠେ । ଭଗବାନଙ୍କ ଶକ୍ତି ରସ-ସ୍ୱରୂପ ପୋଷୋକ ତତ୍ତ୍ୱ ଭାବେ ଅଭିବ୍ୟକ୍ତ ହୁଏ । ଚନ୍ଦ୍ରଙ୍କର ଦୁଇଟି ଶକ୍ତି ରହିଛି; ପ୍ରକାଶିକା ଶକ୍ତି ଓ ପୋଷଣ ଶକ୍ତି । ଚନ୍ଦ୍ରମା ଶୁକ୍ଳ ପକ୍ଷରେ ପୋଷାକ ଓ କୃଷ୍ଣ ପକ୍ଷରେ ଶୋଷକ ହୁଅନ୍ତି । ଶୁକ୍ଳପକ୍ଷରେ ଚନ୍ଦ୍ରଙ୍କ ଶୀତଳ କିରଣରୁ ଅମୃତ ବର୍ଷା ହେଉଥିବାରୁ ବୃକ୍ଷ-ଲତାଦି ପରିପୁଷ୍ଟ ହୁଅନ୍ତି ଏବଂ ଫୁଲ ଫଳ ଧାରଣ କରନ୍ତି । ଚନ୍ଦ୍ରକୁ ସକଳ ରସ ଓ ସ୍ୱାଦର

ଭଣ୍ଡାର ବୋଲି ଗ୍ରହଣ କରାଯାଏ । ଗର୍ଭସ୍ଥ ଶିଶୁ ମଧ୍ୟ ଶୁକ୍ଳ ପକ୍ଷରେ ବୃଦ୍ଧିପ୍ରାପ୍ତହୁଏ । ଚନ୍ଦ୍ରଙ୍କ ପ୍ରଭାବରେ ପରିପୁଷ୍ଟ ଅନ୍ନ ଭକ୍ଷଣ କରିବାରୁ ମନୁଷ୍ୟ, ପଶୁ, ପକ୍ଷୀ ଇତ୍ୟାଦି ସମସ୍ତ ପ୍ରାଣୀ ପୁଷ୍ଟିଲାଭ କରନ୍ତି । ସୋମ ଅମୃତ ରସମୟ ହୋଇଥାଏ, ଯେଉଁଥିରେ ସମସ୍ତ ଔଷଧିକୁ ସଞ୍ଜୀବନୀ ଶକ୍ତି ପ୍ରାପ୍ତହୁଏ ।

ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।
ପ୍ରାଣାପାନ ସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥୧୪॥

*ଅନ୍ୱୟ: ଅହଂ (ମୁଁ) ବୈଶ୍ୱାନରଃ (ଜଠରାଗ୍ନି) ଭୂତ୍ୱା (ହୋଇ ଅର୍ଥାତ୍ ଜଠରାଗ୍ନି ରୂପରେ) ପ୍ରାଣିନାମ୍ (ପ୍ରାଣିମାନଙ୍କର) ଦେହମ୍ (ଶରୀରକୁ) ଆଶ୍ରିତଃ (ଆଶ୍ରୟ କରି) ପ୍ରାଣ-ଅପାନ ( ପ୍ରାଣ ଓ ଅପାନ ବାୟୁ ସାଙ୍ଗରେ ) ସମାଯୁକ୍ତଃ (ମିଳିତ ହୋଇ) ଚତୁର୍ବିଧମ୍ (ଚର୍ବି – ଚୂଷ୍ୟ -ଲେହ୍ୟ -ପେୟ :- ଏହି ଚାରି ପ୍ରକାର) ଅନ୍ନଂ (ଅନ୍ନ- ଖାଦ୍ୟକୁ) ପଚାମି (ପରିପାକ କରେ) ।*

**ଭାବାର୍ଥ** : ଭଗବାନ କହୁଛନ୍ତି କି, ପ୍ରାଣିମାନଙ୍କ ନାଭିକୁଣ୍ଡରେ 'ମୁଁ' ଜଠରାଗ୍ନି ରୂପେ ଅବସ୍ଥାନ କରିଥାଏ । ପ୍ରାଣ ଓ ଅପାନ ବାୟୁ ଦ୍ୱାରା ଏହି ଜଠରାଗ୍ନି ପ୍ରଜ୍ୱଳିତ ହୋଇ ରହେ ଏବଂ ଏହାରି ସାହାଯ୍ୟରେ ଚର୍ବ୍ୟ, ଚୂଷ୍ୟ, ଲେହ୍ୟ, ପେୟ- ଏହି ଚାରି ପ୍ରକାର ଖାଦ୍ୟ ପରିପାକ କରେ । ବୃହଦ୍ ଆରଣ୍ୟକ ଉପନିଷଦ୍ (୫-୯-୧) ରେ ଉଲ୍ଲେଖ ଅଛି ; **" ଅୟମ୍ ଅଗ୍ନିର୍ବୈଶ୍ୱାନରୋ ଯୋୟମ୍ଅନ୍ତଃ ପୁରୁଷେ ଯେନେଦମ୍ ଅନ୍ନଂ ପଚ୍ୟତେ"**- ଅର୍ଥ ହେଲା; ପରମେଶ୍ୱର ଜୀବର ଶରୀରରେ ଅଗ୍ନିରୂପରେ ଅବସ୍ଥାନ କରି ଭକ୍ଷଣ କରାଯାଉଥିବା ସମସ୍ତ ଖାଦ୍ୟ ଦ୍ରବ୍ୟକୁ ଜୀର୍ଣ୍ଣ କରନ୍ତି । ଜୀବ ଶରୀରରେ ଥିବା ଯଠାରଗ୍ନି, ଯାହାକି ଅନ୍ନକୁ ପାଚନ କରେ ତାହା ପରମାତ୍ମାଙ୍କ ଏକ ଅଭିବ୍ୟକ୍ତ ମାତ୍ର । ଏହାକୁ ଭଗବାନ 'ବୈଶ୍ୱାନର ଅଗ୍ନି' କହିଛନ୍ତି । ଅନ୍ନରୁ ଜୀବନ ଶକ୍ତି (ଓଜ) ଉତ୍ପନ୍ନ ହେବାର ପ୍ରକ୍ରିୟାରେ ଶରୀରରେ ଉଷ୍ଣତା ପ୍ରକଟ ହୁଏ । ଯେ ପର୍ଯ୍ୟନ୍ତ ଜୀବନ ଶକ୍ତି ଶରୀରରେ ପ୍ରବାହିତ ହେଉଥାଏ, ଦେହର ଅନ୍ତଃ ଅବୟବ ସ୍ୱତଃ ନିଜ ନିଜ କାର୍ଯ୍ୟ କରିଥାନ୍ତି । ମନୁଷ୍ୟଙ୍କ ପରି ବୃକ୍ଷ, ଲତା ଇତ୍ୟାଦି ସ୍ଥାବର ପ୍ରାଣୀଙ୍କଠାରେ ଏବଂ ପଶୁ,ପକ୍ଷୀ ଇତ୍ୟାଦି ଜଙ୍ଗମ ପ୍ରାଣୀଙ୍କ ଠାରେ ମଧ୍ୟ ବୈଶ୍ୱାନର ପାଚନ ଶକ୍ତି କାର୍ଯ୍ୟକରେ । ଭକ୍ଷଣ ଶୈଳୀକୁ ଆଧାର କରି ଅନ୍ନକୁ ଚାରିପ୍ରକାର ବର୍ଗୀକରଣ କରାଯାଇଛି । ଦନ୍ତ ଦ୍ୱାରା ଚୋବାଇ ଖାଇବା ଖାଦ୍ୟ ହେଲା 'ଚର୍ବ୍ୟ', ଓଠ ଲଗାଇ ପାନ କରି ଢୋକିନେଉଥିବା ଖାଦ୍ୟ ହେଲା 'ପେୟ', ଶୋଷଣ ବା ଚୁଚୁମି କରି ଖିଆଯାଉଥିବା ଖାଦ୍ୟହେଲା 'ଚୋଷ୍ୟ' ଏବଂ ଜିଭ ସାହାଯ୍ୟରେ ଚାଟିକରି ଖାଉଥିବା ଖାଦ୍ୟହେଲା 'ଲେହ୍ୟ' । ଶରୀର ଭିତରେ ବାୟୁର ଗ୍ରହଣ ଓ ତ୍ୟାଗ କ୍ରିୟାଗୁଡ଼ିକୁ କ୍ରମଶଃ ପ୍ରାଣ ଓ ଅପାନ କହନ୍ତି । ଆତ୍ମାରୂପୀ ଚୈତନ୍ୟ ପ୍ରାଣ ରୂପେ ବ୍ୟକ୍ତହୋଇ ଭୁକ୍ତ ଅନ୍ନକୁ ପାକସ୍ଥଳୀରେ ପହଞ୍ଚାଇଥାଏ । ପ୍ରାଣ, ଅପାନ ଏହି ଦୁଇଟି ବାୟୁ ଜଠରାଗ୍ନିକୁ ପ୍ରଦୀପ୍ତ କରନ୍ତି । 'ପ୍ରାଣ' ବାୟୁ ହୃଦୟରେ ରହି ଶ୍ୱାସକୁ ପଦାକୁ ବାହାର କରେ ଓ ଖାଦ୍ୟକୁ ଝଜମ କରାଏ । ଉପସ୍ଥ(ଗୁହ୍ୟଦ୍ୱାର)ରେ ରହିଥିବା 'ଅପାନ' ବାୟୁ ଶ୍ୱାସ ଗ୍ରହଣ କରେ ଏବଂ ଶରୀରରୁ ବର୍ଜ୍ୟ ବସ୍ତୁ, ଗର୍ଭସ୍ଥ ଶିଶୁକୁ ପଦାକୁ ବାହାର କରାଏ । ନାଭି ସ୍ଥାନରେ ରହୁଥିବା 'ସମାନ' ବାୟୁ ଖାଦ୍ୟ ରସକୁ ପ୍ରତ୍ୟେକ ଅଙ୍ଗରେ ପହଞ୍ଚାଇବାର ସୂକ୍ଷ୍ମ କାର୍ଯ୍ୟ ସମ୍ପାଦନ କରେ । 'ଉଦାନ' ବାୟୁ କଣ୍ଠରେ ସ୍ଥଳରେ ରହି ଭୋଜନ ସମୟରେ କଠିନ ଓ ତରଳ ଖାଦ୍ୟକୁ ପୃଥକ୍ କରେ ଏବଂ ମୃତ୍ୟୁ କାଳରେ ସ୍ଥୂଳ ଶରୀରରୁ ସୂକ୍ଷ୍ମ ଶରୀରକୁ ନିର୍ଗତ କରାଏ । ସାରା ଶରୀରରେ ବ୍ୟାପ୍ତ ହୋଇ ରହିଥିବା 'ବ୍ୟାନ' ବାୟୁ ଶରୀର ଓ ଅଙ୍ଗ-ପ୍ରତ୍ୟଙ୍ଗକୁ ସଂକୋଚନ-ପ୍ରସାରଣ କରେ । ଏହା ବ୍ୟତୀତ ନାଗ,

କୁର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ ନାମରେ ରହିଥିବା ପଞ୍ଚ ଉପ-ପ୍ରଧାନ ପ୍ରାଣ ବାୟୁ ଦ୍ୱାରା ଶରୀର ଭିତରେ ଯଥାକ୍ରମେ ହାକୁଟି, ଆକ୍ଷିପତା ଖୋଲିବା-ପଡିବା, ଛିଙ୍କିବା, ହାଇ ମାରିବା ଓ ମୃତ୍ୟୁପରେ ଶରୀରକୁ ଫୁଲେଇବା କାର୍ଯ୍ୟ ହୋଇଥାଏ । ବୈଶ୍ୱାନର ଅଗ୍ନି ହେଉଛି ଖାଦକ ଓ ସେହି ଅଗ୍ନି ଦ୍ୱାରା ଯାହା ଭକ୍ଷଣ କରାଯାଏ ତାହା ହେଉଛି ସୋମ (ଚନ୍ଦ୍ର) । ଖାଦ୍ୟ ଓ ଖାଦକ ଅର୍ଥାତ୍ ଅଗ୍ନି ଓ ସୋମକୁ ନେଇ ଜୀବ ଜଗତ ଗଠିତ । ଅଗ୍ନି ଓ ସୋମର ସମ୍ମିଶ୍ରଣରେ ଖାଦ୍ୟରେ ଥିବା ମଳ ବା ଅପଦ୍ରବ୍ୟ ଦ୍ୱାରା ଶରୀରର କୌଣସି କ୍ଷତି ହୋଇ ନଥାଏ । ଭୋଜନ କରିବା ପୂର୍ବରୁ ଏହି ଶ୍ଳୋକଟିକୁ ମନନ କଲେ ଖାଦ୍ୟ ଜନିତ କୌଣସି ଦୋଷ ରହିନଥାଏ ।

ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ ବେଦାନ୍ତକୃଦ୍ ବେଦବିଦେବ ଚାହମ୍॥୧୫॥

*ଅନ୍ୱୟ: ଅହଂ (ମୁଁ ହିଁ ) ସର୍ବସ୍ୟ (ବ୍ରହ୍ମାଙ୍କ ଠାରୁ କୀଟ ପର୍ଯ୍ୟନ୍ତ ସକଳ ପ୍ରାଣୀଙ୍କ) ହୃଦି ( ହୃଦୟରେ – ବୁଦ୍ଧିରେ) ସଂନବିଷ୍ଟଃ (ଅନ୍ତର୍ଯାମୀ ରୂପରେ ବିରାଜମାନ) ମତ୍ତଃ (ମୋରିଠାରୁ ) ସ୍ମୃତି (ସ୍ମୃତି) ଜ୍ଞାନମ୍ (ଜ୍ଞାନ) ଅପୋହନମ୍ ଚ (ଏବଂ ଉଭୟ ସ୍ମୃତି ଓ ଜ୍ଞାନର ବିଲୟ କାର୍ଯ୍ୟ ହୁଏ) ସର୍ବୈଃ ବେଦୈଃ (ସକଳ ବେଦମାନଙ୍କ ଦ୍ୱାରା ମଧ୍ୟ ) ଅହଂ ଏବ (ମୁଁ ହିଁ ) ବେଦ୍ୟଃ (ଜ୍ଞେୟତତ୍ତ୍ୱ - ଜାଣିବା ଯୋଗ୍ୟ) ବେଦାନ୍ତକୃଦ୍ (ବେଦ ସମୂହର ରଚୟିତା, ତତ୍ତ୍ୱ ନିର୍ଣ୍ଣାୟକ -ଜ୍ଞାନଗୁରୁ ସଂପ୍ରଦାୟର ପ୍ରବର୍ତ୍ତକ ) ବେଦବିଦ୍ ଚ ( ଏବଂ ବେଦଜ୍ଞ -ବେଦର ଜ୍ଞାତା ) ଅହଂ ଏବ (ମୁଁ ହିଁ ଅଟେ ) ।*

**ଭାବାର୍ଥ** : ଗତ ତିନିଗୋଟି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ - ସୂର୍ଯ୍ୟ, ଚନ୍ଦ୍ରମା ଓ ଅଗ୍ନି ଆଦିଦ୍ୱାରା ସମସ୍ତଙ୍କୁ ପ୍ରକାଶିତ କରିବାରେ, ପୃଥିବୀ ଆଦିଦ୍ୱାରା ସମସ୍ତଙ୍କୁ ଧାରଣ କରିବାରେ, ଚନ୍ଦ୍ରଦ୍ୱାରା ସମସ୍ତଙ୍କୁ ପୋଷଣ କରିବାରେ ତଥା ବୈଶ୍ୱାନରଦ୍ୱାରା ଅନ୍ନକୁ ଜୀର୍ଣ୍ଣ କରିବାରେ;- ମୋର ଶକ୍ତିର ହିଁ ଏକ ଅଂଶ ସବୁ କିଛି କରେ ବୋଲି କହି, ବର୍ତ୍ତମାନ ତାଙ୍କ ସର୍ବାନ୍ତର୍ଯାମିତ୍ୱ ଓ ସର୍ବଜ୍ଞତ୍ୱ ଆଦି ଗୁଣଦ୍ୱାରା ଯୁକ୍ତ ସ୍ୱରୂପର ବର୍ଣ୍ଣନା କରୁଛନ୍ତି ଓ ନିଜକୁ ସକଳ ପ୍ରକାରେ ଜାଣିବା ଯୋଗ୍ୟ ବୋଲି କହୁଛନ୍ତି । 'ମୁଁ' ପରମାତ୍ମା ହିଁ ଅନ୍ତର୍ଯାମୀ ପୁରୁଷ ତଥା କ୍ଷେତ୍ରଜ୍ଞ ରୂପରେ ବ୍ରହ୍ମାଙ୍କଠାରୁ କୀଟ ପର୍ଯ୍ୟନ୍ତ ସକଳ ପ୍ରାଣୀଙ୍କ ହୃଦୟ ତଥା ବୁଦ୍ଧିରେ ଅଧିଷ୍ଠିତ ଅଛି । ମୋ'ଠାରୁ ହିଁ ଜ୍ଞାନ ଏବଂ ସର୍ବାନୁଭୂତିର ସ୍ମୃତି ଉତ୍ପନ୍ନ ହୁଏ । ସ୍ମୃତି ଓ ଜ୍ଞାନର ବିଲୟ ସାଧନ କାର୍ଯ୍ୟ ମୋ ଦ୍ୱାରା ହିଁ ସମ୍ପାଦିତ ହୁଏ । ଶରୀର ତ୍ୟାଗପରେ ଜୀବର ଗତ ଜନ୍ମର ସମସ୍ତ ବିସ୍ମରଣ ହୁଏ । ତେଣୁ ମନୁଷ୍ୟ ଇଶ୍ୱର ପ୍ରଣୋଦିତ ହୋଇ ବର୍ତ୍ତମାନ ଜନ୍ମର ସମସ୍ତ କର୍ମ କରିବା ବିଧେୟ, କାରଣ ଭଗବାନ ହିଁ ସାକ୍ଷୀ ରୂପରେ ସବୁ ଦେଖି ଆସୁଛନ୍ତି । ବେଦ ସମୂହରେ 'ମୁଁ ହେଉଛି ମୁଖ୍ୟ ବିଷୟ ଏବଂ ଜ୍ଞାତବ୍ୟ ତଥା ଏକମାତ୍ର ଜାଣିବା ଯୋଗ୍ୟ । ବ୍ୟାସଦେବ ଅବତାରରେ 'ମୁଁ' ହିଁ ବେଦର ରଚୟିତା ଏବଂ ତତ୍ତ୍ୱ ନିର୍ଣ୍ଣାୟକ । 'ମୁଁ' ହିଁ ବୁଦ୍ଧିରେ ଅଧିଷ୍ଠିତ ହୋଇ ବେଦତତ୍ତ୍ୱର ପରିଜ୍ଞାତା ହୁଏ । ଚେତନା ଶକ୍ତି ରୂପରେ 'ମୁଁ' ହିଁ ସକଳ ପ୍ରାଣୀଙ୍କର ଆତ୍ମା । ସଂସାରରେ ମୋ ବ୍ୟତୀତ ଅନ୍ୟ ବସ୍ତୁ କିଛି ନାହିଁ । ସମସ୍ତ ଜୀବ ଜଗତ ହେଉଛି 'ମୁଁ' । 'ମୁଁ' ସେମାନଙ୍କର ଖାଦ୍ୟ, 'ମୁଁ' ସେମାନଙ୍କ ଉପାସ୍ୟ, 'ମୁଁ' ସେମାନଙ୍କ ଜୀବନ । ପ୍ରଶ୍ନ ଉଠେ; ଭଗବାନ ଯଦି ସର୍ବତ୍ର ସମସ୍ତଙ୍କ ଶରୀରରେ ଅବସ୍ଥାନ କରନ୍ତି, ସମସ୍ତଙ୍କୁ ଚଳାଉଛନ୍ତି, ତା'ହେଲେ କେତେକ ସୁଖୀ ଆଉ କେତେକ ଦୁଃଖୀ ହୁଅନ୍ତି କାହିଁକି ? ଏହାର ସମାଧାନ ହେଲା; ସମସ୍ତଙ୍କ ଠାରେ ଯେ ଭଗବାନ ବିଦ୍ୟମାନ, ଏକଥା ମିଥ୍ୟା

ନୁହଁ । ଜ୍ଞାନ-ଅଜ୍ଞାନ ତଥା ବିଦ୍ୟାମାୟା-ଅବିଦ୍ୟା ମାୟା ଉଭୟର ମୂଳ ହେଉଛନ୍ତି ସେ' । ମନୁଷ୍ୟ ତା'ର ବିଶ୍ୱାସ ଅନୁଯାୟୀ ସବୁ ଦେଖେ । ଯାହାର ଭଗବତ୍ ବିଶ୍ୱାସ ପ୍ରଗାଢ, ସେ ଯୋଗାଭ୍ୟାସ ଏବଂ ଗୁରୁକୃପା ଦ୍ୱାରା ଜ୍ଞାନପ୍ରାପ୍ତ ହୋଇ ଶୁଦ୍ଧ ମନ ବୁଦ୍ଧି ସହିତ ଆତ୍ମା ସ୍ୱରୂପରେ ବିଶ୍ରାମ କରେ । ସେହି ବ୍ୟକ୍ତି ଆତ୍ମ ଦର୍ଶନ ପୂର୍ବକ ସର୍ବଦା ସୁଖୀ ହୁଏ । ଯାହାର ଭଗବତ୍ ବିଶ୍ୱାସ ନଥାଏ, ସେହି ବ୍ୟକ୍ତି ମୋର ପ୍ରକାଶକୁ ନଜାଣିପାରି ସଂସାର ବିଷୟ ଭୋଗରେ ବୁଡି ରହି ଦୁଃଖ ସନ୍ତାପର ଜୀବନ କାଟେ । ଧର୍ମ ପରାୟଣ ବ୍ୟକ୍ତି ସତ୍-କର୍ମ କରି ତା'ର ଫଳ ସ୍ୱରୂପ ସ୍ମୃତିଶକ୍ତି ଓ ଜ୍ଞାନ ଲାଭକରେ । ମନୁଷ୍ୟ ଅସତ୍-କର୍ମ କରିବାରେ ତା'ରି ଜ୍ଞାନ ନାଶ ହୁଏ ଓ ସ୍ମୃତିଭ୍ରଂଶ ହୁଏ । ସତ୍-କର୍ମ ଶାନ୍ତି ବର୍ଦ୍ଧକ ଏବଂ ବୌଦ୍ଧିକ ଶକ୍ତିର ପରିବର୍ଦ୍ଧକ ମଧ୍ୟ । ସାଧକର ଦେଶ, କାଳ, କାରଣ ତଥା ଏହି ଦୃଶ୍ୟ ପ୍ରପଞ୍ଚର ଅତୀତ ତୁରୀୟ ଜ୍ଞାନ ତଥା ବିଗତ ଜନ୍ମ ମାନଙ୍କର ବିଭିନ୍ନ ଅନୁଭୂତିର ପୁନରାବର୍ତ୍ତନ ଘଟିଥାଏ । ଭଗବାନ କହୁଛନ୍ତି କି, ଶ୍ରୁତି-ଉପନିଷଦ ସହିତ ସମସ୍ତ ବିଷୟ ଜଗତ ଯେଉଁଠି ବିଲୀନ ହୋଇଥାଏ, ସେହି ଆତ୍ମଜ୍ଞାନର ପ୍ରକାଶକ ହେଉଛି ମୁଁ । ବେଦର ଉଦ୍ଦେଶ୍ୟ ହେଲା ପରମାତ୍ମା ତତ୍ତ୍ୱକୁ ବୁଝିବା । ବେଦ ପରମାତ୍ମାଙ୍କୁ ବୁଝିବାର ମାର୍ଗ ନିର୍ଦ୍ଦେଶ କରନ୍ତି ଏବଂ ସାଧନ ବିଧି ମଧ୍ୟ ଦର୍ଶାନ୍ତି । ପଶ୍ଚିମରୁ ଆସୁ ବା ପୂର୍ବରୁ ଆସୁ କିମ୍ବା ଯେ କୌଣସି ଦିଗରୁ ଆସୁ, ସମସ୍ତ ନଦୀର ଗନ୍ତବ୍ୟ ସ୍ଥଳ ହେଉଛି ସେହି ସମୁଦ୍ର । ସେହିଭଳି ବେଦ ହେଉ ବା ବେଦାନ୍ତ ହେଉ, ସମସ୍ତଙ୍କ ଉଦ୍ଦେଶ୍ୟ ହେଉଛି ମୋତେ ପ୍ରାପ୍ତ ହେବା । ଜୀବର ଅନ୍ତିମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଅତିରିକ୍ତ ଆଉ କିଛି ବି ନୁହଁ । " ମୁଁ କେବଳ ବ୍ରହ୍ମ ବା ପରମାତ୍ମା ରୂପରେ ଜୀବର ଉପାସ୍ୟ ନୋହୁଁ, ଜୀବର ନିତ୍ୟ ମଙ୍ଗଳ ବିଧାନକାରୀ, ଉପଦେଷ୍ଟା ମଧ୍ୟ । ଅତଏବ, ସକଳ ପ୍ରାଣୀଙ୍କ କଲ୍ୟାଣ ନିମିତ୍ତ ପ୍ରକୃତିଗତ ବ୍ରହ୍ମ, ଜୀବର ହୃଦୟଗତ ଈଶ୍ୱର ଏବଂ ପରାମର୍ଶ ଦାତା ଭଗବାନ –ମୋର ଏହି ତିନି ପ୍ରକାଶ ଦ୍ୱାରା ବଦ୍ଧଜୀବର ଉଦ୍ଧାରକର୍ତ୍ତା ଅଟେ । "

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋକ୍ଷର ଉଚ୍ୟତେ ॥୧୬॥

*ଅନ୍ୱୟ : ଲୋକେ ( ଚଉଦ ବ୍ରହ୍ମାଣ୍ଡରେ ) କ୍ଷରଃ (କ୍ଷର – ନାଶବାନ୍) ଚ (ଓ) ଅକ୍ଷରଃ (ଅବିନାଶୀ) ଇମୌ (ଏହି) ଦ୍ୱୌ (ଦୁଇ) ଏବ (ହିଁ) ପୁରୁଷୌ ( ପୁରୁଷ ପ୍ରସିଦ୍ଧ ) [ଏମାନଙ୍କ ମଧ୍ୟରେ] ସର୍ବାଣି ଭୂତାନି (ସକଳ ପ୍ରାଣୀମାନଙ୍କ ଶରୀର) କ୍ଷରଃ (କ୍ଷର-ବିକାରୀ-ବିନାଶୀ) ଚ (ଏବଂ) କୂଟସ୍ଥ (ଜୀବାତ୍ମା) ଅକ୍ଷରଃ (ଅକ୍ଷର ତଥା ଅବିନାଶୀ) ଉଚ୍ୟତେ (ବୋଲି କୁହାଯାଏ ) ।*

**ଭାବାର୍ଥ** : ପୂର୍ବ ଶ୍ଳୋକରେ 'ମୁଁ ହିଁ ବେଦବିତ୍' କହିଥିବା ମର୍ମରେ ଭଗବାନ ଶ୍ରୀକୃଷ୍ଣ ବର୍ତ୍ତମାନ ଏହି ତିନି (୧୬-୧୭-୧୮) ଶ୍ଳୋକରେ ସମସ୍ତ ବେଦର ସାର ତତ୍ତ୍ୱକୁ ସଂକ୍ଷେପରେ ପ୍ରତିପାଦନ କରିଛନ୍ତି । 'କ୍ଷର' ଏବଂ 'ଅକ୍ଷର' – ଏହି ଦୁଇ ପୁରୁଷ ତତ୍ତ୍ୱ ଚଉଦ ଲୋକରେ ପ୍ରସିଦ୍ଧ । ଏହି ଦୁଇଙ୍କ ମଧ୍ୟରେ ଚରାଚର ଭୂତ ସମୂହକୁ 'କ୍ଷର'- ଯାହା କାର୍ଯ୍ୟରୂପ ଓ ବିନାଶଶୀଳ ଏବଂ 'ଅକ୍ଷର'- ଯାହା ଅବିକାରୀ, ଅବିନାଶୀ ଓ କାରଣ ରୂପ ବୋଲି ଅଭିହିତ । ଏହି କ୍ଷର- ଅକ୍ଷର ସମଷ୍ଟିଗତ ତତ୍ତ୍ୱ ଦୁଇଟି ପରମ ପୁରୁଷ ପରମାତ୍ମାଙ୍କ ବ୍ୟକ୍ତ ଓ ଅବ୍ୟକ୍ତ ରୂପ ହୋଇଥିବା ହେତୁ ପୁରୁଷର ସଂଜ୍ଞା ଦିଆଯାଇଛି । ଶ୍ରୀ ଶଙ୍କରାଚାର୍ଯ୍ୟ 'ଅକ୍ଷର'କୁ ଭଗବାନଙ୍କ ମାୟାଶକ୍ତି ବୋଲି ଅଭିହିତ କରିଛନ୍ତି । ଏହି ଅକ୍ଷର ମାୟାଶକ୍ତି ହେଉଛି 'କ୍ଷର' ନାମକ ପୁରୁଷର ଉତ୍ପତ୍ତି ବୀଜ । ସେହି ମାୟାଶକ୍ତିରୁ ବ୍ରହ୍ମାଙ୍କ ସମେତ ସ୍ଥାବର-ଜଙ୍ଗମ ଆଦି ସମସ୍ତ କ୍ଷର ପୁରୁଷ ପ୍ରାଦୁର୍ଭୂତ ହୁଏ । ପରବ୍ରହ୍ମ

ଯେହେତୁ ନିତ୍ୟ, ପରବ୍ରହ୍ମଙ୍କ ମାୟା ଶକ୍ତି ମଧ୍ୟ ନିତ୍ୟ । ଏହି ମାୟାଶକ୍ତି ପରମାତ୍ମାଙ୍କ ଠାରୁ ଅଭିନ୍ନ । ଜଡ, ଚେତନ, ସ୍ଥାବର, ଜଙ୍ଗମ, ପଦାର୍ଥ ଆଦି ଯେତେ ସଂସାର ବୀଜ ରହିଛି, ସେହି ସମସ୍ତ ଏହି ମାୟାଶକ୍ତିରୁ ଉତ୍ପନ୍ନ ହେଲେ ମଧ୍ୟ, ଏହାର କ୍ଷୟ ଘଟି ନଥାଏ । ତେଣୁ ଭଗବାନଙ୍କ ମାୟା ହିଁ ଅକ୍ଷୟ ପୁରୁଷ । ଶରୀର ଓ ସଂସାର ପ୍ରବାହ ଆକାରରେ ଅନାଦି ଓ ଅନନ୍ତ ହୋଇଥିବା ହେତୁ ଜୀବାତ୍ମା 'ଅକ୍ଷୟ ପୁରୁଷ' ବୋଲି ମଧ୍ୟ ବ୍ୟାଖ୍ୟା କରାଯାଇଛି । ଦେହ ବିନଷ୍ଟ ହେଲେ ମଧ୍ୟ ଯେ' ବିଦ୍ୟମାନ ଥାଆନ୍ତି, ସେ' କୂଟସ୍ଥ ଅର୍ଥାତ୍ ଚେତନଦ୍ରଷ୍ଟା । ଜୀବାତ୍ମା ଯେତେ ଶରୀର ଧାରଣ କରୁପଛେ, ସ୍ୱରୂପ ଦୃଷ୍ଟିରୁ ଏହା ସର୍ବଥା ଯଥାବତ୍ ରହେ । ଜୀବାତ୍ମା ସାକ୍ଷାତ୍ ପରମାତ୍ମା ତତ୍ତ୍ୱ । ମାତ୍ର ଅଜ୍ଞାନ ବଶତଃ ପ୍ରକୃତି ଓ ତାର କାର୍ଯ୍ୟ ଶରୀରାଦି ସହିତ ନିଜର ଏକତ୍ୱ ସ୍ୱୀକାର କରିବାରୁ ତା'ର ସଂଜ୍ଞା ଜୀବ ହୋଇଛି । ଏହି କ୍ଷର ଓ ଅକ୍ଷର ପୁରୁଷ ତତ୍ତ୍ୱକୁ ଆଗରୁ ପରା ଓ ଅପରା (ଗୀତା ୭/୪) ଏବଂ କ୍ଷେତ୍ର ଓ କ୍ଷେତ୍ରଜ୍ଞ (ଗୀତା ୧୩/୨-୩) ନାମରେ ବର୍ଣ୍ଣନା କରାଯାଇଛି । ଜୀବାତ୍ମା ଯେଉଁ ଅକ୍ଷର ପୁରୁଷ, ତା'ରି କେବଳ ଜ୍ଞାନ ଦ୍ୱାରା ହିଁ ବିଲୟ ଘଟିଥାଏ । ଶରୀର, ଇନ୍ଦ୍ରିୟ, ମନ ତଥା ବୁଦ୍ଧି- ଏହି ଗୁଡିକ ହେଲା ଉପାଧି ଯାହାର ସ୍ୱଭାବ ସର୍ବଥା ପରିବର୍ତ୍ତନ ଓ ବିନାଶଶୀଳ । ତେଣୁ ଏ ସମସ୍ତ କ୍ଷର ପୁରୁଷ ଅନ୍ତର୍ଗତ । ଏହି ଉପାଧିସବୁର ଜ୍ଞାତା, ଆତ୍ମା ହେଉଛି ଅକ୍ଷର ପୁରୁଷ । ଏହି କ୍ଷର ରୂପକ ଉପାଧିଗୁଡ଼ିକର ସମସ୍ତ କାର୍ଯ୍ୟରେ ଆତ୍ମା ଅବିକାରୀ ବା ନିର୍ଲିପ୍ତ ରହେ । ଯେପରି ସୁନାକୁ ନେହୀ (ଲୁହା ପୃଷ୍ଠ) ଉପରେ ରଖି ପ୍ରହାର କଲେ ସୁନା ନୂଆ ଆକାର ନିଏ, କିନ୍ତୁ ନେହୀ(କୂଟସ୍ଥ) ଅପରିବର୍ତ୍ତିତ ରହେ । ଏଠାରେ କୂଟସ୍ଥ ଶବ୍ଦଟି ହେଉଛି ସମସ୍ତ ଶରୀର ମାନଙ୍କ ମଧ୍ୟରେ ରହିଥିବା ଆତ୍ମାର ବାଚକ । ଏହା ସଦା ଯେପରି ସେପରି ରହେ । ଏହାର କୌଣସି ଅବସ୍ଥାରେ କ୍ଷୟ, ନାଶ ବା ଅଭାବ ହୁଏ ନାହିଁ ବୋଲି ଏହା ଅକ୍ଷର ଅଟେ । ଶ୍ରୀମଦ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁରଜୀ ତାଙ୍କରି ଗୀତାଭାଷ୍ୟରେ କହିଛନ୍ତି କି, ବସ୍ତୁତଃ କ୍ଷର-ଅକ୍ଷର ନାମରେ ପୃଥକ୍ ପୃଥକ୍ ପୁରୁଷ ତତ୍ତ୍ୱର ଅବସ୍ଥାନ କୌଣସି ଲୋକରେ ନାହିଁ । ବିସ୍ତାର ନିମିତ୍ତ ଭଗବାନଙ୍କ ବିଭିନ୍ନାଂଶଗତ ଚୈତନ୍ୟ ରୂପ ଜୀବ ହିଁ 'କ୍ଷର' ପୁରୁଷ । ଜୀବ ଅନାଦି ଅବିଦ୍ୟା କାରଣରୁ ସ୍ୱରୂପରୁ ବିଚ୍ୟୁତ ହୋଇ କର୍ମ ବଶତଃ ସମଷ୍ଟି ଆତ୍ମକ ବ୍ରହ୍ମଠାରୁ ଆରମ୍ଭକରି ସ୍ଥାବରାନ୍ତ ଭୂତମଧ୍ୟରେ ପ୍ରକାଶିତ ହୋଇଥାଏ । ତେଣୁ ସ୍ୱରୂପରେ ହିଁ କ୍ଷରଣଶୀଳ ତଟସ୍ଥ ସ୍ୱଭାବ ବଶତଃ ଜୀବକୁ ହିଁ କ୍ଷର ପୁରୁଷ କୁହାଯାଇଛି । କିନ୍ତୁ, ଯିଏକି ନିଜ ସ୍ୱରୂପରୁ ଚ୍ୟୁତ ହୁଏନାହିଁ, ସେହି ସ୍ୱଂଶ ତତ୍ତ୍ୱ ହିଁ 'ଅକ୍ଷର ପୁରୁଷ' ଯାହାକୁ 'କୂଟସ୍ଥ' କୁହାଯାଇଛି । ଅର୍ଥାତ୍ ଯିଏକି, ଏକ ରୂପରେ ସର୍ବକାଳ ବ୍ୟାପୀ, ସେ କୂଟସ୍ଥ । ଏହି କ୍ଷର ଓ ଅକ୍ଷର-ଦୁଇ ପୁରୁଷଠାରୁ ବିଲକ୍ଷଣ ବ୍ରହ୍ମାଣ୍ଡ ନିର୍ମାତା ଏକ ତୃତୀୟ ପୁରୁଷ ଅଛନ୍ତି, ଯାହାକୁ ପରବର୍ତ୍ତୀ ଦୁଇ ଶ୍ଳୋକରେ ପରମାତ୍ମା, ଅବ୍ୟୟ ଏବଂ ଈଶ୍ୱର ନାମରେ ଅଭିହିତ କରାଯାଇଛି ।

ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥୧୭॥

*ଅନ୍ୱୟ: (ତୁ) କିନ୍ତୁ ଅନ୍ୟଃ (କ୍ଷର ଓ ଅକ୍ଷରରୁ ସର୍ବୋତ ଭାବେ ଭିନ୍ନ) ଉତ୍ତମଃ ପୁରୁଷଃ (ଏକ ଉତ୍ତମ- ଉତ୍କୃଷ୍ଟତମ ପୁରୁଷ)ଯଃ (ଯେକି ) ପରମାତ୍ମା ଇତି (ପରମାତ୍ମା ବୋଲି) ଉଦାହୃତଃ ( କଥିତ ହୁଅନ୍ତି) ଅବ୍ୟୟଃ (ସେହି ଅବିନାଶୀ) ଈଶ୍ୱରଃ (ଈଶ୍ୱର) ଲୋକତ୍ରୟମ୍ (ତିନି ଲୋକରେ) ଆବିଶ୍ୟ (ପ୍ରବିଷ୍ଟ ହୋଇ) ବିଭର୍ତ୍ତି ( ସମସ୍ତଙ୍କ ଭରଣ ପୋଷଣ କରନ୍ତି ) ।*

**ଭାବାର୍ଥ** : କ୍ଷର ଓ ଅକ୍ଷର ପୁରୁଷ ଦ୍ୱୟଙ୍କଠାରୁ ମଧ୍ୟ ବିଲକ୍ଷଣ ଉତ୍କୃଷ୍ଟ ଏକ ଉତ୍ତମ ପୁରୁଷ ଅଛନ୍ତି, ଯାହାଙ୍କୁ ପରମାତ୍ମା ବୋଲି ଶାସ୍ତ୍ର ନିର୍ଦ୍ଦେଶ କରନ୍ତି । ସେ ଈଶ୍ୱର ପଦବାଚ୍ୟ ସୃଷ୍ଟିକର୍ତ୍ତା । ନିୟନ୍ତା ଏବଂ ଅବ୍ୟୟ ପଦବାଚ୍ୟ ନିର୍ବିକାର ସ୍ୱରୂପ । ସେ ତିନିଲୋକରେ ସ୍ୱୀୟ ଚୈତନ୍ୟ ଶକ୍ତିରୂପେ ପ୍ରବେଶ କରି ପ୍ରାଣିମାନଙ୍କୁ ପ୍ରତିପାଳନ କରନ୍ତି । ପ୍ରତିବିମ୍ବଭୂତ ଜୀବାତ୍ମାଠାରୁ ପୃଥକ ବିମ୍ବରୂପ ହେବା କାରଣରୁ ସେ ତା'ଠାରୁ ପରମ ଅର୍ଥାତ୍ ଉତ୍କୃଷ୍ଟ । ତେଣୁ ତାହାଙ୍କୁ ପରମାତ୍ମା କୁହାଯାଏ । ସେ' ବିନାଶ ବା ବ୍ୟୟଠୁ ସର୍ବଥା ବିରହିତ । ତେଣୁ ସେ' ଅବ୍ୟୟ । ଉପନିଷଦ ବାକ୍ୟହେଲା; **"ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ"**-ପୂର୍ଣ୍ଣରୁ ପୂର୍ଣ୍ଣ ଗଲାପରେ, ପୂର୍ଣ୍ଣ ହିଁ ଅବଶିଷ୍ଟ ରହିଥାଏ । ଏହା ପରମ ପୁରୁଷଙ୍କ ଅବ୍ୟୟତ୍ୱ । ଏହି କ୍ଷର-ଅକ୍ଷର ଉପାଧିଠାରୁ ଅତିରିକ୍ତ ସର୍ବ ଉପାଧିଶୂନ୍ୟ ଯେଉଁ ପୁରୁଷ, ସେହି ହିଁ ଅବ୍ୟୟ ପୁରୁଷ ପରମାତ୍ମା । କାର୍ଯ୍ୟ ଉପାଧି ଯେତେ ସେହି ସବୁ କ୍ଷର, କାରଣ ଉପାଧି ଯେତେ ସେହି ସବୁ ଅକ୍ଷର । କ୍ଷର ଓ ଅକ୍ଷର-ଉଭୟରୁ ଭିନ୍ନ ଉତ୍ତମ ପୁରୁଷ ହିଁ ପାରମାର୍ଥିକ ସତ୍ୟ, ଯାହାକି  ଉପାଧିଗୁଡିକର ଆରୋପଣ ଦୃଷ୍ଟିରୁ କ୍ଷର-ଅକ୍ଷର ଭଳି ପ୍ରତୀତ ହୁଅନ୍ତି । ଉପାଧିଗୁଡ଼ିକର ଅଭାବରେ ସେ' କେବଳ ନିଜର ନିତ୍ୟ ଶୁଦ୍ଧ ନିରୂପାଧିକ ସ୍ୱରୂପରେ ରହନ୍ତି । ସନ୍ଥ ଜ୍ଞାନେଶ୍ୱରଙ୍କ ରଚିତ 'ଗୀତା ଜ୍ଞାନେଶ୍ୱରୀ'ରେ ଉଲ୍ଲେଖ ରହିଛି; " କାଷ୍ଠରେ ଅଗ୍ନିଥିଲେ ମଧ୍ୟ ଅଗ୍ନି କାଷ୍ଠଠାରୁ ଭିନ୍ନ । ସେହିଭଳି 'ଉତ୍ତମ ପୁରୁଷ' କ୍ଷର ଓ ଅକ୍ଷରଠାରୁ ଭିନ୍ନ । ଉତ୍ତମ ପୁରୁଷଠାରେ ଜାଗୃତି, ସ୍ୱପ୍ନ ଓ ସୁଷୁପ୍ତିର ପ୍ରଶ୍ନ ନଥାଏ । ତା'ରି ପାଖରେ ଏକତ୍ୱ ବା ଦ୍ୱୈତ କିମ୍ବା କିଛି ଅଛି କି, ନାହିଁ- ଜଣାଯାଏ ନାହିଁ । ଏହିଭଳି ଏକ ଅନିର୍ବଚନୀୟ ସ୍ଥିତି ହେଉଛି ଉତ୍ତମ ପୁରୁଷ ବା ପରମାତ୍ମା । 'ପରମାତ୍ମା' ପୁରୁଷୋତ୍ତମର ଏକ ସାଙ୍କେତିକ ସୂଚକ ଶବ୍ଦ । ମୌନ ହିଁ ତାଙ୍କରି ପରିବ୍ୟାପକତାର  ଯଥାର୍ଥ ଶବ୍ଦ । କୌଣସି ପ୍ରାକୃତ ବସ୍ତୁର ଜ୍ଞାନ ନହେବା ହିଁ ତା'ଙ୍କରି ଜ୍ଞାନ । କୌଣସି ଶବ୍ଦାର୍ଥ ସ୍ୱରୂପର ଜ୍ଞାନ ନହେବା ହିଁ ତା'ଙ୍କରି ଅସ୍ତିତ୍ୱ । ସେଥିରେ 'ସୋ-ଅହଂ'ର ମଧ୍ୟ ବିଲୟ ଘଟିଥାଏ । ବିମ୍ବ-ପ୍ରତିବିମ୍ବର ମଧ୍ୟସ୍ଥିତ ପ୍ରଭାକୁ ସ୍ପର୍ଶ କିମ୍ବା ଅନୁଭବ କରିନପାରିଲେ ମଧ୍ୟ ତାକୁ ଅସ୍ୱୀକାର କରାଯାଇ ନପାରେ । ସେ' ଅନ୍ୟ କାହା ସହିତ ତୁଳନୀୟ ନୁହନ୍ତି, କାରଣ ସେ' ସ୍ୱୟଂ ସମ୍ପୂର୍ଣ୍ଣ । କାରଣ ସେ' ସକଳ ଜୀବଙ୍କର ଅନ୍ତରତମ ଚେତନା । ସେ' ସବୁ କିଛିର ଆଧାର, ଆଉ ନିୟନ୍ତା । ସେ କାହାରି ଅଧୀନ କିମ୍ବା ବଶରେ  ନୁହନ୍ତି,  ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସେ ହେଉଛନ୍ତି ପୂର୍ଣ୍ଣତାର ପରିଣାମ ସର୍ବଦ୍ରଷ୍ଟା ଭଗବାନ ନାରାୟଣ । ସେ ସର୍ବଶ୍ରେଷ୍ଠ ପୁରୁଷ, ବିଶ୍ରାନ୍ତିର ବିଶ୍ରାମ ସ୍ଥଳ । ସେ ସୁଖର ସ୍ୱାମୀ । ତେଣୁ ବେଦାନ୍ତରେ ତାଙ୍କୁ ପରମାତ୍ମା ବୋଲି ଅଭିହିତ କରାଯାଇଛି । ସେ' ନିଜର ଓଜଃ ଶକ୍ତି ବଳରେ ମର୍ତ୍ତ୍ୟ, ଅନ୍ତରକ୍ଷ, ସ୍ୱର୍ଗ (ଭୂଃ-ଭୁବଃ-ସ୍ୱଃ)- ଏହିପରି ତିନିଲୋକରେ ଅନୁପ୍ରବେଶ କରି କେବଳ ନିଜର ଉପସ୍ଥିତି ଦ୍ୱାରା ସର୍ବଲୋକକୁ ପାଳନ କରନ୍ତି । ଏହି ଧାରଣ ଓ ପୋଷଣ କାର୍ଯ୍ୟରେ ପରମାତ୍ମା ସ୍ୱରୂପରେ କୌଣସି ନ୍ୟୁନତା, ବୃଦ୍ଧି ନ ହେବା କାରଣରୁ ସେ ଅବ୍ୟୟ । ତାଙ୍କରି ସମସ୍ତ ପ୍ରକାର ହେବା-ନହେବା-ଅନ୍ୟଥା ହେବାର ସାମର୍ଥ୍ୟତା ହିଁ ଈଶ୍ୱରତ୍ୱ । କେତେକ ଟୀକାଦାରଙ୍କ ମତାନୁସାରେ ତିନିଲୋକର ଅର୍ଥ ତ୍ରିପୁଟୀ । ଦ୍ରଷ୍ଟା, ଦୃଶ୍ୟ, ଦର୍ଶନ – ଜ୍ଞାତ, ଜ୍ଞାନ, ଜ୍ଞେୟ -ଏବଂ ଜାଗ୍ରତ, ସ୍ୱପ୍ନ ସୁଷୁପ୍ତି- ଏହା ତ୍ରିପୁଟୀ । ଉପନିଷଦ ବାକ୍ୟ; "ଅଭିନ୍ନ ନିମିତ୍ତୋପାଦାନ କରଣତ୍ୱେନ ପ୍ରବିଶ୍ୟ"-ସ୍ୱୟଂ ଠାରୁ ଅଭିନ୍ନ ନିମିତ୍ତୋପାଦାନ କାରଣ ରୂପରେ ସମଗ୍ର ତ୍ରିପୁଟୀରେ ବ୍ୟାପ୍ତ ଅର୍ଥାତ୍ ତାଦାତ୍ମ୍ୟାପନ୍ନ ହୋଇ ଅବସ୍ଥାନକୁ ତିନିଲୋକରେ ପ୍ରବିଷ୍ଟ ବୋଲି କୁହାଯାଇଛି । ସେ' କ୍ଷରଣ ରହିତ,

ଅବ୍ୟୟ ମୂଳ ପୁରୁଷ । "ପରମାତ୍ମେତି ଚାପ୍ୟୁକ୍ତୋ ଦେହେସ୍ମିନ୍ ପୁରୁଷଃ ପରଃ"-(ଗୀତା ୧୩/୨୨) ଜୀବ ଦେହରେ ସେ ଉପଦ୍ରାଷ୍ଟା, ଅନୁମନ୍ତା, ଭର୍ତ୍ତା, ଭୋକ୍ତା ହୋଇ ମଧ୍ୟ ସମ୍ବନ୍ଧ ରହିତ, ସ୍ୱରୂପ ଦୃଷ୍ଟିରୁ ପରମାତ୍ମା, ସ୍ୱାମୀ-ମହେଶ୍ୱର । ମାଧୁର୍ଯ୍ୟତାରେ ସମାବିଷ୍ଟ ହୋଇଥିବା ମଳିନତା ହଟିଗଲେ ମଧୁର ପରମ-ମଧୁର ହୋଇଯାଏ, ସେହିଭଳି ସ୍ୱଚ୍ଛ ଜୀବାତ୍ମା ସ୍ୱରୂପକୁ ଆବରଣ କରି ରଖିଥିବା କୌଣସି ଉପାଧି କିମ୍ବା ବିଶେଷଣର ବିନଷ୍ଟରେ ଆତ୍ମା ଗୁଣାତୀତ, ଶୁଦ୍ଧ ସ୍ୱରୂପ ପରମାତ୍ମା ରୂପେ ପ୍ରତିଭାସିତ ହୁଅନ୍ତି ।

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥୧୮॥

*ଅନ୍ୱୟ: ଯସ୍ମାତ୍ (ଯେହେତୁ) ଅହଂ (ମୁଁ) କ୍ଷରମ୍ ଅତୀତଃ (ନାଶବାନ ଜଡବର୍ଗ କ୍ଷେତ୍ରଠାରୁ ସର୍ବଥା ଅତୀତ) ଅକ୍ଷରାତ୍ (ଅବିନାଶୀ ଜୀବାତ୍ମାଠାରୁ ) ଅପି (ମଧ୍ୟ) ଉତ୍ତମଃ (ଉର୍ଦ୍ଧ୍ୱତମ ବା ଶ୍ରେଷ୍ଠତମ) ଅତଃ (ଏଣୁ) ଲୋକେ (ଜଗତରେ-ପୁରାଣାଦିରେ) ବେଦେ ( ବେଦରେ ମୁଁ ) ପୁରୁଷୋତ୍ତମଃ (ପୁରୁଷୋତ୍ତମ ନାମରେ ) ପ୍ରଥିତଃ ଅସ୍ମି (ପ୍ରସିଦ୍ଧ ଅଟେ ) ।*

**ଭାବାର୍ଥ** : ଏହି ଶ୍ଳୋକରେ ଭଗବାନ ନିଜର ଗୁହ୍ୟତମ ରହସ୍ୟ ପରିପ୍ରକାଶ କରି କହୁଛନ୍ତି କି, "ମୁଁ (ସାକ୍ଷାତ୍ ସାକାର ରୂପରେ ଅବତୀର୍ଣ୍ଣ ) ହେଉଛି ପୁରୁଷୋତ୍ତମ" । ମୁଁ କ୍ଷରଠାରୁ ସର୍ବଥା ବିଲକ୍ଷଣ । କ୍ଷର ତତ୍ତ୍ୱ ସହିତ ମୋର କୌଣସି ସମ୍ବନ୍ଧ ନାହିଁ କି, ସମାନତା ନାହିଁ । ଏହି ବିନାଶୀ ମାୟାମୟ ସଂସାରକୁ ଅତିକ୍ରମ କରି ମୋର ଅବସ୍ଥାନ । ସଂସାର ବୀଜ ଅକ୍ଷର ତତ୍ତ୍ୱଠାରୁ ମଧ୍ୟ ମୁଁ ଉତ୍ତମ । ଜୀବାତ୍ମା ଅକ୍ଷର ହେଲେମଧ୍ୟ ଏହା ମାୟଗ୍ରସ୍ତ । ମାୟା କିନ୍ତୁ ମୋର ଅଧିନସ୍ଥ । ଜୀବାତ୍ମା ମୋର ସନାତନ ଅଂଶ ହେଲେ ମଧ୍ୟ, ମାୟାର ବଶରେ ରହି ମଳିନ ପ୍ରତୀତ ହୁଏ । ନଦୀସ୍ରୋତ ଭଳି ଶରୀର ନିରନ୍ତର ପରିବର୍ତ୍ତନ ହେଉଥିବା ସ୍ଥଳେ, ଅକ୍ଷର (ଜୀବାତ୍ମା) ନଦୀ ସ୍ରୋତରେ ନିମ୍ନଭାଗରେ ପଡିରହିଥିବା ଶିଳାଖଣ୍ଡ ପରି ଅଚଳ ଓ ଅସଙ୍ଗ ରହିଥାଏ । ମୁଁ ସକଳ କ୍ଷୁଦ୍ରତା ଏବଂ ସିମୀତର ଉର୍ଦ୍ଧ୍ୱରେ । ହେ ଧନଞ୍ଜୟ ! ଅଦ୍ୱିତୀୟ, ଉପାଧିରହିତ, ଗୁଣାତୀତ ଏବଂ ସ୍ୱୟଂ ପ୍ରକାଶ ମୁଁ ହେଉଛି ସମସ୍ତ କ୍ଷର ଓ ଅକ୍ଷର ତତ୍ତ୍ୱମାନଙ୍କଠାରୁ ଶ୍ରେଷ୍ଠତମ । ତେଣୁ ତିନିଲୋକରେ ଏବଂ ବେଦ ପୁରାଣରେ ମୁଁ ପୁରୁଷୋତ୍ତମ ନାମରେ ଅଭିହିତ । ବଦ୍ଧାବସ୍ଥା ହେଉ କିମ୍ବା ମୁକ୍ତାବସ୍ଥା ହେଉ, କୌଣସି ପୁରୁଷ ତତ୍ତ୍ୱ ଭଗବାନଙ୍କ ସହ ସମକକ୍ଷ କିମ୍ବା ଭଗବାନଙ୍କ ଅଚିନ୍ତ୍ୟ ଶକ୍ତିକୁ ବଳି ଯାଇପାରିବ ନାହିଁ । କେବଳ କ୍ଷରଣ ଦୃଷ୍ଟିରେ ହିଁ ପରମାତ୍ମାଙ୍କୁ ଅକ୍ଷର ନାମରେ ପୃଥକୀକୃତ କରାଯାଇପାରେ, ଅନ୍ୟଥା ସେ ସ୍ୱୟଂ ନିର୍ବିଶେଷ ଅଟନ୍ତି । ଶ୍ରୀ ଶଙ୍କାରାନନ୍ଦ କହିଛନ୍ତିକି, ଭଗବାନଙ୍କ ଉତ୍କର୍ଷତା, ତାଙ୍କରି ନିଷ୍କଳତ୍ୱ, ନିତ୍ୟତ୍ୱ, ନିର୍ଗୁଣତ୍ୱ, ଚେତନତ୍ୱ ଆଦି ଧର୍ମ ବିଶିଷ୍ଟ ସ୍ୱରୂପର ସଙ୍କେତ ମାତ୍ର । ଚିତ୍ରଠାରୁ ଅଲଗା ଭିତ୍ତିର (ଚିତ୍ରପଟ)ର ପୃଥକ ସତ୍ତା ରହିଛି । ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଭିତ୍ତିର ସତ୍ତା ବିନା ଚିତ୍ରର ପୃଥକ ସତ୍ତା ଉପଲବ୍ଧ ହୋଇପାରିବ ନାହିଁ । ଏହି ପ୍ରକାର କ୍ଷର ଆଉ ଅକ୍ଷରଠାରୁ ଅବ୍ୟୟ ପୁରୁଷ ପୃଥକ୍ ରହି ତାହାରି ଆଧାର ଅଟେ । ସଂସାରରେ ବ୍ୟାପ୍ତ ଯେଉଁ କ୍ଷର, ଅକ୍ଷର ଏବଂ ଅବ୍ୟୟ ରୂପରେ ତିନି ପୁରୁଷ କୁହାଯାଇଛି, ସେମାନଙ୍କମଧ୍ଯରେ କ୍ଷର ଓ ଅକ୍ଷରଠାରୁ ଅତୀତ ଏବଂ ଉତ୍ତମ ହେବା କାରଣରୁ ଅବ୍ୟୟ ପୁରୁଷକୁ ଉତ୍ତମ ପୁରୁଷ କୁହାଯାଇଛି ।

ଯୋ ମାମେବମସମ୍ମୂଢ଼  ଜାନାତି  ପୁରୁଷୋତ୍ତମମ୍ ।
ସ ସର୍ବବିଭଜତି  ମାଂ ସର୍ବ ଭାବେନ  ଭାରତ  ॥୧୯॥

*ଅନ୍ୱୟ : ଭାରତ ! (ହେ ଭରତ ବଂଶଜ ଅର୍ଜୁନ !) ଯଃ (ଯେଉଁ) ଅସମମୂଢ଼ (ମୋହ ରହିତ ଜ୍ଞାନୀ ପୁରୁଷ) ଏବଂ (ଏହି ପ୍ରକାର) ମାମ୍ (ମୋତେ) ପୁରୁଷୋତ୍ତମମ୍ (ପୁରୁଷୋତ୍ତମ ବୋଲି ) ଜାନାତି (ତତ୍ତ୍ୱତଃ ଜାଣେ) ସଃ (ସେହି) ସର୍ବବିଦ୍ (ସର୍ବଜ୍ଞ) ସର୍ବଭାବେନ (ସର୍ବତୋଭାବେ -ସମସ୍ତ ମନ,ପ୍ରାଣ ହୃଦୟର ସହିତ) ମାମ୍ (ମୋତେ ଅର୍ଥାତ୍ ବାସୁଦେବ ପରମେଶ୍ୱରଙ୍କୁ ହିଁ ) ଭଜତି (ଭଜନା କରନ୍ତି – ସେବାରତ ରହନ୍ତି ) ।*

**ଭାବାର୍ଥ**: ହେ ଭରତ ବଂଶଜ ଅର୍ଜୁନ ! ଯେଉଁ ମୋହ ରହିତ ମୁମୁକ୍ଷୁ ଜ୍ଞାନୀ ପୁରୁଷ ମୋତେ ସଂସାର ଧର୍ମରୁ ବିନିର୍ମୁକ୍ତ  ପରବ୍ରହ୍ମ ପୁରୁଷୋତ୍ତମ ବୋଲି ତତ୍ତ୍ୱତଃ ବୁଝିପାରିଥାଏ, ସେ ସର୍ବବିତ୍ ବା ସର୍ବଜ୍ଞ ଅଟନ୍ତି । ସେହି ସର୍ବବିତ୍ ପୁରୁଷ ମନ ପ୍ରାଣଦେଇ ଶ୍ରଦ୍ଧାର ସହିତ ମୋର ଭଜନ କରିଥାଆନ୍ତି ଅର୍ଥାତ୍ ମୋର ସେବାରତ ହୋଇ ପରମାନନ୍ଦ ପ୍ରାପ୍ତ କରିଥାନ୍ତି । ଅସମ୍ମୂଢ଼ ବ୍ୟକ୍ତି ଦେହାଭିମାନକୁ ତଥା ମିଥ୍ୟା ତାଦାତ୍ମ୍ୟକୁ ସମ୍ପୂର୍ଣ୍ଣଭାବେ ପରିତ୍ୟାଗ କରି ନିଜକୁ ବ୍ରହ୍ମ ବା ପରମାତ୍ମାଙ୍କଠାରୁ ଅଭିନ୍ନ ବୋଲି ଗ୍ରହଣ କରିନେଇଥାନ୍ତି ।  ସେହି ସର୍ବବିତ୍ ପୁରୁଷ ନିଜର ମନ, ତନ ଦେଇ ପୂର୍ଣ୍ଣ ପ୍ରାଣରେ ପରମାତ୍ମାଙ୍କ ଭଜନ କରନ୍ତି ଅର୍ଥାତ୍ ଏକ ପରମାତ୍ମାଙ୍କୁ ବହୁଙ୍କ ମଧ୍ୟରେ ଏବଂ ବହୁଙ୍କୁ ଏକ ପରମାତ୍ମାଙ୍କଠାରେ ଦର୍ଶନ କରନ୍ତି । ଯୋଗୀମାନଙ୍କ ଉପାସ୍ୟ ପରମାତ୍ମା ତତ୍ତ୍ୱର ନିରୂପଣ କରି ଭଗବାନ କୃଷ୍ଣ ସ୍ୱୟଂ ନିଜେ 'ପରମାତ୍ମା-ତତ୍ତ୍ୱ' ଏବଂ ତାହାରି ମହିମା ଏହି ଶ୍ଳୋକରେ ବର୍ଣ୍ଣନା କରିଛନ୍ତି । ଭକ୍ତି ମାର୍ଗରେ ଅବତାରୀ ପୁରୁଷଙ୍କ  ଲୀଳା ଶ୍ରବଣ କରି, ତାଙ୍କ ଗୁଣ ଓ ନାମ କୀର୍ତ୍ତନ କରି ଓ ସମସ୍ତ ପ୍ରଭା ଓ ଐଶ୍ୱର୍ଯ୍ୟକୁ ତାଙ୍କରି ବିଭୂତି ବୋଲି ମାନିନେଇ-"ଭଗବାନ ଶ୍ରୀକୃଷ୍ଣ କୌଣସି ମନୁଷ୍ୟ ନାହାନ୍ତି, ସେ ସାକ୍ଷାତ୍ ପୁରୁଷୋତ୍ତମ ବା ପରମାତ୍ମା" ବୋଲି ସ୍ୱୀକାର କରିନେବା ହିଁ ଅନନ୍ୟ ଭକ୍ତିର ପରିଚାୟକ । ଶ୍ରୀଭକ୍ତି ରସାମୃତ ସିନ୍ଧୁରେ ମଧ୍ୟ ତତ୍ତ୍ୱଦୃଷ୍ଟିରୁ ଶ୍ରୀ ନାରାୟଣ ସ୍ୱରୂପ ତଥା ଶ୍ରୀକୃଷ୍ଣ ସ୍ୱରୂପକୁ ଅଭିନ୍ନ ମାନି ନିଆଯାଇଅଛି ଏବଂ ରସତତ୍ତ୍ୱ ଦୃଷ୍ଟିରୁ କୃଷ୍ଣ ସ୍ୱରୂପର ଅଧିକ ବୈଶିଷ୍ଟ୍ୟ ଦର୍ଶାଯାଇଛି । ସିଦ୍ଧାନ୍ତଃ, ଶ୍ରୀକୃଷ୍ଣ ତଥା ଶ୍ରୀ ନାରାୟଣଙ୍କ ମଧ୍ୟରେ କୌଣସି ଭେଦନାହିଁ ଏବଂ  ଭକ୍ତିରସ ଦୃଷ୍ଟି କୋଣରୁ ଶ୍ରୀକୃଷ୍ଣ ସ୍ୱରୂପର ହିଁ ଉତ୍କର୍ଷତାକୁ ପ୍ରତିପାଦନ କରାଯାଇଛି । ବୈଷ୍ଣବ ପରମ୍ପରାରେ କଥିତ ଅଛି କି, ଭକ୍ତି ସହକାରେ ଯେ ଭଗବାନ ଶ୍ରୀକୃଷ୍ଣଙ୍କ ସେବାରତ ହୋଇଛି, ତା'ହେଲେ ବ୍ରହ୍ମଜ୍ଞାନ ପ୍ରାପ୍ତ ଅର୍ଥାତ୍ ପରମବ୍ରହ୍ମଙ୍କୁ ବୁଝିବାପାଇଁ ଅନ୍ୟ ଯୋଗ ବିଧିର ଆବଶ୍ୟକତା ନାହିଁ । ଅବ୍ୟୟ ପୁରୁଷୋତ୍ତମ  ସମସ୍ତ ଜଗତର ମୂଳ କାରଣ । 'କାରଣ' ସମ୍ବନ୍ଧରେ ଯଦି ଯଥାର୍ଥ ଜ୍ଞାନ ହୋଇଯାଏ, 'କାର୍ଯ୍ୟ' ସମୂହର ଜ୍ଞାନ ଆପେ ଆପେ ହୋଇଯାଏ । ଯେ' ଭଗବତ ପ୍ରେମୀ, ତା' ନିମନ୍ତେ ଆଉ କିଛି ଜାଣିବାର ବାକି ନଥାଏ । ତା'ରି ବିଶେଷଭାବେ ଭୌତିକ ଜ୍ଞାନ ନଥିଲେ ମଧ୍ୟ, ସେ ସର୍ବଜ୍ଞ । ଫଳ ସ୍ୱରୂପ, ତା'ରି ପ୍ରତ୍ୟେକ ବୃତ୍ତି ଓ କ୍ରିୟା ଦ୍ୱାରା ସ୍ୱତଃ ଭଗବାନଙ୍କ ଭଜନ ହେବାକୁ ଲାଗେ । ଜ୍ଞାନ ମାର୍ଗରେ 'ଜାଣିବା' ଓ ଭକ୍ତି ମାର୍ଗରେ 'ମାନିବା' ର ପ୍ରାଧାନ୍ୟ ଥାଏ । ଆତ୍ମା-ସ୍ୱରୂପର ଜ୍ଞାନ ହୋଇଗଲାପରେ, ଦୃଶ୍ୟ ଅଦୃଶ୍ୟ ସମଗ୍ର ବ୍ରହ୍ମାଣ୍ଡ ସେହି ଏକ ପରମାତ୍ମା ସ୍ୱରୂପର ଅଂଶ ବୋଲି ଅନୁଭବ ହୋଇଯାଏ । ଯେ' ତତ୍ତ୍ୱଜ୍ଞାନୀ ତା'ରି ଶରୀରସ୍ଥ ପ୍ରକୃତି ତତ୍ତ୍ୱ ଇଶ୍ୱର ତଥା ସଗୁଣ ବ୍ରହ୍ମଠାରେ ସମର୍ପିତ ଅବସ୍ଥାରେ ଥାଏ । ଦେହଧାରୀ ସର୍ବଜ୍ଞ ପୁରୁଷଠାରେ ରହିଥିବା କ୍ଷର-ଅକ୍ଷର ତତ୍ତ୍ୱ ପରମାତ୍ମାଙ୍କ ନିର୍ଗୁଣ

ତତ୍ତ୍ୱରେ ସମାହିତ ହୋଇ ରହିଥାଏ, ଯେପରି ଘଟ ଭାଙ୍ଗିଗଲେ ଘଟାକାଶର ମହାକାଶ ସହିତ ଏକତ୍ରିକରଣ ହୁଏ। ଜ୍ଞାନର ସୂର୍ଯ୍ୟାଲୋକରେ ମାୟା ରୂପକ ଅନ୍ଧକାରର ନାଶହୋଇ ପୁରୁଷୋତ୍ତମ ଭାବରେ ଯିଏ ମୋତେ ଚିହ୍ନିପାରେ, ଜାଗ୍ରତ ଅବସ୍ଥାରେ ସ୍ୱପ୍ନ ଲୋପ ପାଇଲାଭଳି ତା'ରି ସକଳ ସାଂସାରିକ ଜ୍ଞାନ ଦିବ୍ୟଜ୍ଞାନର ରୂପ ନେଇଯାଏ । ମୋର ସ୍ୱରୂପକୁ ଉପଲବ୍ଧି କଲାପରେ ଆଉ କୌଣସି ଦ୍ୱୈତଭାବର ଅବକାଶ ରହେନାହିଁ । ସମୁଦ୍ର ସହିତ ତରଙ୍ଗର ସମ୍ବନ୍ଧ ଏବଂ ସୂର୍ଯ୍ୟଙ୍କ ସହିତ କିରଣର ଯେଉଁ ସମ୍ପର୍କ, ଜ୍ଞାନୀ ତଥା ଭକ୍ତର ଭଗବାନଙ୍କ ସହିତ ସମ୍ବନ୍ଧ ସେହି ସାଦୃଶ୍ୟ । ଚରମ ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ କର୍ମ, ଉପାସନା(ଭକ୍ତି) ଓ ଜ୍ଞାନ - ଏହି ତିନିମାର୍ଗ ଭାରତୀୟ ସଂସ୍କୃତିରେ ସ୍ୱୀକାର କରାଯାଇଛି । ଏହି ତିନି ସାଧନ ପ୍ରଣାଳୀରେ ଏକ ଅନ୍ୟର ପୋଷାକ ହୋଇଥାଏ । ବିଶେଷ କରି ଭଗବତ୍ ଗୀତାରେ ଜ୍ଞାନ, କର୍ମ ଓ ଭକ୍ତି- ଏହି ତିନିର ସମନ୍ୱୟ ଉପରେ ଭଗବାନ ଗୁରୁତ୍ୱ ଆରୋପ କରିଛନ୍ତି । ଭଗବତ୍ ତତ୍ତ୍ୱର ଏହି ବୈଚିତ୍ର୍ୟ ଯେ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ମଧ୍ୟରୁ କୌଣସି ଗୋଟିଏ ସାଧନା ସିଦ୍ଧ ହୋଇଗଲେ କୃତକୃତ୍ୟତା, ଜ୍ଞାତଜ୍ଞାତବ୍ୟତା ଓ ପ୍ରାତପ୍ରାତବ୍ୟତାର ଉପଲବ୍ଧତା ସ୍ୱତଃ ହୋଇଯାଏ ।

ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।
ଏତଦ୍ ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ॥୨୦॥

*ଅନ୍ୱୟ: ଅନଘ ( ହେ ନିଷ୍ପାପ ଅର୍ଜୁନ !) ଇତି ( ପୂର୍ବୋକ୍ତ ବର୍ଣ୍ଣନ ଅନୁସାରେ) ଇଦମ୍ ଗୁହ୍ୟତମମ୍ (ଏହି ଅତ୍ୟନ୍ତ ରହସ୍ୟଯୁକ୍ତ ତଥା ଗୋପନୀୟ) ଶାସ୍ତ୍ରମ୍ (ଶାସ୍ତ୍ର -ବ୍ରହ୍ମତତ୍ତ୍ୱ) ମାୟା (ମୋ ଦ୍ୱାରା) ଉକ୍ତମ୍ (କୁହାଗଲା) ଏତଦ୍ ବୁଦ୍ଧ୍ୱା ( ଏହାକୁ ତତ୍ତ୍ୱତଃ ଜାଣି) ବୁଦ୍ଧିମାନ୍ ଚ (ବୁଦ୍ଧିମାନ୍ ଏବଂ ତତ୍ତ୍ୱଜ୍ଞାନୀ ) କୃତକୃତ୍ୟ (କୃତାର୍ଥ ) ସ୍ୟାତ୍ (ହୋଇଥାଆନ୍ତି ) ।*

**ଭାବାର୍ଥ** : ଭଗବାନ କହୁଛନ୍ତି; ହେ ନିଷ୍ପାପ ଅର୍ଜୁନ ! ଏହିପରି ଭାବରେ ପୂର୍ବୋକ୍ତ ଯେଉଁ ଅତ୍ୟନ୍ତ ରହସ୍ୟଯୁକ୍ତ ତଥା ଗୋପନୀୟ 'ବ୍ରହ୍ମତତ୍ତ୍ୱ' ତୁମକୁ ଉପଦେଶ କଲି, ବୁଦ୍ଧିମାନ୍ ତଥା ଜ୍ଞାନବାନ୍ ପୁରୁଷ ତାହାକୁ ତତ୍ତ୍ୱତଃ ଜାଣି କୃତାର୍ଥ ହୋଇ ଯାଇଥାଆନ୍ତି । ତୁମ୍ଭେ ମଧ୍ୟ ଯେ କୃତାର୍ଥ ହେବ, ସେଥିରେ ସନ୍ଦେହ ନାହିଁ । ଏହି ଶ୍ଳୋକରେ ଭଗବାନ ଯେଉଁ 'ଅନଘ' ଓ 'ଭାରତ' ଶବ୍ଦଦ୍ୱାରା ଅର୍ଜୁନଙ୍କୁ ସମ୍ବୋଧନ କରିଛନ୍ତି, ତାହା ଅତ୍ୟନ୍ତ ଅର୍ଥପୂର୍ଣ୍ଣ । ଅନ୍ୟର ଦୋଷ ଦର୍ଶନ କରିବାରେ ଚିତ୍ତ ଅଶୁଦ୍ଧ ହୁଏ ଏବଂ ପାପ ଅର୍ଜନହୁଏ । ତେଣୁ ଆଚାର୍ଯ୍ୟ ଓ ସନ୍ଥଜନ ଦୋଷଦୃଷ୍ଟିଯୁକ୍ତ ଅଶ୍ରଦ୍ଧାଳୁ ମନୁଷ୍ୟ ଆଗରେ ଗୋପନୀୟ ବିଷୟ ପ୍ରକାଶ କରିବା ଶାସ୍ତ୍ର ନିଷେଧ । ଯାହାର ଭାବ ଶୁଦ୍ଧ ଏବଂ ଦୋଷଦୃଷ୍ଟି ଶୂନ୍ୟ, ସେ' ହିଁ ଭଗବାନଙ୍କ ଏହି ଗୋପନୀୟ ଶାସ୍ତ୍ରକୁ ଶୁଣିବା ପାଇଁ ଯୋଗ୍ୟ ଅଧିକାରୀ । ଅର୍ଜୁନଙ୍କ ଅନ୍ତଃକରଣ ଶୁଦ୍ଧ ଏବଂ ଦୋଷଶୂନ୍ୟ କାରଣରୁ ସେ ପୁରୁଷୋତ୍ତମ ତତ୍ତ୍ୱକୁ ବୁଝିପାରିବା ପାଇଁ ଯୋଗ୍ୟପାତ୍ର ଥିଲେ । ଭଗବାନ ଶ୍ରୀ କୃଷ୍ଣ ଜୀବର କଲ୍ୟାଣ ନିମିତ୍ତ ନିଜ ଆତ୍ମସ୍ୱରୂପର ରହସ୍ୟକୁ ଉନ୍ମୋଚନ କରି କହୁଛନ୍ତି କି, ହେ ଅର୍ଜୁନ ! ମୁଁ ହିଁ ପୁରୁଷୋତ୍ତମ ଏବଂ ଏହା ପରମ ଗୁହ୍ୟ ତତ୍ତ୍ୱ । ତୁମରି ମାଧ୍ୟମରେ ମୁଁ ନିଜକୁ ନିଜେ ପ୍ରକାଶ କରୁଛି । ଯାହା ଏ ପର୍ଯ୍ୟନ୍ତ ମହା ମୂଲ୍ୟବାନ୍ ଏବଂ ମହାଗୋପନୀୟ ଥିଲା, ତାକୁ ମୁଁ ସମଗ୍ର ଜଗତ ଲାଗି ତୁମ ମାଧ୍ୟମରେ ବିତରଣ କରୁଛି । ଏହାକୁ ଜାଣି ମନୁଷ୍ୟ ସମସ୍ତ ମୋହରୁ ମୁକ୍ତ ହୋଇଯିବ । ଭୟଶୂନ୍ୟ ହୋଇ କୃତକୃତ୍ୟ ହୋଇଯିବ । ଜଡ ଓ ଚେତନ ସମୂହର ବିଚାର ବ୍ୟତୀତ ଏହି ଅଧ୍ୟାୟରେ ଏହା ନିର୍ଣ୍ଣିତ ହୋଇଅଛି କି, ଶ୍ରୀ କୃଷ୍ଣ ହିଁ ମହୋତ୍କର୍ଷ ସ୍ୱରୂପ ଅଟନ୍ତି

। ଶ୍ରୀ ଶଙ୍କରାଚାର୍ଯ୍ୟ କହିଛନ୍ତି କି, "ଏପରି କି ତ ପୁରା ଗୀତା ହିଁ ଏକ ଶାସ୍ତ୍ର ଅଟେ । ପରନ୍ତୁ, ଗୀତାର ପଞ୍ଚଦଶ ଅଧ୍ୟାୟ ଯେଉଁଥିରେ କ୍ଷର, ଅକ୍ଷର ଏବଂ ଅବ୍ୟୟ ପୁରୁଷର ପ୍ରକରଣ ବିଦ୍ୟମାନ, ତାହା ଏକ ସ୍ୱତନ୍ତ୍ର ଶାସ୍ତ୍ର କହିବା ଯୋଗ୍ୟ । ଭଗବାନ ଅପରା, ପରା ଓ ଈଶ୍ୱର-ଏହି ତିନିଙ୍କୁ କ୍ଷର, ଅକ୍ଷର ଓ ପୁରୁଷୋତ୍ତମ ନାମରେ ବର୍ଣ୍ଣନା କରି ଅଧ୍ୟାୟର ଉପସଂହାର କରିଛନ୍ତି" । ଅଧ୍ୟାୟରେ 'ଏକ'ର ଜ୍ଞାନରେ ସମ୍ପୂର୍ଣ୍ଣ ଜ୍ଞାନ ହେବାର ଉପନିଷଦର ଯେଉଁ ଯୁକ୍ତି, ତାହା ସମର୍ଥିତ ହୋଇଅଛି । ଶ୍ରୀ ରାମାନୁଜାଚାର୍ଯ୍ୟ କହିଛନ୍ତି କି, "ଭଗବାନଙ୍କୁ ପ୍ରାପ୍ତ କରିବା ପାଇଁ ଯେଉଁ ବୁଦ୍ଧି ବା ବୁଦ୍ଧିଯୋଗର ଅପେକ୍ଷା ହୋଇଥାଏ, ତାହା ଏହି ଜ୍ଞାନଦ୍ୱାରା ପ୍ରାପ୍ତ ହୋଇଥାଏ । ଏହାର ଅତିରିକ୍ତ, ଯାହା ବି କିଛି କର୍ତ୍ତବ୍ୟ କର୍ମ ରହିଛି, ତାହା ମଧ୍ୟ ବି ଏହି ଜ୍ଞାନ ପ୍ରାପ୍ତିରେ ପୂର୍ଣ୍ଣ ହୋଇଯାଏ ।" ଜ୍ଞାନ ପ୍ରାପ୍ତପରେ ସାଧକ ମୂଳ କାରଣ ରୂପୀ ଭଗବତ୍ ସତ୍ତା ଏବଂ ମାୟା ଜନିତ ବହୁରୂପୀ ଏହି ସଂସାର ସ୍ୱରୂପକୁ ଯଥାର୍ଥ ରୂପେ ଜାଣିଗଲାପରେ ମୁକ୍ତି ଲାଭର କର୍ମ ସମ୍ବନ୍ଧୀୟ ନିର୍ଣ୍ଣୟ ନେବାରେ ତ୍ରୁଟି ରହେନାହିଁ । ଫଳତଃ, ନିଜପାଇଁ ଭ୍ରମ ଓ ଦୁଃଖ ଉତ୍ପନ୍ନ କରେନାହିଁ । ବୁଦ୍ଧି ତଥା କର୍ମଯୋଗ ସାଧନାରେ "ମୋର ନିଜପାଇଁ କିଛି କରିବାର ନାହିଁ"- ଏହି ଅନୁଭବତା ପ୍ରାପ୍ତ କଲାପରେ ପରମାତ୍ମାଙ୍କ ଜ୍ଞାନ ସ୍ୱତଃ ଉପଲବ୍ଧ ହୋଇଯାଏ । ଫଳତଃ ମନରେ ପୂର୍ଣ୍ଣ ସନ୍ତୋଷ, ଯାହାକି ଜୀବନର ଚରମ ଲକ୍ଷ୍ୟ ତାହା ଉପଲବ୍ଧ ହୁଏ । ସେହି ଅନୁଭବତା ହିଁ କୃତକୃତ୍ୟ । ତତ୍ ପାଶ୍ଚାତ ସେହି ବ୍ୟକ୍ତିପାଇଁ କୌଣସି କର୍ତ୍ତବ୍ୟ ବା ପ୍ରାପ୍ତି ଶେଷ ରହେନାହିଁ । ଆଲୋଚ୍ୟ ଶ୍ଲୋକରେ "ବୁଦ୍ଧିମାନ୍" ପଦରେ ଜ୍ଞାତଜ୍ଞାତବ୍ୟ ହେବାର ଭାବ ବ୍ୟକ୍ତ କରାଯାଇଛି । ଅର୍ଥାତ୍ ପରମାତ୍ମା ତତ୍ତ୍ୱ ଏବଂ କ୍ଷର-ଅକ୍ଷର ଭେଦ ସମ୍ବନ୍ଧୀୟ ଜ୍ଞାନ ହୋଇଗଲା ପରେ, ଆଉ କିଛି ଜାଣିବା ପାଇଁ ବାକି ରହି ନଥାଏ । ସେହିପରି " ପ୍ରଭୁଙ୍କ ସାନ୍ନିଧ୍ୟ ଅତିରିକ୍ତ ମୋର କିଛି ଆବଶ୍ୟକତା ହିଁ ନାହିଁ"-ଏହି ଭାବ ନିରନ୍ତର ହୃଦୟରେ ପ୍ରକଟିତ ହୋଇ ରହିବାରେ ଭକ୍ତ ପ୍ରାପ୍ତପ୍ରାପ୍ତବ୍ୟ ହୋଇଯାଏ । ସମସ୍ତ ଜୀବକୁ କ୍ଷର ଓ ଅକ୍ଷର ଯାହା ଲୌକିକ, ତାହା ତ ପ୍ରାପ୍ତ ଅଟେ । ତେଣୁ କେବଳ ଅଲୌକିକ ପରମାତ୍ମା ତତ୍ତ୍ୱ ହିଁ ଜୀବକୁ ପ୍ରାପ୍ତବ୍ୟ ଅର୍ଥାତ୍ ପାଇବା ପାଇଁ ଶେଷ ରହିଥାଏ । ଏହି ଶ୍ଲୋକରେ ଭଗବାନ "ସର୍ବବିତ୍" ଏବଂ 'ସର୍ବ ଭାବେନ' ଏହି ଦୁଇ ଶବ୍ଦ ଦ୍ୱାରା ଏହା ଦର୍ଶାଇଛନ୍ତି କି, ଯେ' ମୋର ପୁରୁଷୋତ୍ତମ ତତ୍ତ୍ୱକୁ ଜାଣିଯାଏ, ସେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ସମସ୍ତ ଫଳ ପ୍ରାପ୍ତ ହୁଏ ଅର୍ଥାତ୍ ସେ କୃତକୃତ୍ୟ, ଜ୍ଞାତଜ୍ଞାତବ୍ୟ ଓ ପ୍ରାପ୍ତପ୍ରାପ୍ତବ୍ୟ ହୋଇଯାଏ । ଶ୍ରୀ ନୀଳକଣ୍ଠଜୀ କହିଛନ୍ତି କି, "ସମସ୍ତ କର୍ମ ପରମାତ୍ମାଙ୍କ ଜ୍ଞାନ ପ୍ରାପ୍ତ ପର୍ଯ୍ୟନ୍ତ ଉପଯୋଗୀ ହୋଇଥାଏ । ପରମାତ୍ମଙ୍କ ଅବଗତିରେ ସବୁ ପୁରୁଷାର୍ଥର ପରିସମାପ୍ତି ହୋଇଥାଏ । ଭକ୍ତିଯୋଗର ସାଧନ କାଳରେ ସାଧୁସଙ୍ଗ ଏବଂ ଶୁଦ୍ଧ ଭଜନର ସ୍ମରଣ ବଳରେ ଯେଉଁ ବଡ ଅନର୍ଥର ନିବୃତ୍ତି ହେବା ଆବଶ୍ୟକ, ସେଥି ମଧ୍ୟରୁ ସଂସାର ପ୍ରତି ଆସକ୍ତିରୁପ ହୃଦୟର ଦୁର୍ବଳତା ମୁଖ୍ୟ ଅଟେ । ଶୁଦ୍ଧ ଜୀବ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ସ୍ୱତନ୍ତ୍ରତାକୁ ଅପବ୍ୟବହାର କରି ମାୟାକୁ ଭୋଗ କରିବାର ଯେଉଁ ବାସନା ରହିଥାଏ, ତାହା ପ୍ରଥମ ଦୁର୍ବଳତା । ତା'ପରେ ସଂସାରରେ ପରିଭ୍ରମଣ କରି କରି ବିଷୟ ଭୋଗପ୍ରତି ଯେଉଁ ଆସକ୍ତି ହୋଇଛି , ତାହା ଦ୍ୱିତୀୟ ଦୁର୍ବଳତା । ଏହି ଦୁଇ ହୃଦୟ ଦୁର୍ବଳତାରୁ ସମସ୍ତ ଅନର୍ଥର ଉତ୍ପତ୍ତି ହୁଏ । ଅଧ୍ୟାୟର ପ୍ରଥମ ପାଞ୍ଚ ଶ୍ଳୋକରେ ଉକ୍ତ ଦୁର୍ବଳତା ଦୂରଲାଗି ଭଗବାନ ଶୁଦ୍ଧ ବୈରାଗ୍ୟ ବିଷୟ କହିଛନ୍ତି । ଷଷ୍ଠ ଶ୍ଲୋକରୁ ଆରମ୍ଭକରି ଅଧ୍ୟାୟ ସମାପ୍ତ ପର୍ଯ୍ୟନ୍ତ ଭକ୍ତିରୁ ଉତ୍ପନ୍ନ ଶୁଦ୍ଧ ବୈରାଗ୍ୟ ସହିତ ପୁରୁଷୋତ୍ତମ

ତତ୍ତ୍ୱର ଆଲୋଚନା କରାଯାଇଛି । ଜଡ ଓ ଚୈତନ୍ୟର ପାର୍ଥକ୍ୟ ଏବଂ ଚୈତନ୍ୟ ତତ୍ତ୍ୱର ପ୍ରକାଶ, ସଂସାରଗତ ଭେଦ-ବିଚାର-ଏହି ସବୁ ଅଧ୍ୟାୟର ବିଶେଷ ଆକର୍ଷିତ ବିଚାର । ଏହି ଅଧ୍ୟାୟରେ ବର୍ଣ୍ଣିତ ଭଗବାନଙ୍କର ଗୁଣ ପ୍ରଭାବ, ତତ୍ତ୍ୱ ଓ ସ୍ୱରୂପ ଆଦି ଉତ୍ତମ ରୂପେ ବୁଝି ଭଗବାନ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ ପୁରୁଷୋତ୍ତମ ବୋଲି ଜାଣିପାରିବା ହିଁ ଏହି ଶାସ୍ତ୍ରକୁ ତତ୍ତ୍ୱତଃ ଜାଣିବା । ପରମାତ୍ମା ସତ୍ତା ଓ ମହତ୍ତ୍ୱକୁ ଜାଣୁଥିଲେ ମଧ୍ୟ ଅନ୍ତରର ସହିତ ସ୍ୱୀକାର ନ କରିବା ଏବଂ ଭଗବାନଙ୍କୁ ନିଜର ବୋଲି ନ ମାନିବା ହେଉଛି ଯୋଗସାଧନର ମୁଖ୍ୟ ପ୍ରତିବନ୍ଧକ । ଭଗବାନଙ୍କ ଅଂଶ କାରଣରୁ ଜୀବ କେବେ ବି ଭଗବାନଙ୍କଠାରୁ ଅଲଗା ହୋଇ ପାରିବ ନାହିଁ । ତେଣୁ ପରମାତ୍ମାଙ୍କୁ ନିଜର ମାନିବା ବ୍ୟତୀତ ଭକ୍ତିପ୍ରାପ୍ତିର ଅନ୍ୟ କୌଣସି ଉପାୟ ନାହିଁ । ଯାହାଠାରୁ ମନୁଷ୍ୟ ଅଲଗା ହୋଇପାରିବ ନାହିଁ, ତାଙ୍କରି ସମ୍ବନ୍ଧରେ ସନ୍ଦେହ ବା ପ୍ରଶ୍ନ ଉଠିବା ଉଚିତ ନାହିଁ । ତେଣୁ ଭଗବାନଙ୍କୁ ବିନା ବିଚାରରେ ଭକ୍ତି ବା ପ୍ରେମ କରିବା ଉଚିତ । ସଂସାର ସହିତ ସମ୍ବନ୍ଧ ସ୍ୱୀକାର କଲେ ମନୁଷ୍ୟ ମୁକ୍ତ ହୋଇ ଭକ୍ତ ହୋଇଯାଏ । ଭକ୍ତି ବଦଳରେ ଭଗବାନଙ୍କଠାରୁ କିଛି ପ୍ରାପ୍ତିର ଆଶା ରଖିବା 'ବ୍ୟଭିଚାରିଣୀ' ଭକ୍ତି ଅଟେ । ଭଗବାନଙ୍କ ଠାରୁ କମନା ପୂର୍ତ୍ତି ଆଶା ରଖିଲେ ମନୁଷ୍ୟ ଭଗବାନଙ୍କଠାରୁ ଅଲଗା ହୋଇଯାଏ । ନିଜକୁ ଭଗବାନଙ୍କଠାରେ ଅର୍ପଣ କରିଦେଲେ ଭକ୍ତ ଭଗବାନଙ୍କ ସହିତ ଅଭିନ୍ନ ହୋଇଯାଏ । ଶାସ୍ତ୍ରରେ ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱକୁ ଜାଣିବା ନିମିତ୍ତ ନିମ୍ନ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଉପାୟଗୁଡ଼ିକୁ ଅଧ୍ୟାୟର ସାରାଂଶ ଭାବରେ ଗ୍ରହଣ କରାଯାଇପାରେ । (କ) ତତ୍ତ୍ୱ ଦୃଷ୍ଟିରୁ ସଂସାରକୁ ଏକ ଅଶ୍ୱତ୍ଥ(କାଲି ରହିବାର ଯାହାର ନିଶ୍ଚିତତା ନାହିଁ )ବୃକ୍ଷ ରୂପେ ଜ୍ଞାତ ହେବା । (ଖ) ଅସଙ୍ଗ (ଅନାସକ୍ତ) ଶସ୍ତ୍ରଦ୍ୱାରା ସଂସାର ସହିତ ସ୍ୱୀକୃତ ସମ୍ବନ୍ଧକୁ ଛିନ୍ନକରି ପରମାତ୍ମାଙ୍କୁ ଅନ୍ୱେଷଣ କରି ତାଙ୍କର ଶରଣାଗତ ହେବା (ଗ) ଶୁଦ୍ଧ ଅନ୍ତଃକରଣରେ ପରମାତ୍ମା ସତ୍ତାର ଅନୁଭବ ହେବା (ଘ) ବେଦ ଅଧ୍ୟୟନ ଦ୍ୱାରା ଜୀବଠାରେ ପରମାତ୍ମା ତତ୍ତ୍ୱର ମହିମା ଓ ପ୍ରଭାବ ସମ୍ବନ୍ଧରେ ଅବଗତ ହେବା (ଙ) ଭଗବାନ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ ବୋଲି ଜାଣି ସର୍ବ ଭାବରେ ତାଙ୍କରି ଭଜନ କରିବା ତଥା ତାଙ୍କରି ସେବାରତ ରହିବା ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ପୁରୁଷୋତ୍ତମ ଯୋଗ ନାମ ପଞ୍ଚଦଶୋଧ୍ୟାୟଃ ॥୧୫॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ପୁରୁଷୋତ୍ତମଯୋଗ' ନାମକ ପଞ୍ଚଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୫॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

ଅଥ ଷୋଡଶୋଧ୍ୟାୟଃ (ଷୋଡଶଅଧ୍ୟାୟ )

(ଦୈବାସୁରସମ୍ପଦ୍ ବିଭାଗ ଯୋଗ )

ଶ୍ରୀ ଭଗବାନ ଉବାଚ

ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।
ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ॥୧॥
ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଳମ୍ ॥୨॥
ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ॥୩॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ (ଭଗବାନ ଶ୍ରୀକୃଷ୍ଣ କହିଲେ ) ଭାରତ (ହେ ଅର୍ଜୁନ !) ୧:ଅଭୟଂ (ଭୟର ସର୍ବଥା ଅଭାବ -ଭୟ ଶୂନ୍ୟତା)୨:ସତ୍ତ୍ୱ ସଂଶୁଦ୍ଧିଃ (ଚିତ୍ତର ସମ୍ୟକ ରୂପେ ଶୁଦ୍ଧି- ହୃଦୟର ନିର୍ମଳତା ) ୩: ଜ୍ଞାନଯୋଗ-ବ୍ୟବସ୍ଥିତି (ଜ୍ଞାନ ପ୍ରାପ୍ତି ପାଇଁ ଯୋଗରେ ଦୃଢନିଷ୍ଠା -ତତ୍ତ୍ୱଜ୍ଞାନ ନିମିତ୍ତ ଧ୍ୟାନରେ ନିରନ୍ତର ଦୃଢସ୍ଥିତି)୪: ଦାନଂ (ସାତ୍ତ୍ୱିକ ଦାନ)୫: ଦମଃ (ବାହ୍ୟ ଇନ୍ଦ୍ରିୟମାନଙ୍କ ସଂଯମତା)୬: ଯଜ୍ଞଃ ଚ (ଦେବ, ଦ୍ୱିଜ, ଗୁରୁ, ପ୍ରାଜ୍ଞ ପୂଜନ ଏବଂ ଅଗ୍ନିହୋତ୍ରାଦି ଉତ୍ତମ ଓ କର୍ତ୍ତବ୍ୟ କର୍ମ ଆଚରଣ)୭:ସ୍ୱାଧ୍ୟାୟଃ (ବେଦ, ପୁରାଣ ଓ ଶାସ୍ତ୍ରାଦିର ଅଧ୍ୟୟନ )୮: ତପଃ (ସ୍ୱଧର୍ମ ତଥା କର୍ତ୍ତବ୍ୟ ପାଳନାଦିରେ କଷ୍ଟ ସହନ କରିବା)୯: ଆର୍ଦବମ୍ (କାୟମନୋ-ବାକ୍ୟରେ ସରଳତା-ସ୍ପଷ୍ଟବାଦିତା )୧୦: ଅହିଂସା(କାୟମନୋବାକ୍ୟରେ ପରପୀଡା ବର୍ଜନ)୧୧: ସତ୍ୟମ୍ (ଯଥାର୍ଥ ଓ ପ୍ରିୟ ବଚନ-ସତ୍ୟବାଦିତା)୧୨:ଅକ୍ରୋଧଃ (କ୍ରୋଧାଶୂନ୍ୟତା ବା କ୍ରୋଧଶାନ୍ତି)୧୩: ତ୍ୟାଗଃ (ବିଷୟଭୋଗ କାମନା-ବାସନାର ପରିତ୍ୟାଗ-କର୍ମରେ କର୍ତ୍ତାପନ ଓ ଭୋକ୍ତାପନର ତ୍ୟାଗ)୧୪:ଶାନ୍ତିଃ (ରାଗ-ଦ୍ୱେଷ ରହିତ ବୁଦ୍ଧିର ସ୍ଥିରତା-ଚିତ୍ତ ଚଞ୍ଚଳତାର ଅଭାବ )୧୫ :ଅପୈଶୁନମ୍ (ପର ଚୁଗୁଲି-ପରନିନ୍ଦା ନ କରିବା-ଅକୁଟିଳତା-ଉଦାରତା)୧୬: ଦୟା ଭୂତେଷୁ (ସମସ୍ତ ଜୀବପ୍ରତି ଅହେତୁକ ଦୟାଭାବ)୧୭: ଅଲୋଲୁପ୍ତ୍ୱମ୍ (ସାଂସାରିକ ଭୋଗପ୍ରତି ଲାଳସା ନ ରହିବା-ଲୋଭଶୂନ୍ୟତା)୧୮: ମାର୍ଦବମ୍ (କୋମଳତା-ବିନମ୍ରତା)୧୯: ହ୍ରୀ (ଲୋକଲଜ୍ଜା- ଶାସ୍ତ୍ର ବିରୁଦ୍ଧ ତଥା ନିନ୍ଦିତକର୍ମ ନିମିତ୍ତ ଲଜ୍ଜା ଅନୁଭବ କରିବା)୨୦:ଆଚାପଳମ୍ (ଅଚପଳତା-ବ୍ୟର୍ଥ ଚେଷ୍ଟାର ଅଭାବ )୨୧: ତେଜଃ(ପୌରୁଷତା-ଅନ୍ୟକୁ ପ୍ରଭାବିତ କରିବାର ସାମର୍ଥ୍ୟତା)୨୨: କ୍ଷମା (ଦୋଷ ମାର୍ଜନା )୨୩: ଧୃତିଃ(ଧୈର୍ଯ୍ୟ)୨୪:ଶୌଚମ୍(ଶାରୀରିକ ଓ ଆଭ୍ୟନ୍ତରଶୁଦ୍ଧି)୨୫: ଅଦ୍ରୋହଂ (ଅବୈର ଭାବ-ଶତ୍ରୁଭାବ ନ ରହିବା) ୨୬:*

*ନାତିମାନିତା (ଶରୀର ସମ୍ବନ୍ଧୀୟ ଅଭିମାନ ଶୂନ୍ୟତା)[ଏହି ସମସ୍ତ ଗୁଣ] ଦୈବୀମ୍ (ଦେବଯୋଗ୍ୟ ସାତ୍ତ୍ୱିକ) ସମ୍ପଦମ୍ (ସମ୍ପତ୍ତି ତଥା ବିଭୂତି ) ଅଭିଜାତସ୍ୟ (ସାଥିରେ ଧରି ଜନ୍ମଲାଭ କରିଥିବା ସୁକୃତି ସମ୍ପନ୍ନ ବ୍ୟକ୍ତିଙ୍କର) ଭବନ୍ତି (ଲକ୍ଷଣ ହୋଇଥାଏ ) ।*

**ଭାବାର୍ଥ:** ସପ୍ତମ ଅଧ୍ୟାୟର ୧୫ଶ ଶ୍ଳୋକ ଏବଂ ନବମ ଅଧ୍ୟାୟର ୧୨ ଓ ୧୩ ଶ୍ଳୋକରେ ଭଗବାନ ଦେବତା-ଅସୁର-ରାକ୍ଷସ ମାନଙ୍କର ତ୍ରିବିଧ ସ୍ୱଭାବ ସମ୍ବନ୍ଧରେ ଯାହା କହିଥିଲେ, ଏହି ଅଧ୍ୟାୟରେ ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି । ୧ ରୁ ୫ ଶ୍ଳୋକରେ ଫଳ ସହିତ ଦୈବୀ ଓ ଆସୁରୀ ସମ୍ପଦାର କଥନ, ୬ ରୁ ୨୦ ଶ୍ଳୋକରେ ଆସୁରୀ ସମ୍ପଦଯୁକ୍ତ ମନୁଷ୍ୟଙ୍କ ଲକ୍ଷଣ ଏବଂ ସେମାନଙ୍କ ଅଧୋଗତିର କଥନ, ୨୧ ରୁ ୨୪ ଶ୍ଳୋକ ଶାସ୍ତ୍ର ବିପରୀତ ଆଚରଣର ତ୍ୟାଗ ଏବଂ ଶାସ୍ତ୍ର ଅନୁକୂଳ ଆଚରଣ କରିବା ନିମିତ୍ତ ପ୍ରେରଣା-ଏ ସମସ୍ତ ବର୍ଣ୍ଣନା ରହିଛି । ଭଗବାନ ମୁକ୍ତିକାମୀ, ମୋକ୍ଷ ପଥଗାମୀ ମହାପୁରୁଷଙ୍କ ୨୬ଟି ଗୁଣକୁ ପ୍ରଥମ ତିନୋଟି ଶ୍ଳୋକରେ ଉଲ୍ଲେଖ କରିଛନ୍ତି । ଦିବ୍ୟ ସ୍ୱଭାବ ଓ ଆସୁରୀ ସ୍ୱଭାବ ମଧ୍ୟରେ ପାର୍ଥକ୍ୟ ପ୍ରଦର୍ଶନ ହିଁ ଏହି ଅଧ୍ୟାୟର ମୁଖ୍ୟ ଆଲୋଚ୍ୟ ବିଷୟ । ଆତ୍ମଜ୍ଞାନ ଲାଭ, ଆତ୍ମାନନ୍ଦ ଅସ୍ୱାଦନ ଓ ନିର୍ବିକଳ୍ପ ସମାଧି ରୂପକ ଶ୍ରେଷ୍ଠତମ ସ୍ଥିତି ପ୍ରାପ୍ତ ନିମିତ୍ତ ଏହି ଦୈବୀସମ୍ପଦ ବୋଲାଉଥିବା ଦିବ୍ୟଗୁଣ ଗୁଡିକ ସାଧକର ସହାୟକ ହୋଇଥାନ୍ତି । ପ୍ରତ୍ୟେକ ମନୁଷ୍ୟ ଏହି ଦିବ୍ୟ ଗୁଣଗୁଡିକୁ ସାଥିରେ ଧରି ଜନ୍ମ ନେଇଥାନ୍ତି । କାରଣ ଏହି ଦିବ୍ୟଗୁଣ ଗୁଡିକର ଆଧାର ସ୍ୱୟଂ ପରମାତ୍ମା ସମସ୍ତ ଜୀବ ହୃଦୟରେ ବିରାଜମାନ । କିନ୍ତୁ ତ୍ରିଗୁଣମୟୀ ମାୟାର ସଂସର୍ଗରେ ଆସି ମନୁଷ୍ୟର ମନ ଓ ବୁଦ୍ଧିରେ ମଳ, ବିକ୍ଷେପ ଓ  ଆବରଣ ହେତୁ ସମ୍ପୂର୍ଣ୍ଣ ରୂପେ ବିକଶିତ ହୋଇ ପାରିନଥାଏ । ମନୁଷ୍ୟଠାରେ ସତ୍ତ୍ୱ, ରଜଃ ଓ ତମଃ-ଏହି ତିନୋଟି ଗୁଣ ସମ୍ମିଶ୍ରିତ ହୋଇ କାର୍ଯ୍ୟ କରିଥାନ୍ତି । ତମଃ ଓ ରଜଃ ମନୁଷ୍ୟକୁ ବନ୍ଧନ ଆଡକୁ, ସତ୍ତ୍ୱ ମୁକ୍ତି ମାର୍ଗରେ ପରିଚାଳିତ କରନ୍ତି । ଗୁଣ ଓ କର୍ମ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି । କର୍ମ ଗୁଣାନୁରୂପ ହୁଏ । ସାତ୍ତ୍ୱିକ ମନୁଷ୍ୟ ସତ୍ କାର୍ଯ୍ୟ କରନ୍ତି । ରାଜସିକ ଓ ତାମସିକ ବ୍ୟକ୍ତି ଅସତ୍ କାର୍ଯ୍ୟରେ ଲିପ୍ତ ରୁହନ୍ତି । ଆତ୍ମା ବା ବ୍ରହ୍ମ କର୍ମ ରହିତ । ସେ' କେବଳ ମୂକସାକ୍ଷୀ । ସମସ୍ତ ସାତ୍ତ୍ୱିକ ଗୁଣ-ପ୍ରବୃତ୍ତି ସମୂହକୁ ଦୈବୀ ସମ୍ପତ୍ ବୋଲାଯାଏ । ତ୍ରୟୋଦଶ (କ୍ଷେତ୍ର-କ୍ଷେତ୍ରଜ୍ଞ ଯୋଗରେ) ଭଗବାନ 'ଜ୍ଞାନ'ର ସଜ୍ଞା ସମ୍ବନ୍ଧରେ ଯେଉଁ ବିଂଶଗୁଣକୁ 'ଆଧ୍ୟାତ୍ମିକ ଜୀବନ' ବୋଲି କହିଛନ୍ତି, ତାହାସହିତ ଏହି ଦିବ୍ୟଗୁଣ ଗୁଡିକର ସାମଞ୍ଜସ୍ୟତା ରହିଛି । ଏଥିରୁ ଏହା ପ୍ରତିପାଦିତ ହୁଏ କି, ସାଧକ ତଥା ମୁମୁକ୍ଷୁ  ନିମନ୍ତେ ନୈତିକତା ସହିତ ତା'ର ଆଧ୍ୟାତ୍ମିକ ବିକାଶ ସମାନୁପାତିକ ହୋଇଥାଏ । ଏକମାତ୍ର ଭଗବାନ ହିଁ ଉଦ୍ଦେଶ୍ୟ ହେଲେଯାଇ ସାଧକଠାରେ ଦୈବୀସମ୍ପତ୍ତି ପ୍ରକାଶପାଏ । ପୂର୍ବଜନ୍ମର ସଂସ୍କାର କାରଣରୁ  ମଧ୍ୟ କେତେକ ଦୈବୀଗୁଣର ଏହି ଜନ୍ମରେ ପ୍ରକାଶ ହୋଇଥାଏ । ଏହି ଦୈବୀଗୁଣ ପ୍ରାପ୍ତ ନିମିତ୍ତ ଭଗବାନଙ୍କ କୃପା ପୂର୍ଣ୍ଣମାତ୍ରାରେ ନିହିତ । ଏହି ଧାରଣା ରଖିବା ଦ୍ୱାରା ଦୈବୀସମ୍ପତ୍ତିକୁ କେନ୍ଦ୍ରକରି ସାଧକ-ଠାରେ ଅଭିମାନ ଜାତ ହୁଏନାହିଁ । ଏହା ମୁମୁକ୍ଷୁ ନିମିତ୍ତ ମାର୍ଗ ଦର୍ଶାଇଥାଏ । ପ୍ରଦୀପ୍ତ ଜ୍ୟୋତିଭଳି ମୋହ ଅନ୍ଧକାରକୁ ଦୂରକରି ଉଜ୍ଜଳ ଆଲୋକ ପ୍ରଦାନ କରିଥାଏ । ସେହି ୨୬ ଗୋଟି ଦିବ୍ୟଗୁଣ ଗୁଡିକ ବ୍ୟବହାରିକ ଜୀବନରେ ନିମ୍ନ ବର୍ଣ୍ଣନ ପ୍ରକାରେ  ଉପଯୋଗୀ ହୋଇଥାଏ ।

(୧) **ଅଭୟ**: ଦିବ୍ୟଗୁଣମାନଙ୍କ ମଧ୍ୟରେ 'ନିର୍ଭୀକତା' ହେଉଛି ପ୍ରଥମ ଏବଂ ମୁଖ୍ୟ । ଦୈହିକ ମୃତ୍ୟୁ ଏବଂ ସ୍ତ୍ରୀ, ପୁତ୍ର, ଧନ, ମାନ ଓ ପ୍ରତିଷ୍ଠା ଆଦି ପ୍ରାପ୍ତ ହୋଇଥିବା ଭୋଗ୍ୟ ପଦାର୍ଥର ହରାଇବାର ଆଶଙ୍କା, ପ୍ରତି

ମୁହୂର୍ତ୍ତରେ ବ୍ୟକ୍ତିର ମନରେ ଭୟ ସଂଚାର କରିଥାଏ । ଏତତ୍ ବ୍ୟତୀତ, କର୍ତ୍ତବ୍ୟ କର୍ମର ବିମୁଖତା ଏବଂ ପାପ-ନିଷିଦ୍ଧ କର୍ମରେ ଲିପ୍ତ ହୋଇ ରହିବା ମଧ୍ୟ ଭୟର କାରଣ ହୋଇଥାଏ । "ସଂସାରରେ ଶରୀର ସମେତ ସମସ୍ତ ପ୍ରାପ୍ତବସ୍ତୁ କ୍ଷଣଭଙ୍ଗୁର ଏବଂ ତାହାର ବିୟୋଗ ସୁନିଶ୍ଚିତ ହୋଇଥିଲାବେଳେ, ଆତ୍ମା ହିଁ କେବଳ ନିତ୍ୟ, ଶାଶ୍ୱତ"- ଏହି ଆତ୍ମଜ୍ଞାନ ହୋଇଗଲେ ମନୁଷ୍ୟ ଭୟଶୂନ୍ୟ ହୋଇଯାଏ । ଆତ୍ମଜ୍ଞାନ ପ୍ରାପ୍ତ କରିଥିବା ଯୋଗୀ ଏବଂ ସାଧୁ, ସତ୍ୟବାଦୀ, ସଦାଚାରୀ ଓ ଈଶ୍ୱର ଚିନ୍ତନ କରୁଥିବା ବ୍ୟକ୍ତିଗଣ ସର୍ବଥା ନିର୍ଭୀକ । ବ୍ରହ୍ମାନନ୍ଦ-ଆତ୍ମାନନ୍ଦ ଆସ୍ୱାଦନ କରିଥିବା ମହାନ୍ ପୁରୁଷ ନିମନ୍ତେ ସଂସାରରେ ଏପରି କୌଣସି ବସ୍ତୁ ବା ଘଟଣା ନାହିଁ, ଯାହା ଭୟ ସଞ୍ଚାର କରିପାରେ । ଅଜ୍ଞାନ ଦ୍ୱାରା ଜ୍ଞାନ ଆବୃତ୍ତ ହେଲେ ଭୟ ସଞ୍ଚାର ହୁଏ (୨)**ସତ୍ତ୍ୱ ସଂଶୁଦ୍ଧି** : ମନ ଓ ବୁଦ୍ଧିର ନିର୍ମଳତା ଅର୍ଥାତ୍ କାର୍ଯ୍ୟରେ ଭଣ୍ଡାମି, ମିଥ୍ୟାଚାର, ପ୍ରବଞ୍ଚନା ଆଦି ଅଭାବ ହେଉଛି 'ସତ୍ତ୍ୱସଂଶୁଦ୍ଧି'। ଅନ୍ତଃକରଣରେ ସତ୍ତ୍ୱଗୁଣର ପରିବୃଦ୍ଧି, ସଂଶୟ ଶୂନ୍ୟତା, ଦ୍ୱନ୍ଦ୍ୱ ରହିତ ମନର ଏକାଗ୍ରତା-ଏ ସମସ୍ତ ଭଗବାନଙ୍କୁ ସ୍ମରଣ କରିବାର ଯୋଗ୍ୟତା ହେଉଛି ହୃଦୟ ନିର୍ମଳତା । ସର୍ବୋପରି ଭାବେ ଭଗବତ୍ ବିଶ୍ୱାସ ବିନା ଅନ୍ତଃକରଣର ଶୁଦ୍ଧତା ଆସି ନ ନଥାଏ । (୩) **ଜ୍ଞାନଯୋଗ ବ୍ୟବସ୍ଥିତି** : ଅହଂ ବ୍ରହ୍ମାସ୍ମି'-ଉପନିଷଦର ଏହି ମହାବାକ୍ୟ ଉପରେ ଧ୍ୟାନ କରି ଆତ୍ମସାକ୍ଷାତ୍କାର ଲାଭ କରିବା ହିଁ 'ଜ୍ଞାନ' । ଏହି ଜ୍ଞାନ ପ୍ରାପ୍ତ ନିମିତ୍ତ ଚିତ୍ତବୃତ୍ତି ନିରୋଧର ପ୍ରଚେଷ୍ଟା ହେଉଛି 'ଯୋଗ' । ଅତଏବ, ଶାସ୍ତ୍ର, ଗୁରୁ-ବାକ୍ୟ ଅନୁରୂପ ପରମାତ୍ମାଙ୍କ ସ୍ୱଭାବ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭବତା ହେଉଛି 'ଜ୍ଞାନଯୋଗ-ବ୍ୟବସ୍ଥିତି' (୪) **ଦାନ**: ନିଜର ସ୍ଥିତି ଓ ଶକ୍ତି ଅନୁଯାୟୀ ଅନ୍ୟର ପୀଡା, ଦୁଃଖର ଅଭାବ ପାଇଁ କୌଣସି ଉଦ୍ଦେଶ୍ୟ ନରଖି ଶୁଦ୍ଧମନରେ ସହାୟତା କରିବା ହେଉଛି 'ଦାନ' । ଉପଯୋଗୀ ବସ୍ତୁ ଉପରେ ଥିବା ନିଜର ସତ୍ତ୍ୱକୁ ଅନ୍ୟର ହିତରେ ତ୍ୟାଗ କରିଦେବା ହେଉଛି 'ଦାନ' । ଦୁଃଖୀ, ପୀଡିତଙ୍କ ପ୍ରତି ସହାନୁଭୂତି, ମଧୁର ବଚନ, ଜ୍ଞାନ ବିତରଣ, ସଂସାର କଲ୍ୟାଣ ଲାଗି ସମୟ ଓ ଶ୍ରମ ଦାନ, ଅନ୍ନଦାନ, ଭୂମିଦାନ, ପ୍ରାଣଦାନ ଇତ୍ୟାଦିକୁ କର୍ମଦାନ ବୋଲାଯାଏ । (୫) **ଦମଃ**: ଆତ୍ମ ସଂଯମ, ଆତ୍ମ ନିୟନ୍ତ୍ରଣ ଓ ବାହ୍ୟ ଇନ୍ଦ୍ରିୟମାନଙ୍କର ସଂଯମକୁ 'ଦମ' କୁହାଯାଏ । ବ୍ୟବହାରିକ ଜୀବନରେ ପ୍ରତ୍ୟେକ ବିଷୟରେ ଆତ୍ମ ସଂଯମୀ ସାଧକ ମଧ୍ୟମ ପନ୍ଥା ଅବଲମ୍ବନ କରନ୍ତି । ଶତୃକୁ ଯେପରି ଅସ୍ତ୍ରଦ୍ୱାରା ନିପାତ କରାଯାଏ, ବିଷୟ ଭୋଗାକାଂକ୍ଷୀ ମନୋବୃତ୍ତିକୁ ସେହିପରି ଆତ୍ମସଂଯମ ଦ୍ୱାରା ନିପାତ କରାଯାଏ । ଗୃହସ୍ଥ ମାନଙ୍କ ପକ୍ଷରେ ଇନ୍ଦ୍ରିୟମାନଙ୍କ ଉଚ୍ଛୃଙ୍ଖଳତା ଉପରେ ଅଙ୍କୁଶ ଲଗାଇ ଶୃଙ୍ଖଳିତ ଜୀବନକୁ ଆତ୍ମ ସଂଯମକୁ ବୁଝାଏ । କ୍ଷମାଶୀଳତା, ସତ୍ୟାଚାରୀ, ଧୈର୍ଯ୍ୟ, ଅହିଂସା ଆଦି ଆତ୍ମ-ସଂଯମତାର ଅନ୍ତର୍ଗତ । (୬) **ଯଜ୍ଞ** : ଦେବଯଜ୍ଞ, ଋଷିଯଜ୍ଞ, ଭୂତଯଜ୍ଞ, ନୃଯଜ୍ଞ ଓ ପିତୃଯଜ୍ଞ -ପ୍ରତ୍ୟହ ଏହି ପଞ୍ଚ ଯଜ୍ଞ ଅନୁଷ୍ଠାନକରି ଗୃହର ମୁଖ୍ୟ ଅନ୍ନ ଭକ୍ଷଣ କରିବା ବିଧେୟ । ନିଜ ନିଜ କୁଳଧର୍ମ, ବର୍ଣ୍ଣାଶ୍ରମ, ଯୋଗ୍ୟତା ଓ ପରିସ୍ଥିତି ଅନୁସାରେ କର୍ତ୍ତବ୍ୟ କର୍ମ ନିସ୍ୱାର୍ଥଭାବେ ନିଷ୍ଠାର ସହିତ ସମ୍ପାଦନ କରିବା ହେଉଛି 'ଯଜ୍ଞ' । ବ୍ୟବହାରିକ ଜୀବନରେ ଭଗବତ ଚିନ୍ତନ, ଶାସ୍ତ୍ରବିଧି ପାଳନ, ଗୁରୁଜନଙ୍କପ୍ରତି ଭକ୍ତି ଏବଂ 'ମାନବ ସେବା ମାଧବ ସେବା' ପ୍ରଭୃତି 'ଯଜ୍ଞ' ପଦ ଅନ୍ତର୍ଭୁକ୍ତ ।(୭)**ସ୍ୱାଧ୍ୟାୟ** : ବେଦ ଶାସ୍ତ୍ରାଦିର ପଠନ, ଆଲୋଚନା ତଥା ଭଗବାନଙ୍କର ନାମ ଓ ଗୁଣ କୀର୍ତ୍ତନ ହେଉଛି ସ୍ୱାଧ୍ୟାୟ । "ସ୍ୱାଧ୍ୟାୟ' ଶବ୍ଦର ସଂସ୍କୃତ ଅର୍ଥ ହେଉଛି ସ୍ୱୟଂର ଅଧ୍ୟୟନ ଅର୍ଥାତ୍ ଆତ୍ମ-ନିରୀକ୍ଷଣ । ବେଦ ପ୍ରତିପାଦିତ ସତ୍ୟକୁ ଜାଣି ସେଗୁଡିକୁ ସ୍ୱ-ଅନୁଭବରେ ସ୍ଥାପନ

କରିବା ଏବଂ ଗୁରୁବାକ୍ୟକୁ ବାରମ୍ବାର ସ୍ମରଣ କରିବା ବାସ୍ତବିକ ସ୍ୱାଧ୍ୟାୟ । (୮) **ତପ:** "ସ୍ୱଧର୍ମାଚରଣଂ ତପଃ" ଅର୍ଥାତ୍ ସ୍ୱଧର୍ମ ପାଳନ ତଥା କର୍ତ୍ତବ୍ୟ କର୍ମ କରିବା ଅବସରରେ ଶାରୀରିକ କ୍ଲେଶ ସହନ କରିବା ହେଉଛି 'ତପ' । ମନ୍ଦ ଉଦ୍ଦେଶ୍ୟ ତଥା ଅନ୍ୟର କ୍ଷତି ଉଦ୍ଦେଶ୍ୟରେ ଶକ୍ତିପ୍ରାପ୍ତି ନିମିତ୍ତ ତାମସିକ ତପ ଶାସ୍ତ୍ର ବିରୁଦ୍ଧ ଅଟେ । ମୋକ୍ଷ ପ୍ରାପ୍ତି ବା ଜୀବନମୁକ୍ତ ସ୍ଥିତି ପ୍ରାପ୍ତିର ସାଧନାରେ ଶରୀରରେ ମଧ୍ୟମ ଧରଣର ଶାରୀରିକ କଷ୍ଟ ସହନ କରିନେବା ସାତ୍ତ୍ୱିକ ତପରୂପେ ଶାସ୍ତ୍ର ଅନୁମୋଦିତ ଅଟେ । (୯) **ଆର୍ଜବମ୍** :ସାଧକର କାୟିକ, ବାଚିକ ଓ ମାନସିକ ବ୍ୟବହାରରେ କୌଣସି କୃତିମ ଭାବ ନ ରହିବା ହେଉଛି 'ଆର୍ଜବ' । ସରଳତା ଏବଂ ନିଷ୍କପଟତା ହେଉଛି ଅନ୍ତଃକରଣ ଶୁଦ୍ଧତାର ପରିମାପକ । ନ୍ୟାୟ ପରାୟଣ ସତ୍ୟବାଦୀ ବ୍ୟକ୍ତି ହିଁ ସରଳ ସ୍ପଷ୍ଟବାଦୀ ହେଇଥାନ୍ତି । (୧୦)**ଅହିଂସା:** କାୟ,ମନ ଓ ବାକ୍ୟରେ କୌଣସି ଜୀବପ୍ରତି ଶାରୀରିକ କିମ୍ବା ମାନସିକ ପୀଡା ନ ପହଞ୍ଚାଇବା ହେଉଛି 'ଅହିଂସା' । 'ହିଂସା' ପ୍ରକୃତି ବା ଗୁଣର ଏକ ପ୍ରତ୍ୟକ୍ଷ କାର୍ଯ୍ୟ ନୁହଁ । ଏହା ଏକ 'ଭାବ' ଯାହା ସାଧାରଣତଃ କ୍ରୋଧ, ଲୋଭ ଓ ଇର୍ଷାରୁ ଜାତ ହୋଇଥାଏ । ଭଗବତ୍ ବିଶ୍ୱାସ ଏବଂ ଆତ୍ମା ଚିନ୍ତନ ଦ୍ୱାରା ଏହାକୁ ଦୂର କରାଯାଇପାରେ । (୧୧) **ସତ୍ୟ** : ଯଥାର୍ଥ ଏବଂ ପ୍ରିୟ ଭାଷଣ ହେଉଛି 'ସତ୍ୟ' ଅର୍ଥାତ୍ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେପରି ନିଶ୍ଚୟ ହୋଇଥାଏ, ତାହାକୁ ଶବ୍ଦ ଦ୍ୱାରା ବ୍ୟକ୍ତ ହେଉଛି ସତ୍ୟଭାଷଣ । ଆଧ୍ୟାତ୍ମିକ ବିଷୟରେ ଯାହା ଅବିନାଶୀ ଆଉ ଶାଶ୍ୱତ, ତାହା ସତ୍ୟ । (୧୨)**ଅକ୍ରୋଧ** : କାମନାର ଅପୂର୍ତ୍ତିରେ ତଥା ଅନ୍ୟର ଦୋଷ ଦ୍ୱାରା ନିଜର କ୍ଷତି ପହଞ୍ଚିବାରେ ମନରେ ଯେଉଁ ଜଳନାତ୍ମକ ପ୍ରବୃତ୍ତି ଜାତ ହୁଏ, ତାହା ହେଉଛି 'କ୍ରୋଧ' । ଯେ କୌଣସି ପରିସ୍ଥିତିରେ ଚିତ୍ତବୃତ୍ତିକୁ ଶାନ୍ତ ରଖିବା ହେଉଛି ଅକ୍ରୋଧ । ଆତ୍ମ ସଂଯମତା ଓ କ୍ଷମାଶୀଳତା ଅକ୍ରୋଧର ସହାୟକ ହୋଇଥାଏ । (୧୩) **ତ୍ୟାଗ:** ଅନ୍ତଃକରଣରୁ କାମନା, ବାସନା, ଅହଂକାର, କର୍ମଫଳପ୍ରତି ଆସକ୍ତି ପ୍ରଭୃତିର ବର୍ଜନ ହେଉଛି 'ତ୍ୟାଗ' । ଶ୍ରୀ ରାମାନୁଯାଚାର୍ଯ୍ୟଙ୍କ ମାତାନୁସାରେ "ଆତ୍ମହିତର ପ୍ରତିକୂଳ ଯେଉଁ ବସ୍ତୁ, ତାହାକୁ ଦୂରକରିବା ହେଉଛି ତ୍ୟାଗ" । ଦେହାଭିମାନର ତ୍ୟାଗରେ ଅହଂକାର ନାଶ ହୋଇଥାଏ । କର୍ମରେ କର୍ତ୍ତୃତ୍ୱ ଅଭିମାନର ତ୍ୟାଗ ହେଉଛି ସର୍ବୋଚ୍ଚ ତ୍ୟାଗ । ତ୍ୟାଗ ଅସୀମ ହେବା ବିଧେୟ । ତ୍ୟାଗ ହିଁ ଶାନ୍ତିର ଚାବିକାଠି । (୧୪)**ଶାନ୍ତି** : ମନର ସମତା, ବୁଦ୍ଧିର ସ୍ଥିରତା ଓ ଚିତ୍ତ ଚଞ୍ଚଳତାର ଅଭାବ ଭଳି ଅନ୍ତଃକରଣର ଉପଶମ ହେଉଛି 'ଶାନ୍ତି' । ବିଷୟଭୋଗପ୍ରତି ଇନ୍ଦ୍ରିୟମାନଙ୍କ ସ୍ୱାଭାବିକ ଆକର୍ଷଣ ନିୟନ୍ତ୍ରିତ ହେଲେ, ମନରେ ବିକ୍ଷେପ ଉତ୍ପନ୍ନ ହୁଏନାହିଁ ଏବଂ ମନ ପ୍ରଶାନ୍ତ ରହେ । 'ତ୍ୟାଗାତ୍ ଶାନ୍ତିଃ ଅନନ୍ତରମ୍'(ଗୀତା ୧୨/୧୨)-ଆତ୍ମ-ସଂଯମ ଓ ତ୍ୟାଗ ହେଉଛି ଶାନ୍ତି ପ୍ରାପ୍ତିର ସିଡି । (୧୫) **ଅପୈଶୁନମ୍** : ପର ନିନ୍ଦା, ପର ଚୁଗୁଲି, ଅନ୍ୟର ତ୍ରୁଟି ଖୋଜିବା ପ୍ରଭୃତି ସଂକୀର୍ଣ୍ଣ ମନୋବୃତ୍ତି ହେଉଛି 'ପୈଶୁନମ୍' । ନିଜର ଆଚରଣରେ ଏହି ଦୋଷ ଗୁଡିକର ଅଭାବ ହେଉଛି 'ଅପୈଶୁନମ୍' । ଭଗବତ ପ୍ରାପ୍ତି ଏକମାତ୍ର ଉଦ୍ଦେଶ୍ୟ ଏବଂ ସମୟର ସଦୋପଯୋଗ ହେଲେ ଏହି ଦୁର୍ଗୁଣ ଗୁଡିକ ସ୍ୱତଃ ଚାଲିଯାଏ । (୧୬) **ଦୟା ଭୂତେଷୁ** : ଦୁଃଖ ଓ କଷ୍ଟରେ ପୀଡିତ ଜୀବପ୍ରତି କୃପାଭାବକୁ ଦୟା କୁହାଯାଏ । 'ସକଳ ପ୍ରାଣୀ ସେହି ପରମାତ୍ମାଙ୍କ ଆତ୍ମସ୍ୱରୂପ'- ଏହି ଆତ୍ମଜ୍ଞାନ ହେଲେ, ଫଳତଃ ଜୀବପ୍ରତି ଦୟାଭାବ ଉତ୍ପନ୍ନ ହୁଏ । ଭଗବାନଙ୍କ ଦୟା ଭକ୍ତପ୍ରତି ଅଲୌକିକ ହୋଇଥାଏ । (୧୭) **ଅଲୋଲୁପ୍ତ୍ୱମ୍** : ଦ୍ରବ୍ୟ ସଂଗ୍ରହ ପ୍ରତି ତୀବ୍ର ଆସକ୍ତି, ବିଷୟ-ଭୋଗର ଲାଳସା; -ଏ ସବୁ ହେଉଛି 'ଲୋଲୁପତା' । ବିଷୟ ପ୍ରତି

ନିସ୍ପୃହ ଭାବ ଏବଂ ଲୋଭ ଶୂନ୍ୟତାକୁ 'ଅଲୋଲୁପତା' କୁହାଯାଏ । (୧୮) **ମାର୍ଦ୍ଦବ** : ବିନୟ, ନମ୍ର, କୋମଳ ସ୍ୱଭାବ ହେଉଛି 'ମାର୍ଦ୍ଦବ' । ପ୍ରଶାନ୍ତ ମନ ଓ ଚିତ୍ତ ପ୍ରସନ୍ନ ରହିଥିବା ବ୍ୟକ୍ତି ନିକଟରେ ନିଷ୍ଠୁରତା ନଥାଏ । ମୃଦୁତା ରହିବା ହେତୁ ସଜ୍ଜନ ପୁରୁଷଙ୍କୁ ସ୍ନେହଭାଜନତା ପ୍ରାପ୍ତହୁଏ (୧୯) **ହ୍ରୀ** : ନିଷିଦ୍ଧ ଓ ନିନ୍ଦିତ କର୍ମ କରିବାରେ ଲଜ୍ଜା ବା ସଙ୍କୋଚ ଅନୁଭବ କରିବା ହେଉଛି 'ହ୍ରୀ' । ଯେ' ସମାଜରେ ଲୋକଲଜ୍ଜାକୁ ଡରେ, ସେ ମନ୍ଦ କର୍ମରୁ ନିବୃତ୍ତ ରହେ ଏବଂ ତା'ରି ଆଚରଣ କ୍ରମଶଃ ମାର୍ଜିତ ହେବାକୁ ଲାଗେ । (୨୦) **ଅଚାପଳମ୍** : ପ୍ରୟୋଜନ ନଥାଇ ବିଚାରଶୂନ୍ୟ ଭାବେ ଇନ୍ଦ୍ରିୟମାନଙ୍କ ଚାଳନା ଏବଂ ଅସମ୍ଭବ କାର୍ଯ୍ୟ ପ୍ରତି ମନ ବଳାଇବା -ଏହି ସବୁ ହେଉଛି ଶିଶୁ ସୁଲଭତା । ଏକ ବିଚାରମନ୍ତ ପୁରୁଷ ନିକଟରେ ଶିଶୁ ସୁଲଭତାର ଆଚରଣ ବା ଲକ୍ଷଣ ଦେଖା ନଯିବା ହେଉଛି ଅଚାପଳତା । (୨୧) **ତେଜ** : ତେଜ ହେଉଛି ପ୍ରତିଭାମାନ୍ ପୁରୁଷଙ୍କ ବ୍ୟକ୍ତିତ୍ୱ ଯାହା କି ତା'ଙ୍କୁ ସଂସାର ହିତରେ ବିନିଯୋଗ ନିମନ୍ତେ ପ୍ରଚୁର ଶକ୍ତି ଓ ଉତ୍ସାହ ପ୍ରଦାନ କରେ । ତାଙ୍କରି କ୍ରିୟା ଓ ବାଣୀର ପ୍ରଭାବରେ ଅଜ୍ଞାନୀ ଜନଙ୍କ ଜୀବନ ମାର୍ଗ ପରିବର୍ତ୍ତନ ହୋଇଥାଏ । (୨୨) **କ୍ଷମା** : ଦଣ୍ଡିତ କରିବାର କ୍ଷମତା ଥାଇ ଅନ୍ୟର ଦୋଷକୁ ମାର୍ଜନା କରିଦେବା ହେଉଛି 'କ୍ଷମା' । କ୍ଷମାଶୀଳ ବ୍ୟକ୍ତି ନିନ୍ଦା-ଅପମାନ ଶୁଣିବାରେ ପ୍ରତିକ୍ରିୟା ପ୍ରକାଶ କରିନଥାନ୍ତି । (୨୩) **ଧୈର୍ଯ୍ୟ** : ଯେତେବଡ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେମଧ, ଧୈର୍ଯ୍ୟଶୀଳ ବ୍ୟକ୍ତି କର୍ତ୍ତବ୍ୟ ନିଷ୍ଠା ପ୍ରତି ଧ୍ୟାନ ରଖିଥାଏ ଏବଂ ଅବିଚଳିତ ଚିତ୍ତରେ ଉଚିତ କାର୍ଯ୍ୟ ପନ୍ଥା ଗ୍ରହଣ କରିଥାଏ । ଦୈବୀ ଦୁର୍ଘଟଣାକୁ ଈଶ୍ୱରଙ୍କ ବିଧାନ ମାନି ସହ୍ୟ କରିଥାଏ । ଧୈର୍ଯ୍ୟଶୀଳତା ନିରାଶଭାବକୁ ଦୂରକରି ସାଧକକୁ ଉଭୟ ସାଂସାରିକ ଓ ପରମାର୍ଥିକ କ୍ଷେତ୍ରରେ ସଫଳତା ପ୍ରାପ୍ତ କରାଇଥାଏ । (୨୪) **ଶୌଚମ୍** :'ଶୌଚ' ଶବ୍ଦ ଉଭୟ ବାହ୍ୟ ସ୍ୱଚ୍ଛତା ଏବଂ ରାଗ-ଦ୍ୱେଷ ରହିତ ଅନ୍ତଃକରଣର ଶୁଦ୍ଧତାକୁ ସୂଚିତ କରେ । ବାହ୍ୟ ଓ ଅନ୍ତଃ ପବିତ୍ରତାରେ ପରିବେଶ ଶୁଦ୍ଧ ଓ ଅନୁକୂଳପ୍ରଦ ହୋଇଥାଏ, ମନ ଓ ଚିତ୍ତ ପ୍ରସନ୍ନ ରହେ । (୨୫) **ଅଦ୍ରୋହ** : ଅକାରଣରେ ଅନ୍ୟକୁ ଦୋଷଯୁକ୍ତ କରିବାରୁ ନିବୃତ୍ତ ରହିବା ହେଉଛି 'ଅଦ୍ରୋହ' । ଆତ୍ମବୋଧ ପ୍ରାପ୍ତ ବ୍ୟକ୍ତିର ମନରେ କୌଣସି ବ୍ୟକ୍ତି ପ୍ରତି ଦ୍ରୋହ ଭାବନା ଆସେନାହିଁ । ତାହାର ଏହି ଜ୍ଞାନ ହୋଇଥାଏ କି, ଅନ୍ୟକୁ କଷ୍ଟ ଦେବା ଅର୍ଥ ଆତ୍ମାକୁ କଷ୍ଟଦେବା । (୨୬)**ନାତିମାନିତା**: ନିଜକୁ ସମ୍ମାନୀୟ, ପୂଜ୍ୟ ଆଦି ମନେକରି ଅନ୍ୟମାନଙ୍କ ଠାରୁ ପ୍ରଶଂସା, ଆତିଥ୍ୟତା ପ୍ରଭୃତି ପ୍ରାପ୍ତ ହେବାର ମନୋବୃତ୍ତି ନ ରହିବା ହେଉଛି 'ନାତିମାନିତା' । ନିଜକୁ ନିଜେ ଶ୍ରେଷ୍ଠ ମଣିବା ଏବଂ କିଛି ଶାସ୍ତ୍ର ଅଧ୍ୟୟନ କରି ନିଜକୁ ତତ୍ତ୍ୱଜ୍ଞାନୀ ବୋଲାଇ ନିଜ ନାମକୁ ବିଭିନ୍ନ ଉପାଧିରେ ମଣ୍ଡିତ କରିବା– ଏ ସବୁ ହେଉଛି ଆତ୍ମ ନିର୍ବୋଧତା ବା ସ୍ୱ-ଘୋଷିତ ଅତିମାନିତା । ଆଧ୍ୟାତ୍ମିକ ସାଧନ ମାର୍ଗରେ ଏହା ଏକ ବଡ ପ୍ରତିବନ୍ଧକ । ପରମାତ୍ମା ପ୍ରାପ୍ତି ବା ମୋକ୍ଷ ପ୍ରାପ୍ତି ଜୀବନର ଚରମ ଲକ୍ଷ୍ୟ ଭାବେ ଗ୍ରହଣ କରିନେଇଥିବା ସାଧକ ନିକଟରେ ଉପରୋକ୍ତ ଦୈବୀ ସମ୍ପତ୍ତି ବିଶିଷ୍ଟ ସଗୁଣ ଗୁଡିକ ପରିଲକ୍ଷିତ ହୋଇଥାଏ । ଏହି ଦିବ୍ୟ ଗୁଣ ଗୁଡିକ ସାଧକକୁ ନିତ୍ୟ, ଶାଶ୍ୱତ, ଶାନ୍ତି ଓ ମୋକ୍ଷଲାଭ ମାର୍ଗର ସମସ୍ତ ପ୍ରତିବନ୍ଧକ ଲାଘବ କରିଦିଏ ।

ଦମ୍ଭୋଦର୍ପୋଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବଚ ।
ଅଜ୍ଞାନଂଚାଭିଜାତସ୍ୟ ପାର୍ଥ ସମ୍ପଦମାସୁରୀମ୍ ॥୪॥

*ଅନ୍ୱୟ : ପାର୍ଥ (ହେ ପୃଥା ନନ୍ଦନ !) ଦମ୍ଭଃ (ଦମ୍ଭ-ଖ୍ୟାତି ଅର୍ଜନପାଇଁ ଧର୍ମାନୁଷ୍ଠାନର ଛଳନା) ଦର୍ପଃ (ଧନ, ବିଦ୍ୟା, ସ୍ୱଜନାଦି କାରଣରୁ ଅହଂକାର) ଚ (ଓ) ଅଭିମାନଃ (ଆତ୍ମବଡିମା) କ୍ରୋଧ (କ୍ରୋଧ-ଅତୃପ୍ତି ଜନିତ ରୋଷ) ପାରୁଷ୍ୟମ୍ (କଠୋର ବଚନ -ନିଷ୍ଠୁରତା ) ଅଜ୍ଞାନ ଏବ ଚ ( ଏବଂ ଅବିବେକତା ମଧ୍ୟ) ଆସୁରୀମ୍ ସମ୍ପଦଂ ( ଆସୁରୀ ସମ୍ପଦ) ଅଭିଜାତସ୍ୟ ( ଅଭିମୁଖରେ ଜନ୍ମ ନେଇଥିବା ମନୁଷ୍ୟର ହୋଇଥାଏ ) ।*

**ଭାବାର୍ଥ** : ହେ ପୃଥା ନନ୍ଦନ ! ଆସୁରୀ ସମ୍ପଦ ଭୋଗ ନିମିତ୍ତ ଯେ' ଜନ୍ମ ହୋଇଥାଏ । ତା'ଠାରେ ଖ୍ୟାତି ପାଇଁ ଧର୍ମାନୁଷ୍ଠାନ କରିବାର ଛଳନା, ଧନ ଓ ସ୍ୱ-ଜନାଦି କାରଣରୁ ଦର୍ପ, ଆତ୍ମବଡିମା, କ୍ରୋଧ, ନିଷ୍ଠୁରତା ଓ ଅବିବେକତା - ଏହି ପ୍ରକାର ରାଜସିକ ତଥା ତାମସିକ ସ୍ୱଭାବ ଦେଖାଯାଇଥାଏ । **ଦମ୍ଭ** : ନିଜକୁ ଧର୍ମାତ୍ମା, ଧନବାନ୍, ବିଦ୍ୱାନ୍ ତଥା ଗୁଣବାନ୍ ଇତ୍ୟାଦି ସାବ୍ୟସ୍ତ କରିବା ପାଇଁ ମିଥ୍ୟାର ଆଚରଣ ହେଉଛି 'ଦମ୍ଭ' । ପାଖଣ୍ଡତାର ଅନ୍ୟନାମ ଦମ୍ଭ । **ଦର୍ପ** : ନିଜ ଶରୀର ସୌନ୍ଦର୍ଯ୍ୟତା, ବିଦ୍ୟାବଳ, ଧନବଳ ତଥା ଜନବଳକୁ ଆଧାର କରି ଅଯଥା ମନେ ମନେ ଗର୍ବ ଅନୁଭବ ହେଉଛି 'ଦର୍ପ' । ଯେ' ଦର୍ପୀ, ସେ' ଅନ୍ୟର ସମୃଦ୍ଧକୁ ସହ୍ୟ କରି ପାରେନାହିଁ । 'ତାହାର ସମକକ୍ଷ କେହି ନୁହନ୍ତି'- ଏହି ପ୍ରକାର କାଳ୍ପନିକ ଆତ୍ମସମ୍ମାନ ଓ ମହାନତାର ସ୍ୱପ୍ନରେ ଜୀବନ କଟାଏ । **ଅଭିମାନ** :ମୁଁ ବଳବାନ୍, ମୁଁ ଧନବାନ୍, ମୁଁ ଜ୍ଞାନୀ, ମୁଁ ତ୍ୟାଗୀ , ମୁଁ ପୁତ୍ର-କଳତ୍ର ସହ ସୁଖୀ, ମୁଁ ଦାନୀ, ମୁଁ ଈଶ୍ୱର - ଏହି ସବୁ ସ୍ୱ-ଘୋଷିତ ଉପାଧି ଗୁଡିକ ହେଲା ଦେହାଭିମାନ, ଯାହା କ୍ଷଣଭଙ୍ଗୁର ଏବଂ ଅନିତ୍ୟ । ଏହି ମିଥ୍ୟା ଦେହାଭିମାନ-ଭାବ ଅହଂକାରୀ ବ୍ୟକ୍ତିର ବାଣୀ ଓ ଆଚରଣରେ ପ୍ରକାଶ ପାଇଥାଏ । **କ୍ରୋଧ** : କାମନାର ଅପୂର୍ତ୍ତିରେ ପ୍ରତିଶୋଧ ପରାୟଣ ହୋଇ ଅନ୍ତଃକରଣରେ ଯେଉଁ ଉତ୍ତେଜନା ପୂର୍ବକ ଜ୍ୱଳନ ଜାତହୁଏ, ତାହା ହେଉଛି 'କ୍ରୋଧ' । ଅନ୍ୟର ବିନୋଦ, ଐଶ୍ୱର୍ଯ୍ୟ, ସୌଭାଗ୍ୟ ଦେଖିବା ମାତ୍ରେ ମନରେ ଯେଉଁ କ୍ଷୋଭ ଉତ୍ପନ୍ନ ହୁଏ, ତାହା ମଧ୍ୟ କ୍ରୋଧ ଅନ୍ତର୍ଗତ । କ୍ରୋଧୀ ମନୁଷ୍ୟ ବିବେକ ହରାଇ ନିଜର ଓ ଅନ୍ୟର କ୍ଷତି ଘଟାଇଥାଏ । **ପାରୁଷ୍ୟ** : ଦ୍ୱେଷଭାବ ରଖି ଅନ୍ୟପ୍ରତି ନିଷ୍ଠୁର ଆଚରଣ କରିବା ହେଉଛି 'ପାରୁଷ୍ୟତା' । ତିରସ୍କାର ତଥା କଟୁବଚନ ହେଉଛି ବାଣୀର କଠୋରତା, ବିନୟ ତଥା କୋମଳତାର ଅଭାବ ହେଉଛି ଦୈହିକ କଠୋରତା ଏବଂ ପ୍ରତିହିଂସାଭାବ ହେଉଛି ମନର କଠୋରତା-ଏହା ଆସୁରୀ ସ୍ୱଭାବ ମନୁଷ୍ୟର ଆଚରଣରେ ଦେଖାଯାଏ । **ଅଜ୍ଞାନ**: ବିବେକହୀନ ବ୍ୟକ୍ତି କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ଯଥାର୍ଥ ଭାବେ ବୁଝିପାରି ନଥାଏ । ସତ୍-ଅସତ୍, ଧର୍ମ-ଅଧର୍ମ, କରଣୀୟ -ନିଷିଦ୍ଧ କର୍ମ ପ୍ରଭୃତି ଅଜ୍ଞ ମନୁଷ୍ୟ ବିବେକ ଅଭାବରୁ ସ୍ଥିର କରିନପାରି ଅନ୍ଧଭଳି କାର୍ଯ୍ୟ କରିକରିଥାଏ । ଫଳରେ ଅଜ୍ଞମନୁଷ୍ୟ ବିନାଶ ମାର୍ଗକୁ ଚାଲିଯାଏ । ଉପରୋକ୍ତ ଏହି ଛଅଗୋଟି ଆସୁରୀକ ସ୍ୱଭାବ ମୋକ୍ଷ ମାର୍ଗର ପ୍ରତିବନ୍ଧକ । ଶାସ୍ତ୍ର, ନୀତିବାଣୀ ଏବଂ ସାଧୁ-ସଜ୍ଜନ ପ୍ରତି ଏମାନଙ୍କର ବିଶ୍ୱାସ ନଥାଏ । ଆସୁରୀ ସ୍ୱଭାବ ବ୍ୟକ୍ତିର ମିଥ୍ୟାଚାରଣ, ଅନ୍ୟାୟ ଧନ ସଂଗ୍ରହ ଓ କାମିନି-କାଞ୍ଚନ ସହ ଭୋଗ ବିଳାସ ହିଁ ତା'ରି ଜୀବନର ଲକ୍ଷ୍ୟ ହୋଇଥାଏ । ମାତୃଗର୍ଭରେ ଥିଲାବେଳରେ ହିଁ ଏହି ଅଶୁଭ ସଂସ୍କାରକୁ ଗ୍ରହଣ କରି ସେହିମାନେ ଜନ୍ମ ନେଇଥାନ୍ତି ।

ଦୈବୀ ସମ୍ପଦ୍ ବିମୋକ୍ଷାୟ ନିବନ୍ଧାୟାସୁରୀ ମାତା ।
ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋସି ପାଣ୍ଡବ ॥୫॥

*ଅନ୍ୱୟ : ଦୈବୀ ସମ୍ପଦ୍ ( ସାତ୍ତ୍ୱିକ ଦେବଯୋଗ୍ୟ ସଦ୍ଗୁଣ ) ବିମୋକ୍ଷାୟ ( ମୋକ୍ଷ ପ୍ରାପ୍ତିର କାରଣ) ଆସୁରୀ ( ଆସୁରୀ ସମ୍ପଦ) ନିବନ୍ଧାୟ (ବନ୍ଧନର କାରଣ ରୂପେ) ମତା ( ଉଦ୍ଦିଷ୍ଟ ବୋଲି କୁହାଯାଇଛି) । ପାଣ୍ଡବଃ !( ହେ ଅର୍ଜୁନ ! ) ଦୈବୀ ସମ୍ପଦମ୍(ଦୈବ ସମ୍ପଦ୍ ପ୍ରାପ୍ତି ନିମିତ୍ତ) ଅଭିଜାତଃ ଅସି ( ତୁମେ ଯୋଗ୍ୟ ହୋଇ ଜନ୍ମ ଗ୍ରହଣ କରିଛ ) ମା ଶୁଚଃ (ଶୋକ ତୁମେ କରନାହିଁ ) ।*

**ଭାବାର୍ଥ** : ଦୈବୀ ସମ୍ପଦ ମୋକ୍ଷଲାଭ ପଥରେ ସେତୁ ସ୍ୱରୂପ ହୋଇଥିବା ସ୍ଥଳେ ଆସୁରୀ ସମ୍ପଦ ବନ୍ଧନର କାରଣ ହୁଏ । ଭଗବାନ କହୁଛନ୍ତି କି, ହେ ଅର୍ଜୁନ ! ତୁମ୍ଭେ ଶୋକ କର ନାହିଁ । କାରଣ ତୁମ୍ଭେ ଉଚ୍ଚକୁଳ ସମ୍ପନ୍ନ ଏବଂ ସ୍ୱଧର୍ମ ଦୈବ ସମ୍ପତ୍ତି ନିମିତ୍ତ ଯୋଗ୍ୟହୋଇ ଜନ୍ମ ଗ୍ରହଣ କରିଛ । ଏହି ଶ୍ଳୋକରେ ଭଗବାନ ଉଭୟ ଦଦୈବୀ ଓ ଆସୁରୀ ସମ୍ପଦର ପରିଣାମ କହିଛନ୍ତି । 'ମୁଁ ଭୋଗ ବିଳାସରେ ବଞ୍ଚି ରହେ' ଏହି ଇଚ୍ଛା ଆସୁରୀ ସମ୍ପଦର ପ୍ରଧାନ ଲକ୍ଷଣ । ଦୈବୀ ସମ୍ପତ୍ତିରେ ଆସ୍ତିକ ଭାବ ଓ ଆସୁରୀ ସମ୍ପତ୍ତିରେ ନାସ୍ତିକ ଭାବ ଥାଏ । ମନୁଷ୍ୟ ଦୈବୀ ସମ୍ପଦ ବଳରେ କୈବଲ୍ୟ ସୁଖ ଲାଭକରେ । ପରମାତ୍ମାଙ୍କ ଅଂଶ ହୋଇଥିବାରୁ ପ୍ରତ୍ୟେକ ଜୀବଠାରେ ଦୈବୀ ସମ୍ପତ୍ତି ସ୍ୱତଃ ବିଦ୍ୟମାନ । ମନୁଷ୍ୟ ଯେତେବେଳେ ନିଜ ଅଂଶୀ ପରମାତ୍ମାଙ୍କୁ ବିମୁଖ ହୋଇ ପ୍ରକୃତି ସମ୍ମୁଖ ହୋଇଯାଏ, ଅର୍ଥାତ୍ ବିନାଶଶୀଳ ଶରୀର ସହିତ ତାଦାତ୍ମ୍ୟ କରେ ସେତେ-ବେଳେ ତା'ଠାରେ ଆସୁରୀ ସମ୍ପତ୍ତି ଆସିଯାଏ । ଯେଉଁମାନେ ଭୋଗ-ବାସନାର ବଶୀଭୂତ ହୋଇ ପାପ, ଅନ୍ୟାୟ, ଦୁରାଚାର ଇତ୍ୟାଦି କରନ୍ତି; ଫଳ ସ୍ୱରୂପ ସେମାନଙ୍କୁ ପ୍ରଥମେ ଆସୁରୀ ଯୋନି ପ୍ରାପ୍ତହୁଏ ଏବଂ ତା'ପରେ ଦୁରାଚାର ଅନୁସାରେ ଅଧମଗତି ପ୍ରାପ୍ତ ହୁଏ । "ମୁଁ ଶରୀର ଓ ଶରୀର ମୋର"- ଏହି ଅଜ୍ଞାନ ଜନିତ ସ୍ୱୀକୃତି ଭିତ୍ତିଭୂମି ଉପରେ ସଂସାର ତିଷ୍ଠିରହିଛି । ଜ୍ଞାନ ଦ୍ୱାରା ଏହି ଧାରଣା ହଟିଯିବା କ୍ଷଣି ସଂସାର ସହିତ ସ୍ୱୀକୃତ ସମ୍ବନ୍ଧ ବିନଷ୍ଟ ହୁଏ ଏବଂ ଆସୁରୀ ସମ୍ପତ୍ତିର ସମସ୍ତ ଦୁର୍ଗୁଣ-ଦୁରାଚାର ହ୍ରାସ ହେବାକୁ ଲାଗେ । କ୍ରମଶଃ ମୁକ୍ତିର କାରଣ ରୂପକ ଦୈବୀ ସମ୍ପତ୍ତିର ସମସ୍ତ ସଦ୍ଗୁଣ ପ୍ରକାଶପାଏ । "ପ୍ରତ୍ୟେକ ଜୀବର କଲ୍ୟାଣ ହେଉ"- ଏପରି ଭାବନା ରଖି ନିଜର ତଥା କଥିତ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି, ଧନ, ସମ୍ପତ୍ତି ଇତ୍ୟାଦି ସମସ୍ତ ବସ୍ତୁକୁ ସଂସାର କଲ୍ୟାଣ ନିମନ୍ତେ ଭଗବାନ ନିକଟରେ ଅର୍ପଣ କରିଦେଲେ, ନିଜର ଭଗବାନ ସହିତ ସ୍ୱତଃସିଦ୍ଧ ଏକତ୍ୱ ପ୍ରକଟିତ ହୋଇଯାଏ । ଏହା ହିଁ ଆତ୍ମା-ଜ୍ଞାନ ପ୍ରାପ୍ତି ଯାହା "ଦୈବୀ ସମ୍ପଦ ବିମୋକ୍ଷାୟ" ପଦରେ ଭଗବାନ ସୁଚିତ କରିଛନ୍ତି । ଭାଇ, ବନ୍ଧୁ , ଗୁରୁଜନ ପ୍ରଭୃତିକୁ ବଧ କରିବାର ଲକ୍ଷ୍ୟରେ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ନେଇ ଅର୍ଜୁନଙ୍କ ମନରେ କୌଟୁମ୍ବିକ ମୋହ ଓ ପାପ ଅର୍ଥାତ୍ ଅଧର୍ମର ଭୟ ଏକ ସାଙ୍ଗରେ ଜାଗ୍ରତ ହୋଇଛି । ଏହା ଆସୁରିକ ସ୍ୱଭାବ ଯଥା ନିଷ୍ଠୁରତା ଓ କ୍ରୋଧର ପରିଣାମ ବୋଲି ଭାବି ଅର୍ଜୁନ ନିଜକୁ ସଙ୍କୋଚ ଅନୁଭବ କରିବାର ଦେଖି, ଭଗବାନ ଆଶ୍ୱାସନାର ବାଣୀ ଶୁଣାଇ କହିଛନ୍ତି କି, ହେ ଅର୍ଜୁନ ! ତୁମେ ଚିନ୍ତା କରନାହିଁ । ତୁମକୁ ଦେଖା ନଗଲେ ମଧ୍ୟ କ୍ଷତ୍ରିୟ କୂଳରେ ଜନ୍ମହୋଇ ତୁମ୍ଭେ ଦୈବୀ ସମ୍ପଦ ପ୍ରାପ୍ତ ହୋଇଅଛ । ଧର୍ମଯୁଦ୍ଧରେ ପ୍ରାଣନେବା, ପୀଡା ପହଞ୍ଚାଇବା ପ୍ରଭୃତି ପରିଣାମକୁ କ୍ଷତ୍ରିୟ ପକ୍ଷେ ନିଷ୍ଠୁରତା ବା ହିଂସା ଆଚରଣ ଆଦି ଧର୍ମ ବିରୁଦ୍ଧ ବୋଲି ଗ୍ରହଣ କରାଯାଏ ନାହିଁ । ଅତଏବ, ଏହି ଉପଦେଶକୁ ଶ୍ରବଣ କରି ତୁମେ ନିଜ ଶୋକ ପରିତ୍ୟାଗ କର । ପରୋକ୍ଷାନ୍ତରେ ଭଗବାନ ଏହି ଉପଦେଶ ଦେଉଛନ୍ତି କି, ପରମାର୍ଥିକ ଉନ୍ନତି ସମ୍ବନ୍ଧରେ ସାଧକ କେବି ବି ନିରାଶା ହେବା ଅନୁଚିତ । "ସନମୁଖ ହୋଇ ଜୀୱ ମୋହୀ

ଜବ ହିଁ । ଜନ୍ମ କୋଟି ଅବା ନାସ ହିଁ ତବ ହିଁ " (ମାନସ ୫/୪୪/୦୧ ) ଅର୍ଥ:- ଜୀବ ମୋର ସମ୍ମୁଖ ହେବା ମାତ୍ରେ ତା'ର କୋଟି ଜନ୍ମର ପାପ ନଷ୍ଟ ହୋଇଯାଏ ।

ଦ୍ୱୌଭୂତସର୍ଗୌ ଲୋକେସ୍ମିନ୍ ଦୈବ ଆସୁର ଏବ ଚ ।
ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ ॥୬॥

*ଅନ୍ୱୟ : ପାର୍ଥ ! ( ହେ ଅର୍ଜୁନ !) ଅସ୍ମିନ୍ ଲୋକେ ( ଏହି ସଂସାରରେ) ଦ୍ୱୌ ଏବ ( କେବଳ ଦୁଇ ପ୍ରକାର) ଭୂତସର୍ଗୌ (ପ୍ରାଣୀ ସୃଷ୍ଟି ହୁଅନ୍ତି) ଦୈବଃ (ଗୋଟିଏ ଦୈବୀ ପ୍ରକୃତିର) ଆସୁରଃ (ଅନ୍ୟଟି ଆସୁରୀ ପ୍ରକୃତିର) ଦୈବଃ (ସେଥିମଧ୍ୟରୁ ଦୈବୀ ପ୍ରକୃତି ମନୁଷ୍ୟ ବିଷୟରେ) ବିସ୍ତରଶଃ (ବିସ୍ତୃତ ଭାବରେ) ପ୍ରୋକ୍ତ (ଆଗରୁ କୁହାଯାଇଛି ) ଆସୁରଃ (ଆସୁରୀ ପ୍ରକୃତି ମନୁଷ୍ୟଙ୍କ ସମ୍ବନ୍ଧରେ ) ମେ (ବର୍ତ୍ତମାନ ମୋଠାରୁ ) ଶୃଣୁ (ଶୁଣ) ।*

**ଭାବାର୍ଥ**: ହେ ପାର୍ଥ ! ଏହି ସଂସାରରେ ଦୁଇ ପ୍ରକାର ପ୍ରାଣୀ ସୃଷ୍ଟି ହୁଅନ୍ତି । ଦୈବୀ ଏବଂ ଆସୁରୀ । ସେହି ଦୈବୀ ଅର୍ଥାତ୍ ଦେବ ସ୍ୱଭାବ ସମ୍ପନ୍ନ ଜୀବ ବିଷୟ ଆଗରୁ ବିସ୍ତୃତ ଭାବରେ କହିଛି । ବର୍ତ୍ତମାନ ଆସୁରୀ ପ୍ରକୃତିର ପ୍ରାଣୀ ସୃଷ୍ଟି ସମ୍ବନ୍ଧରେ ମୋ'ଠାରୁ ଶୁଣିନିଅ । ବୃହଦାରଣ୍ୟକ ଉପନିଷଦର ବାକ୍ୟ ହେଲା; **"ଦ୍ୱୟା ହ ବୈ ପ୍ରାଜାପତ୍ୟ ଦେବାଶ୍ଚ ଅସୁରାଶ୍ଚ"** ଇତି; ଅର୍ଥାତ୍- ପ୍ରଜାପତି ବ୍ରହ୍ମାଙ୍କର ଦୁଇ ପ୍ରକାର ସନ୍ତାନ । ଦେବ ଓ ଅସୁର । ଜଗତର ପ୍ରତ୍ୟେକ ମନୁଷ୍ୟ ଏହି ଦୁଇଟି ଶ୍ରେଣୀ ମଧ୍ୟରୁ କୋଣସି ଗୋଟିଏ ନା ଗୋଟିଏ ଶ୍ରେଣୀଭୁକ୍ତ । ଭଗବାନଙ୍କ ଭଜନ କରୁଥିବା ଦୈବ ଓ ଭଗବାନଙ୍କ ବିମୁଖ ହୋଇଥିବା ଅସୁର -ଏହି ଦୁଇ ପ୍ରକାର ସୃଷ୍ଟ ଜୀବ ନିଜ ନିଜର ସ୍ୱଭାବ ବା ଗୁଣ ଅନୁଯାୟୀ କାର୍ଯ୍ୟ କରିଥାନ୍ତି । ପରମାତ୍ମାଙ୍କ ଅନ୍ୟନାମ 'ଦେବ' । ପରମାତ୍ମାଙ୍କ ପ୍ରାପ୍ତ ନିମନ୍ତେ ଯେତେ ସଦ୍ଗୁଣ- ସଦାଚାର ଆଦି ସାଧନ ରହିଛି, ସବୁ କିଛି ଦୈବୀ ସମ୍ପଦ । ଏହାର ବିପରୀତ ଭକ୍ତ-ଭଗବତ୍ ବିଦ୍ୱେଷୀଙ୍କୁ ଅସୁର କୁହାଯାଇଛି । ଏହି ଦୈବ ଏବଂ ଅସୁର ଦୁଇ ଶ୍ରେଣୀ ବାସ୍ତବରେ ସତ୍ତ୍ୱର ପ୍ରଧାନତା ତଥା ରଜଃ ଏବଂ ତମଃର ପ୍ରଧାନତା ରହିଥିବା ସଂସ୍କାରକୁ ନେଇ ଜନ୍ମ ହୋଇଥାଆନ୍ତି । ଦୈବ ତାହା ହୋଇଥାଏ ଯେଉଁଥିରେ ପ୍ରକାଶ ଥାଏ । "ଇନ୍ଦ୍ରିୟେଷୁ ରମତେ ଇତି ଅସୁର" – ଆସୁରୀ ସ୍ୱଭାବର ମନୁଷ୍ୟ ଧର୍ମ; ଶାସ୍ତ୍ର ଆଦି ଉପେକ୍ଷା କରି ଇନ୍ଦ୍ରିୟ ଭୋଗବିଳାସରେ ଜୀବନ କାଟିଥାନ୍ତି । ଯେଉଁମାନେ ଦୈବୀ ସମ୍ପଦ ବା ଦିବ୍ୟଗୁଣ ନେଇ ଜନ୍ମ ହୋଇଥାନ୍ତି, ସେହିମାନେ ଧର୍ମ, ଶାସ୍ତ୍ରାନୁମୋଦିତ ପନ୍ଥା ଅନୁସରଣକରି ଏକ ସଂଯତ ଜୀବନ ଯାପନ କରନ୍ତି । ସବୁ ପ୍ରାଣୀଙ୍କଠାରେ ସ୍ୱାଭାବିକ ଭାବେ କିଛି ଦୈବ ସ୍ୱଭାବ ଓ କିଛି ଆସୁର ସ୍ୱଭାବ ରହିଥାଏ । **"ସୁମତି କୁମତି ସବ କେଁ ଉର ରହ ହୀଁ । ନାଥ ପୁରାଣ ନିଗମ ଅସ କହ ହୀଁ ॥ (ମାନସ-୫-୪୦-୩):** ଅର୍ଥ- ହେନାଥ ! ବେଦ ଓ ପୁରାଣ କହିଛନ୍ତି କି, ସୁବୁଦ୍ଧି ଓ କୁବୁଦ୍ଧି ସମସ୍ତଙ୍କ ହୃଦୟରେ ରହିଥାଏ । ପରମାତ୍ମା ପ୍ରାପ୍ତି ଜୀବନର ଉଦ୍ଦେଶ୍ୟ ହୋଇଗଲେ ସଦ୍ଭାବନାର ପ୍ରାଧାନ୍ୟ ରହେ ଓ ଦୁର୍ଭାବନା ନାଶ ହେବାକୁ ଲାଗେ । ସାଂସାରିକ ଭୋଗ ଉଦ୍ଦେଶ୍ୟ ହୋଇଗଲେ, ଦୁର୍ଭାବନାର ପ୍ରାଧାନ୍ୟ ବଢିଯାଏ ଏବଂ ସଦ୍ଭାବ କ୍ରମଶ ଲୁପ୍ତ ହେବାକୁ ଲାଗେ ।

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।
ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ॥୭॥

*ଅନ୍ୱୟ : ଆସୁରାଃ (ଅସୁର ସ୍ୱାଭାବ ବିଶିଷ୍ଟ) ଜନାଃ (ମନୁଷ୍ୟ) ପ୍ରବୃତ୍ତିମ୍ ଚ (ଧର୍ମ-କର୍ତ୍ତବ୍ୟ କର୍ମରେଃ ପ୍ରବୃତ୍ତି ) ନିବୃତ୍ତିମ୍ ଚ ( ଅଧର୍ମ ତଥା ଅକାର୍ଯ୍ୟରୁ ନିବୃତ୍ତି ହେବାର ମଧ୍ୟ) ନ ବିଦୁଃ (ସମନ୍ଧରେ ଜ୍ଞାନ ନଥାଏ ) ତେଷୁ (ତେଣୁ ସେମାନଙ୍କଠାରେ) ନ ଶୌଚଂ ( ଅନ୍ତଃ ଓ ବାହ୍ୟ ଶୁଦ୍ଧି ନ ଥାଏ ) ନ ଆଚାରଃ (ଶ୍ରେଷ୍ଠ ଆଚରଣ ନଥାଏ ) ଚ ( ତଥା) ସତ୍ୟମ୍ (ସତ୍ୟ ପାଳନ ବା ସତ୍ୟ ଭାଷଣ ମଧ୍ୟ ) ନ ବିଦ୍ୟତେ (ନଥାଏ )*

**ଭାବାର୍ଥ** *:* ହେ ଅର୍ଜୁନ ! ଅସୁର ସ୍ୱଭାବ ବିଶିଷ୍ଟ ମନୁଷ୍ୟ ନିୟତ ତଥା ଧର୍ମାନୁକୁଳ କର୍ତ୍ତବ୍ୟ କର୍ମରେ ପ୍ରବୃତ୍ତ ହେବାର ଏବଂ ଶାସ୍ତ୍ର ଓ ଧର୍ମ ବିରୁଦ୍ଧ କର୍ମରୁ ନିବୃତ୍ତ ହେବାର ଯଥାର୍ଥ ଭାବେ ଜାଣିପାରି ନଥାନ୍ତି । ଏଥି କାରଣରୁ ସେହି ଆସୁରୀ ପ୍ରକୃତି ମନୁଷ୍ୟମାନଙ୍କଠାରେ ବାହ୍ୟ ଓ ଅନ୍ତଃକରଣ ପବିତ୍ରତା ନଥାଏ । ସେହିମାନେ କେବେ ବି ସତ୍ୟଭାଷଣ କରିନଥାନ୍ତି । ତାଙ୍କରି ଦ୍ୱାରା ସର୍ବତ୍ର ମିଥ୍ୟା ଆଚରଣ ହୋଇଥାଏ । ଶ୍ରୀ ଶଙ୍କାରାଚାର୍ଯ୍ୟ ଗୀତାଭାଷ୍ୟରେ କହିଛନ୍ତି କି, "ଅସୁର ପ୍ରକୃତି ସମ୍ପନ୍ନ ମନୁଷ୍ୟଗଣ ଶୌଚହୀନ, ଆଚରଣହୀନ, ମାୟାବୀ ଏବଂ ମିଥ୍ୟାବାଦୀ ହୋଇଥାନ୍ତି । ଦେହ ଓ ଆତ୍ମର ପ୍ରଭେଦ ସମ୍ବନ୍ଧରେ ସେହିମାନେ ସମ୍ପୂର୍ଣ୍ଣ ଅଜ୍ଞ ।" ଦେହାଭିମାନ ହେତୁ କେବଳ ଇନ୍ଦ୍ରିୟ ସୁଖ ପାଇଁ ହିଁ କର୍ମ କରନ୍ତି । ମିଥ୍ୟା ଓ ପ୍ରବଞ୍ଚନା ହିଁ ତାଙ୍କରି ମୁଖ୍ୟ ଆଶ୍ରୟ ହୋଇଥାଏ । ବିବେକଶୀଳ ବୁଦ୍ଧି ଅଭାବ କାରଣରୁ ଧର୍ମ-ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ପାପ-ପୁଣ୍ୟ, ସଦାଚାର-ଦୁରାଚାର ପ୍ରଭୃତିର ବିଚାର ପୂର୍ବକ ନିର୍ଣ୍ଣୟ କରି କର୍ମରେ ନିଯୁକ୍ତ ଓ ବିଯୁକ୍ତ ହେବାର ଦକ୍ଷତା ନଥାଏ । ଫଳତଃ ଅନ୍ତଃକରଣରେ କୌଣସି ବୈଧ ବା ଉଚିତ କର୍ମ ନିମିତ୍ତ ସଂକଳ୍ପ କିମ୍ବା ପବିତ୍ର ଭାବ ଜାତ ହୁଏ ନାହିଁ । ସମାଜ ନିମିତ୍ତ ମଙ୍ଗଳଦାୟକ ନୀତି ଓ ନିୟମକୁ ଏହି ବ୍ୟକ୍ତିଗଣ ମାନନ୍ତି ନାହିଁ, ଫଳରେ ଏମାନଙ୍କର ପ୍ରଭାବରେ ସାମାଜିକ ସ୍ଥିତି ଶୋଚନିୟ ହୁଏ । ସ୍ୱାମୀ ବିଦ୍ୟାନନ୍ଦଗିରି, ଅଷ୍ଟାଦଶ ପ୍ରବଚନ ବ୍ୟାଖ୍ୟାରେ କହିଛନ୍ତି କି, "ଆସୁରୀ ସମ୍ପନ୍ନ ମନୁଷ୍ୟ ସଂସାର ଦୁଃଖ ଯନ୍ତ୍ରଣାରୁ ମୁକ୍ତି ନିମିତ୍ତ ପ୍ରବୃତ୍ତି ମାର୍ଗ କିମ୍ବା ନିବୃତ୍ତି ମାର୍ଗ ସାଧନ ବିଷୟରେ ଅଜ୍ଞ ଥାଆନ୍ତି । ଗୃହସ୍ଥ ଆଶ୍ରମ ହେଉଛି ପ୍ରବୃତ୍ତି ମାର୍ଗ ଏବଂ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଏବଂ ସନ୍ନ୍ୟାସ ଜୀବନ ନିବୃତ୍ତ ମାର୍ଗ ଅଟେ "। କେତେକ ବ୍ୟାଖ୍ୟାକାରଙ୍କ ମତାନୁସାରେ ପ୍ରବୃତ୍ତି ଓ ନିବୃତ୍ତି ଏହି ଦୁଇଗୋଟି ଶବ୍ଦ 'ପ୍ରଭବ' ଓ 'ପ୍ରଳୟ' ଅର୍ଥାତ୍ ସୃଷ୍ଟି ଓ ବିନାଶକୁ ସୂଚିତ କରେ, ଯାହା ସମ୍ବନ୍ଧରେ ଅସୁରୀ ସମ୍ପନ୍ନ ବ୍ୟକ୍ତି ସମ୍ପୂର୍ଣ୍ଣ ଅଜ୍ଞ ଥାଏ । ସମ୍ପୂର୍ଣ୍ଣ ଭଗବତ୍ ଗୀତାରେ ପାପୀ, ଦୁରାଚାରୀ ମନୁଷ୍ୟଙ୍କ ପ୍ରତି ପ୍ରତିଶୋଧ ଅଥବା ଦ୍ୱେଷ ଭାବ ପ୍ରକଟିତ କରୁଥିବା ବାକ୍ୟ ଭଗବାନ କହି ନାହାନ୍ତି । ବରଂ ସେମାନଙ୍କୁ ଅଜ୍ଞାନରୁ ମୁକ୍ତିର ସମ୍ଭାବନା ମାର୍ଗ ଦର୍ଶାଇ ଆଶ୍ୱାସନା ଦେଇଛନ୍ତି ।ଏଥିରୁ ଏହା ସ୍ପଷ୍ଟ କି, ଆସୁରୀ ସ୍ୱଭାବ ମନୁଷ୍ୟଙ୍କ ନିମନ୍ତେ ଭଗବାନଙ୍କ ହୃଦୟରେ କରୁଣା ଓ ସହୃଦୟତାର କୌଣସି ଭେଦଭାବ ନାହିଁ । ଆସୁରିକ ବ୍ୟକ୍ତି ଜାଣିଶୁଣି ଅସତ୍ୟକୁ ଅନୁସରଣ କରେ । ବାସ୍ତବିକତା ଏହା କି, ସେ ତା'ର ସ୍ୱଭାବ ଦ୍ୱାରା ବିବଶ ହୋଇ ନିଷ୍କପଟ ବ୍ୟବହାର କରିବାରେ ନିଜକୁ ଅସମର୍ଥ ମନେକରେ । ବସ୍ତୁତଃ ଆସୁରୀ ସ୍ୱଭାବ ବ୍ୟକ୍ତିକୁ ମଧ୍ୟ ଭଲ-ମନ୍ଦର ଜ୍ଞାନ ହୋଇଥାଏ । ଏହା ଅନେକ ପ୍ରାଚୀନ ଉଦାହରଣରୁ ସିଦ୍ଧ ହୁଏ । ଲଙ୍କେଶ ରାବଣ ଅତ୍ୟନ୍ତ ଦୁରାଚାରୀ ଥିଲେ ମଧ୍ୟ ସ୍ୱୟଂ ଜଣେ ମହା ବିଦ୍ୱାନ୍ ଏବଂ ଶିବ ଭକ୍ତ ଥିଲା । ଏକଦା ଦୁର୍ଯ୍ୟୋଧନ ମଧ୍ୟ ମହାଭାରତରେ କହିବାର ଉଲ୍ଲେଖ ରହିଛି; **"ଜାନାମି ଧର୍ମ ନ ଚ ମେ ପ୍ରବୃତ୍ତିଃ ଜାନାମି ଅଧର୍ମଂ ନ ଚ ମେ ନିବୃତ୍ତିଃ । କେନାପି ଦେବେନ ହୃଦି ସ୍ଥିତେନ ଯଥା ନିଯୁକ୍ତୋସ୍ମି ତଥା କରୋମି"**-ଅର୍ଥାତ୍ ମୁଁ

ଧର୍ମର ସ୍ୱରୂପକୁ ଜାଣୁଛି, ପରନ୍ତୁ ଧର୍ମରେ ମୋର ପ୍ରବୃତ୍ତ ହୋଇପାରୁ ନାହିଁ । ଅଧର୍ମକୁ ଜାଣିଲେ ମଧ୍ୟ ମୋର ସେଥିରୁ ନିବୃତ୍ତି ହେଉନାହିଁ । ହୃଦୟସ୍ଥିତ କେଉଁ ଦେବତାଙ୍କ ଦ୍ୱାରା ଯେପରି ପ୍ରେରଣା ପାଉଛି, ସେହିପରି କରୁଛି । ଯେଉଁ ହୃଦୟସ୍ଥିତ ଦେବତା କଥା ଦୁର୍ଯ୍ୟୋଧନ କହୁଛି, ତା'ହା ଅସୁର ସ୍ୱଭାବ ଅଟେ ।

ଅସତ୍ୟମପ୍ରତିଷ୍ଠଂ ତେ  ଜଗଦାହୁରନୀଶ୍ୱରମ୍ ।
ଅପରସ୍ପରସମ୍ଭୂତଂ କିମନ୍ୟତ୍ କାମହୈତୁକମ୍ ॥୮॥

*ଅନ୍ୱୟ: ତେ (ସେମାନେ ଅର୍ଥାତ୍ ଆସୁରୀ ପ୍ରବୃତ୍ତିର ମନୁଷ୍ୟମାନେ) ଜଗତ୍ (ଏହି ଜଗତ) ଅସତ୍ୟମ୍ (ସର୍ବଥା ଅସତ୍ୟ ଅର୍ଥାତ୍ ବାସ୍ତବତା ବିହୀନ-ନିତ୍ୟ ସତ୍ତା ହୀନ ) ଅପ୍ରତିଷ୍ଠମ୍ (ଆଶ୍ରୟ ରହିତ – ଧର୍ମ-ଅଧର୍ମ ବ୍ୟବସ୍ଥା ଶୂନ୍ୟ) ଅନୀଶ୍ୱରମ୍ (ଈଶ୍ୱର ଶୂନ୍ୟ, ସ୍ରଷ୍ଟା-କର୍ମଫଳଦାତା ରହିତ) ଅପରଃ-ପର-ସମ୍ଭୂତଂ (ସ୍ତ୍ରୀ-ପୁରୁଷ ସଂଯୋଗ ଜାତ ଅଥବା ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କ୍ରମଶୂନ୍ୟ) କାମ ହୈତୁକମ୍ ( ତେଣୁ କାମ ହିଁ ଏହାର କାରଣ ) ଅନ୍ୟତ୍ ( ଅନ୍ୟ କାରଣ) କିମ୍ (କ'ଣ ବା  ହୋଇପାରେ !) ।*

**ଭାବାର୍ଥ** : ଅସୁର ଭାବ ସମ୍ପନ୍ନ ତଥା ମାୟାବାଦୀଙ୍କ ବିଚାରରେ ଜଗତ ଅସତ୍ୟ, ଅପ୍ରତିଷ୍ଠିତ ଅର୍ଥାତ୍ ଆଶ୍ରୟ ରହିତ ଏବଂ ଅନୀଶ୍ୱରୀୟ । ଜଗତ ବନ୍ଧ୍ୟା-ପୁତ୍ର ସାଦୃଶ୍ୟ ଅସତ୍ୟ, ଆକାଶ-କୁସୁମ ସାଦୃଶ୍ୟ  ନିରାଶ୍ରୟ ଏବଂ ଅନୀଶ୍ୱର ଅର୍ଥାତ୍  ଯାହାର ସୃଷ୍ଟି-ସ୍ଥିତି-ପ୍ରଳୟ ଆଦିର ଈଶ୍ୱର ନାମରେ କେହି କାରଣ ନାହିଁ । ସ୍ୱଭାବବାଦୀ ବୌଦ୍ଧଙ୍କମତରେ ଜଗତ ସ୍ୱଭାବରୁ ହିଁ ଉତ୍ପନ୍ନ । ଚାର୍ବାକ୍ ତଥା ଅନ୍ୟାନ୍ୟ ବସ୍ତୁବାଦୀଙ୍କ ଏହି ମତ କି, ଜଗତ ଅବାସ୍ତବ ଏବଂ ସତ୍ୟ ଘୋଷଣା କରୁଥିବା ଶାସ୍ତ୍ରମାନ ମଧ୍ୟ ଅବାସ୍ତବ । ବିଶ୍ୱର ଆଧାର ଭାବେ 'ବ୍ରହ୍ମ' ବୋଲି କିଛି ନାହିଁ । ସେମାନେ ଜଗତରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ମଧ୍ୟ ସ୍ୱୀକାର କରନ୍ତି ନାହିଁ । ସେହିମାନଙ୍କ ମତରେ ଯୌନ ଲାଳସା ହିଁ ଜୀବ ସୃଷ୍ଟିର ଏକମାତ୍ର କାରଣ । କର୍ମବାଦ ବୋଲି କିଛି ନାହିଁ । ସ୍ତ୍ରୀ ଓ ପୁରୁଷ କାମାବିଷ୍ଟ ହୋଇ ପରସ୍ପର ସହିତ ମିଳିତ ହେବା ଫଳରେ ଏ ଜଗତ ସୃଷ୍ଟି ହୋଇଅଛି । ଏଠାରେ ଧର୍ମ-ଅଧର୍ମ ବୋଲି କିଛି ନାହିଁ । ଏହି ଆସୁରୀ ସ୍ୱଭାବ ଲୋକଙ୍କ ସିଦ୍ଧାନ୍ତ ହେଲା କି, କୌଣସି କ୍ରମାଗତ କାର୍ଯ୍ୟ ଓ କାରଣ ପ୍ରକ୍ରିୟାରୁ ଜଗତ ଉତ୍ପନ୍ନ ହୋଇନାହିଁ-  ଅର୍ଥାତ୍ ସର୍ବଶେଷ କାରଣ ରୂପେ ଈଶ୍ୱର ନାମରେ କୌଣସି ସତ୍ତାର ପ୍ରୟୋଜନୀୟତା ଅଥବା ଅସ୍ତିତ୍ୱ ନାହିଁ । ବେଦାଦି ପ୍ରାମାଣିକ ଶାସ୍ତ୍ରକୁ ଅସ୍ୱୀକାର କରି  ନିଜ ନିଜ କପୋଳ କଳ୍ପିତ ଯୁକ୍ତିର ଆଧାର ଉପରେ ଜଗର ସୃଷ୍ଟି ସମ୍ବନ୍ଧରେ ବୃଥା ଚେଷ୍ଟା କରିଥାଆନ୍ତି । ପୁରାଣ ଆଦି ଶାସ୍ତ୍ର ଅନୁସାରେ ପାତାଳ ସ୍ଥିତ ଶେଷନାଗ ପୃଥିବୀର ଆଧାର । କିନ୍ତୁ ଆସୂରୀ ସ୍ୱଭାବ ସମ୍ପନ୍ନ ଲୋକଙ୍କ ମତରେ ସଂସାର ନିରାଧାର । ସେମାନେ ପ୍ରତ୍ୟକ୍ଷବାଦୀ ହୋଇଥାନ୍ତି । ଯାହା ସ୍ୱ-ଚକ୍ଷୁରେ ଦେଖୁ ନଥାନ୍ତି, ତାହାକୁ ସ୍ୱୀକାର କରନ୍ତି ନାହିଁ । ସେମାନେ ଈଶ୍ୱର ବୋଲି କୌଣସି ବସ୍ତୁ ବା ଜୀବକୁ ପ୍ରତ୍ୟକ୍ଷଭାବେ ଦେଖୁ ନଥିବା କାରଣରୁ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ । ତେଣୁ ତାଙ୍କରି ମତରେ ବ୍ରହ୍ମା ଆଦୀୟ ତତ୍ତ୍ୱର ଅନ୍ୱେଷଣ କରିବା ବୃଥା ପ୍ରୟାସ ବୋଲି କୁହନ୍ତି । ଯେହେତୁ ପ୍ରତ୍ୟକ୍ଷଭାବେ ସ୍ତ୍ରୀ ଓ  ପୁରୁଷର ସଂଯୋଗରୁ ଜଗତ ବିସ୍ତାରିତ ହୁଏ, ତେଣୁ  କାମ ବାସନା ହିଁ ଜଗତ ମୂଳ ବୋଲି ଗ୍ରହଣ କରି ନିଅନ୍ତି । ଆଜି କାଲି ସମାଜରେ 'ହେତୁବାଦୀ' ନାମରେ ଏହି ଆସୁରୀ ସ୍ୱଭାବର ଏକ ଗୋଷ୍ଠି ମୁଣ୍ଡ ଟେକି ଆମରି ସନାତନ ଧର୍ମ ସମସ୍ତ ନୀତି ନିୟମକୁ କଦାର୍ଥ କରି ଏହାକୁ ବିଜ୍ଞାନ ଆଧାରିତ ନୁହେଁ ବୋଲି ପ୍ରଚାର ଚଳାଇବାର ଦେଖିବାକୁ ମିଳେ । ସେମାନେ ମତ ପୋଷଣ କରନ୍ତି କି, ବିଶ୍ୱର ସୃଷ୍ଟି,  ସ୍ଥିତି ଓ ପ୍ରଳୟ ପାଇଁ କୌଣସି ନିତ୍ୟ, ଅବିକାରୀ ଅଧିଷ୍ଠାନ

ତତ୍ତ୍ୱର ଆବଶ୍ୟକତା ନାହିଁ । କିନ୍ତୁ ବୈଜ୍ଞାନିକ ମାନେ ବର୍ତ୍ତମାନ ସ୍ୱୀକାର କରିବାକୁ ଲାଗିଲେଣି କି, ନିତ୍ୟ ଅପରିବର୍ତ୍ତନଶୀଳ ଅଧିଷ୍ଠାନ ବିନା ଜଗତରେ ପରିବର୍ତ୍ତନ ହୋଇ ପାରିବ ନାହିଁ କି, ତାହା ମଧ୍ୟ ଜ୍ଞାତ ହୋଇପାରିବ ନାହିଁ । ପରିବର୍ତ୍ତନ ପ୍ରକ୍ରିୟା ପ୍ରକୃତିର ଏକ ସୂକ୍ଷ୍ମ ସାପେକ୍ଷ ପରିଣାମି ଅଟେ । ଯେପରି ଏକ ସ୍ଥିର ଓ ଗତି ଶୂନ୍ୟ ପରଦା ବିନା ଚଳଚିତ୍ର ପ୍ରକ୍ଷେପଣ କରାଯାଇ ପାରିବ ନାହିଁ, ସେହିପରି ଅଧିଷ୍ଠାନ ବିନା ଆଭାସ ବା ପ୍ରତୀତି ହୋଇ ନପାରେ । ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଏହି ନିତ୍ୟ ଆଶ୍ରୟ ହେଉଛି 'ସତ୍ୟ' ବା 'ଈଶ୍ୱର' । ଉପନିଷଦର ଆଧାର ଉପରେ ଜଗତର ଉତ୍ପତ୍ତିକୁ ଏକ କ୍ରମ ମାନି ନିଆଯାଇଛି । ତୈତ୍ତିରୀୟ ଉପନିଷଦ (୨-୧) ଅନୁସାରେ ଆତ୍ମାରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ , ଜଳରୁ ପୃଥିବୀ, ପୃଥିବୀରୁ ଔଷଧୀୟ ଏବଂ ସେଥିରୁ ଅନ୍ନ, ଅନ୍ନରୁ ପ୍ରାଣୀଙ୍କ ଉତ୍ପତ୍ତି । ଏହିପରି ଏକ ନିର୍ଦ୍ଦିଷ୍ଟ କ୍ରମରେ ଜଗତର ଉତ୍ପତ୍ତିକୁ ପରିପୁଷ୍ଟ କରାଯାଇଛି । କେତେକ ବ୍ୟାଖ୍ୟାକାର ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ "ବ୍ରହ୍ମ ସତ୍ୟ-ଜଗତ ମିଥ୍ୟା" ଉକ୍ତିକୁ ମାୟାବାଦୀ କହି ସମାଲୋଚନା କରିଥିବାର ଦେଖିବାକୁ ମିଳେ । ବସ୍ତୁତଃ ଶ୍ରୀ ଶଙ୍କାରାଚାର୍ଯ୍ୟ ଜଗତକୁ ବନ୍ଧ୍ୟା-ପୁତ୍ର ଅଥବା ଆକାଶ-କୁସୁମ ଭଳି ଅସତ୍ୟ ମାନିନେଇ ନାହାନ୍ତି । ସେ ଜଗତକୁ ସତ୍ ଓ ଅସତ୍ ରୁ ବିଲକ୍ଷଣ ଅନିର୍ବଚନୀୟ ବୋଲି କହିଛନ୍ତି । ସଂସାର ପ୍ରବାହମାନ ରୂପରେ ଯଦିଓ ସତ୍ୟ, କିନ୍ତୁ ଯେଉଁ ସବୁ ନାମ ଓ ରୂପରେ ସଂସାର ଦୃଶ୍ୟମାନ ହୁଏ, ସେହି ସମସ୍ତ ନିତ୍ୟ ବା ଚିରନ୍ତନ ନୁହନ୍ତି, ବରଂ ପ୍ରତିକ୍ଷଣ ପରିବର୍ତ୍ତନଶୀଳ । ଏହି ଦୃଷ୍ଟି କୋଣରୁ ଜଗତ ମିଥ୍ୟା ହୋଇପାରେ । ଶ୍ରୀ ରାମାନୁଯାଚାର୍ଯ୍ୟ କହିଛନ୍ତି କି, ଶ୍ରୁତି, ସ୍ମୃତି ଆଦିର ବର୍ଣ୍ଣନା ଅନୁଯାୟୀ ବ୍ରହ୍ମ ହିଁ ନିତ୍ୟ, ଶାଶ୍ୱତ ଏବଂ ଜଗତର ମୂଳାଧାର । ବ୍ରହ୍ମ ସମସ୍ତ ସଂସାରଠାରୁ ଅଭିନ୍ନ ନିମିତ୍ତ ଉପାଦାନ କାରଣ ଅଟେ ।

ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଲ୍ପବୁଦ୍ଧୟଃ ।
ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ॥୯॥

*ଅନ୍ୱୟ: ଏତାଂ (ଏହିପରି ) ଦୃଷ୍ଟିମ୍ (ଦୃଷ୍ଟିଭଙ୍ଗୀ ବା ସିଦ୍ଧାନ୍ତ) ଅବଷ୍ଟଭ୍ୟ (ଅବଲମ୍ବନ କରି) ନଷ୍ଟ -ଆତ୍ମନଃ ( ନଷ୍ଟ ସ୍ୱଭାବ ସମ୍ପନ୍ନ -ବିକୃତ ମତି ) ଅଳ୍ପ ବୁଦ୍ଧୟଃ (ଦେହାତ୍ମାଭିମାନୀ -ତୁଚ୍ଛବୁଦ୍ଧିଯୁକ୍ତ ମନୁଷ୍ୟ) ଉଗ୍ରକର୍ମାଣଃ (କ୍ରୁରକର୍ମା-ହିଂସା ଆଦି କର୍ମ ପରାୟଣ ହୋଇ ) ଅହିତାଃ (ସଂସାର ଅହିତକାରୀ ରୂପେ ପ୍ରବୃତ୍ତ ରହି ) ଜଗତଃ (ଜଗତର) କ୍ଷୟାୟ (ବିନାଶ ନିମିତ୍ତ )ପ୍ରଭାବନ୍ତି ( ଜନ୍ମ ନିଅନ୍ତି -ସମର୍ଥ ହୁଅନ୍ତି ) ।*

**ଭାବାର୍ଥ** : ପୂର୍ବୋକ୍ତ ମିଥ୍ୟା ଦୃଷ୍ଟିଭଙ୍ଗୀକୁ ଅବଲମ୍ବନ କରି ଯାହାର ସ୍ୱଭାବ ନଷ୍ଟ ହୋଇସାରିଛି, ସେହି ମନ୍ଦବୁଦ୍ଧି, ଅହିତକାରୀ କୃରକର୍ମା ମନୁଷ୍ୟ କେବଳ ଜଗତର ବିନାଶ କରିବା ନିମିତ୍ତ ଜନ୍ମ ହୋଇଥାନ୍ତି । କୌଣସି ସତ୍ୟ ଅନୁଷ୍ଠାନରେ ସେହିମାନଙ୍କର ଶ୍ରଦ୍ଧା ରହି ନଥାଏ । କାମନା ହିଁ ସଂସାର ସୃଷ୍ଟିର ମୂଳ ଉଦ୍ୟୋଗ ବୋଲି ଧାରଣା ରଖିବା କାରଣରୁ ସମାଜରେ ଅଶାନ୍ତି, କଳହ, ବିଧ୍ୱଂସ, ବ୍ୟଭିଚାର ଆଦି ପ୍ରୋତ୍ସାହିତ ପାଇଥାଏ । ଅନିଶ୍ୱରବାଦୀ ମାନଙ୍କୁ ଏହିଠାରେ ନଷ୍ଟ-ଆତ୍ମନ ବୋଲି ଆକ୍ଷେପ କରାଯାଇଛି । ଚେତନା ତତ୍ତ୍ୱ(ଆତ୍ମା) ପ୍ରତି ବିମୁଖ ହୋଇଥିବାରୁ ସେମାନଙ୍କର ପତନ ହୋଇସାରିଥାଏ । ଆସୁରୀ ପ୍ରକୃତିର ଲୋକେ ନିଜେ ଭଗବାନଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରନ୍ତି ନାହିଁ କି, ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କୁ ମଧ୍ୟ ବରଦାସ୍ତ କରନ୍ତି ନାହିଁ । 'ଅଳ୍ପବୁଦ୍ଧୟ' ପଦ ଦ୍ୱାରା ଏଠାରେ 'ଧର୍ମ' ଓ 'ମୋକ୍ଷ' ପୁରୁଷାର୍ଥକୁ ସମ୍ପୂର୍ଣ୍ଣ ତ୍ୟାଗ କରି

'ଅର୍ଥ' ଏବଂ 'କାମର' ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ମନୁଷ୍ୟଙ୍କୁ ସୂଚିତ କରାଯାଇଛି । ନୀତିବିରୁଦ୍ଧ କାର୍ଯ୍ୟ କରିବା ବେଳେ ସେହିମାନଙ୍କର ଧର୍ମ-ଅଧର୍ମ, ପାପ-ପୂଣ୍ୟର ବିଚାର ରହିନଥାଏ । ସ୍ୱର୍ଗ ଲାଗି ସେମାନଙ୍କର ଆଗ୍ରହ ନଥାଏ କି, ନରକର ଭୟ ନଥାଏ । ଏମାନେ ହେଲେ ପାପର ଚଳମାନ କୀର୍ତ୍ତିସ୍ତମ୍ଭ । ନିଜ ସ୍ୱାର୍ଥ ସାଧନ ଓ କାମନା ପୂର୍ତ୍ତି ନିମିତ୍ତ ଯାବତୀୟ କାର୍ଯ୍ୟ କରନ୍ତି ଓ ଜଗତର ଶାନ୍ତି ଓ ସୌହାର୍ଦ୍ଦ୍ୟ ନଷ୍ଟ କରନ୍ତି । ସଂସାରକୁ ନିଜ ଅକ୍ତିଆରକୁ ନେବା ଇଚ୍ଛାରେ ହିଂସାର ଆଶ୍ରୟ ନେଇଥାନ୍ତି । ଯେ' ଏହାର ପ୍ରତିରୋଧ କରେ, ତାହାକୁ ବଧ କରନ୍ତି । ହିଂସା ଓ ନରହତ୍ୟା ନିମନ୍ତେ ଏହିମାନଙ୍କ ଟିକିଏ ମାତ୍ର ସଙ୍କୋଚ ନଥାଏ । ଏହି ନଷ୍ଟ ସ୍ୱଭାବ ବ୍ୟକ୍ତିଙ୍କ ନିକଟରେ ଥିବା ବଳ, ଧନ, ଐଶ୍ୱର୍ଯ୍ୟ, ସାମର୍ଥ୍ୟ, ପଦ, ଅଧିକାର ଇତ୍ୟାଦି ସଂସାର ବିନାଶ କାର୍ଯ୍ୟରେ ଲଗାଇବା ହିଁ ଏକ ମାତ୍ର ଉଦ୍ଦେଶ୍ୟ ହୋଇଥାଏ । ମନ, ବାଣୀ, ଶରୀର ଦ୍ୱାରା ସେମାନେ ସମସ୍ତ ପ୍ରାଣୀଙ୍କୁ ଭୟଭୀତ କରି ରଖିବା, ଯନ୍ତ୍ରଣା ଓ ପୀଡା ପ୍ରଭୃତି ପହଞ୍ଚାଇବା ଏବଂ ସେମାନଙ୍କର ବିନାଶ କରିବା ପରି ଅତ୍ୟନ୍ତ ଉଗ୍ରକର୍ମ ହିଁ କରିଥାନ୍ତି । ମାନବ ସଭ୍ୟତାର ବିକାଶ ନାମରେ ହେଉ କିମ୍ବା ଭୌତିକ ଦ୍ରବ୍ୟର ଉପଭୋଗ ଲକ୍ଷ୍ୟରେ ହେଉ, ନୂତନ ନୂତନ ପଦାର୍ଥ ଆବିଷ୍କାର କରି ତାହାରି ଦୂରୋପଯୋଗ ଦ୍ୱାରା ମାନବ ସମାଜର ଅପୂର୍ବ କ୍ଷତି ଘଟାଇବା ମଧ୍ୟ ଏହି ଉଗ୍ରପନ୍ଥୀଙ୍କ କାର୍ଯ୍ୟ ହୋଇଥାଏ । ସେମାନେ ଏହି ପ୍ରକାର ପଦାର୍ଥ ବା ଯନ୍ତ୍ର ଉଦ୍ଭାବନର ପ୍ରୟାସ କରନ୍ତି ଯାହା ସମସ୍ତ ଜୀବ ଜଗତର ଧ୍ୱଂସର କାରଣ ହେବ । ଆଣବିକ ଅସ୍ତ୍ର, ପରମାଣୁ ବୋମା, ରାସାୟନିକ ଅସ୍ତ୍ର ପ୍ରଭୃତି ନିର୍ଦ୍ଦିଷ୍ଟଭାବେ ଜଗତର ଧ୍ୱଂସ ନିମିତ୍ତ ସୃଷ୍ଟି ହୋଇଅଛି । ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର ନ କରିବା କାରଣରୁ ଏହି ପ୍ରକାର ନାସ୍ତିକ ଚିନ୍ତାଧାରାର ଉତ୍ପତ୍ତି ଘଟେ ।

କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନ ମଦାନ୍ୱିତାଃ ।
ମୋହାଦ୍ ଗୃହୀତ୍ୱାସଦ୍ ଗ୍ରାହାନ୍ ପ୍ରବର୍ତ୍ତନ୍ତେ ଅଶୁଚିବ୍ରତାଃ ॥୧୦॥

*ଅନ୍ୱୟ: [ଏହି ଆସୁରୀ ସ୍ୱଭାବର ଲୋକେ] ଦୁଷ୍ପୂରଂ (ଦୁଷ୍ପୂରଣୀୟ- କୌଣସି ପ୍ରକାରେ ମଧ୍ୟ ପୂର୍ତ୍ତି ହୋଇପାରୁ ନଥିବା) କାମମ୍ (କାମନାଗୁଡିକୁ) ଆଶ୍ରିତ୍ୟ (ଆଶ୍ରୟ କରି ) ଦମ୍ଭ-ମାନ-ମଦ-ଅନ୍ୱିତାଃ ( ଦମ୍ଭ, ଅଭିମାନ ଓ ମଦରେ ପ୍ରମତ୍ତ ହୋଇ ) ମୋହାତ୍ ( ମୋହ ବଶତଃ-ଅଜ୍ଞାନ ବଶତଃ) ଅସଦ୍ ଗ୍ରାହାନ୍ (ଶାସ୍ତ୍ର ବିରୁଦ୍ଧ ଅପସିଦ୍ଧାନ୍ତ) ଗୃହୀତ୍ୱା (ଗ୍ରହଣକରି ) ଅଶୁଚି ବ୍ରତାଃ (ଅପବିତ୍ର ବ୍ରତ-ଅଶୁଦ୍ଧ ନିୟମାଦି ଧାରଣକରି) ପ୍ରବର୍ତ୍ତନ୍ତେ ( ସଂସାରରେ ବିଚରଣ କରନ୍ତି – ଜଗତରେ ବଞ୍ଚି ରହନ୍ତି ) ।*

**ଭାବାର୍ଥ**: ଏହି ଆସୁରୀ ସ୍ୱଭାବର ନିରୀଶ୍ୱରବାଦୀ ଲୋକମାନେ ଅସମ୍ଭବ ଜନିତ ଅର୍ଥାତ୍ କୌଣସି ପ୍ରକାରେ ପୂର୍ତ୍ତି ହୋଇପାରୁ ନଥିବା କାମନା ଗୁଡିକୁ ଆଶ୍ରିତ କରି ବଞ୍ଚି ରହିଥାନ୍ତି । ଦମ୍ଭ, ଅଭିମାନ ଓ ମଦରେ ପ୍ରମତ୍ତ ହୋଇ ମୋହ ବଶତଃ ଶାସ୍ତ୍ର ବିରୁଦ୍ଧ ଅପସିଦ୍ଧାନ୍ତମାନଙ୍କୁ ଗ୍ରହଣ କରିଥାନ୍ତି । ଅନେକ ଦୁରାଶା ପୋଷଣକରି ତନ୍ତ୍ର-ମନ୍ତ୍ରାଦି ତଥା ଅପବିତ୍ର ବ୍ରତ ଦ୍ୱାରା କ୍ଷୁଦ୍ର ଦେବତାମାନଙ୍କ ଉପାସନାରେ ପ୍ରବୃତ୍ତ ହୁଅନ୍ତି । ଭୋଗ ବାସନାକୁ ଆଶ୍ରିତ ହୋଇ ଜୀବନ ଅତିବାହିତ କରୁଥିବା ଆସୁରୀ ସ୍ୱଭାବ ମନୁଷ୍ୟ ଭଗବାନ, ପରଜନ୍ମ, କର୍ମ-ଫଳ, ପ୍ରାରବ୍ଧ ପ୍ରଭୃତିରେ ବିଶ୍ୱାସ ରଖନ୍ତି ନାହିଁ । କାମନାର କ୍ଷୁଧା ଯାହାର ଯେତିକି, ସେହି ମନୁଷ୍ୟ ସେତିକି ପାପୀ । ନିଜର ପୂଜା, ସତ୍କାର ଆଦି ଅଭିଳାଷରେ ନିଜେ ପ୍ରକୃତରେ ଯାହା ନୁହନ୍ତି, ସେହି ଭଳି ଦେଖାଇହେବା ହେଉଛି 'ଦମ୍ଭ' । ନିଜକୁ ନିଜେ ବିଦ୍ୱାନ୍, ଧନୀ, ବୁଦ୍ଧିମାନ୍ ମନେକରି ଅନ୍ୟ ସମସ୍ତଙ୍କ

ପୂଜ୍ୟସ୍ୱଦ ତଥା ସମ୍ମାନସ୍ୱଦ ବୋଲି ଭାବିବା ହେଉଛି 'ମାନ' । ରୂପ, ଗୁଣ ଐଶ୍ୱର୍ଯ୍ୟ, ବିଦ୍ୟା, ଧନ, ସ୍ତ୍ରୀ, ସନ୍ତାନ, ଉପାଧି ପ୍ରଭୃତି ନିଶାରେ ମଜ୍ଜି ରହିବା ହେଉଛି 'ମଦ' । ଆସୁରୀ ପ୍ରକୃତିର ଲୋକେ ଦମ୍ଭ, ସମ୍ମାନ, ଧନବଳ, ବାହୁବଳ ପ୍ରଭୃତିରେ ପ୍ରମତ୍ତ ହୋଇ ନିଜର ସ୍ୱାର୍ଥ ସିଦ୍ଧିରେ ଲାଗି ରହିଥାନ୍ତି । ସେମାନେ ଶାସ୍ତ୍ର, ବେଦ, ବର୍ଣ୍ଣାଶ୍ରମ ଓ କୁଳ ପରମ୍ପରାଗତ ମର୍ଯ୍ୟାଦା ଆଦି ଉଲଂଘନ କରିବାକୁ କୃତିତ୍ୱ ଓ ଗୌରବ ମନେ କରନ୍ତି । ସେମାନେ ଭ୍ରଷ୍ଟ ବୁଦ୍ଧି କାରଣରୁ ଅକର୍ତ୍ତବ୍ୟକୁ କର୍ତ୍ତବ୍ୟ, ଅଧର୍ମକୁ ଧର୍ମ ଏବଂ ପାପକୁ ପୂଣ୍ୟ ବୋଲି ହଠ ପୂର୍ବକ ସ୍ୱୀକାର କରିଥାନ୍ତି । ଆସୁରୀ ପ୍ରକୃତି ବିଶିଷ୍ଟ ଲୋକେ ନିଶା ସେବନ, ସ୍ତ୍ରୀ-ସଂଭୋଗ, ଦ୍ୟୁତକ୍ରୀଡା ଭଳି ଅସତ୍ କାର୍ଯ୍ୟ ପ୍ରଭୃତିରେ ସର୍ବଥା ଲିପ୍ତ ରହି ସମାଜରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରନ୍ତି । ସେମାନେ ମନୁଷ୍ୟ ଜୀବନର ସମସ୍ତ ଆଦର୍ଶ ମୂଲ୍ୟବୋଧକୁ ଉପେକ୍ଷା କରି ଏକ ତରଫା ରୂପେ ନିର୍ଲ୍ଲଜ, ଅସହିଷ୍ଣୁ, କ୍ରୁର ହୋଇ ନିଜର କର୍ମ କ୍ଷେତ୍ରରେ ସଙ୍ଘର୍ଷରତ ରହନ୍ତି । ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଏକ ଭୌତିକବାଦୀ ଅଜ୍ଞାନ ବ୍ୟକ୍ତି କିପରି ନାସ୍ତିକ ବିଚାରଧାରାରେ କ୍ଷଣିକ ଇନ୍ଦ୍ରିୟ ଭୋଗ ପ୍ରାପ୍ତି ଇଚ୍ଛାରେ ଆସୁରୀ ପ୍ରବୃତ୍ତିର ବଶବର୍ତ୍ତୀହୋଇ ଜୀବନ ଅତିବାହିତ କରେ, ତାହାର ସ୍ୱଷ୍ଟ ଚିତ୍ରଣ କରିଛନ୍ତି ।

ଚିନ୍ତାମପରିମେୟାଂ ଚ ପ୍ରଳୟନ୍ତାମୁପାଶ୍ରିତାଃ ।
କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ॥୧୧॥

*ଅନ୍ୱୟ: ପ୍ରଳୟ-ଅନ୍ତାମ୍ (ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ୍ ଯାହା ମଲେ ହିଁ ଛାଡେ) ଅପରିମେୟମ୍ (ଅକଳନୀୟ) ଚିନ୍ତାମ୍ (ବିଷୟ ଚିନ୍ତାକୁ ) ଉପାଶ୍ରିତାଃ (ଆଶ୍ରୟ କରି -ନିରନ୍ତର ମନରେ ସ୍ଥାନ ଦେଉଥିବା ବ୍ୟକ୍ତି) କାମ-ଉପଭୋଗ-ପରମାଃ (କାମ ଭୋଗ ହିଁ ସର୍ବସ୍ୱ ବା ସର୍ବୋଚ୍ଚ ପୁରୁଷାର୍ଥ) ଚ (ଏବଂ) ଏତାବତ୍-ଇତି ('ଏତିକି ହିଁ ସୁଖ'-ଏହିପରି ଭାବରେ) ନିଶ୍ଚିତାଃ ( ଦୃଢ ନିଶ୍ଚୟ କରି ନେଇଥାନ୍ତି )*

**ଭାବାର୍ଥ**: ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ୍ ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ଏହି ନିରୀଶ୍ୱରବାଦୀ ଲୋକ ଅନନ୍ତ ବିଷୟ ଭୋଗ ଚିନ୍ତାରେ ଜୀବନ ଅତିବାହିତ କରିଥାନ୍ତି । ଇନ୍ଦ୍ରିୟ ସୁଖ ପ୍ରାପ୍ତିରେ ହିଁ ପରମ ପୁରୁଷାର୍ଥ ରହିଥିବା ଦୃଢ ଭାବରେ ବିଶ୍ୱାସ କରନ୍ତି । "କାମ -ବାସନାକୁ ଚରିତାର୍ଥ କରିବା ହିଁ ଜୀବନର ପରମ ଲକ୍ଷ୍ୟ – ଏତଦଅତିରିକ୍ତ ଆଉ କିଛି ନାହିଁ "- ଏପରି ବିଚାରକୁ ଦୃଢ ନିଶ୍ଚୟ କରି ନେଇଥାନ୍ତି । ସଂସାରର ଦୃଶ୍ୟମାନ ହେଉଥିବା ସକଳ ବସ୍ତୁ, ଚେତନ ହେଉ କି ଜଡ ହେଉ କେବଳ ଦେହ ଭୋଗ ନିମିତ୍ତ ଉଦ୍ଦିଷ୍ଟ- ଏହି ବଦ୍ଧ ଧାରଣା ଗ୍ରହଣ କରି ସେହି ସ୍ଥୂଳ ଭ୍ରଷ୍ଟବୁଦ୍ଧି ଯୁକ୍ତ ଆସୁରୀ ପ୍ରକୃତିର ଲୋକେ ସୂକ୍ଷ୍ମ ଉଚ୍ଚତତର ସତ୍ୟକୁ ଅବଲୋକନ କରିପାରି ନଥାନ୍ତି । ଆଜି ଦିନରେ ଏହି ଚିନ୍ତା ଧାରା କିଛି ମାତ୍ରାରେ ପ୍ରାୟ ସମସ୍ତ ମନୁଷ୍ୟଙ୍କଠାରେ ଦେଖିବାକୁ ମିଳେ । ଅସ୍ଥିର ତଥା କ୍ଷଣ ଭଙ୍ଗୁର ସଂସାରରେ ଏହି ମୂହୁର୍ତ୍ତ ପରେ କ'ଣ ଘଟିବ କାହାକୁ ଜଣା ନଥାଏ । ଏହି ପ୍ରକାର ଅସ୍ଥିର ଜୀବନରେ ରହି ମଧ ଆସୁରୀ ସମ୍ପତ୍ତିର ଲୋକ ମରିବା ପର୍ଯ୍ୟନ୍ତ ସୁଖର କେତେ ଯେ' ଯୋଜନା ତିଆରି କରିଥାନ୍ତି ଏବଂ ଯୋଜନା ଫଳପ୍ରଦ ଚିନ୍ତାରେ ତାଙ୍କରି ଜୀବନର ପରିସମାପ୍ତି ଘଟି-ଯାଇଥାଏ । ସେମାନଙ୍କ ମନ ଭିତରେ ସର୍ବଥା ସୁଖ ସାମଗ୍ରୀ ସଂଗ୍ରହ କରିବା ଏବଂ ଭୋଗରେ ବୁଡି ରହିବା ବ୍ୟତୀତ ଅନ୍ୟ କୌଣସି ପ୍ରତି ଦୃଷ୍ଟି ନଥାଏ । ସେମାନଙ୍କ ମତରେ ମୃତ୍ୟୁପରେ ଶରୀର ଏଇଠି ମାଟିରେ ମିଶିଯିବ । ତେଣୁ ବଞ୍ଚି ରହିଥିବା ଅବସ୍ଥାରେ ହିଁ ସଂସାରର ସମସ୍ତ ସୁଖ ଭୋଗ କରିବା ଠିକ୍ । ସେମାନେ ଆନନ୍ଦମୟ ସୁଖ ଓ ଶାନ୍ତିପୂର୍ଣ୍ଣ ଜୀବନ ସମ୍ବନ୍ଧରେ ଅଜ୍ଞ ଥାଆନ୍ତି । ମୋଘ ଆଶା, ମୋଘ କର୍ମରେ ତାଙ୍କରି

ସମସ୍ତ ଶକ୍ତିକୁ ଅପଚୟ କରିଥାନ୍ତି । ଶେଷରେ କ୍ଲାନ୍ତ, ଶ୍ରାନ୍ତ ନିରାଶ ଶୋକଗ୍ରସ୍ତ ହୋଇ ଆତ୍ମହତ୍ୟା ପରି ଜଘନ୍ୟ ଦୟନୀୟ ମୃତ୍ୟୁକୁ ପ୍ରାପ୍ତ ହୁଅନ୍ତି ।

ଆଶାପାଶଶତୈର୍ବଦ୍ଧା କାମକ୍ରୋଧପରାୟଣାଃ ।
ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ ॥୧୨॥

*ଅନ୍ୱୟ: ଆଶା-ପାଶ-ଶତୈଃ (ଶହ ଶହ ଆଶାରୂପକ ରଜ୍ଜୁରେ) ବଦ୍ଧାଃ (ଆବଦ୍ଧ ହୋଇଥିବା ମନୁଷ୍ୟମାନେ ) କାମ-କ୍ରୋଧ-ପରାୟଣାଃ ( କାମ-କ୍ରୋଧର ପରବଶ ହୋଇ ) କାମ-ଭୋଗ-ଅର୍ଥମ୍ (ଇନ୍ଦ୍ରିୟ ସୁଖଭୋଗ ଲାଭ କରିବା ଉଦ୍ଦେଶ୍ୟରେ ଅନ୍ୟାୟେନ ( ଅସତ୍ ଉପାୟ ଅବଲମ୍ବନ ପୂର୍ବକ ) ଅର୍ଥ ସଞ୍ଚୟାନ୍ (ଅର୍ଥ ସଂଗ୍ରହ କରିବାକୁ ଈହନ୍ତେ (ଉଦ୍ୟମ କରନ୍ତି ) ।*

**ଭାବାର୍ଥ** : ଆସୁରୀ ସ୍ୱଭାବର ବ୍ୟକ୍ତି ଶହ ଶହ ଆଶା ରୂପକ ଫାଶରେ ବାନ୍ଧିହୋଇ ରହିଥାନ୍ତି । ସେହିମାନେ କାମ ଓ କ୍ରୋଧର ପରବଶ ହୋଇ କ୍ଷଣିକ ଇନ୍ଦ୍ରିୟ ସୁଖଭୋଗ ଇଚ୍ଛାରେ ନିରନ୍ତର ଚିନ୍ତାଗ୍ରସ୍ତ ରହନ୍ତି । କାମନା ପୂର୍ତ୍ତି ନିମିତ୍ତ ଆବଶ୍ୟକ ସମ୍ବଳ ଅନ୍ୟାୟ ତଥା ଅସତ ପନ୍ଥା ଅନୁଶାସନ କରି ସଂଗ୍ରହ କରିବାରେ ଲାଗି ପଡନ୍ତି । ଧାନ ସଂଗ୍ରହ ଓ ବିଷୟ ଭୋଗ କରିବା ଆସୁରୀ ସମ୍ପଦଯୁକ୍ତ ମନୁଷ୍ୟମାନଙ୍କ ପ୍ରଧାନ ଉଦ୍ଦେଶ୍ୟ । ଆଶାଗୁଡ଼ିକର ପୂର୍ତ୍ତି ସକାଶେ ଭଗବାନ କିମ୍ବା କୌଣସି ଦେବ-ଦେବୀ, ସତ୍-କର୍ମ କିମ୍ବା ସଦବିଚାର ଆଦିର ଆଶ୍ରୟ ନ ନେଇ କାମ ଓ କ୍ରୋଧକୁ ମୁଖ୍ୟ ଆଧାର ରୂପେ ଗ୍ରହଣ କରିଥାନ୍ତି । "ଆଶା'ର ସମାନ ସଂସାରରେ ଅନ୍ୟ କୌଣସି ବନ୍ଧନ ନାହିଁନ । ଟସର ପୋକ ଯେପରି ନିଜ ଦେହରୁ ତନ୍ତୁ ସୃଷ୍ଟିକରି କ୍ରମଶଃ ସେହି ତନ୍ତୁରେ ନିଜେ ଆବଦ୍ଧ ହୋଇ ମୃତ୍ୟୁ ବରଣକରେ, ସେହିଭଳି କାମୀ ପୁରୁଷ ଅନେକ ଭୋଗ-କାମନା ମନରେ ସୃଷ୍ଟିକରି ସେଥିରେ ଗୁଡେଇ ହୋଇ ନିଜର ମୃତ୍ୟୁକୁ ବରଣ କରିଥାଏ । କାମନା ଦ୍ୱାରା ବାନ୍ଧିହୋଇଥିବା ବ୍ୟକ୍ତିର ବୁଦ୍ଧି ସ୍ଥିର ରହି ନଥାଏ । ସାମାନ୍ୟ ଘଟଣାରେ ମଧ୍ୟ ଧୈର୍ଯ୍ୟଚ୍ୟୁତ ହୋଇ ବିବେକ ଓ ମାନସିକ ସନ୍ତୁଳନ ହରାଇଥାଏ । ସାଂସାରିକ ଆଶା କେବେ ବି ସମ୍ପୂର୍ଣ୍ଣ ଭାବେ ପୂର୍ତ୍ତି ହୋଇ ନଥାଏ । ଯଦି ବା ପୂରଣ ହୋଇଥାଏ, ପ୍ରାପ୍ତ ବସ୍ତୁ ତାଙ୍କରିଠାରୁ ଚାଲିଯାଏ କିମ୍ବା ନଷ୍ଟ ହୋଇଯାଏ ଅଥବା ପ୍ରାପ୍ତ ହୋଇଥିବା ଭୋଗ୍ୟବସ୍ତୁ ଥାଇ ମଧ୍ୟ ସେହିମାନେ ତାହାକୁ ଭୋଗ କରିବାକୁ ଅସମର୍ଥ କିମ୍ବା ଜୀବିତ ନଥାନ୍ତି । କାମନାର ଅପୂର୍ତ୍ତିରେ ପ୍ରତିଶୋଧ ପରାୟଣ ହୋଇ ଅନ୍ୟର ଅନିଷ୍ଟ ଘଟାଇଥାନ୍ତି । ଶାସ୍ତ୍ର ବାକ୍ୟ ରହିଛି କି, " ଆଶା ହି ପରମଂ ଦୁଃଖଂ ନୈରାଶ୍ୟଂ ପରମଂ ସୁଖମ୍"-ଆଶା ବହୁତ ବଡ ଦୁଖର କାରଣ ହୋଇଥାଏ, ନିରାଶା ଅର୍ଥାତ୍ ଆଶାମାନଙ୍କଠାରୁ ନିବୃତ୍ତ ରହିବା ପରମ ସୁଖ ହୋଇଥାଏ । ବିଷୟ ଭୋଗ ନିମିତ୍ତ ଯେଉଁ ଆର୍ଥିକ ସମ୍ବଳର ଆବଶ୍ୟକତା ପଡେ, ତାହାରି ସଂଗ୍ରହ ନିମିତ୍ତ ଅନ୍ୟାୟ, ଅତ୍ୟାଚାର ପ୍ରବୃତ୍ତିରେ ଲିପ୍ତ ରୁହନ୍ତି । ସେମାନଙ୍କର କାମନାର ଅନ୍ତ ନଥାଏ । ଅନ୍ୟାୟରେ ଅର୍ଜିୟତ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ଧାନ ପ୍ରତି ଲାଳଶା ତୁଟେ ନାହିଁନ, ବରଂ ଦିନକୁ ଦିନ ବଧିଚାଲେ । ଫଳତଃ ଲୋଭର ଶିକାର ହୋଇ ପାପାଚରଣ କରନ୍ତି । ସେମାନଙ୍କ ହୃଦୟରେ ଦୟା, ଧର୍ମ ବୋଲି କିଛି ନଥାଏ । ଚୋରୀ, ଠକାମି, ମିଥ୍ୟା, କପଟ, ଜୁଆ, ଭୟ ପ୍ରଦାନ ଆଦି ଶାସ୍ତ୍ର ବିରୁଦ୍ଧ ଉପାୟ ଦ୍ୱାରା ଅନ୍ୟମାନଙ୍କ ଧନ ଅପହରଣ ପ୍ରଚେଷ୍ଟାରେ ରୁହନ୍ତି । ଜୀବନ ପରମ ଶାନ୍ତି ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ରହିଥାନ୍ତି ।

ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍ସ୍ୟେ ମନୋରଥମ୍ ।
ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ॥୧୩॥

*ଅନ୍ୱୟ : ଅଦ୍ୟ (ଆଜି) ମାୟା (ମୋ ଦ୍ୱାରା) ଇଦମ୍ ( ଏହି ଇପ୍ସିତ ବସ୍ତୁ ) ଲବ୍ଧମ୍ (ଲାଭ କରାଗଲା) ଇମମ୍ ( ଏଥର ଅମୁକ ) ମନୋରଥମ୍ ( ଅଭିଳଷିତ ବସ୍ତୁ ) ପ୍ରାପ୍ସ୍ୟେ (ପୂର୍ଣ୍ଣ କରିବି ) ଇଦମ୍-ଧନମ୍-ଅସ୍ତି (ଏତିକି ଧନ ତ ଅଛି )ପୁନଃ (ପୁଣି) ମେ (ମୋ ପାଖରେ ) ଇଦମ୍ (ଏହି ) ଧନମ୍ ଅପି (ଧନ ମଧ୍ୟ) ଭବିଷ୍ୟତି (ହୋଇଯିବ) ।*

**ଭାବାର୍ଥ**: "ଆଜି ମୋତେ ଏହି ଇଚ୍ଛା କରିଥିବା ବସ୍ତୁ ପ୍ରାପ୍ତ ହେଲା, ଏହା ପରେ ଏହି ଇଚ୍ଛା ଗୁଡିକୁ ପୂର୍ଣ୍ଣ ହେବ – ମୋ ପାଖରେ ଏତିକି ଧନ ତ ଅଛି, ଭବିଷ୍ୟତରେ ଆହୁରି ମଧ୍ୟ ଏତିକି ଧନ ମିଳିବ"- ଏହିପରି ଶୂନ୍ୟରେ ସୌଧ ନିର୍ମାଣ କଲାଭଳି ଅନେକ ଆଶା ପୋଷଣ କରି ଆସୁରୀ ସ୍ୱଭାବର ଲୋକ କଳ୍ପନା ରାଜ୍ୟରେ ଘୁରି ବୁଲୁଥାଏ । ଚତୁଃପାର୍ଶ୍ୱରେ ଦେଖା ଯାଉଥିବା ସକଳ ବସ୍ତୁର ଅଧିକାରୀ ହେବାର ସ୍ୱପ୍ନ ଦେଖି ବ୍ୟର୍ଥ ଜୀବନ କଟାଇଥାଏ । ଆଜି ପର୍ଯ୍ୟନ୍ତ କୌଣସି ଭୌତିକବାଦୀ ଧନୀ ବ୍ୟକ୍ତି, ତାରି ପାଖରେ ଥିବା ଧନର ପରିମାଣକୁ ପର୍ଯ୍ୟାପ୍ତ ବୋଲି ଭାବି ସନ୍ତୁଷ୍ଟ ହୋଇ ରହିନାହିଁ । ତା'ରି ଧନ ଯେତିକି ବଢେ, ଆଶା ମଧ୍ୟ ସେତିକି ବଢି ବଢି ଚାଲେ । ଦିନରାତି ଧନ ସଂଗ୍ରହ କରିବାର ମନୋବାଞ୍ଛା କରୁଥାଏ । ଏହି ପ୍ରକୃତିର ଲୋକ ଧନ ସମ୍ପଦ ହେତୁ ଆତ୍ମଗର୍ବୀ ହୋଇଯାନ୍ତି । ଧନ ଲୋଭ, ଆତ୍ମ ବଡିମା ସେମାନଙ୍କ ବୁଦ୍ଧି ଓ ବିବେକକୁ ନଷ୍ଟ କରିଦେଇଥାଏ । ଯଦିଓ ଦୈହିକ ସୁଖ ଇଚ୍ଛାରେ ଧର୍ମ-ଅଧର୍ମ, ପାପ-ପୁଣ୍ୟ ବିଚାର ନକରି କେବଳ କାମନା ପୂର୍ତ୍ତି ଓ ଧନ ସଂଗ୍ରହକୁ ଜୀବନ ମୂଳ ଲକ୍ଷ୍ୟ ବୋଲି ଗ୍ରହଣ କରି ନେଇଥାନ୍ତି, ଅଜ୍ଞାନ କାରଣରୁ ଏହି ପ୍ରକୃତିର ଲୋକ ଅତି ଅଶାନ୍ତ, ଭୟଭୀତ ଓ କ୍ଳେଶମୟ ଜୀବନ ବିତାଇଥାନ୍ତି । ସେମାନେ ବାସ୍ତବିକ ସୁଖର ସନ୍ଧାନ ନ କରି ଏହି ଜନ୍ମ ଓ ପର ଜନ୍ମ କାଳରେ ପାପ ଓ ଦୁଃଖରେ ଘାଣ୍ଟି ହୋଇଥାନ୍ତି ।

ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।
ଈଶ୍ୱରୋହମହଂ ଭୋଗୀ ସିଦ୍ଧୋହଂ ବଳବାନ୍ ସୁଖୀ ॥୧୪॥

*ଅନ୍ୱୟ: ଅସୌ (ଏହି)ଶତ୍ରୁଃ (ଶତ୍ରୁ ) ମୟା (ମୋ ଦ୍ୱାରା) ହତଃ ( ମାରି ଦିଆଯାଇଛି) ଚ (ଏବଂ) ଅପରାନ୍-ଅପି (ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ) ଅହଂ (ମୁଁ) ହନିଷ୍ୟେ (ବିନାଶ କରିବି ) ଅହଂ ଈଶ୍ୱରଃ ( ମୁଁ ହିଁ ସର୍ବେ ସର୍ବା ଈଶ୍ୱର- ଜଗତର ସ୍ୱାମୀ) ଅହଂ ଭୋଗୀ ( ମୁଁ ହିଁ ଭୋଗ ରାଜ୍ୟର ଚକ୍ରବର୍ତ୍ତୀ ) ଅହଂ (ମୁଁ) ସିଦ୍ଧଃ (ସିଦ୍ଧ ପୁରୁଷ ) ବଳବାନ୍ (ଖୁବ୍ ବଳବାନ୍ ) ସୁଖୀ (ସୁଖୀ) ।*

**ଭାବାର୍ଥ** : ଆସୁରୀ ସ୍ୱଭାବର ଲୋକ କିପରି ମନେ ମନେ ଅବାନ୍ତର କଳ୍ପନା କରି ସ୍ୱପ୍ନ ରାଜ୍ୟରେ ଭାସି ବୁଲୁଥାନ୍ତି, ତାହା ଏହି ଶ୍ଳୋକରେ ବର୍ଣ୍ଣନା କରାଯାଇଛି । ସେମାନେ ଏହିପରି ଭାବନା କରିଥାନ୍ତି କି; - "ସେହି ଶତ୍ରୁକୁ ମୁଁ ମାରିଦେଲି, ଅନ୍ୟ ଯେଉଁମାନେ ମୋର ବିରୁଦ୍ଧାଚରଣ କରୁଛନ୍ତି ତାହାଙ୍କୁ ମଧ୍ୟ ଜୀବନରେ ମାରିଦେବି । ମୁଁ ହେଉଛି ଏହି ସୃଷ୍ଟିର ପ୍ରଭୁ । ମୁଁ ହିଁ ଇଶ୍ୱର ଏବଂ ସକଳ ଐଶ୍ୱର୍ଯ୍ୟ ଭୋଗର ଅଧିକାରୀ । ମୁଁ ଜଗତରେ ପୂର୍ଣ୍ଣକାମୀ ସିଦ୍ଧ ପୁରୁଷ । ମୁଁ ପୁରୁଷାର୍ଥ ସମ୍ପନ୍ନ ବଳବାନ୍ ଓ ସୁଖୀ" । ସେମାନେ ନିଜକୁ ମହାପ୍ରତାପୀ ଓ ମହାବଳବାନ୍ ବୋଲି ଭାବି ଭୋଗ ରାଜ୍ୟର ଚକ୍ରବର୍ତ୍ତୀ ମନେ କରିଥାନ୍ତି । ସ୍ୱୟଂକୁ ସମସ୍ତ ଭୋଗ ଐଶ୍ୱର୍ଯ୍ୟର ଆଧାର ବୋଲି ଭବିଥାନ୍ତି । ମୋ ସମାନ ଆଉ କେହି ସଂସାରରେ ନାହାନ୍ତି ଏବଂ ମୁଁ ହିଁ ମହାନ୍ ସିଦ୍ଧ ପୁରୁଷ ବୋଲି ପ୍ରଚାର ଚଳାଇଥାନ୍ତି । ପୁରାଣରେ ବର୍ଣ୍ଣିତ ହିରଣ୍ୟକଶିପୁ ଭଳି ସେମାନେ ନିଜକୁ

ସର୍ବଶ୍ରେଷ୍ଠ ବୋଲି ବିଚାର କରିଥାନ୍ତି । ଆସୁରୀ ସ୍ୱଭାବର ଲୋକେ ବାହାରେ ନିଜର ଆତ୍ମ ବଡିମା ବଖାଣୁଥିବା ବେଳେ ଅନ୍ତରରେ ପାପକର୍ମର ପୀଡାରେ ଜ୍ୱଳନ ଅବସ୍ଥାରେ ରହିଥାନ୍ତି ।

ଆଢ୍ୟୋଭିଜନବାନସ୍ମି କୋନ୍ୟୋସ୍ତି ସଦୃଶୋମୟା ।
ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନ ବିମୋହିତାଃ ॥୧୫॥

*ଅନ୍ୱୟ: ଆଢ୍ୟଃ (ବିରାଟ ଧନୀ ) ଅଭିଜନବାନ୍ (ଉଚ୍ଚ ବଂଶ ଜାତ- ବହୁ ଜନବଳ ବିଶିଷ୍ଟ-ବିଶାଳ କୁଟୁମ୍ବୀ) ଅସ୍ମି (ଅଟେ) ମୟା ସଦୃଶଃ (ମୋ ସମାନ) ଅନ୍ୟଃ-କଃ-ଅସ୍ତି ( ଅନ୍ୟ ଆଉ କିଏ ଅଛି ?) ଯକ୍ଷ୍ୟେ ( ମୁଁ ବହୁତ ଯଜ୍ଞ କରିବି ) ଦାସ୍ୟାମି (ଦାନ ଦେବି ) ମୋଦିଷ୍ୟେ (ଆମୋଦ ପ୍ରମୋଦ କରିବି) ଇତି (ଏହି ଭଳି) ଅଜ୍ଞାନ ବିମୋହିତାଃ (ଆସୁରୀ ସ୍ୱଭାବର ମନୁଷ୍ୟ ଅଜ୍ଞାନରେ ବିମୋହିତ ହୋଇଥାନ୍ତି ) ।*

**ଭାବାର୍ଥ** : "ମୁଁ ଧନୀ, ମୁଁ ଉଚ୍ଚ ବଂଶଜ ତଥା ବିଶାଳ କୁଟୁମ୍ବୀ, ମୋରି ପଛରେ ବହୁତ ଜନ ସମର୍ଥନ ରହିଛି । କେହି ମୋର ସମକକ୍ଷ ନୁହନ୍ତି । ମୁଁ ଅନେକ ଯଜ୍ଞାନୁଷ୍ଠାନ କରିବି, ଦାନ-ଦକ୍ଷିଣା ଦେବି, ବହୁତ ଆମୋଦ ପ୍ରମୋଦରେ ଜୀବନ କାଟିବି "- ଏହି ପ୍ରକାର ମନୋବୃତ୍ତି ନେଇ ଆସୁରୀ ସ୍ୱଭାବର ମନୁଷ୍ୟ ଅଜ୍ଞାନ କାରଣରୁ ମୋହଗ୍ରସ୍ତ ତଥା ଅଶାନ୍ତ ସ୍ଥିତିରେ ବଞ୍ଚିରହେ । 'ଅଜ୍ଞାନ ବିମୋହିତା' ପଦର ତାତ୍ପର୍ଯ୍ୟ ହେଲା; ପ୍ରତ୍ୟେକ ବସ୍ତୁ ତଥା ପରିସ୍ଥିତିକୁ ଯଥାର୍ଥ ଭାବେ ବୁଝି ନପାରିବା ହେଲା ମୋହ ଅବସ୍ଥା । ସମସ୍ତ କାର୍ଯ୍ୟର କର୍ତ୍ତାଭାବେ ନିଜକୁ ବୁଝିନେବା ସବୁଠାରୁ ବଡ ଅଜ୍ଞାନ । ତାରି ଜନବଳ ଓ ଧନବଳ ଆଗରେ ସୃଷ୍ଟି କର୍ତ୍ତା ବ୍ରହ୍ମା ଓ ଧନପତି କୁବେର ମଧ ସମକକ୍ଷ ନୁହନ୍ତି ବୋଲି ସେ' ମନେ କରିଥାଏ । ଯେଉଁମାନେ ତା'ରି ସ୍ତୁତିଗାନ କରନ୍ତି, ମନୋରଞ୍ଜନ ପାଇଁ ଭୋଗ୍ୟ ବସ୍ତୁ ପ୍ରାପ୍ତ କରାଇଦିଅନ୍ତି, ସେମାନଙ୍କୁ ଧନ-ରତ୍ନ ବାଣ୍ଟିଥାଏ । ଆସୁର ସ୍ୱଭାବର ମନୁଷ୍ୟମାନେ ବାସ୍ତବରେ ସାତ୍ତ୍ୱିକ ଯଜ୍ଞ ବା ଦାନ କରନ୍ତି ନାହିଁ । ଅହଂକାର ଓ ଅଭିମାନର ବଶବର୍ତ୍ତୀ ହୋଇ କେବଳ କରିବି କରିବି ଭାବୁଥାନ୍ତି । ପ୍ରକୃତରେ କିଛି କରନ୍ତି ନାହିଁ କି, କରିବାକୁ ଚାହିଁ ନଥାନ୍ତି । କେବଳ ଅନ୍ୟ ଉପରେ ନିଜ ପ୍ରଭାବ ବିସ୍ତାର ସକାଶେ ଯଜ୍ଞ, ଦାନ, ଉତ୍ସବ ଆଦି ଆଡମ୍ବର ରଚନା କରି ନିଜର ଆତ୍ମ ବଡିମା ଦେଖାଇବାର ପ୍ରଚେଷ୍ଟା କରିଥାନ୍ତି । ସେମାନଙ୍କ ବାସ୍ତବ ଜୀବନ ବହୁତ ଦୁର୍ବିଷୟ ହୋଇଥାଏ ।

ଅନେକ ଚିତ୍ତ ବିଭ୍ରାନ୍ତା ମୋହ ଜାଲସମାବୃତାଃ ।
ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଶୁଚୌ ॥୧୬॥

*ଅନ୍ୱୟ: ଅନେକ-ଚିତ୍ତ-ବିଭ୍ରାନ୍ତାଃ (ବିଭିନ୍ନ କାମନା ଯୋଗୁଁ ଯେଉଁମାନଙ୍କ ଚିତ୍ତ ଭ୍ରମିତ ହୋଇଛି) ମୋହଜାଲ ସମାବୃତ୍ତାଃ (ମୋହ ଜାଲରେ ଦୃଢ ଭାବରେ ଜଡିତ) କାମ ଭୋଗେଷୁ (ବିଷୟ ଭୋଗରେ ) ପ୍ରସକ୍ତାଃ (ଅତ୍ୟନ୍ତ ଆସକ୍ତ ସେହି ଆସୁରୀ ସ୍ୱଭାବର ଲୋକେ) ଅଶୁଚୌ (ପୂତି ଗନ୍ଧମୟ ) ନରକେ (ନରକରେ) ପତନ୍ତି (ପଡନ୍ତି) ।*

**ଭାବାର୍ଥ** : ଆସୁରୀକ ବ୍ୟକ୍ତି ନାନା ପ୍ରକାର କାମନା ଜନିତ ବୃଥା ଚିନ୍ତାରେ ସର୍ବଥା ବୁଡିରହି ଏବଂ ମୋହ ଜାଲରେ ବାନ୍ଧି ହୋଇ ବିଷୟ ଭୋଗ ପ୍ରତି ଅତ୍ୟନ୍ତ ଆସକ୍ତି କାରଣରୁ ଅନେକ ପାପ ଆଚରଣ କରିଥାନ୍ତି । ଫଳତଃ ସେମାନଙ୍କୁ କୁମ୍ଭୀପାକ ଭଳି ପୂତି ଗନ୍ଧମୟ ନରକ ଯନ୍ତ୍ରଣା ଭୋଗିବାକୁ ପଡିଥାଏ । ଏହି ସ୍ୱଭାବର ଲୋକ ସ୍ୱଭାବତଃ ବସ୍ତୁବାଦୀ କାରଣରୁ ଧର୍ମ-ଅଧର୍ମ ବ୍ୟବସ୍ଥାକୁ ମାନନ୍ତି ନାହିଁ । କାମାସାକ୍ତ ହେତୁ ଅନେକ ପାପ କାର୍ଯ୍ୟରେ ଲିପ୍ତ ରହି ଅତ୍ୟନ୍ତ କଦର୍ଯ୍ୟ ଓ ଭୟଭୀତ ଜୀବନ କାଟନ୍ତି । ସେମାନଙ୍କର ଚିତ୍ତ କେବେ ବି

ସ୍ଥିର ନଥାଏ । ମନ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ଘୂରି ବୁଲୁଥାଏ । ବିବେକ ଅଭାବରୁ ଭଲ-ମନ୍ଦ ବିଚାର କରିବାରେ ଅସମର୍ଥ ହୁଅନ୍ତି । ଧନ ସଂଗ୍ରହ, ସ୍ତ୍ରୀ-ସଂଭୋଗ, ବିଳାସମୟ ଜୀବନ ଓ ନିଜର ଦମ୍ଭ-ଅଭିମାନ ପ୍ରଦର୍ଶନ ପ୍ରତି ବିଶେଷ ଭାବରେ ଆସକ୍ତି ହୋଇ ବିବେକ-ବୁଦ୍ଧି ହରାଇବା ସ୍ଥିତି ହେଉଛି ମୋହଜାଲରେ ପଡିବା । ମାଛ ଯେପରି ଉତ୍କଟ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଜାଲରେ ପଡି ପ୍ରାଣ ହରାଏ, ସେହିଭଳି ଆସୁରୀ ପ୍ରକୃତିର ଲୋକ ମଧ୍ୟ ମୋହ ଜାଲରେ ପଡି, କୌଣସି ପ୍ରକାରେ ସେଥିରୁ ବାହାରି ନ ପାରି ମୃତ୍ୟୁ ମୁଖରେ ପଡନ୍ତି । ଅସଂଯତ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ଯେ' କୌଣସି ସ୍ଥିତିରେ ବି ଶାନ୍ତି ଓ ପୂର୍ଣ୍ଣତା ଅନୁଭବ କରିପାରି ନଥାଏ । ଭଗବାନ ମନୁଷ୍ୟକୁ ଏହି ସାମର୍ଥ୍ୟତା ଦେଇଛନ୍ତି କି, ସମତ୍ୱ ଭାବକୁ ପ୍ରାପ୍ତ କରି ସେ' ନର୍କକୁ ସ୍ୱର୍ଗରେ ପରିବର୍ତ୍ତନ କରିପାରିବ ଏବଂ ବିଷମ ଦର୍ଶନ ଦ୍ୱାରା ସ୍ୱର୍ଗକୁ ନର୍କ କରିଦେଇପାରେ । ସ୍ୱର୍ଗ ଓ ନର୍କ ବ୍ୟକ୍ତିର ଅନ୍ତଃକରଣର ସମତା ଓ ବିଷମତା ଉପରେ ନିର୍ଭର କରେ । ନରକକୁ ଯାଉଥିବା ପ୍ରାଣୀମାନଙ୍କୁ ଏହି ମର୍ତ୍ତ୍ୟଲୋକରେ 'ଯାତନା ଶରୀର' ପ୍ରାପ୍ତ ହୁଏ । ନରକ ଭୋଗ କରୁଥିବା ପ୍ରାଣୀ ଯେ' ପର୍ଯ୍ୟନ୍ତ ନିଜ ପାପ କର୍ମର ଦଣ୍ଡ ଭୋଗ କରି ନ ସାରିଛି, ସେ' ପର୍ଯ୍ୟନ୍ତ ଦାରୁଣ ଦୁଃଖ ଦେଲେ ମଧ୍ୟ ସେ ମରେ ନାହିଁ । ଯେଉଁ ମନୁଷ୍ୟର ଜୀବିତ ଅବସ୍ଥାରେ ସ୍ଥିତି ଯେପରି, ମୃତ୍ୟୁ ପରେ ମଧ୍ୟ ସେମାନଙ୍କର ସେପରି ଗତି ହୁଏ ।

ଆତ୍ମସମ୍ଭାବିତାଃ ସ୍ତବ୍ଧା ଧନମାନମଦାନ୍ୱିତାଃ ।
ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ॥୧୭॥

*ଅନ୍ୱୟ : ଆତ୍ମସମ୍ଭାବିତାଃ (ସ୍ୱୟଂ ଗର୍ବିତ- ନିଜକୁ ନିଜେ ଶ୍ରେଷ୍ଠ ମଣୁଥିବା) ସ୍ତବ୍ଧା (ଅବିନୟୀ) ଧନ-ମାନ-ମଦ-ଅନ୍ୱିତାଃ (ଧାନ ଓ ମାନରେ ପ୍ରମତ୍ତ) ତେ ( ସେହି ମନୁଷ୍ୟମାନେ )ଦମ୍ଭେନ (ବାହ୍ୟ ଆଡମ୍ବର ସହକାରେ) ଅବିଧି ପୂର୍ବକମ୍ ( ଶାସ୍ତ୍ର ବିଧି ଉଲଘଂନ ପୂର୍ବକ) ନାମଯଜ୍ଞୈଃ ( ନାମକୁ ମାତ୍ର ଅର୍ଥାତ୍ କାର୍ଯ୍ୟତଃ ନୁହେଁ ବା ନିଜର ନାମ ବିସ୍ତାର ସକାଶେ) ଯଜନ୍ତେ ( ଯଜ୍ଞାନୁଷ୍ଠାନ କରନ୍ତି ବା ଆହୁତି ଦିଅନ୍ତି) ।*

**ଭାବାର୍ଥ**: ଧନ ଗର୍ବରେ ମଦମସ୍ତ ସେହି ଦୁର୍ଦ୍ଦାନ୍ତ ଅହଂକାରୀ ବ୍ୟକ୍ତିଗଣ ନିଜକୁ ନିଜେ ସର୍ବଗୁଣ ସମ୍ପନ୍ନ ମହାତ୍ମା ବୋଲି ଘୋଷଣା କରିଥାନ୍ତି । କେହି ତାହାଙ୍କୁ ପ୍ରତିଷ୍ଠିତ ବୋଲି ମାନନ୍ତୁ ବା ନ ମାନନ୍ତୁ ସେ' ସ୍ୱୟଂ ନିଜକୁ ପ୍ରତିଷ୍ଠିତ ବୋଲି ପ୍ରଚାର ଚଳାଇଥାନ୍ତି । ସେମାନଙ୍କଠାରେ ନମ୍ରତା ବା ସୌମ୍ୟ ବୋଲି କିଛି ନଥାଏ । ସେମାନଙ୍କ ମନ, ବୁଦ୍ଧି ଆତ୍ମ-ବଡିମାରେ ପରିପୂର୍ଣ୍ଣ ହୋଇଥାଏ । ଦେବତା, ବ୍ରାହ୍ମଣ, ସାଧୁ, ସନ୍ଥ ପ୍ରତି ଯଥୋଚିତ ସମ୍ମାନ ଦେଇ ନଥାନ୍ତି କି, ସେମାନଙ୍କୁ ବିନମ୍ର ହୋଇ ପ୍ରଣାମ କରିବାକୁ ସଙ୍କୋଚ ଅନୁଭବ କରନ୍ତି । ଧନ ଓ ସମ୍ମାନ, ମଦ(ନିଶା)ରେ ସର୍ବଦା ମତ୍ତ ହୋଇ ରହନ୍ତି । ଧନ ଓ ସମ୍ମାନ ହିଁ ଆସୁରୀ ପ୍ରକୃତି ଲୋକଙ୍କ ଆଶ୍ରୟ ଏବଂ ସମ୍ବଳ ମଧ୍ୟ । ଏ ସବୁକୁ ନେଇ ସେମାନଙ୍କ ଗର୍ବ ବଢେ ଓ ଛାତି ଫୁଲିଉଠେ । କୌଣସି ସାତ୍ତ୍ୱିକ ମନୋବୃତ୍ତି ନରଖି କେବଳ ନିଜର ଖ୍ୟାତି ଓ ପ୍ରତିଷ୍ଠା ବଢାଇବା ଉଦ୍ଦେଶ୍ୟ ରଖି ଆଡମ୍ବରେ ସହକାରେ ଯଜ୍ଞର ଆୟୋଜନ କରାନ୍ତି । ଯଜ୍ଞଫଳ ପ୍ରାପ୍ତରେ ସେହିମାନଙ୍କ ବିଶ୍ୱାସ ନଥାଏ । କେବଳ ସମାଜରେ ନିଜ ନାମ ଓ ଖ୍ୟାତିର ବିସ୍ତାର ପାଇଁ ଯଜ୍ଞ କରାନ୍ତି । ଈଶ୍ୱର, ପରଲୋକ ଓ କର୍ମଫଳ ଉପରେ ବିଶ୍ୱାସ ନଥିବା କାରଣରୁ ସେମାନଙ୍କ ବିଧି-ବିଧାନ ଆଡକୁ ଦୃଷ୍ଟି ଯାଏ ନାହିଁ । ଯଜ୍ଞରେ ଦେବତା ଆବାହାନ, ମନ୍ତ୍ର ପଠନ, ଦାନ-ଦକ୍ଷିଣା ଆଦିରେ ଯେଉଁ ଶାସ୍ତ୍ରୀୟ ବିଧାନ ରହିଛି, ସେଥିପ୍ରତି କୌଣସି ଭ୍ରୂକ୍ଷେପ କରି ନଥାନ୍ତି । ନିଜକୁ ଜ୍ଞାନୀ,

ପଣ୍ଡିତ ତଥା ପରୋପକାରୀ ଭାବେ ଛଳନା କରି ବିଭିନ୍ନ ଧର୍ମ କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ସର୍ବ ସାଧାରଣରେ ବିଶ୍ୱାସ ଜନ୍ମାଇ ନିଜର ସ୍ୱାର୍ଥ ସିଦ୍ଧି କରନ୍ତି । ସେମାନେ ଯାହାକିଛି କରନ୍ତି, କେବଳ ଲୋକଙ୍କୁ ଭଣ୍ଡିବା ଉଦ୍ଦେଶ୍ୟରେ କରନ୍ତି । ସାଧାରଣ ଲୋକେ ସେମାନଙ୍କୁ ଭଗବାନ ରୂପେ ପୂଜା କରନ୍ତି ଏବଂ ନିର୍ବୋଧ ବ୍ୟକ୍ତିଗଣ ସେମାନଙ୍କ ଛଳନାକୁ ବୁଝି ନପାରି ସେମାନଙ୍କୁ ଅତି ଉନ୍ନତ ଆତ୍ମାରୂପେ ଗ୍ରହଣ କରନ୍ତି । ଶ୍ରଦ୍ଧା ବିହୀନ, ବିଧିହୀନ, ମନ୍ତ୍ରହୀନ, ଅନ୍ନଦାନ ଓ ଦକ୍ଷିଣା ପ୍ରଭୃତି ନଥିବା ଯଜ୍ଞ ହେଉଛି ତାମସିକ ଯଜ୍ଞ ଯାହା ଆସୁରୀ ପ୍ରକୃତିର ଲୋକେ ଅନୁଷ୍ଠାନ କରନ୍ତି । ଭଗବାନ ଆଗରୁ କହିଛନ୍ତି; ଯଜ୍ଞ ଶବ୍ଦର ଅର୍ଥ କେବଳ ବେଦୋକ୍ତ କର୍ମକାଣ୍ଡ ଭିତରେ ସୀମିତ ନରଖି ଏହାକୁ ନିଃସ୍ୱାର୍ଥ ଭାବେ ଈଶ୍ୱରଙ୍କୁ ଅର୍ପଣ କରି କରାଯାଉଥିବା ସେବାକର୍ମ, କର୍ତ୍ତବ୍ୟକର୍ମକୁ ଯଜ୍ଞ ରୂପେ ଗ୍ରହଣ କରିନିଆଯିବା ଉଚିତ । ସଂକ୍ଷେପରେ କହିବାକୁ ଗଲେ "ଭଗବତ୍ ଅର୍ପଣ କର୍ମ ହିଁ ଯଜ୍ଞ" । ଅନେକ ରାଜନୈତିକ ନେତା ସମାଜ ସେବକ ରାଷ୍ଟ୍ର ତଥା ସମାଜ ପାଇଁ ପ୍ରଯତ୍ନଶୀଳ ଥିଲା ଭଳି ଦେଖାଯାଉଥିଲେ ମଧ ରାଷ୍ଟ୍ରରେ ଶାନ୍ତି, ସମୃଦ୍ଧି ଓ ବିକାଶର ଆଖି ଦୁଶିଆ ଅଗ୍ରଗତି ନ ହେବାର କାରଣ ହେଲା ଅସୁର ସ୍ୱଭାବର ଲୋକଙ୍କ ବହୁଳତା ଏବଂ ତାଙ୍କରି ଛଳନା ମନୋବୃତ୍ତି ।

ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।
ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ॥୧୮॥

*ଅନ୍ୱୟ : ଅହଙ୍କାରଂ (ଅଭିମାନ – ଅହଙ୍କାର) ବଳଂ (ଶାରୀରିକ ବଳ -ଶକ୍ତି ) ଦର୍ପଂ (ଗର୍ବ- ଧର୍ମ ଉଲଂଘନ ମାନସିକତା) କାମଂ (କାମନା- ରତି ବୃତ୍ତି- ସ୍ତ୍ରୀ ସଂଭୋଗ ) କ୍ରୋଧଂ ଚ ( ବାସନା ଅପୂର୍ତ୍ତିରେ ପ୍ରତିକ୍ରିୟା- ଅନ୍ତଃଜ୍ୱଳନ ) ସଂଶ୍ରିତାଃ (ସମ୍ୟକରୂପେ ଆଶ୍ରୟକରି) ଆତ୍ମ-ପରଦେହେଷୁ (ନିଜର ଓ ଅନ୍ୟମାନଙ୍କର ଶରୀରରେ ଅଧିଷ୍ଠିତ ଥିବା) ମାମ୍ ( ମୋତେ ଅର୍ଥାତ୍ ଅନ୍ତର୍ଯାମୀ ରୂପେ ସ୍ଥିତ ପରମାତ୍ମାଙ୍କୁ ) ପ୍ରଦ୍ୱିଷନ୍ତଃ (ଦ୍ୱେଷ କରନ୍ତି ) ଅଭ୍ୟସୂୟକାଃ (ମୋର ଏବଂ ଅନ୍ୟମାନଙ୍କ ଗୁଣ ଉପରେ ଦୋଷ ଦୃଷ୍ଟି ରଖନ୍ତି) ।*

**ଭାବାର୍ଥ** : ସର୍ବଥା ଅନ୍ୟର ନିନ୍ଦା ଗାନ କରୁଥିବା ଅହଙ୍କାରୀ, ବଳଶାଳୀ, ଧମଣ୍ଡ, କାମ ଓ କ୍ରୋଧରେ ଜର୍ଜରିତ ଆସୁରୀ ପ୍ରକୃତିର ବ୍ୟକ୍ତି ନିଜଠାରେ ଏବଂ ଅନ୍ୟମାନଙ୍କଠାରେ ସାକ୍ଷୀ ରୂପେ ସ୍ଥିତ ଅନ୍ତର୍ଯାମୀ ପୁରୁଷ ପରମାତ୍ମାଙ୍କ ପ୍ରତି ଦ୍ୱେଷ ଭାବ ରଖନ୍ତି । ଶାସ୍ତ୍ରବିଧି ଅନୁସାରେ ଭଗବାନଙ୍କ ଚିନ୍ତନ ମଧ ଯଜ୍ଞ ଅଟେ । ପୂର୍ବ ଶ୍ଳୋକରେ ଭଗବାନ କହିବାନୁସାରେ, ଏହି ସ୍ୱଭାବର ଲୋକ ନିଜର ସ୍ୱାର୍ଥ ସାଧନ ନିମନ୍ତେ ଭଗବାନଙ୍କୁ ମାନନ୍ତି ବୋଲି କେବଳ ବାହାରକୁ ଦେଖାଇ ହୋଇଥାନ୍ତି । ନିଜ ନାମ ସହିତ କିଛି ଉପାଧି ଯୋଡି ସେହି ଉପାଧି ପାଇଁ ଗୌରବ ଅନୁଭବ କରନ୍ତି । କିନ୍ତୁ ବାସ୍ତବ ଜୀବନରେ ଭକ୍ତ ଯେପରି ଭଗବାନଙ୍କର ଆଶ୍ରିତ, ଆସୁରୀ ମନୁଷ୍ୟ ସେହିଭଳି ଅହଙ୍କାର, ବଳ, ଦର୍ପ, କାମ ଓ କ୍ରୋଧର ଆଶ୍ରିତ ହୋଇଥାଏ । ଉଦ୍ଧତ ହୋଇ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ହେଉଛି 'ଦର୍ପ' । ସେହିମାନଙ୍କର ଏହି ଧାରଣା ଦୃଢ ହୋଇଥାଏ କି, ଦମ୍ଭ, ଦର୍ପ ଓ ଅହଙ୍କାର ଦ୍ୱାରା ନିଜର ସମ୍ମାନ ଉଚ୍ଚ ହୁଏ, ସବୁ ସ୍ଥାନରେ ସତ୍କାର ମିଳେ ଓ ଜଗତରେ ଖ୍ୟାତି ବଢେ । କାମନା-ବାସନା ବିନା ଜୀବନ ବୃଥା ଏବଂ ଦୁଃଖମୟ । ଆସୁରୀ ପ୍ରକୃତିର ବ୍ୟକ୍ତି ଅତି ଜିଦ୍ଖୋର ଏବଂ ସେହିମାନେ ନିଜ କଥାକୁ ହିଁ ସତ୍ୟ ମନେ କରନ୍ତି । ସେମାନଙ୍କ ପାଖରେ ରହିଥିବା ବିଦ୍ୟା ବିବାଦ ଲାଗି ଉପଯୋଗ ହୁଏ, ଧନ ମଦୋନ୍ମତ୍ତ ପାଇଁ ଏବଂ ବଳ ଓ ଶକ୍ତି ପର ପୀଡନ ସକାଶେ

ଉପଯୋଗ ହୁଏ । ଯେଉଁମାନେ ଈଶ୍ୱର, ଧର୍ମ-ଅଧର୍ମ, ପୁରାଣ-ଶାସ୍ତ୍ର ଆଦି ମାନନ୍ତି ନାହିଁ ସେହିମାନେ ବଳର ଆଶ୍ରୟ ନେଇ ଅନ୍ୟମାନଙ୍କ ସହ ଶତ୍ରୁତା କରନ୍ତି, ଦର୍ପର ଆଶ୍ରୟ ନେଇ ଗର୍ବ କରନ୍ତି, କାମାଶ୍ରିତ ହୋଇ ଦୁରାଚାର ଏବଂ କ୍ରୋଧ ପରାୟଣ ହୋଇ ହିଂସା ଆଚରଣ କରନ୍ତି । ସେମାନଙ୍କ ଯୋଜନା ଓ କାର୍ଯ୍ୟପନ୍ଥାର ସାମାନ୍ୟ ମାତ୍ର ପ୍ରତିରୋଧରେ ହିଂସା ପରାୟଣ ହୋଇ ଅନ୍ୟର କ୍ଷତି ଘଟାନ୍ତି, ଏପରି କି ଜୀବନରେ ମାରିଦେବାକୁ ମଧ୍ୟ ପଶ୍ଚାତପଦ ହୁଅନ୍ତି ନାହିଁ । ବଳ, ଦର୍ପ, କାମ ଓ କ୍ରୋଧ ଏକତ୍ର ହେଲେ ସ୍ୱଚ୍ଛାଚାରୀ ଲୋକ ହିଂସାରେ ପ୍ରବୃତ୍ତ ହୁଏ । ଆସୁରୀ ଲୋକ ସନ୍ଥ, ସତ୍ୟବାଦୀ, ସଦାଚାରୀ ଏବଂ ଭଗବତ୍ ବିଶ୍ୱାସୀଙ୍କ ବିରୁଦ୍ଧରେ କୁତ୍ସାରଟନା କରିଥାନ୍ତି । ପରମାତ୍ମା ସକଳ ପ୍ରାଣୀଙ୍କଠାରେ ଅନ୍ତର୍ଯାମୀ ପୁରୁଷ ଭାବେ ବିରାଜମାନ । ଅତଏବ କାହାପ୍ରତି ଶତ୍ରୁତା ଆଚରଣ, ଦ୍ୱେଷଭାବ, ଶାରୀରିକ ତଥା ମାନସିକ ହିଂସା ଆଚରଣ ନିଶ୍ଚିତଭାବେ ପରମେଶ୍ୱରଙ୍କ ପ୍ରତି ଦୋଷାଚରଣ ଅଟେ । ସମସ୍ତ ଦୈବି ସମ୍ପତ୍ତି ସମ୍ପନ୍ନ ମୂଲ୍ୟଗୁଡ଼ିକୁ ଉପେକ୍ଷା କରି ଅହଂକାର, ସ୍ୱାର୍ଥ ଓ କାମୁକତାର ଜୀବନ ଅତିବାହିତ କରିବାର ପରିଣାମ ହେଉଛି ସମ୍ପୂର୍ଣ୍ଣ ବିନାଶ । ଦୁରାଚାରୀ ବ୍ୟକ୍ତି ସ୍ୱୟଂ ଅଶାନ୍ତ ହୋଇ ନିଜର ଆଖପାଖକୁ ମଧ୍ୟ ଅଶାନ୍ତିର ବାତାବରଣରେ ଦୂଷିତ କରନ୍ତି । ସେହିମାନେ ବିଶ୍ୱାସ କରି ନଥାନ୍ତି କି, ବର୍ତ୍ତମାନର ଜୀବନ ପରଜୀବନ ନିମିତ୍ତ ଏକ ପ୍ରସ୍ତୁତିକରଣ ଅଟେ ।

ତାନହଂ ଦ୍ୱିଷତଃ କ୍ରୂରାନ୍ ସଂସାରେଷୁ ନରାଧମାନ୍ ।
କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ॥୧୯॥

*ଅନ୍ୱୟ: ତାନ୍ ଦ୍ୱିଷତଃ ( ସେହି ଦ୍ୱେଷକାରୀ ) ଅଶୁଭାନ୍ କ୍ରୂରାନ୍ (ପାପଚାରୀ ଓ କ୍ରୂରକର୍ମା) ନରାଧମାନ୍ (ମନୁଷ୍ୟ-ନାମ ଅଯୋଗ୍ୟ ଲୋକଙ୍କୁ) ଅହଂ (ମୁଁ) ସଂସାରେଷୁ (ସଂସାରରେ ) ଅଜସ୍ରମ୍ (ବାରମ୍ବାର) ଆସୁରିଷୁ ଯୋନିଷୁ (ଆସୁରୀ ଯୋନିମାନଙ୍କରେ ) ଏବ (ହିଁ ) କ୍ଷିପାମି ( ନିକ୍ଷେପ କରେ ) ।*

**ଭାବାର୍ଥ** : ଭଗବାନ କହୁଛନ୍ତି କି, ସେହି ଦ୍ୱେଷକାରୀ କ୍ରୁର ଓ ପାପାଚାରୀ ନରାଧମମାନଙ୍କୁ ମୁଁ ସଂସାରରେ ପଶୁ ଆଦି ପାପ-ଯୋନୀରେ ବାରମ୍ବାର ନିକ୍ଷେପ କରେ । ଅସୁର ସ୍ୱଭାବ ସମ୍ପନ୍ନ ବ୍ୟକ୍ତି ଭଗବାନଙ୍କ ପରମ ପ୍ରଭୁତ୍ୱକୁ ସ୍ୱୀକାର କରେନାହିଁ ଏବଂ ସେ ନିଜକୁ ଈଶ୍ୱରବୋଲି ମନେ କରେ । ମନୁଷ୍ୟ ଶରୀର ଧାରଣକରି ନିଜ କର୍ତ୍ତବ୍ୟ ପ୍ରତି ଉଦାସୀନ ରହି ତମୋଗୁଣର ବଶବର୍ତ୍ତୀ ହୋଇ ଅନେକ ପାପକର୍ମରେ ଲିପ୍ତ ରୁହେ । ଫଳରେ ଯେଉଁମାନେ ନିଜର ମନୁଷ୍ୟତ୍ୱ ହରାଇ ବସନ୍ତି, ମୁଁ ସେମାନଙ୍କୁ ଏହି ଦୁଃଖମୟ ସଂସାରରେ ଘୂରାଇ ଘୂରାଇ ନୀଚ ତଥା ତମୋଯୋନୀରେ ଜନ୍ମ ଦେଇଥାଏ । ବାରମ୍ବାର ନୀଚଯୋନି ପ୍ରାପ୍ତ ହେବା ହିଁ ନର୍କଭୋଗ । ଅସୁର ପ୍ରବୃତ୍ତିର ଲୋକ ଦେବତା, ପିତୃ ବା ମନୁଷ୍ୟ ଜନ୍ମ ନ ପାଇ ନିଶ୍ଚିତ ରୂପେ ସିଂହ, ବାଘ, ସାପ, ବିଛା, ଘୁଷୁରି, ଚିଲ, ଶାର୍ଗୁଣା ଆଦି ପଶୁ ପକ୍ଷୀ, କୀଟ, ପତଙ୍ଗ ଭଳି ନୀଚ ଯୋନିରେ ଅନେକ ଥର ଜନ୍ମ ନିଅନ୍ତି । **"ବରୁ ଭଲ ବାସ ନରକ କର ତାତା । ଦୁଷ୍ଟ ସଙ୍ଗ ଜନି ଦେଇ ବିଧାତା ॥"** ( ମାନସ- ୫/୪୬/୪ ) ଅର୍ଥାତ୍ ନରକବାସ ବରଂ ଭଲ, କିନ୍ତୁ ବିଧାତା କେବେ ଦୁର୍ଜନଙ୍କ ସଙ୍ଗ ନ ଦିଅନ୍ତୁ; କାରଣ ନରକବାସ କଲେ ତ ପାପ ନାଶହୋଇ ଶୁଦ୍ଧତା ଆସେ, କିନ୍ତୁ ଦୁର୍ଜନଙ୍କ ସାଙ୍ଗରେ ରହିଲେ ମନ୍ଦଗୁଣ ଆସେ ଓ ପାପକର୍ମ ବଢିଚାଲେ । ଏମିତି ପାପରୂପକ ବୀଜ ବପନ ହୋଇଯାଏ ଯେ, ତାହା ଆଗକୁ ନରକ ଓ ଚଉରାଶି ଲକ୍ଷ ଜନ୍ମ ଭୋଗ କଲେମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୁଏ ନାହିଁ । ଏଠାରେ ପ୍ରଶ୍ନ ଉଠେ କି, ଭଗବାନ ତ ସାଧୁ, ସନ୍ଥ, ଯୋଗୀ, ପାପୀ,

ଦୁରାଚାରୀ ସମସ୍ତଙ୍କ ଉଦ୍ଧାର କର୍ତ୍ତା । ସେ' ଯଦି ଅସୁରୀ ପ୍ରକୃତିର ଲୋକଙ୍କୁ ଆହୁରି ନୀଚ ସ୍ତରକୁ ନେଇଯାନ୍ତି, ତା'ହେଲେ ତାଙ୍କରି ଉଦ୍ଧାର କେବେ ଏବଂ କିଏ କରିବ ? ଏହାର ସମାଧାନ ହେଲା; ଯଦିଓ ଈଶ୍ୱର "କର୍ତ୍ତୁମକର୍ତ୍ତୁମନ୍ୟଥା କର୍ତ୍ତୁମ୍" ସମର୍ଥ : ଅର୍ଥାତ୍ ଭଗବାନ ସବୁ କିଛି କରିବାକୁ ସମର୍ଥ, ତଥାପି ଜୀବ ନିଜ ନିଜ କର୍ମର ଫଳ ଅବଶ୍ୟ ଭୋଗ କରିବାକୁ ପଡିଥାଏ । ଶ୍ରୀ ଭଗବାନଙ୍କ ସାଧୁ-ପାପୀ ଭାବରେ କୌଣସି ଭେଦଭାବ ନାହିଁ । ସେ' ଜୀବର କର୍ମଫଳ ବିଧାନ କରିଥାନ୍ତି ଏବଂ ସେହି କର୍ମଫଳ ଅନୁଯାୟୀ ଜୀବ ବିଭିନ୍ନ ଯୋନିରେ ଜନ୍ମ ଗ୍ରହଣକରେ । 'ଶୁଭ କର୍ମରେ ଶୁଭ, ମନ୍ଦର ମନ୍ଦଫଳ'- ଭଗବାନଙ୍କ ଏହି ନିୟମ କେବେ ବି ଅସିଦ୍ଧ ହୋଇ ନଥାଏ । ଅତଏବ, ଆସୁରୀ ଯୋନିରେ ଜନ୍ମ ନିମିତ୍ତ ଜୀବର କର୍ମଫଳ ହିଁ ଦାୟୀ । ଜୀବର ଭବ ସାଗରରୁ ଉଦ୍ଧାର କର୍ତ୍ତା ହେଉଛନ୍ତି ସ୍ୱୟଂ ଭଗବାନ । ଯଦି ମନୁଷ୍ୟ ସେହି ଈଶ୍ୱରଙ୍କ ପ୍ରତି ଅବିଶ୍ୱାସ ଏବଂ ଦ୍ୱେଷଭାବ ପୋଷଣ କରେ, ତ'ହେଲେ ତାର ଉଦ୍ଧାର ହେବ କିମିତି ? ତେଣୁ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ତାକୁ ଅଶୁଭ ଯୋନିରେ ଜାତ ହେବାକୁ ହିଁ ପଡେ । କିନ୍ତୁ ପରମାତ୍ମା ସକଳ ପ୍ରାଣୀଙ୍କ ଠାରେ ସାକ୍ଷୀ ରୂପରେ ବିରାଜମାନ କାରଣରୁ ଏବଂ ଆତ୍ମା ସ୍ୱରୂପର ସର୍ବୋପରି ସ୍ୱତନ୍ତ୍ରତା କାରଣରୁ, କେଉଁ ଏକ ପୁଣ୍ୟ କାଳ ବା ପୂଣ୍ୟ କର୍ମ ଫଳ ରୂପେ ଜୀବ ହୃଦୟରେ ପରମାତ୍ମାଙ୍କ ଜ୍ଞାନ ଜ୍ୟୋତିର ଝଲକ ମୁହୂର୍ତ୍ତକ ପାଇଁ ମନୁଷ୍ୟର ଅନ୍ତଃକରଣରେ ଝଲସି ଉଠିବାର ସୁଯୋଗ ପ୍ରାପ୍ତ ହୋଇଥାଏ । ଫଳତଃ, ସୁପ୍ତ ବିବେକ ଜାଗ୍ରତ ହେବାର ଆରମ୍ଭ ହୁଏ ଏବଂ ମନୁଷ୍ୟ ଉଦ୍ଧାର ମାର୍ଗ ଅନୁସନ୍ଧାନ କରିବାକୁ ଲାଗେ । ଏହିପରି ଭଗବାନଙ୍କ ପ୍ରତି ଦ୍ୱେଷ କରୁଥିବା ନରାଧମଙ୍କୁ ପରମ କୃପାଳୁ ଭଗବାନ ଜାଣନ୍ତି, ନିଜର କରନ୍ତି ଏବଂ ସେମାନଙ୍କୁ ଆସୁରୀ ଯୋନିରେ ନିକ୍ଷେପ କରନ୍ତି । ସେମାନଙ୍କ ପୂର୍ବକୃତ ପାପ ଦୂର କରିବା ଓ ସେମାନଙ୍କୁ ଶୁଦ୍ଧ ନିର୍ମଳ କରି କଲ୍ୟାଣମାର୍ଗ ଦର୍ଶାଇବା ମଧ୍ୟ ଭଗବାନଙ୍କ କର୍ତ୍ତବ୍ୟ ଏବଂ ଉଦ୍ଦେଶ୍ୟ ରହିଥାଏ ।

ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।
ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ॥୨୦॥

*ଅନ୍ୱୟ: କୌନ୍ତେୟ ! ( ହେ କୁନ୍ତୀ ନନ୍ଦନ !) ମୂଢାଃ ( ସେହି ଅଜ୍ଞାନୀ ମନୁଷ୍ୟ) ଜନ୍ମନି ଜନ୍ମନି (ଜନ୍ମ ଜନ୍ମାନ୍ତରରେ ) ଆସୁରୀମ୍ ଯୋନିମ୍ (ଆସୁରୀ ଯୋନି ) ଆପନ୍ନାଃ (ପ୍ରାପ୍ତ ହୋଇ ) ମାମ୍ (ମୋତେ) ଅପ୍ରାପ୍ୟ ଏବ (ନପାଇ ହିଁ) ତତଃ (ପୂର୍ବ ଅପେକ୍ଷା ମଧ୍ୟ ) ଅଧମାଂ ଗତିମ୍ (ଅଧୋଗତି ଅର୍ଥାତ୍ ନୀଚ ଯୋନି ) ଯାନ୍ତି ( ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ** : ସତେ ଯେମିତି ଭଗବାନ ପଶ୍ଚାତାପ କରି କହୁଛନ୍ତି କି, ହେ କୁନ୍ତୀନନ୍ଦନ ! ଏହି ଦୁର୍ଲଭ ମନୁଷ୍ୟ ଶରୀର ଧାରଣ କରି ମଧ୍ୟ, ଅଜ୍ଞାନୀ ଲୋକ ମୋତେ ପ୍ରାପ୍ତ କରିବାର ସୁବର୍ଣ୍ଣ ସୁଯୋଗ ହରାଇ ପୂର୍ବାପେକ୍ଷା ଆହୁରି ଅଧୋଗତି ଲାଭ କରନ୍ତି ଅର୍ଥାତ୍ କୃମି କିଟାଦି ଯୋନିରେ ଜନ୍ମ ଗ୍ରହଣ କରନ୍ତି । ଆସୁରୀ ସ୍ୱଭାବର ଲୋକ ତାମସିକ ପ୍ରବୃତ୍ତିର ବଶ ହୋଇ କାମ ଓ କ୍ରୋଧର ପରିଣତି ସ୍ୱରୂପ ହୀନରୁ ହୀନତର ଯୋନିରେ ପ୍ରବେଶ କରନ୍ତି । ଭଗବତ୍ ସତ୍ତାର ଅସ୍ତିତ୍ୱ ପ୍ରତି ଅସ୍ୱୀକାର ହେତୁ ସେହିମାନେ ଭଗବତ କୃପାରୁ ବଞ୍ଚିତ ହୋଇଥାନ୍ତି । ଆସୁରୀ ପ୍ରକୃତି ଅଧାତ୍ମିକ ପ୍ରଗତିର ପରିପନ୍ଥୀ ଅଟେ । ଫଳରେ ସେମାନଙ୍କ ମଧ୍ୟରେ ଭଗବତ ବିଶ୍ୱାସ ଜାଗ୍ରତ ହେବା ପର୍ଯ୍ୟନ୍ତ ଏହିପରି ନୀଚ ଯୋନି ପ୍ରାପ୍ତହୋଇ ଜନ୍ମ ପରେ ଜନ୍ମ ଘୁରି ବୁଲୁଥାନ୍ତି । ଶାସ୍ତ୍ର ବିରୁଦ୍ଧ ବିଭିନ୍ନ ଯଜ୍ଞ ତପ ଅନୁଷ୍ଠାନରେ ଦେବତା, ମୁନି, ଋଷିଙ୍କଠାରୁ ବର ପ୍ରାପ୍ତ ହୋଇ ଅତ୍ୟନ୍ତ ବଳଶାଳୀ

ରୂପେ ଅଧର୍ମ ଅତ୍ୟାଚାରର ଚରମ ସୀମାରେ ପହଞ୍ଚିଥିବା ଆସୁରୀ ପ୍ରକୃତିର ମନୁଷ୍ୟଙ୍କୁ ଭଗବାନ ଧରା ପୃଷ୍ଠରେ ଅବତାର ଗ୍ରହଣ କରି ନିଧନ କରିବାର ଦୃଷ୍ଟାନ୍ତ ରହିଛି । ଶ୍ରୁତି ବାକ୍ୟ ଅନୁଯାୟୀ ଯେ ଭଗବାନଙ୍କ ହାତରେ ମରେ, ସେ ସମସ୍ତ ପାପରୁ ମୁକ୍ତ ହୋଇଯାଏ । ରାବଣ, କଂସ, ହିରଣ୍ୟକଶିପୁ ଆଦି ଅନେକ ଅସୁର ଜୀବନ ଏହାର ଦୃଷ୍ଟାନ୍ତ । ଦୁର୍ଭାବନାରୁ ଦୁରାଚାର ଜନ୍ମ ନିଏ ଏବଂ ଦୁରାଚାର ଦ୍ୱାରା ଦୁର୍ଭାବନା ପରିପୁଷ୍ଟ ହୁଏ । ଅତଏବ ମନୁଷ୍ୟ ଯେ ପର୍ଯ୍ୟନ୍ତ ନିଜର କଲ୍ୟାଣ ନିମନ୍ତେ ଆଗ୍ରହୀ ହୋଇ ତା'ର ଅହଂରେ ସ୍ଥାନ ପାଇଥିବା ଦୁର୍ଭାବନାକୁ ବିନାଶ ନ କରିଛି, ସେ ପର୍ଯ୍ୟନ୍ତ ଅଧିକରୁ ଅଧିକତର ନର୍କ ଯନ୍ତ୍ରଣା ପ୍ରାପ୍ତ ହେବ ହିଁ ହେବ । ଏହା ସତ୍ୟ କି, ପଶୁ ପକ୍ଷିପକ୍ଷୀ ଇତର ପ୍ରାଣୀଙ୍କ ଠାରେ ଭଗବତ୍ ପ୍ରାପ୍ତିର ଯୋଗ୍ୟତା ରହି ନଥାଏ । କାରଣ ପ୍ରକୃତି ଦ୍ୱାରା ସେମାନଙ୍କ କାର୍ଯ୍ୟ ସୀମିତ ହୋଇଥାଏ । କେବଳ ଭଗବାନ ମନୁଷ୍ୟକୁ ଭାବ ଓ ଚିନ୍ତନର ସ୍ୱତନ୍ତ୍ରତା ପ୍ରଦାନ କରିଛନ୍ତି । କେବଳ ମନୁଷ୍ୟ ଶରୀରରେ ହିଁ ସ୍ୱଭାବ ପରିବର୍ତ୍ତନ ଏବଂ ଅହଂକୁ ଶୁଦ୍ଧ କରିବାର ପର୍ଯ୍ୟାପ୍ତ ସୁଯୋଗ ଭଗବାନ ପ୍ରଦାନ କରିଛନ୍ତି ।

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥୨୧॥

*ଅନ୍ୱୟ : କାମଃ ( ଇନ୍ଦ୍ରିୟମାନଙ୍କ ବିଷୟ ଭୋଗ କାମନା-ବିଶେଷ ଭାବେ ଦାମ୍ପତ୍ୟ ସୁଖାଭିଳାଷ) କ୍ରୋଧଃ (କ୍ରୋଧ) ତଥା ଲୋଭଃ (ପୁଣି ଲୋଭ ) ଇଦମ୍ ତ୍ରିବିଧମ୍ (ଏହି ତିନି ପ୍ରକାର) ନରକସ୍ୟ ( ନରକର) ଦ୍ୱାରଂ (ଦ୍ୱାର) ଆତ୍ମନଃ (ଜୀବାତ୍ମାର) ନାଶନମ୍ (ନାଶକାରକ ଅର୍ଥାତ୍ ଜୀବାତ୍ମାର ଅଧୋଗତି ଘଟାଇ ଥାଆନ୍ତି ) ତସ୍ମାତ୍ (ତେଣୁ) ଏତତ୍ ତ୍ରୟମ୍ (ଏହି ତିନୋଟିକୁ ) ତ୍ୟଜେତ୍ (ତ୍ୟାଗ କରିବାକୁ ହେବ ) ।*

**ଭାବାର୍ଥ** : କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମତ୍ସର- ଏହିଗୁଡିକୁ ଷଡରିପୁ କୁହାଯାଇଛି । ଏହିଗୁଡିକ ପରସ୍ପର ସମ୍ବନ୍ଧିତ ଏବଂ ଏକଜାତୀୟ । ଏଥିମଧ୍ୟରୁ କାମ, କ୍ରୋଧ ଏବଂ ଲୋଭ ସମସ୍ତ ଅନର୍ଥର ମୂଳ ଏବଂ ନରକ ପ୍ରାପ୍ତିର ହେତୁ ବୋଲି ଭଗବାନ କହିଛନ୍ତି । ଏହି ତିନୋଟି ଜୀବାତ୍ମାର ପତନ ଘଟାଇଥାନ୍ତି । କଲ୍ୟାଣକାରୀ ମନୁଷ୍ୟ ମାତ୍ରେ ଏହି ତିନୋଟି ଆସୁରୀ ସ୍ୱଭାବ ଗୁଣକୁ ସମସ୍ତ ପ୍ରକାରେ ବର୍ଜନ କରିବାକୁ ହେବ । ଷଡ-ରିପୁର ମୂଳ ମଞ୍ଜି ହେଲା କାମନା । 'କାମ' ହିଁ କ୍ରୋଧ ଓ ଲୋଭର ରୂପ ଧାରଣ କରେ । କାମନା ପୂର୍ତ୍ତି ହୋଇ ଚାଲିଲେ ସଂଗ୍ରହ ବୁଦ୍ଧିରେ ତାହା ଲୋଭରେ ପରିଣତ ହୁଏ । କାମନା ପୂର୍ତ୍ତିରେ ବିଘ୍ନ ଆସିଲେ କ୍ରୋଧ ଜାତ ହୁଏ । କୌଣସି ବିଷୟକୁ ଭୋଗର ସାଧନ ଭାବି ତା'ରି ସମ୍ବନ୍ଧରେ ନିରନ୍ତର ଚିନ୍ତନ ଫଳରେ ସେହି ବସ୍ତୁକୁ ପ୍ରାପ୍ତ କରିବାର କାମନା ଉତ୍ପନ୍ନ ହୁଏ । କାମନା ପୂର୍ତ୍ତି ହେଉଛି ସୁଖରୂପ ବା ସ୍ୱର୍ଗ, କାମନା ଅପୂର୍ଣ୍ଣ ହେଉଛି ଦୁଃଖରୂପ ବା ନରକ । ମନୁଷ୍ୟର ଜୀବନ କାଳରେ ଏହି ଉଭୟର ଅନୁଭବତା ଅନିର୍ବାଯ୍ୟ । ବିଷୟ ଭୋଗ ବ୍ୟତୀତ ଦାମ୍ପତ୍ୟ ସୁଖାଭିଳାଷ ମଧ୍ୟ କାମନା ଅନ୍ତର୍ଭୁକ୍ତ । ବଂଶ ବିସ୍ତାର ଉଦ୍ଦେଶ୍ୟରେ 'କାମ' ଏକ ସ୍ୱତଃସିଦ୍ଧ ମାନବୀୟ ତଥା ପ୍ରାଣୀଙ୍କ ନିମିତ୍ତ ଈଶ୍ୱର ଦତ୍ତ ପ୍ରବୃତ୍ତି । ଯେଉଁ 'କାମ'କୁ ଭଗବାନ ନରକର ଦ୍ୱାର ବୋଲି ଅଭିହିତ କରିଛନ୍ତି, ତାହା ହେଉଛି ଅସତ୍ କାମ । ଯେଉଁ 'କାମ' ସତ୍ ଏବଂ ପୁରୁଷାର୍ଥ (ଅର୍ଥ-କାମ-ଧର୍ମ-ମୋକ୍ଷ)ର ଅନ୍ତର୍ଗତ ତଥା ଭଗବତ୍ ରୂପ ମାନି ନିଆଯାଇଥାଏ, ତାହା ଧର୍ମର ବିରୁଦ୍ଧ ନହୋଇ ଶାସ୍ତ୍ରାନୁକୁଳ ହୋଇଥାଏ । ତେଣୁ ଧର୍ମ ବିରୁଦ୍ଧ ଯେଉଁ କାମ, ଯାହା ଆସୁରୀ ସମ୍ପତ୍ତିର

ଅନ୍ତର୍ଗତ, ତାହା ନରକର ଦ୍ୱାର ଅଟେ । ଯେଉଁଠାରେ କାମନା ରହିଛି, ସେହିଠାରେ କ୍ରୋଧର ସ୍ଥାନ ସ୍ୱାଭାବିକ । ରଜୋଗୁଣର ପରିଣାମ ହେଉଛି କ୍ରୋଧ । କାମନା ଅପୂର୍ଣ୍ଣ ରହିବାରେ ଅନ୍ତଃକରଣରେ ଯେଉଁ ଉତ୍ତେଜନାମୟ ବୃତ୍ତି ଉତ୍ପନ୍ନ ହୁଏ ତା'ର ନାମ କ୍ରୋଧ । କ୍ରୋଧର ଆବେଶରେ ମନୁଷ୍ୟ ହିଂସା ପ୍ରତିହିଂସା ଆଦି ନାନାଦି ପାପ କରିବସେ । କାମନାର ଅତ୍ୟଧିକ ମାତ୍ରା, ସଂଗ୍ରହ ପ୍ରତି ଆସକ୍ତ କରାଇ ଲୋଭ ସୃଷ୍ଟି କରେ । କାମନା ପୂର୍ଣ୍ଣ ହେବାରେ, କାଳେ ଭବିଷ୍ୟତରେ ସେହି କାମନା ପୂର୍ତ୍ତିରେ ବାଧା ଆସିବ- ଏହି ଆଶଙ୍କାରେ ମନୁଷ୍ୟ ସମ୍ବଳ ସଂଗ୍ରହରେ ଲାଗିପଡେ । ଧନାଦି ବିଷୟରେ ଅତ୍ୟନ୍ତ ଲାଳସା ହେଉଛି 'ଲୋଭ' । ଫଳତଃ କାମୁକ ପୁରୁଷ ଅନ୍ୟାୟ-ଅଧର୍ମ ମାର୍ଗକୁ ଅବଲମ୍ବନ କରି ଅନ୍ୟର ଭୋଗ ସାମଗ୍ରୀ ତଥା ଧନ ଛଡାଇ ଆଣିବା ଭଳି ପାପ କର୍ମରେ ଲିପ୍ତ ରହେ । ତୃପ୍ତତାର ଅଭାବ ହେଉଛି ଲୋଭର ସ୍ୱାଭାବିକ ଧର୍ମ । ଲୋଭୀ ବ୍ୟକ୍ତିକୁ କେବେ ବି ସୁଖ ଓ ଶାନ୍ତି ପ୍ରାପ୍ତ ହୁଏନାହିଁ । କାମ, କ୍ରୋଧ, ଲୋଭ-ଏହି ତିନୋଟି ସକଳ ମାନବିକ ଦୁଃଖର ମୂଳ କାରଣ, ଶାନ୍ତିର ଶତୃ, ଏବଂ ଭକ୍ତି ତଥା ଜ୍ଞାନର ବୈରୀ । ଅନାତ୍ମାକୁ ମହତ୍ତ୍ୱ ଦେବା ହେଉଛି କାମ, କ୍ରୋଧ ଲୋଭ । ସ୍ତ୍ରୀ-ପୁରୁଷ ବିଷୟକ ହେଲା 'କାମ'- ଶତ୍ରୁ ବିଷୟକ ହେଲା କ୍ରୋଧ-ଏବଂ ଧନ ଆଦି ବିଷୟକ ହେଲା ଲୋଭ । କାମ, କ୍ରୋଧ ଓ ଲୋଭରେ ବାନ୍ଧି ହୋଇଥିବା ମନୁଷ୍ୟର ବୁଦ୍ଧି ଭ୍ରଷ୍ଟ ହୋଇଥାଏ, ବିବେକ ସୁପ୍ତ ରହେ, ମନ ଦୂଷିତ ବିଚାରରେ ଭରି ହୋଇଯାଏ । ଜୀବନ ସୁଖ, ଶାନ୍ତି, ପବିତ୍ରତା ଶୂନ୍ୟ ହୋଇ ଦୁଖଃମୟ ହୋଇଯାଏ ଏବଂ ମୃତ୍ୟୁପରେ ତାକୁ ଆସୁରୀ ଯୋନି ପ୍ରାପ୍ତ ହୁଏ । ତେଣୁ ଏହି ତ୍ରିବିଧ ଦୋଷକୁ ଆତ୍ମାର ବିନାଶକାରୀ ବୋଲି ଭଗବାନ କହିଛନ୍ତି । ଏଠାରେ ଆତ୍ମାର ବିନାଶ ଅର୍ଥ ଆତ୍ମାର ଅଧୋଗତି । କାମ-କ୍ରୋଧ-ଲୋଭର ବଶୀଭୂତ ହୋଇ ଶାସ୍ତ୍ର, ଧର୍ମ ଓ ଲୋକ ମର୍ଯ୍ୟାଦାର ବିରୁଦ୍ଧ କାର୍ଯ୍ୟକଲେ ମନୁଷ୍ୟର ପତନ ସୁନିଶ୍ଚିତ । ଜ୍ଞାନୀ ହେଉ କି, ଯୋଗୀ ହେଉ, ଅନେକ ପ୍ରଯତ୍ନଶୀଳ ହୋଇ ମଧ୍ୟ ଏହାକୁ ସମୂଳେ ଦମନ କରିବାକୁ ସକ୍ଷମ ହୋଇପାରିନଥାନ୍ତି । କିନ୍ତୁ ଅନନ୍ୟ ଭକ୍ତ ସଦ୍-ଗୁରୁଙ୍କ ଆଶ୍ରିତ ହୋଇ ସାଧୁ ସଙ୍ଗର ପ୍ରଭାବରେ ଅନାୟାସରେ ଭଗବତ୍ ସେବାରେ ନିଯୁକ୍ତ ହୋଇ ଏହି ଶତ୍ରୁ ମାନଙ୍କୁ ଦମନ କରିବାରେ ସକ୍ଷମ ହୁଏ । ଗୀତା ଏକ ଅଧ୍ୟାତ୍ମଶାସ୍ତ୍ର । ତେଣୁ ସମ୍ପୂର୍ଣ୍ଣ ଗୀତାରେ କାମ-କ୍ରୋଧ ଆଦି ପରିତ୍ୟାଗର ବିଷୟ ଅଧିକାଂଶ ଅଧ୍ୟାୟରେ ପ୍ରସଙ୍ଗାନୁସାରେ ଭଗବାନ କହିଛନ୍ତି ।

ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରୀଭିର୍ନରଃ ।
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ॥୨୨॥ .

*ଅନ୍ୱୟ : କୌନ୍ତେୟ !( ହେ ଅର୍ଜୁନ !) ଏତୈଃ ତ୍ରିଭିଃ (ଏହି ତିନୋଟି) ତମୋଦ୍ୱାରୈଃ (ତମୋମୟ ନରକ ଦ୍ୱାରରୁ) ବିମୁକ୍ତଃ (ବିମୁକ୍ତ ହୋଇ ) ନରଃ (ମନୁଷ୍ୟ) ଆତ୍ମନଃ (ନିଜର ବା ଆତ୍ମାର) ଶ୍ରେୟଃ (କଲ୍ୟାଣ) ଆଚରତି (ଆଚରଣ କରେ ) ତତଃ (ତାହାଦ୍ୱାରା) ପରାମ୍ (ପରମ) ଗତିମ୍ (ଗତି) ଯାତି (ପ୍ରାପ୍ତ ହୁଏ) ।*

**ଭାବାର୍ଥ** : ହେ ଅର୍ଜୁନ ! ମୁମୁକ୍ଷୁ ପୁରୁଷର ନରକର ଦ୍ୱାର ସ୍ୱରୂପ କାମ, କ୍ରୋଧ ଓ ଲୋଭ- ଏହି ତିନୋଟିରୁ ସର୍ବଥା ବିମୁକ୍ତ ହୋଇ, ଶ୍ରଦ୍ଧା ଓ ବିଧିର ସହିତ ଈଶ୍ୱରାଧନା ରୂପକ କଲ୍ୟାଣ ସାଧନାରେ ବ୍ରତୀ ହେବାକୁ ସମର୍ଥ ହୁଏ । ନିଜର ଉଦ୍ଧାର ପାଇଁ ଭଗବତ୍ ଆଜ୍ଞାନୁସାରେ କର୍ମ କରି ଚିତ୍ତ ଶୁଦ୍ଧ ଦ୍ୱାରା ମୁକ୍ତି ପ୍ରାପ୍ତ କରିଥାଏ । କାମ, କ୍ରୋଧ ଓ ଲୋଭ ପରିତ୍ୟାଗ କରି ଶାସ୍ତ୍ର ପ୍ରତିପାଦିତ ସଦ୍-ଗୁଣ ଓ ସଦାଚାର ରୂପୀ ଦୈବୀ-ସମ୍ପଦକୁ

ନିଷ୍କାମ ଭାବରେ ବିକାଶ କରିବା ହିଁ ଆତ୍ମ କଲ୍ୟାଣ ମାର୍ଗ । କାମ-କ୍ରୋଧର ବଶୀଭୂତ ହୋଇ ଭଗବତ୍ ସାଧନା ହେଉଛି, ଡଙ୍ଗାର ଦଉଡି ନ ଫିଟାଇ ଆହୁଲା ମାରିବା ସାଦୃଶ୍ୟ । ଏହି ତିନି ନର୍କ ପଥ ପରିତ୍ୟାଗ କରିଦେଲେ ସାଧକ ସମକ୍ଷରେ ମୋକ୍ଷର ମାର୍ଗ ସ୍ପଷ୍ଟ ହୋଇଯାଏ । ସେ' ଶାସ୍ତ୍ର ଶ୍ରବଣ କରିବାକୁ ଭଲପାଏ; ତାହା ଚିନ୍ତନ ମନନ କରି ଧ୍ୟାନରତ ହୁଏ ଓ ପରିଶେଷରେ ମୋକ୍ଷଲାଭ କରେ । କଠ ଉପନିଷଦରେ ଯମ ଓ ନଚିକେତା ସମ୍ବାଦରେ ଯମ ନଚିକେତାଙ୍କୁ କହିଛନ୍ତି; "**ଶ୍ରେୟଶ୍ଚ ପ୍ରେୟଶ୍ଚ ମନୁଷ୍ୟମେତସ୍ତୌ ସଂପରୀତ୍ୟ ବିବିନକ୍ତି ଧୀରଃ**"- ଅର୍ଥାତ୍ ଶ୍ରେୟ ଓ ପ୍ରେୟ ମନୁଷ୍ୟର ସାମନାରେ ଆସେ । ଧୀର ପୁରୁଷ ଏହାରି ଠିକ୍ ଭାବରେ ପରକ୍ଷୀ ବିବେଚନା କରିଥାଏ । ଶ୍ରେୟ ତାହା ଯାହା ଅପାତତଃ ସୁନ୍ଦର ଜଣାପଡିଲେ ମଧ୍ୟ ପରିଣାମରେ ଭୟାବହ ଏବଂ ପ୍ରେୟ ତାହା ଯାହା ପ୍ରାରମ୍ଭରେ କଷ୍ଟଦାୟକ ଜଣାପଡୁଥିଲେ ମଧ୍ୟ ପରିଣାମରେ ଅତ୍ୟନ୍ତ ହିତାବହ ହୋଇଥାଏ । ତେଣୁ ଉଭୟର ପରୀକ୍ଷଣ କରି ଶ୍ରେୟୋ ମାର୍ଗକୁ ଗ୍ରହଣ କରିନେବା ହିଁ ଭଗବାନ ଦେଉଥିବା ଉପଦେଶର ସାରମର୍ମ । ଶ୍ରେୟ ମାର୍ଗ ଆଚରଣ ଦ୍ୱାରା କେବଳ ସାଧକର କଲ୍ୟାଣ ହୁଏନାହିଁ , ବରଂ ତାହା ପାରିପାର୍ଶ୍ୱିକ ସମାଜର କଲ୍ୟାଣରେ ମଧ୍ୟ ସହାୟକ ହୋଇଥାଏ । ବୈଦିକ ରୀତି ଅନୁଯାୟୀ ଜୀବନରେ ଚାରିଗୋଟି ଆଶ୍ରମ ଓ ଚାରିଗୋଟି ବର୍ଣ୍ଣ ବିଭାଗ ସୃଷ୍ଟି କରାଯାଇଛି । ଏହାକୁ ବର୍ଣ୍ଣାଶ୍ରମ ଧର୍ମ କୁହାଯାଏ । ବିଭିନ୍ନ ବର୍ଣ୍ଣ ବିଭାଗ ନିମିତ୍ତ ବିଭିନ୍ନ ପ୍ରକାର ବିଧି ବିଧାନ ଓ ନୀତି ନିୟମମାନ ରହିଛି । ଏହାର ଅନୁସରଣ କରି ସାଧନାରତ ହେଲେ ଆଧ୍ୟାତ୍ମିକ ଅନୁଭୂତି ଲାଭର ସର୍ବୋଚ୍ଚ ସ୍ତରକୁ ଜଣେ ସାଧକ ଉନ୍ନୀତ ହୋଇ ପାରିବ । ଆସୁରୀ ସମ୍ପଦକୁ ତ୍ୟାଗ ତଥା ଶ୍ରେୟ ସାଧନକୁ ଗ୍ରହଣ କରିବା ପାଇଁ ଉପାୟ ଧର୍ମ ଶାସ୍ତ୍ରରେ ହିଁ ବର୍ଣ୍ଣନା କରାଯାଇଛି। ତେଣୁ ଶାସ୍ତ୍ର ଅଧ୍ୟୟନ କରି ତାହା ଅନୁସାରେ ଆଚରଣ କରିବା ହିଁ ମନୁଷ୍ୟ ପାଇଁ ଶ୍ରେୟସ୍କର ।

ଯଃ ଶାସ୍ତ୍ରବିଧିମ୍ ଉତ୍ ସୃଜ୍ୟ ବର୍ତ୍ତତେ କାମକାରତଃ ।
ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ॥୨୩॥

*ଅନ୍ୱୟ : ଯଃ (ଯେଉଁ ମନୁଷ୍ୟ) ଶାସ୍ତ୍ର ବିଧିମ୍ (ଶାସ୍ତ୍ର ବିଧିକୁ) ଉତ୍ସୃଜ୍ୟ (ଉପେକ୍ଷା କରି-ତ୍ୟାଗକରି ) କାମ କାରତଃ (କାମାବଶ ହୋଇ-ନିଜ ମନ ମୁତାବିକ) ବର୍ତ୍ତତେ (ଆଚରଣ କରେ-କାର୍ଯ୍ୟରେ ପ୍ରବୃତ୍ତ ରହେ ) ସଃ (ସେ) ସିଦ୍ଧିମ୍ (ଅନ୍ତଃକରଣର ଶୁଦ୍ଧତା-ସଫଳତା) ନ ( ପ୍ରାପ୍ତ ହୁଏନାହିଁ ) ନ ସୁଖମ୍ (ସାତ୍ତ୍ୱିକ ହେଉ କିମ୍ବା ଭୌତିକ ସୁଖ ମଧ୍ୟ ପ୍ରାପ୍ତ ହୁଏନାହିଁ) ନ ପରାମ୍ (ପରମ ଗତି) ନ ଅବାପ୍ନୋତି ( ପ୍ରାପ୍ତ ହୁଏନାହିଁ ) ।*

**ଭାବାର୍ଥ** : ଯେଉଁ ଅଧିକାରୀ ପୁରୁଷ ଶାସ୍ତ୍ର ବିଧିକୁ ତ୍ୟାଗକରି କାମନାର ପରବଶ ହୋଇ ନିଜ ଇଚ୍ଛାନୁସାରେ କର୍ମ ଅନୁଷ୍ଠାନକରେ, ତାହାକୁ ନା ଚିତ୍ତ-ଶୁଦ୍ଧି ପ୍ରାପ୍ତ ହୁଏ, ନା ସେ' ସ୍ୱର୍ଗୀୟ ସୁଖ ପ୍ରାପ୍ତ କରିପାରେ, ନା ମୋକ୍ଷ ପ୍ରାପ୍ତ ହୁଏ । କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଉପଲବ୍ଧ କରାଉଥିବା ଶାସ୍ତ୍ର ମାନଙ୍କ ବିଧାନପ୍ରତି ଅବହେଳା ପ୍ରଦର୍ଶନ କରି ନିଜର ମାନ-ବଡିମା-ପ୍ରତିଷ୍ଠା ଆଦି କୌଣସି ଇଚ୍ଛା ବିଶେଷକୁନେଇ ଆଚରଣ କରିବା ହେଉଛି ସ୍ୱେଚ୍ଛାଚାରଣ । ଶାସ୍ତ୍ରରେ ଜ୍ଞାନ ଓ କର୍ମର ସମନ୍ୱୟରେ ଯେଉଁ ସବୁ ସାଧନ ମାର୍ଗ ବା ଉପାୟମାନଙ୍କ ଉପଦେଶ ଦିଆଯାଇଛି, ତାହାରି ମୂଳ ତତ୍ତ୍ୱ ହେଲା କି, ବିଶୁଦ୍ଧ କର୍ମ ଓ ଜ୍ଞାନର ସମ୍ବନ୍ଧ ଠିକ୍ ରହିବା ଦ୍ୱାରା ଜୀବକୁ ସତ୍ତ୍ୱ-ସଂଶୁଦ୍ଧି ରୂପ ଅଭୟପାଦ ପ୍ରାପ୍ତ ହୁଏ । ସର୍ବୋଚ୍ଚ ଶାସ୍ତ୍ର ହେଉଛନ୍ତି 'ବେଦ' । ବେଦମାତାଙ୍କର ଦିବ୍ୟାଲୋକ

ପ୍ରତ୍ୟେକ ମନୁଷ୍ୟକୁ ଭଲ କ'ଣ, ମନ୍ଦ କ'ଣ ବିବେଚନା କରିବାର ମାର୍ଗ ଦର୍ଶାଇଥାନ୍ତି । ଶ୍ରୀ ଶଙ୍କାରାଚାର୍ଯ୍ୟ ଶାସ୍ତ୍ରର ଅର୍ଥ ବେଦକୁ ହିଁ ନିର୍ଦ୍ଦେଶ କରିଛନ୍ତି । ବେଦରେ ରଚିତ ନିଷେଧ ବିଧି ଓ ଆଚରଣକୁ ତ୍ୟାଗ କରିବା ହିଁ ଶାସ୍ତ୍ର ବିଧିବୋଲି ମାନି ନିଆଯାଇଛି । କେତେକ ବ୍ୟାଖ୍ୟାକାର ମଧ୍ୟ ସ୍ମୃତି, ପୁରାଣକୁ ମଧ୍ୟ ଶାସ୍ତ୍ର ଅନ୍ତର୍ଗତ ବୋଲି ମତ ରଖନ୍ତି । ବେଦରେ ଅନ୍ତର୍ଭୁକ୍ତ କର୍ମ-କାଣ୍ଡକୁ ଆଧାର କରି ଇନ୍ଦ୍ରିୟ ପ୍ରଣୋଦିତ କାମନାର ଇଙ୍ଗିତରେ ଭୋଗ ବୁଦ୍ଧିରେ କର୍ମାନୁଷ୍ଠାନ ଭଗବତ ପ୍ରାପ୍ତିର ପ୍ରତିବନ୍ଧକ ହୋଇଥାଏ । ରୂଢିବାଦୀ ପଣ୍ଡିତ ଲୋକମାନଙ୍କ ପ୍ରରୋଚନାରେ ଇନ୍ଦ୍ରିୟ ସୁଖକୁ ପ୍ରାଧାନ୍ୟ ଦେଇ ଯେ' ପାପ ଆଚରଣ କରେ , ମୃତ୍ୟୁ ତାହାକୁ ନର୍କଗାମୀ କରିଦିଏ । ଯାହା ଶାସ୍ତ୍ର ନିଷିଦ୍ଧ, ତାହା ପାପ କର୍ମ ଅଟେ ଏବଂ ସେଗୁଡିକର ଅନୁଷ୍ଠାନ ଦୁର୍ଗତିର କାରଣ ହୁଏ । ସେହିବ୍ୟକ୍ତି ଜୀବନରେ ପରମଗତିର ପୂର୍ଣ୍ଣତାପ୍ରାପ୍ତ ହୁଏନାହିଁ । କାମନାରେ ପ୍ରେରିତ, ଲୋଭଦ୍ୱାରା ପ୍ରୋତ୍ସାହିତ ଏବଂ କ୍ରୋଧ ଦ୍ୱାରା ବିକ୍ଷିପ୍ତ ବ୍ୟକ୍ତି ସର୍ବଥା ଅଶାନ୍ତି ଏବଂ କ୍ରୁର ଜୀବନ ବିତାଇଥାନ୍ତି । ଏହିଭଳି ବ୍ୟକ୍ତି ଭୌତିକ ସୁଖ ପ୍ରାପ୍ତ ହୋଇ ନଥାଏ କି, ତା'ରି ଆତ୍ମାର ବିକାଶ ମଧ୍ୟ ହୁଏନାହିଁ । ଶାସ୍ତ୍ର ବିଧି ପାଳନ ଅନୁସାରେ ଦେବତାଙ୍କ ପୂଜା କରିବାରେ ଇନ୍ଦ୍ରିୟମାନଙ୍କଠାରେ ଶକ୍ତି ସଞ୍ଚାର ହୁଏ, ଋଷି ମାନଙ୍କ ପୂଜା କରିବାରେ ଜ୍ଞାନର ବୃଦ୍ଧି ଘଟେ, ପିତୃ-ପୁରୁଷଙ୍କ ପୂଜା ଦ୍ୱାରା ବଂଶ ପରମ୍ପରା ଉତ୍ତମ ପ୍ରକାରେ ଚାଲେ ଏବଂ ସଂସ୍କୃତିର ରକ୍ଷାହୁଏ । ଈଶ୍ୱରଙ୍କ ପୂଜା କରିବାରେ ରାଗ-ଦ୍ୱେଷରୁ ନିବୃତ୍ତି ଘଟି, ତତ୍ତ୍ୱଜ୍ଞାନରେ ପ୍ରତ୍ୟକ୍ ଚୈତନ୍ୟାଭିନ୍ନ ତତ୍ତ୍ୱର ବୋଧ ହୋଇଥାଏ । ଗୀତାମାତା ସ୍ୱୟଂ ପୂର୍ଣ୍ଣଶାସ୍ତ୍ର ଅଟନ୍ତି, ଯାହା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣକ ମୁଖରୁ ନିସୃତ ।

ତସ୍ମାତ୍ ଶାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟ ବ୍ୟବସ୍ଥିତୌ ।
ଜ୍ଞାତ୍ୱା ଶାସ୍ତ୍ର ବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ॥୨୪॥

*ଅନ୍ୱୟ: ତସ୍ମାତ୍ (ସେଥିପାଇଁ) କାର୍ଯ୍ୟ-ଅକାର୍ଯ୍ୟ-ବ୍ୟବସ୍ଥିତୌ (କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିର୍ଣ୍ଣୟରେ ) ଶାସ୍ତ୍ରମ୍ (ଶାସ୍ତ୍ର ହିଁ ) ତେ (ତୁମ ପାଇଁ ) ପ୍ରମାଣଂ (ପ୍ରମାଣ ସ୍ୱରୂପ) ଇହ ( ସୁତରାଂ ଏହି ମନୁଷ୍ୟ ଲୋକରେ ) ଶାସ୍ତ୍ର-ବିଧାନ -ଉକ୍ତମ୍ (ଶାସ୍ତ୍ରରେ କୁହାଯାଇଥିବା ବିଧି ଓ ନିଷେଧ ବ୍ୟବସ୍ଥା ) ଜ୍ଞାତ୍ୱା (ଜାଣି ) କର୍ମ (କର୍ତ୍ତବ୍ୟ କର୍ମ ) କର୍ତ୍ତୁମ୍ (କରିବାକୁ) ଅର୍ହସି (ଯୋଗ୍ୟ ବା ସମର୍ଥ ହୁଅନ୍ତି ) ।*

**ଭାବାର୍ଥ** : ଅତଏବ, ହେ ଅର୍ଜୁନ ! କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିରୂପଣରେ କ'ଣ କରଣୀୟ ଏବଂ କ'ଣ ଅକରଣୀୟ, ଶାସ୍ତ୍ର ହିଁ ସେଗୁଡିକର ଏକମାତ୍ର ପ୍ରମାଣ । ସୁତରାଂ, ଶାସ୍ତ୍ରୀୟ ବିଧି-ନିଷେଧ ବ୍ୟବସ୍ଥା ଉତ୍ତମ ରୂପେ ଜାଣି ଏହି କର୍ମାଧିକାର ମନୁଷ୍ୟ ଲୋକରେ କର୍ମ ଅନୁଷ୍ଠାନରେ ପ୍ରବୃତ୍ତ ହେବା ବିଧେୟ । ଜୀବ ମାୟାବଦ୍ଧ ହୋଇ ଭଗବାନଙ୍କୁ ପ୍ରକାଶିତ କରୁଥିବା ସାତ୍ତ୍ୱିକତାକୁ ପରିତ୍ୟାଗ କରି, ତମୋଧର୍ମଗତ ଆସୁରୀ ସ୍ୱଭାବର ହୋଇଥାଏ । ଏହି ଆସୁରୀ ସ୍ୱଭାବ ପରିତ୍ୟାଗ କରି ଶ୍ରଦ୍ଧାର ସହିତ ଶାସ୍ତ୍ର ବିହିତ ନବଧା ଭକ୍ତିର ସାଧନ କରିବା ମନୁଷ୍ୟ ପକ୍ଷରେ ଜୀବାତ୍ମାର ଉଦ୍ଧାର ନିମିତ୍ତ ପରମ କର୍ତ୍ତବ୍ୟ ବୋଲି ଭଗବାନ ଏହି ଅଧ୍ୟାୟରେ ଉପଦେଶ ଦେଇଛନ୍ତି । କଲ୍ୟାଣକାରୀ ପୁରୁଷ ନିଜ ନିଜ ଅଧିକାର ଯୋଗ୍ୟତା ଅନୁସାରେ ଗୁରୁଙ୍କ ଆନୁଗତ୍ୟରେ ଶାସ୍ତ୍ରୀୟ ବିଧିକୁ ଉତ୍ତମରୂପେ ବୁଝି ଶ୍ରୀହରି ଭକ୍ତିର ଅନୁଶୀଳନ କରିବା ସମୁଚିତ । ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ତା'ରି ସମ୍ବନ୍ଧରେ ଶାସ୍ତ୍ରୀୟ ଆଦେଶ କ'ଣ ତାହା ବିଚାରକୁ ନେବା ଉଚିତ । ସନାତନ ଧର୍ମର ଏହା ହିଁ ହେଉଛି ବିଶେଷତା ଯେ, ସମସ୍ତ ଶାସ୍ତ୍ର ବିଧି-ବିଧାନକୁ ଆମର ସଂସ୍କୃତି ସହିତ ଏପରି

ଭାବରେ ଯୋଡି ଦିଆଯାଇଅଛି, ଯେପରି ତାହା ନିତ୍ୟ ବ୍ୟବହାରିକ କାର୍ଯ୍ୟ ପ୍ରଣାଳୀ, ବିଭିନ୍ନ ପାରିବାରିକ ମାଙ୍ଗଳିକ କାର୍ଯ୍ୟ ତଥା ସାମାଜିକ ପ୍ରଥା ଓ ପର୍ବ ପର୍ବାଣୀ ପାଳନରେ ପରିଲକ୍ଷିତ ହୋଇଥାଏ । ଶାସ୍ତ୍ର ପ୍ରମାଣ ବା ଶାସ୍ତ୍ର ନିର୍ଦ୍ଦେଶକୁ ଅନୁସରଣ ନକଲେ ବ୍ୟକ୍ତି କଦାପି ପୂର୍ଣ୍ଣତା ପ୍ରାପ୍ତି ସ୍ତରକୁ ଉନ୍ନୀତ ହୋଇପାରିବ ନାହିଁ । ଶାସ୍ତ୍ରନୀତି, ସାମାଜିକ ପ୍ରଥା ଓ ରାଷ୍ଟ୍ରନିୟମ ଆଦିର ଉଲଂଘନ ହେଉଛି ଅପରାଧ ଏବଂ ସମସ୍ତ ପ୍ରକାର ଅଧୋଗତିର କାରଣ । ଅର୍ଜୁନ ଯେବେ ଯୁଦ୍ଧରୁ ବିମୁଖ ହୋଇଛନ୍ତି, ଭଗବାନ ତାଙ୍କୁ ଏଥିପାଇଁ ପ୍ରେରିତ କରିବାକୁ ଲାଗିଲେ କି, ଅନ୍ୟାୟ-ଅଧର୍ମ ବିରୁଦ୍ଧରେ ଯୁଦ୍ଧ କରିବା ହେଉଛି କ୍ଷତ୍ରିୟର ଧର୍ମ ଏବଂ ଏହା ଶାସ୍ତ୍ର ପ୍ରଣୋଦିତ । ଅମଙ୍ଗଳ ମାର୍ଗରୁ ହଟେଇ ଆଣି ହିତୋପଦେଶ ଦେବାରେ ବେଦମାତା ହେଉଛନ୍ତି ରକ୍ଷା କବଚ ଏବଂ ଅଦ୍ୱିତୀୟ । ଭଗବଦ ଗୀତାରେ ଭଗବାନଙ୍କ ଶ୍ରୀକୃଷ୍ଣଙ୍କ ଦ୍ୱାରା ସମୁଦିଷ୍ଟ ଯୋଗଶାସ୍ତ୍ରର ସାଧନ ସୁତ୍ରକୁ ଆଧାୟ କରି ବିଶିଷ୍ଟ ସାଧୁ, ସନ୍ଥ, ଆଚାର୍ଯ୍ୟ ଓ ମହାତ୍ମା ଗଣ ପରମାତ୍ମା ପ୍ରାପ୍ତି ଭଳି ସିଦ୍ଧି ପ୍ରାପ୍ତ ହୋଇ ଏହାକୁ ନିର୍ଦ୍ଦୋଷ ଏବଂ ମନୁଷ୍ୟଙ୍କ ପ୍ରତ୍ୟକ୍ଷ କଲ୍ୟାଣକର ବୋଲି ସାବ୍ୟସ୍ତ କରି ଯାଇଛନ୍ତି । ଏହି ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଦୈବୀ ଏବଂ ଆସୁରୀ ସମ୍ପଦ ଦ୍ୱୟର ବିସ୍ତାର ରୂପେ ବର୍ଣ୍ଣନା କରିଛନ୍ତି । ଏହି ଦୁଇଟିର ସ୍ଥାନ ମନୁଷ୍ୟର ହୃଦୟ ଅଟେ । ଏହି ଦୁଇଟି ସମ୍ପଦର ଫଳକୁ ମନୁଷ୍ୟ ଉତ୍ତମ ରୂପେ ବୁଝି ଦୈବୀ ସମ୍ପଦକୁ ଆଶ୍ରିତ ହୋଇ ପରମ ପାଦକୁ ପ୍ରାପ୍ତ ହେବା ବିଧେୟ । ଶରୀର ଓ ପ୍ରାଣର ମୋହରେ ଜଡିତ ନ ହୋଇ କେବଳ ପରମାତ୍ମା ପ୍ରାପ୍ତି ଉଦ୍ଦେଶ୍ୟରେ ଶାସ୍ତ୍ର ବିହିତ କର୍ମ କରିବା ହିଁ ମନୁଷ୍ୟ ଜନ୍ମର ସାର୍ଥକତା ।

ଓଁ ତତ୍ସଦିତି ଶ୍ରୀମଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଦୈବାସୁରସମ୍ପଦ୍ ବିଭାଗ ଯୋଗ ନାମ ଷଡୋଶଅଧ୍ୟାୟଃ ॥୧୬॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ଦୈବାସୁରସମ୍ପଦ ବିଭାଗ ଯୋଗ' ନାମକ ଷଡୋଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୬॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁଓଁ

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

# ଅଥ ସପ୍ତଦଶୋଧ୍ୟାୟଃ (ସପ୍ତଦଶ ଅଧ୍ୟାୟ )

## (ଶ୍ରଦ୍ଧା ତ୍ରୟ ବିଭାଗ ଯୋଗ )

ଅର୍ଜୁନ ଉବାଚ

ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ   ଯଜନ୍ତେ  ଶ୍ରାଦ୍ଧୟାନ୍ୱିତା ।
ତେଷାଂ  ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ॥୧॥

*(ଅଜାଣତଃ ଅର୍ଥାତ୍ ଉଦ୍ଦେଶ୍ୟ ନଥାଇ ଉପେକ୍ଷା କରିଥାନ୍ତି )ତୁ ( କିନ୍ତୁ) ଶ୍ରଦ୍ଧୟା (ଶ୍ରଦ୍ଧା ବା ଆସ୍ତିକ୍ୟ ବୁଦ୍ଧିରେ ଅନ୍ୱୟ: ଅର୍ଜୁନ ଉବାଚ ( ଅର୍ଜୁନ କହିଲେ) କୃଷ୍ଣ ! ( ହେ କୃଷ୍ଣ ! ହେ ଭଗବାନ !) ଯେ ( ଯେଉଁ ମନୁଷ୍ୟମାନେ ) ଶାସ୍ତ୍ର ବିଧିମ୍ (ଶ୍ରୁତି ସ୍ମୃତି ରୂପକ ଶାସ୍ତ୍ର ବିଧିକୁ ) ଉତ୍ସୃଜ୍ୟ) ଅନ୍ୱିତାଃ (ଯୁକ୍ତ ହୋଇ ) ଯଜନ୍ତେ (ଦେବା-ଦେବୀଙ୍କୁ ପୂଜା କରନ୍ତି ) ତେଷାଂ (ସେମାନଙ୍କର) ନିଷ୍ଠା (ସ୍ଥିତି) କା (କିପରି – କେଉଁ ପ୍ରକାରର ) ସତ୍ତ୍ୱଂ (ସତ୍ତ୍ୱଗୁଣାନ୍ୱିତ) ଅହୋ ( ଅଥବା ) ରଜଃ (ରଜୋଗୁଣାନ୍ୱିତ) ତମଃ (ବା ତମୋଗୁଣାନ୍ୱିତ)*

**ଭାବାର୍ଥ** : ଅର୍ଜୁନ କହିଲେ ହେ କୃଷ୍ଣ ! ଯେଉଁ ମନୁଷ୍ୟମାନେ ବେଦ, ଶ୍ରୁତି ସ୍ମୃତି ରୂପକ ଶାସ୍ତ୍ର ବିଧିକୁ ଅଜ୍ଞାନ ବଶତଃ ଅଥବା ଏହାର ରହସ୍ୟ ଗୁଡିକୁ ଉତ୍ତମ ରୂପେ ବୁଝି ନପାରି ଉପେକ୍ଷା କରିଥାନ୍ତି, କିନ୍ତୁ ଶ୍ରଦ୍ଧା ସହକାରେ ବା ଆସ୍ତିକ ବୁଦ୍ଧିରେ ଯୁକ୍ତ ହୋଇ ଦେବା-ଦେବୀ ଆଦିଙ୍କ ଉପାସାନା କରିଥାନ୍ତି, ସେହିମାନଙ୍କର ନିଷ୍ଠାର ସ୍ଥିତି କେଉଁ ପ୍ରକାର ହୋଇଥାଏ ? ସେହିମାନେ ସାତ୍ତ୍ୱିକ-ରାଜସିକ- ତାମସିକ -ଏହି ମଧ୍ୟରୁ କେଉଁ ଗୁଣାନ୍ୱିତ ମନୁଷ୍ୟଙ୍କ ଗତିକୁ ପ୍ରାପ୍ତ ହୋଇଥାନ୍ତି, କୃପା ପୂର୍ବକ କୁହନ୍ତୁ । ଅର୍ଜୁନଙ୍କ ଏହି ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅର୍ଜୁନ ଆଗରୁ ଭଗବାନଙ୍କଠାରୁ ଶୁଣିଛନ୍ତି କି, ଯେଉଁ ପର୍ଯ୍ୟନ୍ତ ସାତ୍ତ୍ୱିକ, ରାଜସିକ କିମ୍ବା ତାମସିକ ଗୁଣ ଜୀବଠାରେ ବିଦ୍ୟମାନ, ତାହା କୌଣସି ନା କୌଣସି ଯୋନି ପ୍ରାପ୍ତ ହେବାର କାରଣ ହୋଇଥାଏ । ପୂର୍ବ ଅଧ୍ୟାୟରେ ଭଗବାନ କହିଛନ୍ତି କି, ଶାସ୍ତ୍ର ବିଧିକୁ ଅବହେଳା କରି କାମନାର ବଶ ହୋଇ କର୍ମ କରୁଥିବା ମନୁଷ୍ୟର ଅଧୋଗତି ହୋଇଥାଏ । ଏଥିରେ ଅର୍ଜୁନଙ୍କ ମନରେ ସଂଶୟ ଜାଗ୍ରତ ହୋଇଛି କି, ଯେଉଁ ମନୁଷ୍ୟ କୌଣସି ମନ୍ଦ ଉଦ୍ଦେଶ୍ୟ ନ ରଖି, କିନ୍ତୁ  ଶାସ୍ତ୍ର ବିଧି ଆଦିକୁ ମହତ୍ତ୍ୱ ନଦେଇ ନିଷ୍ଠା ସହକାରେ  ନିଜର କର୍ତ୍ତବ୍ୟ କର୍ମ ସହିତ ଇଶ୍ୱର ବିଶ୍ୱାସ ରଖି ବିଭିନ୍ନ ଦେବା-ଦେବୀର ପୂଜା ଉପାସନା କରିଥାଏ, ତାହାରି ଜ୍ଞାନ-ଯୋଗ କିମ୍ବା କର୍ମ-ଯୋଗ ସାଧନର ସତ୍ତ୍ୱ-ସଂଶୁଦ୍ଧି ଭଳି ଊର୍ଦ୍ଧ୍ୱଗତି ( ଉଚ୍ଚଯୋନି) ପ୍ରାପ୍ତ ହୁଏ ନାହିଁ କି ?

ସାଧାରଣତଃ ତିନୋଟି କାରଣରୁ ଶାସ୍ତ୍ର ବିଧି ଉପେକ୍ଷିତ ହୋଇଥାଏ । ଗୋଟିଏ ଅଜ୍ଞତା, ଦ୍ୱିତୀୟଟି ଉଦ୍ଦେଶ୍ୟ ନଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଏବଂ ଅନ୍ୟଟି ବିରୋଧଭାବ । ସାଂସାରିକ ଜୀବନରେ ଉତ୍ତେଜନା, ମାନସିକ ଚିନ୍ତା ତଥା ବ୍ୟାକୁଳତା କାରଣରୁ ଶାସ୍ତ୍ରର ନିର୍ଦ୍ଦିଷ୍ଟମାନ ଅନୁସାରେ ଜୀବନକୁ ସୁନିୟନ୍ତ୍ରିତ କରିବାର ସାମର୍ଥତା ଅଧିକାଂଶ ଲୋକଙ୍କଠାରେ ସମ୍ଭବପର ହୋଇନଥାଏ । ଶାସ୍ତ୍ରମାନଙ୍କର ମଧ୍ୟ ପରସ୍ପର ବିରୋଧୀ ଉକ୍ତି ମଧ୍ୟ ରହିଛି । ସେ ସବୁର ସତ୍ୟାର୍ଥ ମଧ୍ୟ ନିରୂପଣ କରିବା ଆବଶ୍ୟକ । ଶାସ୍ତ୍ର ମଧ୍ୟ ଅନେକଙ୍କ ପାଖରେ ସହଜରେ ଉପଲବ୍ଧ ହୋଇ ନଥାଏ । ଅନେକ ଏହାକୁ ପଢି ମଧ୍ୟ ଏହାର ରହସ୍ୟକୁ ସହଜରେ ବୁଝି ନପାରି ସନ୍ଦେହରେ ପଡିଥାନ୍ତି । ଏହି ସବୁର ଅଭାବ ଥାଇ ମଧ୍ୟ, ଯେଉଁ ନିଷ୍ଠାବାନ୍ ବ୍ୟକ୍ତି ଶ୍ରେଷ୍ଠ ଜୀବନ ତଥା ଧର୍ମର ଆଦର୍ଶରେ ଦୃଢ ଶ୍ରଦ୍ଧା ବା ଭକ୍ତି ରଖନ୍ତି, ନିଜ କୁଳ , ବର୍ଣ୍ଣାଶ୍ରମ, ସଂସ୍କାରାଦି ଅନୁସାରେ ଶ୍ରଦ୍ଧା ପୂର୍ବକ କର୍ତ୍ତବ୍ୟ ନିଷ୍ଠା ହୋଇଥାନ୍ତି, ସମସ୍ତ ସକାରାତ୍ମକ ଭାବ ଦ୍ୱାରା ତାଙ୍କରି ନିଃସନ୍ଦେହ ଭାବେ କଲ୍ୟାଣ ହୋଇଥାଏ । ଅର୍ଜୁନ ପଚାରିଥିବା ପ୍ରଶ୍ନର ଦୁଇଟି ଦିଗ ରହିଛି; ଗୋଟିଏ ହେଲା: ଯିଏ ଶାସ୍ତ୍ରଜ୍ଞାନ ଥାଇ ମଧ୍ୟ ଭୋଗ କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ଶାସ୍ତ୍ର ବିଧିକୁ ଉପେକ୍ଷା କରେ, ତାହାକୁ ଶ୍ରଦ୍ଧାଯୁକ୍ତ କୁହାଯିବ ନାହିଁ । ଅନ୍ୟ ଦିଗଟି ହେଲା; ଯେଉଁ ବ୍ୟକ୍ତି ବିନା ଶାସ୍ତ୍ର ଜ୍ଞାନରେ ନିଜ କର୍ତ୍ତବ୍ୟ କର୍ମ ଶ୍ରଦ୍ଧାର ସହିତ ପାଳନ କରେ, ସେହି କାର୍ଯ୍ୟର ସନ୍ତୋଷ ରୂପକ ଫଳ ପ୍ରତ୍ୟକ୍ଷ ପ୍ରାପ୍ତ ହୋଇଥାଏ । କର୍ମ ସମ୍ପାଦନରେ ଆତ୍ମତୃପ୍ତି ପ୍ରାପ୍ତହେବା ତ ପ୍ରତ୍ୟକ୍ଷ ସିଦ୍ଧି । ବୁଦ୍ଧିମାନ୍ ବ୍ୟକ୍ତି ଶାସ୍ତ୍ର ନଜାଣି ମଧ୍ୟ, ଲୋକାଚାର ଏବଂ ଗୁରୁଜନଙ୍କ ବ୍ୟବହାରକୁ ଅନୁସରଣ କରି ସେଥିରେ ଶ୍ରଦ୍ଧାର ସହିତ ପ୍ରବୃତ୍ତ ହେବାର ଦେଖାଯାଇଥାଏ । ଶ୍ରୀ ନୀଳକଣ୍ଠଜୀ କହିଛନ୍ତି: ପୂର୍ବଜ ମାନଙ୍କ ଦ୍ୱାରା ସୃଷ୍ଟ ବଂଶଗତ ପରମ୍ପରା, ବୃଦ୍ଧଜନଙ୍କ ସଦାଚରଣ ଏବଂ ହିତୋପଦେଶ, ନିଜ କୁଳଧର୍ମର ନୀତି ଓ ନିୟମକୁ ମଧ୍ୟ ଶାସ୍ତ୍ର ପ୍ରମାଣ ରୂପେ ବିବେଚନା କରାଯାଇଥାଏ

ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସ ସ୍ୱଭାବଜା ।
ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ॥୨॥

*ଅନ୍ୱୟ : ଶ୍ରୀ ଭଗବାନ ( ଭଗବାନ ଶ୍ରୀକୃଷ୍ଣ ) ଉବାଚ ( କହିଲେ ) ଦେହୀନାମ୍ (ମନୁଷ୍ୟମାନଙ୍କର) ସାତ୍ତ୍ୱିକୀ (ସତ୍ତ୍ୱଗୁଣ ସମ୍ପନ୍ନ) ରାଜସୀ (ରଜୋଗୁଣ ପ୍ରଧାନ ) ତାମସୀ ଚ ( ଏବଂ ତମୋଗୁଣ ପ୍ରଧାନ) ଇତି (ଏହି) ତ୍ରିବିଧା ଏବ (ତିନି ପ୍ରକାର) ଶ୍ରଦ୍ଧା (ଆସ୍ତିକ୍ୟ-ବୁଦ୍ଧି) ଭବତି (ହୁଏ) ସା ( ଏବଂ ସେହି ଶ୍ରଦ୍ଧା ) ସ୍ୱଭାବଜା (ଅନନ୍ତ ଜନ୍ମରେ କରାଯାଇଥିବା ସଞ୍ଚିତ-କର୍ମ ସଂସ୍କାରରୁ ଉତ୍ପନ୍ନ ) ତାଂ (ତାହା) ଶୃଣୁ (ତୁମ୍ଭେ ମୋ'ଠାରୁ ଶ୍ରବଣ କର) ।*

**ଭାବାର୍ଥ** : ଶ୍ରୀ ଭଗବାନ କହିଲେ; ହେ ଅର୍ଜୁନ ! ଯେଉଁ ମନୁଷ୍ୟମାନେ ଶାସ୍ତ୍ର ବିଧିକୁ କୌଣସି ମତେ ପାଳନ କରିବା ନିମିତ୍ତ ଅସମର୍ଥ ହୋଇଥାନ୍ତି, କିନ୍ତୁ ଶ୍ରଦ୍ଧାର ସହ ଭଗବତ୍ ବିଶ୍ୱାସ ରଖି, ଦେବା-ଦେବୀ ଆଦି ଉପାସନା କରିଥାନ୍ତି, ସେମାନଙ୍କର ସେହି ଶ୍ରଦ୍ଧା ସତ୍ତ୍ୱଗୁଣ ସମ୍ପନ୍ନ, ରଜୋଗୁଣ ପ୍ରଧାନ ଓ ତମୋଗୁଣ ପ୍ରଧାନ-ଏହିପରି ତିନି ପ୍ରକାରର ହୋଇଥାଏ । ଶ୍ରଦ୍ଧା ମନୁଷ୍ୟର ଅନ୍ତଃକରଣରେ ରହିଥିବା ସ୍ୱଭାବରୁ ଜାତ ହୋଇଥାଏ । ପୂର୍ବ ଜନ୍ମାର୍ଜିତ ତ୍ରିବିଧ କର୍ମର ଫଳ ସ୍ୱରୂପ ଏହି ସଞ୍ଚିତ ସଂସ୍କାର ବିଶେଷ ହେଉଛି 'ସ୍ୱଭାବ' । ଯାହାର ଅନ୍ତଃକରଣରେ ଯେଉଁପରି ସଂସ୍କାର ପ୍ରବାହ, ସେହି ସଂସ୍କାର ଅନୁରୂପ ହିଁ ତାର ସ୍ୱଭାବ ହୋଇଥାଏ ଏବଂ ସେହି ସ୍ୱଭାବରୁ ସେହିପ୍ରକାର ଶ୍ରଦ୍ଧା ଜାତ ହୁଏ । ଶ୍ରଦ୍ଧା ଅନ୍ତଃକରଣର ଏପରି ଏକ ସ୍ୱଭାବାତ୍ମକ

ଅବସ୍ଥା ଯାହା ଅନେକ ପୂର୍ବ ଜନ୍ମ ମାନଙ୍କ କର୍ମର ପରିପାକରେ ଅନ୍ତିମ କ୍ଷଣରେ ଉତ୍ପନ୍ନ ହୁଏ । ଯେଉଁ ଶ୍ରଦ୍ଧା ଶାସ୍ତ୍ର ଶ୍ରବଣ, ଅଧ୍ୟୟନ ଆଦିରୁ ଉତ୍ପନ୍ନ ହୁଏ, ତାହାକୁ ଶାସ୍ତ୍ରଜା କୁହାଯାଏ । ଯେଉଁ ଶ୍ରଦ୍ଧା ପୂର୍ବ ଜନ୍ମମାନଙ୍କର ସଂସ୍କାର ଜନିତ ସ୍ୱଭାବରୁ ଉତ୍ପନ୍ନ, ତାହା ସ୍ୱଭାବଜା ।  ତିନି ଗୁଣର ପ୍ରଭାବ ଅନୁଯାୟୀ ଶ୍ରଦ୍ଧା ତ୍ରିବିଧ ରୂପ ଗ୍ରହଣ କରେ । ଶ୍ରୀ ରାମନୁଜାଚାର୍ଯ୍ୟ କହିଛନ୍ତି କି, ନିଜର ଅଭିଷ୍ଟକୁ ସିଦ୍ଧ କରୁଥିବା ବସ୍ତୁକୁ ଗ୍ରହଣ କରିବାରେ ଯେଉଁ ଭାବ ପ୍ରକଟ ହୁଏ ତାହା ଶ୍ରଦ୍ଧା । ଜୀବାତ୍ମାର ଧର୍ମାନୁକୂଳତାରୁ ବାସନା ଅଥବା ରୁଚି ବା ଶ୍ରଦ୍ଧା ଉତ୍ପନ୍ନ ହୁଏ । ଯେଉଁଥିରେ ଶ୍ରଦ୍ଧା ହୋଇଥାଏ, ସେଥିରେ ଦୋଷ ପରିଲକ୍ଷିତ ହୁଏ ନାହିଁ । ଶ୍ରଦ୍ଧା ଦୋଷ ଦେଖିବାର ପ୍ରବୃତ୍ତିକୁ ଅଭାବ କରିଦିଏ । ଶ୍ରଦ୍ଧା ଦ୍ୱାରା ବିଶ୍ୱାସ ସ୍ଥାପନ ହୁଏ । ଅତଏବ, ସ୍ୱାଭାବିକ ରୂପେ ବ୍ୟକ୍ତିର ଶାରୀରିକ କର୍ମ, ମାନସିକ ଭାବନା, ବୌଦ୍ଧିକ ବିଚାର ଗୁଡିକ ତା'ର ଶ୍ରଦ୍ଧା ଅନୁରୂପ ସଞ୍ଚାଳିତ ହୁଏ । ଯେହେତୁ ଶ୍ରଦ୍ଧା-ଭାବ ମନ ସହିତ ସଂଯୁକ୍ତ ହେଲେ ହିଁ, ତାହା ବାହ୍ୟକୁ ପ୍ରକଟିତ ହୁଏ, ତେଣୁ ଶ୍ରଦ୍ଧାର ନିର୍ମଳତା ମନର ଶୁଦ୍ଧତା ଉପରେ ନିର୍ଭର କରେ । ଶ୍ରଦ୍ଧା ଓ ଭକ୍ତି ଅତି ଉତ୍କୃଷ୍ଟ ହେଲେମଧ୍ୟ, ମନୁଷ୍ୟର ମନର ସଂଯୋଗରେ ଏହାର ଗୁଣ ଭିନ୍ନ ଭିନ୍ନ ଆକାର ଧାରଣ କରେ । ଜୀବ ଜନ୍ମ ହେବାମାତ୍ରେ ତ୍ରିଗୁଣମୟୀ ମାୟାର ଅଧୀନ ହୋଇଥାଏ ଏବଂ ମାୟା ହିଁ ମନକୁ ଆଲୋଡିତ କରେ । ଜୀବର ବହୁ ଜନ୍ମାନ୍ତର ଘଟିଲେ ମଧ୍ୟ, ଏହି ତ୍ରିଗୁଣର ପ୍ରଭାବ ଦୂରହୁଏ ନାହିଁ । ମନରେ ଯେଉଁ ଶ୍ରଦ୍ଧାଭାବ ଜାତ ହୁଏ, ତାହା ଏହି ତିନିଗୁଣ ଅନୁସାରେ ହିଁ ହୁଏ । ଶୁଦ୍ଧ ସତ୍ତ୍ୱଗୁଣ ବୃଦ୍ଧି ହେଲେଜ୍ଞାନ ଉଦୟ ହୁଏ । ଶ୍ରଦ୍ଧା ବା ବିଶ୍ୱାସ ଏହି ଜ୍ଞାନ ସହିତ ସଂଯୁକ୍ତ ହେଲେ, ଏହା ମନୁଷ୍ୟକୁ ମୋକ୍ଷ ପଥରେ ପରିଚାଳିତ କରେ । ରଜଃ ଗୁଣ ପ୍ରବଳ ହୋଇ ଉଠିଲେ, ଶ୍ରଦ୍ଧା ବିଭିନ୍ନ କର୍ମରେ ସକ୍ରିୟ ହୋଇ ଉଠେ । ତମଃ ଗୁଣ ପ୍ରବଳତାରେ ମନରେ ଯେଉଁ ଶ୍ରଦ୍ଧାଭାବ ଜାତ ହୁଏ, ତାହା ନାନା ଆସୁରୀ ପ୍ରବୃତ୍ତି ସହ  ପ୍ରମାଦ, ଆଳସ୍ୟ ଆଦି ସୃଷ୍ଟି କରେ । ଜୀବ ଭୂତ ପ୍ରକୃତିର ସଂସ୍ପର୍ଶରେ ଆସୁଥିବାରୁ ପ୍ରକୃତିର ବିଭିନ୍ନ ଗୁଣ ସହ ଜୀବର ସଂସର୍ଗ ଚିରନ୍ତନ ଭାବେ ଚାଲିଛି । ପ୍ରକୃତିର ଏହି ଗୁଣମାନଙ୍କ ସହ ସଂପର୍କକୁ ନେଇ ବ୍ୟକ୍ତିର ମନୋବୃତ୍ତି ଗଠିତ ହୁଏ । ଏହି ମନୋବୃତ୍ତିର ପରିବର୍ତ୍ତନ ହୋଇ ପାରିବ, ଯେତେବେଳେ ମନୁଷ୍ୟ ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କ ସଙ୍ଗ ଲାଭ କରିପାରିବ ଏବଂ ତାଙ୍କର ନିର୍ଦ୍ଦେଶ, ଶାସ୍ତ୍ର ପ୍ରମାଣ ବା ନିୟମକୁ ପାଳନ କରିପାରିବ ।

ସତ୍ତ୍ୱାନୁରୂପା  ସର୍ବସ୍ୟ  ଶ୍ରଦ୍ଧା  ଭବତି  ଭାରତ ।
ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ॥୩॥

*ଅନ୍ୱୟ : ଭାରତ ! ( ହେ ଅର୍ଜୁନ !) ସର୍ବସ୍ୟ ( ସମସ୍ତଙ୍କର) ଶ୍ରଦ୍ଧା (ଶ୍ରଦ୍ଧା ବା ବିଶ୍ୱାସ) ସତ୍ତ୍ୱାନୁରୂପା ( ନିଜ ଅନ୍ତଃକରଣ ବୃତ୍ତି ଅର୍ଥାତ୍ ଚିତ୍ତ-ବୃତ୍ତି ଅନୁରୂପ) ଭବତି (ହୁଏ) ଅୟମ୍ ପୁରୁଷଃ (ଏହି ମନୁଷ୍ୟ) ଶ୍ରଦ୍ଧାମୟଃ (ଶ୍ରଦ୍ଧାଯୁକ୍ତ- ଶ୍ରଦ୍ଧାପୂର୍ଣ୍ଣ ) [ଏଣୁ] ଯଃ (ଯେଉଁ ମନୁଷ୍ୟ) ଯତ୍-ଶ୍ରଦ୍ଧଃ (ଯେପରି ଶ୍ରଦ୍ଧାଭାବ ଯୁକ୍ତ) ସଃ (ସେ ସ୍ୱୟଂ) ଏବ (ମଧ୍ୟ) ସଃ ( ସେହିପରି ଅଟେ ) ।*

**ଭାବାର୍ଥ** : ହେ ଭରତ ବଂଶୀ ଅର୍ଜୁନ ! ସମସ୍ତ ମନୁଷ୍ୟଙ୍କ ଶ୍ରଦ୍ଧା ବା ବିଶ୍ୱାସ ନିଜ ନିଜ ଅନ୍ତଃକରଣ ବୃତ୍ତି ଅର୍ଥାତ୍ ଚିତ୍ତ ବୃତ୍ତି ଅନୁରୂପ ହୋଇଥାଏ । କୌଣସି ମଧ୍ୟ ମନୁଷ୍ୟ ଶ୍ରଦ୍ଧା ବିହୀନ ନୁହନ୍ତି । ମନୁଷ୍ୟ ମାତ୍ରକେ ସେ ଶ୍ରଦ୍ଧାଯୁକ୍ତ ଅର୍ଥାତ୍ ତା'ରି ଅନ୍ତଃକରଣ ଶ୍ରଦ୍ଧାରେ ପରିପୂର୍ଣ୍ଣ । ଅନ୍ନମୟ କୋଷ ଯେପରି ଅନ୍ନରେ ପରିପୂର୍ଣ୍ଣ, ଆନନ୍ଦମୟ କୋଷ ଯେପରି ଆନନ୍ଦରେ ପରିପୂର୍ଣ୍ଣ, ମନୁଷ୍ୟର ଅନ୍ତଃକରଣ ମଧ୍ୟ ସେହିପରି ଶ୍ରଦ୍ଧାରେ

ପରିପୂର୍ଣ୍ଣ । ସମସ୍ତ ପ୍ରାଣୀ ଶ୍ରଦ୍ଧାଳୁ । ଜଗତରେ ସବୁ ପ୍ରାଣୀର ପ୍ରେମ ଓ ଶ୍ରଦ୍ଧାଭାବ ରହିଛି । ସମଗ୍ର ଜଗତ ଶ୍ରଦ୍ଧାମୟ, କିନ୍ତୁ ଏହା ଗୁଣାତୀତ ସ୍ଥିତି ନୁହେଁ । ଏହା ଗୁଣମୟ । ସମସ୍ତ ମନୁଷ୍ୟ ନିଜ ଅନ୍ତଃକରଣର ସଂସ୍କାର ଅନୁଯାୟୀ ସଂସାର ବସ୍ତୁରେ ସ୍ନେହ ତଥା ଦ୍ୱେଷ ରଖିଥାନ୍ତି । ଯାହାର ଯେଉଁ ପ୍ରକାର ଚିତ୍ତବୃତ୍ତି ହେବ, ସେ ସେହି ପ୍ରକାର ଶ୍ରଦ୍ଧାଯୁକ୍ତ ହେବ । 'ସ୍ୱଭାବ' ଓ 'ସତ୍ତ୍ୱ'- ଏହି ଦୁଇଟି ସମାର୍ଥକ ଶବ୍ଦ । ପୂର୍ବ ଜନ୍ମମାନଙ୍କର ସୁକୃତ-ଦୁଷ୍କୃତ, ପାପ-ପୁଣ୍ୟକୁ ଧରି ମନୁଷ୍ୟର ଅନ୍ତଃକରଣରେ ଯେଉଁ ସଂସ୍କାର ନିର୍ମିତ ହୋଇଥାଏ, ସେହି ସ୍ୱୟଂଜୀବି ସଂସ୍କାର ବ୍ୟକ୍ତିର ନିଜ ସ୍ୱଭାବ ଅଟେ । ଯେ' ଯେପରି ଶ୍ରଦ୍ଧାଯୁକ୍ତ ସେ' ସେହିପରି ହୋଇଥାଏ । ମନୁଷ୍ୟର ଶ୍ରଦ୍ଧାକୁ ଆଧାର କରି ତା'ର ବୃତ୍ତି ଓ ଚରିତ୍ର ଗଠିତ ହୋଇଥାଏ । ଶ୍ରଦ୍ଧା ହିଁ ବୁଦ୍ଧି ଚରିତ୍ରର ପରିମାପକ । ଶ୍ରଦ୍ଧା ହିଁ ଆଚରଣ ନିର୍ମାଣ କରେ । ସାତ୍ତ୍ୱିକୀ, ରାଜସୀ ଏବଂ ତାମସୀ ଶ୍ରଦ୍ଧା ଭେଦରେ ମନୁଷ୍ୟ ସାତ୍ତ୍ୱିକ, ରାଜସିକ ଓ ତାମସିକ ହୁଏ । ଆଚାର୍ଯ୍ୟ ଶଙ୍କର ଶଙ୍କର-ଭାଷ୍ୟରେ କହିଛନ୍ତି କି, " ଯାହାର ଅନ୍ତଃକରଣରେ ଯେପରି ସଂସ୍କାର ପ୍ରବଳ, ସେହି ସଂସ୍କାରର ଅନୁରୂପ ତା'ର ଶ୍ରଦ୍ଧା ହୋଇଥାଏ । ଅର୍ଥାତ୍ ମନୁଷ୍ୟ ପୂର୍ବ କର୍ମାର୍ଜିତ ସଂସ୍କାର ବଶରେ ହିଁ ଚାଳିତ ହୁଏ । 'ପୁରୁଷ' ଅର୍ଥାତ୍ ଜୀବ କର୍ମ ଭୋଗ କରିବା ନିମିତ୍ତ ଜନ୍ମଗ୍ରହଣ କରେ ଏବଂ ସଂସ୍କାର ବଶତଃ ନୂତନ କର୍ମ କରେ" । ବ୍ୟକ୍ତି ତାର ଶ୍ରଦ୍ଧା ବା ବିଶ୍ୱାସ ଅନୁଯାୟୀ ଅନ୍ୟମାନଙ୍କର ସଙ୍ଗ ଲାଭ କରେ । ମନୁଷ୍ୟର କୌଣସି ବିଷୟରେ ଦୃଢ ବିଶ୍ୱାସ ବା ଶ୍ରଦ୍ଧା ଜନ୍ମିବାର କାରଣ ହେଲା ସତ୍ତ୍ୱଗୁଣ । କିନ୍ତୁ ଭୌତିକ ବଦ୍ଧ ଜୀବନରେ ଭୂତ ପ୍ରକୃତି ଜନିତ କୌଣସି କର୍ମ ସମ୍ପୂର୍ଣ୍ଣ ରୂପେ ବିଶୁଦ୍ଧ ନୁହଁ । କର୍ମମାନ ଶୁଦ୍ଧ ସତ୍ତ୍ୱ ନହୋଇ ମିଶ୍ର ଅଟନ୍ତି । ଶୁଦ୍ଧ ସତ୍ତ୍ୱ ଦିବ୍ୟ ଅଟେ । ବ୍ୟକ୍ତି ଶୁଦ୍ଧ ସତ୍ତ୍ୱ ସ୍ଥିତିରେ ରହିଲେ ପରମ ପୁରୁଷ ଭଗବାନଙ୍କ ତତ୍ତ୍ୱକୁ ବୁଝି ପାରିବ । ଯେ ପର୍ଯ୍ୟନ୍ତ ବ୍ୟକ୍ତିର ଶ୍ରଦ୍ଧା ବା ବିଶ୍ୱାସ ସମ୍ପୂର୍ଣ୍ଣ ରୂପେ ବିଶୁଦ୍ଧ ନ ହୋଇଛି, ଅର୍ଥାତ୍ ଶୁଦ୍ଧ ସତ୍ତ୍ୱ ସ୍ଥିତିକୁ ପ୍ରାପ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ଶ୍ରଦ୍ଧା ବା ବିଶ୍ୱାସ ଭୂତ ପ୍ରକୃତିର କୌଣସି ଗୁଣର ବଶବର୍ତ୍ତୀ ହୋଇ ଦୋଷଦୁଷ୍ଟ ହୁଏ । ସାଧ୍ୟ ଓ ସାଧନ ଉଭୟ ପ୍ରତି ଶ୍ରଦ୍ଧା ନହେଲେ ଆଧ୍ୟାତ୍ମିକ ମାର୍ଗରେ ପ୍ରଗତି ଅସମ୍ଭବ । ସାଂସାରିକ ଶ୍ରଦ୍ଧାରେ 'ଭୋଗ'ର, ଧାର୍ମିକ ଶ୍ରଦ୍ଧାରେ 'ଭାବ'ର, ଏବଂ ପାରମାର୍ଥିକ ଶ୍ରଦ୍ଧାରେ 'ତତ୍ତ୍ୱ'ର ପ୍ରାଧାନ୍ୟତା ରହେ । ଯେଉଁଠି ପ୍ରକୃତ ଶ୍ରଦ୍ଧା ହୁଏ, ସେଠାରେ ସ୍ୱତଃ ପ୍ରେମ ହୁଏ ।

ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ ।
ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ॥୪॥

*ଅନ୍ୱୟ : ସାତ୍ତ୍ୱିକାଃ ଜନାଃ (ସତ୍ତ୍ୱଗୁଣ ବିଶିଷ୍ଟ ବ୍ୟକ୍ତିଗଣ) ଦେବାନ୍ (ଶ୍ରେଷ୍ଠ ଦେବଗଣଙ୍କୁ) ଯଜନ୍ତି ( ପୂଜା କରନ୍ତି ) ରାଜସାଃ (ରାଜସିକ ବା ରଜୋଗୁଣାନ୍ୱିତ ବ୍ୟକ୍ତିଗଣ) ଯକ୍ଷ-ରକ୍ଷାସଂ ( ଯକ୍ଷ ଓ ରାକ୍ଷାସ ମାନଙ୍କୁ )[ଆରାଧନା କରନ୍ତି] ଅନ୍ୟେ (ସତ୍ତ୍ୱ ଓ ରଜୋଗୁଣୀ ବ୍ୟତୀତ ଅନ୍ୟ ) ତାମସା ଜନାଃ (ତାମସ ପ୍ରକୃତିର ମନୁଷ୍ୟ) ଭୂତଗଣାନ୍ ପ୍ରେତାନ୍ (ଭୂତ ପ୍ରେତମାନଙ୍କୁ ) ଯଜନ୍ତେ (ପୂଜା କରନ୍ତି ) ।*

**ଭାବାର୍ଥ** : ଭଗବାନ ଏହି ଶ୍ଲୋକରେ ଗୁଣଜନିତ ଶ୍ରଦ୍ଧାଦି ଭେଦରେ ବିଭିନ୍ନ ଆରାଧନାର ପ୍ରକାର ଭେଦ ବିସ୍ତାରିତ ଭାବରେ କହିଛନ୍ତି । ସାତ୍ତ୍ୱିକ ବା ଶୁଦ୍ଧଚିତ୍ତ ସ୍ୱଭାବର ସାଧକ ବା ଭକ୍ତଗଣ ଶ୍ରେଷ୍ଠ ଦେବତାମାନଙ୍କୁ ପୂଜା କରନ୍ତି । ରାଜସିକ ବା ଉଗ୍ର ସ୍ୱଭାବର ବ୍ୟକ୍ତିମାନେ ଯକ୍ଷ, ରାକ୍ଷାସର ଏବଂ ତାମସିକ ବା ମୋହଗ୍ରସ୍ତ

ଲୋକମାନେ ଭୂତ-ପ୍ରେତ ମାନଙ୍କୁ ପୂଜା କରନ୍ତି । ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ କେବଳ ପରମ ପୁରୁଷ ଭଗବାନ ହିଁ ପୂଜ୍ୟ ଅଟନ୍ତି । ଯେଉଁମାନେ ଶାସ୍ତ୍ରବାଣୀ ଜାଣି ନଥାନ୍ତି କିମ୍ବା ତା'କୁ ବିଶ୍ୱାସ କରନ୍ତି ନାହିଁ, ସେହିମାନେ ସେମାନଙ୍କ ପ୍ରକୃତି-ଗୁଣ ଅନୁଯାୟୀ ନିଜ ସ୍ୱ-ଇଚ୍ଛାରେ ଭିନ୍ନ ଭିନ୍ନ ଇଷ୍ଟକୁ ପୂଜା କରନ୍ତି । ସାତ୍ତ୍ୱିକ ଲୋକର ଶ୍ରଦ୍ଧା ସାତ୍ତ୍ୱିକ ମାର୍ଗରେ ପ୍ରକାଶିତ ହୁଏ, ରାଜସିକ ଲୋକର ଶ୍ରଦ୍ଧା ରାଜସିକ ମାର୍ଗରେ ପ୍ରକାଶ ପାଏ ଏବଂ ତାମସିକ ଲୋକର ଶ୍ରଦ୍ଧା ତାମସିକ ରୂପରେ ପ୍ରକାଶିତ ହୁଏ । ସାତ୍ତ୍ୱିକ ଅର୍ଥାତ୍ ଦୈବୀ-ସମ୍ପଦ ଯୁକ୍ତ ମନୁଷ୍ୟ ଦ୍ୱାଦଶ ଆଦିତ୍ୟ, ଅଷ୍ଟବସୁ, ଏକାଦଶ ରୁଦ୍ର ଓ ଅଶ୍ୱିନୀକୁମାର ଦ୍ୱୟ- ଏହି ତେତିଶି ପ୍ରକାର ଶାସ୍ତ୍ରୋକ୍ତ ଦେବତାଙ୍କୁ ନିଷ୍କାମ ଭାବରେ ପୂଜା କରିଥାନ୍ତି । ଈଶ୍ୱରଙ୍କ ଯେଉଁ ରୂପପ୍ରତି ଯାହାର ସ୍ୱାଭାବିକ ଶ୍ରଦ୍ଧା ହୁଏ, ସେ' ମନ-ପ୍ରାଣ ଦେଇ ସେମାନଙ୍କର ପୂଜା ଆରାଧନା କରନ୍ତି । ଏଠାରେ 'ଦେବାନ୍' ପଦରେ ବିଷ୍ଣୁ, ଶିବ, ଗଣେଶ, ଶକ୍ତି ଓ ସୂର୍ଯ୍ୟ- ଏହି ଇଶ୍ୱର ଶ୍ରେଣୀୟ ପାଞ୍ଚ ଦେବତାଙ୍କୁ ଗ୍ରହଣ କରାଯିବା ଉଚିତ । କାରଣ ଦୈବୀ ସମ୍ପତ୍ତିରେ 'ଦେବା' ଶବ୍ଦଟି ଈଶ୍ୱରଙ୍କ ବାଚକ ଏବଂ ତାଙ୍କରି ସମ୍ପତ୍ତି ଅର୍ଥାତ୍ ଦୈବୀ ସମ୍ପତ୍ତି ମୋକ୍ଷ ପ୍ରଦାନ କରେ । ସାତ୍ତ୍ୱିକ ଜନ ତାଙ୍କରି ଶ୍ରେଷ୍ଠ ଓ ଦିବ୍ୟ ସଂସ୍କାର ପ୍ରଭାବରେ ଦିବ୍ୟ ଓ ଉଚ୍ଚ ଆଦର୍ଶଗୁଡିକୁ ପୂଜା କରନ୍ତି ଏବଂ ଶାସ୍ତ୍ର, ଶ୍ରୁତି ଓ ସ୍ମୃତିର ମୂର୍ତ୍ତିମାନ ଅବତାର ଭାବରେ ସଂସାରରେ ସଦାଚାରର ଆଦର୍ଶ ହୋଇଥାନ୍ତି । ଯିଏ ରଜ ଶ୍ରଦ୍ଧା ସମ୍ପନ୍ନ, ସେହିମାନେ ନିଜ କାମନା ପୂର୍ତ୍ତି ନିମିତ୍ତ ଯକ୍ଷ-ରାକ୍ଷାସଙ୍କ ପୂଜା କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି । ଯକ୍ଷ ଅର୍ଥ କୁବେର ଆଦି ଏବଂ ରାକ୍ଷାସ ଅର୍ଥ ରାହୁ, କେତୁ ଆଦିଙ୍କୁ ସାଙ୍କେତିକ ଭାବେ ସୂଚିତ କରାଯାଇଛି । ଯକ୍ଷମାନେ ଅଧିକ ଧନ ସଂଗ୍ରହ କରିବାରେ ଏବଂ ରାକ୍ଷାସମାନେ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ହିଂସା ଦ୍ୱାରା ଅନ୍ୟର ନାଶ କରିବା ପାଇଁ ତତ୍ପର ହୁଅନ୍ତି । ରଜୋଗୁଣ ଶ୍ରଦ୍ଧା ସମ୍ପନ୍ନ ବ୍ୟକ୍ତି ସ୍ୱଭାବତଃ ମହତ୍ତ୍ୱାକାଙ୍କ୍ଷୀ ଏବଂ କ୍ରିୟାଶୀଳ ହୋଇଥାନ୍ତି । ସେହିମାନେ ସର୍ବଦା ଧନବାନ୍ ଲୋକ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ମିତ୍ରତା କାମନା କରିଥାନ୍ତି । ତାମସୀ ଶ୍ରଦ୍ଧା ସମ୍ପନ୍ନ ବ୍ୟକ୍ତି ତନ୍ତ୍ର ସାଧନ, ଜୀବ ବଳୀ ଆଦି ଘୃଣିତ କାର୍ଯ୍ୟ ସହାୟତାରେ ଭୂତ, ପ୍ରେତ ଆଦିଙ୍କୁ ସନ୍ତୁଷ୍ଟ କରାଇ ସେହିମାନଙ୍କୁ ମନ୍ଦ ଉଦ୍ଦେଶ୍ୟରେ ଉପଯୋଗ କରିଥାନ୍ତି । ଯେଉଁମାନେ ମୃତ୍ୟୁ ବରଣପରେ ଘୋର ପାପକର୍ମଫଳ ସ୍ୱରୂପ କୌଣସି ଯୋନି ପ୍ରାପ୍ତ ନହୋଇ ଅତୃପ୍ତ ଜୀବାତ୍ମା ରୂପେ ବାୟୁ ପ୍ରଧାନ ଦେହ ଧାରଣ କରି ଘୁରି ବୁଲୁଥାନ୍ତି, ସେହିମାନେ ପ୍ରେତାତ୍ମା ଅଟନ୍ତି । ମନୁଷ୍ୟ ଯୋନି ଭଳି ଭୂତ-ପ୍ରେତ ମଧ୍ୟ ଏକ ଯୋନି। ପାପ କର୍ମର ଫଳ ଭୋଗିବା ନିମିତ୍ତ ଏହି ଯୋନି ପ୍ରାପ୍ତ ହୋଇଥାଏ । ଏଠାରେ ଭୂତ-ପ୍ରେତ ଶବ୍ଦ ଦ୍ୱାରା କିଛି ବିଶେଷ ପ୍ରକାରର ତାମସିକ ଶକ୍ତି ପ୍ରତି ସୂଚିତ କରାଯାଇଅଛି । ଗୁରୁଙ୍କ ଆଶ୍ରିତ କିମ୍ବା ଶାସ୍ତ୍ର ଅଧ୍ୟୟନ କିମ୍ବା ସତ୍-ସଙ୍ଗ ପ୍ରଭାବରେ ତିନି ପ୍ରକାର ଶ୍ରଦ୍ଧାକ୍ରମଶଃ ତାମସୀରୁ ରାଜସୀ, ରାଜସୀରୁ ସାତ୍ତ୍ୱିକୀ ଏବଂ ସାତ୍ତ୍ୱିକୀରୁ ନିର୍ଗୁଣ ରୂପରେ ପରିବର୍ତ୍ତନ ହୋଇଥାଏ ।

ଅଶାସ୍ତ୍ର ବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋଜନାଃ ।
ଦମ୍ଭାହଙ୍କାର ସଂଯୁକ୍ତାଃ କାମରାଗବଳାନ୍ୱିତାଃ ।।୫।।

କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।
ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ॥୬॥

*ଅନ୍ୱୟ :ଯେ ଜନାଃ (ଯେଉଁ ମନୁଷ୍ୟ) ଅଶାସ୍ତ୍ର ବିହିତଂ (ଶାସ୍ତ୍ରବିଧି ରହିତ-ଶାସ୍ତ୍ର ବିରୁଦ୍ଧ-କେବଳ ମନଃ କଳ୍ପିତ) ଘୋରଂ ତପଃ (ତୀବ୍ର ତପସ୍ୟା ) ତପ୍ୟନ୍ତେ (ଅନୁଷ୍ଠାନ କରନ୍ତି ) ଦମ୍ଭାହଙ୍କାର ସଂଯୁକ୍ତାଃ (ସେହିମାନେ ଦମ୍ଭ ଏବଂ ଅହଂକାର ଯୁକ୍ତା ) କାମରାଗ-ବଳାନ୍ୱିତାଃ (ଏବଂ କାମନା, ଭୋଗାସକ୍ତି ଓ ବଳର ଅଭିମାନରେ ମଧ୍ୟ ଜଡିତ ହୋଇଥାନ୍ତି ) ଶରୀରସ୍ଥମ୍ (ଶରୀରସ୍ଥ ) ଭୂତଗ୍ରାମଂ (ଶରୀର, ମନ, ଇନ୍ଦ୍ରିୟାଦି ରୂପରେ ପରିଣତ ଆକାଶାଦି ପଞ୍ଚଭୂତ ସମୂହକୁ) ଚ (ଏବଂ) ଅନ୍ତଃଶରୀରସ୍ଥଂ (ଅନ୍ତଃକରଣରେ ) ମାମ୍ (ମୋତେ ଅର୍ଥାତ୍ ସାକ୍ଷୀଭୂତ ଅଧୀଶ୍ୱରୂପ ପରମାତ୍ମାଙ୍କୁ) ଏବ (ମଧ୍ୟ) କର୍ଷୟନ୍ତଃ (କ୍ଳିଷ୍ଟ କରନ୍ତି- ଅର୍ଥାତ୍ ଅବଜ୍ଞା କରନ୍ତି) ତାନ୍ (ସେହି) ଅଚେତସଃ (ଅବିବେକୀ ମାନଙ୍କୁ) ଆସୁର ନିଶ୍ଚୟାନ୍ (ଆସୁର ସ୍ୱଭାବର ବୋଲି ) ବିଦ୍ଧି (ଜାଣ) ।*

**ଭାବାର୍ଥ** : ଯେଉଁ ମନୁଷ୍ୟମାନେ ଶାସ୍ତ୍ର-ବିଧି ରହିତ ଘୋର ତପ କରନ୍ତି, ସେହିମାନେ ଦମ୍ଭ ଏବଂ ଅହଂକାରରେ ପରିପୂର୍ଣ୍ଣ ଇହ ଲୋକ ଏବଂ ପରଲୌକିକ ପଦାର୍ଥର ତୀବ୍ର ଭୋଗ ଇଚ୍ଛାଯୁକ୍ତ ହୋଇଥାନ୍ତି । ସେମାନେ ଶରୀରସ୍ଥିତ ପ୍ରାଣ ଏବଂ ଇନ୍ଦ୍ରିୟ ବର୍ଗକୁ ପୀଡା ଦେଇ ଏବଂ ଅନ୍ତଃକରଣସ୍ଥିତ ମୋତେ ଅର୍ଥାତ୍ ସାକ୍ଷୀଭୂତ ଅଧୀସ୍ୱରୂପ ପରମେଶ୍ୱରଙ୍କୁ ମଧ୍ୟ କଷ୍ଟ ପହଞ୍ଚାଇଥାନ୍ତି । ସେହିମାନଙ୍କୁ ତୁମ୍ଭେ ଅସୁର ସ୍ୱଭାବର ବୋଲି ଜାଣିରଖ । ଯେଉଁ ଦାମ୍ଭିକ ଓ ଅହଙ୍କାରୀ ମନୁଷ୍ୟ କାମନା ଓ ଆସକ୍ତି ପରବଶ ହୋଇ ତପସ୍ୟା ଅନୁଷ୍ଠାନ କରିଥାନ୍ତି, ସେମାନେ କାମନାର ଇଙ୍ଗିତରେ ପରିଚାଳିତ ହୁଅନ୍ତି । ନିଜ ଶରୀରକୁ କ୍ଳେଶ ଯନ୍ତ୍ରଣା ଦେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ପୀଡିତ କରନ୍ତି । ଦାମ୍ଭିକ ବ୍ୟକ୍ତି ଚାହିଁଥାନ୍ତି କି, ଅନ୍ୟମାନେ ସେମାନଙ୍କୁ ସତ୍-ମହତ୍ ବ୍ୟକ୍ତି ବୋଲି ସମ୍ମାନ ଦେଇ ଗ୍ରହଣ କରନ୍ତୁ । ପ୍ରକୃତରେ ସେହିମାନେ ସତ୍ ପ୍ରକୃତିର ମନୁଷ୍ୟ ହୋଇନଥାନ୍ତି । ଆଚାର୍ଯ୍ୟ ଶଙ୍କର ଭାଷ୍ୟରେ କହିଛନ୍ତି;-"ଭଗବାନଙ୍କ ଉପଦେଶ ଅନୁସାରେ କାର୍ଯ୍ୟ ନକଲେ ତା'ଙ୍କୁ କର୍ଷଣ କରାହୁଏ" । ଯଦିଓ ଶାସ୍ତ୍ର ସାଧାରଣ ଭାବରେ ସମସ୍ତଙ୍କୁ ବିହିତ କର୍ମର ନିର୍ଦ୍ଦେଶ ଦେଇଅଛି, କେବଳ ସତ୍ୟନିଷ୍ଠ ସାଧକ ହିଁ ଆତ୍ମଶୁଦ୍ଧି ଏବଂ ମୋକ୍ଷ ଉଦ୍ଦେଶ୍ୟ ରଖି ଶାସ୍ତ୍ର ବିଧାନ ଅନୁସାରେ ଦେବା-ଦେବୀଙ୍କ ଠାରୁ ଧୈର୍ଯ୍ୟ ଓ ଅନୁଗ୍ରହ ପ୍ରାପ୍ତ ନିମିତ୍ତ ତପସ୍ୟା ରତ ହୋଇଥାନ୍ତି । ତପସ୍ୟା କାଳରେ ଚିତ୍ତ ବୃତ୍ତି ପ୍ରଶାନ୍ତ ଓ ପ୍ରସନ୍ନ ସ୍ଥିତିରେ ରହିଥାଏ । ଅପର ପକ୍ଷରେ ଅଧିକାଂଶ ମନୁଷ୍ୟ ରଜୋନିଷ୍ଠ ବା ତମୋନିଷ୍ଠ ହୋଇ ନିଜ ଆତ୍ମ-ବଡିମାର ପ୍ରଦର୍ଶନ ଅଥବା ଭୋଗ୍ୟ ପଦାର୍ଥ କାମନାର ଆସକ୍ତିରେ ଅଶାସ୍ତ୍ର ବିହିତ ଘୋର ତପସ୍ୟା ଅନୁଷ୍ଠାନ କରନ୍ତି । ଦୀର୍ଘଦିନ ବ୍ୟାପୀ ଆହାର ତ୍ୟାଗ କରିଦେବା, କଣ୍ଟା ବିଛାଇ ଶୋଇବା, ଉପରକୁ ଗୋଡକରି ଝୁଲି ରହି ଧୁନୀର ଧୂଆଁ ସେବନ କରିବା, ଗୋଟିଏ ଗୋଡରେ ଠିଆହୋଇ ରହିବା, ଶାସ୍ତ୍ର ଆଜ୍ଞା ବିରୁଦ୍ଧ ଅଗ୍ନିରେ ସନ୍ତାପିତ ହେବା, ନିଜ ଶରୀର, ମନ ଇନ୍ଦ୍ରିୟ ସମୂହକୁ ନାନା ପ୍ରକାର କଷ୍ଟ ଦେବା-ଇତ୍ୟାଦି ଅସୁର ସ୍ୱଭାବ ଯୁକ୍ତ ମନୁଷ୍ୟଙ୍କ ତପସ୍ୟା ହୋଇଥାଏ । ଯେହେତୁ ସମସ୍ତଙ୍କ ହୃଦୟରେ ଆତ୍ମା ରୂପରେ ପରମାତ୍ମା ବିଦ୍ୟମାନ, ତେଣୁ ନିଜର ଆତ୍ମାକୁ କିମ୍ବା ଅନ୍ୟ କାହାର ଆତ୍ମାକୁ କଷ୍ଟ ଦେବାର ଅର୍ଥ ପରମାତ୍ମାଙ୍କୁ ହିଁ କଷ୍ଟ ଦେବା । ଭଗବାନ ଏହିପ୍ରକାର ସାଧନା ଓ ସାଧକଙ୍କ ନିନ୍ଦା କରିଛନ୍ତି । ତାହା ନିଜର ଓ ଅନ୍ୟମାନଙ୍କର ଶୁଭଦାୟକ ହୋଇନଥାଏ । ଯଦିଓ ଏହିଭଳି ଲୋକ ତାଙ୍କରି ତପର ଫଳ ସ୍ୱରୂପ କିଛି ଶକ୍ତି ପ୍ରାପ୍ତ କରିଥାନ୍ତି, ତଥାପି ଅନ୍ତଃକରଣର ଅଶୁଦ୍ଧତା କାରଣରୁ ସେହି ଶକ୍ତି ଗୁଡିକର ଦୁରୁପଯୋଗ

କରିଥାନ୍ତି । କେବଳ ଅହଂକାର ଯୁକ୍ତ ହୋଇ ଅବିବେକ ପୂର୍ଣ୍ଣ ସାଧନ କରିବା ଦ୍ୱାରା କୌଣସି ପ୍ରକାର ଆଧ୍ୟାତ୍ମିକ ବିକାଶ ହୋଇନଥାଏ । ଏଣୁ ସାତ୍ତ୍ୱିକ ଶ୍ରଦ୍ଧାଭାବକୁ ଯତ୍ନ ପୂର୍ବକ ପୋଷଣ କରିବା ଉଚିତ ଏହା ଯେପରି ଆସକ୍ତି ବା ତୃଷ୍ଣା ରେ ପରିଣତ ହେବନାହିଁ କି, ଶରୀର ଓ ଜୀବାତ୍ମାକୁ ମଧ୍ୟ ପୀଡା ଦାୟକ ହେବନାହିଁ । ଗୌତମ ବୁଦ୍ଧ ତାଙ୍କରି ତପସ୍ୟା କାଳରେ ଜଣେ ବୀଣା ବଜାଳୀଠାରୁ ଏହି ସମ୍ବନ୍ଧରେ ପ୍ରେରଣା ପ୍ରାପ୍ତ ହୋଇଥିଲେ କି, ବୀଣାର ତାର ଅତି ଟାଣ କରିବାରେ ଛିଡିଯାଏ ଏବଂ ଅତି ଢିଲା ରହିବାରେ ଶବ୍ଦ ଉତ୍ପନ୍ନ ହୁଏନାହିଁ । ବିବେକପୂର୍ଣ୍ଣ ସଂଯମତା ହେଉଛି ତପ, ନିର୍ମମ ଶାରୀରିକ ପୀଡା ନୁହେଁ ।

ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।
ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ॥୭॥

*ଅନ୍ୱୟ : ସର୍ବସ୍ୟ (ସମସ୍ତ ଲୋକଙ୍କ) ଆହାରଃ ଅପି(ଆହାର ମଧ୍ୟ) ତ୍ରିବିଧଃ (ଗୁଣାନୁସାରେ ତିନି ପ୍ରକାର) ଭବତି (ହୋଇଥାଏ ) ତୁ ( ଏବଂ) ତଥା (ସେହିପରି ) ଯଜ୍ଞଃ (ଯଜ୍ଞ) ତପଃ (ତପସ୍ୟା) ଦାନଂ ଚ (ଦାନ ମଧ୍ୟ )[ଗୁଣାନୁସାରେ ତିନି ପ୍ରକାର ହୋଇଥାଏ] ତେଷାଂ (ସେଗୁଡିକର) ଇମଂ ଭେଦମ୍ ( ଏହିଭେଦ ବିଷୟରେ) ଶୃଣୁ ( ମୋ'ଠାରୁ ଶୁଣ । )*

**ଭାବାର୍ଥ** : ସମସ୍ତ ମନୁଷ୍ୟଙ୍କର ଆହାର ମଧ୍ୟ ଗୁଣାନୁସାରେ ତିନି ପ୍ରକାରର ରୁଚି ହୋଇଥାଏ । ମନୁଷ୍ୟମାନଙ୍କ ମଧ୍ୟରେ ଯାହାର ଯେଉଁ ଖାଦ୍ୟପ୍ରତି ରୁଚିଥାଏ, ସେଥିରୁ ତାହାର ନିଷ୍ଠା ସାତ୍ତ୍ୱିକ, ରାଜସ ବା ତାମସ ତାହା ନିର୍ଣ୍ଣୟ କରିହୁଏ । ସେହିପରି ଯଜ୍ଞ, ତପ ଓ ଦାନ ମଧ୍ୟ ତିନି ପ୍ରକାରର ହୋଇଥାଏ ଏବଂ ସେଗୁଡିକ ଭିତରେ ରହିଥିବା ଗୁଣାତ୍ମକ ପ୍ରଭେଦ ଭଗବାନ ଅର୍ଜୁନଙ୍କୁ ବିସ୍ତାରିତ ଭାବେ ଶୁଣିବାକୁ ପରାମର୍ଶ ଦେଇଛନ୍ତି । ସାଧକ ଯେ କୌଣସି ସ୍ଥିତି, ଏପରି କି ଜୀବନ ମୁକ୍ତ ସ୍ଥିତିରେ ରହିଥିଲେ ମଧ୍ୟ ଯଜ୍ଞ, ତପ ଦାନ କ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିବା ଉଚିତ ନୁହେଁ । ସେଗୁଡ଼ିକୁ ଅବଶ୍ୟ କରିବା ଉଚିତ, କାରଣ ଯଜ୍ଞ, ତପ ଓ ଦାନ – ଏହି ତିନି ପ୍ରକାର କର୍ମ ମନୁଷ୍ୟର ଅନ୍ତଃକରଣକୁ ପବିତ୍ର କରନ୍ତି (ଗୀତା-୧୮/୫) । ମନୁଷ୍ୟ ଯେପରି ଆହାର କରେ, ତା'ର ଅନ୍ତଃକରଣ ସେପରି ହୁଏ ଏବଂ ଶ୍ରଦ୍ଧା ମଧ୍ୟ ଅନ୍ତଃକରଣର ଅନୁରୂପ ହୁଏ । ଆହାର ଶୁଦ୍ଧ ହେଲେ ଅନ୍ତଃକରଣ ମଧ୍ୟ ଶୁଦ୍ଧ ହେବ - "**ଆହାର ଶୁଦ୍ଧୌ ସତ୍ତ୍ୱଶୁଦ୍ଧି** "(**ଛାନ୍ଦୋଗ୍ୟ ଉ-୭/୨୬/୦୨**) । ଖାଦ୍ୟ ମନୁଷ୍ୟର ଶରୀର ତଥା ମନକୁ ବିଶେଷ ଭାବରେ ପ୍ରଭାବିତ କରେ । ମନୁଷ୍ୟର ଗୁଣ ବା ମନୋବୃତ୍ତି, ଶାରୀରିକ ଚେଷ୍ଟା, ବୁଦ୍ଧିର ବିଚାର, ଅନ୍ୟପ୍ରତି ବ୍ୟବହାର ଆଦି ତଦାନୁରୂପ ଖାଦ୍ୟରେ ରୁଚି ସହିତ ଘନିଷ୍ଟ ସମ୍ପର୍କ ରହିଛି । ମନୁଷ୍ୟର ଖାଦ୍ୟ ରୁଚିରୁ ତା'ର ସ୍ୱଭାବ ଓ ପ୍ରକୃତି ଜଣା ଯାଇଥାଏ । ତେଣୁ ଦେହ ଓ ମନକୁ ନିର୍ମାଣ କରୁଥିବା ଖାଦ୍ୟ ବା ପଦାର୍ଥ ଶୁଦ୍ଧ, ପୌଷ୍ଟିକ, ସାରବାନ୍, ଆରୋଗ୍ୟକର ତଥା ମୃଦୁ ମଧୁର ହୋଇଥିବା ଆବଶ୍ୟକ । ଆହାର ଶୁଦ୍ଧ ହେବାଦ୍ୱାରା ଆତ୍ମିକ ଶକ୍ତି ଓ ଚିତ୍ତ ଶୁଦ୍ଧର ବିକାଶ ହୁଏ । ରଜୋଗୁଣ ଜନିତ ବିକ୍ଷେପ ଅର୍ଥାତ୍ ମନର ଚଞ୍ଚଳତା ଓ ତମୋଗୁଣ ଜନିତ ପ୍ରମାଦ ଓ ମୋହକୁ ତ୍ୟାଗ କରି ସତ୍ତ୍ୱଗୁଣ ରଚନାତ୍ମକ ସଚେତନତା ଦ୍ୱାରା ମନର ଦୃଢ ସ୍ଥିତି ପ୍ରାପ୍ତ କରିବା ହେଉଛି 'ଚିତ୍ତ ଶୁଦ୍ଧି' । ଦେହରେ ଆହାର ଦ୍ୱାରା ମାନସିକ ଶକ୍ତିର ସଂଚାର ହୋଇଥାଏ । ମନୁଷ୍ୟ ଦ୍ୱାରା ସ୍ୱଭାବ ଜନିତ କ୍ରିୟା ଦୁଇ ପ୍ରକାର-ଗୋଟିଏ ଶାସ୍ତ୍ରୀକ ଅନ୍ୟଟି ବ୍ୟବାହାରିକ କ୍ରିୟା । ଖାଦ୍ୟ, ପେୟ, ଚାଲି ଚଳନ, ବାର୍ତ୍ତାଳାପ ପ୍ରଭୃତି ବ୍ୟବହାରିକ କ୍ରିୟା

ଏବଂ ଯଜ୍ଞ, ତପ ଓ ଦାନ ଆଦି ଶାସ୍ତ୍ରୀୟ କ୍ରିୟା । ବ୍ୟବହାରିକ ଏବଂ ଶାସ୍ତ୍ରୀକ-ଉଭୟ କ୍ରିୟା ମନ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରିତ ହୋଇଥାଏ ।

ଆୟୁଃସତ୍ତ୍ୱ ବଳାରୋଗ୍ୟ ସୁଖପ୍ରୀତି ବିବର୍ଦ୍ଧନାଃ ।
ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ॥୮॥

*ଅନ୍ୱୟ: ଆୟୁଃ-ସତ୍ତ୍ୱ-ବଳ-ସୁଖ-ପ୍ରୀତି ( ଆୟୁଷ, ସତ୍ତ୍ୱବୁଦ୍ଧି, ଦୈହିକ ଓ ମାନସିକ ଶକ୍ତି, ନିରୋଗତା, ଅନ୍ତଃସୁଖ ଏବଂ ଚିତ୍ତର ପ୍ରସନ୍ନତା) ବିବର୍ଦ୍ଧନାଃ (ବର୍ଦ୍ଧନକାରୀ ) ରସ୍ୟାଃ [ଯେଉଁ] (ରସଯୁକ୍ତ-ମଧୁର) ସ୍ନିଗ୍ଧାଃ (ଘୃତାଦି ଚିକ୍କଣ ସ୍ନେହସାର ପୂର୍ଣ୍ଣ ) ସ୍ଥିରାଃ (ପୁଷ୍ଟିକର-ସ୍ଥାୟୀ ସୁଫଳ ଦାୟକ) ହୃଦ୍ୟାଃ (ହୃଦୟରେ ଶକ୍ତି ସଞ୍ଚାର କରୁଥିବା- ମନକୁ ରୁଚି ଓ ସୁସ୍ୱାଦୁ ଲାଗୁଥିବା ) ଆହାରାଃ (ଖାଦ୍ୟ ପଦାର୍ଥ ପ୍ରଭୃତି ) ସାତ୍ତ୍ୱିକ ପ୍ରିୟାଃ (ସାତ୍ତ୍ୱିକ ମନୁଷ୍ୟମାନଙ୍କର ପ୍ରିୟ ହୋଇଥାଏ।*

**ଭାବାର୍ଥ**: ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ କୁହାଯାଇଛି କି, ମନୁଷ୍ୟର ଶରୀର ଗଠନ ଓ ସ୍ୱଭାବ ମଧ୍ୟ ଦେହ ଗ୍ରହଣ କରୁଥିବା ଖାଦ୍ୟ ତଥା ଦେହର ସପ୍ତ ଧାତୁ( ଅନ୍ନ, ରସ, ରକ୍ତ, ମାଂସ, ମେଦ, ମଜ୍ଜା ଓ ଅସ୍ଥି)ର ଗଠନ ଓ ପ୍ରକୃତି ଉପରେ ନିର୍ଭର କରେ । ମନ ଭିତର ଧାରଣା ମଧ୍ୟ ସପ୍ତ-ଧାତୁର ଅନୁରୂପ ହୋଇଥାଏ । ଖାଦ୍ୟ ଦ୍ୱାରା ମଧ୍ୟ ଶ୍ୱାସ କ୍ରିୟା ଏବଂ ଶୟନ କ୍ରିୟା ନିୟନ୍ତ୍ରିତ ହୁଏ । ଜଣେ ସୁସ୍ଥ ମନୁଷ୍ୟର ଦିନକ ୨୪ ଘଣ୍ଟା ମଧ୍ୟରେ ୨୧୬୦୦ ଥର ଶ୍ୱାସ କ୍ରିୟା ଯିବା-ଆସିବା ହୋଇଥାଏ । ଖାଦ୍ୟ ପ୍ରଭାବରେ ଅତ୍ୟଧିକ ନିଦ୍ରା ହେବାଦ୍ୱାରା ଶ୍ୱାସପ୍ରକ୍ରିୟା ଅଧିକ ହୁଏ । ଫଳତଃ ତାହାଦ୍ୱାରା ଆୟୁଷ ହାନି ଘଟିବାର ସମ୍ଭାବନା ଥାଏ । ଯେଉଁ ଖାଦ୍ୟ ଗ୍ରହଣ କଲେ ମନୁଷ୍ୟର ଆୟୁ ବୃଦ୍ଧିହୁଏ, ଶରୀର ମନ ବୁଦ୍ଧି ଇତ୍ୟାଦିରେ ସାତ୍ତ୍ୱିକ ବଳ ଓ ଉତ୍ସାହ ଜାତ ହୁଏ, ଶରୀର ସୁସ୍ଥ ରହେ, ସୁଖ ଓ ଶାନ୍ତି ପ୍ରାପ୍ତହୁଏ- ସେହି ସବୁ ଖାଦ୍ୟ ସାତ୍ତ୍ୱିକ ଆହାର ଅଟେ । ଯେଉଁ ଖାଦ୍ୟ ରସଯୁକ୍ତ, ଘୃତାଦି ଭଳି ସ୍ନିଗ୍ଧ ବା ଚିକ୍କଣ, ପୃଷ୍ଟିକର, ରୁଚିକର ଓ ତୃପ୍ତିଦାୟକ, ସେହି ବର୍ଗର ଖାଦ୍ୟ ପଦାର୍ଥ ସବୁ ସାତ୍ତ୍ୱିକ ବ୍ୟକ୍ତିର ପ୍ରିୟ ହୋଇଥାଏ । ସାତ୍ତ୍ୱିକ ଆହାର ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୋଇ ଆଧାତ୍ମିକ ଶକ୍ତି ଏବଂ ସଦ୍-ବୁଦ୍ଧିର ପରିବର୍ଦ୍ଧିତ ଘଟେ । ଶୁଦ୍ଧ ଆହାର ଗ୍ରହଣରେ ଜୀବନ ଶକ୍ତି ଓ ଦୈହିକ ବଳ ବୃଦ୍ଧି ହୁଏ । ଏହି ଖାଦ୍ୟ ଦୃଢ ମାନସିକ ଶକ୍ତି ଓ ଧୈର୍ଯ୍ୟବଳକୁ ବଢାଇଥାଏ । ବ୍ୟକ୍ତି କଠିନ କର୍ମ କରୁଥିବା ସମୟରେ ମଧ୍ୟ ନିସ୍ତେଜତା ଅନୁଭବ କରେନାହିଁ । ସାତ୍ତ୍ୱିକ ଖାଦ୍ୟ ମନୁଷ୍ୟକୁ ସବୁ ଦିଗରୁ ସୁସ୍ଥ ରଖେ । ସ୍ନେହଭାବ ଓ ମନର ପ୍ରସନ୍ନତା ବୃଦ୍ଧି କରୁଥିବା ଆହାରକୁ ମଧ୍ୟ ସାତ୍ତ୍ୱିକ କୁହାଯାଏ । ଖାଦ୍ୟ ପଦାର୍ଥ ଗୁଡିକୁ ସେହିମାନଙ୍କ ଗୁଣ ଏବଂ ଉପଯୋଗିତାକୁ ନେଇ ବିଭିନ୍ନ ଶ୍ରେଣୀଭୂକ୍ତ କରାଯାଇଛି । ଦୁଧ, ଆଖୁ ଆଦି ରସଯୁକ୍ତ ଖାଦ୍ୟକୁ 'ରସ୍ୟାଃ' କୁହାଯାଇଛି । ଲହୁଣୀ, ଘିଅ ତଥା ସାତ୍ତ୍ୱିକ ଖାଦ୍ୟ ପଦାର୍ଥରୁ ଉତ୍ପନ୍ନ ହେଉଥିବା ତୈଳ ଆଦି ସ୍ନେହସାର ପଦାର୍ଥ ମାନଙ୍କୁ ସ୍ନିଗ୍ଧା କହନ୍ତି । ଯେଉଁ ଖାଦ୍ୟ ପଦାର୍ଥ ମାନଙ୍କର ସାର ବହୁତ ସମୟ ପର୍ଯ୍ୟନ୍ତ ଶରୀରରେ ସ୍ଥାୟୀ ହୋଇ ରହେ ଓ ଶରୀରକୁ ସତେଜ ରଖିବାରେ ସହାୟକ ହୁଏ, ସେଗୁଡିକୁ 'ସ୍ଥିରା' ବା ପୃଷ୍ଟିସାର କହନ୍ତି । ଯେଉଁ ଖାଦ୍ୟ ସବୁ ସତେଜ ଓ ଦେଖିବା ମାତ୍ରେ ମନରେ ସାତ୍ତ୍ୱିକ ରୁଚି ଉତ୍ପନ୍ନ ହୁଏ, ସେହିଗୁଡିକୁ 'ହୃଦ୍ୟା' କୁହନ୍ତି । ହୃଦ୍ୟା ବର୍ଗର ଖାଦ୍ୟ ହୃଦୟ, ଫୁସ୍-ଫୁସ୍ ଆଦିକୁ ଶକ୍ତି ଯୋଗାଏ ଓ ବୁଦ୍ଧି-ବୃତ୍ତିରେ ସୌମ୍ୟ ଭାବ ଜାତ କରେ । ଏହିପରି ଭାବରେ ସାତ୍ତ୍ୱିକ ଆହାର ହେଉଛି ଦେହ ଓ ଅନ୍ତଃକରଣର ପାଇଁ ବିଶେଷ ଉପକାରୀ ।

କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷ ବିଦାହୀନଃ ।
ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ॥୯॥

*ଅନ୍ୱୟ: କଟୁ (ଅତି ପିତା ବା ରାଗ) ଅମ୍ଳ (ଅତି ଖଟା) ଲବଣ ( ଅତି ଲୁଣିଆ) ଅତ୍ୟୁଷ୍ଣ ( ଅତି ଗରମ ଥିବା) ତୀକ୍ଷ୍ଣ (ଅତି ମାତ୍ରାରେ ତିକ୍ତ-ଲଙ୍କା,ଗୋଲମରୀଚ ଆଦି ) ରୂକ୍ଷ (ତୈଳାଂଶ ନଥିବା ଶୁଷ୍କ କଠିନ) ବିଦାହିନଃ (ଦାହକାରକ-ପୋଡା-ଜଳା ଉତ୍ପନ୍ନ କରାଉଥିବା ) ଦୁଃଖ-ଶୋକାମୟ ପ୍ରଦାଃ (ଦୁଃଖ, ଚିନ୍ତା ତଥା ରୋଗ ଆଦି ଉତ୍ପନ୍ନକାରୀ ) ଆହାରାଃ (ଆହାରଗୁଡିକ ) ରାଜସସ୍ୟ (ରାଜସ ଗୁଣ ସମ୍ପନ୍ନ ବ୍ୟକ୍ତିଙ୍କ) ଇଷ୍ଟାଃ (ପ୍ରିୟ) ।*

**ଭାବାର୍ଥ** : 'ଉଷ୍ଣ' ପଦ ସହିତ ଯୋଡା ଯାଇଥିବା 'ଅତି' ଶବ୍ଦ ଅନ୍ୟ ଛଅ; - କଟୁ, ଅମ୍ଳ, ଲବଣ, ତୀକ୍ଷଣ୍, ରୁକ୍ଷ, ବିଦାହୀନ- ପଦ ଗୁଡିକ ପ୍ରତି ମଧ୍ୟ ପ୍ରଯୁଜ୍ୟ । ଯେଉଁ ଖାଦ୍ୟ ପଦାର୍ଥ ଦେହ ଭିତରେ ଶିହରଣ ତଥା ଉତ୍ତେଜନା ଜାତ କଲାଭଳି ଉତ୍କଟ, ଯାହା ଅତ୍ୟନ୍ତ ଖଟା, ଅତି ଲୁଣିଆ, ମସଲା-ମସଲି ମିଶ୍ରିତ, ତୈଳ ବିହୀନ ଶୁଷ୍କ ଏବଂ କଠିନ, ଚୁନଠାରୁ ବଳି ଦାହକ ତଥା ଜ୍ୱଳାଦାୟକ, ସେହିଭଳି ଖାଦ୍ୟ ରାଜସ ପ୍ରକୃତି ଲୋକମାନଙ୍କ ପ୍ରିୟ ହୋଇଥାଏ । ଜିହ୍ୱା ତୃପ୍ତିକୁ ଆଧାର କରି ରାଜସିକ ଲୋକ ଖାଦ୍ୟ ନିର୍ଣ୍ଣୟ କରନ୍ତି । ଏହି ଖାଦ୍ୟ ସବୁ ଖାଇବା ସମୟରେ ଆଖି ଓ କାନରୁ ପାଣି ବାହାରିବା, ଜିଭ, ଗଳା ଏବଂ ପେଟରେ ବାୟୁ ବୃଦ୍ଧି ଓ ଅଜୀର୍ଣ୍ଣ କାରଣରୁ ପୀଡା ହେବା, ଦାନ୍ତ ଶଢିଯାଇ କଠିନ ବସ୍ତୁଆଦି ଚୋବାଇ ନପାରିବା, ହାକୁଟି ଆସିବା – ପ୍ରଭୃତି ଶାରୀରିକ ଯନ୍ତ୍ରଣା ଦ୍ୱାରା ମନ ପ୍ରସନ୍ନ ରହେନାହିଁ । ଫଳତଃ ମନରେ ଅନେକ ଦୁଶ୍ଚିନ୍ତା ଆସିଥାଏ । ଏହି ଖାଦ୍ୟର ପ୍ରଭାବରେ ଶରୀର ଅତିଶୀଘ୍ର ରୋଗାଗ୍ରସ୍ତ ହୋଇଯାଏ । ଏହିପରି ଭାବରେ ରାଜସିକ ଖାଦ୍ୟ ଦୁଃଖ, ଶୋକ ପ୍ରଦାନକାରୀ ବୋଲି ଆଖ୍ୟା ଦିଆଯାଇଛି ।

ଯାତଯାମଂ ଗତରସଂ ପୂତି ପର୍ଯ୍ୟୁଷିତଂ ଚ ଯତ୍ ।
ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟଂ ॥୧୦॥

*ଅନ୍ୱୟ: ଯତ୍ (ଯେଉଁ) ଭୋଜନଂ (ଖାଦ୍ୟ) ଯାତ-ଯାମମ୍ (ଅର୍ଦ୍ଧପକ୍ୱ ଅଥବା ଏକ ପ୍ରହର ପୂର୍ବରୁ ପ୍ରସ୍ତୁତ ଶୀତଳ ଖାଦ୍ୟ) ଗତରସଂ (ନୀରସ ବା ଶୁଷ୍କ ) ପୂତି (ଦୁର୍ଗନ୍ଧଯୁକ୍ତ) ପର୍ଯ୍ୟୁଷିତଂ (ପୂର୍ବଦିନର ପ୍ରସ୍ତୁତ ଅର୍ଥାତ୍ ବାସୀଖାଦ୍ୟ) ଉଚ୍ଛିଷ୍ଟମ୍ (ଉଚ୍ଛିଷ୍ଟ ଅର୍ଥାତ୍ ଭୋଜନପରେ ପାତ୍ରରେ ଛାଡିଯାଇଥିବା ଖାଦ୍ୟ) ଚ (ତଥା) ଅମେଧ୍ୟଂ (ଅପବିତ୍ର-ଯଜ୍ଞରେ ନିଷିଦ୍ଧ ବା ମାଂସାଦି ଭଳି ଅଭକ୍ଷ୍ୟ) [ତାହା] ତାମସ-ପ୍ରିୟମ୍ (ତାମସ ମନୁଷ୍ୟଙ୍କ ପ୍ରିୟ ) ।*

**ଭାବାର୍ଥ** : ଯେଉଁ ଖାଦ୍ୟ ଦ୍ରବ୍ୟ ଅପରିପକ୍ୱ ତଥା ପ୍ରସ୍ତୁତ ହେବାର ଏକ ପ୍ରହର ବିତିଯାଇଥାଏ, ଯେଉଁ ଖାଦ୍ୟ ନୀରସ ବା ଶୁଷ୍କ, ଦୁର୍ଗନ୍ଧଯୁକ୍ତ ଏବଂ ପୂର୍ବଦିନରେ ପ୍ରସ୍ତୁତ ହୋଇ ବାସୀ ହୋଇଯାଇଥାଏ, ତାହା ସବୁ ତାମସ ଗୁଣ ସମ୍ପନ୍ନ ବ୍ୟକ୍ତିଙ୍କ ପ୍ରିୟ ହୋଇଥାଏ । ଏତଦ୍ ବ୍ୟତୀତ ଯେଉଁ ଖାଦ୍ୟ ଦ୍ରବ୍ୟ ଯଜ୍ଞ ନିମନ୍ତେ ନିଷିଦ୍ଧ ଏବଂ ମାଛ, ମାଂସ, ତମାଖୁ ଭଳି ଅପବିତ୍ର ତଥା ଅଭକ୍ଷ୍ୟ, ତାହାମଧ୍ୟ ତାମସୀ ବ୍ୟକ୍ତିଙ୍କ ପ୍ରିୟ । ମନୁ-ସଂହିତାରେ ମତ୍ସାଦି ଖାଦ୍ୟକୁ ସର୍ବାଧିକ ନିଷେଧ କୁହାଯାଇଛି । **"ଯୋ ଯସ୍ୟ ମାଂସମଶ୍ନାତି ସ ତନ୍ ମାଂସଦ ଉଚ୍ୟତେ । ମତ୍ସ୍ୟାଦଃ ସର୍ବମାଂସଦ ସ୍ତସ୍ମାନ୍ମତ୍ସ୍ୟାନ୍ ବିବର୍ଜୟେତ୍"** -ଅର୍ଥାତ୍ ମତ୍ସଭୋଜନ ସମସ୍ତ ପ୍ରାଣୀଙ୍କ ମାଂସ ଖାଇବା ସାଦୃଶ୍ୟ ଯୋଗୁଁ ସର୍ବଦା ବର୍ଜନୀୟ । ଗୁରୁବର୍ଗଙ୍କ ଅତିରିକ୍ତ ଅନ୍ୟ କାହାରି ଉଚ୍ଛିଷ୍ଟ ଅନ୍ନ ଭକ୍ଷଣ କରିବା ଶାସ୍ତ୍ର ନିଷେଧ । ଦୀର୍ଘ ସମୟ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଶୀତଳ ଖାଦ୍ୟ, ଅତ୍ୟଧିକ ସିଝାଯାଇଥିବା ଖାଦ୍ୟ ଏବଂ ସ୍ୱାଭାବିକ ରସ ନଷ୍ଟ କିମ୍ବା ଶୁଷ୍କ ହୋଇଯାଇଥିବା ଫଳ ଆଦି ଦ୍ରବ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକାରକ ହୋଇ

ନଥାଏ । ପଚି ଶଢି ଯାଇଥିବା ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ମାନସିକ ବିକୃତି ଉପୁନ୍ନ ହୁଏ , ଯାହା ଆସୁରୀ ସ୍ୱଭାବ ମନୁଷ୍ୟଙ୍କ ଆଚରଣ ହୋଇଥାଏ । ତିନି ପ୍ରକାର ଖାଦ୍ୟ ଗ୍ରହଣ ଯୋଗ୍ୟ ହୋଇନଥାଏ - : (୧) ଉତ୍ତେଜକ ପିଆଜ, ରସୁଣ ଯୁକ୍ତ ମସଲା ଦ୍ରବ୍ୟ ଏବଂ ମାଛ, ମାଂସ ଭଳି ଅପବିତ୍ର ଖାଦ୍ୟ (୨) ବ୍ୟାଧିଗ୍ରସ୍ତ ତଥା ମନ୍ଦ ବୁଦ୍ଧି ସମ୍ପନ୍ନ ପାଚକ ଓ ପରିବେଶକ (ପ୍ରସ୍ତୁତକାରୀ ଓ ପରଶାଳୀ)ଙ୍କ ନିକଟରୁ (୩) ନିମିତ୍ତ ଦୋଷ ଅର୍ଥାତ୍ ନାଳନର୍ଦ୍ଦମା ଥିବା ଅପରିଚ୍ଛନ୍ନ ସ୍ଥାନ ଓ ଦୂଷିତ ଜଳରେ ପ୍ରସ୍ତୁତ ଖାଦ୍ୟ- ମାଛି ବସିଥିବା, କେଶ, ନଖ ଆଦି ମିଶିଥିବା ଖାଦ୍ୟ । ହଜାର ହଜାର ବର୍ଷର ଗବେଷଣା ଫଳରେ ସାଧନା ମାର୍ଗରେ ଆହାର ଶୁଦ୍ଧିକୁ ହିନ୍ଦୁଧର୍ମର ଶାସ୍ତ୍ରକାରମାନେ ଏକ ବିଶେଷ ସ୍ଥାନ ଦେଇ ଆସିଛନ୍ତି । **"ଆହାର ଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ ସତ୍ତ୍ୱ ଶୁଦ୍ଧୌ ଧ୍ରୁବା ସ୍ମୃତି "** -ଅର୍ଥାତ୍ ଆହାର ଶୁଦ୍ଧିହେଲେ ଚିତ୍ତ ଶୁଦ୍ଧିହୁଏ, ଚିତ୍ତ ଶୁଦ୍ଧି ହେଲେ ଏହି ଶୁଦ୍ଧମନରେ ସର୍ବଦା ବ୍ରହ୍ମଙ୍କର ସ୍ମୃତି ଜାଗ୍ରତ ରହେ । ଶ୍ରୀମଦ୍ ଭାଗବତରୁ ଜଣାଯାଏ କି; ଭଗବାନଙ୍କୁ ନିବେଦିତ ଅନ୍ନ ନିର୍ଗୁଣ ହୋଇଥାଏ, ଯାହା ଶରୀରକୁ ସ୍ୱଚ୍ଛ ଓ ଶକ୍ତିଶାଳୀ ରଖେ, ମନକୁ ପବିତ୍ର କରାଏ ଏବଂ ଭଗବତ ଉପାସନାରେ ପ୍ରବୃତ୍ତ କରାଏ । ବୈଷ୍ଣବ, ବିଦ୍ୱାନ୍ ଜନ ଏହି ଭୋଜନ ଗ୍ରହଣ କରନ୍ତି ।

ଅଫଳାକାଙ୍କ୍ଷିଭିର୍ଯଜ୍ଞୋ ବିଦ୍ଧିଦୃଷ୍ଟୋ ଯ ଇଜ୍ୟତେ ।
ଯଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ।।୧୧।।

*ଅନ୍ୱୟ: ଅଫଳ-ଆକାଙ୍କ୍ଷିଭିଃ (ଫଳରେ ଆଶା ରଖି ନଥିବା ମନୁଷ୍ୟଙ୍କ ଦ୍ୱାରା) ଯଷ୍ଟବ୍ୟମ୍ ଏବ ( ଯଜ୍ଞ କରିବା କର୍ତ୍ତବ୍ୟ – ନିଷ୍କାମ ଭାବରେ ଶାସ୍ତ୍ର ବିହିତ କର୍ମ ବିଧେୟ) ଇତି (ଏହି ପ୍ରକାର) ମନଃ ସମାଧାୟ ( ନିଶ୍ଚୟ କରି-ମନକୁ ଏକାଗ୍ରତା କରି) ବିଧିଦୃଷ୍ଟଃ ( ଶାସ୍ତ୍ରବିଧି ଅନୁଯାୟୀ) ଯଃ (ଯେଉଁ) ଯଜ୍ଞଃ (ଯଜ୍ଞ) ଇଜ୍ୟତେ ( ଅନୁଷ୍ଠିତ ହୁଏ ) ସଃ (ତାହା) ସାତ୍ତ୍ୱିକଃ (ସାତ୍ତ୍ୱିକ ଅଟେ ) ।*

**ଭାବାର୍ଥ** : "ଶାସ୍ତ୍ରବିହିତ ନିଷ୍କାମ କର୍ମ ହିଁ ଯଜ୍ଞ – ଯଜ୍ଞ କରିବା ମୋର ଅବଶ୍ୟ କର୍ତ୍ତବ୍ୟ" – ମନରେ ଏହି ଧାରଣା ଦୃଢିବୃତ କରି, ଫଳ ଉପରେ ଲେଶମାତ୍ର ଆଶା ନ ରଖି ଏବଂ ଶାସ୍ତ୍ର-ବିଧି ଅନୁଯାୟୀ ଯେଉଁ ଯଜ୍ଞ ଅନୁଷ୍ଠାନ ହୋଇଥାଏ, ତାହା ସାତ୍ତ୍ୱିକ ଅଟେ । ଯଜ୍ଞ ଅନୁଷ୍ଠାନ କରୁଥିବା ବ୍ୟକ୍ତିର ହୃଦୟରେ ମାନ-ପ୍ରତିଷ୍ଠା, ସ୍ୱର୍ଗଲୋକ ପ୍ରାପ୍ତ ଅଥବା ପୁନର୍ଜନ୍ମ ଭଳି କୌଣସି ପ୍ରକାର ଫଳାଶା ରହିବା ଉଚିତ ନୁହେଁ । ପ୍ରଜାପତି ବ୍ରହ୍ମା ସୃଷ୍ଟିର ପ୍ରାରମ୍ଭ କାଳରେ ଯଜ୍ଞର ଉତ୍ପତ୍ତି କରି ସମସ୍ତ ମାନବ ଜାତିକୁ ନିଜ ନିଜ କର୍ତ୍ତବ୍ୟ ରୂପକ ଯଜ୍ଞାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ବିଧି ବିଧାନ ପୂର୍ବକ ଭକ୍ତି ଓ ବିଶ୍ୱାସର ସହିତ ଯେଉଁ ଯଜ୍ଞ କରାଯାଏ ତାହା ଶୁଦ୍ଧ ଓ ସାତ୍ତ୍ୱିକ ଯଜ୍ଞ । ଯଜ୍ଞାନୁଷ୍ଠାନ କରୁଥିବା ବ୍ୟକ୍ତିର ମନରେ କୌଣସି ପ୍ରତିଷ୍ଠା ବା ସମ୍ମାନ ଲାଭର ଆସକ୍ତି ରହିବା ଉଚିତ ନୁହେଁ । ପ୍ରାରବ୍ଧ ଭୋଗ ଲାଗି ଶରୀର ନିର୍ବାହ ନିମନ୍ତେ ଶୁଦ୍ଧ ମନ ଓ ନିଶ୍ଚୟାତ୍ମିକ ବୁଦ୍ଧି ସହିତ କରୁଥିବା କର୍ମ ହେଲା 'ନିୟତ' କର୍ମ । ସମାଜ, ଗୋଷ୍ଠୀ ଓ ରାଷ୍ଟ୍ର ନିୟମ ଗୁଡିକୁ ମାନି, ସେବାପରାୟଣ ହୋଇ ସଂସାର ହିତ ନିମନ୍ତେ କର୍ମ ହେଲା 'ନୈମିତ୍ତିକ' କର୍ମ । ନିତ୍ୟ ଓ ନୈମିତ୍ତିକ କର୍ମ ଗୁଡିକୁ ସମ୍ମିଳିତ ରୂପେ କର୍ତ୍ତବ୍ୟ କର୍ମ କହନ୍ତି । ଏହି ବିଚାରରେ ନିଜ ନିଜ କୁଳଧର୍ମ, ବର୍ଣ୍ଣାଶ୍ରମ ଓ ଯୋଗ୍ୟତାକୁ ଆଧାର କରି ସମସ୍ତ କର୍ତ୍ତବ୍ୟ କର୍ମାନୁଷ୍ଠାନ ମଧ୍ୟ ଯଜ୍ଞ ଅନ୍ତର୍ଭୁକ୍ତ । ନିଃସ୍ୱାର୍ଥ ଭାବେ ଫଳପ୍ରତି ଅନାସକ୍ତ ହୋଇ ଏବଂ କର୍ତ୍ତାଭିମାନ ତ୍ୟାଗକରି ପ୍ରଭୁଙ୍କୁ ସମର୍ପଣ ପାଇଁ କରାଯାଉଥିବା ଯେ କୌଣସି କର୍ମ ଯଜ୍ଞ ଅଟେ । ସାତ୍ତ୍ୱିକ ବ୍ୟକ୍ତି ନିଜ ଆତ୍ମ କଲ୍ୟାଣକୁ ଦୃଷ୍ଟିରେ ରଖି ପ୍ରସନ୍ନତା ପୂର୍ବକ ସମାଜ ବା ରାଷ୍ଟ୍ର କଲ୍ୟାଣ, ସର୍ବୋପରି ସଂସାର କଲ୍ୟାଣ

ନିମିତ୍ତ କର୍ମ କରିଥାଏ । ଯଜ୍ଞ କର୍ମ ମନୁଷ୍ୟକୁ ପବିତ୍ର କରି ସାଧକକୁ ଆତ୍ମଜ୍ଞାନ ପ୍ରାପ୍ତ ମାର୍ଗରେ ଅଗ୍ରଗତି କରିବାରେ ସହାୟକ ହୁଏ । ସାତ୍ତ୍ୱିକଭାବର ପୂର୍ଣ୍ଣତା ନିମିତ୍ତ ଫଳେଚ୍ଛା ତ୍ୟାଗ ଏକାନ୍ତ ଆବଶ୍ୟକ । ସାତ୍ତ୍ୱିକ ଯଜ୍ଞରେ ନିଷ୍ଠା ଓ ଭାବର ପ୍ରାଧାନ୍ୟତା ରହିଥାଏ ।

ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍ ।
ଇଜ୍ୟତେ ଭରତ ଶ୍ରେଷ୍ଠ ତଂ ଯଜ୍ଞ ବିଦ୍ଧି ରାଜସମ୍ ॥୧୨॥

*ଅନ୍ୱୟ : ତୁ (କିନ୍ତୁ) ଭରତ ଶ୍ରେଷ୍ଠ ! ( ହେ ଭରତ ଶ୍ରେଷ୍ଠ ଅର୍ଜୁନ ) ଫଳଂ ( ସ୍ୱର୍ଗ ଭୋଗାଦି ଫଳ ) ଅଭିସନ୍ଧାୟ (ଦୃଷ୍ଟିରେ ରଖି-ଆକାଙ୍କ୍ଷା କରି) ଚ ( ଅଥବା) ଦମ୍ଭାର୍ଥମ୍ ଏବ (କେବଳ ଦମ୍ଭାଚରଣ ନିମିତ୍ତ) ଅପି (ମଧ୍ୟ) ଯତ୍ (ଯେଉଁ ) ଯଜ୍ଞଂ (ଯଜ୍ଞ) ଇଜ୍ୟତେ ( ଅନୁଷ୍ଠାନ କରାଯାଏ) ତଂ (ତାହା ) ରାଜସମ୍ (ରାଜସିକ) ବିଦ୍ଧି ( ବୋଲି ଜାଣ ) ।*

**ଭାବାର୍ଥ** : କିନ୍ତୁ ହେ ଅର୍ଜୁନ ! କେବଳ ଦମ୍ଭ ଅହଂକାର ସହିତ ନିଜର ଐଶ୍ୱର୍ଯ୍ୟ ମହତ୍ତ୍ୱ ଆଦି ଦେଖାଇହେବା ନିମିତ୍ତ ଅଥବା ସ୍ୱର୍ଗ-ପ୍ରାପ୍ତି ଆଦି ଫଳକୁ ଦୃଷ୍ଟିରେ ରଖି ଯେଉଁ ଯଜ୍ଞ କରାଯାଏ ସେହି ଯଜ୍ଞକୁ ତୁମ୍ଭେ ରାଜସ ବୋଲି ଜାଣିରଖ । କାମନା ହେଉଛି ରଜୋଗୁଣର ଲକ୍ଷଣ ବା ଅଭିବ୍ୟକ୍ତି । ରଜୋଗୁଣୀ ଲୋକ ଯେଉଁ ସବୁ କର୍ମ କରନ୍ତି ସ୍ୱଭାବତଃ କାମନା ଦ୍ୱାରା ପ୍ରେରିତ ହୋଇ କରିଥାନ୍ତି । ସ୍ତ୍ରୀ, ପୁତ୍ର, ଧନ, ଗୃହ, ଯଶ, ବିଜୟ, କ୍ଷମତା ଆଦି ଇଷ୍ଟ କାମନା କରି ତାହାରି ପୂର୍ତ୍ତି ନିମନ୍ତେ ଯେଉଁ ଯଜ୍ଞ କରାଯାଏ, ତାହା ରାଜସିକ ଯଜ୍ଞ । ରାଜସିକ ଯଜ୍ଞରେ କର୍ତ୍ତାପନ ଓ ଭୋକ୍ତାପନ- ଉଭୟ ରହିଥାଏ । "ଲୋକେ ମୋତେ ଦାନୀ, ଧର୍ମାତ୍ମା, ଯାଜ୍ଞିକ ବୋଲି ଗ୍ରହଣ କରନ୍ତୁ ଏବଂ ଏହାଦ୍ୱାରା ସଂସାରରେ ମୋର ଖ୍ୟାତି ବଢୁ"- ଏହି ମନୋବୃତ୍ତିରେ ଯଜ୍ଞ କରିବାକୁ ଏହିଠାରେ ଦାମ୍ଭିକତା ପୂର୍ବକ ଯଜ୍ଞ ବୋଲି କୁହାଯାଇଛି । " ମୁଁ ବିଦ୍ୱାନ୍, ମୁଁ ଯଜ୍ଞ ଅନୁଷ୍ଠାନ କରୁଛି, ମୋତେ ଭୋଗ ଯଶ ଆଦି ପ୍ରାପ୍ତି ହେଉ, ମୋର ଶତ୍ରୁ ବିନଷ୍ଟ ହୁଅନ୍ତୁ, ମୋର ନିନ୍ଦା-ଅପମାନ ନହେଉ – ପ୍ରଭୃତି ଇଷ୍ଟ ଏବଂ ଅନିଷ୍ଟ ନିବୃତ୍ତି କାମନାର ବଶୀଭୂତ ହୋଇ ରାଜସିକ ବ୍ୟକ୍ତି ମହା ଆଡମ୍ବରରେ ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନ ଯଜ୍ଞ, ଦରିଦ୍ର ନାରାୟଣ ସେବା ଭଳି ବିଭିନ୍ନ ଯଜ୍ଞ ଅନୁଷ୍ଠାନ କରି ବା କରାଇ ନିଜର ଆତ୍ମ-ବଡିମାର ପ୍ରଚାର କରନ୍ତି । ଶାସ୍ତ୍ର ବିହିତ ଓ ଶ୍ରଦ୍ଧା ପୂର୍ବକ କୌଣସି ଯଜ୍ଞ କଲେ ମଧ, ଯଦି ସେଥିରେ ଅହନ୍ତା ଓ ଫଳାସକ୍ତି ରହେ, ତେବେ ସେହି ଯଜ୍ଞ ରାଜସିକ ଯଜ୍ଞ ଅଟେ ।

ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷୀଣମ୍ ।
ଶ୍ରଦ୍ଧାବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷତେ ॥୧୩॥

*ଅନ୍ୱୟ : ବିଧିହୀନମ୍ (ଶାସ୍ତ୍ରୋକ୍ତ ବିଧିହୀନ-ଶାସ୍ତ୍ରବିଧି ରହିତ ) ଅସୃଷ୍ଟାନ୍ନଂ (ଅନ୍ନ ଦାନ ବିହୀନ-ଅନ୍ନରୁ ପ୍ରାଣୀଙ୍କ ଉଦ୍ଭବ ହେତୁ ଅନ୍ନଦାନ ଅଭାବରେ ପରମାତ୍ମାଙ୍କ "ମୁଁ ଏକରୁ ଅନେକ- ଏକୋହଂ ବହୁସ୍ୟାମ-ସଙ୍କଳ୍ପରେ ବାଧା) ମନ୍ତ୍ରହୀନ (ମନ୍ତ୍ର ବର୍ଜିତ ବା ବିନା ମନ୍ତ୍ରଶୁଦ୍ଧିରେ) ଅଦକ୍ଷିଣମ୍ (ଦକ୍ଷିଣା ବିହୀନ – ସମ୍ପୂର୍ଣ୍ଣ ଭାବେ ସମର୍ପିତ ନହୋଇ ) ଶ୍ରଦ୍ଧା ବିରହିତଂ (ଶ୍ରଦ୍ଧା ଶୂନ୍ୟ ) ଯଜ୍ଞଂ (ଯଜ୍ଞକୁ) ତାମସଂ (ତାମସିକ) ପରିଚକ୍ଷ୍ୟତେ (କହନ୍ତି ) ।*

**ଭାବାର୍ଥ**: ଯେଉଁ ଯଜ୍ଞ ଶାସ୍ତ୍ର ବିଧି ରହିତ, ବ୍ରାହ୍ମଣ ଭୋଜନ ତଥା ଦରିଦ୍ର ନାରାୟଣ ସେବା ରୂପେ ଅନ୍ନଦାନ ବିହୀନ, ସେହି ଯଜ୍ଞକୁ ତାମସ ଯଜ୍ଞ କୁହାଯାଏ । ଅନ୍ନରୁ ପ୍ରାଣୀଙ୍କ ସୃଷ୍ଟି । ତେଣୁ ଅନ୍ନ ଦାନ ହେଉଛି ଭଗବାନଙ୍କ "ଏକୋହଂ ବହୁସ୍ୟାମି- 'ମୁଁ ଏକରୁ ଅନେକ ରୂପେ ବିସ୍ତାରିତ" ସଙ୍କଳ୍ପର କାର୍ଯ୍ୟଧାରା । ଅନ୍ନ

ଯଜ୍ଞାନୁଷ୍ଠାନରେ ଭୋଜନ ପରେ କିଛି ଅର୍ଥ କିମ୍ବା ଦ୍ରବ୍ୟ ଦକ୍ଷିଣା ରୂପରେ ଯଜ୍ଞ କର୍ତ୍ତାଙ୍କ ପକ୍ଷରୁ ବ୍ରାହ୍ମଣ ଓ ଗରିବ ପ୍ରଜାଙ୍କୁ ବଣ୍ଟନ କରାଯାଇଥାଏ । ଯଜ୍ଞ ସମାପନରେ ଦାନ ଗ୍ରହିତାର ପରିତୋଷ ଓ ଦାତାର ତ୍ୟାଗର ସଙ୍କେତ ରୂପେ ଦକ୍ଷିଣାର ବ୍ୟବସ୍ଥା ରହିଅଛି । ଦାନ ସହିତ ଦକ୍ଷିଣା ହେଉଛି କାୟ, ମନ ଓ ବାକ୍ୟ ସହିତ ସର୍ବସ୍ୱ ସମର୍ପଣ ଭାବର ସୂଚକ । ଯଜ୍ଞରେ ଦେବତା ଓ ଇଷ୍ଟଙ୍କ ନିମିତ୍ତ ଉଦ୍ଦିଷ୍ଟ ମନ୍ତ୍ର ପାଠ ନ କରିବା କିମ୍ବା ଉଚ୍ଚାରିତ ମନ୍ତ୍ର ଶୁଦ୍ଧ ନ ହେବାକୁ, ମନ୍ତ୍ରହୀନ କୁହାଯାଏ । ଯଥାବିଧି ମନ୍ତ୍ର ବିହୀନ ଯଜ୍ଞ ବୃଥା ଯଜ୍ଞ ଅଟେ । ଯଜ୍ଞ ଆୟୋଜନ କରୁଥିବା ବ୍ୟକ୍ତିର ସାତ୍ତ୍ୱିକ ଶ୍ରଦ୍ଧା ରହିବା ଉଚିତ । ସ୍ୱାର୍ଥ ସିଦ୍ଧି ଅଭିପ୍ରାୟ ରଖି ରାଗ -ଦ୍ୱେଷ ଦ୍ୱାରା ପ୍ରଭାବିତ ହୋଇ ଯେଉଁ ଯଜ୍ଞ ଅନୁଷ୍ଠାନ କରାଯାଏ, ତାହା ତାମସିକ ଯଜ୍ଞ ଅଟେ । ଏହିଭଳି ଯଜ୍ଞରୁ କୌଣସି ସୁଫଳ ପ୍ରାପ୍ତି ହୋଇ ନଥାଏ । ଯଜ୍ଞ ବିଧି ପ୍ରତି ଶ୍ରଦ୍ଧା ବା ପ୍ରେମଭାବ ନଥାଇ ଅଭିମାନ ବଶତଃ ନିଜ ଦମ୍ଭପଣ ଦେଖାଇ ତାମସୀ ଗୁଣ ସମ୍ପନ୍ନ ବ୍ୟକ୍ତି ଯଜ୍ଞର ସମସ୍ତ ଆର୍ଥିକ ଖର୍ଚ୍ଚ ବହନ କରେ । ଫଳତଃ ତାଙ୍କରି ଦମ୍ଭ ଓ ଅଭିମାନ ଆହୁରି ବୃଦ୍ଧି ହୁଏ ।

ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।
ବ୍ରହ୍ମଚର୍ଯ୍ୟମହିଂସା ଚ ଶରୀରଂ ତପ ଉଚ୍ୟତେ ॥୧୪॥

*ଅନ୍ୱୟ: ଦେବ-ଦ୍ୱିଜ-ଗୁରୁ-ପ୍ରାଜ୍ଞ-ପୂଜନଂ (ଦେବତା, ବ୍ରାହ୍ମଣ, ଗୁରୁ ଏବଂ ପ୍ରଜ୍ଞା ଅର୍ଥାତ୍ ଜ୍ଞାନୀ ମାନଙ୍କ ଯଥାଯୋଗ୍ୟ ପୂଜା) ଶୌଚମ୍ (ଶରୀର ଅନ୍ତଃ ଓ ବାହ୍ୟ ପବିତ୍ରତା ରକ୍ଷା କରିବା) ଆର୍ଜବମ୍ (ସରଳତା) ବ୍ରହ୍ମଚର୍ଯ୍ୟ (କାୟମନୋବାକ୍ୟରେ ବ୍ରହ୍ମଚର୍ଯ୍ୟ ବ୍ରତ) ଅହିଂସା ଚ ( ଏବଂ ସର୍ବତୋ ଭାବେ ପରପୀଡନ ବା ହିଂସା ତ୍ୟାଗ) ଶରୀରଂ ତପଃ (ଏ ସମସ୍ତ ଶରୀର ସମ୍ବନ୍ଧୀୟ କ୍ରିୟା ସମୂହକୁ ତପସ୍ୟା) ଉଚ୍ୟତେ (କୁହାଯାଏ)।*

**ଭାବାର୍ଥ** : ଦେବତା, ବ୍ରାହ୍ମଣ, ଗୁରୁ ଓ ବିଦ୍ୱାନ୍ ତଥା ଜୀବନମୁକ୍ତ ମହାପୁରୁଷଙ୍କ ଯଥାଯୋଗ୍ୟ ପୂଜା କରିବା, ଅନ୍ତଃ ତଥା ବାହ୍ୟ ଶୁଦ୍ଧତା ରକ୍ଷା କରିବା, ସରଳତା, କାୟମନୋବାକ୍ୟରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଏବଂ ସର୍ବୋତ ଭାବେ ପରପୀଡନ ବା ହିଂସା ତ୍ୟାଗ କରିବା- ଏହି ସମସ୍ତ କ୍ରିୟା ସମୂହକୁ ଶାରୀରିକ ତପ କୁହାଯାଏ । ଗୁଣ ଭେଦରେ ତପସ୍ୟା ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ହୋଇଥାଏ । ଅଧିଷ୍ଠାନ ଭେଦରେ ତପସ୍ୟା ଶାରୀରିକ, ବାଚିକ ଏବଂ ମାନସ- ଏହିଭଳି ତିନି ପ୍ରକାର ଅଟେ । ଶାରୀରିକ ତପରେ ଶରୀରର ଶ୍ରମ ହୁଏ, ମାନସିକ ତପରେ ମନର ତଥା ବାଚିକ ତାପରେ ବାଣୀକୁ ଶ୍ରମ କରିବାକୁ ପଡେ । ଅତଏବ 'ତପ' ଶବ୍ଦର ଅର୍ଥ ଶ୍ରମ ସର୍ବତ୍ର ଅନୁଗତ ରହିବା । ଅପାତତଃ ତପସ୍ୟାରେ ଶରୀର କ୍ଲେଶର ଅନୁଭବତା ଅନିର୍ବାଯ୍ୟ । କିନ୍ତୁ ସେହି ସମସ୍ତ କ୍ଲେଶ ଅଭୀଷ୍ଟ ହୋଇଥାଏ । ତେଣୁ 'ତପ' ଶବ୍ଦର ଅର୍ଥ ଶରୀର ଉତ୍ପୀଡନ ରୂପେ ଗ୍ରହଣ ନକରି ଏହା ଏକ ଶୃଙ୍ଖଳିତ ଜୀବନ ପଦ୍ଧତି, ଯାହାଦ୍ୱାରା ଶାରୀରିକ ଓ ମାନସିକ ଶକ୍ତିର ଅପବ୍ୟୟ ଅବରୁଦ୍ଧ ହୋଇ ତାହା ଆତ୍ମା-କଲ୍ୟାଣରେ ଲାଗେ ବୋଲି ବିଚାର କରିନେବା ଉଚିତ । ଦେବ-ପୂଜାର ସମ୍ଭାର ଏକତ୍ରିତ କରିବାରେ ପର୍ଯ୍ୟାପ୍ତ ଶ୍ରମ କରିବାକୁ ପଡେ, କିନ୍ତୁ ଦେବଭକ୍ତ ଏହି ସବୁ କାର୍ଯ୍ୟରେ ଚିତ୍ତର ପ୍ରସନ୍ନତା ଓ ଆନନ୍ଦ ଅନୁଭବ କରେ । ଏଠାରେ 'ଦେବ' ଶବ୍ଦଟି ପ୍ରଧାନତଃ ବିଷ୍ଣୁ, ଶିବ, ଗଣେଶ, ଶକ୍ତି ଓ ସୂର୍ଯ୍ୟ-ଈଶ୍ୱର ଶ୍ରେଣୀୟ ଏହି ପଞ୍ଚ ଦେବତାଙ୍କ ଉପଲକ୍ଷେ ବ୍ୟବହୃତ ହୋଇଛି । ଏହି ପାଞ୍ଚ ଦେବତାଙ୍କ ମଧ୍ୟରୁ ଯେ ନିଜର ଇଷ୍ଟ, ଯାହାଙ୍କ ପ୍ରତି ଅଧିକ ଶ୍ରଦ୍ଧା ରହିଥାଏ, ତାଙ୍କୁ ନିଷ୍କାମଭାବରେ ପୂଜା କରିବା ଉଚିତ । ଜାତିଗତ ଦୃଷ୍ଟିରୁ

ବ୍ରାହ୍ମଣ ହେଉଛନ୍ତି ସେ' ଯେ କି, ସଂସ୍କାର ସମ୍ପନ୍ନ, ଯଜ୍ଞୋପବୀତ ଧାରଣ କରି ନିତ୍ୟ ଗାୟତ୍ରୀ ମନ୍ତ୍ର ଜପ କରନ୍ତି, ସନ୍ଧ୍ୟା ବନ୍ଦନା ଓ ବଳି ବୈଶ୍ୱଦେବ କରି ବ୍ରାହ୍ମଣ ଧର୍ମକୁ ନିଷ୍ଠାର ସହ ପାଳନ କରନ୍ତି । ଆଚରଣ ଦୃଷ୍ଟି କୋଣରୁ 'ଦ୍ୱିଜ' ଶବ୍ଦ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ- ଏହି ତିନି ବର୍ଣ୍ଣର ବାଚକ । ମନୁଷ୍ୟ ମାତୃ ଗର୍ଭରୁ ଜନ୍ମ ନେବାପରେ ପ୍ରକୃତି ଜନିତ ଜଡ ଉପାଧି ଗୁଡିକର ବନ୍ଧନରୁ ସ୍ୱୟଂକୁ ମୁକ୍ତକରି ଆତ୍ମା ସ୍ୱରୂପର ପରମାନନ୍ଦରେ ନିଷ୍ଠା ପ୍ରାପ୍ତ କରିବା ହେଉଛି ଦ୍ୱିତୀୟ ଜନ୍ମ । ତେଣୁ ଆତ୍ମାନୁଭବୀ ପୁରୁଷଙ୍କୁ ମଧ୍ୟ 'ଦ୍ୱିଜ' କୁହାଯାଏ । ସମାଜରେ ବ୍ରାହ୍ମଣ ପବିତ୍ରତା, ଧର୍ମାତ୍ମା ଏବଂ ତ୍ୟାଗଶୀଳତାର ପ୍ରତୀକ ଅଟନ୍ତି, ତେଣୁ ସର୍ବଥା ପୂଜନୀୟ । ଗୁରୁ ପୂଜନ ସମସ୍ତ ଶାସ୍ତ୍ରରେ ପ୍ରସିଦ୍ଧ ଅଟେ । ଏହି ଶ୍ଳୋକରେ 'ଗୁରୁ' ଶବ୍ଦ ନିଜର ବୃତ୍ତିଗତ ଶିକ୍ଷା-ଗୁରୁ ଓ ଦୀକ୍ଷାଗୁରୁଙ୍କ ସମେତ ମାତା, ପିତା, ଆଚାର୍ଯ୍ୟ ଓ ବୃଦ୍ଧ ତଥା ନିଜଠାରୁ କୌଣସି ଭାବେ ମଧ୍ୟ ଶ୍ରେଷ୍ଠ ପୁରୁଷଙ୍କୁ ନିର୍ଦ୍ଦେଶ କରାଯାଇଛି । ପିତା, ମାତା ଓ ଗୁରୁ- ଏହିମାନେ ଜ୍ଞାନୀ ବା ବିଦ୍ୱାନ୍ ନହେଲେ ମଧ୍ୟ ସର୍ବଥା ପୂଜନୀୟ । ଗୁରୁ ସମୟ ବିଶେଷରେ ଦକ୍ଷିଣା ଆଦି ରୂପରେ କଠୋର ଶାରୀରିକ ଶ୍ରମ ଦେଇ ଶିଷ୍ୟର ପରୀକ୍ଷା ନେଇଥାନ୍ତି । ଏଥିରେ ଗୁରୁଙ୍କ ଶିଷ୍ୟପ୍ରତି କୌଣସି ପ୍ରକାର ଦ୍ୱେଷ କିମ୍ବା କେବଳ କଷ୍ଟ ପହଞ୍ଚାଇବାର ଉଦ୍ଦେଶ୍ୟ ନଥାଏ । ବରଂ ଉପାର୍ଜିତ ଜ୍ଞାନ ସହିତ ଭବିଷ୍ୟ ଜୀବନରେ ପର୍ଯ୍ୟାପ୍ତ କ୍ରିୟାଶୀଳତା ଉତ୍ପନ୍ନ କରାଇବାର ପବିତ୍ର ବିଚାର ରହିଥାଏ । ପ୍ରାଜ୍ଞ ଅର୍ଥାତ୍ ବିଦ୍ୱାନବ୍ୟକ୍ତି ତଥା ଜୀବନ ମୁକ୍ତ ପୁରୁଷ, ଯେଉଁମାନେ ଶାସ୍ତ୍ର ବିଚାରକୁ ଆଚରଣ ଦ୍ୱାରା ପରି ପ୍ରକାଶ କରି ସମାଜକୁ ଦିଗ୍ ଦର୍ଶନ ଦେଇଥାନ୍ତି ସେହିମାନେ ସର୍ବଦା ପୂଜନୀୟ । 'ଅହଂ ବ୍ରହ୍ମାସ୍ମି'- ଏହା ଯେ' ଉପଲବ୍ଧି କରିଥାନ୍ତି ସେ ପ୍ରାଜ୍ଞ । ବିଦୁର ଜଣେ ଶୂଦ୍ର ହୋଇ ମଧ୍ୟ ପ୍ରାଜ୍ଞ ବା ଯୋଗୀଜନ ଥିଲେ । 'ଦେବ-ଦ୍ୱିଜ-ଗୁରୁ-ପ୍ରଜ୍ଞା ପୂଜନଂ'- ଏହାର ତାତ୍ପର୍ଯ୍ୟ ହେଲା, ଦେବତା, ବ୍ରାହ୍ମଣ ଗୁରୁ ଓ ବିଜ୍ଞ-ଜନ ଆଦିଙ୍କୁ ସ୍ୱୟଂ ନାରାୟଣ ସ୍ୱରୂପ ବୋଧକରି ନମସ୍କାର ବା ଦଣ୍ଡବତ ପ୍ରଣାମ କରିବା, ଯଥାଯୋଗ୍ୟ ଆଦର ସତ୍କାର କରିବା, ସେବାଦ୍ୱାରା ସୁଖ ପହଞ୍ଚାଇବାର ପ୍ରଚେଷ୍ଟା ଏବଂ ଧୂପ, ଦୀପ, ନୈବେଦ୍ୟ ଆଦି ସମର୍ପଣ କରି ସେହିମାନଙ୍କ ସ୍ତବ ପାଠ କରିବା ଆଦି ସମସ୍ତ କ୍ରିୟାକୁ ପୂଜା ରୂପରେ ଦର୍ଶାଯାଇଛି । ପୂଜନ କ୍ରିୟାରେ ଦେହାଭିମାନକୁ ତ୍ୟାଗକରି ପବିତ୍ରତା, ସରଳତା ଅର୍ଥାତ୍ ସ୍ୱଷ୍ଟବାଦିତା ପ୍ରତି ଧ୍ୟାନ ରହିବା ଉଚିତ । ସାଧକର ବାହ୍ୟ ଆଚରଣ ବା ବ୍ୟବହାରରେ ନିଷ୍କପଟ ଭାବ ରହିବା ଉଚିତ । କୁଟିଳତା ସମ୍ପନ୍ନ ବ୍ୟକ୍ତିର ମାନସିକ ସନ୍ତୁଳନ, ସାମର୍ଥ୍ୟ ଓ ଶାନ୍ତି ନଷ୍ଟ ହୋଇଥାଏ । ବ୍ରହ୍ମଚର୍ଯ୍ୟ ପାଳନରେ ମାନସିକ ଶ୍ରମ ସହିତ ଶାରୀରିକ ଶ୍ରମର ମୁଖ୍ୟତା ରହିଥାଏ । 'ବ୍ରହ୍ମଚର୍ଯ୍ୟ' ଅର୍ଥ ବର୍ଣ୍ଣାଶ୍ରମ ବିଶେଷରେ ଯୌନଲାଳସାର ସଂଯମତା ବା ସମ୍ପୂର୍ଣ୍ଣ ପରିତ୍ୟାଗ । ଧ୍ୟାନ, ଜପ, ନାମ କୀର୍ତ୍ତନ, ଜିଜ୍ଞାସା ଓ ପ୍ରାର୍ଥନା ବଳରେ ମନକୁ ଶୁଦ୍ଧ ପବିତ୍ର କରିବା ଦ୍ୱାରା ମନରେ ଯୌନ ଲାଳସା ଦୁର୍ବଳ ହୁଏ । ଏଥି ନିମନ୍ତେ ମନ ସଂଯମ ଉପରାନ୍ତ ଇନ୍ଦ୍ରିୟ ସଂଯମତା ନିତାନ୍ତ ଆବଶ୍ୟକ । ବୀର୍ଯ୍ୟ ସଂରକ୍ଷଣ ଦ୍ୱାରା ଶରୀରରେ ସାତ୍ତ୍ୱିକ ଶକ୍ତିର ଅଭିବୃଦ୍ଧି ହୁଏ, ଯାହା ଆତ୍ମ-କଲ୍ୟାଣ ସାଧନର ସହାୟକ । ଗ୍ରାହ୍ୟସ୍ଥ ଆଶ୍ରମରେ ନିଷ୍ଠାର ସହ ଏକ-ପତ୍ନୀ ବ୍ରତ ସହ କେବଳ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ସ୍ତ୍ରୀ-ସଙ୍ଗ 'ବ୍ରହ୍ମଚର୍ଯ୍ୟ'ପାଳନ ଅନ୍ତର୍ଭୁକ୍ତ । ଅନ୍ୟ ଏକ ଅର୍ଥରେ –"**ବ୍ରହ୍ମଣି ଚରିତୁଂଶୀଳମ୍ ବ୍ରହ୍ମଚର୍ଯମ୍ ଇତି**" -ଅର୍ଥାତ୍ ସର୍ବଦା ବ୍ରହ୍ମ ସ୍ୱରୂପରେ ରମଣ କରିବାର ସ୍ୱଭାବ ହିଁ ବ୍ରହ୍ମଚର୍ଯ୍ୟ । ଯେ' ପର୍ଯ୍ୟନ୍ତ ଶରୀର ଓ ମନ ବିଷୟ ଭୋଗରୁ ନିବୃତ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ ।

ଅନ୍ୟକୁ ପୀଡା ନ ପହଞ୍ଚାଇବାର ପ୍ରଚେଷ୍ଟାରେ ଶରୀରକୁ ଅନେକ ସମୟରେ କଷ୍ଟ ସ୍ୱୀକାର କରିବାକୁ ହୋଇଥାଏ । ତେଣୁ ଅହିଂସା ଭାବ ମଧ୍ୟ ଶାରୀରିକ ତପ ଅନ୍ତର୍ଗତ । ଉପରୋକ୍ତ କ୍ରିୟାଗୁଡିକରେ ଶରୀରର ବିଶେଷ ସମ୍ବନ୍ଧ ରହିଛି ଏବଂ ଏହି ସବୁ କ୍ରିୟା ଦ୍ୱାରା ମନ ଓ ଇନ୍ଦ୍ରିୟମାନଙ୍କ ବିକାର ନଷ୍ଟ ହୋଇ ଅନ୍ତଃକରଣ ପବିତ୍ର ହୁଏ । ତେଣୁ ଏ ସବୁକୁ ଶାରୀରିକ ତପ କହନ୍ତି ।

ଅନୁଦ୍ବେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ।
ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ ॥୧୫॥

*ଅନ୍ୱୟ: ଯତ୍ (ଯେଉଁ ) ବାକ୍ୟଂ (ବଚନ ବା କଥା) ଅନୁଦ୍ବେଗକରଂ (ଉତ୍ତେଜନା କିମ୍ବା ଉଦ୍‌ବେଗ ଓ ଦୁଃଖ କାରକ ହୋଇ ନଥିବା) ସତ୍ୟଂ (ଯଥାର୍ଥ ସତ୍ୟ ଭାଷଣ) ପ୍ରିୟ-ହିତଂ (ଶ୍ରୁତି ମଧୁର ଏବଂ କଲ୍ୟାଣକର) ଚ (ଏବଂ ) ସ୍ୱାଧ୍ୟାୟ-ଅଭ୍ୟସନମ୍ ଏବ (ଶାସ୍ତ୍ର ପଠନ ଏବଂ ପରମେଶ୍ୱରଙ୍କ ନାମ ଜପ ଆଦିର ଅଭ୍ୟାସ) ବାଙ୍ମୟଂ (ବାଚିକ) ତପ (ତପସ୍ୟା) ଉଚ୍ୟତେ (ରୂପେ କଥିତ ହୁଏ ) ।*

**ଭାବାର୍ଥ** : ଯାହାର ବଚନ ସତ୍ୟ ଏବଂ କଲ୍ୟାଣକର ହୋଇଥାଏ, ଯାହାର କଥାରେ ମନରେ କିଞ୍ଚିତ୍ ପୀଡା ଜାତ ହୁଏନାହିଁ , ଯାହାର ମଧୁର ବାଣୀ ଶୁଣିବା ମାତ୍ରେ ମନ ଆନନ୍ଦିତ ହୁଏ, ସେହିଭଳି ବ୍ୟକ୍ତି ବାଚିକ ତପସ୍ୱୀ ଅଟନ୍ତି । ବକ୍ତାଙ୍କ ଉଚ୍ଚାରଣ ଶବ୍ଦ କୌଣସି କ୍ଷେତ୍ରରେ ଉତ୍ତେଜକ ତଥା ଅଶ୍ଳୀଳ ହେବା ଉଚିତ ନୁହଁ । ବେଦ-ପାଠ କରିବା କିମ୍ବା ଭଗବାନଙ୍କ ନାମ ଜପ, ସଙ୍କୀର୍ତ୍ତନ ଆଦି କରିବା ମଧ୍ୟ ବାଚିକ ତପସ୍ୟା । ବାକ୍ ସଂଯମ ଏକ କଠିନ ସାଧନ । ବାଣୀ ହେଉଛି ଏକ କର୍ମେନ୍ଦ୍ରିୟ, ଯାହା କି ସତତ କ୍ରିୟାଶୀଳ ରହିବା ଫଳରେ ଶରୀରର ସର୍ବାଧିକ ଶକ୍ତି ବ୍ୟୟ ହୁଏ । ବାକ୍ ସଂଯମ ଅଭ୍ୟାସରେ ବହୁ ମାତ୍ରାରେ ଶକ୍ତି ସଞ୍ଚୟ ହୋଇ ଅନ୍ତଃକରଣରେ ପରମ ଶାନ୍ତି ଅନୁଭବ ହୁଏ । ଯେଉଁ ବଚନ ହିଂସା, ଈର୍ଷା, ଦ୍ୱେଷ ରହିତ ଏବଂ ସତ୍ୟ ଭାଷଣ ସହିତ ପ୍ରେମ, ଦୟା, କ୍ଷମା ଓ ମଙ୍ଗଳ ଭାବନା ଯୁକ୍ତ, ତାହା ନିଶ୍ଚିତ ଭାବେ ଅନ୍ୟର ହିତକର ହୋଇଥାଏ । ଶାସ୍ତ୍ର, ଉପନିଷଦ, ଗୀତା, ଭାଗବତ, ମାନସ ଆଦି ଗ୍ରନ୍ଥର ପଠନ ଅଭ୍ୟାସ ପ୍ରତ୍ୟହ କରିବା ବିଧେୟ । ଏହା ପରମାର୍ଥିକ ଉନ୍ନତିର ସହାୟକ ହୁଏ । ଏହା ଦ୍ୱାରା ବାଣୀର ପବିତ୍ରତା ଆସେ , ଶାନ୍ତି ମିଳେ ଓ ଓଜ ଶକ୍ତି ପ୍ରାପ୍ତ ହୁଏ । ଆଚାର୍ଯ୍ୟ ଶଙ୍କର ଭାଷ୍ୟରେ କହିଛନ୍ତି : "ଯଦି ବାକ୍ୟ ହିତ ଓ ଅନୁଦ୍‌ବେଗକର ହୁଏ, କିନ୍ତୁ ସତ୍ୟ ନୁହେଁ, ତା'ହେଲେ ଏହି ବାକ୍ୟ ବାଙ୍ମୟ ତପ ହୋଇ ନପାରେ" । ମନୁ ସ୍ମୃତିରେ(୪/୧୩୮ ) କୁହାଯାଇଛି କି : "**ସତ୍ୟଂ ବୃୟାତ୍ ପ୍ରିୟଂ ବୃୟାତ୍ ନବୃୟାତ୍ ସତ୍ୟମପ୍ରିୟଂ । ପ୍ରିୟଂ ଚ ନାନୃତଂ ବୃୟାତ୍ ଏଷ ଧର୍ମଃ ସନାତନ ॥**" ଏହାର ଅର୍ଥ ହେଲା କି, ମନୁଷ୍ୟ ସର୍ବଦା ସତ୍ୟ କହିବା ଉଚିତ । ଯଦି ଅପ୍ରିୟ ହୋଇଥାଏ, ତେବେ ସତ୍ୟ ହେଲେମଧ୍ୟ ତାହା କହିବା ଅନୁଚିତ । ପୁଣି ଯଦି ମିଥ୍ୟା ହୋଇଥାଏ, ତେବେ ତାହା ପ୍ରିୟ ହୋଇଥିଲେ ମଧ୍ୟ କହିବା ଅନୁଚିତ – ଏହାହିଁ ସନାତନ ଧର୍ମ । ମୁଣ୍ଡକୋପନିଷଦ କହିଛନ୍ତି : "**ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ ଆତ୍ମା , ସମ୍ୟଗ୍ ଜ୍ଞାନେନ ବ୍ରହ୍ମଚର୍ଯ୍ୟେଣ ନିତ୍ୟମ୍** "। - ଅର୍ଥାତ୍ ଏହି ଶୁଦ୍ଧ ଜ୍ୟୋତିର୍ମୟ ଆତ୍ମାକୁ ସର୍ବଦା ସତ୍ୟ, ତପସ୍ୟା, ଯଥାର୍ଥ ଆତ୍ମ ଦର୍ଶନ ଓ ବ୍ରହ୍ମଚର୍ଯ୍ୟ ଦ୍ୱାରା ପ୍ରାପ୍ତ କରିବାକୁ ହୁଏ ଇତ୍ୟାଦି । 'ଚ ଏବ' ଏହି ଦୁଇଟି ଅବ୍ୟୟ ପଦରେ ବାଣୀ ସମ୍ବନ୍ଧୀୟ ଅନ୍ୟାନ୍ୟ ନିଷେଧାତ୍ମକ ଉକ୍ତି ମଧ୍ୟ ଅନ୍ତର୍ଭୁକ୍ତ- ଯଥା: ବାର୍ତ୍ତାଳାପ ବ୍ୟଙ୍ଗ ତଥା ଅଭିସନ୍ଧିମୂଳକ ହେବା ଅନୁଚିତ । ଅନେକ ସମୟରେ ବାଣୀର କଟୁତା ଓ ଶବ୍ଦଗୁଡିକର କଠୋରତା ନିମନ୍ତେ ବ୍ୟକ୍ତିକୁ ବହୁ ମୂଲ୍ୟ ଦେବାକୁ ପଡେ, ଏପରିକି ଅଜାଣତରେ ଅନେକ ଶତ୍ରୁ ସୃଷ୍ଟିର କାରଣ

ହୋଇଥାଏ । ପରନିନ୍ଦା ଚର୍ଚ୍ଚା କରିବା, ପରର ଦୋଷକୁ ନିଜ ପାଟିରେ ପୁନରାବୃତ୍ତି କରିବା, ଆବଶ୍ୟକତା ଠାରୁ ଅଧିକ ବାର୍ତ୍ତାଳାପ କରିବା, ଗୁରୁ ଓ ଈଶ୍ୱରଙ୍କ ସମ୍ବନ୍ଧରେ ନକାରାତ୍ମକ ମନ୍ତବ୍ୟ ଦେବା, ଅଶ୍ଳୀଳ ପୁସ୍ତକ ପାଠ କରିବା- ଏ ସମସ୍ତ ନିଷେଧାତ୍ମକ କ୍ରିୟା ଯାହା ଦ୍ୱାରା ବାଚିକ ତପ ଭଙ୍ଗ ହୋଇଥାଏ । ଏହି ସବୁର ଦୂରୀଭୂତ ସକାଶେ ନିଷ୍ଠାର ସହ ମୌନ-ବ୍ରତ ଧାରଣ ଅଭ୍ୟାସ ଫଳପ୍ରଦ ହୋଇଥାଏ ।

ମନଃପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।
ଭାବସଂଶୁଦ୍ଧିରିତ୍ୟେତତ୍ତପ ମାନସମୁଚ୍ୟତେ ॥୧୬॥

*ଅନ୍ୱୟ: ମନଃପ୍ରସାଦଃ (ଚିତ୍ତର ପ୍ରସନ୍ନତା-ନିର୍ମଳତା) ସୌମ୍ୟତ୍ୱମ୍ (ଶାନ୍ତ-ସରଳ ସ୍ୱଭାବ) ମୌନଂ (ଭଗବତ୍ ଚିନ୍ତନ କରିବାର ସ୍ୱଭାବ ) ଆତ୍ମ ବିନିଗ୍ରହଃ (ମନର ନିରୋଧ ଅର୍ଥାତ୍ ବିଷୟ ବସ୍ତୁରୁ ମନକୁ ପ୍ରତ୍ୟାହାର କରି ଇଷ୍ଟ ଧ୍ୟାନରେ ସମାହିତ କରିବା ) ଭାବ ସଂଶୁଦ୍ଧି (ବ୍ୟବହାରରେ ନିଷ୍କପଟତା-ଅନ୍ତଃକରଣ ଶୁଦ୍ଧତା) ଇତି ଏତତ୍ (ଏହି ସବୁକୁ ) ମାନସମ୍ (ମାନସିକ-ମନ ସମ୍ବନ୍ଧୀୟ ) ତପଃ ଉଚ୍ୟତେ ( ତପସ୍ୟା ବୋଲାଯାଏ ) ।*

**ଭାବାର୍ଥ** : ମନର ପ୍ରସନ୍ନତା, ଶାନ୍ତ ସ୍ୱଭାବ, ମୌନ ଅର୍ଥାତ୍ ଇଷ୍ଟ ଅତିରିକ୍ତ ଅନ୍ୟ ବିଷୟ ସ୍ମରଣ ନହେବା, ମନର ନିରୋଧ ଅର୍ଥାତ୍ ବିଷୟ ବସ୍ତୁରୁ ମନକୁ ପ୍ରତ୍ୟାହାର କରି ଇଷ୍ଟ ଧ୍ୟାନରେ ସମାହିତ କରିବା ଏବଂ ଅନ୍ତଃକରଣ ଶୁଦ୍ଧତା ଆଉ ନିଷ୍କପଟତା ଇତ୍ୟାଦି -ମନର ଏହି ସମସ୍ତ ଭାବ ରକ୍ଷାକୁ ମାନସ ତପସ୍ୟା କୁହାଯାଏ । **ମନଃ ପ୍ରସାଦଃ** : ତରଙ୍ଗ ନଥିବା ହ୍ରଦର ଜଳ ଯେପରି ଶାନ୍ତ ସ୍ଥିର, ବିଷୟ ବାସନାପ୍ରତି ଅନାସକ୍ତ ରହିଥିବା ମନ ସେହିପରି ପ୍ରସନ୍ନ, ଶାନ୍ତ ଓ ବୋଧ ଶକ୍ତି ସମ୍ପନ୍ନ । ମୁଖର ହର୍ଷିତାରୁ ମନର ଶାନ୍ତ ସ୍ୱଭାବ ପରିଲକ୍ଷିତ ହୁଏ । ମୁଖ ତେଣୁ ସର୍ବଦା ହସ ହସ ରଖିବା ଉଚିତ । ମନ ଉଦାସ ରହିବା ଦ୍ୱାରା ମୁଖମଣ୍ଡଳ ବିଷର୍ଣ୍ଣ ଦେଖାଯାଇଥାଏ ଏବଂ ତାହାଦ୍ୱାରା ଦେଖିବା ବ୍ୟକ୍ତି ପ୍ରଭାବିତ ହୁଏ । ଏକ ଅସଂଯତ ଓ କାମୁକ ବ୍ୟକ୍ତି ପାଇଁ ଚିତ୍ତ ପ୍ରସନ୍ନ ଦୁର୍ଲଭ ଅଟେ । ତା'ରି ମନ ସର୍ବଦା ବିଷୟ ସୁଖ ଅନ୍ୱେଷଣରେ ଲାଗି ରହିଥାଏ । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଭଗବାନଙ୍କୁ ସ୍ମରଣ ତଥା ପ୍ରାର୍ଥନା ଦ୍ୱାରା ମନକୁ ପ୍ରସନ୍ନ ରଖିବାର ପ୍ରଚେଷ୍ଟା ଆବଶ୍ୟକ । **ସୌମ୍ୟତ୍ୱଂ** : ପ୍ରଶାନ୍ତ ମନ ହେଉଛି ସୌମ୍ୟତ୍ୱ । ମାନସିକ ଶାନ୍ତି କେବଳ ଇନ୍ଦ୍ରିୟ ସୁଖଭୋଗ କାମନାରୁ ମନକୁ ଦୂରେଇ ରଖିବାରେ ହିଁ ପ୍ରାପ୍ତ ହୋଇଥାଏ । ଅତୀତର ସ୍ମରଣ ଓ ଭବିଷ୍ୟର ପରିକଳ୍ପନା ମନକୁ ଭାରାକ୍ରାନ୍ତ କରିବା ଦ୍ୱାରା ମନ ଅଶାନ୍ତ ରହେ । କେବଳ ବର୍ତ୍ତମାନରେ ହିଁ ମନକୁ ଲଗାଇ ଅନାବଶ୍ୟକ ଭାବନରୁ ମୁକ୍ତ ରଖିଲେ ମନ ଚିନ୍ତା ଶୂନ୍ୟ ହୋଇ ଶାନ୍ତ ଓ ସ୍ଥିର ରହେ । ଶାନ୍ତ ମନରେ ସତ୍ୟର ଆବିର୍ଭାବ ସ୍ୱତଃ ହୁଏ । ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟର ସହିତ କର୍ତ୍ତବ୍ୟ କର୍ମକରି ଭଗବାନଙ୍କୁ ଆଶ୍ରିତ ହେବା ଦ୍ୱାରା ମନ ବିଚଳିତ ହୋଇ ନଥାଏ । **ମୌନଂ** : ବିଷୟ ବସ୍ତୁରୁ ମନକୁ ପ୍ରତ୍ୟାହାର କରି ଇଷ୍ଟ ଧ୍ୟାନରେ ମନକୁ ସମାହିତ କରିବା ହେଉଛି ମୁନି ମାନଙ୍କ ମୌନ ଅବସ୍ଥା । ଏଠାରେ ମୌନ ଶବ୍ଦର ଅର୍ଥ ମନନଶୀଳତାକୁ ନିର୍ଦ୍ଦେଶ କରାଯାଇଛି । ଆତ୍ମାନୁଭୂତିର ଚିନ୍ତନରେ ବାଣୀ ସ୍ୱତଃ ଶୂନ୍ୟ ହୋଇଯାଏ । ଆତ୍ମସାକ୍ଷାତ ଲାଭପରେ ମନର ମନତ୍ୱ ରହି ନଥାଏ । ନିରନ୍ତର ବ୍ରହ୍ମ ବିଚାରରେ ଯୁକ୍ତ ହୋଇ ରହିବା ହେଉଛି ମୌନ । ତେଣୁ ମୁନିମାନଙ୍କ ସ୍ୱଭାବକୁ ମଧ୍ୟ ମୌନ କୁହାଯାଏ । ଅନୁକୂଳତା-ପ୍ରତିକୂଳତା, ସଂଯୋଗ-ବିୟୋଗ, ରାଗ-ଦ୍ୱେଷ, ସୁଖ-ଦୁଃଖ ଇତ୍ୟାଦି ଦ୍ୱନ୍ଦର ଉର୍ଦ୍ଧ୍ୱକୁ ଯାଇ ଶାନ୍ତ ରହିବା ହେଉଛି ମୌନ । ମନ ଚାହୁଁଥିବା ପ୍ରକାରେ କାର୍ଯ୍ୟରତ

ହେଲେ ଅର୍ଥାତ୍ ମନକୁ ସ୍ୱତନ୍ତ୍ରତା ଦେବାରେ ତତ୍କାଳୀନ ଏକ ପ୍ରକାର ଦୈହିକ ସୁଖ ଅବଶ୍ୟ ମିଳେ, କିନ୍ତୁ ମନନଶୀଳତା ଆସିନଥାଏ । **ଆତ୍ମବିନିଗ୍ରହ** : ଆତ୍ମା ସଂଯମ ହେଲା ଆତ୍ମ ବିନିଗ୍ରହ । ବିବେକ ଓ ସଚେତନା ପୂର୍ବକ ମନକୁ ଆୟତ୍ତରେ ରଖିବା ହେଉଛି ଆତ୍ମା-ସଂଯମ । ଆତ୍ମ ବିନିଗ୍ରହ ରହିଥିଲେ ମନ ଇନ୍ଦ୍ରିୟମାନଙ୍କ ପଛରେ ଅନୁଧାବନ କରେ ନାହିଁ କି, ଇନ୍ଦ୍ରିୟମାନେ ବିଷୟ ଭୋଗ ପିଛା କରନ୍ତି ନାହିଁ । ସାଧକ ମନର ବଶୀଭୂତ ହୋଇ କର୍ମ ନ କରି ବରଂ ମନ ତା'ର ବଶୀଭୂତ ହୋଇ ସମସ୍ତ କର୍ମ କରିବା ହେଉଛି ମନର ନିରୋଧ । **ଭାବ ସଂଶୁଦ୍ଧି** : ମନରୁ ଅନ୍ତଃକରଣରୁ ରାଗ-ଦ୍ୱେଷ, କାମ-କ୍ରୋଧ, ଲୋଭ-ମୋହ, ଈର୍ଷା-ଶତ୍ରୁତା, ଘୃଣା-ତିରସ୍କାର, ଇଷ୍ଟ ବିରୋଧ ଭାବ ପ୍ରଭୃତି ଅସତ୍ ବିଚାର ସମୂଳେ ନଷ୍ଟ ହୋଇଯିବା ଏବଂ ଦୟା, କ୍ଷମା, ପ୍ରେମ, ବିନମ୍ର, ପରୋପକାର ଆଦି ସମସ୍ତ ସତ୍-ଭାବନା ବିକଶିତ ହେବା ହେଉଛି 'ଆତ୍ମା-ସଂଶୁଦ୍ଧି' । ଅନ୍ତଃକରଣ ନିର୍ମଳ ହେବାଦ୍ୱାରା ଅନ୍ୟମାନଙ୍କ ସହିତ ବ୍ୟବହାରରେ କପଟତା, ଶଠତା, ପରଶ୍ରୀକାତରତା ଆଦି ଦୋଷଗୁଣ ରହେନାହିଁ । ଦେହାଭିମାନକୁ ତ୍ୟାଗ କରି ସଂସାର ହିତରେ ମନକୁ ଲଗାଇ ରଖିବା ହେଉଛି ଆତ୍ମ-ସଂଶୁଦ୍ଧିର ସହଜ ସାଧନ । ବିଷୟ ସଂସାରର ଆଶ୍ରିତ ନହୋଇ କେବଳ ଭଗବତ ସ୍ମରଣ ଦ୍ୱାରା ଭଗବାନଙ୍କ ଆଶ୍ରିତ ହେଲେ ଭାବ ଶୁଦ୍ଧହୋଇଥାଏ । କେବଳ ପରମାତ୍ମା ପ୍ରାପ୍ତି ଯଦି ଏକମାତ୍ର ଲକ୍ଷ୍ୟ ହୁଏ, ତେବେ ଅନ୍ତଃଭାବ ବିକାର ଶୂନ୍ୟ ହୋଇ ଅତିଶୀଘ୍ର ଶୁଦ୍ଧ ହୁଏ ।

ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ ।
ଅଫଳାକାଙ୍କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷତେ ॥୧୭॥

*ଅନ୍ୱୟ : ଅଫଳକାଙ୍କ୍ଷିଭିଃ (ଫଳ ଇଚ୍ଛା ରହିତ ) ଯୁକ୍ତୈଃ ନରୈଃ (ଯୋଗ ସାଧନାରତ ବ୍ୟକ୍ତିମାନଙ୍କ ଦ୍ୱାରା ) ପରୟା (ପରମ) ଶ୍ରଦ୍ଧୟା (ଶ୍ରଦ୍ଧାର ସହିତ) ତପ୍ତଂ (ଅନୁଷ୍ଠିତ) ତତ୍ (ସେହି ଅର୍ଥାତ୍ ପୂର୍ବୋକ୍ତ) ତ୍ରିବିଧଂ (କାୟିକ, ବାଚିକ ଓ ମାନସିକ-ତିନିପରକାର) ତପଃ (ତପସ୍ୟାକୁ) ସାତ୍ତ୍ୱିକମ୍ (ଶାସ୍ତ୍ରକାରଗଣ ସାତ୍ତ୍ୱିକ ତପ) ପରିଚକ୍ଷତେ (କହନ୍ତି ) ।*

**ଭାବାର୍ଥ** : ଫଳକୁ ନ ଚାହିଁ ଅର୍ଥାତ୍ ନିଷ୍କାମ କର୍ମଯୁକ୍ତ ପୁରୁଷ ଦ୍ୱାରା ପରମ ଶ୍ରଦ୍ଧାରେ ଅନୁଷ୍ଠିତ କରୁଥିବା କାୟିକ, ବାଚିକ ଓ ମାନସିକ-ଏହି ତିନି ପ୍ରକାର ତପକୁ ଶାସ୍ତ୍ରକାରଗଣ ସାତ୍ତ୍ୱିକ ତପ କହନ୍ତି । ଯେଉଁ ମନୁଷ୍ୟ ଇହଲୋକ ବା ପରଲୋକରେ କୌଣସି ପ୍ରକାର ସୁଖଭୋଗ ଅଥବା ଦୁଃଖ ନିବୃତ୍ତି ରୂପକ ଫଳ କେବେହେଲେ କୌଣସି କାରଣରୁ ତିଳେମାତ୍ର କାମନା କରନ୍ତି ନାହିଁ, ତା'କୁ ଅଫଳାକାଙ୍କ୍ଷି କହନ୍ତି । ଫଳାକାଙ୍କ୍ଷା ନ ରଖି ବାସୁଦେବଙ୍କ ପ୍ରୀତି ନିମିତ୍ତ ଶ୍ରଦ୍ଧା ସହକାରେ ଶୁଦ୍ଧ ସାତ୍ତ୍ୱିକ ଭାବ ଓ ଆସ୍ତିକ ବୁଦ୍ଧି ଦ୍ୱାରା କରୁଥିବା ଯୋଗ ସାଧନ ହେଉଛି ସାଧକର ସାତ୍ତ୍ୱିକ ତପସ୍ୟା । ସାତ୍ତ୍ୱିକ ତପସ୍ୟା ଦ୍ୱାରା ଚିତ୍ତଶୁଦ୍ଧ କ୍ରମେ ମୋକ୍ଷଲାଭ ସମ୍ଭବ । ସାତ୍ତ୍ୱିକ ତପର ମୁଖ୍ୟ ଦୁଇଟି ମାନସିକ ସ୍ଥିତି ହେଲା ବିଷୟ-ଭୋଗ କାମନାର ଅଭାବ ଏବଂ ଅନ୍ତଃକରଣ ଶ୍ରଦ୍ଧାପୂର୍ଣ୍ଣ । ଏଠାରେ କୁହାଯାଇଥିବା 'ଯୁକ୍ତୈଃ' ଶବ୍ଦର ଅର୍ଥ ସଦାଚାର ଯୁକ୍ତ ପୁରୁଷ । ଶ୍ରଦ୍ଧା, ନିଷ୍କାମତା ଓ ସଦାଚାର - ଏହି ତିନି ଭାବକୁ ଆଧାରକରି ଯେତେବେଳେ ନାଶବାନ୍ ବସ୍ତୁଗୁଡିକରୁ ସମ୍ବନ୍ଧ ବିଚ୍ଛେଦ କରିବା ସାଧକର ଉଦ୍ଦେଶ୍ୟ ହୋଇଯାଏ, ସେତେବେଳେ ଶାରୀରିକ, ବାଚିକ ଓ ମାନସିକ ତପ ପୂର୍ଣ୍ଣରୂପେ ସ୍ୱତଃ ଆଚରିତ ହୋଇଯାଏ ।

ସତ୍କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।
କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍ ॥୧୮॥

*ଅନ୍ୱୟ: ଯତ୍ ତପଃ (ଯେଉଁ ତପ) ସତ୍କାର-ମାନ-ପୂଜାର୍ଥଂ ( ଆଡମ୍ବର ପୂର୍ଣ୍ଣ ସମ୍ବର୍ଦ୍ଧନା, ସମ୍ମାନ ଓ ପୂଜା ପାଇବା ପାଇଁ) ଚ (ତଥା) ଦମ୍ଭେନ ଏବ ( ଲୋକ ଦେଖାଣିଆ ବା ସ୍ୱାର୍ଥସିଦ୍ଧି ପାଇଁ ) କ୍ରିୟତେ (ଅନୁଷ୍ଠିତ ହୁଏ ) ଇହ (ମର୍ତ୍ତ୍ୟଲୋକରେ ) ଚଳମ୍ ( ଯାହା କ୍ଷଣିକ ଫଳଦାୟୀ) ଅଧ୍ରୁବମ୍ ( ତଥା ଅନିଶ୍ଚିତ) ତତ୍ (ସେହି ତପସ୍ୟା) ରାଜସମ୍ ( ରାଜସ ତପ) ପ୍ରୋକ୍ତମ୍ (କୁହାଯାଇଛି) ।*

**ଭାବାର୍ଥ** : ଯେଉଁ ତପ ଆଡମ୍ବର ସହକାରେ ସମ୍ବର୍ଦ୍ଧନା, ସମ୍ମାନ ଓ ପୂଜା ପାଇବାର ଲକ୍ଷ୍ୟ ରଖି ଅନୁଷ୍ଠାନ କରାଯାଇଥାଏ ଏବଂ ସ୍ୱାର୍ଥ ସାଧନ କିମ୍ବା ଆତ୍ମ-ବଡିମା ପ୍ରଚାର ଯାହାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ, ସେହି ପ୍ରକାର ତପକୁ ରାଜସିକ ତପସ୍ୟା କୁହନ୍ତି । ଏହି ରାଜସିକ ତପର ଫଳ ଏହି ମର୍ତ୍ତ୍ୟଲୋକରେ ନିତାନ୍ତ ଅନିତ୍ୟ ଅର୍ଥାତ୍ ଅଳ୍ପଦିନ ପାଇଁ ସ୍ଥାୟୀ ହୋଇଥାଏ ଏବଂ ଏହାର ଫଳ ମଧ୍ୟ ଅନିଶ୍ଚିତ ହୁଏ । ଲୋକେ ମୋତେ ତପସ୍ୱୀ ଭାବେ ଅଭିନନ୍ଦନ ଜଣାନ୍ତୁ-ମୋତେ ଅଗ୍ରପୂଜ୍ୟ ମାନି ସମସ୍ତଙ୍କ ଗହଣରେ ଉଚ୍ଚାସନ ପ୍ରଦାନ କରନ୍ତୁ-ମୋର ନାମର ଜୟ-ଜୟକାର କରନ୍ତୁ –ଏହି ସମସ୍ତ ଆଡମ୍ବର ପୂର୍ଣ୍ଣ ଭାବଗତ କ୍ରିୟାକୁ 'ସତ୍କାର' କୁହାଯାଏ । ମୋତେ ବଡ ସଂଯମୀ, ବହୁତ ବଡ ଜଣେ ତ୍ୟାଗୀ ଓ ସତ୍ୟବାଦୀ ବୋଲି ଜାଣି ଶ୍ରେଷ୍ଠ ମନେ କରନ୍ତୁ ଏବଂ ମୋପ୍ରତି ଆନୁଗତ୍ୟ ପ୍ରକାଶ କରନ୍ତୁ- ଏହି ପ୍ରକାର ଆନ୍ତରିକ ଇଚ୍ଛା ପୋଷଣ କରିବା ହେଉଛି 'ସମ୍ମାନ'' । ଜୀବିତ ଅବସ୍ଥାରେ ଲୋକେ ମୋତେ ମାଳ ପିନ୍ଧାନ୍ତୁ, ମୋର ଆରତୀ କରନ୍ତୁ, ମୋର ପାଦଧୂଳି ମୁଣ୍ଡରେ ଲଗାନ୍ତୁ, ସ୍ତୁତି କରନ୍ତୁ ଏବଂ ମୃତ୍ୟୁପରେ ମୋର ସ୍ମାରକୀ ନିର୍ମାଣ କରି ସେଥିରେ ଫୁଲ ଚନ୍ଦନ ଦେଇ ପୂଜା କରିବେ- ଏହି ସମସ୍ତ କ୍ରିୟାର ଇଚ୍ଛା ପୋଷଣ କରିବା ହେଲା 'ପୂଜା' । କାମନା କାରଣରୁ ରାଜସ ସମ୍ପନ୍ନ ବ୍ୟକ୍ତିର ମନରେ ସଂକଳ୍ପ ଓ ବିକଳ୍ପ ଲାଗି ରହିଥାଏ । ସେ କେବଳ ସତ୍କାର, ମାନ , ପୂଜା ଓ ଦମ୍ଭ ପ୍ରଦର୍ଶନ ନିମିତ୍ତ ତପ ଆଚରଣ କରନ୍ତି । ଏହି ତପସ୍ୟାରେ ଏକାନ୍ତ ନିଷ୍ଠା ଓ ବିଶ୍ୱାସ ନଥାଏ । ପାଖଣ୍ଡ ବ୍ୟକ୍ତି ଦ୍ୱାରା କେବଳ ନିଜ ବଡିମାର ପ୍ରଚାର ଓ ଧନ, ମାନ, ଯଶ, ପ୍ରତିଷ୍ଠା ଉଦ୍ଦେଶ୍ୟରେ ତପ ଆଚରଣ କରାଯାଇଥାଏ । ଭଗବାନ ଶ୍ରୀକୃଷ୍ଣ ଏହିଭଳି ବ୍ୟକ୍ତିଙ୍କୁ ମିଥ୍ୟାଚାରୀ ବୋଲି ଆଖ୍ୟା ଦେଇଛନ୍ତି । ଯେଉଁ ଉଦ୍ଦେଶ୍ୟ ରଖି ତପ କରାଯାଇଥାଏ, ତାର କୌଣସି ଫଳ ପ୍ରାପ୍ତ ହେବ କି ନାହିଁ, ତା'ର ନିଶ୍ଚିତତା ନଥାଏ । ଯଦିଓ ଯାହାକିଛି ଫଳପ୍ରାପ୍ତି ହୁଏ, ତାହା ସାମୟିକ ସୁଖ ଭୋଗ ଦେଇ ନଷ୍ଟ ହୁଏ । ତେଣୁ ତାହାକୁ ଚଳ କୁହାଯାଇଛି । ରାଜସ ତପର ଫଳ ସ୍ୱର୍ଗ ପ୍ରାପ୍ତି ବା ନରକ ପ୍ରାପ୍ତି ନୁହଁ । ରାଜସ ତପ ଇହ ଲୋକରେ ମହିମା ଓ ପ୍ରଶଂସା ପରି ଫଳ ପ୍ରଦାନ କରି ନଷ୍ଟ ହୋଇଯାଏ । ରାଜସିକ ତପ 'ଚଳ ଓ ଅଧ୍ରୁବମ'' ହୋଇଥିବା କାରଣରୁ ତାହା ତ୍ୟାଗ ଯୋଗ୍ୟ ।

ମୂଢଗ୍ରାହେଣାତ୍ମନୋ ଯତ୍ ପୀଡୟା କ୍ରିୟତେ ତପଃ ।
ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ॥୧୯॥

*ଅନ୍ୱୟ: ମୂଢ ଗ୍ରାହେଣ (ମୂଢ-ବୁଦ୍ଧି ବଶତଃ- ମୋହଗ୍ରସ୍ତ ହୋଇ) ଆତ୍ମନଃ (ମନ, ବାଣୀ ଓ ଶରୀରକୁ ) ପୀଡୟା (କଷ୍ଟ ଦେଇ ) ବା ଅପରସ୍ୟ ( ବା ଅନ୍ୟ ମାନଙ୍କର ) ଉତ୍ସାଦନ-ଅର୍ଥଂ (ଉଚ୍ଛେଦ ଅର୍ଥାତ୍ ବିନାଶ ନିମିତ୍ତ) ଯତ୍ ତପଃ (ଯେଉଁ ତପସ୍ୟା) କ୍ରିୟତେ ( କରାଯାଏ) ତତ୍ (ତାହାକୁ) ତାମସମ୍ (ତାମସ ତପ) ଉଦାହୃତମ୍ (କହନ୍ତି ) ।*

**ଭାବାର୍ଥ** : ମୋହାଚ୍ଛନ ବୁଦ୍ଧିବଶତଃ ମନ, ବାଣୀ ଓ ଶରୀର ପୀଡା ସହିତ ଅଥବା ଜିଦଖୋର ମନୋବୃତ୍ତିରେ ଅନ୍ୟର ଅନିଷ୍ଟ କାମନା କରି ଯେଉଁ ତପ ଆଚରଣ କରାଯାଇଥାଏ, ସେହି ତପକୁ ତାମସିକ ତପ କହନ୍ତି । ଜ୍ୱଳନ୍ତ ଅଗ୍ନିକୁ ମୁଣ୍ଡରେ ଧରିବା, ଦେହରେ ଲୁହାକଣ୍ଟା ଫୋଡିହେବା, ତଳେ ଅଗ୍ନି ଜଳାଇ ତା'ରି ଉପରେ ତଳକୁ ମୁଣ୍ଡକରି ଝୁଲି ରହିବା, ଗୋଟିଏ ଗୋଡରେ ଦୀର୍ଘ ସମୟ ଧରି ଠିଆ ହୋଇ ରହିବା, ବରଫାବୃତ୍ତ ଜଳ ଭିତରେ ଠିଆ ହୋଇ ରହିବା, ଚତୁର୍ଦ୍ଦିଗରେ ଅଗ୍ନି ଜାଳି ଏବଂ ଉପରୁ ସୂର୍ଯ୍ୟତାପ, ଏହିପରି ପଞ୍ଚାଗ୍ନି ଭିତରେ ବସି ରହିବା - ଇତ୍ୟାଦି ବ୍ୟବସ୍ଥା ଭିତରେ ରହି କରାଯିବା ତପସ୍ୟାକୁ ତାମସିକ ତପସ୍ୟା ବୋଲାଯାଏ । ଏ ପ୍ରକାର ତପସ୍ୟା ଆତ୍ମଜ୍ଞାନ ପ୍ରାପ୍ତ କିମ୍ବା ଯୋଗସିଦ୍ଧ ଅର୍ଥାତ୍ ଅନ୍ତଃକରଣ ଶୁଦ୍ଧ ହେବାରେ ସହାୟକ ହୋଇନଥାଏ । ଲୌକିକ ଜଗତରେ ଯାହା ଅସମ୍ଭବ ତାକୁ ପ୍ରାପ୍ତ କରିବା ନିମିତ୍ତ ଯେଉଁ ତପସ୍ୟା କରାଯାଏ, ବାସ୍ତବରେ ତାହା ହିଁ ତାମସିକ ତପ ଅଟେ । କଲ୍ୟାଣକାମୀ ବ୍ୟକ୍ତିକୁ ସାତ୍ତ୍ୱିକ ତପ କରିବା ଉଚିତ । ଜଣେ ତପସ୍ୱୀ ସାଧକର ତପର ବାସ୍ତବିକ ସ୍ୱରୂପ, ଏହାର ଲକ୍ଷ୍ୟ ତଥା ବିଧି ସମ୍ବନ୍ଧରେ ସମ୍ୟକ ଜ୍ଞାନ ରହିବା ଉଚିତ । ମୂଢ ତାମସ ତପର ଫଳ ଆସୁରିକ ସ୍ୱଭାବ ତଥା ଦମ୍ଭ ପ୍ରବୃତ୍ତିକୁ ପରିବର୍ଦ୍ଧିତ କରେ । ଏହା କେବେହେଲେ ଜୀବମ୍ଟାର କଲ୍ୟାଣକାରକ ହୋଇ ନଥାଏ । ସାତ୍ତ୍ୱିକ ମନୁଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଫଳେଚ୍ଛା ନରଖି ଅତ୍ୟନ୍ତ ଶ୍ରଦ୍ଧାଯୁକ୍ତ ହୋଇ ତପସ୍ୟା କରନ୍ତି । ରାଜସ ପ୍ରକୃତିର ମନୁଷ୍ୟ ସତ୍କାର, ସମ୍ମାନ, ପୂଜା ତଥା ଦମ୍ଭ ଉଦ୍ଦେଶ୍ୟରେ ତପସ୍ୟା କରନ୍ତି । ତାମସ ପ୍ରକୃତିର ମନୁଷ୍ୟ ନିଜେ ଦୁଃଖ ଭୋଗିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ କଷ୍ଟ ଦେବା ଉଦ୍ଦେଶ୍ୟରେ ତପ ଆଚରଣ କରନ୍ତି ।

ଦାତବ୍ୟମିତି ଯଦ୍ଦାନଂ ଦୀୟତେ ଅନୁପକାରୀଣେ ।
ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତଂ ।।୨୦।।

*ଅନ୍ୱୟ : ଦାତବ୍ୟଂ ଇତି ("ଦାନ ଦେବା ହିଁ ପରମ କର୍ତ୍ତବ୍ୟ") ଇତି (ଏପରି ଭାବ ରଖି ) ଯତ୍ ଦାନଂ ( ଯେଉଁ ଦାନ ) ଦେଶେ – କାଳେ ( ତୀର୍ଥାଦି ପବିତ୍ର ସ୍ଥାନରେ ଏବଂ ପୁଣ୍ୟକାଳରେ ) ଚ (ଏବଂ ) ପାତ୍ରେ ( ଉପଯୁକ୍ତ ଯୋଗ୍ୟ ପାତ୍ରରେ ) ଅନୁପକାରୀଣେ (ପ୍ରତି ଉପକାର ଆଶା ନକରି -ନିଷ୍କାମ ଭାବରେ ) ଦୀୟତେ ( ସ୍ୱାର୍ଥ ନରଖି ଦିଆଯାଏ ) ତତ୍ ଦାନଂ (ସେହି ଦାନକୁ ) ସାତ୍ତ୍ୱିକଂ ସ୍ମୃତଂ (ସାତ୍ତ୍ୱିକ କୁହାଯାଇଛି ) ।*

**ଭାବାର୍ଥ** : " ଦାନ ଦେବା ହିଁ ପରମ କର୍ତ୍ତବ୍ୟ "- ଏ ପ୍ରକାର ଦୈବଗୁଣ ସମ୍ପନ୍ନ ବୁଦ୍ଧିରଖି ତୀର୍ଥାଦି ପବିତ୍ର ସ୍ଥାନ ଏବଂ ପୂଣ୍ୟ କାଳରେ ପ୍ରତି-ଉପକାର କରିବାକୁ ସମର୍ଥ ନ ଥିବା ଭଳି ଯୋଗ୍ୟପାତ୍ରକୁ ନିଷ୍କାମ ଭାବରେ ଯେଉଁ ଦାନ ଦିଆଯାଏ, ସେହି ଦାନକୁ ସାତ୍ତ୍ୱିକ ଦାନ କୁହାଯାଏ । ଅନ୍ୟ ସଂସ୍କୃତିରେ ଯଦିଓ 'ଦାନ'ର ସ୍ୱରୂପ ଉଲ୍ଲେଖ ରହିଛି, କିନ୍ତୁ ସନାତନ ଧର୍ମରେ ଦାନର ମହତ୍ତ୍ୱ, କାରଣ ସହିତ ନିରୂପଣ ଓ ଆଚାରଣରେ ଏହାର ବ୍ୟାପକ ପ୍ରୟୋଗ ଅତ୍ୟନ୍ତ ଦୁର୍ଲଭ । ଆଶ୍ରମ, ଅବସ୍ଥା ଏବଂ ପରିସ୍ଥିତି ଅନୁସାରେ ନ୍ୟାୟୋଚିତ ମାର୍ଗରେ ଧର୍ମ ଆଚରଣ ପୂର୍ବକ ନିଜ ପାଖରେ ଥିବା ଧନ, ଦ୍ରବ୍ୟ ଆଦିର ସ୍ୱତ୍ତ୍ୱକୁ ଯଥାଶକ୍ତି ଅନ୍ୟ କଲ୍ୟାଣରେ ଲଗାଇବା ହେଉଛି ମନୁଷ୍ୟର ପରମ କ୍କର୍ତ୍ତବ୍ୟ । ସମଗ୍ର ସୃଷ୍ଟିରେ ଯେତେ ବସ୍ତୁ ରହିଛି, ସେହି ସବୁ ସଂସାରର ଏବଂ ସଂସାର ପାଇଁ ଉଦ୍ଦିଷ୍ଟ । ସେହି ସବୁ କାହାରି ବ୍ୟକ୍ତିଗତ ନୁହେଁ । ଯେଉଁ ବସ୍ତୁ ଆମରି ନ ହୋଇ ଆମରି ପାଖରେ ରହିଛି ଏବଂ ସେଥିରେ ଅନ୍ୟର ଆବଶ୍ୟକତା ରହିଥାଏ, ତା'ହେଲେ ତାହା ତା'ଙ୍କରି ବୋଲି ଭାବି

ତା'ଙ୍କୁ ଦେଇଦେବା ଉଚିତ । ଯାହାଙ୍କ ପାଖରେ ଯେଉଁ ବସ୍ତୁ ପହଞ୍ଚେ, ତାହା ତାଙ୍କରି ନ୍ୟାଯ୍ୟ ବୋଲି ବୁଝି ନେବାକୁ ହେବ । ମନୁଷ୍ୟର ସବୁଠାରୁ ବଡ ଦୁର୍ବଳତା ହେଲା ସଂଗ୍ରହ ଓ ପରିଗ୍ରହ ଭାବ । ବସ୍ତୁ ଉପଭୋଗ କରୁ ବା ନକରୁ ତାହା ସଂଗ୍ରହ କରି ରଖିବା ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି । ସେହିପରି ଆବଶ୍ୟକ ଥାଉ କି, ନ ଥାଉ କୌଣସି ଅର୍ଥ ନ ଦେଇ ବସ୍ତୁ ପ୍ରାପ୍ତ କରିନେବାର ଲାଳସା (ପରିଗ୍ରହ) ମନୁଷ୍ୟର ଲୋଭଗୁଣକୁ ପରିବର୍ଦ୍ଧିତ କରାଏ । ଏଥିରୁ ନିବୃତ୍ତ ପାଇଁ 'ଦାନ' ହେଉଛି ସର୍ବୋତ୍କୃଷ୍ଟ ପ୍ରକ୍ରିୟା । ସେଥିପାଇଁ ପ୍ରଜାପତି ବ୍ରହ୍ମା ମନୁଷ୍ୟକୁ 'ଦ' ଅକ୍ଷର ରୂପକ ମନ୍ତ୍ର ପ୍ରଦାନ କରି ଦାନ ଦେବାର ଉପଦେଶ ଦେଇଛନ୍ତି । ଦାନ କରିବାବେଳେ ମନରେ କୌଣସି କାମନାକୁ ସ୍ଥାନ ଦେବା ଅନୁଚିତ । ଦାନ ଗ୍ରହଣକାରୀଙ୍କ ଠାରୁ ଦାନ ବିନିମୟରେ କିଛି ପାଇବା ଆଶା ନ ରହିବା ଆବଶ୍ୟକ । 'ଦୀୟତେ ଅନୁପକାରୀଣେ'- ଏହାର ତାତ୍ପର୍ଯ୍ୟ ହେଲା, ଯେ' ପୂର୍ବରୁ କେବେ ଉପକାର କରିନାହିଁ, ବର୍ତ୍ତମାନ ମଧ୍ୟ ଉପକାର କରୁନାହିଁ ଏବଂ ଭବିଷ୍ୟତରେ ମଧ୍ୟ ଉପକାର କରିବାର ସମ୍ଭାବନା ନାହିଁ, ସେହିପରି ଅନୁପକାରୀଙ୍କୁ ନିଷ୍କାମ ଭାବରେ ଦାନ ଦେବା ଉଚିତ । ଯେଉଁଠାରେ ସ୍ୱାର୍ଥର ଲେଶମାତ୍ର ସମ୍ବନ୍ଧ ରହିଥାଏ, ଲୌକିକ ଲାଭର କିଞ୍ଚିତ୍ ମାତ୍ର ଅଭିପ୍ରାୟ ରହେ, ନିଜ ସମ୍ପର୍କୀୟଙ୍କ ପ୍ରତି ଅନୁଗ୍ରହ ପୂର୍ବକ ଅର୍ପଣ କରାଯାଏ- ତାହା ସାତ୍ତ୍ୱିକ ଦାନ ନୁହେଁ । ସେଠାରେ ଧର୍ମ ଓ ଶ୍ରଦ୍ଧାର ଅଭାବ ଥାଏ । ସେଥିରେ ଅନ୍ତଃକରଣ ଶୁଦ୍ଧ ବା ଚରିତ୍ର ନିର୍ମାଣ ହୋଇ ନଥାଏ । ଦେଶ, କାଳ ଏବଂ ପାତ୍ର ବିଚାର କରି ଦାନ ଦିଆଯାଇଥାଏ । ଅନ୍ୟଥା ଦିଆଯାଇଥିବା ଧନ-ଦ୍ରବ୍ୟର ଦୁରୁପଯୋଗର ସମ୍ଭାବନା ରହେ । ତୀର୍ଥ କ୍ଷେତ୍ର, ଗଙ୍ଗାକୂଳ, ଦେବାଳୟ, ଅନ୍ନକ୍ଷେତ୍ର, ଅନାଥାଶ୍ରମ, ଦାତବ୍ୟ ଚିକିତ୍ସାଳୟ, ଦାତବ୍ୟ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ- ଇତ୍ୟାଦି କ୍ଷେତ୍ରରେ ଦାନ ଦେବା ଉଚିତ । ଶାସ୍ତ୍ରମତାନୁଯାୟୀ ପୂଣ୍ୟ କ୍ଷେତ୍ରରେ ସଦାଚାର ଓ ପବିତ୍ରତାର ପ୍ରତିମୂର୍ତ୍ତି ଭଳି ଯୋଗ୍ୟ ବ୍ୟକ୍ତିଙ୍କୁ ମୁକ୍ତ ହସ୍ତରେ ଦାନ କରିବା ଉଚିତ । ଦାନ ଗ୍ରହଣକାରୀ ଜଣେ ଶୁଦ୍ଧ ପୁରୁଷ, ପବିତ୍ର ବ୍ରାହ୍ମଣ, ସଦାଚାରୀ, ପଣ୍ଡିତ, ଶାସ୍ତ୍ରଜ୍ଞ, ସାଧୁ, ସନ୍ଥ, ସନ୍ୟାସୀ, ଯୋଗୀ ହେବା ଉଚିତ । ଏତଦ୍ ବ୍ୟତୀତ କ୍ଷୁଧାର୍ତ୍ତ, ତୃଷାର୍ତ୍ତ, ବସ୍ତ୍ରହୀନ, ବାସହୀନ, ଦରିଦ୍ର, ରୋଗୀ, ଆର୍ତ୍ତ, ଅନାଥ ଏବଂ ଭୟଭୀତ ପ୍ରାଣୀ ଅନ୍ନ, ଜଳ,ବସ୍ତ୍ର, ନିର୍ବାହ ଯୋଗ୍ୟ ଧନରାଶି, ଔଷଧ, ଆଶ୍ୱାସନା, ଆଶ୍ରୟ ଓ ଅଭୟ ଦାନର ପାତ୍ର ଅଟନ୍ତି । ସେହିପରି ଗ୍ରହଣ, ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଆଦି ପୂଣ୍ୟ କାଳକୁ ଶାସ୍ତ୍ର ଅନୁଯାୟୀ ଦାନ ନିମନ୍ତେ ପ୍ରଶସ୍ତ ଦେଶ-କାଳ ବୋଲି ଧରାଯାଏ । ଏତଦ୍ ବ୍ୟତୀତ ମରୁଡି, ବନ୍ୟା, ଦୁର୍ଭିକ୍ଷ, ଭୂମିକମ୍ପ, ମହାମାରୀ ଆଦି ଦୈବି ଦୁର୍ବିପାକ ସମୟରେ ପ୍ରପୀଡିତଙ୍କ ସହାୟତା ପାଇଁ ରାଷ୍ଟ୍ରର ଆର୍ଥିକ ସଙ୍କଟ ବେଳେ ପର୍ଯ୍ୟାପ୍ତ ପରିମାଣରେ ଦାନ ଦେବା ଉଚିତ । କେତେକ ବିଦ୍ୱାନଙ୍କ ଏହି ମତ ଯେ, ଦାନ ଦେବାରେ ଦେଶ, କାଳ, ପାତ୍ର ଆଦିର ବିଚାର କରିବା କୌଣସି ଆବଶ୍ୟକତା ନାହିଁ । ଯେଉଁ ଭଳି ବୃକ୍ଷ ତା'ର ଫଳକୁ ସବୁ ବର୍ଗର ପ୍ରାଣୀଙ୍କୁ ପ୍ରଦାନ କରେ, ସେହି ପ୍ରକାରେ ମନୁଷ୍ୟ ତାରି ପାଖରେ ରହିଥିବା ସମସ୍ତ ସମ୍ବଳକୁ ନିଷ୍କାମ ଭାବରେ ସଂସାରର ହିତ ଉଦ୍ଦେଶ୍ୟରେ ତ୍ୟାଗ କରିବା ଉଚିତ । 'ଦାନ' ତ୍ୟାଗର ଇଚ୍ଛାଶକ୍ତି କୁ ପରିବର୍ଦ୍ଧିତ କରାଇ ସାଧକକୁ ବିଷୟ ଭୋଗରୁ ନିବୃତ୍ତ କରାଇବାରେ ସହାୟକ ହୁଏ । କୌଣସି ବସ୍ତୁ ଉପରୁ ନିଜ ଅଧିକାରକୁ ହଟାଇ ଗ୍ରହିତାର ଅଧିକାରକୁ ସେହି ବସ୍ତୁ ଉପରେ ସ୍ଥାପିତ କରିଦେବା ହେଉଛି 'ଦାନ' । ଦେୟ ବସ୍ତୁ ଉପରେ ପ୍ରତିଗ୍ରହିତା ପୁରୁଷର ସ୍ୱାମିତ୍ୱ ସ୍ୱୀକାର କରିବା ନିମିତ୍ତ ସଂକଳ୍ପ ଶେଷରେ

କୁହାଯାଇଥାଏ କି, **'ଇଦଂ ନ ମମ '** - ଅର୍ଥାତ୍ ଅମୁକ ବସ୍ତୁ ବର୍ତ୍ତମାନଠାରୁ ମୋର ନାହିଁ । ଅସଲରେ ଦାନ ଦ୍ୱାରା କାହାକୁ ଦିଆଯାଉ ନାହଁ । ବରଂ ସଂସାରର ବସ୍ତୁ ଭଗବାନ ଆମରି ପାଖରେ ଯତ୍ନକାରୀ ରୂପରେ ରଖିଛନ୍ତି ଏବଂ ଦରକାର ଅବସରରେ ତାହା ନେବାପାଇଁ ସ୍ୱୟଂ ଭଗବାନ ଆସନ୍ତି । ଆମେ ଦାତା ନୋହୁଁ, ବରଂ ଭଗବାନ ତାହା ନେବାକୁ ଆସି ଆମକୁ ଏକ ବୋଝରୁ ମୁକ୍ତି ଦିଅନ୍ତି । ଦାନର ପାତ୍ର ବ୍ରହ୍ମ ଏବଂ ଦାତା ମଧ୍ୟ ବ୍ରହ୍ମ ସ୍ୱରୂପ ବା ଭଗବାନଙ୍କ ଅଂଶ । ଏହି ଭାବରେ ସର୍ବତ୍ର ଅର୍ଥାତ୍ ଦାତା ଓ ଗ୍ରହୀତାଙ୍କ ଠାରେ ବ୍ରହ୍ମ ବୁଦ୍ଧି ବା ବ୍ରହ୍ମଭାବ ଆରୋପ କରି ଦାନ କଲେ, ତହିଁରେ ଦାତାଙ୍କର ମଧ୍ୟ କଲ୍ୟାଣ ହୁଏ ଏବଂ ଗ୍ରହୀତାଙ୍କ ଦୁଃଖ ମୋଚନ ହୁଏ । ଅନ୍ୟ ପକ୍ଷରେ ଦାନ ଗ୍ରହଣକାରୀ ମଧ୍ୟ କେବେ ଦାତାର ଉପକାର ସୁଝିପାରିବାକୁ ସମର୍ଥ ହୋଇନଥାଏ । କେବଳ ଦାତାର ସେ ମଙ୍ଗଳ କାମନା କରି ଆତ୍ମ ସନ୍ତୋଷ ଲାଭ କରେ । ଶ୍ରୀରାମ ଚରିତ ମାନସରେ ଭଗବାନ ଶ୍ରୀରାମଚନ୍ଦ୍ର ହନୁମାନଙ୍କୁ କହୁଛନ୍ତି : **"ସୁନୁ କପି ତୋହି ସମାନ ଉପକାରୀ । ନ ହିଁ କୋଉ ସୁର ନର ମୁନି ତନୁଧାରୀ ॥ ପ୍ରତି ଉପକାର କରୌଂ କା ତୋରା । ସନମୁଖ ହୋଇ ନ ଶକତ ମନ ମୋରା "॥** ଅର୍ଥାତ୍ ପ୍ରଭୁ ରାମଚନ୍ଦ୍ର କହୁଛନ୍ତି :- "ଶୁଣ କପିବର ! ତୁମ ପରି ଉପକାରୀ ସୁର, ମୁନି, ନର ଶରୀର ଧାରୀ କେହି ନାହାନ୍ତି । ପ୍ରତି-ଉପକାର ତ ଦୂରର କଥା, ତୁମ ଆଗରେ ମଥା ମଧ୍ୟ ଟେକି ପାରୁନାହିଁ "। ଶ୍ରୀମଦ୍ ଭାଗବତରେ ଭଗବାନ ଶ୍ରୀକୃଷ୍ଣ ନିଜକୁ ଗୋପୀଜନମାନଙ୍କର ଋଣି ବୋଲି ଘୋଷଣା କରିଛନ୍ତି । ଦାତାଙ୍କୁ କେବଳ ଆନ୍ତରିକତାର ସହ କୃତଜ୍ଞତା ଜଣାଇବା ହେଉଛି ଦାନଗ୍ରାହୀଙ୍କ ଦାତାଙ୍କ ପ୍ରତି ସେବା ।

ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଳମୁଦ୍ଦିଶ୍ୟ ବା ପୁନଃ ।
ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ॥୨୧॥

*ଅନ୍ୱୟ : ତୁ (କିନ୍ତୁ) ଯତ୍ (ଯେଉଁ ଦାନ) ପ୍ରତ୍ୟୁପକାର-ଅର୍ଥମ୍ (ପ୍ରତି-ଉପକାର ଆଶାରେ ) ବା ( ଅଥବା) ଫଳମ୍ ଉଦ୍ଦିଶ୍ୟ (ଫଳ ପ୍ରାପ୍ତିକୁ ଦୃଷ୍ଟିରେ ରଖି ) ଚ (ଓ) ପରକ୍ଲିଷ୍ଟଂ ( ଅନିଚ୍ଛା ସତ୍ତ୍ୱେ- କ୍ଳେଶ ପୂର୍ବକ) ପୁନଃ (ପୁଣି) ଦୀୟତେ (ଦିଆହୁଏ) ତଦ୍ ଦାନଂ (ସେହି ଦାନକୁ) ରାଜସଂ (ରାଜସିକ) ସ୍ମୃତମ୍ (କୁହାଯାଏ) ।*

**ଭାବାର୍ଥ** : ଯେଉଁ ଦାନ କ୍ଳେଶ ପୂର୍ବକ ଅର୍ଥାତ୍ ଯାହା ଅନିଚ୍ଛା ସତ୍ତ୍ୱେ ବାଧ୍ୟ ବାଧକତା ହୋଇ ଦେବାକୁ ପଡିଥାଏ ଅଥବା ପ୍ରତି-ଉପକାର ଆଶାରେ ବା ସ୍ୱର୍ଗାଦି ଭୌତିକ ଫଳ ଭୋଗ କାମନା କରି ଦାନ କରାଯାଏ, ତାହାକୁ ରାଜସ ଦାନ କୁହାଯାଏ । ବ୍ୟବହାରିକ ଜୀବନରେ ଅଧିକାଂଶ ଦାନ ରାଜସ ଭିତ୍ତିକ ହୋଇଥାଏ । କିଛି ପାଇବାକୁ ହେଲେ କିଛି ଦେବାକୁ ପଡିଥାଏ – ଏହି ମନୋବୃତ୍ତି ଅଧିକାଂଶ ମନୁଷ୍ୟର ରହିଥାଏ । ଯଦି କୌଣସି ଗୁରୁଜନ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅନୁରୋଧରେ ଆନୁଗତ୍ୟ ପ୍ରକାଶ ନିମିତ୍ତ ଦାନ ଦିଆଯାଇଥାଏ, ପର ମୁହୂର୍ତ୍ତରେ ଏତେ ଅର୍ଥ କାହିଁକି ଦେଲି – ଏହିପରି ପଶ୍ଚାତାପ କରିବାକୁ ହୁଏ । ନିଜର ମାନ, ପ୍ରତିଷ୍ଠା ତଥା ସମ୍ମାନ ବୃଦ୍ଧି ଲକ୍ଷ୍ୟରେ ଦାନ କରିବା ରଜୋଗୁଣ ସମ୍ପନ୍ନ ବ୍ୟକ୍ତିର ପ୍ରଯୋଜିତ କାର୍ଯ୍ୟଧାରା ହୋଇଥାଏ । ପାପ କର୍ମ ତଥା ଗ୍ରହ ଦୋଷର ପ୍ରାୟଶ୍ଚିତ ମନୋଭାବ ରଖି ବ୍ରାହ୍ମଣ, ଦେବତା ନିମିତ୍ତ ଦିଆଯାଉଥିବା ଦାନ ମଧ୍ୟ ରାଜସିକ ଦାନ ଅଟେ । ରାଜସ ମନୁଷ୍ୟ ଯାହାଙ୍କଠାରୁ ଉପକାର ପାଇଥାନ୍ତି ଅଥବା ଯାହାରି ପାଖରେ ଭବିଷ୍ୟତରେ ସ୍ୱାର୍ଥ ସିଦ୍ଧିର ସମ୍ଭାବନା ଥାଏ, ତାହାକୁ ଦୃଷ୍ଟିରେ ରଖି ଦାନ ଗ୍ରହିତାଙ୍କୁ ନିରୂପଣ କରନ୍ତି । ଦାନ ନାଁରେ କେତେକ ରାଜସ ସ୍ୱଭାବର ବ୍ୟକ୍ତି ଭଗବାନଙ୍କ ସହିତ ସୌଦା କରିଥାନ୍ତି ।

ସାତ୍ତ୍ୱିକ ଦାନ ଦ୍ୱାରା ବିଷୟ ଭୋଗରୁ ନିବୃତ୍ତିର ମାର୍ଗ ଉନ୍ମୁକ୍ତ ହେଉଥିବା ବେଳେ, ରାଜସିକ ଦାନରେ ବିଷୟ ଭୋଗ ପ୍ରାପ୍ତିର କାମନା ମୁଖ୍ୟ ଆଧାର ହୋଇଥାଏ ।

ଅଦେଶକାଳେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।
ଅସତ୍ କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ॥୨୨॥

*ଅନ୍ୱୟ : ଯତ୍ ଦାନଂ (ଯେଉଁ ଦାନ) ଅସତ୍ କୃତଂ (ବିନା ସତ୍କାରରେ- ଅନାଦର ଭାବେ) ଅବଜ୍ଞାତମ୍ (ଅବଜ୍ଞା ସହକାରେ ଅର୍ଥାତ୍ ତିରସ୍କାର ପୂର୍ବକ) ଅଦେଶକାଳେ ( ଅନୁପଯୁକ୍ତ ଦେଶ ଓ ଅଶୁଭ କାଳରେ ) ଚ (ଏବଂ) ଅପାତ୍ରେଭ୍ୟଃ ( ଅଯୋଗ୍ୟ ବ୍ୟକ୍ତିଙ୍କୁ) ଦୀୟତେ (ଦିଆଯାଏ ) ତତ୍ (ସେହି ଦାନ) ତାମସମ୍ (ତାମସ ବୋଲି ) ଉଦାହୃତମ୍ (କୁହାଯାଏ) ।*

**ଭାବାର୍ଥ** : ଯେଉଁ ଦାନ ବିନା ସତ୍କାରରେ ଅର୍ଥାତ୍ ଆଗ୍ରହ ନଥାଇ ମନରେ ଗ୍ଲାନି ଓ ତିରସ୍କାର ପୂର୍ବକ ପ୍ରତିକୂଳ କ୍ଷେତ୍ର, କାଳ ଏବଂ ଅନଧିକାର ବ୍ୟକ୍ତିଙ୍କୁ ଦିଆଯାଏ, ସେହି ଦାନକୁ ତାମସିକ ଦାନ କୁହାଯାଏ । ଦାନ ଦେବାରେ ମୁଖ୍ୟତଃ ଦୁଇଗୋଟି ଦୃଷ୍ଟିକୋଣ ରହିଥାଏ । ଗୋଟିଏ ହେଲା ପରୋପକାର ଏବଂ ଅନ୍ୟଟି ହେଲା ଦାତାର ଆତ୍ମ କଲ୍ୟାଣ । ଅତଏବ, ସେହି ଦାନ ଶ୍ରେଷ୍ଠ ଯେଉଁଥିରେ ଦାତା ଓ ଗ୍ରହିତା ଉଭୟର କଲ୍ୟାଣ ହୁଏ । ଦାନ ଗ୍ରହଣକାରୀଙ୍କୁ ଆସନ ନ ଦେବା, ଅଭ୍ୟର୍ଥନା ନ ଜଣାଇବା, ପ୍ରିୟ ବଚନ ନ କହି ରୁକ୍ଷ ଭାବ ପ୍ରଦର୍ଶନ କରିବା- ପ୍ରଭୃତି 'ଅସତ୍ କୃତ' ଅଟେ । ସେହିପରି ଦାନ ଦେବା ସମୟରେ ଆକ୍ଷେପ କରି କଟୁ ବଚନ କହିବା, ଦାନ ଗ୍ରହିତାଙ୍କୁ ଛୋଟ ନଜରରେ ଦେଖି ଅପମାନିତ କରିବା -ଇତ୍ୟାଦି 'ଅବଜ୍ଞାତ' । ଏହି ମନୋବୃତ୍ତି ଥାଇ ଦାନ ଦେବା ସମ୍ପୂର୍ଣ୍ଣ ତାମସିକ ଦାନ ହୋଇଥାଏ । ସଂକ୍ଷେପରେ କହିଲେ, ସାତ୍ତ୍ୱିକ ଦାନର ବିପରୀତ ହେଉଛି ତାମସିକ ଦାନ । ଶାସ୍ତ୍ରରେ ଅଛି, କଳି ଯୁଗରେ ଦାନ ହିଁ ଏକମାତ୍ର ଧର୍ମ । ଏହି ବିଚାରରେ ଯେ କୌଣସି ପ୍ରକାରେ ଦାନ ଦିଆଗଲେ ତାହା କଲ୍ୟାଣକର । ଏହିପରି କୁହାଯିବାର ଉଦ୍ଦେଶ୍ୟ ହେଲା, କଳିଯୁଗରେ ଯଜ୍ଞ, ଦାନ, ତପ ବ୍ରତାଦି ଶୁଭ କର୍ମ ବିଧି ବିଧାନ ପୂର୍ବକ ପାଳନ କରିବା କଷ୍ଟସାଧ୍ୟ । ତେଣୁ ତ୍ୟାଗ ସ୍ୱଭାବ ଜାଗ୍ରତ ନିମିତ୍ତ ଦାନ ଦେବା ଏକ ଉତ୍ତମ କାର୍ଯ୍ୟ ଅଟେ । କିନ୍ତୁ ଦେହାଦିରେ ମମତ୍ୱକୁ ତ୍ୟାଗକରି, ନିଜର ଇଷ୍ଟଙ୍କୁ ସମ୍ପୂର୍ଣ୍ଣ ଆଶ୍ରିତ ହୋଇଥିବା ସାଧକ ନିମନ୍ତେ ଏହାଠାରୁ ସର୍ବଶ୍ରେଷ୍ଠ ଦାନ ହେଉଛି, ସମ୍ପୂର୍ଣ୍ଣ ବିଷୟ ଭୋଗରୁ ଦୂରରେ ରହି ମନ ସହିତ ସର୍ବସ୍ୱ ସମର୍ପଣ- ଯେପରିକି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି "**ମୟି ଅର୍ପିତ ମନୋ ବୁଦ୍ଧିଃ ମାମ୍ ଏବ ଏଷ୍ୟସି ଅସଂଶୟମ୍**" (ଗୀତା ୮/୭)।

ଓଁ ତତ୍ସଦିତି ନିର୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।
ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ॥୨୩॥

*ଅନ୍ୱୟ : ଓଁ- ତତ୍- ସତ୍ (ଓଁ, ତତ୍ , ସତ୍ ) ଇତି (ଏହି ) ତ୍ରିବିଧଃ (ତିନି ପ୍ରକାର) ବ୍ରହ୍ମଣଃ (ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାଙ୍କ ) ନିର୍ଦ୍ଦେଶଃ (ନାମ -ପରିଚୟ -ସଙ୍କେତ) ସ୍ମୃତଃ (କୁହାଯାଇଛି) ତେନ (ଏହି ତ୍ରିବିଧ ନେର୍ଦ୍ଦେଶ ଦ୍ୱାରା ଅର୍ଥାତ୍ ପରମାତ୍ମାଙ୍କ ଦ୍ୱାରା) ପୁରା (ସୃଷ୍ଟିର ଆରମ୍ଭରେ ) ବ୍ରାହ୍ମଣାଃ (ବ୍ରାହ୍ମଣଗଣ) ବେଦାଃ (ବେଦ ସମୂହ) ଚ (ତଥା ) ଯଜ୍ଞାଃ (ବିବିଧ ଯଜ୍ଞମାନ) ବିହିତାଃ (ବିହିତ ବା ସୃଷ୍ଟି ହୋଇଛି ) ।*

**ଭାବାର୍ଥ** : ହେ ଅର୍ଜୁନ ! ଓଁ, ତତ୍ , ସତ୍ – ଏହି ତିନୋଟି ଶବ୍ଦ ଋଗ୍ ବେଦ ମନ୍ତ୍ରମାନଙ୍କରୁ ଉଦ୍ଧୃତ । ବ୍ରହ୍ମଜ୍ଞାନୀ ମାନେ ବେଦରେ ଉଲ୍ଲେଖ କରିଛନ୍ତି କି, ଓଁ, ତତ୍ ଓ ସତ୍ – ଏହି ତିନୋଟି ଶବ୍ଦ ସଚ୍ଚିଦାନନ୍ଦଘନ ପରମ

ପୁରୁଷ ପରମାତ୍ମାଙ୍କୁ ନିର୍ଦ୍ଦେଶ କରିଥାଏ । ଏହି ତିନୋଟି ନାମ ପରବ୍ରହ୍ମଙ୍କ ପରିଚାୟକ ଅଟେ । ଏହି ନିର୍ଦ୍ଦେଶରୁ ପୁରାକାଳରେ ବେଦବିଦ୍ ବ୍ରାହ୍ମଣାଦି ସମସ୍ତ ପ୍ରଜା, ଯଜ୍ଞର କାରଣ ବେଦ ଓ ଯଜ୍ଞ ରୂପକ କ୍ରିୟା ସୃଷ୍ଟି ହୋଇଛନ୍ତି । ଏଠାରେ ଯଜ୍ଞ ଶବ୍ଦ ଯଜ୍ଞ, ତପ, ଦାନ ଆଦି ସମସ୍ତ ଶାସ୍ତ୍ର ବିହିତ ସମସ୍ତ କର୍ମ ମାନଙ୍କର ବାଚକ । "ଓଁ ତତ୍ ସତ୍ " ଏକ ମନ୍ତ୍ର, ଯାହା ସମସ୍ତ ବ୍ରହ୍ମାଣ୍ଡର ମୂଳାଧାର । ଏହାରି ଦ୍ୱାରା ପରବ୍ରହ୍ମଙ୍କ ଅଦ୍ୱୈତ ସ୍ୱରୂପକୁ ବ୍ୟକ୍ତ ରୂପରେ ଅନୁଭବ କରାଯାଇପାରୁଛି । ପ୍ରଜାପତି ବ୍ରହ୍ମା ଏହି ମନ୍ତ୍ରକୁ ସତତ ଚିନ୍ତନ କରି ବିଶ୍ୱ ରଚନାର ଯୋଗ୍ୟତା ପ୍ରାପ୍ତ ହୋଇଛନ୍ତି । 'ଓଁ ତତ୍ ସତ୍' ଉଚ୍ଚାରଣ ପୂର୍ବକ ସମସ୍ତ ଯଜ୍ଞାନୁଷ୍ଠାନ, ସ୍ୱାଧ୍ୟାୟ ତଥା ଶାସ୍ତ୍ର ପୁରାଣ ଆଦି ପାଠ, ଜପ, ଧ୍ୟାନ ପ୍ରଭୃତି ପବିତ୍ର କାର୍ଯ୍ୟ ଆରମ୍ଭ ଦ୍ୱାରା ସକଳ ବିଘ୍ନ, ପ୍ରତିବନ୍ଧକ ଦୂରହୁଏ । ଏହି ମନ୍ତ୍ର ଦ୍ୱାରା ସୃଷ୍ଟିକର୍ତ୍ତାଙ୍କ ଠାରେ ରହିଥିବା ସୃଷ୍ଟି ଶକ୍ତି ନିର୍ଗତ ହୁଏ । ସେହି ସୃଷ୍ଟି ଶକ୍ତି ବଳରେ ପରମାତ୍ମା ବ୍ରାହ୍ମଣମାନଙ୍କୁ ସୃଷ୍ଟି କରି ମାର୍ଗ ଦର୍ଶାଇବା ନିମନ୍ତେ ବେଦ ଦାନ କରିଥିଲେ ଏବଂ ଯଜ୍ଞାଦି ଧର୍ମାନୁଷ୍ଠାନ କରିବା ନିମନ୍ତେ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । 'ଓଁ ହେଉଛି ନାଦ ବ୍ରହ୍ମ ବା ଅକ୍ଷର ବ୍ରହ୍ମ । 'ଓଁ ପଦରେ ବ୍ରହ୍ମଙ୍କ ସେହି ଅବସ୍ଥା ନିର୍ଦ୍ଦିଷ୍ଟ ହୁଏ ଯେଉଁଥିରେ ସମସ୍ତ ପ୍ରପଞ୍ଚ ଶାନ୍ତ ନିର୍ବିକାର ରୂପ ନେଇଥାଏ । 'ଓଁ ସେହି ଆତ୍ମା ତତ୍ତ୍ୱର ପ୍ରତୀକ ଯାହାକି ଅଜନ୍ମା, ଅବିନାଶୀ, ସର୍ବ ଉପାଧି ଶୂନ୍ୟ ଏବଂ ଶରୀରାଦି ଉପାଧି ଗୁଡ଼ିକର ଅଧିଷ୍ଠାନର ମୂଳ କାରଣ । 'ତତ୍' ପଦରେ ବ୍ରହ୍ମର ସେହି ପଦ ନିର୍ଦ୍ଦିଷ୍ଟ ହୁଏ, ଯେଉଁଥିରେ ବିଶ୍ୱର ନିର୍ମାଣ ଇଚ୍ଛା 'ଏକୋ ଅହଂ ବହୁସ୍ୟାଂ ପ୍ରଜାୟେୟ' -ମୁଁ ଏକ ବହୁତ ହୋଇଯାଉ' ପ୍ରାଦୁର୍ଭୂତ ହୁଏ । ତତ୍ ଅର୍ଥ 'ତାହା' । ତେଣୁ ତତ୍ ପଦ ସେହି ପରମ ସତ୍ୟକୁ ସୂଚିତ କରେ ଯିଏ କି, ସମ୍ପୂର୍ଣ୍ଣ ବିଶ୍ୱର ଉତ୍ପତ୍ତି, ସ୍ଥିତି ଓ ଲୟର ସ୍ଥାନ । 'ସତ୍' ଶବ୍ଦ ବ୍ରହ୍ମଙ୍କ ଏହି ସଂକଳ୍ପ ଦ୍ୱାରା ପ୍ରତିଫଳିତ ପ୍ରପଞ୍ଚ ରୂପ ଅସ୍ତିତ୍ୱର ବୋଧକ ଅଟେ । ତେଣୁ 'ସତ୍' ଅର୍ଥ ତ୍ରିକାଳ ଅବାଧିତ ସତ୍ତା । ଏହି ସତ୍ ସ୍ୱରୂପ ସର୍ବତ୍ର ବ୍ୟାପ୍ତ । ତେଣୁ ' ଓଁ ତତ୍ ସତ୍' ମନ୍ତ୍ର ଦ୍ୱାରା ବିଶ୍ୱାତୀତ, ବିଶ୍ୱକାରଣ ଓ ବିଶ୍ୱ ବ୍ୟାପକ ପରମାତ୍ମାଙ୍କୁ ସ୍ମରଣ କରିବା ଦ୍ୱାରା କର୍ମ, ଭାବ ଓ ବିଚାର ଇତ୍ୟାଦି ଶୁଦ୍ଧ ହୋଇଥାଏ । ସଂସାରରେ ଯାହା କିଛି ଘଟେ ତାହା ଓଁ ତତ୍ ସତ୍ -ଅର୍ଥାତ୍ ପରମ ପୁରୁଷ ଭଗବାନଙ୍କ ଦ୍ୱାରା ତାଙ୍କରି ଇଚ୍ଛାରେ ହିଁ ହୋଇଥାଏ । ସାତ୍ତ୍ୱିକ କର୍ମରେ ନିବିଷ୍ଟ ରହି ଯଦି କେବଳ ଏହି ମନ୍ତ୍ର ଉଚ୍ଚାରଣ କରାଯାଏ, ତାହା ହେଲେ ମୋକ୍ଷ ଲାଭ ସୁଦୂର ପ୍ରସାରୀ ହୋଇ ରହି ନଥାଏ ।

ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ ।
ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ॥୨୪॥

*ଅନ୍ୱୟ: ତସ୍ମାତ୍ (ସେଥି କାରଣରୁ) ଓଁ ଇତି ( 'ଓଁ – ଏହି ଶବ୍ଦକୁ- ଏହି ଏକ ଅକ୍ଷର ମନ୍ତ୍ରକୁ ) ଉଦାହୃତ୍ୟ ( ଉଚ୍ଚାରଣ କରି) ବ୍ରହ୍ମବାଦୀନାମ୍ (ବ୍ରହ୍ମଙ୍କ କଥନ କରୁଥିବା ମହାପୁରୁଷଗଣଙ୍କ) ବିଧାନ-ଉକ୍ତାଃ (ଶାସ୍ତ୍ର ଦ୍ୱାରା ନିର୍ଦ୍ଦିଷ୍ଟ) ଯଜ୍ଞ- ଦାନ- ତପଃ- କ୍ରିୟାଃ (ଯଜ୍ଞ, ଦାନ ଓ ତପସ୍ୟା ଆଦି କର୍ମ ) ସତତମ୍ (ସର୍ବଦା) ପ୍ରବର୍ତ୍ତତେ (ଅନୁଷ୍ଠିତ ହୁଏ ) ।*

**ଭାବାର୍ଥ** : ସେଥି କାରଣରୁ 'ଓଁ- ଏହି ବ୍ରହ୍ମ ବାଚକ ଏକ ଅକ୍ଷର ମନ୍ତ୍ରକୁ ଉଚ୍ଚାରଣ କରି ବୈଦିକ ସିଦ୍ଧାନ୍ତ ଅନୁସରଣକାରୀ ବ୍ରହ୍ମବାଦୀଗଣ ଶାସ୍ତ୍ର ବିଧାନ ଅନୁସାରେ ଯଜ୍ଞ, ଦାନ ଓ ତପସ୍ୟା ଆଦି କର୍ମାନୁଷ୍ଠାନରେ ପ୍ରବୃତ୍ତ ହୁଅନ୍ତି । 'ଓଁକାର ହେଉଛି ପରମାତ୍ମାଙ୍କ ସ୍ମରଣର ପ୍ରତୀକ ଏବଂ ଏହାର ଜପ ଓ ଧ୍ୟାନ ଅଭ୍ୟାସରେ ଅହଂକାର ଏବଂ ତା'ର ଉପାଧି ତଥା ବନ୍ଧନ ଗୁଡ଼ିକ ବିସ୍ମୃତ ହୁଏ । ସର୍ବ ପ୍ରଥମେ 'ଓଁ ଅର୍ଥାତ୍ ପ୍ରଣବ ପ୍ରକଟ

ହୋଇଥିଲେ । ଏହି ପ୍ରଣବଙ୍କ ତିନୋଟି ମାତ୍ରା 'ଅ'-'ଉ'-'ମ୍' ରହିଛନ୍ତି । ସେହି ମାତ୍ରାମାନଙ୍କଠାରୁ ତ୍ରିପଦା ଗାୟତ୍ରୀ ଏବଂ ତ୍ରିପଦା ଗାୟତ୍ରୀରୁ ତିନି ବେଦ ପ୍ରକଟିତ ହେଲେ । ଏଣୁ 'ପ୍ରଣବ' ହିଁ ବେଦର ସାର । ବେଦର ସମସ୍ତ ଋଚା ଓ ଶ୍ରୁତି 'ଓଁ' ଉଚ୍ଚାରଣ ବିନା ଫଳବତୀ ହୁଅନ୍ତି ନାହିଁ, ଅର୍ଥାତ୍ କୌଣସି ଫଳ ଦିଅନ୍ତି ନାହିଁ । କର୍ମ ଆରମ୍ଭରେ 'ଓଁ'କାରର ପ୍ରତ୍ୟକ୍ଷ ଦର୍ଶନ ଏବଂ ମନ୍ତ୍ର ରୂପରେ ଏହାର ଉଚ୍ଚାରଣ ଦ୍ୱାରା ବନ୍ଧନ କାରକ କର୍ମ ସମୂହ ମଧ୍ୟ ମୁକ୍ତିର ସେତୁ ପାଲଟିଯାଏ ।

ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ ।
ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ॥୨୫॥

*ଅନ୍ୱୟ : ତତ୍ ( 'ତାହା' : ଅର୍ଥାତ୍ ପରମାତ୍ମା ନିମିତ୍ତ ସବୁ କିଛି ଉଦ୍ଦିଷ୍ଟ- ପରମାତ୍ମା ହିଁ ସର୍ବତ୍ର – ପରମାତ୍ମାଙ୍କ ହିଁ ଏ ସମସ୍ତ) ଇତି ( ଏହି ଭାବ ରଖି) ମୋକ୍ଷକାଙ୍କ୍ଷିଭିଃ (ମୁମୁକ୍ଷୁ- ପରମ କଲ୍ୟାଣ ଚାହୁଁଥିବା ପୁରୁଷଙ୍କ ଦ୍ୱାରା) ଫଳମ୍ ଅନଭିସନ୍ଧାୟ (ଆକାଂକ୍ଷା ନକରି – ଫଳେଚ୍ଛା ନ ରଖି) ବିବିଧାଃ(ଅନେକ ପ୍ରକାରେ) ଯଜ୍ଞଃ-ତପଃ କ୍ରିୟା ( ଯଜ୍ଞ ଓ ତପ ରୂପକ କ୍ରିୟା) ଚ (ତଥା) ଦାନ କ୍ରିୟାଃ (ଦାନ ରୂପକକ୍ରିୟାଦି) କ୍ରିୟନ୍ତେ (ଅନୁଷ୍ଠିତ ହୁଏ ) ।*

**ଭାବାର୍ଥ** : 'ତତ୍' ଶବ୍ଦ ବ୍ରହ୍ମ ବାଚକ ଯାହା କି, ବିଶ୍ୱାତୀତ ସର୍ବବ୍ୟାପୀ ପରବ୍ରହ୍ମଙ୍କୁ ସଙ୍କେତ କରିଥାଏ । ପରମାତ୍ମା ହିଁ ସର୍ବତ୍ର ବିଦ୍ୟମାନ – ପରମାତ୍ମା ନିମିତ୍ତ ସବୁ କିଛି ଉଦ୍ଦିଷ୍ଟ ଏବଂ ପରମାତ୍ମାଙ୍କ ହିଁ ଏ ସମସ୍ତ – ଏହି ତିନିଗୋଟି ଭାବ 'ତତ୍' ଶବ୍ଦ ଦ୍ୱାରା ପ୍ରକଟ ହୋଇଥାଏ । ମୁମୁକ୍ଷୁ ତଥା ପରମ କଲ୍ୟାଣ ଚାହୁଁଥିବା ପୁରୁଷଗଣ ଫଳ ଆକାଂକ୍ଷା ସମ୍ପୂର୍ଣ୍ଣ ତ୍ୟାଗକରି, ଏହି ପବିତ୍ର ଚିତ୍ତଶୁଦ୍ଧକାରୀ ମନ୍ତ୍ରକୁ ଉଚ୍ଚାରଣ କରି ସମସ୍ତ ପୁଣ୍ୟକର୍ମ ଶୁଭାରମ୍ଭ କରନ୍ତି । 'ତତ୍' ଶବ୍ଦ ପରମାତ୍ମାଙ୍କ ପ୍ରତି ସମର୍ପଣ ସୂଚକ ଅଟେ । 'ତତ୍' ଶବ୍ଦ ଉଚ୍ଚାରଣ କରି ଦାନ ଦେବା ଅର୍ଥ 'ଏ ସବୁ ମୋର ନୁହେଁ- ମୋର ଭୋଗ କିଛି ଅବଶିଷ୍ଟ ନ ରହୁ'- ବୋଲି ସ୍ୱୀକାର କରିନେବା । ଏହି ମନୋଭାବ ରଖି ଜ୍ଞାନୀଗଣ ବ୍ରହ୍ମ ସ୍ମରଣରେ ରହି କର୍ମ ଓ କର୍ମ ଫଳରୁ ନିଜକୁ ଅଲଗା କରି ନେଇଥାନ୍ତି । 'ଓଁ'କାର ସହିତ ଆରବ୍ଧ (ବର୍ତ୍ତମାନ)କର୍ମ 'ତତ୍'କାର ଦ୍ୱାରା ସମର୍ପିତ ହେଲେ, ସେହି କର୍ମ 'ବ୍ରହ୍ମାକାର' ହୋଇଯାଏ । 'ଓଁ' ଉଚ୍ଚାରଣ ପୂର୍ବକ ଯାହା ଆରମ୍ଭ କରାଯାଇଥାଏ, 'ତତ୍' ଉଚ୍ଚାରଣରେ ତାହା ବ୍ରହ୍ମଙ୍କୁ ସମର୍ପିତ ହୋଇଯାଏ। ଯୋଗୀ, ମୁନୀ, ସାଧକଗଣ ତତ୍ ଉପରେ ଧ୍ୟାନ କରନ୍ତି । ସମସ୍ତ କ୍ରିୟାରେ 'ତତ୍' ଅର୍ଥାତ୍ ବ୍ରହ୍ମର ଅନୁସନ୍ଧାନ ସର୍ବଦା ରଖନ୍ତି । ସେମାନେ ତତ୍ ଶବ୍ଦ ଉଚ୍ଚାରଣ ଦ୍ୱାରା ଏହିଭାବ ବ୍ୟକ୍ତ କରିଥାନ୍ତି କି, "ଆମର ସକଳ କର୍ମ ଓ କର୍ମଫଳ ତତ୍ (ବ୍ରହ୍ମ) ନାମରେ ଉତ୍ସର୍ଗୀକୃତ ହେଉ" । ଯେଉଁ କର୍ମ ତତ୍ କୁ ସମର୍ପିତ ହୋଇଯାଏ, ତା'ହା ବ୍ରହ୍ମ ସ୍ୱରୂପ ହୋଇଯାଏ । କ୍ରିୟାମାନଙ୍କରେ ଫଳପ୍ରତି ଆସକ୍ତି ନ ରହିବା ଦ୍ୱାରା ଏ ସମସ୍ତ କର୍ମ ପରମାତ୍ମା ପ୍ରାପ୍ତି ନିମିତ୍ତ ଉଦ୍ଦିଷ୍ଟ ହୋଇଯାଏ । ତେଣୁ ତତ୍ ଶବ୍ଦ ଉଚ୍ଚାରଣ ଦ୍ୱାରା ଦେହାଭିମାନ ନାଶ ହୋଇ ଅନ୍ତଃକରଣର ଶୁଦ୍ଧତା ପ୍ରାପ୍ତିହୁଏ ଯାହା ଦ୍ୱାରା ମୁକ୍ତିର ମାର୍ଗ ଉନ୍ମୁକ୍ତ ହୁଏ । 'ତତ୍' ଶବ୍ଦ ସମ୍ମୁଖରେ ଥିବା ବସ୍ତୁର ଉପାଦାନ କାରଣକୁ ନିର୍ଦ୍ଦେଶ ହୁଏ । ଏହି ବିଚାରରେ ଜଗତ ଓ ଏହାର ସମସ୍ତ ପଦାର୍ଥକୁ ଦେଖିଲେ ଏହା ପ୍ରତୀତ ହେବ କି, ସମ୍ପୂର୍ଣ୍ଣ ସଚରାଚର ବିଶ୍ୱର ଉପାଦାନ କାରଣ 'ବ୍ରହ୍ମ' ହିଁ ଅଟେ । କାରଣ ବ୍ରହ୍ମ ରୂପରେ ପରମାତ୍ମାଙ୍କ ସତ୍ତା ନିତ୍ୟ ନିରନ୍ତର ବିଦ୍ୟମାନ । ଅତଏବ 'ବ୍ରହ୍ମ' ସର୍ବତ୍ର ବିଦ୍ୟମାନ ଏବଂ ବ୍ରହ୍ମଙ୍କ ଅନୁଭବ ବିନା ଏକ କ୍ଷଣ ବି ବିତି ନଥାଏ । ସତ୍ତା, ଚେତନା, ଆନନ୍ଦ ରୂପରେ 'ବ୍ରହ୍ମ"

ସର୍ବତ୍ର ଅନୁଭବ୍ୟମାନ । ତେଣୁ ପ୍ରତ୍ୟେକ ବସ୍ତୁର ଆରମ୍ଭ, ମଧ୍ୟ ଓ ଅନ୍ତରେ 'ବ୍ରହ୍ମ' ହିଁ ଅଭିନ୍ନ ଅନୁଭବର ବିଷୟ ହୋଇ ରହେ । ଅନ୍ୟ ଅର୍ଥରେ 'ତତ୍' ନାମରେ ନାମିତ ସେହି ନିତ୍ୟ-ନିରନ୍ତର ପ୍ରାପ୍ତ ପରମାତ୍ମାଙ୍କୁ ଅନୁଭବ କରିବାକୁ ହେବ । 'ତତ୍' ନିର୍ଦ୍ଦେଶରେ ମୁମୁକ୍ଷୁ, ତତ୍ତ୍ୱବେତ୍ତା, ଜ୍ଞାନୀ ପୁରୁଷ ସର୍ବତ୍ର ବ୍ରହ୍ମର ସତ୍ତାକୁ ଅନୁଭବ କରନ୍ତି ଏବଂ କ୍ରିୟା ଆରମ୍ଭରେ 'ତତ୍' ଶବ୍ଦ ପ୍ରୟୋଗ କରି ପ୍ରତ୍ୟେକ ବସ୍ତୁରେ ନିଜର ବ୍ରହ୍ମ ଭାବନାକୁ ଦୃଢ କରନ୍ତି । ଆତ୍ମ-କଲ୍ୟାଣକାରୀ ପୁରୁଷ ଯଜ୍ଞ, ଦାନ, ତପ, ସ୍ୱାଧ୍ୟାୟ, ଧ୍ୟାନ ଓ ସମାଧି ଇତ୍ୟାଦି ଯେତେକ କର୍ମକରନ୍ତି, ସେହି ସବୁ ପରମାତ୍ମାଙ୍କ ନିମିତ୍ତ ଏବଂ ଭଗବାନଙ୍କ ପ୍ରସନ୍ନତାପାଇଁ ଏବଂ ଭଗବାନଙ୍କ ଆଜ୍ଞା ପାଳନ ରୂପେ ଗ୍ରହଣ କରିଥାନ୍ତି ।

ସଦ୍ଭାବେ ସାଧୁଭାବେ ଚ ସଦିତ୍ୟେତତ୍ ପ୍ରଯୁଜ୍ୟତେ ।
ପ୍ରଶସ୍ତେ କର୍ମଣି ତଥା ସତ୍ ଶବ୍ଦଃ ପାର୍ଥ ଯୁଜ୍ୟତେ ॥୨୬॥

*ଅନ୍ୱୟ : ପାର୍ଥ ! ( ହେ ପାର୍ଥ !) ସତ୍ (ସତ୍ – ଅସ୍ତିତ୍ୱ -ଚିରନ୍ତନ ସତ୍ୟ-ଶାଶ୍ୱତ-ଅବିନାଶୀ) ଇତି (ଏହିପରି) ଏତତ୍ (ଏହି ପରମାତ୍ମା ନାମଟି) ସଦ୍ଭାବେ (ବର୍ତ୍ତମାନ ଅଛି [ବ୍ରହ୍ମତ୍ୱ] -ଏହି ସତ୍ୟତା ବା ବିଦ୍ୟମାନତା ବୁଝାଇବା ନିମିତ୍ତ) ଚ (ଏବଂ) ସାଧୁଭାବେ (ଶ୍ରେଷ୍ଠତ୍ୱ [ବ୍ରହ୍ମବାଦୀତ୍ୱ] ବୁଝାଇବା ନିମିତ୍ତ ) ପ୍ରଯୁଜ୍ୟତେ (ପ୍ରୟୋଗ କରାଯାଏ) ତଥା (ତଥା ) ପ୍ରଶସ୍ତ (ଶୁଭ-ପ୍ରଶଂସନୀୟ) କର୍ମଣି (କର୍ମରେ ମଧ୍ୟ ) ସତ୍-ଶବ୍ଦଃ (ସତ୍ ଏହି ବ୍ରହ୍ମ ବାଚକ ଶବ୍ଦ ଯୁଜ୍ୟତେ (ବ୍ୟବହାର କରାଯାଏ ) ।*

**ଭାବାର୍ଥ** : ହେ ପାର୍ଥ ! ସଦ୍ଭାବ ଓ ସାଧୁଭାବ ଅର୍ଥାତ୍ କୌଣସି ବସ୍ତୁର ଅସ୍ତିତ୍ୱ ଓ ଶ୍ରେଷ୍ଠତ୍ୱର ନିର୍ଦ୍ଦେଶ ନିମିତ୍ତ ସତ୍ ଶବ୍ଦ ପ୍ରଯୁକ୍ତ ଏବଂ ସଦ୍ଗୁଣ ତଥା ପ୍ରଶଂସନୀୟ କର୍ମରେ ମଧ୍ୟ ସତ୍ ଶବ୍ଦ ବ୍ୟବହୃତ ହୁଏ । 'ଓଁ'କାର ହେଉଛି ଯଜ୍ଞ, ତପ, ଦାନ ଆଦି କର୍ମର ଶୁଦ୍ଧି, 'ତତ୍' ହେଉଛି ଉଦ୍ଦେଶ୍ୟର ଶୁଦ୍ଧି ଅର୍ଥାତ୍ ପରମାତ୍ମାଙ୍କ ପ୍ରତି ଦୃଷ୍ଟି ଏବଂ 'ସତ୍' ହେଉଛି ଅଧିକାରୀର ଶୁଦ୍ଧି । ଏଥି ନିମନ୍ତେ ସଦ୍ଭାବ ହେବା ଆବଶ୍ୟକ । ସେଥିରେ ଟିକିଏ ମାତ୍ର କଳ୍ମଷ ରହିବାକୁ ହେବନାହିଁ । ପରମାତ୍ମାଙ୍କ ନାମ 'ସନ୍' ଏବଂ ଭାବର ଅର୍ଥ ପରମାତ୍ମାଙ୍କ ସତ୍ତା । ଅତଏବ, 'ପରମାତ୍ମା ଅଛନ୍ତି'-ଏହିରୂପେ ପରମାତ୍ମାଙ୍କ ସତ୍ତା ବା ଅସ୍ତିତ୍ୱର ନାମ ସଦ୍ଭାବ । 'ସତ୍' ଶବ୍ଦ ପରମାତ୍ମାଙ୍କ ନିତ୍ୟ ବିଦ୍ୟମାନତା ତଥା ସର୍ବ-କାରଣତ୍ୱର ବୋଧ କରାଇଥାଏ । ସଗୁଣ, ନିର୍ଗୁଣ, ସାକାର, ନିରାକାର ଇତ୍ୟାଦି ଯେତେ ରୂପ ରହିଛି, ସେହି ସବୁ ସଦ୍ଭାବର ଅନ୍ତର୍ଗତ । ସଗୁଣ-ସାକାର ରୂପେ ମଧ୍ୟ ବିଷ୍ଣୁ, ରାମ, କୃଷ୍ଣ, ଶିବ, ଶକ୍ତି, ଗଣେଶ, ସୂର୍ଯ୍ୟ ଇତ୍ୟାଦି ଯେତେ ଅବତାର ରହିଛନ୍ତି, ସେହି ସବୁ ସଦ୍ଭାବ ଅନ୍ତର୍ଗତ । ପରମାତ୍ମାଙ୍କ ନାମ ଯାହାର ପ୍ରୟୋଗ କେବଳ 'ସତ୍ୟ' ନାମରେ ଗୋଟିଏ ଦିଗରେ ହିଁ କରାଯାଇଥାଏ । 'ଆତ୍ମା' ହିଁ ପରମ ସତ୍ୟ, ସନାତନ, ଶାଶ୍ୱତ, ଅମୃତ ସ୍ୱରୂପ ଅଟେ । ଯାହା ସକଳ ଅନିତ୍ୟ ମଧ୍ୟରେ ନିତ୍ୟ ଏବଂ ସମସ୍ତ ପରିବର୍ତ୍ତନଶୀଳ ରୂପ ଯାହାରି ଉପରେ ଅଧିଷ୍ଠିତ, ତାହା 'ସତ୍' । ଏହି ସତ୍ୟ ପ୍ରତି ଭାବ ଉତ୍ପନ୍ନ ହେବା ହେଲା ସଦ୍ଭାବ । ସତ୍ତା, ଚେତନା ଏବଂ ଆନନ୍ଦମୟ ବ୍ରହ୍ମଙ୍କ ସ୍ୱରୂପ । 'ବ୍ରହ୍ମ' ସତ୍ତା ରୂପରେ ସର୍ବତ୍ର ଅନୁସ୍ୟୂତ ରହନ୍ତି । କୌଣସି ବି ଉପଲବ୍ଧ ବସ୍ତୁ ସତ୍ତା ବିନା ରହେନାହିଁ । ତେଣୁ 'ସତ୍' ଶବ୍ଦ ବ୍ରହ୍ମଙ୍କ ସତ୍ତା ରୂପର ବୋଧକ । ସତ୍ ବସ୍ତୁର ତିନିକାଳରେ କେବେହେଲେ ଅଭାବ ରହି ନଥାଏ । ସେ' ହିଁ ଏକମାତ୍ର ନିତ୍ୟ ବସ୍ତୁ । ତାହାକୁ କେବେ ନଷ୍ଟ କରିହେବ ନାହିଁ । ତାହାକୁ ସାଧିବା ନିମନ୍ତେ ସାଧୁଭାବ ହେବା ଆବଶ୍ୟକ । ସେହି 'ସତ୍'ର ଭାବ ଯାହାରି ହୃଦୟରେ ଅବସ୍ଥିତ, ସେ ସାଧୁ ଅଟନ୍ତି । ତତ୍ତ୍ୱଦର୍ଶୀ, ଭଗବଦ୍

ଭକ୍ତ, ସନ୍ଥ ନିମନ୍ତେ 'ସତ୍' ଶବ୍ଦର ପ୍ରୟୋଗ ହୁଏ । ସାଧକ ମାନଙ୍କ ହୃଦୟରେ ଯେଉଁ ଦୟା, କ୍ଷମା,ଇତ୍ୟାଦି ଶ୍ରେଷ୍ଠ ଉତ୍ତମ ଭାବ ରହିଛି, ତାହା ସବୁ ସାଧୁଭାବ ଅନ୍ତର୍ଗତ । ତାହାକୁ ପ୍ରାପ୍ତ କରାଇ ପାରୁଥିବା ଶୁଭ ତଥା ପ୍ରଶଂସନୀୟ କର୍ମକୁ ସାଧନ ମାର୍ଗର ତପସ୍ୟା ରୂପେ ବୁଝି ସେଥି ସହ ମଧ୍ୟ 'ସତ୍' ଶବ୍ଦ ପ୍ରୟୋଗ କରାଯାଏ । ଅନ୍ତଃକରଣ ଶୁଦ୍ଧି ଏବଂ ପରମାତ୍ମା ପ୍ରାପ୍ତି ନିମିତ୍ତ ସତ୍ୟ, କ୍ଷମା, ଉଦାରତା, ତ୍ୟାଗ ଇତ୍ୟାଦି ଶ୍ରେଷ୍ଠ ଗୁଣ, ସଦାଚାର ପ୍ରଭୃତି ଦୈବୀ ସମ୍ପତ୍ତି ସ୍ୱଭାବ ଗୁଡିକରେ 'ସତ୍' ଶବ୍ଦ ପ୍ରୟୋଗ ହୁଏ । ଦୈବୀ ସମ୍ପତ୍ତି 'ସତ୍' ଏବଂ ଆସୁରୀ ସମ୍ପତ୍ତି 'ଅସତ୍' । 'ସତ୍'ର ଗ୍ରହଣ ଏବଂ 'ଅସତ୍'ର ତ୍ୟାଗ ସତ୍ ରୂପେ ବିବେଚିତ । 'ଓଁ ତତ୍ ସତ୍' ଏହି ଅକ୍ଷର ଗୁଡିକର ଯେଉଁଠାରୁ ଉତ୍ପତ୍ତି, ସେହି 'ଓଁ ତତ୍ ସତ୍' କୁ ଉଚ୍ଚାରଣ କଲେ ଜୀବ ସେହି ଉତ୍ପତ୍ତି ସ୍ଥଳରେ ପହଞ୍ଚିଥାଏ । ସେହି ମୂଳ ପୀଠ ହେଉଛି ଶୁଦ୍ଧ ପରବ୍ରହ୍ମ ।

ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ ।
କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ॥୨୭॥

*ଅନ୍ୱୟ : ଯଜ୍ଞେ (ଯଜ୍ଞରେ) ତପସି (ତପସ୍ୟାରେ) ଦାନେ ଚ (ଏବଂ ଦାନରେ) ସ୍ଥିତିଃ (ଏକନିଷ୍ଠ ହୋଇ ଅବସ୍ଥିତି) ଏବ (ମଧ୍ୟ) ସତ୍ ଇତି (ସତ୍ ବୋଲି) ଉଚ୍ୟତେ (କଥିତ ହୁଏ ) ଚ (ଏବଂ) ତତ୍-ଅର୍ଥୀୟଂ (ସେହି ପରମାତ୍ମାଙ୍କ ଉଦ୍ଦେଶ୍ୟରେ କୃତ) କର୍ମ (କର୍ମ) ଏବ (ମଧ୍ୟ) ସତ୍ ଇତି (ସତ୍ ବୋଲି ) ଅଭିଧୀୟତେ (ଅଭିହିତ ହୁଏ ) ।*

**ଭାବାର୍ଥ** : ଯଜ୍ଞ, ତପସ୍ୟା ଓ ଦାନ ପ୍ରଭୃତି ଶୁଭ କର୍ମ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଏକନିଷ୍ଠ ଭାବେ ସମ୍ପାଦିତ ହେଲେ, ତାହା ସତ୍ ଶବ୍ଦ ଦ୍ୱାରା ଅଭିହିତ ହୁଏ । ବ୍ରହ୍ମନିଷ୍ଠ ହୋଇ କର୍ମ ଯେତେବେଳେ ପରାଭକ୍ତି ଜାଗ୍ରତ ଉଦ୍ଦେଶ୍ୟ ପରାୟଣ ହୋଇଯାଏ, ସେତେବେଳେ ସାଧକର ଅନ୍ତଃକରଣ ଶୁଦ୍ଧ ହୋଇ ପରମ ଲକ୍ଷ୍ୟ ସ୍ଥଳ, ଅମୃତ ତତ୍ତ୍ୱ, ମୋକ୍ଷ ତଥା ନିତ୍ୟାନନ୍ଦ ପ୍ରାପ୍ତ ହୋଇ ସତ୍ ସ୍ୱରୂପ ସହିତ ତଦାକାର ହୁଏ । କର୍ମଫଳକୁ ସମର୍ପଣ କରି ପରମେଶ୍ୱରଙ୍କ ପ୍ରସନ୍ନତା ନିମିତ୍ତ ତାଙ୍କରି ଆଜ୍ଞା ପାଳନ ମନୋଭାବରେ କରୁଥିବା ସମସ୍ତ କର୍ମ ସ୍ୱାଭାବିକ ଭାବେ ଯଜ୍ଞ, ତପସ୍ୟା କିମ୍ବା ଦାନ କ୍ରିୟା ରୂପରେ ସତ୍-କର୍ମ ହୋଇଥାଏ । ଶ୍ଳୋକରେ କୁହାଯାଇଥିବା 'ସ୍ଥିତି' ଶବ୍ଦଟି ସାଧକର ଶ୍ରଦ୍ଧାଭାବ ଏବଂ ହୃଦୟରେ ଥିବା ପ୍ରେମ ପୂର୍ବକ ଆସ୍ତିକ ବୁଦ୍ଧିରେ ସାଧନ ତତ୍ପରତାକୁ ସୂଚିତ କରାଯାଇଛି । ଏଠାରେ ଯଜ୍ଞ କର୍ମ, ଉଭୟ କର୍ତ୍ତବ୍ୟ କର୍ମ ଏବଂ ପୂଜା, ପାଠ, ଭଜନ, କୀର୍ତ୍ତନ ଓ ଚିନ୍ତନ ଆଦି ପରମାର୍ଥିକ କର୍ମକୁ ନିର୍ଦ୍ଦେଶ କରାଯାଇଛି । ଈଶ୍ୱରାର୍ପିତ ସମସ୍ତ କର୍ମକୁ ସତ୍ କୁହାଯାଏ, କାରଣ ତାହା ମୋକ୍ଷର ସାଧନ । କର୍ମ ଯେତେବେଳେ ସତ ସ୍ୱରୂପ ପରମାତ୍ମାଙ୍କ ସହିତ ସମ୍ବନ୍ଧିତ ହୁଏ, ତାହା ମୁକ୍ତି ପ୍ରଦାୟକ ଦୈବୀ ସମ୍ପତ୍ତି ହୋଇଯାଏ । ସମୁଦ୍ରରେ ମିଳିତ ହେଲାପରେ ନଦୀ ଗୁଡିକର ଯେପରି ଭାବରେ କୌଣସି ପାର୍ଥକ୍ୟ ରହେନାହିଁ, ସେହିଭଳି ବ୍ରହ୍ମାର୍ପିତ କର୍ମରେ ନ୍ୟୂନ, ପୂର୍ଣ୍ଣ, ଅପୂର୍ଣ୍ଣ କୌଣସି ପାର୍ଥକ୍ୟ ରହେନାହିଁ । ସମସ୍ତ କର୍ମ ବ୍ରହ୍ମପଦରେ ସମର୍ପିତ ହେଲେ, ତାହା ସର୍ବତ୍ର ବ୍ରହ୍ମମୟ ହୋଇଯାଏ । ସକାମ କର୍ମ ଫଳ ପ୍ରଦାନ କରି ନଷ୍ଟ ହୋଇଯାଏ, କିନ୍ତୁ ପରମାର୍ଥ ନିମିତ୍ତ କର୍ମ କେବେ ବି ନଷ୍ଟ ନ ହୋଇ ସତ୍ ହୋଇଯାଏ । ଏହି ଶ୍ଳୋକର ନିଷ୍କର୍ଷ ହେଲା: କର୍ମ ବନ୍ଧନରୁ ମୁକ୍ତ ହେବା ପାଇଁ ସତ୍-କର୍ମ ହିଁ ଏକ ମାତ୍ର ଅବଲମ୍ବନ ।

ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।
ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ ପ୍ରେତ୍ୟ ନୋ ଇହ ॥୨୮॥

*ଅନ୍ୱୟ : ପାର୍ଥ ! (ହେ ଅର୍ଜୁନ !) ଅଶ୍ରଦ୍ଧୟା (ଶ୍ରଦ୍ଧା ନ ଥାଇ ) ହୁତମ୍ (କରାଯାଉଥିବା ହୋମ ବା ହବନ) ଦତ୍ତଂ (ଦିଆଯାଉଥିବା ଦାନ) ତପ୍ତଂ ତପଃ (ଆଚରଣ କରୁଥିବା ତପ) ଚ (ତଥା) ଯତ୍ କୃତଂ (ଅନ୍ୟ ଯାହା କିଛି କରାଯାଉଥିବା ଶୁଭ କର୍ମ) ଅସତ୍ ଇତି ( ଅସତ୍ ବୋଲି ) ଉଚ୍ୟତେ (କୁହାଯାଏ) ତତ୍ (ସେହି ସବୁ କର୍ମ) ନୋ ଇହ ( ନା ଏହି ମର୍ତ୍ତ୍ୟଲୋକରେ ଅର୍ଥାତ୍ ଜୀବନ କାଳ ମଧ୍ୟରେ) ନୋ ପ୍ରେତ୍ୟ ( ନା ପରଲୋକରେ ଅର୍ଥାତ୍ ମୃତ୍ୟୁପରେ ମଧ୍ୟ ଶୁଭ ଫଳପ୍ରସୂ ହୋଇଥାଏ )।*

**ଭାବାର୍ଥ** : ଶ୍ରଦ୍ଧା ନଥାଇ କରୁଥିବା ହବନ ବା ହୋମ, ଦେଇଥିବା ଦାନ, ଆଚରଣ କରୁଥିବା ତପ ଏବଂ ଅନ୍ୟ କିଛି କରାଯାଉଥିବା ଶୁଭ କର୍ମ ଆଦି ଅସତ୍ ଅଟେ । 'ଅସତ୍' ଶବ୍ଦର ଅର୍ଥ ସ୍ଥିତି ବା ସତ୍ତା ଶୂନ୍ୟ, ଅର୍ଥାତ୍ ଅସ୍ତିତ୍ୱହୀନ । ଏପରି କୁହାଯାଇଛି କି, ସେହି ସମସ୍ତ କର୍ମ ମର୍ତ୍ତ୍ୟଲୋକରେ ଅର୍ଥାତ୍ ଜୀବନ କାଳ ମଧ୍ୟରେ, କିମ୍ବା ପରଲୋକରେ ଅର୍ଥାତ୍ ମୃତ୍ୟୁପରେ ମଧ୍ୟ ପରଜନ୍ମ ନିମନ୍ତେ ଫଳପ୍ରସୂ ହୁଏନାହିଁ । ତେଣୁ କର୍ମ ସମ୍ପାଦନରେ ସମର୍ପଣ ସହିତ ଶ୍ରଦ୍ଧା ନିତାନ୍ତ ଆବଶ୍ୟକ । ଶ୍ରଦ୍ଧା ବା ଧର୍ମ କର୍ମର ପ୍ରାଣ ସ୍ୱରୂପ । ତିନି ପ୍ରକାର ଶ୍ରଦ୍ଧା ଓ ତପସ୍ୟାଦି କର୍ମ, ସତ୍ତ୍ୱାଦି ଗୁଣ ଭେଦରେ କାର୍ଯ୍ୟକାରୀ ହୁଏ । ପ୍ରତ୍ୟେକ ଜୀବକୁ ସ୍ୱ ସ୍ୱ କର୍ମର ଫଳ ଭୋଗ କରିବାକୁ ପଡିଥାଏ । ଶୁଭ କର୍ମର ଶୁଭ ଫଳ ଏବଂ ଅଶୁଭ କର୍ମର ଅଶୁଭ ଫଳ ପ୍ରାପ୍ତ ହୁଏ । ଏହି ନିୟମର ବିନ୍ଦୁମାତ୍ର ମଧ୍ୟ ବ୍ୟତିକ୍ରମ ହୁଏନାହିଁ । ବ୍ରହ୍ମାଙ୍କଠାରୁ କୀଟ ପରମାଣୁ ପ୍ରତ୍ୟେକଙ୍କ ପାଇଁ ଏହି ଗୋଟିଏ ହିଁ ବିଧାନ । ଶ୍ରଦ୍ଧା, ବିଶ୍ୱାସ ବିନା ଭଗବତ୍ ପାଦରେ ପ୍ରେମ ଭାବ ନଥାଇ ଶତେକ ଯଜ୍ଞ ଅନୁଷ୍ଠାନ କଲେ ବି, ସମଗ୍ର ସଂସାରର ଧନ ସମ୍ପଦ ଦାନ କରିଦେଲେ ବି ସେହି ସବୁ ନିଷ୍ଫଳ ହେବ । ମନୁଷ୍ୟର ଶ୍ରଦ୍ଧା ହିଁ କର୍ମଗୁଡିକୁ ଦିଗ ପ୍ରଦାନ କରେ । ମାନସରେ ଉଲ୍ଲେଖ ଅଛି : **" ଶ୍ରଦ୍ଧା ବିନୁ ଧର୍ମ ନ ହି ହୋଇ । ବିନୁ ମହୀ ଗନ୍ଧ କି ପାବଇ କୋଇ" ॥** ଶ୍ରଦ୍ଧା ବିନା କୌଣସି ଧର୍ମ ହୁଏନାହିଁ, ଯେପରି ପୃଥିବୀ ବିନା କେହି ଗନ୍ଧ ପ୍ରାପ୍ତ କରିପାରେ ନାହିଁ । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭରେ ଶ୍ରଦ୍ଧା ହେବା ଜରୁରୀ । ଶ୍ରଦ୍ଧା କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ନୁହଁ, ଏପରିକି ଲୌକିକ ଫଳ ପ୍ରାପ୍ତିରେ ଶ୍ରଦ୍ଧାର ମୁଖ୍ୟ ଭୂମିକା ରହେ । କେବଳ ଶ୍ରଦ୍ଧା ଦ୍ୱାରା ମନୁଷ୍ୟ ତା'ର ସମ୍ପୂର୍ଣ୍ଣ କ୍ଷମତା ଓ ସାମର୍ଥ୍ୟ ସହିତ ପ୍ରଚେଷ୍ଟା କରିପାରିବ, ଅନ୍ୟଥା ନୁହଁ । ଛାୟାକୁ ଆଲିଙ୍ଗନ କରିବା କିମ୍ବା ଆକାଶକୁ ଚାପୁଡା ମାରିବା ଯେପରି ବୃଥା, ଶ୍ରଦ୍ଧା ହୀନ କର୍ମ ସେହିପରି ବୃଥା । କାଳକ୍ରମେ କର୍ତ୍ତବ୍ୟ କର୍ମରେ ଶ୍ରଦ୍ଧା ଓ ବିଶ୍ୱାସ ଯେତେବେଳେ ପରିପକ୍ୱ ହୁଏ, ସେତେବେଳେ ତାକୁ ଭଗବତ୍ ପ୍ରେମ ବୋଲି କୁହାଯାଏ । ବ୍ରହ୍ମବାଦୀ ପୁରୁଷଙ୍କ ସମସ୍ତ କ୍ରିୟା "ଓଁ ତତ୍ ସତ୍" ସହ ପ୍ରଯୁକ୍ତ କାରଣରୁ ତାହା ସତ୍-ଗୁଣ ସମ୍ପନ୍ନ ହୋଇଥାଏ । ଶ୍ରଦ୍ଧା ଭାବକୁ ସମସ୍ତ ଯୋଗ ସାଧନାର ମୁଖ୍ୟ ଆଧାର ବୋଲି ଉପଦେଶ ଦେଇ ଭଗବାନ ଶ୍ରୀକୃଷ୍ଣ ଏହି ଅଧ୍ୟାୟର ଉପସଂହାର କରିଛନ୍ତି ।

ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଶ୍ରଦ୍ଧାତ୍ରୟ ବିଭାଗ ଯୋଗୋ ନାମ ସପ୍ତଦଶୋଧ୍ୟାୟଃ ॥୧୭॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍‌ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ଶ୍ରଦ୍ଧାତ୍ରୟ ବିଭାଗ ଯୋଗ' ନାମକ ସପ୍ତଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୭॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁଓଁ

ଓଁ

## ॥ ଶ୍ରୀ ପରମାତ୍ମନେ ନମଃ ॥

## ଅଥ ଅଷ୍ଟାଦଶୋଽଧ୍ୟାୟଃ (ଅଷ୍ଟାଦଶ ଅଧ୍ୟାୟଃ)

## (ମୋକ୍ଷ ସନ୍ନ୍ୟାସଯୋଗ )

ଅର୍ଜୁନ ଉବାଚ

ସନ୍ନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।
ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍ କେଶିନିଷୂଦନ ॥୧॥

*ଅନ୍ୱୟ : ଅର୍ଜୁନ ଉବାଚ ( ଅର୍ଜୁନ କହିଲେ ) ହେ ମହାବାହୋ ! ( ହେ ସର୍ବ ସମର୍ଥ ପରମ ପୁରୁଷ !) ହେ ହୃଷୀକେଶ !( ହେ ଅନ୍ତର୍ଯାମୀ ପୁରୁଷ !) ହେ କେଶିନିଷୂଦନ ! ( ହେ ବିଘ୍ନ ହରଣକାରୀ ବାସୁଦେବ !) ସନ୍ନ୍ୟାସସ୍ୟ (କର୍ମସନ୍ନ୍ୟାସ ଅର୍ଥାତ୍ ସାଙ୍ଖ୍ୟ ବା ଜ୍ଞାନ ଯୋଗର) ଚ (ଏବଂ) ତ୍ୟାଗସ୍ୟ ( କର୍ମଯୋଗ ଅର୍ଥାତ୍ କର୍ମ ଫଳ ତ୍ୟାଗର) ତତ୍ତ୍ୱ ( ତତ୍ତ୍ୱ ବା ସ୍ୱରୂପ) ପୃଥକ୍ ପୃଥକ୍ (ଅଲଗା ଅଲଗା ଭାବେ) ବେଦିତୁମ୍ (ମୁଁ ଜାଣିବାକୁ) ଇଚ୍ଛାମି (ଇଚ୍ଛା କରୁଛି ) ।*

**ଭାବାର୍ଥ** : ପୂର୍ବୋକ୍ତ ଅଧ୍ୟାୟ ମାନଙ୍କରେ ଭଗବାନଙ୍କ ବିଭୂତି ଏବଂ ଐଶ୍ୱର୍ଯ୍ୟ, ତତ୍ ସମ୍ବନ୍ଧୀୟ ଜୀବର ଜ୍ଞାନ ଓ କର୍ମକୁ ଆଧାର କରି ଜନ୍ମ-ମୃତ୍ୟୁ ଚକ୍ରରେ ଅନାଦି କାଳରୁ ଘୁରି ବୁଲୁଥିବା ଭବ ସାଗରରୁ ମୁକ୍ତି ନିମନ୍ତେ ଯେଉଁ ସନ୍ନ୍ୟାସ (ଜ୍ଞାନ ଯୋଗ) ଓ ତ୍ୟାଗ (କର୍ମଯୋଗ)ର ମାର୍ଗ କହିଛନ୍ତି, ତାହାର ତତ୍ତ୍ୱ ଅଲଗା ଅଲଗା ଭାବେ ଜାଣିବାକୁ ଅର୍ଜୁନ ଏହି ଅଧ୍ୟାୟରେ ଚାହିଁଛନ୍ତି । ପଞ୍ଚମ ଅଧ୍ୟାୟର ଆରମ୍ଭରେ କର୍ମଯୋଗ ଓ ଜ୍ଞାନଯୋଗ ଏହି ଦୁଇଟି ମଧ୍ୟରୁ କେଉଁଟି ଶ୍ରେଷ୍ଠ, ତାହା ଜାଣିବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ଏଠାରେ ଏହି ଦୁଇଟିର ତତ୍ତ୍ୱ ବା ସ୍ୱରୂପ ଜାଣିବାକୁ ଇଛା କରିଛନ୍ତି । ଅର୍ଜୁନଙ୍କ ମନରେ କର୍ମ କରିବା, କର୍ମ କରିବାରୁ ସନ୍ନ୍ୟାସ ନେବା, ତା ସଙ୍ଗେ ସଙ୍ଗେ ତ୍ୟାଗ କଣ, ତ୍ୟାଗର ପରିସର ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଭଗବାନଙ୍କଠାରୁ ଅମୃତ ବଚନ ଶୁଣିବାର ଇଚ୍ଛା ପ୍ରକଟ କରିଛନ୍ତି । ଶ୍ଳୋକରେ ଅର୍ଜୁନ କରିଥିବା 'ମହାବାହୋ' ସମ୍ବୋଧନଟି ସାମର୍ଥ୍ୟର ସୂଚକ, ହୃଷୀକେଶ ସମ୍ବୋଧନଟି ଅନ୍ତର୍ଯାମୀର ସୂଚକ ଏବଂ 'କେଶିନିଷୂଦନ' ସମ୍ବୋଧନଟି ବିଘ୍ନ ହରଣକାରୀଙ୍କ ସୂଚକ । ଅର୍ଜୁନ କେବଳ ସିଦ୍ଧାନ୍ତ ବୁଝିବା ପାଇଁ ଜିଜ୍ଞାସା କରି ନାହାନ୍ତି, ବରଂ ସିଦ୍ଧାନ୍ତ ବୁଝି ସେହି ଅନୁସାରେ ନିଜର ଜୀବନ ଗଠନ କରିବା ହେଉଛି ଲକ୍ଷ୍ୟ । ଗୀତା ସାଧନର ପରିଣାମ ହେଉଛି ସନ୍ନ୍ୟାସ ଓ ତ୍ୟାଗ । ଅର୍ଜୁନଙ୍କ ମନରେ ଜାତ ଜିଜ୍ଞାସା ଗୁଡିକ ଏପରି ମଧ୍ୟ ହୋଇପାରେ କି, ସନ୍ନ୍ୟାସ କାହାକୁ କୁହାଯିବ, ସନ୍ନ୍ୟାସର କର୍ମ ସହିତ କି ପ୍ରକାର ସମ୍ବନ୍ଧ, ସନ୍ନ୍ୟାସ ଦ୍ୱାରା କେଉଁ ଉଦ୍ଦେଶ୍ୟ ସାଧିତ ହୁଏ ଏବଂ ସେହିପରି ତ୍ୟାଗ କାହାକୁ କହନ୍ତି, ତାହାର ସାଧନ ଉପାୟ କଣ ଏବଂ

ତ୍ୟାଗର ଫଳ କଣ - ଏ ସମସ୍ତ ସମ୍ବନ୍ଧରେ ସନ୍ଦେହ ଶୂନ୍ୟ ଅମୃତ ବଚନ ଶୁଣିବା ନିମନ୍ତେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଛନ୍ତି । ତ୍ୟାଗ ବ୍ରତ ଅବଲମ୍ବନ କରିବା ଓ ଭୂତ ପ୍ରକୃତିର ତ୍ରିଗୁଣର ଊର୍ଦ୍ଧ୍ୱକୁ ଉଠି ଦିବ୍ୟସ୍ତର ପ୍ରାପ୍ତ ହେବା, ଜୀବନର ପରମ ଲକ୍ଷ୍ୟ । ତେଣୁ ଏହି ପରମ ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ସନ୍ନ୍ୟାସ ଓ ତ୍ୟାଗର ଭୂମିକା କଣ, ଏବଂ ଏଥିରେ କେଉଁ କେଉଁ କର୍ମ ସହାୟକ ଏବଂ କେଉଁ କେଉଁ କର୍ମ ବାଧକ ତାହା ଆଗକୁ ଭଗବାନ ସ୍ୱଷ୍ଟ କରିଛନ୍ତି । ସମ୍ପୂର୍ଣ୍ଣ କର୍ମତ୍ୟାଗ ପୂର୍ବକ ସନ୍ନ୍ୟାସ ସାଧନରେ କର୍ମର ପରାଧୀନତାରୁ ମୁକ୍ତି ମିଳିଥାଏ ଏବଂ କର୍ତ୍ତବ୍ୟ ନାମରେ ଆଉ କିଛି ଅବଶେଷ ରହି ନଥାଏ, ତାହା ହେଉଛି 'ବ୍ରାହ୍ମୀସ୍ଥିତି' । କର୍ମ ବନ୍ଧନରୁ କିଭଳି ମୁକୁଳିପାରିବ, ଆତ୍ମଜ୍ଞାନର ଉପାୟ, ଜ୍ଞାନର ଆବାହନ, ଜ୍ଞାନର ଉତ୍ତମ କ୍ଷେତ୍ର ଏବଂ କିଭଳି ଭାବରେ ସନ୍ନ୍ୟାସ ଓ ତ୍ୟାଗ ଅନୁଷ୍ଠାନ ଦ୍ୱାରା ସଂସାରରୁ ମନୁଷ୍ୟ ମୁକ୍ତି ପାଇପାରିବ; - ଏହି ସମ୍ପର୍କରେ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କହିଥିବା ଆଶିର୍ବଚନ ହେଉଛି ଅଷ୍ଟାଦଶ ଅଧ୍ୟାୟ । ଏହି ଅଧ୍ୟାୟରେ ପୂର୍ବ ଅଧ୍ୟାୟମାନଙ୍କରେ ଭଗବାନ ଦେଇଥିବା ସମସ୍ତ ଉପଦେଶମାନଙ୍କର ପରିପୂର୍ଣ୍ଣତା ସାଧିତ ହୋଇଅଛି । ତେଣୁ, ଅଷ୍ଟାଦଶ ଅଧ୍ୟାୟରେ ସମ୍ପୂର୍ଣ୍ଣ ଗୀତା ଶାସ୍ତ୍ର ଅବଗତ ହୋଇଥାଏ । ଏହି ଅଧ୍ୟାୟର ସର୍ବଶେଷ ଶ୍ଳୋକରେ ଭଗବାନ ଯେଉଁ ତତ୍ତ୍ୱ ନିର୍ଣ୍ଣୟ , ତାହା ଅଦ୍ୱିତୀୟ ।

କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋବିଦୁଃ ।
ସର୍ବକର୍ମଫଳତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ॥୨॥

*ଅନ୍ୱୟ : ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) କାମ୍ୟାନାଂ (ସ୍ୱର୍ଗାଦି ଫଳଦାୟକ ତଥା ଭୋଗାଦି କାମନା ଯୁକ୍ତ) କର୍ମଣାଂ (କର୍ମ ସମୂହର) ନ୍ୟାସଂ (ତ୍ୟାଗକୁ) ସନ୍ୟାସଂ (ସନ୍ନ୍ୟାସ ବୋଲି) ବିଦୁଃ (ବୁଝନ୍ତି) । ବିଚକ୍ଷଣାଃ (ଅନ୍ୟ କେତେକ ବିଦ୍ୱାନ୍ ) ସର୍ବ-କର୍ମ-ଫଳ-ତ୍ୟାଗଂ (କାମ୍ୟ ଏବଂ ନିତ୍ୟ-ନୈମିତ୍ତିକ ସମସ୍ତ କର୍ମାଦି ଫଳର ତ୍ୟାଗକୁ) ତ୍ୟାଗଂ (ତ୍ୟାଗ ବୋଲି) ପ୍ରାହୁଃ (କହନ୍ତି) ।*

**ଭାବାର୍ଥ** : ହେ ଅର୍ଜୁନ ! ଅଗ୍ନିଷ୍ଟୋମ, ଜ୍ୟୋତିଷ୍ଟୋମ, ପୁତ୍ରେଷ୍ଟି ପ୍ରଭୃତି ବିହିତ କର୍ମ ଏବଂ ସ୍ୱର୍ଗାଦି ଫଳ ଦାୟକ ତଥା ଭୋଗାଦି କାମନା ଯୁକ୍ତ କର୍ମ ସମୂହର ସ୍ୱରୂପତଃ ତ୍ୟାଗକୁ ନିପୁଣ ପଣ୍ଡିତଗଣ ସନ୍ନ୍ୟାସ ବୋଲି ଜାଣନ୍ତି । କାମ୍ୟ କର୍ମ ସମେତ ସମସ୍ତ ନିତ୍ୟ ନୈମିତ୍ତିକ କର୍ମର ଫଳ ତ୍ୟାଗକୁ ତତ୍ତ୍ୱଦର୍ଶୀଗଣ ତ୍ୟାଗ ବୋଲି କହିଥାଆନ୍ତି । ସନ୍ନ୍ୟାସ ଓ ତ୍ୟାଗର ମୌଳିକ ଅର୍ଥ ହେଉଛି 'ପରିତ୍ୟାଗ କରିବା' । ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ ମତାନୁସାରେ "ସର୍ବଥା ସନ୍ନ୍ୟାସ ଓ ତ୍ୟାଗ ଶବ୍ଦର ତ୍ୟାଗମାତ୍ର ହିଁ ଏକ ଅର୍ଥ" । ପୁତ୍ର, ଧନ ଆଦି ପ୍ରିୟ ବସ୍ତୁମାନଙ୍କ ପ୍ରାପ୍ତି ତଥା ସଙ୍କଟାଦି ସ୍ଥିତିରୁ ନିବୃତ୍ତ ପାଇଁ ଯେଉଁ ଯଜ୍ଞ, ତପ, ଦାନ ଓ ବ୍ରତ-ଉପାସନା ଆଦି କର୍ମ କରାଯାଏ, ତାହା କାମ୍ୟ ବା ସକାମ କର୍ମ ଅଟେ । ପ୍ରାୟ ସମସ୍ତ କର୍ମର ମୂଳ ହେଉଛି ମନର ପ୍ରବଳ ବାସନା ବା କାମନା । ଯେହେତୁ କାମନା ଦ୍ୱାରା ପ୍ରେରିତ ହୋଇ, କାମ୍ୟ କର୍ମ ହୋଇଥାଏ, ତାହା ଶୁଭ କିମ୍ବା ଅଶୁଭ ମଧ୍ୟ ହୋଇପାରେ । ସକାମ କର୍ମର ଫଳ ଅବଶ୍ୟ ମନୁଷ୍ୟକୁ ଭୋଗ କରିବାକୁ ପଡିଥାଏ । ଶାସ୍ତ୍ରାନୁସାରେ ଶରୀର ନିର୍ବାହ ଓ ଆତ୍ମାର ପରିପ୍ରକାଶ ନିମିତ୍ତ ପ୍ରତିଦିନ କାରାଯାଉଥିବା ଆବଶ୍ୟକ ଦୈନନ୍ଦିନ କର୍ମ ସବୁ ନିତ୍ୟ କର୍ମ ଅଟେ । ଈଶ୍ୱର ଭକ୍ତି, ଦେବତା ପୂଜା, ସନ୍ଧ୍ୟା, ଗାୟତ୍ରୀ, ଜପ, ମାତା-ପିତା ଆଦି ଗୁରୁଜନଙ୍କ ସେବା, ଯଜ୍ଞ, ତପ, ଦାନ ତଥା ବର୍ଣ୍ଣାଶ୍ରମ ଅନୁସାରେ ଜୀବିକା ପାଇଁ ଏବଂ ଦେଶ, କାଳ, ପରିସ୍ଥିତି ଆଦି କୌଣସି ନିମିତ୍ତକୁ ଆଧାର କରି କରାଯାଉଥିବା କର୍ମକୁ ନୈମିତ୍ତିକ କର୍ମ କହନ୍ତି । ଯେଉଁ ସବୁ

କର୍ମ ନ କଲେ ନୀତି, ଧର୍ମ, କର୍ମ ପରମ୍ପରାରେ ବାଧା ଉପୁଜେ ଏବଂ ଦେଶ ବା ରାଜ୍ୟର ଅନୁଶାସନର ନିୟମ ଭଙ୍ଗ ହୁଏ, ସେହି ସମସ୍ତ କର୍ମ ନୈମିତ୍ତିକ କର୍ମର ଅନ୍ତର୍ଭୁକ୍ତ । ନିତ୍ୟ-ନୈମିତ୍ତିକ କାର୍ଯ୍ୟ ବିଭିନ୍ନ ଘଟଣାବଳୀ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ଶ୍ଳୋକରେ ଭଗବାନ 'ସନ୍ୟାସ' ଓ 'ତ୍ୟାଗ' ମଧ୍ୟରେ ପ୍ରଭେଦ ଦର୍ଶାଇ ସ୍ପଷ୍ଟ କରିଛନ୍ତି କି, କାମ୍ୟ କର୍ମକୁ ସ୍ୱରୂପତଃ ପରିତ୍ୟାଗ କରି ନିତ୍ୟ ଓ ନୈମିତ୍ତିକ କର୍ମକୁ ନିଷ୍କାମ ରୂପରେ ଅନୁଷ୍ଠାନ କରିବାର ନାମ 'ସନ୍ନ୍ୟାସ' । **"ସମ୍ୟକ୍ ନ୍ୟାସଃ ସନ୍ନ୍ୟାସଃ"**-ତାତ୍ପର୍ଯ୍ୟ ହେଲା, ପ୍ରକୃତିର ବସ୍ତୁ ପ୍ରକୃତିକୁ ଅର୍ପଣ କରିଦେବା ଏବଂ ବିବେକ ଦ୍ୱାରା ପ୍ରକୃତିରୁ ନିଜର ସମ୍ବନ୍ଧ ଛିନ୍ନ କରିବାର ନାମ 'ସନ୍ନ୍ୟାସ' । କରି ନ କରିବା ଏବଂ ଥାଇ ନ ଥିବାର ଅନୁଭବତା ହେଉଛି 'ସନ୍ନ୍ୟାସ' । ଅର୍ଥାତ୍ କର୍ତ୍ତୃତ୍ୱାଭିମାନ ଶୂନ୍ୟ ଓ ରାଗ-ଦ୍ୱେଷ ରହିତ ହୋଇ କର୍ମ କରିବା ହିଁ ପ୍ରକୃତ ସନ୍ନ୍ୟାସର ଆଚରଣ । ସମସ୍ତ ବିଭକ୍ତ ପ୍ରାଣୀଙ୍କ ଭିତରେ ଅବିଭକ୍ତ ପରମାତ୍ମାଙ୍କୁ ଦେଖିବା ହେଉଛି ସନ୍ନ୍ୟାସର 'ଭାବ' ଏବଂ ପରମାତ୍ମା ତତ୍ତ୍ୱରେ ପ୍ରବିଷ୍ଟ ହେବା ହେଉଛି ସନ୍ନ୍ୟାସର ଲକ୍ଷ୍ୟ । ନିତ୍ୟ, ନୈମିତ୍ତିକ ଏବଂ କାମ୍ୟ- ସବୁ ପ୍ରକାର କର୍ମର ଅନୁଷ୍ଠାନ କରି ମଧ୍ୟ ସମସ୍ତ କର୍ମର ଫଳକୁ ସମ୍ପୂର୍ଣ୍ଣ ତ୍ୟାଗ କରିବାର ନାମ 'ତ୍ୟାଗ' । ସକାମ ଏବଂ ନିତ୍ୟ-ନୈମିତ୍ତିକ କର୍ମକୁ ସ୍ୱରୂପତଃ ତ୍ୟାଗ ନ କରି କେବଳ କର୍ମଫଳ ତ୍ୟାଗ କରିବା ହିଁ ତ୍ୟାଗ ଶବ୍ଦର ତାତ୍ପର୍ଯ୍ୟଅଟେ । କାମନା ଦ୍ୱାରା ପ୍ରେରିତ ହୋଇ ଫଳ ଭୋଗ ଆଶାରେ ଉତ୍କଣ୍ଠାର ବଶବର୍ତ୍ତୀହେଲେ ଜୀବନ ଦୁଃଖମୟ ହୋଇଯାଏ । ଈପ୍ସିତ ଫଳ ପ୍ରତି ଆସକ୍ତି ତ୍ୟାଗ ନକଲେ କାର୍ଯ୍ୟକରିବାର କ୍ଷମତା ପୂର୍ଣ୍ଣ ଉପଯୋଗ ହୋଇ ନପାରିବା ସ୍ୱାଭାବିକ । ଦୃଶ୍ୟ ପ୍ରପଞ୍ଚରୁ ମନ ଇନ୍ଦ୍ରିୟମାନଙ୍କୁ ହଟାଇ ନେବା ହେଉଛି ତ୍ୟାଗର ସାଧନ । ପରମାତ୍ମା ତତ୍ତ୍ୱରେ ସ୍ଥିତ ହୋଇ ରହିବା ତ୍ୟାଗର ଲକ୍ଷ୍ୟ । ଉଭୟ ସନ୍ନ୍ୟାସ ଏବଂ ତ୍ୟାଗ ହେଉଛି ଆମ କର୍ମର ଅନୁଶାସନ ବା ନୈତିକ ଶିକ୍ଷା । ମୁଖ୍ୟ ଓ ଗୌଣ ଭେଦରେ ସନ୍ନ୍ୟାସ ଦୁଇ ପ୍ରକାର । ଜ୍ଞାନ ଲାଭ ନିମିତ୍ତ କାମ୍ୟ ଓ ନିଷିଦ୍ଧ କର୍ମ ତ୍ୟାଗ କରି ଯେଉଁ ସନ୍ନ୍ୟାସ, ତାହା ବିବିଦିଶା ସନ୍ନ୍ୟାସ । ଜ୍ଞାନ ଲାଭପରେ ସମ୍ପୂର୍ଣ୍ଣ ସ୍ୱରୂପରୁ କର୍ମ ତ୍ୟାଗ ହେଲା ବିଦ୍ୱତ୍ (ବିଦ୍ ବତ୍ତ) ସନ୍ନ୍ୟାସ । ଏହି ଦୁଇ ପ୍ରକାର ସନ୍ନ୍ୟାସକୁ ଆଶ୍ରମ ସନ୍ନ୍ୟାସ କୁହାଯାଏ । ମୁଖ୍ୟ ସନ୍ନ୍ୟାସରେ ବୈରାଗ୍ୟ ଭାବନାର ପ୍ରବଳତା ନିତାନ୍ତ ଆବଶ୍ୟକତା ହୋଇଥାଏ। ବିନା ବୈରାଗ୍ୟ ଭାବନା ପ୍ରବଳତାରେ ଯେଉଁ ସନ୍ନ୍ୟାସ ଗ୍ରହଣ କରାଯାଏ, ତାହା ଅପେକ୍ଷା ନିଷ୍କାମ କର୍ମ ଶ୍ରେୟସ୍କର । କ୍ରମ ପଦ୍ଧତିରେ ପ୍ରଥମେ କର୍ମଫଳ ତ୍ୟାଗ ଅଭ୍ୟାସରେ ଚିତ୍ତ ଶୁଦ୍ଧ ହୁଏ । ତତ୍ ପଶ୍ଚାତ ଆତ୍ମାର ପ୍ରସନ୍ନତା ହେବାପରେ କର୍ମର ସ୍ୱରୂପତଃ ତ୍ୟାଗ ସମ୍ଭବ ହୁଏ । ପୂର୍ଣ୍ଣଜ୍ଞାନ ଅନନ୍ତର ହେଉଥିବା ସନ୍ନ୍ୟାସରେ କେବଳ କାମ୍ୟ କର୍ମ ନୁହେଁ, ଅପିତୁ ସର୍ବ କର୍ମ ତ୍ୟାଗର ବିଧାନ ରହିଅଛି । କାରଣ ପୂର୍ଣ୍ଣଜ୍ଞାନୀ ତ ନିସ୍ତ୍ରୈଗୁଣ୍ୟ ସ୍ଥିତିରେ ପ୍ରତିଷ୍ଠିତ ହୋଇଯାଏ । ଭଗବାନ ଶ୍ରୀକୃଷ୍ଣ ଭାଗବତରେ କହିଛନ୍ତି **"ତାବତ୍ କର୍ମାଣି କୁର୍ବିତ"** (୧୧-୨୦-୧୯) । ଯୋଗବଶିଷ୍ଠରେ କୁହାଯାଇଛି;- **"ନ କର୍ମାଣି ତ୍ୟଜେତ୍ ଯୋଗୀ କର୍ମଭିଃ ତ୍ୟଜେତେ ହ୍ୟସାବିତି"**- ଅର୍ଥାତ୍ ଯୋଗୀ କର୍ମକୁ ତ୍ୟାଗ ନକରି, ଏକ ଉନ୍ନତ ସ୍ଥିତିରେ କର୍ମ ହିଁ ଯୋଗୀକୁ ପରିତ୍ୟାଗ କରିଦେବ । ନିଷିଦ୍ଧ ବୋଲି ହିଁ ନିଷିଦ୍ଧ କର୍ମ ସ୍ୱଭାବତଃ ପରିତ୍ୟକ୍ତ ହୋଇଥାଏ । ସନ୍ନ୍ୟାସ ଗ୍ରହଣ ପରେ କାମନା, ବାସନା ଶୂନ୍ୟ କାରଣରୁ କାମ୍ୟ କର୍ମ ନଥାଏ । ଫଳ ତ୍ୟାଗ ଫଳରେ ଏହା ପ୍ରକୃତ ତ୍ୟାଗ ବୋଲି ସିଦ୍ଧ ହୋଇଯାଏ । ଏହିପରି ଭାବରେ ସମ୍ପୂର୍ଣ୍ଣ କର୍ମ ଶେଷରେ ଆତ୍ମଜ୍ଞାନ ନିଜେ ଖୋଜିଖୋଜି ଆସି ସାଧକର ଦ୍ୱାରା ଦେଶରେ

ଉପସ୍ଥିତ ହୁଏ । ତେଣୁ ଯାହା ତ୍ୟାଗ କରିବା ଉଚିତ ନୁହେଁ, ତାହା ତ୍ୟାଗ ନକରିବା ଆବଶ୍ୟକ । ସୁଚିନ୍ତିତ ବିଚାରକୁ ଉପେକ୍ଷା କରି, କେବଳ ଅନୁମାନରେ କର୍ମ ତ୍ୟାଗ କରିବାରେ ତାହା ମୁକ୍ତିର ସହାୟକ ନ ହୋଇ ବରଂ ବନ୍ଧନର କାରଣ ହୁଏ । ଏହା ହେଉଛି ଭାଗବତ୍ ଗୀତାର ଉପଦେଶ ।

ତ୍ୟାଜ୍ୟଂ ଦୋଷବଦିତ୍ୟେକେ  କର୍ମ ପ୍ରାହୁର୍ମନୀଷିଣଃ ।
ଯଜ୍ଞଦାନତପଃକର୍ମ   ନ   ତ୍ୟାଜ୍ୟମିତି  ଚାପରେ ॥୩॥

*ଅନ୍ୱୟ: ଏକେ (କେହି କେହି ) ମନୀଷିଣଃ (ସାଙ୍ଖ୍ୟବାଦୀ ପଣ୍ଡିତଗଣ ) କର୍ମ (କର୍ମମାତ୍ରେ ହିଁ) ଦୋଷବତ୍ (ଦୋଷଯୁକ୍ତ ଅର୍ଥାତ୍ ବନ୍ଧନର କାରଣ ) ଇତି (ବୋଲି) ତ୍ୟାଜଂ (ତ୍ୟାଜ୍ୟ) ପ୍ରାହୁ (କହନ୍ତି) ଅପରେଚ  (ଅନ୍ୟ କେହି କେହି ମୀମାଂସକଗଣ) ଯଜ୍ଞ-ଦାନ-ତପଃ-କର୍ମ ( ଯଜ୍ଞ, ଦାନ ଓ ତପସ୍ୟା ରୂପକ କର୍ମ) ନ ତ୍ୟାଜ୍ୟମ୍ ( ତ୍ୟାଗ କରିବା ଉଚିତ ନୁହେଁ ) ଇତି (ବୋଲି କହନ୍ତି ) ।*

**ଭାବାର୍ଥ** : କେହି କେହି ସାଙ୍ଖ୍ୟବାଦୀ ବିଦ୍ୱାନ୍ ଜନ ଏହିପରି କହିଥାନ୍ତି କି, କର୍ମ  ମାତ୍ରେ ଦୋଷଯୁକ୍ତ । କର୍ମ କେବେ ବି ଦୋଷଶୂନ୍ୟ ହୋଇ ନପାରେ । ସମସ୍ତ କର୍ମ ବାସନା ଉତ୍ପନ୍ନ କରନ୍ତି । ଏହି ବାସନା ଆତ୍ମାକୁ ଆବୃତ୍ତ କରିଦିଏ । ଏହିମାନଙ୍କ ବିଚାରରେ ସମସ୍ତ କର୍ମ ନିଷିଦ୍ଧ କର୍ମ ସାଦୃଶ୍ୟ ଦୋଷଯୁକ୍ତ । ଏହିପରି ବୁଝି, ସମସ୍ତ କର୍ମ ପରିତ୍ୟାଗ କରିବା ଉଚିତ  । ଅନ୍ୟ କେହି କେହି ମୀମାଂସକ ଗଣ ମତ ରଖନ୍ତି କି;  ଯଜ୍ଞ, ଦାନ, ତପସ୍ୟା ରୂପକ ବିହିତ କର୍ମ ଆଦୌ ତ୍ୟାଜ୍ୟ ନୁହେଁ । କାରଣ ସୁଚିନ୍ତିତ ବିଚାରକୁ ଉପେକ୍ଷା କରି କର୍ମତ୍ୟାଗରେ ପ୍ରତ୍ୟବାୟୀ (ବିପରୀତ ପ୍ରଭାବ) ହୁଏ । ସମସ୍ତ କର୍ମ ତ୍ୟାଗ କରିବାରେ ଜୀବନ ନିର୍ବାହ ମଧ୍ୟ ଅସମ୍ଭବ ହୋଇ ପଡିବ । ଏଠାରେ ଯାହା ସବୁ କର୍ମ ବିଷୟ କୁହାଯାଇଛି, ତାହା ସମସ୍ତ କର୍ମଯୋଗୀଙ୍କୁ ଉପଲକ୍ଷ କରି କୁହାଯାଇଛି । କାରଣ ଜ୍ଞାନଯୋଗୀ ଓ ସନ୍ୟାସଗଣ ସାଂସାରିକତାର ଉର୍ଦ୍ଧ୍ୱ ସ୍ତରକୁ ଉଠିଥିବା କାରଣରୁ ସେମାନଙ୍କ ବିଚାର ନିମନ୍ତେ ଏହି ମତଦ୍ୱୈଧ ଉପୁଜୁଥାଏ । ବୈଦିକ ସାହିତ୍ୟରେ ଅନେକ ପ୍ରକାର କର୍ମର ବର୍ଣ୍ଣନା ରହିଛି, ଫଳରେ ସ୍ୱରୂପରୁ କର୍ମତ୍ୟାଗ ସମ୍ବନ୍ଧରେ ଅନେକ ମତଭେଦ ଦେଖାଯାଏ । କେତେକ ସାଙ୍ଖ୍ୟବାଦୀଙ୍କ ମତ କି, ଯଜ୍ଞାଦିରେ ପଶୁବଳୀ ପରି ହିଂସା ଏବଂ ଘୃଣ୍ୟକାର୍ଯ୍ୟ କେବେ ବି ଦୋଷ ରହିତ ହୋଇ ନପାରେ ।  କର୍ମ କରିବା ମାତ୍ରେ କିଛି ନା କିଛି ପାପ ସହିତ ସମ୍ବନ୍ଧ ହୋଇଯାଏ । ତେଣୁ ସବୁ ପ୍ରକାର କର୍ମ ସର୍ବଦା ତ୍ୟାଜ୍ୟ ଅଟେ । ଅପର ପକ୍ଷରେ ଅନ୍ୟ କେତେକ ମୀମାଂସକ ଲୋକଙ୍କ ବିଚାରରେ ଯଜ୍ଞ ଆଦି କର୍ମ ଶାସ୍ତ୍ର ବିହିତ କାରଣରୁ ତ୍ୟାଜ୍ୟ ନୁହଁ । ଯେଉଁ ପର୍ଯ୍ୟନ୍ତ କର୍ମର ଅଧିକାର ରହିଥାଏ, ସେ ପର୍ଯ୍ୟନ୍ତ ଯଜ୍ଞ, ତପ, ଦାନ ଆଦି କର୍ମ କରିବା ବିଧେୟ । ଯଜ୍ଞାନୁଷ୍ଠାନ ଦ୍ୱାରା ଜଗତ କଲ୍ୟାଣ ହୁଏ ଏବଂ ଅନୁଷ୍ଠାନକାରୀଙ୍କ ଅନ୍ତଃକରଣ ଶୁଦ୍ଧ ହୁଏ । ତପସ୍ୟା ଦ୍ୱାରା ଇନ୍ଦ୍ରିୟମାନେ ସଂଯତ ହୋଇ ଭଗବତ୍ ଚିନ୍ତନରେ ଲାଗି ରହନ୍ତି । ଦାନ ଦ୍ୱାରା ଧନ ସମ୍ପତ୍ତି ପ୍ରତି ଯେଉଁ ମମତ୍ୱ ଥାଏ, ତାହା  ଶୁଦ୍ଧି ପ୍ରାପ୍ତହୁଏ । ଏହିପରି କର୍ମ ତ୍ୟାଗକୁ ନେଇ ନାନା ବିରୁଦ୍ଧ ମତବାଦ ରହିଛି । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କେବଳ ଦୋଷଯୁକ୍ତ କର୍ମ ତ୍ୟାଗ କରିବାକୁ ଏବଂ ସମର୍ପିତ ଭାବେ ଆଧ୍ୟାତ୍ମିକ କର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି । ମାନବ ସମାଜକୁ ଆହ୍ୱାନ ଦେଇ ଭଗବାନ ଶ୍ରୀକୃଷ୍ଣ  ଗୀତାରେ କହିଛନ୍ତି କି, “କର୍ମ ହିଁ ହେଉଛି ପରମାତ୍ମାଙ୍କ ପାଇଁ ମହାନ୍ ଶ୍ରଦ୍ଧା” ।

ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ।
ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସମ୍ପ୍ରକୀର୍ତ୍ତିତଃ ॥୪॥

*ଅନ୍ୱୟ: ଭରତସତ୍ତମ( ହେ ଭାରତ ଶ୍ରେଷ୍ଠ ଅର୍ଜୁନ !) ତତ୍ର (ସନ୍ନ୍ୟାସ ଓ ତ୍ୟାଗଏହି ଦୁଇଟି ମଧ୍ୟରୁ) ତ୍ୟାଗେ (ତ୍ୟାଗ ସମ୍ବନ୍ଧରେ) ମେ (ମୋର) ନିଶ୍ଚୟଂ (ନିଶ୍ଚିତ ମତ ଅର୍ଥାତ୍ ସିଦ୍ଧାନ୍ତ) ଶୃଣୁ (ଶ୍ରବଣ କର) ପୁରୁଷ ବ୍ୟାଘ୍ର (ହେ ପୁରୁଷ ଶ୍ରେଷ୍ଠ) ତ୍ୟାଗ ହି ( ତ୍ୟାଗ ହିଁ ) ତ୍ରିବିଧଃ (ଗୁଣ ଭେଦରେ ତିନି ପ୍ରକାର ) ସମ୍ପ୍ରକୀର୍ତ୍ତିତଃ ଶାସ୍ତ୍ରରେ ସମ୍ୟକ୍ ରୂପେ କଥିତ ହୋଇଛି ) ।*

**ଭାବାର୍ଥ** : ହେ ଭରତଶ୍ରେଷ୍ଠ ଅର୍ଜୁନ ! ସନ୍ନ୍ୟାସ ଓ ତ୍ୟାଗ- ଏହି ଦୁଇଟି ମଧ୍ୟରୁ 'ତ୍ୟାଗ' ସମ୍ବନ୍ଧରେ ମୋର ନିଶ୍ଚିତ ମତ ଅର୍ଥାତ୍ ସିଦ୍ଧାନ୍ତ ତୁମ୍ଭେ ଶୁଣ । ହେ ପୁରୁଷଶ୍ରେଷ୍ଠ ! ଗୁଣଭେଦ ଅନୁଯାୟୀ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ-ଏହିପରି ତ୍ୟାଗ ତିନି ପ୍ରକାର ବୋଲି ଶାସ୍ତ୍ରରେ ସମ୍ୟକ୍ ରୂପେ କଥିତ ଅଛି । ପୂର୍ବ ଦୁଇଟି ଶ୍ଳୋକରେ ଭଗବାନ ଦାର୍ଶନିକ ବିଦ୍ୱାନ୍ ମାନଙ୍କ ଚାରି ପ୍ରକାର ମତ ସମ୍ପର୍କରେ ବର୍ଣ୍ଣନା କରିସାରି ଏବେ ତିନୋଟି ଶ୍ଳୋକରେ ପ୍ରଥମେ ତ୍ୟାଗ ବିଷୟରେ ନିଜର ମତ ବ୍ୟକ୍ତ କରୁଛନ୍ତି । ଗୀତାରେ ଭଗବାନ ସ୍ୱୟଂ ଉପସ୍ଥିତ ରହିଛନ୍ତି ଏବଂ ତାଙ୍କରି ବାଣୀକୁ ସର୍ବଶେଷ ସିଦ୍ଧାନ୍ତ ବୋଲି ଗ୍ରହଣ କରାଯିବା ଉଚିତ । ଅର୍ଜୁନ ତାଙ୍କରି ଶ୍ରେଷ୍ଠ ଗୁଣବତ୍ତାକୁ ଜାଗ୍ରତ କରିବା ପାଇଁ ଭଗବାନ ଏଠାରେ ଭରତସତ୍ତମ ଏବଂ ପୁରୁଷବ୍ୟାଘ୍ର ବୋଲି ତାଙ୍କୁ ସମ୍ବୋଧନ କରିଛନ୍ତି । ଭୂତ ପ୍ରକୃତିର ତ୍ରିଗୁଣ ଅନୁଯାୟୀ ତ୍ୟାଗ ବିଧିକୁ ବିଚାର କରାଯିବା ଉଚିତ । ଭଗବାନଙ୍କ ମତ ଅନୁସାରେ ସାତ୍ତ୍ୱିକ ତ୍ୟାଗ ହିଁ ପ୍ରକୃତ ତ୍ୟାଗ । ମନୁଷ୍ୟ ଜୀବାତ୍ମାର ମୋକ୍ଷ ନିମନ୍ତେ ସାତ୍ତ୍ୱିକ ତ୍ୟାଗକୁ ଗ୍ରହଣ କରି ରାଜସ ଓ ତାମସିକ ତ୍ୟାଗକୁ ପରିତ୍ୟାଗ କରନ୍ତୁ । ରାମାନୁଜାଚାର୍ଯ୍ୟ ତ୍ୟାଗକୁ ଯେଉଁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି; ତାହା ହେଉଛି (୧)କର୍ମଫଳର ତ୍ୟାଗ (୨) ଭୋକ୍ତୃତ୍ତ୍ୱ ଭାବର ତ୍ୟାଗ (୩) କର୍ତ୍ତୃତ୍ୱ ଭାବର ତ୍ୟାଗ । ଏହି ସାଂସାରିକ ଜଞ୍ଜାଳରୁ ଯେ' ମୁକ୍ତି ଲାଭ କରିବାକୁ ଚାହେଁ, ସେ ଆନ୍ତରିକ ଭାବେ ତ୍ୟାଗର ବାସ୍ତବ ପ୍ରକୃତି କ'ଣ ଜାଣିବା ଲାଗି ସ୍ୱୟଂ ଉଦ୍ୟମ କରିବା ଆବଶ୍ୟକ । ଏଠାରେ ସନ୍ନ୍ୟାସ ଓ ତ୍ୟାଗ ଉଭୟ ବିଷୟରେ କରାଯାଇଥିବା ଅର୍ଜୁନଙ୍କ ପ୍ରଶ୍ନର କେବଳ ତ୍ୟାଗ ସମ୍ବନ୍ଧୀୟ ନିଜର ନିର୍ଣ୍ଣୟ ରଖି ଭଗବାନ ଏହା କହିବାକୁ ଚାହୁଁଛନ୍ତି କି; 'ସନ୍ନ୍ୟାସ' ଓ 'ତ୍ୟାଗ' ଏକ । ଶ୍ରୀ ଶଙ୍କାରାଚାର୍ଯ୍ୟ ମଧ୍ୟ କହିଛନ୍ତି କି; ସାତ୍ତ୍ୱିକ, ରାଜସ ଓ ତାମସ ଭେଦରେ ଭଗବାନ କହିଥିବା ତିନି ପ୍ରକରଣ ତାହା ଶୁଦ୍ଧ ଜ୍ଞାନନିଷ୍ଠ ସନ୍ନ୍ୟାସୀଙ୍କ ନିମନ୍ତେ ନୁହେଁ, ଅପିତୁ କର୍ମରେ ଅଧିକୃତ ବ୍ୟକ୍ତି ନିମନ୍ତେ ପ୍ରଯୁଜ୍ୟ ।

ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବା ତତ୍ ।
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥୫॥

*ଅନ୍ୱୟ : ଯଜ୍ଞ-ଦାନ -ତପଃ-କର୍ମ (ଯଜ୍ଞ, ଦାନ ଓ ତପସ୍ୟା ରୂପକ କର୍ମ ) ନ ତ୍ୟାଜ୍ୟଂ ( ତ୍ୟାଗ କରିବା ଉଚିତ ନୁହେଁ ) ତତ୍ (ବରଂ ସେଗୁଡ଼ିକୁ ) କାର୍ଯ୍ୟଂ ଏବ ( ଅବଶ୍ୟ କରିବା ଉଚିତ ) ଯଜ୍ଞଃ-ଦାନଂ-ତପଃ (କାରଣ ଯଜ୍ଞ, ଦାନ ଓ ତପ) ଚ ଏବ (ଏହି ତିନି ପ୍ରକାର କର୍ମ ହିଁ ) ମନୀଷିଣାମ୍ (ବୁଦ୍ଧିମାନ୍ ପୁରୁଷମାନଙ୍କୁ ) ପାବନାନି (ପବିତ୍ର କରେ-ଚିତ୍ତ ଶୁଦ୍ଧି କରେ ) ।*

**ଭାବାର୍ଥ** : ଯଜ୍ଞ, ଦାନ ଓ ତପସ୍ୟା ରୂପକ କର୍ମ ତ୍ୟାଗ କରିବା ଯୋଗ୍ୟ ନୁହେଁ । ସେଗୁଡ଼ିକ ଅବଶ୍ୟ କରଣୀୟ । କାରଣ ଲୋକ କଲ୍ୟାଣ ତଥା ଆତ୍ମ-କଲ୍ୟାଣ ଉଦ୍ଦେଶ୍ୟ ରଖି ନିଷ୍କାମ ଭାବରେ ଯଜ୍ଞ, ତପ ଓ ଦାନ କର୍ମାନୁଷ୍ଠାନ ଦ୍ୱାରା ଫଳକାଙ୍କ୍ଷୀ ତ୍ୟାଗୀମାନଙ୍କ ଅନ୍ତଃକରଣ ଶୁଦ୍ଧି ହୁଏ ଏବଂ ସମସ୍ତ କର୍ମ ବନ୍ଧନ ତୁଟିଯାଏ । 'ମନୀଷୀ' ପଦର ଅର୍ଥ ବିଚାରଶୀଳ ବ୍ୟକ୍ତି । ଯେଉଁ କର୍ମ ନିଷ୍କାମ ଭାବରେ ଆତ୍ମ-କଲ୍ୟାଣ ତଥା ଜଗତ-କଲ୍ୟାଣ ନିମିତ୍ତ କରାଯାଏ, ତାହା ପବିତ୍ରକାରକ ହୁଏ, ଅର୍ଥାତ୍ ଦୁର୍ଗୁଣ, ଦୁରାଚାର, ପାପ ପ୍ରଭୃତି ମଳ

ନାଶକରି ମହାନ ଆନନ୍ଦ ପ୍ରଦାୟକ ହୁଏ । ଭୋଗ କାମନା ସହ ଦମ୍ଭ, ଅହଂକାର ସଂଯୁକ୍ତ ଯଜ୍ଞ, ତପ, ଦାନ କର୍ମ ଆଦି ପବିତ୍ର ପରିବର୍ତ୍ତେ ବନ୍ଧନର କାରଣ ହୁଅନ୍ତି । 'ଚ -ଏବ' ପଦର ତାତ୍ପର୍ଯ୍ୟ ହେଲା; ନିତ୍ୟ, ନୈମିତ୍ତିକ ଅଥବା ଜୀବିକା ଓ ଶରୀର ସମ୍ବନ୍ଧୀୟ ଯେତେ କର୍ତ୍ତବ୍ୟ କର୍ମ ରହିଛି, ସେଗୁଡିକ ଅବଶ୍ୟ କରିବା ଉଚିତ । ସତ୍ୟଯୁଗରେ ତପସ୍ୟା ହିଁ ଶ୍ରେଷ୍ଠ ସାଧନ ରୂପେ ପରିଗଣିତ ହେଉଥିଲା । ସେଭଳି ତ୍ରେତାରେ ବ୍ରହ୍ମପ୍ରାପ୍ତି ନିମିତ୍ତ ଜ୍ଞାନ ମାର୍ଗ ଓ ଦ୍ୱାପରରେ ବିଧି ଅନୁଯାୟୀ ଯାଗ-ଯଜ୍ଞାଦି ଅନୁଷ୍ଠାନ ଶ୍ରେଷ୍ଠ ସାଧନ ଥିଲା । ବର୍ତ୍ତମାନ କଳିରେ ଏକମାତ୍ର 'ଦାନ' ହିଁ ଶ୍ରେଷ୍ଠ ସାଧନ । ଗୀତା ଉପଦେଶାନୁସାରେ ସତ୍ ପାତ୍ରରେ ଜ୍ଞାନ ଦାନ, ଅନ୍ନ ଦାନ, ବିଦ୍ୟା ଦାନ, ପ୍ରାଣ ଦାନ ପ୍ରଭୃତି ଅର୍ପଣ କରିବାରେ ଦାତା ଓ ଗ୍ରହୀତାଙ୍କ କଲ୍ୟାଣ ହୋଇଥାଏ । ଯଜ୍ଞ କର୍ମ ଭଗବତ୍ ପ୍ରାପ୍ତି ନିମିତ୍ତ ଉଦ୍ଦିଷ୍ଟ । ଆତ୍ମା ସତ୍ତା ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ନ ହେବା ଯାଏଁ, କେହି ଯୋଗ ଆଦି କର୍ମକୁ ତ୍ୟାଗ କରିବା ଅନୁଚିତ । ପ୍ରତ୍ୟେକ ମନୁଷ୍ୟ ନିଜ ଅବସ୍ଥା ଅନୁଯାୟୀ ନିର୍ଦ୍ଦିଷ୍ଟ ବିଧି ବିଧାନକୁ ଅନୁସରଣ କରି ନିରନ୍ତର ଯଜ୍ଞ, ତପ, ଦାନ ଆଦି କର୍ମ କରିବା ଉଚିତ । ବ୍ରହ୍ମଚର୍ଯ୍ୟ, ଗୃହସ୍ଥ ଏବଂ ବାନପ୍ରସ୍ଥ- ଏହି ତିନି ଆଶ୍ରମରେ ମଧ୍ୟ ପ୍ରତ୍ୟେକଙ୍କ ନିମନ୍ତେ କର୍ମ ନିଯୁକ୍ତ ରହିଛି । ଗୃହସ୍ଥଙ୍କ ନିମନ୍ତେ ଯଜ୍ଞ କର୍ମ, ବାନପ୍ରସ୍ଥଙ୍କ ନିମନ୍ତେ ତପସ୍ୟା ରୂପକ କର୍ମ ଏବଂ ବ୍ରହ୍ମଚାରୀଙ୍କ ନିମନ୍ତେ ଆଚାର୍ଯ୍ୟ ଶୁଶ୍ରୁଷା ତଥା ଶାସ୍ତ୍ର ଅଧ୍ୟୟନ ଭଳି କର୍ମମାନ ଉଦ୍ଦିଷ୍ଟ ।

ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ ।
କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ॥୬॥

*ଅନ୍ୱୟ: ହେ ପାର୍ଥ! ( ହେ ଅର୍ଜୁନ ! ) ଏତାନି ( ଏହି ଯଜ୍ଞ, ଦାନ ଓ ତପ ରୂପକ ) କର୍ମାଣି (କର୍ମ ସମୂହ) ତୁ (ତଥା) ଅପି (ଅନ୍ୟାନ୍ୟ କର୍ମ ମଧ୍ୟ) ସଙ୍ଗମ୍ (ଆସକ୍ତି) ଚ (ଓ) ଫଳାନି (ଫଳେଚ୍ଛା-ଫଳାକାଙ୍କ୍ଷା) ତ୍ୟକ୍ତ୍ୱା (ତ୍ୟାଗକରି ) କର୍ତ୍ତବ୍ୟାନି (ଅବଶ୍ୟ କରିବା ଉଚିତ ) ଇତି (ଏହି) ମେ (ମୋର) ନିଶ୍ଚିତମ୍ (ନିଶ୍ଚିତ) ଉତ୍ତମମ୍ (ଶ୍ରେଷ୍ଠ) ମତମ୍ (ମତ ବା ସିଦ୍ଧାନ୍ତ) ।*

**ଭାବାର୍ଥ** : ହେ ପାର୍ଥ ! ଯଜ୍ଞ, ଦାନ ଓ ତପ ରୂପକ କର୍ମ ତଥା ନିତ୍ୟ ନୈମିତ୍ତିକ କର୍ମ ଆଦି ମଧ୍ୟ ମମତ୍ୱ, ଆସକ୍ତି ଓ ଫଳେଚ୍ଛା ତ୍ୟାଗକରି କେବଳ ଈଶ୍ୱରାଧାନା ରୂପେ କରିବା ଉଚିତ । ଏହା ମୋର ନିଶ୍ଚିତ ଆଉ ଶ୍ରେଷ୍ଠତ୍ତମ ମତ । 'ତୁ' ଏବଂ 'ଅପି' ପ୍ରୟୋଗ କରି ଯଜ୍ଞ ତପ ଆଦି ବ୍ୟତୀତ ଶରୀର ସମ୍ବନ୍ଧୀୟ ଯେତେ ଶାସ୍ତ୍ର ବିହିତ କର୍ତ୍ତବ୍ୟ କର୍ମ ରହିଛି, ସେହି ସବୁର ସମାହାର କରାଯାଇଛି । ସକଳ ପ୍ରକାର କର୍ମରୁ ଫଳେଚ୍ଛା ତ୍ୟାଗ କରିଦେଲେ ମଧ୍ୟ ଯଦି ସେହି କର୍ମ ମାନଙ୍କରେ ମମତ୍ୱ ଏବଂ ଆସକ୍ତି ରହିଯାଏ, ତେବେ ସେ' ସବୁ କର୍ମ ବନ୍ଧନ କାରକ ହୋଇଯାଏ । କୌଣସି ପ୍ରକାର ଫଳାକାଙ୍କ୍ଷା, ଦେହାଭିମାନ, ଭୋକ୍ତାପନ ଏବଂ ଆସକ୍ତି ନରଖି କର୍ମ କରିବାରେ ମନରୁ ରଜଃ ଓ ତମୋଗୁଣ ନାଶ ହୋଇ ସତ୍ତ୍ୱଗୁଣର ଅଭିବୃଦ୍ଧି ହୁଏ । ସତ୍ତ୍ୱଗୁଣ ବୃଦ୍ଧିରେ ସତ୍କର୍ମ ହେବା ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏ, ଯାହା ମୋକ୍ଷର ସହାୟକ । କର୍ମ ପ୍ରତି ଆସକ୍ତି ବା ସମ୍ବନ୍ଧ ସୂକ୍ଷ୍ମ ହୋଇଥିବା ବେଳେ କର୍ମଫଳ ସ୍ଥୂଳ ଅଟେ । ନିଜର ପ୍ରବଳ କାମନା ପୂର୍ତ୍ତି ନିମନ୍ତେ ଚେଷ୍ଟା କରିବା ସମୟରେ ବାହ୍ୟ ଜଗତ ଓ ବସ୍ତୁ ସହିତ ମନର ଯେଉଁ ଗଭୀର ସମ୍ପର୍କ, ତାହା ହିଁ ହେଉଛି ଆସକ୍ତି । ଉଦାହରଣ ହେଲା; କ୍ଷୁଧା ମେଣ୍ଟାଇବା ପାଇଁ ଆହାର ଆବଶ୍ୟକ । କିନ୍ତୁ ମନ ଜିହ୍ୱା ଲାଳସାକୁ ପୂର୍ତ୍ତି କରିବାକୁ ଯାଇ ନିର୍ଦ୍ଦିଷ୍ଟ ସୁସ୍ୱାଦ ଖାଦ୍ୟ ପ୍ରତି ଆଗ୍ରାହାନ୍ୱିତ ହେବା ହେଲା ଆସକ୍ତି । ପ୍ରକୃତି ଓ ତାହାର କାର୍ଯ୍ୟ ଶରୀରାଦି

ଆମର ନୁହେଁ । ଅଥଚ ସେଗୁଡିକୁ ଆମେ ନିଜର ମାନି ନେଇଛୁ । ତେଣୁ ଏହି ଆତ୍ମୀୟ ଭାବନା ତ୍ୟାଗ କରିବାକୁ ହେବ । ଚେତନା ସ୍ୱରୂପର ନାଶବାନ୍ ସହିତ ସମ୍ବନ୍ଧରୁ ଆସକ୍ତି ଜାତ ହୁଏ ଏବଂ ଆସକ୍ତି କାରଣରୁ କର୍ମ ସୁଖ-ଦୁଃଖ ଓ ବନ୍ଧନର କାରଣ ହୁଏ । ତ୍ୟାଗର ତତ୍ତ୍ୱ ବୁଝାଇ ଏହି ଶ୍ଳୋକରେ ବର୍ତ୍ତମାନ କରାଯାଉଥିବା କର୍ମର ଭବିଷ୍ୟତ ଫଳ ପାଇଁ ଆସକ୍ତି ଏବଂ ଉତ୍କଣ୍ଠା ତ୍ୟାଗ କରିବା ହିଁ ହେଉଛି ଭଗବାନଙ୍କ ସିଦ୍ଧାନ୍ତର ମୁଖ୍ୟ ଅଙ୍ଗ ।

ନିୟତସ୍ୟ ତୁ ସଂନ୍ୟାସଃ କର୍ମଣୋ ନୋପପଦ୍ୟତେ ।
ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ॥୭॥

*ଅନ୍ୱୟ : ନିୟତସ୍ୟ କର୍ମଣଃ (ନିୟତ କର୍ମର) ସନ୍ନ୍ୟାସଃ (ସ୍ୱରୂପତଃ ତ୍ୟାଗ କରିଦେବା ବା ଅକରଣ ) ନ ଉପପଦ୍ୟତେ (ଯୁକ୍ତି ଯୁକ୍ତ ହୁଏନାହିଁ ) ମୋହାତ୍ ( ମୋହ ବଶତଃ ) ତସ୍ୟ (ଏହି ନିତ୍ୟ କର୍ମର ) ପରିତ୍ୟାଗଃ (ତ୍ୟାଗ କରିଦେବା) ତାମସଃ (ତାମସ ଅର୍ଥାତ୍ ଅଜ୍ଞାନ ପ୍ରଣୋଦିତ ବୋଲି) ପରିକୀର୍ତ୍ତିତ (କଥିତ ହୁଏ ) ।*

**ଭାବାର୍ଥ** : ନିୟତ କର୍ମର ସ୍ୱରୂପତଃ ତ୍ୟାଗ କରିଦେବା ଯୁକ୍ତି ଯୁକ୍ତ ହୋଇ ନଥାଏ । ମୋହ ବଶତଃ ଏହି ନିତ୍ୟ କର୍ମ ନ କରିବା କିମ୍ବା ନିୟତ କର୍ମକୁ ସ୍ୱରୂପତଃ ସମ୍ପୂର୍ଣ୍ଣ ଭାବେ ତ୍ୟାଗ କରିବାରେ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ମତ ନାହିଁ । ଏହି ପ୍ରକାର ତ୍ୟାଗ ତାମସ ଅର୍ଥାତ୍ ଆଜ୍ଞାନ ପ୍ରଣୋଦିତ ବୋଲି କଥିତ ହୁଏ । ଅର୍ଜୁନ ଯୁଦ୍ଧ କରିବାରୁ ବିରତ ରହି ସ୍ୱରୂପତଃ କର୍ମ ତ୍ୟାଗ କରିବାକୁ ଚାହୁଁଥିଲେ । ତେଣୁ ତିନି ପ୍ରକାର ତ୍ୟାଗର ବର୍ଣ୍ଣନା କରି ଭଗବାନ ଅର୍ଜୁନଙ୍କୁ ଏବଂ ଭବିଷ୍ୟତର ମାନବ ସମାଜକୁ ସଚେତନ କରିଦେଇଛନ୍ତି କି, କୌଣସି ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂସାର କଲ୍ୟାଣ କର୍ମରୁ ନିବୃତ୍ତ ରହେ, ତେବେ ସେହି ପ୍ରକାର କର୍ମ ତ୍ୟାଗକୁ ତାମସିକ ତ୍ୟାଗ କୁହାଯାଏ । ଶାସ୍ତ୍ରମାନେ ଯେଉଁ କର୍ମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ସେ' ସବୁ ବିହିତ କର୍ମ । ବିହିତ କର୍ମ ଭିତରୁ ବର୍ଣ୍ଣ, ଆଶ୍ରମ, ଯୋଗ୍ୟତା ଓ ପରିସ୍ଥିତି ଅନୁସାରେ ଯାହାଙ୍କ ପାଇଁ ଯେଉଁ କର୍ତ୍ତବ୍ୟ ଆବଶ୍ୟକ, ସେହି କର୍ମକୁ ତାଙ୍କ ପାଇଁ ନିୟତ କର୍ମ କୁହାଯାଏ । ଯଥା; ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରି ବର୍ଣ୍ଣ ମଧ୍ୟରୁ, ଯେଉଁ ବର୍ଣ୍ଣ ପାଇଁ ଜୀବିକା ଓ ଶରୀର ନିର୍ବାହ ସମ୍ବନ୍ଧୀୟ ଯେଉଁ ସବୁ ନିୟମ ରହିଛି, ସେହି ସେହି ବର୍ଣ୍ଣ ପାଇଁ ସେ ସବୁ ନିୟତ କର୍ମ । ବଳିବୈଶ୍ୱଦେବ ଆଦି ଯଜ୍ଞ କରିବା, ଗୃହସ୍ଥ ଧର୍ମ ଅନୁସାରେ ଅତିଥି ଅଭ୍ୟାଗତଙ୍କୁ ଅନ୍ନ, ଜଳ ଇତ୍ୟାଦି ଦାନ ଦେବା, ଶ୍ରାଦ୍ଧ-ତର୍ପଣ ଦିବସରେ ବ୍ରାହ୍ମଣ ଭୋଜନ ଓ ଦକ୍ଷିଣା ଦେବା, ମାତା-ପିତାଙ୍କ ସେବା ଶୁଶ୍ରୁଷା କରିବା, ଶରୀର ପାଇଁ ଆବଶ୍ୟକ ଶୌଚ-ସ୍ନାନ ଏବଂ ଆତ୍ମା କଲ୍ୟାଣ ନିମିତ୍ତ ଶାସ୍ତ୍ର ଅଧ୍ୟୟନ ତଥା ସତ୍-ସଙ୍ଗ ଆଦି ନିୟମିତ କରିବା- ପ୍ରଭୃତି ନିୟତ କର୍ମ ଅନ୍ତର୍ଭୁକ୍ତ । ଏହି ସମସ୍ତ ନିୟତ କର୍ମ ଆଳସ୍ୟ ଓ ପ୍ରମାଦ ବଶତଃ ପରିତ୍ୟାଗ କରିବା ତାମସ ତ୍ୟାଗର ଉଦାହରଣ ଯାହା ଦୋଷାବହ ଅଟେ । ତାମସ ଗୁଣ ସମ୍ପନ୍ନ ବ୍ୟକ୍ତି ନା ନା ପ୍ରକାର ଭ୍ରମରେ ପଡି ବିଧି ପୂର୍ବକ କର୍ମାନୁଷ୍ଠାନ ତ୍ୟାଗକରି ସଂସାର ଦୁଃଖ ଯନ୍ତ୍ରଣାରେ ପୀଡିତ ହୋଇଥାନ୍ତି ।

ଦୁଃଖମିତ୍ୟେବ ଯତ୍ କର୍ମ କାୟକ୍ଳେଶଭୟାତ୍ ତ୍ୟଜେତ୍ ।
ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥ ୮॥

*ଅନ୍ୱୟ : ଯତ୍ କର୍ମ ( ଯାହା କିଛି କର୍ମ ରହିଛି ) ଦୁଃଖଂ ଏବ ( 'କେବଳ ଦୁଃଖକର ହିଁ ଅଟେ' ) ଇତି ଏବ ( ଏହା ମନେକରି) କାୟ-କ୍ଳେଶ-ଭୟାତ୍ ( ଶାରୀରିକ କଷ୍ଟ ଭୟରେ ) ତ୍ୟଜେତ୍ ( ଯେ' କର୍ତ୍ତବ୍ୟ କର୍ମକୁ ତ୍ୟାଗ କରେ ) ସଃ (ତେବେ ସେ ) ରାଜସଂ ତ୍ୟାଗଂ (ରାଜସିକ ତ୍ୟାଗ ) କୃତ୍ୱା (କରି ମଧ୍ୟ ) ତ୍ୟାଗ ଫଳମ୍ (ତ୍ୟାଗର ଫଳକୁ ) ନ ଏବ ଲଭେତ୍ ( କୌଣସି ପ୍ରକାରେ ମଧ୍ୟ ପାଇ ପାରେ ନାହିଁ ) ।*

**ଭାବାର୍ଥ** : ରଜୋଗୁଣ ସମ୍ପନ୍ନ ବ୍ୟକ୍ତିଙ୍କ ମୋହ ଅର୍ଥାତ୍ ବିପରୀତ ଜ୍ଞାନ ନଥିବା କାରଣରୁ ସେମାନଙ୍କ ଜ୍ଞାତ ସାରରେ ଏହା ଥାଏ କି, 'ନିୟତ କର୍ମାନୁଷ୍ଠାନ ଦ୍ୱାରା ଚିତ୍ତ ଶୁଦ୍ଧ ହୁଏ' । ସେମାନେ ଯଦିଓ ନିଜ ଅଧିକାର ଓ ଅବସ୍ଥାକୁ ବୁଝି ପାରିଥାନ୍ତି; ଅଥଚ କର୍ମାନୁଷ୍ଠାନ ମାର୍ଗରେ ବାଧା ବିଘ୍ନକୁ ଭୟ କରନ୍ତି । ସତ୍କର୍ମ ଆରମ୍ଭରେ ତାହା କଷ୍ଟସାଧ୍ୟ ବୋଧହେବା ସ୍ୱାଭାବିକ । କିନ୍ତୁ 'କର୍ମ ମାତ୍ରେ ତାହା ଶରୀର କ୍ଳେଶର କାରଣ'- ଏହି ଭୟରେ ନିତ୍ୟ କର୍ମରୁ ବିରତ ରହିବା ଅନୁଚିତ । 'କର୍ମ ଦୁଃଖ ଦାୟକ'- ଏହି ମନୋଭାବ ରଖି କର୍ମକୁ ତ୍ୟାଗ କରିବା ହେଉଛି ରାଜସିକ ତ୍ୟାଗ । ଆତ୍ମଜ୍ଞାନ ଉଦୟ ହେବା ମାତ୍ରେ କର୍ମ ଲୋପ ହୋଇଯାଏ । ତ୍ୟାଗର ଅନ୍ତିମ ଫଳ ହେଉଛି ମୋକ୍ଷ । ଅଜ୍ଞାନୀ ଏହା ପାଏନାହିଁ, ରାଜସିକ ତ୍ୟାଗୀ ମଧ୍ୟ ଏଥିରୁ ବଞ୍ଚିତ ହୁଏ । ପରଲୋକ, ଶାସ୍ତ୍ର, ଶାସ୍ତ୍ର ବିହିତ କର୍ମ ଓ କର୍ମଫଳ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ନଥାଇ, ଶରୀର ପ୍ରତି ଆସକ୍ତି ଓ ମମତା ହିଁ 'କର୍ତ୍ତବ୍ୟ-କର୍ମ' ଦୁଃଖ ବୋଧ ହେବାର ପ୍ରଧାନ କାରଣ । ଦେହାଭିମାନ ଥିବା ପର୍ଯ୍ୟନ୍ତ ସାଧକ କର୍ମ ସନ୍ନ୍ୟାସର ମୁଖ୍ୟ ଅଧିକାରୀ ହୋଇ ନଥାଏ । ଆବଶ୍ୟକ କାର୍ଯ୍ୟକୁ ତ୍ୟାଗ କରିବାରେ ପ୍ରତ୍ୟବାୟୁ (ବିପରୀତ) ଫଳର ଭାଗୀଦାର ହୋଇ ଆଧ୍ୟାତ୍ମିକ, ଅଧିଦୈବିକ ଓ ଅଧିଭୌତିକ ପୀଡାଗ୍ରସ୍ତ ହୁଏ । ନ୍ୟାୟୋଚିତ ପନ୍ଥାରେ ଯେଉଁ ବ୍ୟକ୍ତି ନିଜ ବୃତ୍ତି ବା ଜୀବିକା ଦ୍ୱାରା ଅର୍ଥ ରୋଜଗାର କରେ, ସେ' ସକାମ କର୍ମରେ ଲିପ୍ତ ହୋଇ ଯାଇଛି- ଏହି ଆଶଙ୍କାରେ କର୍ମକୁ ତ୍ୟାଗ କରିଦେବା ଉଚିତ ନୁହେଁ । ସ୍ୱୟଂ ଅର୍ଜୁନ ମଧ୍ୟ ଯୁଦ୍ଧ କରିବାକୁ ଦ୍ୱିଧା କରି ନିଜର କର୍ତ୍ତବ୍ୟ କର୍ମପ୍ରତି ବିମୁଖ ହୋଇଥିଲେ । ତାଙ୍କର ଏହି ତ୍ୟାଗକୁ ରାଜସିକ ତ୍ୟାଗ କୁହାଯାଇପାରେ । ନିଜର ଶାରୀରିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗକରି ନିଷ୍ଠାର ସହିତ କର୍ତ୍ତବ୍ୟ କର୍ମ ପାଳନ ହେଉଛି ମହାନ୍ ତ୍ୟାଗ ।

କାର୍ଯ୍ୟମିତ୍ୟେବ ଯତ୍କର୍ମ ନିୟତଂ କ୍ରିୟତେଽର୍ଜୁନ ।
ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥୯॥

*ଅନ୍ୱୟ : ଅର୍ଜୁନ ! (ହେ ଅର୍ଜୁନ !) ସଙ୍ଗମ୍ (କର୍ତୃତ୍ୱାଭିମାନ ) ଚ (ଓ) ଫଳମ୍ (ଫଳ କାମନାକୁ ) ତ୍ୟକ୍ତ୍ୱା (ତ୍ୟାଗକରି) କାର୍ଯ୍ୟମ୍ ଇତି ଏବ (କର୍ତ୍ତବ୍ୟ ବୋଧକରି-'କର୍ତ୍ତବ୍ୟ କରିବାକୁ ହେବ'-ଏହିପରି ବୁଝି ) ଯତ୍ (ଯେଉଁ ) ନିୟତଂ (ଶାସ୍ତ୍ର ବିହିତ) କର୍ମ (କର୍ମ) କ୍ରିୟତେ (କରାଯାଏ) ସଃ ଏବ (ତାହା ହିଁ ) ସାତ୍ତ୍ୱିକଃ ତ୍ୟାଗଃ (ସାତ୍ତ୍ୱିକ ତ୍ୟାଗ ) ମତଃ (କୁହାଯାଇଛି ) ।*

**ଭାବାର୍ଥ** : ହେ ଅର୍ଜୁନ ! କର୍ତ୍ତାପନର ଅଭିମାନ ଏବଂ ଫଳ କାମନାକୁ ତ୍ୟାଗକରି-' କର୍ତ୍ତବ୍ୟ ପାଳନ କରିବାକୁ ହେବ'-ଏହିପରି ବୁଝି ଶାସ୍ତ୍ର ବିହିତ କର୍ମ କରିବା ବିଧେୟ । ନିଷ୍ଠାପରଭାବେ କର୍ତ୍ତବ୍ୟ କର୍ମ କରିବାବେଳେ ସେହି କର୍ତୃତ୍ୱାଭିମାନ ଓ ଫଳାକାଙ୍କ୍ଷାର ତ୍ୟାଗ ହିଁ ସାତ୍ତ୍ୱିକ ତ୍ୟାଗ ବୋଲି ଗୃହିତ ହୁଏ । ବର୍ଣ୍ଣ, ଆଶ୍ରମ, ସ୍ୱଭାବ, ଯୋଗ୍ୟତା ଓ ପରିସ୍ଥିତି ଅନୁସାରେ ଯେଉଁ ମନୁଷ୍ୟମାନଙ୍କ ପାଇଁ ଯେଉଁ ଯେଉଁ କର୍ମ ଅବଶ୍ୟ କର୍ତ୍ତବ୍ୟବୋଲି ଶାସ୍ତ୍ରରେ କୁହାଯାଇଛି, ମନୁଷ୍ୟ ସେହି ସେହି ନିୟତ କର୍ମ ଅବଶ୍ୟ କରିବା ଉଚିତ । ତାହା ନ କରିବା ଅର୍ଥ ଭଗବାନଙ୍କ ଆଜ୍ଞାକୁ ଉଲ୍ଲଘଂନ କରିବା । କର୍ତ୍ତାପନ ଏବଂ ଫଳାକାଙ୍କ୍ଷା ତ୍ୟାଗକରି ଶ୍ରଦ୍ଧାସହ ଆତ୍ମ-କଲ୍ୟାଣ

ଓ ଜଗତ କଲ୍ୟାଣ ନିମିତ୍ତ ବିଧିବତ୍ କର୍ମ ହେଉଛି 'କର୍ତ୍ତବ୍ୟ' କର୍ମ । ଭଗବାନଙ୍କ ଉପଦେଶ ଅନୁସାରେ ନିଜ ମନରେ ଥିବା ସ୍ୱାର୍ଥ ପ୍ରଣୋଦିତ କାମନା, କର୍ମ ପ୍ରତି ମମତ୍ୱ ଓ ଆସକ୍ତି ଇତ୍ୟାଦିର ତ୍ୟାଗ ହେଉଛି ସାତ୍ତ୍ୱିକ ତ୍ୟାଗ । ଆସକ୍ତି ମମତା ତ୍ୟାଗକରି କେବଳ କର୍ତ୍ତବ୍ୟ ବୋଧରେ କର୍ମକଲେ ସଂସାର ସହିତ ସମ୍ବନ୍ଧ ସ୍ଥାପନ ହୁଏନାହିଁ ଏବଂ ସେହି ତ୍ୟାଗ ସାତ୍ତ୍ୱିକ ହୋଇଯାଏ । ରାଜସ ଓ ତାମସ ତ୍ୟାଗଦ୍ୱାରା ସ୍ୱରୂପତଃ କର୍ମ ତ୍ୟାଗ କଲେ ମଧ୍ୟ ଭୋଗ-ବାସନା ଓ ମୋହ ପ୍ରତି ମନର ସମ୍ବନ୍ଧ ରହିଥାଏ । ସାତ୍ତ୍ୱିକ ତ୍ୟାଗରେ କର୍ମଗୁଡିକୁ ସ୍ୱରୂପତଃ ତ୍ୟାଗ କରିବାକୁ ପଡେନାହିଁ । ତେଣୁ ସାତ୍ତ୍ୱିକ ତ୍ୟାଗଦ୍ୱାରା ମନରେ ବାସନାର କ୍ଷୟ ଘଟି ଅନ୍ତଃକରଣ ଶୁଦ୍ଧତା ପ୍ରାପ୍ତ ହୁଏ ଏବଂ ପରମାନନ୍ଦ ସ୍ୱରୂପ ପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ହୁଏ ।

ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ ।
ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ॥୧୦॥

*ଅନ୍ୱୟ : [ଯେଉଁ ମନୁଷ୍ୟ] ଅକୁଶଳମ୍ (ଅକଲ୍ୟାଣକର-ଅଶୁଭ ଆଦି) କର୍ମ (କର୍ମକୁ) ନ ଦ୍ୱେଷ୍ଟି (ଦ୍ୱେଷ କରନ୍ତି ନାହିଁ) କୁଶଳେ ( ସୁଖକର-କଲ୍ୟାଣକର ବା ନିତ୍ୟକର୍ମରେ) ନ ଅନୁଷଜ୍ଜତେ ( ଆସକ୍ତି ହୁଅନ୍ତି ନାହିଁ ) [ସେହି] ସତ୍ତ୍ୱସମାବିଷ୍ଟ (ଶୁଦ୍ଧ ସତ୍ତ୍ୱଗୁଣ ଯୁକ୍ତ ପୁରୁଷ) ଛିନ୍ନ ସଂଶୟଃ (ସଂଶୟ ରହିତ ) ମେଧାବୀ ( ବୁଦ୍ଧିମାନ୍) ତ୍ୟାଗୀ (ଏବଂ ପ୍ରକୃତ ତ୍ୟାଗୀ ଅଟନ୍ତି ) ।*

**ଭାବାର୍ଥ** : ଶୁଦ୍ଧ ସତ୍ତ୍ୱଗୁଣ ଯୁକ୍ତ ବୁଦ୍ଧିମାନ୍ ଓ ସଂଶୟ ରହିତ ପୂର୍ବୋକ୍ତ ସାତ୍ତ୍ୱିକ ତ୍ୟାଗୀ ପୁରୁଷ ଦୁଃଖକର କର୍ମରେ ଦ୍ୱେଷ କରନ୍ତି ନାହିଁ କି, ସୁଖକର ବା କଲ୍ୟାଣକର କର୍ମ ପ୍ରତି ମଧ୍ୟ ଆସକ୍ତି ଭାବ ରଖନ୍ତି ନାହିଁ । ଅନ୍ୟ ଅର୍ଥରେ ରାଗ-ଦ୍ୱେଷ ଶୂନ୍ୟ ହୋଇ କେବଳ କର୍ତ୍ତବ୍ୟ ବୋଧରେ କର୍ମ କରିଥାନ୍ତି । ଯେ' ସବୁକିଛି ଭଗବାନଙ୍କୁ ଅର୍ପଣ କରିଦେଇଥାଏ, ସେ ହିଁ ବାସ୍ତବରେ ତ୍ୟାଗୀ ଅଟନ୍ତି । ଭଗବାନଙ୍କୁ ଅର୍ପିତ କର୍ମରେ ଶୁଭ ଅଶୁଭର ଅନ୍ତର ରହି ନଥାଏ । କାରଣ କର୍ମରେ କର୍ତ୍ତାପନ ନଥାଏ କି, ଫଳେଚ୍ଛା ରହି ନଥାଏ । ଭଗବାନ ଆଗରୁ କହିଛନ୍ତି କି, ଯେ' କର୍ମ ଭିତରେ ଅକର୍ମ ଅର୍ଥାତ୍ କର୍ମଫଳ ତ୍ୟାଗକରି କର୍ମ-ଶୂନ୍ୟତା ଉପଲବ୍ଧି କରେ, ସେ' ବୁଦ୍ଧିମାନ୍ । ସେପରି କର୍ତ୍ତୃତ୍ୱ, ମମତ୍ୱ ଓ ଆସକ୍ତି ନଥିଲେ ସେ' ସର୍ବଥା ଶୁଦ୍ଧ ସତ୍ତ୍ୱଯୁକ୍ତ । କର୍ମ କରୁଥିଲେ ମଧ୍ୟ ସେଥିରେ ଲିପ୍ତ ନହେବା ଅସାଧାରଣ ବୁଦ୍ଧିମତ୍ତାର ପରିଚୟ । ମନୁଷ୍ୟକୁ କର୍ମ ପ୍ରତି ରାଗ ଓ ଦ୍ୱେଷ ଭାବ ହିଁ ବନ୍ଧନରେ ପକାଇଥାଏ । ଯୋଗୀ ବା ବୁଦ୍ଧିମାନ୍ ପୁରୁଷ କର୍ମ ଓ କର୍ମଫଳ ତ୍ୟାଗ କରିଦେଇଥିବା କାରଣରୁ ସକଳ ପ୍ରକାର କର୍ମକୁ ସମାନ ଭାବରେ ସ୍ୱାଗତ କରନ୍ତି । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡନ୍ତି ନାହିଁ କି, ସୁଖକର କର୍ମକରି ସେ ଅନ୍ୟର ପ୍ରଶଂସାରେ ପ୍ରଫୁଲ୍ଲିତ ହୁଅନ୍ତି ନାହିଁ । ଶୁଭାଶୁଭ ପ୍ରତ୍ୟେକ ପରିସ୍ଥିତିରେ ସେ ନିଜର କର୍ତ୍ତବ୍ୟ କର୍ମ ପାଳନ କରିଥାନ୍ତି । ବିବେକୀ ପୁରୁଷ ନିଜ ମନର ସାକ୍ଷୀ ହୋଇ ରହିଥାନ୍ତି । ଯାହାର ଦେହାଭିମାନ ନଥାଏ, ତାଙ୍କରି ହୃଦୟ ସର୍ବଥା ସତ୍ତ୍ୱ ବା ପବିତ୍ରତାରେ ପରିପୂର୍ଣ୍ଣ ହୋଇ ରହିଥାଏ । କୌଣସି କାମନା ପୂର୍ତ୍ତିର ଆବେଗତା ନଥିବା କାରଣରୁ ବୁଦ୍ଧି ସ୍ଥିର ଓ ମନ ପ୍ରଶାନ୍ତ ଥାଏ । ଆସକ୍ତି ସମ୍ପୂର୍ଣ୍ଣ ପରିତ୍ୟାଗ କରିଥିବା ପୁରୁଷ ନିଜ ସ୍ୱରୂପ ବା ଚିନ୍ମୟ ତତ୍ତ୍ୱରେ ସ୍ୱତଃ ସ୍ଥିତ ହୋଇଯାନ୍ତି । ତେଣୁ ତାଙ୍କୁ 'ସତ୍ତ୍ୱ ସମାବିଷ୍ଟ' କୁହାଯାଇଛି । ଆଧ୍ୟାତ୍ମିକ ସାଧନ ମାର୍ଗରେ ଆତ୍ମା-ଜୀବାତ୍ମା-ପରମାତ୍ମା ମଧ୍ୟରେ ସମ୍ବନ୍ଧ,- ଆତ୍ମର ଶରୀର ସହିତ ତାଦାତ୍ମ୍ୟ, - ଜୀବାତ୍ମା ଓ ପରମେଶ୍ୱର ଉଭୟ ଅଭିନ୍ନ, - ପ୍ରାରବ୍ଧ, ସଞ୍ଚିତ ଓ କ୍ରିୟମାଣ କର୍ମର ସମାପ୍ତିରେ ମୋକ୍ଷପ୍ରାପ୍ତି,- ମୋକ୍ଷ କହିଲେ କଣ, – ଇତ୍ୟାଦି ସମ୍ବନ୍ଧରେ ଅନେକ ସଂଶୟ ସାଧକର

ମନରେ ଜାଗ୍ରତ ହୋଇଥାଏ । ସାତ୍ତ୍ୱିକ ତ୍ୟାଗରେ ସାଧକର ଅନ୍ତଃକରଣରେ ଆତ୍ମଜ୍ଞାନ ଉଦୟ ହୋଇ ଅଜ୍ଞାନ ସମ୍ଭୁତ ସମସ୍ତ ସଂଶୟ ଦୂରୀଭୂତ ହୁଏ । ଯେ' ବୁଦ୍ଧିମାନ ସେ ସ୍ଥିତପ୍ରଜ୍ଞ ଅଟନ୍ତି । ବିବେକ, ବୈରାଗ୍ୟ, ଷଟ୍-ସମ୍ପଦ (ଶମ,ଦମ, ତିତିକ୍ଷା, ଶ୍ରଦ୍ଧା, ଉପରତି ଓ ସମାଧାନ) ଓ ମୁମୁକ୍ଷୁ- ଏହି ଚତୁଃସାଧନ ଅଭ୍ୟାସ କରି ଶାସ୍ତ୍ରଜ୍ଞ ତଥା ବ୍ରହ୍ମନିଷ୍ଠ ଗୁରୁଙ୍କ ସେବାକରି ତାଙ୍କଠାରୁ ସତ୍ୟ ଶ୍ରବଣ କଲେ, ଉପରୋକ୍ତ ସମସ୍ତ ସଂଶୟ ଛିନ୍ନ ହୋଇଥାଏ । କୌଣସି ବସ୍ତୁକୁ ଯୁକ୍ତିଯୁକ୍ତ ଭାବେ ବୁଝି ସ୍ମୃତିରେ ଧାରଣ କରିବା ହେଉଛି ମେଧାଶକ୍ତି । ଏପରି ଶକ୍ତି ସମ୍ପନ୍ନ ବ୍ୟକ୍ତିକୁ ମେଧାବୀ କୁହାଯାଏ । ମେଧାବୀ ପୁରୁଷ ସଂଶୟ ମୁକ୍ତ ହୋଇଥାଏ । କାରଣ ଅପୂର୍ଣ୍ଣ ଜ୍ଞାନ ଦ୍ୱାରା ହିଁ ସଂଶୟ ଜାତ ହୁଏ-ଅନ୍ୟଥା ନୁହଁ । ଜଣେ ସତ୍ତ୍ୱ-ସଂଶୁଦ୍ଧି ତ୍ୟାଗୀ ପୁରୁଷଙ୍କ ଇଚ୍ଛା ଭଗବତ୍ ଇଚ୍ଛାଠାରୁ ଅଭିନ୍ନ ହୋଇଥିବାରୁ ସେ' ଯାହା କିଛି କରନ୍ତି, ତାହା ଶାସ୍ତ୍ର ସମ୍ମତ ହୋଇଥାଏ । ସାତ୍ତ୍ୱିକ ମନୁଷ୍ୟ ପକ୍ଷରେ ସମସ୍ତ କର୍ମଫଳ ପବିତ୍ର ବୋଧ ହୋଇଥାଏ ।

ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।
ଯସ୍ତୁ କର୍ମଫଳ ତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ॥୧୧॥

*ଅନ୍ୱୟ : ହି (ଯେ ହେତୁ) ଦେହଭୃତା ( ଶରୀରଧାରୀ କୌଣସି ବି ମନୁଷ୍ୟ ) ଅଶେଷତଃ (ସମ୍ପୂର୍ଣ୍ଣ ଭାବରେ ) କର୍ମାଣି (କର୍ମ ସମୂହ) ତ୍ୟକ୍ତୁଂ (ତ୍ୟାଗ କରିବାକୁ) ନ ଶକ୍ୟଂ (ସମର୍ଥ ହୁଅନ୍ତି ନାହିଁ ) [ତେଣୁ] ଯଃ (ଯେ) କର୍ମଫଳ ତ୍ୟାଗୀ ( କର୍ମଫଳ ତ୍ୟାଗ କରିଛନ୍ତି ) ସଃ (ସେ) ତ୍ୟାଗୀ ଇତି (ତ୍ୟାଗୀ ବୋଲି ) ଅଭିଧୀୟତେ (ବିବେଚିତ ବା ଅଭିହିତ ହୁଅନ୍ତି ) ।*

**ଭାବାର୍ଥ** : ଦେହଧାରୀ ପୁରୁଷ ପକ୍ଷେ ସମ୍ପୂର୍ଣ୍ଣ ଭାବେ ସର୍ବବିଧ କର୍ମକୁ ତ୍ୟାଗ କରିବା କେବେ ବି ସମ୍ଭବ ନୁହେଁ । କର୍ମ ଓ କର୍ମଫଳରେ ମମତ୍ୱ, ଆସକ୍ତି ଓ କାମନା ତ୍ୟାଗ କରି ଶାସ୍ତ୍ର ବିହିତ କର୍ତ୍ତବ୍ୟ କର୍ମ କରୁଥିବା ବ୍ୟକ୍ତି ପ୍ରକୃତ ତ୍ୟାଗୀ ରୂପରେ ବିବେଚିତ ହୋଇଥାନ୍ତି । ଶରୀର ପ୍ରକୃତିର କାର୍ଯ୍ୟ ଏବଂ ପ୍ରକୃତି ସ୍ୱତଃ କ୍ରିୟାଶୀଳ । ମନୁଷ୍ୟ ଜୀବିତ ଅବସ୍ଥାରେ କ୍ଷଣଭର ମଧ୍ୟ ବିନା କର୍ମରେ ରହି ପାରିବ ନାହିଁ । ଶରୀରରେ କ୍ରିୟାତ୍ମକତା ହିଁ ମନୁଷ୍ୟ ଜୀବିତ ହେବାର ପ୍ରମାଣ ହୋଇଥାଏ । ଦେହଧାରୀ ଜୀବ ଶୋଇଥିବା ଅବସ୍ଥାରେ ମଧ୍ୟ ନିଶ୍ୱାସ-ପ୍ରଶ୍ୱାସ କ୍ରିୟା ମୃତ୍ୟୁ ପର୍ଯ୍ୟନ୍ତ ଅବିରତ ଚାଲିଥାଏ । ଯେଉଁ କର୍ମ ଦେହ ସ୍ୱରୂପ ହୋଇଯାଇଛି, ତାହାକୁ ସଂଗ୍ରହ କରାଯାଇପାରେ  ନାହିଁ କି, ତ୍ୟାଗ ମଧ୍ୟ କରାଯାଇ ନପାରେ । କର୍ମ ହେଉଛି ଜୀବନର ପ୍ରତୀକ ବା ଲକ୍ଷଣ । ଯେଉଁଠି କର୍ମ ନାହିଁ, ସେଠି ଜୀବନର ପରିସମାପ୍ତି ଘଟିଥାଏ । ଗୁଣାତୀତ ମହାପୁରୁଷଙ୍କ ଶରୀରରେ ମଧ୍ୟ କ୍ରିୟା ହୋଇଥାଏ । କିନ୍ତୁ ଦେହ ସହିତ ତଦାତ୍ମ୍ୟ ନଥିବାରୁ ସେହି କ୍ରିୟାଗୁଡିକ ସହିତ ତାଙ୍କର କୌଣସି ସମ୍ବନ୍ଧ ନଥାଏ, ଅର୍ଥାତ୍ ସେ' ସେହି କ୍ରିୟା ଗୁଡିକର କର୍ତ୍ତା ହୋଇନଥାନ୍ତି । କର୍ମଫଳ ଭଗବାନଙ୍କୁ ସମର୍ପି ଦେଲେ ଅର୍ଥାତ୍ କର୍ମ ଇଶ୍ୱର ନିମିତ୍ତ ହୋଇଗଲେ ଭଗବତ୍ କୃପା ପ୍ରାପ୍ତ ହୋଇ ଆତ୍ମଜ୍ଞାନ ଉଦୟ ହୁଏ । ଆତ୍ମଜ୍ଞାନ ଦ୍ୱାରା ଅବିଦ୍ୟା ଦୂର ହେବା ସଙ୍ଗେ ସଙ୍ଗେ କର୍ମର ମଧ୍ୟ ବିନାଶ ଘଟିଥାଏ । କର୍ମଫଳର ତୃଷ୍ଣା ତ୍ୟାଗ କରୁଥିବା ବ୍ୟକ୍ତି ହିଁ ବାସ୍ତବରେ ତ୍ୟାଗୀ । ଫଳାକାଙ୍କ୍ଷା ତ୍ୟାଗକରି ଯେ ନିଜର ନିର୍ଦ୍ଧାରିତ କର୍ମକରେ, ସେ କର୍ମରତ ଥିଲେ ମଧ୍ୟ ତାଙ୍କୁ ତ୍ୟାଗୀ ବୋଲି ବୋଲାଯାଏ । କର୍ମ ଓ କର୍ମ ସାମଗ୍ରୀକୁ ନିଜର ମନେକଲେ ସେଥିରେ ପ୍ରିୟତ୍ୱ ହୋଇଯାଏ । ସେହି ପ୍ରିୟତ୍ୱର ନାମ ଆସକ୍ତି ।  ବର୍ତ୍ତମାନ କର୍ମାନୁଷ୍ଠାନ ପ୍ରତି ଆସକ୍ତି ହେଉଛି କର୍ମାସକ୍ତି ଏବଂ ଭବିଷ୍ୟତର ଫଳ ଉପରେ ଆସକ୍ତି ହେଉଛି ଫଳାସକ୍ତି । ସମସ୍ତ କର୍ମ ଆଦି-ଅନ୍ତ ଯୁକ୍ତ ଏବଂ ସେହି କର୍ମର

ଫଳ ମଧ୍ୟ ଉତ୍ପତ୍ତି-ବିନାଶଶୀଳ । କିନ୍ତୁ ସ୍ୱୟଂ ସର୍ବଦା ନିର୍ବିକାର, ଯାହାର ଆରମ୍ଭ ନାହିଁ କି ଅନ୍ତ ନାହିଁ । ଏହିପରି ବିବେକ ଜାତ ଦ୍ୱାରା ଅତି ସହଜରେ ଫଳେଚ୍ଛା ମନରୁ ପରିତ୍ୟକ୍ତ ହୋଇଯାଏ ଏବଂ କରୁଥିବା କର୍ମ ନିଜ ଉଦ୍ଦେଶ୍ୟ ପରିବର୍ତ୍ତେ ସଂସାର ହିତ ପାଇଁ ହୋଇଯାଏ ।  ଜୀବନର ପ୍ରତ୍ୟେକ କ୍ଷେତ୍ରରେ କର୍ମର ଅନେକ ବିଶାଳ ରୂପ ଆମର ପୂର୍ବଜ ଋଷି, ମୁନୀମାନେ ତିଆରି କରି ଯାଇଛନ୍ତି । ଆମର ଧର୍ମଶାସ୍ତ୍ର ଏକ ପୂର୍ଣ୍ଣାଙ୍ଗ କର୍ମଶାସ୍ତ୍ର ଅଟେ । ଏହି କର୍ମଶାସ୍ତ୍ରକୁ ଅନୁସରଣ କରି ପୂର୍ବଜଗଣ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପାଦ ଆଗକୁ ବଢାଇ ଏପରି ଆଦର୍ଶ ସ୍ଥାପିତ କରି ଯାଇଛନ୍ତି, ଆଜି ତାହା ମହାନ୍ କୀର୍ତ୍ତି ସ୍ତମ୍ଭ ରୂପେ ବିଦ୍ୟମାନ ।

ଅନିଷ୍ଟମିଷ୍ଟଂ  ମିଶ୍ରଂ  ଚ ତ୍ରିବିଧଂ କର୍ମଣଃ ଫଳମ୍ ।
ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସଂନ୍ୟାସିନାଂ କ୍ୱଚିତ୍ ॥୧୨॥

*ଅନ୍ୱୟ : ଅତ୍ୟାଗିନାମ୍ (କର୍ମଫଳ ତ୍ୟାଗ କରିନଥିବା ମନୁଷ୍ୟଙ୍କୁ) କର୍ମଣଃ (ଧର୍ମ-ଅଧର୍ମାଦି କର୍ମର) ଇଷ୍ଟମ୍ (ଦେବତ୍ୱ-ସ୍ୱର୍ଗାଦି ପ୍ରାପ୍ତିଭଳି କଲ୍ୟାଣକର ) ଅନିଷ୍ଟମ୍ (ପଶୁ ଆଦି ନୀଚ ଯୋନି ପ୍ରାପ୍ତ ଭଳି ପାପ) ମିଶ୍ରଂ ( ପାପ-ପୁଣ୍ୟ ମିଶ୍ରଣ ରୂପକ ଅର୍ଥାତ୍ ମାନବ ଜନ୍ମ ଭଳି) ତ୍ରିବିଧଂ ଫଳଂ (ଏପରି ତିନି ପ୍ରକାର ଫଳ ) ପ୍ରେତ୍ୟ (ପରଲୋକରେ- ମୃତ୍ୟୁ ପରେ ) ଭବତି ( ଭୋଗ ହୁଏ ) ତୁ (କିନ୍ତୁ ) ସନ୍ନ୍ୟାସିନାଂ (କର୍ମଫଳ ତ୍ୟାଗୀ ଅଥବା ଆତ୍ମଜ୍ଞାନୀ ମାନଙ୍କର) ନ କ୍ୱଚିତ୍ (କେବେହେଲେ ହୁଏନାହିଁ ) ।*

**ଭାବାର୍ଥ** : କର୍ମଫଳ ତ୍ୟାଗ କରି ନଥିବା ମନୁଷ୍ୟ ମାନଙ୍କର ଧର୍ମ-ଅଧର୍ମ ଆଦି କର୍ମର ଦେବତ୍ୱ-ସ୍ୱର୍ଗାଦି ପ୍ରାପ୍ତିଭଳି କଲ୍ୟାଣକର, ନୀଚଯୋନି ପ୍ରାପ୍ତି ଭଳି ନାରକିତ୍ୱ ଏବଂ ମନୁଷ୍ୟ  ଜନ୍ମ ପ୍ରାପ୍ତି ଭଳି ପାପ-ପୁଣ୍ୟ ମିଶ୍ରିତ  – ଏହି ତିନି ପ୍ରକାରର ଫଳ ମୃତ୍ୟୁପରେ ଅର୍ଥାତ୍ ପରବର୍ତ୍ତୀ ଯୋନି ମାନଙ୍କରେ ଭୋଗ କରିବାକୁ ପଡିଥାଏ । କିନ୍ତୁ କର୍ମତ୍ୟାଗୀ  ଅଥବା ଆତ୍ମ-ଜ୍ଞାନୀମାନଙ୍କ ସାତ୍ତ୍ୱିକ କର୍ମାନୁଷ୍ଠାନର ଏହିପରି କର୍ମଫଳ କୌଣସି କାଳରେ ମଧ୍ୟ ଭୋଗ କରିବାକୁ ପଡେନାହିଁ; ଅର୍ଥାତ୍ ସେହିମାନେ ଚିରମୁକ୍ତ ହୋଇଯାନ୍ତି । ସ୍ୱୟଂ ଯେତେବେଳେ କର୍ମଫଳଠାରୁ ସମ୍ବନ୍ଧ ଛିନ୍ନ କରିଦିଏ, ସେ' କର୍ମଫଳର ଭୋଗୀ ନହୋଇ ବରଂ ତ୍ୟାଗୀ ହୋଇଯାଏ । ମୋକ୍ଷଲାଭ ହିଁ ଜୀବନର ପରମ ପୁରୁଷାର୍ଥ । ସେଥିନିମନ୍ତେ ଭଗବାନ ଶ୍ରୀ କୃଷ୍ଣ ଏହି ଅଧ୍ୟାୟରେ ଚତୁର୍ଥ ଶ୍ଳୋକଠାରୁ ଦ୍ୱାଦଶ ଶ୍ଳୋକ ପର୍ଯ୍ୟନ୍ତ ମୋକ୍ଷମାର୍ଗରେ ରହୁଥିବା ପ୍ରତିବନ୍ଧକ ଗୁଡିକୁ ସୂକ୍ଷ୍ମଭାବରେ ବିଶ୍ଳେଷଣ କରି ତାହାର ସମାଧାନ ବତାଇଛନ୍ତି, କାରଣ "**ଗହନା କର୍ମଣୋ ଗତିଃ**" (ଗୀତା-୪/୧୭ ) । ଶ୍ରୀ ରାମକୃଷ୍ଣଦେବଙ୍କ ବାଣୀ ହେଲା –" ତୁମ୍ଭେମାନେ କର୍ମ ତ୍ୟାଗ କରିବ କାହିଁକି ? ଈଶ୍ୱର ଚିନ୍ତନ କରିବାକୁ ହେବ, ତାଙ୍କର ଗୁଣଗାନ, ନିତ୍ୟ-କର୍ମ ଏହିସବୁ କରିବାକୁ ହେବ । ଜମି କମଣ କରାଗଲେ ଯାହା ରୋଇବ,  ତାହା ଫଳିବ- ତେବେ କର୍ମ ନିଷ୍କାମ ଭାବରେ କରିବାକୁ ହୁଏ । ନିଷ୍କାମ କର୍ମ କରିପାରିଲେ ତାହା ଫଳରେ ଈଶ୍ୱରଙ୍କଠାରେ ପ୍ରେମ ହୁଏ । କ୍ରମେ ତାଙ୍କର କୃପାରେ ତାଙ୍କୁ ପ୍ରାପ୍ତ ହୁଏ । ଈଶ୍ୱରଙ୍କୁ ଦେଖାଯାଏ, ତାଙ୍କ ସାଙ୍ଗରେ କଥା କୁହାଯାଏ, ଯେପରି ମୁଁ ତୁମ ସହିତ କଥା କହୁଛି" । ଯେଉଁମାନେ ନିଜଦ୍ୱାରା କରାଯାଉଥିବା କର୍ମ ଓ କର୍ମ-ଫଳ ପ୍ରତି ଆସକ୍ତି, ମମତ୍ୱ ଓ  କାମନା ଆଦି ତ୍ୟାଗ କରି ନାହାନ୍ତି ଏବଂ ଆସକ୍ତି ଓ ଫଳେଚ୍ଛା ପୂର୍ବକ ସମସ୍ତ କର୍ମ କରିଥାନ୍ତି, ସେମାନଙ୍କୁ 'ଅତ୍ୟାଗୀନାମ୍' ପଦ ଦ୍ୱାରା ସୂଚିତ କରାଯାଇଛି । ଶୁଭ କର୍ମ ମାନଙ୍କରୁ ସେହିମାନଙ୍କୁ ସ୍ୱର୍ଗାଦି ପ୍ରାପ୍ତି ଅଥବା ସାଂସାରିକ ଇଷ୍ଟଭୋଗ ପ୍ରାପ୍ତି ରୂପକ ଫଳ ମିଳିଥାଏ । ସେହିପରି ନିଜକୃତ ପାପ କର୍ମର ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷାଦି ତୀର୍ଯ୍ୟକ ଯୋନି

ପ୍ରାପ୍ତି ରୂପକ ଅଥବା ସାଂସାରିକ ଦୁଃଖ ଯନ୍ତ୍ରଣା ପ୍ରପୀଡିତ ରୂପକ ମନ୍ଦ ଫଳ ଭୋଗ କରିବାକୁ ହୁଏ । ପାପ-ପୁଣ୍ୟ ଉଭୟ ମିଶ୍ରିତ କର୍ମ ମାନଙ୍କରେ ଫଳ ସ୍ୱରୂପ ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇ ଉଭୟ ଭୌତିକ ସୁଖ ଏବଂ ଶାରୀରିକ ତଥା ମାନସିକ ଦୁଃଖ ଯନ୍ତ୍ରଣାଦି ମିଶ୍ରିତ ଫଳ ଭୋଗ କରିବାକୁ ହୁଏ । ମନୁଷ୍ୟର କର୍ମ ସହିତ ଶୁଦ୍ଧ ଓ ଦୋଷ ସମ୍ବନ୍ଧକୁ ନେଇ  ଅନ୍ତଃକରଣରେ ସଂସ୍କାର ନିର୍ମିତ ହେବାକୁ ଲାଗେ ।  ଏହି ସଂସ୍କାର ଜନିତ ସ୍ୱଭାବ ମନୁଷ୍ୟକୁ ଧର୍ମ-ଅଧର୍ମ ଆଦି କର୍ମରେ ପ୍ରବୃତ୍ତ କରାଇଥାଏ । ସେହି ପାପ-ପୁଣ୍ୟ କର୍ମ ଗୁଡିକ କର୍ମ-ଫଳର ବୀଜ ରୂପରେ କାରଣ ହୁଏ ।  କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଭାବ ତ୍ୟାଗ କରିଥିବା ଆତ୍ମ-ସଂଯମୀ ପୁରୁଷ କର୍ମଫଳ ବନ୍ଧନରେ ପଡି ନଥାନ୍ତି । ଦେବତା, ମନୁଷ୍ୟ ଓ ସ୍ଥାବର ଯୋନିକୁ ନେଇ ସଂସାର ନିର୍ମିତ । କର୍ମ-ଫଳର ପ୍ରକାର ଭେଦରୁ ଜୀବକୁ ଦେବତ୍ୱ, ମନୁଷ୍ୟ ଅଥବା କୀଟ-ପତଙ୍ଗାଦି ନୀଚ ଯୋନି ପ୍ରାପ୍ତି ହୁଏ । ମନୁଷ୍ୟ କର୍ମ-ଫଳ ତ୍ୟାଗ ନକରିବା ପର୍ଯ୍ୟନ୍ତ କର୍ମ-ଫଳରୁ ନୂତନକର୍ମ, ପୁଣି ନୂତନ କର୍ମରୁ କର୍ମ-ଫଳ - ଏହିପରି କର୍ମ ବନ୍ଧନ ଯୁକ୍ତ ହୋଇ ଜନ୍ମ-ଜନ୍ମାନ୍ତରରେ ତାହା ଭୋଗ କରିବାକୁ ହୁଏ । ତେଣୁ ଯେ ଫଳେଚ୍ଛା ତ୍ୟାଗର ସଙ୍କେତ ଜାଣେନାହି, ସେ ପୂର୍ବୋକ୍ତ ପ୍ରକାରେ ଭୋଗ ସହିତ ବନ୍ଧା ହୁଏ । ନିଜକୁ ଶରୀର ବୋଲି ସ୍ୱୀକାର କରି ନେଇଥିବା ଅଜ୍ଞାନୀ, କଦାପି କର୍ମ ପ୍ରତି ଆସକ୍ତି ଏବଂ ଫଳାକାଙ୍କ୍ଷାକୁ   ତ୍ୟାଗ କରିପାରି ନଥାଏ । ଏହି ଅତ୍ୟାଗୀ ମନୁଷ୍ୟମାନଙ୍କୁ ପରବର୍ତ୍ତୀ ଯୋନି ଜନ୍ମକାଳରେ କରିଥିବା କୃତ କର୍ମର ଫଳ ଅବଶ୍ୟ ଭୋଗ କରିବାକୁ ପଡେ। ଭୋଗ ନ ହୋଇ କେବେ ବି କର୍ମଫଳ ନଷ୍ଟ ହୁଏନାହିଁ । କର୍ମ-ଫଳ ତ୍ୟାଗ କରିଦେଇଥିବା ତ୍ୟାଗୀକୁ ଭଗବାନ ଷଷ୍ଠ ଅଧ୍ୟାୟର ପ୍ରାରମ୍ଭରେ 'ଯୋଗୀ' ଓ 'ସନ୍ନ୍ୟାସୀ' ରୂପେ ଅଭିହିତ କରିଛନ୍ତି । ଫଳକୁ ଆଶ୍ରିତ ହୋଇ ନଥିବା କର୍ମ, ଭଜା ଯାଇଥିବା ବୀଜ ସାଦୃଶ୍ୟ ଫଳ ଉତ୍ପନ୍ନ କରି ନଥାଏ । ଭଗବାନଙ୍କୁ ଫଳ ସମର୍ପି ଦେଇ ସାତ୍ତ୍ୱିକ କର୍ମ ଅନୁଷ୍ଠାନରେ  ପୂର୍ବ ସଞ୍ଚିତ ସମସ୍ତ ଶୁଭାଶୁଭ କର୍ମ ମଧ ନାଶ ହୋଇଯାଇଥାଏ । କର୍ମ-ଫଳ ସନ୍ନ୍ୟାସ ଦ୍ୱାରା ଆତ୍ମା ଦର୍ଶନ ହେବାମାତ୍ରେ  କର୍ମ ଆଉ କିଛି ଅଲଗା ହୋଇ ରହେ ନାହିଁ । ଭଗବତ୍ ଚେତନଶୀଳ ବ୍ୟକ୍ତି ଯାହାର ଦେହାଧ୍ୟାସ ନଥାଏ, ସେ' କର୍ମ ଫଳକୁ ଭଗବାନଙ୍କୁ ସମର୍ପଣ କରିଦେଇ ନିର୍ଭୟ ଚିତ୍ତରେ କର୍ମ ସମ୍ପାଦନକରେ ।  ନିଜର ଅକର୍ତ୍ତା, ଅଭୋକ୍ତା, ଅସଂସାରୀ, ଅପରିଚ୍ଛିନ୍ନ ଏବଂ ଅଦ୍ୱିତୀୟ ବ୍ରହ୍ମ ସ୍ୱରୂପର ଜ୍ଞାନ ହିଁ ଅସଲରେ ଶୁଦ୍ଧ ସନ୍ନ୍ୟାସ । ସନ୍ନ୍ୟାସ ଗୋଟିଏ ଚରମ ଉତ୍କୃଷ୍ଟ ଶାରୀରିକ ମାନସିକ ଅବସ୍ଥା ।

ପଞ୍ଚୈତାନି  ମହାବାହୋ  କାରଣାନି  ନିବୋଧ ମେ  ।
ସାଙ୍ଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବ କର୍ମଣାମ୍ ।।୧୩।।

*ଅନ୍ୱୟ : ହେ ମହାବାହୁ! (ହେ ଅର୍ଜୁନ !) କୃତ-ଅନ୍ତେ ( ଯେଉଁଠାରେ କୃତ ଅର୍ଥାତ୍ କରାଯାଇଥିବା କର୍ମର ପୂର୍ଣ୍ଣତା ବା ପରିସମାପ୍ତି ଘଟିଥାଏ- ଯେଉଁ ଶାସ୍ତ୍ର-ଜ୍ଞାନହେଲେ  କର୍ମର କୌଣସି ଅବକାଶ ରହି ନଥାଏ; ସେହି ଶାସ୍ତ୍ର କୃତାନ୍ତ ବିଶେଷଣ ଦ୍ୱାରା ସୂଚିତ) ସାଙ୍ଖ୍ୟେ (ବେଦାନ୍ତରେ) ସର୍ବ କର୍ମାଣାମ୍ (ସକଳ କର୍ମର) ସିଦ୍ଧୟେ (ସିଦ୍ଧି-ପୂର୍ଣ୍ଣତା ପାଇଁ ) ଏତାନି (ଏହି) ପଞ୍ଚ (ପାଞ୍ଚଟି) କାରଣାନି (ମୂଳ କାରଣ ) ପ୍ରୋକ୍ତାନି (ଦର୍ଶାଯାଇଛି ) ମେ (ତାହା ମୋଠାରୁ) ନିବୋଧ (ଅବଗତ ହୁଅ ) ।*

**ଭାବାର୍ଥ** : ହେ ଅର୍ଜୁନ ! ଯେଉଁଥିରେ ଆତ୍ମା ଏବଂ  ଅନାତ୍ମା ସ୍ୱରୂପର ନିର୍ଣ୍ଣୟ କରାଯାଇଛି, ସେହି ସାଙ୍ଖ୍ୟ (ବେଦାନ୍ତ ) ଶାସ୍ତ୍ରରେ ସମ୍ପୂର୍ଣ୍ଣ କର୍ମର ସିଦ୍ଧି ନିମନ୍ତେ କୁହାଯାଇଥିବା ପାଞ୍ଚଟି ମୂଳ କାରଣକୁ ମୋଠାରୁ ବୁଝିନିଅ

। ଏହି ଶ୍ଳୋକରେ କୁହାଯାଇଥିବା ସାଙ୍ଖ୍ୟ ଓ ଏହାର ବିଶେଷଣ ରୂପେ ପ୍ରଯୁକ୍ତ ହୋଇଥିବା 'କୃତାନ୍ତ' ଶବ୍ଦ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ଆବଶ୍ୟକ । ସାଙ୍ଖ୍ୟ ଶବ୍ଦ ମହର୍ଷି କପିଳଙ୍କ ଦ୍ୱାରା ପ୍ରଣିତ ସାଙ୍ଖ୍ୟ ଦର୍ଶନ ନିମିତ୍ତ ସୁପ୍ରସିଦ୍ଧ । ଯେଉଁ ଶାସ୍ତ୍ରରେ ଜ୍ଞାତବ୍ୟ ପଦାର୍ଥର ସଂଖ୍ୟା ବା ଗଣନା ନିର୍ଣ୍ଣିତ ହୋଇପାରେ ତାହା ସାଙ୍ଖ୍ୟ ଶାସ୍ତ୍ର । ଏହି ବିଚାରରେ ବେଦାନ୍ତରେ ଜ୍ଞାତବ୍ୟ ପଦାର୍ଥକୁ ନିରୂପଣ ସମ୍ଭବ କାରଣରୁ ବେଦାନ୍ତ ଦର୍ଶନକୁ ହିଁ ସାଙ୍ଖ୍ୟ କୁହାଯାଇଛି । କରାଯାଇଥିବା କର୍ମର ଯେଉଁଠାରେ ପରିସମାପ୍ତି ବା ଅନ୍ତ ହୁଏ, ତାହା 'କୃତାନ୍ତ' । ବେଦାନ୍ତରେ କର୍ମର ସମାପ୍ତି ବା ତାହାର ପରିତ୍ୟାଗ ପ୍ରତିପାଦନ ହୁଏ । ତେଣୁ ବେଦାନ୍ତ ହିଁ କୃତାନ୍ତ । ବେଦାନ୍ତ ଅନୁସାରେ ଯାହାର ଶ୍ରବଣ, ମନନ, ନିଦିଧ୍ୟାସନ ପୂର୍ବକ ପରମ ତତ୍ତ୍ୱର ସାକ୍ଷାତ୍କାର ହୋଇସାରିଛି, ତାହାରି ନିମିତ୍ତ କିଛି ବି କର୍ମ ଆବଶ୍ୟକ ରୂପରେ କରିବାକୁ ବଞ୍ଚି ନଥାଏ ଏବଂ ସେ' କୃତାନ୍ତୀ ପଦବାଚ୍ୟ । ବେଦାନ୍ତ ଶବ୍ଦରେ ମଧ୍ୟ ଏହି ତାତ୍ପର୍ଯ୍ୟ ଅନ୍ତର୍ନିହିତ । ବେଦର ଅର୍ଥ ହେଉଛି ଜ୍ଞାନ । ଯାହାର ଜ୍ଞାନ ଅନନ୍ତର କିଛି ବି ଜାଣିବା ଶେଷ ରହେ ନାହିଁ, ତାହା ବେଦାନ୍ତ ଦର୍ଶନ ତତ୍ତ୍ୱ ଅଟେ । ଶ୍ରୀ ଶଙ୍କରାଚାର୍ଯ୍ୟ ସାଙ୍ଖ୍ୟର ଅର୍ଥ ବେଦାନ୍ତ ଅନୁକୂଳ ଶାସ୍ତ୍ର କହି କୃତାନ୍ତ ଶବ୍ଦ ବେଦାନ୍ତର ବିଶେଷଣ ରୂପେ ପ୍ରଯୁକ୍ୟ ବୋଲି ସ୍ପଷ୍ଟ କରିଛନ୍ତି । ରାମାନୁଜାଚାର୍ଯ୍ୟଙ୍କ ବ୍ୟାଖ୍ୟାନୁସାରେ ସାଙ୍ଖ୍ୟ ହେଲା; ସଂ(ସମ୍ୟକ୍) + ଖ୍ୟ (ବୁଦ୍ଧି) ଅର୍ଥାତ୍ ସମ୍ୟକ୍ ବୁଦ୍ଧି । ସାଙ୍ଖ୍ୟ ଶବ୍ଦ ଉତ୍ତମ ପ୍ରକାରର ବୁଦ୍ଧିକୁ ନିର୍ଦ୍ଦେଶ କରେ । ବେଦ ବୁଦ୍ଧି ହିଁ ଶରୀର, ଇନ୍ଦ୍ରିୟ, ପ୍ରାଣ ଏବଂ ଜୀବାତ୍ମା ରୂପ ଉପକରଣ ସହିତ ପରମାତ୍ମାଙ୍କୁ ସମସ୍ତ ପ୍ରପଞ୍ଚର କର୍ତ୍ତା ସିଦ୍ଧ କରେ । ଆତ୍ମଜ୍ଞାନ ଶିକ୍ଷା ଦେଉଥିବା ବେଦାନ୍ତ ହେଉଛି ସକଳ କର୍ମର ପରିସମାପ୍ତି । ଯେ କୌଣସି କର୍ମର ସିଦ୍ଧି ଲାଗି ପାଞ୍ଚଟି କାରଣ ହେଉଛି ମୂଳ । ପରମାତ୍ମା କର୍ମ ସିଦ୍ଧିର କାରଣ ନୁହନ୍ତି । ଆତ୍ମା କର୍ମର କାରଣ ନୁହଁ କିମ୍ବା ଉପାଦାନ ନୁହଁ କି ସିଦ୍ଧିର ସହକାରୀ ମଧ୍ୟ ନୁହଁ । ସୂର୍ଯ୍ୟଙ୍କ ନିର୍ଲିପ୍ତତାରେ ଅକାଶରେ ଦିବା ରାତ୍ରି ପ୍ରକାଶ ପାଇବା ଭଳି ଆତ୍ମାର ଆଶ୍ରୟରେ ଶୁଭ ଓ ଅଶୁଭ କର୍ମ ହୋଇଥାଏ । ଶାସ୍ତ୍ର ବିହିତ କର୍ମ ହେଉ ଅଥବା ନିଷିଦ୍ଧ କର୍ମ ହେଉ, ଆତ୍ମା ଏହାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । କର୍ମର ପରିସମାପ୍ତିରେ ଭୋଗ ନିମିତ୍ତ ଅଦୃଷ୍ଟ ନିର୍ମିତ ହୋଇଥାଏ । ଅଦୃଷ୍ଟ ଅନୁସାରେ ମନୁଷ୍ୟକୁ ତଦାନୁରୂପ ଯୋନି ଜନ୍ମ, ଶରୀର, ଗୁଣ ଓ ଭଲ ମନ୍ଦ ସାଧନ ସମ୍ମୁଖୀନ ହେବାକୁ ପଡିଥାଏ । ଅଦୃଷ୍ଟ ତିଆରି ହୋଇ ମଧ୍ୟ କେବେ କେବେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଭୋଗ ନହୋଇ ସଞ୍ଚିତ କର୍ମ ରୂପେ ପଡି ରହିଥାଏ । ସମୟ ଆସିବା ପରେ ହିଁ ତାହା ଭୋଗ ହୁଏ । ଉତ୍କଟ ପୂଣ୍ୟ କିମ୍ବା ପାପର ଫଳ କେବେ କେବେ ତତ୍କାଳ ଏହି ଦେହରେ ହିଁ ଭୋଗ ହୋଇଯାଇଥାଏ । ଅତ୍ୟନ୍ତ ଉତ୍କଟ ପୂଣ୍ୟ ପାପର ଫଳ କେବେ କେବେ ତିନି ବର୍ଷ ତିନି ମାସ ତିନି ପକ୍ଷ ଅଥବା ତିନି ଦିନରେ ମିଳେ । ଉପନିଷଦରେ ସମସ୍ତ କର୍ମର ପୂର୍ଣ୍ଣତା, ଅଦୃଷ୍ଟ ଜନକତା ଏବଂ ଫଳ ପ୍ରାପ୍ତି ପାଇଁ ପାଞ୍ଚଟି ବିଷୟକୁ ମୂଳ କାରଣ ରୂପେ ଭଗବାନ ଆଗ ଶ୍ଳୋକରେ କହିଛନ୍ତି ।

ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍ ବିଧମ୍ ।
ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଅତ୍ର ପଞ୍ଚମମ୍ ॥ ୧୪॥

*ଅନ୍ୱୟ : ଅଧିଷ୍ଠାନ ( ଯାହାର ଆଶ୍ରୟରେ କର୍ମ ସମ୍ପାଦିତ ହୁଏ ଅର୍ଥାତ୍ ଶରୀର) ତଥା (ତଥା ) କର୍ତ୍ତା ( ଚିତ୍-ଜଡ ଗ୍ରନ୍ଥିରୂପ ଅହଂକାର ) ପୃଥଗ୍ ବିଧମ୍ (ବିବିଧ ପ୍ରକାର) କରଣମ୍ (ଚକ୍ଷୁ, ଶ୍ରୋତାଦି ଇନ୍ଦ୍ରିୟ ଓ ସାଧନ ଯାହା ଦ୍ୱାରା କର୍ମ କରାଯାଏ ) ବିବିଧାଃ ଚ ( କାର୍ଯ୍ୟତଃ ଓ ସ୍ୱରୂପତଃ ନାନା ପ୍ରକାର) ପୃଥକ୍ (ଅଲଗା ଅଲଗା ) ଚେଷ୍ଟାଃ (ପ୍ରାଣାଦିର ଚେଷ୍ଟା ଅର୍ଥାତ୍ କାର୍ଯ୍ୟ) ଅତ୍ର (ଏଥିରେ*

*ଅର୍ଥାତ୍ କର୍ମ ମାନଙ୍କ ସିଦ୍ଧିରେ ) ପଞ୍ଚମ୍ ( ପଞ୍ଚମ କାରଣଟି ) ଦୈବମ୍ (ହେଉଛି ଦୈବ ବା ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟଗଣଙ୍କ ଅଧିଷ୍ଠାତ୍ରୀ ଦେବତା ସମୂହ ଅର୍ଥାତ୍ ସର୍ବ ପ୍ରେରକ ଅନ୍ତର୍ଯ୍ୟାମୀ ) [ କେତେକ ଟୀକାକାରଙ୍କ ମତରେ ପୂର୍ବାର୍ଜିତ ଅନେକ ଜନ୍ମର ଧର୍ମାଧର୍ମ ସଂସ୍କାର ହିଁ ସର୍ବାନ୍ତର୍ଯ୍ୟାମୀ ଦେବତା ] ।*

**ଭାବାର୍ଥ** : ଶାସ୍ତ୍ର ସମ୍ମତ ଅଥବା ଶାସ୍ତ୍ର ବିପରୀତ ସମସ୍ତ କର୍ମର ସିଦ୍ଧି ବା ପରିସମାପ୍ତି ନିମିତ୍ତ ପାଞ୍ଚଟି କାରଣ ରହିଥାଏ । ସର୍ବ ପ୍ରଥମ ହେଲା; ଅଧିଷ୍ଠାନ - ଯାହାକୁ ଆଶ୍ରିତ ହୋଇ କର୍ମାନୁଷ୍ଠାନ ହୋଇଥାଏ । ଏଠାରେ ଅଧିଷ୍ଠାନର ଅର୍ଥ ହେଲା ସ୍ଥୂଳ ଶରୀର । କର୍ତ୍ତୃତ୍ୱାଭିମାନ ହେଉଛି ଦ୍ୱିତୀୟ କାରଣ । ବୁଦ୍ଧି ଓ ମନ ସହ ସମସ୍ତ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ପୃଥକ୍ ପୃଥକ୍ କରଣ ରୂପରେ ତୃତୀୟ କାରଣ ଅଟନ୍ତି । ପ୍ରାଣାଦି ବାୟୁର କାର୍ଯ୍ୟ ଓ ଶ୍ରୋତ, ନେତ୍ରାଦି କରଣମାନଙ୍କର ଚେଷ୍ଟା ହେଉଛି ଚତୁର୍ଥ କାରଣ । ପଞ୍ଚମ କାରଣ ହେଉଛି 'ଦୈବ' । ସାଙ୍ଖ୍ୟ ଦର୍ଶନରେ ମଧ୍ୟ ଏ ସମ୍ବନ୍ଧରେ କୁହାଯାଇଛି କି, କାର୍ଯ୍ୟାନୁଷ୍ଠାନରେ ସ୍ଥାନ, କର୍ତ୍ତା , ଇନ୍ଦ୍ରିୟଗଣ, ପ୍ରଚେଷ୍ଟା ଏବଂ ସର୍ବୋପରି ପରମାତ୍ମା-ଏହି ପାଞ୍ଚଗୋଟି ମୁଖ୍ୟ କାରଣ ହୋଇଥାଏ । ଶରୀର ନ ରହିଲେ କର୍ମ ହୋଇ ପାରିବ ନାହିଁ । ଜାଗୃତି, ସ୍ୱପ୍ନ ଓ ସୁଷୁପ୍ତି- ଏହି ତିନୋଟି ଅବସ୍ଥାର ଆବାସ ସ୍ଥଳ ହେଉଛି ଏହି ଦେହ । ଶରୀର ଭିତରେ ଆବଦ୍ଧ ହୋଇ ରହିଥିବା କାରଣରୁ ଜୀବାତ୍ମାକୁ ବିଷୟ ସଂସ୍ପର୍ଶରେ ଆସି ସୁଖ-ଦୁଃଖାଦି ଅନୁଭବ ହୁଏ । ମୁଖ୍ୟ ରୂପରେ କରଣ ଓ କ୍ରିୟାର ଆଧାର ବା ଆସ୍ଥାନ ରୂପୀ ଶରୀର ହେଉଛି ଅଧିଷ୍ଠାନ କ୍ଷେତ୍ର । **ମାନସରେ ଉଲ୍ଲେଖ ରହିଛି : "ତଜଉଁ ନ ତନ ନିଜ ଇଚ୍ଛା ମରନା । ତନ ବିନୁ ବେଦ ଭଜନ ନହିଁ ବରନା ॥ ରାମ ଭଗତି ଏହିଂ ତନ ଓର ଜାମୀ । ତାତେ ମୋହୀ ପରମ ପ୍ରିୟ ସ୍ୱାମୀ ॥"** କାକ ଭୁଷୁଣ୍ଡି ଗରୁଡଜୀଙ୍କୁ କହୁଛନ୍ତି କି, ଇଚ୍ଛା ମୃତ୍ୟୁର ସାମର୍ଥ୍ୟ ଥାଇ ମଧ୍ୟ ମୁଁ ଶରୀର ତ୍ୟାଗ କରୁନାହିଁ ଏଥି ପାଇଁ କି, ଭଜନ କରିବାରେ ମୋର ବହୁତ ଆନନ୍ଦ ପ୍ରାପ୍ତି ଆସିଥାଏ । ଏହି କାକ ଶରୀରରେ ମୋତେ ରାମ ଭକ୍ତି ପ୍ରାପ୍ତି ହୋଇଅଛି, ତେଣୁ ମୋତେ ଏହି ଶରୀର ଅତି ପ୍ରିୟ । ଏହି ପ୍ରକାରେ ବନ୍ଧନ ଓ ମୋକ୍ଷ ଉଭୟର ହେତୁ ହେଉଛି ଏହି ଶରୀର । ଜଡ ଓ ଚେତନର ପୃଥକତ୍ୱ ସମ୍ବନ୍ଧରେ ଜ୍ଞାନ ନଥିବା ବ୍ୟକ୍ତି ଯେତେବେଳେ ପ୍ରକୃତି ଓ ଗୁଣମାନଙ୍କ ଦ୍ୱାରା ହେଉଥିବା କାର୍ଯ୍ୟ ଗୁଡିକୁ ନିଜେ କରୁଛି ବୋଲି ମନେକରେ, ସେତେବେଳେ ସେ କର୍ତ୍ତା ଓ ଭୋକ୍ତା ହୋଇଯାଇଥାଏ । ଅନ୍ୟ ଅର୍ଥରେ ଜଡ-ଚେତନ ଗ୍ରନ୍ଥି ରୂପୀ ଅହଙ୍କାର କର୍ମ ସିଦ୍ଧତାରେ ଅନ୍ୟଏକ କାରଣ ଅଟେ । କର୍ତ୍ତା ହେଉଛି ପ୍ରକୃତିସ୍ଥ ପୁରୁଷ ଯାହାକୁ ତ୍ରୟୋଦଶ ଅଧ୍ୟାୟ(ଗୀତା ୧୩/୨୧)ରେ ଭୋକ୍ତା ବୋଲି କୁହାଯାଇଛି । କର୍ମାନୁଷ୍ଠାନରେ ଇନ୍ଦ୍ରିୟମାନଙ୍କ ଭୂମିକା କରଣ ରୂପରେ ଅତି ମହତ୍ୱପୂର୍ଣ୍ଣ । ଜାଣିବା ଶକ୍ତି ଏକ ହେଲେ ମଧ୍ୟ ଏହା ଶ୍ରୋତ, ଚକ୍ଷୁ ଆଦି ବାହ୍ୟ ଇନ୍ଦ୍ରିୟ ମାଧ୍ୟମରେ ଭିନ୍ନ ଭିନ୍ନ ରୂପରେ ପ୍ରକଟିତ ହୋଇଥାଏ । ଏଠାରେ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କୁ କରଣ ଶବ୍ଦ ଦ୍ୱାରା ସୂଚିତ କରାଯାଇଛି, କାରଣ 'କରଣ' ବିନା ଜୀବ (କର୍ତ୍ତା) ବିଷୟ ସମ୍ବନ୍ଧରେ ଜ୍ଞାନ ଲାଭ କରି ପାରିବ ନାହିଁ । ଇନ୍ଦ୍ରିୟମାନଙ୍କର ଏହି ପୃଥକ୍ ପୃଥକ୍ ଅବସ୍ଥା ହେଉଛି କର୍ମର ତୃତୀୟ କାରଣ । ସ୍ୱାମୀ ଅଡଗଡାନନ୍ଦଜୀ ତାଙ୍କର 'ଯଥାର୍ଥ ଗୀତା' ରେ ଉଲ୍ଲେଖ କରିଛନ୍ତି କି, ଯଦି ଶୁଭ କର୍ମ ହୋଇଥାଏ ତେବେ ବିବେକ, ବୈରାଗ୍ୟ, ଶମ, ଦମ, ତ୍ୟାଗ, ନିରନ୍ତର ଭଗବତ୍ ଚିନ୍ତନ ଆଦିର ପ୍ରବୃତ୍ତି ସବୁ କରଣ ହେବେ । ଯଦି ଅଶୁଭ କର୍ମ ହୋଇଥାଏ, ତେବେ କାମ, କ୍ରୋଧ, ରାଗ, ଦ୍ୱେଷ, ଲାଳସା ଆଦି ପ୍ରବୃତ୍ତି କର୍ମର କରଣ ହେବେ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ କରିବା, ହସ୍ତ-

ପଦ ଆଦି ଅଙ୍ଗ ସଂଚାଳନ କରିବା, ଶ୍ୱାସର ଯିବା ଆସିବା, ଅଙ୍ଗ ଗୁଡିକର ପ୍ରାଣ ବାୟୁର ସହାୟତାରେ ସଂକୋଚନ-ପ୍ରସାରଣ ପ୍ରକ୍ରିୟା, ମନର ଏକାଗ୍ରତା ଓ ବୁଦ୍ଧିର ବିଚାରଶୀଳତା ଆଦି ଯେତେ ପ୍ରକାର ଚଳନ ଚେଷ୍ଟିତ ହୁଏ, ସେହି ସବୁ ବିବିଧ ଚେଷ୍ଟା ରୂପରେ କର୍ମ ସିଦ୍ଧତାର ଚତୁର୍ଥ କାରଣ ଅଟନ୍ତି । ମନୁଷ୍ୟ ଉତ୍ତମ ଅଭିଳାଷ ରଖି ତା'ର ଅନୁକୂଳ ଚେଷ୍ଟାକରି ମଧ୍ୟ ଯେବେ ସେହି କାର୍ଯ୍ୟ ସିଦ୍ଧ ହୋଇନଥାଏ, ତେବେ ତା'ର କୌଣସି କାରଣ ଅବଶ୍ୟ ମାନିବାକୁ ହେବ । ସେହି କାରଣଟିକୁ 'ଦୈବ' ରୂପରେ ମାନି ନିଆଯାଇଛି । କର୍ମ ସିଦ୍ଧତାରେ ଏହି 'ଦୈବ' ହେଉଛି ପଞ୍ଚମ କାରଣ । କିଛି ବ୍ୟାଖ୍ୟାକାର ଏହାକୁ ଭଗବତ୍ ଇଚ୍ଛା ବୋଲି ମାନି ନେଇଥିବା ବେଳେ ଆଉ କେତେକ ବ୍ୟାଖାକାର ପୂର୍ବ ଜନ୍ମର ସଞ୍ଚିତ ସଂସ୍କାରକୁ 'ଦୈବ' ବୋଲି ଉଲ୍ଲେଖ କରିଛନ୍ତି । କେହି କେହି ଟୀକାଦାର ଦୈବ ହିଁ ପୁରୁଷାକାର ରୂପେ କର୍ମର ନିୟନ୍ତା ହୁଏ ବୋଲି ମତ ରଖିଛନ୍ତି । ଯେଉଁମାନେ ଭଗବତ୍ ଇଚ୍ଛାକୁ ଦୈବ ମାନନ୍ତି, ସେହିମାନଙ୍କ ମତରେ ସୂର୍ଯ୍ୟ, ଇନ୍ଦ୍ର ଆଦି ଦେବତାଗଣ ଚକ୍ଷୁ, ହସ୍ତ ଆଦି ଦଶ ଇନ୍ଦ୍ରିୟମାନଙ୍କ ଅଧିଷ୍ଠାତା ଦେବତା ଅଟନ୍ତି । 'ଦୈବ' ଶବ୍ଦର ଅର୍ଥ ସର୍ବ ପ୍ରେରକ ଅନ୍ତର୍ଯ୍ୟାମୀ । ପରମେଶ୍ୱର ହେଉଛନ୍ତି ପରମ କାରଣ । ସେ ପ୍ରତ୍ୟେକଙ୍କୁ ନିର୍ଦ୍ଦିଷ୍ଟ କର୍ମରେ ନିଯୁକ୍ତ କରନ୍ତି । ଅନ୍ତରରେ ସର୍ବ ଦ୍ରଷ୍ଟା ଓ ସାକ୍ଷୀ ରୂପରେ ରହି ସେ' ଯେଉଁ ନିର୍ଦ୍ଦେଶ ଦିଅନ୍ତି, ସେହି ନିର୍ଦ୍ଦେଶାନୁସାରେ ମନୁଷ୍ୟ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ବିଭିନ୍ନ ପ୍ରକାର କର୍ମ କରିବାକୁ ସମର୍ଥ ହୁଏ । ମନୁଷ୍ୟର କର୍ମଶକ୍ତି ମଧ୍ୟ ଈଶ୍ୱର ହିଁ କୃପା କରିଥାନ୍ତି । ଏହି ମତବାଦୀଙ୍କ ଅନୁସାରେ ଦୈବ ଶବ୍ଦର ଅର୍ଥ ସର୍ବ ପ୍ରେରକ ଅନ୍ତର୍ଯ୍ୟାମୀ । ଏଣୁ ପ୍ରତ୍ୟେକ ଜୀବ ହୃଦୟରେ ସୁହୃତ୍ (ମଙ୍ଗଳକାରୀ) ରୂପେ ଅବସ୍ଥାନ କରୁଥିବା ପରମାତ୍ମାଙ୍କ ଇଚ୍ଛା ଉପରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୁଏ । ଅନ୍ୟ ବ୍ୟାଖ୍ୟାକାରମାନେ 'ଦୈବମ୍' ପଦଟି ପୂର୍ବଜନ୍ମ କୃତ ଶୁଭାଶୁଭ କର୍ମମାନଙ୍କ ସଂସ୍କାରର ବାଚକ ବୋଲି ମତ ରଖନ୍ତି ଏବଂ ଏହାକୁ ଅଦୃଷ୍ଟ ବୋଲି ମଧ୍ୟ କହନ୍ତି । ପ୍ରାରବ୍ଧ କର୍ମ ମଧ୍ୟ ଏହି ସଂସ୍କାରର ଅନ୍ତର୍ଗତ । ମନୁଷ୍ୟ ଜନ୍ମ ଜନ୍ମ ଧରି ଯେପରି କର୍ମ କରି ଆସିଛି, ତା'ରି ଅନ୍ତରରେ ସେହି ପ୍ରକାର ସଂସ୍କାର ନିର୍ମିତ ହୋଇ ରହିଛି । ଶୁଭ କର୍ମର ଶୁଭ ସଂସ୍କାର ଓ ଅଶୁଭ କର୍ମର ଅଶୁଭ ସଂସ୍କାର ହୋଇଥାଏ । ସଂସ୍କାର ଅନୁସାରେ ମନୁଷ୍ୟର ଅନ୍ତଃକରଣରେ ଶୁଭ ଅଶୁଭ କର୍ମ କରିବାର ସ୍ଫୁରଣ ଜାଗ୍ରତ ହୁଏ । ଯେଉଁମାନେ ପୁରୁଷାକାରକୁ 'ଦୈବ' ବୋଲି ଅଭିହିତ କରନ୍ତି, ସେମାନଙ୍କ ମତରେ ପୂର୍ବ ପୂର୍ବ ଜନ୍ମାର୍ଜିତ ଧର୍ମାଧର୍ମ ସଂସ୍କାର ହିଁ ସର୍ବାନ୍ତର୍ଯାମୀ ଦେବତା ବା ପୁରୁଷ ଇଚ୍ଛାରେ ଫଳପ୍ରସୂ ହୁଏ । ଦୈବ ହିଁ ପୁରୁଷାକାର ରୂପେ କର୍ମର ନିୟନ୍ତା ହୁଏ ଏବଂ ପୁରୁଷାକାରକୁ ଆଶ୍ରୟ କରି ଦୈବ ଫଳ ପ୍ରଦାନ କରେ । ଅନ୍ନ ପ୍ରସ୍ତୁତି ନିମିତ୍ତ ଚାଉଳ ଆଦିର ଯେପରି ପ୍ରୟୋଜନ ତତୋଧିକ ପ୍ରୟୋଜନ ଅଗ୍ନିର ହୋଇଥାଏ । ସେହିପରି ଦୈବ ଓ ପୁରୁଷାକାରକୁ ଅବଲମ୍ବନ କରି ଧର୍ମାଧର୍ମ ରୂପକ କର୍ମ ଫଳପ୍ରସୂ ହୁଏ । ମନୁଷ୍ୟର ଯେଉଁ ପୁରୁଷାକାର ବା କର୍ମୋଦ୍ୟମ ଏବଂ କର୍ମଶକ୍ତି- ତାହା ମଧ୍ୟ ପୂର୍ବ ଜନ୍ମର ସଂସ୍କାର ଅନୁସାରେ ନିୟନ୍ତ୍ରିତ ହୁଏ । କର୍ମର ପୂର୍ଣ୍ଣତା, ଅଦୃଷ୍ଟଜନକତା ଅଥବା ଫଳ ପ୍ରାପ୍ତିରେ ଉପରୋକ୍ତ ପାଞ୍ଚଟି ମୁଖ୍ୟ କାରଣ ମୁଖ୍ୟ ହୋଇଥାଏ । ଏହି ପାଞ୍ଚଟି କାରଣ ମଧ୍ୟରୁ ମନୁଷ୍ୟ କର୍ତ୍ତୃତ୍ୱାଭିମାନ ଅର୍ଥାତ୍ 'ମୁଁ କର୍ମ କରୁଛି' ଏହି ଭାବ ରଖି କର୍ମ କରିବା ଦ୍ୱାରା କର୍ମଫଳକୁ ଏହି ଜନ୍ମରେ କିମ୍ବା ପ୍ରାରବ୍ଧ ରୂପରେ ପରଜନ୍ମରେ ଭୋଗ କଲେ ହିଁ କର୍ମର ପୂର୍ଣ୍ଣତା ବା ପରିସମାପ୍ତି ହୁଏ । ଏହି କର୍ତ୍ତୃତ୍ୱାଭିମାନକୁ ତ୍ୟାଗ କରି କର୍ମ ସମ୍ପାଦନ କରିବା ହେଉଛି ଯୋଗ ସାଧନ ।

ନିର୍ଲିପ୍ତ ଭାବରେ କରାଯାଇଥିବା କର୍ମ ଗୁଡିକ, ଭଜା ଯାଇଥିବା ବୀଜ ଯେପରି ଅଙ୍କୁରଦ୍ଗମ ହୋଇ ପାରେ ନାହିଁ, ସେହି ସାଦୃଶ୍ୟ ଫଳଦାୟୀ ହୋଇ ପାରି ନଥାନ୍ତି । ଫଳରେ ମନୁଷ୍ୟ ଉଭୟ ଶୁଭ ଓ ଅଶୁଭ କର୍ମର ବନ୍ଧନରେ ପଡେନାହିଁ । କର୍ତ୍ତୃତ୍ୱାଭିମାନ ତ୍ୟାଗରେ ପୂର୍ବ ସଞ୍ଚିତ କର୍ମ  ତତ୍ତ୍ୱଜ୍ଞାନ ଦ୍ୱାରା ନାଶ ହୁଏ ଏବଂ ପ୍ରାରବ୍ଧ କର୍ମ ଭୋଗ ହେବାରେ ନାଶ ହୁଏ । ଫଳଦାୟୀ ନୂତନ କର୍ମ ସୃଷ୍ଟି ନହୋଇ ମନୁଷ୍ୟ ସମ୍ପୂର୍ଣ୍ଣ କର୍ମ ବନ୍ଧନରୁ ମୁକ୍ତ ହୋଇଯାଏ । ଉପରୋକ୍ତ ପାଞ୍ଚଟି କାରଣ ମଧ୍ୟରୁ କର୍ତ୍ତୃତ୍ୱାଭିମାନ ବ୍ୟତୀତ ଅନ୍ୟ କୌଣସି କାରଣର ଅଭାବରେ କର୍ମର ପୂର୍ଣ୍ଣତା ବା ସିଦ୍ଧତା  ସମ୍ପାଦିତ ହୋଇ ପାରିବା ଅସମ୍ଭବ ।  ତେଣୁ ଏକମାତ୍ର "ନ ଅହଂ କର୍ତ୍ତା -ହରି କର୍ତ୍ତା"- ଚିନ୍ତାଧାରାକୁ ନିରନ୍ତର ଅନ୍ତର ମଧ୍ୟରେ ଜୀବନ୍ତ ରଖି କର୍ମରେ ନିଯୁକ୍ତ ରହିବା ଦ୍ୱାରା ମନୁଷ୍ୟ ଭବ ସାଗରରୁ ମୁକ୍ତି ହୋଇପାରିବା ସମ୍ଭବ । କିନ୍ତୁ କାର୍ଯ୍ୟସିଦ୍ଧି ନିମିତ୍ତ ନିଜର ସମସ୍ତ ପ୍ରଯତ୍ନକୁ ଛାଡି କେବଳ ଦୈବ ଦୈବ କହି କର୍ତ୍ତବ୍ୟରୁ ବିମୁଖ ହୋଇ ବସି ରହିବା  ସର୍ବଦା ନିନ୍ଦନୀୟ । କର୍ତ୍ତବ୍ୟ କର୍ମ ପ୍ରଚେଷ୍ଟାରେ ନିଜର ତ୍ରୁଟିକୁ ପରିକ୍ଷୀ ପୁଣି ଦୈବର ଅନୁକୂଳତାକୁ ଭରସା କରି  କର୍ମରେ ନିଯୁକ୍ତ ହେବା ଦ୍ୱାରା ଆତ୍ମ ସନ୍ତୋଷ ପ୍ରାପ୍ତି ହୋଇଥାଏ ।

ଶରୀରବାଙ୍ ମନୋଭିର୍ଯତ୍  କର୍ମ  ପ୍ରାରଭତେ   ନରଃ  ।
ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ  ତସ୍ୟ   ହେତବଃ ।।୧୫।।

*ଅନ୍ୱୟ : ଶରୀର -ବାକ୍-ମନୋଭିଃ (ଶରୀର,, ବାଣୀ ଓ ମନ ଦ୍ୱାରା ) ନରଃ (ମନୁଷ୍ୟ) ଯତ୍ (ଯାହା କିଛି ) ବା (ବି)   ନ୍ୟାଯ୍ୟଂ (ଶାସ୍ତ୍ର ବିହିତ ) ବା ( ଅଥବା ) ବିପରୀତମ୍ (ଶାସ୍ତ୍ର ବିରୁଦ୍ଧ ) କର୍ମ (କାର୍ଯ୍ୟ ) ପ୍ରାରଭତେ ( ଆରମ୍ଭ କରେ )ଏତେ ( ଏହି ପାଞ୍ଚଗୋଟି ) ତସ୍ୟ ( ସେହି କର୍ମର ) ହେତବଃ (ହେତୁ ବା କାରଣ ଅଟେ ) ।*

**ଭାବାର୍ଥ** : ମନୁଷ୍ୟର ମନ, ବାଣୀ ଓ ଶରୀର ଦ୍ୱାରା ଶାସ୍ତ୍ରାନୁସାରେ  ଅଥବା ବିପରୀତ ଯାହାକିଛି  କର୍ମ ପ୍ରାରମ୍ଭ ହୋଇଥାଏ, ତାହାର ଅଧିଷ୍ଠାନ, କର୍ତ୍ତା, କରଣ, ପ୍ରଚେଷ୍ଟା ଓ ଦୈବ- ଏହି ପାଞ୍ଚଟି କାରଣ ରହିଛି  । କର୍ମ ସଙ୍କଳ୍ପର ହେତୁ ହେଉଛି ମନ । ଯେ କୌଣସି କର୍ମ କରନ୍ତୁନା କାହିଁକି, ସେଥିରେ ଶରୀର, ବାଣୀ ଓ ମନ- ଏହି ତିନୋଟି ମଧ୍ୟରୁ ଯେ କୌଣସି ଗୋଟିକର ଅବଦାନ  ଅନ୍ୟ କାରଣ ମାନଙ୍କଠାରୁ ଅଧିକ ସ୍ପଷ୍ଟ ଓ ମୁଖ୍ୟ ସ୍ଥାନୀୟ ହୋଇଥାଏ ।  କର୍ମର ଅଭିବ୍ୟକ୍ତି ଶରୀର, ବାଣୀ ଓ ମନ ଦ୍ୱାରା ହିଁ ହୋଇଥାଏ । ମନୁଷ୍ୟ ଯେତେ ପ୍ରକାର ପୁଣ୍ୟ ବା ପାପ କର୍ମ କରେ, ସେ ସବୁକୁ ଶାସ୍ତ୍ରକାରମାନେ କାୟିକ, ବାଚିକ ଓ ମାନସିକ- ଏହିପରି ତିନି ଭାଗରେ ବିଭକ୍ତ କରନ୍ତି । ସେହିପରି କର୍ମର ଫଳ ମଧ୍ୟ ଦେହ, ବାକ୍ୟ ଓ ମନ ଦ୍ୱାରା ଭୋଗ ହୁଏ  ଏବଂ ସେହି ଭୋଗ କାର୍ଯ୍ୟରେ  ଏହି ତିନୋଟି ମଧ୍ୟରୁ ଯେ କୌଣସି ଗୋଟିକର ପ୍ରାଧାନ୍ୟ ରହିଥାଏ । ଚୈତନ୍ୟ-ସ୍ୱରୂପ ଆତ୍ମା ଦେହାଦି ଉପାଧି ସହିତ ତାଦାତ୍ମ୍ୟ କରି ଜୀବ ରୂପରେ ଅନେକ ପ୍ରକାର ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ଉଚିତ-ଅନୁଚିତ କର୍ମ କରେ । ମନ, ବାଣୀ ଓ ଶରୀର ଦ୍ୱାରା କରାଯାଉଥିବା ଯେତେ ସବୁ ପାପ-ପୁଣ୍ୟ ରୂପୀ କର୍ମ ରହିଛି, ଜୀବକୁ ଇହ ଜନ୍ମରେ ତଥା ଜନ୍ମାନ୍ତରରେ ତା'ର ଫଳ ଭୋଗିବାକୁ ପଡିଥାଏ । ମନୁଷ୍ୟ ଶରୀରରେ ହିଁ ଜୀବ ପୁଣ୍ୟ ଓ ପାପ ରୂପକ ନୂତନ କର୍ମ କରିପାରେ । ଅନ୍ୟ ଯୋନି ଗୁଡିକ କେବଳ ଭୋଗ ଯୋନି। ସେଥିରେ ପୂର୍ବକୃତ କର୍ମ ମାନଙ୍କର ଫଳ ଭୋଗ ହୋଇଥାଏ । ସେଥିରେ ନୂତନ କର୍ମ କରିବାର ଅଧିକାର ନଥାଏ ।

ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଳଂ ତୁ ଯଃ ।
ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ॥୧୬॥

*ଅନ୍ୱୟ : ତୁ (କିନ୍ତୁ ) ଏବଂ (ଏପରି ପାଞ୍ଚଟି ହେତୁ ) ସତି (ଥିଲେ ମଧ୍ୟ) ତତ୍ର (ସର୍ବ କର୍ମରେ-ସର୍ବ ବିଷୟରେ) ଯଃ (ଯିଏ) କେବଳମ୍ (କେବଳ ନିରୁପାଧିକ ଅସଙ୍ଗ) ଆତ୍ମନଂ (ଶୁଦ୍ଧ ନିର୍ବିକାର ଆତ୍ମାକୁ ) କର୍ତ୍ତାରମ୍ (କର୍ତ୍ତା ରୂପେ) ପଶ୍ୟତି ( ଦେଖେ ) ସଃ (ସେହି) ଅକୃତ ବୁଦ୍ଧିତ୍ୱାତ୍ (ଶାସ୍ତ୍ର ଓ ଗୁରୁ ଉପଦେଶ ଅଭାବରେ ଅଶୁଦ୍ଧ ବୁଦ୍ଧି ବଶତଃ) ଦୁର୍ମତିଃ ( ମଳିନ ବୁଦ୍ଧିଯୁକ୍ତ ଅଜ୍ଞାନୀ ) ନ ପଶ୍ୟତି ( ଯଥାର୍ଥ ଭାବେ ଦେଖି ନଥାଏ ) ।*

**ଭାବାର୍ଥ** : ସକଳ କର୍ମ ଅର୍ଥାତ୍ କାୟିକ, ବାଚିକ ଓ ମାନସିକ ଯେତେ ସମସ୍ତ କର୍ମ ହେଉଛି, ସେସବୁ ଅଧିଷ୍ଠାନ, କର୍ତ୍ତା, କରଣ, ଚେଷ୍ଟା ଓ ଦୈବ – ଏହି ପାଞ୍ଚଟି ହେତୁ ଦ୍ୱାରା ହେଉଛି । ନିଜ ସ୍ୱରୂପ ଦ୍ୱାରା ନୁହେଁ । ଯେଉଁ ଅଜ୍ଞାନୀ ପୁରୁଷ ଅଶୁଦ୍ଧ ବୁଦ୍ଧି ବଶତଃ ଅସଙ୍ଗ ନିରୁପାଧିକ ଆତ୍ମାକୁ ସବୁ କର୍ମର କର୍ତ୍ତା ବୋଲି ମନେକରେ, ସେ ପ୍ରକୃତ ଆତ୍ମାକୁ ଯଥାର୍ଥ ଭାବେ ବୁଝି ପାରି ନଥାଏ । ଆତ୍ମା ସର୍ବଦା ଅକର୍ତ୍ତା । ସେ ଆକାଶ ସାଦୃଶ୍ୟ ଅନାସକ୍ତ । ସ୍ୱରୂପରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନାହିଁ । କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଭଗବାନଙ୍କ ଦ୍ୱାରା ସୃଷ୍ଟ ନୁହଁ କି, ପ୍ରକୃତି ଦ୍ୱାରା ସୃଷ୍ଟ ନୁହଁ । ଏହା ଜୀବ ଦ୍ୱାରା ହିଁ ସୃଷ୍ଟ । ଚିଦାଭାସରେ କର୍ତ୍ତୃତ୍ୱ ରହିଛି । ଆତ୍ମା ତାହାର ଦ୍ରଷ୍ଟା ଓ ସାକ୍ଷୀ । ଚିଦାଭାସ ବି ସ୍ୱୟଂ କଳ୍ପିତ । ସେଥିରେ କର୍ତ୍ତୃତ୍ୱ ମଧ୍ୟ କଳ୍ପିତ ଅଟେ । ତେଣୁ ଏହାକୁ ତ୍ୟାଗ କରିହୁଏ । ବାସ୍ତବରେ କର୍ତ୍ତା ବୋଲି କେହି ନାହିଁ । ଚୁମ୍ବକ ଯେପରି ନିଜେ ସ୍ଥିର ରହି ଅନ୍ୟ ଲୌହଚୀର୍ଣ୍ଣ ସବୁକୁ ନିଜ ଚାରିପାଖରେ ଘୂରାଇଥାଏ, ଆତ୍ମା ସର୍ବଦା ଅକର୍ତ୍ତା ହୋଇ ରହି ମନ, ବୁଦ୍ଧି, ଇନ୍ଦ୍ରିୟ ଏବଂ ସକଳ ପ୍ରକାର କ୍ରିୟା କଳାପର ମୂକାସାକ୍ଷୀ ରୂପେ ସମସ୍ତ ଶରୀରକୁ ସଞ୍ଚାଳିତ କରେ । ସୂର୍ଯ୍ୟ ଯେପରି କୌଣସି ରୂପ ଧାରଣ ନ କରି ଅର୍ଥାତ୍ ଏହା କୌଣସି ବିଷୟରେ ଲିପ୍ତ ନ ହୋଇ ଚକ୍ଷୁ ଓ ଅନ୍ୟ ବସ୍ତୁର ରୂପକୁ ପ୍ରକାଶିତ କରିଥାନ୍ତି, ସେହିଭଳି ଆତ୍ମା ସ୍ୱୟଂ କର୍ମ ନ ହୋଇ କର୍ମକୁ ପ୍ରକଟ କରିଥାଏ । ସୂର୍ଯ୍ୟ ସ୍ୱୟଂ ଦିନ ନୁହନ୍ତି କି ରାତ୍ରି ନୁହନ୍ତି, ମାତ୍ର ଉଭୟର କାରଣ ହୋଇ ଥାନ୍ତି । ଆତ୍ମା ସେହିପରି ନିଜେ କର୍ତ୍ତା ନୁହଁ କି, କର୍ମ ବି ନୁହଁ, ମାତ୍ର କର୍ତ୍ତା ଓ କର୍ମ ଉଭୟକୁ ପ୍ରକାଶ କରେ । ସ୍ୱଳ୍ପବୁଦ୍ଧି ଅହଙ୍କାରୀ ମନୁଷ୍ୟ ଶାସ୍ତ୍ର ଓ ଆଚାର୍ଯ୍ୟଙ୍କ ଉପଦେଶ ଅଭାବରେ କୈବଲ୍ୟ ସ୍ୱରୂପ ଆତ୍ମାକୁ କର୍ତ୍ତା ରୂପରେ ଦେଖିଥାଏ । ସୁପ୍ତ ମନୁଷ୍ୟ ଜାଗ୍ରତ ନ ହେବା ପର୍ଯ୍ୟନ୍ତ ସ୍ୱପ୍ନକୁ ସତ୍ୟ ମାନିଥାଏ । କମଳ ରୋଗାକ୍ରାନ୍ତ ବ୍ୟକ୍ତି ଧରି ନେଇଥାଏ ଚନ୍ଦ୍ରର ବର୍ଣ୍ଣ ହଳଦିଆ । ସେହିଭଳି ଦେହାଭିମାନୀ ବ୍ୟକ୍ତି ଆତ୍ମା ଉପରେ ଦେହକୁ ଆରୋପ କରିଥାଏ । କର୍ମ ମାନଙ୍କ ସହିତ ଅସଙ୍ଗ ଆତ୍ମାର ସମ୍ବନ୍ଧ ଯୋଡି, ଆତ୍ମାକୁ ସେହି କର୍ମମାନଙ୍କର କର୍ତ୍ତା ବୋଲି ମାନିବା ଅତ୍ୟନ୍ତ ଅବିବେକୀ ଯାହାକୁ 'ଦୁମତିଃ' ବୋଲି ଭଗବାନ କହିଛନ୍ତି । ସତ୍-ସଙ୍ଗ, ଶାସ୍ତ୍ର ଅଧ୍ୟୟନ ଓ ଗୁରୁବାକ୍ୟ ପାଳନର ଅଭ୍ୟାସ ତଥା ବିବେକ, ବିଚାର, ଶମ ଓ ଦମ ଆଦି ଆଧ୍ୟାତ୍ମିକ ସାଧନ ଦ୍ୱାରା ଯାହାର ବୁଦ୍ଧି ଶୁଦ୍ଧ ହୋଇନାହିଁ, 'ସେହି ପ୍ରାକୃତ ମନୁଷ୍ୟକୁ ଏହିଠାରେ 'ଅକୃତବୁଦ୍ଧି' ସମ୍ପନ୍ନ ବୋଲି ଅଭିହିତ କରାଯାଇଛି । କର୍ମଯୋଗ ଓ ସାଙ୍ଖ୍ୟଯୋଗ ସାଧନାରେ ପ୍ରକୃତି ଓ ପୁରୁଷ ସମ୍ବନ୍ଧୀୟ ବିବେକ ହିଁ ମୁଖ୍ୟ । କର୍ମଯୋଗ ସାଧନ ଅନୁସାରେ ସମସ୍ତ କ୍ରିୟା ଶରୀର, ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ହେଉଥାଏ । କିନ୍ତୁ ଏମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ ହୋଇ ନଥାଏ ଅର୍ଥାତ୍ ଏଗୁଡିକରେ ମମତା ରହେନାହିଁ । ଯାହାର ଅନ୍ତଃକରଣ ଅହଂକାରରେ ବିମୋହିତ, ସେ ନିଜକୁ କର୍ତ୍ତା ମନେକରେ ।

ବିବେକ ଜାଗ୍ରତ ହେଲେ ମୋହ ନଷ୍ଟ ହୋଇଯାଏ । ମୋହ ନଷ୍ଟ ହୋଇଗଲେ ବ୍ୟକ୍ତି ନିଜକୁ କର୍ତ୍ତା ମନେ କରିପାରେ ନାହିଁ ଅର୍ଥାତ୍ ତାକୁ ନିଜର ଶୁଦ୍ଧ ସ୍ୱରୂପ ଅନୁଭୂତ ହୁଏ । ଯେଉଁ ପର୍ଯ୍ୟନ୍ତ ସାଧକ ପ୍ରକୃତିର ସୀମା ମଧ୍ୟରେ ରହି ଗୁଣର ଅବଶ ହୋଇ କର୍ମ କରୁଥାଏ, ସେ ପର୍ଯ୍ୟନ୍ତ ଭଗବାନ କିଛି କରି ନଥାନ୍ତି । ସେ ଅତୀବ ନିକଟରେ ରହି ମଧ୍ୟ ଦ୍ରଷ୍ଟା ରୂପରେ ହିଁ ରହିଥାନ୍ତି । ଅନନ୍ୟ ଭାବରେ ଇଷ୍ଟଙ୍କୁ ଆଶ୍ରିତ ହୋଇଗଲାପରେ, ସେ ଭକ୍ତର ହୃଦୟ ଦେଶର ସଞ୍ଚାଳକ ହୋଇଯାଇଥାଆନ୍ତି । ସାଧକ ପ୍ରକୃତିର ସୀମାରୁ ବାହାରି ଭଗବାନଙ୍କ କ୍ଷେତ୍ରକୁ ଆସିଯାଇଥାଏ ।  ଏପରି ଅନନ୍ୟ ଭକ୍ତଙ୍କ ନିମନ୍ତେ ଭଗବାନ କର୍ତ୍ତାଭାବରେ ସଦୈବ ଉପସ୍ଥିତ ରହିଥାନ୍ତି ।

ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।<br>ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ॥୧୭॥

*ଅନ୍ୱୟ : ଯସ୍ୟ (ଯାହାର) ଅହଂକୃତ ( 'ମୁଁ କର୍ତ୍ତା' ବା 'ମୁଁ କରୁଛି' ବୋଲି) ଭାବଃ (ଭାବ ବା ଧାରଣା ) ) ନ (ନଥାଏ) ଯସ୍ୟ (ଯାହାର) ବୁଦ୍ଧିଃ (ବୁଦ୍ଧି) ନ ଲିପ୍ୟତେ (ସ୍ୱାର୍ଥ, ଆସକ୍ତି ଓ ମମତ୍ୱ ରଖି କର୍ମରେ ଲିପ୍ତ ହୁଏନାହିଁ ) ସଃ (ସେହି ପୁରୁଷ) ଇମାନ୍ ଲୋକାନ୍ (ଏହି ଯୁଦ୍ଧ ନିମନ୍ତେ ଉପସ୍ଥିତ ରହିଥିବା ସମସ୍ତ ଲୋକଙ୍କୁ ) ହତ୍ୱା ଅପି ( ବଧ କରି ମଧ୍ୟ ) ନ ହନ୍ତି (ମାରି ନଥାନ୍ତି ) ନ ନିବଧ୍ୟତେ ( କି ପାପ ଦ୍ୱାରା ବାନ୍ଧି ହୋଇ ନଥାନ୍ତି ) ।*

**ଭାବାର୍ଥ** : ଯେଉଁ ଜ୍ଞାନୀ ବା ଯୋଗୀ ପୁରୁଷଙ୍କ 'ମୁଁ କର୍ତ୍ତା' ବା 'ମୁଁ କରୁଛି' ବୋଲି ଭାବ ନଥାଏ ଏବଂ ଯାହାର ବୁଦ୍ଧି ସ୍ୱାର୍ଥ, ଫଳେଚ୍ଛା ଏବଂ ମମତ୍ୱ ଶୂନ୍ୟ, ସେ ଧର୍ମଯୁଦ୍ଧ ଭଳି କର୍ତ୍ତବ୍ୟ କର୍ମ କରିବାକୁ ଯାଇ ସମସ୍ତଙ୍କୁ ହତ୍ୟା କଲେ ମଧ୍ୟ ବାସ୍ତବରେ ସେ କାହାକୁ ମାରନ୍ତି ନାହିଁ କି, ପାପ ଦ୍ୱାରା ବାନ୍ଧି ହୁଅନ୍ତି ନାହିଁ । ବିନା କର୍ତ୍ତୃତ୍ୱ ଅଭିମାନରେ କରାଯାଉଥିବା କର୍ମ ବାସ୍ତବରେ ଅକର୍ମ । ଆସକ୍ତି, ସ୍ୱାର୍ଥ ଏବଂ ଅହଂକାର ନଥାଇ ନିଜର କର୍ତ୍ତବ୍ୟ ସମ୍ପାଦନ କାଳରେ ଯଦି କୌଣସି ପ୍ରକାର ହିଂସା ହେଲାଭଳି ଲୋକ ଲୋଚନକୁ ଆସେ, ତେବେ ବି ସେ ପ୍ରକୃତରେ ହିଂସା ନୁହେଁ । ସ୍ୱରୂପର ସତ୍ତା ବିନା ଯଦିଓ କୌଣସି କ୍ରିୟା ହେବା ସମ୍ଭବ ନୁହେଁ, କିନ୍ତୁ ଚେତନା କୌଣସି କ୍ରିୟାର କର୍ତ୍ତା ହୁଏନାହିଁ କି, ଫଳଭୋକ୍ତା ହୁଏନାହିଁ । 'ପ୍ରକୃତିର ସମସ୍ତ କାର୍ଯ୍ୟ ସର୍ବଦା ପରିବର୍ତ୍ତନଶୀଳ ଏବଂ ନିଜ ସ୍ୱରୂପ କେବଳ ତାହାର ପ୍ରକାଶ ମାତ୍ର'- ଯେ ଏହା ବୁଝି ନିଜ ସ୍ୱରୂପରେ ସ୍ଥିତ ରହନ୍ତି, ତାଙ୍କଠାରେ 'ମୁଁ କରୁଛି' ଏପରି ଅହଂକୃତ ଭାବ ଜାତ ହୁଏ ନାହିଁ କି, ଫଳେଚ୍ଛା ମଧ୍ୟ ସୃଷ୍ଟି ହୁଏନାହିଁ । ବାସ୍ତବରେ 'ଅହଂ' ଭାବ ହିଁ କେବଳ ମନୁଷ୍ୟକୁ ପରମାତ୍ମାଙ୍କଠାରୁ ପୃଥକ୍ କରେ ଏବଂ ମନୁଷ୍ୟଠାରେ ଭୋଗ ଇଚ୍ଛା ଓ ଫଳେଚ୍ଛା ଜାତ କରାଏ । କାମନା, ମମତା ଓ ସ୍ୱାର୍ଥ ଭାବ ଯୋଗୁଁ ବୁଦ୍ଧି ଲିପ୍ତ ହୁଏ । କର୍ମ ଓ କର୍ମଫଳ ପ୍ରତି ଆସକ୍ତି ନରଖି, ବିଷୟ ଭୋଗ ସ୍ୱପ୍ନ ସାଦୃଶ୍ୟ ନାଶବାନ୍ ଓ କ୍ଷଣଭଙ୍ଗୁର ବୋଲି ବୁଝିନେଇ, ଅନ୍ତଃକରଣରେ ସେ ସବୁର କୌଣସି ବି ସଂସ୍କାର ସଂଗୃହିତ ନ ହେବା ହେଉଛି ବୁଦ୍ଧି ଲିପ୍ତ ନ ହେବା । ଆତ୍ମଜ୍ଞାନ ଦ୍ୱାରା ଅହଂଭାବ ନଷ୍ଟ ହୁଏ ଏବଂ ନିଷ୍କାମ କର୍ମ ଦ୍ୱାରା ବୁଦ୍ଧିର ଲିପ୍ତତା ଦୂର ହୁଏ । ଯେତେବେଳେ ସ୍ୱାର୍ଥପରତା ଓ ଅସ୍ମିତା ନାଶ ହୋଇଯାଏ ଏବଂ 'ମୁଁ କର୍ତ୍ତା' ବୋଲି ବୋଧ ରହେନାହିଁ, କାମନା, ବାସନା ଓ ବ୍ୟକ୍ତିଗତ ଲାଭାଲାଭ ସ୍ୱତଃ ଅନ୍ତଃକରଣରୁ ଦୂର ହୋଇଯାଏ ।  ସେତେବେଳେ କୌଣସି ପ୍ରକାର କର୍ମ ମନୁଷ୍ୟର ବନ୍ଧନର କାରଣ ହୁଏ ନାହିଁ ।  ଭଗବାନ ଯେପରି ସମ୍ପୂର୍ଣ୍ଣ ଜଗତର ଉତ୍ପତ୍ତି, ପାଳନ ଓ ସଂହାର

ଆଦି କାର୍ଯ୍ୟକରି ମଧ୍ୟ ବାସ୍ତବରେ ତାହାର କର୍ତ୍ତା ନୁହନ୍ତି ଏବଂ ସେହି କର୍ମ ସହିତ ତାଙ୍କର କୌଣସି ସମ୍ବନ୍ଧ ନଥାଏ, ଆତ୍ମଜ୍ଞାନୀ ତଥା କର୍ମଯୋଗୀ ପୁରୁଷର ସେହିପରି ମନ, ବୁଦ୍ଧି, ଇନ୍ଦ୍ରିୟ ମାନଙ୍କ ଦ୍ୱାରା ହେଉଥିବା କର୍ମ ସହିତ କୌଣସି ପ୍ରକାର ସମ୍ବନ୍ଧ ରହେ ନାହିଁ । ଅଗ୍ନିର ସଂଯୋଗରେ ପଦାର୍ଥ ଅଗ୍ନିରୂପ ଧାରଣ କରେ । ସେହିଭଳି ଯେଉଁ ବ୍ୟକ୍ତି ଆତ୍ମସତ୍ତାର ପରିଚୟ ପାଇଯାଏ, ସେ ବିଷୟ ପଦାର୍ଥକୁ ଆତ୍ମାଠାରୁ ପୃଥକ୍ ମନେକରେ ନାହିଁ । ଥରେ ଆତ୍ମା (ବ୍ରହ୍ମ) ସହିତ ଅଭିନ୍ନ ହୋଇ ଉଠିବା ପରେ ଦେହ ବା ବିଷୟ ଭାବ ଆଉ ରହେନାହିଁ । ଅହଂକାର ସ୍ୱତଃ ଚାଲିଯାଇଥାଏ । ଆତ୍ମବନ୍ତ ପୁରୁଷଙ୍କ ଇଚ୍ଛା ଭଗବାନଙ୍କ ଇଚ୍ଛା ସହିତ ଜଡିତ ହୋଇଯାଏ । ତେଣୁ ସେ' ଯାହା କରନ୍ତି, ତାହା ଭଗବାନ ହିଁ କରନ୍ତି । ତାଙ୍କରି ନିଜ ଇଚ୍ଛା ବୋଲି ପୃଥକ୍ ହୋଇ କିଛି ନଥାଏ । ଶ୍ରୀ ରାମାନୁଜାଚାର୍ଯ୍ୟ କହିଛନ୍ତି କି, "ସଂସାରର ସମସ୍ତ କାର୍ଯ୍ୟ ପରମେଶ୍ୱରଙ୍କ ପ୍ରେରଣାରେ ହିଁ ହୁଏ । ଅର୍ଜୁନ ଯୁଦ୍ଧରେ ନିଜ ପୂଜ୍ୟ ଜନଙ୍କୁ ମାରିଲେ ନିଜର ଯେଉଁ ପାପ ହେବ ବୋଲି ଆଶଙ୍କା କରିଛନ୍ତି, ତାର ନିରାକରଣ ଏଠାରେ କରି ଭଗବାନ କହିଛନ୍ତି କି- ତୁମ୍ଭେ ଯୁଦ୍ଧ କର । କିନ୍ତୁ 'ମୁଁ ଶତ୍ରୁ ମାନଙ୍କୁ ପରାଜିତ ସକାଶେ ଯୁଦ୍ଧ କରୁଛି' – ଏ ପ୍ରକାର ଅହଂକାର ମନରେ ଆଣ ନାହିଁ । ବରଂ ଏହା ପରମ ପୁରୁଷଙ୍କ ଇଚ୍ଛାରେ ହେଉଛି ବୋଲି ମାନିନେଲେ, ତୁମ୍ଭଠାରେ ଯେଉଁ ଭୀଷ୍ମ, ଦ୍ରୋଣ ଆଦିଙ୍କୁ ମାରିବାରେ ପାପ ଲାଗିବାର ଶଙ୍କା ଜାତ ହେଉଛି, ଏମାନଙ୍କୁ କଣ, ଯଦି ତୁମେ ସମସ୍ତ ପ୍ରାଣୀଙ୍କୁ ମାରିଦେଲେ ମଧ୍ୟ ତୁମ୍ଭଙ୍କୁ ତିଳେମାତ୍ର ପାପ ସ୍ପର୍ଶ କରିବ ନାହିଁ "।

ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା ।
କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମସଙ୍ଗ୍ରହଃ ॥୧୮॥

*ଅନ୍ୱୟ : ଜ୍ଞାନ (ଯାହା ଜାଣିହୁଏ-ବସ୍ତୁର ସ୍ୱରୂପ ସମ୍ବନ୍ଧୀୟ ତତ୍ତ୍ୱ-ଜାଗ୍ରତ ଓ ସ୍ୱପ୍ନ ଅବସ୍ଥାର ଅନୁଭୂତି) ଜ୍ଞେୟଂ (ଜ୍ଞାତବ୍ୟ ଅର୍ଥାତ୍ ଜାଣିବା ଯୋଗ୍ୟ -ଜ୍ଞାନ ଦ୍ୱାରା ଜାଣିହେବା ବିଷୟ ତତ୍ତ୍ୱ -ଯାହା ଅନୁଭବ୍ୟ ) ପରିଜ୍ଞାତା ( ଯିଏ ଜାଣେ -ଜ୍ଞାନ ଯାହାର ଆଶ୍ରୟ ନିଏ -ବସ୍ତୁର ସ୍ୱରୂପକୁ ଅନୁଭବ କରୁଥିବା ବ୍ୟକ୍ତି ) ତ୍ରିବିଧା ( ଏହି ତିନୋଟି ) କର୍ମଚୋଦନା ( କର୍ମ ପ୍ରେରଣା ବା କର୍ମ ପ୍ରବୃତ୍ତିର ହେତୁ ) କର୍ତ୍ତା ( ଯେ କର୍ମ କରେ ଅର୍ଥାତ୍ ଦେହାଭିମାନୀ ପ୍ରକୃତିସ୍ଥ ପୁରୁଷ) କରଣଂ (ଯେଉଁ ସମସ୍ତ ସାଧନ ଦ୍ୱାରା କ୍ରିୟା ହୋଇଥାଏ ଅର୍ଥାତ୍ ଇନ୍ଦ୍ରିୟ, ମନ ବୁଦ୍ଧି ଆଦି ) କର୍ମ ( କରାଯାଉଥିବା କ୍ରିୟା ) ଇତି ତ୍ରିବିଧଃ ( ଏହି ତିନି ପ୍ରକାର ଦ୍ୱାରା ) କର୍ମ ସଂଗ୍ରହଃ (କର୍ମ ସଂଗ୍ରହ ହୁଏ ଅର୍ଥାତ୍ ଏହି ତିନୋଟି କର୍ମର ଆଧାର ବା ଉପାଦାନ ) ।*

**ଭାବାର୍ଥ** : ଜ୍ଞାନ, ଜ୍ଞେୟ ଏବଂ ପରିଜ୍ଞାତା – ଏହି ତିନୋଟି କର୍ମ ପ୍ରବର୍ତ୍ତକ ବା କର୍ମ ପ୍ରେରଣା ଅଟନ୍ତି । କରଣ (ଇନ୍ଦ୍ରିୟ ସମୂହ), କର୍ମ (କ୍ରିୟା) ଏବଂ କର୍ତ୍ତା ( କରଣର ପ୍ରଯୋକ୍ତା) – ଏହି ତିନୋଟି କର୍ମ ସଂଗ୍ରହ ବା କ୍ରିୟାର ଆଧାର ଅଟନ୍ତି । ଜ୍ଞାନ, ଜ୍ଞାତା ଓ ଜ୍ଞେୟ -ଏହି ତିନୋଟିର ସମ୍ମିଶ୍ରଣ ହିଁ ମନୁଷ୍ୟକୁ ମାନସିକ, ବାଚିକ ଓ ଦୈହିକ କର୍ମରେ ପ୍ରବୃତ୍ତ କରାଏ । ବୈଦିକ ସାହିତ୍ୟରେ ଏହାକୁ 'ତ୍ରିପୁଟି' ବୋଲି କୁହାଯାଇଛି । ଜ୍ଞାନ, ଜ୍ଞେୟ ଓ ଜ୍ଞାତାର ସମନ୍ୱୟ ଘଟିଲେ ହିଁ କୌଣସି ବସ୍ତୁ ପ୍ରାପ୍ତି ନିମନ୍ତେ କିମ୍ବା ପ୍ରତ୍ୟାଖାନ ନିମନ୍ତେ କର୍ମ ସମ୍ପାଦନ ସମ୍ଭବ ହୁଏ । ଉଦାହରଣ ସ୍ୱରୂପ; ଜଳପାନ କରିବା ପୂର୍ବରୁ ତୃଷାର ଜ୍ଞାନ ହୁଏ । ଯାହାକୁ ଜ୍ଞାନ ହୁଏ ସେ' ଜ୍ଞାତା । ତୃଷା ମେଣ୍ଟାଇବା ନିମନ୍ତେ ଆବଶ୍ୟକୀୟ ଜଳ ବସ୍ତୁର ସମ୍ବନ୍ଧରେ ଜାଣିବା ହେଉଛି ଜ୍ଞେୟ । ଏହି 'ତ୍ରିପୁଟି'ର ସମ୍ମିଶ୍ରଣରେ ଜଳ ପାନ ନିମିତ୍ତ ଇଚ୍ଛା ପୋଷଣ ହେଉଛି ଜଳ ପାନ କ୍ରିୟାର ପ୍ରବର୍ତ୍ତକ। ଯେ' ଜଳ

ସଂଗ୍ରହ କରେ ସେ ହେଉଛି 'କର୍ତ୍ତା', ଇନ୍ଦ୍ରିୟାଦି ଯେଉଁ ମାନଙ୍କ ସାହାଯ୍ୟରେ ଜଳ ପ୍ରାପ୍ତି ହେଲା ତାହା 'କରଣ' ଏବଂ ଜଳ ପାନ କରିବା କ୍ରିୟା ହେଲା କର୍ମ । ବାସ୍ତବରେ କର୍ମ କରିବା ନିମନ୍ତେ ଯେଉଁ ଶ୍ରଦ୍ଧା ଏବଂ ବିଶ୍ୱାସ ହେଉଛି 'ଜ୍ଞାନ' । ସଂକ୍ଷେପରେ ଏପରି ମଧ୍ୟ କୁହାଯାଇପାରେ କି, ଜାଗ୍ରତ ଓ ସ୍ୱପ୍ନ ଅବସ୍ଥାର ସ୍ୱତଃ ଅନୁଭୂତି ହେଉଛି 'ଜ୍ଞାନ' । ଯେଉଁ ଜୀବ ଅନୁଭବ କରେ ସେ ହେଉଛି 'ଜ୍ଞାତା' ଏବଂ ଆବଶ୍ୟକ ଏବଂ ଅନାବଶ୍ୟକ ଅନୁଯାୟୀ ଯାହା ଅନୁଭବ୍ୟ ତାହା 'ଜ୍ଞେୟ' । ଶବ୍ଦ, ରୂପ, ରସ, ଗନ୍ଧ ଏବଂ ସ୍ପର୍ଶ ହେଉଛି ଜ୍ଞେୟର ଲକ୍ଷଣ । ଜ୍ଞେୟ ବସ୍ତୁ ଏକ ହେଲେମଧ୍ୟ ବିଭିନ୍ନ ଜ୍ଞାନେନ୍ଦ୍ରିୟ ଦ୍ୱାରା ଭିନ୍ନ ଭିନ୍ନ ପ୍ରକାରେ ଅଭିବ୍ୟକ୍ତ ହୁଏ । ଜ୍ଞେୟର ପ୍ରିୟ-ଅପ୍ରିୟ ଅନୁସାରେ ପ୍ରାପ୍ତି କିମ୍ବା ତ୍ୟାଗ ପ୍ରବୃତ୍ତି ଆରମ୍ଭ ହୁଏ । ଜ୍ଞାନ, ଜ୍ଞେୟ, ଜ୍ଞାତା- ସମସ୍ତ କର୍ମ ପ୍ରବୃତ୍ତିର ମୂଳ । ଜ୍ଞାତା  କର୍ତ୍ତା ପାଲଟିଯାଇ, ସେ' ନିଜେ ଜ୍ଞାନକୁ 'କରଣ' ଓ ଜ୍ଞେୟକୁ 'କର୍ମ'ରେ ପରିଣତ କରେ । କରଣ, କର୍ମ ଓ କର୍ତ୍ତା- ଏହି ତିନୋଟି କର୍ମର ଆଧାର ଏବଂ ଏହାର  ସହଯୋଗରେ କର୍ମ ପୂର୍ଣ୍ଣାଙ୍ଗ ହୁଏ । ମନ, ବୁଦ୍ଧି, ଇନ୍ଦ୍ରିୟାଦି ସହଯୋଗରେ ଯେଉଁ କ୍ରିୟା ଅନୁଷ୍ଠିତ ହୁଏ, ତାହା ହେଲା 'କର୍ମ' ଏବଂ ଇନ୍ଦ୍ରିୟାଦି ହେଲେ 'କରଣ' । ଲୋକମାନ୍ୟ ତିଳକଙ୍କ ବିଚାରରେ; ଜ୍ଞାନ, ଜ୍ଞେୟ ଓ ଜ୍ଞାତା ହେଉଛି ମନୁଷ୍ୟର ଅନ୍ତଃକରଣର ସୂକ୍ଷ୍ମ କ୍ରିୟା ଯେଉଁଥିରୁ କର୍ମ ପ୍ରେରଣା ଉତ୍ପନ୍ନ ହୁଏ ଏବଂ ଏହି ଆନ୍ତରିକ କ୍ରିୟାନୁସାରେ କର୍ମ ସମ୍ପାଦି ହେଉଛି ସ୍ଥୂଳକର୍ମ ଯାହାକୁ କର୍ମ ସଂଗ୍ରହ ରୂପେ ସୂଚା ଯାଇଛି । ଶ୍ରୀ ଶଙ୍କରାଚାର୍ଯ୍ୟ 'ପରିଜ୍ଞାତା' ଶବ୍ଦର ଅର୍ଥ ଉପାଧିରୂପ ଅବିଦ୍ୟା ଦ୍ୱାରା କଳ୍ପିତ 'ଭୋକ୍ତା' ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କରି ବ୍ୟାଖ୍ୟାନୁସାରେ ଜ୍ଞାନ, ଜ୍ଞେୟ, ଓ ଜ୍ଞାତା – ଏହି ତିନି ଏକତ୍ରିତ ହୋଇଯିବାରେ ହେୟ ଓ ଉପାଦେୟ ଦୃଷ୍ଟିରେ ସମସ୍ତ କର୍ମର ଆରମ୍ଭ ହୋଇଥାଏ । ଏହି ସମସ୍ତ ବିଚାରରେ ଆତ୍ମା କର୍ମଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । 'ଅହଂକୃତ' ଭାବ ନ ରହିଲେ କର୍ମ ସଂଗ୍ରହ ପୂର୍ଣ୍ଣାଙ୍ଗ ହୁଏ ନାହିଁ ଅର୍ଥାତ୍ କର୍ମ ଫଳଜନକ ହୁଏନାହିଁ । ଏଥିରୁ ଏହା ସିଦ୍ଧ ହୁଏ କି, ଆତ୍ମା କୌଣସି କର୍ମର ପ୍ରବର୍ତ୍ତକ ବା ଆଶ୍ରୟ ନୁହେଁ ।

ଜ୍ଞାନଂ କର୍ମ ଚ କର୍ତ୍ତା ଚ   ତ୍ରିଧୈବ   ଗୁଣଭେଦତଃ   ।
ପ୍ରୋଚ୍ୟତେ  ଗୁଣସଙ୍ଖ୍ୟାନନେ  ଯଥାବତ୍ ଶୃଣୁ ତାନ୍ୟପି  ॥୧୯॥

*ଅନ୍ୱୟ:  ଗୁଣ ସଙ୍ଖ୍ୟାନେ (ଗୁଣମାନଙ୍କ ବିବେଚନା କରାଯାଇଥିବା ସାଙ୍ଖ୍ୟ ଦର୍ଶନରେ ) ଜ୍ଞାନଂ (ଜ୍ଞାନ ବା ଚିତ୍ତ ବୃତ୍ତିର) ଚ  (ଏବଂ) କର୍ମ ( କର୍ମ) ଚ (ତଥା) କର୍ତ୍ତା ( କର୍ତ୍ତା ପ୍ରତ୍ୟେକକୁ ) ଗୁଣଭେଦତଃ (ଗୁଣଭେଦ ପ୍ରକାରେ) ତ୍ରିଧା-ଏବ ( ସତ୍ତ୍ୱ, ରଜଃ ଓ ତମଃ- ଏହି ଗୁଣ ଭେଦାନୁଯାୟୀ ତିନି ପ୍ରକାର ବୋଲି ) ପ୍ରୋଚ୍ୟତେ ( କୁହାଯାଇଛି ) ତାନି-ଅପି  ( ସେଗୁଡ଼ିକୁ ମଧ୍ୟ ) ଯଥାବତ୍ ଶୃଣୁ (ଯୁକ୍ତି-ଯୁକ୍ତରୂପେ ଶ୍ରବଣ କର ) ।*

**ଭାବାର୍ଥ** :  ସାଙ୍ଖ୍ୟଯୋଗ ସିଦ୍ଧାନ୍ତ ଦ୍ୱାରା କର୍ମପ୍ରେରଣା ଓ କର୍ମ ସଂଗ୍ରହ ନିରୂପଣ କରି ଭଗବାନ ତତ୍ତ୍ୱଜ୍ଞାନର ସହାୟକ ସାତ୍ତ୍ୱିକ ଭାବକୁ ଗ୍ରହଣକରି ତାମସକୁ ପରିତ୍ୟାଗ କରିବା ନିମିତ୍ତ ଆଗକୁ ଜ୍ଞାନ, କର୍ମ, କର୍ତ୍ତା, ବୁଦ୍ଧି, ଧୃତି ଓ ସୁଖର ଗୁଣଗତ ପ୍ରଭେଦକୁ ଯଥାର୍ଥ ଭାବେ ବୁଝାଇଛନ୍ତି । କପିଳଙ୍କ ସାଙ୍ଖ୍ୟଶାସ୍ତ୍ରରେ ଜ୍ଞାନ, କର୍ମ ଓ କର୍ତ୍ତା ଗୁଣଭେଦ ଅନୁଯାୟୀ ସତ୍ତ୍ୱ, ରଜଃ ଓ ତମ- ଏହି ପରି ତିନି ପ୍ରକାର କଥିତ ହୋଇଛି । ମନୁଷ୍ୟ ଜୀବନରେ କର୍ମ, ଜ୍ଞାନ ଓ ଏହା ସହିତ ସମ୍ବନ୍ଧିତ ଦେହାଭିମାନ ଅହଙ୍କାରର ବିଶେଷ ମହତ୍ତ୍ୱ ଥିବା କାରଣରୁ ଭଗବାନ ଅର୍ଜୁନଙ୍କୁ ଧ୍ୟାନର ସହିତ ତାହା ଶୁଣିବାକୁ ସାବଧାନ କରିଛନ୍ତି । ଭୂତ ପ୍ରକୃତିର ଏହି ତିନିଗୁଣ ସମସ୍ତ

ଜୀବକୁ ବନ୍ଧନରେ ପକାଇଥାନ୍ତି । ଏପରିକି ସତ୍ତ୍ୱଗୁଣ ଦ୍ୱାରା ମଧ୍ୟ ମନୁଷ୍ୟ ବଦ୍ଧ ଅଟେ । ଜ୍ଞାନ ତଥା କର୍ମ ସଂଗ୍ରହରେ କର୍ତ୍ତାର ଭୂମିକା ମୁଖ୍ୟ ହୋଇଥାଏ । ସମସ୍ତ କରଣମାନଙ୍କ ମଧ୍ୟରେ 'ବୁଦ୍ଧି' ଓ ତାର ସହାୟକ 'ଧୃତି'ର  କର୍ମ ସଂଗ୍ରହ ହେବାରେ ବେଶେଷ ଯୋଗଦାନ ରହିଥାଏ  । ସେହିପରି ସୁଖ ପ୍ରାପ୍ତି ହିଁ ପ୍ରତ୍ୟେକ ମନୁଷ୍ୟର କର୍ମ କରିବାର ମୂଳ ଉଦ୍ଦେଶ୍ୟ ହୋଇଥାଏ । ତେଣୁ ଭଗବାନ ସାତ୍ତ୍ୱିକ, ରାଜସ ଓ ତାମସ ସୁଖ ନାମରେ ଆଗକୁ ଜ୍ଞେୟର ତିନୋଟି ପ୍ରଭେଦ ସହିତ  ସାତ୍ତ୍ୱିକ ବୁଦ୍ଧି ଓ ଧୃତି କିପରି ତତ୍ତ୍ୱଜ୍ଞାନ ସାଧନର ମୁଖ୍ୟ ସହାୟକ, ତାହା ଯଥାର୍ଥ ଭାବେ ଆଗ ଶ୍ଳୋକ ମାନଙ୍କରେ ବୁଝାଇଛନ୍ତି ।

ସର୍ବଭୂତେଷୁ     ଯେନୈକଂ ଭାବମବ୍ୟୟମୀକ୍ଷତେ   ।
ଅବିଭକ୍ତଂ   ବିଭକ୍ତେଷୁ   ତତ୍ ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ॥୨୦॥

*ଅନ୍ୱୟ : [ ଜ୍ଞାନୀ ପୁରୁଷ] ଯେନ (ଯେଉଁ ଜ୍ଞାନ ଦ୍ୱାରା ) ବିଭକ୍ତେଷୁ ( ଭିନ୍ନ ଭିନ୍ନ ରୂପେ ସ୍ଥିତ) ସର୍ବ ଭୂତେଷୁ ( ସମସ୍ତ ପ୍ରାଣୀଙ୍କଠାରେ) ଅବିଭକ୍ତମ୍ ( ବିଭାଗ ରହିତ- ଅଭିନ୍ନ ) ଏକଂ ଅବ୍ୟୟମ୍ (ଏକ ଅବିନାଶୀ ) ଭାବମ୍ (ପରମାତ୍ମା ସତ୍ତା- ନିତ୍ୟ ବସ୍ତୁକୁ) ଈକ୍ଷତେ (ଦର୍ଶନ କରନ୍ତି ) ତତ୍ (ସେହି) ଜ୍ଞାନଂ (ଅଦ୍ୱୈତ ଜ୍ଞାନ) ସାତ୍ତ୍ୱିକମ୍ ( ସାତ୍ତ୍ୱିକ ବୋଲିଜାଣ) ।*

**ଭାବାର୍ଥ** : ଯେଉଁ ଜ୍ଞାନ ଦ୍ୱାରା ଜ୍ଞାନୀ ତଥା ଯୋଗୀଜନ ଭିନ୍ନ ଭିନ୍ନ ନାମ ଓ ରୂପରେ ସ୍ଥିତ ସମସ୍ତ ପ୍ରାଣୀଙ୍କଠାରେ ଅଭିନ୍ନ ତଥା ସମଭାବରେ ସ୍ଥିତ ଏକ ନିତ୍ୟ-ପରମାତ୍ମା ସତ୍ତାକୁ ଦର୍ଶନ କରନ୍ତି, ସେହି ଅଦ୍ୱୈତ ଆତ୍ମ ଦର୍ଶନ ରୂପକ ସମ୍ୟଗ୍ ଜ୍ଞାନକୁ ସାତ୍ତ୍ୱିକ ବୋଲି ଜାଣିବ । ଯେଉଁ ଜ୍ଞାନ ସତ୍ତ୍ୱର ପ୍ରକାଶକ, ସେଥିରେ ଗୁଣଭେଦ ରହି ନଥାଏ । ଈଶ୍ୱରଙ୍କ ସ୍ୱରୂପ ସହିତ ସମ୍ମିଳନ ଯେଉଁ ଜ୍ଞାନ ତାହା ଗୁଣାତୀତ । ସେହି ଜ୍ଞାନ ହେଉଛି ପ୍ରତ୍ୟକ୍ଷ ଅନୁଭୂତି, ଯାହାର ପ୍ରାପ୍ତିପରେ ଗୁଣର ଅନ୍ତ ହୋଇଥାଏ । ତାହା ଜ୍ଞାନର ପରିପକ୍ୱ ଅବସ୍ଥା । ସାତ୍ତ୍ୱିକ, ରାଜସ ଓ ତାମସ – ଯାହା ଜ୍ଞାନର ଗୁଣଭେଦ ରୂପେ ଭଗବାନ ଏହିଠାରେ କହିଛନ୍ତି,  ଏହା ବସ୍ତୁତଃ ଜ୍ଞାନର ସାଧନ ଅଟେ । ସାଧକ ଭିନ୍ନ ଭିନ୍ନ ବସ୍ତୁ, ବ୍ୟକ୍ତି ଇତ୍ୟାଦିକୁ ପୃଥକ୍ ପୃଥକ୍ ଜାଣି ଏବଂ ସେ ସବୁକୁ ଯଥୋଚିତ ବ୍ୟବହାର କରୁଥିଲେ ମଧ୍ୟ, ସେ' ବିକାରୀ ବସ୍ତୁ ଗୁଡିକରେ ସେହି ସ୍ୱତଃ ସିଦ୍ଧ ନିର୍ବିକାର ତତ୍ତ୍ୱକୁ ଅନୁଭବ କରେ । ଆଚାର୍ଯ୍ୟ ଶଙ୍କର ଶଙ୍କର-ଭାଷ୍ୟରେ ଉଲ୍ଲେଖ କରିଛନ୍ତି କି; "ଅବିଭକ୍ତ ସ୍ୱରୂପ ପ୍ରତିଦେହରେ ପରସ୍ପର ପୃଥକ୍ ପୃଥକ୍ ଭଳି ପ୍ରତୀତ ହେଉଥିଲେ ମଧ୍ୟ, ସେହି ଆତ୍ମ ସ୍ୱରୂପ ସତ୍ତା ଆକାଶ ସାଦୃଶ୍ୟ ଏକ ଓ ନିରନ୍ତର । ସେହି ଅଦ୍ୱୈତ ଦର୍ଶନ ହିଁ ସମ୍ୟଗ୍ ଦର୍ଶନ ଏବଂ ତାହା ହିଁ ସାତ୍ତ୍ୱିକ ବୋଲି ଜାଣିବ । "ସାତ୍ତ୍ୱିକ ଜ୍ଞାନ ହେଉଛି ଶୁଦ୍ଧ ଜ୍ଞାନ, ଯେଉଁଥିରେ ଜ୍ଞାତ, ଜ୍ଞେୟ ଓ ଜ୍ଞାନ ଏକାକାର ହୁଅନ୍ତି ଏବଂ ସର୍ବତ୍ର ଏକ ଅଭିବକ୍ତ ବା ଅଖଣ୍ଡ ଦିବ୍ୟ ପ୍ରକୃତି ହିଁ ଦୃଷ୍ଟ ହୁଏ" । ଯେଉଁ ବ୍ୟକ୍ତି ସମସ୍ତ ଜୀବ ମଧ୍ୟରେ ଏକ ଦିବ୍ୟ ଆତ୍ମାକୁ ଦେଖେ, ସେ ବ୍ୟକ୍ତି ସାତ୍ତ୍ୱିକ ଜ୍ଞାନର ଅଧିକାରୀ । ଶରୀରର ଭିନ୍ନତାରେ ଆତ୍ମାର ଭେଦ ହୋଇ ନ ଥାଏ । ସେହି ପରମାତ୍ମା ସତ୍ତା ସମସ୍ତ ଶରୀରରେ ଏକ ଏବଂ ଅବିଭକ୍ତ ଅଟନ୍ତି । ଦିବ୍ୟଦ୍ରଷ୍ଟା ବ୍ୟକ୍ତି ସକଳ ବସ୍ତୁରେ ସେହି ଏକ ସର୍ବ ବ୍ୟାପକ ଅବିନାଶୀ ତତ୍ତ୍ୱକୁ ଦର୍ଶନ କରନ୍ତି । ବିଭିନ୍ନ ରଙ୍ଗ, ଆକାର-ପ୍ରକାରର ଶହ ଶହ ଘଟ ଥିଲେ ମଧ୍ୟ, ଏମାନଙ୍କ ଭିତରେ ଥିବା ସର୍ବଗତ ଆକାଶ 'ଏକ' ଏବଂ ଅବିଭକ୍ତ । ସମସ୍ତ ବିବିଧତା ମଧ୍ୟରେ ଏକତା, ବହୁ ମଧ୍ୟରେ ଏକ ଏବଂ ଏକ ମଧ୍ୟରେ ସମଗ୍ର ଦର୍ଶନ କରିବା ହେଉଛି ବ୍ରହ୍ମଜ୍ଞାନ ତତ୍ତ୍ୱ ।  ଏହି ଜ୍ଞାନ ହିଁ ସମସ୍ତ ବିଭାଗ ଯୁକ୍ତ, ପରିବର୍ତ୍ତନଶୀଳ ଓ ବିନାଶଶୀଳ ବସ୍ତୁର ପ୍ରକାଶକ ଏବଂ ସ୍ୱୟଂ ମଧ୍ୟ ନିର୍ମଳ ଓ

ନିର୍ବିକାର । ମାଧବ ଭାଷ୍ୟରେ କୁହାଯାଇଛି କି; ସମସ୍ତ ବିଭକ୍ତ ପ୍ରାଣୀଙ୍କଠାରେ ଏକ ଭାବ ଦେଖିବାର ଅଭିପ୍ରାୟ ଭଗବାନ ବିଷ୍ଣୁଙ୍କୁ ସର୍ବତ୍ର ଦେଖିବା ।

ପୃଥକ୍ ତ୍ୱେନ ତୁ ଯତ୍ ଜ୍ଞାନଂ ନାନାଭାବାନ୍ ପୃଥଗ୍ ବିଧାନ୍ ।
ବେତ୍ତି ସର୍ବେଷୁ ଭୂତେଷୁ ତତ୍ ଜ୍ଞାନଂ ବିଦ୍ଧି ରାଜସମ୍ ॥୨୧॥

*ଅନ୍ୱୟ : ତୁ (କିନ୍ତୁ) ଯତ୍ ଜ୍ଞାନଂ (ଯେଉଁ ଜ୍ଞାନ ଦ୍ୱାରା ) ସର୍ବେଷୁ ଭୂତେଷୁ (ସମସ୍ତ ପ୍ରାଣୀଙ୍କ ମଧ୍ୟରେ ) ପୃଥକ୍ ତ୍ୱେନ (ପୃଥକ୍ ପୃଥକ୍ ରୂପେ ) ନାନାଭାବାନ୍ (ଭିନ୍ନ ଭିନ୍ନ ତତ୍ତ୍ୱ -ଅନେକ ଆତ୍ମା ବା କ୍ଷେତ୍ରଜ୍ଞ ବୋଲି) ବେତ୍ତି ( ଜାଣେ ) ତତ୍ (ସେହି) ଜ୍ଞାନଂ (ଜ୍ଞାନ) ରାଜସମ୍ (ରାଜସିକ ଜ୍ଞାନ ବୋଲି ) ବିଦ୍ଧି (ଜାଣ) ।*

**ଭାବାର୍ଥ** : ଯେଉଁ ଜ୍ଞାନ ଅନୁଯାୟୀ ଜୀବମାନଙ୍କ ଭିତରେ ଥିବା ଆତ୍ମା ବା ଚେତନା ଶକ୍ତି ପରସ୍ପରଠାରୁ ଭିନ୍ନ ଏବଂ ବିଭିନ୍ନ ଶରୀରରେ ଭିନ୍ନ ଭିନ୍ନ ଆତ୍ମାମାନ ବିଦ୍ୟମାନ ବୋଲି ଗ୍ରହଣ କରିନେବା ହେଉଛି ରାଜସିକ ଜ୍ଞାନ । ଏହି ଜ୍ଞାନ ଦ୍ୱାରା ଏପରି ଧାରଣା ସୃଷ୍ଟି ହୁଏକି;- "ଏହି ଭୌତିକ ଶରୀର ହେଲା ଜୀବ ଏବଂ ଶରୀରର ବିନାଶ ସଙ୍ଗେ ସଙ୍ଗେ ଚେତନାର ମଧ୍ୟ ବିନାଶ ହୋଇଯାଏ" । ଯେଉଁ ଜ୍ଞାନଦ୍ୱାରା ନାମ, ରୂପ ଓ ଉପାଧି ଆଦିର ଜ୍ଞାନ ହୁଏ, କିନ୍ତୁ ଅଦ୍ୱୈତ ଜ୍ଞାନ ଦୂରରେ ରହେ, ତାହା ହେଉଛି ରାଜସ ଜ୍ଞାନ । ଜୀବ ଭିତରେ ପୃଥକତା ଥିବା କାରଣରୁ ମନୁଷ୍ୟର ଅନ୍ତରରେ ନିଶ୍ଚିତ ରୂପେ କାହାପ୍ରତି ଆସକ୍ତି ଓ ପ୍ରୀତି ଏବଂ ଅନ୍ୟ କାହାପ୍ରତି ଦ୍ୱେଷଭାବ ଉତ୍ପନ୍ନ କରାଇଦିଏ । ରଜୋଗୁଣ ପ୍ରବଳତାରେ ମନୁଷ୍ୟ ପ୍ରାଣୀ ପ୍ରାଣୀ ମଧ୍ୟରେ ବିଭେଦ ଦର୍ଶନ କରେ । ରାଜସିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତି, ସକଳ ଭୂତରେ ଏକ ଆତ୍ମା ବିରାଜିତ ବୋଲି ଯେଉଁ ବ୍ରହ୍ମ ତତ୍ତ୍ୱ ରହିଛି, ତାହା ନ ଦେଖି ସେ କେବଳ ନାମ, ରୂପ, ଉପାଧି ଆଦିର ବିବିଧତା ହିଁ ଦର୍ଶନ କରେ । ସଂସାର ଦଶାରେ ପୃଥଗ ଭାବରେ ହିଁ ପଦାର୍ଥର ଉପଲବ୍ଧ ହୁଏ । ପାର୍ଥକ୍ୟତା ହିଁ ସୃଷ୍ଟିର ସ୍ୱରୂପ ଏବଂ ସାମ୍ୟରେ ସୃଷ୍ଟିର ଲୟ ବୋଲି ମାନି ନିଆଯାଇଅଛି । ପଦାର୍ଥ ଆକାର ଓ ଆବଶ୍ୟକତା ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥାଏ, କିନ୍ତୁ ତାରି ଭିତରେ ପ୍ରବିଷ୍ଟ ଯେଉଁ ଆତ୍ମା ତତ୍ତ୍ୱ ତା'ହା ସର୍ବତ୍ର ଏବଂ ସର୍ବକାଳରେ ଏକ ଅଟେ । ଉପଲଭ୍ୟମାନ ବସ୍ତୁ ମଧ୍ୟରେ ଭେଦକୁ ବିଶେଷ ମହତ୍ୱ ଦେଇ ଆତ୍ମା-ତତ୍ତ୍ୱକୁ ମଧ୍ୟ ଭେଦ ଦୃଷ୍ଟିରେ ଗ୍ରହଣ କରିବା ଯଥାର୍ଥ ଜ୍ଞାନ ନୁହେଁ । ଏହି ଜ୍ଞାନର ଅବଲମ୍ବନରେ ସାଙ୍ଖ୍ୟ ସାଧକକୁ ବ୍ରହ୍ମତତ୍ତ୍ୱ ବୋଧ ହୋଇ ପାରିନଥାଏ । ଦେହାତୀତ ସବୁରି ଭିତରେ ଅନୁଗତ ଆତ୍ମା ପର୍ଯ୍ୟନ୍ତ ରାଜସିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତିର ଦୃଷ୍ଟି ପହଞ୍ଚିପାରେ ନାହିଁ । ବିଭିନ୍ନତାର ପରିକଳ୍ପନା ହିଁ ସମସ୍ତପ୍ରକାର କାମନା ସୃଷ୍ଟି ହେବାର ହେତୁ ହୋଇଥାଏ ।

ଯତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ଯ୍ୟେ ସକ୍ତମହୈତୁକମ୍ ।
ଅତତ୍ତ୍ୱାର୍ଥବଦଳ୍ପଂ ଚ ତତ୍ତାମସମୁଦାହୃତମ୍ ॥୨୨॥

*ଅନ୍ୱୟ : ତୁ ( ପରନ୍ତୁ ) ଯତ୍ (ଯେଉଁ ଜ୍ଞାନ ଦ୍ୱାରା ) ଏକ ଅସ୍ମିନ୍ କାର୍ଯ୍ୟେ ( ସ୍ନାନ, ଭୋଜନ, ପାନ, ସ୍ପର୍ଶ ଭଳି ଦୈହିକ କାର୍ଯ୍ୟ ହେଉଥିବା ଏକମାତ୍ର କାର୍ଯ୍ୟରୂପକ ଶରୀରରେ ) କୃତ୍ସ୍ନବତ୍ ( ସମ୍ପୂର୍ଣ୍ଣ ଭଳି ବା ସର୍ବସ୍ୱ ମନେକରି ) ସକ୍ତଂ ( ଆସକ୍ତ ରହେ ) ଚ (ତଥା) ଅହୈତୁକ (ଯାହା ଅଯୌକ୍ତିକ-ଶାସ୍ତ୍ର ବିରୁଦ୍ଧ) ଅତତ୍ତ୍ୱାର୍ଥବତ୍ (ତାତ୍ତ୍ୱିକ ଦୃଷ୍ଟିରୁ ଅଯଥାର୍ଥ -ପ୍ରକୃତ ଆତ୍ମା-ଜ୍ଞାନର ବିପରୀତ) ଅଳ୍ପଂ (ତୁଚ୍ଛ -ସଂକୀର୍ଣ୍ଣ -କ୍ଷୁଦ୍ର) ତତ୍ (ତାହା ଅର୍ଥାତ୍ ସେହି ଜ୍ଞାନକୁ ) ତାମସମ୍ (ତାମସ) ଉଦାହୃତମ୍ (କୁହାଯାଇଛି ) ।*

**ଭାବାର୍ଥ** : ଯେଉଁ ଜ୍ଞାନ ଦ୍ୱାରା ମନୁଷ୍ୟ ସ୍ନାନ, ଭୋଜନ, ପାନ ଆଦି କାର୍ଯ୍ୟ ହେଉଥିବା ଏକମାତ୍ର କାର୍ଯ୍ୟରୂପୀ ଶରୀରକୁ ସମ୍ପୂର୍ଣ୍ଣ ବା ସର୍ବସ୍ୱ ମନେକରି, ତାହାପ୍ରତି ଆସକ୍ତ ରହେ, ସେହି ଜ୍ଞାନ ପଶୁମାନଙ୍କ ଜ୍ଞାନ ଭଳି ତୁଚ୍ଛ ହୋଇଥାଏ । ଏଥିରେ ଆତ୍ମା-ତତ୍ତ୍ୱ ରୂପ କୌଣସି ଅର୍ଥ ପ୍ରାପ୍ତ ହୋଇ ନଥାଏ । ସେହି ଜ୍ଞାନ ଅନୁଚିତ ଏବଂ ଯୁକ୍ତି ରହିତ ଅର୍ଥାତ୍ ଶାସ୍ତ୍ର ବିରୁଦ୍ଧ ଭାବେ ପ୍ରତିଭାତ ହୋଇଥାଏ । ସେହି ଜ୍ଞାନ ଶରୀର, ମନ, ଇନ୍ଦ୍ରିୟଗଣଙ୍କ ଦୈହିକ କ୍ଷଣଭଙ୍ଗୁର ସୁଖ ସମ୍ବନ୍ଧୀୟ କାରଣରୁ ତାକୁ ତାମସିକ ଜ୍ଞାନ କୁହାଯାଏ । ଶ୍ରୀ ଶଙ୍କରାଚାର୍ଯ୍ୟ କହିଛନ୍ତି କି; "ନିଜ ଦେହ କିମ୍ବା ପ୍ରତିମା ଆଦିରେ ଆତ୍ମାର ପୂର୍ଣ୍ଣତାକୁ ଗ୍ରହଣ କରିନେବା, ଶରୀର ବା ପ୍ରତିମା ଅତିରିକ୍ତ ଈଶ୍ୱର ସତ୍ତାକୁ ନ ମାନିବା ତାମସ ଜ୍ଞାନ ଅଟେ । ଦେହକୁ ଆତ୍ମା ରୂପେ ସ୍ୱୀକାର କରିବା ମଧ୍ୟ ତାମସ ଜ୍ଞାନ ଅନ୍ତର୍ଗତ । ମୂର୍ତ୍ତି ହିଁ ଈଶ୍ୱର ଅଟନ୍ତି ଏବଂ ଏହାଙ୍କ ପୂଜାରେ ସମସ୍ତ କାମନା ପ୍ରାପ୍ତି ହୋଇଯିବ-ଏହିପରି ଫଳାସକ୍ତ ଭାବରଖି ବିଧିହୀନଭାବେ ପୂଜା କରିବା ମଧ୍ୟ ତାମସିକ ପ୍ରବୃତ୍ତି । ଈଶ୍ୱର ସର୍ବତ୍ର ବ୍ୟାପକ ଏବଂ ଏହି ମୂର୍ତ୍ତିରେ ମଧ୍ୟ ବିଦ୍ୟମାନ । ଭକ୍ତି ସହକାରେ ଆରାଧନା କରିବାରେ ସେ ପ୍ରକଟ ହୋଇ ଦର୍ଶନ ଦିଅନ୍ତି । ଏହି ଭାବ ରଖି ପୂଜା କରିବା ସାତ୍ତ୍ୱିକ ଭେଦର ଅନ୍ତର୍ଗତ" । ଶରୀର ଭିତରେ ଜୀବାତ୍ମା ବୋଧ ବା ଶରୀର ବ୍ୟତିରେକ ପୃଥକ ରୂପେ ଆତ୍ମାର ଅସ୍ତିତ୍ୱ ନ ମାନିବା ହେଉଛି ତାମସିକ ଜ୍ଞାନ ଯାହା ଆଧ୍ୟାତ୍ମ ସାଧନାର ସର୍ବଦା ପ୍ରତିକୂଳ ।

ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।
ଅଫଳପ୍ରେପ୍ସୁନା କର୍ମ ଯତ୍ତତ୍ସାତ୍ତ୍ୱିକମୁଚ୍ୟତେ ॥୨୩॥

*ଅନ୍ୱୟ : ଯତ୍ କର୍ମ (ଯାଗ ଆଦିରୂପକ ଯେଉଁ କର୍ମମାନ) ନିୟତମ୍ (ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ ଅବଶ୍ୟ କର୍ତ୍ତବ୍ୟ ରୂପେ ବିହିତ) ସଙ୍ଗ ରହିତମ୍ (ଅନାସକ୍ତ ଭାବରେ) ଅଫଳ ପ୍ରେପ୍ସୁନା ( ଫଳାକାଙ୍କ୍ଷା ନ ରଖି -ନିଷ୍କାମ ଭାବରେ) ଅରାଗ ଦ୍ୱେଷତଃ (ରାଗ ଦ୍ୱେଷ ଠାରୁ ଊର୍ଦ୍ଧ୍ୱରେ ରହି ) କୃତମ୍ (କରାଯାଇଥାଏ ) ତତ୍ (ତାହା) ସାତ୍ତ୍ୱିକମ୍ (ସାତ୍ତ୍ୱିକ) ଉଚ୍ୟତେ (କୁହାଯାଏ ) ।*

**ଭାବାର୍ଥ** : ଯେଉଁ କର୍ମ ବର୍ଣ୍ଣ, ଆଶ୍ରମ ବ୍ୟବସ୍ଥା, ପରିସ୍ଥିତି ଓ ଯୋଗ୍ୟତା ଅନୁଯାୟୀ କର୍ତ୍ତବ୍ୟାନୁରୋଧରେ ରାଗ-ଦ୍ୱେଷଠାରୁ ଊର୍ଦ୍ଧ୍ୱରେ ରହି ଅନାସକ୍ତ ଭାବେ ଫଳାକାଙ୍କ୍ଷା ନରଖି ଭଗବାନଙ୍କ ପ୍ରିତ୍ୟାର୍ଥେ କରା ଯାଇଥାଏ, ତାହାକୁ ସାତ୍ତ୍ୱିକ କର୍ମ କୁହାଯାଏ । କର୍ତ୍ତୃତ୍ୱାଭିମାନ ଏବଂ ଫଳେଚ୍ଛା ରଖି ନଥିବା ବ୍ୟକ୍ତି ଯେଉଁ କର୍ମ କରିଥାନ୍ତି, ତାହା ନିଷ୍କାମ କର୍ମ ହୋଇଥାଏ । ଶାସ୍ତ୍ରବିଧିକୁ ଉପେକ୍ଷା ନକରି , ଭଗବାନଙ୍କ ଆଜ୍ଞା ବୋଲି ମାନି ନିଜର କର୍ତ୍ତବ୍ୟ କର୍ମ କରିବା ହେଉଛି ଯଜ୍ଞ କର୍ମ । ଯଜ୍ଞକର୍ମ ଦ୍ୱାରା ସଂସାର ହିତ ସହିତ ଆତ୍ମ କଲ୍ୟାଣ ମଧ୍ୟ ହୋଇଥାଏ । ରାଗ-ଦ୍ୱେଷ ରହିତ ହୋଇ କର୍ମ କରିବାର ତାତ୍ପର୍ଯ୍ୟ ହେଲା; ଇନ୍ଦ୍ରିୟ ସୁଖ ବା ନିଜପ୍ରତି ଅତିଶୟ ପ୍ରୀତଭାବ ରଖି କୌଣସି ଦୈହିକ କର୍ମ କରିବା ଅନୁଚିତ ଏବଂ ଦ୍ୱେଷ ପୂର୍ବକ କର୍ମ ତ୍ୟାଗ କରିବା ମଧ୍ୟ ଅନୁଚିତ । ଭଗବତ୍ ସମର୍ପଣ ଭାବରେ ସଂସାର କଲ୍ୟାଣ ନିମିତ୍ତ କରାଯାଇଥିବା କର୍ମରେ ରାଗ-ଦ୍ୱେଷର ସ୍ଥାନ ହିଁ ରହେନାହିଁ । ନିୟତ କର୍ମ ଭଗବତ୍ ଉପାସନା ଓ ଭଗବତ୍ ଚିନ୍ତନର ସମକକ୍ଷ ହୋଇଥାଏ ଯାହା ପରମାତ୍ମାରେ ପ୍ରବେଶ ଦେଇଥାଏ ।

ଯତ୍ତୁ କାମେପ୍ସୁନା କର୍ମ ସାହଙ୍କାରେଣ ବା ପୁନଃ ।
କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ॥୨୪॥

*ଅନ୍ୱୟ : ତୁ (କିନ୍ତୁ) ଯତ୍ (ଯେଉଁ) କର୍ମ (କର୍ମ ସମୂହ ) କାମେପ୍ସୁନା (ଭୋଗ ଇଚ୍ଛା କରୁଥିବା ) ବା (ଅଥବା) ସ-ଅହଙ୍କାରେଣ ( ଦେହାଭିମାନୀ ବ୍ୟକ୍ତି ଦ୍ୱାରା 'ଅହଂ କୃତ' ମନୋଭାବରେ) କ୍ରିୟତେ (ଅନୁଷ୍ଠିତ ହୁଏ ) ତତ୍ (ତାହା ) ରାଜସମ୍ (ରାଜସ ବୋଲି ) ଉଦାହୃତମ୍ (କଥିତ ହୋଇଥାଏ ) ।*

**ଭାବାର୍ଥ** : ଶାସ୍ତ୍ର ସମ୍ମତ କର୍ମ ହୋଇମଧ୍ୟ ଯଦି ଫଳପ୍ରତି ଆସକ୍ତ ହୋଇ କରାଯାଏ, ତେବେ ସେହି କର୍ମ ରାଜସ ଅଟେ । ସ୍ୱର୍ଗ ସୁଖ ଲାଭ ଆଶାରେ ବିଧି ରୂପରେ ଯାଗାଦି କର୍ମ ମଧ୍ୟ ରାଜସ । କାମ୍ୟ-କର୍ମ ପୂର୍ତ୍ତି ନିମିତ୍ତ ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ତନ, ମନ, ଧନ ଲଗାଇ ଦେଇଥାଏ । ଯେତେ ପ୍ରକାର ଭୋଗ ଇଚ୍ଛା ପୂର୍ତ୍ତି ହେଲେମଧ୍ୟ କାମନାର ଅନ୍ତ ଘଟି ନ ଥାଏ । ଭବିଷ୍ୟତ ଫଳ ଆଶାରେ ଯେ କୌଣସି କର୍ମ ଯେତେ କଠିନ ହେଉନା କାହିଁକି, ତାହା କରିବା ନିମନ୍ତେ ସଙ୍କୋଚ ବୋଧ କରେନାହିଁ । ଏହି ବ୍ୟକ୍ତି ସେହି ନିୟତ କର୍ମକୁ କରିଥାଏ । କିନ୍ତୁ ଅନ୍ତର କେବଳ ଏତିକି ହୋଇଥାଏ କି, ତାହାରି କାର୍ଯ୍ୟରେ ଫଳର ଇଚ୍ଛା ଓ ଅହଙ୍କାର ଭାବ ଯୁକ୍ତ ହୋଇ ରହିଥାଏ । କର୍ମ କରି 'ମୁଁ ଏହିଭଳି କଷ୍ଟସାଧ୍ୟ କର୍ମ କଲି' ବୋଲି ଯେ' ପ୍ରଚାର କରେ ଏବଂ ଗର୍ବ ଅନୁଭବ କରେ, ସେହି ଅହଙ୍କାରୀ ତଥା ଫଳାକାଙ୍କ୍ଷୀ ବ୍ୟକ୍ତିର କୃତ କର୍ମ ହେଉଛି ରାଜସ । ଭବିଷ୍ୟତ ଫଳ ଉପରେ ଦୃଷ୍ଟିରଖି ଏବଂ ନିଜର ବିଶେଷତ୍ୱକୁ ନେଇ ଅହଂକାର ପୂର୍ବକ କର୍ମ କରିବା – ଏହି ଦୁଇଟି ଭାବ ମଧ୍ୟରୁ କୌଣସି ଗୋଟିଏ ଭାବ ଉଦ୍ରେକ ହେଲେ ସେହି କର୍ମ ରାଜସ ହୋଇଯାଏ । ଶ୍ରୀ ରାମକୃଷ୍ଣଙ୍କ ବାଣୀ ହେଲା: " ରାଜସ କର୍ମ ଈଶ୍ୱରଙ୍କୁ ଭୁଲାଇ ଦିଏ, ଆଉ ଲୋକମାନ୍ୟ ହେବାର ଆକାଙ୍କ୍ଷା ମନରେ ଜନ୍ମାଇଦିଏ । ସେଥିପାଇଁ ରାଜସ କର୍ମ ଜ୍ଞାନ ବା ମୋକ୍ଷ ଲାଭର ପରିପନ୍ଥୀ । ରଜୋଗୁଣରେ ଆଡମ୍ବର ହୁଏ । ଭକ୍ତି, ବିବେକ, ବୈରାଗ୍ୟ, ଦୟା-ଏ ସବୁ ନହେଲେ ଈଶ୍ୱରଙ୍କୁ ପାଇହୁଏ ନାହିଁ " । ରାଜସ କର୍ମରେ ଅନେକ ବୃଥା ପରିଶ୍ରମ କରିବାକୁ ପଡିଥାଏ ଏବଂ ଫଳପ୍ରତି ତୀବ୍ର ଆସକ୍ତି କାରଣରୁ ଶରୀର କଷ୍ଟ ପ୍ରତି ମଧ୍ୟ ବ୍ୟକ୍ତିର ଦୃଷ୍ଟି ରହେନାହିଁ । ରାଜସ କର୍ମର କର୍ତ୍ତା ଆସକ୍ତି ଓ କାମନା ଦ୍ୱାରା ପ୍ରେରିତ ହୋଇ ପ୍ରତିଦିନ ନୂଆ ନୂଆ କର୍ମ ଆରମ୍ଭ କରନ୍ତି । ଏହାଦ୍ୱାରା ତାଙ୍କରି କର୍ମମାନଙ୍କର ବହୁତ ବିସ୍ତାର ହୋଇଯାଏ । କର୍ମ ନ କରିବା କିମ୍ବା ଦୁଷ୍କର୍ମାଦିରେ ଲିପ୍ତ ରହିବା ଅପେକ୍ଷା ଭୋଗାଦି ସକାମ କର୍ମ ଅପେକ୍ଷାକୃତ ଶ୍ରେୟ ମାନିନେଲେ ମଧ୍ୟ, ସେଥିରେ ପାରମାର୍ଥିକ ଫଳ ନଥାଏ କି, ଆତ୍ମ-ଶାନ୍ତି ପ୍ରାପ୍ତ ହୋଇ ନଥାଏ ।

ଅନୁବନ୍ଧଂ କ୍ଷୟଂ ହିଂସାମନବେକ୍ଷ୍ୟ ଚ ପୌରୁଷମ୍ ।
ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ ॥୨୫॥

*ଅନ୍ୱୟ : ଯତ୍ କର୍ମ ( ଯେଉଁ କର୍ମ ) ଅନୁବନ୍ଧମ୍ ( ଭାବୀ ଶୁଭାଶୁଭ ଫଳ- କର୍ମାନ୍ତର ହିତ-ଅହିତ ପରିଣାମ ) କ୍ଷୟଂ (ଅର୍ଥ-ବଳ-ପୂଣ୍ୟ କ୍ଷୟ ) ହିଂସାମ୍ ( ନିଜ ତଥା ଅନ୍ୟର ଶାରୀରିକ-ମାନସିକ ପୀଡା) ପୌରୁଷମ୍ ଚ ( ଏବଂ ନିଜ ବୁଦ୍ଧି, ବଳ ଓ ସାମର୍ଥ୍ୟତା ଆଦିକୁ ) ଅନବେକ୍ଷ୍ୟ ( ଉପେକ୍ଷା କରି ଅର୍ଥାତ୍ ବିଚାରକୁ ନ ନେଇ ) ମୋହାତ୍ ( କେବଳ ଅଜ୍ଞାନବଶତଃ ) ଆରଭ୍ୟତେ (ଆରମ୍ଭ କରାଯାଏ ) ତତ୍ (ସେହି କର୍ମ ) ତାମସଂ (ତାମସ) ଉଚ୍ୟତେ (ବୋଲି କୁହାଯାଏ ) ।*

**ଭାବାର୍ଥ** : କର୍ମର ଭାବୀ ପରିଣାମ, କର୍ମ କରିବାରେ ଅର୍ଥ, ବଳ ତଥା ଧର୍ମ ଆଦିର ଅପକ୍ଷୟ, କର୍ମ ଦ୍ୱାରା ନିଜର କିମ୍ବା ଅନ୍ୟମାନଙ୍କ ଶାରୀରିକ ତଥା ମାନସିକ ପୀଡା, କର୍ମ ପୂର୍ଣ୍ଣାଙ୍ଗ କରିବାରେ ଉଦ୍ଯୋଗକାରୀର ସାମର୍ଥ୍ୟତା– ଇତ୍ୟାଦି ବିଷୟ ଗୁଡିକ ସମ୍ବନ୍ଧରେ ବିବେକ ସହିତ ବିଚାର ନକରି କେବଳ ଅନ୍ଧ ଭାବରେ "ଯାହା ହେଉଛି ହେଉ- ପରେ ଦେଖାଯିବ" - ଏହି ଚିନ୍ତାଧାରାରେ ଦୁଃସାହାସିକଭାବେ ଯେଉଁ ସବୁ କର୍ମ

ଆରମ୍ଭ କରାଯାଏ- ତାହା ତମାସ କର୍ମ ବୋଲି କୁହାଯାଏ । ତମାଗୁଣ ସମ୍ପନ୍ନ ବ୍ୟକ୍ତି ମୂଢତା ବଶତଃ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ କର୍ମର ଶୁଭାଶୁଭ ଫଳ, ତଥା କର୍ମର ପ୍ରଭାବରେ ଅନ୍ୟର ପୀଡା ଓ ସାମାଜିକ ଶାନ୍ତି-ଶୃଙ୍ଖଳାଦିରେ ବ୍ୟାଘାତ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଉପରୋକ୍ତ ଉକ୍ତିରୁ ଏହା ସ୍ପଷ୍ଟ ଯେ, ଯାହା ଶାସ୍ତ୍ର ନିର୍ଦ୍ଧାରିତ ନିୟତ କର୍ମ ନୁହେଁ, ସେହି ସବୁ କର୍ମ ତାମସ କର୍ମ । ସମସ୍ତ ନିଷିଦ୍ଧ କର୍ମ ତାମସ କର୍ମ ଅଟେ । ଉଦାହରଣ ସ୍ୱରୂପ : ମଦ୍ୟପାନ, ଦ୍ୟୁତକ୍ରିଡା, ଭ୍ରଷ୍ଟାଚାର ଆଦି ତାମସ କର୍ମ ଅଟେ । ତାମସିକ କର୍ମର ଦୁଃଖ ରୂପକ ଫଳ ତତ୍କାଳ ହିଁ ମିଳିଥାଏ । ତାମସିକ କର୍ମରେ ମନୁଷ୍ୟ ଜୀବନର ଚାରିଗୋଟି ପୁରୁଷାର୍ଥ (କାମ, ଅର୍ଥ, ଧର୍ମ ଓ ମୋକ୍ଷ) ମଧ୍ୟରୁ କୌଣସି ଗୋଟିକରେ ମଧ ସିଦ୍ଧି ପ୍ରାପ୍ତ ହୁଏନାହିଁ । 'ଅନୁବନ୍ଧ' ଶବ୍ଦର ତାତ୍ପର୍ଯ୍ୟ ହେଲା; (୧) କର୍ମର ଅଧିକାର (୨) କର୍ମର ସ୍ୱରୂପ (୩) କର୍ମ ସହିତ ସମ୍ବନ୍ଧ ଏବଂ(୪) କର୍ମର ପ୍ରୟୋୟୋନତା – ଏହି ଚାରୋଟି ହେଲା କର୍ମର ଚତୁଷ୍ଟୟ ଅନୁବନ୍ଧ, ଯାହାକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରି କର୍ମ ଆରମ୍ଭ କରିବାରେ କର୍ମର ପରିମାଣ ସମ୍ବନ୍ଧରେ ସମ୍ୟକ ଜ୍ଞାନ ପ୍ରାପ୍ତ ହୋଇପାରିବ ।

ମୁକ୍ତ ସଙ୍ଗୋନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।
ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ॥୨୬॥

*ଅନ୍ୱୟ : କର୍ତ୍ତା ( କର୍ମର ଉଦ୍ୟୋକ୍ତା ) ମୁକ୍ତ ସଙ୍ଗଃ ( ଯେ' ଆସକ୍ତି ରହିତ – ଅନାସକ୍ତ) ନ-ଅହଂବାଦୀ ( କର୍ତ୍ତୃତ୍ୱାଭିମାନ ବର୍ଜିତ – ଅହଂକାର ଶୂନ୍ୟ) ଧୃତି-ଉତ୍ସାହ-ସମନ୍ୱିତ ( ଧୈର୍ଯ୍ୟ ଓ ଉତ୍ସାହଶୀଳ ) ସିଦ୍ଧି-ଅସିଦ୍ଧ୍ୟୋଃ (କାର୍ଯ୍ୟର ସିଦ୍ଧି ଓ ଅସିଦ୍ଧିରେ) ନିର୍ବିକାରଃ ( ବିକାର ଶୂନ୍ୟ- ହର୍ଷ ଶୋକ ରହିତ ) ସାତ୍ତ୍ୱିକ ( ତାହାକୁ ସାତ୍ତ୍ୱିକ କର୍ତ୍ତା) ଉଚ୍ୟତେ ( କୁହାଯାଏ ) ।*

**ଭାବାର୍ଥ** : ଯେଉଁ କର୍ମ ଉଦ୍ଯୋଗକାରୀ ଅନାସକ୍ତ ଓ ଅହଂକାର ଶୂନ୍ୟ ହୋଇ ଧୈର୍ଯ୍ୟ ଓ ଉତ୍ସାହର ସହିତ କର୍ମ ସମ୍ପାଦନ କରିଥାଏ ଏବଂ ସିଦ୍ଧି ଓ ଅସିଦ୍ଧିରେ ହର୍ଷ ଓ ଶୋକାଦିରୁ ମୁକ୍ତ ରହେ, ତାହାଙ୍କୁ ସାତ୍ତ୍ୱିକ କର୍ତ୍ତା ବୋଲି କୁହାଯାଏ । ସାତ୍ତ୍ୱିକ ବ୍ୟକ୍ତି ଉଭୟ କର୍ତ୍ତାପନ ଓ ଭୋକ୍ତାପନର ଉର୍ଦ୍ଧ୍ୱରେ ରହି ମନ ପ୍ରାଣ ଦେଇ ନିଜର କର୍ତ୍ତବ୍ୟ କର୍ମ କରନ୍ତି । ସେଥିରେ ତାଙ୍କରି ବ୍ୟକ୍ତିଗତ ସ୍ୱାର୍ଥ ରହି ନଥାଏ । 'ମୁକ୍ତ-ସଙ୍ଗଃ' ଶବ୍ଦର ତାତ୍ପର୍ଯ୍ୟ ହେଲା; ମନ-ବଚନ ଓ ଶରୀର ଦ୍ୱାରା ଯାହା କିଛି କର୍ମ ହୁଏ, ସେଥିରେ କାମନା, ମମତ୍ୱ ଓ ଆସକ୍ତି ରହି ନଥାଏ । କର୍ମ ଭଗବତ୍ ଅର୍ପଣ ହୋଇଗଲେ, ପରିଣାମ ଅନୁକୂଳ ହେଉ ବା ପ୍ରତିକୂଳ ହେଉ, ସେଥିରେ ସାତ୍ତ୍ୱିକ ବ୍ୟକ୍ତି ଉତ୍ଫୁଲିତ କିମ୍ବା ବିଚଳିତ ହୁଅନ୍ତି ନାହିଁ । ସମତ୍ୱ ଚିତ୍ତରେ ଅବସ୍ଥାନ କରନ୍ତି । କର୍ମଫଳକୁ ଭଗବାନଙ୍କ ଇଚ୍ଛା ବୋଲି ଗ୍ରହଣ କରିନେଇ ପରିସ୍ଥିତି ଅନୁସାରେ ପୁନଃ ପ୍ରଚେଷ୍ଟା କରନ୍ତି । ଆତ୍ମ-କଲ୍ୟାଣ ତଥା ସଂସାର କଲ୍ୟାଣ ଉଦ୍ଦିଷ୍ଟ କର୍ମ ସର୍ବଦା ନିୟତ କର୍ମ ହୋଇଥାଏ, ଯେଉଁଥିରେ କର୍ମ ଓ କର୍ମଫଳ ପ୍ରତି ଆସକ୍ତି ନଥାଏ । ସାତ୍ତ୍ୱିକ କର୍ତ୍ତା ହିଁ ଗୀତାରେ କୁହାଯାଇଥିବା 'କର୍ମଯୋଗୀ' ଅଟେ । କଲ୍ୟାଣ କର୍ମ କରିବାର ବର୍ତ୍ତମାନ ପ୍ରାପ୍ତି ମଧ, ପୂର୍ବ ଅର୍ଜିତ କୌଣସି ଏକ ପୂଣ୍ୟ କର୍ମର ଫଳ ଅଟେ । ତେଣୁ ନିତ୍ୟ ନୈମିତ୍ତିକ କର୍ମର ଫଳ କେବେ ବି ବିଫଳ ହୁଏନାହିଁ । ସାଧକ, ମନରେ ଏହି ଭାବ ରଖିବା ଉଚିତ କି, "ଯଦି 'ମୁଁ 'ଏହି କର୍ମ ନ କରିବି, ତାହା ହେଲେ ବି ଏହି କାର୍ଯ୍ୟ ଅବଶ୍ୟ ହେବ । ଭଗବାନଙ୍କ ଅଶେଷ କୃପାରୁ ମୋତେ ଏହି କଲ୍ୟାଣକର କର୍ମ କରିବାର ସୁଯୋଗ ପ୍ରାପ୍ତ ହୋଇଅଛି" । ଏହି ଧାରଣା ମନରେ ରଖିବା ଦ୍ୱାରା ମନରୁ ଅହଂକାର ନାଶ ହୁଏ । ନୀତିଶାସ୍ତ୍ରରେ କୁହାଯାଇଛି କି, **"ଅଙ୍ଗୀକୃତଃ ସୁକୃତିନଃ ପରିପାଳୟନ୍ତି "** – ଅର୍ଥାତ୍ ଧୈର୍ଯ୍ୟବାନ ପୁରୁଷ

ଆରମ୍ଭ ହୋଇଥିବା କର୍ମକୁ କେବେ ବି ଅସମ୍ପୂର୍ଣ୍ଣ ରଖି ଛାଡି ଚାଲି ଯାଆନ୍ତିନାହିଁ । ଯେତେସବୁ ବାଧା-ବିଘ୍ନ ଆସିଲେ ମଧ, ଶାସ୍ତ୍ର ବିଧିକୁ ଉଲଙ୍ଘନ ନ କରି ଧୈର୍ଯ୍ୟ ଓ ଉତ୍ସାହର ସହିତ ସମ୍ମୁଖୀନ ହୋଇ କାର୍ଯ୍ୟ ସମ୍ପୂର୍ଣ୍ଣ ନିମିତ୍ତ ପ୍ରଚେଷ୍ଟା କରେ । ଦେହାଭିମାନକୁ ତ୍ୟାଗ କରିଦେଇ ଆତ୍ମାରେ ସ୍ଥିତ ହୋଇ କର୍ମରେ ପ୍ରବୃତ୍ତ ହେବାଦ୍ୱାରା ଦୈହିକ କଷ୍ଟ ପ୍ରତି ଦୃଷ୍ଟି ରହେନାହିଁ । ବିଷୟ ବୁଦ୍ଧି ଚାଲିଯିବା ସଙ୍ଗେ ସଙ୍ଗେ ଦେହ ବୁଦ୍ଧି ଦୂର ହୋଇଗଲେ, କର୍ମ ଅନୁଷ୍ଠାନର ଆନନ୍ଦ ଦ୍ୱିଗୁଣ ହୋଇଯାଏ । ଉପରୋକ୍ତ ସାତ୍ତ୍ୱିକ ଭାବ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରକଟ କରାଇବାରେ ସହାୟକ ହୁଏ । ତେଣୁ ମୁକ୍ତିକାମୀ ସାଧକ ସାତ୍ତ୍ୱିକ କର୍ତ୍ତା ହେବା ଉଚିତ ।

ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକଃ ଅଶୁଚିଃ ।
ହର୍ଷଶୋକାନ୍ୱିତଃ  କର୍ତ୍ତା  ରାଜସଃ ପରିକୀର୍ତ୍ତିତଃ ॥୨୭॥

*ଅନ୍ୱୟ : କର୍ତ୍ତା ( ଯେଉଁ କର୍ତ୍ତା ) ରାଗୀ (ବିଷୟାସକ୍ତ- କର୍ମାସକ୍ତ) କର୍ମଫଳପ୍ରେପ୍ସୁଃ (କର୍ମଫଳାଙ୍କ୍ଷୀ) ଲୁବ୍ଧଃ (ଲୋଭୀ) ହିଂସାତ୍ମକଃ ( ପରପୀଡକ-ହିଂସା ପରାୟଣ ) ଅଶୁଚିଃ (ବାହ୍ୟ-ଅନ୍ତଃ ଅଶୁଦ୍ଧି ) ହର୍ଷ-ଶୋକ-ଅନ୍ୱିତଃ (ହର୍ଷ-ଶୋକ ଯୁକ୍ତ – ଇଷ୍ଟ ଲାଭରେ ଆନନ୍ଦ ଏବଂ ଅନିଷ୍ଟ ପ୍ରାପ୍ତିରେ ଶୋକାଗ୍ରସ୍ତ) ରାଜସଃ ( ସେ ରାଜସିକ କର୍ତ୍ତା ବୋଲି ) ପରିକୀର୍ତ୍ତିତଃ (କଥିତ ହୁଏ ) ।*

**ଭାବାର୍ଥ** : ବିଷୟାସକ୍ତ, କର୍ମଫଳାଙ୍କ୍ଷୀ, ଲୋଭୀ, ହିଂସା ପରାୟଣ, ଶୌଚାଚାର ବିହୀନ, ହର୍ଷ-ବିଷାଦ ଯୁକ୍ତ ହୋଇ ଯେ' କାର୍ଯ୍ୟ କରେ ତାହାକୁ ରାଜସିକ କର୍ତ୍ତା କୁହାଯାଏ । କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରକାର ବିଷୟଭୋଗ କିମ୍ବା କର୍ମ ପ୍ରତି ବିଶେଷଭାବେ ଆକର୍ଷିତ ହେବା ଓ ସେଥିପ୍ରତି ପ୍ରିୟତ୍ୱ ଜାତ ହେବା ହେଉଛି 'ରାଗ' । ସେହିଭଳି କାମନା ପୂର୍ତ୍ତିରେ ବାଧା ଉପିଜିଲେ, ରାଜସିକ ବ୍ୟକ୍ତି ଅନ୍ୟ ପରେ ଦୋଷ ଲଦିଥାଏ । ରାଜସିକ ବ୍ୟକ୍ତି ରାଗ ଓ ଦ୍ୱେଷ ବିକାର ପ୍ରଭାବରେ ପରିଚାଳିତ ହୁଏ । ବିନା ଫଳର କାମନାରେ କୌଣସି କାର୍ଯ୍ୟ କରେନାହିଁ । ଫଳେଚ୍ଛାକୁ ଅଗ୍ରଭାବରେ ରଖି ରଜୋଗୁଣ ସମ୍ପନ୍ନ ବ୍ୟକ୍ତି କାର୍ଯ୍ୟ ଆରମ୍ଭ କରେ । ଆତ୍ମ-ଚିନ୍ତନ ଆଦି ଶୁଭ କାର୍ଯ୍ୟରେ ମନ ବଳାଇ ନ ଥାଏ, କାରଣ ସେଥିରେ କୌଣସି ତତ୍କାଳୀନ ଲୌକିକ ଫଳର ସମ୍ଭାବନା ଦେଖାଯାଏ ନାହିଁ । ରାଜସ କର୍ତ୍ତା ଯେତେ ଯାହା ପ୍ରାପ୍ତ କରିଲେ ମଧ ସେଥିରେ ସେ' ସନ୍ତୁଷ୍ଟ ହୁଏନାହିଁ । **"ଜିମି ପ୍ରତିଲାଭ ଲୋଭ ଅଧିକାଇ" –(ମାନସ)** : ଧନ, ଜମି, ଭୋଗ, ମାନ, ସତ୍କାର, ପ୍ରଶଂସା, 'ଆହୁରି ମିଳୁ' -'ଆହୁରି ମିଳୁ'- ଏହିପରି ଲୋଭ ଅଧିକରୁ ଅଧିକ ବଢୁଥାଏ । ଅନୁଚିତ ଭାବେ ପର-ସତ୍ତ୍ୱ ଅପହରଣ କରିନେବା ମନୋବୃତ୍ତି ରଖି କର୍ମ କରିଥାଏ । ନ୍ୟାୟ-ଅନ୍ୟାୟ ବିଚାର ନ କରି ଧନ ସଂଗ୍ରହ ଲାଳସା ଏତେ ତୀବ୍ର ରହିଥାଏ କି, ଅନ୍ୟ ପ୍ରତି ହିଂସା ଆଚରଣ କରିବା ନିମିତ୍ତ କୁଣ୍ଠାବୋଧ କରି ନଥାଏ । ଅନ୍ୟର ଦୁଃଖ-ପୀଡାକୁ ଭ୍ରୂକ୍ଷେପ କରି ନିଜ ସ୍ୱାର୍ଥ ସାଧନା ନିମିତ୍ତ ହିଂସାର ଆଶ୍ରୟ ନିଏ । ରାଜସ କର୍ତ୍ତା ଅପବିତ୍ର ରହିଥାଏ । ଧନ ସଂଗ୍ରହ ବ୍ୟସ୍ତତା ଭିତରେ ଶାରୀରିକ ସ୍ୱାସ୍ଥ୍ୟ ତଥା ଶୁଦ୍ଧତା ନିମନ୍ତେ ତାହାରି ଗୁରୁତ୍ୱ ନଥାଏ । ମନ ଓ ବୁଦ୍ଧି ସର୍ବଦା କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଆଦି ବିକାରରେ ପରିପୂର୍ଣ୍ଣ ହୋଇ ରହିବା ହେଉଛି ଅନ୍ତଃ ଅଶୁଦ୍ଧି । ଅନାସକ୍ତ, ଦୟା, କ୍ଷମା ଆଦି ସାତ୍ତ୍ୱିକ ଭାବ ନଥିବା କାରଣରୁ ପ୍ରତ୍ୟେକ କର୍ମ କରିବା ସମୟରେ ତଥା ପ୍ରତ୍ୟେକ ଘଟଣାରେ କେବେ ହର୍ଷିତ ହୁଏ ତ କେବେ ଦୁଃଖିତ ହୁଏ । ତାହାରି ମନ, ଚିତ୍ତ କେବେ ଶାନ୍ତ ସ୍ଥିତିରେ ରହି ନଥାଏ ।

ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋନୈଷ୍କୃତିକୋଳସଃ ।
ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତ୍ତା ତାମସ ଉଚ୍ୟତେ ॥୨୮॥

*ଅନ୍ୱୟ : କର୍ତ୍ତା ( ଯେଉଁ କର୍ତ୍ତା ) ଅଯୁକ୍ତଃ ( ଚଞ୍ଚଳ ଚିତ୍ତ – ଅସଂଯତ ମନା ) ପ୍ରାକୃତଃ (ଅଶିକ୍ଷିତ – ଅପରିମାର୍ଜିତ ) ସ୍ତବ୍ଧଃ (ଅବିନୟୀ-ନମ୍ରତା ହୀନ ) ଶଠଃ (ଠକ-ପ୍ରବଞ୍ଚକ- ଧୂର୍ତ୍ତ ) ଅନୈଷ୍କୃତିକଃ (ଅକୃତଜ୍ଞ – ଅନ୍ୟର ଅପମାନକାରୀ -ଦୁଷ୍ଟଗୁଣ ସମ୍ପନ୍ନ ) ଅଳସଃ ( (ଅଳସୁଆ) ବିଷାଦୀ ( ବିଷାଦଗ୍ରସ୍ତ) ଚ (ଓ ) ଦୀର୍ଘ ସୂତ୍ରୀ ( ମନ୍ଥର ସ୍ୱଭାବ -କର୍ତ୍ତବ୍ୟ ସାଧନାରେ କାଳ କ୍ଷେପଣ ନୀତିଧାରୀ ) ତାମସ ( ତାହାକୁ ତାମସ) ଉଚ୍ୟତେ (କୁହାଯାଏ ) ।*

**ଭାବାର୍ଥ** : ଚଞ୍ଚଳ ଚିତ୍ତ, ମୂର୍ଖତା ବା ଅପରିମାର୍ଜିତ ବୁଦ୍ଧି, ଅବିନୟ ବା ନମ୍ରତା ହୀନ, ଠକ, ଅକୃତଜ୍ଞ, ଆଳସ୍ୟ, ବିଷାଦଗ୍ରସ୍ତ ଏବଂ ଦୀର୍ଘ ସୂତ୍ରୀ – ଏହି ଆଠଗୋଟି ଲକ୍ଷଣ ଅବା ଏଥିମଧ୍ୟରୁ କିଛିଟା ଚିନ୍ତା ବା କାର୍ଯ୍ୟଧାରା ଥିବା ମନୁଷ୍ୟକୁ ତାମସିକ କର୍ତ୍ତା କୁହାଯାଏ । ତାମସିକ ମନୁଷ୍ୟର ନିଶ୍ଚୟାତ୍ମକ ବୁଦ୍ଧି ନଥାଏ । ମନ ସର୍ବଦା ଅସଂଯତ ଅବସ୍ଥାରେ ରହେ । ବୁଦ୍ଧି ଓ ବିଚାର ଶକ୍ତି ଅଭାବରୁ ମନ ଓ ଇନ୍ଦ୍ରିୟ ସର୍ବଦା ବିଶୃଙ୍ଖଳ ସ୍ଥିତିରେ ରହନ୍ତି । ପ୍ରକୃତିର ଅଧୀନହୋଇ ପଡିବାରେ ତାମସିକ କର୍ତ୍ତାର କର୍ତ୍ତବ୍ୟ-ଅକର୍ତ୍ତବ୍ୟର ବିଚାର ନଥାଏ । ସଂସ୍କାରହୀନ ବ୍ୟକ୍ତି ବିବେକଶୀଳ ହୋଇ ନ ଥାଏ । ଦୁଗ୍ଧ ପାନ କରାଇଲେ ସର୍ପର ବିଷବୃଦ୍ଧି ହେଲାଭଳି ତାମସିକ ବ୍ୟକ୍ତିକୁ ଶାସ୍ତ୍ରଜ୍ଞାନ ଶିଖାଇବାରେ ସେ ନିଦ୍ରାଗ୍ରସ୍ତ ହୋଇଯାଏ । ତମଗୁଣ ସମ୍ପନ୍ନ ବ୍ୟକ୍ତିର ହୃଦୟ ଅହଂକାରରେ ପରିପୂର୍ଣ୍ଣ ହୋଇଥିବା କାରଣରୁ ବର୍ଣ୍ଣ ଓ ଆଶ୍ରମ ଦୃଷ୍ଟିରୁ ବୟୋଜ୍ୟେଷ୍ଠ ବ୍ୟକ୍ତି, ମାତା, ପିତା, ଗୁରୁ, ଆଚାର୍ଯ୍ୟ ପ୍ରଭୃତିଙ୍କ ଆଗରେ କେବେ ବି ନତ ମସ୍ତକ ହୁଏନାହିଁ । ମନ, ବାଣୀ ଓ ଶରୀରରେ କେବେ ସରଳ ଓ ନମ୍ରତାପୂର୍ଣ୍ଣ ବ୍ୟବହାର କରେନାହିଁ । ମୂଢତା ହେତୁ ନିଜ ବିଚାର ଉପରେ ଜିଦଖୋର ହୋଇଥାଏ । 'ଶଠ' ଶବ୍ଦର ଅର୍ଥ ଅସାଧୁ । ତାମସିକ କର୍ତ୍ତା ନିଜର ଉଦ୍ଦେଶ୍ୟକୁ ଗୁପ୍ତ ରଖି ଅନ୍ୟକୁ ପ୍ରବଞ୍ଚନା କରିବା ନିମିତ୍ତ ମିଥ୍ୟାର ଆଶ୍ରୟନେଇ ଭିନ୍ନ ପ୍ରକାର କାର୍ଯ୍ୟ କରିଥାଏ । ବ୍ରହ୍ମାଙ୍କ ସମାନ ଗୁରୁ ପ୍ରାପ୍ତ ହେଲେ ମଧ୍ୟ, ଶଠ ବ୍ୟକ୍ତିର ହୃଦୟରେ ଜ୍ଞାନର ଆବିର୍ଭାବ ହୋଇ ନଥାଏ । ହଜାରେ ଲୋକ ବୁଝାଇଲେ ମଧ୍ୟ ଏହି ପ୍ରକୃତିର ବ୍ୟକ୍ତି ବୁଝି ନଥାନ୍ତି । ଉପକାରୀ ପ୍ରତି କୃତଜ୍ଞତା ଜଣାଇବା ପରିବର୍ତ୍ତେ, ଏହି ପ୍ରକାର ମନୁଷ୍ୟ ତାହାରି କ୍ଷତି ପହଞ୍ଚାଇବା ପାଇଁ କୁଣ୍ଠାବୋଧ କରିନଥାଏ । ଦୁଷ୍ଟବୁଦ୍ଧି କାରଣରୁ ଅନ୍ୟମାନଙ୍କ କାର୍ଯ୍ୟରେ ବାଧାସୃଷ୍ଟି, କଳହ ଓ ମନାନ୍ତର ସୃଷ୍ଟି କରିବା ଏହିମାନଙ୍କର ସ୍ୱଭାବ ହୋଇଯାଇଥାଏ । ଆଳସ୍ୟ ପରାୟଣ ବ୍ୟକ୍ତି ନିଜ ଶରୀର ପ୍ରତି ମଧ୍ୟ ଧ୍ୟାନ ଦେଇ ନଥାଏ । ଆଳସ ବଶବର୍ତ୍ତୀ ହୋଇ ଅନେକ ବୃଥା କଳ୍ପନା ଅଥବା ଅଧିକାଂଶ ସମୟ ନିଦ୍ରାଗ୍ରସ୍ତ ହୋଇ ରହିବାକୁ ଭଲ ପାଇଥାଏ । ବିନା ପରିଶ୍ରମରେ ଫଳ ଉପଭୋଗ କରିବାକୁ ଚାହେଁ । ସାମର୍ଥ୍ୟ ବାହାରେ ଇପ୍ସିତ ଭୋଗ ଆଦି ପୂର୍ତ୍ତି ନହେବାରେ ସବୁବେଳେ ଉଦାସ ରହନ୍ତି । ପ୍ରସନ୍ନତା ଅଭାବରୁ ଏହି ପ୍ରକାର କର୍ତ୍ତାଙ୍କ ମୁଖମଣ୍ଡଳ ବିଷର୍ଣ୍ଣ ଦେଖାଯାଏ । କର୍ତ୍ତବ୍ୟ କର୍ମକୁ ଆରମ୍ଭ ନ କରି ଆଜି-କାଲି କହି କାଳ କ୍ଷେପଣ ନୀତି ଅବଲମ୍ବନ କରିବାକୁ ଦୀର୍ଘସୂତ୍ରୀ କୁହାଯାଏ । ଅଳ୍ପ ସମୟରେ ହେଉଥିବା ସାଧାରଣ କର୍ମକୁ ବହୁକାଳ ପର୍ଯ୍ୟନ୍ତ ପୂର୍ଣ୍ଣ କରିପାରି ନଥାଏ । କର୍ତ୍ତା ଯେଉଁ ଗୁଣକୁ ସ୍ୱୀକାର କରେ ସେହି ଅନୁସାରେ କର୍ମର ରୂପ ହୁଏ । କର୍ତ୍ତା ଯେଉଁ ସାଧନା କରେ, ସେହି ସାଧନା ହିଁ କର୍ତ୍ତାର ରୂପ ଅଟେ । କର୍ତ୍ତା ଯଦି ସାତ୍ତ୍ୱିକ, ରାଜସ ବା ତାମସ ହେବ, ତେବେ କର୍ମ ପ୍ରଭୃତି ମଧ୍ୟ ସାତ୍ତ୍ୱିକ, ରାଜସ ବା ତାମସ ହେବ । ଶ୍ରୀମଦ୍

ଭାଗବତରେ ସାତ୍ତ୍ୱିକ ଆଦି ଭେଦରେ କର୍ତ୍ତା ମଧ୍ୟ ତିନି ପ୍ରକାର କୁହାଯାଇଛି । " **ସାତ୍ତ୍ୱିକଃ କାରକୋସଙ୍ଗୀ ରାଗାନ୍ଧୋ ରାଜସଃ ସ୍ମୃତଃ । ତାମସଃ ସ୍ମୃତି ବିଭ୍ରଷ୍ଟୋ ନିର୍ଗୁଣୋ ମଦପାଶ୍ରୟଃ** " (ଶ୍ରୀମଦ ଭାଗବତ୧୧/୨୫/୨୬) : ଅର୍ଥାତ୍ ଅନାସକ୍ତ କର୍ତ୍ତା ସାତ୍ତ୍ୱିକ, କର୍ମ ଏବଂ କର୍ମଫଳରେ ଅତ୍ୟନ୍ତ ଆସକ୍ତ କର୍ତ୍ତା ରାଜସିକ ଏବଂ ବିବେକଶୂନ୍ୟ କର୍ତ୍ତା ତାମସିକ ଅଟନ୍ତି । ମୋର (ପରମେଶ୍ୱରଙ୍କ ) ଶରଣାଗତ ଭକ୍ତ ନିର୍ଗୁଣ ହୋଇଥାଏ ।

ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।
ପ୍ରୋଚ୍ୟମାନମଶେଷେଣ ପୃଥକ୍ ତ୍ୱେନ ଧନଞ୍ଜୟ ॥୨୯॥

*ଅନ୍ୱୟ : ଧନଞ୍ଜୟ ( ହେ ଧନଞ୍ଜୟ !) ବୁଦ୍ଧେଃ (ବୁଦ୍ଧିର) ଧୃତେଃ ଚ ( ଏବଂ ଧାରଣ ଶକ୍ତି ବା ଧୈର୍ଯ୍ୟ ଶକ୍ତିର) ଏବ (ମଧ୍ୟ) ଗୁଣତଃ (ଗୁଣମାନଙ୍କ ଅନୁସାରେ ) ତ୍ରିବିଧମ୍ (ତିନି ପ୍ରକାର) ଭେଦଂ (ବିଭାଗକୁ) ପୃଥକ୍-ତ୍ୱେନ ( ପୃଥକ ରୂପେ ) ଅଶେଷଣ ( ସମ୍ପୂର୍ଣ୍ଣଭାବେ ) ପ୍ରୋଚ୍ୟମାନମ୍ (ଯାହା ମୋ'ଦ୍ୱାରା କୁହାଯାଉଛି) ଶୃଣୁ ( ତୁମେ ଶ୍ରବଣ କର ) ।*

**ଭାବାର୍ଥ** : ହେ ଧନଞ୍ଜୟ ! ବୁଦ୍ଧି ଏବଂ ଧାରଣ ଶକ୍ତି ମଧ୍ୟ ଗୁଣମାନଙ୍କ ପ୍ରଭେଦରୁ ତିନି ପ୍ରକାରର ଅଟେ । ସେମାନଙ୍କର ଭେଦକୁ ସମ୍ପୂର୍ଣ୍ଣ ଭାବେ ପୃଥକ ରୂପେ ମୋଠାରୁ ଶ୍ରବଣ କର । ସଂସାରରେ ଯେତେ ପଦାର୍ଥ ରହିଛି; ସତ୍ତ୍ୱ, ରଜ ଓ ତମଃ ଆଦି ତିନିଗୁଣର ସଂଯୋଗରେ ତିନି ଶ୍ରେଣୀରେ ବିଭକ୍ତ । ସାଂସାରିକ ବ୍ୟବହାରିକ ପରିଚାଳନା ଏବଂ ପରମାତ୍ମା ପ୍ରାପ୍ତି ନିମିତ୍ତ ଯେତେ ବି ସାଧନ ରହିଛି, ସେହି ସବୁରେ ବୁଦ୍ଧି ଓ ଧୃତିର ଭୂମିକା ପ୍ରମୁଖ ଅଟେ । ଏହି ବୁଦ୍ଧିର ପ୍ରବାହ ମଧ୍ୟ ତିନି ପ୍ରକାରର । ତିନି ପ୍ରକାର ବୁଦ୍ଧି ଭଳି ଧୃତି ମଧ୍ୟ ତିନି ପ୍ରକାରର । ସଂସାରର ସମସ୍ତ ଜୀବ, ଜଡ ତିନିଗୁଣର ସୀମାରେ ଆବଦ୍ଧ । କେତେକ ମନୁଷ୍ୟଙ୍କ ଏହି ବିଶ୍ୱାସ ରହିଥାଏ କି, ଶାସ୍ତ୍ରଗତ ସମ୍ପୂର୍ଣ୍ଣ ବିଧି ବିଧାନ ଜାଣି ନଥିଲେ ମଧ୍ୟ, ସମସ୍ତ କାର୍ଯ୍ୟ ବୁଦ୍ଧି ଅନୁସାରେ କରିବା ଦ୍ୱାରା ଜୀବନରେ ସଫଳତା ପ୍ରାପ୍ତ ହୁଏ । ମନୁଷ୍ୟ ଚାହେଁ କିଛି ବି କରୁ, ପରନ୍ତୁ ବୁଦ୍ଧି ଶୁଦ୍ଧ ରହିଲେ ଅଭୀଷ୍ଟ ସିଦ୍ଧି ଅବଶ୍ୟ ପ୍ରାପ୍ତ ହୁଏ । ଯେଉଁ ବିଚାରଶକ୍ତି ଦ୍ୱାରା ମନୁଷ୍ୟ କର୍ମର କର୍ତ୍ତବ୍ୟବୋଧ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ବୁଝି ପାରିବାକୁ ସକ୍ଷମ ହୁଏ, ତାହା ହିଁ ତାର ବୁଦ୍ଧି । ସଂକଳ୍ପ-ବିକଳ୍ପାତ୍ମକ ବୃତ୍ତି ହେଉଛି 'ମନ' ଏବଂ ନିଶ୍ଚୟାତ୍ମକ ବୃତ୍ତି ହେଉଛି 'ବୁଦ୍ଧି' । ସାଧାରଣ ଧାରଣାତ୍ମକ ବୃତ୍ତିର ନାମ ବୁଦ୍ଧି ଏବଂ ବିଶେଷ ଧାରଣାତ୍ମକ ବୁଦ୍ଧିର ନାମ ଧୃତି । ଧୃତି ବା ଧାରଣାଶକ୍ତି କର୍ତ୍ତାର ଅଧୀନ କାରଣରୁ ଏହାର ମଧ୍ୟ ତିନି ଭେଦ ଜାଣିବା ଆବଶ୍ୟକ । ବୁଦ୍ଧି ଓ ଧୃତିର ଭେଦ ସମ୍ପୂର୍ଣ୍ଣ ରୂପେ ନ ଜାଣିବା ପର୍ଯ୍ୟନ୍ତ, ଆଧ୍ୟାତ୍ମିକ ମାର୍ଗର ଅଗ୍ରଗତି କଷ୍ଟସାଧ୍ୟ ହୋଇଥାଏ । ବୁଦ୍ଧି ଓ ଧୈର୍ଯ୍ୟ ପରସ୍ପର ସଂଯୁକ୍ତ । ଧୃତି ମଧ୍ୟ ବୁଦ୍ଧିର ଏକ ଗୁଣ ହୋଇପାରେ । ବୁଦ୍ଧିଦ୍ୱାରା ନିଜ ଲକ୍ଷ୍ୟକୁ ଉତ୍ତମ ରୂପେ ବୁଝିହୁଏ ଏବଂ ଧୃତି ଦ୍ୱାରା କର୍ତ୍ତା ନିଜେ ସେହି ଧେୟରେ ଦୃଢ ରହେ । ନିଜ ଲକ୍ଷ୍ୟରୁ ବିଚଳିତ ହେବାକୁ ଦେଉନଥିବା ଧାରଣ ଶକ୍ତିର ନାମ 'ଧୃତି' ।

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ଯ୍ୟାକାର୍ଯ୍ୟେ ଭୟାଭୟେ ।
ବନ୍ଧଂ ମୋକ୍ଷଂ ଚ ଯା ବେତ୍ତି ବୁଦ୍ଧିଃ ସା ପାର୍ଥ ସାତ୍ତ୍ୱିକୀ ॥୩୦॥

*ଅନ୍ୱୟ : ପାର୍ଥ ! ( ହେ ପୃଥା ନନ୍ଦନ !) ଯା ( ଯେଉଁ ବୁଦ୍ଧି) ପ୍ରବୃତ୍ତିଂ ଚ ( କର୍ମରେ ପ୍ରବୃତ୍ତି ଅର୍ଥାତ୍ ପ୍ରବୃତ୍ତି ମାର୍ଗ ) ନିବୃତ୍ତିଂ ଚ (କର୍ମରୁ ନିବୃତ୍ତି ଅର୍ଥାତ୍ ନିବୃତ୍ତି ମାର୍ଗ ) କାର୍ଯ୍ୟ-ଅକାର୍ଯ୍ୟେ (କର୍ତ୍ତବ୍ୟ-ଅକର୍ତ୍ତବ୍ୟକୁ) ଭୟ-ଅଭୟେ (ଭୟ ଓ ଅଭୟକୁ) ଚ (ତଥା) ବନ୍ଧଂ-ମୋକ୍ଷଂ (ବନ୍ଧନ ଓ ମୋକ୍ଷକୁ) ବେତ୍ତି (ଯଥାର୍ଥ ଜାଣେ ) ସା (ସେହି) ବୁଦ୍ଧିଃ (ବୁଦ୍ଧି ) ସାତ୍ତ୍ୱିକୀ ( ସତ୍ତ୍ୱ ପ୍ରଧାନ ଅଟେ ) ।*

**ଭାବାର୍ଥ** : ହେ ଅର୍ଜ୍ଜୁନ ! ଯେଉଁ ବୁଦ୍ଧି ଦ୍ୱାରା କର୍ମରେ ପ୍ରବୃତ୍ତି ଏବଂ ନିବୃତ୍ତିର ମାର୍ଗ, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ, ଭୟ ଓ ଅଭୟ ଏବଂ ବନ୍ଧନ ଓ ମୋକ୍ଷ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ହୋଇଥାଏ, ସେହି ବୁଦ୍ଧି ସାତ୍ତ୍ୱିକୀ ଅର୍ଥାତ୍ ସତ୍ତ୍ୱ ପ୍ରଧାନ ଅଟେ । କର୍ମ ମାର୍ଗ ଓ ଜ୍ଞାନ ମାର୍ଗକୁ ଏହି ଶ୍ଳୋକରେ ଯଥାକ୍ରମେ ପ୍ରବୃତ୍ତି ଓ ନିବୃତ୍ତି ଶବ୍ଦ ଦ୍ୱାରା ସୂଚିତ କରାଯାଇଛି । ଗୃହସ୍ଥ ଧର୍ମ ପାଳନ କରୁଥିବା ସମୟରେ କର୍ମ ଓ କର୍ମଫଳପ୍ରତି ଆସକ୍ତି ତ୍ୟାଗ କରି କେବଳ ଭଗବତ୍ ଅର୍ପଣ ବୁଦ୍ଧିରେ ଆତ୍ମା ଓ ଜଗତ କଲ୍ୟାଣ ନିମିତ୍ତ ରାଜା ଜନକଙ୍କ ପରି ଆଚରଣ କରିବାର ନାମ 'ପ୍ରବୃତ୍ତି' ମାର୍ଗ । ଦେହାଭିମାନ ତ୍ୟାଗ ପୂର୍ବକ ଶମ, ଦମ, ତିତିକ୍ଷା ଆଦି ସାଧନା ସହିତ ନିରନ୍ତର କେବଳ ଏକ ସଚ୍ଚିଦାନନ୍ଦଘନ ପରମାତ୍ମାରେ ସ୍ଥିତ ରହି, ଶ୍ରୀ ଶୁକଦେବ ଏବଂ ସନକାଦିଙ୍କ ପରି ବିଚରଣ କରିବାର ନାମ 'ନିବୃତ୍ତି' ମାର୍ଗ । ନିବୃତ୍ତିକୁ ଶ୍ରୀ ଶଙ୍କାରାଚାର୍ଯ୍ୟ ସନ୍ନ୍ୟାସ ମାର୍ଗରୂପେ ଅଭିହିତ କରିଛନ୍ତି । ସାଂସାରିକ ବ୍ୟବହାର କ୍ଷେତ୍ରରେ ନିଜ ଜୀବନ ଶୈଳୀ ଓ ସାଧନକୁ ନେଇ ଏହି ପ୍ରବୃତ୍ତି ଓ ନିବୃତ୍ତିର ଏକ ନିର୍ଦ୍ଦିଷ୍ଟ ସୀମାରେଖା ରହିବା ବିଧେୟ । ଦେଶ, କାଳ ଓ ପାତ୍ର ଆଦି ବିଚାରକୁ ନେଇ ଶାସ୍ତ୍ର ବିହିତ କେଉଁ କେଉଁ କର୍ମ କରଣୀୟ ଏବଂ କେଉଁ କେଉଁ କର୍ମ ବର୍ଜନୀୟ, ତାହାରି ସମ୍ବନ୍ଧରେ ସମ୍ୟକ ଜ୍ଞାନ ସାତ୍ତ୍ୱିକ ବୁଦ୍ଧିରେ ରହିଥାଏ । ଶାସ୍ତ୍ର, ବର୍ଣ୍ଣ ଓ ଆଶ୍ରମ ମର୍ଯ୍ୟାଦା ଅନୁସାରେ ଯେଉଁ କର୍ମ କରାଯାଏ ତାହା 'କାର୍ଯ୍ୟ' ଏବଂ ଶାସ୍ତ୍ର ମର୍ଯ୍ୟାଦାର ବିରୁଦ୍ଧ ଯେଉଁ କର୍ମ କରାଯାଏ ତାହା 'ଅକାର୍ଯ୍ୟ' । ଉପସ୍ଥିତି ପରିସ୍ଥିତିରେ କଣ କରିବା ଉଚିତ, କଣ ନ କରିବା ଉଚିତ, ତାହା କେବଳ ଶୁଦ୍ଧ ବୁଦ୍ଧି ହିଁ ନିର୍ଣ୍ଣୟ କରିବାକୁ ସକ୍ଷମ ହୁଏ । କର୍ତ୍ତବ୍ୟ ଚ୍ୟୁତ ହେଲେ ମନୁଷ୍ୟ ମନରେ ସ୍ୱତଃ ଭୟ ଜାତ ହୁଏ । କର୍ତ୍ତବ୍ୟ ମାର୍ଗରୁ ବିଚଳିତ ନ ହୋଇ ପରମାତ୍ମାଙ୍କ ଠାରେ ମଗ୍ନ ରହିବା 'ଅଭୟ' । ଏହି ଅଭୟ ହିଁ ସାଧକକୁ ସର୍ବଥା ଅଭୟପ୍ରଦ ପରମାତ୍ମାଙ୍କ ସହିତ ସାକ୍ଷାତ୍ କରାଇଦିଏ । ଭୟ ଓ ନିର୍ଭିକତାର ଜ୍ଞାନ, ସାତ୍ତ୍ୱିକ ବୁଦ୍ଧିରେ ପ୍ରତିଫଳିତ ହୋଇଥାଏ । ସଂସାରରେ ମୃତ୍ୟୁ ଏବଂ ସ୍ତ୍ରୀ, ପୁତ୍ର, ଧନ ଆଦି କ୍ଷଣଭଙ୍ଗୁର ବିଷୟଭୋଗ ପ୍ରତି ମମତ୍ୱ ଭାବ ମନୁଷ୍ୟର ଭୟର କାରଣ ହୋଇଥାଏ । ସତ୍ତ୍ୱ ବୁଦ୍ଧିରେ ଆତ୍ମଜ୍ଞାନ ଏବଂ ବିବେକ ଉଦୟ ହେବାରେ ଏହି ଭୟ ଦୂର ହୁଏ । ସାତ୍ତ୍ୱିକ ବୁଦ୍ଧି ସଂସାର ବନ୍ଧନ ଏବଂ ମୋକ୍ଷର ସ୍ୱରୂପକୁ ଯଥାର୍ଥ ଭାବେ ଜାଣିବାର ଶକ୍ତି ଯୋଗାଇଥାଏ । ଅଜ୍ଞାନ ବନ୍ଧନର କାରଣ ଏବଂ ତତ୍ତ୍ୱଜ୍ଞାନ ପ୍ରାପ୍ତିରେ ମନୁଷ୍ୟ ଜନ୍ମ-ମରଣ ଚକ୍ରରୁ ମୁକ୍ତି ପ୍ରାପ୍ତ ହୁଏ । ସାତ୍ତ୍ୱିକ ବୁଦ୍ଧି ସମ୍ପନ୍ନ ମନୁଷ୍ୟ ସଂସାରରେ ରହି ମଧ୍ୟ ବିଷୟ ଭୋଗରେ ନିର୍ଲିପ୍ତ ହୋଇ ରହିବାର ପ୍ରେରଣା ପାଇଥାଏ । ଶୁଭାଶୁଭ କର୍ମ ସଂସ୍କାର କାରଣରୁ ଜୀବକୁ ପ୍ରକୃତି ପରବଶ ହୋଇ ଜନ୍ମ-ମୃତ୍ୟୁ ଚକ୍ରରେ ଘୂରି ବୁଲିବା ହେଉଛି 'କର୍ମ ବନ୍ଧନ' । ଯୋଗ ସାଧନା ଦ୍ୱାରା ଭଗବତ୍ କୃପାରୁ ସଞ୍ଚିତ ଆଦି ସମସ୍ତ କର୍ମ ନାଶ ହୋଇ, ସଂସ୍କାର ନିର୍ମାଣ ନିମିତ୍ତ ନୂତନ କର୍ମ ଆରମ୍ଭ ନ ହେବା ହେଉଛି ଜୀବନ ମୁକ୍ତ ବା ମୋକ୍ଷ । ସାତ୍ତ୍ୱିକ ବୁଦ୍ଧିରେ ରହିଥିବା ବିବେକ ହିଁ ତତ୍ତ୍ୱଜ୍ଞାନରେ ପରିଣତ ହୁଏ, ଯାହା ସଂସାରରୁ ବନ୍ଧନ ଛିନ୍ନ କରାଇବାରେ ସହାୟକ ହୁଏ ।

ଯୟା ଧର୍ମମଧର୍ମଂ ଚ କାର୍ଯ୍ୟଂ ଚାକାର୍ଯ୍ୟମେବ ଚ ।
ଅଯଥାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ ॥୩୧॥

*ଅନ୍ୱୟ : ପାର୍ଥ ! ( ହେ ପାର୍ଥ !) ଯୟା (ଯେଉଁ ବୁଦ୍ଧି ଦ୍ୱାରା ମନୁଷ୍ୟ ) ଧର୍ମମ୍ (ଧର୍ମକୁ ) ଚ ( ଏବଂ ) ଅଧର୍ମମ୍ (ଅଧର୍ମକୁ) ଚ (ତଥା) କାର୍ଯ୍ୟମ୍ (କର୍ତ୍ତବ୍ୟକୁ) ଚ (ଏବଂ) ଅକାର୍ଯ୍ୟମ୍ (ଅକର୍ତ୍ତବ୍ୟକୁ) ଏବ (ମଧ୍ୟ) ଅଯଥାବତ୍ (ଯଥାର୍ଥ ରୂପେ) ପ୍ରଜାନାତି (ଜାଣିପାରେ ନାହିଁ) ସା (ସେହି) ବୁଦ୍ଧିଃ (ବୁଦ୍ଧି) ରାଜସୀ ( ରାଜସୀ ଅଟେ) ।*

**ଭାବାର୍ଥ** : ହେ ପାର୍ଥ ! ଯେଉଁ ବୁଦ୍ଧି ଦ୍ୱାରା ମନୁଷ୍ୟ ଧର୍ମ ଓ ଅଧର୍ମ, ତଥା କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ଉତ୍ତମ ରୂପେ ଜାଣିପାରେ ନାହିଁ ଅର୍ଥାତ୍ ଅଧୁରାଭାବେ ଜାଣିଥାଏ, ସେହି ବୁଦ୍ଧି ରାଜସୀ ବୁଦ୍ଧି ଅଟେ । ଯାହା ଶାସ୍ତ୍ର ବିହିତ ଏବଂ ଜୀବର କଲ୍ୟାଣ କରେ ତାହା 'ଧର୍ମ' ଏବଂ ଯାହା ଶାସ୍ତ୍ର ନିଷିଦ୍ଧ ଏବଂ ଜୀବକୁ ବନ୍ଧନରେ ପକାଏ ତାହା 'ଅଧର୍ମ' । ବର୍ଣ୍ଣ, ଆଶ୍ରମ, ପ୍ରକୃତି, ଯୋଗ୍ୟତା, ପରିସ୍ଥିତି ତଥା ଦେଶ ଓ କାଳ ଦୃଷ୍ଟିରୁ ଯେଉଁ ମନୁଷ୍ୟର ଯାହା କିଛି ଶାସ୍ତ୍ର ବିହିତ କରଣୀୟ କର୍ମ ରହିଛି, ତାହା ହେଉଛି 'କର୍ତ୍ତବ୍ୟ' । ଯାହାଙ୍କ ପାଇଁ ଶାସ୍ତ୍ରରେ ଯେଉଁ କର୍ମ ଅକରଣୀୟ-ନିଷିଦ୍ଧ ବୋଲି କୁହାଯାଇଛି, ତାହା ହେଉଛି 'ଅକର୍ତ୍ତବ୍ୟ' । ରାଜସୀ ବୁଦ୍ଧି ଦ୍ୱାରା ଧର୍ମ-ଅଧର୍ମ ତଥା କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିଷୟରେ ଯେଉଁ ନିର୍ଣ୍ଣୟ କରାଯାଏ, ତାହା ସର୍ବଦା ସନ୍ଦିଗ୍ଧ ଅର୍ଥାତ୍ ଉଚିତ କି ଅନୁଚିତ ଦ୍ୱନ୍ଦ୍ୱ ସମ୍ପନ୍ନ ହୋଇଥାଏ । ରାଜସିକ ବ୍ୟକ୍ତି ସଂଶୟଯୁକ୍ତ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସନ୍ଦେହ ଘେରରେ ରହେ । ରାଜସିକ ବୁଦ୍ଧି ଉଚିତ-ଅନୁଚିତ ମଧ୍ୟରେ ସଠିକ୍ ପାର୍ଥକ୍ୟ ନିର୍ଣ୍ଣୟ କରିପାରେ ନାହିଁ । ଆସକ୍ତି କାରଣରୁ ରାଜସୀ ବୁଦ୍ଧିରେ ସ୍ୱାର୍ଥ, ପକ୍ଷପାତିତା, ବିଷମତା ଇତ୍ୟାଦି ଦୋଷ ଆସିଯାଏ । ରାଜସୀ ବୁଦ୍ଧିରେ ରାଗ-ଦ୍ୱେଷ ପ୍ରଭାବରୁ ସଂସାରର ଉତ୍ପତ୍ତି-ବିନାଶଶୀଳ ବସ୍ତୁ ଗୁଡିକ ସହିତ ଯେଉଁ ସମ୍ବନ୍ଧ ହୁଏ, ତାହା କ୍ଷଣ-ଭଙ୍ଗୁର ଓ ପରିବର୍ତ୍ତନଶୀଳ ବୋଲି ବୋଧ ହୋଇ ନଥାଏ । ରାଜସୀ ବୁଦ୍ଧିର ଅନୁରାଗ ହେତୁ ବିବେକ ଶକ୍ତି ଅସ୍ପଷ୍ଟ ଭାବେ ରହିଥାଏ । କଲ୍ୟାଣକାମୀ ମନୁଷ୍ୟ ସତ୍-ସଙ୍ଗ, ସ୍ୱାଧ୍ୟାୟ ଏବଂ ସଦ୍‌ବିଚାର ପୋଷଣ ପୂର୍ବକ ବୁଦ୍ଧିରେ ରହିଥିବା ରାଜସ ଭାବକୁ ତ୍ୟାଗ କରି ସାତ୍ତ୍ୱିକ ଭାବର ବୃଦ୍ଧି ନିମିତ୍ତ ସାଧନ କରିବା ବିଧେୟ ।

ଅଧର୍ମଂ ଧର୍ମମିତି ଯା ମନ୍ୟତେ ତମସାବୃତା ।
ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ ॥୩୨॥

*ଅନ୍ୱୟ : ପାର୍ଥ ! ( ହେ ପୃଥା ନନ୍ଦନ !) ଯା (ଯେଉଁ) ବୁଦ୍ଧିଃ (ବୁଦ୍ଧି) ତମସା ( ତମୋଗୁଣ ଦ୍ୱାରା- ଅବିଦ୍ୟା ରୂପକ ଅନ୍ଧକାର ଦ୍ୱାରା) ଆବୃତା ( ଆଚ୍ଛାଦିତ ହୋଇ) ଅଧର୍ମଂ (ଅଧର୍ମକୁ) ଧର୍ମଂ ଇତି ('ଏହା ଧର୍ମ ଅଟେ'-ବୋଲି) ମନ୍ୟତେ (ମାନି ନିଏ ) ଚ (ଓ) ସର୍ବ-ଅର୍ଥାନ୍ (ସବୁ ବିଷୟକୁ ଏହିପରି ) ବିପରୀତାନ୍ (ବିପରୀତ ଭାବରେ ଗ୍ରହଣ କରିନିଏ ) ସା ବୁଦ୍ଧିଃ (ସେହି ବୁଦ୍ଧି ) ତାମସୀ (ତାମସିକ ) ।*

**ଭାବାର୍ଥ** : ହେ ପୃଥା ନନ୍ଦନ ଅର୍ଜୁନ ! ଯେଉଁ ମନୁଷ୍ୟର ବୁଦ୍ଧି ତମୋଗୁଣ ରୂପୀ ଅଜ୍ଞାନ ଦ୍ୱାରା ମୋହାଚ୍ଛନ୍ନ ହୋଇ ଅଧର୍ମକୁ –'ଏହା ଧର୍ମ ଅଟେ'-ବୋଲି ମନକରେ ଏବଂ ପାରମାର୍ଥିକ ଓ ବ୍ୟବହାରିକ କ୍ଷେତ୍ରରେ ସମସ୍ତ ହିତକୁ ବିପରୀତ ଦିଗରେ ବୁଝିଥାଏ, ସେହି ବୁଦ୍ଧି ତାମସିକ ଅଟେ । ଆତ୍ମାକୁ ସ୍ୱରୂପ ନମାନି ଦେହକୁ ହିଁ ସ୍ୱରୂପ ମନେ କରିବା, ଭଗବାନଙ୍କ ପ୍ରତି ଆସ୍ଥା ପ୍ରକଟ ନକରି ଜାଗତିକ ବସ୍ତୁ ଓ ପଦାର୍ଥକୁ ସତ୍ୟ ଏବଂ

ଚିରନ୍ତନ ବୋଲି ସ୍ୱୀକାର କରିନେବା, ଅନ୍ୟମାନଙ୍କୁ ତୁଚ୍ଛ ମନେକରି ନିଜକୁ ବିଦ୍ୱାନ ଓ ଶ୍ରେଷ୍ଠ ମଣିବା, ଇନ୍ଦ୍ରିୟ ସୁଖକୁ ନିତ୍ୟଶାନ୍ତି ବୋଲି ମାନିନେବା- ଏହି ସମସ୍ତ ହେଉଛି ବିପରୀତ ଭାବନାର ଉଦାହରଣ । ତାମସୀ ବୁଦ୍ଧିଯୁକ୍ତ ମନୁଷ୍ୟକୁ ଶାସ୍ତ୍ର ତଥା ପିତା-ମାତା ଏବଂ ଗୁରୁଜନଙ୍କ ହିତୋପଦେଶ ଅହିତବୋଧ ହୋଇଥାଏ । ତମୋଗୁଣ ସମ୍ପନ୍ନ ବ୍ୟକ୍ତି ଅଜ୍ଞାନ କାରଣରୁ ପ୍ରକୃତ ବିଷୟକୁ ଏକ ବିକୃତ ଦୃଷ୍ଟିକୋଣରୁ ଦେଖିଥାଏ । ଫଳତଃ ତମ ବୁଦ୍ଧିଯୁକ୍ତ ବ୍ୟକ୍ତି ବସ୍ତୁ କିମ୍ବା ଘଟଣାର ବିଶେଷତାକୁ ବୁଝିବାକୁ ସମର୍ଥ ହୋଇ ନଥାଏ । ତାମସିକ ବୁଦ୍ଧି ହିଁ ଦୁର୍ବୁଦ୍ଧି, ଯାହା ନିଜର ଅଧୋଗତି ଓ ଅନ୍ୟମାନଙ୍କ ପ୍ରତି ଦୁଃଖ ପହଞ୍ଚାଇବାର କାରଣ ହୁଏ । କେତେକ ମନୁଷ୍ୟଙ୍କ ଏହି ଧରାଣ ଥାଏ କି, ଶାସ୍ତ୍ର ବିଧି ବା ପ୍ରମାଣ ଆଧାରରେ ବ୍ୟର୍ଥ ଅନ୍ୱେଷଣର ପ୍ରଯତ୍ନ ନ କରି, ନିଜ ବୁଦ୍ଧିର ବିଚାରରେ ଦୈନନ୍ଦିନ କାର୍ଯ୍ୟ ପଦ୍ଧତି ବଢାଇନେବା ହିଁ ଉତ୍କୃଷ୍ଟ ପନ୍ଥା । କିନ୍ତୁ ଆମ୍ଭ ପୂର୍ବଜ ମୁନି-ଋଷିଙ୍କ ଅକ୍ଲାନ୍ତ ସାଧନ ଦ୍ୱାରା ପ୍ରଣିତ ଶାସ୍ତ୍ର ବିଧି ତଥା ପ୍ରମାଣମାନ ଯାହା ଯୁଗ ଯୁଗ ଧରି ଆମରି ସଂସ୍କୃତିର ନୈତିକ ମୂଲ୍ୟବୋଧକୁ ସମାଜର ପ୍ରତ୍ୟେକ ସ୍ତରର ବ୍ୟକ୍ତିଙ୍କ ଆଚରଣ ଓ ଜୀବନ ପ୍ରଣାଳୀକୁ ଶୁଦ୍ଧ ଓ ସମୃଦ୍ଧ କରି ଆସିଛି, ତାହାକୁ ଉପେକ୍ଷା କରିବା ବିଷୟ ନୁହଁ । ବରଂ ଶାସ୍ତ୍ର ମର୍ଯ୍ୟାଦାକୁ ସମ୍ମୁଖରେ ରଖି, ନିଜ ବୁଦ୍ଧି ଓ ବିବେକ ଦ୍ୱାରା ପ୍ରତ୍ୟେକ ବିଷୟ ଉତ୍ତମ ରୂପେ ତର୍ଜମା କରି ନିର୍ଣ୍ଣୟ କରିବାରେ ବୁଦ୍ଧି ରାଜସ କିମ୍ବା ତାମସ ପ୍ରବୃତ୍ତି ଦିଗକୁ ଟାଣି ହୋଇଯାଏ ନାହିଁ । ଆଜିର ସମାଜରେ ଶାସ୍ତ୍ର ବିଦିତ ନୈତିକ ମୂଲ୍ୟବୋଧର ପତନ ଘଟି, ପଶୁ ହତ୍ୟାକୁ 'ମାଂସ ଉତ୍ପାଦନ' ସଞ୍ଜ୍ଞା ଦିଆଯାଉଛି । ଗର୍ଭପାତକୁ ପରିବାର କଲ୍ୟାଣ ରୂପେ, ନାରୀ ସ୍ୱାଧୀନତା ନାମରେ ଉଚ୍ଛୃଙ୍ଖଳତା ଓ ମର୍ଯ୍ୟାଦାର ସୀମା ଅତିକ୍ରାନ୍ତ କରି ଦିଗଭ୍ରଷ୍ଟା ହେବା- ପ୍ରଭୃତିକୁ ବିକାସର ଆଖ୍ୟା ଦେଇ ଯୁବ ପିଢୀକୁ ବିଭ୍ରାନ୍ତ କରାଯାଉଛି । । ଧାର୍ମିକତାକୁ ସାମ୍ପ୍ରଦାୟିକତା ଓ ଧର୍ମ ବିରୁଦ୍ଧତାକୁ ଧର୍ମ ନିରପେକ୍ଷ ରୂପ ଦେଇ ରାଷ୍ଟ୍ରୀୟ ସଂହତି ଉପରେ ପ୍ରଶ୍ନବାଚ ସୃଷ୍ଟି କରାଯାଉଛି । ବିନାଶ କାଳ ପାଖେଇ ଆସିଲେ ଏପରି ବିପରୀତ ଓ ତାମସ ବୁଦ୍ଧି ହୁଏ ।

ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।
ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ ॥୩୩॥

*ଅନ୍ୱୟ : ପାର୍ଥ ! ( ହେ ପାର୍ଥ !) ଯୟା (ଯେଉଁ ) ଯୋଗେନ (ଯୋଗାଭ୍ୟାସ ପୂର୍ବକ) ଅବିଭିଚାରିଣ୍ୟା ( ଏକନିଷ୍ଠ -ଅବିଚଳିତ ) ଧୃତ୍ୱା (ଧାରଣ ଶକ୍ତିଦ୍ୱାରା) ମନ-ପ୍ରାଣ-ଇନ୍ଦ୍ରିତ କ୍ରିୟାଃ (ମନ, ପ୍ରାଣ, ଇନ୍ଦ୍ରିୟମାନଙ୍କ କ୍ରିୟା ସମୂହକୁ ) ଧାରୟତେ ( ସଂଯମତା ସହ ଧାରଣ କରାଯାଇପାରେ) ସା ଧୃତିଃ ( ସେହି ଧାରଣ ଶକ୍ତି ବା ଧୈର୍ଯ୍ୟ ଶକ୍ତି ) ସାତ୍ତ୍ୱିକୀ ( ସାତ୍ତ୍ୱିକ ଅଟେ ) ।*

**ଭାବାର୍ଥ** :ହେ ପାର୍ଥ ! ଯୋଗାଭ୍ୟାସ ପୂର୍ବକ ଯେଉଁ ଏକନିଷ୍ଠ ଧୃତି ଦ୍ୱାରା ମନୁଷ୍ୟ ମନ, ପ୍ରାଣ ଏବଂ ଇନ୍ଦ୍ରିୟମାନଙ୍କ କ୍ରିୟାକୁ ଦୃଢତା ସହିତ ସୁନିୟନ୍ତ୍ରିତ କରିବା ନିମିତ୍ତ ସମର୍ଥ ହୋଇଥାଏ, ସେହି ଧୃତି ସାତ୍ତ୍ୱିକୀ । ଧୃତିର ଅର୍ଥ ହେଲା; 'ଧାରଣା', ଯାହାଦ୍ୱାରା ସାଧକ ନିଜର ବୁଦ୍ଧି ଦ୍ୱାରା ନିଶ୍ଚିତ କରାଯାଇଥିବା ସିଦ୍ଧାନ୍ତ ବା ବିଚାର ଓ ଲକ୍ଷ୍ୟକୁ ଦୃଢତାର ସହିତ ଧାରଣ କରେ । ସମସ୍ତ ସଫଳତାର ମୂଳ ହେଉଛି ଧୃତି ଅର୍ଥାତ୍ ଧାରଣ ଶକ୍ତି ବା ଧୈର୍ଯ୍ୟ। ଯୋଗବଳ ଦ୍ୱାରା ସମତ୍ୱ ବୁଦ୍ଧିରେ କେବଳ ପରମାତ୍ମାଭିମୁଖୀ ଧୃତିକୁ ସାତ୍ତ୍ୱିକ ଧୃତି କହନ୍ତି । କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ସମୂହ ସ୍ୱଭାବତଃ ବିଷୟାଭିମୁଖୀ ହୋଇଥାନ୍ତି । କେବଳ ମନ ହିଁ ଏମାନଙ୍କୁ ସଂଯମ କରିବାକୁ ସକ୍ଷମ ହୁଏ । ଅଖଣ୍ଡ ଆତ୍ମାନୁସନ୍ଧାନ ଦ୍ୱାରା ମନରେ ଏକନିଷ୍ଠ ଧୃତି ଜାଗ୍ରତ ହୋଇଗଲେ

ମନ, ପ୍ରାଣ ଓ ଇନ୍ଦ୍ରିୟମାନଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣ ହୋଇଥାଏ । ଧୃତି ଯେତେବେଳେ ଯୋଗ ସହିତ ସମନ୍ୱିତ ହୁଏ ଅର୍ଥାତ୍ ମନ ଧୈର୍ଯ୍ୟ ସହିତ ମିଶିଗଲେ ସିଦ୍ଧିପ୍ରାପ୍ତ ସୁନିଶ୍ଚିତ ହୋଇଯାଏ । ଯେଉଁମାନେ ଭଗବତ୍ ଚିନ୍ତନରେ ବ୍ରତୀ ହୋଇଥାନ୍ତି ଏବଂ ଅନ୍ୟ କୌଣସି ସାଂସାରିକ ପ୍ରଲୋଭନରେ ପଡି ନିଜର ଲକ୍ଷ୍ୟପଥରୁ ବିଚ୍ୟୁତ ହୁଅନ୍ତି ନାହିଁ, ସେହିମାନେ ଅବ୍ୟଭିଚାରିଣ ବା ଅଖଣ୍ଡ ଧୃତିର ଅଧିକାରୀ । ଭଗବତ୍ ଚିନ୍ତନ ଅତିରିକ୍ତ ଯେ କୌଣସି ଅନ୍ୟ ସାଂସାରିକ ବିଷୟ ସହିତ ମନକୁ ଯୁକ୍ତ କରି ରଖିବା ହେଉଛି ବ୍ୟଭିଚାରିଣୀ ଦୋଷ । ଏଥିରୁ ବିରତ ରହିବା ହେଉଛି 'ଅବ୍ୟଭିଚାରିଣୀ' ଧାରଣ ଶକ୍ତି । ସମତା ବୁଦ୍ଧିରେ ମନ, ପ୍ରାଣ ଓ ଇନ୍ଦ୍ରିୟ ସମୂହକୁ ଭଜନ, ଧ୍ୟାନ ଏବଂ ନିଷ୍କାମ ସେବା ଭଳି ଭଗବତ ପ୍ରାପ୍ତି ସାଧନାରେ ନିରନ୍ତର ଲଗାଇ ରଖିବା ହହେଉଛି ସାତ୍ତ୍ୱିକ ଧାରଣ ଶକ୍ତି ଅର୍ଥାତ୍ ମନ, ପ୍ରାଣ ଓ ଇନ୍ଦ୍ରିୟଙ୍କୁ ଇଷ୍ଟଙ୍କ ଆଡକୁ ମୋଡିବା ହିଁ ସାତ୍ତ୍ୱିକ ଧୈର୍ଯ୍ୟ ଅଟେ । ଶ୍ରୀ ଶଙ୍କରଚାର୍ଯ୍ୟଙ୍କ ମତାନୁସାରେ "ଯୋଗ"ର ଅର୍ଥ ସମାଧି । ସମାଧି ହିଁ ଧୃତିର ପରମ ଅବସ୍ଥା । ସେହି ସମାଧି ସଙ୍ଗେ ସର୍ବଦା ସଂଯୁକ୍ତ ଧାରଣ ଶକ୍ତି ହେଉଛି ଅଭବ୍ୟଭିଚାରିଣୀ ଧୃତି । ଅନ୍ୟ ଅର୍ଥରେ ପରମାତ୍ମା ପ୍ରାପ୍ତି ଚାହୁଁଥିବା ଧାରଣ ଶକ୍ତି ସାତ୍ତ୍ୱିକୀ ଧୃତି ଅଟେ " । ଯୋଗବଳରେ ଏକାନ୍ତରେ ଧ୍ୟାନକୁ ହୃଦୟ କମଳରେ ଧାରଣ ନିମିତ୍ତ ପ୍ରେରଣା ଆସିଥାଏ । ମନ ଓ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ହଠାତ୍ କୌଣସି କର୍ମ ପ୍ରବୃତ୍ତି ଜାତ ହୁଏ ନାହିଁ କି, କୌଣସି ଶାସ୍ତ୍ର ବିରୁଦ୍ଧ କାର୍ଯ୍ୟରେ ଲିପ୍ତ ନିମନ୍ତେ ମନ ବଳେ ନାହିଁ । ଲୋକମାନ୍ୟ ତିଳକ କର୍ମଫଳ ତ୍ୟାଗକୁ ଧୃତିରେ ଯୋଗର ଉପାଦେୟତାକୁ ନିର୍ଦ୍ଦେଶ କରେ ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କରି ମତାନୁସାରେ ଯୋଗ ଶବ୍ଦର ଅର୍ଥ କର୍ମ ଓ କର୍ମଫଳ ପ୍ରତି ଅନାସକ୍ତ ଭାବ, ଯାହା ସାତ୍ତ୍ୱିକ ଧୃତିର ମୁଖ୍ୟ ଆଧାର ।

ଯୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେର୍ଜୁନ ।
ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ରାଜସୀ ॥୩୪॥

*ଅନ୍ୱୟ : ତୁ (କିନ୍ତୁ) ପାର୍ଥ ( ହେ ପୃଥା ନନ୍ଦନ !) ଅର୍ଜୁନ ( ଅର୍ଜୁନ !) ଫଳାକାଙ୍କ୍ଷୀ (ଫଳ ଇଚ୍ଛା କରୁଥିବା ମନୁଷ୍ୟ ) ଯୟା (ଯେଉଁ) ଧୃତ୍ୟା (ଧାରଣ ଶକ୍ତିଦ୍ୱାରା ) ପ୍ରସଙ୍ଗେନ (ଅତ୍ୟନ୍ତ ଆସକ୍ତି ସହିତ ) ଧର୍ମ-କାମ-ଅର୍ଥାନ୍ (ଧର୍ମ, କାମ ଓ ଅର୍ଥ ) ଧାରୟତେ ( ଧାରଣ କରେ ) ସା ଧୃତି (ସେହି ଧାରଣ ଶକ୍ତି ) ରାଜସୀ (ରାଜସୀ ଅଟେ ) ।*

**ଭାବାର୍ଥ** : ହେ ପାର୍ଥ ! ହେ ଅର୍ଜୁନ ! ଆସକ୍ତି ବଶତଃ ଫଳ ଇଚ୍ଛା ରଖି ଯେଉଁ ଧାରଣ ଶକ୍ତି ବା ଧୈର୍ଯ୍ୟ ଦ୍ୱାରା ମନୁଷ୍ୟ ଧର୍ମ, କାମ ଏବଂ ଅର୍ଥ ଲାଭ କାମନାକୁ ଅବଶ୍ୟ ସେବ୍ୟରୂପେ ଗ୍ରହଣ କରେ, ସେହି ଧୃତି ରାଜସୀ ଅଟେ । ରାଜସିକ ଧୃତି ସମ୍ପନ୍ନ ବ୍ୟକ୍ତି ଧନାଦି ପଦାର୍ଥ ଏବଂ ସେମାନଙ୍କ ଦ୍ୱାରା ସିଦ୍ଧ ହେଉଥିବା ଭୋଗଗୁଡିକୁ ଜୀବନର ଲକ୍ଷ୍ୟକରି ଅତ୍ୟନ୍ତ ଆସକ୍ତି ହେତୁ ଦୃଢତା ପୂର୍ବକ ଧରି ରଖେ । ପୂଣ୍ୟଫଳର ଆଶାରେ କର୍ତ୍ତବ୍ୟ ପରାୟଣା ହୋଇଥାଏ, ଧନ ସମ୍ପଦ ପ୍ରାପ୍ତି ନିମିତ୍ତ କର୍ମ ସହିତ ସର୍ବଦା ସଂଶ୍ଳିଷ୍ଟ ରହେ ଏବଂ ଭୋଗ୍ୟ ସେବ୍ୟ ନିମିତ୍ତ ବିଷୟ ସଂଗ୍ରହରେ ଲାଗିପଡେ । ମନୁଷ୍ୟ ଜୀବନରେ ଚାରିପ୍ରକାର ପୁରୁଷାର୍ଥ ମଧ୍ୟରୁ ରାଜସିକ ବ୍ୟକ୍ତି ଧର୍ମ, କାମ ଓ ଅର୍ଥ-ଏହି ତିନି ପ୍ରକାର ପୁରୁଷାର୍ଥରେ ସନ୍ତୁଷ୍ଟ ରୁହେ । ମୋକ୍ଷ ପାଇଁ ତା'ର ଆଗ୍ରହ ନ ଥାଏ । ରାଜସିକ ବ୍ୟକ୍ତି ବିଶ୍ୱାସ କରେ କି, ବିଷୟ ଉପଭୋଗ ଦ୍ୱାରା ହିଁ ଜୀବନରେ ଶାନ୍ତି ମିଳିଥାଏ । ତେଣୁ ଧର୍ମ, ଅର୍ଥ ଓ କାମ ପୂର୍ତ୍ତି ନିମିତ୍ତ କାର୍ଯ୍ୟର ଅନ୍ୱେଷଣ କରେ । ରାଜସିକ ଗୁଣ ସମ୍ପନ୍ନ ବ୍ୟକ୍ତି କେବଳ ବିଶେଷ

ପ୍ରସଙ୍ଗ କିମ୍ବା କାମନା ପୂର୍ତ୍ତି ନିମିତ୍ତ ହିଁ ଧାର୍ମିକ ଆଦି କର୍ମ ଅନୁଷ୍ଠାନ କରେ । କାମନା ପୂର୍ତ୍ତି ପୂର୍ବକ ଧର୍ମକୁ ଧାରଣ କରିବାରେ ମୋକ୍ଷପ୍ରାପ୍ତ ହୋଇନଥାଏ । ଏହିପରି ଧର୍ମ ଭୋଗ ପ୍ରାପ୍ତ କରାଇ ସମାପ୍ତ ହୋଇଯାଇଥାଏ । କିନ୍ତୁ, ସାତ୍ତ୍ୱିକ ଧୃତି ବ୍ୟକ୍ତି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧ୍ୟ, ସ୍ୱଭାବତଃ ଧର୍ମାଦି କ୍ରିୟାରୁ ଅଣୁମାତ୍ର ବିଚଳିତ ହୁଏନାହିଁ । ଫଳ ଇଚ୍ଛା ନ ରଖି ଧର୍ମ କଲେ; ଅବଶ୍ୟ ଧର୍ମରୁ ଧନ ପ୍ରାପ୍ତି ହୁଏ । ଅନ୍ୟ ଅର୍ଥରେ ଧର୍ମ ଉଦ୍ଦେଶ୍ୟରେ ଧନ ଖର୍ଚ୍ଚକଲେ ଧର୍ମରୁ ଧନ ଓ ଧନରୁ ଧର୍ମ ପରସ୍ପର ବୃଦ୍ଧି ହୁଏ । ମାତ୍ର କାମନା ପୂର୍ତ୍ତି ଉଦ୍ଦେଶ୍ୟରେ ଧର୍ମ ଅନୁଷ୍ଠାନ ଓ ଧନ ଖର୍ଚ୍ଚକଲେ, ସେହି ଧର୍ମ ଫଳ ପ୍ରଦାନ କରାଇ ନଷ୍ଟ ହୋଇଯାଏ । ଏହିଠାରେ 'ଅର୍ଥ' ଶବ୍ଦ ଦ୍ୱାରା ଧନ-ସମ୍ପତ୍ତି, ଗୃହ, ପରିବାର ଓ ଗୃହୋପଯୋଗୀ ସାମଗ୍ରୀ ଏବଂ ଶାରୀରିକ ସାମର୍ଥ୍ୟତା ପ୍ରଭୃତିର ଅନୁକୂଳ ସ୍ଥିତି ସହିତ ଭୌତିକ ସୁଖାଦି ପ୍ରାପ୍ତିକୁ ସୂଚିତ କରାଯାଇଛି । 'କାମ' ଶବ୍ଦର ଅର୍ଥ ହେଲା; ଇନ୍ଦ୍ରିୟାଦି ଜନିତ ସୁଖ ଯାହା ବିଷୟ ଓ ଇନ୍ଦ୍ରିୟମାନଙ୍କ ସଂଯୋଗ ଦ୍ୱାରା ଜାତ ହୋଇ ପର କ୍ଷଣରେ ଅନ୍ତ ହୋଇଥାଏ । "ଭୋଗ କାମନା ବିନା ଜୀବନ ବ୍ୟର୍ଥ"- ଏପରି ବିଚାର କରି ଭୋଗ୍ୟ ପଦାର୍ଥର କାମନା ପୂରଣରେ ଲିପ୍ତ ରହିବା ହେଉଛି 'କାମ'କୁ ଧାରଣ କରିବା । ରାଜସିକ ଧୃତି ମନୁଷ୍ୟକୁ କର୍ମ ଦ୍ୱାରା ବନ୍ଧନରେ ପକାଏ । ଅତଏବ, କଲ୍ୟାଣକାମୀ ମନୁଷ୍ୟ ନିଜର ଧାରଣ ଶକ୍ତିକୁ ରାଜସୀ ହେବାକୁ ନ ଦେଇ ସାତ୍ତ୍ୱିକୀ କରିବାକୁ ଚେଷ୍ଟା କରିବା ବିଧେୟ ।

ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।
ନ ବିମୁଞ୍ଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ॥୩୫॥

*ଅନ୍ୱୟ : ପାର୍ଥ ( ହେ ପାର୍ଥ !) ଦୁର୍ମେଧାଃ (ଅବିବେକୀ- ବୁଦ୍ଧିହୀନ ବ୍ୟକ୍ତି ) ଯୟା (ଯେଉଁ ଧୃତି ଦ୍ୱାରା) ସ୍ୱପ୍ନଂ (ନିଦ୍ରା) ଭୟଂ (ଭୟ ) ଶୋକଂ (ଶୋକ ) ବିଷାଦଂ ( ବିଷାଦ- ହତାଶା) ମଦମ୍-ଏବ ଚ ( ଏବଂ ବିଷୟ-ଭୋଗରୁ ଉତ୍ପନ୍ନ ଅହମିକା) ନ ବିମୁଞ୍ଚତି (ପ୍ରଭୃତିକୁ ତ୍ୟାଗ କରି ପାରନ୍ତି ନାହିଁ) ସା (ସେହି) ଧୃତିଃ (ଧୃତି ) ତାମସୀ (ତାମସିକ ଅଟେ ) ।*

**ଭାବାର୍ଥ** : ହେ ପାର୍ଥ ! ବିବେକହୀନ ତଥା ଦୁଷ୍ଟବୁଦ୍ଧି ମନୁଷ୍ୟ ଯେଉଁ ଧାରଣ ଶକ୍ତି ଦ୍ୱାରା ନିଦ୍ରା, ଭୟ, ଚିନ୍ତା, ହତାଶା ତଥା ବିଷୟ ଭୋଗରୁ ଉତ୍ପନ୍ନ ଅହମିକାକୁ ତ୍ୟାଗ କରିପାରେ ନାହିଁ, ଅର୍ଥାତ୍ ଧାରଣ କରି ରଖେ, ସେହି ଧାରଣ ଶକ୍ତି ତାମସୀ ଅଟେ । ଯାହାର ନିଶ୍ଚୟାତ୍ମକ ବୁଦ୍ଧି ହୋଇ ନ ଥାଏ; ଅଜ୍ଞତା ଓ ମୂଢ଼ତା ପରିପୂର୍ଣ୍ଣ ମନୁଷ୍ୟ ନିଦ୍ରା, ଭୟ, ଶୋକ ଏବଂ ନିଜର ଦାମ୍ଭିକତାକୁ ସହଜରେ ପରିତ୍ୟାଗ କରିପାରେ ନାହିଁ । ଶରୀର ସହିତ ସମ୍ବନ୍ଧ ସ୍ୱୀକାର କରିନେଲା ପର୍ଯ୍ୟନ୍ତ ମନୁଷ୍ୟ ଏହି ଦୋଷ ଗୁଡିକ ସହିତ ସ୍ୱାଭାବିକ ଭାବେ ଲିପ୍ତ ରହେ । 'ଏହି ଦୋଷ ସବୁ ଦୂର ହେବା ସମ୍ଭବ ନୁହେଁ '- ଏପରି ନିଶ୍ଚୟ କରିନେଇଥିବା ମନୁଷ୍ୟକୁ ଏଠାରେ 'ଦୁର୍ମେଧା' ପଦ ଦ୍ୱାରା ସୂଚିତ କରାଯାଇଛି । ଦୁର୍ବୁଦ୍ଧି ବ୍ୟକ୍ତି ଆଳସ୍ୟ ପରାୟଣ ହୋଇ ଭୋଗ ବିଳାସର ସ୍ୱପ୍ନ ଦେଖିଥାଏ । ମାତ୍ରାଧିକ ନିଦ୍ରାଗ୍ରସ୍ତ ବ୍ୟକ୍ତି ଜାଗ୍ରତ ଅବସ୍ଥାରେ ମଧ୍ୟ ନିଦ୍ରିତ ସମାନ ଆଚରଣ କରେ । ତାମସିକ ମନୁଷ୍ୟ ଦୈନିନ୍ଦିନ ନିତ୍ୟକର୍ମ ଛାଡିଦେଇପାରେ, କିନ୍ତୁ ନିଦ୍ରାକୁ ଛାଡିପାରେ ନାହିଁ । ବିବେକ ଜାଗ୍ରତ ହୋଇ ନଥିବା କାରଣରୁ ଦୋଷଯୁକ୍ତ କାର୍ଯ୍ୟରେ ସର୍ବଦା ଲିପ୍ତ ରହି ଶାରୀରିକ ଓ ମାନସିକ ପୀଡାଗ୍ରସ୍ତ ରହିଥାଏ । ତାମସୀ ଗୁଣ ମନୁଷ୍ୟ ଶରୀର ଓ ଧନପ୍ରତି ମୋହ କାରଣରୁ ପାପ କର୍ମରେ ଲିପ୍ତ ରହେ । ଫଳତଃ ମୃତ୍ୟୁ, ଜରା, ବ୍ୟାଧି, ଅପଯଶ, ଅପମାନ ପ୍ରଭୃତି ଆଶଙ୍କାରେ ଭୟଭୀତ ହୋଇ ରହିଥାଏ । ମନରେ ଜାତ

ହେଉଥିବା ନା ନା ପ୍ରକାର ଦୁଶ୍ଚିନ୍ତାର ନାମ 'ଶୋକ' । ଶୋକ ଦ୍ୱାରା ମନ ଓ ଇନ୍ଦ୍ରିୟମାଙ୍କଠାରେ ଯେଉଁ ହତାଶା ଦେଖାଯାଇଥାଏ, ତାହା ବିଷାଦ । ବୃଥା ଆଶା ଓ ବ୍ୟର୍ଥ କର୍ମରେ ଆସକ୍ତି କାରଣରୁ ସବୁବେଳେ ହୃଦୟରେ ଅସନ୍ତୁଷ୍ଟ ରହେ । ଅଜ୍ଞାନ କାରଣରୁ ତାମସିକଗୁଣ ସମ୍ପନ୍ନ ବ୍ୟକ୍ତି ଆତ୍ମାଭିମାନୀ ହୋଇଥାଏ। ଅତ୍ୟନ୍ତ ନିଷ୍ଠୁର ଓ ଉଦ୍ଧତ ପ୍ରକୃତିର ହୋଇ ସବୁବେଳେ ଇନ୍ଦ୍ରିୟ ଭୋଗ-ବିଳାସରେ ମଜ୍ଜି ରହେ । ବିବେକ ନିଷ୍କ୍ରିୟ ହୋଇଥିବା ହେତୁ ଉପରୋକ୍ତ ଦୋଷ ପ୍ରବୃତ୍ତି ଗୁଡିକରୁ  ତାମସୀ ଧୃତି ସମ୍ପନ୍ନ ବ୍ୟକ୍ତିର ଅନ୍ତଃକରଣରେ ସ୍ୱାଭାବତଃ ଦୃଢ ହୋଇ ରହିଥାଏ । ତାମସୀ ଧୃତି ଯୁକ୍ତ ମନୁଷ୍ୟ ଅବିଦ୍ୟା ମାୟାର ପ୍ରଭାବରୁ ଏହି ଦୋଷ ଗୁଡିକରୁ  ମୁକ୍ତି ପାଇବାର ବିଚାର କେବେ ବି କରି ନଥାଏ ।

ସୁଖଂ ତ୍ୱିଦାନୀଂ ତ୍ରିବିଧଂ  ଶୃଣୁ ମେ  ଭରତର୍ଷଭ  ।
ଅଭ୍ୟାସାଦ୍ରମତେ  ଯତ୍ର  ଦୁଃଖାନ୍ତଂ ଚ ନିଗଚ୍ଛତି ।।୩୬।।

*ଅନ୍ୱୟ : ଭରତର୍ଷଭ ( ହେ ଭରତ ଶ୍ରେଷ୍ଠ ! ) ତୁ (କିନ୍ତୁ) ଇଦାନୀଂ ( ବର୍ତ୍ତମାନ) ତ୍ରିବିଧଂ ( ତିନି ପ୍ରକାର) ସୁଖମ୍ (ସୁଖକୁ) ମେ ( ମୋ ନିକଟରୁ ) ଶୃଣୁ (ଶୁଣି ନିଅ) ଯାତ୍ରା ( ଯେଉଁ ସୁଖରେ ) ଅଭ୍ୟାସାତ୍ ( ଅଭ୍ୟାସ ବଶତଃ ) ରମତେ ( ମନୁଷ୍ୟ ପ୍ରୀତି ଲାଭ କରେ  ) ଚ (ଏବଂ ) ଦୁଃଖ -ଅନ୍ତ (ସମସ୍ତ ଦୁଃଖର ଅବସାନ ) ନିଗଚ୍ଛନ୍ତି ( ପ୍ରାପ୍ତ ହୁଏ )  ।*

**ଭାବାର୍ଥ** : ଅର୍ଜୁନ କାମ ଏବଂ ଅର୍ଥକୁ ତ୍ୟାଗ କରି ଧୈର୍ଯ୍ୟଶୀଳ ହୋଇଥିବା କାରଣରୁ ଭଗବାନ ଏଠାରେ ତାହାଙ୍କୁ ଭରତଶ୍ରେଷ୍ଠ ବୋଲି ସମ୍ବୋଧନ କରିଛନ୍ତି । ଭଗବାନ କହିଛନ୍ତି; ହେ ଭାରତଶ୍ରେଷ୍ଠ ! ବର୍ତ୍ତମାନ ତୁମେ ମୋ ନିକଟରୁ ସାତ୍ତ୍ୱିକ, ରାଜସ ଓ ତାମସ- ଏହି ତିନି ପ୍ରକାର ସୁଖର ବିବରଣ ଶୁଣିନିଅ । ଯେଉଁ ସୁଖ ଦ୍ୱାରା ସାଧକ ଭଜନ, ଧ୍ୟାନ ଏବଂ ସେବା ଆଦିର ଅଭ୍ୟାସ କରି ପ୍ରୀତି ଲାଭକରେ ଏବଂ ଯେଉଁ ସୁଖ ପ୍ରାପ୍ତ ହେଲେ ସମସ୍ତ ଦୁଃଖର ଅବସାନ ହୁଏ, ସେହି ସୁଖ ହିଁ ସାତ୍ତ୍ୱିକ ସୁଖ ନାମରେ ଅଭିହିତ । ଜ୍ଞାନ, ଜ୍ଞେୟ ଓ ପରିଜ୍ଞାତା- ଏହି ତିନୋଟି ମନୁଷ୍ୟ ନିମନ୍ତେ କର୍ମ ପ୍ରେରକ । ସାତ୍ତ୍ୱିକ, ରାଜସ ଓ ତାମସ ଭେଦରେ ଭଗବାନ ଜ୍ଞାନ, କର୍ମ, କର୍ତ୍ତା, ବୁଦ୍ଧି ଓ ଧୃତି ସମ୍ବନ୍ଧରେ କହିବା ପରେ ବର୍ତ୍ତମାନ ସୁଖ ନାମରେ ସେହି ଜ୍ଞେୟକୁ ଏଠାରେ ଉପସ୍ଥାପନ କରୁଛନ୍ତି । ସମସ୍ତ ପ୍ରାଣୀଙ୍କ ଜ୍ଞେୟ ହେଉଛି ଏକ- ତାହା ହେଉଛି 'ସୁଖ' । 'ସୁଖ' ସମ୍ବନ୍ଧୀୟ ଜ୍ଞାନ ମନୁଷ୍ୟ ନିମନ୍ତେ ଜ୍ଞାତବ୍ୟ ଅର୍ଥାତ୍ ଜାଣିବା ଯୋଗ୍ୟ । 'ସୁଖ' ଉଦ୍ଦେଶ୍ୟରେ ହିଁ ମନୁଷ୍ୟ କର୍ମରେ ପ୍ରବୃତ୍ତ ହୁଏ ଅର୍ଥାତ୍ ସୁଖ ପ୍ରାପ୍ତି ହିଁ କର୍ମ ସଂଗ୍ରହର ମୁଖ୍ୟ କାରଣ । ପ୍ରତ୍ୟେକ ମନୁଷ୍ୟ ସୁଖାନୁସନ୍ଧାନ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରନ୍ତି । ସୁଖ ପ୍ରାପ୍ତି ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ହେଲେ ହେଁ, ଜ୍ଞାନ, କର୍ତ୍ତା ଓ କର୍ମର, ବୁଦ୍ଧି ଓ ଧୃତିର ଭେଦରେ ବିଭିନ୍ନ ଲୋକଙ୍କ ସୁଖ ପ୍ରାପ୍ତିର ମାର୍ଗ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ସାତ୍ତ୍ୱିକ, ରାଜସିକ ଓ ତାମସିକ ଗୁଣ ସମ୍ପନ୍ନ ବ୍ୟକ୍ତି ବିବିଧ କର୍ମ ଦ୍ୱାରା ନିଜ ନିଜର ସୁଖର ସନ୍ଧାନ କରିଥାନ୍ତି । ସାତ୍ତ୍ୱିକ ସୁଖ ପରମାତ୍ମାଭିମୁଖୀ ହେବାରେ ସହାୟକ ହୋଇଥିବା ବେଳେ ରାଜସ ଓ ତାମସ ସୁଖ ସଂସାରରେ ଜଡିତ କରାଇ ପତନ କରିବାର କାରଣ ହୁଏ । ଶ୍ରୀ ରାମକୃଷ୍ଣ ଦେବ ସୁଖ ସମ୍ବନ୍ଧରେ କହିଛନ୍ତି କି, "ଧୃତି ଓ ବୁଦ୍ଧି ଯେପରି ତିନି ପ୍ରକାରର, ଆନନ୍ଦ ମଧ୍ୟ ସେହିପରି ତିନି ପ୍ରକାରର । ବିଷୟାନନ୍ଦ, ଭଜନାନନ୍ଦ ଓ ବ୍ରହ୍ମାନନ୍ଦ । ସାଧକକୁ ପରମାତ୍ମାତତ୍ତ୍ୱ ଅନୁଭବ ହେବାରେ ମୁଖ୍ୟ ପ୍ରତିବନ୍ଧକ, ଯାହା କାମ-କାଞ୍ଚନର ଆନନ୍ଦ, ତା'ର ନାମ ବିଷୟାନନ୍ଦ । ଈଶ୍ୱରଙ୍କ ନାମ ଗୁଣଗାନ କରିବାରେ ଯେଉଁ ଆନନ୍ଦ ତା'ର ନାମ ଭଜନାନନ୍ଦ । ଆଉ ପରମାତ୍ମା

ସାକ୍ଷାତ୍କାରରେ ଯେଉଁ ଆନନ୍ଦ, ତାହାର ନାମ ବ୍ରହ୍ମାନନ୍ଦ" । ଅଭ୍ୟାସ ଦ୍ୱାରା ଆତ୍ମାବୋଧ ହେଲାପରେ ସାତ୍ତ୍ୱିକ ସୁଖ ଅନ୍ତଃକରଣରେ ଉଦୟ ହୁଏ । ସାତ୍ତ୍ୱିକ ସୁଖ ହେଉଛି ବାସ୍ତବିକ ସୁଖର ପ୍ରତିବିମ୍ବ । ଆତ୍ମା ହେଉଛି ବାସ୍ତବିକ ସୁଖର ସ୍ୱରୂପ । ଯୋଗାଭ୍ୟାସ ବିନା ଏ ସୁଖ ଅନୁଭବ ହୁଏନାହିଁ । ରାଜସ ଓ ତାମସ ସୁଖ ପ୍ରାପ୍ତି ପାଇଁ ଅଭ୍ୟାସ କରିବାକୁ ପଡେନାହିଁ । ଇନ୍ଦ୍ରିୟଗଣ ସ୍ୱାଭାବିକ ଭାବେ ଏହି ବିଷୟ ସୁଖ ପ୍ରତି ଆକର୍ଷିତ ହୋଇ ରହିଥାନ୍ତି । ରାଜସୀ ଓ ତାମସୀ ବୃତ୍ତିକୁ ଦୂର କରିବା ମଧ୍ୟ ଅଭ୍ୟାସଗତ ସାତ୍ତ୍ୱିକ ସୁଖ ଅଟେ । ଅଭ୍ୟାସ ଦ୍ୱାରା ସାତ୍ତ୍ୱିକ ସୁଖ ପ୍ରତି ଯେତେ ପ୍ରିୟତ୍ୱ ବଢିଚାଲେ, ସାଂସାରିକ ଦୁଃଖର ପୀଡା ସେହିମାତ୍ରାରେ ଲାଘବ ହେବାକୁ ଲାଗେ । ମନୁଷ୍ୟର ଅନ୍ତଃକରଣରେ ପ୍ରସନ୍ନତା, ସୁଖ ଓ ଆନନ୍ଦ ବୃଦ୍ଧି ହେବାକୁ ଲାଗେ । ଏହି ସୁଖର ଆଶ୍ରୟ ନେଇ ମନୁଷ୍ୟ ବଡ ବଡ ଦୁଃଖକୁ କାଳାନ୍ତରରେ ଭୁଲିଯାଏ । ସଂସାର ଯେଉଁପରି ଦୁଃଖାଳୟ ଏବଂ ଆଶାଶ୍ୱତ, ସେହିପରି ସଂସାରରେ ସୁଖ ମଧ୍ୟ ସର୍ବତ୍ର ବିଦ୍ୟମାନ ଯାହା ଚିରନ୍ତନ ଓ ଶାଶ୍ୱତ । ଏହି ସୁଖର ଆଧାରରେ ମନୁଷ୍ୟ ମହାନ୍ ଦୁଃଖର ଆଘାତକୁ ସହ୍ୟ କରି ସାଧନ ଦ୍ୱାରା ଅଖଣ୍ଡ ସୁଖକୁ ପ୍ରାପ୍ତି କରିଥାଏ ।

ଯତ୍ତଦଗ୍ରେ ବିଷମିବ ପରିଣାମେ ମୃତୋପମମ୍ ।
ତତ୍ ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ॥୩୭॥

*ଅନ୍ୱୟ : ଯତ୍ ତତ୍ (ଯେଉଁ ଏତାଦୃଶ ସୁଖ) ଅଗ୍ରେ ( ଆରମ୍ଭରେ) ବିଷମ୍ ଏବ ( ଯଦିଓ ବିଷତୁଲ୍ୟ ଅର୍ଥାତ୍ ଅତ୍ୟନ୍ତ କଷ୍ଟସାଧ ) ପାରିଣାମେ ( ପରନ୍ତୁ ଶେଷରେ) ଅମୃତ-ଉପମମ୍ (ଅମୃତ ତୁଲ୍ୟ ) ତତ୍ (ସେହି) ଆତ୍ମା ବୁଦ୍ଧି ପ୍ରସାଦ-ଜମ୍ (ପରମାତ୍ମା ବିଷୟକ ବୁଦ୍ଧିର ପ୍ରସନ୍ନତାରୁ ଜାତ ) ସୁଖମ୍ (ସୁଖକୁ) ସାତ୍ତ୍ୱିକମ୍ (ସାତ୍ତ୍ୱିକ ସୁଖ) ପ୍ରୋକ୍ତମ୍ (କୁହାଯାଇଛି )।*

**ଭାବାର୍ଥ** : ଆଚାର୍ଯ୍ୟ ଶଙ୍କର ଭାଷ୍ୟରେ ଉଲ୍ଲେଖ କରିଛନ୍ତି କି, "ଜ୍ଞାନ- ବୈରାଗ୍ୟ- ଧ୍ୟାନ- ଓ ସମାଧିର ଆରମ୍ଭ ସମୟରେ ଅତ୍ୟନ୍ତ ଆୟାସ ସ୍ୱୀକାର କରିବାକୁ ହୁଏ ବୋଲି ପ୍ରଥମତଃ ଯେଉଁ ସୁଖ ଦୁଃଖାତ୍ମକ ବୋଲି ପ୍ରତୀତ ହୁଏ, କିନ୍ତୁ ପରିଣାମରେ ଜ୍ଞାନ ଓ ବୈରାଗ୍ୟର ପରିପାକ ହେଲେ ତାହା ଅମୃତ ତୁଲ୍ୟ ପ୍ରତୀତ ହୁଏ, ପଣ୍ଡିତଗଣ ସେହି ସୁଖକୁ ହିଁ ସାତ୍ତ୍ୱିକ ସୁଖ କହିଥାନ୍ତି" । ଯେଉଁ ପ୍ରକାର ସୁଖ ଆତ୍ମା ବିଷୟକ ବୁଦ୍ଧିର ନିର୍ମଳତା, ଆତ୍ମ ସଂଯମତା ଏବଂ ଆତ୍ମାନୁଶାସନରୁ ଜାତ ହୋଇଥାଏ , ତାହା ସାତ୍ତ୍ୱିକ ସୁଖ । ଇନ୍ଦ୍ରିୟ ଓ ମନର ସଂଯମ ପ୍ରାରମ୍ଭରେ ଦୁଃଖପ୍ରଦ ହୋଇଥାଏ । ଆତ୍ମ ସନ୍ଧାନ ଦ୍ୱାରା ଆତ୍ମା ସ୍ୱରୂପରେ ସମାହିତ ବୁଦ୍ଧିକୁ 'ଆତ୍ମବୁଦ୍ଧି' କୁହାଯାଏ । ଏହା ବୁଦ୍ଧିର ପ୍ରସାଦ ଅର୍ଥାତ୍ ପ୍ରସନ୍ନତାରୁ ଉପଲବ୍ଧ । ବୁଦ୍ଧି ଶାନ୍ତ, ଶୁଦ୍ଧ ଆଉ ସ୍ଥିର ହେଲେ ଯେଉଁ ସୁଖ ଅନୁଭବ ହୁଏ ତାହା ଆତ୍ମବୁଦ୍ଧି ସାତ୍ତ୍ୱିକ ସୁଖ । ମନୁଷ୍ୟ ଯେତେବେଳେ ଇନ୍ଦ୍ରିୟ ଜନିତ ସୁଖକୁ କ୍ଷଣିକ ବୁଝି ସେଥିରୁ ଆସକ୍ତି ତ୍ୟାଗ କରି ନିରନ୍ତର ପରମାତ୍ମା ଚିନ୍ତନର ଅଭ୍ୟାସ କରେ, ସେତେବେଳେ ଏହି ସାତ୍ତ୍ୱିକ ସୁଖର ଅନୁଭବ ହୁଏ । ବିଷୟ ଭୋଗ ପ୍ରତି ବିମୁଖ ହୋଇ ବିବେକ, ବୈରାଗ୍ୟ, ଶମ, ଦମ ଓ ତିତିକ୍ଷା ସହ ସାଧନାଭିମୁଖ ହେବା ପ୍ରଥମେ ପ୍ରଥମେ ଅତ୍ୟନ୍ତ ଶ୍ରମପୁର୍ଣ୍ଣ ଏବଂ କଷ୍ଟ ସାଧ ମନେ ହୁଏ । ଇନ୍ଦ୍ରିୟ ନିରୋଧ ମଧ୍ୟ ଅତ୍ୟନ୍ତ କଷ୍ଟକର । ସାଧନାର ପ୍ରାରମ୍ଭରେ ବୁଦ୍ଧିରେ ରାଜସିକତା ସ୍ଥାନ ପାଇଥିବା ହେତୁ ବିଷତୁଲ୍ୟ ଦୁଃଖଦାୟୀ ମନେହୁଏ । ମନୁଷ୍ୟ ବହିଃମୁଖରୁ ଅନ୍ତଃମୁଖି ହୋଇ ଧୀରେ ଧୀରେ ଆତ୍ମା ସୁଖର ପ୍ରତିବିମ୍ବ ଉପଲବ୍ଧି ହୁଏ । ଶ୍ୱାନ ହାଡ ଖଣ୍ଡଟିକୁ ଚୋବାଉଥିବାବେଳେ ନିଜ ପାଟିର କ୍ଷତରୁ ବାହାରୁଥିବା

ରୁଧିରକୁ ହାଡ ରସ ମାନି ସ୍ୱାଦକୁ ଆହରଣ କରିଥାଏ । ସଂସାର ଦଶା ଠିକ୍ ସେହିପରି । ସୁଖ ବିଷୟ ଭୋଗରୁ ମିଳୁଛି ବୋଲି ଜୀବ ଧରି ନେଇଥାଏ । ବାସ୍ତବରେ ସୁଖ ମନୁଷ୍ୟର ଅନ୍ତରାତ୍ମାରେ ଥାଏ । ସାତ୍ତ୍ୱିକ ସୁଖ ଆତ୍ମବିଷୟକ ବୁଦ୍ଧିର ପ୍ରସନ୍ନତାରୁ ଜାତ ହୁଏ । ସାଧନ ଦ୍ୱାରା ସତ୍ତ୍ୱଗୁଣ ବୃଦ୍ଧି ଫଳରେ ଇନ୍ଦ୍ରିୟ ଓ ଅନ୍ତଃକରଣରେ ସ୍ୱଚ୍ଛତା, ନିର୍ମଳତା, ଜ୍ଞାନ, ଦୀପ୍ତି, ଶାନ୍ତି, ନିର୍ବିକାରତା ଇତ୍ୟାଦି ସଭାବ ଓ ସଦ୍ଗୁଣ ବୃଦ୍ଧିପାଏ । ଏହି ସଦ୍ଗୁଣ ପ୍ରକାଶ ପାଇବା ହିଁ ଫଳ ରୂପରେ ଅମୃତ ପ୍ରାପ୍ତି ସାଦୃଶ୍ୟ । ଏହି ସ୍ଥିତିରେ ସାଧକ ସାତ୍ତ୍ୱିକ ସୁଖକୁ ଉପଭୋଗ ନକରି ଏହାକୁ ଅତିକ୍ରାନ୍ତ କରିବାରେ ପରମାତ୍ମା ସାକ୍ଷାତ୍କାର ଭଳି ଅକ୍ଷୟ ସୁଖ ପ୍ରାପ୍ତ କରିବାକୁ ସକ୍ଷମ ହୁଏ । ସାତ୍ତ୍ୱିକ ସୁଖରେ ଯଦି ଭୋଗ ବୁଦ୍ଧି ରହେ, ତା'ହେଲେ ତାହା ବନ୍ଧନ କାରକ ହୁଏ । ବାଳ ଗଙ୍ଗାଧର ତିଳକ ଏହି ଶ୍ଳୋକର ବିଶେଷତା ବତାଇ କହିଛନ୍ତି କି, ବୁଦ୍ଧି ମନୁଷ୍ୟର ସ୍ୱରୂପରେ ଏପରି ଏକ ତତ୍ତ୍ୱ ଯାହାକୁ ପାଥେୟ କରି ଆତ୍ମା ସ୍ୱରୂପ ପରବ୍ରହ୍ମଙ୍କ ମଧ ସାକ୍ଷାତ୍କାର ସମ୍ଭବ ହୋଇଥାଏ ଏବଂ ସଂସାର ମଧ ଅନୁଭବ ହୋଇଥାଏ । ଏହା ସମାନ ରୂପରେ ପ୍ରାଣୀ ମାତ୍ରେ ବ୍ୟାପ୍ତ । ଏହି ବୁଦ୍ଧି ଯେବେ ଆତ୍ମାର ମାର୍ଗରେ ଉନ୍ମୁଖ ହୁଏ, ତେବେ ଯେଉଁ ପ୍ରସନ୍ନତା ପ୍ରାପ୍ତ ହୁଏ, ତାହା ହେଉଛି ସାତ୍ତ୍ୱିକ ସୁଖର ମୂଳ ଉତ୍ସ ।

ବିଷୟେନ୍ଦ୍ରିୟସଂଯୋଗାଦ୍ ଯତ୍ତଦଗ୍ରେଽମୃତୋପମମ୍ ।
ପରିଣାମେ ବିଷମିବ ତତ୍ ସୁଖଂ ରାଜସଂ ସ୍ମୃତମ୍ ॥୩୮॥

*ଅନ୍ୱୟ : ଯତ୍ ଚ ( ଏବଂ ଯେଉଁ ) ସୁଖମ୍ (ସୁଖ) ବିଷୟ-ଇନ୍ଦ୍ରିୟ-ସଂଯୋଗାତ୍ ( ବିଷୟ ଓ ଇନ୍ଦ୍ରିୟମାନଙ୍କ ସଂଯୋଗ ବଶତଃ ହୁଏ ) ତତ୍ (ତାହା) ଅଗ୍ରେ (ଆରମ୍ଭରେ ଅର୍ଥାତ୍ ଭୋଗ କାଳରେ ) ଅମୃତୋପମମ୍ (ଅମୃତ ତୁଲ୍ୟ ପ୍ରତୀତ ହୋଇଥିଲେ ମଧ ) ପାରିଣାମେ ( ଶେଷରେ ) ବିଷମ୍-ଇବ ( ବିଷବତ୍ ଅର୍ଥାତ୍ ଦୁଃଖକର ତତ୍ ସୁଖଂ (ସେହି ସୁଖକୁ ) ରାଜସଂ (ରାଜସ ବୋଲି) ସ୍ମୃତମ୍ (କଥିତ ହୁଏ ) ।*

**ଭାବାର୍ଥ** : ଯେଉଁ ସୁଖ ବିଷୟ ଏବଂ ଇନ୍ଦ୍ରିୟମାନଙ୍କ ସଂଯୋଗରୁ ହୁଏ, ତାହା ପ୍ରଥମେ ଅର୍ଥାତ୍ ଭୋଗ କାଳରେ ଅମୃତ ତୁଲ୍ୟ ପ୍ରତୀତ ହେଲେ ମଧ ପରିଣାମରେ ବିଷତୁଲ୍ୟ ଅଟେ । ତେଣୁ ଏହି ସୁଖ ରାଜସ ବୋଲି କୁହାଯାଇଛି । ଇନ୍ଦ୍ରିୟଗଣ ଭୋଗ୍ୟ ବସ୍ତୁର ସଂସ୍ପର୍ଶରେ ଆସିଲେ ଯେଉଁସୁଖ ଉତ୍ପନ୍ନ ହୁଏ, ତାହା ବଳ, ବୀର୍ଯ୍ୟ, ବୁଦ୍ଧି, ଧନ, ଉତ୍ସାହ ଏବଂ ପରଲୋକରେ ନାଶକ ବିଷୟ ହେତୁ ଦୁଃଖର କାରଣ ଅଟେ । ଶବ୍ଦ, ସ୍ପର୍ଶ ଆଦି ପାଞ୍ଚ ପ୍ରକାର ବିଷୟ ସୁଖ ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି ପ୍ରତ୍ୟେକ ପ୍ରାଣୀକୁ ମିଳେ । ତେଣୁ ପ୍ରାଣୀ ଯେଉଁ ଶରୀର ପ୍ରାପ୍ତି ହେଲେ ମଧ ବିଷୟ ଓ ଇନ୍ଦ୍ରିୟ ସଂଯୋଗ ଜନିତ ସୁଖ ଅବଶ୍ୟ ମିଳିଥାଏ । ମନୁଷ୍ୟ ପକ୍ଷେ ଇନ୍ଦ୍ରିୟ ସୁଖ ସହିତ ଭୟ ଓ ଆସକ୍ତି ଯୋଡ଼ିହୋଇ ରହିଥାଏ । ତେଣୁ ବିଷୟ ଭୋଗ ଦୁଃଖ, ଭୟ ଏବଂ ପାପକୁ ଜନ୍ମ ଦେଇଥାଏ । ଭୋଗ ନିମନ୍ତେ ସମ୍ବଳ ସଂଗ୍ରହର ଆବଶ୍ୟକତା କାରଣରୁ ମନୁଷ୍ୟ ପାପ କର୍ମରେ ଲିପ୍ତ ରହେ । ଫଳତଃ ନୀଚ ଯୋନି ପ୍ରାପ୍ତ ହୋଇ ଜନ୍ମ ଜନ୍ମ ଧରି ଦୁଃଖ ଯନ୍ତ୍ରଣାରେ ପୀଡିତ ହୁଏ । ବିଷୟ ହେଉଛି ପରିବର୍ତ୍ତନଶୀଳ ଏବଂ ଅନିତ୍ୟ । ମନୁଷ୍ୟର ମନ ମଧ ଚଞ୍ଚଳ ଏବଂ ଅସ୍ଥିର । ତେଣୁ ଏହି ଦୁହିଁଙ୍କ ମଧରେ ନିତ୍ୟ ସଂଯୋଗ ରହି ସ୍ଥାୟୀ ସୁଖ ପ୍ରାପ୍ତି ଅସମ୍ଭବ । ବିଷୟ ଜନିତ ସୁଖ କେବେ ବି ଅନ୍ତଃତକ ସନ୍ତୋଷ ଦେଇ ନଥାଏ । ଯେତିକି ବିଷୟ ଭୋଗରୁ ସୁଖ ପ୍ରାପ୍ତ ହୁଏ, ତାହାଠାରୁ ଅଧିକ ମାତ୍ରାରେ ପ୍ରାପ୍ତ କରିବାର ଅଭିଳାଷ ବଢିଚାଲେ । ଭୋଗ କରୁଥିବା ସୁଖ କାଳେ ଚାଲିଯିବ ଆଶଙ୍କାରେ ମନୁଷ୍ୟ ସର୍ବଦା ଚିନ୍ତା

ଓ ଭୟରେ ସଢୁଥାଏ । ଇନ୍ଦ୍ରିୟମାନଙ୍କ ଭୋଗ ଉପଭୋଗର ଶକ୍ତି କ୍ଷୀଣ ହେବାରେ ବିଷୟଭୋଗ ପ୍ରତି ମଧ୍ୟ ଅରୁଚି ଉତ୍ପନ୍ନ ହୁଏ । ପରିଣାମରେ ଚିତ୍ତ ପ୍ରସନ୍ନ ରହେନାହିଁ ଏବଂ ଦୁଃଖ ସନ୍ତାପ ଜାତ  ହୋଇ ଜୀବନ ବ୍ୟର୍ଥ ଅନୁଭବ ହୁଏ । ବିଷ ମନୁଷ୍ୟର ଗୋଟିଏ ଜନ୍ମର ପ୍ରାଣ ନିଏ, କିନ୍ତୁ ସଂସାର ସୁଖ ପ୍ରତି ଆସକ୍ତି ରୂପକ ବିଷର ଜ୍ୱାଳାକୁ  ଜନ୍ମ-ଜନ୍ମାନ୍ତର ଧରି ସହନ କରିବାକୁ ପଡେ ।  ରାଜସିକ ବୃତ୍ତି ସମ୍ପନ୍ନ ବ୍ୟକ୍ତି ପରିଣାମ ପ୍ରତି ଦୃଷ୍ଟି ନ ଦେଇ ସାମୟିକ ଇନ୍ଦ୍ରିୟସୁଖର ପିଛା କରିଥାଏ । ଆରମ୍ଭ ପ୍ରତି ଦୃଷ୍ଟି ଦେଲେ ଭୋଗ ହୁଏ, ପରିଣାମ ପ୍ରତି ଦୃଷ୍ଟି ରଖି ସୁଖର ପିଛା କରିବାରେ ତା'ହା  ଯୋଗ ହୋଇଥାଏ ।

ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ  ମୋହନମାତ୍ମନଃ  ।
ନିଦ୍ରାଳସ୍ୟପ୍ରମାଦୋତ୍ଥଂ   ତତ୍ତାମସମୁଦାହୃତମ୍  ॥୩୯॥

*ଅନ୍ୱୟ : ଯତ୍ ଚ ( ଏବଂ ଯେଉଁ ) ସୁଖଂ (ସୁଖ) ଅଗ୍ରେ (ଆରମ୍ଭରେ ) ଅନୁବନ୍ଧେ ଚ ( ପରିଣାମରେ ମଧ୍ୟ ) ଆତ୍ମନଃ ମୋହନଂ (ଆତ୍ମା ସ୍ୱରୂପ/ବୁଦ୍ଧିର ମୋହକାରକ) ନିଦ୍ରା-ଆଳସ୍ୟ-ପ୍ରମାଦ ଉତ୍ଥଂ ( ଅତି ନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଜାତ) ତତ୍ (ସେହି ସୁଖ) ତାମସ (ତାମସ) ଉଦାହୃତମ୍ (କୁହାଯାଇଛି ) ।*

**ଭାବାର୍ଥ** : ଭୋଗକାଳରେ ଏବଂ ପରିଣାମରେ ମଧ୍ୟ ଆତ୍ମା ଓ ବୁଦ୍ଧିକୁ ମୋହଗ୍ରସ୍ତ କରି ଜାତ ହେଉଥିବା ଯେଉଁ ଅତ୍ୟଧିକ ନିଦ୍ରା, ଆଳସ୍ୟ ଓ ପ୍ରମାଦ ପ୍ରଭୃତି ସୁଖ ବୋଲି ପ୍ରତୀତ ହୁଏ,  ସେହି ସୁଖକୁ ତାମସ ସୁଖ କୁହାଯାଏ ।  ଇନ୍ଦ୍ରିୟ ଭୋଗ ପ୍ରତି ମାତ୍ରାଧିକ ଆସକ୍ତି ତମୋଗୁଣର ରୂପ ଧାରଣ କରେ । ଅନ୍ୟ ଅର୍ଥରେ ମୋହ ହେଉଛି ମନୁଷ୍ୟର ମୂଢତା । ତାମସିକ ଗୁଣ ସମ୍ପନ୍ନ ବ୍ୟକ୍ତି କଷ୍ଟସାଧ୍ୟ ସ୍ଥିତିକୁ ଅଜ୍ଞାନ ବଶତଃ ବିପରୀତ କ୍ରମେ ସୁଖପ୍ରଦ ବୋଲି ଧରିନିଏ ।  ଶ୍ରୀ ରାମାନୁଜାଚାର୍ଯ୍ୟ କହିଛନ୍ତିକି କି, "ମୋହ ଶବ୍ଦର ଅର୍ଥ ଆତ୍ମା-ଅନାତ୍ମା, ସତ୍-ଅସତ୍ ବିଚାରର ଅଭାବ । ମୋହାଗ୍ରସ୍ତ ହେବାଦ୍ୱାରା କୌଣସି ବସ୍ତୁ ବା ପଦାର୍ଥ ଓ ପରିସ୍ଥିତିର ଯେଉଁ ଯଥାର୍ଥ ସ୍ୱରୂପ ତା'ହା ପରିଜ୍ଞାନ ହୋଇ ନଥାଏ । ଆତ୍ମାର ପ୍ରକାଶରେ ହିଁ ବସ୍ତୁର ଯଥାର୍ଥ ସ୍ୱରୂପ ଜ୍ଞାତ ହୋଇଥାଏ । ତାମସିକ ସୁଖ  ଆତ୍ମାକୁ ଅବିଦ୍ୟାର ଆବରଣରେ ଆଚ୍ଛାଦିତ କରିଦିଏ ।  ଫଳତଃ ବୁଦ୍ଧି ବିପରୀତ ହୋଇଯାଏ ଏବଂ ମନୁଷ୍ୟର ଆଧ୍ୟାତ୍ମିକ ଚେତନା ନଷ୍ଟ ହୋଇଯାଏ । ବେଦାନ୍ତ ଦର୍ଶନ ଅନୁସାରେ ନିଦ୍ରା ହେଉଛି ସ୍ୱ-ସ୍ୱରୂପର ଅଜ୍ଞାନ ଅବସ୍ଥା । ଅଧ୍ୟାତ୍ମିକ ଚେତନା ଜାଗ୍ରତ ନେ ହେବା ହେଉଛି ଜୀବର ନିଦ୍ରିତ ଅବସ୍ଥା । ବିଶ୍ରାମ ଜନିତ ନିଦ୍ରା ବନ୍ଧନ କାରକ ନୁହେଁ । କିନ୍ତୁ ଅତ୍ୟଧିକ ନିଦ୍ରା ମନୁଷ୍ୟକୁ ଆଳସ୍ୟ ପରାୟଣ କରିଥାଏ । ଗାଢ ନିଦ୍ରା ନ ହେବା ହେଉଛି ତନ୍ଦ୍ରା ଅବସ୍ଥା । ତନ୍ଦ୍ରା ଓ ସ୍ୱପ୍ନରେ ତାମସ ମନୁଷ୍ୟର ବହୁ ସମୟ ନଷ୍ଟ ହୁଏ । ଅତ୍ୟଧିକ ନିଦ୍ରାଗ୍ରସ୍ତ ରହୁଥିବା ବ୍ୟକ୍ତି ଜାଗ୍ରତ ଅବସ୍ଥାରେ ମଧ୍ୟ ନିଦ୍ରିତ ଭଳି ଆଚରଣ କରେ । ନିଶାଗ୍ରସ୍ତ ହୋଇ ତାମସ ଗୁଣ ସମ୍ପନ୍ନ ବ୍ୟକ୍ତି ସଂସାରକୁ ଭୁଲିଯାଇ ତାହାକୁ ସୁଖ ବୋଲି ଧାରଣା କରେ । ଇନ୍ଦ୍ରିୟ ଚେଷ୍ଟାରେ ଶୀଥିଳତା ଆସିବା ହେଉଛି ଆଳସ୍ୟ ଯାହା କାରଣରୁ ପ୍ରଜ୍ଞାନ ପ୍ରାପ୍ତିରେ ବୁଦ୍ଧିର ପ୍ରଖରତା ନଥାଏ । ଆଳସ୍ୟ ପରାୟଣ ବ୍ୟକ୍ତି ପରଜିବୀ ହୋଇଥାଏ ଅର୍ଥାତ୍ ନିଜ ବଞ୍ଚିବା ପାଇଁ ଅନ୍ୟ ଉପରେ ଆଶ୍ରିତ ହୋଇଥାଏ । 'ପ୍ରମାଦ' ଏକ ତମୋଗୁଣୀ ବୃତ୍ତି ଯାହା ସତ୍ତ୍ୱଗୁଣର ପ୍ରକାଶ ବୃତ୍ତିକୁ ଆଚ୍ଛାଦିତ କରି ରଖେ । କର୍ତ୍ତବ୍ୟ କର୍ମ ପରିତ୍ୟାଗ କରିବାରେ ଯେଉଁ ସହଜ ସୁଖ ଅନୁଭୂତ ହୁଏ, ତାହା ହେଉଛି 'ପ୍ରମାଦ' । ଦୁରାଚାରରେ ପ୍ରବୃତ୍ତ ରହିବା ମଧ୍ୟ ସକ୍ରିୟ ପ୍ରମାଦ । ବୁଦ୍ଧି ମୋହଗ୍ରସ୍ତ ହେବାଦ୍ୱାରା ବେବେକର ଜାଗ୍ରତ ହୋଇ

ନଥାଏ ଏବଂ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଯଥାର୍ଥ ଭାବେ ବୋଧ ହୁଏନାହିଁ । ଆଳସ୍ୟ ନିଦ୍ରାଠାରୁ ପତନକାରକ । ପ୍ରମାଦ ଆଳସ୍ୟଠାରୁ ଅଧିକ ପତନକାରକ । ବିବେକ ଦ୍ୱାରା ସଂସାରରୁ ପ୍ରାପ୍ତ ହେଉଥିବା ସୁଖ ହେଉଛି ସାତ୍ତ୍ୱିକ ସୁଖ । ବିଷୟ-ପଦାର୍ଥ ଭୋଗ ସେବନରେ ପ୍ରାପ୍ତି ସାମୟିକ ସୁଖ ହେଉଛି ରାଜସିକ ସୁଖ । ଅଜ୍ଞାନ ବଶତଃ ନିଦ୍ରା, ଆଳସ୍ୟ ଓ ବ୍ୟର୍ଥ ପ୍ରଚେଷ୍ଟାରୁ ଉତ୍ପନ୍ନ ସୁଖ ତାମସ ସୁଖ । କିନ୍ତୁ ପ୍ରକୃତି ଜନିତ ପଦାର୍ଥରୁ ପୂର୍ଣ୍ଣ ରୂପେ ସମ୍ବନ୍ଧ ବିଚ୍ଛେଦ ହେଲେଯାଇ ବାସ୍ତବିକ ସୁଖ ଅନୁଭୂତ ହୁଏ । ପାରମାର୍ଥିକ ପ୍ରାପ୍ତ ଲକ୍ଷ୍ୟ ରଖିଥିବା ସାଧକ ଏହି ତିନି ପ୍ରକାର ସୁଖକୁ ଅତିକ୍ରମ କରି ଅକ୍ଷୟ ନିତ୍ୟସୁଖ ପ୍ରାପ୍ତ କରିଥାଏ ।

ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।
ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ ତ୍ରିଭିର୍ଗୁଣୈଃ ॥୪୦॥

*ଅନ୍ୱୟ: ପୃଥିବ୍ୟାଂ (ଏହି ପୃଥିବୀରେ ) ଦିବି ( ସ୍ୱର୍ଗ ବା ଅନ୍ତରୀକ୍ଷରେ ) ଦେବେଷୁ ( ମନୁଷ୍ୟ , ଦେବତା, ଅସୁର, ରାକ୍ଷସ, ନାଗ, ପଶୁ, ପକ୍ଷୀ କୀଟ, ପାତଙ୍ଗ, ବୃକ୍ଷ ଆଦି ସମସ୍ତ ଚରାଚର ଜୀବ) ବା ପୁନଃ ( ଏବଂ ଅତିରିକ୍ତ ଅନନ୍ତ ବ୍ରାହମଣ୍ଡରେ ମଧ୍ୟ) ତଦ୍ (ସେହିଭଳି କୌଣସି ବି ) ସତ୍ତ୍ୱଂ (ବସ୍ତୁ ବା ପ୍ରାଣୀ ) ନ ଅସ୍ତି (ନାହାନ୍ତି) ଯଦ୍ (ଯାହା ) ପ୍ରକୃତିଜୈଃ (ପ୍ରକୃତି ଜାତ) ଏଭିଃ (ଏହି ସମସ୍ତ) ତ୍ରିଭିଃ (ତିନି) ଗୁଣୈଃ (ଗୁଣମାନଙ୍କରୁ) ମୁକ୍ତଂ (ମୁକ୍ତ) ସ୍ୟାତ୍ (ହୋଇଥାଏ ) ।*

**ଭାବାର୍ଥ** : ଏହି ପୃଥିବୀରେ, ଅନ୍ତରୀକ୍ଷରେ ବା ସ୍ୱର୍ଗରେ ଅଥବା ମନୁଷ୍ୟ, ଦେବତା, ପଶୁ, ପକ୍ଷୀ, କୀଟ, ପତଙ୍ଗ ଓ ବୃକ୍ଷ ଆଦି ମଧ୍ୟରେ- ଏ ସମସ୍ତ ଅତିରିକ୍ତ ଅନ୍ୟ କେଉଁଠାରେ ବି ଏହିପରି ପ୍ରାଣୀ ବା ବସ୍ତୁ ନାହିଁ ଯାହା ପ୍ରକୃତି ଜାତ ସତ୍ତ୍ୱ, ରଜ ଓ ତମ- ଏହି ତିନିଗୁଣରୁ ମୁକ୍ତ । ସ୍ୱର୍ଗର ଦେବତାଗଣ ମଧ୍ୟ ପ୍ରକୃତି ଜନିତ ଗୁଣରୁ ମୁକ୍ତ ନୁହନ୍ତି । ବ୍ରହ୍ମାଙ୍କଠାରୁ ଆରମ୍ଭ କରି କୀଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଗତ ନଶ୍ୱର, ଜୀବନ-ମରଣ ଓ ଉତ୍ପତ୍ତି-ବିନାଶ ଧର୍ମା ଅଟନ୍ତି । ଏପରି କୌଣସି ବି ସତ୍ତ୍ୱ ନାହିଁ, ଯାହା ଏହି ତିନିଗୁଣର ସୀମାରୁ ଊର୍ଦ୍ଧ୍ୱରେ । ଅର୍ଥାତ୍ ସମଗ୍ର ବ୍ରହ୍ମାଣ୍ଡରେ ଭୂତ ପ୍ରକୃତିର ତ୍ରିଗୁଣ ପ୍ରଭାବ ବିସ୍ତାର ହୋଇ ରହିଛି । ସମସ୍ତ ବିଶ୍ୱ ହେଉଛି ତ୍ରିଗୁଣର ସୃଷ୍ଟି । ପ୍ରତ୍ୟେକ ବସ୍ତୁ ତ୍ରିଗୁଣ ମାୟାର ଅଧୀନ । ତ୍ରିଗୁଣ ବ୍ୟତୀତ ସୃଷ୍ଟି ଚଳି ନ ପାରେ । ଏହି ତିନିଗୁଣରୁ ହିଁ ଭଗବାନଙ୍କ ବ୍ରହ୍ମା, ବିଷ୍ଣୁ , ମହେଶ୍ୱର ତିନିରୂପ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏବଂ ଚାରି ବର୍ଣ୍ଣାଶ୍ରମର ସୃଷ୍ଟି । ସ୍ୱୟଂ ପ୍ରକୃତି ହେଉଛି ତ୍ରିଗୁଣାତ୍ମିକା ଯାହାକୁ ବେଦାନ୍ତରେ 'ମାୟା' କୁହାଯାଇଛି । ଜୀବ ମାତ୍ରେ ଶରୀରଧାରୀ । ସେହି ସଙ୍ଘାତ ( ଶରୀର ) ହେଉଛି ତିନିଗୁଣର କାର୍ଯ୍ୟ । ପ୍ରକୃତି ଓ ପ୍ରକୃତିର ସବୁକିଛି କାର୍ଯ୍ୟ ତ୍ରିଗୁଣାତ୍ମକ ଏବଂ ପରିବର୍ତ୍ତନଶୀଳ । ଏଗୁଡିକ ସହିତ ସମ୍ବନ୍ଧ ରଖିଲେ ବନ୍ଧନ ହୁଏ ଏବଂ ଏଗୁଡ଼ିକଠାରୁ ସମ୍ବନ୍ଧ ଛିନ୍ନ କରିବାରେ ମୁକ୍ତିମିଳେ । କାରଣ ଆତ୍ମ ସ୍ୱରୂପ ହେଉଛି ନିର୍ଗୁଣ ଏବଂ ଅସଙ୍ଗ । ପ୍ରକୃତିଠାରୁ ସମ୍ବନ୍ଧ ବିଚ୍ଛେଦ ଲାଗି ସାତ୍ତ୍ୱିକତା ଅତ୍ୟନ୍ତ ଆବଶ୍ୟକ । କାରଣ ସାତ୍ତ୍ୱିକ ଭାବରେ ପ୍ରକାଶ ଅର୍ଥାତ୍ ବିବେକ ଜାଗ୍ରତ ରହେ ଏବଂ ଏହାଦ୍ୱାରା ନିର୍ଗୁଣ ସ୍ଥିତିରେ ଉପନୀତ ନିମନ୍ତେ ସହାୟତା ମିଳେ । ପ୍ରକୃତିଜନିତ ଗୁଣଗୁଡିକ ମଧ୍ୟରୁ ରଜୋଗୁଣ ଓ ତମୋଗୁଣକୁ ତ୍ୟାଗ କରି ସତ୍ତ୍ୱଗୁଣ ବୃଦ୍ଧି କରିବା ବିଧେୟ । ଭଗବାନ, ଭକ୍ତ, ଭକ୍ତି, ସେବାର ସମସ୍ତ ଉପକରଣ, ଆତ୍ମ-ଚିନ୍ତନ, ନିଷ୍କାମ ଭାବ ଆଦି ନିର୍ଗୁଣ ଅଟେ । ଏମାନଙ୍କ ଆଶ୍ରୟ ବିନା ଜୀବର କଲ୍ୟାଣ ହେବା ଅସମ୍ଭବ । ସାତ୍ତ୍ୱିକ ଗୁଣ ସମ୍ପନ୍ନ ବୁଦ୍ଧି, କର୍ମ, ଜ୍ଞାନ, ବସ୍ତୁ ଆଦି ଉପାଦେୟ ଯାହା ବନ୍ଧନମୁକ୍ତ

ବା ମୋକ୍ଷ ମାର୍ଗର ସହାୟକ ହୋଇଥାଏ । ଆତ୍ମଜ୍ଞାନ ଲାଭ କରିଥିବା କେବଳ ଜୀବନ-ମୁକ୍ତ, ଯୋଗୀ ବା ଋଷି ହିଁ ତିନିଗୁଣର ଉର୍ଦ୍ଧ୍ୱକୁ ଅତିକ୍ରମ କରି କର୍ମ ବନ୍ଧନରୁ ମୁକ୍ତି ପାଇ ପାରନ୍ତି ।

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ॥୪୧॥

*ଅନ୍ୱୟ : ପରନ୍ତପ ( ହେ ଶତ୍ରୁତାପନ ଅର୍ଜୁନ !) ବ୍ରାହ୍ମଣ-କ୍ଷତ୍ରିୟ-ବିଶାଂ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟମାନଙ୍କର) ଶୂଦ୍ରାଣା ଚ ( ତଥା ଶୂଦ୍ରମାନଙ୍କର ) କର୍ମାଣି ( କର୍ମ ସମୂହ) ସ୍ୱଭାବ-ପ୍ରଭବୈଃ (ସ୍ୱଭାବ ଜାତ) ଗୁଣୈଃ (ସତ୍ତ୍ୱାଦି ଗୁଣ ସମୂହ ଦ୍ୱାରା) ପ୍ରବିଭକ୍ତାନି ( ବିଭକ୍ତ କରାଯାଇଛି ) ।*

**ଭାବାର୍ଥ** : ଗୁଣ ଓ କର୍ମର ବିଭାଗ ଅନୁସାରେ ଚାରି ବର୍ଣ୍ଣର ସୃଷ୍ଟି ମୋ ଦ୍ୱାରା ହୋଇଛି ବୋଲି ଭଗବାନ ଆଗରୁ (ଗୀତା-୪/୧୩) କହିଛନ୍ତି । ଏହି ଶ୍ଳୋକରେ ସେହି ଚାରି ବର୍ଣ୍ଣ ସମ୍ବନ୍ଧରେ କହୁଛନ୍ତି କି; ହେ ଶତ୍ରୁତାପନ ଅର୍ଜୁନ ! ବ୍ରାହ୍ମଣ , କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କର କର୍ମ ସମୂହକୁ ନିଜ ନିଜ ସ୍ୱଭାବ ଜନିତ ଗୁଣାନୁସାରେ ଶାସ୍ତ୍ରକାରଗଣ ପୃଥକ ଭାବରେ ବିଭକ୍ତ କରିଛନ୍ତି । ସ୍ୱଭାବର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତିର ଅନ୍ତଃକରଣର ବିଶିଷ୍ଟ ସଂସ୍କାର, ଯାହାକି କୌଣସି ଗୁଣ ବିଶେଷର ଆଧିକ୍ୟ ଦ୍ୱାରା ପ୍ରାଭାବିତ ହୋଇଥାଏ । ମନୁଷ୍ୟ ଯେଉଁ ସବୁ କର୍ମ କରେ, ତା' ଅନ୍ତଃକରଣରେ ସେହି କର୍ମର ସଂସ୍କାର ପଡେ ଏବଂ ସଂସ୍କାର ଅନୁସାରେ ସ୍ୱଭାବ ଗଠିତ ହୁଏ । ଏହି ପ୍ରକାର ଅନେକ ପୂର୍ବ ଜନ୍ମର କର୍ମ ସଂସ୍କାର ଅନୁସାରେ ମନୁଷ୍ୟର ଯେପରି ସ୍ୱଭାବ ରହିଥାଏ, ସେହି ଅନୁସାରେ ତା'ଠାରେ ସତ୍ତ୍ୱ, ରଜ, ତମ ଗୁଣର ବୃତ୍ତି ଉତ୍ପନ୍ନ ହୁଏ । ଏହି ଗୁଣ ବୃତ୍ତିର ତାରତମ୍ୟ ଅନୁସାରେ ହିଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କ କର୍ମର ବିଭାଗ କରାଯାଇଛି । ମନୁଷ୍ୟଠାରେ ଯେପରି ଗୁଣ ବୃତ୍ତି ରହିଥାଏ, ସେ' ସେପରି କର୍ମ କରେ । ସ୍ତ୍ରୀ ହୁଅନ୍ତୁ କି ପୁରୁଷ ହୁଅନ୍ତୁ, ପ୍ରତ୍ୟେକେ ନିଜ ନିଜର ସ୍ୱଭାବ ଧରି ଜନ୍ମ ନେଇଥାନ୍ତି । ବ୍ୟକ୍ତିର ସ୍ୱାଭାବିକ କର୍ମ ପ୍ରବଣତା ଅନୁଯାୟୀ ତା'ରି ଭିତରେ ଗୁଣମାନେ ବିକଶିତ ହୁଅନ୍ତି । ତେଣୁ ମନୁଷ୍ୟଠାରେ ସେହି ଅନ୍ତର୍ନିହିତ ଗୁଣ ଅନୁଯାୟୀ ଅନୁରୂପ କର୍ମ ପ୍ରବୃତ୍ତ ହୁଏ । ସ୍ୱଭାବ ଉତ୍ପନ୍ନ ଗୁଣଦ୍ୱାରା ପ୍ରକୃଷ୍ଟ ରୂପେ ବିଭକ୍ତ କର୍ମ ସମୂହ ସେହି ବର୍ଣ୍ଣ ମନୁଷ୍ୟଙ୍କ ନିମନ୍ତେ ବିହିତ ହୋଇଥାଏ, ଅର୍ଥାତ୍ କର୍ତ୍ତବ୍ୟ ରୂପେ ନିର୍ଦ୍ଧାରିତ ହୁଏ । ଏହି ତିନିଗୁଣଧାରୀ ଜୀବ ସମୂହ ନିଜ ନିଜ ଅଧିକାର ପ୍ରାପ୍ତ ଶାସ୍ତ୍ର ବିହିତ କର୍ମ ଦ୍ୱାରା ପରମେଶ୍ୱରଙ୍କ ଆରାଧନା କରି କୃତାର୍ଥ ହୁଅନ୍ତି । କେଉଁ କେଉଁ କର୍ମ କାହାଲାଗି ଉପଯୁକ୍ତ, ଏହାର ନିରୂପଣ ସ୍ୱଭାବ ଜନିତ ଗୁଣ ଅନୁସାରେ ଶାସ୍ତ୍ରରେ ବିସ୍ତାର ଭାବେ ଉଲ୍ଲେଖ ରହିଛି । ମନୁଷ୍ୟ ସେହି ଅନୁସାରେ ଆଚରଣ କରିବା ଉଚିତ । ବ୍ରାହ୍ମଣମାନଙ୍କ ସ୍ୱଭାବ ସତ୍ତ୍ୱଗୁଣ ସମ୍ପନ୍ନ ହୁଏ । କ୍ଷତ୍ରିୟଙ୍କ ସ୍ୱଭାବ ଗୌଣ ରୂପରେ ସତ୍ତ୍ୱ ତଥା ପ୍ରଧାନ ରୂପରେ ରଜୋଗୁଣରେ ନିର୍ମିତ ହୁଏ । ବୈଶ୍ୟଙ୍କ ସ୍ୱଭାବ ତମୋଗୁଣ ମିଶ୍ରିତ ରଜୋଗୁଣରେ ନିର୍ମିତ ଏବଂ ଶୂଦ୍ରଙ୍କ ସ୍ୱଭାବ ରଜୋଗୁଣର ଗୌଣ ଏବଂ ତମୋଗୁଣର ପ୍ରବଳ ଅବସ୍ଥାରେ ନିର୍ମିତ ହୁଏ । ଏହାର ଫଳ ସ୍ୱରୂପ ବ୍ରାହ୍ମଣ ପ୍ରଶାନ୍ତ ହୋଇଥାଏ, କ୍ଷତ୍ରିୟ ଐଶ୍ୱର୍ଯ୍ୟଶାଳୀ, ବୈଶ୍ୟ ଅଭିଳାଷମୟ ଏବଂ ଶୂଦ୍ରଠାରେ ମୂଢତା ତଥା ଅଜ୍ଞାନ ମାତ୍ରାଧିକ ହୁଏ । ଅଧୁନା ଭାରତବର୍ଷର ସାମାଜିକ ଅବସ୍ଥାରେ ଚାତୁର୍ବର୍ଣ୍ଣ୍ୟର ବାସ୍ତବ ସ୍ୱରୂପ ଅନେକ ପରିମାଣରେ ଲୁପ୍ତ ହେବାକୁ ବସିଲାଣି । ବର୍ତ୍ତମାନ କେବଳ ବଂଶାନୁକ୍ରମିକ ଜନ୍ମସିଦ୍ଧ ଅଧିକାର ଏବଂ ବାହ୍ୟ ଶାରୀରିକ ଭେଦକୁ

ଆଧାର କରି ଜାତି, ଉପଜାତି ପ୍ରଭୃତି ଉଦ୍ଭବ ହେଉଛି । ସମାଜରେ ମନୁଷ୍ୟଙ୍କୁ ତ୍ରିଗୁଣମୟ ଅବସ୍ଥାରେ ଉପରକୁ ଉଠାଇ କ୍ରମାନୁସାରେ ଉନ୍ନତ ଅଧିକାର ସ୍ତରକୁ ଆଣିବା ଲକ୍ଷ୍ୟରେ ଶୁଦ୍ଧ ବର୍ଣ୍ଣ ବ୍ୟବସ୍ଥା ମନୁଷ୍ୟ ଜୀବନ ନିମନ୍ତେ ଅତ୍ୟନ୍ତ ଉପଯୋଗୀ, କଲ୍ୟାଣକାରୀ ତଥା ବିଜ୍ଞାନ ସମ୍ମନ୍ନ । କାଳାନ୍ତରରେ ଗୋଷ୍ଠୀଗତ ସ୍ୱାର୍ଥ, ରୂଢ଼ିବାଦ, ଜାତିଗତ ଭେଦ ଓ ବୈଷମ୍ୟକୁ ନେଇ ତଥା କଥିତ ବର୍ଣ୍ଣାଶ୍ରମ ଧର୍ମ ପ୍ରତି ସାଧାରଣ ଲୋକ ଶ୍ରଦ୍ଧାହୀନ ଓ ବିତସ୍ପୃହ ହୋଇ ଉଠିବା ଫଳରେ ସମାଜରେ ନା ନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେବାକୁ ଲାଗିଲା । ବର୍ତ୍ତମାନ ବି ଦୋଷ ଲଦା ଯାଉଛି କି, ବର୍ଣ୍ଣ ଧର୍ମର କାରଣରୁ ହିଁ ଭାରତର ସାମାଜିକ, ରାଜନୈତିକ ଓ ଆର୍ଥିକ ପତନ ଘଟିଛି ଏବଂ ଭାରତୀୟ ଲୋକ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ଅତ୍ୟନ୍ତ ପଛୁଆ ହୋଇଛନ୍ତି । କିନ୍ତୁ ବାସ୍ତବରେ ଏହା ସେପରି ନୁହେଁ । ପାଶ୍ଚାତ୍ୟ ସଭ୍ୟତାର ଅନୁକରଣରେ ଭାରତୀୟ ସଂସ୍କୃତି ପ୍ରତି ବିମୁଖତା ହିଁ ସାମାଜିକ ନୈତିକ ମୂଲ୍ୟବୋଧର ପତନର ମୁଖ୍ୟ କାରଣ ।

ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ॥୪୨॥

*ଅନ୍ୱୟ : ଶମଃ (ମନୋନିଗ୍ରହ-ମନ ସଂଯମ) ଦମଃ (ବହିଃ ଇନ୍ଦ୍ରିୟ ଦମନ ) ତପଃ (ସ୍ୱ-ଧର୍ମ ପାଳନ ନିମିତ୍ତ କଷ୍ଟ ସହନ) ଶୌଚଂ (ଅନ୍ତଃ ଓ ବାହ୍ୟ ପବିତ୍ରତା) କ୍ଷାନ୍ତିଃ ( ଦୋଷୀ ଓ ଅପରାଧୀ ପ୍ରତି କ୍ଷମାଶୀଳ) ଚ ( ଏବଂ) ଆର୍ଜବମ୍ ( ସରଳତା – ନିଷ୍କପଟତା ) ଜ୍ଞାନମ୍ (ବେଦାଦି ଶାସ୍ତ୍ରମାନଙ୍କର ଅଧ୍ୟୟନ ଓ ଅଧ୍ୟାପନ) ବିଜ୍ଞାନମ୍ (ଆତ୍ମତତ୍ତ୍ୱ ଅନୁଭୂତି ଓ ତଦାନୁଯାୟୀ ଆଚରଣ ) ଆସ୍ତିକ୍ୟଂ (ବେଦ, ଶାସ୍ତ୍ର, ଈଶ୍ୱର ଓ ପରଲୋକ ପ୍ରଭୃତିରେ ଶ୍ରଦ୍ଧା ଓ ବିଶ୍ୱାସ) [ଏ ସମସ୍ତ] ସ୍ୱଭାବଜମ୍ (ସ୍ୱଭାବ ଜାତ) ବ୍ରହ୍ମକର୍ମ ( ବ୍ରାହ୍ମଣଙ୍କ କର୍ମ ଅଟେ ) ।*

**ଭାବାର୍ଥ** : ଶମ, ଦମ, ତପ, ଶୌଚ, କ୍ଷମା, ସରଳତା, ଜ୍ଞାନ, ବିଜ୍ଞାନ ତଥା ଈଶ୍ୱର ବିଶ୍ୱାସ- ଏ ସମସ୍ତ ହେଉଛି ବ୍ରାହ୍ମଣମାନଙ୍କ ସ୍ୱଭାବଜାତ କର୍ମ । ବ୍ରାହ୍ମଣ ନିଜର ଏହି ଅପରିହାର୍ଯ୍ୟ ନବଧା ଲକ୍ଷଣରେ ଭୂଷିତ ହେବା ବିଧେୟ । **ଶମ** : ମନର ନିଗ୍ରହ ଅର୍ଥାତ୍ ମନର ପ୍ରଶାନ୍ତ ସ୍ଥିତି ହେଉଛି 'ଶମ' । ଶାନ୍ତ ଚିତ୍ତରେ ସମସ୍ତ କର୍ତ୍ତବ୍ୟ ଓ ଶୁଭ କର୍ମ ନିଷ୍ଠାର ସହିତ ସମ୍ପାଦିତ ହୁଏ । **ଦମ** : ବାହ୍ୟ ଇନ୍ଦ୍ରିୟଙ୍କ ଦମନ । ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟମାନଙ୍କ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରଖି ମନ ଓ ବୁଦ୍ଧିକୁ ବିଷୟ-ଭୋଗରୁ ବିମୁଖ କରାଇ ଈଶ୍ୱରାଭିମୁଖ କରାଇବା । ଶମ ଓ ଦମ ନିମିତ୍ତ ଅନ୍ୟ ବର୍ଣ୍ଣ ନିମନ୍ତେ ପ୍ରଯତ୍ନ କରିବାକୁ ହୁଏ, କିନ୍ତୁ ବ୍ରାହ୍ମଣକୁ ଏହା ସ୍ୱଭାବରୁ ପ୍ରାପ୍ତ ହୋଇଥାଏ । **ତପ** : 'ସ୍ୱଧର୍ମାଚରଣଂ ତପଃ'- ସ୍ୱଧର୍ମ ଏବଂ ଶାସ୍ତ୍ର ବିହିତ କର୍ମ ଦୃଢତା ପୂର୍ବକ ଆଚରଣ କରିବାରେ ଶରୀରକୁ ତପେଇବା ଅର୍ଥାତ୍ କିଛି କଷ୍ଟ ସହନ କରିବା ହେଉଛି 'ତପ' । ସନ୍ୟାସ ଧର୍ମ ଅନୁଯାୟୀ ଦେହାଭିମାନ ତ୍ୟାଗକରି ଅନ୍ତରରେ ନିରନ୍ତର ପରମେଶ୍ୱରଙ୍କ ଚିନ୍ତନ ହେଉଛି ତପସ୍ୟା । କର୍ମଯୋଗରେ ନିଷ୍କାମ ଭାବରେ ଶରୀର, ମନ ଓ ଇନ୍ଦ୍ରିୟମାନଙ୍କୁ ଜଗତ କଲ୍ୟାଣରେ ନିୟୋଜିତ କରିବା ହେଉଛି 'ତପ' । **ଶୌଚ** : ସ୍ୱଚ୍ଛତା ଏବଂ ଉତ୍ତମ ସ୍ୱାସ୍ଥ୍ୟ ଯୋଗ ସାଧନ ନିମନ୍ତେ ସହାୟକ ହୋଇଥାଏ । ଚତୁର୍ପାର୍ଶ୍ୱର ଶୁଦ୍ଧ ପରିବେଶ ଏବଂ ଅନ୍ତଃକରଣରେ ସାତ୍ତ୍ୱିକ ଚିନ୍ତାଧାରା ଦ୍ୱାରା ଭାବ ଶୁଦ୍ଧ ହୋଇଥାଏ । ସୁସ୍ଥ ଶରୀର ଓ ଭାବ ଶୁଦ୍ଧିରେ ମନ ପ୍ରସନ୍ନ ରହେ । **କ୍ଷାନ୍ତି** : ଦଣ୍ଡିବା କ୍ଷମତା ଥାଇ ଅନ୍ୟର ନିଜପ୍ରତି ଦୋଷ ଓ ଅପରାଧରେ ପ୍ରତିଶୋଧ ପରାୟଣା ନ ହୋଇ ବିନା ଯାଚନରେ ସହର୍ଷ କ୍ଷମା କରିଦେବାର ନାମ 'କ୍ଷାନ୍ତି' । ଦ୍ୱେଷ ରହିତ

ହୋଇ ପୃଥିବୀ ଭଳି ସବୁ ପ୍ରକାର ସହନଶୀଳତାର ନାମ 'କ୍ଷମା' । **ଆର୍ଜବମ୍** : ଶରୀର, ମନ ଓ ଇନ୍ଦ୍ରିୟାଦିରେ ସରଳତା ପ୍ରକାଶ ପାଇବା । ଶିଶୁଙ୍କ ଭଳି ଛଳ କପଟ ନଥାଇ ସ୍ୱଷ୍ଟ ବାଦିତା ହେଉଛି ସରଳତାର ଲକ୍ଷଣ । କାର୍ଯ୍ୟକ୍ଷେତ୍ରରେ ସାଧୁତା ଏବଂ ନିରପେକ୍ଷତା ସରଳତାର ମୁଖ୍ୟ ଅଙ୍ଗ । **ଜ୍ଞାନ** : ବେଦ, ଶାସ୍ତ୍ର, ଉପନିଷଦ ଆଦି ଅଧ୍ୟୟନ ଓ ଅଧ୍ୟାପନରେ ଯେଉଁ ଜ୍ଞାନ ଆହରଣ କରାଯାଏ ତାହା ହେଉଛି ବାସ୍ତବ 'ଜ୍ଞାନ' । ମନୁଷ୍ୟ ଜୀବନର ମୂଳ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି ଏବଂ ଏଥି ନିମନ୍ତେ 'ଜ୍ଞାନ' ବିଶେଷ ଉପୋଯୋଗୀ । ଏହି ଜ୍ଞାନ ଦ୍ୱାରା ସତ୍ୟ-ଅସତ୍ୟ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଆତ୍ମା-ଅନାତ୍ମା ବୋଧ ହୋଇଥାଏ । ଏହା ଭଗବାନଙ୍କ ଲୀଳା ଶ୍ରବଣ, ଶାସ୍ତ୍ର ପ୍ରମାଣ, ଗୁରୁବାଣୀ ଓ ଆତ୍ମ-ଚିନ୍ତନରୁ ଉପଲବ୍ଧ । ଏହି ଜ୍ଞାନ ତର୍କ-ବିତର୍କର ଉର୍ଦ୍ଧ୍ୱରେ । **ବିଜ୍ଞାନ** : ଶାସ୍ତ୍ର ପ୍ରମାଣ ଓ ଗୁରୁବାଣୀର ସହାୟତାରେ ଯୋଗ ସାଧନା ଦ୍ୱାରା ଯେଉଁ ଆତ୍ମା-ପରମାତ୍ମା ତତ୍ତ୍ୱ ଅନୁଭୂତି, ତାହା ହେଉଛି 'ବିଜ୍ଞାନ' । ଏହା ସାଧକର ଆଚରଣ ଓ ସ୍ୱଭାବରେ ପ୍ରକଟିତ ହୁଏ । ଜ୍ଞାନ ଓ ବିଜ୍ଞାନର ପରାକାଷ୍ଠା ସାଧକକୁ ଜୀବନମୁକ୍ତ ସ୍ତରରେ ପହଞ୍ଚାଇବା ପାଇଁ ସକ୍ଷମ କରାଇଥାଏ । **ଆସ୍ତିକ୍ୟମ୍** : ବେଦ, ଶାସ୍ତ୍ର, ଈଶ୍ୱର ଓ ପରଲୋକ ପ୍ରଭୃତିରେ ସକାରାତ୍ମକ ଚିନ୍ତାଧାରା ଏବଂ ଏ ସମସ୍ତ ପ୍ରତି ଆସ୍ଥା, ଶ୍ରଦ୍ଧା ଓ ବିଶ୍ୱାସ ସ୍ଥାପନ କରିବା ହେଉଛି ଆସ୍ତିକ ମନୋଭାବ । ଉପରୋକ୍ତ ନବଧା ଲକ୍ଷଣ ଅତିରିକ୍ତ ଦାନ ଦେବା ଓ ଦାନ ନେବା, ବିଧି ଅନୁସାରେ ଯଜ୍ଞ କରିବା ଓ କରାଇବା, ଶାସ୍ତ୍ର ଅଧ୍ୟୟନ ଓ ଅଧ୍ୟାପନା, ଜପ, ସନ୍ଧ୍ୟା ଆଦି ନିୟତ କର୍ମ ସବୁ ବ୍ରାହ୍ମଣର ସ୍ୱାଭାବିକ କର୍ମ । ବର୍ଣ୍ଣ ପରମ୍ପରା ଠିକ୍ ଥିଲେ ଏହି ଗୁଣଜନିତ କର୍ମଗୁଡିକ ବ୍ରାହ୍ମଣଠାରେ ସ୍ୱାଭାବିକ ଭାବେ ଦେଖାଯାଏ । ମାତ୍ର ବର୍ଣ୍ଣ ସଙ୍କରତା କ୍ଷେତ୍ରରେ ଏହି ଗୁଣମାନ ସ୍ୱାଭାବିକ ଭାବେ ଦେଖାଯାଏ ନାହିଁ, ବରଂ କିଛି ନ୍ୟୁନତା ଆସିଯାଏ । ବ୍ରାହ୍ମଣ ନିର୍ଦ୍ଧାରିତ କର୍ମକୁ ଛାଡି ଭୋଗରେ ପ୍ରବୃତ୍ତ ହେଲେ ବ୍ରହ୍ମଣତ୍ୱରୁ ପତନ ଘଟେ ଏବଂ ସମାଜର ସବୁ ବର୍ଗ କର୍ତ୍ତବ୍ୟଚ୍ୟୁତ ହୋଇ ଅଧୋଗାମୀ ହୁଅନ୍ତି ।

ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଳାୟନମ୍ ।
ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥୪୩॥

*ଅନ୍ୱୟ: ଶୌର୍ଯ୍ୟଂ (ଶୂରବୀରତା- ପରାକ୍ରମ) ତେଜଃ (ତେଜ ) ଧୃତି ( ଧୈର୍ଯ୍ୟ ) ଦାକ୍ଷ୍ୟଂ ( କାର୍ଯ୍ୟଦକ୍ଷତା ) ଯୁଦ୍ଧେ ଚ ଏପିଆଇ ( ଏବଂ ଯୁଦ୍ଧରେ ମଧ୍ୟ) ଅପଳାୟନମ୍ (ଅପରାଙ୍ମୁଖତା-ପଛଘୁଞ୍ଚା ନଦେବା) ଦାନଂ (ମୁକ୍ତ ହସ୍ତରେ ଦାନ) ଈଶ୍ୱରଭାବଃ ଚ (ଏବଂ ପ୍ରଭୁତ୍ୱଭାବ-ନେତୃତ୍ୱତା) ସ୍ୱଭାବଜମ୍ (ସ୍ୱଭାବଜାତ) କ୍ଷାତ୍ରଂକର୍ମ (କ୍ଷତ୍ରିୟର କର୍ମ ବା କ୍ଷତ୍ରିୟର ଧର୍ମ ) ।*

**ଭାବାର୍ଥ** : ପରାକ୍ରମ, ତେଜ, ଧୈର୍ଯ୍ୟ, କାର୍ଯ୍ୟକୁଶଳତା, ଯୁଦ୍ଧରେ ପଛଘୁଞ୍ଚା ନ ଦେବା,ମୁକ୍ତ ହସ୍ତରେ ଦାନ, ନେତୃତ୍ୱ ବା ପ୍ରଭୁତ୍ୱର ଭାବ – ଏ ସମସ୍ତ କ୍ଷତ୍ରିୟର ସ୍ୱଭାବଜନିତ କର୍ମ ବା ଧର୍ମ ଅଟେ । ଯୁଦ୍ଧରେ ଉତ୍ସାହ, ବୀରତା, ତେଜସ୍ୱିତା, ତ୍ୟାଗ, ମନୋଜୟ, କ୍ଷମା, ବ୍ରାହ୍ମଣଙ୍କ ପ୍ରତି ଭକ୍ତି, ଅନୁଗ୍ରହ ଏବଂ ପ୍ରଜାଙ୍କ ସୁରକ୍ଷା ପ୍ରତି ଧ୍ୟାନ ପ୍ରଭୃତି କ୍ଷତ୍ରିୟ କର୍ମର ଲକ୍ଷଣ । **ଶୌର୍ଯ୍ୟ** :ନ୍ୟାୟଯୁକ୍ତ ଯୁଦ୍ଧ ନିମନ୍ତେ ସର୍ବଦା ଉତ୍ସାହିତ ହେଉଛି କ୍ଷତ୍ରିୟର ପରାକ୍ରମଶୀଳତା । ଧର୍ମମୟ ଯୁଦ୍ଧରେ ମୃତ୍ୟୁକୁ ଭୟ ନକରି ନିଜର ସମସ୍ତ ଶକ୍ତିକୁ ଖଟାଇ ସାହାସର ସହିତ ଶତ୍ରୁପକ୍ଷର ସମ୍ମୁଖୀନ ହେବା ହେଉଛି ଶୂରବୀରତା । ଭୀଷ୍ମ ପିତାମହଙ୍କ ଜୀବନ ଏହାର ଜ୍ୱଳନ୍ତ ଉଦାହରଣ । **ତେଜ** : ଅନ୍ୟାୟ ଆଗରେ ନତ ମସ୍ତକ ନ ହେବା, ନିଜର କର୍ତ୍ତବ୍ୟ ନିଷ୍ଠା ଓ ଚାରିତ୍ରିକ ଆଚରଣ ଦ୍ୱାରା ଅନ୍ୟକୁ ପ୍ରଭାବିତ କରାଇବା ହେଉଛି ତେଜସ୍ୱୀ ବ୍ୟକ୍ତିଙ୍କ ବିଶେଷତା । ରାଜା ବା ରାଷ୍ଟ୍ରମୁଖ୍ୟଙ୍କ ତେଜରେ

ପ୍ରଜା ଦୁରାଚାର, ପାପାଚର କର୍ମରୁ ନିବୃତ୍ତ ରୁହନ୍ତି । **ଧୈର୍ଯ୍ୟ** : ଲକ୍ଷ୍ୟ ପୂରଣ ମାର୍ଗରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଦୃଢତାର ସହିତ ନିଜ ଲକ୍ଷ୍ୟକୁ ଧାରଣ କରିବା ହେଉଛି 'ଧୃତି' । **ଦାକ୍ଷ୍ୟ** : ଯେ କୌଣସି ପରିସ୍ଥିତିରେ ନିର୍ଣ୍ଣୟ ଅନୁସାରେ ନିଜ ଲକ୍ଷ୍ୟକୁ ତତ୍କାଳ କାର୍ଯ୍ୟାନ୍ୱିତ କରିବାର କ୍ଷମତା ଏବଂ ମିତ୍ର, ଶତ୍ରୁ ଓ ମଧ୍ୟସ୍ଥିଙ୍କ ସହିତ ଯଥା ଯୋଗ୍ୟ ବ୍ୟବହାର କରି କାର୍ଯ୍ୟ ହାସଲ କରିନେବା ହେଉଛି ଦକ୍ଷ୍ୟତା । **ଅପଳାୟନ** : ଜୀବନ ସଂଘର୍ଷ ହେଉ ଅଥବା ଯୁଦ୍ଧ କ୍ଷେତ୍ର ହେଉ, ଯେ କୌଣସି ଜଟିଳ ପରିସ୍ଥିତିକୁ ନିର୍ଭୀକ ଭାବରେ ସମ୍ମୁଖୀନ ହେବା କ୍ଷତ୍ରିୟର ଧର୍ମ । ସ୍ୱଭାବତଃ କ୍ଷତ୍ରିୟଧର୍ମୀ ପ୍ରାଣାନ୍ତ ପର୍ଯ୍ୟନ୍ତ ପରାଜୟ ସ୍ୱୀକାର କରେ ନାହିଁ । **ଦାନ** : ମହାବୀର କର୍ଣ୍ଣ, ରାଜା ହରିଶ୍ଚନ୍ଦ୍ର ଭଳି ଭାରତୀୟ ସଂସ୍କୃତିରେ କ୍ଷତ୍ରିୟର ଦାନ ଅର୍ଥାତ୍ ସର୍ବସ୍ୱ ସମର୍ପଣ ଅପରିମେୟ । କ୍ଷତ୍ରିୟମାନେ ଦାନବୀର ହୋଇଥାନ୍ତି । ଉପଯୁକ୍ତ ପାତ୍ରକୁ ତା'ରି ଇଚ୍ଛାନୁସାରେ ଦାନ ଦେବା କ୍ଷତ୍ରିୟର ଧର୍ମ ହୋଇଥାଏ । **ଈଶ୍ୱରଭାବ** : "କ୍ଷତାତ୍ ତ୍ରାୟତେ ଇତି କ୍ଷତ୍ରିୟଃ"- ଅର୍ଥାତ୍ ଯେ' ପ୍ରଜାମାନଙ୍କୁ ଦୁଃଖ-ପୀଡାରୁ ରକ୍ଷା କରନ୍ତି ସେ କ୍ଷତ୍ରିୟ । ଏହି ପ୍ରକାର ଈଶ୍ୱରଭାବ ଦ୍ୱାରା ରାଜା ବା ରାଷ୍ଟ୍ରମୁଖ୍ୟଙ୍କ ହୃଦୟରେ କର୍ତ୍ତାଭିମାନ ନ ରହି, ନୀତି ଓ ଧର୍ମ ଅନୁସାରେ ପ୍ରଜାପାଳନର ଇଚ୍ଛା ସମୃଦ୍ଧ ହୁଏ । ଉତ୍ତମ ଅନୁଶାସକ ରୂପେ ପ୍ରଭୁତ୍ୱ (ସ୍ୱାମିତ୍ୱ) ମଧ୍ୟ ଈଶ୍ୱର ଭାବ ଅନ୍ତର୍ଗତ । ଉପରୋକ୍ତ ଲକ୍ଷଣ ଅତିରିକ୍ତ ଉତ୍ତମ ଶାସନ ଦ୍ୱାରା ପ୍ରଜାମାନଙ୍କ ହିତ ସାଧନ, ନ୍ୟାୟଦାନ, ଦୁରାଚାରୀମାନଙ୍କୁ ଯଥୋଚିତ ଦଣ୍ଡ, ପ୍ରଜାମାନଙ୍କ ସୁରକ୍ଷା ଏବଂ ପାଳନ ପୋଷଣ ଦାୟିତ୍ୱ- ଏ ସମସ୍ତ ହେଉଛି କ୍ଷତ୍ରିୟ ଧର୍ମ ଓ କର୍ମ ଅନ୍ତର୍ଗତ ।

କୃଷିଗୌରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ ।
ପରିଚାର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ॥୪୪॥

*ଅନ୍ୱୟ : କୃଷି-ଗୌରକ୍ଷ୍ୟ-ବାଣିଜ୍ୟଂ ( କୃଷି, ଗୋରକ୍ଷା ଓ ବାଣିଜ୍ୟ ) ବୈଶ୍ୟକର୍ମ ସ୍ୱଭାବଜମ୍ (ବୈଶ୍ୟର ସ୍ୱାଭାବିକ କର୍ମ ) ପରିଚାର୍ଯ୍ୟାତ୍ମକଂ (ତଥା ସବୁ ବର୍ଣ୍ଣର ସେବା କରିବା) ଶୂଦ୍ରସ୍ୟ ଅପି ( ଶୂଦ୍ରମାନଙ୍କ ନିମନ୍ତେ ମଧ୍ୟ ) ସ୍ୱଭାବଜମ୍ ( ସ୍ୱଭାବ ଜନିତ କର୍ମ ଅଟେ) ।*

**ଭାବାର୍ଥ** : କୃଷି , ପଶୁପାଳନ, ଗୋରକ୍ଷା ଓ ବାଣିଜ୍ୟ ଆଦି ବୈଶ୍ୟର ସ୍ୱଭାବଜାତ କର୍ମ । ପରିଚାର୍ଯ୍ୟାତ୍ମକ କର୍ମ ଅର୍ଥାତ୍ ଅନ୍ୟ ବର୍ଣ୍ଣର ଲୋକଙ୍କ ସେବା କରିବା ହେଉଛି ଶୂଦ୍ରର ସ୍ୱଭାଜନିତ କର୍ମ । ସମସ୍ତ ଖାଦ୍ୟାନ୍ନ ବୀଜ ବୁଣି ମନୁଷ୍ୟ, ଦେବତା ପଶୁ ଆଦି ଉପଯୋଗୀ ଅନ୍ୟ ପବିତ୍ର ବସ୍ତୁ ଉତ୍ପନ୍ନ କରିବାର ନାମ କୃଷି ବା ଚାଷ । କୃଷି ଓ ପଶୁପାଳନ ବିଶେଷ କରି ଗୋପାଳନ ମନୁଷ୍ୟ ଜାତିର ବଞ୍ଚିବାର ମୁଖ୍ୟ ଆଧାର । କୃଷି ଓ ଗୋପାଳନ ପରସ୍ପର ପରିପୂରକ । ଗୋଟିଏ ଅନ୍ୟର ପରସ୍ପର ସହାୟକ । ଗୋପାଳନ ଓ ଗୋରକ୍ଷା ଧର୍ମ, ଅର୍ଥ, କାମ ଓ ମୋକ୍ଷ-ଏହି ଚାରି ପୁରୁଷାର୍ଥ ସିଦ୍ଧ କରୁଥିବା ଜୀବିକା ରୂପେ ଶାସ୍ତ୍ର ସମ୍ମତ । ନିଷ୍କାମ ଭାବେ ଗୋସେବା କଲେ ମୁକ୍ତି ମିଳେ । ଏଠାରେ 'ଗୋରକ୍ଷ' ପଦରେ 'ଗୋ' ଶବ୍ଦ ପଶୁ ଜାତିର ବାଚକ । ପ୍ରାଚୀନ କାଳରେ ଗାଈ, ଅଶ୍ୱ ଆଦି ପଶୁଙ୍କ ପରିପାଳନ ଏବଂ ସଂରକ୍ଷଣ ଉପରେ ବିଶେଷ ଧ୍ୟାନ ଦିଆ - ଯାଉଥିଲା । ଆବଶ୍ୟକତା ଅନୁସାରେ ଦ୍ରବ୍ୟ ସଂଗ୍ରହ କରି ବିଶ୍ୱସ୍ତ ଭାବରେ ଅନ୍ୟମାନଙ୍କୁ ଯୋଗାଇଦେବା ସକାଶେ କିଣା-ବିକା କାରବାରକୁ ଜୀବିକା ରୂପେ ଗ୍ରହଣ କରିନେବା ହେଉଛି ବାଣିଜ୍ୟ । ବ୍ୟାପାରରେ ମିଥ୍ୟା, କପଟ, ଚୋରୀ, ଅତ୍ୟଧିକ ମୁନାଫା, ଦଲାଲି ଇତ୍ୟାଦି ବାଣିଜ୍ୟଗତ ଦୋଷ ଥାଏ । ସତ୍ୟ ଓ ନ୍ୟାୟ

ରୂପରେ ଏହି ବାଣିଜ୍ୟ ବ୍ୟାପାର କରିବା ହେଉଛି ବୈଶ୍ୟମାନଙ୍କ ସ୍ୱାଭାବିକ ବୃତ୍ତି । କାଶୀର ତୁଳାଧାର ନାମକ ବଣିକ କ୍ରୟ-ବିକ୍ରୟ ବାଣିଜ୍ୟ ବୃତ୍ତିରେ ନ୍ୟାୟ ଓ ସତ୍ୟର ଆଶ୍ରୟ ନେଇ ବିଶିଷ୍ଟ ତପସ୍ୱୀ ଏବଂ ଧର୍ମାତ୍ମା ରୂପେ ଅଭିହିତ । ମନୁ ସ୍ମୃତିରେ ଉପରୋକ୍ତ କର୍ମ ବ୍ୟତୀତ ଯଜ୍ଞ, ଶାସ୍ତ୍ର ଅଧ୍ୟୟନ, ଦାନ ତଥା ସୁଧ କାରବାର- ଏହି ଚାରିକର୍ମ ମଧ୍ୟ ବୈଶ୍ୟ ନିମନ୍ତେ ଉଦ୍ଦିଷ୍ଟ କୁହାଯାଇଛି । ଶାସ୍ତ୍ରରେ ଶୂଦ୍ର ନିମନ୍ତେ କେବଳ ଗୋଟିଏ କର୍ମ ସ୍ୱଭାବ କର୍ମ ରୂପେ ନିରୂପିତ କରାଯାଇଛି; ତାହା ହେଉଛି ଦୋଷ ଦୃଷ୍ଟି ଛାଡି ଉତ୍ସର୍ଗୀକୃତ ଭାବେ ଅନ୍ୟ ଦ୍ୱିଜ ବର୍ଣ୍ଣ ମାନଙ୍କର ସେବା କରିବା । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ମାନେ ଦ୍ୱିଜ ରୂପରେ ଅଭିହିତ । ଉପନୟନ ସଂସ୍କାର ପରେ ସେମାନଙ୍କୁ ଦ୍ୱିତୀୟ ଜନ୍ମ ବୋଲି ମାନି ନିଆଯାଏ । ସେବା ମନୋଭାବରେ ବୁଦ୍ଧି, ଯୋଗ୍ୟତା, ଶାରୀରିକ ଶ୍ରମ ଦ୍ୱାରା ଅନ୍ୟ ବର୍ଣ୍ଣର ଲୋକଙ୍କୁ ସେବା ସୁବିଧା ଯୋଗାଇଦେବା ଶୂଦ୍ରପାଇଁ ସ୍ୱାଭାବିକ କର୍ମ । ସେମାନଙ୍କର ସମସ୍ତ ଭରଣ ପୋଷଣ ଦାୟିତ୍ୱ ସମାଜ ବହନ କରିଥାଏ । ସେବା କର୍ମରେ ବିବେକର ପ୍ରାଧାନ୍ୟତା ନଥାଏ, ବରଂ ଆଜ୍ଞା ପାଳନର ପ୍ରାଧାନ୍ୟତା ରହେ । ବ୍ରାହ୍ମଣକୁ ବିରାଟ ରୂପ ଭଗବାନଙ୍କ ମୁଖ, କ୍ଷତ୍ରିୟକୁ ବାହୁ, ବୈଶ୍ୟକୁ ଊରୁ ଏବଂ ଶୂଦ୍ରକୁ ପାଦ ବୋଲି କୁହାଯାଇଛି । ଏହି ଚାରିବର୍ଣ୍ଣ ହେଉଛନ୍ତି ସମାଜ ରୂପୀ ଶରୀରର ଚାରୋଟି ଆବଶ୍ୟକୀୟ ଅଙ୍ଗ । ଶୂଦ୍ରକୁ ପାଦ କହିବାର ତାତ୍ପର୍ଯ୍ୟ ହେଲା; ପାଦ ଶରୀରର ଭାରକୁ ବହନ କରିଥାଏ ଏବଂ ପାଦ ଦ୍ୱାରା ସାରା ଶରୀରର ସମସ୍ତ ସେବା ହୁଏ । ସେହିପରି ସମାଜରେ ଶୂଦ୍ରର ସେବାର ଆଧାର ଉପରେ ଚାରିବର୍ଣ୍ଣ ନିର୍ଭର କରନ୍ତି । ଏକ ସୁସ୍ଥ ଓ ସମୃଦ୍ଧି ସମାଜ ଏବଂ ଶୁଦ୍ଧ ପରିବେଶ ନିମନ୍ତେ ଏହି ବର୍ଣ୍ଣର ସେବା କାର୍ଯ୍ୟ ଅନିବାର୍ଯ୍ୟ । ଏହି ଚାରିବର୍ଣ୍ଣଙ୍କ ମଧ୍ୟରେ କେହି କାହାଦ୍ୱାରା ଘୃଣିତ ବା ଅପମାନିତ ହୁଅନ୍ତି ନାହିଁ । ଏକ ଆରେକର କଲ୍ୟାଣ ଉଦ୍ଦେଶ୍ୟ ହିଁ ଏହି ବର୍ଣ୍ଣ ଧର୍ମର ମୂଳ ଲକ୍ଷ୍ୟ । ଭାରତୀୟ ଆର୍ଯ୍ୟ ସମାଜ ଦ୍ୱାରା ପ୍ରଣିତ ବର୍ଣ୍ଣ ଧର୍ମରେ ଜନ୍ମ ଓ କର୍ମ ଉଭୟର ପ୍ରାଧାନ୍ୟତା ରହିଛି । ଶ୍ରୀମଦ୍ ଭାଗବତ (୦୭-୧୧-୩୫)ରେ କୁହାଯାଇଛି କି, ନିର୍ଦ୍ଦିଷ୍ଟ ବର୍ଣ୍ଣକୁ ସୂଚାଉଥିବା ଯେଉଁ ସବୁ ଲକ୍ଷଣ ଯଦି ଅନ୍ୟ ବର୍ଣ୍ଣର ମନୁଷ୍ୟଠାରେ ପରିଲକ୍ଷିତ ହୁଏ, ତେବେ ତାହାକୁ ସେହି ବର୍ଣ୍ଣର ଅନ୍ତର୍ଗତ ବୋଲି ବୁଝି ନେବାକୁ ହେବ । ସେ ନୀଚ କୂଳରେ ଜନ୍ମ ହୋଇଥିଲେ ମଧ୍ୟ ତ'ଙ୍କୁ ନୀଚ ମନେ କରିବା ଅନୁଚିତ । ଶାସ୍ତ୍ର ବଚନର ତାତ୍ପର୍ଯ୍ୟ ହେଲା, ଯେ କୌଣସି ନୀଚ ବର୍ଣ୍ଣର ସାଧାରଣ ମନୁଷ୍ୟ ମଧ୍ୟ ନିଜର ପାରମାର୍ଥିକ ଉନ୍ନତି କରିପାରିବ । ଭଗବାନଙ୍କର ଭକ୍ତ ଯେତେ ନୀଚ ଜାତିର ହୋଇଥିଲେ ମଧ୍ୟ ସେ ଜ୍ଞାନୀ ଓ ବିଦ୍ୱାନ ସାଦୃଶ୍ୟ ଶ୍ରେଷ୍ଠ । କବିର, ବିଦୁର , ଭକ୍ତ ସାଲବେଗ ଆଦି ଏହାର ଜ୍ୱଳନ୍ତ ପ୍ରମାଣ ।

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।
ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତତ୍ ଶୃଣୁ ॥୪୫॥

*ଅନ୍ୱୟ : ସ୍ୱେ ସ୍ୱେ (ନିଜ ନିଜ ) କର୍ମଣି ( ସ୍ୱାଭାବିକ-ବର୍ଣ୍ଣାଶ୍ରମୋଚିତ କର୍ମରେ) ଅଭିରତଃ (ନିଷ୍ଠାର ସହିତ ଲାଗିରହିଥିବା) ନରଃ (ମନୁଷ୍ୟ) ସଂସିଦ୍ଧିଂ (ଭଗବତ୍ ପ୍ରାପ୍ତି ରୂପକ ପରମ ସିଦ୍ଧିକୁ) ଲଭତେ ( ପ୍ରାପ୍ତ ହୋଇଥାଏ) ସ୍ୱକର୍ମ ନିରତଃ (ସ୍ୱ-କର୍ମରେ ନିଷ୍ଠାବାନ ବ୍ୟକ୍ତି ) ଯଥା ( ଯେପରି) ସିଦ୍ଧିଂ (ସିଦ୍ଧି) ବିନ୍ଦତି (ଲାଭ କରେ) ତତ୍ ଶୃଣୁ ( ହେ ଅର୍ଜୁନ! ତାହା ମୋଠାରୁ ଶୁଣିନିଅ ) ।*

**ଭାବାର୍ଥ** : ଗୁଣ ଅନୁସାରେ ସ୍ୱଭାବ ଏବଂ ସ୍ୱଭାବ ଅନୁସାରେ କର୍ମର ବିଧାନ ହୋଇଥିବାରୁ, ପ୍ରତ୍ୟେକ ବର୍ଣ୍ଣ ଶ୍ରେଣୀର ବ୍ୟକ୍ତିଙ୍କ ସେମାନଙ୍କ ନିଜ ନିଜ କର୍ମପ୍ରତି ସ୍ୱାଭାବିକ ରୁଚି ରହେ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ

ଶୂଦ୍ର- ଏହି ଚାରି ବର୍ଣ୍ଣର ବ୍ୟକ୍ତି, ସ୍ୱାର୍ଥ ଅଭିମାନ ତ୍ୟାଗକରି ନିଷ୍କାମ ଭାବରେ ସଂସାର ହିତ ଉଦ୍ଦେଶ୍ୟ ରଖି ସ୍ୱାଭାବିକ କର୍ମ ଅନୁଷ୍ଠାନ କରିବାରେ ତାହା 'ଯୋଗ' ହୋଇଯାଏ । ଫଳରେ କାର୍ଯ୍ୟ କରୁଥିବା ବ୍ୟକ୍ତିର ବାସନା କ୍ଷୟ ହୋଇ ପରିଶେଷରେ ପୂର୍ଣ୍ଣତ୍ୱ ପ୍ରାପ୍ତ ହୁଏ ଅର୍ଥାତ୍ ଭଗବତ୍ ପ୍ରାପ୍ତିରୂପୀ ପରମ ସିଦ୍ଧିକୁ ପ୍ରାପ୍ତହୁଏ । ସଦ୍-ଭାବ ରଖି, ତତ୍ପରତା ଓ ଉତ୍ସାହ ପୂର୍ବକ ନିଜର ସ୍ୱଭାବିକ କର୍ମ ସମ୍ପାଦନ କଲେ ମନରେ ଯେଉଁ ପ୍ରସନ୍ନତା ଆସେ, ତାହାର ନାମ 'ଅଭିରତ' । କର୍ମରେ ଅଭିରତି ହେଲେ କଲ୍ୟାଣ ହୁଏ ଏବଂ ଆସକ୍ତି ହେଲେ ବନ୍ଧନ ହୁଏ । କର୍ମ ମୁଖ୍ୟ ହୋଇ ନ ଥାଏ, ଭାବ ହିଁ ମୁଖ୍ୟ। କର୍ତ୍ତା ଯେ କୌଣସି ବର୍ଣ୍ଣର ହୋଇଥାଉ, ଯଦି ତା'ର ଭାବ ଶୁଦ୍ଧ, ତାହା ନିଶ୍ଚୟ କଲ୍ୟାଣକାରକ ହେବ । ଏହି ଶ୍ଲୋକରେ ଭଗବାନ ଏହା ସିଦ୍ଧ କରିଛନ୍ତି କି, ପରମାତ୍ମା ପ୍ରାପ୍ତି ପାଇଁ ସ୍ୱରୂପତଃ କର୍ତ୍ତବ୍ୟ କର୍ମ ତ୍ୟାଗ କରିବାର ଆବଶ୍ୟକତା ନାହିଁ । ବିହିତ କର୍ମ ହେଉଛି ଭଗବାନଙ୍କ ଇଚ୍ଛାନୁମୋଦିତ । ଏହାକୁ ଆଚରଣ କଲେ ଭଗବଦ୍ ପ୍ରାପ୍ତି ସୁନିଶ୍ଚିତ । ତେଣୁ କର୍ତ୍ତବ୍ୟ କର୍ମକୁ ଭଗବତ୍ ପୂଜାର ଏକ ସାମଗ୍ରୀ ରୂପେ ଗ୍ରହଣ କରିବା ଉଚିତ । ଯାହାର ଯାହା ସ୍ୱାଭାବିକ କର୍ମ, ତା' ପାଇଁ ତ'ହା କଲ୍ୟାଣପ୍ରଦ । ଶ୍ରୀ ଶଙ୍କାରାଚାର୍ଯ୍ୟ କହିଛନ୍ତି କି, " ସ୍ୱଭାବ ଅନୁସାରେ ଶାସ୍ତ୍ରବୋଧିତ କର୍ମାନୁଷ୍ଠାନ ରିବାରେ ଯେଉଁ କିଛି ପୂର୍ବ ସଞ୍ଚିତ ଅଥବା ଏହି ଜନ୍ମର ଉପାର୍ଜିତ ଅପବିତ୍ରତା ଥାଏ, ତା'ର ସମାପ୍ତି ଘଟେ । ସେହି ଅଶୁଚିତା ହିଁ ସିଦ୍ଧି ବା ଜ୍ଞାନ ପ୍ରାପ୍ତିର ପ୍ରତିବନ୍ଧକ । ଅଶୁଚିତାର କ୍ଷୀଣ ହୋଇଗଲେଜ୍ଞାନରୁପି ସିଦ୍ଧି ପ୍ରାପ୍ତ ହୁଏ । ମନୁଷ୍ୟର ବିକାଶ ନିମିତ୍ତ ଭାରତୀୟ ଆର୍ଯ୍ୟ ସଂସ୍କୃତିର ଚାତୁର୍ବର୍ଣ୍ଣ୍ୟ ସମାଜ ବ୍ୟବସ୍ଥା କେବଳ ଭାରତ ପାଇଁ ନୁହଁ, ସାରା ଜଗତ ପାଇଁ ପ୍ରଯୁଜ୍ୟ । ଅଧିକାରିକ କର୍ମରେ ନିଷ୍ଠାବାନ ବ୍ୟକ୍ତି କିପରି ଭାବରେ ସିଦ୍ଧି ଅର୍ଥାତ୍ ଭଗବତ୍ ପ୍ରାପ୍ତ ହୁଏ, ତାହା ଆଗ ଶ୍ଲୋକରେ ଭଗବାନ କହିଛନ୍ତି ।

ଯତଃ ପ୍ରବୃତ୍ତି ଭୂତାନଂ ଯେନ ସର୍ବମିଦଂ ତତମ୍ ।
ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ॥୪୬॥

*ଅନ୍ୱୟ : ଯତଃ (ଯେଉଁ ପରମାତ୍ମାଙ୍କଠାରୁ) ଭୂତାନାଂ ( ସମସ୍ତ ଜୀବ ସମୂହ ) ପ୍ରବୃତ୍ତି ( ତଥା କର୍ମ ପ୍ରଚେଷ୍ଟାର ଉତ୍ପତ୍ତି) ଯେନ (ଯାହାଙ୍କ ଦ୍ୱାରା ) ସର୍ବଂ ଇଦମ୍ (ଏହି ସମସ୍ତ ବ୍ରହ୍ମାଣ୍ଡ) ତତମ୍ (ବ୍ୟାପ୍ତ ହୋଇଛି ) ତତ୍ (ସେହି ପରମାତ୍ମାଙ୍କୁ) ସ୍ୱକର୍ମଣା (ନିଜ ନିଜ କର୍ମଦ୍ୱାରା ) ଅଭ୍ୟର୍ଚ୍ୟ (ପୂଜନ କରି ) ସିଦ୍ଧିମ୍ ବିନ୍ଦତି ( ସିଦ୍ଧି ପ୍ରାପ୍ତ ହୁଏ ) ।*

**ଭାବାର୍ଥ** :ଯେଉଁ ପରମାତ୍ମାଙ୍କଠାରୁ ସମ୍ପୂର୍ଣ୍ଣ ଭୂତ ପ୍ରାଣୀଙ୍କ ଉତ୍ପନ୍ନ, ଯାହାଙ୍କ ଦ୍ୱାରା ଏ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ବ୍ୟାପ୍ତ, ସେହି ବିଶ୍ୱାତ୍ମା ପରମେଶ୍ୱରଙ୍କୁ ନିଜ ନିଜ ସ୍ୱଭାବରୁ ଉତ୍ପନ୍ନ କର୍ମ ପ୍ରଚେଷ୍ଟା ଦ୍ୱାରା ଅର୍ଚ୍ଚନା କରି ମନୁଷ୍ୟ ପରମ ସିଦ୍ଧିକୁ ପ୍ରାପ୍ତ ହୁଏ । ଏହି ବିହିତ କର୍ମ ମାର୍ଗରେ ନିଜର ସାମର୍ଥ୍ୟ ଅନୁଯାୟୀ କ୍ରମବଦ୍ଧ ଚାଲିବାର ବିଧାନ ନିହିତ । ବିହିତ କର୍ମାନୁଷ୍ଠାନ ବନ୍ଧନକାରକ ନୁହେଁ । ଏହା ଭଗବାନ ଚାହୁଁଥିବା ଉଦ୍ଦେଶ୍ୟର ଆଜ୍ଞା ପାଳନ ବୋଲି ବୁଝିବା ଉଚିତ । ଯେ ତିନି ଲୋକର ସୃଷ୍ଟି, ସ୍ଥିତି ଓ ପ୍ରଳୟର ସର୍ବଶେଷ କାରଣ, ସେହି ସର୍ବାନ୍ତର୍ଯାମୀ ସର୍ବ ବ୍ୟାପକ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଲାଗି ନିଜର ସ୍ୱଭାବ ଜନିତ କର୍ତ୍ତବ୍ୟ କର୍ମରୂପୀ ପୁଷ୍ପରେ ଅର୍ଚ୍ଚନା କରିବା ହେଉଛି ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ । ମନୁଷ୍ୟ ନିଜ କର୍ତ୍ତବ୍ୟ ପାଳନ କରି ସକଳ ସୃଷ୍ଟିର ଉତ୍ପତ୍ତି କାରକ ସେହି ପରମେଶ୍ୱରଙ୍କ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରି ନିଜକୁ କୃତାର୍ଥ ମନେ କରିବା ଉଚିତ । ସଂସାରରେ ଦୃଶ୍ୟମାନ ହେଉଥିବା ପ୍ରକୃତିର ଚଞ୍ଚଳତା ଏବଂ ଜୀବର କର୍ମ ପ୍ରଚେଷ୍ଟା, ପରମ ପ୍ରଭୁ ଅନ୍ତର୍ଯାମୀ

ପୁରୁଷଙ୍କ ଦ୍ୱାରା ପ୍ରେରିତ । ଯେପରି ବରଫ ଜଳ ଦ୍ୱାରା ବ୍ୟାପ୍ତ, ସେହିପରି ସମ୍ପୂର୍ଣ୍ଣ ସଂସାର ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ । ସେ' ସମସ୍ତଙ୍କ ପ୍ରକାଶକ ଓ ସମସ୍ତଙ୍କଠାରେ ପରିପୂର୍ଣ୍ଣ । ପରମ ଶ୍ରଦ୍ଧା ଓ ବିଶ୍ୱାସର ସହିତ ସମସ୍ତ କର୍ମରେ ସର୍ବଥା ମମତ୍ୱ, ଆସକ୍ତି ଓ ଫଳେଚ୍ଛା ତ୍ୟାଗ କରି ଭଗବାନଙ୍କ ଆଜ୍ଞା ମାନି ନିଜର ସ୍ୱଭାବ ଜନିତ କର୍ମ କରିବା ହେଉଛି ପରମାତ୍ମାଙ୍କ ସଗୁଣ ସ୍ୱରୂପର ସେବା । ଏ ଜଗତ ହେଉଛି ତାଙ୍କରି ସ୍ୱରୂପ । ଭଗବାନଙ୍କଠାରେ ଲୟ ରଖି ଆତ୍ମ-ଉତ୍ସର୍ଗ କରି କାର୍ଯ୍ୟ କରୁଥିବା ମନୁଷ୍ୟ ହେଉଛି ସ୍ରଷ୍ଟାଙ୍କ ଶ୍ରେଷ୍ଠ ପୂଜକ । ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ପାଳନରେ ଅନ୍ତଃକରଣ ଶୁଦ୍ଧ ହୋଇ ଆତ୍ମ ଜ୍ଞାନର ଉଦୟ ହୁଏ ଏବଂ ସାଧକ ଜ୍ଞାନ ଯୋଗ ନିମନ୍ତେ ଯୋଗ୍ୟ ହୁଏ । ଭଗବାନ ଏଥିରେ ଅତ୍ୟନ୍ତ ପ୍ରୀତ ହୋଇ କୃପା ବର୍ଷଣ କରି ପୂଜକକୁ ଜ୍ଞାନ, ବୈରାଗ୍ୟ ରୂପକ ସିଦ୍ଧି ପ୍ରଦାନ କରିଥାନ୍ତି । କର୍ମ ଯେତେବେଳେ ଈଶ୍ୱର ଉପାସନା ହୋଇଯାଏ, ଜୀବ ଭଗବାନଙ୍କର ଅନନ୍ୟ ଭକ୍ତ ହୋଇଯାଏ । ଗୀତା ଦୃଢତାର ସହିତ ଘୋଷଣା କରେ କି, ଯେଉଁ ମନୁଷ୍ୟ ବିଶ୍ୱାତ୍ମା ବିଶ୍ୱର ସେବାକୁ ହିଁ ଭଗବାନଙ୍କ ସେବା ବୋଲି ମଣିଥାଏ, ତାହାକୁ ଏହି ପରମ ସିଦ୍ଧି ପ୍ରାପ୍ତ ହୋଇଥାଏ । ଯୁଦ୍ଧ କ୍ଷେତ୍ରରେ ଅର୍ଜୁନ ରଥରେ ସାରଥି ରୂପେ ଥିବା ଭଗବାନ ଶ୍ରୀକୃଷ୍ଣଙ୍କୁ ପିତାମହ ଭୀଷ୍ମ ଶର ନେକ୍ଷେପ ଦ୍ୱାରା ନିଜର ଯଥୋଚିତ ସମ୍ମାନ ଜଣାଇଥିଲେ, କାରଣ ଯୁଦ୍ଧ କ୍ଷେତ୍ରରେ ବାଣ ନିକ୍ଷେପ ହିଁ କ୍ଷତ୍ରିୟର ସ୍ୱାଭାବିକ କର୍ମ । ଅନ୍ତ ସମୟରେ ଶର ଶଯ୍ୟାରେ ଶାୟିତ ପିତାମହ ଭୀଷ୍ମ ଏହି ପରି ଧ୍ୟାନ କରିଥିଲେ କି, "ହେ ପ୍ରଭୁ ! ତୀକ୍ଷ୍ଣ ଶର ଦ୍ୱାରା ଯାହାଙ୍କ କବଚ ଛିନ୍ନ ହୋଇଯାଇଥିଲା, ଚର୍ମ ବିଦୀର୍ଣ୍ଣ ହୋଇଯାଇଥିଲା, ଯାହାଙ୍କ ମୁଖ ମଣ୍ଡଳରେ ସ୍ୱେଦ କଣା ଶୋଭିତ ଦେଖାଯାଉଥିଲା,ଏହିପରି ଶର ଦ୍ୱାରା ଅଳଙ୍କୃତ ଭଗବାନ ଶ୍ରୀକୃଷ୍ଣଙ୍କ ଠାରେ ମୋର ମନ ଓ ବୁଦ୍ଧି ନିବିଷ୍ଟ ହୋଇଯାଉ" । ଏହାର ତତ୍ପର୍ଯ୍ୟ ଏହା କି, ନିଜ ସ୍ୱଭାବ କର୍ମ ଦ୍ୱାରା ପରମାତ୍ମାଙ୍କୁ ପୂଜା କରୁଥିବା ମନୁଷ୍ୟ ପ୍ରକୃତିର ସମ୍ବନ୍ଧରୁ ମୁକ୍ତ ହୋଇ ସ୍ୱତଃ ନିଜ ସ୍ୱରୂପରେ ସ୍ଥିତ ହୋଇଯାଏ । ଭଗବାନଙ୍କ ସମ୍ମୁଖ ହୋଇଥିବା ମନୁଷ୍ୟର ସମସ୍ତ କ୍ରିୟାକୁ ଭଗବାନ ନିଜର ପୂଜା ମନେ କରନ୍ତି ଏବଂ ପ୍ରସନ୍ନ ହୁଅନ୍ତି ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଭାବ ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ ବିଷମ୍ ॥୪୭॥

*ଅନ୍ୱୟ : ବିଗୁଣଃ ( ଦୋଷଯୁକ୍ତ ହେଲେ ମଧ୍ୟ ) ସ୍ୱଧର୍ମଃ ( ନିଜ ଆଶ୍ରମ ଓ ବର୍ଣ୍ଣ ନିହିତ ଧର୍ମ ) ସ୍ୱନୁଷ୍ଠିତତା ( ଉତ୍ତମ ରୂପେ ଅନୁଷ୍ଠିତ ବା ଉତ୍ତମଗୁଣ ସମ୍ପନ୍ନ ) ପରଧର୍ମାତ୍ ( ପରଧର୍ମ ଅପେକ୍ଷା) ଶ୍ରେୟାନ୍ (ଶ୍ରେଷ୍ଠ) ସ୍ୱଭାବ-ନିୟତଂ (ସ୍ୱଭାବ ଜାତ ) କର୍ମ ( ସ୍ୱଧର୍ମ ରୂପକ କର୍ମ ) କୁର୍ବନ୍ (କରି ମନୁଷ୍ୟ) କିଳ୍ବିଷମ୍ (ପାପଭାଗୀ) ନ-ଆପ୍ନୋତି (ପ୍ରାପ୍ତ ହୁଏ ନାହିଁ ) ।*

**ଭାବାର୍ଥ** : ଜନ୍ମ ଓ କର୍ମାନୁସାରେ ମନୁଷ୍ୟ ନିଜକୁ ଯେଉଁ ବର୍ଣ୍ଣ ଓ ଆଶ୍ରମର ମନେକରେ, ସେହି ବର୍ଣ୍ଣ ଓ ଆଶ୍ରମର କର୍ମ ନିକୃଷ୍ଟ କିମ୍ବା ଦୋଷଯୁକ୍ତ ହେଲେମଧ୍ୟ ବାହାରକୁ ଉତ୍ତମ ପ୍ରତୀତ ହେଉଥିବା ପରଧର୍ମ ଜନିତ କର୍ମ ଅପେକ୍ଷା ଶ୍ରେଷ୍ଠ । କାରଣ ସ୍ୱଭାବ ନିର୍ଦ୍ଦିଷ୍ଟ କର୍ମକରି ମନୁଷ୍ୟ ପାପଭାଗୀ ହୁଏନାହିଁ । ବୈଶ୍ୟ ଓ କ୍ଷତ୍ରିୟ ଆଦିଙ୍କ ସ୍ୱଧର୍ମ ଅପେକ୍ଷା ବ୍ରାହ୍ମଣର ବିଶେଷ କର୍ମମାନ ଅହିଂସାଦି ସଦ୍-ଗୁଣ ସମ୍ପନ୍ନ ହୋଇଥାଏ । ସେହିପରି ଗୃହସ୍ଥ ଧର୍ମ ଅପେକ୍ଷା ସନ୍ନ୍ୟାସ ଆଶ୍ରମ ଧର୍ମମାନଙ୍କରେ ସଦ୍ଗୁଣର ବହୁଳତା ଦେଖିବାକୁ ମିଳେ । ଶୂଦ୍ର କର୍ମ ଅପେକ୍ଷା ବୈଶ୍ୟ ଓ କ୍ଷତ୍ରିୟର ସ୍ୱଭାବ କର୍ମ ଗୁଣଯୁକ୍ତ ଅଟେ । ଉପରୋକ୍ତ ପ୍ରକାରେ ସ୍ୱଧର୍ମରେ ଗୁଣର

ନ୍ୟୂନତା ଦେଖାଯାଉଥିଲେ ମଧ୍ୟ ତାହା ପରଧର୍ମ ଅପେକ୍ଷା ଶ୍ରେଷ୍ଠ । ପରଧର୍ମ ଅପେକ୍ଷା ଗୁଣ-ରହିତ ସ୍ୱଧର୍ମ ଶ୍ରେୟ । ସ୍ୱ-ଜନିତ ଧର୍ମ ନ୍ୟାୟ ପୂର୍ବକ ଆଚରଣ କରିବା ସମୟରେ ସେଥିରେ ଯେଉଁ ଆନୁଷଙ୍ଗିକ ହିଂସାଦି ପାପ ହୋଇଯାଏ, ସେଥିରେ ଜୀବ ଭାଗୀଦାର ହୁଏନାହିଁ । କିନ୍ତୁ ଅନ୍ୟର ଧର୍ମ ପାଳନ କରିବାବେଳେ ସେଥିରେ କର୍ମ ଜନିତ ପାପ ନ ଥିଲେ ମଧ୍ୟ ପରବୃତ୍ତି ଛେଦନ ଆଦି ପାପ ଲାଗେ । ଯେପରି ନିଜ ପତି ଦେଖିବାକୁ କୁରୂପା ଓ ଉତ୍ତମ ଗୁଣ ବିହୀନ ହୋଇଥିଲେ ମଧ୍ୟ  ସ୍ତ୍ରୀ ପାଇଁ ନିଜ ପତିର ସେବା କରିବା କଲ୍ୟାଣକର, ସେହିପରି ଯାହାପାଇଁ ଯେଉଁ କର୍ମ ବିହିତ, ତା'ପାଇଁ ତାହା ହିଁ  କଲ୍ୟାଣପ୍ରଦ । ଏଠାରେ ନିଷିଦ୍ଧ କିମ୍ବା  କାମ୍ୟ-କର୍ମ ଆଦିକୁ ସ୍ୱଧର୍ମରେ ଗଣନା କରାଯାଇନାହିଁ । ଜୀବିକା ସମ୍ବନ୍ଧୀୟ ଯେଉଁଗୁଡିକ ଶାସ୍ତ୍ର ନିଷିଦ୍ଧ ନୁହଁ, ଆପଦ କାଳରେ ସେଗୁଡିକ ସମସ୍ତଙ୍କ ପାଇଁ ସ୍ୱଧର୍ମ ବିବେଚନା କରାଯାଏ । ଯେ' କେବଳ ଶରୀର ନିର୍ବାହ ପାଇଁ କର୍ମ କରେ, ତା'କୁ ମଧ୍ୟ ପାପ ଲାଗି ନ ଥାଏ । ମନୁଷ୍ୟ ଯେଉଁ ବର୍ଣ୍ଣର ହେଉନା କାହିଁକି, କର୍ମ ଯଦି ଭଗବତ୍ ଉଦ୍ଦେଶ୍ୟରେ ହୁଏ, ତେବେ କୌଣସି କର୍ମ ଘୃଣ୍ୟ ନୁହେଁ । ଈଶ୍ୱରଭକ୍ତି, ସତ୍ୟଭାଷଣ, ଇନ୍ଦ୍ରିୟ ସଂଯମ, ବ୍ରହ୍ମଚର୍ଯ୍ୟ ପାଳନ, ମାତୃ-ପିତୃ ସେବା, ଇତ୍ୟାଦି ଦୈବି ସମ୍ପତ୍ତି ଜନିତ ସଦ୍ଗୁଣ ଓ ସଦାଚାର ପ୍ରଭୃତି ସମସ୍ତଙ୍କ ନିମନ୍ତେ ସ୍ୱଧର୍ମ । ସ୍ୱଧର୍ମ ବିହିତ କର୍ମ କରି ଜୀବର ଉଦ୍ଧାର ନିମିତ୍ତ ଭଗବାନ ମନୁଷ୍ୟ ଶରୀର ଦେଇଛନ୍ତି । ତେଣୁ ନିଜର ସ୍ୱଭାବକୁ ଶୁଦ୍ଧ କରି ନିଜର ଉଦ୍ଧାର କରିବାରେ ସମସ୍ତେ ସ୍ୱତନ୍ତ୍ର, ସବଳ, ଯୋଗ୍ୟ ଓ ସମର୍ଥ । କୌଣସି ମନୁଷ୍ୟର ସ୍ୱଭାବ ତା' ନିଜପାଇଁ କ୍ଷତିକାରକ ହୋଇନଥାଏ । ପ୍ରତ୍ୟେକ ପ୍ରାଣୀ ବା ମନୁଷ୍ୟର ନିଜସ୍ୱ ମହତ୍ତ୍ୱ ରହିଛି । ନିଜର ଧର୍ମ କଠିନ ହେଲେମଧ୍ୟ ଆଚରଣୀୟ ଏବଂ ତାହା ହିଁ ପରିଣାମରେ ଫଳଦାୟକ । ବ୍ୟକ୍ତି ତାର ନିର୍ଦ୍ଧାରିତ କର୍ମ କରିବାରେ ବନ୍ଧନରୁ ମୁକ୍ତ ପାଏ ।

ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।
ସର୍ବାରମ୍ଭା ହି ଦୋଷେଣ   ଧୁମେନାଗ୍ନିରିବାବୃତାଃ ॥୪୮॥

*ଅନ୍ୱୟ : କୌନ୍ତେୟ ( ହେ କୁନ୍ତିପୁତ୍ର !) ସ-ଦୋଷମ୍-ଅପି ( ଦୋଷଯୁକ୍ତ ହେଲେମଧ୍ୟ ) ସହଜଂ କର୍ମ ( ସ୍ୱ-ଧର୍ମ ବା ସ୍ୱଭାବ ଜାତ କର୍ମକୁ ) ନ ତ୍ୟଜେତ୍ (ତ୍ୟାଗ କରିବା ଉଚିତ ନୁହେଁ) ହି ( ଯେ ହେତୁ) ସର୍ବ-ଆରମ୍ଭାଃ (ସମସ୍ତ କର୍ମ ) ଧୂମେନ ( ଧୂଆଁ ଦ୍ୱାରା ) ଅଗ୍ନିଃ ଇବ ( ଅଗ୍ନିପରି) ଦୋଷେଣ ( କୌଣସି ନା କୌଣସି ଦୋଷଦ୍ୱାରା) ଆବୃତାଃ (ଯୁକ୍ତ ) ।*

**ଭାବାର୍ଥ** : ହେ କୌନ୍ତେୟ ! ସ୍ୱଭାବ ଜାତ କର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ତ୍ୟାଗ କରିବା ଉଚିତ ନୁହେଁ ।  କାରଣ ଅଗ୍ନି ଯେପରି ସର୍ବଦା ଧୂମ ଦ୍ୱାରା ଆଚ୍ଛାଦିତ ହୋଇଥାଏ, ସେହିପରି ସ୍ୱଧର୍ମ ହେଉ କି ପରଧର୍ମ ହେଉ, କର୍ମ ମାତ୍ରକେ ତ୍ରିଗୁଣାତ୍ମକ କାରଣରୁ କୌଣସି ନା କୌଣସି ଦୋଷ ଦ୍ୱାରା ଯୁକ୍ତ ହୋଇ ରହିଥାଏ । 'ସହ ଜାୟତେ ଇତି ସହଜଃ' –ଅର୍ଥାତ୍ ଜନ୍ମରୁ ହିଁ ଯୁକ୍ତ ରହିଥିବା କାରଣରୁ ଏହା ସହଜ କର୍ମ ।  ଜନ୍ମର ପରବର୍ତ୍ତୀ ସମୟ ପାଇଁ ଶାସ୍ତ୍ରକାର ମାନେ ଗୁଣ ଓ କର୍ମ ଅନୁଯାୟୀ ଯେଉଁ ବର୍ଣ୍ଣ ପାଇଁ ଯେଉଁ କର୍ମର ବିଧାନ କରିଛନ୍ତି ସେହି ଶାସ୍ତ୍ର ନିୟତ କର୍ମ ହେଉଛି ସହଜ କର୍ମ । ସମସ୍ତ ବର୍ଣ୍ଣାଶ୍ରମ କର୍ମରେ କିଛି ନା କିଛି ଦୋଷ ରହିଥାଏ । 'ନିର୍ଦ୍ଦୋଷଂ ହି  ସମଂ ବ୍ରହ୍ମ' -  ବ୍ରହ୍ମ ହିଁ  କେବଳ ଦୋଷଶୂନ୍ୟ । ବ୍ରାହ୍ମଣ ଯଜ୍ଞ କରିବାକୁ ହେଲେ ପଶୁ ବଧ ଭଳି ଦୋଷ ଦେଖିବାକୁ ମିଳେ ।  କ୍ଷତ୍ରିୟକୁ ଯୁଦ୍ଧ କ୍ଷେତ୍ରରେ ହିଂସା ଆଚରଣ କରିବାକୁ ହୁଏ । ବୈଶ୍ୟ ନିଜର ଲାଭକୁ ଲୁଚାଇବାକୁ ପଡେ । ଶୂଦ୍ରକୁ ସମୟେ ସମୟେ ଦୁଷ୍ଟ ପ୍ରଭୁର ସେବା କରିବାକୁ ପଡେ

। ଏ ସବୁ ଦୋଷ ସତ୍ତ୍ୱେ ବ୍ୟକ୍ତିକୁ ତା'ର ନିର୍ଦ୍ଦିଷ୍ଟ କର୍ମକୁ ତ୍ୟାଗ କରିବାକୁ ହେବନାହିଁ । ଏଥି ନିମନ୍ତେ ପରମେଶ୍ୱରଙ୍କ ପୂଜା ମନୋଭାବ ରଖି ନିଜର ସ୍ୱଧର୍ମ ପାଳନ କରିବା ମନୁଷ୍ୟ ପକ୍ଷେ କଲ୍ୟାଣକାରକ । ଧୂଆଁ ଅଗ୍ନି ସାଥିରେ ହିଁ ଉତ୍ପନ୍ନ ହୋଇଥାଏ । ଯଦିଓ ଅଗ୍ନି ବିଶୁଦ୍ଧ, ତଥାପି ଅଗ୍ନି ଉତ୍ପନ୍ନରେ ଧୂଆଁର ଉପସ୍ଥିତି ଅନିବାର୍ଯ୍ୟ । କିନ୍ତୁ ଧୂଆଁର ତାପ ପ୍ରଦାନ କରିବାର ଶକ୍ତି ନଥାଏ କି, ପ୍ରକାଶ କରିବାର କ୍ଷମତା ନଥାଏ । ଧୂଆଁ ମଧ୍ୟ ଅଗ୍ନିକୁ ଦୂଷିତ କରିପାରି ନଥାଏ । ଧୂଆଁ କେବଳ ଏକ ଦୋଷ ରୂପେ ଆବରଣ ହୋଇ ରହିଥାଏ । ଅଗ୍ନି ପ୍ରଜ୍ୱଳିତ ଅନନ୍ତର ଧୂଆଁ ନିବୃତ୍ତ ହୋଇଯାଏ । ଏହି ପ୍ରକାରେ ଅଗ୍ନିରେ ଧୂମ୍ର ସଂଯୁକ୍ତ ହୋଇଥିଲେ ମଧ୍ୟ ତାହା ବିଶୁଦ୍ଧତମ ବସ୍ତୁ ରୂପେ ଗୃହିତ ହୁଏ । ପ୍ରତ୍ୟେକ ସାତ୍ତ୍ୱିକ କାର୍ଯ୍ୟର ପ୍ରାରମ୍ଭରେ ଶାରୀରିକ କଷ୍ଟ ଆଦି ଦୋଷ ଅବଶ୍ୟ ରହେ । ଯେପରି ଧୂଆଁକୁ ଆଡେଇ ଅନ୍ଧକାର ଓ ଶୀତ ଆଦି ନାଶ ନିମନ୍ତେ ଅଗ୍ନିର ତାପ ଓ ପ୍ରକାଶକୁ ସେବନ କରାଯାଏ, ସେହିପରି କର୍ମର ଦୋଷ ଅଂଶକୁ ପରିତ୍ୟାଗ କରି ସତ୍ତ୍ୱ ସଂଶୁଦ୍ଧି ନିମନ୍ତେ ତାହାର ଗୁଣ ଅଂଶର ଆଶ୍ରୟ ଗ୍ରହଣ କରାଯିବା ଉଚିତ । କାର୍ଯ୍ୟର ଉତ୍ତମ ଫଳ ପ୍ରାପ୍ତ ହେଲାପରେ ସେହି ଦୋଷ ନଗଣ୍ୟ ମନେ ହୁଏ । ଯେଉଁ ପର୍ଯ୍ୟନ୍ତ ଆତ୍ମସ୍ଥିତି ପ୍ରାପ୍ତ ହୋଇ ନାହିଁ, ସେ ପର୍ଯ୍ୟନ୍ତ କର୍ମରେ ଦୋଷ ପ୍ରତୀୟମାନ ହେଉଥିବ । ଦୋଷର ଅନ୍ତ ସେହିଠାରେ ହେବ ଯେତେବେଳେ ଆତ୍ମଜ୍ଞାନ ଉପରୁ ଅବିଦ୍ୟାର ଆବରଣ ହଟିଯିବ ଏବଂ କର୍ମ ମଧ୍ୟ ସେହିଠାରେ ବ୍ରହ୍ମରେ ପ୍ରବେଶ ସହିତ ବିଲୟ ହୋଇଯିବ । ଅଗ୍ନି ଓ ଧୂଆଁର ଉଦାହରଣ ବ୍ୟକ୍ତ କରି ଭଗବାନ କହୁଛନ୍ତି କି, ଯେଉଁ ସ୍ୱଭାବ କର୍ମରେ ସାଧାରଣତଃ ହିଂସାଦି ଦୋଷମାନଙ୍କର ମିଶ୍ରଣ ଦେଖାଯାଏ, ସେଗୁଡିକ ଶାସ୍ତ୍ର ବିହିତ ଓ ନ୍ୟାୟୋଚିତ ହୋଇଥିବାରୁ ଦୋଷଯୁକ୍ତ ଦେଖାଯାଉଥିଲେ ମଧ୍ୟ ବାସ୍ତବରେ ଦୋଷଯୁକ୍ତ ନୁହଁ । ଏହାଦ୍ୱାରା ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି କି, ହେ ଅର୍ଜୁନ ! ଯେଉଁ ଯୁଦ୍ଧ ରୂପକ କ୍ରିୟାକୁ ତୁମେ ଘୋର ଓ ଦୋଷଯୁକ୍ତ ବୋଲି ମନେ କରୁଛ, ତାହା ତୁମର ସହଜ କର୍ମ । ନ୍ୟାୟ ରୂପକ ଯୁଦ୍ଧରେ ଲଢିବା କ୍ଷତ୍ରିୟର ଧର୍ମ । ଏହା ଛଡା କ୍ଷତ୍ରିୟ ପାଇଁ ଅନ୍ୟ କୌଣସି ଶ୍ରେୟର ସାଧନ ନାହିଁ । ଭଗବତ ସେବା ଉଦ୍ଦେଶ୍ୟରେ କରାଯାଉଥିବା କର୍ମ ଦୋଷଯୁକ୍ତ ଭଳି ପ୍ରତୀତ ହେଲେମଧ୍ୟ ତାହା ବିଶୁଦ୍ଧ ଏବଂ ତା'ର ଫଳ ମଧ୍ୟ ବିଶୁଦ୍ଧ । ଜଗତ କଲ୍ୟାଣ କୁ ଗୀତାରେ ପ୍ରମୁଖ ସ୍ଥାନ ଦିଆଯାଇଛି । କର୍ମ ପରିତ୍ୟାଗ ନୁହଁ, ବରଂ ଫଳାସକ୍ତି ତ୍ୟାଗ କରି ସ୍ୱଧର୍ମ ରୂପ କର୍ମ ନିଷ୍କାମ ଭାବରେ କରିବା ନିମନ୍ତେ ଭଗବାନ ବହୁବାର କହିଛନ୍ତି ।

ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।
ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସନ୍ନ୍ୟାସେନାଧିଗଚ୍ଛତି ॥୪୯॥

*ଅନ୍ୱୟ : ସର୍ବତ୍ର (ସମସ୍ତ ପ୍ରାକୃତ ବସ୍ତୁ ସମୂହରେ ) ଅସକ୍ତବୁଦ୍ଧିଃ ( ଅନାସକ୍ତ ବୁଦ୍ଧି ସମ୍ପନ୍ନ ) ଜିତାତ୍ମା (ବଶୀଭୂତ ଚିତ୍ତ – ଅନ୍ତଃକରଣ ଜୟକାରୀ) ବିଗତ ସ୍ପୃହ (ସ୍ପୃହାଶୂନ୍ୟ ବ୍ୟକ୍ତି) ସନ୍ନ୍ୟାସେନ (ସ୍ୱରୂପତଃ କର୍ମତ୍ୟାଗ ଦ୍ୱାରା- ସାଙ୍ଖ୍ୟ ଯୋଗ ଦ୍ୱାରା) ପରମାଂ ( ସେହି ପରମ ) ନୈଷ୍କର୍ମ୍ୟସିଦ୍ଧିମ୍ ( ବ୍ରହ୍ମସ୍ୱରୂପ ସ୍ଥିତି ତଥା କର୍ମବନ୍ଧନ କ୍ଷୟ ରୂପକ ପରମ ସିଦ୍ଧିକୁ ) ଅଧିଗଚ୍ଛତି ( ପ୍ରାପ୍ତ ହୁଅନ୍ତି ) ।*

ଭାବାର୍ଥ : ଦୋଷ ଯୁକ୍ତ ସତ୍ତ୍ୱେ ନିୟତ ତଥା ନିଷ୍ଠାର ସହ କର୍ତ୍ତବ୍ୟ କର୍ମ କରିବାରେ ଏବଂ ସାଙ୍ଖ୍ୟ ସାଧନର ସମନ୍ୱୟରେ କି ପ୍ରକାର ଫଳ ପ୍ରାପ୍ତ ହୋଇଥାଏ, ତାହା ଏହି ଶ୍ଳୋକରେ ଭଗବାନ ପ୍ରତିପାଦିତ କରିଛନ୍ତି । କର୍ମ କରିବା ସମୟରେ ବୁଦ୍ଧିରେ ଯଦି ଆସକ୍ତି ନରହେ, ଫଳରେ ଆକାଙ୍କ୍ଷା ନଥାଏ, ପୁତ୍ର, ସ୍ତ୍ରୀ ଆଦିରେ

ମମତ୍ୱ ହଟି ଅନ୍ତଃକରଣ ନିର୍ବିକାର ହୁଏ, ଦେହ ଭୋଗର ତୃଷ୍ଣା ଶାନ୍ତ ହୋଇଯାଏ, ଚିତ୍ତ ଅନ୍ତର୍ମୁଖୀ ହୋଇ ପରମାତ୍ମାଙ୍କ ଆଡକୁ ଚାଲିଯାଏ - ଏହି ସ୍ଥିତିରେ କର୍ମ ନ୍ୟାସ ଦ୍ୱାରା ପୁରୁଷର ପରମ ସିଦ୍ଧି ପ୍ରାପ୍ତ ହୁଏ । କର୍ମର ଦୁଇଟି ମୁଖ୍ୟ ଦୋଷ ହେଲା, ଦେହାଭିମାନ କାରଣରୁ କର୍ତ୍ତାପନ ଏବଂ କର୍ମ ଓ କର୍ମଫଳ ପ୍ରତି ଆସକ୍ତ ହେତୁ ଭୋକ୍ତାପନ ଭାବ । ଏହି ଦୋଷକୁ ପରିତ୍ୟାଗ କରି କର୍ମ କରି ଚାଲିବାରେ ଅନ୍ତଃକରଣ ଶୁଦ୍ଧହୋଇ ଚିତ୍ତ ବିବେକ ଓ ବୈରାଗ୍ୟରେ ପରିପୂର୍ଣ୍ଣ ହୋଇଯାଏ । ପରିପୂର୍ଣ୍ଣତା ଲାଭ କରିବାପରେ ମନୁଷ୍ୟର ଆସକ୍ତି ଦୁର୍ବଳ ହୋଇଯାଏ ଏବଂ ତାକୁ ବିଷୟ ବାସନା ଧରି ରଖିପାରେ ନାହିଁ । ତାହା ହେଉଛି ସନ୍ନ୍ୟାସ ଧର୍ମର ପ୍ରଥମ ଅବସ୍ଥା । ଏହି ଅବସ୍ଥାରେ ଏହି ବ୍ୟକ୍ତିକୁ ସଦ୍-ଗୁରୁଙ୍କ ଦର୍ଶନ ସହଜରେ ମିଳିଥାଏ । ଗୁରୁକୃପା ବଳରେ ଆତ୍ମଜ୍ଞାନ ପ୍ରାପ୍ତହୋଇ ଅବିଦ୍ୟା ନାଶ ହୋଇଯାଏ ଓ କର୍ମ ନିବୃତ୍ତି ଘଟିଥାଏ । କାଳକ୍ରମେ ଯେବେ ସନ୍ନ୍ୟାସ ସାଧନ ପରିପକ୍ୱ ହୋଇଯାଏ, ସାଧକ ଯୋଗାରୂଢ ସ୍ଥିତିକୁ ପ୍ରାପ୍ତ କରି କର୍ମକୁ ସ୍ୱରୂପତଃ ମଧ ପରିତ୍ୟାଗ କରିଦିଏ । ଅର୍ଥାତ୍ ତା'ରି ନିମନ୍ତେ ଆଉ କୌଣସି କର୍ମର ପ୍ରୟୋଜନ ରହେନାହିଁ । ଏ ପ୍ରକାର ମାନସିକ ଅବସ୍ଥାକୁ 'ଯୋଗାରୂଢ' ଅବସ୍ଥା ଅର୍ଥାତ୍ ଯୋଗର ଅନ୍ତିମ ଅବସ୍ଥା ବୋଲି କୁହାଯାଏ । ସ୍ତ୍ରୀ, ପୁତ୍ର, ଦେହ, ତଥା ଧନସମ୍ପଦ, ପଦାର୍ଥ ଆଦି ବିନାଶଶୀଳ ଭୋଗ୍ୟ ବସ୍ତୁର ଇଷ୍ଟ କିମ୍ବା ଅନିଷ୍ଟ କେଉଁଥିରେ ବି ଯେଉଁ ବୁଦ୍ଧି ଲିପ୍ତ ରୁହେ ନାହିଁ କି, କୌଣସି ମତେ ପ୍ରଭାବିତ ହୁଏ ନାହିଁ ତା'ହା ହେଉଛି '**ଅସକ୍ତ**' ବୁଦ୍ଧି । ଯେ ଶରୀର ଉପରେ ବିଜୟୀ ହୋଇଛନ୍ତି ଏବଂ ଯାହାର ଇନ୍ଦ୍ରିୟମାନେ ସମ୍ପୂର୍ଣ୍ଣ ରୂପେ ବଶୀଭୂତ ସେ '**ଜିତାତ୍ମା**'ର ଅଧିକାରୀ । ଯାହାର ବ୍ରହ୍ମଲୋକ ପ୍ରାପ୍ତ ସୁଖ ପ୍ରତି ମଧ ମନରେ ଲେଶମାତ୍ର ଆବେଗତା ନଥାଏ ଏବଂ ସମସ୍ତ କାର୍ଯ୍ୟ ପରମ ପୁରୁଷ ସର୍ବ ନିୟନ୍ତା ପରମେଶ୍ୱରଙ୍କ ଇଚ୍ଛାରେ ହିଁ ହୁଏ- ଏହି ଭାବ ନିରନ୍ତର ରହେ, ତାହା ହେଉଛି '**ବିଗତସ୍ପୃହ**' । ଯେ ଉପରୋକ୍ତ ତିନିଗୁଣରେ ସମ୍ପନ୍ନ ହୁଅନ୍ତି, ସେହି ମନୁଷ୍ୟ ସାଙ୍ଖ୍ୟଯୋଗ ଦ୍ୱାରା ପରମାତ୍ମାଙ୍କର ଯଥାର୍ଥ ଜ୍ଞାନ ପାଇପାରନ୍ତି । ଶ୍ରୀଶଙ୍କରାଚାର୍ଯ୍ୟ କହିଛନ୍ତି କି, ଏହି ପ୍ରକାର ମାନସିକ ସ୍ଥିତିରେ ଯୋଗାରୂଢ ପୁରୁଷ ସମ୍ୟକ ଦର୍ଶନ କରିଥାଏ । ସମ୍ୟକ ଦର୍ଶନ ହିଁ ସନ୍ନ୍ୟାସ । ସେହି ସମ୍ୟକ ଦର୍ଶନରେ ପରମ ସିଦ୍ଧି ପ୍ରାପ୍ତି ହୁଏ । କର୍ମ ଥିବା ପର୍ଯ୍ୟନ୍ତ ତା'ର ଶୁଭାଶୁଭ ଫଳ ଭୋଗ ଅବଶ୍ୟ ରହେ । କର୍ମର ଅଭାବ ହୋଇ ଯିବାର ନାମ 'ନୈଷ୍କର୍ମ୍ୟ' । କର୍ମକୁ ତ୍ୟାଗ କରିଦେବାରେ ତା'ର ଫଳ ଭୋଗ ପ୍ରସଙ୍ଗ ରହିବ ନାହିଁ । ବ୍ରହ୍ମ ସ୍ୱରୂପରେ କ୍ରିୟାର ନିତାନ୍ତ ଅଭାବ ହେଉଛି ନିଷ୍କର୍ମ । କର୍ମାନୁଷ୍ଠାନରେ ସିଦ୍ଧି ପ୍ରାପ୍ତ ହୁଏ, କିନ୍ତୁ ତାହା ପରମ ସିଦ୍ଧି ନୁହେଁ । ପରନ୍ତୁ କର୍ମ ଓ କର୍ମଫଳରୁ କର୍ତ୍ତାପନ ଓ ଭୋକ୍ତାପନ ସମ୍ପୂର୍ଣ୍ଣ ପରିତ୍ୟାଗରେ ପରମସିଦ୍ଧି ବା ମୁକ୍ତି ପ୍ରାପ୍ତ ହୁଏ । ଅସଲରେ ସିଦ୍ଧି ଯେବେ ପରମ ସ୍ଥିତିରେ ପହଞ୍ଚିଥାଏ, ତାହାର ନାମ 'ନୈଷ୍କାର୍ମ୍ୟ ସିଦ୍ଧି' । କର୍ମଯୋଗ ଦ୍ୱାରା ଯେବେ ଅନ୍ତଃକରଣ ଶୁଦ୍ଧ ହୋଇ ଜୀବନରେ ଅକର୍ତ୍ତୃତ୍ୱ ଓ ଅଭୋକ୍ତୃତ୍ୱ ଆସିଯିବ, ତେବେ ଯାଇ ନୈଷ୍କର୍ମ୍ୟ ସିଦ୍ଧି ଅର୍ଥାତ୍ କର୍ମବନ୍ଧନ କ୍ଷୟ ସିଦ୍ଧି ପ୍ରାପ୍ତି ହେବ । କର୍ମ ଯୋଗ ହେଉଛି ପୂର୍ବାବସ୍ଥା ଏବଂ ସନ୍ନ୍ୟାସ ହେଉଛି ଉତ୍ତରାବସ୍ଥା । ଯାହା ପ୍ରାପ୍ତ ହେଲେ ଆଉ କିଛି ପ୍ରାପ୍ୟବସ୍ତୁ ଅପ୍ରାପ୍ତ ହୋଇ ରହି ନଥାଏ । ନୈଷ୍କର୍ମ୍ୟ ସିଦ୍ଧି ହେଉଛି ତାହା, ଯେଉଁଠାରେ କର୍ତ୍ତା, କର୍ମ, କର୍ମଫଳ ଓ କରଣାଦିର ତିଳେମାତ୍ର ସଂଯୋଗ ରହେନାହିଁ । ବେଦାନ୍ତୀଙ୍କ ମତରେ ଏହି ସ୍ଥିତି ହେଉଛି ସଦ୍ୟମୁକ୍ତି ବା କୈବଲ୍ୟମୋକ୍ଷ ସ୍ଥିତି ।

ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ ।
ସମାସେନୈବ କୌନ୍ତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା ॥୫୦॥

*ଅନ୍ୱୟ : କୌନ୍ତେୟ ( ହେ କୁନ୍ତୀପୁତ୍ର !) ସିଦ୍ଧିଂ ପ୍ରାପ୍ତଃ ( ସିଦ୍ଧି ଅର୍ଥାତ୍ ଅନ୍ତଃକରଣ ଶୁଦ୍ଧିଯୁକ୍ତ ସାଧକ) ଯଥା (ଯେଉଁ ପ୍ରକାରେ) ଜ୍ଞାନସ୍ୟ ( ଜ୍ଞାନର) ଯା ପରାନିଷ୍ଠା ( ଯୋ ସର୍ବୋଚ୍ଚ ସ୍ଥିତି ) ବ୍ରହ୍ମ-ଆପ୍ନୋତି ( ବ୍ରହ୍ମଭାବକୁ ପ୍ରାପ୍ତ ହୁଅନ୍ତି ) ତଥା (ତାହା ଅର୍ଥାତ୍ ସେହି ଜ୍ଞାନ ନିଷ୍ଠାକ୍ରମ ) ସମାସେନ ଏବ (ସଂକ୍ଷେପରେ ହିଁ) ମେ (ମୋ'ଠାରୁ) ନିବୋଧ ( ଶୁଣ ) ।*

**ଭାବାର୍ଥ** : ହେ କୌନ୍ତେୟ ! ଅନ୍ତଃକରଣ ଶୁଦ୍ଧିଯୁକ୍ତ ସାଧକ ଯେଉଁ ଉପାୟରେ ଜ୍ଞାନର ପରମ ପ୍ରତିଷ୍ଠା ରୂପ ବ୍ରହ୍ମଭାବକୁ ପ୍ରାପ୍ତ କରେ, ତାହା ମୋ'ଠାରୁ ସଂକ୍ଷେପରେ ଶୁଣିନିଅ । ଏଠାରେ 'ସିଦ୍ଧିମ୍' ଶବ୍ଦର ତାତ୍ପର୍ଯ୍ୟ ହେଲା; ସାଧନ ରୂପକ କର୍ମଯୋଗ ଦ୍ୱାରା ପ୍ରାପ୍ତ ଅନ୍ତଃକରଣର ପୂର୍ଣ୍ଣ ସିଦ୍ଧି । ଯାହାର ଅନ୍ତଃକରଣରେ କିଞ୍ଚିତ୍ ମାତ୍ର କୌଣସି ପ୍ରକାର କାମନା, ମମତ୍ୱ ଓ ଆସକ୍ତି ନଥାଏ, ସେହି ସାଧକ ହିଁ ବ୍ରହ୍ମକୁ ପ୍ରାପ୍ତ ହୁଏ । ଏହି ସିଦ୍ଧି ପ୍ରାପ୍ତ ସାଧକ ନିଜ ସଂସ୍କାର ଅନୁସାରେ ଜ୍ଞାନମାର୍ଗ ଅଥବା ଭକ୍ତି ମାର୍ଗ ଅନୁସରଣ କରି ସେହି ଅଦ୍ୱୈତ ବ୍ରହ୍ମର ସନ୍ଧାନ କରିଥାଏ । ସାଧନ ରୂପେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତି ଯୋଗ ଭିନ୍ନ ଭିନ୍ନ ହେଲେ ବି ସାଧ୍ୟ ରୂପରେ ଏକ । ବ୍ରହ୍ମଭାବ ପ୍ରାପ୍ତିକୁ ଭଗବାନ ଜ୍ଞାନର ଶୀର୍ଷତମ ଅବସ୍ଥା ବା ପରମ ସ୍ଥିତି ବୋଲି କହିଛନ୍ତି । ଶ୍ରୀ ଶଙ୍କରାଚାର୍ଯ୍ୟ 'ନିଷ୍ଠା' ଶବ୍ଦର ଅର୍ଥ କହିଛନ୍ତି କି, ଯେଉଁଠାରେ ଜ୍ଞାନର ପରି ସମାପ୍ତି ଘଟିଥାଏ । ବ୍ରହ୍ମଭାବ ପ୍ରାପ୍ତ ଅନନ୍ତର କିଛି ବି ଜ୍ଞାତବ୍ୟ ଅବଶିଷ୍ଟ ରହେନାହିଁ । ଜ୍ଞାନ ଯୋଗର ସାଧନା ସମୁଦାୟ ହେଲା ଜ୍ଞାନନିଷ୍ଠା ଏବଂ ତା'ର ଫଳ ରୂପକ ତତ୍ତ୍ୱଜ୍ଞାନକୁ ଜ୍ଞାନର ପରାନିଷ୍ଠା ଭାବେ ଅଭିହିତ କରାଯାଇଛି । ଜ୍ଞାନର ପରନିଷ୍ଠା ହେଉଛି ସେହି ସିଦ୍ଧି ଯାହା ଫଳରେ ଜୀବ ଆତ୍ମସାକ୍ଷାତ ଲାଭକରି ପରମ ପୁରୁଷ ପରମାତ୍ମା ସହିତ ଅନନ୍ୟ ହୋଇଯାଏ । ବିଶୁଦ୍ଧ ଭଗବତ ଚେତନା ହିଁ ଜ୍ଞାନର ଅନ୍ତିମ ସ୍ଥିତି । ଏହି ସ୍ଥିତିରେ ତୀବ୍ର ବୈରାଗ୍ୟ ସଙ୍ଗେ ସଙ୍ଗେ ସଦ୍-ଗୁରୁ କୃପାବଳରେ ଅନ୍ତର ଭିତରେ ବିବେକର ଅଙ୍କୁରୋଦ୍ଗମ ହେବାରେ ବ୍ରହ୍ମ ସହିତ ବ୍ରହ୍ମ ସ୍ୱରୂପ ହୋଇ ରହିବା ସମ୍ଭବ ହୁଏ । ବ୍ରହ୍ମତତ୍ତ୍ୱ ସାକ୍ଷାତ୍କାର ହେଉଛି ଜ୍ଞାନର ସବୁଠାରୁ ଉତ୍କୃଷ୍ଟ ନିଷ୍ଠା ଯାହା ଆତ୍ମ ବ୍ରହ୍ମର ଅଭେଦ ଦର୍ଶନ । "**ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା ଜୀବୋ ବ୍ରହ୍ମୈବ ନା ପରଃ**"-ଏହି ତତ୍ତ୍ୱର ଅନୁଭବତା ସାଙ୍ଖ୍ୟଯୋଗୀର ସର୍ବୋଚ୍ଚ ସ୍ଥିତି, ଯାହାର ଉପରାନ୍ତ ଅନ୍ୟ କିଛି ନାହିଁ । ଶ୍ରୀବଲ୍ଲଭାଚାର୍ଯ୍ୟଙ୍କ ବ୍ୟାଖ୍ୟାରେ କୁହାଯାଇଛି କି, ଜ୍ଞାନର ଯୋ ପରମ ସିଦ୍ଧି, ତାହାକୁ ପ୍ରାପ୍ତ କରିବାରେ ଜୀବିତ ଅବସ୍ଥାରେ ହିଁ ଯେଉଁ ପ୍ରକ୍ରିୟାରେ ଜୀବ ଅକ୍ଷରବ୍ରହ୍ମକୁ ପ୍ରାପ୍ତ ହୁଏ, ତାହା ଭଗବାନ ଅର୍ଜୁନକୁ ଆଗ ଶ୍ଳୋକରେ କହିଛନ୍ତି ।

ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।
ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ॥୫୧॥
ବିବିକ୍ତସେବୀ ଲଘ୍ୱାଶୀ ଯତ୍ ବାକ୍ କାୟ ମାନସଃ ।
ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟମ୍ ସମୁପାଶ୍ରିତଃ ॥୫୨॥
ଅହଂକାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।
ବିମୁଚ୍ୟ ନିର୍ମମୋ ଶାନ୍ତଃ ବ୍ରହ୍ମଭୂୟାୟ କଳ୍ପତେ ॥୫୩॥

*ଅନ୍ୱୟ : ବିଶୁଦ୍ଧୟା ବୁଦ୍ଧ୍ୟା (ବିଶୁଦ୍ଧ ବୁଦ୍ଧିରେ ଅର୍ଥାତ୍ ସାତ୍ତ୍ୱିକୀ ବୁଦ୍ଧିରେ) ଯୁକ୍ତଃ (ଯୁକ୍ତ ହୋଇ ) ଧୃତ୍ୟା ଧୈର୍ଯ୍ୟପୂର୍ବକ ) ଆତ୍ମାନଂ ନିୟମ୍ୟ (ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରି ) ଚ (ଓ) ଶବ୍ଦ-ଆଦୀନ୍ ଚ (ଏବଂ ରୂପ, ସ୍ପର୍ଶ, ଶବ୍ଦ ଆଦି ) ବିଷୟାନ୍ (ବିଷୟ ଭୋଗ) ତ୍ୟକ୍ତ୍ୱା (ତ୍ୟାଗ କରି) ରାଗଦ୍ୱେଷୌ ଚ ବ୍ୟୁଦସ୍ୟ (ଏବଂ ରାଗ-ଦ୍ୱେଷ ପରିତ୍ୟାଗ କରି ) ବିବିକ୍ତସେବୀ (ନିର୍ଜନ ଓ ଏକାନ୍ତବାସୀ ) ଲଘୁ-ଆଶୀ ( ମିତାହାରୀ) ଯତ୍- ବାକ୍-କାୟ-ମାନସଃ (ଶରୀର-ବାଣୀ-ମନକୁ ବଶୀଭୂତ କରି) ନିତ୍ୟଂ (ନିରନ୍ତର) ଧ୍ୟାନ-ଯୋଗ ପରଃ (ଧ୍ୟାନଯୋଗ ପରାୟଣ ହୋଇ) ବୈରାଗ୍ୟମ୍ ସମୁପାଶ୍ରିତଃ (ବୈରାଗ୍ୟ ଅବଲମ୍ବନ କରି) ଅହଂକାରଂ (ମିଥ୍ୟା ଅହଂକାର-ଦେହର ଅସ୍ମିତା) ବଳଂ (ପାଶବିକ ବଳ) ଦର୍ପଂ (ଗର୍ବ) କାମଂ( ବିଷୟଭୋଗ କାମନା) କ୍ରୋଧଂ (ପ୍ରତିଶୋଧ ପରାୟଣ ଜନିତ ଉତ୍ତେଜନା) ପରିଗ୍ରହମ୍ (ଭୋଗ ଦ୍ରବ୍ୟାଦି ଦାନ ବା ଉପହାର ରୂପେ ଗ୍ରହଣ) ବିମୁଚ୍ୟ (ପ୍ରଭୃତି ତ୍ୟାଗକରି) ନିର୍ମମଃ (ମମତ୍ୱ ରହିତ) ଶାନ୍ତଃ (ପ୍ରଶାନ୍ତ ଚିତ୍ତ ଯୁକ୍ତ ସାଧକ) ବ୍ରହ୍ମଭୂୟାୟ (ବ୍ରହ୍ମଭାବ ପ୍ରାପ୍ତ ନିମିତ୍ତ ) କଳ୍ପତେ (ଯୋଗ୍ୟ ହୋଇଥାନ୍ତି ) ।*

**ଭାବାର୍ଥ** : ବିଶୁଦ୍ଧ ବୁଦ୍ଧିରେ ଯୁକ୍ତ ହୋଇଥିବା, ସରଳ-ସାତ୍ତ୍ୱିକ-ନିୟମିତ ଆହାର କରୁଥିବା, ଶବ୍ଦ, ସ୍ପର୍ଶ ଆଦି ବିଷୟ ଭୋଗ ତ୍ୟାଗକରି ଏକାନ୍ତ ଓ ପବିତ୍ର ସ୍ଥାନରେ ନିବାସ କରୁଥିବା, ସାତ୍ତ୍ୱିକ ଧୈର୍ଯ୍ୟଶକ୍ତି ଦ୍ୱାରା ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କୁ ସଂଯମ କରି ମନ, ବାଣୀ ଏବଂ ଶରୀରକୁ ବଶରେ ରଖିଥିବା, ରାଗ-ଦ୍ୱେଷକୁ ସର୍ବଥା ନଷ୍ଟକରି ଦୃଢ ବୈରାଗ୍ୟର ଆଶ୍ରୟ ନେଇଥିବା ତଥା ଅହଂକାର, ବଳ, ଗର୍ବ, କାମ, କ୍ରୋଧ ଓ ପରିଗ୍ରହ ତ୍ୟାଗ କରି ନିରନ୍ତର ଧ୍ୟାନଯୋଗରେ ପରାୟଣ ହୋଇ ରହୁଥିବା ମମତ୍ୱରହିତ ଓ ପ୍ରଶାନ୍ତଚିତ୍ତ ସାଧକ, ପରବ୍ରହ୍ମ ପରମାତ୍ମା ସହିତ ଐକ୍ୟଭାବ ଅର୍ଥାତ୍ ଅଭିନ୍ନ ଭାବେ ଅବସ୍ଥାନର ଯୋଗ୍ୟ ହୋଇଥାନ୍ତି ।

**ବିଶୁଦ୍ଧ ବୁଦ୍ଧି** : କାମ, କ୍ରୋଧ, ଲୋଭ, ମୋହ, ଦମ୍ଭ, ଗର୍ବ, ଦେହାଭିମାନ, ସନ୍ଦେହ ଓ ଭ୍ରମ ବୋଧରୁ ମୁକ୍ତ ବୁଦ୍ଧି ହେଉଛି ସତ୍ତ୍ୱ ବା ଶୁଦ୍ଧ-ବୁଦ୍ଧି । ଶୁଦ୍ଧ-ବୁଦ୍ଧି ସ୍ୱୟଂ ବ୍ରହ୍ମ ସମାନ । ଶୁଦ୍ଧ ବୁଦ୍ଧି ଅତି ସହଜରେ ବ୍ରହ୍ମରେ ଲୀନ ହୁଏ । ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ- ଏସବୁ ବୁଦ୍ଧିର ସାତ୍ତ୍ୱିକ ରୂପ । ଶୁଦ୍ଧବୁଦ୍ଧି ଦ୍ୱୈତଭାବ ତ୍ୟାଗକରି ଆତ୍ମ ଚିନ୍ତନରେ ମଗ୍ନରହେ । **ଧୃତି ବା ଧାରଣଶକ୍ତି** : ସାଧକ ଧୈର୍ଯ୍ୟଶକ୍ତି ଦ୍ୱାରା ଇନ୍ଦ୍ରିୟକୁ ଶୋଧନ କରିଥାଏ । ଭୌତିକ ବାଧା-ବିଘ୍ନ ସତ୍ତ୍ୱେ ସାଧନ ମାର୍ଗରୁ ବିଚ୍ୟୁତ ନ ହେବା ହେଉଛି ଦୃଢ ସାତ୍ତ୍ୱିକ ଧୃତି । **ମନର ସଂଯମତା** : ମନଦ୍ୱାରା ପୂର୍ବାନୁଭୂତ ଭୋଗର ସ୍ମରଣ ଦ୍ୱାରା ସାଧକର ଆନ୍ତରିକ ସମତା ଓ ପ୍ରଶାନ୍ତ ସ୍ଥିତି ନଷ୍ଟ ହୁଏ । ମନ ହେଉଛି ବୃତ୍ତିର ପ୍ରବାହ । ମନ କଦାପି ଆଲମ୍ବଶୂନ୍ୟ ହୋଇ ରହିପାରିବ ନାହିଁ । ମନର ବିଷୟାମୁଖୀ ପ୍ରବୃତ୍ତିକୁ ଅବରୋଧ କରିବାର ଏକମାତ୍ର ଉପାୟ ହେଉଛି ଯୋଗାଭ୍ୟାସ ସହିତ ବୈରାଗ୍ୟତା । ଇନ୍ଦ୍ରିୟମାନଙ୍କ ବହିର୍ଗମନ ପ୍ରବୃତ୍ତି ସମ୍ପୂର୍ଣ୍ଣ ଦମିତ ହୋଇଗଲେ ମନ କ୍ରମଶଃ ଆତ୍ମସ୍ଥିତ ହୋଇଯାଏ । **ଶବ୍ଦାଦି ବିଷୟଭୋଗ ତ୍ୟାଗ**: ଇନ୍ଦ୍ରିୟ ନିରୋଧ ଦ୍ୱାରା ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ଆଦି ବିଷୟଭୋଗରୁ ମନକୁ ହଟାଇନେଇ ଆତ୍ମ ଚିନ୍ତନ ଅଭ୍ୟାସରେ ଇନ୍ଦ୍ରିୟ ଗୁଡିକ ନିଷ୍କ୍ରିୟ ହୋଇଥାନ୍ତି । ବିବେକ ଦ୍ୱାରା ଭୌତିକ ସୁଖ କ୍ଷଣଭଙ୍ଗୁର ବିଚାରରେ ଅନ୍ତଃକରଣରେ ଭୋଗ ଲାଳସା ପ୍ରତି ଆସକ୍ତି କ୍ରମଶଃ ନଷ୍ଟହୋଇ ବୈରାଗ୍ୟ ଜାତ ହୁଏ । **ରାଗ-ଦ୍ୱେଷ ରହିତ** : ଅନାସକ୍ତ ଏବଂ ଶୁଦ୍ଧ ପ୍ରେମ ଦ୍ୱାରା ରାଗ-ଦ୍ୱେଷ ଉପରେ ବିଜୟ ପ୍ରାପ୍ତ ହୁଏ । ସରଳ ଜୀବନ ଧାରଣ ନିମିତ୍ତ କେତେକ ଅତ୍ୟାବଶ୍ୟକୀୟ ବସ୍ତୁକୁ ଛାଡିଦେଲେ ସାଧକର ଅନ୍ୟ କୌଣସି ଭୋଗ ବିଳାସ ବିଷୟ ପ୍ରତି ରାଗ-ଦ୍ୱେଷ ରହି ନଥାଏ । ରାଗ-ଦ୍ୱେଷ ରହିତ ହେବାରେ ଅନ୍ତଃକରଣରେ ଅହଂକାର, ଦମ୍ଭ, ମିଥ୍ୟାଗର୍ବ ପ୍ରଭୃତି ବିକାର ନାଶ ହୁଏ । **ବିବିକ୍ତସେବୀ** : ମୁମୁକ୍ଷୁ ଲକ୍ଷ୍ୟ ସାଧନ ନିମନ୍ତେ ମୁକ୍ତ ବାୟୁ ଚଳାଚଳ କରୁଥିବା ଶୁଦ୍ଧ ପରିବେଶ, ଜନାକୀର୍ଣ୍ଣ ଶୁଦ୍ଧ ପବିତ୍ର ସ୍ଥାନ, ନଦୀତଟ, ବନ ଓ ପର୍ବତଗୁମ୍ଫା

ଆଦି ଯାହା ସ୍ୱଭାବତଃ ଏକାନ୍ତ ହୋଇଥାଏ, ସେହି ସ୍ଥାନରେ ନିବାସ କରିବା ଦ୍ୱାରା ସାଧନାରେ ଅଗ୍ରଗତି ହୁଏ । **ଲଘ୍ୱାସୀ**: ଆହାର ଯାହା ଶରୀର ନିମିତ୍ତ ଅନୁକୂଳ, ଅଧିକ ପରିମାଣର ନୁହଁ କି କମ୍ ନୁହଁ ଏବଂ କ୍ଷୁଧା ନିବାରଣ, ଆରୋଗ୍ୟ ଉଦ୍ଦେଶ୍ୟ ଜନିତ ହେବା ଉଚିତ । ଆବାଶ୍ୟକ ପରିମାଣରେ ଶୁଦ୍ଧ ସାତ୍ତ୍ୱିକ ଆହାର ନେବାରେ ନିଦ୍ରା ଓ ଆଳସ୍ୟ ଦୂର ହୋଇଥାଏ । **ଯତ୍-ବାକ୍-କାୟ-ମାନସଃ** : ଦେହ,ବାଣୀ ଓ ମନକୁ ସଂଯମ କରିବାର ଅର୍ଥ ହେଲା କର୍ମ, କ୍ରିୟା ଓ ଜ୍ଞାନର ସମନ୍ୱୟ । ଶରୀର-ସଂଯମ ଦୃଢତାରେ ଦୀର୍ଘ ସମୟ ଧରି ଧ୍ୟାନ ଆସନାସୀନ ହେବାର ଅଭ୍ୟାସ ହୋଇଥାଏ । ବାକ୍- ସଂଯମତାରେ ଇନ୍ଦ୍ରିୟ ନିରୋଧ ଓ ସଦ୍-ଭାବାପନ୍ନ ଗୁଣ ବୃଦ୍ଧିହୁଏ । ସବୁ ପ୍ରକାର ସଂକଳ୍ପ ପରିତ୍ୟାଗ କରିଦେବାରେ ମନର ସଂଯମତା ଆସେ । ଶରୀର, ବାଣୀ ଓ ମନର ସଂଯମତା ସାଧକ ପକ୍ଷେ ଅନ୍ତଃ ଓ ବାହ୍ୟକୁ ନିଜ ଅଧୀନସ୍ଥ କରିବାରେ ସହାୟକ ହୁଏ । **ନିତ୍ୟ ଧ୍ୟାନ-ଯୋଗ** : ନିରବଚ୍ଛିନ୍ନ ଜପ ଓ ଧ୍ୟାନ ଅଭ୍ୟାସରେ ଶରୀର, ବାଣୀ, ମନ ଓ ଇନ୍ଦ୍ରିୟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆସିଯାଇଥାଏ । 'ଧ୍ୟାନ'ର ଅର୍ଥ ଚିତ୍ତର ଏକାଗ୍ରତା ଏବଂ 'ଯୋଗ'ର ଅର୍ଥ ସେହି ଏକାଗ୍ର ଚିତ୍ତକୁ ଅନ୍ତର୍ମୁଖୀ କରାଇ ଆତ୍ମାରେ ସ୍ଥାପିତ କରିବା । ଧ୍ୟାନ, ଧ୍ୟେୟ ଓ ଧ୍ୟାନୀ-ଏହି ତିନୋଟି ଯାକ ଏକକାର ହୋଇଯିବା ସମାଧିସ୍ଥ ହେବାର ପୂର୍ବ ସ୍ଥିତି । **ବୈରାଗ୍ୟ** : ମୋକ୍ଷ ପ୍ରାପ୍ତି ନିମନ୍ତେ ଚିତ୍ତବୃତ୍ତି ବ୍ରହ୍ମରେ ଲୀନ ହେବା ପର୍ଯ୍ୟନ୍ତ ସାଧକର ସାଙ୍ଗରେ ବୈରାଗ୍ୟତା ରହିବା ଅନିବାର୍ଯ୍ୟ । ରାଗ-ଦ୍ୱେଷ ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ହିଁ ବୈରାଗ୍ୟ । ସାଧକ ବୈରାଗ୍ୟ ସହିତ ଜ୍ଞାନର ଅଭ୍ୟାସକରି ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ଯୋଗ୍ୟ ହୋଇଥାଏ । ତୀବ୍ର ବୈରାଗ୍ୟ ସ୍ଥିତିରେ ସାଧକ ବିଷୟରୁ ଦୂରେଇ ଯାଏନାହିଁ, ବରଂ ନିରାଶ ହୋଇ ବିଷୟ ସାଧକଠାରୁ ଦୂରେଇଯାଏ ଏବଂ ତା'ର ଆଉ କୌଣସି କର୍ତ୍ତବ୍ୟ କର୍ମର ଅବଶେଷ ରହି ନଥାଏ । **ଅହଂକାର-ବଳ-ଦର୍ପ-କାମ-କ୍ରୋଧ** : ମିଥ୍ୟା ଅହଂକାର, ପାଶବିକ ବଳ, ଘମଣ୍ଡ, କାମ ପିପାସା, କ୍ରୋଧ ଆଦି ଦେହାଭିମାନରୁ ଜାତ । ଦେହାଭିମାନ ଏପରି ଏକ ପ୍ରବୃତ୍ତି, ଯାହାକି ସାଧାରଣ ମନୁଷ୍ୟର ମୃତ୍ୟୁ ପର୍ଯ୍ୟନ୍ତ ଛାଡି ନଥାଏ । ଅହଂକାର ଦେହର ଅସ୍ମିତାକୁ ବଢାଇଥାଏ ଏବଂ ତାମସିକ ବଳ ତାହାକୁ ପ୍ରେରଣା ଦିଏ । କେବଳ ଆତ୍ମାଜ୍ଞାନ ପ୍ରାପ୍ତିରେ ମୁମୁକ୍ଷୁର ଦେହାଭୀମାନ ନାଶ ହୋଇଥାଏ । ଜୀବାତ୍ମାର ମୋକ୍ଷ ପ୍ରାପ୍ତି ଲକ୍ଷ୍ୟରେ କର୍ମଯୋଗ କିମ୍ବା ସଂଖ୍ୟା ସାଧନରେ ଆତ୍ମା ସାକ୍ଷାତ୍କାରର ହେଲେ ଶରୀର ଓ ଆତ୍ମାର ଭେଦରୁ ଭ୍ରମ ଦୂର ହୁଏ । ଅହଂକାରର ବିଲୟ ହୋଇଥାଏ ଏବଂ କାମ ଓ କ୍ରୋଧର ବେଗ ସମ୍ପୂର୍ଣ୍ଣ ନିୟନ୍ତ୍ରିତ ହୁଏ । ଅହକାର ନିଗ୍ରହ ନହେଲେ ଦର୍ପ ବା ଗର୍ବ ଜାତ ହୁଏ । ସାଧନା ଅବସରରେ ସାଧକର ମନରେ ଏପରି ଭାବ ଆସିଥାଏ କି "ମୁଁ ଜଣେ ଉଚ୍ଚ ସ୍ତରର ସାଧକ- ମୁଁ ଜଣେ ତ୍ୟାଗୀ -ମୋର ସମାନ ସଂଯମତା ଓ ବୈରାଗ୍ୟତା କାହାରି ନହିଁ "- ସେତିକିରେ ହିଁ ସିଦ୍ଧି ପ୍ରାପ୍ତି ନିମନ୍ତେ ସାଧନାର ପଥ ଅବରୁଦ୍ଧ ହୋଇଯାଏ । ଈର୍ଷା, ରାଗ, ଦ୍ୱେଷ କ୍ରୋଧ ଆଦି ଦୋଷର ସୃଷ୍ଟି ହୁଏ । ତେଣୁ ଅହଂକାର ସମସ୍ତ ଅନର୍ଥର ମୂଳ କାରଣ ଏବଂ ସାଧନ ମାର୍ଗରେ ବୃହତ ପ୍ରତିବନ୍ଧକ । ଗର୍ବ ହିଁ ସାଧକକୁ ଧର୍ମ ମାର୍ଗରୁ ଭ୍ରଷ୍ଟ କରିଦିଏ । **ପରିଗ୍ରହ** : ଆବଶ୍ୟକତା ଠାରୁ ଅଧିକ ଭୋଗ୍ୟ ବସ୍ତୁ ସଂଗ୍ରହ ପ୍ରବୃତ୍ତି ହେଉଛି ପରିଗ୍ରହ । ଅଧିକରୁ ଅଧିକ ଧ୍ୟାନ ଓ ଭୋଗ୍ୟ ପଦାର୍ଥ ସଂଗ୍ରହ ବିଷୟାସକ୍ତ ପୁରୁଷର ପ୍ରବୃତ୍ତି ହୋଇଥାଏ । ଏହା ଭଗବାନଙ୍କଠାରୁ ମନୁଷ୍ୟକୁ ବିମୁଖ କରାଇଦିଏ । କୌଣସି ଧର୍ମାନୁଷ୍ଠାନ କିମ୍ବା ବ୍ୟକ୍ତି ବିଶେଷଙ୍କଠାରୁ ଦାନ କିମ୍ବା ଉପହାର ସୂତ୍ରରେ ଭୋଗ୍ୟ ବସ୍ତୁ ସେବନ

କରିବାର ଆସକ୍ତି ମଧ୍ୟ ପରିଗ୍ରହ । ସମ୍ବଳ ସଂଗ୍ରହରେ ଲାଗିପଡି ମଠ, ଆଶ୍ରମ, ମନ୍ଦିର ପ୍ରଭୃତି ପ୍ରତିଷ୍ଠା କରି ଶିଷ୍ୟ ସଂଖ୍ୟା ବୃଦ୍ଧି କରିବାର ଲକ୍ଷ୍ୟ, ମୋକ୍ଷ ପରିବର୍ତ୍ତେ ପୁଣି ଉପଭୋଗର ପ୍ରେରଣା ଦାୟକ ହୋଇ ବନ୍ଧନରେ ପକାଏ । ସନ୍ନ୍ୟାସୀ ତଥା ଉଚ୍ଚ ସ୍ତରର ସାଧକମାନେ ଏହାର କବଳରେ ପଡିଯାଇଥାନ୍ତି । **ନିର୍ମମଃ** : ସାଂସାରିକସ ବ୍ୟବହାର ନିମନ୍ତେ ବସ୍ତୁଗୁଡିକୁ ସବୁଦିନ ପାଇଁ ନିଜର ମନେ କରି ସ୍ଥାୟୀ ରଖିବାର ଇଚ୍ଛା ନ ହେବା ହେଉଛି 'ନିର୍ମମ' । ନିଜ ପାଖରେ ଯେତେ ନିର୍ବାହ ବସ୍ତୁ, ଜୀବ , ଶରୀର, ଇନ୍ଦ୍ରିୟ ଆଦି ଅଛି, ସେଗୁଡିକରେ ମମତା ଅର୍ଥାତ୍ ଆତ୍ମୀୟତା ନ ହେବା ଉଚିତ । କାରଣ ସେଗୁଡିକ ବିନାଶ ଶୀଳ । ସାଧକ ଯେତେବେଳେ ସମସ୍ତ ଭୌତିକ ଜୀବନ ଧାରଣାରୁ ମୁକ୍ତ ହୋଇଯାଏ, ସେହି ଅବସ୍ଥାରେ ଚିତ୍ତ ପ୍ରଶାନ୍ତ ହୁଏ ଏବଂ ଚିତ୍ତ ବ୍ୟସ୍ତ ବିବ୍ରତ ହୁଏନାହିଁ । ଉପରୋକ୍ତ ଗୁଣ ସମ୍ପନ୍ନ ମୁମୁକ୍ଷୁ ସାଧକ ଆତ୍ମସାକ୍ଷାତ୍ ଲାଭପରେ ସାଧନ ଶାସ୍ତ୍ରକୁ ଛାଡିଦିଏ। ବ୍ରହ୍ମର ଐକ୍ୟଲାଭ ହେଲେ ସାଧନ ଆଉ ରହେନାହିଁ । ସ୍ୱୟଂ ବ୍ରହ୍ମ ନ ହେଲେ ମଧ୍ୟ ବ୍ରହ୍ମତ୍ୱର ଅନୁଭୂତି ହିଁ ବ୍ରହ୍ମୈକ୍ୟର ଯୋଗ୍ୟତା । ବସ୍ତୁତଃ କର୍ମ ସନ୍ନ୍ୟାସ ( ସାଙ୍ଖ୍ୟ ସାଧନ)ରେ ଯେଉଁ ଫଳପ୍ରାପ୍ତ ହୁଏ, ଅନାସକ୍ତ ରହି ଫଳେଚ୍ଛାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ବିହିତ କର୍ମ କରିବାରେ ମଧ୍ୟ ହୁଏ । ଏଣୁ ଗୀତାରେ ନିଜର ବୈଶିଷ୍ଟ୍ୟ ଅନୁସାରେ ବିହିତ କର୍ମ କରିବାରେ ବ୍ରାହମଭାବକୁ ପ୍ରାପ୍ତ କରିବା ପ୍ରକ୍ରିୟା ସମ୍ବନ୍ଧରେ ଭଗବନା ଏଠାରେ କହିଛନ୍ତି ।

ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍କ୍ଷତି ।
ସମଃ ସର୍ବେଷୁ ଭୂତେଷୁ ମଦ୍ଭକ୍ତିଂ ଲଭତେ ପରାମ୍ ॥୫୪॥

*ଅନ୍ୱୟ : ବ୍ରହ୍ମଭୂତଃ ( ବ୍ରହ୍ମସ୍ୱରୂପ ସ୍ଥିତ) ପ୍ରସନ୍ନ-ଆତ୍ମା (ପ୍ରସନ୍ନ ଚିତ୍ତ ଯୋଗୀ) ନ ଶୋଚତି (ଶୋକ କରେନାହିଁ) ନ କାଙ୍କ୍ଷତି (ଏବଂ କିଛି ବି ଆକାଙ୍କ୍ଷା କରେନାହିଁ) ସର୍ବେଷୁ ଭୂତେଷୁ ( ସମସ୍ତ ପ୍ରାଣୀଙ୍କଠାରେ ) ସମଃ (ସମଦର୍ଶୀ ହୋଇ ) ପରାମ୍ ମଦ୍ଭକ୍ତିଂ (ମୋର ପରାଭକ୍ତିକୁ ) ଲଭତେ (ଲାଭକରେ ) ।*

**ଭାବାର୍ଥ** : ବ୍ରହ୍ମ ସହିତ ଐକ୍ୟହୋଇ ଯୋଗ୍ୟତା ପ୍ରାପ୍ତ କରିଥିବା ସେହି ପ୍ରସନ୍ନ ଚିତ୍ତ ସାଧକ କୌଣସି ବସ୍ତୁର ନାଶରେ ଶୋକ କରନ୍ତି ନାହିଁ କି, କୌଣସି ଅପ୍ରାପ୍ତ ବସ୍ତୁ ପ୍ରାପ୍ତି ନିମିତ୍ତ ଇଚ୍ଛା କରି ନଥାନ୍ତି । ସମସ୍ତ ପ୍ରାଣୀଙ୍କ ପ୍ରତି ସମ ଭାବସମ୍ପନ୍ନ ହୋଇ ଭକ୍ତିର ପରାକାଷ୍ଠାରେ ସ୍ଥିତ ରହନ୍ତି । ଅନ୍ତଃକରଣରୁ ମମତ୍ୱ, ସୁଖ ବୁଦ୍ଧି ଓ ଭୋଗବୁଦ୍ଧି ନଷ୍ଟ ହୋଇଗଲେ ଅନ୍ତଃକରଣରେ ସ୍ୱତଃ ସ୍ୱାଭାବିକ ଭାବେ ଶାନ୍ତି ଉଦୟ ହୁଏ । ସାଧକ ସେହି ଅବସ୍ଥାରେ ଅସତ୍-ଅନାତ୍ମାରୁ ଉର୍ଦ୍ଧ୍ୱକୁ ଉଠି ସଚ୍ଚିଦାନନ୍ଦଘନ ବ୍ରହ୍ମରେ ଅଭିନ୍ନ ଭାବରେ ଅବସ୍ଥିତ ହୋଇଯାଆନ୍ତି । ତାଙ୍କରି ଦୃଷ୍ଟିରେ ଏକ ସଚ୍ଚିଦାନନ୍ଦ ବ୍ରହ୍ମ ବ୍ୟତିରେକ ଅନ୍ୟ କୌଣସି ବସ୍ତୁର ସତ୍ତା ହିଁ ରହି ନଥାଏ । "ଅହଂ ବ୍ରହ୍ମାସ୍ମି- ମୁଁ ବ୍ରହ୍ମ ଅଟେ" ଏବଂ "ସୋହମସ୍ମି- ସେହି ବ୍ରହ୍ମ ମୁଁ "- ପ୍ରଭୃତି ମହାବାକ୍ୟ ଅନୁସାରେ ତାଙ୍କରି ପରମାତ୍ମାଙ୍କଠାରେ ଅଭିନ୍ନ ଭାବରେ ନିତ୍ୟ ଅଟଳ ସ୍ଥିତି ହୋଇଯାଏ । ଏହିପରି ସ୍ଥିତି ଯୁକ୍ତ ସାଧକକୁ ଏହିଠାରେ ବ୍ରହ୍ମଭୂତ ବୋଲି ସୂଚିତ କରାଯାଇଛି । କୌଣସି ଜୀବ, ପଦାର୍ଥଠାରେ ବ୍ରହ୍ମଠାରୁ ଭିନ୍ନ ଅନ୍ୟ କୌଣସି ଦୃଷ୍ଟି ରହେନାହିଁ ଏବଂ ସେ ପୂର୍ଣ୍ଣକାମ ହୋଇଯାଆନ୍ତି । ତେଣୁ ତାଙ୍କରି କୌଣସି ଭୌତିକ ବସ୍ତୁର ଅଭିଳାଷ ନଥାଏ ଏବଂ ମନ ସର୍ବଦା ପ୍ରସନ୍ନ ରହେ । କେବେ ବି କୌଣସି କାରଣରୁ ଚିତ୍ତ କ୍ଷୁବ୍ଧ ହୁଏନାହିଁ । ଅସତ୍ ବସ୍ତୁର ମହତ୍ତ୍ୱ ନଷ୍ଟ ହୋଇଗଲେ ସାଧକର ଚିତ୍ତରେ ସ୍ୱାଭାବିକ ଭାବେ ପ୍ରସନ୍ନତା ରହେ । ମୁମୁକ୍ଷୁ

ସାଧକ ସର୍ବୋପରିଭାବେ ଆତ୍ମଜ୍ଞାନର ପ୍ରସନ୍ନତା ଲାଭ କରିଥାଏ । କୌଣସି ବି ଜଡ ଓ ଜୀବ ବସ୍ତୁରେ ରମଣୀୟ ବୁଦ୍ଧି ଓ ମମତ୍ୱ ନଥିବା କାରଣରୁ ଉତ୍ପନ୍ନ, ନାଶଶୀଳ ତଥା ପରିବର୍ତ୍ତନଶୀଳ ପରିସ୍ଥିତିରେ କାହାରି ସଂଯୋଗ ବା ବିୟୋଗରେ ବ୍ରହ୍ମଭୂତ ଯୋଗୀ ବିଚଳିତ ହୁଅନ୍ତି ନାହିଁ କି, ଶୋକ ପ୍ରକଟ କରନ୍ତି ନାହିଁ । ବ୍ରହ୍ମଭୂତ ସ୍ଥିତିରେ ସାଧକଙ୍କ ସମ୍ମୁଖରେ ଦୃଶ୍ୟମାନ ହେଉଥିବା ପ୍ରପଞ୍ଚର ବିବିଧତା ଲୋପ ପାଇଯାଏ । ସେ ସର୍ବତ୍ର ଏକତ୍ୱ ଦର୍ଶନ କରି ସମଦର୍ଶୀ ହୋଇଯାନ୍ତି । ହର୍ଷ-ଶୋକାଦି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଗଲେ ନିଜ ସ୍ୱରୂପରେ ସକଳ ପ୍ରାଣୀଙ୍କୁ ଦେଖନ୍ତି ଓ ସକଳ ପ୍ରାଣୀଙ୍କଠାରେ ସେହି ଆତ୍ମ ସ୍ୱରୂପକୁ ଦେଖିଥାନ୍ତି । ତାଙ୍କ ନିମନ୍ତେ ପିମ୍ପୁଡିଠାରୁ ବ୍ରହ୍ମା ପର୍ଯ୍ୟନ୍ତ ବ୍ରହ୍ମ ସର୍ବତ୍ର ସମାନ । ସ୍ତ୍ରୀ, ପୁତ୍ର କଳତ୍ର ଆଦିରେ ବିସମତା ନଥାଏ । ସାଧକର ଯେତେବେଳେ ସର୍ବତ୍ର ସମଭାବ ହୋଇଯାଏ, ସେତେବେଳେ ପରମାତ୍ମା ପ୍ରତି ଏକ ପ୍ରକାର ପ୍ରତିକ୍ଷଣ ବର୍ଦ୍ଧମାନ ଅଲୌକିକ ଆକର୍ଷଣ, ସ୍ନେହ ଓ ଅନୁରାଗ ହୁଏ । ଶୁଦ୍ଧ ଭକ୍ତି ଯୋଗମାର୍ଗରେ ପରମାତ୍ମାଙ୍କଠାରେ ନିଜକୁ ବିଲୀନ କରିଦେଲେ ତା'ଙ୍କରି ସହିତ ଜୀବର ଆତ୍ମୀୟ ସମ୍ବନ୍ଧ ହୋଇଯାଏ । ସେହି ସମ୍ପୂର୍ଣ୍ଣ ସମର୍ପିତ ସେବାରତ ସ୍ଥିତିକୁ ମଧ୍ୟ ବ୍ରହ୍ମଭୂତ ସ୍ଥିତି କୁହାଯାଏ । ସେହି ଆତ୍ମୀୟତା ବା ଅଭିନ୍ନତା ହିଁ ପରାଭକ୍ତି ଅର୍ଥାତ୍ ଅଖଣ୍ଡ ପ୍ରେମ ପ୍ରାପ୍ତି । ବ୍ରହ୍ମଭୂତ ଅବସ୍ଥାରେ ବା ବ୍ରହ୍ମ ଧାରଣାରେ ସେବ୍ୟ ଓ ସେବକ ମଧ୍ୟରେ କୌଣସି ବିଭେଦ ନଥାଏ । ଭଗବାନ ହେଉଛନ୍ତି ପୂର୍ଣ୍ଣ । ତେଣୁ ସାଧକ ଭକ୍ତିମାର୍ଗରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଭଗବତ୍ ସେବାରତ ଦ୍ୱାରା ସେ' ମଧ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଯାଏ । ତାହା ହେଉଛି ଭକ୍ତିର ପରାକାଷ୍ଠା ।

ଭକ୍ତ୍ୟା ମାମଭିଜାନାତି ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ ।
ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ॥୫୫॥

*ଅନ୍ୱୟ : [ସାଧକ] ଭକ୍ତ୍ୟା (ସେହି ପରାଭକ୍ତି ଅର୍ଥାତ୍ ବିଶୁଦ୍ଧ ଭକ୍ତିଯୋଗ ଦ୍ୱାରା) ଯାବାନ୍ ('ମୁଁ ଯେଉଁ ପ୍ରକାର ବିଭୂତି ସମ୍ପନ୍ନ) ଚ (ଏବଂ ) ଯଃ ଅସ୍ମି ( ସ୍ୱରୂପତଃ ଯାହା 'ମୁଁ ଅଟେ) ମାମ୍ (ମୋତେ) ତତ୍ତ୍ୱତଃ (ଯଥାର୍ଥ ରୂପରେ) ଅଭିଜାନାତି (ଜାଣିବାକୁ ସମର୍ଥ ହୁଅନ୍ତି) ତତଃ ( ସେହି ପ୍ରେମଭକ୍ତି ବଳରେ ) ତତ୍ତ୍ୱତଃ ଜ୍ଞାତ୍ୱା ( ଯଥାର୍ଥରୂପେ ଜାଣି) ତଦନନ୍ତରମ୍ (ତତ୍କାଳ) ମାମ୍ (ମୋରିଠାରେ) ବିଶତେ (ପ୍ରବେଶ କରନ୍ତି ଅର୍ଥାତ୍ ପରମାନନ୍ଦସ୍ୱରୂପତା ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ** 'ମୁଁ ଯେଉଁ ପ୍ରକାର ବିଭୂତି ସମ୍ପନ୍ନ ଏବଂ ସ୍ୱରୂପତଃ 'ମୁଁ ଯାହା ଅଟେ- ତାହା କେବଳ ପରାଭକ୍ତି ଅର୍ଥାତ୍ ବିଶୁଦ୍ଧ ଭକ୍ତି ଦ୍ୱାରାହିଁ ସାଧକ ଜାଣିବାକୁ ସକ୍ଷମ ହୋଇଥାଏ । ମୋର ସମଗ୍ର ବ୍ୟକ୍ତ ଓ ଅବ୍ୟକ୍ତ ସ୍ୱରୂପର ଯଥାର୍ଥ ଜ୍ଞାନ ହେଲାପରେ ସାଧକ ପୂର୍ଣ୍ଣ ଭଗବତ୍ ଚେତନରେ ଅବସ୍ଥାନ କରେ । ଆସକ୍ତି, ମମତା ରହିତ ହୋଇ ସଂସାର ସମ୍ବନ୍ଧୀୟ ରାଗ-ଦ୍ୱେଷ, ହର୍ଷ-ଶୋକାଦି ଦ୍ୱନ୍ଦ୍ୱରୁ ନିବୃତ୍ତ ହୁଏ । ଫଳତଃ ସାଧକ ସମଦର୍ଶୀ ପ୍ରାପ୍ତ ହୁଏ । ଏହି ବ୍ରହ୍ମଭୂତ ସ୍ଥିତିରେ ସଂସାର ସମ୍ବନ୍ଧ ଛିନ୍ନ ହୋଇଥିଲେ ମଧ୍ୟ 'ମୁଁ-ବାଦ'ର ଯେପରି- 'ମୁଁ ମୁମୁକ୍ଷୁ, ମୁଁ ଶାନ୍ତ, ମୁଁ ନିର୍ବିକାର- ଏହିପରି ସୂକ୍ଷ୍ମ ଅହଂକାର ରହିଥାଏ । ପରମାତ୍ମାଙ୍କ ପ୍ରତି ଆକୃଷ୍ଟ ହୋଇ ସମ୍ପୂର୍ଣ୍ଣ ସମର୍ପିତ ହୋଇଗଲେ, ସାଧକର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ବୋଧ ରହି ନଥାଏ । ଦେହାଭିମାନର ଅହଂ ରୂପରେ ଅତି ସୂକ୍ଷ୍ମ ଅଂଶ ମଧ୍ୟ ନଷ୍ଟ ହୋଇଯାଏ । ଏହି ଅହଂ ଭାବ ନଷ୍ଟ ହୋଇଗଲେ ତତ୍ତ୍ୱ ସମ୍ବନ୍ଧୀୟ ବାସ୍ତବିକ ବୋଧ ହୁଏ । ଯେ' ପର୍ଯ୍ୟନ୍ତ ଲବ୍ଧ ଜ୍ଞାନ ସହିତ ସମସ୍ତ ଜଡ ଉପାଧିର ସମ୍ପୂର୍ଣ୍ଣ ବିଲୟ ହୋଇ ନଥାଏ, ସେ' ପର୍ଯ୍ୟନ୍ତ ଚିଦ୍ ଜଗତରେ ପ୍ରବେଶର ପ୍ରତିବନ୍ଧକ ରହିଥାଏ । ସମ୍ପୂର୍ଣ୍ଣ ସମର୍ପିତ ହୋଇ ସାଧକ ଏକନିଷ୍ଠ

ଅଚଳ ଭକ୍ତି ଦ୍ୱାରା ଭଗବାନ ସହିତ ଯୁକ୍ତ ହୋଇ ରହିବା ହିଁ ପରାଭକ୍ତି । ଅନନ୍ୟ ଭକ୍ତିର ଅନ୍ତିମ ପରିଣାମ ହେଉଛି ପରା ଭକ୍ତି । ପରାଭକ୍ତି ଓ ଜ୍ଞାନ, ପକ୍ଷୀର ଦୁଇ ଡେଣା ସାଦୃଶ୍ୟ । ପରମାତ୍ମାଙ୍କଠାରେ ପରମ ପ୍ରେମ ଅର୍ଥାତ୍ ପୂର୍ଣ୍ଣ ତାଦାତ୍ମ୍ୟ ହେଉଛି ସେହି ପରାଭକ୍ତି, ଯାହାଦ୍ୱାରା ଭକ୍ତର ଭଗବାନଙ୍କ ସମଗ୍ର ସ୍ୱରୂପର ପ୍ରତ୍ୟକ୍ଷ ଜ୍ଞାନ ହୋଇଥାଏ । ଶ୍ରୀ ଶଙ୍କରାଚାର୍ଯ୍ୟ କହିଛନ୍ତି କି, 'ଯାବନ୍' ଶବ୍ଦରେ ଭଗବାନଙ୍କ ସୋପାଧିକ ସଗୁଣ ସ୍ୱରୂପ ଏବଂ 'ଯଃ' ଶବ୍ଦରେ ତାଙ୍କରି ଉପାଧିଶୂନ୍ୟ ଶୁଦ୍ଧ ଚୈତନ୍ୟ ସ୍ୱରୂପର ସଙ୍କେତ କରାଯାଇଛି । ଭଗବତ୍ ତତ୍ତ୍ୱ ଅତ୍ୟନ୍ତ ରହସ୍ୟମୟ । କେବଳ ଶାସ୍ତ୍ରଗତ ଜ୍ଞାନ, ପାଣ୍ଡିତ୍ୟ କିମ୍ବା ଅନୁଚିନ୍ତନ ଦ୍ୱାରା ଏହି ରହସ୍ୟମୟ ତତ୍ତ୍ୱକୁ ଜାଣିଲେ ମଧ୍ୟ ସାଧ ନିମନ୍ତେ ଉପଯୁକ୍ତ ତତ୍ତ୍ୱଦର୍ଶୀଙ୍କ ଗୁରୁ ରୂପରେ ମାର୍ଗ ନିର୍ଦ୍ଦେଶର ଆବଶ୍ୟକତା ଅନିର୍ବାର୍ଯ୍ୟ । ପରମ ପୁରୁଷ ପରମେଶ୍ୱର ହେଉଛନ୍ତି ସର୍ବ ବ୍ୟାପକ, ଶୁଦ୍ଧ ଚୈତନ୍ୟ, ଅଜନ୍ମା, ଅକ୍ଷୟ, କାରଣାତୀତ, ସ୍ୱୟଂପ୍ରଭ, ଅପରିଣାମୀ । ସେ' ହେଉଛନ୍ତି ସକଳ ବସ୍ତୁର ଆଶ୍ରୟ, ଉତ୍ସ, ଉତ୍ପତ୍ତିର କାରଣ, ମାୟାର ନିୟନ୍ତା- ଏହିପରି ଭାବରେ ପରମାତ୍ମା ସମ୍ବନ୍ଧରେ ସତ୍ତ୍ୱସାର ଜାଣି, ଭକ୍ତ ପରମାତ୍ମାଙ୍କ ସହିତ ଅଭିନ୍ନ ହୋଇଯାଏ । ସେହି ସ୍ଥିତିରେ ଭକ୍ତ ସ୍ୱୟଂ ଜ୍ଞାନର ପ୍ରତିମୂର୍ତ୍ତି ହୋଇଯାଏ । ପରମାତ୍ମା ସାକାର କି ନିରାକାର, ସଗୁଣ କି ନିର୍ଗୁଣ, ପରିଚ୍ଛିନ୍ନ କି ବ୍ୟାପକ – ଏହା ଯଥାର୍ଥ ରୂପେ ଜାଣିବା କେବଳ ପରାଭକ୍ତି ଦ୍ୱାରା ସମ୍ଭବ । ଯେପରି ଦୀପ ଜଳିବାରେ ଅନ୍ଧାର ତତ୍କାଳ ନଷ୍ଟ ହୋଇଯାଏ, ପରମାତ୍ମାଙ୍କ ସମ୍ବନ୍ଧରେ ଯଥାର୍ଥ ବୋଧ ହେବା ତତ୍କାଳ ଜୀବ ଚିଦ୍-ଜଗତରେ ପ୍ରବେଶ କରିଯାଇଥାଏ । ମାନସ ଦୋହା (୭/୪୯/୩) ହେଲା: **" ପ୍ରେମ ଭଗତି ଜଲ ବିନୁ ରଘୁରାଇ । ଅଭିଅଂତର ମଲ କବହୁଁ ନ ଯାଇ "** । ଭଗବାନ ସ୍ୱରୂପକୁ ଯଥାର୍ଥ ଜାଣିବା ଏବଂ ଶୁଦ୍ଧ ଚୈତନ୍ୟ ସହ ଏକତ୍ୱ, କେବଳ ପ୍ରେମଭକ୍ତି ଦ୍ୱାରା ହିଁ ସମ୍ଭବ। ଭଗବାନ ଆତ୍ମରୂପ କାରଣରୁ ସେ କାହାକୁ ଅପ୍ରାପ୍ତ ନୁହନ୍ତି । ତେଣୁ ତାଙ୍କରି ସ୍ୱରୂପର ବୋଧହେବା କ୍ଷଣି ସେ ପ୍ରାପ୍ତ ହୁଅନ୍ତି । ଭଗବତ୍ ତତ୍ତ୍ୱରେ ପ୍ରବିଷ୍ଟ ହେଉଛି ଭଗବାନଙ୍କ ଅନିର୍ବଚନୀୟ ପ୍ରେମପ୍ରାପ୍ତି । ଏହି ପ୍ରେମ ଗୁଣ ରହିତ, କାମନା ରହିତ, ଅବିଚ୍ଛିନ୍ନ, ସୂକ୍ଷ୍ମଠାରୁ ବି ସୂକ୍ଷ୍ମତର ଏବଂ ବୋଧ ସ୍ୱରୂପ । ନାରଦ ଭକ୍ତିସୂତ୍ରରେ ଏହାକୁ ପ୍ରତିକ୍ଷଣ ବର୍ଦ୍ଧମାନ କୁହାଯାଇଛି । ସେହି ଅଖଣ୍ଡ ପ୍ରେମ ରସରେ ପ୍ରେମୀ ଓ ପ୍ରେମାସ୍ପଦୀ ଉଭୟ ଏକ, ଅଭିନ୍ନ ଏବଂ ତନ୍ମୟ । କେବଳ ଲୀଳା ଜନିତ କ୍ରିୟା ନିମିତ୍ତ ପ୍ରେମୀ ଓ ପ୍ରେମାସ୍ପଦୀ ପୃଥକ ହୋଇଥାନ୍ତି । ପ୍ରତ୍ୟେକ ଜୀବ ପରମେଶ୍ୱରଙ୍କ ଅଂଶ ବିଶେଷ । ଶ୍ରୀମଦ୍ ଭାଗବତରେ କୁହାଯାଇଛି କି, ଜୀବର ପ୍ରକୃତ ମୁକ୍ତି ହେଉଛି, ଜୀବ ତା' ସ୍ୱରୂପରେ ପୁନଃ ସଂସ୍ଥାପିତ ହେବା ଅର୍ଥାତ୍ ତା'ର ସ୍ୱରୂପ ସ୍ଥିତିକୁ ପ୍ରତ୍ୟାବର୍ତ୍ତନ କରିବା । ଅତଏବ, ଭଗବତ୍ ରାଜ୍ୟରେ ପ୍ରବେଶ ହେଲା; ଅବିଦ୍ୟାରୁ ମୁକ୍ତି ବା ଅଜ୍ଞାନରୂପୀ ଅନ୍ଧକାରର ବିଲୟ । ଜ୍ଞାନ ଅନନ୍ତର ଆଉ କୌଣସି ଫଳ ଅବଶିଷ୍ଟ ରହିନଥାଏ । ଶ୍ରୀ ରାମାନୁଜାଚାର୍ଯ୍ୟ କହିଛନ୍ତି କି, "ସ୍ୱରୂପତଃ ଓ ସ୍ୱଭାବତଃ 'ମୁଁ' (ପରମେଶ୍ୱର) ଯେପରି ମୋର ଗୁଣ ତଥା ବିଭୂତିରେ ବ୍ୟାପକ, ତାହାକୁ ଉପଯୁକ୍ତ ଭକ୍ତିରେ ହିଁ ଜାଣି ହୋଇଥାଏ । ଏହି ତତ୍ତ୍ୱକୁ ଜାଣିବା ଅନନ୍ତର ସେହି ପରାଭକ୍ତି ଦ୍ୱାରା ସେ' ନିଜଠାରେ ମୋର ଗୁଣର ଆବିର୍ଭାବ ପ୍ରାପ୍ତ କରିନିଏ, ଅର୍ଥାତ୍ ମୋର ସେହି ଅଖଣ୍ଡ ଆନନ୍ଦ ସ୍ୱରୂପର ତନ୍ମୟ ହୋଇ ରହେ" । ଜ୍ଞାନଯୋଗ, କର୍ମଯୋଗ, ଭକ୍ତିଯୋଗ ଆଦି ସମସ୍ତ ସାଧନାର ଯଥାର୍ଥ ଜ୍ଞାନ-ଫଳମାନଙ୍କ ମଧ୍ୟରେ ଏକତ୍ୱ ପ୍ରତିଷ୍ଠା, ଭଗବାନ ଏହି ଶ୍ଳୋକରେ ଦର୍ଶାଇଛନ୍ତି । ତିନୋଟିଯାକ ସାଧନରେ ଭଗବତ୍ ପ୍ରେମ ନିହିତ । ସାଙ୍ଖ୍ୟ ନିମନ୍ତେ ଏହି ପ୍ରେମ ଆତ୍ମା-ରତି, ଯୋଗୀ

ନିମନ୍ତେ ଏହି ପ୍ରେମ " ସ୍ୱେ ସ୍ୱେ କର୍ମଣ୍ୟଭିରତଃ" ଅର୍ଥାତ୍ ନିଜ କର୍ତ୍ତବ୍ୟ ପ୍ରତି ରତି ଏବଂ ଭକ୍ତି ଯୋଗରେ ଏହି ପ୍ରେମକୁ "ଭଗବତ୍ ରତି" କହନ୍ତି । ଭକ୍ତ ଭଗବାନଙ୍କ ସହିତ ତନ୍ତୁ ଓ ବସ୍ତ୍ର ସାଦୃଶ୍ୟ ଅଙ୍ଗାଙ୍ଗିଭାବେ ଜଡିତ ହୋଇଯାଏ । ଅନନ୍ୟ ସିଦ୍ଧଭକ୍ତି ଦ୍ୱାରା ପ୍ରତ୍ୟେକ ଦୃଶ୍ୟ ଭିତରେ ଭଗବାନଙ୍କୁ ହିଁ ଦର୍ଶନ କରିଥାଏ ।

ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍ ବ୍ୟପାଶ୍ରୟଃ ।
ମତ୍ ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥୫୬॥

*ଅନ୍ୱୟ : ମଦ୍ ବ୍ୟପାଶ୍ରୟଃ (ମୋର ଶରଣାଗତ ଏକାନ୍ତ ଭକ୍ତ) ସଦା (ସର୍ବଦା) ସର୍ବ କର୍ମାଣି ( ନିତ୍ୟ, ନୈମିତ୍ତିକ, କାମ୍ୟ-କର୍ମ ଆଦି ସକଳ କର୍ମ) କୁର୍ବାଣ ( କରି ମଧ୍ୟ ) ମତ୍ ପ୍ରସାଦାତ୍ ( ମୋର ଅନୁଗ୍ରହ ତଥା ଅହେତୁକ କୃପା ବଳରେ ) ଶାଶ୍ୱତମ୍ (ନିତ୍ୟ-ସନାତନ) ଅବ୍ୟୟମ୍ (ଅବିନାଶୀ) ପଦଂ ( ପରମ ପାଦକୁ) ଅବାପ୍ନୋତି (ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ** : ଭଗବାନ ଏହି ଶ୍ଳୋକରେ ନିଜ ନିଜ କର୍ତ୍ତବ୍ୟ କର୍ମ ଦ୍ୱାରା ପରମେଶ୍ୱରଙ୍କୁ ଉପାସନା କରୁଥିବା ଭକ୍ତ ନିମିତ୍ତ ମୋକ୍ଷ ପ୍ରାପ୍ତର ଉପାୟ କହିଛନ୍ତି । ମୋ'ଠାରେ ବିଶେଷ ଭାବେ ଆଶ୍ରିତ ହୋଇଥିବା ଅର୍ଥାତ୍ ମୋ' ଉପରେ ସର୍ବତୋଭାବେ ନିର୍ଭରଶୀଳ ହୋଇ ଆଶ୍ରମୋଚିତ ନିତ୍ୟ, ନୈମିତ୍ତିକ ଆଦି ସକଳ କର୍ମ କରୁଥିବା ସେହି ଶରଣାଗତ ଭକ୍ତ, ମୋର ଅହେତୁକ କୃପା ବଳରୁ ସର୍ବୋତ୍କୃଷ୍ଟ ନିତ୍ୟ-ସନାତନ ବୈଷ୍ଣବ ପଦ ରୂପକ ଅକ୍ଷୟ ସ୍ଥାନକୁ ପ୍ରାପ୍ତ ହୁଅନ୍ତି । 'ସର୍ବ କର୍ମାଣ' ଶବ୍ଦ ପ୍ରୟୋଗ କରି ଭଗବାନ କହିବାକୁ ଚାହୁଁଛନ୍ତି କି, ଏପରିକି କାମ୍ୟ-କର୍ମ ବା ନିଷିଦ୍ଧ କର୍ମ କରୁଥିବା ବ୍ୟକ୍ତି ମଧ୍ୟ ଯଦି ମୋର ଶରଣକୁ ଆସିଯାଏ, ତେବେ ବି ସେ ସେହି ପରମ ପାଦକୁ ପ୍ରାପ୍ତ ହୁଏ । **'ଅପି ଚେତ୍ ସୁଦୁରାଚାରୋ ଭଜତେ ମାମ୍ ଅନନ୍ୟଭାକ୍' (ଗୀତା ୯-୩୦)**- ଅତ୍ୟନ୍ତ ଦୁରାଚାରୀ ମଧ୍ୟ ଯଦି ଅନନ୍ୟ ଭାବରେ ମୋର ଶରଣାଗତ ହୁଏ, ତେବେ ତାର ସମସ୍ତ ପାପ ମୋର କୃପାବଳରେ ଧୋଇ ହୋଇଯାଏ । ସଂସାର ସାଗରରୁ ଜୀବକୁ ଉଦ୍ଧାର କରିବା ହେଉଛି ମୋର ପରମ କର୍ତ୍ତବ୍ୟ । ତେଣୁ ହେ ଅର୍ଜୁନ ! ଜୀବ ପ୍ରତି ମୋର ପ୍ରସନ୍ନତା ଓ କୃପାର ପ୍ରଭାବ ସର୍ବଦା ତର୍କାତୀତ ବୋଲି ତୁମେ ଗ୍ରହଣ କରିନିଅ । ଏହି ଶ୍ଳୋକରେ ଭକ୍ତ ଓ ଭକ୍ତିର ବୈଶିଷ୍ଟ୍ୟ ଦର୍ଶାଯାଇଛି । ସାଧକ ଭଗବତ୍ ଅର୍ପିତ ନିଷ୍କାମ କର୍ମ ଦ୍ୱାରା କ୍ରମାନୁସାରେ ଚିତ୍ତଶୁଦ୍ଧି ଓ ଜ୍ଞାନପ୍ରାପ୍ତ କରି ସମ୍ପୂର୍ଣ୍ଣଭାବେ ମୋ'ଠାରେ ସମର୍ପିତ ହେଲେ ହିଁ ମୋର ତତ୍ତ୍ୱକୁ ଜାଣିବାକୁ ସମର୍ଥ ହୁଏ । କିନ୍ତୁ ମୋର ଏକାନ୍ତିକ ଭକ୍ତ ଅନନ୍ୟା ଭକ୍ତିର ଆଶ୍ରୟ ଗ୍ରହଣ କରି ଯେ କୌଣସି ସ୍ଥିତିରେ ମୋର ଅହେତୁକ ଅନୁକମ୍ପାରୁ ସେହି ପରମ ଧାମକୁ ପ୍ରାପ୍ତ ହୁଏ । ମନ ଭିତରେ ଯେ' ମୋତେ ହିଁ ଧାରଣ କରେ, ତାରି ଶୁଭ-ଅଶୁଭ ସମସ୍ତ କର୍ମ ସମଭାବ ସମ୍ପନ୍ନ ହୋଇଯାଏ । ମୋତେ ଆଶ୍ରୟ କରି ସର୍ବସ୍ୱ ହରାଇବା ସତ୍ତ୍ୱେ ସେ' ସାଯୁଜ୍ୟ ପାଦରେ ଆରୂଢ ହୁଏ । ହେ ଅର୍ଜୁନ ! ଏଭଳି ଭକ୍ତ ପକ୍ଷରେ ମୋର ପ୍ରସନ୍ନତା କାରଣରୁ ଅଲଭ୍ୟ କିଛି ରହେନାହିଁ । 'ଶରଣାଗତ' ସର୍ବଶ୍ରେଷ୍ଠ ଯୋଗ । ଶ୍ରୀ ରାମକୃଷ୍ଣଦେବ ଶରଣାଗତି ସମ୍ବନ୍ଧରେ କହିଛନ୍ତି କି, "ଯେଉଁମାନେ ଭକ୍ତ, ସେମାନଙ୍କ ପକ୍ଷରେ ଅନନ୍ୟା ଶରଣାଗତି କେବଳ ସାଧନାର ଶେଷକଥା ନୁହଁ, ବରଂ ପରମ ପାଦ ପ୍ରାପ୍ତି । ଭଗବାନଙ୍କ ଅହେତୁକ ଅନୁଗ୍ରହରୁ ଭକ୍ତ ଜୀବନରେ ଧର୍ମାଧର୍ମ, କର୍ମ-ଅକର୍ମ ସବୁ କିଛି ତ୍ୟାଗ ପରେ ଶରଣାଗତ ଆସେ । ତାଙ୍କ ପାଦ ପଦ୍ମରେ ସବୁ ଅର୍ପଣ କରିଦିଅ । ତାଙ୍କୁ ଦାୟିତ୍ୱ ଦେଇଦିଅ । ସେ' ଯାହା ଇଚ୍ଛା କରନ୍ତୁ ...." । ଶରଣାଗତ ଭକ୍ତକୁ ଭଗବାନ ସର୍ବୋତ ଭାବେ ରକ୍ଷା କରନ୍ତି । ଯେଉଁ ଭକ୍ତ ଭଗବାନଙ୍କ ଉପରେ ଏକାନ୍ତ ନିର୍ଭର କରେ,

ଭଗବାନ ସବୁବେଳେ ତା'ର ହାତ ଧରିଥାଆନ୍ତି, ତାକୁ ରକ୍ଷା କରିଥାନ୍ତି । ଭଗବାନ ସମସ୍ତଙ୍କ ଉପରେ କୃପା ବର୍ଷଣ କରିଥାନ୍ତି । କିନ୍ତୁ ଯେଉଁ ମନୁଷ୍ୟ ଭଗବାନଙ୍କୁ ବିମୁଖ ହୋଇ ରହିଥାଏ, ସେ ଭଗବାନଙ୍କ ଅନୁକମ୍ପାକୁ ଅନୁଭବ କରିବାରୁ ବଞ୍ଚିତ ହୁଏ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଥିବା ମତାନୁସାରେ କେବଳ ବିଷୟରୁ ନିବୃତ୍ତ ହୋଇ ଆତ୍ମାନୁଭୂତିରେ ଜୀବନ ପୂର୍ଣ୍ଣାଙ୍ଗ ହୁଏନାହିଁ । ଆତ୍ମମାନୁଭୂତି ଅନନ୍ତର ଜ୍ଞାନୀ ପୁରୁଷ ପୁଣି କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ପରିତ୍ୟାଗ କରି ଭଗବାନଙ୍କ ପ୍ରସନ୍ନତା ନିମିତ୍ତ କର୍ମ ମାଧ୍ୟମରେ ପରମାତ୍ମାଙ୍କ ସହିତ ତାଦାତ୍ମ୍ୟ ସ୍ଥାପନ କରିବା ହେଉଛି ଭକ୍ତ ରୂପରେ ସେହି ଅଖଣ୍ଡ ଆନନ୍ଦରସକୁ ପାନ କରିବା । ଈଶ୍ୱରାର୍ପଣ ଭାବନା ଦ୍ୱାରା ହିଁ କର୍ତ୍ତୃତ୍ୱାଭିମାନ ତ୍ୟାଗ କରି ଭଗବାନଙ୍କ ଆଶ୍ରିତ ହେବା ସମ୍ଭବ । ଜୀବ ପ୍ରତି ଭଗବାନଙ୍କ ଅପାର ଦୟା ଓ ଅନୁକମ୍ପା ହେଉଛି ଭଗବାନଙ୍କ ବ୍ୟକ୍ତ ସ୍ୱରୂପ । ଈଶ୍ୱର ନିଜେ ହିଁ ନିଜର କୃପାର ଅବତାର ଏବଂ ତାଙ୍କରି କୃପା ହିଁ ସେ' ସ୍ୱୟଂ ।

ଚେତସା ସର୍ବକର୍ମାଣି  ମୟି ସନ୍ନ୍ୟସ୍ୟ ମତ୍ପରଃ ।
ବୁଦ୍ଧିଯୋଗମୁପାଶ୍ରିତ୍ୟ   ମଚ୍ଚିତ୍ତଃ  ସତତଂ ଭବ ॥୫୭॥

*ଅନ୍ୱୟ: ଚେତସା ( ଦେହାଭିମାନ ରହିତ ଶୁଦ୍ଧ ଚିତ୍ତ ଦ୍ୱାରା ) ସର୍ବ କର୍ମାଣି (ସମସ୍ତ କର୍ମ) ମୟି (ମୋତେ ) ସନ୍ନ୍ୟସ୍ୟ ( ସମର୍ପଣ କରି ) ମତ୍-ପରଃ ( ମୋର ପରାୟଣ ହୋଇ) ବୁଦ୍ଧିଯୋଗମ୍ ( ସମତା ବୁଦ୍ଧିଯୋଗକୁ) ଉପାଶ୍ରିତ୍ୟ (ଆଶ୍ରୟ କରି ) ସତତଂ (ସର୍ବଦା) ମତ୍-ଚିତ୍ତଃ ( ନିବିଷ୍ଟ ଚିତ୍ତ ଅର୍ଥାତ୍ ମୋଠାରେ ଅନନ୍ୟ ଶରଣ) ଭାବ (ହୋଇଯାଅ) ।*

**ଭାବାର୍ଥ** : ଏହି ଶ୍ଳୋକରେ ଭଗବାନ ଦୁଇଟି ସାଧନ ବିଷୟ କହିଛନ୍ତି । ପ୍ରଥମ ପଦରେ ସଂସାରର ସମ୍ବନ୍ଧ ତ୍ୟାଗ ଏବଂ ଦ୍ୱିତୀୟ ପଦରେ ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ । ବୁଦ୍ଧିଯୋଗକୁ ଅବଲମ୍ବନ କରି ଭକ୍ତି ପରାୟଣ ହୋଇ ଭଗବାନଙ୍କୁ ନିତ୍ୟ ସ୍ମରଣ କରିବାର ଏକ ସହଜ ସାଧନ ମାର୍ଗ, ଭଗବାନ ନିର୍ଦ୍ଦେଶ କରିଛନ୍ତି । ଶୁଦ୍ଧ ଚିତ୍ତରେ ନିଜର ଆଶ୍ରମୋଚିତ ଧର୍ମ-କର୍ମ ସମୂହ ଈଶ୍ୱରାର୍ପଣ କରିଦେଇ ନିଷ୍କାମ ଭକ୍ତ ହେବାପାଇଁ କହିଛନ୍ତି । ସମତା ରୂପକ ବୁଦ୍ଧି ଯୋଗର ଆଶ୍ରୟ ନେଇ ନିରନ୍ତର ସବୁ ଅବସ୍ଥାରେ ଭଗବଦ୍ ଯୁକ୍ତ ଚିତ୍ତ ହୋଇରୁହ । ସାଧକ ଦୃଢଭାବେ ସ୍ୱୀକାର କରିନେବାକୁ ହେବ କି, ସଂସାରର ବ୍ୟକ୍ତି, ବସ୍ତୁ, ଘଟଣା, ପରିସ୍ଥିତି ଏପରି କି ନିଜ ଦେହ, ମନ ଇନ୍ଦ୍ରିୟାଦି  ସବୁକିଛି ଭଗବାନଙ୍କର । ଭଗବାନ ହିଁ ଏ ସବୁର ସ୍ୱାମୀ । ନିଜଦ୍ୱାରା ଯାହାକିଛି କର୍ମ ହେଉଛି, ସେ' ସମସ୍ତ ଭଗବାନଙ୍କ ଇଚ୍ଛାରେ ହେଉଛି । ବସ୍ତୁ, ଟଙ୍କା, ସୁନା, ସ୍ତ୍ରୀ-ପୁତ୍ର ଆଦି କଳତ୍ର, ଶରୀର, ବିଦ୍ୟା, ଉପାଧି - ଏଗୁଡିକ ପ୍ରତି ଆତ୍ମୀୟତା ଅଜ୍ଞାନ ଜନିତ ମୋହ କାରଣରୁ ଆସିଥାଏ । ଏ ସମସ୍ତ ସଂସାର ସେବା ନିମିତ୍ତ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ବୋଲି ଦୃଢତାର ସହ ସ୍ୱୀକାର କରିନେଲେ ମମତ୍ୱ ଓ ଆସକ୍ତିର ନାଶ ଘଟେ । ସଂସାରର ସମସ୍ତ ବସ୍ତୁ ପ୍ରାକୃତ ଓ ସଦା ପରିବର୍ତ୍ତନଶୀଳ ଯାହାକି ସ୍ୱୟଂ ଠାରୁ ଭିନ୍ନ । ଏଗୁଡିକ ପ୍ରତି ମମତ୍ୱ ଭାବ ହିଁ ଏଗୁଡ଼ିକର ଅଧିନସ୍ଥ ହୋଇ ରହିବା । ବାସ୍ତବରେ ପରିବର୍ତ୍ତନଶୀଳ ସଂସାର ସହିତ ଜୀବର ନିତ୍ୟ ବିୟୋଗ ରହିଥାଏ । ମନୁଷ୍ୟ କେବଳ ଭ୍ରମ ବଶତଃ ସଂସାର ସହିତ ସଂଯୋଗ ମାନିଥାଏ । ଭଗବାନଙ୍କ ସହିତ ଜୀବର ସ୍ୱତଃ ସିଦ୍ଧ ନିତ୍ୟ ସମ୍ବନ୍ଧ ରହିଛି । କେବଳ ସଂସାର ସହିତ ସମ୍ବନ୍ଧ ରଖିବାରେ ସେହି ନିତ୍ୟ ସମ୍ବନ୍ଧର ବିସ୍ମୃତ ଘଟିଥାଏ । ପରମାତ୍ମା ପ୍ରାପ୍ତି ଜୀବନର ଲକ୍ଷ୍ୟବୋଲି ମାନି ନେବାରେ ଈଶ୍ୱରଙ୍କଠି ସମର୍ପଣ ଭାବ ସ୍ୱତଃ ଆସିଯାଏ। 'ଭଗବାନ ହିଁ ମୋର ପରମ ଆଶ୍ରୟ'- 'ତାଙ୍କ ବିନା

ମୋର କେହି ନାହାନ୍ତି'- 'ମୋର କିଛି ବଆବଶ୍ୟକ ନାହିଁ କି, କିଛି କରିବାର ନାହିଁ'- 'ସଂସାରରେ ମୋର କିଛି ନବାର ନାହିଁ କି, କିଛି ଦେବାର ନାହିଁ'- ଏହି ବିଚାର ସର୍ବଦା ମନରେ ଜାଗ୍ରତ ହୋଇ ରହିବା ଆବଶ୍ୟକ । ସେହିଭଳି ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି ଆଦିରେ ମୋର କିଞ୍ଚିତ୍ ମାତ୍ର ବି ପ୍ରୟୋଜନ ନାହିଁ -ଏହିପରି ଅନନ୍ୟ ଭାବ ହୋଇଯିବା ହେଉଛି ଭଗବତ୍ ପରାୟଣ ହୋଇ ରହିବା । **'ସମତ୍ୱଂ ଯୋଗ ଉଚ୍ୟତେ' (ଗୀତା-୨/୩୦)**- ସମତ୍ୱ ହିଁ ଯୋଗର ପରିଭାଷା । ସମତା ବୁଦ୍ଧି ହେବାରେ ସଂସାରର ସୁଖ-ଦୁଃଖ, ଅନୁକୂଳତା-ପ୍ରତିକୂଳତା ପରିସ୍ଥିତି ଏ ସବୁର ଯିବା ଆସିବା ଚାଲିଥାଏ, କିନ୍ତୁ ମନ, ବୁଦ୍ଧି ସ୍ୱୟଂରେ ସ୍ଥିତ ରହିଲେ ଏ ଗୁଡିକଡ଼ା କୌଣସି ପ୍ରଭାବ ବୋଧ ହୋଇ ନ ଥାଏ । ଏଥି ନିମନ୍ତେ ଜପ, ଧ୍ୟାନ, କୀର୍ତ୍ତନ, ସତ୍-ସଙ୍ଗ, ସ୍ୱାଧ୍ୟାୟ କାର୍ଯ୍ୟରେ ଚିତ୍ତକୁ ତଲ୍ଲିନ ରଖିବାକୁ ହେବ । ନିତ୍ୟ-ଯୋଗ ପ୍ରେମ ସାଧକ ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ସମର୍ପିତ ହୋବାରେ ପ୍ରାପ୍ତ ହୋଇଥାଏ । ସେଥିରେ ଭଗବାନ ପ୍ରେମୀର ଦାସ ହୋଇଯାଆନ୍ତି । ସେହି ପ୍ରେମ ରସ ଆନନ୍ଦ ରୂପେ ପ୍ରତିକ୍ଷଣ ବୃଦ୍ଧି ପାଇଥାଏ ।

ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ ପ୍ରସାଦାତ୍ତରିଷ୍ୟସି ।
ଅଥ ଚେତ୍ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ॥୫୮॥

*ଅନ୍ୱୟ : ମତ୍-ଚିତ୍ତଃ (ମୋଠାରେ ଯୁକ୍ତଚିତ୍ତ ହୋଇ) ମତ୍ ପ୍ରସାଦାତ୍ ( ମୋର ଅନୁଗ୍ରହରୁ) ସର୍ବଦୁର୍ଗାଣି (ଦୁସ୍ତର ସାଂସାରିକ ଦୁଃଖ ସମୂହରୁ ) ତରିଷ୍ୟସି (ପାର ହୋଇଯାଅ ) । ଅଥ ( ଅନ୍ୟ ପକ୍ଷରେ ) ଚେତ୍ (ଯଦି ) ଅହଂକାରାତ୍ (ଅହଂକାର ବଶତଃ ) ନ ଶ୍ରୋଷ୍ୟସି (ମୋତେ ଶୁଣିବ ନାହିଁ ) ବିନଙ୍କ୍ଷ୍ୟସି (ତେବେ ତୁମର ପତନ ହେବ ଅର୍ଥାତ୍ ପରମାର୍ଥରୁ ଭ୍ରଷ୍ଟ ହୋଇଯିବ ) ।*

**ଭାବାର୍ଥ** : ହେ ଅର୍ଜୁନ ! ତୁମେ ସର୍ବଦା ମନରେ ମୋତେ ସ୍ମରଣ କରି ମୋର ଶରଣାଗତ ହୋଇଗଲେ, ସଂସାରର ଏହି ଦୁସ୍ତର ଦୁଃଖ ସାଗରକୁ ଅନାୟାସରେ ପାର ହୋଇଯିବ । ଶୁଭାଶୁଭ କର୍ମଫଳ ସମୂହ ତୁମର ବନ୍ଧନର କାରଣ ହେବନାହିଁ । ଅନ୍ୟପକ୍ଷରେ ତୁମେ ଯଦି ଅହଂକାର ବଶତଃ ମୋର ଉପଦେଶାନୁସାରେ କର୍ମରତ ହେବନାହିଁ, ତେବେ ତୁମର ପତନ ସୁନିଶ୍ଚିତ ଅର୍ଥାତ୍ ତୁମେ ଭଗବତ୍ ପ୍ରାପ୍ତି ମାର୍ଗରୁ ଭ୍ରଷ୍ଟ ହେବ । ଏ ସଂସାର ଏକ ଭୟାନକ ଯୁଦ୍ଧକ୍ଷେତ୍ର ଯେଉଁଠାରେ ମାୟାଶକ୍ତିରୁ ମୁକୁଳିବା ଦୁର୍ବହ । ସଂସାରର ସମସ୍ତ କର୍ମ ହେଉଛି ଜୀବ ମାଧ୍ୟମରେ ପରମ ଚୈତନ୍ୟଙ୍କ ପରିପ୍ରକାଶ । ଜୀବ ଶରୀର, ମନ ଓ ବୁଦ୍ଧି ଧାରଣ କରିବା ପର୍ଯ୍ୟନ୍ତ ସ୍ୱୟଂକୁ ଭଗବାନଙ୍କ ପ୍ରତିନିଧି ସ୍ୱରୂପ ମନେକରି କାର୍ଯ୍ୟରତ ହେବା ଉଚିତ । ତାଙ୍କ ବିନା କୌଣସି କର୍ମ ସମ୍ଭବ ନୁହେଁ । ତେଣୁ ମନୁଷ୍ୟ ପ୍ରତ୍ୟେକ କର୍ମ କରିବା କାଳରେ ପରମେଶ୍ୱରଙ୍କ ପ୍ରତି ଲକ୍ଷ୍ୟ ରଖିବା ଉଚିତ । ମନରେ କିଞ୍ଚିତ ମାତ୍ର ଅହଂ ଭାବ (କର୍ତ୍ତାପନ) ଭଗବତ୍ କୃପା ପ୍ରାପ୍ତ କରିବାରେ ପ୍ରତିବନ୍ଧକ ହୋଇଥାଏ । ଯିଏ ପ୍ରକୃତି ଓ ପ୍ରକୃତିର କାର୍ଯ୍ୟରୁ ବିମୁଖ ହୋଇ ଭଗବାନଙ୍କ ସମ୍ମୁଖ ହୋଇଯାଏ ଅର୍ଥାତ୍ ତାଙ୍କରି ଶରଣକୁ ଆସିଯାଏ, ଭଗବତ୍ କୃପା ଆପେ ଆପେ ପୂର୍ଣ୍ଣତାରେ ପହଞ୍ଚାଇଦିଏ । ପରମାତ୍ମା ସ୍ୱରୂପରେ ମନ, ବୁଦ୍ଧି ସମାହିତ ହୋଇଗଲେ ଯେଉଁ ଫଳ ପ୍ରାପ୍ତିହୁଏ ତାହା ହେଉଛି 'ଭଗବତ୍ କୃପା' । ଜୀବନ ନିର୍ବାହ କାଳରେ ସମସ୍ତ ସାଂସାରିକ ବାଧା, ବିଘ୍ନ ସତ୍ତ୍ୱେ ଭଗବତ୍ କୃପାର ଆଶ୍ରୟ ହେତୁ ଭକ୍ତ କେବେ ବିଚଳିତ ହୋଇ ନ ଥାଏ । ଭଗବତ କୃପାରେ ଯେଉଁ ଶକ୍ତି ନିହିତ ତାହା ଅନ୍ୟ କୌଣସି ସାଧନାରେ ସମ୍ଭବ ନୁହଁ । ଭଗବାନ ଏହି ଶ୍ଲୋକରେ ଅର୍ଜୁନଙ୍କୁ କହିବା ଉପଲକ୍ଷରେ ସମସ୍ତ ମନୁଷ୍ୟଙ୍କୁ ସାବଧାନ କରାଇ

ଦେଇଛନ୍ତି କି, ଯଦି ଅହଂକାର ବଶତଃ କୌଣସି ମନୁଷ୍ୟ ନିଜକୁ ବୁଦ୍ଧିମାନ ଓ ସମର୍ଥ ବୋଲି ଭାବି ସ୍ୱ-ଇଚ୍ଛାରେ ଭଗବାନଙ୍କ ଆଜ୍ଞାର ବିପରୀତ କ୍ରମେ କାର୍ଯ୍ୟରେ ନିଯୁକ୍ତ ରହେ, ତେବେ ସେ' ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇ ନଷ୍ଟ ଭ୍ରଷ୍ଟ ହୋଇଯାଏ । ଅହଂକାରର ଅର୍ଥ ବୁଦ୍ଧିର ଧୃଷ୍ଟତା । ଯୁଦ୍ଧରେ ଭୀଷ୍ମ, ଦ୍ରୋଣ, କୃପାଚାର୍ଯ୍ୟ, କର୍ଣ୍ଣ, ଜୟଦ୍ରଥ ଆଦି ମହାରଥୀ- ପ୍ରତ୍ୟେକେ ଜଣେ ଜଣେ ଅଭେଦ୍ୟ ଦୁର୍ଗ ରୂପେ ଉଭା ହୋଇଥିଲେ । ଯଦି ଅର୍ଜୁନ ଭଗବାନଙ୍କ ଆଜ୍ଞା ନଶୁଣି 'ମୁଁ ଧରାରେ ଜାଣେ ସର୍ବ ଶ୍ରେଷ୍ଠ ଧନୁର୍ଦ୍ଧାରୀ ମନେକରି' ନିଜ ସ୍ୱ-ଇଚ୍ଛାରେ ଯୁଦ୍ଧରତ ହୋଇଥାନ୍ତେ, ତାହାହେଲେ ପାଣ୍ଡବମାନଙ୍କ ବିଜୟ କେବେ ବି ସମ୍ଭବ ହୋଇ ନଥାନ୍ତା । ଏହି ସଂସାର ମାର୍ଗରେ ସଫଳତା ପ୍ରାପ୍ତ ଅଭିଳାଷ ରଖୁଥିବା ପୁରୁଷର ନିଷ୍କାମ ଭାବରେ ଈଶ୍ୱରଙ୍କ ଅର୍ଚ୍ଚନା ରୂପରେ ନିୟତ କର୍ମର ଅନୁଷ୍ଠାନ, ଭଗବାନଙ୍କ ଉପଦେଶ ଅନୁଯାୟୀ କରିବା ବିଧେୟ । ଏଥିରେ ମନୁଷ୍ୟର କଲ୍ୟାଣ ହୋଇଥାଏ ।

ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।
ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିଯୋକ୍ଷତି ॥୫୯॥

*ଅନ୍ୱୟ: ଅହଂକାରମ୍ (ଅହଂକାରକୁ) ଆଶ୍ରିତ୍ୟ ( ଆଶ୍ରୟ କରି ) ନ-ଯୋତ୍ସ୍ୟେ ('ମୁଁ ଯୁଦ୍ଧ କରିବି ନାହିଁ ) ଇତି ( ଏହିଭଳି) ଯତ୍ (ଯାହା) ମନ୍ୟସେ ( ମନେ କରୁଛ) ତେ ( ତୁମର) ଏଷଃ (ଏହି) ବ୍ୟବସାୟଃ ( ନିର୍ଣ୍ଣୟ- ସଂକଳ୍ପ ) ମିଥ୍ୟା ( ନିଷ୍ଫଳ ଅଟେ ) ପ୍ରକୃତିଃ (ରଜୋଗୁଣାତ୍ମିକା ମୋହମାୟା) ତ୍ୱାମ୍ (ତୁମକୁ) ନିଯୋକ୍ଷତି (ବଳ ପୂର୍ବକ ଯୁଦ୍ଧରେ ତୁମକୁ ନିଯୁକ୍ତ କରିବ ) ।*

**ଭାବାର୍ଥ** : ହେ ଅର୍ଜୁନ ! ଅହଂକାରକୁ ଆଶ୍ରୟକରି " ମୁଁ ଯୁଦ୍ଧ କରିବି ନାହିଁ"- ଏହି ଯେଉଁ ସଂକଳ୍ପ ମନରେ ସ୍ଥିର କରିଛ, ତାହା ନିରାଧାର ଏବଂ ମିଥ୍ୟା ହିଁ ସାବ୍ୟସ୍ତ ହେବ । ତୁମର ଏହି ନିଶ୍ଚୟ ଅଧିକ ସମୟ ପର୍ଯ୍ୟନ୍ତ ସ୍ଥିର ହୋଇ ରହିବନାହିଁ । କାରଣ ପ୍ରକୃତିର ରଜୋଗୁଣାତ୍ମିକ ମାୟାର ପ୍ରଭାବରେ ତୁମେ ଯୁଦ୍ଧରୁ ପଳାୟନ କରି ପାରିବ ନାହିଁ । ଅହଂକାର ବଶତଃ ମନରେ ଯୁଦ୍ଧ ତ୍ୟାଗର ସଂକଳ୍ପ ଥିଲେ ମଧ, ତୁମର କ୍ଷତ୍ରିୟୋଚିତ ସ୍ୱଭାବ ହିଁ ତୁମ ସଙ୍କଳ୍ପର ବିରୁଦ୍ଧାଚରଣ କରିବ । କ୍ଷତ୍ରିୟ ପକ୍ଷେ ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବା ସିଦ୍ଧ-ସ୍ୱଭାବ । ଏହା ତୁମକୁ ଯୁଦ୍ଧରେ ପ୍ରବୃତ୍ତ ନିମିତ୍ତ ବିବଶ କରିବ । ମନୁଷ୍ୟର ଅହଂକାରଠାରୁ ତା'ରି ସ୍ୱଭାବ ଅଧିକ ଶକ୍ତିଶାଳୀ । କୀର୍ତ୍ତି ଓ ପ୍ରତିଷ୍ଠା ଭଳି ଲୌକିକ ଦୃଷ୍ଟିରୁ ମଧ ଦେଖିଲେ, ଅର୍ଜୁନଙ୍କ ଯୁଦ୍ଧ ନ କରିବା ସଂକଳ୍ପ ବ୍ୟବହାର ସିଦ୍ଧ ନ ଥିଲା । ନିଜକୁ ବିଚାରମନ୍ତ ମନେକରି ଯୁଦ୍ଧରୁ ନିବୃତ୍ତି ସକାଶେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଯେଉଁ ବୃଥା ତର୍କ, ତାହା ତା'ଙ୍କର ଅଜ୍ଞାନ ଜନିତ ଅହଂକାର ଥିଲା । ନିଜକୁ ଶ୍ରେଷ୍ଠ ଧନୁର୍ଦ୍ଧାରୀ ମନେକରି ସାରଥିରୂପେ ରଥ ଚଳାଉଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଅସଲ ସ୍ୱରୂପ ସମ୍ବନ୍ଧରେ ଅଜ୍ଞ ରହି ତାଙ୍କରି ଉପଦେଶକୁ ଉପେକ୍ଷା କରିବା, ଦ୍ୱିତୀୟ ଅହଂକାରର ସୂଚକ ଥିଲା । ନିଜର ହିତ-ଅହିତ ସମ୍ବନ୍ଧରେ ନିଜକୁ ସ୍ୱତନ୍ତ୍ରତା ମାନିବା ବୁଦ୍ଧିର ଧୃଷ୍ଟତା ମାତ୍ର । ଏଥି ନିମନ୍ତେ ଶାସ୍ତ୍ର କିମ୍ବା ଗୁରୁ-ବାକ୍ୟର ସହାୟତା ଅନିର୍ବାର୍ଯ୍ୟ । ମନୁଷ୍ୟ ପକ୍ଷେ କର୍ମ କରିବା ବା ନ କରିବା ଦ୍ୱାରା ଯେତିକି କ୍ଷତି ହୋଇ ନ ଥାଏ, ବିଧିର ବିଧାନକୁ ପ୍ରତିରୋଧ କଲାଭଳି ଅହଂକାର ଯୁକ୍ତ ଚିତ୍ତରେ ନିଜ କର୍ମ କରିବା ତା'ଠାରୁ ଅଧିକ କ୍ଷତି ଘଟାଇଥାଏ । ଏହିଠାରେ ପ୍ରଶ୍ନ ଆସେ କି, ଯେବେ ସ୍ୱଭାବ ଅନୁସାରେ ମନୁଷ୍ୟ ବିବଶ ହୋଇ କାର୍ଯ୍ୟରେ ଲାଗେ, ତେବେ ଯୁଦ୍ଧରେ ନିଯୁକ୍ତ ହେବାପାଇଁ ଭଗବାନ ଶ୍ରୀକୃଷ୍ଣ ବାରମ୍ବାର ଅର୍ଜୁନଙ୍କୁ ପ୍ରବର୍ତ୍ତାଇବାର କଣ ଆବଶ୍ୟକତା ରହିଥିଲା ? ଏହାର

ସମାଧାନ ହେଉଛି କି, ପ୍ରକୃତିର ବାଧ୍ୟ ବାଧକତାରେ ଯେଉଁ କର୍ମ ହୋଇଥାଏ, ସେଥିରେ କର୍ତ୍ତବ୍ୟ ବୋଧର ଅଭାବରୁ ତାହା ବନ୍ଧନର କାରଣ ହୁଏ । ଅନ୍ୟ ପକ୍ଷରେ, ଈଶ୍ୱର ଅର୍ଚ୍ଚନା ମାନସିକତା ନେଇ କର୍ତ୍ତବ୍ୟ ବୋଧରେ ଯେଉଁ ସ୍ୱଭାବ ସିଦ୍ଧ କର୍ମ ହୋଇଥାଏ, ସେଥିରେ କର୍ତ୍ତାପନ କି, ଭୋକ୍ତାପନ ଅଭାବରୁ ତାହା ବନ୍ଧନର କାରଣ ହୋଇ ନଥାଏ । କର୍ମରେ ପ୍ରବୃତ୍ତ ହୋଇ ମଧ୍ୟ କର୍ତ୍ତା ଜଳରେ ପଦ୍ମପତ୍ର ସାଦୃଶ୍ୟ ନିର୍ଲିପ୍ତ ରହେ । ତେଣୁ ମନୁଷ୍ୟ ବିନା ଦ୍ୱିଧାରେ ସ୍ୱଭାବଜନିତ କର୍ମକୁ ପରମେଶ୍ୱରଙ୍କ ଆଦେଶ ବୋଲି ମାନି ତଦାନୁଯାୟୀ ନିର୍ବିଘ୍ନରେ ସମସ୍ତ କାର୍ଯ୍ୟ ଅନାସକ୍ତ ରହି ସମ୍ପାଦନ କରିବା ବିଧେୟ ।

ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନ କର୍ମଣା ।
କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍କରିଷ୍ୟସି ଅବଶଃ ଅପି ତତ୍ ॥୬୦॥

*ଅନ୍ୱୟ : କୌନ୍ତେୟ !( ହେ କୁନ୍ତୀପୁତ୍ର ଅର୍ଜୁନ!) ମୋହାତ୍ (ମୋହ ବଶତଃ) ଯତ୍ (ଯୁଦ୍ଧଭଳି ଯେଉଁ କର୍ମକୁ ) କର୍ତ୍ତୁଂ (ତୁମେ କରିବାକୁ) ନ ଇଚ୍ଛସି ( ଇଚ୍ଛା କରୁନାହଁ ) ତତ୍ (ତାହାକୁ) ସ୍ୱେନ ( ନିଜର ) ସ୍ୱଭାବଜେନ (ପୂର୍ବକୃତ ସ୍ୱଭାବଜାତ) କର୍ମଣା ( କର୍ମଦ୍ୱାରା ) ନିବଦ୍ଧଃ (ଆବଦ୍ଧ ହୋଇ ) ଅବଶଃ (ଅନିଚ୍ଛା ସତ୍ତ୍ୱେ ) ଅପି (ମଧ୍ୟ ) କରିଷ୍ୟସି (କରିବ ) ।*

**ଭାବାର୍ଥ** : ହେ କୁନ୍ତୀପୁତ୍ର ଅର୍ଜୁନ ! ତୁମେ ଯେଉଁ ଯୁଦ୍ଧରେ ପ୍ରବୃତ୍ତ ହେବାର କର୍ମକୁ ତ୍ୟାଗ କରିବାକୁ ଚାହୁଁଛ, ତାହାକୁ ତୁମ ସ୍ୱଭାବରୁ ଉତ୍ପନ୍ନ କର୍ମଦ୍ୱାରା ବିବଶ ହୋଇ ଅବଶ୍ୟ ହିଁ କରିବ । ଯୁଦ୍ଧ କ୍ଷେତ୍ରରୁ ପଳାୟନ ନ କରିବା ଯେଉଁ ତୁମର ଅର୍ଥାତ୍ କ୍ଷେତ୍ରୀୟ ଶ୍ରେଣୀର ସ୍ୱଭାବ, ତାହା ତୁମ୍ଭକୁ ବଳ ପୂର୍ବକ ଯୁଦ୍ଧରେ ପ୍ରବୃତ୍ତ କରାଇବ । ଯୁଦ୍ଧ କରିବା ବ୍ୟତୀତ ତୁମପାଇଁ ଅନ୍ୟ କୌଣସି ପନ୍ଥା ନାହିଁ । ଏଠାରେ ଭଗବାନ ଅର୍ଜୁନଙ୍କୁ 'କୁନ୍ତୀପୁତ୍ର' ବୋଲି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା କି, କୁନ୍ତୀ ଜଣେ ବୀରାଙ୍ଗନା ନାରୀ ଥିଲେ । ମେଦିନୀକୁ ଅଧର୍ମର ପାପ ଭାରରୁ ମୁକ୍ତ ନିମନ୍ତେ ସେ ନିଜ ପାଣ୍ଡବଙ୍କୁ ପୁନଃ ବନବାସ ପରିବର୍ତ୍ତେ ଯୁଦ୍ଧ କରିବାପାଇଁ ଉତ୍ସାହିତ କରିଥିଲେ । ଅର୍ଜୁନ ସେହି ମହୀୟସି ମାତାଙ୍କ ପୁତ୍ର ଏବଂ ନିଜେ ମଧ୍ୟ ଜଣେ ଶୂରବିର । ତେଣୁ ସେ' ଯୁଦ୍ଧ ନ କରି ରହି ପାରିବେ ନାହିଁ । ସ୍ୱଭାବ କର୍ମ ପରିତ୍ୟାଗର ବିଚାର ବିବେକ ପୂର୍ଣ୍ଣ ନ ହୋଇ ମୋହଯୁକ୍ତ ହୋଇଥାଏ, ଯାହାକି କ୍ଷଣସ୍ଥାୟୀ । ଅନ୍ୟ ପକ୍ଷରେ ସ୍ୱଭାବ ସର୍ବଦା ଜନ୍ମ ଜନ୍ମାନ୍ତର ଧରି ପ୍ରାଣୀର ସାଥିରେ ରହିଥାଏ । ତେଣୁ ଅହଂକାରର ବଶରେ ଆସି ସ୍ୱଭାବ ବିରୁଦ୍ଧରେ କର୍ମକରିବାର ସଙ୍କଳ୍ପକୁ ଆଗକୁ ବଦଳାଇବାକୁ ପଡିଥାଏ । **"ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି " (ଗୀତା ୩/୩୩)** ଜ୍ଞାନୀ ପୁରୁଷ ମଧ୍ୟ ନିଜର ପ୍ରକୃତି ଅନୁସାରେ କାର୍ଯ୍ୟ କରନ୍ତି । ଏଥିରେ କାହାର ହଠ କଣ କାମ କରିବ ? ପୂର୍ବ ଜନ୍ମରେ ଯେପରି କର୍ମ ଓ ଗୁଣର ବୃତ୍ତି ରହିଆସିଛି, ଏ ଜନ୍ମର ମାତା-ପିତାଙ୍କ ଯେପରି ସଂସ୍କାର ରହିଛି, ଜନ୍ମ ପରଠାରୁ ଯେପରି ଶିକ୍ଷା ଓ ଦୀକ୍ଷା ପ୍ରାପ୍ତ ହୋଇଛି- ସେ ସବୁର ମିଶ୍ରଣରୁ ଯାହାଦ୍ୱାରା ଅନ୍ତରରୁ କର୍ମ କରିବାର ପ୍ରେରଣା ଆସେ, ତା'ହାର ନାମ 'ସ୍ୱଭାବ' । ଏହାକୁ ଭଗବାନ ସ୍ୱଭାବ ସ୍ୱକୀୟ କର୍ମ କହିଛନ୍ତି – ଏହାକୁ ମଧ୍ୟ ଗୀତାରେ ପୂର୍ବରୁ 'ସ୍ୱଧର୍ମ' ବୋଲି କୁହାଯାଇଛି । ଯେଉଁ ମନୁଷ୍ୟ 'ଈଶ୍ୱରଙ୍କ ଇଚ୍ଛାରେ ସବୁକିଛି ହୋଇଥାଏ'- ଏହି ବିଚାରରେ ଯୋଗ ସାଧନାର ଆଶ୍ରୟ ନେଇ ନିଜକୁ ପ୍ରକୃତିଠାରୁ ଉର୍ଦ୍ଧ୍ୱକୁ ଉଠାଇନେଇ ନିଜର ଆଶ୍ରମୋଚିତ ସିଦ୍ଧ ସ୍ୱଭାବ କର୍ମ କରିଚାଲେ, ସେ କର୍ମ ବନ୍ଧନରୁ ମୁକ୍ତ ହୋଇ ପ୍ରକୃତିକୁ ଅତିକ୍ରମ କରିଯାଏ, ଅର୍ଥାତ୍ ପରମାତ୍ମା ପ୍ରାପ୍ତ ହୋଇଥାଏ । ଜୀବନ-ମୁକ୍ତ ମହାପୁରୁଷମାନଙ୍କ ସ୍ୱଭାବ ସମ୍ପୂର୍ଣ୍ଣ ଶୁଦ୍ଧ । ମନୁଷ୍ୟ ନିଜର

ବର୍ଣ୍ଣୋଚିତ ସ୍ୱଭାବକୁ ତ ଛାଡିପାରିବ ନାହିଁ, ମାତ୍ର ଭଗବତ୍ ପ୍ରାପ୍ତିର ଉଦ୍ଦେଶ୍ୟ ରଖି ତାହାକୁ ରାଗ-ଦ୍ୱେଷ ଓ ନିର୍ମଳ କରିପାରିବ । ନିଷିଦ୍ଧ କର୍ମ କରିବାର ସ୍ୱଭାବ ତ୍ୟାଗକରି ବିହିତ କର୍ମ କରିବାର ପ୍ରୟାସ ହିଁ ଯୋଗ ସାଧନ । କର୍ମ ଯୋଗରେ ରାଗ-ଦ୍ୱେଷ ରହିତ ହୋଇ ଅନାସକ୍ତଭାବେ କର୍ମ କରିବାରେ, ଜ୍ଞାନଯୋଗରେ ଦେହାଭିମାନକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରି ଆତ୍ମସ୍ଥ ରହିବାରେ ଏବଂ ଭକ୍ତି ମାର୍ଗରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଯିବାରେ ସ୍ୱଭାବ ଶୁଦ୍ଧ ହୋଇଥାଏ ।

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ ଅର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା ॥ ୬୧॥

*ଅନ୍ୱୟ: ଅର୍ଜୁନ ( ହେ ଅର୍ଜୁନ !) ଈଶ୍ୱରଃ (ଅନ୍ତର୍ଯାମୀ ପରମେଶ୍ୱର ) ସର୍ବଭୂତାନାମ୍ (ଶରୀରଧାରୀ ସମସ୍ତ ପ୍ରାଣୀଙ୍କ) ହୃଦ୍ଦେଶେ (ହୃଦୟରେ) ତିଷ୍ଠତି ( ଅଧିଷ୍ଠିତ ରହି ) ମାୟୟା ( ନିଜ ମାୟାଦ୍ୱାରା ) ଯନ୍ତ୍ର-ରୂଢାନି (ଯନ୍ତ୍ରାରୂଢ ପୁତ୍ତଳିକା ସଦୃଶ) ସର୍ବଭୂତାନି ( ସମସ୍ତ ପ୍ରାଣୀଙ୍କୁ) ଭ୍ରାମୟାନ ( ସେମାନଙ୍କ ସ୍ୱଭାବ ଅନୁସାରେ ଭ୍ରମଣ କରାଉଥାଆନ୍ତି ) ।*

**ଭାବାର୍ଥ** : ହେ ଅର୍ଜୁନ ! ସର୍ବଅନ୍ତର୍ଯ୍ୟାମୀ ପରମାତ୍ମା ଶରୀରଧାରୀ ସମସ୍ତ ପ୍ରାଣୀଙ୍କ ହୃଦୟରେ ଅବସ୍ଥାନ କରି ନିଜର ମାୟାଶକ୍ତି ଦ୍ୱାରା ଯନ୍ତ୍ରାରୂଢ ପୁତ୍ତଳିକା ସାଦୃଶ୍ୟ ସମସ୍ତ ଜୀବକୁ ସେମାନଙ୍କ କର୍ମଫଳ ଅନୁସାରେ ଭ୍ରମଣ କରାଉଥାନ୍ତି । ପ୍ରତ୍ୟେକ ଜୀବ ପୂର୍ବ ପୂର୍ବ ଜନ୍ମରେ କୃତକର୍ମର ଫଳ ସ୍ୱରୂପ ଏହି ଜନ୍ମରେ ପ୍ରକୃତି ଓ ଗୁଣର ଅବଶ ହୋଇ ନିଜ ନିଜ କର୍ମ କରିଥାନ୍ତି । ସେ କ୍ଷେତ୍ରରେ ଜୀବର କୌଣସି ସ୍ୱତନ୍ତ୍ରତା ନଥାଏ । ପରମେଶ୍ୱର ଚରାଚର ବିଶ୍ୱର ଅନ୍ତର୍ଯ୍ୟାମୀ । ପରମାତ୍ମା ଯେ'କି ଜୀବର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଜାଣନ୍ତି, ଜୀବର ହୃଦୟରେ ତା'ର କାର୍ଯ୍ୟକଳାପର ସାକ୍ଷୀ ରୂପରେ ରୁହନ୍ତି । ପରମ ପୁରୁଷ ଭଗବାନ ସମସ୍ତଙ୍କ ପ୍ରଭୁ । ସଚରାଚରରା ସେ' ସର୍ବେଶ୍ୱର । ଶ୍ରୁତି ବାକ୍ୟହେଲା; ଯାହା କିଛି ଦୃଶ୍ୟମାନ, ଅନ୍ତରୀକ୍ଷର ଯାହା କିଛି ବ୍ୟକ୍ତ-ଅବ୍ୟକ୍ତ, ବ୍ରହ୍ମାଣ୍ଡର ଯାହାକିଛି ଅନ୍ତଃ ଓ ବାହ୍ୟ ସ୍ଥିତ, ଶ୍ରୀ ନାରାୟଣ ସେହି ସବୁଥିରେ ବ୍ୟାପ୍ତହୋଇ ସର୍ବବ୍ୟାପୀ ଓ ସର୍ବନିୟନ୍ତା ଅଟନ୍ତି । ଯେପରି ଘଟାକାଶ ଓ ମହାକାଶ ଏକ ତତ୍ତ୍ୱ, ସେହିପରି ପରମାତ୍ମା ଓ ଜୀବ ସେହି ଗୋଟିଏ ତତ୍ତ୍ୱ, କିନ୍ତୁ ଦ୍ୱୈତ ରୂପେ ପ୍ରତୀତ ହୋଇଥାନ୍ତି । ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ପରମାତ୍ମାଙ୍କ ରଙ୍ଗଭୂମି । ତା'ରି ଉପରେ ସେ ବ୍ରହ୍ମାଙ୍କଠାରୁ କୀଟ ପର୍ଯ୍ୟନ୍ତ ଚଉରାଅଶି ଲକ୍ଷ ଜୀବକୁ ଛାୟାଚିତ୍ର ଭଳି ନଚାଇଥାଆନ୍ତି । **"ନଟ ମର୍କଟ ଇବ ସବହିଁ ନଚାବତ । ରାମ ଖଗେସ ବେଦ ଆସ ଗାବତ ॥"** (ମାନସ) କାକ ଭୁଷଣ୍ଡି କହୁଛନ୍ତି, ହେ ଗରୁଡ ! ଯେପରି ମଦାରୀ ବାନରକୁ ନଚାଇଥାଏ, ଏହିପରି ମାୟାର ଦଉଡି ଧରି ପରମେଶ୍ୱର ଜୀବକୁ ନଚାଇଥାନ୍ତି । ଭଗବତ୍ ବିମୁଖ ଜୀବକୁ ଅନାଦି କର୍ମ ସଂସ୍କାର ଅନୁରୂପ ମାୟାଦ୍ୱାରା ଏହି ସ୍ଥୂଳ-ସୂକ୍ଷ୍ମ ଶରୀର ପ୍ରାପ୍ତ ହୋଇଥାଏ । ଜୀବର ଶରୀର ମଧ୍ୟ ଏକ ଯନ୍ତ୍ର ବା ମଞ୍ଚ । ଈଶ୍ୱରଙ୍କ ହାତରେ ଥିବା କର୍ମ ସୂତ୍ରରେ ଜୀବର ଶରୀର ବନ୍ଧା ହୋଇ ରହିଥାଏ । ଏଣୁ ଜୀବର ସମସ୍ତ କର୍ମ ଈଶ୍ୱରଙ୍କ ପ୍ରେରଣାରେ ହିଁ ହୋଇଥାଏ । ନିଜ ନିଜ କର୍ମ ଅନୁସାରେ ଜୀବର ଗତି ହୋଇଥାଏ । ଏଠାରେ ଈଶ୍ୱର ସାକ୍ଷାତ୍ ରୂପରେ ବଦ୍ଧ ଜୀବକୁ କର୍ମରେ ପ୍ରବୃତ୍ତ କରାଇ ନଥାନ୍ତି । ବଦ୍ଧ ଜୀବ ମଧ୍ୟ ନିଜର ସ୍ୱତନ୍ତ୍ରାକୁ ସବୁ ପ୍ରକାରେ ତ୍ୟାଗକରି ଭଗବାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଚାହିଁ ନ ଥାଏ । ଉପରୋକ୍ତ ବିମୁଖ ଜୀବ ନିମନ୍ତେ ଭଗବାନ କେବଳ ସାକ୍ଷୀ ହୋଇଥାନ୍ତି ଏବଂ ଜୀବକୁ ସ୍ୱଭାବ ଜନିତ ଶୁଭ ଅଶୁଭ କର୍ମ ଅନୁସାରେ

ଭୋଗ ନିମିତ୍ତ ଫଳ ବି ପ୍ରଦାନ କରିଥାନ୍ତି । ଈଶ୍ୱର ସଂସାରର ଉପାଦାନ କାରଣ ଅଟନ୍ତି ଓ ନିମିତ୍ତ କାରଣ ମଧ୍ୟ ଅଟନ୍ତି । ସେ ମୃତ୍ତିକା ରୂପରେ ଉପାଦାନ ଏବଂ ସେ' ହିଁ କୁମ୍ଭକାର ରୂପରେ ନିମିତ୍ତ କାରଣ । ଜୀବ ଅବିଦ୍ୟାର ବଶବର୍ତ୍ତୀ କାରଣରୁ, ଏତେ ସମୀପରେ ଥିଲେ ମଧ୍ୟ ଜୀବ ପରମାତ୍ମାଙ୍କୁ ଜାଣିପାରେ ନାହିଁ । ମନୁଷ୍ୟ ଯେ ପର୍ଯ୍ୟନ୍ତ ଶରୀର ରୂପକ ଯନ୍ତ୍ର ସହିତ 'ମୁଁ' ଓ 'ମୋର' ସମ୍ବନ୍ଧ ରଖିଛି,ସେ ପର୍ଯ୍ୟନ୍ତ ତା'ରି ସ୍ୱଭାବ ଅନୁସାରେ ଈଶ୍ୱର ତାକୁ ସଞ୍ଚାଳିତ କରିଥାନ୍ତି । ଶରୀରଠାରୁ ପୂର୍ଣ୍ଣରୂପେ ସମ୍ବନ୍ଧ ଛିନ୍ନ ହୋଇଗଲେ,ସ୍ୱଭାବ ଶୁଦ୍ଧ ହୋଇଯାଏ ଏବଂ ଜୀବ ପ୍ରକୃତିର ପରବଶତାର ଉର୍ଦ୍ଧ୍ୱକୁ ଚାଲିଯାଏ । ମନୁଷ୍ୟ ଶରୀର ନିଜର ଉଦ୍ଧାର ନିମିତ୍ତ ପ୍ରାପ୍ତ । ତେଣୁ ନିଜ ସ୍ୱଭାବକୁ ଶୁଦ୍ଧ କରିବାର ପୁରୁଷାର୍ଥରେ ମନୁଷ୍ୟର ପୂର୍ଣ୍ଣ ଅଧିକାର ଓ ସ୍ୱତନ୍ତ୍ରତା ରହିଛି ।

ତମେବ ଶରଣଂ ଗଚ୍ଛ ସର୍ବ ଭାବେନ ଭାରତ ।
ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥୬୨॥

*ଅନ୍ୱୟ : ଭାରତ (ହେ ଅର୍ଜୁନ !) ସର୍ବ ଭାବେନ ( ସର୍ବତୋଭାବେ ) ତମ୍ ଏବ ( ତାଙ୍କରି ହିଁ ଅର୍ଥାତ୍ ପରମେଶ୍ୱରଙ୍କ ହିଁ ) ଶରଣଂ ଗଚ୍ଛ (ଶରଣ ଯାଅ ) ତତ୍ ପ୍ରସାଦାତ୍ (ସେହି ପରମାତ୍ମାଙ୍କ କୃପାରୁ ହିଁ ତୁମେ ) ପରାଂ ଶାନ୍ତିଂ (ପରମ ଶାନ୍ତି ) ଶାଶ୍ୱତଂ ସ୍ଥାନଂ (ତଥା ନିତ୍ୟ ଧାମ ) ପ୍ରାପ୍ସ୍ୟସି (ପ୍ରାପ୍ତ ହେବ ) ।*

**ଭାବାର୍ଥ** : ହେ ଭରତବଂଶଜ ଅର୍ଜୁନ ! ସର୍ବତୋଭାବରେ ଅର୍ଥାତ୍ ମନ-କାୟ-ବାକ୍ୟରେ ସେହି ହୃଦୟସ୍ଥ ଜଗନ୍ନିୟନ୍ତା ପରମେଶ୍ୱରଙ୍କ ନିକଟକୁ ଅନନ୍ୟଭାବ ସହିତ ଶରଣରେ ଯାଅ । ହୃଦୟସ୍ଥ ସେହି ପରମାତ୍ମାଙ୍କ କୃପାରୁ ତୁମ୍ଭେ ପରମ ଶାନ୍ତି ଓ ଦିବ୍ୟ ପରମଧାମ ପ୍ରାପ୍ତହେବ । ଜୀବର ହୃଦୟ ହେଉଛି ଈଶ୍ୱରଙ୍କ ନିବାସ ସ୍ଥଳ । ତେଣୁ ତୁମେ ହୃଦୟସ୍ଥ ସେହି ଈଶ୍ୱରଙ୍କ ଶରଣାପନ୍ନ ହୁଅ । ଭୟ, ମାନ, ବଡିମା ଏବଂ ଆସକ୍ତି ତ୍ୟାଗକରି ତଥା ଶରୀର ଏବଂ ସଂସାରରୁ ମମତ୍ୱକୁ ହଟାଇ କେବଳ ପରମାତ୍ମା ହିଁ ଏକମାତ୍ର ଆଶ୍ରୟ ଏବଂ ସର୍ବସ୍ୱ ବୋଲି ମନେକରି ଅନନ୍ୟ ଭାବରେ ଶ୍ରଦ୍ଧା, ଭକ୍ତି ଓ ପ୍ରେମ ପୂର୍ବକ ନିରନ୍ତର ଭଗବାନଙ୍କ ସ୍ମରଣ କରି ତାଙ୍କରି ଆଜ୍ଞାନୁସାରେ ନିସ୍ୱାର୍ଥଭାବେ ସ୍ୱଧର୍ମ ପାଳନ ହିଁ ସର୍ବତୋ ଭାବେ ଶରଣାପନ୍ନ । ଏହି ଏକାନ୍ତିକ ଶରଣାଗତ ପ୍ରଭାବରେ ପରମେଶ୍ୱର ପ୍ରସନ୍ନହୋଇ ତାଙ୍କରି ଅସୀମ କୃପାରେ ପରାଶାନ୍ତି ଏବଂ ଅବ୍ୟୟ ବୈକୁଣ୍ଠ, ଗୋଲକ ଆଦି ଧାମ ପ୍ରାପ୍ତହୁଏ । ଶ୍ରୀ ରାମକୃଷ୍ଣଦେବ କହନ୍ତି : "ଏ ସଂସାର କର୍ମକ୍ଷେତ୍ର । ଗୋଟିଏ ହାତରେ ଈଶ୍ୱରଙ୍କ ପାଦପଦ୍ମ ଧରିଥିବ, ଅନ୍ୟ ହାତଟିରେ କାମ କରିବ । ଯେତେବେଳେ କାର୍ଯ୍ୟରୁ ଅବସର ହେବ, ସେତେବେଳେ ଦୁଇ ହାତରେ ଶରଣାଗତ ହୋଇ ଈଶ୍ୱରଙ୍କ ପାଦପଦ୍ମକୁ ଧରିବ" । ଭଗବାନ ଭକ୍ତି ଉନ୍ମୁଖ ସୁକୃତିବାନ୍ ଜୀବ ଉପରେ କୃପା କରିବାପାଇଁ ବାହ୍ୟର ଦୀକ୍ଷାଗୁରୁ ଏବଂ ଅନ୍ତଃକରଣର ଚୈତ୍ୟଗୁରୁ (ଅନ୍ତର୍ଯାମୀ ପୁରୁଷ)ଙ୍କ ଶରଣାଗତି ନିମନ୍ତେ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଭଗବାନଙ୍କ ଶରଣରେ ଆସିଗଲେ ଭକ୍ତ ଉପରେ ପରମାଦୟାଳୁ, ପରମ ସୁହୃଦ ପରମେଶ୍ୱରଙ୍କ ଅପାର ଦୟାର ସ୍ରୋତ ପ୍ରବାହିତ ହୁଏ । ଫଳତଃ ଭଗବାନଙ୍କ କୌଣସି ବିଧାନରେ ତାହା ଭଗବାନଙ୍କ ପ୍ରସାଦ ବୋଲି ବୁଝି, ଭକ୍ତ ସର୍ବଦା ସନ୍ତୁଷ୍ଟ ରହି ଶାନ୍ତି ଅନୁଭବ କରେ । ଚିତ୍ତଶୁଦ୍ଧି ଏବଂ ଆତ୍ମାନୁଭୂତି ହିଁ ହେଉଛି ଈଶ୍ୱରଙ୍କ ପ୍ରସାଦ । ଅଭିମାନ, ଫଳାସକ୍ତି ତ୍ୟାଗକରି କର୍ମାଧ୍ୟକ୍ଷ କର୍ମ ଫଳଦାତା ଈଶ୍ୱରଙ୍କ ସ୍ମରଣ କରି କର୍ମ କରିବା ହେଉଛି 'ଚିତ୍ତଶୁଦ୍ଧି' ।

ସମସ୍ତ ଅନାତ୍ମା ଉପାଧି ସହିତ ତାଦାତ୍ମ୍ୟ ତ୍ୟାଗକରି ଆତ୍ମସ୍ୱରୂପ ଇଶ୍ୱରଙ୍କ ସହିତ ଏକତ୍ୱ ଅନୁଭବ କରିବା ହେଉଛି 'ଆତ୍ମାନୁଭୂତି' । ଆତ୍ମାନୁଭୂତିରେ ଶରଣାଗତ ଭକ୍ତ ଆତ୍ମାନନ୍ଦରେ ସ୍ୱ-ସ୍ୱରୂପରେ ରମଣ କରିଥାଏ । ଏଠାରେ 'ପରାଂଶାନ୍ତିଂ' ଶବ୍ଦର ତାତ୍ପର୍ଯ୍ୟ ହେଲା ସଂସାରରୁ ସର୍ବଦା ଉପରତି ଏବଂ 'ଶାଶ୍ୱତ ସ୍ଥାନଂ'' ର ଅର୍ଥ ହେଲା ପରମ ପଦ ବୋଲି ଗ୍ରହଣୀୟ । **ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକ ମହେଶ୍ୱରମ୍ । ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ଶାନ୍ତିଂ ଋଛତି ॥ (ଗୀତା-୫-୨୯)** ଭଗବାନ ସମସ୍ତ ଯଜ୍ଞ ଓ ତପର ଭୋକ୍ତା, ସମସ୍ତ ଲୋକର ମହାନ୍ ଈଶ୍ୱର ଏବଂ ସମସ୍ତ ପ୍ରାଣୀଙ୍କର ସୁହୃଦ- ଏପରି ସ୍ୱୀକାର କଲେ ପରାମଶାନ୍ତି ପ୍ରାପ୍ତ ହେବ । ଏହି ସ୍ଥୂଳ ଶରୀର ସ୍ଥାନ ବା କ୍ଷେତ୍ର, ସୂକ୍ଷ୍ମ ଶରୀର ଦେବାଳୟ, ପରମାତ୍ମା ସେଥିରେ ଇଷ୍ଟ (ଅଧିଯଜ୍ଞ) ରୂପରେ ଅଧିଷ୍ଠିତ ଏବଂ ଇନ୍ଦ୍ରିୟ ସମୂହ କାର୍ଯ୍ୟ ରୂପରେ ଇଷ୍ଟଙ୍କ ସେବାରତ-ଏହି ମନୋଭାବ ରଖିଲେ ସାଧକ ହୃଦୟସ୍ଥ ପରମାତ୍ମାଙ୍କ ଶରଣକୁ ଚାଲିଯାଏ ।

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା ।
ବିମୃଶ୍ୟୈ ତଦଶେଷେଣ ଯଥେଚ୍ଛସି ତଥା କୁରୁ ॥୬୩॥

*ଅନ୍ୱୟ : ଇତି (ଏହିପରି ଭାବରେ ) ଗୁହ୍ୟାତ୍ (ଗୋପନୀୟଠାରୁ ମଧ୍ୟ ) ଗୁହ୍ୟତରଂ (ଅତି ଗୋପନୀୟ ) ଜ୍ଞାନମ୍ (ତତ୍ତ୍ୱଜ୍ଞାନ ପ୍ରଦାୟକ ଗୀତାଶାସ୍ତ୍ର) ତେ (ତୁମ୍ଭଙ୍କୁ) ମାୟା (ମୋ ଦ୍ୱାରା) ଆଖ୍ୟାତମ୍ (କଥିତ ହେଲା) ଏତଦ୍ (ଏହି ରହସ୍ୟ ଯୁକ୍ତ ଜ୍ଞାନକୁ) ଅଶେଷେଣ ( ପୂର୍ଣ୍ଣରୂପରେ) ବିମୃଶ୍ୟ (ବିଚାର କରି ) ଯଥା ଇଚ୍ଛସି ( ଯେପରି ଇଚ୍ଛା ହେଉଛି ) ତଥା କୁରୁ ( ସେପରି କର ଅର୍ଥାତ୍ ଯୁଦ୍ଧ କରିବା ବା ନ କରିବା ଯାହା ଶୁଭ ବିବେଚନ ତାହା କର ) ।*

**ଭାବାର୍ଥ** : ହେ ଅର୍ଜୁନ ! ଏ ପର୍ଯ୍ୟନ୍ତ ଗୀତା ଭଳି ଗୋପନୀୟଠାରୁ ଅତି ଗୋପନୀୟ ତତ୍ତ୍ୱଜ୍ଞାନ ପ୍ରଦାୟକ ଶାସ୍ତ୍ର 'ମୁଁ' ତୁମକୁ କହି ଆସିଲି । ଏହି ରହସ୍ୟଯୁକ୍ତ ଜ୍ଞାନକୁ ପୂର୍ଣ୍ଣତୟା ଉତ୍ତମ ରୂପେ ମନନ କରି ଯାହା ତୁମ୍ଭେ ଶୁଭ ବିବେଚନା କରୁଛ, ତାହା ହିଁ କର । ଏହି ପଦରେ ଭଗବାନ ଶ୍ରୀକୃଷ୍ଣ 'ଇତି' ଶବ୍ଦ ଯାହା କି କୌଣସି ଉକ୍ତି ବା ଉଦ୍ଧୃତିର ସମାପ୍ତିର ସୂଚକ- ତାହା ପ୍ରୟୋଗ କରି ଗୀତାର ଉପସଂହାରର ସୂଚନା ଦେଇଛନ୍ତି । ଭଗବାନ ସାଙ୍ଖ୍ୟଯୋଗ, କର୍ମ ଯୋଗ ଅର୍ଜୁନଙ୍କ ଜିଜ୍ଞାସା ଅନୁସାରେ ସବିଶେଷ ବୁଝାଇ ଦେଇ, ଶେଷରେ ଭକ୍ତି ପ୍ରଧାନ କର୍ମଯୋଗର ମହିମା ବର୍ଣ୍ଣନା କରି ଅର୍ଜୁନଙ୍କୁ ନିଜର ଶରଣ ନେବାପାଇଁ କହିଛନ୍ତି । ତତ୍ତ୍ୱଜ୍ଞାନ ସମ୍ବଳିତ ଶାସ୍ତ୍ରର ପରିବେଷଣ ସଂପୂର୍ଣ୍ଣ କରିବାକୁ ଯାଉଥିବା ବେଳେ, ଅର୍ଜୁନଙ୍କ ମୁଖରୁ ଯୁଦ୍ଧରେ ପ୍ରବୃତ୍ତ ସମ୍ବନ୍ଧରେ ସ୍ୱୀକୃତିର ଉତ୍ତର ନ ପାଇ, ପୁଣି ଥରେ ବିଚାର କର ବୋଲି ଅର୍ଜୁନଙ୍କୁ ସାବଧାନ କରାଇଛନ୍ତି । ତେଣୁ ସେ' ଅର୍ଜୁନଙ୍କୁ ସ୍ୱ-ଇଚ୍ଛାରେ କେଉଁ ମାର୍ଗ ଅବଲମ୍ବନ କରିବେ, ତାହା ସୁଚିନ୍ତିତ ଚିତ୍ତରେ ବିଚାର କରି ଗ୍ରହଣ କରିନେବାକୁ ପରାମର୍ଶ ଦେଇଛନ୍ତି । ଗୀତାର ମୂଳ ଲକ୍ଷ୍ୟ ହେଉଛି 'ଆତ୍ମଜ୍ଞାନ' ପ୍ରାପ୍ତି ଯାହାର ସହାୟତାରେ ଭଗବାନଙ୍କ ଯଥାର୍ଥ ସ୍ୱରୂପ ଜାଣିବା ସମ୍ଭବ । ଏହି ଜ୍ଞାନ ହେଉଛି ବେଦମାନଙ୍କର ସାରତତ୍ତ୍ୱ ଏବଂ ଈଶ୍ୱରଙ୍କ ଗୁପ୍ତ ସମ୍ପଦ । ଏହି ଜ୍ଞାନ ଇନ୍ଦ୍ରିୟ ଅଗୋଚର କାରଣରୁ ସମସ୍ତ ଲୌକିକ ରହସ୍ୟଠାରୁ ମଧ୍ୟ ଅଧିକତର ଗୂଢ଼ । ଏହି ଆତ୍ମଜ୍ଞାନ ଜ୍ୟୋତିରେ ବିଶ୍ୱ ବ୍ରହ୍ମାଣ୍ଡର ଅଣୁ ପରମାଣୁ ଉଦ୍ଭାସିତ ହୋଇଥାନ୍ତି । ଏହା ଅଜ୍ଞାତ ହେଲେ ମଧ୍ୟ ଅଜ୍ଞେୟ ନୁହେଁ । ବାଧ୍ୟ ବାଧକତାରେ ଆଧ୍ୟାତ୍ମିକ ବିକାଶ ସାଧନ ହୋଇପାରି ନଥାଏ । ମନୁଷ୍ୟ ନିଜ ସ୍ୱଭାବ ଅନୁସାରେ ଇଶ୍ୱର ପ୍ରାପ୍ତି ନିମିତ୍ତ ପ୍ରଯତ୍ନ କରିବା ଉଚିତ । ଏଥି ନିମନ୍ତେ ସଦ୍-ଗୁରୁଙ୍କ

ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଭାବ ପରିଶୁଦ୍ଧ ନିମିତ୍ତ ଶ୍ରଦ୍ଧା ଓ ବିଶ୍ୱାସର ସହିତ ସାଧନାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ସାଧକ ନିଜ ଜୀବନ ଧାରଣର ସମସ୍ତ ନୀତି, ଲକ୍ଷ୍ୟ ଆଉ ମାର୍ଗ ସମ୍ବନ୍ଧରେ ବିଚାର, ଅନୁଶୀଳନ କରି ନିଜର ସ୍ୱଭାବ ଓ ରୁଚି ଅନୁଯାଇ ସିଦ୍ଧାନ୍ତ ନେବା ବିଧେୟ । ଭଗବାନ ଶ୍ରୀକୃଷ୍ଣଙ୍କ ଅର୍ଜୁନଙ୍କ ପ୍ରତି ଆତ୍ମୀୟତା, କୃପାଳୁତା ଓ ହିତୈଷିତା କାରଣରୁ ନିଜ ଆଡକୁ ଅର୍ଥାତ୍ ସଗୁଣ ସାକାର ଦିଗରେ ଆକର୍ଷିତ କରିବାକୁ ଏପରି ସାବଧାନତା ବାକ୍ୟ କହିଛନ୍ତି । ସେଥିପାଇଁ ଭଗବାନ ଅର୍ଜୁନଙ୍କୁ ବିନା ଜିଜ୍ଞାସାରେ ବି ପରବର୍ତ୍ତୀ ଶ୍ଳୋକରେ ହୃଦୟରେ ବିରାଜମାନ ଥିବା ପରମାତ୍ମାଙ୍କ ଶରଣରେ ଆସିବା ଭଳି ସର୍ବୋତ୍ତମ ଏବଂ ସର୍ବ ଗୁହ୍ୟତମ ବଚନ କହିଛନ୍ତି ।

ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।
ଇଷ୍ଟୋସି ମେ ଦୃଢମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥୬୪॥

*ଅନ୍ୱୟ : ସର୍ବଗୁହ୍ୟତମଂ (ସକଳ ଗୋପନୀୟଠାରୁ ଅତ୍ୟନ୍ତ ଗୋପନୀୟ ) ପରମଂ (ସର୍ବୋତ୍କୃଷ୍ଟ) ବଚଃ (ବଚନକୁ) ଭୂୟଃ (ପୁନଶ୍ଚ) ମେ (ମୋ'ଠାରୁ ) ଶୃଣୁ ( ଶୁଣ) ମେ ( ତୁମେ ମୋର) ଦୃଢମ୍ (ଅତ୍ୟନ୍ତ) ଇଷ୍ଟଃ (ପ୍ରିୟ ଅଟ ) ତତଃ (ଅତଏବ) ଇତି (ଏହି) ହିତମ୍ ( ହିତକର ବଚନ ) ତେ (ତୁମ୍ଭକୁ) ବକ୍ଷ୍ୟାମି (କହିବି) ।*

**ଭାବାର୍ଥ** : ସର୍ବ ଗୋପ୍ୟ ଅପେକ୍ଷା ଅତ୍ୟନ୍ତ ଗୋପନୀୟ ମୋର ସର୍ବୋତ୍କୃଷ୍ଟ ବାକ୍ୟ ପୁଣି ଶ୍ରବଣ କର । ସର୍ବୋତ୍କୃଷ୍ଟ କହିବାର ତାତ୍ପର୍ଯ୍ୟ ହେଲା; ଏହାର ଉପରାନ୍ତ ଆଉ କହିବା ପାଇଁ କିଛି ଅବଶିଷ୍ଟ ନାହିଁ କି, ପଚାରିବା ପାଇଁ କିଛି ବି ନଥିବ । ହେ ଅର୍ଜୁନ ! ଶାସ୍ତ୍ରର ସମସ୍ତ ଉପଦେଶକୁ ଶୁଣି ପୂର୍ଣ୍ଣତୟା ମନନ କରି ନିଜର କର୍ତ୍ତବ୍ୟ ମାର୍ଗକୁ ନିର୍ଣ୍ଣୟ କରିବା ଉପସ୍ଥିତ ପରିସ୍ଥିତିରେ ତୁମେ ସମର୍ଥ ନୁହଁ । ଏ ପର୍ଯ୍ୟନ୍ତ ଭଗବାନ ଗୋପନୀୟ ତଥା ଅଧିକ ଗୋପନୀୟ ଯେଉଁ ସମସ୍ତ କଲ୍ୟାଣକର ଉପଦେଶ କହି ଆସିଛନ୍ତି, ତାହାର ନିଗୂଢତମ ସାର ତତ୍ତ୍ୱ ହେଉଛି ସର୍ବ ଗୁହ୍ୟତମ ତତ୍ତ୍ୱ, ଯାହା ଭଗବାନ ଏ ପର୍ଯ୍ୟନ୍ତ ଅର୍ଜୁନଙ୍କ ଆଗରେ ପରିବେଷଣ କରି ନାହାନ୍ତି । ଅର୍ଜୁନଙ୍କ ମାର୍ଗ ନିର୍ଣ୍ଣୟ କରିବାରେ ଅସମର୍ଥତା ସଙ୍ଗେ ସଙ୍ଗେ ବ୍ୟାକୁଳତାକୁ ଅନୁମେୟ କରି, ଏହି ଗୁହ୍ୟତମ ବଚନକୁ ନିଃଶଙ୍କ ଭାବରେ ଶୁଣି ଅନୁସରଣ କରିବା ପାଇଁ ପୁଣି ଥରେ କହିବାକୁ ପ୍ରସ୍ତୁତ ହେଉଛନ୍ତି । ସାଙ୍ଖ୍ୟ, କର୍ମ ଓ ଭକ୍ତି ସମ୍ବନ୍ଧୀୟ ଅନେକ ତତ୍ତ୍ୱ ଅର୍ଜୁନଙ୍କ ଜିଜ୍ଞାସା ଅନୁସାରେ ଏକାଧିବାର କହି ସାରିଥିଲେ ମଧ୍ୟ ଏହି ସର୍ବ ଗୁହ୍ୟତମ ତତ୍ତ୍ୱ ଅର୍ଜୁନଙ୍କ ମନରେ ଗଭୀର ରେଖାପାତ କରିବା ଅଭିପ୍ରାୟରେ ଭଗବାନ କହିବାକୁ ସ୍ଥିର କରିଛନ୍ତି । ଅର୍ଜୁନ ଭଗବାନଙ୍କର ପ୍ରିୟତମ ବନ୍ଧୁ, ସଖା ଆଉ ଆତ୍ମୀୟ ମଧ୍ୟ । ଏଣୁ ଅର୍ଜୁନଙ୍କ କଲ୍ୟାଣ ନିମିତ୍ତ ଏହି ଉପଦେଶ ଦେବା ନିମନ୍ତେ ସ୍ୱତଃ ବିଶେଷ ଆଗ୍ରହ ଦେଖାଇଛନ୍ତି । ଭକ୍ତ ପାଇଁ ଇଷ୍ଟ ସଦୈବ ମାର୍ଗ ଦର୍ଶନ ନିମିତ୍ତ ଜାଗ୍ରତ ରହିଥାନ୍ତି, କାରଣ ଭକ୍ତ ଇଷ୍ଟଙ୍କ ଅତି ପ୍ରିୟ ହୋଇଥାଏ । ଗୀତାର ଅନେକ ସ୍ଥାନରେ ସ୍ପଷ୍ଟ କରି ଦିଆଯାଇଛି କି, ଅର୍ଜୁନ ଯେପରି ଜୀବ ମାତ୍ରର ପ୍ରତିନିଧି । ଏଠାରେ 'ଇଷ୍ଟ' ପଦର ତାତ୍ପର୍ଯ୍ୟ ହେଲା କି, ଯେବେ ଭକ୍ତ ଭଗବାନଙ୍କୁ ନିଜର ଇଷ୍ଟ ବୋଲି ଦୃଢତାର ସହ ଧରିନିଏ, -**"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍" (ଗୀତା-୪-୧୧)** ।- ନୀତିରେ ଭକ୍ତକୁ ଭଗବାନ ନିଜର ଇଷ୍ଟ କରିନେଇଥାନ୍ତି । ଦେବାନୁକୁଳ ହେଲେ ସବୁ କିଛି ସମ୍ଭବ । ଏହି ରହସ୍ୟ ଜ୍ଞାନ ଏପରିକି, ଜୀବ ଦ୍ୱୈତର ଭାବ ଛାଡି ଅଦ୍ୱୈତର ପ୍ରସାଦ ପ୍ରାପ୍ତ ହୁଏ । ଜୀବ ଇଶ୍ୱରଙ୍କ ଅଂଶ ତଥା ଆଭାସ

କାରଣରୁ ଜୀବ ଭଗବାନଙ୍କ ଅନ୍ତରରେ ସର୍ବଦା ବିଦ୍ୟମାନ । ଜୀବ ଓ ପରମେଶ୍ୱରଙ୍କ ମଧ୍ୟରେ ଏହା ହିଁ ନିତ୍ୟ ସମ୍ବନ୍ଧ । ତେଣୁ ଭଗବାନ ଏକନିଷ୍ଠ ଭକ୍ତ ନିମନ୍ତେ ପାଗଳ – ଯାହା କିଛି କରିବା ପାଇଁ ସେ' ପ୍ରସ୍ତୁତ । ଭକ୍ତ ଯେତେବେଳେ କୌଣସି ଭେଦ ଭାବ ନ ରଖି ଇଷ୍ଟ ସହିତ ଏକତ୍ୱ ହେବା ନିମନ୍ତେ ବ୍ୟାକୁଳ, ଭଗବାନ ସେତେବେଳେ କିପରି କୌଣସି କଲ୍ୟାଣ ସମ୍ବନ୍ଧୀୟ ଗୋପନ କଥା ଲୁଚାଇ ରଖିବେ ? ଭଗବାନ କହୁଛନ୍ତି କି, ପ୍ରିୟ ଅର୍ଜୁନ ! ଯେପରି ତୁ ମୋତେ ଚାହୁଁଅଛୁ, ସେହିପରି ମୁଁ ମଧ୍ୟ ତୋତେ ଚାହୁଁଅଛି । ଶୁଦ୍ଧ ପ୍ରେମ କେବେ ଏକାଙ୍ଗୀ ହୋଇ ନ ଥାଏ । ଏହା ସର୍ବଦା ପ୍ରେମୀ ଓ ପ୍ରେମାସ୍ପଦ ଉଭୟ ପକ୍ଷରୁ ହୋଇଥାଏ । ତେଣୁ ଭଗବାନ ଭକ୍ତର ନିଃସ୍ୱାର୍ଥ ପ୍ରେମରେ ଅଭିଭୂତ ହୋଇଯାଇ ତା'ର ସମସ୍ତ ଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇଯାଇଥାନ୍ତି । ଗୀତା ଶାସ୍ତ୍ର ବେଦ ଏବଂ ଉପନିଷଦଙ୍କର ସାର । ଭଗବତ୍ କୃପା ଅତିରିକ୍ତ ନିଜ ବୁଦ୍ଧି ବଳରେ ଅଥବା ଭଗବତ୍ ସ୍ୱରୂପକୁ ମାୟିକ ତଥା ଜାଗତିକ ସମୃଦ୍ଧିର ଉତ୍ସ ମାନୁଥିବା ଜ୍ଞାନୀ ବା କର୍ମୀ ଦ୍ୱାରା ତାଙ୍କରି ଗୂଢତମ ଉପଦେଶକୁ ବୁଝିବା ଅସମ୍ଭବ । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ଏକାନ୍ତିକ ଶରଣାଗତ ଏବଂ ସେ' ହିଁ ସଚ୍ଚିଦାନନ୍ଦ ପରବ୍ରହ୍ମ ବୋଲି ଅବଗତ । ଏଣୁ ଏକ ଶୁଦ୍ଧଭକ୍ତ ରୂପେ ଭଗବତ୍ କୃପା ବଳରେ ଏହି ରହସ୍ୟମୟ ତତ୍ତ୍ୱକୁ ବୁଝିବା ନିମିତ୍ତ ଅର୍ଜୁନ ଯୋଗ୍ୟ ପାତ୍ର ଅଟନ୍ତି ।

ମନ୍ମନା ଭବ ମଦ୍ଭକ୍ତୋ ମଦ୍ ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋସିମେ ॥୬୫॥

*ଅନ୍ୱୟ : [ତୁମେ] ମନ୍ମନା ଭବ (ମଦେକ ଚିତ୍ତ-ମୋ'ଠାରେ ମନୋନିବେଶ କର) ମଦ୍ ଭକ୍ତ (ଏକାନ୍ତ ମୋର ଭକ୍ତ ହୋଇଯାଅ ) ମଦ୍ ଯାଜୀ ( ଏକମାତ୍ର ମୋର ହିଁ ପୂଜନଶୀଳ ହୁଅ ଅର୍ଥାତ୍ ମୋ'ଠାରେ ସବୁ କିଛି ଉତ୍ସର୍ଗ କରିଦିଅ) ମାଂ-ନମଃ-କୁରୁ ( ମୋତେ ନମସ୍କାର କର -ମୋତେ ଇଷ୍ଟରୂପେ ପ୍ରଣିପାତ ହୁଅ ) ମାମ୍-ଏବ-ଏଷ୍ୟସି (ତେବେ ମୋତେ ହିଁ ପ୍ରାପ୍ତ ହେବ ଅର୍ଥାତ୍ ତୁମେ ମୋର ଅନ୍ତରତମ ପ୍ରଦେଶ ପ୍ରାପ୍ତ ହେବ ) ତେ ( ତୁମକୁ 'ମୁଁ') ସତ୍ୟମ୍ (ଏହା ସତ୍ୟର ସହିତ ) ପ୍ରତିଜାନେ (ପ୍ରତିଜ୍ଞା କରି କହୁଛି ) ଯତଃ (ଯେ'ହେତୁ) ମେ (ତୁମେ ମୋର ) ପ୍ରିୟଃ (ଅତ୍ୟନ୍ତ ପ୍ରିୟ ) ଅସି (ଅଟ) ।*

**ଭାବାର୍ଥ** : ହେ ଅର୍ଜୁନ ! ତୁମେ ମୋ'ଠାରେ ହୃଦୟର ସହିତ ନିରନ୍ତର ଚିତ୍ତ ନିବେଶ କରି ମୋର ସ୍ମରଣରେ ମଦାକାର ହୋଇଯାଅ । ମୋର ଅନନ୍ୟ ଭକ୍ତ ହୋଇ ମୋର ନାମ-ରୂପ, ଲୀଳା, ଗୁଣ ଆଦି ଶ୍ରବଣ ଓ କୀର୍ତ୍ତନ କରି ଆନନ୍ଦ ରସରେ ତଲ୍ଲିନ ହୋଇରୁହ । ମୋ'ର ପୂଜନଶୀଳ ହୁଅ ଅର୍ଥାତ୍ ସମସ୍ତ ଭୂତ ମଧ୍ୟରେ ମୋତେ ହିଁ ଦର୍ଶନ କରି, ନିଃସ୍ୱାର୍ଥ ଭଗବତ୍ ପୂଜନର ଭାବ ରଖି ନିଜର କର୍ତ୍ତବ୍ୟ କର୍ମ ମାଧ୍ୟମରେ ସଂସାର ସେବାରେ ନିଯୁକ୍ତ ହୁଅ । ସମସ୍ତ ଜୀବ ପ୍ରତି ହିଂସାଭାବ ତ୍ୟାଗ ପୂର୍ବକ ଜ୍ଞାନ ଚକ୍ଷୁ ଦ୍ୱାରା ସର୍ବ ଭୂତରେ ମୋତେ ହିଁ ଦେଖି ମୋର ଶ୍ରେଷ୍ଠତ୍ୱକୁ ନମସ୍କାର କର । ମୋତେ ହିଁ ତୁମର ପରମ ଲକ୍ଷ୍ୟ ଆଉ ପରମ ଆଶ୍ରୟ କରି ବାରମ୍ବାର ନମସ୍କାର କର । ଉପରୋକ୍ତ ଚାରିଗୋଟି ବା କୌଣସି ଗୋଟିଏ ସରଳ ସାଧନ ମାର୍ଗକୁ ଅବଲମ୍ବନ କରିଲେ, ମୋ'ର ପ୍ରସାଦ ଲବ୍ଧ ଭକ୍ତି ମିଶ୍ରିତ ଜ୍ଞାନ ଦ୍ୱାରା ତୁମେ ମୋତେ ହିଁ ପ୍ରାପ୍ତ ହେବ। ଏହା ନିଶ୍ଚିତ-ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହା ମୁଁ ତୁମ୍ଭକୁ ସତ୍ୟକୁ ସାକ୍ଷୀ କରି ଶପଥ କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ । ମୁଁ ସ୍ୱୟଂ ସତ୍ୟ ସ୍ୱରୂପରେ ତୁମ ସମ୍ମୁଖରେ ପ୍ରକଟିତ । ପ୍ରିୟ ଜନ ପ୍ରତି ଛଳ କପଟର ସ୍ଥାନ ନଥାଏ । ଏହି ଶ୍ଳୋକରେ ଗୀତାର ଉପଦେଷ୍ଟା ଭଗବାନ ଶ୍ରୀକୃଷ୍ଣଙ୍କ ପରବ୍ରହ୍ମ ସ୍ୱ-ରୂପ

ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ପରିଲକ୍ଷିତ ହୋଇଛି । ଏହି ପ୍ରକାର ସ୍ୱୟଂଠାରେ ଲୀନ କରିନେବାର ଆଶ୍ୱାସନା କେବଳ ଈଶ୍ୱର ହିଁ କହିବା ପାଇଁ ଯୋଗ୍ୟ ଏବଂ ସମର୍ଥ । ଅର୍ଜୁନଙ୍କ ସ୍ଥିତିକୁ ବୁଝି, ଭଗବାନ ସ୍ୱୟଂ ଗୀତା ଉପଦେଶର ସର୍ବ ଗୁହ୍ୟତମ ନିଗୂଢ ତତ୍ତ୍ୱକୁ କହିବା ନିମନ୍ତେ ପୂର୍ବ ଶ୍ଳୋକରେ ପ୍ରତିଜ୍ଞା କରିଛନ୍ତି । ପ୍ରସ୍ତୁତ ଶ୍ଳୋକ ଏବଂ ପରବର୍ତ୍ତୀ ଶୋଲ୍କ-ଏହି ଦୁଇ ପଦ ହେଉଛି  ସେହି ସର୍ବୋତମ ଗୁହ୍ୟତମ ଜ୍ଞାନ । ଭଗବାନ କୃଷ୍ଣ ଯେପରି ଖୋଲା ହୃଦୟରେ  ପ୍ରେମ ଭରା ଭାବରେ ଅତି ଗୁହ୍ୟତମ ଜ୍ଞାନକୁ କହିବା ପାଇଁ ପ୍ରତିଜ୍ଞା କରୁଛନ୍ତି, ତାହା ହିଁ ହେଉଛି ଇଷ୍ଟ ତଥା ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ନିବିଡ ପ୍ରେମ ଓ ଭକ୍ତିର  ସମ୍ପର୍କ । ଏହି ଚାରି ସାଧନ ମାର୍ଗ ହେଲା; **(୧) ମନ୍ମନା ବ ଜ୍ଞାନ ମାର୍ଗ** : ନିରବଚ୍ଛିନ୍ନ ଅଭ୍ୟାସ କରି ମନକୁ ବାରମ୍ବାର ବିଷୟରୁ ପ୍ରତ୍ୟାହାର କରିଆଣି ଇଷ୍ଟ ଉପରେ ନିବଦ୍ଧ କରିବାକୁ ହେବ ।  ମନର ଏକାଗ୍ରତାର  ବିକାଶ ପାଇଁ ଆତ୍ମଭୂତ ଆନନ୍ଦଘନ ପରମାତ୍ମାଙ୍କଠାରେ ଲଗାଇ ରଖିବାକୁ ହେବ । ପରବ୍ରହ୍ମ -ତଦାକାର ସ୍ଥିତି ହେଉଛି, ଯେଉଁଠି ନାମ-ଆକାର-ଉପାଧି ସମେତ ଦେହାଭିମାନ ସମ୍ପୂର୍ଣ୍ଣ ବିନଷ୍ଟ ହୋଇଯାଇ, ପରବ୍ରହ୍ମ ଓ ଜୀବର ଅଭିନ୍ନତା ବୋଧ ହୋଇଥାଏ । ସେହି ନିରୁଦ୍ଧ ମନଧାରୀ ପୁରୁଷ 'ମନ୍ମନା' ପଦବାଚ୍ୟ । ଅବିଦ୍ୟା ମାୟାର ପ୍ରଭାବରେ ଜୀବ ପ୍ରତିକ୍ଷଣ ପରିବର୍ତ୍ତନଶୀଳ ସଂସାର ସମ୍ବନ୍ଧକୁ ନିତ୍ୟ, ବାସ୍ତବ ମନେକରି ଈଶ୍ୱରଙ୍କୁ ବିମୁଖ ହୋଇଥାଏ । ଆତ୍ମଜ୍ଞାନ ପ୍ରାପ୍ତିର ଅନନ୍ତର, ଭଗବାନଙ୍କ କ୍ଷଣେମାତ୍ର ବିସ୍ମୃତି ଯେତେବେଳେ ଅସହ୍ୟବୋଧ ହୁଏ, ସେତେବେଳେ ଜୀବ ଭିତରେ ଭକ୍ତିର ଭାବ ଉଦ୍ରେଗ ହୁଏ । 'ମନ୍ମନା' ଶବ୍ଦର ତାତ୍ପର୍ଯ୍ୟ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି; ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି; "ପ୍ରିୟ  ଉଦ୍ଧବ ! ଗୋପୀଙ୍କ ମନ ସର୍ବଦା ମନ୍ମନା ଅର୍ଥାତ୍ ମୋ'ଠି ନିରନ୍ତର ନିମଗ୍ନ ରହିଥାଏ । 'ମୁଁ' ହିଁ ତାଙ୍କରି ପ୍ରାଣ ତଥା ଜୀବନ ସର୍ବସ୍ୱ । ମୋରି ଲାଗି ଗୋପୀମାନେ ଘର, ପତି, ପୁତ୍ର, ସମ୍ପର୍କୀୟ, ଲୋକ ଲଜ୍ଜା, ଧର୍ମ ଆଦି ସବୁ କିଛି ଛାଡି ନିତ୍ୟ ନିରନ୍ତର ମୋ'ର ହିଁ ତନ୍ମୟ ହୋଇ ରୁହନ୍ତି । 'ମୁଁ ଆସିବି' – କେବଳ ମୋର ଏହି ପଦିକ କଥା ଉପରେ ବିଶ୍ୱାସ ରଖି ସମସ୍ତ କଷ୍ଟକୁ ଶ୍ରଦ୍ଧାର ସହ ସହନ କରି ଯେଉଁ ପ୍ରକାରେ ନିଜ ପ୍ରାଣକୁ ଧାରଣ କରି ରଖନ୍ତି, ତାହା ହିଁ ସର୍ବୋତ୍ତମ ମନ୍ମନାର ପ୍ରତୀକ" । ବସ୍ତୁତଃ ମନକୁ ଭଗବାନମୟ କରିଦେବାରେ, ଅନ୍ତଃକରଣରୁ ଭଗବାନ ଅତିରିକ୍ତ ସମସ୍ତ ଭାବନା ସ୍ୱତଃ ହଟି ଯାଇଥାଏ । **(୨) ମଭକ୍ତା (ଭକ୍ତି ମାର୍ଗ)** : ସାଧକ ସର୍ବ ପ୍ରଥମେ ଅହଂଭାବକୁ ପରିବର୍ତ୍ତନ କରି 'ମୁଁ' ଭଗବାନଙ୍କର ବୋଲି ହୃଦୟର ସହିତ ସ୍ୱୀକାର କରିନେବା ଉଚିତ । ଅହଂଭାବ ପରିବର୍ତ୍ତିତ ହେଲେ ମମତ୍ୱ ନଷ୍ଟ ହୋଇ ସାଧନା ସହଜ ସ୍ୱାଭାବିକ ହେବାକୁ ଲାଗେ । ଭଗବାନଙ୍କୁ ଆତ୍ମୀୟ ମନେକଲେ ସ୍ୱାଭାବିକ ଭାବେ ଭଗବତ୍ ପ୍ରେମ ପ୍ରତିକ୍ଷଣ ବୃଦ୍ଧି ଘଟେ । ଭଗବତ୍ ଉଦ୍ଦେଶ୍ୟ ରଖି ଅନାସକ୍ତ ହୋଇ ଯଜ୍ଞ ଆଦି କର୍ତ୍ତବ୍ୟ ଅନୁଷ୍ଠାନରେ ଯେଉଁ ପୂଣ୍ୟ ଅର୍ଜନ ହୁଏ, ତାରି ବଳରେ ମନରେ ଭଗବାନଙ୍କ ପ୍ରତି ଭକ୍ତି ଜାଗ୍ରତ ହୁଏ । ଭଗବାନଙ୍କୁ ନିଜର ଏକମାତ୍ର ଭର୍ତ୍ତା, ସ୍ୱାମୀ, ସଂରକ୍ଷକ, ପରମଗତି ଏବଂ ପରମ ଆଶ୍ରୟ ବୋଲି ବୁଝି ସର୍ବଥା ତାଙ୍କର ଅଧୀନ ହୋଇଯିବା, ତାଙ୍କର ପ୍ରତ୍ୟେକ ବିଧାନରେ ସର୍ବଦା ସନ୍ତୁଷ୍ଟ ରହିବା ଏବଂ ତାଙ୍କ ଆଜ୍ଞାକୁ ସର୍ବଦା ପାଳନ କରିବା  ତଥା ତା'ଙ୍କୁ ଅତିଶୟ ଶ୍ରଦ୍ଧା ପୂର୍ବକ ଅନନ୍ୟ ପ୍ରେମ କରିବା-ଏହା ହିଁ ଭଗବାନଙ୍କ ଅନନ୍ୟ ଭକ୍ତିର ଲକ୍ଷଣ । ଶ୍ରୀମଦ୍ ଭାଗବତରେ ପ୍ରହ୍ଲାଦ ମହାରାଜ କହିଛନ୍ତି କି, ହେ ପିତେ ! ନ ପ୍ରକାର ଭଗବାନଙ୍କୁ ଭକ୍ତି ହୋଇଥାଏ । (୧) ଭଗବାନଙ୍କ ନାମ, ଲୀଳା, ଗୁଣ ଓ ପ୍ରଭାବର ଶ୍ରବଣ (୨) କୀର୍ତ୍ତନ (୩) ସ୍ମରଣ (୪)

ଚରଣ ସେବା (୫) ଅର୍ଚ୍ଚନ ( ୬) ବନ୍ଦନ (୭) ଦାସ୍ୟ (୮) ସାଖ୍ୟ (୯) ଆତ୍ମ ନିବେଦନ । ଭଗବାନଙ୍କ ପ୍ରତି ସମର୍ପଣ ଭାବ ରଖି ଏହି ନବଧା ଭକ୍ତିଦ୍ୱାରା ଭଗବତ୍ ପ୍ରେମ ପ୍ରାପ୍ତ ହୁଏ । ଭକ୍ତ ପ୍ରହ୍ଲାଦ, ରାଜା ଅମ୍ବରିଷ, ବିଦୁର ଆଦି ଭଗବନାଙ୍କ ମଦଭକ୍ତ ଅଟନ୍ତି । **(୩) ମଦ୍ ଯାଜୀ-ଯଜ୍ଞ ବା କର୍ମ** : ନିଜର ସକଳ କର୍ମ ମୋ'ଠାରେ ସମର୍ପଣ କରିଦିଅ । ମୋତେ ହିଁ ତୁମର ପରମ ଲକ୍ଷ୍ୟ ଓ ପରମ ଆଶ୍ରୟ କରିଦେଲେ ତୁମେ ନିଶ୍ଚିତ ଭାବେ ମୋତେ ହିଁ ପ୍ରାପ୍ତ ହେବ । ମୋର ପୂଜନଶୀଳ ହେବାର ତାତ୍ପର୍ଯ୍ୟ ହେଲା କି, "ମାନବ ସେବା ହେଉଛି ମାଧବ ସେବା" । ସଂସାର କଲ୍ୟାଣ ନିମିତ୍ତ କର୍ତ୍ତବ୍ୟ କର୍ମକୁ ଦୃଷ୍ଟିରେ ରଖି ନିଃସ୍ୱାର୍ଥ ଭାବେ ସମସ୍ତ କାର୍ଯ୍ୟ କରିବା ହେଉଛି ଭଗବାନଙ୍କ ପୂଜା ଆଉ ଅର୍ଚ୍ଚନା । ନିଜ ନିଜ ସ୍ୱଧର୍ମ କର୍ମ ହେଉଛି ଯଜ୍ଞ କର୍ମ । ଯଜ୍ଞ କର୍ମ ଭଗବତ୍ ଉତ୍ସର୍ଗ ହୋଇଯିବାରେ, ଭଗବତ୍ ସମ୍ବନ୍ଧ ଦୃଢ ହୁଏ ଏବଂ ଅନ୍ତଃକରଣ ଶୁଦ୍ଧ ହେବାରେ ଲାଗେ । ଭଗବାନ ନିମିତ୍ତ ଯେ କୌଣସି କର୍ମ କରିବାରେ, ତାହା ଅନ୍ତଃକରଣ ଶୁଦ୍ଧାତାର ସହାୟକ ହୁଏ । ଶୁଦ୍ଧ ଚିତ୍ତରେ ଅତି ସହଜରେ ଭଗବତ୍ ପ୍ରେମ ସ୍ଥାନ ନେଇ, ତାହା ଭଗବାନଙ୍କ ସ୍ୱରୂପର ଜ୍ଞାନ ଉଦ୍ରେକ କରିବାରେ ସହାୟକ ହୁଏ । **(୪) ନମଃ କୁରୁ -ଶରଣାଗତି :** ଭଗବାନଙ୍କ ଯେ କୌଣସି ରୂପକୁ, ଚରଣ ପାଦୁକାକୁ ତଥା ତାଙ୍କର ଗୁଣ ଓ ତତ୍ତ୍ୱ ବର୍ଣ୍ଣନା କରୁଥିବା ଶାସ୍ତ୍ରମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବା ବା ସମସ୍ତ ଜୀବ ହୃଦୟରେ ତାଙ୍କୁ ବ୍ୟାପ୍ତ ଥିବା ଅଥବା ସମସ୍ତ ଜୀବକୁ ଭଗବାନଙ୍କ ସ୍ୱରୂପ ବୋଲି ବୁଝି ପ୍ରଣାମ କରିବା ହେଉଛି ଭଗବାନଙ୍କୁ ନମସ୍କାର କରିବା । ଭଗବାବନଙ୍କ ମୂର୍ତ୍ତି, ପ୍ରତିମା ଆଦିରେ ଭଗବତ୍ ବୁଦ୍ଧିକୁ ସ୍ଥିର ରଖି ବିନୀତ ଭାବରେ ଧନବାନ୍ ହେଉ କି, ନିର୍ଦ୍ଧନ ହେଉ ନତ ମସ୍ତକ ହୋଇ ଭଗବାନଙ୍କ ଶ୍ରେଷ୍ଠତ୍ୱକୁ ସ୍ୱୀକାର ପୂର୍ବକ ପ୍ରଣାମ କରିବା ସମସ୍ତଙ୍କ ପକ୍ଷେ ସହଜ ପ୍ରକ୍ରିୟା । ପରମାତ୍ମାଙ୍କ ଗୁଣ ସମ୍ପାଦନ କରିବା ନିମିତ୍ତ ସାଧକଠାରେ ନମ୍ରତା, ଶ୍ରଦ୍ଧା ଭକ୍ତି ଓ ପ୍ରେମ ପରି ଗୁଣର ପ୍ରାଚୁର୍ଯ୍ୟ ଥିବା ଆବଶ୍ୟକ । ଭକ୍ତ ନିମନ୍ତେ ଜ୍ଞାନ ମଧ୍ୟରେ ସେ 'ବ୍ରହ୍ମ', ଭକ୍ତି ମଧ୍ୟରେ ସେ 'ଭଜନ ଓ କୀର୍ତ୍ତନ', କର୍ମ ଭିତରେ ସେ 'ସମତା '। ଏହି ଚତୁର୍ବିଧ ସାଧନ ଦ୍ୱାରା ପୂଣ୍ୟ ପ୍ରାପ୍ତ ହୋଇ କର୍ତ୍ତବ୍ୟ ନିଷ୍ଠା ଏବଂ ତତ୍ତ୍ୱଜ୍ଞାନ ପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ହୁଏ ଯାହା ଜୀବ ପକ୍ଷେ କଲ୍ୟାଣକର । କୌଣସି ଜୀବ ଭଗବାନଙ୍କ ଅପ୍ରିୟ ନୁହନ୍ତି । ତେଣୁ ଭଗବାନ କହୁଛନ୍ତି 'ସତ୍ୟଂ ତେ ପ୍ରତିଜାନେ'- ହେ ଅର୍ଜୁନ ! ମୁଁ ତୁମକୁ ଶପଥ ପୂର୍ବକ କହୁଛି, ଏହି ସହଜ ସରଳ ସାଧନକୁ ଆଶ୍ରୟ କରି ତୁମେ ମୋତେ ହିଁ ପ୍ରାପ୍ତ ହେବ । ତୁମର ପାପ ଓ ପୂଣ୍ୟର ସମସ୍ତ ଅଜ୍ଞାନ ଜନିତ ମୋହ ବିନଷ୍ଟ ହୋଇଯିବ । ଯିଏ ମୋର ଶରଣାପନ୍ନ ହୋଇ ହୃଦୟ ସହକାରେ ଥରେ " ହେ ପ୍ରଭୁ- ମୁଁ ଆପଣଙ୍କର"-ଏତିକି ମାତ୍ର କହିଦିଏ, ତାକୁ ମୁଁ ସମସ୍ତ ପ୍ରାଣୀଙ୍କଠାରୁ ଅଭୟ (ସୁରକ୍ଷିତ) କରିଦିଏ । ଏହା ହେଉଛି ମୋର ବ୍ରତ । ଭଗବାନ ଜୀବକୁ ଚଉରାଅଶି ଲକ୍ଷ ଯୋନିକୁ ପଠାଇ ପାରନ୍ତି, କିନ୍ତୁ ଜୀବକୁ ଉଦ୍ଧାର କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ । ଜୀବ ପ୍ରତି ଏହି କୃପା ପୂର୍ଣ୍ଣ ବିଧାନ ହିଁ ଭଗବାନଙ୍କ ଅହେତୁକ ପ୍ରେମର ସୂଚକ । ଭଗବାନଙ୍କ ବାଣୀରେ ପୂର୍ଣ୍ଣ ଭରସା ରଖିବା ପାଇଁ ଭଗବାନଙ୍କ ଏହା ସତ୍ୟ ପ୍ରତିଜ୍ଞା । ଆନନ୍ଦଗିରି ବ୍ୟାଖ୍ୟାରେ କୁହାଯାଇଛି କି,- "ହେ ଅର୍ଜୁନ ! ତୁମେ ପୂର୍ଣ୍ଣ ମାତ୍ରାରେ ନିଜ ମନକୁ ମୋଠାରେ ଅର୍ପିତ କରିଦିଅ । ମନର ଅତ୍ୟନ୍ତ ଚଞ୍ଚଳତା ଏବଂ ଏହାର ନିଗ୍ରହ କଷ୍ଟସାଧ ଯୋଗୁଁ ଯଦି ତୁମେ ସମର୍ଥ ନୁହଁ, ମନ ଇତସ୍ତତଃ ବିଷୟାନୁଗମନ ହେଲେ ମଧ୍ୟ ତୁମେ ମୋର ଭକ୍ତ ହୋଇଯାଅ । ମୋ'ଠାରେ ଅଖଣ୍ଡ ପ୍ରେମର ପୁଞ୍ଜି ଗଚ୍ଛିତ କରି ରଖ । ଯଦି ସ୍ତ୍ରୀ, ପୁତ୍ର, ଧନ ଆଦିରେ ଅଧିକ ପ୍ରେମ ରହିବା

କାରଣରୁ ତୁମେ ମୋ'ଠାରେ ନିରତିଶୟ ପ୍ରେମ ସ୍ଥାପନ ପାଇଁ ଅସମର୍ଥ, ତା'ହେଲେ ବାହ୍ୟରେ ସ୍ତ୍ରୀ,ପୁତ୍ର ଓ ଧନ ପ୍ରତି ପ୍ରୀତି ରଖି, ଅନ୍ତରରେ ମୋର ପୂଜନ , ମନନ ଆଦି ଅଭ୍ୟାସ କର । ଯଦି ସମ୍ବଳ ତଥା ଆଳସ୍ୟ ଆଦି କାରଣରୁ ପୂଜାର ଉପକରଣ ସଂଗୃହିତ କରି ଯଜନ କରିବାରେ ସକ୍ଷମ ହୋଇପାରୁ ନାହଁ, ତେବେ ସବୁଠାରୁ ସରଳ ଉପାୟ କି, ମୋତେ ବାରମ୍ବାର ନମସ୍କାର କର । ମନ, ଶରୀର ଓ କର୍ମରେ ମୋ ପ୍ରତି ନମ୍ରତା ଧାରଣ କର । ଏଥି ମଧ୍ୟରୁ କୌଣସି ଗୋଟିକର ଆଶ୍ରୟ ନେଲେ ତୁମକୁ ମୋର ପ୍ରସାଦରୁ ତତ୍ତ୍ୱ ଜ୍ଞାନ ହୋଇଯିବ, ଆଉ ତୁମେ ମୋତେ ହୃଦୟରେ ପ୍ରାପ୍ତ କରିନେବ" । ଏହା ପ୍ରବଞ୍ଚନା ନୁହେଁ ବୋଲି - ସେହି ଆଶଙ୍କା ନିବାରଣ ସକାଶେ ଭଗବାନ ମଧ କହୁଛନ୍ତି କି, ତୁମେ ମୋର ଅତ୍ୟନ୍ତ ପ୍ରିୟ କାରଣରୁ ତୁମ ପ୍ରତି ମୋର ଛଳ କି କପଟ ଆଚରଣ ନାହିଁ । ଅତଏବ, ଉପରୋକ୍ତ କଥନରେ କୌଣସି ଅସତ୍ୟ ନାହିଁ, ତେଣୁ ଏହା ସର୍ବଥା ମୋର ସତ୍ୟ ପ୍ରତିଜ୍ଞା ଅଟେ ।

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥୬୬॥

*ଅନ୍ୱୟ : ସର୍ବ ଧର୍ମାନ୍ (ବର୍ଣ୍ଣାଶ୍ରମ ଆଦି ଧର୍ମ ) ପରିତ୍ୟଜ୍ୟ (ପରିତ୍ୟାଗ କରି ) ଏକଂ (ଏକମାତ୍ର ) ମମ (ମୋର ) ଶରଣମ୍ ବ୍ରଜ ( ଶରଣ ଗ୍ରହଣ କର ) ଅହଂ (ମୁଁ ) ତ୍ୱାମ୍ (ତୁମକୁ ) ସର୍ବ ପାପେଭ୍ୟଃ (ସମସ୍ତ ପାପରୁ ) ମୋକ୍ଷୟିଷ୍ୟାମି (ମୁକ୍ତ କରିଦେବି ) ମା ଶୁଚଃ (ତୁମେ ଶୋକ କର ନାହିଁ ) ।*

**ଭାବାର୍ଥ** : ହେ ଅର୍ଜୁନ ! ସମ୍ପୂର୍ଣ୍ଣ ଧର୍ମକୁ ତ୍ୟାଗ କରି ଅର୍ଥାତ୍ 'ମୁଁ ବ୍ରାହ୍ମଣ ଶ୍ରେଣୀ, ଅଥବା କ୍ଷେତ୍ରୀୟ ଶ୍ରେଣୀ, କିମ୍ବା ବୈଶ୍ୟ କିମ୍ବା ଶୂଦ୍ର ଶ୍ରେଣୀର କର୍ତ୍ତା ଅଟେ – ଏପରି ସ୍ୱ-ଧର୍ମର ବିଚାରକୁ ତ୍ୟାଗ କରି କେବଳ ଗୋଟିଏ ମୋର ଅନନ୍ୟ ଶରଣରେ ଆସିଯାଅ- 'ମୁଁ ତୁମଙ୍କୁ ସମସ୍ତ ପାପରୁ ମୁକ୍ତ କରିଦେବି । ତୁମେ ଶୋକ କରନାହିଁ- ଏହି ଅଭୟ 'ମୁଁ ତୁମକୁ ପ୍ରଦାନ କରୁଛି । ଭଗବାନ ଶ୍ରୀକୃଷ୍ଣ ପୂର୍ବ ଶ୍ଳୋକରେ ବର୍ଣ୍ଣିତ ଗୀତାର ସର୍ବ ଗୁହ୍ୟତମ ଶୁଦ୍ଧାଭକ୍ତିର ଉପଦେଶ ଦେଇ ଏହି ଶ୍ଳୋକରେ ବତାଇଛନ୍ତି କି; ଏପରି ଶୁଦ୍ଧାଭକ୍ତିର ପାତ୍ର ହେବାପାଇଁ ସର୍ବ ପ୍ରଥମେ ଭଗବାନଙ୍କ ଏକାନ୍ତିକ ଶରଣାଗତ ହେବା ଆବଶ୍ୟକ । ଏଠାରେ 'ସର୍ବ ଧର୍ମ'ର ତାତ୍ପର୍ଯ୍ୟ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଆଦି ବର୍ଣ୍ଣାଶ୍ରମର ବିଚାର ସହିତ କର୍ମ, ଜ୍ଞାନ, ଯୋଗ ଏବଂ ଅନ୍ୟ ଦେବତାଙ୍କ ଉପାସନା ଆଦି ସମ୍ବନ୍ଧୀୟ ଶାରୀରିକ ଓ ମାନସିକ ଧର୍ମାଧର୍ମକୁ ନିର୍ଦ୍ଦେଶ କରାଯାଇଛି । ଯେଉଁ ସାଧନ ସ୍ୱୟଂ ପରମ ଫଳ ଦେବାରେ ସମର୍ଥ ନୁହେଁ, ଏହା ଧର୍ମ ହେଉ ବା ନହେଉ, ତାହାରି ଉପେକ୍ଷା ହିଁ କରିଦେବା ବିଧେୟ । ଏହି ଅନୁସାରେ ସମସ୍ତ ବର୍ଣ୍ଣାଶ୍ରମ ଓ ସାଧନକୁ ବିଚାର ନ କରି, ଯିଏ ଯେଉଁ ସ୍ତରରେ ରହି ଥାଉନା କାହିଁକି, ଉପରୋକ୍ତ ସମସ୍ତ ଧର୍ମକୁ ପରିତ୍ୟାଗ କରି ଅନନ୍ୟ ଭାବ ସହିତ ମୋର ଶରଣକୁ ଆସିଯାଏ, ମୁଁ ତାହାର କ୍ରମଶଃ ବର୍ଣ୍ଣ ପରିବର୍ତ୍ତନ, ଉତ୍ଥାନ ତଥା ସମ୍ପୂର୍ଣ୍ଣ ପାପରୁ ନିବୃତି ଅର୍ଥାତ୍ ମୋକ୍ଷର ଦାୟିତ୍ୱ, ସେହି ଇଷ୍ଟ ବା ସଦ୍-ଗୁରୁ ରୂପରେ ନିଜ ଉପରକୁ ନେଇଥାଏ । ପ୍ରତ୍ୟେକ ମନୁଷ୍ୟର ନିଜ ଧର୍ମ ପ୍ରତି ଆଦର ରହିଥାଏ , ପରନ୍ତୁ, ଧର୍ମ ମୋକ୍ଷର ପ୍ରତ୍ୟକ୍ଷ କାରଣ ହୋଇ ନଥାଏ- ଏହା ଭଗବାନ ପ୍ରତିପାଦିତ କରିଛନ୍ତି । ମାତ୍ର ଭଗବାନଙ୍କ ଶରଣ ପ୍ରାପ୍ତ କରିବାର ଯୋଗ୍ୟତା ଧର୍ମାଚରଣରେ ହିଁ ପ୍ରାପ୍ତ ହୋଇଥାଏ । ଏଣୁ ପ୍ରାରମ୍ଭରେ ଧର୍ମାଚରଣ ଦ୍ୱାରା ନିଜର ପାତ୍ରତା ନିର୍ମାଣର ଆବଶ୍ୟକତା ରହିଛି । ଈଶ୍ୱରଙ୍କ ଶରଣରେ ଯିବା ହିଁ ସମସ୍ତ

ଶାସ୍ତ୍ରୀୟ ବିଧାନର ମୁଖ୍ୟ ଲକ୍ଷ୍ୟ । ଭଗବାନଙ୍କ ଶରଣ ବିନା ସନ୍ନ୍ୟାସ ମଧ୍ୟ ନିଜ ଫଳ ଦେବାର ସମର୍ଥ ନୁହଁ । ଶ୍ରୀମଧୁସୂଦନ ସରସ୍ୱତୀ କହିଛନ୍ତି କି, ବ୍ରହ୍ମଚର୍ଯ୍ୟ ଧର୍ମ, ଗାର୍ହସ୍ଥ୍ୟ ଧର୍ମ, ବାନପ୍ରସ୍ଥ ଧର୍ମ ଓ ସନ୍ନ୍ୟାସାଶ୍ରମ ଧର୍ମ -ଏ ସମସ୍ତ ଧର୍ମ ନିଷ୍ଠାର ସହିତ ପାଳନରେ ମୋର କଲ୍ୟାଣ ହେବ – ଏହି ଧର୍ମାଶ୍ରୟକୁ ପରିତ୍ୟାଗ କର । ଶ୍ରୀ ଶଙ୍କାରାଚାର୍ଯ୍ୟ କହିଛନ୍ତି କି, ଅଧର୍ମ ପରିତ୍ୟାଗର ବର୍ଣ୍ଣନା ସବୁଠାରେ ଆସେ, ମାତ୍ର ଧର୍ମ ପରିତ୍ୟାଗର କଥନ ଅପୂର୍ବ ଏବଂ ଏହା ଶ୍ରୀକୃଷ୍ଣଙ୍କ ଶୁଦ୍ଧ ପରମାତ୍ମା ସ୍ୱରୂପ ନିରୂପଣର ପ୍ରସଙ୍ଗ ଅଟେ । ଏଠାରେ ସର୍ବ ଧର୍ମ ପରିତ୍ୟାଗ ର ଅର୍ଥ ତୁମେ ଧର୍ମ-ଅଧର୍ମ ସମ୍ବନ୍ଧ ବର୍ଜିତ ହୋଇଯାଅ । ଧର୍ମ ଓ ଅଧର୍ମ ଉଭୟକୁ ପରିତ୍ୟାଗ ନ କଲେ ତ୍ୟାଗ ଅସମ୍ପୂର୍ଣ୍ଣ ହୋଇ କର୍ତ୍ତାପନ ରହେ । ଅସଲରେ ଯେଉଁଠାରେ ଧର୍ମରହେ, ସେଠାରେ ଅଧର୍ମ ବି ରହେ । ଧର୍ମ-ଅଧର୍ମ ଦ୍ୱନ୍ଦ୍ୱ ଅଟନ୍ତି ଏବଂ ଏହା ଦିବା-ରାତ୍ର ଭଳି ଯୋଡ଼ିଦାର । ବିନା ଧର୍ମରେ ଅଧର୍ମର ଜ୍ଞାନ ହୋଇ ନଥାଏ ଏବଂ ଅଧର୍ମ ନ ଥିଲେ ଧର୍ମର ମହତ୍ୱ ରହେ ନାହିଁ । ଧର୍ମ-ଅଧର୍ମ ଏକ ସଙ୍ଗେ ଉଦ୍ଭବ ହୁଅନ୍ତି, ଏକ ସଙ୍ଗେ ରୁହନ୍ତି ଏବଂ ଯେବେ ପରମାତ୍ମାଙ୍କ ଜ୍ଞାନ ହୁଏ, ଉଭୟର ବିଲୟ ଘଟେ । ଧର୍ମର ଦୁଇଟି ବ୍ୟୁତ୍ପତି ହେଲା; କାରଣ ଧର୍ମ ଏବଂ କର୍ଯ୍ୟାତ୍ମକ ଧର୍ମ । ଦାନ, ବ୍ରତ, ପରୋପକାର ଆଦି କାର୍ଯ୍ୟାତ୍ମକ ଧର୍ମ । ଯାହା ପ୍ରକୃତି ଓ ସ୍ୱଭାବ ଦ୍ୱାରା ପ୍ରାପ୍ତ, ତାହା କାରଣନିଷ୍ଠ ଧର୍ମ । ସମସ୍ତ ଧର୍ମ-ଅଧର୍ମ କର୍ମ ବନ୍ଧନର କାରଣ ଏବଂ ମୋକ୍ଷ ମାର୍ଗର ପ୍ରତିବନ୍ଧକ । ଆତ୍ମଜ୍ଞାନ ଦ୍ୱାରା ଏହି ଦୁଇ ଧର୍ମକୁ ପରିତ୍ୟାଗ କରିବାକୁ ହେବ । ଧର୍ମାଧର୍ମ ତ୍ୟାଗ କରିବାର ଅର୍ଥ: ସର୍ବ କର୍ମ ତ୍ୟାଗ କରି ଧର୍ମାଧର୍ମର ଅତୀତ ସେହି ପରବ୍ରହ୍ମଙ୍କ ଆଶ୍ରୟ ଗ୍ରହଣ । ଯେଉଁ ଅଜ୍ଞାନ ମନ ଭିତରେ ଧର୍ମାଧର୍ମର ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ, ସେହି ଅଜ୍ଞାନ ଦୂର ହୋଇଗଲେ ସର୍ବଧର୍ମ ତ୍ୟାଗ ହୋଇଯାଏ । ସେହିଭଳି ଅଦ୍ୱୈତ ଭାବରେ ଭଗବାନଙ୍କ ଶରଣକୁ ଚାଲିଗଲେ, ଧର୍ମାଧର୍ମ ସ୍ପର୍ଶ କରିବ ନାହିଁ । ଆତ୍ମା-ନିତ୍ୟ । ଏହାର ପରିତ୍ୟାଗ କେବେ ବି ସମ୍ଭବ ନୁହଁ । ଆଉ ରହିଲା ଅନାତ୍ମା, ଯାହାର ସତ୍ତା ହିଁ ନାହିଁ, ଯାହାର ନିତ୍ୟ-ଆତ୍ମା ସହିତ ସମ୍ବନ୍ଧ ହିଁ ନାହିଁ, ତାର ପରିତ୍ୟାଗ କେଉଁଠାରୁ ହେବ? ଏହାର ସମାଧାନ ହେଲା; ଅନାତ୍ମା ବସ୍ତୁ ନିତ୍ୟ ପରିତ୍ୟକ୍ତ ଅଟେ । ପରନ୍ତୁ ଏଥିରେ 'ଏହା ମୋର'-'ମୁଁ ଏହାର' ଏହିଭଳି ଯେଉଁ ଭ୍ରମ ରୂପକ ସ୍ୱୀକୃତି - ତାର ପରିତ୍ୟାଗ କରିବାକୁ ହେବ । ଅସଲରେ ନା ଆତ୍ମା ଅନାତ୍ମାରେ ଆବଦ୍ଧ, ନା ଅନାତ୍ମା ଆତ୍ମାରେ ଆବଦ୍ଧ । ଏହା କେବଳ ତ୍ରିଗୁଣ ମାୟାର ପ୍ରଭାବ । 'ଅହଂ' ବା 'ମୁଁ' ଶବ୍ଦରୁ ମନ, ବୁଦ୍ଧି ଓ ଅହଂକାରକୁ ହଟାଇ ନେବାପରେ ଯେଉଁ ଅବଶେଷ ଅନାଦି ବ୍ରହ୍ମ, ତାହାରି ଶରଣାଗତ ହୋଇ ନିଶ୍ଚିତ ହୁଅ କି, 'ଆତ୍ମା ଅତିରିକ୍ତ କିଛି ହିଁ ନାହିଁ' । କର୍ମକୁ ତ୍ୟାଗକରି ଯେବେ ଏ ପ୍ରକାର ବୁଦ୍ଧି କରିନେବ, ତେବେ ଧର୍ମ ଅଧର୍ମର ଯେତେ ବନ୍ଧନ ସେ' ସମସ୍ତରୁ ମୁଁ ତୁମକୁ ମୁକ୍ତ କରିଦେବି । ଭଗବାନ ସ୍ୱୟଂ ଜ୍ଞାନ ସ୍ୱରୂପ । ଜ୍ଞାନର ପ୍ରକାଶରେ ଅଜ୍ଞାନ ଅନ୍ଧକାର ସ୍ୱତଃ ନିବୃତ୍ତ ହୋଇଯାଏ । ସୂର୍ଯ୍ୟ ଯେପରି ଅନ୍ଧକାର ଦେଖି ନଥାନ୍ତି, ଜାଗ୍ରତ ଜୀବ ଯେପରି ସ୍ୱପ୍ନ ଦେଖି ନ ଥାଏ, ସେହିଭଳି ମତ୍-ସ୍ୱରୂପ ପ୍ରାପ୍ତ ହେଲେ ଭଗବାନ ବ୍ୟତୀତ କିଛି ଦେଖାଯିବ ନାହିଁ । 'ସର୍ବଧର୍ମ ପରିତ୍ୟଜ୍ୟ' ଉପରେ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ବ୍ୟାଖ୍ୟା ହେଲା କି, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତି ଯୋଗର ଅଧିକାର ଅନୁସାରେ ପରିପାଳନ କରି ତାରି ଫଳର ଅଭିଳାଷକୁ ତ୍ୟାଗ କରିଦିଅ । ସେଥିରେ କର୍ମ ବୁଦ୍ଧିକୁ ହଟାଇ ଅନ୍ତରରୁ କର୍ତ୍ତୃତ୍ୱ ବୁଦ୍ଧିକୁ ହଟାଇନେବା 'ସର୍ବ ଧର୍ମ' ପରିତ୍ୟାଗ ପଦର ଏଠାରେ ଅଭିଷ୍ଟ । ପ୍ରେମ ଭକ୍ତି ବୃଦ୍ଧିରେ ଜନ୍ମ ଜନ୍ମାନ୍ତରର

କର୍ମ ବନ୍ଧନ ହିଁ ପ୍ରତିବନ୍ଧକ, ଯାହାର ପ୍ରାୟଶ୍ଚିତ ନିମନ୍ତେ ଗୋଟିଏ ଜନ୍ମର ସାଧନ ପର୍ଯ୍ୟାପ୍ତ ନୁହଁ । ଏହି ବିଚାର ଧାରାରେ ଭକ୍ତି ମାର୍ଗର ଅନୁସରଣ କରିବାରେ ଅର୍ଜୁନଙ୍କ ଅସହାୟତାକୁ ଦେଖି ଭଗବାନ କହୁଛନ୍ତି କି, ଏହି ସମସ୍ତ ସାଧନ ଧର୍ମକୁ ପରିତ୍ୟାଗ କରି ତୁମେ ମୋର ହୋଇଯାଅ । ମୁଁ ସମସ୍ତ ପାପରୁ ମୁକ୍ତ କରିଦେବି, ଯେଉଁଥି ସକାଶେ ତୁମେ ଶୋକାଗ୍ରସ୍ତ ହୋଇଛ । ଶ୍ରୀ ବଲ୍ଲଭାଚାର୍ଯ୍ୟଙ୍କ ବ୍ୟାଖ୍ୟାନୁସାରେ; ଅନ୍ୟ ଦେବତା ଆଦିର ଆଶ୍ରୟ ଓ ଭଜନ ରୂପୀ ଯେଉଁ ଧର୍ମ, ତାହାର ନିଷେଧ ମାନି ନିଆଯାଇଛି । ବଲ୍ଲଭ ସିଦ୍ଧାନ୍ତ ଅନୁସାରେ ଅର୍ଜୁନ ବର୍ତ୍ତମାନ ମର୍ଯ୍ୟାଦା ମାର୍ଗରେ ରହିଛନ୍ତି । ଅନ୍ୟ ଧର୍ମର ପରିତ୍ୟାଗ କଥା କହି ଭଗବାନ ତାଙ୍କୁ ପୁଷ୍ଟିମାର୍ଗ ଗ୍ରହଣ କରିବାର ଉପଦେଶ ଦେଇଛନ୍ତି । ତେଣୁ ଧର୍ମର ଆଶ୍ରୟ ଛାଡି ଭଗବାନଙ୍କ ଆଶ୍ରୟ ନେବାରେ ଆଉ ନିଜ ଧର୍ମ ନିର୍ଣ୍ଣୟ କରିନେବାର ଆବଶ୍ୟକତା ରହେ ନାହିଁ । ଧର୍ମାଧର୍ମ ଦ୍ୱନ୍ଦରୁ ରହିତ ହୋଇ ଧର୍ମ ନିର୍ଣ୍ଣୟର ଦାୟିତ୍ୱ ଭଗବାନଙ୍କ ଉପରେ ନ୍ୟସ୍ତ କରିଦେବା ହିଁ ସର୍ବଧର୍ମ ପରିତ୍ୟାଗ । ପାପରୁ ମୁକ୍ତ କରିଦେବାର ପ୍ରତିଜ୍ଞା କରି ଭଗବାନ ପୁଷ୍ଟିମାର୍ଗ ଅନୁସାରେ ନିଜ ପୁରୁଷୋତ୍ତମ ସ୍ୱରୂପକୁ ପ୍ରକଟ କରିଛନ୍ତି । 'ସର୍ବଧର୍ମ' କୁ ନେଇ ଶ୍ରୀ ନୀଳକଣ୍ଠ କହିଛନ୍ତି କି, ବର୍ଣ୍ଣ, ଆଶ୍ରମ, ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି ଆଦିର ଯେଉଁ ଅଗ୍ନିହୋତ୍ର ସୁଖ, ଦୁଃଖ, ଆଦି ଧର୍ମ, ତାହାକୁ ପରିତ୍ୟାଗ କର । ସର୍ବ ଶକ୍ତିଶାଳୀ ଉପାଧି ଯୁକ୍ତ ତଥା ଉପାଧି ରହିତ, ଅଖଣ୍ଡ ଏକରସ ଆନନ୍ଦଘନ ଯେଉଁ ପରବ୍ରହ୍ମ- ତାଙ୍କରି ଶରଣ ନେଇଯାଅ । ତାଙ୍କରି ଶରଣରେ ଆସିବାରେ ସେ' ହିଁ ଅନ୍ତର୍ଯାମୀ ପୁରୁଷ ରୂପରେ ସମସ୍ତ ଅବିଦ୍ୟା, କ୍ଳେଶ ଏବଂ ପୂର୍ବ ସଞ୍ଚିତ ତଥା ଏହି ଜନ୍ମରେ କରାଯାଇଥିବା ସମସ୍ତ ପାପରୁ ମୁକ୍ତ କରିଦେବେ । ତେଣୁ ହେ ଅର୍ଜୁନ ! ନିଜ ପୂଜ୍ୟ ସମ୍ପର୍କୀୟଙ୍କୁ ବଧ କରି ଯେଉଁ ପାପ ତଥା ନରକ ଭୋଗ କରିବା ଚିନ୍ତା କରୁଛ, ତାହା ସମ୍ବନ୍ଧରେ ନିର୍ଭିକ ହୁଅ । ଶ୍ରୀ ଲୋକମାନ୍ୟ ତିଳକ ଲେଖିଛନ୍ତି କି, ଗୀତାର ଅନେକ ସ୍ଥାନରେ ନିର୍ଗୁଣ ଉପାସନାର ଚର୍ଚ୍ଚା ରହିଥିଲେ ସୁଦ୍ଧା, ଭଗବାନଙ୍କ ସଗୁଣ ସାକାରର ଶୁଦ୍ଧ ଭକ୍ତି ନିମନ୍ତେ ନିର୍ମଳ ମନ ଓ ବୁଦ୍ଧିର ଆବଶ୍ୟକତା ରହିଛି, ଯାହା ମନୁଷ୍ୟ ସତ୍-କର୍ମ ମାଧ୍ୟମରେ ଅନ୍ତଃକରଣ ଶୁଦ୍ଧତାରୁ ପ୍ରାପ୍ତ ହୁଏ । ଗୀତାର ଉପସଂହାରରେ ସଗୁଣ ସାକାର ଉପାସନା ଉପରେ ମହତ୍ତ୍ୱ ଦେଇ ଭଗବାନ ନିଜେ ଶରଣାଗତ ପାଇଁ ଅର୍ଜୁନଙ୍କୁ ନିମିତ୍ତ କରି ସମସ୍ତ ଜୀବ ନିମନ୍ତେ କହିଛନ୍ତି । ସମସ୍ତ ଜୀବକୁ ଭଗବାନଙ୍କ ଏହି ସନ୍ଦେଶ କି, ସମସ୍ତ ଧର୍ମାବଲମ୍ବନ ମାର୍ଗକୁ ତ୍ୟାଗ କରି ନିଷ୍କାମ ଭାବରେ ମୋର ସେବାରତ ହୋଇ ମୋର ଶରଣରେ ରହ । ଏହିପରି ଭାବରେ ମୋର ଆଶ୍ରୟ ନେବାରେ ସଂସାରର କୌଣସି ଭୟ ରହି ନ ଥାଏ । ଶରଣାପନ୍ନ ହୋଇ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ ନ ରଖିବା ଭଗବାନଙ୍କ ପ୍ରତି ଅପରାଧ । ଯାହା ଘଟିଗଲା, ତାହା ଅବଶ୍ୟମ୍ଭାବୀ ଥିଲା । ଯାହା ହେବାର ନାହିଁ, ତାହା କଦାପି ହୋଇପାରିବ ନାହିଁ ଏବଂ ଏବେ ଯାହା ହେଉଛି, ତାହା ଯଥାର୍ଥ ହିଁ ହେଉଛି । ପ୍ରଭୁଙ୍କର ଏହି ମଙ୍ଗଳମୟ ବିଧାନକୁ ଜାଣି, ଶରଣାଗତ ଭକ୍ତ ଅତୀତ ଘଟଣାକୁ ନେଇ ଶୋକ କରିବାର କୌଣସି କାରଣ ନାହିଁ । ଅତ୍ୟନ୍ତ ବିପରୀତ ପରିସ୍ଥିତିରେ ମଧ୍ୟ ପ୍ରେମୀ ଭକ୍ତଙ୍କର ପ୍ରସନ୍ନତା ଉତ୍ତରୋତ୍ତର ବୃଦ୍ଧି ପାଏ, କାରଣ ପ୍ରେମର ସ୍ୱରୂପ ପ୍ରତିକ୍ଷଣ ବର୍ଦ୍ଧମାନ । ଭଗବାନ ଭକ୍ତର ଆତ୍ମୀୟତାକୁ ଦେଖନ୍ତି, ଗୁଣ କିମ୍ବା ଅବଗୁଣକୁ ଦେଖନ୍ତି ନାହିଁ । ଅର୍ଥାତ୍ ଭଗବାନଙ୍କୁ ଭକ୍ତର ଦୋଷ ଦେଖାଯାଏ ନାହିଁ, କେବଳ ଆତ୍ମୀୟତା ହିଁ ଦେଖାଯାଇଥାଏ । ସ୍ୱରୂପ ଦୃଷ୍ଟିରୁ ଭକ୍ତ ସର୍ବଦା ଭଗବାନଙ୍କର । ପତିବ୍ରତା ଯେପରି ପତିଙ୍କ ପରାୟଣ,

ପତିଙ୍କ ଗୋତ୍ରରେ ନିଜ ଗୋତ୍ର ମିଶାଇଦିଏ ଏବଂ ପତିଙ୍କ ଘରେ ରହେ,ପତିଙ୍କ ନିମିତ୍ତ ହିଁ ନିଜ ଶରୀରର ଯତ୍ନ ନିଏ, ସେହିପରି ଶରଣାଗତ ଭକ୍ତ ମଧ୍ୟ ଶରୀର ଦୃଷ୍ଟିରୁ ସ୍ୱୀକାର କରାଯାଇଥିବା ଗୋତ୍ର, ଜାତି, ନାମ ଆଦିକୁ ଭଗବାନଙ୍କ ଚରଣରେ ଅର୍ପିତ କରିଦେଇ ନିର୍ଭୟ, ନିଃଶୋକ, ନିଶ୍ଚିନ୍ତ, ନିଃଶଙ୍କ ହୋଇ ଦିବ୍ୟ ଆନନ୍ଦ ପ୍ରାପ୍ତ ହୁଏ । ସଂସାରରେ ଜୀବର ସେହି ଦିବ୍ୟାନନ୍ଦର ଉପଲବ୍ଧତା ଅତ୍ୟନ୍ତ ଦୁର୍ଲଭ । ସଂସାର ଦୁଃଖ ଯନ୍ତ୍ରଣାରୁ ମୁକ୍ତ ହୋଇ. ସେହି ଦିବ୍ୟାନନ୍ଦ ଅନୁସନ୍ଧାନ ନିମିତ୍ତ ଭଗବାନଙ୍କ ଶରଣାଗତ ବ୍ୟତିରେକ ଅନ୍ୟ କୌଣସି ମାର୍ଗ ହିଁ ନାହିଁ । ଶ୍ଳୋକରେ 'ଏକଂ' ପଦକୁ ଆଧାର କରି ଭଗବାନ ଏଠାରେ କହିବାକୁ ଚାହୁଁଛନ୍ତି କି, ଭଗବତ୍ ପ୍ରାପ୍ତିର ସାଙ୍ଖ୍ୟଯୋଗ, କର୍ମଯୋଗ ଆଦି ଯେତେ ସାଧନ ରହିଛି, ସେଥିମଧ୍ୟରୁ 'ଶରଣାଗତି' ହିଁ ମୁଖ୍ୟ ଏବଂ ସର୍ବଶ୍ରେଷ୍ଠ ସାଧନ । ସେଥି ନିମିତ୍ତ ନିଜର ମନକୁ ଭଗବାନଙ୍କୁ ଏପରି ଅର୍ପଣ କରିବାକୁ ହେବ, ଯେପରି ଦୀପକର ପ୍ରକାଶକୁ ନିରନ୍ତର ପରିଚାଳିତ ରଖିବା ପାଇଁ ତୈଳାଧାର ସହିତ ସଳିତାକୁ ନିତ୍ୟ ସଂଯୁକ୍ତ କରି ରଖାଯାଇଥାଏ । ମନ ସମ୍ପୂର୍ଣ୍ଣ ସମର୍ପିତ ହୋଇଗଲେ, ଭଗବାନଙ୍କ ଏକତ୍ୱ ପ୍ରାପ୍ତ ହୋଇ ସମସ୍ତ ପାପର ଅନ୍ତ ଘଟିଥାଏ, ସମସ୍ତ ପୀଡା, ଯନ୍ତ୍ରଣାରୁ ମୁକ୍ତି ମିଳେ । ଏହା ଭଗବାନଙ୍କର ଜୀବ ପ୍ରତି ଅହେତୁକ କୃପା । ଭଗବାନ ଏଠାରେ ପ୍ରତିପାଦିତ କରିବାକୁ ଚାହୁଁଛନ୍ତି କି, ମୋତେ ପ୍ରାପ୍ତ ନିମନ୍ତେ କୌଣସି ବିଶେଷ ସାଧନାର ଆବଶ୍ୟକ ନାହିଁ । ବିଶ୍ୱ ଦର୍ଶନ ଅଧ୍ୟାୟରେ ଏହା ସ୍ପଷ୍ଟ କରି ଦିଆଯାଇଛି କି, ପରମେଶ୍ୱରଙ୍କ ସାକ୍ଷାତ୍କାର ସକାଶେ ଯଜ୍ଞ, ଦାନ, ତପ, ଶାସ୍ତ୍ର, ସ୍ୱାଧ୍ୟାୟ ଆଦି ସାକ୍ଷାତ ରୂପରେ ସହାୟକ ନୁହଁ । ପରନ୍ତୁ କେବଳ ଭକ୍ତି ଦ୍ୱାରା ପରମେଶ୍ୱର ସ୍ୱରୂପର ଦର୍ଶନ ପ୍ରାପ୍ତ ସମ୍ଭବ । ଭଗବାନଙ୍କ ପ୍ରସାଦ ରୂପକ ଭକ୍ତିରେ ହିଁ ଭଗବାନ ସ୍ୱରୂପର ଜ୍ଞାନ ହେବା ସମ୍ଭବ -ଏହା ଶ୍ରୁତି ତଥା ସ୍ମୃତିରେ ମଧ୍ୟ କୁହାଯାଇଛି । ଭଗବାନଙ୍କ ଶରଣରେ ଯିବାର ଜୀବର ଆକର୍ଷଣ ସଦା ହିଁ ରହିଥାଏ । ସଂସାର ସହିତ ଜୀବର ସମ୍ବନ୍ଧ କେବଳ ମାନି ନିଆଯାଇଥାଏ । କିନ୍ତୁ ଭଗବାନଙ୍କ ସହିତ ସମ୍ବନ୍ଧ ବାସ୍ତବ । ସେହି ସଂସାର ସମ୍ବନ୍ଧ ମନୁଷ୍ୟକୁ ପରାଧୀନ , ଭୃତ୍ୟ କରିଦିଏ, ମାତ୍ର ପରମାତ୍ମାଙ୍କ ସମ୍ବନ୍ଧ ମନୁଷ୍ୟକୁ ସ୍ୱାଧୀନ ଓ ଚିନ୍ମୟ କରିନିଏ, ଏପରିକି ପ୍ରଭୁଙ୍କ ସ୍ୱାମୀ ମଧ୍ୟ କରିଦେଇଥାଏ । ଶରଣାଗତ ଭକ୍ତ ପାଇଁ ପ୍ରଭୁ ଓ ତାଙ୍କର ଆହ୍ଲାଦିନୀ ଶକ୍ତି ଉଭୟଙ୍କର ଆଶ୍ରୟ ଶ୍ରେଷ୍ଠ । ଭଗବାନ ପରମାନନ୍ଦଘନ ଅଟନ୍ତି । ଭଗବାନ ଦ୍ୱିତୀୟ ନୁହନ୍ତି । ସେ'ତ ଆତ୍ମୀୟ, କାରଣ ଜୀବ ତାଙ୍କର ସନାତନ ଅଂଶ । ତାଙ୍କର ସ୍ୱରୂପ । ତେଣୁ ଭଗବାନଙ୍କ ଶରଣାପନ୍ନ ହେଲେ ଭୟ ହେବ କିପରି ? ଶ୍ରୀ ରାମକୃଷ୍ଣଦେବ ଗୋଟିଏ ପକ୍ଷୀର ଗପଦ୍ୱାରା ଶରଣାଗତର ଅବସ୍ଥା ଅତି ସୁନ୍ଦର ରୂପେ ବୁଝାଇଛନ୍ତି । ପକ୍ଷୀଟି ଅତିଶୟ କ୍ଳାନ୍ତ ହୋଇ ମଝି ସମୁଦ୍ର ଜଳ ଉପରେ ପଡି ଯିବାରେ, ବହୁତ କଷ୍ଟ ଉପଲବ୍ଧ କରି ପୂର୍ବ-ପଶ୍ଚିମ, ଦକ୍ଷିଣ, ଉତ୍ତର ଚାରିଆଡେ ଉଡି ଉଡି କେଉଁଠାରେ କୂଳ କିନାରା ଦେଖିବାକୁ ପାଇଲା ନାହିଁ । ଶେଷରେ ଶାନ୍ତ ହୋଇ ନିଶ୍ଚେଷ୍ଟ ଭାବରେ ଜାହାଜର ମାସ୍ତୁଲ ଉପରେ ବସି ରହିଲା । ତାର ବିନା-ପ୍ରୟାସରେ ଅବଶ୍ୟ ଜାହାଜ ସହିତ କୂଳରେ ପହଞ୍ଚିବା ନିଶ୍ଚିତ । ସେହିପରି ମନୁଷ୍ୟ ମଧ୍ୟ ନାନା ଧର୍ମାନୁଷ୍ଠାନକ କରି ଯେତେବେଳେ ଶ୍ରାନ୍ତ, ବ୍ୟର୍ଥକାମ ହୁଏ, ସେତେବେଳେ ନିଜ ଶକ୍ତି ଉପରେ ନିର୍ଭର ହରାଇ ଶରଣାଗତ ଅବଲମ୍ବନ କରେ । ଭଗବାନଙ୍କ ଶରଣାଗତର ଅର୍ଥ ସମ୍ପୂର୍ଣ୍ଣ ଉତ୍ସର୍ଗତା । ଦୁଇ ହାତ ଟେକି "ହେ ପ୍ରଭୁ ! ମୁଁ ଆପଣଙ୍କର, ଆପଣ ହିଁ ମୋର"- ଏତିକି ମାତ୍ର ହୃଦୟରୁ କହିଦେଲେ, ଭଗବାନ ସ୍ଥିର ହୋଇ ରହି ପାରନ୍ତି ନାହିଁ । ସେ ଭକ୍ତକୁ

ହାତ ପ୍ରସାରି କୋଳେଇ କରି ନେଇଯାନ୍ତି । ତାହାକୁ ସମସ୍ତ ଘାତ, ପ୍ରତିଘାତରୁ ରକ୍ଷା କରିଥାନ୍ତି । ତାକୁ ଆତ୍ମୀୟ କରି ନେଇଯାନ୍ତି । ଶରଣାଗତି ସମ୍ବନ୍ଧରେ ଭଗବାନ ଶ୍ରୀରାମଙ୍କ ଉକ୍ତି ହେଲା କି, **" ସକୃତ ଏବ ପ୍ରପନ୍ନାୟ ତବାସ୍ମି ଇତି ଚା ଯାଚତେ ।ଅଭୟଂ ସର୍ବଭୂତେଭ୍ୟଃ ଦଦାମି ଏତଦ୍ ବ୍ରତ ମେ ॥"** - ଏହାର ଅର୍ଥ ହେଲା କି, ସମ୍ପୂର୍ଣ୍ଣ ଶରଣାଗତି ସହିତ ଯଦି କେହି ଥରେ ମାତ୍ର 'ତବାସ୍ମି - ମୁଁ ତୁମ୍ଭର' ବୋଲି ଭାବ ବ୍ୟକ୍ତ କରେ , ମୁଁ ତାହାକୁ ସର୍ବଜୀବ ମଧ୍ୟରେ ଚରମ ଅଭୟ ପ୍ରଦାନକରେ । ଏହା ମୋର ବ୍ରତ ଅଟେ । 'ମୁଁ' ଭଗବାନଙ୍କର ଅର୍ଥ ହେଲା, ଭଗବାନ ସମୁଦ୍ର, ସେଥିରେ ଜୀବ ତାଙ୍କରି ଶରଣରେ ତରଙ୍ଗ ସମାନ । 'ଭଗବାନ ମୋର' ବୋଲି ହଠ କରି ଧରି ବସିବା, ଶରଣାଗତର ଅନ୍ୟ ଏକ ଲକ୍ଷଣ । ବାଳକ୍ରିଡା ବେଳେ ଭଗବାନ ଶ୍ରୀକୃଷ୍ଣ କାହାଠାରୁ ନିଜ ହାତ ଛଡାଇ ନେଲେ, ନିଜର ଦୃଢଭକ୍ତିକୁ ପ୍ରକଟ କରି ଭକ୍ତ କହେ;- 'ତୁମେ ମୋର ହାତ ଛାଡିଯାଇପାର, ସେଥିରେ କିଛି ଆଶ୍ଚର୍ଯ୍ୟ ନାହିଁ - କିନ୍ତୁ 'ମୁଁ' ତୁମର ପରାକ୍ରମ ତେବେ ବୁଝିବି, ଯେବେ ତୁମେ ମୋର ହୃଦୟରୁ ଚାଲି ଯାଇପାରିବ' । ଜ୍ଞାନୀ ଭକ୍ତଙ୍କ ନିମନ୍ତେ 'ମୁଁ ସିଏ'-ଏହା ତୃତୀୟ ପ୍ରକାର ଶରଣ ଯାହା ଜ୍ଞାନ ମାର୍ଗର ମଧ୍ୟ ପରାକାଷ୍ଠା । ଏ ସମସ୍ତ ଜଗତ ଏବଂ 'ମୁଁ', ପରମ ପୁରୁଷ ଭଗବାନ ପୁରୁଷୋତ୍ତମ ହିଁ ଅଟନ୍ତି । ଏଥିର ଭଗବାନଙ୍କ ଅତିରିକ୍ତ ଅନ୍ୟ କିଛି ଅଛି- ଏହି ବିଚାରର ବିଲୁପ୍ତ ଘଟିଥାଏ । ଶ୍ରୀମଦ୍ ଭାଗବତରେ ଭଗବାନ କହୁଛନ୍ତିକି "ଉଦ୍ଧବ ! ତୁମେ ବିଧି-ନିଷେଧ ଛାଡିଦିଅ, ପ୍ରବୃତ୍ତି-ନିବୃତ୍ତି ଛାଡିଦିଅ, ଯାହା ଏବଯାଏଁ ଶୁଣିଛ ଏବଂ ଯାହା ଶୁଣିବାକୁ ଶେଷ ରହିଛି ତାହାକୁ ମଧ୍ୟ ଛାଡିଦିଅ । ଏକମାତ୍ର ମୋର ଶରଣରେ ଆସିଯାଅ । 'ମୁଁ' ହିଁ ସଭିଙ୍କ ଆତ୍ମା ଏବଂ ମୋର ସହିତ ଏକତ୍ୱ ହୋଇ ନିର୍ଭୟ ହୋଇଯାଅ । 'ମୁଁ' ତୁମ୍ଭଠାରେ 'ଅହଂ' ରୂପରେ ପ୍ରକଟ ହୋଇ ତୁମକୁ ସମସ୍ତ ପାପ ଓ ପାପର ମୂଳ କର୍ତ୍ତାପନ, ଭୋକ୍ତାପନ, ସର୍ବାପାପମୟୀ ଅବିଦ୍ୟା, ସର୍ବପାପମୟୋ ଭ୍ରମରୁ ମୁକ୍ତ କରିଦେବି । ତେଣୁ ତୁମ୍ଭେ ଶୋକ କର ନାହିଁ । ଯିଏ ଭୋଗ ଚାହିଁ ନ ଥାଏ କି, ଯୋଗ ମଧ୍ୟ ଚାହିଁ ନଥାଏ ସେ'ତ ବିରଳ । ସେ' ମୁମୁକ୍ଷୁତ୍ୱ ଠାରୁ ବି ବ୍ୟତିକ୍ରାନ୍ତ ହୋଇଯାଏ" (ଶ୍ରୀମଦ୍ ଭାଗବତ୍-୧୧/୧୨/୧୪-୧୫) । "ଯିଏ ସମସ୍ତ ଆତ୍ମାର ସହିତ କର୍ତ୍ତାପନ ବା ଅଭିମାନ ତ୍ୟାଗ କରି ଶରଣୀୟ ମୁକୁନ୍ଦଙ୍କ ଶରଣ ନିଏ, ସେ ଦେବତା, ଋଷି, ଜୀବ, ଆତ୍ମୀୟ ଲୋକ ତଥା ପିତରଙ୍କ ଋଣରୁ ମୁକ୍ତ ହୁଏ" ( ଶ୍ରୀମଦ୍ ଭାଗବତ୍-୧୧/୦୫/୪୧) । "ମନୁଷ୍ୟ ଯେବେ ସମସ୍ତ କର୍ମକୁ ତ୍ୟାଗ କରି ମୋତେ ଆତ୍ମ ସମର୍ପଣ କରିଥାଏ, ତେବେ ସେ' ମୋର ଇଚ୍ଛାରେ ଯୋଗୀ, ଜ୍ଞାନୀଙ୍କ ଅପେକ୍ଷା ଅଧିକ ସମ୍ପନ୍ନ ହୋଇଥାଏ । ଅନନ୍ତର ଅମୃତତ୍ୱ (ମୁକ୍ତି) ଲାଭକରି ମୋ ସହିତ ସମାନ ଐଶ୍ୱର୍ଯ୍ୟ ପ୍ରାପ୍ତ ନିମିତ୍ତ ଉପଯୁକ୍ତ ହୁଏ" ( ଶ୍ରୀମଦ୍ ଭାଗବତ୍-୧୧/୨୯/୩୪) । "ଯେ' ପର୍ଯ୍ୟନ୍ତ ବିଷୟ ପ୍ରତି ବୈରାଗ୍ୟ ହୋଇନାହିଁ, ମୋର କଥାରେ ଶ୍ରଦ୍ଧା ଉତ୍ପନ୍ନ ହୋଇନାହିଁ, ସେ ପର୍ଯ୍ୟନ୍ତ ନିତ୍ୟ-ନୈମିତ୍ତିକ କର୍ମର ଆଚରଣ କରିବା ଉଚିତ" (ଶ୍ରୀମଦ୍ ଭାଗବତ୍-୧୧/୨୦/୦୯)। "ବେଦ ଶାସ୍ତ୍ରରେ ମୋର ଦ୍ୱାରା ଉପଦିଷ୍ଟ ସ୍ୱଧର୍ମ ଅନୁଷ୍ଠାନରେ ଗୁଣ ଏବଂ ଦୋଷ ସମୂହକୁ ଜାଣି ସମସ୍ତ ଧର୍ମକୁ ପରିତ୍ୟାଗ କରି, ଯିଏ ମୋର ସେବା କରିଥାଏ- ସିଏ ଉତ୍ତମ ସାଧୁ ରୂପେ ପରିଗଣିତ ହୁଏ (ଶ୍ରୀମଦ୍ ଭାଗବତ୍-୧୧/୧୧/୩୨) । ଗୀତା ଶାସ୍ତ୍ରରେ ଏ ପର୍ଯ୍ୟନ୍ତ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନକୁ ଯାହା ସବୁ ଉପଦେଶ ଦେଇଛନ୍ତି, ତାହା ସବୁ ଗୋପନୀୟ ଜ୍ଞାନ ଅନ୍ତର୍ଭୁକ୍ତ । ସେ ସବୁ ସଂକ୍ଷେପରେ କହିଲେ ଏପରି ହେବ; -ଯୋଗଯୁକ୍ତ ମୁନି ଅତିଶୀଘ୍ର ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି । କର୍ମଫଳ

ତ୍ୟାଗରୁ ନୈଷ୍ଠିକ ଶାନ୍ତି ପ୍ରାପ୍ତ ହୁଏ । କର୍ମଯୋଗ ସିଦ୍ଧତାରେ ଯେଉଁ ସମତା ସିଦ୍ଧି ପ୍ରାପ୍ତ ହୁଏ, ତାହା ହିଁ ନିର୍ଗୁଣ ବ୍ରହ୍ମ । ଏହି ସବୁ ଉପଦେଶ ଦ୍ୱାରା କର୍ମଯୋଗକୁ ପରମାତ୍ମା ପ୍ରାପ୍ତିର ସ୍ୱତନ୍ତ୍ର ସାଧନ ରୂପେ ପ୍ରତିପାଦିତ କରାଯାଇଛି । ଏହି କର୍ମ ଯୋଗକୁ ଗୁହ୍ୟ କୁହାଯାଇଛି । ଜଡତାରୁ ସମ୍ବନ୍ଧ ଛିନ୍ନ କରି ନିରାକାର ପରମାତ୍ମାଙ୍କର ଶରଣାପନ୍ନ ହେବା କର୍ମଯୋଗଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ ତାହାକୁ ଗୁହ୍ୟତର କୁହାଯାଇଛି । ସମଗ୍ର ଜଗତ ମୋ ଦ୍ୱାରା ବ୍ୟାପ୍ତ । ମୁଁ ହିଁ ମୃତ୍ୟୁ, ମୁଁ ହିଁ ଅମୃତ, ମୁଁ ହିଁ ସତ୍-ଅସତ୍, ମୁଁ ହିଁ କ୍ଷରରୁ ଅତୀତ ଓ ଅକ୍ଷର ଠାରୁ ଉତ୍ତମ 'ପୁରୁଷୋତ୍ତମ' । ଗୀତାର ଯେଉଁ ଯେଉଁ ସ୍ଥାନରେ ଭକ୍ତିର ମହତ୍ତ୍ୱ ଦେଇ ଭଗବାନ କହିଛନ୍ତି ତାହା ହେଲା; : ମୋର ଶରଣାଗତ ମାୟାକୁ ଅତିକ୍ରମ କରିଯାଏ । (୭/୧୪) ଅନନ୍ୟ ଭକ୍ତି ଦ୍ୱାରା ମୁଁ ଅତି ସହଜରେ ପ୍ରାପ୍ତ (୮/୧୪) ଅନନ୍ୟ ଭକ୍ତି ବଳରେ ପରମ ପୁରୁଷ ପ୍ରାପ୍ତ ହୋଇପାରନ୍ତି । (୮/୨୨) ଅନନ୍ୟ ଭକ୍ତର ଯୋଗକ୍ଷେମ ମୁଁ ବହନ କରେ (୯/୨୨) ଭକ୍ତ ଦ୍ୱାରା ପ୍ରେମ ସହକାରେ ଅର୍ପିତ ପତ୍ର, ପୁଷ୍ପ, ଫଳ, ଜଳ ଆଦିକୁ ମୁଁ ଭକ୍ଷଣ କରେ (୯/୨୬) ସର୍ବତୋ ଭାବେ ମୋଠାରେ ତଲ୍ଲିନ ଭକ୍ତ ମାନଙ୍କର ଅଜ୍ଞାନ 'ମୁଁ' ଦୂର କରେ, ଫଳରେ ସେମାନେ ମୋତେ ପ୍ରାପ୍ତ ହୁଅନ୍ତି (୧୦/୧୧) ଅନନ୍ୟ ଭକ୍ତି ଦ୍ୱାରା ମୋର ଦର୍ଶନ ହୁଏ, ମୋତେ ଜାଣିହୁଏ ଏବଂ ମୋ'ଠାରେ ପ୍ରବେଶ କରା ଯାଇପାରେ (୧୧/୫୪) ମୋର ଭଜନ କରୁଥିବା ଭକ୍ତ ଅତି ଉତ୍ତମ ଯୋଗୀ (୧୨/୦୨) ଅବ୍ୟଭିଚାରିଣି ଭକ୍ତି ଯୋଗ ଦ୍ୱାରା ମନୁଷ୍ୟ ଗୁଣାତୀତ ହୋଇଯାଏ (୧୪/୨୬) ସର୍ବ ଭାବରେ ମୋର ଭଜନ କରୁଥିବା ଭକ୍ତ ସର୍ବଜ୍ଞାତା ଅଟେ (୧୫/୧୯) ଏ ସମସ୍ତ ହେଉଛି ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ ଭକ୍ତି ଲକ୍ଷ ଅହେତୁକ କୃପାର ଫଳ । ଭଗବାନଙ୍କ ସହିତ କର୍ମଯୋଗୀଙ୍କ ନିତ୍ୟ ସମ୍ବନ୍ଧ ହୋଇ ସଂସାରର ଅନିତ୍ୟ ସମ୍ବନ୍ଧ ପରିତ୍ୟକ୍ତ ହୋଇଯାଏ । ଜ୍ଞାନ ଯୋଗୀଙ୍କର ଭଗବାନଙ୍କ ସହିତ ତତ୍ତ୍ୱଗତ ସମ୍ବନ୍ଧ ହୋଇ ଏହି ଭଗବାନଙ୍କ ସହ ଏକତ୍ୱ (ତତ୍ତ୍ୱବୋଧ) ପ୍ରାପ୍ତ ହୁଏ । କିନ୍ତୁ ଅନନ୍ୟ ଭକ୍ତିମାର୍ଗରେ ଭଗବାନଙ୍କ ସହିତ ଆତ୍ମୀୟ ସମ୍ବନ୍ଧ ହୋଇ ଭଗବାନଙ୍କ ସହିତ ଅଭିନ୍ନତା (ପ୍ରେମ) ହୋଇଯାଏ । ନିତ୍ୟ ସମ୍ବନ୍ଧରେ ଶାନ୍ତରସ, ତତ୍ତ୍ୱଗତ ସମ୍ବନ୍ଧରେ ଅଖଣ୍ଡରସ ଓ ଆତ୍ମୀୟ ସମ୍ବନ୍ଧରେ ଅନନ୍ତ ରସ ଅନୁଭୂତ ହୁଏ । ଏହି କାରଣରୁ ଶରଣାଗତି ସର୍ବ ଗୁହ୍ୟତମ ଓ ସର୍ବଶ୍ରେଷ୍ଠ ସାଧନ । ଉପରୋକ୍ତ ସମସ୍ତ ଶ୍ରୀମଦ୍ ଭାଗବତ ଓ ଗୀତା ଶାସ୍ତ୍ର ଉପଦେଶକୁ ବିଚାର ପର୍ଯ୍ୟାଲୋଚନା କଲେ ନିଷ୍କର୍ଷ ଏହା ଯେ' ଗୀତା ଶାସ୍ତ୍ରର ଉପସଂହାରରେ ଭାଗବାନ ଅର୍ଜୁନଙ୍କୁ ସାକାର ସ୍ୱରୂପର ଶରଣାଗତିର ସର୍ବ ଶେଷ ସିଦ୍ଧାନ୍ତ ଶୁଣାଉଛନ୍ତି । **'ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ'** (ଗୀତା ୧୮-୬୨) ପଦରେ ନିର୍ଗୁଣ-ନିରାକାର ସ୍ୱରୂପଙ୍କ ଶରଣାପନ୍ନ କଥା ଭଗବାନ କହିଛନ୍ତି । ଏଠାରେ **'ମାମେକଂ ଶରଣଂ ବ୍ରଜ'** – କହି ସଗୁଣ-ସାକାର ସ୍ୱରୂପଙ୍କ ଶରଣାପନ୍ନ ହେବାର ଉପଦେଶ ଦେଇଛନ୍ତି । ନିରାକାରଙ୍କ ଶରଣ ପ୍ରାପ୍ତିରେ ମୁକ୍ତି ପ୍ରାପ୍ତ ହୋଇଥାଏ, କିନ୍ତୁ ସାକାର-ସ୍ୱରୂପରଙ୍କ ଶରଣାପନ୍ନରେ ପ୍ରେମାନନ୍ଦ ସହିତ ମୁକ୍ତ ସ୍ଥିତି ପ୍ରାପ୍ତ ହୁଏ । ଅନନ୍ତ ଜୀବର ମୁକ୍ତିଦାତା ଭଗବାନ ଯଶୋଦା ମାଆଙ୍କର ଅଧୀନ ହୋଇଗଲେ । ସେ' ନିଜକୁ ହିଁ ତାଙ୍କୁ ଦେଇଦେଲେ । ତେଣୁ ସାକାର ଶରଣାଗତି ସ୍ୱୀକାର କରିନେବା 'ସର୍ବଗୁହ୍ୟତମ' ଅଟେ । ଅତଏବ, ଧର୍ମ, ଜ୍ଞାନ, ଯୋଗ ଅଥବା ଅନ୍ୟ ଦେବତା ଆଦିଙ୍କ ଶରଣ ଗ୍ରହଣ ନ କରି ଏକମାତ୍ର ମୋର ଶରଣ ଗ୍ରହଣ କର । "ଏହି ଅନନ୍ୟ ଭକ୍ତି ସୌଭାଗ୍ୟବଶ ଏକମାତ୍ର ମୋର ଏକାନ୍ତିକ ଭକ୍ତପ୍ରତି କୃପା ଦ୍ୱାରା ହିଁ ପ୍ରାପ୍ୟ ଅଟେ"- ଏହି ଲକ୍ଷଣଯୁକ୍ତ

ନିୟମକୁ ମୁଁ ଉଲଙ୍ଘନ କରି ବର୍ତ୍ତମାନ ଅତ୍ୟନ୍ତ କୃପା ପୂର୍ବକ ତୁମକୁ ଅନନ୍ୟା ଭକ୍ତିର ଅଧିକାର ପ୍ରଦାନ କରୁଅଛି, ଯେପରି ଭୀଷ୍ମଙ୍କ ନିମନ୍ତେ ମଧ ମୁଁ ମୋର ପ୍ରତିଜ୍ଞାକୁ ଭଙ୍ଗ କରିଛି । ମୋର ଆଜ୍ଞାନୁଯାୟୀ ନିତ୍ୟ ନୈମିତ୍ତିକ କର୍ମ ତ୍ୟାଗ କରିବାରେ ତୁମକୁ ବିପରୀତ ଫଳ ଭୋଗିବାକୁ ପଡିବ ନାହିଁ । 'ମୁଁ' ହିଁ ବେଦ ରୂପରେ ନିତ୍ୟ କର୍ମାନୁଷ୍ଠାନର ଆଦେଶ ଦେଇଅଛି । ଏବେ ସ୍ୱୟଂ ହିଁ ତାହାକୁ ତ୍ୟାଗ କରିବାର ଆଦେଶ ଦେଉଅଛି । ତେବେ ନିତ୍ୟକର୍ମ ତ୍ୟାଗ ଦ୍ୱାରା ତୁମର ପାପ ଅର୍ଜନର ପ୍ରଶ୍ନ ଆସିବ କିପରି ? ଯଦି କେହି ଅନ୍ୟ ଜଣଙ୍କର ଶରଣାଗତ ହେଲା, ତେବେ ମୂଲ୍ୟ ଦେଇ ବିକ୍ରି ହୋଇଥିବା ପଶୁ ସାଦୃଶ୍ୟ ତା'କୁ ମାଲିକର ଅଧୀନରେ ରହିବାକୁ ହୁଏ । ମାଲିକ ଯାହା କରିବାକୁ କହେ, ତାହା କରେ, ଯେଉଁ ସ୍ଥାନରେ ରଖେ ସେହି ସ୍ଥାନରେ ରହିବାକୁ ହୁଏ ଏବଂ ମାଲିକ ଯାହା ଖାଇବାକୁ ଦିଏ ତାହା ଭୋଜନ କରିବାକୁ ହୁଏ । ଏହି ସବୁ ଶରଣ ଗ୍ରହଣ ଲକ୍ଷଣ ଧର୍ମର ତତ୍ତ୍ୱ । ବାୟୁ ପୁରାଣରେ କୁହାଯାଇଛି କି, ଶରଣାଗତି ଛଅ ପ୍ରକାରର । (୧) ଅନୁକୂଳ ଭାବର ସଂକଳ୍ପ : ଭକ୍ତି ଶାସ୍ତ୍ରରେ ପ୍ରତିପାଦିତ ସ୍ୱକୀୟ ଅଭୀଷ୍ଟ ଦେବତାଙ୍କ ପ୍ରତି ରୋଚମାନ ପ୍ରବୃତ୍ତି ହିଁ ଆନୁକୁଲ୍ୟ । (୨) ପ୍ରତିକୂଳ ଭାବର ବର୍ଜନ : ସେହି ସ୍ୱକୀୟ ଅଭୀଷ୍ଟ ଦେବତାଙ୍କ ପ୍ରତି ନକାରାତ୍ମକ ମନୋଭାବ, ଅବିଶ୍ୱାସ, ଅଶ୍ରଦ୍ଧା ଆଦି ପ୍ରତିକୂଳ । (୩) 'ରକ୍ଷିଷ୍ୟତି'-ଭଗବାନ ମୋର ରକ୍ଷା କରିବେ- ତାଙ୍କରି ଅତିରିକ୍ତ ମୋର ଆଉ କେହି ରକ୍ଷକ ନାହାନ୍ତି । ଗଜେନ୍ଦ୍ର, ଦ୍ରୌପଦୀ ଆଦିଙ୍କ ସମାନ ଏପରି ଦୃଢ ବିଶ୍ୱାସ ରହିବା 'ରକ୍ଷିଷ୍ୟତି'ର ତାତ୍ପର୍ଯ୍ୟ ।(୪) ବରଣ : ଭର୍ତ୍ତୃତ୍ୱ (ପାଳକ) ରୂପରେ ପ୍ରଭୁଙ୍କ ବରଣ -ଆନୁଗତ୍ୟତା ସ୍ୱୀକାର ଏବଂ କୃତଜ୍ଞତା ଜ୍ଞାପନ । (୫) ନିକ୍ଷେପଣ ବା ଆତ୍ମ ନିବେଦନ : ନିଜ ସ୍ଥୂଳ ଓ ସୂକ୍ଷ୍ମ ଶରୀରକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିବା । (୬) ଅକାର୍ପଣ୍ୟ : ପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାରି ନିକଟରେ ନିଜର ଦୈନ୍ୟ (ଦୀନତା-ଅସହାୟତା) ଜ୍ଞାପନ ନ କରିବା । ଯେଉଁଠି ଏହି ଛ ପ୍ରକାର ଅନୁଷ୍ଠାନ ଭଗବାନଙ୍କ ଉଦ୍ଦେଶ୍ୟରେ କରାଯାଏ, ତାହା ଶରଣାଗତି । ଏପରି ଦେଖିବାକୁ ମିଳିଥାଏ କି, ଯେ ଭଗବାନଅଙ୍କ ଆଶ୍ରିତ ହୋଇଥାଏ, ତାହାକୁ ସାଂସାରିକ ଦୁଃଖ, କଷ୍ଟ ଅତିଶୟ ମାତ୍ରାରେ ସହନ କରିବାକୁ ହୋଇଥାଏ । ସେତେବେଳେ ସାଧାରଣରେ ପ୍ରଶ୍ନ ଉଠେ, ଭଗବାନଙ୍କ ଭକ୍ତ ହୋଇ, ତା'କୁ ଦୁଃଖ ଆସିଲା କିପରି ? ତା' ପୁଅ ମରିଗଲା କାହିଁ କି ? ତା' ଧନ ଚାଲିଗଲା କାହିଁକି ? ସଂସାରରେ ତାହାର ଅପଯଶ, ନିରାଦର ବ୍ୟାପୀଗଲା ଇତ୍ୟାଦି ଇତ୍ୟାଦି । ଏହାର ସମାଧାନ ହେଲା, ବାସ୍ତବରେ ଭଗବାନଙ୍କ ସମ୍ପୂର୍ଣ୍ଣ ଆଶ୍ରିତ ହୋଇଗଲେ, ସଂସାର ଓ ଶରୀରର ଆଶ୍ରୟ ଆଦୌ ରହନାହିଁ । ସେତେବେଳେ ବଞ୍ଚିବାର ଆଶା, ମୃତ୍ୟୁର ଭୟ, କରିବାର ଆସକ୍ତି ଓ ପାଇବାର ଲାଳସା-ଏହି ଚାରୋଟି କଟିଯାଏ । ଶରଣାଗତ ଭକ୍ତର ଦୃଷ୍ଟି କେବଳ "ଭଗବାନ ଅଛନ୍ତି ଓ ମୁଁ ଅଛି"- ଏଥିରେ ହିଁ ନିବଦ୍ଧ ରହେ । ତାତ୍ପର୍ଯ୍ୟ ହେଲା, ଭଗବାନଙ୍କୁ ଛାଡି ଅନ୍ୟ କୁଆଡେ ଧ୍ୟାନ ଯିବ କିପରି ? ଯେ ପର୍ଯ୍ୟନ୍ତ ସଂସାର ବିଷୟ ସମ୍ବନ୍ଧରେ ହେବା, ନହେବା ପ୍ରତି ଦୃଷ୍ଟି ରହିଥାଏ, ସେ ପର୍ଯ୍ୟନ୍ତ ସର୍ବଧର୍ମ ପରିତ୍ୟାଗ ଅସମ୍ପୂର୍ଣ୍ଣ ଏବଂ ଶରଣାଗତ ହୋଇନାହିଁ । କିଛି ପାଇବାର ଭାବ ନ ଥିଲେ ଭଗବାନ ସ୍ୱାଭାବିକ ଭାବେ ପ୍ରିୟ ଓ ମଧୁର ଲାଗନ୍ତି । ଯେଉଁଠି କିଛି ଆକାଙ୍କ୍ଷା ନାହିଁ, ତାହା ହେଉଛି ଭାଗବାନଙ୍କ ନିବାସ ସ୍ଥାନ ଏବଂ ସେହିଠାରେ ଭଗବାନଙ୍କ ସହିତ ନିରନ୍ତର ଯୁକ୍ତ ହୋଇ ରହିବା ପୂର୍ଣ୍ଣ ଶରଣାଗତି । ଏ ସମସ୍ତ ଶୁଣିବା ପରେ ଅର୍ଜୁନଙ୍କ ମନରେ ସଂଶୟ ଜାତ ହେଉଛି କି,- ଠିକ୍ ଅଛି ।

ବର୍ତ୍ତମାନଠାରୁ ହିଁ ଆରମ୍ଭ କରି ଯଦି ମୁଁ ଆପଣଙ୍କୁ ହିଁ ଶରଣାଗତ ହୁଏ, ତେବେ ଆପଣଙ୍କ ଦ୍ୱାରା କଥିତ ମଙ୍ଗଳ ହେଉ ବା ଅମଙ୍ଗଳ - ଯାହା ବି ହେଉ, ଶରଣାଗତ ହିଁ ମୋର ସର୍ବଶେଷ କର୍ତ୍ତବ୍ୟ । ଏଥିରେ ଆପଣ ଯଦି କେବଳ ଧର୍ମ ହିଁ କରାଇବେ, ତେବେ ଚିନ୍ତାର କୌଣସି କାରଣ ନାହିଁ । କିନ୍ତୁ ଯଦି ନିରଙ୍କୁଶ ଈଶ୍ୱର ହେବା କାରଣରୁ ଆପଣ ମୋତେ ଅଧର୍ମରେ ପ୍ରବୃତ୍ତ କରାନ୍ତି, ତେବେ ମୋର କି ଗତି ହେବ ? ଅର୍ଜୁନଙ୍କ ଏହି ପରିକଳ୍ପିତ ସଂଶୟରେ ଭଗବାନ କହନ୍ତି କି, ତୁମର ଯେଉଁ ପ୍ରାଚୀନ ଏବଂ ଅର୍ବାଚୀନ ଅନୁଷ୍ଠିତ ସାରା ପାପ ସଞ୍ଚିତ ଅଛି ଅଥବା ମୋର ନିର୍ଦ୍ଦେଶରେ ତୁମ୍ଭେ ଯେଉଁ ପାପ କରିବ, ସେହି ସମସ୍ତ ପାପରୁ ମୁଁ ତୁମକୁ ମୁକ୍ତ କରିଦେବି । ଅନ୍ୟ ଆଶ୍ରୟ ଭଳି ମୁଁ ପାପ ମୋଚନରେ ଅସମର୍ଥ ନୁହେଁ । ତୁମକୁ ଉପଲକ୍ଷ୍ୟ କରି ମୁଁ ଲୋକମାତ୍ରକୁ ଏହି ଉପଦେଶ ପ୍ରଦାନ କରୁଅଛି । ତୁମେ ନିଜ ପାଇଁ ବା ଅନ୍ୟ କାହା ପାଇଁ ଶୋକ ପ୍ରକଟ କରନାହିଁ । ତୁମେ ଯେପରି, ଯେ' କୌଣସି ବି ଜୀବ ମୋର ଚିନ୍ତା ପରାୟଣ ହୋଇ ସବୁ ପ୍ରକାର 'ସ୍ୱ' ଏବଂ 'ପରଧର୍ମ' ସମୂହକୁ ପରିତ୍ୟାଗ କରି ମୋର ଶରଣାଗତ ହୋଇ ସୁଖ ପୂର୍ବକ ଅବସ୍ଥାନ କରେ, ତାର ପାପ ମୋଚନର ଭାର, ସଂସାର ମୋଚନର ଭାର ଏବଂ ମୋତେ ପ୍ରାପ୍ତହେବାର ସାଧନାର ଭାର ଅଙ୍ଗୀକାର କରିବା ପାଇଁ ମୁଁ ପ୍ରତିଜ୍ଞାବଦ୍ଧ । ଆଉ ଅଧିକ କଣ କହିବି ? ତାହାର ଦେହ ଯାତ୍ରାର ଭାର ମଧ ଗ୍ରହଣ କରିବା ଲାଗି ମୁଁ ପ୍ରସ୍ତୁତ । "ଓହୋ ! ମୁଁ ଏତେବଡ ଗୁରୁତର ଭାର ମୋର ପ୍ରଭୁଙ୍କ ଉପରେ ଅର୍ପଣ କରିଛି" – ଏହା ଭାବି ଶୋକ କର ନାହିଁ । ଭକ୍ତବତ୍ସଳ ଏବଂ ସତ୍ୟ ସଂକଳ୍ପ ରୂପରେ ଏହି ଭାର ଗ୍ରହଣ କରିବାରେ ମୋ ନିମନ୍ତେ ଟିକିଏ ବି ପରିଶ୍ରମର ସମ୍ଭାବନା ନାହିଁ । ଏହି ଶ୍ଳୋକ ବ୍ୟାଖ୍ୟା କରିବାରେ ସବୁ ଅନୁବାଦକ , ଦାର୍ଶନିକ, ଭାଷ୍ୟକାର, ସମୋଲୋଚକ ଓ ଟୀକାକାରମାନେ ନିଜ ନିଜର ଦୃଷ୍ଟିକୋଣକୁ ନେଇ ଗୀତା ଶାସ୍ତ୍ରର ମୌଳିକତାକୁ ଭିନ୍ନ ଭିନ୍ନ ରୂପରେ ପ୍ରତିପାଦିତ କରିଛନ୍ତି ।ଏହି ଶ୍ଳୋକ ହେଉଛି ଭଗବାନଙ୍କ ଅନ୍ତିମଉପଦେଶ-ଶେଷ ବାଣୀ । ଏହା କେବଳ ଅର୍ଜୁନଙ୍କ ନିମିତ୍ତ ଉଦ୍ଦିଷ୍ଟ ନ ଥିଲା , ଯାହା ବିଶ୍ୱ ମାନବ ପାଇଁ- "ହେ ମାନବ ! ସବୁ ଧର୍ମାନୁଷ୍ଠାନ ପ୍ରଚେଷ୍ଟା ତ୍ୟାଗକରି ସର୍ବୋତ ଭାବରେ ଏକମାତ୍ର ଶ୍ରୀ ଭଗବାନଙ୍କ ଶରଣ ହୁଅ" । **"ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ" (ଗୀତା-୨/୧୧)**- ତୁମେ ଯାହାପାଇଁ ଶୋକ କରିବା ଅନୁଚିତ, ତାହାପାଇଁ ଶୋକ କରୁଅଛ" ଏହିଠାରୁ ଗୀତା ଉପଦେଶ ଆରମ୍ଭ ହୋଇ **"ମାଂ ଶୁଚଃ"** ଏହି ଶ୍ଳୋକରେ ତୁମେ ଶୋକ କରନାହିଁ ବୋଲି କହି ଭଗବାନ ଗୀତା ଶାସ୍ତ୍ରର ଅନ୍ତିମ ବାଣୀ କହିଛନ୍ତି । ତେଣୁ ଗୀତାର ଚରମ ତାତ୍ପର୍ଯ୍ୟ ହେଲା 'ଶୋକ ନିବୃତ୍ତି' । ଶରଣାଗତି ହିଁ ଗୀତାର ନିର୍ଯାସ । ଏହା ଭଗବାନ ବିଶେଷ କୃପା କରି କହିଛନ୍ତି । ଏହି ଶରଣାଗତିରେ ହିଁ ଗୀତାର ଉପଦେଶ ପୂର୍ଣ୍ଣତ୍ୱ ଲାଭ କରେ । ଏହା ବିନା ଗୀତା ଅପୂର୍ଣ୍ଣ । ଭକ୍ତି ଶାସ୍ତ୍ର ଆଚାର୍ଯ୍ୟ କହିବାନୁସାରେ; ଅର୍ଜୁନ ଗୀତା ଆରମ୍ଭ ପୂର୍ବରୁ **" ଯତ୍ ଶ୍ରେୟଃ ସ୍ୟାନିଶ୍ଚିତଂ ବୃହି ତନ୍ମେ ଶିଷ୍ୟଃ-ତେ-ଅହଂ ଶାଧିମାଂ-ତ୍ୱାଂ ପ୍ରପନ୍ନମ୍" (ଗୀତା୨/୦୭)**-ମୁଁ ଆପଣଙ୍କର ଶିଷ୍ୟ- ଆପଣଙ୍କଠାରେ ଶରଣ ଯାଇଥିବାରୁ ଯାହା ନିଶ୍ଚିତ କଲ୍ୟାଣକର, ତାହା ମୋତେ କୁହନ୍ତୁ- ଏହିପରି କହି ଶରଣାଗତ ହୋଇ ସାରିଛନ୍ତି । ଏହାପରେ ଆଗକୁ ଅର୍ଜୁନ "**କରିଷ୍ୟେ ବଚନଂ ତବ**" କହି ଶରଣାଗତି ସ୍ୱୀକାର କରିବା ପରେ ଭଗବାନ ଆଉ କିଛି କହିନାହାନ୍ତି ।ଏହାର ପରେ ଆଉ ଅଧିକ ଉପଦେଶ ଦେବାର ଯଥାର୍ଥତା ନାହିଁ ।

ଏପରିଭାବରେ ଗୀତା ଉପଦେଶର ଉପସଂହାର କରିସାରି ଏହି ଗୀତା ଶସ୍ତ୍ରର ଅଧ୍ୟାପନା ଓ ଅଧ୍ୟୟନ କରିବା ଆଦିର ମାହାତ୍ମ୍ୟ ଏବଂ ଏହା ଶୁଣିବା ନିମନ୍ତେ ଅନଧିକାରୀମାନଙ୍କ ଲକ୍ଷଣ ଭଗବାନ ଆଗକୁ କହିଛନ୍ତି ।

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।
ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ॥୬୭॥

*ଅନ୍ୱୟ: ଇଦଂ (ଏହି ଗୀତା ଶାସ୍ତ୍ର ଉପଦେଶ ) ଅତପସ୍କାୟ (ସଂଯମତା ଓ ସ୍ୱ-ଧର୍ମ ପାଳନ ରୂପକ ତପସ୍ୟା ବିହୀନ) ଅଭକ୍ତାୟ (ଶ୍ରଦ୍ଧା ଓ ବିଶ୍ୱାସ ନରଖି ଈଶ୍ୱର ବିମୁଖ ହୋଇଥିବା ଅଭକ୍ତ) ଚ (ଏବଂ ) ଅଶୁଶ୍ରୂଷବେ (ଯାହାର ଶୁଣିବା ନିମିତ୍ତ ଇଚ୍ଛା ବା ଆଗ୍ରହ ନଥାଏ ) ଚ (ତଥା ) ଯଃ ମାମ୍ ଅଭ୍ୟସୂୟତି ( ଯେ ମୋ ପ୍ରତି ଦୋଷଦୃଷ୍ଟି ରଖି ନିନ୍ଦା ରଚନା କରେ) ତେ (ତୁମ୍ଭେ) କଦାଚନ (ଏହି ଚାରି ପ୍ରକାର ମନୁଷ୍ୟଙ୍କୁ କୌଣସି କାଳରେ) ନ ବାଚ୍ୟମ୍ ( କହିବ ନାହିଁ ବା ଶୁଣାଇବ ନାହିଁ) ।*

**ଭାବାର୍ଥ** : ସଂଯମତା ଓ ସ୍ୱ-ଧର୍ମ ପାଳନ ରୂପକ ତପସ୍ୟା ବିହୀନ ମନୁଷ୍ୟ, ଶ୍ରଦ୍ଧା ଓ ବିଶ୍ୱାସ ନଥାଇ ଈଶ୍ୱରଙ୍କ ବିମୁଖ ହୋଇଥିବା ଅଭକ୍ତ ଏବଂ ଏହାର ଶ୍ରବଣ ନିମନ୍ତେ ଇଚ୍ଛା ବା ଆଗ୍ରହ ନଥିବା ଅଜ୍ଞାନୀ ତଥା ମୋପ୍ରତି ଦୋଷ ଦୃଷ୍ଟି ରଖି ମୋର ମାନବିକ ଲୀଳା, ଗୁଣ, ପ୍ରଭାବ ଆଦିର ନିନ୍ଦୁକ- ଏହି ଚାରି ଲକ୍ଷଣ ବିଶିଷ୍ଟ ମନୁଷ୍ୟଙ୍କୁ ଏହି ଗୀତା ଶାସ୍ତ୍ର ଉପଦେଶ କୌଣସି କାଳରେ କହିବ ନାହିଁ ବା ଶୁଣାଇବ ନାହିଁ । ଏହି ସମସ୍ତ ଗୋପନୀୟ ଗୀତା ଶାସ୍ତ୍ର ଶୁଣିବା ଯୋଗ୍ୟ ଅଧିକାରୀ ନିର୍ଣ୍ଣୟ କରିବାକୁ ଯାଇ ଭଗବାନ ଏଠାରେ ଉପରୋକ୍ତ ଚାରିପ୍ରକାର ଦୋଷଯୁକ୍ତ ପୁରୁଷଙ୍କୁ ଏହି ଉପଦେଶ ଶୁଣାଇବାକୁ ନିଷେଧ କରିଛନ୍ତି । ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯମ କରି ନିଷ୍ଠାର ସହିତ ନିଜ କର୍ତ୍ତବ୍ୟ ପାଳନରେ ସ୍ୱାଭାବିକ ଭାବେ ଯେଉଁ କଷ୍ଟ ଏବଂ ବିପରୀତ ପରିସ୍ଥିତି- ତାହାକୁ ପ୍ରସନ୍ନତା ପୂର୍ବକ ସହ୍ୟ କରିବାର ନାମ 'ତପ' । ବିନା ତପ ରୂପକ ସାଧନାରେ ଅନ୍ତଃକରଣ ଶୁଦ୍ଧ ହେବାର ପ୍ରକ୍ରିୟା ଆରମ୍ଭ ହୋଇ ନ ଥାଏ । ଗୀତାଶାସ୍ତ୍ରର ଜୀବନରେ ପ୍ରୟୋଗ ନିମନ୍ତେ ସହନଶୀଳତା ଏବଂ ସହିଷ୍ଣୁତା ଅନିବାର୍ଯ୍ୟ । ସଂଯମ ଓ ତପ ରହିତ ବ୍ୟକ୍ତିଙ୍କ ନିକଟରେ ଏହି ଜ୍ଞାନ ଗ୍ରହଣ କରିବାର ମାନସିକ ତଥା ବୌଦ୍ଧିକ କ୍ଷମତା ନଥାଏ । ବିଷୟାଭୋଗ ପ୍ରତି ଆସକ୍ତ ରହି ଇନ୍ଦ୍ରିୟମାନଙ୍କ ଅସଂଯମତା କାରଣରୁ ପାପ କର୍ମରେ ପ୍ରବୃତ୍ତ ରହିଥିବା ବ୍ୟକ୍ତି ମଧ୍ୟ ଏହି ଉପଦେଶ ଶୁଣିବାକୁ ଯୋଗ୍ୟ ବିବେଚିତ ନୁହନ୍ତି । ଯାହାର ଭଗବାନଙ୍କ ପ୍ରତି ବିଶ୍ୱାସ, ପ୍ରେମ, ଶ୍ରଦ୍ଧା ଏବଂ ପୂଜ୍ୟଭାବ ନ ଥାଏ ଏବଂ ଅହଂକାର ଯୁକ୍ତ ଆସୁରୀଗୁଣ ସମ୍ପନ୍ନ ବ୍ୟକ୍ତିକୁ ମଧ୍ୟ ଏହି ଗୀତା ଉପଦେଶ ଶୁଣାଇବା ଉଚିତ ନୁହଁ । ଆଧ୍ୟାତ୍ମିକ ମାର୍ଗ ପ୍ରତି ଆଗ୍ରହ ନଥିବା ବ୍ୟକ୍ତି ଏହାର ତତ୍ତ୍ୱ ବୁଝିପାରି ନ ଥାନ୍ତି କି, ଏହାକୁ ଧାରଣ କରିବା ନିମନ୍ତେ ସେମାନେ ସକ୍ଷମ ହୋଇ ନଥାନ୍ତି । କେହି କେହି ସ୍ୱଧର୍ମ ପାଳନ ରୂପକ ତପ କରୁଥିଲେ ମଧ୍ୟ, ସେମାନଙ୍କର ଏହି ଗୀତା ଉପଦେଶ ପ୍ରତି ବିଶ୍ୱାସ ଏବଂ ଆଗ୍ରହ ନ ଥିବା କାରଣରୁ, ସେମାନଙ୍କୁ ମଧ୍ୟ ଏହି ଶାସ୍ତ୍ର କହିବା ଉଚିତ ନୁହେଁ । ସେପରି ବ୍ୟକ୍ତି ଏହା ଶୁଣିବା ମାତ୍ରେ ଏହାକୁ ହେୟ ମନେ କରନ୍ତି ଓ ଏହା ଅନାବଶ୍ୟକ ବୋଲି ମତ ପୋଷଣ କରିଥାନ୍ତି । ଭଗବାନଙ୍କ ଲୀଳା, ଗୁଣ, ପ୍ରଭାବ ଓ ଐଶ୍ୱର୍ଯ୍ୟ ଆଦିକୁ ନେଇ ଅଯୌକ୍ତିକ ଦୋଷ ତ୍ରୁଟି ଦର୍ଶାଇ ଯେଉଁମାନେ ଭଗବାନଙ୍କ ନିନ୍ଦା ରଚନା କରିଥାନ୍ତି, ସେମାନଙ୍କ ଆଗରେ ଏହି ଶାସ୍ତ୍ର ଉପଦେଶ ବ୍ୟକ୍ତ କରିବା ସମ୍ପୂର୍ଣ୍ଣ ନିଷେଧ । ଯୋଗେଶ୍ୱର ଶ୍ରୀକୃଷ୍ଣ ଅର୍ଥାତ୍ ସଦ୍ଗୁରୁ ମହାପୁରୁଷ ଥିଲେ, ଯାହାର ସମକ୍ଷରେ ସ୍ତୁତି କର୍ତ୍ତାମାନଙ୍କ ସହିତ କତିପୟ ନିନ୍ଦକ ମଧ୍ୟ ଥିଲେ । ଏହା ଶୁଣିଲେ, ସେମାନେ ପୂର୍ବ ଅପେକ୍ଷା ଅଧିକ ଦୋଷାଭାବ ପ୍ରକଟ କରି

ଅଧିକ ପାପଭାଗୀ ହୁଅନ୍ତି । ଯେଉଁମାନେ ଏହି ଶାସ୍ତ୍ରବିଧି ସମ୍ବନ୍ଧରେ ଅଧିକାରୀ ନୁହନ୍ତି, ସେପରି ବ୍ୟକ୍ତିଙ୍କୁ ବିପରୀତ ଭାବ ଥିବା ବିଦ୍ୟା ନିରର୍ଥକ ଅଥବା ଅନର୍ଥକାରିଣୀ ହୋଇଥାଏ । ଯାହାଙ୍କ ପାଖରେ ତପ ସମ୍ବନ୍ଧୀୟ ସାଧନାର କମିଥିଲେ ମଧ୍ୟ ଅନ୍ୟ ତିନୋଟି ଦୋଷ ଲକ୍ଷଣ ନ ଥାଏ, ସେମାନଙ୍କୁ ଏହି ଶାସ୍ତ୍ର କୁହାଯାଇପାରେ, କାରଣ ସେମାନଙ୍କର  ମନ ଓ ବୁଦ୍ଧି ପରିବର୍ତ୍ତନ ହୋଇ ଏହା କଲ୍ୟାଣକର ହୁଏ ।

ଯ ଇଦଂ ପରମଂ ଗୁହ୍ୟଂ ମଦ୍ଭକ୍ତେଷ୍ୱଭିଧାସ୍ୟତି ।
ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ॥୬୮॥

*ଅନ୍ୱୟ: ଯଃ (ଯେଉଁ ମନୁଷ୍ୟ) ଇଦଂ (ଏହି) ପରମଂ (ଅତ୍ୟନ୍ତ) ଗୁହ୍ୟ (ଗୋପନୀୟ ଗୀତା ତତ୍ତ୍ୱ ବା ମାହାତ୍ମ୍ୟ) ମଦ୍ -ଭକ୍ତେଷୁ (ମୋର ଭକ୍ତଗଣଙ୍କମଧ୍ୟରେ) ଅଭିଧାସ୍ୟତି (ବ୍ୟାଖ୍ୟା ବା ପ୍ରଚାର କରିବେ ) ସଃ (ସେ) ମୟି (ମୋ ଠାରେ ) ପରାଂ ଭକ୍ତି (ପରମ ପ୍ରେମ) କୃତ୍ୱା (ଆଚରଣ କରି ) ମାମ୍-ଏବ-ଏଷ୍ୟତି (ମୋତେ ହିଁ ପ୍ରାପ୍ତ ହେବେ ) ଅସଂଶୟଃ (ଏହା ନିଃସନ୍ଦେହ ଅଟେ) ।*

**ଭାବାର୍ଥ** : ଆଲୋଚ୍ୟ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ନିଷ୍କାମ ଭାବେ ଗୀତା-ପ୍ରଚାରକ ତଥା ଯଥାର୍ଥ ବକ୍ତା ଓ ଶ୍ରୋତାଙ୍କ ପ୍ରାପ୍ତ  ଭକ୍ତି ଫଳ ସମ୍ବନ୍ଧରେ କହିଛନ୍ତି । ହେ ଅର୍ଜୁନ ! ମୋ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୋଇ ଯେ' ଏହି ପରମ ଗୁହ୍ୟ ଜ୍ଞାନ ମୋର ଭକ୍ତଗଣଙ୍କ ମଧ୍ୟରେ ବ୍ୟାଖ୍ୟା କରି ବୁଝାଇବେ ବା ଏହାର ପ୍ରଚାର ପ୍ରସାର କରିବେ, ତାଙ୍କରି ସମସ୍ତ ସଂଶୟ ଦୂର ହେବ ଏବଂ ଶେଷରେ ମୋତେ ହିଁ ପ୍ରାପ୍ତ ହେବେ । ଶ୍ରୀ ଭଗବାନଙ୍କ ମୁଖ ନିସୃତ ଏହି ପାବନ ଗୀତା-ଗ୍ରନ୍ଥ ଶ୍ରୀ ଭଗବାନଙ୍କ ବିଭିନ୍ନ ରୂପର ସମଷ୍ଟିଭୂତ ବିରାଟ ରୂପ ସାଦୃଶ୍ୟ । ଯେଉଁ ଭକ୍ତଗଣ ଗୀତା ଉପଦିଷ୍ଟ ଜୀବନ ପଦ୍ଧତି ସହିତ ମନୋନିବେଶ କରି କିମ୍ବା ଆଗ୍ରହ ସହକାରେ ଅନ୍ୟଠାରୁ ଶୁଣି ମଧ୍ୟ, ତଦନୁସାରେ ନିଜର ଜୀବନ ଗଠନ କରିବାର ପ୍ରୟାସ କରନ୍ତି, ସେହିମାନେ ହେଉଛନ୍ତି ଏହି ଜ୍ଞାନର ଅଧିକାରୀ । ଉପନିଷଦରେ ମଧ୍ୟ ଆଧ୍ୟାତ୍ମିକ ଜ୍ଞାନର ପ୍ରସାରଣର ମହିମା ଉପରେ ଗୁରୁତ୍ୱ ଦିଆଯାଇଥିବାର ଦେଖାଯାଇଥାଏ । ଗୁରୁ-ଶିଷ୍ୟ ପରମ୍ପରା ଅନୁସାରେ ଶିଷ୍ୟ ଯଦି ସାଧନ ଭକ୍ତିଯୁକ୍ତ ହୋଇଥାନ୍ତି, ତାହେଲେ ଗୁରୁ ପରମ ଭକ୍ତି ଯୁକ୍ତ ବ୍ରହ୍ମନିଷ୍ଠ ହେବା ଆବଶ୍ୟକ । ଯୋଗ୍ୟ ଶିଷ୍ୟଙ୍କୁ ଯଥାର୍ଥ ଜ୍ଞାନ ପ୍ରଦାନ କରୁଥିବା ଏପରି ବ୍ରହ୍ମନିଷ୍ଠ ଆଚାର୍ଯ୍ୟ ନିଃସନ୍ଦେହ ଭାବରେ ମୋର ଅତ୍ୟନ୍ତ ପ୍ରିୟ ହୋଇ ମୋତେ ହିଁ ପ୍ରାପ୍ତ କରନ୍ତି । ସାଂସାରିକ ମାନ ବଡିମା ଆଦି କୌଣସି କାମନା ନ ରଖି, କେବଳ ଭଗବତ୍ ଭକ୍ତି ଓ ଭଗବତ୍ ପ୍ରେମର ଅଭିଳାଷ ଥାଇ ଏହି ଗୀତାଜ୍ଞାନକୁ ମୋର ଭକ୍ତଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରାଇ ଗୀତା ଉପଦେଶକୁ ମାନି ଚଳିବାର ଦୃଢ ଇଚ୍ଛା ଉତ୍ପନ୍ନ କରାଇବା ହେଉଛି, ମୋତେ ପ୍ରାପ୍ତ ହେବାର ଏକ ପ୍ରକାର ଐକାନ୍ତିକ ସାଧନ । ଗୀତା ଶାସ୍ତ୍ର ଉପରେ କେବଳ ଶବ୍ଦଗତ ଜ୍ଞାନ ଥାଇ, ଆଚରଣ ବିହୀନ ଉପଦେଷ୍ଟାଙ୍କ ନିକଟରୁ ଏହି ଜ୍ଞାନ ଉପଦେଶ  ଶୁଣିବାରେ କୌଣସି ସୁଫଳ ମିଳି ନଥାଏ । ନିଜର ଗୀତା-ଯୋଗ ସାଧନର ଅନୁଭୂତିକୁ ନେଇ ଶ୍ରୋତାଙ୍କ ଶଙ୍କା ସମାଧାନ କରି ଗୀତାର ଉପଦେଶକୁ ସେମାନଙ୍କ ହୃଦୟଙ୍ଗମ କରାଇବା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍ ପ୍ରତିକୃତି 'ଗୀତା ଗ୍ରନ୍ଥଙ୍କ' (ଯେ'କି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ)  ଅନନ୍ୟ ସେବା ।

ନ ଚ ତସ୍ମାନ୍ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।
ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ॥୬୯॥

*ଅନ୍ୱୟ : ମନୁଷ୍ୟେଷୁ ( ମନୁଷ୍ୟମାନଙ୍କ ମଧ୍ୟରେ ) ତସ୍ମାତ୍ ( ସେହି ଗୀତା ଜ୍ଞାନ ପ୍ରଚାରକ, ଉପଦେଷ୍ଟା ତଥା ଆଚାର୍ଯ୍ୟଙ୍କ ସମକକ୍ଷ) ମେ (ମୋର) ପ୍ରିୟକୃତ୍ତମଃ (ପ୍ରିୟ କାର୍ଯ୍ୟ କରୁଥିବା) କଃ-ଚିତ୍ (ଅନ୍ୟ କେହି ) ନ (ନାହାନ୍ତି ) ଚ (ତଥା) ତସ୍ମାତ୍ ( ସେମାନଙ୍କ ଠାରୁ ବଳି ) ଭୁବି ( ସମଗ୍ର ଜଗତରେ ) ଅନ୍ୟଃ (ଅନ୍ୟକେହି ) ମେ (ମୋର) ପ୍ରିୟତରଃ ( ଅଧିକ ପ୍ରିୟ ) ଚ (ମଧ୍ୟ) ନ ଭବିତା (ଭବିଷ୍ୟତରେ ହେବେ ନାହିଁ ) ।*

ଭାବାର୍ଥ : ଯେ' ମୋର ମୁଖ ନିସୃତ ଏହି ଗୀତା ଉପଦେଶ ବାଣୀକୁ ଭକ୍ତମାନଙ୍କ ମଧ୍ୟରେ ନିଷ୍କାମ ଭାବରେ ପ୍ରଶିକ୍ଷଣ ତଥା ପ୍ରଚାର କରିଥାଏ, ସେମାନଙ୍କୁ ନିର୍ଦ୍ଧାରିତ ଯୋଗମାର୍ଗରେ ଚାଲିବା ପାଇଁ ପ୍ରୟାସ କରେ, ସେ ମୋର ଅତ୍ୟନ୍ତ ପ୍ରିୟ ସେବକ ଅଟେ । ପୃଥିବୀରେ ତା' ଠାରୁ ଅନ୍ୟ କେହି ଅଧିକ ପ୍ରିୟତର ମଧ୍ୟ ଭବିଷ୍ୟତରେ ହେବେ ନାହିଁ । ଗୀତା ଜ୍ଞାନର ପ୍ରଚାର ଓ ପ୍ରସାର ଜଗତ କଲ୍ୟାଣ ନିମିତ୍ତ ଏକମାତ୍ର ସ୍ରୋତ ଅଟେ । ତେଣୁ ଏହି ଗୀତା ଶାସ୍ତ୍ରର ପ୍ରଚାର ଓ ପ୍ରସାର କରିବା ଶୁଦ୍ଧ ଭକ୍ତର କର୍ତ୍ତବ୍ୟ । ଏହି ଅମୂଲ୍ୟ ଜ୍ଞାନାମୃତକୁ ମାନବ ସମାଜ ଅଧରେ ବିତରଣ କରୁଥିବା ଭକ୍ତ, ସାକ୍ଷାତ୍ ଭଗବାନଙ୍କ ପ୍ରୀତି-ପାତ୍ର । ଯଜ୍ଞ, ତପ, ଦାନ, ସେବା, ପୂଜା, ଜପ, ଧ୍ୟାନ ଭଳି ଯେତେ ସବୁ ସାଧନ ରହିଛି, ସେ ସମସ୍ତଙ୍କ ଠାରୁ ଏହି ଦିବ୍ୟ ବାଣୀ ଦ୍ୱାରା ଜନମାନସରେ ଭଗବତ୍ ଭାବ ବିସ୍ତାର କରାଇବା କାର୍ଯ୍ୟ ଅତି ମହାନ୍ ଅଟେ । ସନାତନ ଧର୍ମ ସର୍ବଧର୍ମ ସ୍ୱୀକୃତ ମାନବ ଧର୍ମର ପ୍ରତୀକ –"ବସୁଧୈବ କୁଟୁମ୍ବକମ୍"-'ସାରା ବିଶ୍ୱ ଏକ ପରିବାର' ଏହି ମହାନ୍ ଉପନିଷଦ ବାକ୍ୟ ସନାତନ ଧର୍ମର ବୀଜ ମନ୍ତ୍ର । ଗୀତା ଏହି ସନାତନ ଧର୍ମର ପରିଚାୟକ । ତେଣୁ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଗୀତାଶାସ୍ତ୍ରର ବର୍ଣ୍ଣନା ଏବଂ ପ୍ରଚାର କାର୍ଯ୍ୟ ଅବଶ୍ୟ କର୍ତ୍ତବ୍ୟ । ଗୀତା ବେଶ, ଆଶ୍ରମ, ଅବସ୍ଥା, କ୍ରିୟା, ଏପରି କି ଧର୍ମ ଆଦି ପରିବର୍ତ୍ତନର ବାର୍ତ୍ତା ବହନ କରେ ନାହିଁ । ବରଂ ଗୀତା ଏ ସବୁର ପରିମାର୍ଜନ ପାଇଁ କଲ୍ୟାଣକର ଉପଦେଶ ବହନ କରେ । ପଶୁ, ପକ୍ଷୀ, ନାରକୀୟ କୀଟ, ପତଙ୍ଗ, ବୃକ୍ଷ, ଲତା ଆଦି ସମସ୍ତ ଯୋନିରେ ଜନ୍ମ ନେଇ କାମନା ପୂରଣ କରିବାର ଅବସର ମିଳେ, କିନ୍ତୁ କାମନା ତ୍ୟାଗକରି ପରମାତ୍ମା ପ୍ରାପ୍ତିର ଅବସର କେବଳ ମନୁଷ୍ୟ ଶରୀରରେ ହିଁ ସମ୍ଭବ । ଗୀତା ଉପଦେଶ ଦ୍ୱାରା ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟେକ ପରିସ୍ଥିତିରେ ସହଜରେ କଲ୍ୟାଣ ହୋଇପାରିବ । ତେଣୁ ଭଗବାନ ଶ୍ରୀକୃଷ୍ଣ ଏହାର ପ୍ରଚାର କରିବାରେ ବିଶେଷ ମହିମା ଦର୍ଶାଇଛନ୍ତି ।

ଅଧ୍ୟେଷ୍ୟତେ ଚ ଯ ଇମଂ ଧର୍ମ୍ୟଂ ସଂବାଦମାବୟୋଃ ।
ଜ୍ଞାନ ଯଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ ॥୭୦॥

*ଅନ୍ୱୟ : ଯଃ ଚ ( ଏବଂ ଯେଉଁ ପୁରୁଷ) ଆବୟୋଃ (ଆମ୍ଭ ଦୁହିଁଙ୍କର) ଇମଂ (ଏହି) ଧର୍ମ୍ୟଂ (ଧର୍ମମୟ) ସଂବାଦମ୍ (କଥୋପକଥନ ରୂପକ ଗୀତା ଶାସ୍ତ୍ରକୁ ) ଅଧ୍ୟେଷ୍ୟତେ (ଅଧ୍ୟୟନ କରିବେ ) ତେନ ( ତାହାଙ୍କ ଦ୍ୱାରା )ଜ୍ଞାନ ଯଜ୍ଞେନ ( ଜ୍ଞାନ ରୂପକ ଯଜ୍ଞ ଦ୍ୱାରା ଅହଂ (ମୁଁ ) ଇଷ୍ଟଃ ସ୍ୟାମ୍ (ପୂଜିତ ହେବି ) ।*

**ଭାବାର୍ଥ** : ଯେଉଁ ମୋର ଭକ୍ତ ଆମ୍ଭ ଦୁହିଁଙ୍କ ମଧ୍ୟରେ ହୋଇଥିବା କଥୋପକଥନ ରୂପକ ଧର୍ମମୟ ଗୀତା ଶାସ୍ତ୍ରକୁ ଅଧ୍ୟୟନ ବା ଉତ୍ତମ ରୂପରେ ମନନ କରିବେ, ତାହା ଜ୍ଞାନ ଯଜ୍ଞ ଅନୁଷ୍ଠାନ କରିବା ସଦୃଶ । ତାଙ୍କ ଦ୍ୱାରା 'ମୁଁ' ସେହି ଜ୍ଞାନ ଯଜ୍ଞ ଦ୍ୱାରା ପୂଜିତ ହେଉଅଛି ବୋଲି ଧରିନେବାକୁ ହେବ -ଏହା ମୋର ନିଶ୍ଚିତ ମତ ଅଟେ । କୌଣସି କାରଣ ବଶତଃ ମନୁଷ୍ୟ ଯେତେବେଳେ ନିଜ କର୍ତ୍ତବ୍ୟ ନିର୍ଣ୍ଣୟ କରିବା ନେଇ ଦ୍ୱନ୍ଦ୍ୱରେ ପଡିଯାଇଥାଏ, ତାର ସମାଧାନ ବିନା କୌଣସି ସାଂସାରିକ ବସ୍ତୁ, ଘଟଣା, ପରିସ୍ଥିତି ଆଦି ଭଲ ଲାଗେ ନାହିଁ,

ନିଜ କଲ୍ୟାଣର କୌଣସି ମାର୍ଗ ଦେଖାଯାଇ ନ ଥାଏ ଏବଂ ଅସହାୟତାର ଚାପରେ ଅନ୍ୟର ଆଶ୍ରୟ ନେବା ପାଇଁ ମନ ବ୍ୟାକୁଳହୋଇ ଉଠେ, ସେହି ଦୁର୍ବଳ ମାନସିକ ସ୍ଥିତିରେ ଗୀତା ଜ୍ଞାନାମୃତ ମହୌଷଧି ସଦୃଶ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣାପନ୍ନର ପ୍ରତ୍ୟକ୍ଷ କୃପା ପ୍ରାପ୍ତ କରାଇଥାଏ । ଗୀତା ଶାସ୍ତ୍ରକୁ ନିତ୍ୟ ପଠନ କରି, ଅବସର କାଳରେ ମୁଖସ୍ଥ ଶ୍ଳୋକର ତତ୍ତ୍ୱକୁ ମନନ କରି ଭାବ ବିହ୍ୱଳ ହୋଇଯିବା, ଗୀତା ସାଧକ ପକ୍ଷେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍କାର ସାଦୃଶ୍ୟ ଏକ ବିଲକ୍ଷଣ ଅନୁଭୂତି । ଗୀତା ଶାସ୍ତ୍ରର ପଠନ, ମନନ ଓ ନିଦିଧ୍ୟାସନ ଦ୍ୱାରା ପ୍ରଜ୍ୱଳିତ ଜ୍ଞାନାଗ୍ନିରେ ନିଜର ବିଷୟାସକ୍ତ, ଅହଂକାର ଓ ଅନ୍ୟ ବାସନା ସମୂହକୁ ଆହୁତି ରୂପେ ହବନ କରି ଅନ୍ତଃକରଣ ଶୁଦ୍ଧ କରିବାର ପ୍ରଚେଷ୍ଟା ହେଉଛି ଜ୍ଞାନଯଜ୍ଞ । ଭଗବାନ ପୂର୍ବେ କହିଛନ୍ତି : **"ଶ୍ରେୟାନ୍ ଦ୍ରବ୍ୟମୟାତ୍ ଯଜ୍ଞାତ୍ ଜ୍ଞାନଯଜ୍ଞଃ ପରନ୍ତପ-( ଗୀତା-୪/୩୩)"-** ଜ୍ଞାନଯଜ୍ଞ ରୂପକ ସାଧନ ଅନ୍ୟ ଦ୍ରବ୍ୟମୟ ସାଧନ ଅପେକ୍ଷା ଅଧିକ ଶ୍ରେୟ । ସଗୁଣ-ନିର୍ଗୁଣ ଓ ସାକାର-ନିରାକାର ଭଗବତ୍ ତତ୍ତ୍ୱକୁ ଉତ୍ତମରୂପେ ବୋଧ ହେବା ହିଁ ସମସ୍ତ ସାଧନର ଅନ୍ତିମ ଫଳ । ସେହି ଫଳ ଗୀତା ଅଧ୍ୟୟନ ରୂପକ ଜ୍ଞାନଯଜ୍ଞରେ ପ୍ରାପ୍ତ ହୋଇଥାଏ ବୋଲି ଭଗବାନ ଏଠାରେ ଦୃଢ ମତ ପୋଷଣ କରିଛନ୍ତି । ଗୀତା ଜ୍ଞାନ ଉପଦେଶକୁ ଜୀବନ ଶୈଳୀରେ ପ୍ରଦର୍ଶିତ କରିବାର ପ୍ରଚେଷ୍ଟା ହେଉଛି ସେହି ଜ୍ଞାନଯଜ୍ଞ, ଯେଉଁଥିରେ ଭଗବାନ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି । ଏହା ସୃଷ୍ଟିକର୍ତ୍ତାଙ୍କ ଆରାଧନାର ଏକ ସୁଗମ ମାର୍ଗ । ଗୀତା ଗ୍ରନ୍ଥଙ୍କ ଏପରି ଏକ ରହସ୍ୟମୟ ଆକର୍ଷଣ ରହିଛି, ଏହା ପ୍ରତି ଟିକିଏ ମାତ୍ର ମନ ବଳାଇଲେ, ଏହି ଗ୍ରନ୍ଥ କୌଣସି ମାଧ୍ୟମରେ ହସ୍ତଗତ ହୋଇ ଯାଇଥାଆନ୍ତି । ପ୍ରାରମ୍ଭରେ ଏହା ପଠନ ଓ ଆଲୋଚନା ଭିତରେ ସୀମିତ ରହି, ଧୀରେ ଧୀରେ ଗ୍ରନ୍ଥ-ପ୍ରାପ୍ତକାରୀଙ୍କ ଏହାର ଗଭୀରତମ ଜ୍ଞାନ ମଧ୍ୟରେ ପ୍ରବିଷ୍ଟ ହୋଇଥାଏ । ନିରନ୍ତର ସାଧନା ଜାରି ରଖିବାରେ, ନିଜ ଅଗୋଚରରେ ଜ୍ଞାନଯଜ୍ଞର ଫଳ ସ୍ୱରୂପ ଆତ୍ମଜ୍ଞାନ ପ୍ରାପ୍ତ ହୋଇଥାଏ । ଲୋକଙ୍କ ମଧ୍ୟରେ ଗୀତା ପ୍ରଚାର କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜେ ଗୀତା ଉପଦେଶକୁ ଜୀବନରେ ଅନୁଷ୍ଠାନ କରିବା । ଗୀତା ଉପଦେଷ୍ଟା ବା ପ୍ରଚାରକ ଅନେକ ହୋଇ ପାରନ୍ତି, ମାତ୍ର ଉପଦେଶ ସମୂହକୁ ଅନୁସରଣ କରି ଆଚରଣରେ ପ୍ରୟୋଗ କରିବା ବ୍ୟକ୍ତି କ୍ୱଚିତ୍ ।

ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି ଯୋ ନରଃ ।
ସଃ ଅପି ମୁକ୍ତଃ ଶୁଭାଁଲ୍ଲୋକାନ୍ ପ୍ରାପ୍ନୁୟାତ୍ ପୂଣ୍ୟକର୍ମଣାମ୍ ॥୭୧॥

*ଅନ୍ୱୟ : ଶ୍ରଦ୍ଧାବାନ୍ (ଶ୍ରଦ୍ଧାବାନ୍ ) ଅନସୂୟଃ ଚ ( ଏବଂ ଅସୂୟା ଶୂନ୍ୟ ଅର୍ଥାତ୍ ଦୋଷ ରହିତ) ଯଃ ନରଃ (ଯେଉଁ ମନୁଷ୍ୟ ) ଶୃଣୁୟାତ୍ ଅପି (ଏହି ଗୀତାଶାସ୍ତ୍ରକୁ ଶ୍ରବଣ ମଧ୍ୟ କରିଥାଏ ) ସଃ ଅପି (ସେ' ମଧ୍ୟ) ମୁକ୍ତଃ ( ଦେହାବସାନ ପରେ ମୁକ୍ତହୋଇ) ପୁଣ୍ୟକର୍ମାଣାମ୍ (ପୁଣ୍ୟକର୍ମା ମାନଙ୍କର) ଶୁଭାନ୍ ଲୋକାନ୍ (ଉତ୍ତମ ଲୋକମାନ ) ପ୍ରାପ୍ନୁୟାତ୍ (ପ୍ରାପ୍ତ ହେବେ ) ।*

ଭାବାର୍ଥ : ଯେଉଁ ଶ୍ରଦ୍ଧାବାନ୍ ଏବଂ ଦ୍ୱେଷ ରହିତ ବ୍ୟକ୍ତି, ଏହି ଗୀତା ଉପଦେଶକୁ ଅନ୍ୟଠାରୁ ଶ୍ରବଣ ମଧ୍ୟ କରିଥାନ୍ତି, ସେ ଦେହାବସାନ ପରେ ସମ୍ପୂର୍ଣ୍ଣ ପାପରୁ ମୁକ୍ତ ହୋଇ ପୁଣ୍ୟକର୍ମ କଲେ ଯେଉଁ ଶ୍ରେଷ୍ଠଲୋକ ପ୍ରାପ୍ତ ହୁଏ, ତାହା ପ୍ରାପ୍ତ କରିଥାନ୍ତି । ଗୀତା ଶାସ୍ତ୍ର ସାକ୍ଷାତ୍ ଭଗବାନଙ୍କ ବାଣୀ । ଯାହା ଦ୍ୱାରା ଗୀତା ଅଧ୍ୟୟନ କିମ୍ବା ଅଧ୍ୟାପନା ହୋଇ ନ ପାରିବ, ସେ' ଅବଶ୍ୟ ଗୀତା ଶ୍ରବଣ କରିବା ଉଚିତ । ଗୀତାରେ ଯାହା କିଛି କୁହାଯାଇଛି, ସେ ସମସ୍ତ ଯଥାର୍ଥ ଏବଂ ଜୀବନ ଉପଯୋଗୀ ବୋଲି ଦୃଢ ବିଶ୍ୱାସର ସହିତ ସ୍ୱୀକାର କରି ଶ୍ରବଣ କରିବାର

ଇଚ୍ଛା ହେଉଛି ଗୀତା ପ୍ରତି ଶ୍ରଦ୍ଧା ଭାବ । ଏହାକୁ ଶ୍ରବଣ କରି ଭଗବାନ କହିଥିବା ଉପଦେଶର ଦୋଷ ତ୍ରୁଟି ଖୋଜି ତା'ରି ଉପରେ ତର୍କ ଆଦି ନ କରିବା ଏବଂ ଗୀତା ଶାସ୍ତ୍ରକୁ କୌଣସି ପ୍ରକାରେ ଅବଜ୍ଞା ନ କରିବା ହେଉଛି ଅସୁୟା ଶୂନ୍ୟ ବା ଦୋଷ ରହିତ । ଭଗବାନଙ୍କ ପ୍ରତି ଅତ୍ୟଧିକ ଶ୍ରଦ୍ଧା ଓ ବିଶ୍ୱାସର ସହ ଭକ୍ତି ହେଲେ ଅସୂୟା ଅର୍ଥାତ୍ ଅନ୍ୟର ଦୋଷ-ତୃଟି ଖୋଜିବା ଦୋଷ ରହେନାହିଁ । 'ଶ୍ରବଣ'-ନବଧା ଭକ୍ତି ମଧ୍ୟରେ ଭକ୍ତିଭାବ ଜାଗ୍ରତ ନିମିତ୍ତ ଏକ ସହଜ ସୁଗମ ମାର୍ଗ । ଜୀବନ କାଳରେ ଗୁଣ ସମ୍ପନ୍ନ ଶ୍ରୋତା ଗୀତା ବ୍ୟାଖ୍ୟା ଶ୍ରବଣ କରି ସର୍ବାଧିକ ଆନନ୍ଦ ପ୍ରାପ୍ତ ହୋଇଥାନ୍ତି । ଶ୍ରଦ୍ଧାବାନ୍ ପୁରୁଷ ଗୁରୁପୋଦେଶକୁ ଶୁଣି ତାର ସୂକ୍ଷ୍ମ ତତ୍ତ୍ୱକୁ ବୁଝିପାରେ, ଏହାକୁ ଧାରଣ କରିପାରେ, ଏହାକୁ ସମ୍ପୂର୍ଣ୍ଣ ଭାବେ ଆତ୍ମସ୍ଥ କରିବାରେ ମଧ୍ୟ ସମର୍ଥ ହୋଇପାରେ । ଦେହାବସାନ ପରେ ଶୁଦ୍ଧ ଶ୍ରୋତା ସମସ୍ତ ପାପରୁ ମୁକ୍ତ ହୋଇ ଇନ୍ଦ୍ରଲୋକଠାରୁ ଆରମ୍ଭ କରି ବୈକୁଣ୍ଠ ଧାମ ପର୍ଯ୍ୟନ୍ତ ନିଜ ନିଜ ପ୍ରେମ ଓ ଶ୍ରଦ୍ଧାନୁରୂପ ଭିନ୍ନ ଭିନ୍ନ ପୁଣ୍ୟକର୍ମା ମାନଙ୍କର ଶ୍ରେଷ୍ଠଲୋକ ପ୍ରାପ୍ତ ହୋଇଥାନ୍ତି । ଗୀତା ଅଧ୍ୟୟନ ଓ ଶ୍ରବଣ କଥା କ'ଣ; ଯେଉଁ ସ୍ଥାନରେ ଗୀତା ଗ୍ରନ୍ଥ ରହିଥାନ୍ତି, ତାହାରି ଅଲୌକିକ ପ୍ରଭାବ ଦେଖିବାକୁ ମିଳେ । କର୍ମ ସମ୍ପାଦନ ବେଳେ ଗୀତା ପୁସ୍ତକ ନିଜ ପାଖରେ ରଖିବାର ପ୍ରଭାବରେ, ମନ ଓ ବୁଦ୍ଧି ମିଥ୍ୟାର ଆଶ୍ରିତ ହୋଇ ନ ଥାଏ ଏବଂ ଭୂତ, ପ୍ରେତ ଏବଂ ଆସୁରୀ ଗୁଣ ସମ୍ପନ୍ନ ମନୁଷ୍ୟ ଆଦି ନିକଟକୁ ଆସି ପାରି ନଥାନ୍ତି ।

କଚ୍ଚିଦେଦଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା ।
କଚ୍ଚିଦଜ୍ଞାନ ସମ୍ମୋହଃ ପ୍ରନଷ୍ଟସ୍ତେ ଧନଞ୍ଜୟ ॥୭୨॥

*ଅନ୍ୱୟ : ପାର୍ଥ ! ( ହେ ପାର୍ଥ !) ତ୍ୱୟା (ତୁମ୍ଭ ଦ୍ୱାରା ) ଏକାଗ୍ରେଣ ଚେତସା ( ଏକାଗ୍ର ଚିତ୍ତରେ ଅର୍ଥାତ୍ ସମ୍ପୂର୍ଣ୍ଣ ମନ ଧ୍ୟାନ ଦେଇ ) ଏତତ୍ ( ଏହି ଗୀତା ସମ୍ବାଦ) କଚ୍ଚିତ୍ (କ'ଣ) ଶ୍ରୁତମ୍ (ଶ୍ରବଣ ହୋଇଛି କି ?) ଧନଞ୍ଜୟ ( ହେ ଧନଞ୍ଜୟ !) ତେ (ତୁମର) ଅଜ୍ଞାନ-ସମ୍ମୋହ ( ଅଜ୍ଞାନ ଜନିତ ମୋହ) କଚ୍ଚିତ୍ (କ'ଣ ) ପ୍ରନଷ୍ଟଂ (ବିନଷ୍ଟ ହେଲା କି ?)*

ଭାବାର୍ଥ : ଗୀତାଚାର୍ଯ୍ୟ ଭଗବାନ ଶ୍ରୀକୃଷ୍ଣ ତାଙ୍କ ଦ୍ୱାରା କୁହାଯାଇଥିବା ଏହି ଗୀତା ଉପଦେଶ, କେତେ ପରିମାଣରେ ଅର୍ଜୁନ ତଥା ଜଗତ କଲ୍ୟାଣ ନିମନ୍ତେ ଉପଯୋଗୀ, ତାହା ଅର୍ଜୁନଙ୍କଠାରୁ ଜାଣିବାକୁ ଚାହିଁଛନ୍ତି । ଭଗବାନ ପଚାରିଛନ୍ତି କି, ହେ ପାର୍ଥ ! ଏ ପର୍ଯ୍ୟନ୍ତ ମୁଁ କହି ଆସୁଥିବା ଗୋପନୀୟ ଜ୍ଞାନୋପଦେଶକୁ ଏକାଗ୍ର ଚିତ୍ତରେ ତୁମେ ଶୁଣି ଅଛ କି ? ହେ ଧନଞ୍ଜୟ ! ମୋ'ଠାରୁ ସେହି ଜ୍ଞାନ ତତ୍ତ୍ୱକୁ ଉତ୍ତମ ରୂପେ ବୁଝି ତୁମ୍ଭର ଅଜ୍ଞାନ ଜନିତ ମୋହ ନଷ୍ଟ ହୋଇଛି କି ? ଶିଷ୍ୟ ତଥା ସାଧକକୁ ଶାସ୍ତ୍ରୋପଦେଶ ବୁଝାଇ କହିବା ଏବଂ ତାକୁ ଜୀବନର ପରମ ଲକ୍ଷ୍ୟ ମୋକ୍ଷ ପ୍ରାପ୍ତିରେ ସମର୍ଥ କରାଇବା ହେଉଛି ଆଧ୍ୟାତ୍ମିକ ଗୁରୁଙ୍କ କର୍ତ୍ତବ୍ୟ । ଶିଷ୍ୟ ସେହି ସବୁ ସମ୍ୟକ ହୃଦୟଙ୍ଗମ କରିଛି କି ନାହିଁ, ତାହା ମଧ୍ୟ ଗୁରୁ ଅବଗତ ହୋଇ ତାର ବିହିତ କାର୍ଯ୍ୟ କରିଥାଆନ୍ତି । ତେଣୁ ଭଗବାନ ଶ୍ରୀକୃଷ୍ଣ, କାଳେ ଅର୍ଜୁନଙ୍କ ଅନ୍ୟ କୌଣସି ଜିଜ୍ଞାସା ଅବଶିଷ୍ଟ ରହି ଯାଇଥିବ, ତାହାର ସମାଧାନ ଅଭିପ୍ରାୟରେ ଏହାର ଉତ୍ତର ଚାହିଁଛନ୍ତି । ଶ୍ରୀ ଗୁରୁଦେବ କିମ୍ବା ତତ୍ତ୍ୱଦର୍ଶୀଙ୍କ ନିକଟରୁ ସମ୍ୟକ ରୂପରେ ଗୀତାଜ୍ଞାନଙ୍କୁ ଶୁଣି, ଯେ ପର୍ଯ୍ୟନ୍ତ ଏହା ହୃଦୟଙ୍ଗମ ହୋଇ ନାହିଁ, ସେହିମାନଙ୍କ ସେବା ଏବଂ ପ୍ରୀତି ପୂର୍ବକ ଜିଜ୍ଞାସା ଦ୍ୱାରା ବାରମ୍ବାର ତତ୍ତ୍ୱକୁ ଶୁଣିବା ଉଚିତ । ମନର ଏକାଗ୍ରତା ଯେ କୌଣସି ସନ୍ଦେଶର ସମ୍ପୂର୍ଣ୍ଣ ଗ୍ରହଣ କ୍ଷମତାର ମାପଦଣ୍ଡ । ଏକ ଏକାଗ୍ରମନ ଉତ୍ତମଭାବେ ନିଜ ପ୍ରତିବିମ୍ବ ଦେଇପାରେ

ଓ ବସ୍ତୁଗତ ଦୃଷ୍ଟିକୋଣରୁ ସତ୍ୟ ବିଷୟକୁ ପ୍ରକାଶ କରିପାରେ । ଜ୍ଞାନ ସର୍ବଥା ବସ୍ତୁକୁ ତା'ର ସତ୍ୟ ରୂପରେ ଦେଖାଏ, ଅଜ୍ଞାନ ତାହାକୁ ବିଭିନ୍ନ ଭାବରେ ବିକୃତ କରେ । ଯୁଦ୍ଧକ୍ଷେତ୍ରରେ ପହଞ୍ଚି ଅର୍ଜୁନ ଅଜ୍ଞାନ ଜନିତ ସମ୍ମୋହ ଦ୍ୱାରା ବଶୀଭୂତ ହୋଇ ସାମଗ୍ରିକ ସ୍ଥିତିର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ କରି ଯୁଦ୍ଧରୁ ବିରତ ହେବା ପାଇଁ ଚାହିଁଥିଲେ । ସେ ସ୍ୱୟଂକୁ ଧର୍ମ ସମ୍ବନ୍ଧରେ ମୂଢଚେତା ବୋଲି କହିଥିଲେ । ନିଜ ସ୍ୱଧର୍ମ ପାଳନକୁ ପାପ ବୋଲି ବୁଝିଥିଲେ । କ୍ଷତ୍ରିୟ ହୋଇ ସ୍ୱଜନ- ସମ୍ପର୍କୀୟଙ୍କ ବଧର ଭୟରେ ଯୁଦ୍ଧତ୍ୟାଗ କରି ବରଂ ଭିକ୍ଷାନ୍ନ ମାଗି ବଞ୍ଚିବେ ବୋଲି ଶ୍ରେୟ ମଣିଥଲେ । ସ୍ୱରୂପର ଅଜ୍ଞାନ କାରଣରୁ ମନୁଷ୍ୟ ମନରେ ଅନେକ ଭ୍ରମାତ୍ମକ ଧାରଣା ଦୃଢୀଭୂତ ହୋଇ ସଂସାରର ବାସ୍ତବିକତା ବିପରୀତ ଭାବେ ଦେଖାଯାଏ । ସେହି ଭ୍ରମାତ୍ମକ ଧାରଣରୁ ସିଦ୍ଧାନ୍ତ ମଧ୍ୟ ତ୍ରୁଟିପୂର୍ଣ୍ଣ ହୁଏ । ଏହି ସମସ୍ତ ଅଜ୍ଞାନ ଜନିତ ମୋହରୁ ଅର୍ଜୁନ ମୁକ୍ତ ହୋଇଛନ୍ତି କି ନାହିଁ, ଏହା ଭଗବାନ ଶ୍ରୀକୃଷ୍ଣ ସ୍ୱଷ୍ଟ ଭାବରେ ଅର୍ଜୁନଙ୍କଠାରୁ ଶୁଣିବାକୁ ଚାହିଁଛନ୍ତି । ଗୀତା ସ୍ୱୟଂ ପରମ ପୁରୁଷ ଭଗବାନଙ୍କ ଶ୍ରୀମୁଖ ନିସୃତ ବାଣୀ । କେବଳ ଭାଗ୍ୟବାନ ପୁରୁଷ ହିଁ ଭଗବାନଙ୍କ ଅପାର କୃପା ବଳରେ ଉପଯୁକ୍ତ ଗୁରୁଙ୍କଠାରୁ ଗୀତାର ଜ୍ଞାନକୁ ହୃଦୟଙ୍ଗମ କରି ଅଜ୍ଞାନତା ରୂପକ ଅନ୍ଧାରରୁ ବାହାରି ଆସେ ।

ଅର୍ଜୁନ ଉବାଚ

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ॥୭୩॥

*ଅନ୍ୱୟ : ଅର୍ଜୁନ ଉବାଚ ( ଅର୍ଜୁନ ଯୋଡହସ୍ତ ହୋଇ କହିଲେ ) ଅଚ୍ୟୁତ ( ହେ ଅଚ୍ୟୁତ ! ) ତ୍ୱତ୍ ପ୍ରସାଦାତ୍ ( ଆପଣଙ୍କ ଅହେତୁକ କୃପାରୁ ) ମୋହଃ ନଷ୍ଟଃ ( ଅଜ୍ଞାନ ନଷ୍ଟ ହୋଇଛି ) ମୟା ( ମୋ ଦ୍ୱାରା ) ସ୍ମୃତି (ଆତ୍ମା ଅନୁସନ୍ଧାନ ରୂପୀ ସ୍ମୃତି ) ଲବ୍ଧା ( ଲାଭ ହେଲା ) ଗତ ସନ୍ଦେହଃ ( ମୁଁ ସନ୍ଦେହ ରହିତ ହୋଇ) ସ୍ଥିତଃ ଅସ୍ମି ( ନିଶ୍ଚୟାତ୍ମକ ବୁଦ୍ଧିରେ ସ୍ଥିତ ଅଛି ) ତବ ବଚନଂ ( ଆପଣଙ୍କ କଥା ବା ଆଜ୍ଞା ) କରିଷ୍ୟେ ( ପାଳନ କରିବାକୁ ପ୍ରସ୍ତୁତ ଅଛି ) ।*

**ଭାବାର୍ଥ** : ପୂର୍ବ ଶ୍ଳୋକରେ ଭଗବାଙ୍କ ଅଭିପ୍ରାୟ ଜାଣି ଅର୍ଜୁନ ବହୁତ ପ୍ରସନ୍ନ ଭାବରେ କୃତଜ୍ଞତା ପ୍ରକାଶ କରି କହିଲେ; ହେ ଅଚ୍ୟୁତ ! ଆପଣ ଏହି ଦିବ୍ୟ ଉପଦେଶ ଶୁଣାଇ ମୋର ଉପରେ ଅତ୍ୟନ୍ତ ଦୟା କରିଛନ୍ତି । ଆପଣଙ୍କ ଅପାର କୃପାରୁ ମୋର ଆତ୍ମ-ସ୍ୱରୂପର ସ୍ମୃତି ଲବ୍ଧ ହୋଇ ଅଜ୍ଞାନ ଜନିତ ମୋହ ନଷ୍ଟ ହୋଇଗଲା । ଭଗବାନଙ୍କୁ ଏଠାରେ 'ଅଚ୍ୟୁତ' ନାମରେ ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା କି; ଅର୍ଜୁନ ବିଶ୍ୱରୂପ ଦର୍ଶନ କରି ଏହା ବୁଝି ପାରିଛନ୍ତି କି, ଭଗବାନ ଶ୍ରୀକୃଷ୍ଣ ହେଉଛି ସେହି ସଚ୍ଚିଦାନନ୍ଦଘନ ସ୍ୱରୂପ, ଯେ' କେବେ ବି ନିଜ ସ୍ୱରୂପରୁ ଚ୍ୟୁତ ହୋଇ ନଥାନ୍ତି । ସେ' ସର୍ବଥା ନିଜ ସ୍ୱରୂପରେ ପୂର୍ଣ୍ଣ ଏବଂ ବର୍ତ୍ତମାନ । ଶ୍ରୀକୃଷ୍ଣ ହେଉଛନ୍ତି ବିଶ୍ୱଗୁରୁ, ସାକ୍ଷାତ ନିର୍ବିକାର, ପରବ୍ରହ୍ମ, ପରମାତ୍ମା, ସର୍ବଶକ୍ତିମାନ୍, ଅବିନାଶୀ ପରମେଶ୍ୱର । ଭଗବାନଙ୍କ ଗୁଣ, ପ୍ରଭାବ,ଐଶ୍ୱର୍ଯ୍ୟ ଓ ସ୍ୱରୂପର ପ୍ରତ୍ୟକ୍ଷ ଜ୍ଞାନରେ ଅର୍ଜୁନଙ୍କ ପୂର୍ଣ୍ଣ ସ୍ମୃତି ପ୍ରାପ୍ତ ହୋଇ ମାୟାର ଆବରଣ ଛିନ୍ନ ହୋଇଛି । ସ୍ମୃତି ଅନ୍ତକରଣର ଏକ ବୃତ୍ତି । ଆବରଣ ଦୂର ହେଲେ ଅସତ୍ ସମ୍ବନ୍ଧ ଯୋଗୁଁ ଯେଉଁ ସ୍ମୃତି ସୁଷୁପ୍ତି ରୂପେ ଥିଲା, ତାହା ଜାଗ୍ରତ ହୋଇ ପ୍ରକାଶ ପାଏ । ଏହାର ବିପରୀତ କ୍ରମରେ ଭଗବାନ (ଗୀତା-୨/୬୩)ରେ କହିଛନ୍ତି କି, ସମ୍ମୋହ ଯୋଗୁଁ ସ୍ମୃତିଭ୍ରଷ୍ଟ ହୋଇ ବୁଦ୍ଧିର ନାଶ ହୁଏ ଏବଂ ଜୀବାତ୍ମାର ପତନ ଘଟେ ଅର୍ଥାତ୍ ମନ-ବୁଦ୍ଧିରେ ଅସ୍ଥିରତା ଆସେ । ଏହି ଶ୍ଳୋକରେ ଉତ୍ଥାନ କ୍ରମରେ ସ୍ମୃତି ଲବ୍ଧ ହୋଇ ମୋହର

ନଷ୍ଟ ହୁଏ, ବୁଦ୍ଧି ସଂଶୟ ଶୂନ୍ୟ ହୁଏ, ପୂର୍ବରୁ ନିତ୍ୟ ବିଦ୍ୟମାନ ଥିବା ତତ୍ତ୍ୱ ପ୍ରକଟିତ ହେବାକୁ 'ସ୍ମୃତି' ଏବଂ ଆବରଣ ଦୂର ହେବାକୁ 'ଲବ୍ଧ' କୁହାଯାଇଛି । କର୍ମଯୋଗରେ ଆସକ୍ତିର ବିସ୍ମୃତ ହୋଇ ନିଷ୍କାମ ଭାବର ସ୍ମୃତି, ଜ୍ଞାନଯୋଗରେ ଦେହାଭିମାନ ବିସ୍ମୃତ ହୋଇ ସ୍ୱୟଂ ସହିତ ସମ୍ବନ୍ଧର ସ୍ମୃତି ଏବଂ ଭକ୍ତି ମାର୍ଗରେ ସଂସାର ସମ୍ବନ୍ଧର ବିସ୍ମୃତ ହୋଇ ଭଗବତ୍ ସମ୍ବନ୍ଧର ସ୍ମୃତି ଲବ୍ଧ ହୋଇଥାଏ । ଏହାର ନିର୍ଯାସ ହେଲା, ସଂସାର ଓ ଶରୀରଠାରୁ ଅଲଗା ହୋଇ ନିଜର ସ୍ୱରୂପକୁ ଅନୁଭବ କରିବା 'ସ୍ମୃତି' ଅଟେ । ନିଜ ସ୍ୱରୂପର ସ୍ମୃତି ସ୍ୱୟଂ ରେ ହୁଏ- ଏଥିରେ କରଣ ଆଦିର ଆବଶ୍ୟକତା ନାହିଁ । ସ୍ମୃତି ଅନୁଭବ ସିଦ୍ଧ । ତେଣୁ ଥରେ ସ୍ମୃତି ଜାଗ୍ରତ ହେଲାପରେ ଆଉ ତାହାର ପୁନରାବୃତ୍ତି କରିବାକୁ ପଡେନାହିଁ । କାରଣ ସ୍ୱରୂପର କେବେ ପରିବର୍ତ୍ତନ ନଥାଏ । ସ୍ୱୟଂରେ ସ୍ମୃତି ଭଗବତ୍ କୃପାରୁ ଜାଗ୍ରତ ହୁଏ । ଅର୍ଜୁନ କହୁଛନ୍ତି ମୋର ଅନ୍ତଃକରଣରେ ଆତ୍ମଜ୍ଞାନ ପ୍ରକାଶ ହେବାର ଅନୁଭବ ହେଉଛି । ଜୀବ ଯେତେବେଳେ ଆସକ୍ତିକୁ ତ୍ୟାଗ କରି ପରାମାତ୍ମାଭିମୁଖୀ ହୋଇଯାଏ, ଅଜ୍ଞାନ ଜନିତ ମୋହ ଦୂର ହୋଇ ଅନ୍ତଃକରଣରେ ସ୍ମୃତି ଜାଗ୍ରତ ହୁଏ । ଅର୍ଜୁନ କହୁଛନ୍ତି କି, ମୋହନଷ୍ଟ ହେବାମାତ୍ରେ ନିଶ୍ଚୟାତ୍ମକ ବୁଦ୍ଧିରେ ମୋର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଛି । କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଧର୍ମ-ଅଧର୍ମ ସମ୍ବନ୍ଧରେ ମୋର ତିଳେ ମାତ୍ର ଆଉ ସନ୍ଦେହ ନାହିଁ । ଯୁଦ୍ଧ କରିବା - ନ କରିବା ନେଇ ଦ୍ୱନ୍ଦ ଆଉ ନାହିଁ । ମୁଁ ବର୍ତ୍ତମାନ ନିଜର ବାସ୍ତବିକତାର ସ୍ୱରୂପରେ ଅବସ୍ଥାନ କରି ମାନସିକ ସ୍ଥିରତା ଅନୁଭବ କରୁଛି । ଏବେ ଆପଣ ଯେଉଁ ଆଜ୍ଞା ଦେବେ, ତାହା ମୋର ଶିରୋଧାର୍ଯ୍ୟ । ଏହି ସମସ୍ତ ବିଷୟ ଭିତରେ କେବଳ ଆପଣ ହିଁ ମୋର ଦୃଶ୍ୟମାନ୍ ହେଉଛନ୍ତି । 'ମୁଁ ଆପଣଙ୍କ ସେବକ ମାତ୍ର । ମୁଁ ସମ୍ପୂର୍ଣ୍ଣ ରୂପେ ଆପଣଙ୍କ ଚରଣ ତଳେ ଶରଣ ଗ୍ରହଣ କରୁଛି । ଆପଣ ଯେପରି ଆଜ୍ଞା ଦେବେ, ମୁଁ ସେୟା ହିଁ କରିବି । ଅର୍ଜୁନ ସୈନ୍ୟ ନିରୀକ୍ଷଣ ଅବସରରେ ଉଭୟ ସେନାଙ୍କ ମଧ୍ୟରେ ଗୁରୁଜନ ଓ ସ୍ୱଜନମାନଙ୍କୁ ଦେଖି ଅର୍ଜୁନ ବ୍ୟାକୁଳ ହୋଇ ଉଠିଥିଲେ । ଧର୍ମ -ଅଧର୍ମ ଓ ପାପ -ପୂଣ୍ୟ ବିଚାର କରି ଅନେକ ପ୍ରକାର ସାଂସାରିକ ନୀତିଗତ କାରଣ ଉପସ୍ଥାପନ କରିଥିଲେ । ଯଥା: ସ୍ୱଜନଙ୍କୁ ମାରି ଆମ୍ଭେ କି ସୁଖ ପ୍ରାପ୍ତ ହେବୁ । ନିଜ ସ୍ୱଜନ ନିଧନରେ ଶାଶ୍ୱତ କୁଳଧର୍ମ ନଷ୍ଟ ହେବ । ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇଯିବ । ଅଧର୍ମ ବଢିଯାଇ କୁଳର ସ୍ତ୍ରୀମାନେ ଦୂଷିତା ହୋଇଯାଇ ବର୍ଣ୍ଣଶଙ୍କର ଜାତ ହେବେ । ଆମ୍ଭେ ଜାଣିବା ଶୁଣିବା ବ୍ୟକ୍ତି ହୋଇ ଏପରି ପାପ କର୍ମରୁ ନିବୃତ୍ତି ପାଇଁ କାହିଁକି ନ ଦେଖିବୁ ? ଏହାଠାରୁ ଭିକ୍ଷାନ୍ନ କରି ବଞ୍ଚିବା ବରଂ ଶ୍ରେୟସ୍କର । ଶସ୍ତ୍ରଧାରୀ କୌରବମାନେ ବରଂ ମୋତେ ଶସ୍ତ୍ର ରହିତ ସ୍ଥିତିରେ ରଣରେ ମାରିଦିଅନ୍ତି, ତାହା ମୋ'ପାଇଁ ଅତି ହିତକର ହେବ । ଏଣୁ, ହେ ଗୋବିନ୍ଦ ! 'ମୁଁ ଯୁଦ୍ଧ କରିବି ନାହିଁ'- ଏହିପରି କହି ଶୋକାକୁଳମନା ଅର୍ଜୁନ ଶର ସହିତ ଗାଣ୍ଡୀବ ତ୍ୟାଗ କରି ଯୁଦ୍ଧଭୂମିରେ ରଥର ମଧ୍ୟଭାଗରେ ବସି ପଡିଲେ । ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଅର୍ଜୁନଙ୍କ ଶୋକଗ୍ରସ୍ତ ଦୁର୍ବଳ ମାନସିକ ସ୍ଥିତିକୁ ଦେଖି ଗୀତା ଉପଦେଶ କହିବାକୁ ଲାଗିଲେ, ଅର୍ଜୁନ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ଉପସ୍ଥାପନ କରି ତା'ରି ଉପରେ ନିଜର ସଂଶୟ ଦୂର କରିବାକୁ ଲାଗିଲେ । ଅର୍ଜୁନଙ୍କ ଗୀତାରେ ସେହି ପ୍ରଶ୍ନ ଗୁଡିକ ହେଲା :- ଆମ୍ଭମାନଙ୍କ ପାଇଁ ଯୁଦ୍ଧ କରିବା ଓ ନ କରିବା ମଧ୍ୟରୁ କେଉଁଟି ନିଶ୍ଚିତ କଲ୍ୟାଣକର ତାହା ମୋତେ କୁହନ୍ତୁ (୨/୬-୭) : ହେ କେଶବ ! ସ୍ଥିତପ୍ରଜ୍ଞ ପୁରୁଷଙ୍କ ଲକ୍ଷଣ କଣ ? (୨/୫୪) : ହେ ଜନାର୍ଦ୍ଦନ ! ଯଦି କର୍ମ ଅପେକ୍ଷା ଏହି ବୁଦ୍ଧି ଯୁକ୍ତ ଜ୍ଞାନକୁ ଶ୍ରେଷ୍ଠ ମଣୁଛନ୍ତି, ତେବେ ମୋତେ ଯୁଦ୍ଧଭଳି ଏହି ଘୋର

କର୍ମରେ ନିୟୋଜିତ ପାଇଁ କାହିଁକି ପ୍ରବର୍ତ୍ତାଉଛନ୍ତି ? (୩/୧) : ହେ ବାର୍ଷ୍ଣେୟ ! ମନୁଷ୍ୟ ଅନିଚ୍ଛା ସତ୍ତ୍ୱେ କାହାଦ୍ୱାରା ପ୍ରେରିତ ହୋଇ ବଳ ପୂର୍ବକ ପାପାଚରଣ କରେ । (୩/୩୬): ଆପଣଙ୍କଜନ୍ମ ଏବେ ହୋଇଛି, ଅଥଚ ସୃଷ୍ଟିର ଆରମ୍ଭରେ ସୂର୍ଯ୍ୟଙ୍କୁ ଆପଣ ଏହି ଯୋଗ ବିଷୟରେ କହିଥିଲେ-ଏହା କିପରି ସମ୍ଭବ ?(୪/୪) : ହେ କୃଷ୍ଣ ! ଆପଣ କର୍ମର ସ୍ୱରୂପତଃ ତ୍ୟାଗକୁ ଏବଂ ପୁଣି କର୍ମଯୋଗକୁ ପ୍ରସଂଶା କରୁଛନ୍ତି- ଏହି ଦୁଇଟି ସାଧନ ମଧ୍ୟରୁ କେଉଁଟି ନିଶ୍ଚିତରୂପେ କଲ୍ୟାଣକର ?_୫/୧) : ହେ ମଧୁସୂଦନ ! ମନ ଏତେ ଚଞ୍ଚଳ, ପ୍ରମଥନଶୀଳ ଏବଂ ବଳବାନ୍ ଯେ' ଏହାର ନିୟନ୍ତ୍ରଣ ବାୟୁକୁ ପ୍ରତିରୋଧ ସମାନ ଦୁଷ୍କର-ତେବେ ସମତା ପୂର୍ବକ ଯୋଗ ସାଧନ କିପରି ସମ୍ଭବ?(୬/୩୩-୩୪) : ହେ କୃଷ୍ଣ ! ଯେ' ଯୋଗଭ୍ରଷ୍ଟା, ସେ' ଯୋଗସିଦ୍ଧି ପ୍ରାପ୍ତ ନ କରି କେଉଁ ଗତି ଲାଭ କରେ ? (୬/୩୭) : ହେ ପୁରୁଷୋତ୍ତମ ! ସେହି ବ୍ରହ୍ମ କଣ ? କର୍ମ କଣ ? ଅଧିଭୂତ କାହାକୁ କୁହାଯାଇଛି ? ଅଧିଦୈବ କାହାକୁ କୁହାଯାଏ ? ଏଠି ଅଧିଯଜ୍ଞ କିଏ ଓ ସେ' ଏହି ଦେହରେ କିପରି ଥାନ୍ତି ? ହେ ମଧୁସୂଦନ ! ଅନ୍ତକାଳରେ ବଶୀଭୂତ ଅନ୍ତଃକରଣଯୁକ୍ତ ମନୁଷ୍ୟ ଦ୍ୱାରା ଆପଣ କିପରି ବୋଧଗମ୍ୟ ହୁଅନ୍ତି ? -ସାତଗୋଟି ପ୍ରଶ୍ନ (୭/୧-୨) : ହେ ଭଗବନ୍ ! କେଉଁ କେଉଁ ଭାବରେ ଆପଣ ମୋ ଦ୍ୱାରା ଚିନ୍ତନୀୟ ହେବେ ଅର୍ଥାତ୍ କେଉଁ କେଉଁ ଭାବରେ ମୁଁ ଆପଣଙ୍କୁ ଚିନ୍ତନ କରିବି ? (୧୦/୧୭) : ହେ ଦେବଶ୍ରେଷ୍ଠ ! ଆଦିରୂପ ଆପଣଙ୍କୁ ତତ୍ତ୍ୱ ସହକାରେ ଜାଣିବାକୁ ଚାହୁଁଛି- ଆପଣଙ୍କ ପ୍ରବୃତ୍ତିକୁ ମୁଁ ଜାଣେ ନାହିଁ-ମୋତେ କୁହନ୍ତୁ ଯେ ଉଗ୍ରରୂପଧାରୀ ଆପଣ କିଏ ? 11/ : ଯେଉଁ ଭକ୍ତ ଆପଣଙ୍କଠାରେ ସଂଲଗ୍ନ ହୋଇ ଆପଣଙ୍କ ସଗୁଣ-ସାକାରଙ୍କର ଉପାସନା କରନ୍ତି ଏବଂ ଯେଉଁମାନେ ଅବିନାଶୀ ନିର୍ଗୁଣ-ନିରାକାରଙ୍କ ହିଁ ଉପାସନା କରନ୍ତି, ସେମାନଙ୍କ ମଧ୍ୟରେ ଉତ୍ତମ ଯୋଗବେତ୍ତା କେଉଁମାନେ ? (୧୨/୧) :ହେ ପ୍ରଭୁ ! ତ୍ରିଗୁଣାତୀତ ମନୁଷ୍ୟ କେଉଁ ଲକ୍ଷଣ ଯୁକ୍ତ ଏବଂ ଏହା କିପରି ଅତିକ୍ରମ କରା ଯାଇପାରେ ? (୧୪/୨୧) : ହେ କୃଷ୍ଣ ! ଯେ' ଶାସ୍ତ୍ର ବିଧିକୁ ଉପେକ୍ଷା କରି ଶ୍ରଦ୍ଧାଭାବରେ ଦେବତା ଆଦିଙ୍କୁ ପୂଜା କରନ୍ତି ସେମାନଙ୍କ ନିଷ୍ଠା ତିନିଗୁଣ ମଧ୍ୟରୁ କେଉଁ ପ୍ରକାରର ? (୧୭/୧) : ହେ ମହାବାହୁ ! ସନ୍ନ୍ୟାସ ଓ ତ୍ୟାଗର ଯଥାର୍ଥ ତତ୍ତ୍ୱ ପୃଥକ ପୃଥକ ଭାବେ କ'ଣ-ତାହା ଜାଣିବାକୁ ଚାହୁଁଛି ?- ଏହିପରି ଅର୍ଜୁନଙ୍କ ଦ୍ୱାରା ଜିଜ୍ଞାସା ସହ ପଚାରିଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଭଗବାନ ଶ୍ରୀ କୃଷ୍ଣ ଉପଦେଶ ମାଧ୍ୟମରେ ଯାହା ସବୁ କହିଛନ୍ତି, ତାହା ସାଂସାରିକ ଜୀବନର ବ୍ୟବହାରିକ କ୍ଷେତ୍ରରେ ସମସ୍ତ ବର୍ଗ ଲୋକଙ୍କ ସମାସ୍ୟାର ସମାଧାନ, ଆଧ୍ୟାତ୍ମିକ ମାର୍ଗର ସାଧନା ଏବଂ ସନ୍ଦେହ ଦୂର ନିମନ୍ତେ ବିଶେଷ ଉପଯୋଗୀ I ଶେଷରେ ଅର୍ଜୁନ ଯେଉଁ ପ୍ରଶ୍ନ ପଚାରି ପାରି ନାହାନ୍ତି, ଭଗବାନ ସେହି ଶରଣାଗତି ସମ୍ବନ୍ଧୀୟ ଗୋପନୀୟ ରହସ୍ୟକୁ ସ୍ୱୟଂ ଦର୍ଶାଇଛନ୍ତି । ସ୍ମୃତି ପ୍ରାପ୍ତ ହେବାମାତ୍ରେ ଅର୍ଜୁନଙ୍କ ସବୁ ମୋହ, ଜଞ୍ଜାଳ ନଷ୍ଟ ହୋଇଗଲା । କ'ଣ କରିବେ ଆଉ କ'ଣ ନ କରିବେ ଏବଂ ଜୀବ, ସଂସାର ଏବଂ ଭଗବତ ସତ୍ତା ସମ୍ବନ୍ଧରେ ଅର୍ଜୁନଙ୍କ ସମସ୍ତ ସନ୍ଦେହ ଦୂର ହୋଇଗଲା । ଏହାର ତାତ୍ପର୍ଯ୍ୟ ହେଲା କି, ଏକ ସମୟରେ ହିଁ ଭଗବତ୍ କୃପାବଳରେ ସ୍ମୃତି ଲବ୍ଧ ହୋଇ ମୋହ ନଷ୍ଟ ହୁଏ, ଅନ୍ତଃକରଣ ସଂଶୟ ରହିତ ହୁଏ ଏବଂ ମନ-ବୁଦ୍ଧି ସ୍ୱରୂପରେ ସ୍ଥିତ ହୁଅନ୍ତି । ତେଣୁ ଅର୍ଜୁନ ଆଉ ପ୍ରଶ୍ନ ନ କରି ବରଂ କହିଛନ୍ତି; ହେ ଗୋବିନ୍ଦ ! 'କରିଷ୍ୟେ ବଚନଂ ତବ'- 'ମୁଁ କେବଳ ଆପଣଙ୍କ ଆଜ୍ଞାକୁ ପାଳନ କରିବି।"- ଏହା ହିଁ ଶରଣାଗତି । ଅର୍ଜୁନଙ୍କ ଏହି ଅନ୍ତିମ ସ୍ୱୀକାରୋକ୍ତିରେ

ଶ୍ରୀକୃଷ୍ଣ-ଅର୍ଜୁନ ସମ୍ବାଦର ଉପସଂହାର ହୋଇଅଛି । ମହାଭାରତର ଭୀଷ୍ମ ପର୍ବାନ୍ତର୍ଗତ କୃଷ୍ଣାର୍ଜୁନ ସମ୍ବାଦ ବା ଶ୍ରୀମଦ୍ ଭାଗବଦ୍ ଗୀତା ସମ୍ପୂର୍ଣ୍ଣ ହେଲେ ।

ସଞ୍ଜୟ ଉବାଚ

ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମହାତ୍ମନଃ ।
ସଂବାଦମିମମଶ୍ରୌଷମଦ୍ଭୁତଂ ରୋମହର୍ଷଣମ୍ ।।୭୪।।

*ଅନ୍ୱୟ : ଇତି (ଏହି ପ୍ରକାରେ 'ମୁଁ ) ବାସୁଦେବସ୍ୟ (ଭଗବାନ ବାସୁଦେବ) ଚ (ଓ) ମହାତ୍ମାନଃ (ମହାତ୍ମା) ପାର୍ଥସ୍ୟ ( ପୃଥା ନନ୍ଦନ ଅର୍ଜୁନଙ୍କର ) ଇମମ୍ (ଏହି) ରୋମ ହର୍ଷଣମ୍ (ରୋମାଞ୍ଚକର) ଅଦ୍ଭୁତଂ (ଅଲୌକିକ) ସଂବାଦମ୍ (ବାର୍ତ୍ତାଳାପ) ଅଶ୍ରୌଷମ ( ଶୁଣିଲି ) ।*

**ଭାବାର୍ଥ** : ତଦନନ୍ତର ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଲେ; ହେ ରାଜନ୍ ! ଏହି ପ୍ରକାରେ "ମୁଁ ଭଗବାନ ବାସୁଦେବ ଓ ମହାତ୍ମା ପୃଥାନନ୍ଦନ ଅର୍ଜୁନଙ୍କ ଏହି ବିଲକ୍ଷଣ ରୋମାଞ୍ଚକାରୀ ଅଦ୍ଭୁତ ସଂବାଦ ଶୁଣିଲି । ସଞ୍ଜୟଙ୍କ ଦୃଷ୍ଟିରେ ଅର୍ଜୁନ ବର୍ତ୍ତମାନ ଜଣେ ଧନୁର୍ଦ୍ଧର ଯେ'କି ମାରିବା ନିମନ୍ତେ ଠିଆ ହୋଇଛନ୍ତି- ଏହିପରି ଦେଖା ନଯାଇ ଜଣେ ଯୋଗୀ ମହାତ୍ମା ରୂପରେ ଭଗବାନଙ୍କ ଆଜ୍ଞା ପାଳନ ନିମିତ୍ତ ତତ୍ପର ହୋଇ ଉଠିଛନ୍ତି- ଏହିପରି ଦୃଶ୍ୟମାନ୍ ହେଉଛନ୍ତି । ଏହି ସଂବାଦ ଏଥିଲାଗି ଅଦ୍ଭୁତ କି, ଯୁଦ୍ଧସ୍ଥଳରେ ପକ୍ଷ-ପ୍ରତିପକ୍ଷଙ୍କ ମଝିରେ ଏହିପ୍ରକାର ବିଲକ୍ଷଣ ବାର୍ତ୍ତାଳାପ ସମ୍ଭବତଃ ପୂର୍ବରୁ କେବେ ନଥିଲା କି, ପରେ ମଧ୍ୟ କେବେ ହେବନାହିଁ । ଯେଉଁ ମନୁଷ୍ୟ ପରିସ୍ଥିତି ପ୍ରତି ରାଗ ଓ ଦ୍ୱେଷ ନକରି ନିର୍ଲିପ୍ତତା ରୂପେ ନିଜର କର୍ତ୍ତବ୍ୟ ପାଳନ କରେ, ସେ ସୁଖ ପୂର୍ବକ ମୁକ୍ତ ହୋଇଯାଏ । ଏହା ହିଁ ଏହି ସଂବାଦର ଅଦ୍ଭୁତତା । ଭଗବାନ ସ୍ୱୟଂ ଅବତାର ଗ୍ରହଣ କରି ମନୁଷ୍ୟଭଳି ଲୀଳା କରି ମଧ୍ୟ ନିଜକୁ ପ୍ରକଟ କରିବା ଏବଂ "ମୋର ଶରଣାପନ୍ନ ହୋଇଯାଅ" -ଏପରି ଗୋପନୀୟ ରହସ୍ୟମୟ ବଚନ କହିଦେବା ହିଁ ସଂବାଦର ରୋମ ହର୍ଷଣକାରୀ, ପ୍ରସନ୍ନକାରୀ ଆନନ୍ଦ ପ୍ରଦାୟକ ବିଷୟ । ସେହି ସମସ୍ତ ଗୁହ୍ୟତମ ଶାସ୍ତ୍ରର ମଥିତାର୍ଥ ( ମୁଖ୍ୟ ଅର୍ଥ) ବୁଝିଗଲାପରେ ଯେଉଁ ପ୍ରସନ୍ନତା ଅନୁଭବ ହୁଏ ତାହା ଅନିର୍ବଚନୀୟ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ଶରୀର ରୂପ ଅଲଗା ଅଲଗା ହୋଇଥିଲେ ମଧ୍ୟ ଦୁହେଁ ଏକ, ଅଭିନ୍ନ । ଶ୍ରୀକୃଷ୍ଣଙ୍କ ଭିତରେ ଅର୍ଜୁନ ନିଜକୁ ଏବଂ ଅର୍ଜୁନଙ୍କ ଭିତରେ ଶ୍ରୀକୃଷ୍ଣ ନିଜକୁ ଦର୍ଶନ କରିବାକୁ ଲାଗିଲେ । ଦ୍ୱୈତ ଭାବ ବୋଲି କିଛି ରହିଲା ନାହିଁ । ଏହି ଅଦ୍ୱୈତବାଦ ଅନୁଭବ କରିବାରେ ସଞ୍ଜୟଙ୍କ ଆତ୍ମସ୍ମୃତି ଲୋପ ପାଇଲା । ରୋମାଞ୍ଚ ଯୋଗୁଁ ଶରୀର ସଙ୍କୁଚିତ ହେବାକୁ ଲାଗିଲା, ଏହି ଆନନ୍ଦରେ କଣ୍ଠରୋଧ ହୋଇପଡିଲା । ଆଧ୍ୟାତ୍ମିକ ସାଙ୍କେତିକ ଭାଷ୍ୟ ଅନୁସାରେ ବାସୁଦେବ ଶବ୍ଦର ଅର୍ଥ ହେଲା 'ସର୍ବବ୍ୟାପୀ ଚୈତନ୍ୟ ସ୍ୱରୂପ ଆତ୍ମା' ଏବଂ ପାର୍ଥ ଶବ୍ଦର ଅର୍ଥ ହେଉଛି ଜଡ ଉପାଧି ସହିତ ତାଦାତ୍ମ୍ୟ କରିଥିବା ଅର୍ଜୁନ । ଜୀବ ଏହି ମିଥ୍ୟା ତାଦାତ୍ମ୍ୟ ପରିତ୍ୟାଗ କଲେ, ନିଜ ଶୁଦ୍ଧ ଆତ୍ମ ସ୍ୱରୂପର ସାକ୍ଷାତ୍କାର କରେ । ଆତ୍ମା-ଅନାତ୍ମାର ବିଚାର ତତ୍ତ୍ୱ ହେଉଛି ଗୀତା ଶାସ୍ତ୍ର ପ୍ରତିପାଦ୍ୟ ବସ୍ତୁ । ଗୀତାର ତତ୍ତ୍ୱଜ୍ଞାନ ହେଉଛି ଅଲୌକିକ ଏବଂ ଅପୂର୍ବ ।

ବ୍ୟାସପ୍ରସାଦାଚ୍ଛ୍ରୁତବାନେତଦ୍ ଗୁହ୍ୟମହଂ ପରମ୍ ।
ଯୋଗଂ ଯୋଗେଶ୍ୱରାତ୍ କୃଷ୍ଣାତ୍ ସାକ୍ଷାତ୍କଥୟତଃ ସ୍ୱୟମ୍ ।।୭୫।।

*ଅନ୍ୱୟ :: (ମୁଁ ) ବ୍ୟାସ-ପ୍ରସାଦାତ୍ (ତତ୍ତ୍ୱଦର୍ଶୀ ବ୍ୟାସଦେବଙ୍କ କୃପାରୁ ଦିବ୍ୟ ଶକ୍ତିର ପ୍ରଭାବରେ) ସାକ୍ଷାତ୍ କଥୟତଃ (ପ୍ରତ୍ୟକ୍ଷ ରୂପେ ବର୍ଣ୍ଣନକାରୀ) ସ୍ୱୟଂ ଯୋଗେଶ୍ୱରାତ୍ (ସ୍ୱୟଂ ଯୋଗେଶ୍ୱର) ଶ୍ରୀକୃଷ୍ଣାତ୍ (ଶ୍ରୀକୃଷ୍ଣଙ୍କଠାରୁ) ଏତତ୍ (ଏହି ) ପରମ୍ (ଅତ୍ୟନ୍ତ) ଗୁହ୍ୟମ୍ (ଗୋପନୀୟ) ଯୋଗମ୍ (ଯୋଗଶାସ୍ତ୍ର) ଶ୍ରୁତବାନ୍ (ଶୁଣିଅଛି ) ।*

**ଭାବାର୍ଥ** : ଯୁଦ୍ଧକ୍ଷେତ୍ରରେ କୁହାଯାଇଥିବା ଏହି ଯୋଗଶାସ୍ତ୍ର ରୂପକ ସଂବାଦ କିପରି ଭାବରେ ଶୁଣିବା ସମ୍ଭବ ହୋଇଥିଲା ଏବଂ ଏହାର ଅନୁଭବତା ସଞ୍ଜୟ ଏଠାରେ କହିଛନ୍ତି । ସଞ୍ଜୟ କହୁଛନ୍ତି କି, ବ୍ୟାସଦେବଙ୍କ କୃପାରୁ ଦିବ୍ୟ ଚକ୍ଷୁ ଓ ଦିବ୍ୟ ଶ୍ରବଣ ପ୍ରାପ୍ତ ହୋଇ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ନ ଥାଇ ମଧ୍ୟ, ସ୍ୱୟଂ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ କଥିତ ହୋଇଥିବା ଏହି ଅଲୌକିକ ପରମ ଗୁହ୍ୟ ଯୋଗତତ୍ତ୍ୱକୁ 'ମୁଁ' ପ୍ରତ୍ୟକ୍ଷ ରୂପେ ଶ୍ରବଣ କରିବାର ଅହୋଭାଗ୍ୟ ପ୍ରାପ୍ତ କରିଛି । ଉପନିଷଦ ମାନଙ୍କରେ ମଧ୍ୟ କୁହାଯାଇ ନଥିବା ଏହି ଯୋଗଶାସ୍ତ୍ର, ସମ୍ପୂର୍ଣ୍ଣ ରୂପେ ଶୁଣି .ଓ ବୁଝି ମୋତେ ସାକ୍ଷାତ୍ ବ୍ରହ୍ମ ଦର୍ଶନ ପ୍ରାପ୍ତ ହୋଇଛି । ଜୀବର ଭଗବାନଙ୍କ ସହିତ ଥିବା ନିତ୍ୟ ସମ୍ବନ୍ଧର ନାମ 'ଯୋଗ' । ଏହି ସମ୍ବାଦ ଏଥି ନିମନ୍ତେ ଯୋଗଶାସ୍ତ୍ର ରୂପେ ଅଭିହିତ, କାରଣ ଏହା ସାଧକକୁ ପରମାତ୍ମାଙ୍କ ସହିତ ଯୋଗ ପ୍ରାପ୍ତ କରିବାରେ ମାର୍ଗ ପ୍ରଦର୍ଶନ କରିଥାଏ । ସେହି ନିତ୍ୟ ଯୋଗର ପରିଚୟ କରାଇବା ପାଇଁ କର୍ମଯୋଗ, ଜ୍ଞାନଯୋଗ,ଆଦି ଯୋଗର ବର୍ଣ୍ଣନା କରାଯାଇଛି । ସଞ୍ଜୟ ଶ୍ରୀକୃଷ୍ଣଙ୍କୁ ଯୋଗେଶ୍ୱର ବୋଲି ସମ୍ବୋଧନ କରିବା ତାତ୍ପର୍ଯ୍ୟ ହେଲା କି, ଯେ' ସ୍ୱୟଂ ଯୋଗୀ ହୋଇ ଅନ୍ୟମାନଙ୍କୁ ଯୋଗ ପ୍ରଦାନ କରିବାକୁ ସମର୍ଥ ହୋଇଥାନ୍ତି, ସେ' ଯୋଗେଶ୍ୱର ଅଟନ୍ତି । ବିନା ଗୁରୁ କୃପାରେ ଗୀତା ତତ୍ତ୍ୱ ବା ଭଗବତ୍ ତତ୍ତ୍ୱ ବୁଝିବା ଅସମ୍ଭବ । ଦ୍ୱୈପାୟନ ବ୍ୟାସଦେବ ସଞ୍ଜୟଙ୍କ ଗୁରୁ ଥିଲେ । ସଞ୍ଜୟଙ୍କ ଭଳି ଶ୍ରଦ୍ଧାଳୁ ଭକ୍ତ ଓ ସେବକ ବ୍ୟାସଦେବଙ୍କ ଭଳି ତତ୍ତ୍ୱଦର୍ଶୀଙ୍କ ଠାରୁ ଭଗବତ୍ ତତ୍ତ୍ୱକୁ ଜାଣି କୃତକୃତ୍ୟ ହୋଇଛନ୍ତି ।

ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ ସଂବାଦମିମମଦ୍ଭୁତମ୍ ।
କେଶବାର୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ॥୭୬॥
ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍ଭୁତଂ ହରେ ।
ବିସ୍ମୟୋ ମେ ମହାନ୍ ରାଜନ୍ ହୃଷ୍ୟାମି ଚ ପୁନଃପୁନଃ ॥୭୭॥

*ଅନ୍ୱୟ : ରାଜନ୍ ( ହେ ରାଜନ୍ ! ) କେଶବ-ଅର୍ଜୁନୟୋଃ (ଶ୍ରୀ କୃଷ୍ଣ ଓ ଅର୍ଜୁନଙ୍କର ) ଇମମ୍ (ଏହି ) ପୁଣ୍ୟଂ (ପବିତ୍ର) ଅଦ୍ଭୁତଂ (ବିସ୍ମୟ ଜନକ ) ସଂବାଦମ୍ (କଥୋପକଥନକୁ ) ସଂସ୍ମୃତ୍ୟ ସଂସ୍ମୃତ୍ୟ (ବାରମ୍ବାର ସ୍ମରଣ କରି ମୁଁ ) ମୁହୁର୍ମୁହୁଃ (ବାରମ୍ବାର) ହୃଷ୍ୟାମି (ହର୍ଷିତ ହେଉଛି ) । ରାଜନ୍ (ହେ ମହାରାଜ !) ହରେଃ (ଶ୍ରୀ ହରିଙ୍କ) ତତ୍ (ସେହି ) ଅଦ୍ଭୁତଂ ( ଅଲୌକିକ) ରୂପମ୍ ( ବିଶ୍ୱରୂପ ବା ମନୋହର ରୂପକୁ) ସଂସ୍ମୃତ୍ୟ ସଂସ୍ମୃତ୍ୟ (ସ୍ମରଣ କରି କରି ) ମେ (ମୋର ମନରେ) ମହାନ୍ (ଅତିଶୟ) ବିସ୍ମୟଃ (ଆଶ୍ଚର୍ଯ୍ୟ ଲାଗୁଛି ) ଚ (ଏବଂ ) ପୁନଃ ପୁନଃ (ବାରମ୍ବାର) ହୃଷ୍ୟାମି (ହର୍ଷିତ ହେଉଛି ) ।*

**ଭାବାର୍ଥ** :ଏହାଦ୍ୱାରା ସଞ୍ଜୟ ନିଜ ଅନ୍ତଃକରଣରେ ଯେଉଁ ଉତ୍ଫୁଲ୍ଲତା ଜାତ ହୋଇଛି, ତାହାର ବର୍ଣ୍ଣନା କରି ଗୀତୋକ୍ତ ତତ୍ତ୍ୱକୁ ସ୍ମରଣ କରିବାର ମହତ୍ତ୍ୱ ମହାରାଜ ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି । ସେ' କହୁଛନ୍ତି; ହେ ରାଜନ୍ ! କେଶବ ଓ ଅର୍ଜୁନଙ୍କ ଏହି ପରମ କଲ୍ୟାଣକାରକ ଏବଂ ଅଲୌକିକ ଅର୍ଥାତ୍ ଶ୍ରବଣ ମାତ୍ରେ ହିଁ ପାପନାଶକ ଏହି କଥୋପକଥନକୁ ସ୍ମରଣ କରି କରି ମୁଁ ବାରମ୍ବାର ହର୍ଷିତ ହେଉଅଛି । ହେ ମହାରାଜ ! ଯେଉଁ ଶ୍ରୀ ହରି ଧର୍ମ-ଅଧର୍ମ ସମସ୍ତ କର୍ମକୁ ହରଣ କରି ସ୍ୱୟଂ ଶେଷ ରହିଥାନ୍ତି, ସେହି ହରିଙ୍କ

ଅତି ଅଦ୍ଭୁତ ବିରାଟ ରୂପକୁ ଯେବେ ମୁଁ ବାରମ୍ବାର ସ୍ମରଣ କରୁଛି, ତେବେ ମୋର ଅନ୍ତଃକରଣ ଅତିଶୟ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଉଠୁଛି ଏବଂ ମୁଁ ପୁନଃ ପୁନଃ ଆନନ୍ଦରେ ଉତ୍ଫୁଲିତ ହୋଇ ଉଠୁଛି । ଏହାର ସ୍ମରଣ ଦ୍ୱାରା ମୋର ମନ ସଦା ପ୍ରସନ୍ନ ଅନୁଭବ ହେଉଛି । ଯେ' ଭଗବଦ୍ ଗୀତା ଉପଯୁକ୍ତ ଅଧିକାରୀଙ୍କ ଠାରୁ ଶ୍ରବଣ କରେ, ସେ' ପୂର୍ଣ୍ଣ ଭଗବଦ୍ ଚେତନା ଲାଭ କରି ଜ୍ଞାନାଲୋକରେ ଉଦ୍ଭାସିତ ହୋଇ ଉଠେ । ଯେତେଥର ତା'ର ସ୍ମୃତି ମନରେ ସ୍ଥାନ ପାଏ, ସେତେଥର ସେହି ନିତ୍ୟାନନ୍ଦ ଅନୁଭବ କରେ । ବ୍ୟାସଦେବଙ୍କ କୃପାରୁ ସଞ୍ଜୟ ମଧ୍ୟ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ, ଯାହା ସେ' ଅର୍ଜୁନଙ୍କୁ ଦେଖାଇଥିଲେ,ତାହା ଦେଖିବାକୁ ସକ୍ଷମ ହୋଇଥିଲେ । ଭଗବାନଙ୍କ ସହିତ କୌଣସି ପ୍ରକାର ସମ୍ବନ୍ଧ ହୋଇଗଲେ; ଏହା ଜୀବର ସମସ୍ତ ପାପ, ଅଜ୍ଞାନ ଓ ଦୁଃଖ ହରଣ କରି ନିଅନ୍ତି । ତେଣୁ ତାଙ୍କ ନାମ ଶ୍ରୀ ହରି । ଏଠାରେ ସଂସ୍କୃତ୍ୟ ପଦର ତାତ୍ପର୍ଯ୍ୟ ହେଲା କି, ଗୀତାର ତତ୍ତ୍ୱ ଉପଦେଶ ସମୂହକୁ ପଠନ ବା ଶ୍ରବଣ ପଶ୍ଚାତ୍ ଏହି ତତ୍ତ୍ୱଜ୍ଞାନ ତଥା ତାଙ୍କରି ଆନନ୍ଦମୟ ରୂପକୁ ନିତ୍ୟ ମନନ, ଚିନ୍ତନ ଓ ନିଦିଧ୍ୟାସନ ଏବଂ ମାନସିକ ଭାବେ ଦର୍ଶନ କରିବା ବିଧେୟ । ସମ୍ୟକ ଜ୍ଞାନର ଫଳ ମୃତ୍ୟୁ ଭଳି ମହାନ୍ ଭୟକୁ ଦୂର କରିଥାଏ ଏବଂ ଭକ୍ତ ନିମନ୍ତେ ପରମ ଆନନ୍ଦମୟ ହୋଇଥାଏ । ପ୍ରେୟ ବସ୍ତୁ ଦିଗରେ ଚିତ୍ତ ବାରମ୍ବାର ଧାବିତ ହୁଏ । ସେହି ଦିବ୍ୟ ପ୍ରେମମୟ ଅବସ୍ଥାରେ ସଚରାଚର ଜଗତର ସମସ୍ତ ବସ୍ତୁରେ ଭଗବାନଙ୍କ ଅତୁଳନୀୟ ଅନନ୍ତ ରୂପ ଦୃଶ୍ୟମାନ୍ ହୋଇ ତାହା ଅନ୍ତଃକରଣରେ ଗଭୀର ଭାବେ ଅଙ୍କିତ ହୋଇ ରହିଯାଏ । ଶାସ୍ତ୍ର ଅପେକ୍ଷା ଶ୍ରୀକୃଷ୍ଣ ଅର୍ଜୁନଙ୍କ ସଂବାଦ ଅଦ୍ଭୁତ ଥିଲା ଏବଂ ସଂବାଦ ଅପେକ୍ଷା ବିରାଟ ବିଶ୍ୱ ରୂପର ଦର୍ଶନ ଆହୁରି ଅଦ୍ଭୁତ ଥିଲା । କେବଳ ସଂବାଦ ଏବଂ ରୂପର ଯଦି ଏତେ ବୈଚିତ୍ର୍ୟତା ପରିପୂର୍ଣ୍ଣ, ତେବେ ଏହା ଅନୁସାରେ ଆଚରଣ କରିବାର ମହିମା ସମ୍ବନ୍ଧରେ କ'ଣ କୁହାଯାଇପାରେ । କର୍ମ, ଜ୍ଞାନ ଓ ଭକ୍ତି ସମ୍ବନ୍ଧୀୟ ଏପରି ଅଲୌକିକ ଉପଦେଶ ଅନ୍ୟତ୍ର ଶୁଣିବାକୁ ମିଳେନାହିଁ । ତେଣୁ ଏହାର ପଠନ, ଶ୍ରବଣ ଓ ଆଚରଣରେ ଜୀବ ଅନନ୍ତ ଆନନ୍ଦ ରସର ପ୍ଲାବନରେ ଦ୍ରବିଭୂତ ହୋଇ ରହି, ସେହି ପରମାନନ୍ଦ ପରମେଶ୍ୱରଙ୍କ ସହ ମୁକ୍ତ ସ୍ଥିତିରେ ରହେ ।

ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥୭୮॥

*ଅନ୍ୱୟ : ଯତ୍ର ( ଯେଉଁ ପକ୍ଷରେ ) ଯୋଗ-ଈଶ୍ୱରଃ (ସକଳ ଯୋଗର ସ୍ରଷ୍ଟା ) କୃଷ୍ଣଃ ( ଭଗବାନ ଶ୍ରୀକୃଷ୍ଣ ଅଛନ୍ତି ) ଯତ୍ର ( ଯେଉଁଠାରେ ) ଧନୁର୍ଦ୍ଧରଃ ( ଗାଣ୍ଡୀବଧାରୀ ) ପାର୍ଥଃ (ଅର୍ଜୁନ ଅଛନ୍ତି ) ତତ୍ର ( ସେହି ପକ୍ଷରେ ) ଶ୍ରୀଃ (ରାଜଲକ୍ଷ୍ମୀ) ବିଜୟଃ ( ସମ୍ପୂର୍ଣ୍ଣ ଜୟ ପ୍ରାପ୍ତି) ଭୂତି ( ବିଭୂତି : ଐଶ୍ୱର୍ଯ୍ୟ ବା ଉତ୍ତରୋତ୍ତର ସମୃଦ୍ଧି ) ଧ୍ରୁବା ନୀତିଃ (ଅଟଳ ନୀତି- ନ୍ୟାୟପରାୟଣତା ) [ସର୍ବ ନିଶ୍ଚିତ] ମମ ମତିଃ (ଏହା ମୋର ମତ ) ।*

**ଭାବାର୍ଥ** : ସାତଶହଏକ ଶ୍ଳୋକ ବିଶିଷ୍ଟ ଶ୍ରୀମଦ୍ ଭଗବଦ୍ ଗୀତାର ଏହା ହେଉଛି ଅନ୍ତିମ ଶ୍ଳୋକ । ଯୋଗେଶ୍ୱର କୃଷ୍ଣ ଏବଂ ଧନୁର୍ଦ୍ଧର ଅର୍ଜୁନ ଯେଉଁ ପକ୍ଷରେ ବିଦ୍ୟମାନ, ସେଠାରେ ଶ୍ରୀ, ବିଜୟ, ସମୃଦ୍ଧି ଓ ଧ୍ରୁବ ନୀତି ରହିବ । ଏହା ହେଉଛି ମୋର ନିଶ୍ଚିତ ମତ ବୋଲି ସଞ୍ଜୟ, ରାଜା ଧୃତରାଷ୍ଟ୍ରଙ୍କୁ କହୁଛନ୍ତି । ଏଠାରେ ଏକ ଅକାଟ୍ୟ ସତ୍ୟର ପ୍ରତିପାଦନ କରାଯାଇଛି । ଲକ୍ଷ୍ମୀ, ଶୋଭା ଓ ସମ୍ପତ୍ତି- ଏହି ତିନୋଟି 'ଶ୍ରୀ' ପଦର ଅନ୍ତର୍ଗତ । ଯେଉଁଠାରେ ଶ୍ରୀ-ପତି ଭଗବାନ ଶ୍ରୀକୃଷ୍ଣ ବିଦ୍ୟମାନ, ସେଠାରେ 'ଶ୍ରୀ' ଅବଶ୍ୟ ରହିବେ । ଅର୍ଜୁନଙ୍କ

ନାମ ମଧ୍ୟ 'ବିଜୟ' ଏବଂ ଶୂରବୀରତାକୁ ମଧ୍ୟ 'ବିଜୟ' ନାମରେ ଅଭିହିତ କରାଯାଏ । ଯେଉଁଠାରେ ବିଜୟ ରୂପକ ଅର୍ଜୁନ ଅଛନ୍ତି, ସେଠାରେ ଶୂରବୀରତା, ଉତ୍ସାହ ଆଦି କ୍ଷାତ୍ର ଐଶ୍ୱର୍ଯ୍ୟ ଅବଶ୍ୟ ରହିବ । ସେହିପରି ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ଥିବେ, ସେହିଠାରେ ବିଭୂତି ଅର୍ଥାତ୍ ଐଶ୍ୱର୍ଯ୍ୟ, ମହତ୍ତ୍ୱ, ପ୍ରଭାବ ସାମର୍ଥ୍ୟ ପ୍ରଭୃତି ସମସ୍ତ ସଦ୍ଗୁଣ ଅବଶ୍ୟ ରହିବ । ଯେଉଁଠାରେ ଧର୍ମାତ୍ମା ଅର୍ଜୁନ ଥିବେ, ସେହିଠାରେ ଅଟଳ ନୀତି, ନ୍ୟାୟ, ଧର୍ମ ପ୍ରଭୃତି ଅବଶ୍ୟ ରହିବେ । ଯୋଗେଶ୍ୱର କୃଷ୍ଣ ଓ ଧନୁର୍ଦ୍ଧର ଅର୍ଜୁନ ଦୁହେଁ ଯେଉଁଠାରେ ରହିବେ ସିଦ୍ଧଗଣ ସ୍ୱତଃସେହି ପକ୍ଷର ଆଶ୍ରୟ ଗ୍ରହଣ କରନ୍ତି । ସେହିଠାରେ ଅନନ୍ତ ଐଶ୍ୱର୍ଯ୍ୟ, ଅନନ୍ତ ମାଧୁର୍ଯ୍ୟ, ଅନନ୍ତ ସୁଶୀଳତା, ଅନନ୍ତ ସୌଜନ୍ୟ ଓ ଅନନ୍ତ ସୌନ୍ଦର୍ଯ୍ୟ ଆଦି ଦିବ୍ୟଗୁଣ ମାନ ଅବଶ୍ୟ ରହିବ । ଯୁଦ୍ଧର ଦଶମ ଦିନ, ଯେତେବେଳେ ପିତାମହ ଭୀଷ୍ମଙ୍କ ଶର ଶଯ୍ୟା ଅନନ୍ତର, ରାଜା ଧୃତରାଷ୍ଟ୍ର ଗୀତାର ପ୍ରଥମ ଶ୍ଳୋକରେ ସଞ୍ଜୟଙ୍କୁ ପଚାରିଥିଲେ; **"ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ**"- ଅର୍ଥାତ୍ ମୋର ପୁତ୍ରଗଣ ଏବଂ ପାଣ୍ଡବ ମାନେ ବର୍ତ୍ତମାନ ଯୁଦ୍ଧ ସମ୍ବନ୍ଧରେ କ'ଣ ଚିନ୍ତା କରୁଛନ୍ତି ?"। ଧୃତରାଷ୍ଟ୍ରଙ୍କ ଦ୍ୱାରା ସଞ୍ଜୟକୁ ଯେଉଁ ପ୍ରଶ୍ନ ପଚାରି ଗୀତା ଶାସ୍ତ୍ର ଆରମ୍ଭ ହୋଇଥିଲା, ତାହାର ପ୍ରତ୍ୟୁତ୍ତର-'ପାଣ୍ଡବ ମାନଙ୍କ ନିଶ୍ଚିତ ବିଜୟ' ସମ୍ବାଦ ସଞ୍ଜୟଙ୍କ ଦ୍ୱାରା ରାଜା ଧୃତରାଷ୍ଟ୍ରଙ୍କୁ ଶୁଣାଇ ଏହି ଶାସ୍ତ୍ରର ପରିସମାପ୍ତି କରାଯାଇଛି । ସେତେବେଳେ ଯୁଦ୍ଧ ବିରତିର ଆଶା ପୋଷଣ କରି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଅବଗତ କରାଉଛନ୍ତି କି, ଏବେ ବି ମଧ୍ୟ ନିଜର ପୁତ୍ରମାନଙ୍କ ପ୍ରାଣ ରକ୍ଷାର ସମୟ ଅଛି । ଭଗବାନ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହୋଇ ଯୁଦ୍ଧ ବନ୍ଦ କରାଇବା ଉଦ୍ଦେଶ୍ୟରେ ମନ୍ତ୍ରୀ ରୂପରେ ଚାଲୁଥିବା ଯୁଦ୍ଧର ଅନ୍ତିମ ନିର୍ଣ୍ଣୟ ବତାଇ ବିହିତ କାର୍ଯ୍ୟ ନିମନ୍ତେ ସେ' ରାଜା ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଇଛନ୍ତି । ଗୀତାର ପ୍ରାରମ୍ଭିକ ଶ୍ଳୋକର ପ୍ରଥମ ଶବ୍ଦ 'ଧର୍ମ' ଏବଂ ଅନ୍ତିମ ଶ୍ଳୋକର ଅନ୍ତିମ ଶବ୍ଦ 'ମମ' ଦିଗରେ ଗୀତାର କେତେକ ବ୍ୟାଖ୍ୟାକାରଙ୍କ ମତ ହେଲା କି, ଗୀତାର ପ୍ରତିପାଦ୍ୟ ବିଷୟ ବସ୍ତୁ ହେଲା 'ଧର୍ମ ମମ' – ଅର୍ଥାତ୍ ମୋର ଧର୍ମ । ଏହି ଦୁଇ ଶବ୍ଦ ମଧ୍ୟରେ ସାତ ସହ ଶ୍ଳୋକ ବିଶିଷ୍ଟ ଏହି ମାନବ ଧର୍ମର ଉପଦେଶକୁ ନେଇ ଗୀତା ଭଳି ଏକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ମାଳାକୁ ଧାରଣ କରାଯାଇଛି । 'ମମ-ଧର୍ମ'ର ତାତ୍ପର୍ଯ୍ୟ ହେଲା କି, ମନୁଷ୍ୟର ତାତ୍ତ୍ୱିକ ସ୍ୱରୂପ ଏବଂ ଲୌକିକ କର୍ତ୍ତବ୍ୟ- ଏହି ଦୁଇଟିର ଉତ୍ତମରୂପେ ସମନ୍ୱୟ ହୋଇଗଲେ, ମାନବ ଜନ୍ମ ସାର୍ଥକ ହୋଇଯାଏ । ଯେଉଁଠାରେ ଅନୁଭବ ରୂପୀ ଯୋଗେଶ୍ୱର ଶ୍ରୀକୃଷ୍ଣ ଅଛନ୍ତି ଏବଂ ଅନୁରାଗୀ ରୂପୀ ମହାତ୍ମା ଅର୍ଜୁନ ବିଦ୍ୟମାନ, ସେହିଠାରେ ହିଁ ଶ୍ରୀ, ବିଜୟ, ଧୃତି ଓ ନୀତି ଅଚଳ ରୂପେ ରହିଥାଏ । ସୃଷ୍ଟିର ନୀତି ସଦା ପରିବର୍ତ୍ତନଶୀଳ, କିନ୍ତୁ ଧ୍ରୁବ ଏକମାତ୍ର ପରମାତ୍ମା ହିଁ ଅଟନ୍ତି । ପରମାତ୍ମାଙ୍କ ଭିତରେ ପ୍ରବିଷ୍ଟ କରାଉଥିବା ନୀତି ମଧ୍ୟ ଧ୍ରୁବ ଅଟେ । କୃଷ୍ଣ ଓ ଅର୍ଜୁନ ସଦୈବ । ଶ୍ରୀକୃଷ୍ଣ ନିଜ ସ୍ୱରୂପ ସମ୍ବନ୍ଧରେ କହିଛନ୍ତି କି, ମୁଁ ଅବ୍ୟକ୍ତ ହୋଇ ମଧ୍ୟ ମୁଁ ଯେଉଁ ଭାବକୁ ପ୍ରାପ୍ତ ହୋଇଛି, ସେହି ଭାବ ରୂପକ ଈଶ୍ୱର ସମସ୍ତଙ୍କ ହୃଦୟ ଦେଶରେ ନିବାସ କରୁଛନ୍ତି । ସେ' ସଦୈବ ରହିଛନ୍ତି ଓ ରହିବେ ମଧ୍ୟ । ଜୀବର ଅନ୍ତଃକରଣର ଇଷ୍ଟ ଉନ୍ମୁଖ 'ଲଗନ'ର ନାମ ଅନୁରାଗ । ସେହି ଅନୁରାଗ ହିଁ ଅର୍ଜୁନ । ଜଳ ରହିଥିବା ମାଟି ଘଡାଟି ସମୁଦ୍ରରେ ଭାସୁଥିଲାବେଳେ, ତରଙ୍ଗ ଦ୍ୱାରା ହଲଚଲ ହୋଇ ଘଡା ଭିତର ଜଳ ମାଟିର ଆବରଣକୁ ଭାଙ୍ଗି ସମୁଦ୍ରରେ ମିଶିବାର ପ୍ରୟାସ ହେଉଛି ଜୀବର ଇଷ୍ଟ ଉନ୍ମୁଖ ଲଗନ ସଦୃଶ । ଏହିପରି ଅନୁରାଗ ରହିଥିବା ଭକ୍ତର ନିକଟରେ ସଦୈବ ବାସ୍ତବିକ ଜୀବାତ୍ମାର ବିଜୟ ଏବଂ ଅଚଳ ସ୍ଥିତି ଅର୍ଥାତ୍

ଅପରିବର୍ତ୍ତନିତ ନୀତି ମଧ୍ୟ ସଦୈବ ରହିବ । ଯେ' ପର୍ଯ୍ୟନ୍ତ ଜୀବର ହୃଦୟରେ ପରମାତ୍ମାଙ୍କ ନିବାସ ରହିଛି ଏବଂ ଯାହାର ସେହି ପରମାତ୍ମାଙ୍କ ପ୍ରାପ୍ତି ପାଇଁ ଅନୁରାଗ ଉତ୍ପନ୍ନ ହେବ, ସେ ବ୍ୟକ୍ତି ହିଁ ଧନୁର୍ଦ୍ଧର ଅର୍ଜୁନ । ସମସ୍ତ ଯୋଗର ଈଶ୍ୱର ସେହି ଭଗବାନ ଶ୍ରୀକୃଷ୍ଣ ପ୍ରେରକ ରୂପେ ଏବଂ ତାଙ୍କର ଆଜ୍ଞା ପାଳକ ଧନୁର୍ଦ୍ଧାରୀ ଅର୍ଜୁନ ପ୍ରେରିତ ରୂପେ ସମସ୍ତ ଜୀବ ନିକଟରେ ବିଦ୍ୟମାନ । ସମ୍ପୂର୍ଣ୍ଣ ରୂପେ ଶ୍ରୀକୃଷ୍ଣଙ୍କ ଶରଣରେ ଆସିବା ସର୍ବୋଚ୍ଚ ସିଦ୍ଧି ବା ପୂର୍ଣ୍ଣତା ଅଟେ । ଏହା ହେଉଛି ଭଗବଦ୍ ଗୀତା ଉପଦେଶର ସାରକଥା । ସମଗ୍ର ଗୀତାରେ ଶ୍ରୀକୃଷ୍ଣ ହେଉଛନ୍ତି ଚୈତନ୍ୟ ସ୍ୱରୂପ ଆତ୍ମାଙ୍କ ପ୍ରତୀକ । ଏହି ଗ୍ରନ୍ଥରେ ପୃଥା ପୁତ୍ର ପାର୍ଥ ହେଉଛନ୍ତି ଏକ ଭ୍ରମିତ, ପରିଚ୍ଛିନ୍ନ ଏବଂ ବିକାରଗ୍ରସ୍ତ ଜୀବାତ୍ମାର ପ୍ରତୀକ । ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ଯୋଗଶକ୍ତିର ସ୍ୱାମୀ । ଯୋଗଶକ୍ତି ଦ୍ୱାରା କ୍ଷଣିକ ମଧ୍ୟରେ ସେ' ସମସ୍ତ ଜଗତର ଉତ୍ପତ୍ତି, ପାଳନ ଓ ସଂହାର କରି ଦେଇପାରନ୍ତି । ସାକ୍ଷାତ୍ ନାରାୟଣ ଯେଉଁ ଶରଣାପନ୍ନ ଭକ୍ତର ସହାୟକ, ସଂସାରରେ ତାହାର ଆଉ କଣ ଆବଶ୍ୟକ ଥାଇପାରେ ? ଏହାଛଡା ଅର୍ଜୁନ ମଧ୍ୟ ନର ଋଷିଙ୍କ ଅବତାର । ଭଗବାନଙ୍କ ପ୍ରିୟ ସଖା ଏବମ୍ ଗାଣ୍ଡୀବ ଧାରଣ କରିଥିବା ମହାନ୍ ବୀର ପୁରୁଷ । ସୂର୍ଯ୍ୟଙ୍କଠାରୁ ଜ୍ୟୋତି ରଶ୍ମୀ ଯେପରି ଭିନ୍ନ ନୁହେଁ, ପରମାତ୍ମାଙ୍କ ଠାରୁ ଜୀବାତ୍ମା ସେପରି ଭିନ୍ନ ନୁହଁ । ଏହି ଜୀବାତ୍ମାର ଉଦ୍ଧାର ନିମିତ୍ତ ଭଗବାନ ସର୍ବଦା ତତ୍ପର ରହିଥାନ୍ତି ଏବଂ ତାଙ୍କରି ସମସ୍ତ ବିଧାନ ସେଥି ନିମିତ୍ତ ଉଦ୍ଦିଷ୍ଟ । ସେଥି ପାଇଁ ଜୀବ କେବଳ ସବୁ କିଛି ପରିତ୍ୟାଗ କରି ଭଗବାନଙ୍କ ଶରଣାପନ୍ନ ହେବା ହିଁ ସର୍ବ ଶେଷ ସିଦ୍ଧାନ୍ତ । ଯେଉଁଥିରେ ମୋକ୍ଷର ବି ସନ୍ନ୍ୟାସ ଅର୍ଥାତ୍ ପରିତ୍ୟାଗ ହୋଇଥାଏ, ସେହି ଭଗବଦ୍ ଉକ୍ତି ମୁଖ୍ୟରୂପେ ବର୍ଣ୍ଣନା ହୋଇଥିବାରୁ, ଏହି ଅଧ୍ୟାୟର ନାମ 'ମୋକ୍ଷ ସନ୍ନ୍ୟାସ ଯୋଗ' ରଖାଯାଇଛି । ଟୀକାକାର ଜୟାଦୟାଲ ଗୋୟନ୍ଦକା ତାଙ୍କର ତତ୍ତ୍ୱ ବିବେଚନରେ ଗୀତା ଶାସ୍ତ୍ରର ଏହି ଅନ୍ତିମ ପଦରେ ଲେଖିଛନ୍ତି; "ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ଆନନ୍ଦ ଚିଦ୍-ଘନ, ଷଡ ଐଶ୍ୱର୍ଯ୍ୟ ପୂର୍ଣ୍ଣ ଚରାଚର ବନ୍ଦିତ, ପରମ ପୁରୁଷୋତ୍ତମ, ସାକ୍ଷାତ୍ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟବାଣୀ । ଏହା ଅତ୍ୟନ୍ତ ରହସ୍ୟପୂର୍ଣ୍ଣ । ପରମ ଦୟାମୟ ଭଗବାନ ଶ୍ରୀକୃଷ୍ଣଙ୍କ କୃପା ବଳରେ କିଛି ଅଂଶରେ ଏହାର ରହସ୍ୟ ବୁଝାଯାଇପାରେ । ଯେଉଁମାନେ ପରମ ଶ୍ରଦ୍ଧା ଓ ପ୍ରେମମୟୀ ବିଶୁଦ୍ଧ ଭକ୍ତିରେ ନିଜର ହୃଦୟ ପୂର୍ଣ୍ଣ କରି ଭଗବଦ୍ ଗୀତାକୁ ମନନ କରନ୍ତି, ସେହିମାନେ ହିଁ ଭଗବଦ୍ କୃପାର ପ୍ରତ୍ୟକ୍ଷ ଅନୁଭବ କରି କିୟଦଂଶର ଗୀତାର ସ୍ୱରୂପ ଦର୍ଶନ କରି ପାରନ୍ତି । ଅତଏବ, ନିଜ କଲ୍ୟାଣ ଚାହୁଁଥିବା ନର-ନାରୀ ମାନଙ୍କର ଉଚିତ ଯେ, ସେମାନେ ଭକ୍ତ ପ୍ରବର ଅର୍ଜୁନଙ୍କ ଆଦର୍ଶ ମାନି ନିଜ ମଧ୍ୟରେ ଅର୍ଜୁନଙ୍କ ପରି ଦିବ୍ୟଗୁଣ ଅର୍ଜନ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧା ଭକ୍ତି ପୂର୍ବକ ଗୀତାର ଶ୍ରବଣ, ମନନ ଓ ଅଧ୍ୟୟନ କରନ୍ତୁ ଓ ଭଗବାନଙ୍କ ଆଜ୍ଞାନୁସାରେ ଯଥାଯୋଗ୍ୟ ତତ୍ପରତାର ସହିତ ସାଧନାରେ ଲାଗି ରୁହନ୍ତୁ । ଯେଉଁମାନେ ଏପରି କରନ୍ତି, ସେମାନଙ୍କର ଅନ୍ତଃକରଣରେ ନିତ୍ୟ ନୂଆ ନୂଆ ପରମାନନ୍ଦ ଦାୟକ ଅନୁପମ ଏବଂ ଦିବ୍ୟ ଭାବ ସ୍ଫୁରଣ ହୋଇଚାଲେ । ସେମାନେ ସର୍ବଥା ଶୁଦ୍ଧାନ୍ତକରଣ ହୋଇ ଭଗବାନଙ୍କ ଅଲୌକିକ କୃପା-ସୁଧାର ରସାସ୍ୱାଦନ କରି କରି ଶୀଘ୍ର ହିଁ ଭଗବାନଙ୍କୁ ପାଇଯାଆନ୍ତି ।

ଓଁ ତତ୍ସଦିତି ଶ୍ରୀମଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ମୋକ୍ଷସନ୍ନ୍ୟାସ ଯୋଗୋ ନାମ ଅଷ୍ଟାଦଶ ଅଧ୍ୟାୟଃ ॥୧୮॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ମୋକ୍ଷ ସନ୍ନ୍ୟାସ ଯୋଗ' ନାମକ ଅଷ୍ଟାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୮॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁଓଁଓଁ

## ******ଆଳତି*******

ଜୟ ଭଗବଦ୍ ଗିତେ, ଜୟା ଭଗବଦ୍ ଗିତେ ।
ହର-ହିୟ-କମଳ-ବିହାରିଣି, ସୁନ୍ଦର ସୁପୁନୀତେ ॥ ଜୟ ॥
କର୍ମ-ସୁମର୍ମ-ପ୍ରକାଶିନି, କାମାସକ୍ତି ହରା ।
ତତ୍ତ୍ୱ-ଜ୍ଞାନ-ବିକାଶିନି, ବିଦ୍ୟା ବ୍ରହ୍ମ ପରା ॥ଜୟା॥
ନିଶ୍ଚଳ -ଭକ୍ତି-ବିଧାୟିନି, ନିର୍ମଳ ମଳ ହାରୀ ।
ଶରଣ-ରହସ୍ୟ-ପ୍ରଦାୟିନି, ସବ ବିଧି ସୁଖକାରୀ ॥ଜୟ॥
ରାଗ-ଦ୍ୱେଷ ବିଦାରିଣି, କାରିଣି ମୋଦ ସଦା ।
ଭବ-ଭୟ-ହାରିଣି,ତାରିଣି, ପରମାନନ୍ଦ ପ୍ରଦା ॥ଜୟ॥
ଆସୁର-ଭାବ -ବିନାଶିନି, ନାଶିନି ତମ-ରଜନୀ ।
ଦୈବୀ ସଦ୍ଗୁଣ ଦାୟିନି, ହରି-ରସିକା ସଜନୀ ॥ଜୟ॥
ସମତା, ତ୍ୟାଗ ସିଖାବନି, ହରି-ମୁଖକୀ ବାନୀ ।
ସକଳ ଶାସ୍ତ୍ରକୀ ସ୍ୱାମିନି, ଶ୍ରୁତିୟୋଁ କୀ ରାନୀ ॥ଜୟ॥
ଦୟା-ସୁଧା ବରସାବନି, ମାତୁ ! କୃପା କୀଜୈ ।
ହରିପଦ-ପ୍ରେମ ଦାନ କର, ଅପନୋ କର ଲୀଜୈ ॥ଜୟ॥

******************************************************

## ******ଗୀତା ମାହାତ୍ମ୍ୟ *******

**ଗୀତାଶାସ୍ତ୍ରମିଦଂ ପୁଣ୍ୟଂ ଯଃ ପଠେତ୍ ପ୍ରଯତଃ ପୁମାନ୍ ।**
**ବିଷ୍ଣୋଃ ପଦମବାପ୍ନୋତି ଭୟଶୋକାଦିବର୍ଜିତଃ ॥୧॥**
**ଗୀତାଧ୍ୟୟନଶୀଳସ୍ୟ ପ୍ରାଣାୟାମପରସ୍ୟ ଚ ।**
**ନୈବ ସନ୍ତି ହି ପାପାନି ପୂର୍ବଜନ୍ମ କୃତାନି ଚ ॥୨॥**
**ମଳନିର୍ମୋଚନଂ ପୁଂସାଂ ଜଳସ୍ନାନଂ ଦିନେ ଦିନେ ।**
**ସକୃଦ୍ ଗୀତାମ୍ଭସି ସ୍ନାନଂ ସଂସାର ମଳନାଶନମ୍ ॥୩॥**
**ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ରବିସ୍ତରୈଃ ।**
**ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାଦ୍ ବିନିଃସୃତା ॥୪॥**
**ଭାରତାମୃତ ସର୍ବସ୍ୱଂ ବିଷ୍ଣୋର୍ବକ୍ତ୍ରାଦ୍ ବିନିସୃତମ୍ ।**
**ଗୀତାଗଙ୍ଗୋଦକଂ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥୫॥**
**ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ ।**
**ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ॥୬॥**
**ଏକଂ ଶାସ୍ତ୍ରଂ ଦେବକୀପୁତ୍ରଗୀତମ୍**
**ଏକୋ ଦେବୋ ଦେବକୀପୁତ୍ର ଏବ ।**
**ଏକୋ ମନ୍ତ୍ରସ୍ତସ୍ୟ ନାମାନି ଯାନି**
**କର୍ମାପ୍ୟେକଂ ତସ୍ୟ ଦେବସ୍ୟ ସେବା ॥୭॥**

**ଅର୍ଥ** : ଯେଉଁ ମନୁଷ୍ୟ ଭକ୍ତିଭାବରେ ଗୀତା ଶାସ୍ତ୍ର ପଢେ, ସେ ବିଷ୍ଣୁଙ୍କ ଚରଣ ପ୍ରାପ୍ତକରେ ଏବଂ ଭୟ ଓ ଶୋକରୁ ମୁକ୍ତି ଲାଭ କରେ । (୧) ଯିଏ ନିୟମିତ ଭାବେ ଗୀତା ଅଧ୍ୟୟନ କରେ ଓ ପ୍ରାଣାୟାମ କରେ, ତାଙ୍କର ପୂର୍ବଜନ୍ମର ସମସ୍ତ ପାପ ନାଶ ହୁଏ । (୨)ପ୍ରତିଦିନ ଜଳ ସ୍ନାନ ଶରୀରର ମଳ ଦୂର କରେ, କିନ୍ତୁ ଗୀତା ଜ୍ଞାନ ଦ୍ୱାରା ଥରେ ସ୍ନାନ ସାଂସାରିକ ମଳ ଅର୍ଥାତ୍ ମାୟା ଓ ଅଜ୍ଞାନ ଦୂର କରେ । (୩) ଯଦି ଗୀତାକୁ ଭଲଭାବରେ ବୁଝି ପଢାଯାଏ, ତେବେ ଅନ୍ୟ କୌଣସି ଶାସ୍ତ୍ର ଅଧ୍ୟୟନ କରିବା ଆବଶ୍ୟକ ନୁହେଁ । ଏହାକୁ ପାନ କରିବା ସହ ମୁକ୍ତି ପ୍ରାପ୍ତ ହୁଏ । (୪) ଗୀତା ହେଉଛି ପୁଣ୍ୟ ଭାରତ ଭୂମିର ଅମୃତବାଣୀ, ଯାହା ସ୍ୱୟଂ ବିଷ୍ଣୁଙ୍କ ମୁଖରୁ ନିସୃତ । ଯେଉଁମାନେ ଏହାର ଅମୃତଗୁଣକୁ ଅନୁଭବ କରନ୍ତି, ସେମାନେ ପୁନର୍ଜନ୍ମ ନେଇ ନ ଥାନ୍ତି । (୫) ସମସ୍ତ ଉପନିଷଦ ଗାଈ ସମ, ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଦୋହନ କରନ୍ତି, ଅର୍ଜୁନ ହେଉଛନ୍ତି ବଛା । ଏହାର ମହତ୍ ଦୁଗ୍ଧ ହେଉଛି ଗୀତାମୃତ ଜ୍ଞାନ ଯାହା ସୁଜ୍ଞାନ ଲୋକ ପାନ କରନ୍ତି । (୬) ଏକମାତ୍ର ଶାସ୍ତ୍ର ହେଉଛି ଶ୍ରୀମଦ୍ ଭଗବତ୍ ଗୀତା । ଏକମାତ୍ର ଦେବ ହେଉଛନ୍ତି ଦେବକୀ ପୁତ୍ର ଶ୍ରୀକୃଷ୍ଣ । ଏକମାତ୍ର ମନ୍ତ୍ର ହେଉଛି ତାଙ୍କରି ନାମର ଉଚ୍ଚାରଣ ଏବଂ ଏକମାତ୍ର କର୍ମ ହେଉଛି ସେହି ଶ୍ରୀକୃଷ୍ଣ ଦେବଙ୍କ ଚରଣ ସେବା । (୭)

ବିଶେଷ ଦ୍ରଷ୍ଟବ୍ୟ : ଗୀତାର ଶ୍ଳୋକ ମାନଙ୍କର ଭାବାର୍ଥ ବର୍ଣ୍ଣନରେ କେତେକ ସ୍ଥାନରେ ନିମ୍ନ ସୂଚିତ ମାନ୍ୟସ୍ପଦ ବ୍ୟାଖ୍ୟାକାରଙ୍କ ଦ୍ୱାରା ସଂକଳିତ ଗୀତା ଗ୍ରନ୍ଥ ଓ ପ୍ରବଚନ ମାଳାରୁ ମାର୍ମିକ ଅର୍ଥବୋଧ ଉକ୍ତି ଓ ଉଦାହରଣକୁ ଓଡିଆ ଭାଷାରେ ଅନୁବାଦ ଓ ସରଳୀକରଣ କରି ସାଧକଙ୍କ ତଥା ଭଗବଦ୍ ପ୍ରେମୀଙ୍କ ଉପଯୋଗ ନିମନ୍ତେ ଉପସ୍ଥାପନ କରାଯାଇଛି । ସେହି ପୂଜ୍ୟ ମହାତ୍ମା ମାନଙ୍କ ପାଦତଳେ କୋଟି କୋଟି ପ୍ରଣାମ ଜଣାଇ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ଆଶୀର୍ବାଦ ଭିକ୍ଷା କରୁଛି ।

| | ଗ୍ରନ୍ଥର ନାମ | ଟୀକାକାର | ମୂଳ ଭାଷା |
|---|---|---|---|
| ୧ | ଶ୍ରୀମଦ୍ ଭଗବଦ୍ ଗୀତା | ସ୍ୱାମୀ ଅପୂର୍ବାନନ୍ଦ | ହିନ୍ଦୀ (ଓଡିଆ ଅନୁବାଦ ସଂସ୍କରଣ) |
| ୨ | ଶ୍ରୀମଦ୍ ଭଗବଦ୍ ଗୀତା ଅଷ୍ଟାଦଶାହ ପ୍ରବଚନ | ଶ୍ରୀମତ୍ ସ୍ୱାମୀ ବିଦ୍ୟାନନ୍ଦଗିରି , କୈଳାଶ ଆଶ୍ରମ | ହିନ୍ଦୀ |
| ୩ | ଶ୍ରୀମଦ୍ ଭଗବଦ୍ ଗୀତା ସାଧକ ସଞ୍ଜିବନୀ ଟୀକା | ସ୍ୱାମୀ ରାମସୁଖଦାସ | ହିନ୍ଦୀ (ଓଡିଆ ଅନୁବାଦ ସଂସ୍କରଣ ) |
| ୪ | ଶ୍ରୀମଦ୍ ଭଗବଦ୍ ଗୀତା ତତ୍ତ୍ୱ ବିବେଚନୀ | ଜୟଦୟାଲ ଗୋୟାନ୍ଦକା | ହିନ୍ଦୀ |
| ୫ | ଗୀତା ପ୍ରବଚନ (ଗୀତା ବ୍ୟାଖ୍ୟାନ ମାଳା) | ମହାମହୋପାଧ୍ୟାୟ ପଣ୍ଡିତ ଗିରିଧାରୀ ଶର୍ମା | ହିନ୍ଦୀ |
| ୬ | ଗୀତା ଦର୍ଶନ | ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀ | ହିନ୍ଦୀ |
| 7 | ଶ୍ରୀମଦ୍ ଭଗବଦ୍ ଗୀତା (ଯଥାର୍ଥ ଗୀତା) | ସ୍ୱାମୀ ଅଡଗାନନ୍ଦଜୀ ମହାରାଜ | ହିନ୍ଦୀ |
| ୮ | ଶ୍ରୀ ଗୀତା ରସ- ରତ୍ନାକର | ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀ | ହିନ୍ଦୀ |
| ୯ | ଗୀତା ରହସ୍ୟ | ବାଲ୍ ଗଙ୍ଗାଧର ତିଳକ | ମାରାଠି ଭାଷାର ହିନ୍ଦୀ ଅନୁବାଦ |
| ୧୦ | ଶ୍ରୀମଦ୍ ଭଗବଦ୍ ଗୀତା (ମୌଳିକ ରୂପରେ) | କୃଷ୍ଣକୃପା ଶ୍ରୀ ମୂର୍ତ୍ତି ଏ ସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ | ଇଂରାଜୀ ଭାଷାର ଓଡିଆ ଅନୁବାଦ |
| ୧୧ | ହୋଲି ଗୀତା | ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ | ଇଂରାଜୀ |
| ୧୨ | ଭଗବଦ୍ ଗୀତା | ସ୍ୱାମୀ ଶିବାନନ୍ଦ ମହାରାଜ | ଇଂରାଜୀ |
| ୧୩ | " ଦି ଭଗବଦ୍ ଗୀତା " | ମୋହନଦାସ କରମ ଚାନ୍ଦ ଗାନ୍ଧୀ | ଇଂରାଜୀ |
| ୧୪ | ଭଗବଦ୍ ଗୀତା (ଶଙ୍କର ଭାଷ୍ୟ) | ସ୍ୱାମୀ ଗମ୍ଭୀରାନନ୍ଦଜୀ | ମୂଳ ସଂସ୍କୃତ ଭାଷାର ଇଂରାଜି ଅନୁବାଦ |
| ୧୫ | ଭଗବଦ୍ ରାମାନୁଚାର୍ଯଙ୍କ ଗୀତା ଭାଷ୍ୟ | ସମ୍ପାଦନା : ଭି ଭେ ଶ୍ରୀ ରାମରାମାନୁଜ ଆଚାର୍ଜ | ମୂଳ ସଂସ୍କୃତ ଭାଷାର ଇଂରାଜି ଅନୁବାଦ |

| | | | |
|---|---|---|---|
| ୧୬ | ଭଗବଦ୍ ଗୀତା | ସ୍ୱାମୀ ନିଖିଳାନନ୍ଦ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୭ | ଶ୍ରୀମଦ୍ ଭଗବଦ୍ଗୀତା | ସ୍ୱାମୀ ଚିଭାବାନନ୍ଦ | ମୂଳଭାଷା : ଇଂରାଜୀ |
| ୧୮ | ଦି ଏସେନ୍ସ ଆଫ୍ ଭଗବଦ୍ ଗୀତା | ପରମହଂସ ଯୋଗନନ୍ଦ (ସଂଗ୍ରାହକ: ସ୍ୱାମୀ କ୍ରିୟାନନ୍ଦ) | ମୂଳଭାଷା : ଇଂରାଜୀ |
| ୧୯ | ଭଗବଦ୍ ଗୀତା ଭାଷ୍ୟ | ଶ୍ରୀ ମାଧବାର୍ଯ୍ୟ ( ଅନୁବାଦକ : ଡା: ବି ଏନ୍ କେ ଶର୍ମା । | ମୂଳ ଭାଷା: ସଂସ୍କୃତ ଇଂରାଜୀ ଅନୁବାଦ |
| ୨୦ | ଟାକ୍ ଅନ୍ ଗୀତା | ବିନୋବା | ମରାଠି ଭାଷାର ଇଂରାଜୀ ଅନୁବାଦ |
| ୨୧ | ଦି ଏସେ ଇନ୍ ଦି ଗୀତା | ଶ୍ରୀ ଅରବିନ୍ଦ | ଇଂରାଜୀ |
| ୨୨ | ଗୀତା ଫର୍ ଡେଇଲି ଏନ୍-ରିଚ୍-ମେଣ୍ଟ | ଚୈତନ୍ୟ ଚରଣ ଦାସ | ଇଂରାଜୀ |
| ୨୩ | ଗୀତାଭାଷ୍ୟ, ଚକ୍ରବର୍ତ୍ତୀ ଠାକୁର, | ଶ୍ରୀମଦ୍ ବିଶ୍ୱନାଥ ଠାକୁର ଚକ୍ରବର୍ତ୍ତୀଗୌଡୀୟ ସଂପ୍ରଦାୟ | ହିନ୍ଦୀ |
| ୨୪ | ଗୀତା ଜ୍ଞାନେଶ୍ୱରୀ | ସନ୍ଥ ଜ୍ଞାନେଶ୍ୱର (ଅନୁବାଦକ: ଗୋରାଚାନ୍ଦ ମିଶ୍ର) | ମୂଳାଲେଖା ମରାଠି - ଓଡିଆ ଭାଷାନ୍ତର |

ପଠନ ଓ ମନନ ଦ୍ୱାରା ଗୀତାପ୍ରିୟ ଭକ୍ତଙ୍କ ଦୈନନ୍ଦିନ ଜୀବନରେ ଆଚରଣ ଭାବେ " **ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍" ର ପ୍ରଥମ ଖଣ୍ଡ (କର୍ମ ତତ୍ତ୍ୱ), ଦ୍ୱିତୀୟ ଖଣ୍ଡ (ଭକ୍ତି ତତ୍ତ୍ୱ) ଏବଂ ତୃତୀୟ ଖଣ୍ଡ ( ଜ୍ଞାନ-ବିଜ୍ଞାନ ତତ୍ତ୍ୱ)** ଜଗତ କଲ୍ୟାଣରେ ଉପଯୋଗୀ ହେଉ-ଏହା ଭଗବାନ ଶ୍ରୀକୃଷ୍ଣଙ୍କ ଚରଣ ଯୁଗଳରେ ବିନମ୍ର ପ୍ରାର୍ଥନା ।

ଗୁରୁ ଚରଣାଶ୍ରିତ ସେବକ ।



ପୂଜ୍ୟ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ – ମାର୍ଗ ପ୍ରଦର୍ଶକ : ସମର୍ପଣ ସହ ସାଷ୍ଟାଙ୍ଗ ପ୍ରଣିପାତ